# ତାହାଙ୍କ ସର୍ବୋଚ୍ଚ ଗୌରବ
# ମୋର ଏକାନ୍ତ ଆକାଂକ୍ଷା

## MY UTMOST FOR HIS HIGHEST

*by Oswald Chambers*

My Utmost For His Highest (Odia)
**ତାହାଙ୍କ ସର୍ବୋଚ୍ଚ ଗୌରବ ମୋର ଏକାନ୍ତ ଆକାଂକ୍ଷା**

ISBN 9788190950633
October 2013 - 3000 Copies

My Utmost For His Highest (Regd.)
Copyright by **Oswald Chambers Publications Association Ltd.**
Original Edition Copyright 1935 by Dodd, Mead and Company, Inc.
Renewed by Oswald Chambers Publications Association Ltd.

Published by **Indian Evangelical Mission,** Bangalore
by Special arrangement with
**Discovery House Publishers,**
3000 Kraft Avenue SE, Grand Rapids, Michigan
49512 USA.

All rights reserved

Printed in India

Unless otherwise indicated Scripture quotations are from Holy Bible
printed by Bible Society of India

Printed at Matha Prints, Bangalore
Tel: 080 4131 0081, e-mail: mathaprints@gmail.com



*ପ୍ରଚ୍ଛଦପଟ ଚିତ୍ର : ଜନ୍ ଟେନ୍ ଟେନ୍*

*...ଅସ୍‌ୱାଲ୍ଡ୍ ଚେମ୍ବରସ୍ ସୂଚୀତ କରିଛନ୍ତି ଯେ, ମୋର ଏକାନ୍ତ ଆକାଂକ୍ଷା ହେଉଛି,
ଆମର ଇଚ୍ଛାର ସମର୍ପଣ ଯେପରି କ୍ରୁଶରେ ତାଙ୍କର ସର୍ବୋଚ୍ଚ ଗୌରବ
ପ୍ରକାଶିତ ହେବ ଏବଂ ପବିତ୍ର ଆତ୍ମାଙ୍କ ପ୍ରତି ନିର୍ଭରଶୀଳ ହୋଇ
ଆମେ ତ୍ରିବିଧ ଈଶ୍ୱରଙ୍କୁ ପ୍ରେମ କରିବା ସହିତ ଏହିସବୁ ବିଷୟ ବୁଝିପାରିବା...*



# ତାହାଙ୍କ ସର୍ବୋଚ୍ଚ ଗୌରବ
# ମୋର ଏକାନ୍ତ ଆକାଂକ୍ଷା

ଅସ୍‌ୱାଲ୍ଡ୍ ଚେମ୍ବର୍ସ୍‌ଙ୍କ ସ୍ୱର୍ଣ୍ଣାଭ ପୁସ୍ତକ

**MY UTMOST FOR HIS HIGHEST** ର ଓଡ଼ିଆ ଅନୁବାଦ

ଅନୁବାଦକ : ସାମୁଏଲ ପାତ୍ର

# My Utmost For His Highest

*-Odia Translation-*


## Acknowledgements

Oswald Chambers Publications Association Ltd., Crewe, UK

Discovery House Publishers, Grand Rapids, MI, USA

Indian Evangelical Mission, Bangalore, Karnataka, India

Rev. H. C. Nanda

Mr. Samuel Patro

Dr. R. Rajkumar

John Ten Ten

# ଅସ୍‌ୱାଲ୍‌ଡ୍ ଚେମ୍ବର୍‌ସ୍‌ଙ୍କ ସଂକ୍ଷିପ୍ତ ପରିଚୟ

ଅସ୍‌ୱାଲ୍‌ଡ୍ ଚେମ୍ବର୍‌ସ୍‌ଙ୍କ ଜନ୍ମ ୧୮୭୪ରେ ସ୍କଟଲାଣ୍ଡ୍‌ରେ ହୋଇଥିଲା । ସେ ଲଣ୍ଡନ୍‌ର 'ରୟାଲ୍ କଲେଜ୍ ଅଫ୍ ଆର୍ଟ' ଏବଂ ଏଡ଼ିନ୍‌ବରା ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରିଥିଲେ । କଳାକ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିଲେ ମଧ୍ୟ ୨୨ ବର୍ଷ ବୟସରେ ସେ ଈଶ୍ୱରଙ୍କ ସେବାକାର୍ଯ୍ୟର ଆହ୍ୱାନ ପାଇଲେ । ଶିକ୍ଷା ସମାପ୍ତି ପରେ ଡାନୁନ୍ ସ୍ଥିତ ଏକ ପରମାର୍ଥ ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିବା ସମୟରେ ସେ ପ୍ରଚାର ସେବା କାର୍ଯ୍ୟରେ ଯୋଗ ଦେଲେ । ଏହି ସେବା କାର୍ଯ୍ୟ ବ୍ରିଟେନ୍, ଆମେରିକା ଏବଂ ଜାପାନ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ୧୯୦୮ରେ ଅସ୍‌ୱାଲଡ୍ ଚେମ୍ବର୍‌ସ୍ ଜାହାଜରେ ଆମେରିକା ଅଭିମୁଖେ ଯାତ୍ରା କଲେ । ତାଙ୍କ ସହିତ ଆଉ ଏକ ତରୁଣୀ ଚାକିରୀ ପାଇଁ ସେହି ଜାହାଜରେ ଯାତ୍ରା କରୁଥିଲେ ।

ଗେଟ୍ରୁଡ୍ ହବ୍ସ୍ (ପରବର୍ତ୍ତୀ ସମୟରେ ଶ୍ରୀମତୀ ଅସ୍‌ୱାଲ୍‌ଡ୍ ଚେମ୍ବର୍‌ସ୍ ହେଲେ) ବାଲ୍ୟ ସମୟରୁ କାଶ ରୋଗରେ ପୀଡ଼ିତା ଥିଲେ । ସେ ଅଳ୍ପ ବୟସରୁ ସ୍କୁଲ୍ ଶିକ୍ଷା ଛାଡ଼ି ତାଙ୍କର ମାଙ୍କୁ ଘର କାମରେ ସାହାଯ୍ୟ କଲେ ଏବଂ ତାଙ୍କର ବଡ଼ ଭାଇ ଓ ଭଉଣୀଙ୍କ ଶିକ୍ଷା ବିଷୟରେ ମନୋଯୋଗୀ ଥିଲେ । ସେ କୃତିତ୍ୱର ସହ ପିଟ୍‌ମାନ୍‌ଙ୍କ 'ସର୍ଟ୍‌ହାଣ୍ଡ୍' (କ୍ଷିପ୍ରଲିପି) ଶିକ୍ଷା ସମାପ୍ତ କରି ଗୋଟିଏ ମିନିଟ୍‌ରେ ୨୫୦ ଶବ୍ଦ ଟାଇପ୍ କରିବାର ଦକ୍ଷତା ଅର୍ଜନ କଲେ । ୧୯୦୮ରେ ସେ ଆମେରିକା ଅଭିମୁଖେ ଯେଉଁ ଜାହାଜରେ ଯାତ୍ରା କରୁଥିଲେ, ସେହି ଜାହାଜର ଜଣେ ତରୁଣ ଯାତ୍ରୀଙ୍କ ସହିତ ତାଙ୍କର ଘନିଷ୍ଠ ସଂପର୍କ ସ୍ଥାପିତ ହେଲା । ଯାତ୍ରା ଶେଷରେ ସେମାନେ ପରସ୍ପରଠାରୁ ବିଦାୟ ନେଲେ, କିନ୍ତୁ ଦୁଇଜଣଙ୍କ ମଧ୍ୟରେ ପତ୍ରାଳାପ ଚାଲିଥିଲା । ଅତି ଶୀଘ୍ର ସେମାନେ ପରସ୍ପର ପ୍ରତି ଆକୃଷ୍ଟ ହେଲେ ଏବଂ ୧୯୧୦ ରେ ସେମାନଙ୍କ ବିବାହ ସଂପନ୍ନ ହେଲା ।

**ବାଇବଲ କଲେଜ୍**

ଯଦ୍ୟପି ବାଇବଲ କଲେଜ୍‌ର ସ୍ଥାପନା ଈଶ୍ୱରଙ୍କ ଇଚ୍ଛା ବୋଲି ଦୁହେଁ ଅନୁଭବ କଲେ, ପ୍ରଥମେ ତାହା ଅସମ୍ଭବ ମନେ ହେଲା । ଅସ୍‌ୱାଲ୍‌ଡ୍ ଆଞ୍ଚଳିକ ସ୍ତରରେ ଅଧ୍ୟାପନା କାର୍ଯ୍ୟ କଲେ ଏବଂ ବିଡ୍‌ଡ଼ି (ଶ୍ରୀମତୀ ଅସ୍‌ୱାଲ୍‌ଡ୍‌ଙ୍କ ଘରୋଇ ନାମ) ତାଙ୍କ ସ୍ୱାମୀଙ୍କର ପାଠର 'ସର୍ଟ୍‌ହାଣ୍ଡ୍ ନୋଟ୍' ପ୍ରସ୍ତୁତ କଲେ । ତା'ପରେ ସେମାନେ ଡାକଯୋଗେ ଶିକ୍ଷା କାର୍ଯ୍ୟକ୍ରମର ବ୍ୟବସ୍ଥା କଲେ । ୧୯୧୦ର ପ୍ରାରମ୍ଭରେ ଲଣ୍ଡନ୍‌ସ୍ଥିତ କ୍ଲାପ୍‌ହାମ୍ କମନ୍‌ରେ ସେମାନଙ୍କୁ ଏକ ବଡ଼ ଘର ମିଳିଲା । ଅତିଶୀଘ୍ର ସବୁର ବ୍ୟବସ୍ଥା ହେବା ପରେ ଅସ୍‌ୱାଲ୍‌ଡ୍ ଏବଂ ବିଡ୍‌ଡ଼ି କଲେଜର ପ୍ରଥମ ବର୍ଷର ଛାତ୍ରମାନଙ୍କୁ ସ୍ୱାଗତ କଲେ । ବିଡ୍‌ଡ଼ି ତାଙ୍କ ଗୃହରେ ମିଶେନେରୀ ବନ୍ଧୁମାନଙ୍କୁ ମଧ୍ୟ ସ୍ୱାଗତ କଲେ । ବିଶ୍ରାମ ଏବଂ ସ୍ୱାସ୍ଥ୍ୟ ଲାଭ ପାଇଁ ତାଙ୍କର ଗୃହ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଥିଲା । ଅନେକ ସମୟ ଧରି ସେ ଏହି ସେବାକାର୍ଯ୍ୟରେ ଲିପ୍ତ ଥିଲେ ।

**ଇଜିପ୍ଟ୍**

ପ୍ରଥମ ବିଶ୍ୱଯୁଦ୍ଧ ପ୍ରାରମ୍ଭରେ ଅସ୍‌ୱାଲ୍‌ଡ୍ ଅନୁଭବ କଲେ ଯେ, ଈଶ୍ୱର ତାଙ୍କ ସେବାକାର୍ଯ୍ୟ ପାଇଁ ଲଣ୍ଡନ ବାହାରକୁ ଯିବାପାଇଁ ତାଙ୍କୁ ଆହ୍ୱାନ କରୁଛନ୍ତି । ସେହି ସମୟରେ ନିଜ ଦେଶରେ ସେବାକାର୍ଯ୍ୟ ବିଷୟରେ ସେ ବିଶେଷ ଚିନ୍ତିତ ଥିଲେ । ତାଙ୍କର ପ୍ରାର୍ଥନା ଥିଲା, ''ପ୍ରଭୁ, ଏହି

ସ୍ଥାନରେ ମୋତେ ରଖିଛ ବୋଲି ମୁଁ ଧନ୍ୟବାଦ ଜଣାଉଛି, କିନ୍ତୁ ମୋ ପାଇଁ ପ୍ରକୃତରେ କ'ଣ ଏହା ତୁମର ସ୍ଥାନ ? ତୁମର ଇଚ୍ଛାରେ ମୋତେ ଦୃଢ଼ ରୂପେ ଧରି ରଖ । ମୋର ଅଶାନ୍ତ ମନକୁ ଶାନ୍ତ କର ଏବଂ ଶକ୍ତି ଦିଅ ଯେପରି ମୁଁ ସନ୍ଦେହ କରିବା ଦ୍ୱାରା ତୁମ ବିରୁଦ୍ଧରେ ପାପ ନ କରେ ।''

ଈଶ୍ୱରଙ୍କ ଆହ୍ୱାନର ବାଧ ହୋଇ ସେ ଲଣ୍ଡନ୍ ପରିତ୍ୟାଗ କରି ୧୯୧୫ ଅକ୍ଟୋବରରେ ମିଶରରେ ମୁତୟନ ଥିବା ସୈନ୍ୟବାହିନୀର ଖ୍ରୀଷ୍ଟୀୟ ପୁରୋହିତ ରୂପେ ନିଯୁକ୍ତ ହେଲେ । ଉକ୍ତ ବର୍ଷ ଡିସେମ୍ବରରେ ତାଙ୍କର ପତ୍ନୀ ବିଡ୍‌ଡ଼ି ଏବଂ ଅଢ଼େଇ ବର୍ଷର ଶିଶୁ କନ୍ୟା କ୍ୟାଥ୍‌ଲିନ୍ ତାଙ୍କ ସହିତ ଯୋଗ ଦେଲେ । ଅତିଶୀଘ୍ର ବିଡ୍‌ଡ଼ି ଆତିଥ୍ୟ ସେବାକାର୍ଯ୍ୟର ଦାୟିତ୍ୱ ନେଲେ ଏବଂ ଅସ୍‌ୱାଲ୍‌ଡ୍ ସୈନ୍ୟମାନଙ୍କ ଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ ହେଲେ । ଚେମ୍ବରସ୍ ଦମ୍ପତିଙ୍କ ପରିବାର ପ୍ରତି ସୈନ୍ୟମାନଙ୍କ ଶ୍ରଦ୍ଧା ଓ ଭକ୍ତି ବୃଦ୍ଧି ପାଇଲା ।

୧୯୭୧ରେ ଅସ୍‌ୱାଲ୍‌ଡ୍‌ଙ୍କ ବୃହତ୍ ଅନ୍ତ୍ରର ଏକ ଅସ୍ତ୍ରୋପଚାର ପରେ ତାଙ୍କର ମୃତ୍ୟୁ ଘଟିଲା । ତାଙ୍କର ପତ୍ନୀ ଅସ୍‌ୱାଲ୍‌ଡ୍‌ଙ୍କ ପରିବାରକୁ ପଠାଇଥିବା ଟେଲିଗ୍ରାମ୍‌ରେ କେବଳ ଲେଖାଥିଲା, ''ଈଶ୍ୱରଙ୍କ ଉପସ୍ଥିତିରେ ଅସ୍‌ୱାଲ୍‌ଡ୍'' । ୧୦୦ ଜଣ ଅଫିସର ତାଙ୍କର କଫିନ୍‌କୁ ବହନ କରିଥିଲେ । ସଶସ୍ତ୍ର ସାମରିକ ସମ୍ମାନ ପ୍ରଦର୍ଶନ ପୂର୍ବକ ସେମାନେ ତାଙ୍କର ଶ୍ରଦ୍ଧା ଭାଜନ ବନ୍ଧୁଙ୍କ ମର ଶରୀରକୁ ସମାଧି ସ୍ଥାନକୁ ଘେନି ଯାଇଥିଲେ । ବିଡ୍‌ଡ଼ି ତାଙ୍କର ପ୍ରିୟ ଗୀତ ''ମୁଁ ପର୍ବତମାଳା ପ୍ରତି ଊର୍ଦ୍ଧ୍ୱଦୃଷ୍ଟି କରିବି'' ଗାଇଥିଲେ ।

ଅସ୍‌ୱାଲଡ୍ ଚେମ୍ବରସ୍ ବ୍ରିଟିଶ୍ ୱାର୍ ମେଡାଲ୍ (୧୯୧୪-୧୮) ତାଙ୍କ ମୃତ୍ୟୁର ୧ ବର୍ଷ ପୂର୍ବରୁ ୧୯୧୬ରେ ତାଙ୍କୁ ପ୍ରଦତ୍ତ ହୋଇଥିଲା । ବିଡ୍‌ଡ଼ି ତାଙ୍କର ୪ ବର୍ଷର ଝିଅ କ୍ୟାଥ୍‌ଲିନ୍‌କୁ ନେଇ ଇଂଲଣ୍ଡକୁ ଫେରି ଆସିଲେ । ସେଠାରେ ସେ ଲଣ୍ଡନ୍‌ରେ ରହି ତାଙ୍କ ସ୍ୱାମୀଙ୍କର ପ୍ରଚାରିତ ସମ୍ବାଦ ଏବଂ ବକ୍ତୃତା ସମୂହର ପ୍ରତିଲିପିର ନକଲ ପ୍ରସ୍ତୁତ କଲେ ଏବଂ ଆଗ୍ରହୀ, ପରିଚିତ ବନ୍ଧୁମାନଙ୍କ ନିକଟକୁ ସେ ସବୁର ନକଲ ପଠାଇଲେ । ସୂଚନା ଏବଂ ପ୍ରଚାରପତ୍ର ସମୂହର ପୂର୍ଣ୍ଣ ସଂକଳନ ପୁସ୍ତକ ଆକାରରେ ପ୍ରକାଶିତ ହେଲା ଏବଂ ତା' ସହିତ ଅସ୍‌ୱାଲ୍‌ଡ୍ ଚେମ୍ବର୍‌ସ୍ ପ୍ରକାଶନ ସଂସ୍ଥା ମଧ୍ୟ ଜନ୍ମ ନେଲା ।

"My Utmost For His Highest" ପ୍ରଥମେ ୧୯୨୭ରେ ପ୍ରକାଶିତ ହେଲା ଏବଂ ତା' ପରଠାରୁ ଏହାର ପ୍ରକାଶନ କାର୍ଯ୍ୟ ଚାଲିଲା । ଦୈନିକ ଖ୍ରୀଷ୍ଟୀୟ ଧ୍ୟାନ ସମ୍ବଳିତ ଏହି ପୁସ୍ତକ ପାଠ କରି ସହସ୍ରାଧିକ ପାଠକପାଠିକା ପ୍ରଚୁର ଆଶୀର୍ବାଦ ପ୍ରାପ୍ତ ଏବଂ ଉଦ୍ଦୀପ୍ତ ହୋଇଛନ୍ତି ।

ବିଡ୍‌ଡ଼ିଙ୍କୁ ଈଶ୍ୱର ଯେଉଁ ସେବାକାର୍ଯ୍ୟ ଅର୍ପଣ କରିଥିଲେ, ତାହାକୁ ବିଶ୍ୱସ୍ତ ରୂପେ ସଂପୂର୍ଣ୍ଣ କରି ସେ ୧୯୫୬ରେ ସଂସାରରୁ ଚିର ବିଦାୟ ନେଲେ । ଅସ୍‌ୱାଲ୍‌ଡ୍ ଚେମ୍ବର୍‌ସ୍ ପ୍ରକାଶନ ସଂସ୍ଥାର ଏହି ସେବାକାର୍ଯ୍ୟ ସଂପନ୍ନ ହୋଇ ଚାଲିଛି ।

ବର୍ତ୍ତମାନ ପୃଥିବୀର ୫୦ଟି ଭାଷାରେ ଏହି ପୁସ୍ତକଟି ପ୍ରକାଶିତ ହୋଇଛି । ଫରାସୀ, ଜର୍ମାନୀ, ହିବ୍ରୁ (ମେସିଆନିକ୍ ଯିହୁଦୀ), ଗ୍ରୀକ୍ ଏବଂ ପଲିଶ୍ ଭାଷା ଏହାର ଅନ୍ତର୍ଭୁକ୍ତ । ଭାରତରେ ଏହି ପୁସ୍ତକ ବର୍ତ୍ତମାନ ହିନ୍ଦୀ, ତେଲୁଗୁ, ମାଲାୟାଲାମ୍, ଖାସି, କାନ୍ନାଡ଼ା, ତାମିଲ୍ ଏବଂ ନିକଟରେ ଗୁଜୁରାଟି ଏବଂ ଓଡ଼ିଆ ଭାଷାରେ ପ୍ରକାଶିତ ହୋଇଛି ।

# ଅଭିବ୍ୟକ୍ତି

ମୁଁ ବିଶେଷ ଆନନ୍ଦିତ ଯେ, ଜନ୍ ଟେନ୍ ଟେନ୍‌ଙ୍କ ସହାୟତାରେ ‘‘ଇଣ୍ଡିଆନ୍ ଏଭାଞ୍ଜେଲିକାଲ୍ ମିଶନ୍’’ ପକ୍ଷରୁ ଭାରତର ବିଭିନ୍ନ ଆଞ୍ଚଳିକ ଭାଷାରେ ଅସ୍‌ୱାଲ୍‌ଡ୍ ଚେମ୍ବର୍‌ସ୍‌ଙ୍କ ଲିଖିତ "My Utmost For His Highest" ର ଅନୁବାଦ କାର୍ଯ୍ୟ ସଂପନ୍ନ ହୋଇଛି । ଦୈନନ୍ଦିନ ଧ୍ୟାନ ଉଦ୍ଦେଶ୍ୟରେ ଗଭୀର ଆତ୍ମିକ ଭାବଧାରା ସମ୍ବଳିତ ଏହି ପୁସ୍ତକର ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।

ଅତି ଆନନ୍ଦର ବିଷୟ, ଆମର ପ୍ରିୟ ଭ୍ରାତା ଶ୍ରୀ ସାମୁଏଲ ପାତ୍ର, ସୂତାହାଟ, କଟକ ଏହି ପୁସ୍ତକର ଓଡ଼ିଆ ଭାଷାନ୍ତର କରିଛନ୍ତି ଏବଂ ଏହାର ଶୀଷର୍କ ହେଉଛି **‘‘ତାହାଙ୍କ ସର୍ବୋଚ୍ଚ ଗୌରବ ମୋର ଏକାନ୍ତ ଅକାଂକ୍ଷା’’** । ଭାଷାନ୍ତର କ୍ଷେତ୍ରରେ ଶ୍ରୀ ପାତ୍ରଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି । ଓଡ଼ିଆରେ ସେ ଚାରୋଟି ପୁସ୍ତକ ଏବଂ ପ୍ରାୟ ତିନିଶହ ଖ୍ରୀଷ୍ଟୀୟ ଭକ୍ତି ସଂଗୀତ ରଚନା କରିଛନ୍ତି । ଦୀର୍ଘ ଚାଳିଶ ବର୍ଷ ଧରି ସେ ୱାଇଏମ୍‌ସିଏ କାର୍ଯ୍ୟରେ ନିୟୋଜିତ ଥିଲେ । ପ୍ରଥମେ କଟକ ୱାଇଏମ୍‌ସିଏର ସାଧାରଣ ସଂପାଦକ ଏବଂ ତା’ପରେ ପୂର୍ବାଞ୍ଚଳ ସଂପାଦକ, ଭାରତୀୟ ୱାଇଏମ୍‌ସିଏ ଲଣ୍ଡନ ଏବଂ ନୂଆଦିଲ୍ଲୀ ସ୍ଥିତ ଜାତୀୟ ୱାଇଏମ୍‌ସିଏର ସଂପାଦକ ରୂପେ ଦାୟିତ୍ୱ ସଂପାଦନ କରିଥିଲେ । ଭାଷାନ୍ତର କାର୍ଯ୍ୟରେ ତାଙ୍କର ଅନୁଭୂତି ଆମ ପାଇଁ ପ୍ରଭୁଙ୍କର ଆଶୀର୍ବାଦ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମେ ଶ୍ରୀ ସାମୁଏଲ ପାତ୍ର ଏବଂ ଶ୍ରୀମତୀ ଅରୁଣା ପାତ୍ରଙ୍କ ନିକଟରେ ବିଶେଷ ଧନ୍ୟବାଦୀ ।

**‘‘ତାହାଙ୍କ ସର୍ବୋଚ୍ଚ ଗୌରବ ମୋର ଏକାନ୍ତ ଆକାଂକ୍ଷା’’** ଧର୍ମଶାସ୍ତ୍ର ବାଇବଲର ଗଭୀର ଜ୍ଞାନ, ଅନ୍ତର୍ଦୃଷ୍ଟି ଏବଂ ଆତ୍ମିକ ପ୍ରେରଣା ଉପରେ ଆଧାରିତ ଏକ ଅନବଦ୍ୟ ରଚନା । ଖ୍ରୀଷ୍ଟୀୟ ବିଶ୍ୱାସର ସାରତତ୍ତ୍ୱକୁ ହୃଦୟଙ୍ଗମ କରିବା ପାଇଁ ଏହି ପୁସ୍ତକର ଯତ୍ନପୂର୍ବକ ଅଧ୍ୟୟନ ଅତ୍ୟନ୍ତ ଆବଶ୍ୟକ । ତେଣୁ ଦୈନନ୍ଦିନ ଧ୍ୟାନ ନିମନ୍ତେ ନିୟମିତ ରୂପେ ଏହି ପୁସ୍ତକଟିକୁ ଆଗ୍ରହର ସହିତ ଅଧ୍ୟୟନ କରିବା ପାଇଁ ମୁଁ ଆମର ପାଠକ ଗୋଷ୍ଠୀଙ୍କୁ ଅନୁରୋଧ ଜଣାଉଛି । ଏହି ପୁସ୍ତକର ପ୍ରଚ୍ଛଦପଟର ଅଙ୍କିତ ଚିତ୍ର ସମର୍ପଣ ଏବଂ କ୍ରୁଶରେ ପ୍ରଦର୍ଶିତ ଈଶ୍ୱରଙ୍କ ସର୍ବୋଚ୍ଚ ଗୌରବର ବଳିଷ୍ଠ ପ୍ରତୀକ । ଏହି ବିଶେଷ କାର୍ଯ୍ୟରେ ଶ୍ରୀ ୟୋହାନ୍ ଜନ୍ ଏବଂ ଶ୍ରୀମତୀ ନିନା ଜନ୍ (ଜନ୍ ଟେନ୍ ଟେନ୍) ସକ୍ରିୟ ରୂପେ ଜଡ଼ିତ ଥିବାରୁ ମୁଁ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛି । ଭ୍ରାତା ୟୋହାନ୍ ଜନ୍ ଷୋହଳ ବର୍ଷ ଧରି ଭାରତ ବାଇବଲ ସୋସାଇଟିର ସେବାକାର୍ଯ୍ୟରେ ନିଯୁକ୍ତ ଥିଲେ ଏବଂ ଏହି ସମୟ ମଧ୍ୟରେ ଦଶ ବର୍ଷ ଧରି ଉତ୍ତର ପ୍ରଦେଶର ଅଗ୍‌ଜିଲିଆରୀ ସଂପାଦକ ରୂପେ କାର୍ଯ୍ୟ କରିଥିଲେ ।

ଆମ ମଧ୍ୟରୁ ଅନେକେ ବିଭିନ୍ନ ଭାଷା ସହିତ ପରିଚିତ, କିନ୍ତୁ ଉତ୍ତମ ବୁଦ୍ଧିମତା ପାଇଁ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ଏବଂ ପୁସ୍ତକ ନିଜର ଚିନ୍ତନୀୟ ଭାଷାରେ ପଠିତ ହେବା ଆବଶ୍ୟକ । ବିଶେଷତଃ ଏହା ବାଇବଲ ଏବଂ ଏହିପରି ଏକ ସୁନ୍ଦର ପୁସ୍ତକ ପାଇଁ ମଧ୍ୟ ପ୍ରଯୁଜ୍ୟ । ଓଡ଼ିଆ ଭାଷାରେ ଏହି ପୁସ୍ତକ ପ୍ରକାଶନର ଅନ୍ତରାଳରେ ଯେଉଁ ସ୍ଥାନୀୟ ବନ୍ଧୁମାନଙ୍କର ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ନିହିତ ଅଛି, ସେମାନଙ୍କ ନିକଟରେ ମୁଁ ଗଭୀର କୃତଜ୍ଞ ।

**ଆଚାର୍ଯ୍ୟ ହୃଦୟ ଚନ୍ଦ୍ର ନନ୍ଦ**
*ଅଧ୍ୟକ୍ଷ, କଟକ ପରମାର୍ଥ ବିଦ୍ୟାଳୟ*
*ମିଶନ୍ ରୋଡ୍, କଟକ – ୭୫୩ ୦୦୧*

# ପ୍ରକାଶକଙ୍କ ପକ୍ଷରୁ

ପ୍ରିୟ ବଂଧୁ,

ଇଣ୍ଡିଆନ୍ ଏଭାଞ୍ଜେଲିକାଲ୍ ମିଶନ୍ ପକ୍ଷରୁ ଓଡ଼ିଆ ଭାଷାରେ **ତାହାଙ୍କ ସର୍ବୋଚ୍ଚ ଗୌରବ ମୋର ଏକାନ୍ତ ଆକାଂକ୍ଷା** ପ୍ରକାଶିତ ହୋଇଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ । ଏହି ପୁସ୍ତକଟି ହିନ୍ଦୀ, ତେଲୁଗୁ, ମାଲାୟାଲାମ୍, ତାମିଲ୍, କାନ୍ନାଡ଼ା ଏବଂ ଖାସି ଭାଷାରେ ମଧ୍ୟ ପ୍ରସ୍ତୁତ ହୋଇଛି ଏବଂ ବର୍ତ୍ତମାନ ଓଡ଼ିଆ ଏବଂ ଗୁଜୁରାଟି ଭାଷାରେ ପ୍ରକାଶିତ ହୋଇଛି । ଆମେ ବିଶ୍ୱାସ କରୁଛୁ ଯେ, ଏହି ମହାନ୍ ପୁସ୍ତକ ଆଇ.ଇ.ଏମ୍.ର ଘୋଷିତ ଲକ୍ଷ୍ୟ ଏବଂ ସେବାକାର୍ଯ୍ୟ ପ୍ରତି ସମୀଚୀନ ହେବ ।

ଜନ୍ ଟେନ୍ ଟେନ୍ (ନିନା ଏବଂ ୟୋହାନ୍ ଜନ୍ କୁନ୍ନେଇକେରିଲ) ଅବୈତନିକ ରୂପେ ଦୃଢ଼ ବିଶ୍ୱାସ ସହ ଅନୁପ୍ରାଣୀତ ହୋଇ ଭାରତର ବିଭିନ୍ନ ଆଞ୍ଚଳିକ ଭାଷାରେ ଏହି ପୁସ୍ତକର ଅନୁବାଦ, ପ୍ରକାଶନ ଏବଂ ବିତରଣ କ୍ଷେତ୍ରରେ ସୁଚିନ୍ତିତ ପରାମର୍ଶ ଦେବା ସହିତ ଏହି କାର୍ଯ୍ୟକୁ ସୁସଂଗଠିତ କରିଥିବାରୁ ଆମେ ସେମାନଙ୍କ ନିକଟରେ ଅଶେଷ ଧନ୍ୟବାଦୀ ।

**ତାହାଙ୍କ ସର୍ବୋଚ୍ଚ ଗୌରବ ମୋର ଏକାନ୍ତ ଆକାଂକ୍ଷା**ର ବିତରଣ ଲବ୍ଧ ଅନୁଦାନ ଆଇ.ଇ.,ମ୍.ର ସେବାକାର୍ଯ୍ୟର ପ୍ରସାର ଉଦ୍ଦେଶ୍ୟରେ ବ୍ୟବହୃତ ହେବ । ଆଇ.ଇ.ଏମ୍. ତାହାର ସେବାକାର୍ଯ୍ୟ ମାଧ୍ୟମରେ ଆମର ତ୍ରିବିଧ ଈଶ୍ୱରଙ୍କ ବିଷୟ କହିବା ପାଇଁ ସଂକଳ୍ପବଦ୍ଧ, ଯାହାଙ୍କର ଆଜ୍ଞା ହେଉଛି ''ଈଶ୍ୱରଙ୍କୁ ପ୍ରେମ କର ଏବଂ ଅନ୍ୟମାନଙ୍କୁ ଆପଣା ତୁଲ୍ୟ ପ୍ରେମ କର ।''

୧୯୬୫ରେ ସ୍ଥାପିତ ହେବା ଦିନରୁ ଆଜି ପର୍ଯ୍ୟନ୍ତ ଆଇ.ଇ.ଏମ୍ ଈଶ୍ୱରଙ୍କ ଅନୁଗ୍ରହରୁ ସବୁ ସ୍ତରରେ ତାଙ୍କର ଗୌରବ ଉଦ୍ଦେଶ୍ୟରେ ଅଗ୍ରସର ହୋଇ ଆସିଛି । ଅଧିକ ଜାଣିବା ପାଇଁ ଆମର ୱେବ୍ ସାଇଟ୍ www.iemoutreach.org ସହିତ ଯୋଗାଯୋଗ କରନ୍ତୁ ।

ଆଇ.ଇ.ଏମ୍.ର ସେବାକାର୍ଯ୍ୟ ପାଇଁ ପ୍ରାର୍ଥନା କରିବା ସହିତ ସେବାକାର୍ଯ୍ୟର ଅଂଶୀ ହେବା ପାଇଁ ଆପଣଙ୍କୁ ନିବେଦନ ଜଣାଉଛୁ ।

ଆମର ବିଶ୍ୱାସ ଯେ **ତାହାଙ୍କ ସର୍ବୋଚ୍ଚ ଗୌରବ ମୋର ଏକାନ୍ତ ଆକାଂକ୍ଷା** ଆପଣଙ୍କ ପାଇଁ ଆଶୀର୍ବାଦର କାରଣ ହେବ ।

ପ୍ରଭୁଙ୍କ ସେବାରେ ଆପଣଙ୍କର

**ରେଭ୍. ଜନ୍ ୱେସ୍‌ଲି**
ସାଧାରଣ ସଂପାଦକ
ଇଣ୍ଡିଆନ୍ ଏଭାଞ୍ଜେଲିକାଲ୍ ମିଶନ୍
୩୮, ଲାଙ୍ଗ୍‌ଫୋର୍ଡ୍ ରୋଡ୍, ବାଙ୍ଗାଲୁରୁ ୫୬୦ ୦୨୫
iemhq@vsnl.com
www.iemoutreach.org

# ଭୂମିକା

ଓଡ଼ିଆ ଭାଷାରେ ଅନୁବାଦିତ ଅସ୍‌ୱାଲ୍‌ଡ୍ ଚେମ୍ବର୍‌ସ୍‌ଙ୍କ ପୁସ୍ତକ **ତାହାଙ୍କ ସର୍ବୋଚ୍ଚ ଗୌରବ ମୋର ଏକାନ୍ତ ଆକାଂକ୍ଷା** ଆପଣମାନଙ୍କୁ ଅର୍ପଣ କରିବାରେ ମୁଁ ବିଶେଷ ଆନନ୍ଦିତ ।

ଏହା ଅତ୍ୟନ୍ତ ଉତ୍ସାହଜନକ ବିଷୟ ଯେ, ଏହି ଅପୂର୍ବ ଏବଂ ଉତ୍କୃଷ୍ଟ ପୁସ୍ତକ ଫ୍ରେଞ୍ଚ୍, ଗ୍ରୀକ୍ ଏବଂ ହିବ୍ରୁ ଭାଷାକୁ ମିଶାଇ ପୃଥିବୀର ୪୦ଟି ଭାଷାରେ ଅନୁବାଦିତ ହୋଇଛି ଏବଂ ଭାରତରେ ଏହି ପୁସ୍ତକଟି ହିନ୍ଦୀ, ତେଲୁଗୁ, ତାମିଲ୍, କାନ୍ନାଡ଼ା, ମାଲାୟାଲମ୍ ଏବଂ ଖାସି ଭାଷାରେ ଅନୁବାଦିତ ହେବା ସଙ୍ଗେ ସଙ୍ଗେ ଚଳିତ ବର୍ଷ ଓଡ଼ିଆ ଏବଂ ଗୁଜୁରାଟିରେ ମଧ୍ୟ ଅନୁବାଦିତ ହୋଇଛି । ମୋର ଆଶା, ଭବିଷ୍ୟତରେ ଏହି ପୁସ୍ତକ ଆମ ଦେଶର ଆହୁରି ଅନେକ ଭାଷାରେ ଅନୁବାଦିତ ହେବ ।

ପବିତ୍ର ଧର୍ମଶାସ୍ତ୍ର ବାଇବଲର ନିୟମିତ ଏବଂ ଉଦ୍ଦେଶ୍ୟପୂର୍ଣ୍ଣ ଅଧ୍ୟୟନ ଆମର ମୌଳିକ ଆବଶ୍ୟକତା ଅଟେ । ଏହାଛଡ଼ା ଗଭୀର ଭାବଧାରା ସମ୍ବଳିତ ଏହି ପୁସ୍ତକ **ତାହାଙ୍କ ସର୍ବୋଚ୍ଚ ଗୌରବ ମୋର ଏକାନ୍ତ ଆକାଂକ୍ଷା**ର ଦୀର୍ଘକାଳୀନ ଅଧ୍ୟୟନ ଆମର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସହିତ ଗଭୀର ସଂପର୍କ ପ୍ରତିଷ୍ଠା କରିବା ପାଇଁ ଆପଣଙ୍କୁ ଅଶେଷ ସାହାଯ୍ୟ କରିବ ।

ମୁଁ ନୀନା ଏବଂ ଜନ୍ କୁନ୍‌କେରିଲଙ୍କ ନିକଟରେ ଧନ୍ୟବାଦୀ, ଯେଉଁମାନେ ଜନ୍ ଟେନ୍ ଟେନ୍ ନାମରେ ଏହି ପ୍ରେମପୂର୍ଣ୍ଣ ସେବାକାର୍ଯ୍ୟ ଆରମ୍ଭ କରିଛନ୍ତି । ମୋର ସହଧର୍ମିଣୀ ରାଗିଣୀ ଏବଂ ମୁଁ ଦୁଇ ଦଶନ୍ଧି ଧରି ବ୍ୟକ୍ତିଗତ ରୂପେ ଏମାନଙ୍କୁ ଜାଣିଛୁ ଏବଂ ଆମେ ପ୍ରାର୍ଥନାପୂର୍ବକ ବିଶ୍ୱାସ କରୁଛୁ ଯେ, ଏହି କାର୍ଯ୍ୟ ଫଳ ଉତ୍ପନ୍ନ କରିବ ଏବଂ ସେହି ଫଳ ସ୍ଥାୟୀ ହେବ ।

ପ୍ରଭୁଙ୍କ ସେବାରେ ଆପଣଙ୍କର

**ଡକ୍ଟର ଆର୍. ରାଜକୁମାର**

କାର୍ଯ୍ୟକାରୀ ନିର୍ଦ୍ଦେଶକ, ଲୋଗୋସ୍ ମିନିଷ୍ଟ୍ରିଜ୍, ନୂଆଦିଲ୍ଲୀ

www.logos-ministries.com

# ତାହାଙ୍କ ସର୍ବୋଚ୍ଚ ଗୌରବ ମୋର ଏକାନ୍ତ ଆକାଂକ୍ଷା
## ଏବଂ ଜନ୍ ଟେନ୍ ଟେନ୍

ପ୍ରିୟ ପାଠକ,

ଆମେ ଅତ୍ୟନ୍ତ ଆନନ୍ଦିତ ଯେ, ଚଳିତ ବର୍ଷ ଓଡ଼ିଆରେ **''ତାହାଙ୍କ ସର୍ବୋଚ୍ଚ ଗୌରବ ମୋର ଏକାନ୍ତ ଆକାଂକ୍ଷା''** ଶୀର୍ଷକ ପୁସ୍ତକ ପ୍ରକାଶିତ ହୋଇଛି । ଏହା ଆମ ପାଇଁ ଏକ ସୌଭାଗ୍ୟ ଏବଂ ଆଶୀର୍ବାଦ ଯେ, ଅସ୍‌ୱାଲ୍‌ଡ଼୍ ଚେମ୍ବର୍‌ସ୍‌ଙ୍କ ଏହି ପ୍ରଖ୍ୟାତ ପୁସ୍ତକର ହିନ୍ଦୀ, ତାମିଲ୍, ତେଲୁଗୁ, କାନ୍ନାଡ଼ା, ମାଲାୟାଲମ୍, ଖାସି, ଓଡ଼ିଆ ଏବଂ ଗୁଜୁରାଟି ଭାଷାରେ ଅନୁବାଦ, ପ୍ରକାଶନ ଏବଂ ବିତରଣ କାର୍ଯ୍ୟରେ ଆମେ ସକ୍ରିୟ ଅଂଶ ଗ୍ରହଣ କରିଆସିଛୁ ।

ଆମର ଆଶା, ଭବିଷ୍ୟତରେ ଆଉ ଅନ୍ୟାନ୍ୟ ଆଞ୍ଚଳିକ ଭାଷାରେ ମଧ୍ୟ ଏହାର ଅନୁବାଦ କାର୍ଯ୍ୟ ସଂପନ୍ନ ହେବ ।

ଏହି କାର୍ଯ୍ୟରେ ବିଶେଷ ସହାୟତା ପାଇଁ ଆମେ ଅସ୍‌ୱାଲ୍‌ଡ଼୍ ଚେମ୍ବର୍‌ସ୍ ପବ୍ଲିକେଶନ୍ ଆସୋସିଏସନ୍ ଲିମିଟେଟ୍, ଦି ଡିସ୍‌କଭରି ହାଉସ୍ ପବ୍ଲିଶରସ୍, ବିଶେଷତଃ ଆମର ଓଡ଼ିଆ ଅନୁବାଦକ ଶ୍ରୀ ସାମୁଏଲ ପାତ୍ର ଏବଂ ଆମର ପ୍ରକାଶକ ଇଣ୍ଡିଆନ୍ ଏଭାଞ୍ଜେଲିକାଲ୍ ମିଶନ୍ ନିକଟରେ ଗଭୀର କୃତଜ୍ଞ । ରେଭ୍ ଜେଫ୍ ଜେନ୍ନେଟ୍, ଆଇ.ଇ.ଏମ୍.ର ସାଧାରଣ ସଂପାଦକ ଜନ୍ ୱେସ୍‌ଲି ଏବଂ ତାଙ୍କର ସହକର୍ମୀମାନଙ୍କୁ ମଧ୍ୟ ଆମେ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛୁ ।

୧୨ ବର୍ଷ ବ୍ୟବସାୟ ନିଗମ କ୍ଷେତ୍ରରେ, କିଛି ସମୟ ସମବାୟ ଦୁଗ୍ଧ କ୍ଷେତ୍ରରେ ଏବଂ ୧୬ ବର୍ଷ ଧର୍ମୀୟ କ୍ଷେତ୍ର (ବାଇବଲ ସୋସାଇଟୀ ଅଫ୍ ଇଣ୍ଡିଆ)ରେ ବିଶେଷ ରୂପେ ଆଲ୍‌ହାବାଦ୍, ଉତ୍ତର ପ୍ରଦେଶରେ କାର୍ଯ୍ୟ କରିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହରୁ ଆମେ ନିଜ ନାମରେ ଅର୍ଥାତ୍ ଜନ୍ ଟେନ୍ ଟେନ୍ ରୂପେ ଚିହ୍ନିତ ହୋଇ ଏହି ପ୍ରକଳ୍ପ ଆରମ୍ଭ କରିବା ପାଇଁ ସାହସ ସଂଗ୍ରହ କଲୁ । ଜନ୍ ଟେନ୍ ଟେନ୍ ନାମକରଣର କାରଣ ହେଉଛି ଯେ, ଆମେ ଈଶ୍ୱରଙ୍କ ବାକ୍ୟ ଏବଂ ଆମର ବ୍ୟକ୍ତିଗତ ଅନୁଭୂତିରୁ ଜାଣିଛୁ ଯେ, ଆମର ତ୍ରିବିଧ ଈଶ୍ୱର ଅର୍ଥାତ୍ ପିତା ଈଶ୍ୱର, ପୁତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଏବଂ ପବିତ୍ର ଆତ୍ମା ଈଶ୍ୱରଙ୍କ ସହିତ ଆମର ସଂପର୍କ ସ୍ଥାପନ ଦ୍ୱାରା ଆମ ପ୍ରତ୍ୟେକଙ୍କ ପାଇଁ ଉତ୍କୃଷ୍ଟ ଜୀବନ ଉପଲବ୍ଧ ହୁଏ ।

ଏହି ପୁସ୍ତକଟି ଆମ ପାଇଁ ଆଶୀର୍ବାଦର କାରଣ ହୋଇଛି ଏବଂ ଆମର ବିଶ୍ୱାସ, ଏହା ଆପଣଙ୍କ ପାଇଁ ମଧ୍ୟ ଆଶୀର୍ବାଦର ଉତ୍ସ ହୋଇ ରହିବ ।

**ନିନା ଏବଂ ଯୋହାନ୍ ଜନ୍ କୁନ୍ନେକେରିଲ୍**

**ଜନ୍ ଟେନ୍ ଟେନ୍**

''ହିଲ୍ଲ୍ କ୍ରେଷ୍ଟ୍'', ମାରିଆଥୁରୁଥୁ

କୋଟାୟାମ୍ ୬୮୬ ୦୨୭, କେରଳ, ଭାରତ

yohankjohn@gmail.com



**Oswald Chambers 1874-1917**

ଅସ୍ୱାଲ୍ଡ୍ ଚେମ୍ବର୍ସ୍ ଆତ୍ମିକ ଜ୍ଞାନରେ ପରିପକ୍ୱ ଜଣେ ଅସାଧାରଣ ବ୍ୟକ୍ତି ଥିଲେ । ବାଇବଲ ଶିକ୍ଷକ ରୂପେ ସେ ସର୍ବ ଜଗତରେ ସୁପରିଚିତ ଥିଲେ ଏବଂ ତାଙ୍କର ଲେଖା ସମୂହ ଯୁଗ ଯୁଗ ଧରି ଅସଂଖ୍ୟ ଖ୍ରୀଷ୍ଟ ବିଶ୍ୱାସୀଙ୍କୁ ପ୍ରେରଣା ଯୋଗାଇଛି । ୧୯୧୭ରେ ମୃତ୍ୟୁବରଣ କରିଥିଲେ ସୁଦ୍ଧା ପ୍ରାସଙ୍ଗିକତା ଏବଂ ସ୍ପଷ୍ଟତା ସହ ସେ ଅବିରତ ପାଠକମାନଙ୍କ ସହିତ କଥା କହନ୍ତି ।

***

*Oswald Chambers was a man of remarkable spiritual wisdom and maturity. As a Bible teacher, he was renowned throughout the world, and his writings have inspired millions of Christians through the ages. Although he died in 1917, he continues to speak to readers with striking relevance and clarity.*

---

ଇଂରାଜୀରେ ଲିଖିତ ଅସ୍ୱାଲ୍ଡ୍ ଚେମ୍ବର୍ସ୍ (୧୮୭୪–୧୯୧୭)ଙ୍କ *My Utmost for His Highest* ଏହାର ସାଂପ୍ରତିକ ରଚନା ପଢ଼ିବା ପାଇଁ ଲଗ୍ ଅନ୍ କରନ୍ତୁ

**www.utmost.org**

ଅସ୍ୱାଲ୍ଡ୍ ଚେମ୍ବର୍ସ୍ଙ୍କ ଜୀବନୀ, ବିଭିନ୍ନ ଭାଷାର ଅନୁବାଦ ଏବଂ ଆଉ ଅଧିକ ବିଷୟ ଜାଣିବା ପାଇଁ ଅସ୍ୱାଲ୍ଡ୍ ଚେମ୍ବର୍ସ୍ ପବ୍ଲିକେଶନ୍ସ୍ ଆସୋସିଏସନ୍ ଲିମିଟେଡ୍ର ନିମ୍ନୋକ୍ତ ୱେବ୍ସାଇଟ୍ରେ ପରିଦର୍ଶନ କରନ୍ତୁ ।

***http://www.oswaldchambers.co.uk***

# ମୂଳ କଥାରେ ସ୍ଥିର ରୁହନ୍ତୁ

**...ମୋହର ଏକାନ୍ତ ଆକାଂକ୍ଷା ଓ ଭରସା ଅଛି ଯେ ମୁଁ କୌଣସି ବିଷୟରେ ଲଜ୍ଜିତ ହେବି ନାହିଁ, କିନ୍ତୁ ସର୍ବଦା ଯେଉଁପରି, ଏବେ ମଧ୍ୟ ସେହିପରି ଅତି ସାହସରେ, ଜୀବନରେ ବା ମରଣରେ ହେଉ ଖ୍ରୀଷ୍ଟଙ୍କୁ ମୋର ଶରୀରରେ ମହିମାନ୍ୱିତ କରିବି ।**

**ଫିଲିପ୍ପୀୟ ୧:୨୦**

**''ତାହାଙ୍କ ସର୍ବୋଚ୍ଚ ଗୌରବ ମୋର ଏକାନ୍ତ ଆକାଂକ୍ଷା ।** ମୋର ଏକନିଷ୍ଠ ଭରସା ଯେ, ମୁଁ କୌଣସି ବିଷୟରେ ଲଜ୍ଜିତ ହେବିନାହିଁ...''ଯୀଶୁ ଆମ ଜୀବନର ଯେଉଁ ଅଂଶଗୁଡ଼ିକ ତାଙ୍କଠାରେ ସମର୍ପଣ କରିବାକୁ କହନ୍ତି, ଆମେ ଯଦି ତାହା ନ କରୁ, ତେବେ ଆମେ ଅତି ଲଜ୍ଜିତ ହେବା । ମନେହୁଏ, ପାଉଲ କହୁଥିଲେ, ''ମୋର ଦୃଢ଼ ସିଦ୍ଧାନ୍ତ ଏହିପରି– ତାହାଙ୍କ ସର୍ବୋଚ୍ଚ ଗୌରବ ମୋର ଏକାନ୍ତ ଆକାଂକ୍ଷା ।'' ସେହି ସିଦ୍ଧାନ୍ତରେ ପହଞ୍ଚିବା ଦୃଢ଼ ଇଚ୍ଛା ଶକ୍ତି ଉପରେ ନିର୍ଭର କରେ– ବିତର୍କ ବା ଯୁକ୍ତି ଉପରେ ନୁହେଁ । ଏହାହିଁ ଇଚ୍ଛା ଶକ୍ତିର ପୂର୍ଣ୍ଣ ସମର୍ପଣ । ଆପଣା ବିଷୟରେ ଅତ୍ୟଧିକ ଚିନ୍ତାଭାବନା ଆମକୁ ଏଭଳି ସିଦ୍ଧାନ୍ତ ନେବାକୁ ଦିଏ ନାହିଁ, ଯଦ୍ୟପି ଆମେ ଅନ୍ୟମାନଙ୍କ ପ୍ରତି ଚିନ୍ତିତ ବୋଲି ଛଳନା କରୁ । ଯୀଶୁଙ୍କ ଆହ୍ୱାନର ବାଧ୍ୟ ହେଲେ ଅନ୍ୟମାନଙ୍କୁ କେଉଁ ମୂଲ୍ୟ ଦେବାକୁ ହେବ– ଏହି କଥା ଉପରେ ଗୁରୁତ୍ୱ ଦେଲେ ଆମର ଧାରଣା ଜନ୍ମେ ଯେ, ଈଶ୍ୱର ଆମ ବାଧ୍ୟତାର ଅର୍ଥ ଜାଣନ୍ତି ନାହିଁ । ମୂଳ କଥାରେ ସ୍ଥିର ରୁହନ୍ତୁ– ଈଶ୍ୱର ସବୁ ଜାଣନ୍ତି । ଅନ୍ୟ ସମସ୍ତ ଚିନ୍ତାକୁ ରୁଦ୍ଧ କରି ଈଶ୍ୱରଙ୍କ ନିକଟରେ ଏହି ଗୋଟିଏ ଚିନ୍ତା ରଖନ୍ତୁ–''ତାହାଙ୍କ ସର୍ବୋଚ୍ଚ ଗୌରବ ମୋର ଏକାନ୍ତ ଆକାଂକ୍ଷା'' । ମୋର ଦୃଢ଼ ସଂକଳ୍ପ ହେଉଛି, ମୁଁ ବିନା ସର୍ତ୍ତରେ ସଂପୂର୍ଣ୍ଣ ଭାବେ ଈଶ୍ୱରଙ୍କର, କେବଳ ଈଶ୍ୱରଙ୍କର ହେବି ।

**ଈଶ୍ୱରଙ୍କର ପବିତ୍ରତା ହିଁ ମୋର ଅପ୍ରତିହତ ଦୃଢ଼ ସଂକଳ୍ପ–** ''ଜୀବନ ହେଉ ବା ମରଣ ହେଉ, କୌଣସି ପାର୍ଥକ୍ୟ ନାହିଁ'' (ଫିଲିପ୍ପୀୟ ୧:୨୧) । ଈଶ୍ୱରଙ୍କ ପ୍ରକୃତ ଇଚ୍ଛା ସାଧନ ଦିଗରେ କୌଣସି ବିଷୟ ପ୍ରତିରୋଧ କରିବ ନାହିଁ ବୋଲି ପାଉଲଙ୍କ ଦୃଢ଼ ଧାରଣା ଥିଲା । କିନ୍ତୁ ଈଶ୍ୱରଙ୍କ ଇଚ୍ଛା ମନୋନୟନ କରିବା ଆଗରୁ ଆମ ଜୀବନରେ ଏକ ସଂକଟ ଉପସ୍ଥିତ ହୁଏ । ଆମେ ଈଶ୍ୱରଙ୍କ କୋମଳ ଆଘାତର ପ୍ରତ୍ୟୁତ୍ତର ନ ଦେବା ହେତୁ ଏହା ଘଟିଥାଏ । ଈଶ୍ୱର ଆମକୁ ତାଙ୍କର ନିଜସ୍ୱ କରିବା ପାଇଁ ଏପରି ପରିସ୍ଥିତି ସୃଷ୍ଟି କରନ୍ତି, ଯଦ୍ଦ୍ୱାରା ଆମେ ଯୁକ୍ତିତର୍କ ଆରମ୍ଭ କରିଥାଉ । ତା'ପରେ ଐଶ୍ୱରିକ ଶକ୍ତିରେ ସେ ଏଭଳି ସଂକଟ ସୃଷ୍ଟି କରନ୍ତି, ଯଦ୍ଦ୍ୱାରା ଆମକୁ ତାହାର ସପକ୍ଷ ବା ବିପକ୍ଷରେ ସିଦ୍ଧାନ୍ତ ନେବାକୁ ହୁଏ । ସେଇ ମୁହୂର୍ତ୍ତଟି ଆମ ଜୀବନର ଏକ ବଡ଼ ସଙ୍କଟପୂର୍ଣ୍ଣ ଅବସ୍ଥାରେ ପରିଣତ ହୁଏ । ଯଦି ଆପଣଙ୍କ ଜୀବନରେ କୌଣସି ସଂକଟ ଆସିଛି, ତେବେ ନିଃସର୍ତ୍ତରେ ସଂପୂର୍ଣ୍ଣ ରୂପେ ଆପଣାକୁ ଯୀଶୁଙ୍କଠାରେ ସମର୍ପଣ କରନ୍ତୁ ।

## ଜାନୁୟାରୀ ୨

# କେଉଁଠାକୁ ଯାଉଛନ୍ତି, ତାହା ନ ଜାଣି ସୁଦ୍ଧା ଆପଣ କ'ଣ ବାହାରି ଯିବେ ?

**ସେ କେଉଁଠାକୁ ଯାଉଛନ୍ତି, ତାହା ନ ଜାଣି ସୁଦ୍ଧା ବାହାରିଗଲେ ।**
**ଏବ୍ରୀ ୧୧:୮**

ଏହି ପ୍ରକାରେ ଆପଣ କ'ଣ କେବେ ''ବାହାରି ଯାଇଛନ୍ତି ?'' ଯଦି ଏହା ହୋଇଥାଏ, ତେବେ ଆପଣ କ'ଣ କରୁଛନ୍ତି ବୋଲି ଯଦି ଜଣେ ପ୍ରଶ୍ନ କରନ୍ତି, ତେବେ ତାହାର ଯୁକ୍ତିସଂଗତ କୌଣସି ଉତ୍ତର ନାହିଁ । ଖ୍ରୀଷ୍ଟୀୟ ସେବାକାର୍ଯ୍ୟର ଏକ କଠିନ ପ୍ରଶ୍ନ ହେଉଛି, ''ଆପଣ କେଉଁ କାର୍ଯ୍ୟ ଅପେକ୍ଷା କରନ୍ତି ?'' ଏହାର ଉତ୍ତର ଅତି କଷ୍ଟସାଧ୍ୟ । ଆପଣଙ୍କ ଆଗାମୀ କାର୍ଯ୍ୟ ବିଷୟ ଆପଣ ଜାଣନ୍ତି ନାହିଁ, ଆପଣ କେବଳ ଜାଣନ୍ତି ଯେ, ଈଶ୍ୱର ତାଙ୍କ କାର୍ଯ୍ୟ ବିଷୟରେ ସଚେତନ । ଈଶ୍ୱରଙ୍କ ଉପରେ ସଂପୂର୍ଣ୍ଣ ବିଶ୍ୱାସ ସ୍ଥାପନ ପୂର୍ବକ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ''ବାହାରି ଯିବାକୁ'' ଆପଣଙ୍କ ବାଧ୍ୟତା ସମ୍ପର୍କରେ ଅବିରତ ଈଶ୍ୱରଙ୍କ ପ୍ରତି ଆପଣଙ୍କ ମନୋଭାବକୁ ପରୀକ୍ଷା କରନ୍ତୁ । ଏହି ମନୋଭାବ ସର୍ବଦା ଆପଣଙ୍କୁ ବିସ୍ମିତ କରେ, କାରଣ ଆପଣ ଈଶ୍ୱରଙ୍କ ପରବର୍ତ୍ତୀ ପଦକ୍ଷେପ ଜାଣନ୍ତି ନାହିଁ । ପ୍ରତି ପ୍ରଭାତର ଜାଗ୍ରତ ପ୍ରହରରେ ''ଈଶ୍ୱରଙ୍କ ପ୍ରତି ବିଶ୍ୱାସ ସ୍ଥାପନ'' କରି ''ବାହାରି ଯିବାକୁ'' ଆପଣଙ୍କ ପାଇଁ ନୂଆ ସୁଯୋଗ ଆସେ । ବଞ୍ଚିବା ପାଇଁ...ଶରୀର ପାଇଁ ବ୍ୟସ୍ତ ହୁଅ ନାହିଁ...'' (ଲୂକ ୧୨:୨୨) । ଅନ୍ୟ ଅର୍ଥରେ ''ବାହାରି ଯିବା'' ପୂର୍ବେ ଯେଉଁ ବିଷୟଗୁଡ଼ିକ ପ୍ରତି ଆପଣ ମନୋଯୋଗୀ ଥିଲେ, ସେଥିପ୍ରତି ଆଉ ବ୍ୟସ୍ତ ହୁଅନ୍ତୁ ନାହିଁ ।

ଈଶ୍ୱର କ'ଣ କରିବାକୁ ଉଦ୍ୟତ, ତାହା ତାଙ୍କୁ ପଚାରୁଛନ୍ତି କି ? ସେ ଆପଣଙ୍କୁ କେବେ କହିବେ ନାହିଁ । ଈଶ୍ୱର କେଉଁ କାର୍ଯ୍ୟ କରିବାକୁ ଯାଉଛନ୍ତି, ତାହା ଆପଣଙ୍କୁ ଜଣାଇବେ ନାହିଁ । ସେ ଆପଣଙ୍କୁ ତାଙ୍କ ପରିଚୟ ଦେବେ । ଆପଣ ଏକ ଆଶ୍ଚର୍ଯ୍ୟ କାର୍ଯ୍ୟ ସାଧନକାରୀ ଈଶ୍ୱରଙ୍କୁ ବିଶ୍ୱାସ କରି ତାଙ୍କ ଶକ୍ତିରେ ବିସ୍ମିତ ହୋଇ ଏବଂ ତାଙ୍କଠାରେ ପୂର୍ଣ୍ଣ ଆତ୍ମସମର୍ପଣ ସହିତ ''ବାହାରି ଯିବେ'' କି ?

ନିକଟତମ ହୋଇ ଯେଉଁ ଈଶ୍ୱରଙ୍କ ପରିଚୟ ପାଇଛନ୍ତି, ସର୍ବଦା ସେହି ଈଶ୍ୱରଙ୍କୁ ବିଶ୍ୱାସ କରନ୍ତୁ । ତା'ପରେ ବ୍ୟସ୍ତତା ଯେ କେତେ ଅନାବଶ୍ୟକ ଏବଂ ଅଭକ୍ତିସୂଚକ, ତାହା ଚିନ୍ତା କରନ୍ତୁ । ଈଶ୍ୱରଙ୍କ ଉପରେ ନିର୍ଭର ରଖି ''ବାହାରି ଯିବା'' ପାଇଁ ଆପଣଙ୍କ ଜୀବନର ମନୋଭାବ ବାଧ୍ୟତାପୂର୍ଣ୍ଣ ହେଉ । ତା'ହେଲେ ଆପଣଙ୍କ ଜୀବନ ଯୀଶୁଙ୍କ ଦୃଷ୍ଟିରେ ସୁଗ୍ରାହ୍ୟ ଏବଂ ଆନନ୍ଦଭରା ହେବ । ଆପଣଙ୍କ ହୃଦବୋଧ, ବିଶ୍ୱାସ ମତ ଏବଂ ଅନୁଭୂତି ମଧ୍ୟ ଦେଇ ''ବାହାରି ଯିବା'' ପାଇଁ ଆପଣ ଶିଖିବେ ଏବଂ ବିଶ୍ୱାସୀ ଜୀବନର ଏଭଳି ଅବସ୍ଥାକୁ ଆସିବେ, ଯେତେବେଳେ ଆପଣଙ୍କର ଏବଂ ଈଶ୍ୱରଙ୍କ ମଧ୍ୟରେ କୌଣସି ବ୍ୟବଧାନ ରହିବ ନାହିଁ ।

**ଜାନୁୟାରୀ ୩**

# ମେଘମାଳା ଓ ଅନ୍ଧକାର

**ସେ ମେଘମାଳା ଓ ଅନ୍ଧକାରରେ ପରିବେଷ୍ଟିତ ।**
**ଗୀତସଂହିତା ୯୭:୨**

ଈଶ୍ୱରଙ୍କ ଆତ୍ମାରେ ନୂତନ ଜନ୍ମ ଅନୁଭୂତି ପାଇ ନ ଥିବା ବ୍ୟକ୍ତି ଆପଣଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଶିକ୍ଷା ସରଳ ବୋଲି କହିବେ । କିନ୍ତୁ ପବିତ୍ରଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେବା ପରେ ତାଙ୍କର ଅନୁଭବ ହେଉଛି, ‘‘ସେ ମେଘମାଳା ଓ ଅନ୍ଧକାରରେ ପରିବେଷ୍ଟିତ ।’’ ଯେତେବେଳେ ଆମେ ଯୀଶୁ ଖ୍ରୀଷ୍ଟଙ୍କ ଶିକ୍ଷାର ନିବିଡ଼ ସଂସ୍ପର୍ଶରେ ଆସୁ, ସେତେବେଳେ ପ୍ରଥମେ ଏହା ଆମର ହୃଦ୍‌ବୋଧ ହୁଏ । ଯୀଶୁଙ୍କ ଶିକ୍ଷାକୁ ପୂର୍ଣ୍ଣ ରୂପେ ଗ୍ରହଣ କରିବାର ଏକମାତ୍ର ଉପାୟ ହେଉଛି ଆମ ହୃଦୟରେ ଈଶ୍ୱରଙ୍କ ଆତ୍ମାଙ୍କ ପ୍ରଜ୍ୱଳିତ ଆଲୋକ । ଆମେ ଯଦି ଆମର ଗତାନୁଗତିକ ଧାର୍ମିକ ଜୀବନରୂପକ ପାଦୁକା ବାହାର ନ କରି ଅନୌପଚାରିକ ବନ୍ଧନରୁ ମୁକ୍ତ ନ ହେଉ, ତେବେ ଆମେ ଈଶ୍ୱରଙ୍କ ଉପସ୍ଥିତି ଅନୁଭବ କରିବା ବିଷୟରେ ପ୍ରଶ୍ନ ଉଠେ । ଈଶ୍ୱରଙ୍କ ପରିଚୟ ପାଇ ନ ଥିବା ଲୋକେ ଈଶ୍ୱରଙ୍କ ପ୍ରତି ଉଦ୍ଧତ ସ୍ୱଭାବ ଏବଂ ଅସମ୍ମାନ ପ୍ରଦର୍ଶନ କରନ୍ତି । ଯୀଶୁ ଖ୍ରୀଷ୍ଟଙ୍କ ଉଦ୍ଧାର କାର୍ଯ୍ୟର ଆନନ୍ଦ ଉପଲବ୍ଧି କରିବା ପରେ ତାଙ୍କ ***ପରିଚୟ*** ସମ୍ବନ୍ଧିତ ଅଭେଦ୍ୟ ‘‘ଅନ୍ଧକାର’’ ଘୋଟି ଆସେ ।

ଯୀଶୁ କହିଲେ, ‘‘ମୁଁ ତୁମ୍ଭମାନଙ୍କୁ ଯେ ସମସ୍ତ ବାକ୍ୟ କହିଛି, ସେହି ସବୁ ଆତ୍ମା ଓ ଜୀବନ ଅଟେ’’ (ଯୋହନ ୬:୬୩) । ଦିନେ ବାଇବଲ ଆମ ପାଇଁ କେବଳ ଶବ୍ଦ ବହୁଳ ଅର୍ଥାତ୍ ‘‘ମେଘମାଳା ଓ ଅନ୍ଧକାର’’ ଥିଲା । ତା’ପରେ ହଠାତ୍ ତାହା ଆତ୍ମା ଏବଂ ଜୀବନରେ ପରିଣତ ହୁଏ, କାରଣ ଯୀଶୁ ପୁନର୍ବାର ସେହି ବାକ୍ୟ ଉଚ୍ଚାରଣ କରନ୍ତି ଏବଂ ଆମର ବିଭିନ୍ନ ପରିସ୍ଥିତିରେ ତାହା ଶବ୍ଦ ସବୁକୁ ନୂଆ ରୂପ ଦିଏ । ଏହି ଉପାୟରେ ଈଶ୍ୱର ଆମ ସହିତ ଆଳାପ କରନ୍ତି, ଦର୍ଶନ ବା ସ୍ୱପ୍ନ ଦ୍ୱାରା ନୁହେଁ, ମାତ୍ର ବାକ୍ୟ ଦ୍ୱାରା ଏହା ସମ୍ଭବ ହୁଏ । ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ପାଇଁ ମନୁଷ୍ୟର ଅତି ସରଳ ଉପାୟ ହେଉଛି, ଈଶ୍ୱରଙ୍କ ବାକ୍ୟ ।

## ଜାନୁୟାରୀ ୪

# ମୁଁ ବର୍ତ୍ତମାନ କାହିଁକି ଆପଣଙ୍କର ଅନୁଗମନ କରିପାରିବି ନାହିଁ ?

### ପିତର ତାହାଙ୍କୁ କହିଲେ, 'ପ୍ରଭୁ, ମୁଁ ବର୍ତ୍ତମାନ କାହିଁକି ଅନୁଗମନ କରିପାରିବି ନାହିଁ' ?

### ଯୋହନ ୧୩:୧୭

ସମୟେ ସମୟେ, ଏଭଳି ପରିସ୍ଥିତି ଆସେ, ଯେତେବେଳେ ଆପଣ ବୁଝିପାରନ୍ତି ନାହିଁ ଯେ, ଆପଣ ଯେଉଁ କାର୍ଯ୍ୟ କରିବାକୁ ଇଚ୍ଛା କରନ୍ତି, ତାହା କାହିଁକି କରି ପାରନ୍ତି ନାହିଁ । ଈଶ୍ୱର ଯେତେବେଳେ ଅପେକ୍ଷା କରିବାର ସମୟ ଆଣନ୍ତି ଏବଂ ଆପଣଙ୍କ ଧାରଣା ହୁଏ ଯେ, ସେ ନିରୁତ୍ତର, ତେବେ ସେହି ସମୟକୁ ବ୍ୟସ୍ତତା ପୂର୍ଣ୍ଣ କରନ୍ତୁ ନାହିଁ– କେବଳ ଅପେକ୍ଷା କରନ୍ତୁ । ହୁଏତ ଅପେକ୍ଷାର ସମୟ ଆପଣଙ୍କ ଶୁଚିକରଣ ଅର୍ଥାତ୍ ପାପରୁ ପୃଥକ ହୋଇ ଆପଣ କିପରି ପବିତ୍ର ଜୀବନ କାଟିବେ, ତାହା ଶିଖାଇବା ପାଇଁ ଆସିପାରେ କିମ୍ବା ଶୁଚିକରଣ ପ୍ରକ୍ରିୟା ପରେ ଆପଣଙ୍କୁ ସେବା କାର୍ଯ୍ୟର ଅର୍ଥ ବୁଝାଇବା ପାଇଁ ଆସିପାରେ । ଈଶ୍ୱର ଆପଣଙ୍କୁ ନିର୍ଦ୍ଦେଶ ନ ଦେବା ପୂର୍ବରୁ ଦୌଡ଼ିବା ଆରମ୍ଭ କରନ୍ତୁ ନାହିଁ । ଯଦି ଆପଣଙ୍କ ମନରେ ସାମାନ୍ୟ ସନ୍ଦେହ ଜନ୍ମେ, ତାହାର ଅର୍ଥ ସେ ଆପଣଙ୍କୁ ତାଙ୍କର ଚାଳନା ଦେଇ ନାହାନ୍ତି । ଯେତେବେଳେ ସନ୍ଦେହ ଆସେ–ଅପେକ୍ଷା କରନ୍ତୁ ।

ପ୍ରଥମ ଅବସ୍ଥାରେ ଆପଣ ହୁଏତ ସ୍ପଷ୍ଟ ରୂପେ ଈଶ୍ୱରଙ୍କ ଇଚ୍ଛା ଦେଖି ପାରିବେ– ବନ୍ଧୁ ବିଚ୍ଛେଦ, ବ୍ୟବସାୟିକ ଭଗ୍ନ ସଂପର୍କ, କିମ୍ବା ଅନ୍ୟ କୌଣସି ପରିସ୍ଥିତି ମାଧ୍ୟମରେ ଆପଣ ଅନୁଭବ କରନ୍ତି ଯେ, ତାହାହିଁ ଆପଣଙ୍କ ପ୍ରତି ଈଶ୍ୱରଙ୍କ ଇଚ୍ଛା । କିନ୍ତୁ ଭାବପ୍ରବଣ ହୋଇ କେବେହେଁ କୌଣସି କାର୍ଯ୍ୟ କରନ୍ତୁ ନାହିଁ । ଯଦି ଆପଣ ସେପରି ପଦକ୍ଷେପ ନିଅନ୍ତି, ତେବେ ଆପଣଙ୍କ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହେବ, ଯାହାର ସମାଧାନ ପାଇଁ ଆପଣଙ୍କୁ ବର୍ଷାଧିକ ସମୟ ଲାଗିବ । ଈଶ୍ୱରଙ୍କ ସମୟ ପାଇଁ ଅପେକ୍ଷା କରନ୍ତୁ । ସେ ଦୁଃଖିତ ଏବଂ ନିରାଶ ନ କରି ତାହା ସମ୍ପନ୍ନ କରିବେ । ଯେହେତୁ ଏହା ଈଶ୍ୱରଙ୍କ ଇଚ୍ଛା ଉପରେ ନିର୍ଭର କରେ, ସେଥିପାଇଁ ଈଶ୍ୱରଙ୍କ ଗତିଶୀଳ ସମୟ ପାଇଁ ଅପେକ୍ଷା କରନ୍ତୁ ।

ପିତର ଈଶ୍ୱରଙ୍କ ପାଇଁ ଅପେକ୍ଷା କଲେ ନାହିଁ । ସେ ଆପଣା ମନରେ ପରୀକ୍ଷାର ସମୟ ନିରୂପଣ କରି ସାରିଥିଲେ, କିନ୍ତୁ ଅନପେକ୍ଷିତ ଭାବେ ତାଙ୍କ ପାଇଁ ପରୀକ୍ଷା ଆସିଲା । ''ମୁଁ ଆପଣଙ୍କ ନିମନ୍ତେ ନିଜ ପ୍ରାଣ ଦେବି'' । ପିତରଙ୍କ କଥା ସତ ହେଲେ ମଧ୍ୟ ଅଜ୍ଞାନତା ପୂର୍ଣ୍ଣ ଥିଲା । ''ଯୀଶୁ ତାଙ୍କୁ କହିଲେ...କୁକୁଡ଼ା ଡାକିବା ପୂର୍ବରୁ ତୁମେ ମୋତେ ତିନିଥର ଅସ୍ୱୀକାର କରିବ'' (ଯୋହନ ୧୩:୩୮) । ଏହି କଥାରେ ପିତରଙ୍କ ସମ୍ବନ୍ଧରେ ଯୀଶୁଙ୍କର ଯେତେ ଗଭୀର ଜ୍ଞାନ ଥିଲା, ନିଜ ବିଷୟରେ ପିତରଙ୍କ ସେଭଳି ଜ୍ଞାନ ନ ଥିଲା । ସେ ଯୀଶୁଙ୍କ ଅନୁଗମନ କରିପାରିଲେ ନାହିଁ, କାରଣ ନିଜ ସମ୍ପର୍କରେ ଏବଂ ତାଙ୍କର ସାମର୍ଥ୍ୟ ବିଷୟରେ ସେ ଅଜ୍ଞ ଥିଲେ । ସ୍ୱାଭାବିକ ଭକ୍ତି ଆମମାନଙ୍କୁ ଯୀଶୁଙ୍କ ପ୍ରତି ଆକର୍ଷିତ କରିବା ପାଇଁ ଯଥେଷ୍ଟ ହୋଇପାରେ, ତାଙ୍କ ସୌନ୍ଦର୍ଯ୍ୟରେ ଆମେ ବିମୋହିତ ହୋଇପାରୁ, କିନ୍ତୁ ତାହା ଆମକୁ କେବେହେଁ ଶିଷ୍ୟ ପଦବାଚ୍ୟ କରିବ ନାହିଁ, ସ୍ୱାଭାବିକ ଭକ୍ତି ଯେକୌଣସି ସମୟରେ ଯୀଶୁଙ୍କୁ ଅସ୍ୱୀକାର କରିବ ଏବଂ ତାଙ୍କ ଅନୁଗମନ କରିବା ପାଇଁ ଆମେ ଅସମର୍ଥ ହେବା ।

**ଜାନୁୟାରୀ ୫**

# ଶକ୍ତିଯୁକ୍ତ ଆଗାମୀ ଜୀବନ

**ଯୀଶୁ ଉତ୍ତର ଦେଲେ, 'ମୁଁ ଯେଉଁଠାକୁ ଯାଉଛି, ତୁମେ ବର୍ତ୍ତମାନ ସେଠାକୁ ମୋର ଅନୁଗମନ କରି ପାରିବ ନାହିଁ, କିନ୍ତୁ ପରେ କରିବ' ।**
**ଯୋହନ ୧୩:୩୬**

ଏହା କହିବା ପରେ ସେ ତାଙ୍କୁ କହିଲେ, 'ମୋହର ଅନୁଗମନ କର' (ଯୋହନ ୨୧:୧୯) । ତିନିବର୍ଷ ପୂର୍ବରୁ ଯୀଶୁ କହିଥିଲେ, ''ମୋହର ଅନୁଗମନ କର'' (ମାଥିଉ ୪:୧୯) ଏବଂ କୁଣ୍ଠାବୋଧ ନ କରି ପିତର ତାଙ୍କର ଅନୁଗମନ କଲେ । ଯୀଶୁଙ୍କ ଦୁର୍ନିବାର ଆକର୍ଷଣ ଦ୍ୱାରା ସେ ଏପରି ପ୍ରଭାବିତ ହେଲେ ଯେ, ସେ ଏଥିପାଇଁ ପବିତ୍ର ଆତ୍ମାଙ୍କ ସାହାଯ୍ୟ ଆବଶ୍ୟକ ମନେ କଲେ ନାହିଁ । ପରେ ସେ ଏଭଳି ସ୍ଥାନରେ ପହଞ୍ଚିଲେ, ଯେଉଁଠାରେ ସେ ଯୀଶୁଙ୍କୁ ଅସ୍ୱୀକାର କଲେ ଏବଂ ତାଙ୍କ ହୃଦୟ ଦୁଃଖରେ ଭାଙ୍ଗି ପଡ଼ିଲା । ପରେ ସେ ପବିତ୍ର ଆତ୍ମାଙ୍କୁ ଗ୍ରହଣ କଲେ ଏବଂ ପୁନର୍ବାର ଯୀଶୁ ତାଙ୍କୁ କହିଲେ, ''ମୋହର ଅନୁଗମନ କର'' (ଯୋହନ ୨୧:୧୯) । ବର୍ତ୍ତମାନ ପିତରଙ୍କ ସମ୍ମୁଖରେ ଯୀଶୁ ଖ୍ରୀଷ୍ଟଙ୍କ ବ୍ୟତୀତ ଆଉ କେହି ନାହାନ୍ତି । ପ୍ରଥମ ଥର 'ମୋହର ଅନୁଗମନ କର'– ଏହି କଥାରେ କୌଣସି ରହସ୍ୟପୂର୍ଣ୍ଣ ବିଷୟ ନ ଥିଲା, ଏହା ଏକ ବାହ୍ୟିକ ଅନୁଗମନ ଥିଲା । ଯୀଶୁ ବର୍ତ୍ତମାନ ଏକ ଆନ୍ତରିକ ବଳିଦାନ ଏବଂ ସମର୍ପଣ ବିଷୟ ପ୍ରକାଶ କରୁଛନ୍ତି (୨୧:୧୮ ଦେଖନ୍ତୁ) ।

ଏହି ଦୁଇଟି ଘଟଣା ମଧ୍ୟରେ ପିତର ଶପଥ କରି ଏବଂ ବିରକ୍ତ ହୋଇ ଯୀଶୁଙ୍କୁ ଅସ୍ୱୀକାର କଲେ (ମାଥିଉ ୨୬: ୨୯–୭୫ ଦେଖନ୍ତୁ) । କିନ୍ତୁ ତା'ପରେ ସେ ତାଙ୍କ ଆତ୍ମ ନିର୍ଭରଶୀଳତାର ଅନ୍ତିମ ଅବସ୍ଥାରେ ପହଞ୍ଚିଲେ । ସେତେବେଳେ ନିଜ ଉପରେ ଭରସା ରଖିବା ପାଇଁ ତାଙ୍କର ଆଉ କୌଣସି ଅଂଶ ବାକି ନ ଥିଲା । ଏଭଳି ଅସହାୟ ପରିସ୍ଥିତିରେ ପୁନରୁତ୍ଥିତ ଖ୍ରୀଷ୍ଟ ତାଙ୍କ ପାଇଁ ଯାହା ରଖିଥିଲେ, ପରିଶେଷରେ ତାହାକୁ ଗ୍ରହଣ କରିବା ପାଇଁ ସେ ପ୍ରସ୍ତୁତ ଥିଲେ । ''ସେ...ସେମାନଙ୍କ ଉପରେ ପ୍ରଶ୍ୱାସ ଛାଡ଼ି ସେମାନଙ୍କୁ କହିଲେ, ''ପବିତ୍ର ଆତ୍ମାଙ୍କୁ ଗ୍ରହଣ କର'' (ଯୋହନ ୨୦: ୨୨) । ଈଶ୍ୱର ଆପଣଙ୍କ ଜୀବନରେ ଯେଉଁ ପରିବର୍ତ୍ତନ ଆଣିଛନ୍ତି, ତାହା ଉପରେ ଭରସା ରଖନ୍ତୁ ନାହିଁ । କେବଳ ଜଣେ ବ୍ୟକ୍ତି ଅର୍ଥାତ୍ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଏବଂ ତାଙ୍କ ପ୍ରଦତ୍ତ ଆତ୍ମାଙ୍କ ଉପରେ ନିର୍ଭର କରନ୍ତୁ ।

ଆମର ସମସ୍ତ ପ୍ରତିଜ୍ଞା ଏବଂ ସଂକଳ୍ପର ଶେଷ ପରିଣତି ହେଉଛି ଅସ୍ୱୀକାର, କାରଣ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆମର ସାମର୍ଥ୍ୟ ନାହିଁ । ମାନସିକ ସ୍ତରରେ ନୁହେଁ, କିନ୍ତୁ ସଂପୂର୍ଣ୍ଣ ରୂପେ ଆମେ ଯେତେବେଳେ ଆମର ଅନ୍ତିମ ଅବସ୍ଥାରେ ପହଞ୍ଚି ଯାଉ, ଆମେ ''ପବିତ୍ର ଆତ୍ମାଙ୍କୁ ଗ୍ରହଣ କରିବା'' ପାଇଁ ସକ୍ଷମ ହେଉ । ''ପବିତ୍ର ଆତ୍ମାଙ୍କୁ ଗ୍ରହଣ କର''– ଏକ ଅଦମ୍ୟ ଶକ୍ତି ବିଷୟ ପ୍ରକାଶ କରେ । ବର୍ତ୍ତମାନ କେବଳ ଜଣେ ବ୍ୟକ୍ତି ଆପଣଙ୍କ ଜୀବନକୁ ନିୟନ୍ତ୍ରଣ କରନ୍ତି– ସେ ହେଉଛନ୍ତି ପ୍ରଭୁ ଯୀଶୁ ଖ୍ରୀଷ୍ଟ ।

## ଜାନୁୟାରୀ ୬

# ଉପାସନା

**ତା'ପରେ ସେ ସେହି ସ୍ଥାନ ଛାଡ଼ି ବେଥେଲ୍‌ର ପୂର୍ବଦିଗସ୍ଥ ପାର୍ବତ୍ୟ ଅଞ୍ଚଳକୁ ଯାଇ ସେଠାରେ ତମ୍ବୁ ପକାଇଲେ, ଏହି ସ୍ଥାନର ପଶ୍ଚିମ ଦିଗରେ ବେଥେଲ୍ ଏବଂ ପୂର୍ବଦିଗରେ ଅୟ ଅବସ୍ଥିତ ଥିଲା ।**

**ଆଦିପୁସ୍ତକ ୧୨:୮**

ଉପାସନା ଅର୍ଥ, ଈଶ୍ୱରଙ୍କଠାରୁ ପ୍ରାପ୍ତ ଆପଣଙ୍କ ଜୀବନର ଶ୍ରେଷ୍ଠ ଦାନକୁ ତାଙ୍କୁ ଅର୍ପଣ କରିବା । ଆପଣଙ୍କ ଶ୍ରେଷ୍ଠ ବିଷୟ ପ୍ରତି ଆପଣ କ'ଣ କରୁଛନ୍ତି, ସେ ବିଷୟରେ ସାବଧାନ ହୁଅନ୍ତୁ । ଯେତେବେଳେ ଈଶ୍ୱରଙ୍କଠାରୁ ଗୋଟିଏ ଆଶୀର୍ବାଦ ପାଆନ୍ତି, ତାହାକୁ ପ୍ରେମ ଉପହାର ରୂପେ ତାଙ୍କୁ ଫେରାଇ ଦିଅନ୍ତୁ । ଈଶ୍ୱରଙ୍କ ସମ୍ମୁଖରେ ଧ୍ୟାନ ପାଇଁ ସମୟ ଦିଅନ୍ତୁ ଏବଂ ଉପାସନାର ନିର୍ଦ୍ଦିଷ୍ଟ ସେବାକାର୍ଯ୍ୟ ମାଧ୍ୟମରେ ଆଶୀର୍ବାଦ ସବୁକୁ ପୁନର୍ବାର ତାଙ୍କୁ ଫେରାଇ ଦିଅନ୍ତୁ । ଯଦି ଏହାକୁ ଆପଣ ନିଜ ପାଇଁ ଜମା କରି ରଖିବେ, ତେବେ ଆତ୍ମିକ ରୂପେ ଏହା ସଢ଼ିଯିବ ଯେପରି ସଂଚିତ ମାନ୍ନା ସବୁ ସଢ଼ି ଗଲା ଏବଂ ଦୁର୍ଗନ୍ଧ ହେଲା (ଯାତ୍ରାପୁସ୍ତକ ୧୬:୨୦) । ଆତ୍ମିକ ଆଶୀର୍ବାଦକୁ କେବଳ ପୂର୍ଣ୍ଣ ରୂପେ ଆପଣଙ୍କ ନିମନ୍ତେ ରଖିବା ପାଇଁ ଈଶ୍ୱର କୌଣସି ମତେ ଅନୁମତି ଦେବେ ନାହିଁ ।

ଏହା ତାଙ୍କୁ ଫେରାଇ ଦେବା ଅତ୍ୟନ୍ତ ଜରୁରୀ ଯେପରି ସେ ଏହାକୁ ଅନ୍ୟମାନଙ୍କ ପ୍ରତି ଆଶୀର୍ବାଦରେ ପରିଣତ କରିବେ ।

ବେଥେଲ୍ ଈଶ୍ୱରଙ୍କ ସାନ୍ନିଧ୍ୟର ପ୍ରତୀକ, ଅୟ ଜଗତର ପ୍ରତୀକ । ଅବ୍ରାମ ଏ ଦୁଇ ସ୍ଥାନ ମଧ୍ୟରେ ''ତମ୍ବୁ ପକାଇଲେ'' । ଈଶ୍ୱରଙ୍କ ପାଇଁ ଜନହିତକର ସେବାର ସ୍ଥାୟୀ ମୂଲ୍ୟବୋଧ ତାଙ୍କ ସହିତ ଆମର ଘନିଷ୍ଠ ବ୍ୟକ୍ତିଗତ ସାନ୍ନିଧ୍ୟ ଦ୍ୱାରା ନିରୂପିତ ହୁଏ । ତରବରିଆ ଉପାସନା ସର୍ବଦା ଭୁଲ୍ ସାବ୍ୟସ୍ତ ହୁଏ– ଈଶ୍ୱରଙ୍କ ଉପାସନା ପାଇଁ ସର୍ବଦା ଯଥେଷ୍ଟ ସମୟ ମିଳିଥାଏ । ଈଶ୍ୱରଙ୍କ ସହିତ ବ୍ୟକ୍ତିଗତ ଧ୍ୟାନର ସମୟକୁ କମାଇ ଦେଇ ତାଙ୍କର ଧ୍ୟାନ ପାଇଁ ନିର୍ଦ୍ଧାରିତ ଦିନ ନିରୂପଣ କରିବା ଏକ ଫାନ୍ଦ ସ୍ୱରୂପ । ସେଥିପାଇଁ ଜଗତର ସମସ୍ତ କୋଳାହଳ ପୂର୍ଣ୍ଣ ସମୟ ମଧ୍ୟରେ ଆମକୁ ଏପରି ସ୍ଥାନରେ ତମ୍ବୁ ପକାଇବାକୁ ହେବ, ଯେଉଁଠାରେ ଆମେ ସବୁବେଳେ ତାଙ୍କୁ ଧ୍ୟାନ ମାଧ୍ୟମରେ ସାକ୍ଷାତ କରିବା । ଆତ୍ମିକ ଜୀବନର ତିନୋଟି ସ୍ତର ନ ଥାଏ, ଯଥା: ଉପାସନା, ପ୍ରତୀକ୍ଷା ଏବଂ କାର୍ଯ୍ୟ । ତଥାପି ଆମ ମଧ୍ୟରୁ କେତେକ ଲୋକ ଆତ୍ମିକ ବେଙ୍ଗ ଭଳି ଉପାସନାରୁ ପ୍ରତୀକ୍ଷା ଏବଂ ପ୍ରତୀକ୍ଷାରୁ କାର୍ଯ୍ୟ ମଧ୍ୟକୁ ଡେଇଁ ପଡ଼ନ୍ତି । ଈଶ୍ୱରଙ୍କ ଅଭିମତ ଅନୁଯାୟୀ ଏହି ତିନିହେଁ ଏକ ସଂଗରେ ଯାଆନ୍ତି । ସେମାନେ ଆମ ପ୍ରଭୁଙ୍କ ଜୀବନରେ ସମନ୍ୱୟ ରକ୍ଷା କରି ସର୍ବଦା ଏକତ୍ର ରହିଥିଲେ । ଏହା ଏକ ଶୃଙ୍ଖଳା ଏବଂ ଏହାର ବିକାଶ ଏକାନ୍ତ ଆବଶ୍ୟକ, ଏହା ଗୋଟିଏ ରାତିରେ ସମ୍ଭବ ନୁହେଁ ।

**ଜାନୁୟାରୀ ୭**

# ଯୀଶୁଙ୍କ ସହିତ ଘନିଷ୍ଠତା

**ଯୀଶୁ ତାଙ୍କୁ କହିଲେ, ‘‘ଫିଲପ୍ ଏତେକାଳ ମୁଁ ତୁମ୍ଭମାନଙ୍କ ସାଙ୍ଗରେ ଅଛି, ଆଉ ତୁମେ କ'ଣ ମୋତେ ଜାଣିଲ ନାହିଁ ?**

**ଯୋହନ ୧୪:୯**

ଏହି କଥା ଅନୁଯୋଗ ପୂର୍ବକ କିମ୍ବା ବିସ୍ମିତ କରିବା ପାଇଁ କୁହାଯାଇ ନ ଥିଲା । ଯୀଶୁ ଫିଲିପ୍ପଙ୍କୁ ତାଙ୍କର ନିକଟତର କରିବା ପାଇଁ ଉତ୍ସାହିତ କରୁଥିଲେ । ତଥାପି ଯୀଶୁ ହେଉଛନ୍ତି ସେହି ଶେଷ ବ୍ୟକ୍ତି, ଯାହାଙ୍କ ସହିତ ଆମେ ଘନିଷ୍ଠ ହୋଇଥାଉ । ପେଣ୍ଟିକଷ୍ଟ ପୂର୍ବରୁ ଶିଷ୍ୟମାନେ ଯୀଶୁଙ୍କୁ ଏଭଳି ବ୍ୟକ୍ତି ରୂପେ ଜାଣିଥିଲେ ଯିଏ ଭୂତାତ୍ମାମାନଙ୍କ ଉପରେ ଜୟ ଲାଭ କରି ଉଦ୍ଦୀପନା ଆଣିବା ପାଇଁ ସେମାନଙ୍କୁ ଶକ୍ତି ପ୍ରଦାନ କରିଥିଲେ (ଲୂକ ୧୦: ୧୮-୨୦ ଦେଖନ୍ତୁ) । ଏହା ଏକ ଅପୂର୍ବ ଘନିଷ୍ଠତା ଥିଲା, କିନ୍ତୁ ଏହାଠାରୁ ଅଧିକ ଘନିଷ୍ଠତାର ସମୟ ଆସୁଥିଲା, ‘‘...ମୁଁ ତୁମମାନଙ୍କୁ ବନ୍ଧୁ ବୋଲି କହିଛି...’’ (ଯୋହନ ୧୫:୧୫) । ପ୍ରକୃତ ବନ୍ଧୁତା ଜଗତରେ ବିରଳ । ଏହାର ଅର୍ଥ, ଜଣେ ବ୍ୟକ୍ତିଙ୍କ ଚିନ୍ତାଧାରା, ହୃଦୟ ଏବଂ ଆତ୍ମା ସହିତ ଆପଣାକୁ ଜଡ଼ିତ କରିବା । ଜୀବନର ସମସ୍ତ ଅନୁଭୂତି ଏଭଳି ପରିକଳ୍ପିତ ହୋଇଛି ଯଦ୍ଦ୍ୱାରା ଆମେ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବା ପାଇଁ ସମର୍ଥ ହେବା । ଆମେ ତାଙ୍କର ଆଶୀର୍ବାଦ ପାଉ ଏବଂ ତାଙ୍କର ବାକ୍ୟ ଜାଣୁ, କିନ୍ତୁ ଆମେ କ'ଣ ପ୍ରକୃତରେ ତାଙ୍କୁ ଜାଣିଛୁ ?

ଯୀଶୁ କହିଲେ, ‘‘ମୋର ପ୍ରସ୍ଥାନ କରିବାରେ ତୁମମାନଙ୍କର ମଙ୍ଗଳ’’ (ଯୋହନ ୧୬:୭) । ସେମାନଙ୍କୁ ଅଧିକ ନିକଟତର କରିବା ପାଇଁ ସେ ସେହି ସମ୍ପର୍କ ପରିତ୍ୟାଗ କଲେ । ଯେତେବେଳେ ଜଣେ ଶିଷ୍ୟ ଅଧିକ ସମୟ ଦିଅନ୍ତି ଏବଂ ଯୀଶୁଙ୍କ ଘନିଷ୍ଠତର ହୋଇ ଯାତ୍ରା କରନ୍ତି, ତାହା ଯୀଶୁଙ୍କୁ ଅଧିକ ଆନନ୍ଦ ଦେଇଥାଏ । ଧର୍ମଶାସ୍ତ୍ରରେ ଦର୍ଶାଯାଇଛି ଯେ ଫଳପ୍ରଦ ଜୀବନ ହେଉଛି, ଯୀଶୁ ଖ୍ରୀଷ୍ଟଙ୍କ ସହିତ ଘନିଷ୍ଠ ସମ୍ପର୍କର ସୁସ୍ପଷ୍ଟ ପରିଣାମ (ଯୋହନ ୧୫:୧-୪ ଦେଖନ୍ତୁ) ।

ଥରେ ଯୀଶୁଙ୍କ ସହିତ ଘନିଷ୍ଠ ହେଲେ ଆମେ ଆଉ ଏକାକୀ ଅନୁଭବ କରି ନ ନଥାଉ । ଆମ ପାଇଁ ବୁଝାମଣା ବା ସହାନୁଭୂତିର ଆବଶ୍ୟକତା ନ ଥାଏ । ଅନ୍ୟମାନଙ୍କ ଦୃଷ୍ଟିରେ ଭାବପ୍ରବଣ ବା ଦୟାର ପାତ୍ର ବିବେଚିତ ନ ହେଲେ ଆମେ ଅବିରତ ତାଙ୍କ ନିକଟରେ ଆମ ହୃଦୟକୁ ଢ଼ାଳି ଦେଇ ପାରିବା । ଯୀଶୁଙ୍କର ପ୍ରକୃତ ଘନିଷ୍ଠ ବନ୍ଧୁରୂପେ ଜଣେ ଖ୍ରୀଷ୍ଟବିଶ୍ୱାସୀ ନିଜ ପ୍ରତି ଧ୍ୟାନ ଆକର୍ଷଣ ନ କରି ଯୀଶୁଙ୍କ ଦ୍ୱାରା ସଂପୂର୍ଣ୍ଣ ନିୟନ୍ତ୍ରିତ ଜୀବନର ପ୍ରମାଣ ଦିଅନ୍ତି । ଏହା ହେଉଛି, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଯୀଶୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅନୁମତି ଦେବାର ପରିଣାମ । ଭାରସାମ୍ୟ ରକ୍ଷାକାରୀ ଏହି ଜୀବନ ଦୃଢ଼ ଏବଂ ଶାନ୍ତ ହୁଏ । ପ୍ରଭୁ ତାଙ୍କର ଘନିଷ୍ଠ ଲୋକମାନଙ୍କୁ ଏହା ପ୍ରଦାନ କରନ୍ତି ।

# ମୋର ବଳିଦାନ କ'ଣ ଜୀବନ୍ତ ?

**ଅବ୍ରହାମ ସେଠାରେ ଏକ ବେଦି ନିର୍ମାଣ କରି...ଇସ୍‌ହାକଙ୍କୁ ବାନ୍ଧି ବେଦିର କାଠ ଉପରେ ଶୁଆଇଲେ ।**

**ଆଦିପୁସ୍ତକ ୨୨:୯**

ଏହି ଘଟଣା ଆମକୁ ଏକ ଭୁଲ୍ ଚିତ୍ର ପ୍ରଦର୍ଶିତ କରେ, କାରଣ ଆମେ ଭାବୁ ଯେ, ଈଶ୍ୱର ଆମଠାରୁ ଯେଉଁ ଶ୍ରେଷ୍ଠ ବିଷୟ ଅପେକ୍ଷା କରନ୍ତି, ତା' ହେଉଛି, ମୃତ୍ୟୁରୂପକ ବଳିଦାନ । ଯୀଶୁ ଯେପରି ଆପଣା ଜୀବନକୁ ବଳିରୂପେ ଉତ୍ସର୍ଗ କଲେ, ଈଶ୍ୱର ଆମଠାରୁ ମୃତ୍ୟୁ ମାଧ୍ୟମରେ ସେହି ପ୍ରକାର ବଳିଦାନ ଅପେକ୍ଷା କରନ୍ତି । ଏହାର ଅର୍ଥ ନୁହେଁ– ''ପ୍ରଭୁ, ମୁଁ ଆପଣଙ୍କ ସହିତ...ମୃତ୍ୟୁଭୋଗ କରିବାକୁ ପ୍ରସ୍ତୁତ ଅଛି'' (ଲୂକ ୨୨:୩୩) । କିନ୍ତୁ ''ମୁଁ ତୁମ ମୃତ୍ୟୁ ସହିତ ଆପଣାକୁ ଚିହ୍ନିତ କରିବି ଯଦ୍ୱାରା ମୁଁ ମୋର ଜୀବନକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବଳିରୂପେ ଉତ୍ସର୍ଗ କରିବି ।

ଆମର ମନେହୁଏ, ଈଶ୍ୱର ଆମକୁ ସବୁକିଛି ପରିତ୍ୟାଗ କରିବାକୁ କହୁଛନ୍ତି । ଈଶ୍ୱର ଅବ୍ରହାମଙ୍କର ଏହି ଭ୍ରମଧାରଣା ଦୂର କଲେ, ଏବଂ ଆମ ଜୀବନରେ ମଧ୍ୟ ସେହି ପ୍ରକ୍ରିୟା କାର୍ଯ୍ୟକାରୀ ହୁଏ । ଈଶ୍ୱର କେବଳ ତ୍ୟାଗ କରିବା ଅର୍ଥରେ ସବୁକୁ ତ୍ୟାଗ କରିବା ପାଇଁ କେବେହେଁ କହନ୍ତି ନାହିଁ, ସେ କେବଳ ଏକ ଶ୍ରେଷ୍ଠ ବିଷୟ ଅର୍ଥାତ୍ ତାଙ୍କ ସହିତ ସଂପୃକ୍ତ ଜୀବନ ପାଇଁ, ଅନ୍ୟ ସମସ୍ତ ବିଷୟ ତ୍ୟାଗ କରିବାକୁ କହନ୍ତି । ଏହା ଆମ ଜୀବନରେ ବାଧା ସୃଷ୍ଟି କରୁଥିବା ବନ୍ଧନ ସବୁକୁ ଖୋଲିଦିଏ । ଯୀଶୁଙ୍କ ମୃତ୍ୟୁରେ ସାମିଲ୍ ହେବା ଦ୍ୱାରା ଅତିଶୀଘ୍ର ଏ ବନ୍ଧନ ସବୁ ଖୋଲିଯାଏ । ତା'ପରେ ଈଶ୍ୱରଙ୍କ ସହିତ ଆମର ଏଭଳି ସମ୍ପର୍କ ସ୍ଥାପିତ ହୁଏ, ଯଦ୍ୱାରା ଆମେ ଆମ ଜୀବନକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବଳିରୂପେ ଉତ୍ସର୍ଗ କରୁ ।

ମୃତ୍ୟୁ ପାଇଁ ଆପଣଙ୍କ ଜୀବନକୁ ଈଶ୍ୱରଙ୍କୁ ଅର୍ପଣ କରିବା ମୂଲ୍ୟହୀନ । ସେ ଚାହାଁନ୍ତି ଆପଣ ଯେପରି ତାଙ୍କ ପାଇଁ ଏକ ଜୀବନ୍ତ ବଳି ହୋଇ ପାରିବେ ଅର୍ଥାତ୍, ଆପଣଙ୍କ ଶରୀରକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଆପଣ ଜୀବନ୍ତ, ପବିତ୍ର ଓ ଈଶ୍ୱରଙ୍କ ତୁଷ୍ଟିଜନକ ବଳିରୂପେ ଉତ୍ସର୍ଗ କରିବେ (ରୋମୀ ୧୨:୧) ଏହାହିଁ ଈଶ୍ୱରଙ୍କ ଦୃଷ୍ଟିରେ ଗ୍ରହଣଯୋଗ୍ୟ ।

**ଜାନୁୟାରୀ ୯**

# ପ୍ରାର୍ଥନାପୂର୍ଣ୍ଣ ଆତ୍ମ-ଅନୁସନ୍ଧାନ

**ତୁମମାନଙ୍କର ଆତ୍ମା, ମନ ଓ ଶରୀର ଦୋଷଶୂନ୍ୟ ରହୁ ।**
**୧ ଥେସଲନିକୀୟ ୫:୨୩**

''ତୁମର ଆତ୍ମା...'' ପବିତ୍ର ଆତ୍ମାଙ୍କ ରହସ୍ୟପୂର୍ଣ୍ଣ ମହାନ୍ କାର୍ଯ୍ୟ ଆମ ମନର ଏଭଳି ଗଭୀରତମ ସ୍ଥାନରେ କାର୍ଯ୍ୟରତ, ଯେଉଁଠାରେ ଆମେ ପହଞ୍ଚି ପାରିବା ନାହିଁ । ଗୀତସଂହିତା ୧୩୯ ରେ ଗୀତରଚକ କହନ୍ତି- ''ହେ ପ୍ରଭୁ, ତୁମେ ପାହାନ୍ତି ସକାଳର ଈଶ୍ୱର, ବିଳମ୍ବିତ ରାତିର ଈଶ୍ୱର, ପର୍ବତ ଶିଖର ଏବଂ ସୀମାହୀନ ସାଗରର ଈଶ୍ୱର । କିନ୍ତୁ ହେ ଈଶ୍ୱର, ମୋ'ର ଆତ୍ମାର ଦିଗ୍‌ବଳୟ ପାହାନ୍ତି ସକାଳଠାରୁ ଅନେକ ଦୂରରେ, ଏହାର ଅନ୍ଧକାର ଜଗତର ରାତ୍ରି ସମୂହ ଅପେକ୍ଷା ଆହୁରି ଗଭୀର, ଏହାର ଉଚ୍ଚତା ସମସ୍ତ ପର୍ବତ ଶିଖର ଅପେକ୍ଷା ଆହୁରି ଉଚ୍ଚତର, ଏହାର ଗଭୀରତା କୌଣସି ସାଗର ଅପେକ୍ଷା ଆହୁରି ଗଭୀରତର । ତୁମେ ଏ ସମସ୍ତର ସୃଷ୍ଟିକର୍ତ୍ତା, ତୁମେ ମୋର ଈଶ୍ୱର ହୁଅ । ମୁଁ ଏହାର ଗଭୀରତା ଓ ଉଚ୍ଚତା ପର୍ଯ୍ୟନ୍ତ ପହଞ୍ଚି ପାରେ ନାହିଁ, ଅଭିପ୍ରାୟ ସବୁ ମୁଁ ବୁଝିପାରେ ନାହିଁ, ସ୍ୱପ୍ନ ସବୁକୁ ମୁଁ ସାକାର କରିପାରେ ନାହିଁ । ହେ ମୋର ଈଶ୍ୱର, ମୋର ଅନୁସନ୍ଧାନ କର'' ।

ଆମେ କ'ଣ ବିଶ୍ୱାସ କରୁ ଯେ, ଈଶ୍ୱର ଆମର ସାମର୍ଥ୍ୟ ବହିର୍ଭୂତ ଆମର ଚିନ୍ତାଧାରାକୁ ସୁଦୃଢ଼ ଏବଂ ସୁରକ୍ଷିତ କରିବେ ? *'ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଆମମାନଙ୍କୁ ସମସ୍ତ ପାପରୁ ପରିଷ୍କାର କରେ'* (୧ ଯୋହନ ୧:୭) । ଏହି ପଦର 'ପରିଷ୍କାର' ଶବ୍ଦଟି କେବଳ ଯଦି ଆମର ସଚେତନ ସ୍ତରକୁ ସ୍ପର୍ଶ କରେ, ତେବେ ଈଶ୍ୱର କେବଳ ଆମକୁ ସାହାଯ୍ୟ କରିବେ । ପାପ ଯାହାର ଅସ୍ଥିମଜ୍ଜା ଗତ, ସେ କେବେହେଁ ପାପ ବିଷୟରେ ସଚେତନ ହୋଇପାରେ ନାହିଁ । କିନ୍ତୁ ସେ ଯେପରି ଆଲୋକ ନିବାସୀ, ଆମେ ଯଦି ସେହିଭଳି ଆଲୋକରେ ଜୀବନଯାପନ କରୁ (୧ ଯୋହନ ୧:୭), ତେବେ ପାପରୁ ପରିଷ୍କୃତ ହୋଇ ଆମେ ଆତ୍ମିକ ଅନୁଭୂତିର ଉଚ୍ଚତା ଏବଂ ଗଭୀରତାକୁ ସ୍ପର୍ଶ କରି ପାରିବା । ଯେଉଁ ଆତ୍ମା ଯୀଶୁଙ୍କୁ ଆତ୍ମିକ ଖାଦ୍ୟରେ ପରିପୁଷ୍ଟ କରିଥିଲେ, ସେ ଆମକୁ ମଧ୍ୟ ଆତ୍ମିକ ଖାଦ୍ୟରେ ପରିପୁଷ୍ଟ କରିବେ । ଯେତେବେଳେ ଆମେ ପବିତ୍ର ଆତ୍ମାଙ୍କ ଆଶ୍ଚର୍ଯ୍ୟଜନକ ପବିତ୍ରତାରେ ଈଶ୍ୱରଙ୍କ ଦ୍ୱାରା ସୁରକ୍ଷିତ ହେଉ, ଆମର ଆତ୍ମା, ମନ ଏବଂ ଶରୀର ପବିତ୍ରତା ଏବଂ ସତ୍ୟତାରେ ଯୀଶୁଙ୍କ ଆଗମନ ପର୍ଯ୍ୟନ୍ତ ସଂରକ୍ଷିତ ହୁଏ-ଆମେ ଈଶ୍ୱରଙ୍କ ଦୃଷ୍ଟିରେ ଆଉ ଦୋଷୀ ବିବେଚିତ ହୋଇ ନ ଥାଉ ।

ଆହୁରି ଅଧିକ ଭାବେ ଆମେ ଈଶ୍ୱରଙ୍କ ଏହି ମହାନ୍ ଏବଂ ନିରାଟ ସତ୍ୟ ସମ୍ବନ୍ଧରେ ମନରେ ଧ୍ୟାନ କରିବା ଆବଶ୍ୟକ ।

# ଉନ୍ମୁକ୍ତ ଦୃଷ୍ଟିଶକ୍ତି

**ସେମାନଙ୍କ ଚକ୍ଷୁ ଉନ୍ମୋଚନ କରିବା ପାଇଁ ମୁଁ ତୁମମାନଙ୍କୁ ପଠାଉଛି... ଯଦ୍ଦ୍ୱାରା ସେମାନେ ପାପକ୍ଷମା ପାଇବେ ।**

**ପ୍ରେରିତ ୨୬:୧୭, ୧୮**

ଏହି ପଦଟି ସମୁଦାୟ ନୂତନ ନିୟମରେ ଯୀଶୁଖ୍ରୀଷ୍ଟଙ୍କ ଜଣେ ଶିଷ୍ୟଙ୍କ ପ୍ରଚାରର ଏକ ଶ୍ରେଷ୍ଠ ଉଦାହରଣ ।

ଈଶ୍ୱରଙ୍କ ସାର୍ବଭୌମ୍ୟ ଅନୁଗ୍ରହର ପ୍ରଥମ କାର୍ଯ୍ୟ ସଂକ୍ଷିପ୍ତରୂପେ ଏହି ପଦରେ ନିହିତ– ‘‘...ଯଦ୍ଦ୍ୱାରା ସେମାନେ ପାପକ୍ଷମା ପାଇବେ’’ । ଯେତେବେଳେ ଜଣେ ବ୍ୟକ୍ତି ତାଙ୍କ ବ୍ୟକ୍ତିଗତ ଖ୍ରୀଷ୍ଟୀୟ ଜୀବନରେ ବିଫଳ ହୁଅନ୍ତି, ତାହାର କାରଣ ହେଉଛି, ସେ କିଛି ପାଇ ନାହାନ୍ତି । ଜଣେ ଉଦ୍ଧାରପ୍ରାପ୍ତ ବ୍ୟକ୍ତିଙ୍କର ଚିହ୍ନ ହେଉଛି, ସେ ଯୀଶୁ ଖ୍ରୀଷ୍ଟଙ୍କଠାରୁ କିଛି ପାଇଛନ୍ତି । ଈଶ୍ୱରଙ୍କ ସେବକ ରୂପେ ଆମର କାର୍ଯ୍ୟ ହେଉଛି, ଲୋକମାନଙ୍କ ଆଖି ଖୋଲିଦେବା ଯେପରି ସେମାନେ ଅନ୍ଧକାରରୁ ଆଲୋକ ମଧ୍ୟକୁ ଆସିବେ । କିନ୍ତୁ ତାହା ପରିତ୍ରାଣ ନୁହେଁ, ଏହା ମନ ପରିବର୍ତ୍ତନ– କେବଳ ଜଣେ ସଚେତନ ମନୁଷ୍ୟର ପ୍ରଚେଷ୍ଟା । ମୋର ମନେହୁଏ, ଅନେକ ନାମଧାରୀ ଖ୍ରୀଷ୍ଟିୟାନ ଏହି ଶ୍ରେଣୀଭୁକ୍ତ । ସେମାନଙ୍କ ଚକ୍ଷୁ ଉନ୍ମୁକ୍ତ, କିନ୍ତୁ ସେମାନେ କିଛି ପାଇ ନାହାନ୍ତି ।

ମନପରିବର୍ତ୍ତନ ନୂତନ ଜନ୍ମକୁ ବୁଝାଏ ନାହିଁ । ଏହା ଆଜି ଆମ ପ୍ରଚାରର ଏକ ଅବହେଳିତ ବିଷୟ । ନୂତନ ଜନ୍ମ ଅନୁଭୂତି ପ୍ରାପ୍ତ ଜଣେ ବ୍ୟକ୍ତି, ଅନୁଭବ କରନ୍ତି ଯେ, ସେ ସର୍ବଶକ୍ତିମାନ ଈଶ୍ୱରଙ୍କଠାରୁ ଦାନସ୍ୱରୂପେ କିଛି ପାଇଛନ୍ତି ଏବଂ ସେ ଏହାକୁ କାର୍ଯ୍ୟକାରୀ କରିବାର ଦୃଢ଼ ସଙ୍କଳ୍ପ ନେଇପାରନ୍ତି, କିନ୍ତୁ ଏ କୌଣସି ବିଷୟ ପରିତ୍ରାଣ ନୁହେଁ । ପରିତ୍ରାଣ ଅର୍ଥ, ଏହି ଶକ୍ତି ଆମକୁ ଏପରି ସ୍ଥାନକୁ ନେଇଯାଏ, ଯେଉଁଠାରେ ଆମେ ଯୀଶୁ ଖ୍ରୀଷ୍ଟଙ୍କ ଅଧିକାର ବଳରେ ଈଶ୍ୱରଙ୍କଠାରୁ କିଛି ପାଇଥାଉ– ତା’ ହେଉଛି, ପାପକ୍ଷମା ।

ଏହାପରେ ଈଶ୍ୱରଙ୍କ ଅନୁଗ୍ରହର ଦ୍ୱିତୀୟ ମହତ୍ କାର୍ଯ୍ୟ ସଂପାଦିତ ହୁଏ, ‘‘...ପବିତ୍ରୀକୃତ ଲୋକଙ୍କ ଉତ୍ତରାଧିକାର’’ । ପବିତ୍ରୀକରଣ ପ୍ରକ୍ରିୟାରେ ନୂତନ ଜନ୍ମ ଅନୁଭୂତି ପ୍ରାପ୍ତ ବ୍ୟକ୍ତି ଜଣକ ସ୍ୱଇଚ୍ଛାରେ ଯୀଶୁ ଖ୍ରୀଷ୍ଟଙ୍କୁ ଆପଣା ଅଧିକାର ସମର୍ପଣ କରେ ଏବଂ ଈଶ୍ୱରଙ୍କ ସେବାକାର୍ଯ୍ୟରେ ଅନ୍ୟମାନଙ୍କ ସହିତ ଆପଣାକୁ ସଂପୂର୍ଣ୍ଣ ଜଡ଼ିତ କରେ ।

# ଈଶ୍ୱରଙ୍କ ପ୍ରତି ମୋର ବାଧ୍ୟତା ପାଇଁ ଅନ୍ୟମାନଙ୍କୁ କେଉଁ ମୂଲ୍ୟ ଦେବାକୁ ପଡ଼େ

**ସେମାନେ ତାହାଙ୍କୁ ଘେନିଯିବା ସମୟରେ...ଶିମୋନ ନାମକ ଜଣେ କୁରୀଣୀୟ ଲୋକକୁ ଧରି ଯୀଶୁଙ୍କ ପଛେ ପଛେ କ୍ରୁଶ ବହିବା ନିମନ୍ତେ ତାଙ୍କ କାନ୍ଧରେ ତାହା ଥୋଇଲେ ।**

**ଲୂକ ୨୩:୨୬**

ଆମେ ଈଶ୍ୱରଙ୍କ ବାଧ୍ୟ ହେଲେ ଆମ ଅପେକ୍ଷା ଅନ୍ୟମାନଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡ଼େ, ଏବଂ ସେହିଠାରୁ ହିଁ କଷ୍ଟ ଆରମ୍ଭ ହୁଏ । ଆମେ ଯଦି ପ୍ରଭୁଙ୍କୁ ପ୍ରେମ କରୁ, ତେବେ ବାଧ୍ୟତା ପାଇଁ ଆମକୁ କୌଣସି ମୂଲ୍ୟ ଦେବାକୁ ପଡ଼େ ନାହିଁ ବରଂ ଏହା ଆନନ୍ଦଦାୟକ । କିନ୍ତୁ ଯେଉଁମାନେ ତାଙ୍କୁ ପ୍ରେମ କରନ୍ତି ନାହିଁ, ସେମାନଙ୍କ ପାଇଁ ଆମର ବାଧ୍ୟତା ବ୍ୟୟ ସାପେକ୍ଷ । ଆମେ ଯଦି ଈଶ୍ୱରଙ୍କ ବାଧ୍ୟ ହେଉ, ତେବେ ଅନ୍ୟମାନଙ୍କ ଯୋଜନା ବିଗିଡ଼ିଯାଏ । ସେମାନେ ହୁଏତ ଆମକୁ ପରିହାସ କରି କହିବେ, ‘‘ଏହାକୁ ତୁମେ ଖ୍ରୀଷ୍ଟଧର୍ମ ବୋଲି କହୁଛ ?’’ ଆମେ ଲୋକମାନଙ୍କ କଷ୍ଟ ଲାଘବ କରିପାରିବା, କିନ୍ତୁ ଆମକୁ ଯଦି ଈଶ୍ୱରଙ୍କ ଆଜ୍ଞା ପାଳନ କରିବାକୁ ହେବ, ତେବେ ସେପରି କରିବା ଉଚିତ୍ ନୁହେଁ, କାରଣ ସେମାନଙ୍କୁ ତାହାର ମୂଲ୍ୟ ଦେବାକୁ ପଡ଼ିବ ।

ଯେତେବେଳେ ଆମର ବାଧ୍ୟତା ଅନ୍ୟମାନଙ୍କ ପାଇଁ ବ୍ୟୟ ସାପେକ୍ଷ ହୁଏ, ମଣିଷ ହିସାବରେ ଅହଙ୍କାରୀ ହୋଇ ଆମେ କହୁ ‘‘ମୁଁ କାହାଠାରୁ କୌଣସି ବିଷୟ ଗ୍ରହଣ କରିବି ନାହିଁ ।’’ କିନ୍ତୁ ଆମକୁ ଗ୍ରହଣ କରିବାକୁ ହେବ, ନଚେତ୍ ଆମକୁ ଈଶ୍ୱରଙ୍କ ଅବାଧ୍ୟ ହେବାକୁ ପଡ଼ିବ । ସ୍ୱୟଂ ପ୍ରଭୁ ଯେଉଁ ସମ୍ପର୍କ ସ୍ଥାପନ କରିଥିଲେ (ଲୂକ ୮: ୧–୩ ଦେଖନ୍ତୁ) ଅନ୍ୟମାନଙ୍କ ପ୍ରତି ଆମର ସମ୍ପର୍କ ତାହାଠାରୁ ଭିନ୍ନ ହେବା ଉଚିତ୍, ଆମର ଏ ଭଳି ଚିନ୍ତା କରିବାର କୌଣସି ଅଧିକାର ନାହିଁ ।

ଯେତେବେଳେ ଆମେ ନିଜେ ସମସ୍ତ ମୂଲ୍ୟ ଦେବା ପାଇଁ ଚେଷ୍ଟା କରୁ, ସେତେବେଳେ ଆତ୍ମିକ ବିକାଶ ବାଧାପ୍ରାପ୍ତ ହୁଏ । ପ୍ରକୃତରେ ଆମ ପକ୍ଷେ ତାହା ସମ୍ଭବ ନୁହେଁ । ଆମେ ଈଶ୍ୱରଙ୍କ ବିଶ୍ୱବ୍ୟାପୀ ଯୋଜନାରେ ଏତେ ଦୂର ଜଡ଼ିତ ଯେ, ତାଙ୍କ ପ୍ରତି ଆମର ବାଧ୍ୟତା ଫଳରେ ଅନ୍ୟମାନେ ଅତି ଶୀଘ୍ର ପ୍ରଭାବିତ ହୁଅନ୍ତି । ଆମେ କ'ଣ ଈଶ୍ୱରଙ୍କ ଆଜ୍ଞାପାଳନ ପ୍ରତି ବିଶ୍ୱସ୍ତ ରହିବା ଏବଂ ସ୍ୱାଧୀନତାକୁ ଅସ୍ୱୀକାର କରି ଏହାର ଅପମାନ ସହିବା ପାଇଁ ପ୍ରସ୍ତୁତ ରହିବା ଅବା ଏହାର ବିପରୀତ ଆଚରଣ କରି ଆମେ କହିବା, ‘‘ମୁଁ ଅନ୍ୟ ଲୋକମାନଙ୍କର ଦୁଃଖଦୁର୍ଦ୍ଦଶାର କାରଣ ହେବି ନାହିଁ ?’’ ଈଶ୍ୱରଙ୍କ ଅବାଧ୍ୟ ହୋଇ ଆମେ ହୁଏତ ଏଭଳି ମନୋନୟନ କରିପାରିବା ଏବଂ ପରିସ୍ଥିତି ସୁଧୁରି ଯିବ, କିନ୍ତୁ ଏହା ଆମ ପ୍ରଭୁଙ୍କୁ ବ୍ୟଥିତ କରିବ । ଅପର ପକ୍ଷରେ ଆମେ ଯଦି ଈଶ୍ୱରଙ୍କ ବାଧ୍ୟ ହେଉ, ତେବେ ଆମର ବାଧ୍ୟତା ଫଳରେ ଯେଉଁମାନେ ଦୁଃଖଭୋଗ କରିଛନ୍ତି, ଈଶ୍ୱର ସେମାନଙ୍କର ଯତ୍ନ ନେବେ । କେବଳ ବାଧ୍ୟ ହୋଇ ସମସ୍ତ ଫଳାଫଳ ତାଙ୍କ ଉପରେ ଛାଡ଼ି ଦେବା ଉଚିତ୍ । ଈଶ୍ୱରଙ୍କ ପ୍ରତି ଆପଣଙ୍କ ବାଧ୍ୟତାର ଫଳାଫଳ ସମ୍ପକରେ ସର୍ତ୍ତ ରଖି ଈଶ୍ୱରଙ୍କୁ ଆଦେଶ ଦେବାର ପ୍ରବୃତ୍ତି ପ୍ରତି ସତର୍କ ରୁହନ୍ତୁ ।

**ଜାନୁୟାରୀ ୧୨**

# ଆପଣ କ'ଣ ଈଶ୍ୱରଙ୍କ ସହିତ କେବେ ଏକାକୀ ରହିଛନ୍ତି ?

### ସେ ଶିଷ୍ୟମାନଙ୍କ ସହିତ ନିଭୃତରେ ଥିଲାବେଳେ ସେମାନଙ୍କୁ ତା'ର ଅର୍ଥ ବୁଝାଇ ଦେଇଥିଲେ ।
### ମାର୍କ ୪:୩୪

**ତାଙ୍କ ସହିତ ଆମର ନିଃସଙ୍ଗତା ।** ଯୀଶୁ ସବୁ ସମୟରେ ଆମକୁ ଅଲଗା ଡାକି ନେଇ କୌଣସି ବିଷୟର ଅର୍ଥ ବୁଝାନ୍ତି ନାହିଁ, ଆମେ ବୁଝିବା ପାଇଁ ସକ୍ଷମ ହେଲେ, ସେ ଆମକୁ ବୁଝାଇ ଦିଅନ୍ତି । ଅନ୍ୟମାନଙ୍କ ଜୀବନ ଆମ ପାଇଁ ଉଦାହରଣ ସ୍ୱରୂପ ହୋଇପାରେ, କିନ୍ତୁ ଈଶ୍ୱର ଆମର ହୃଦୟ ପରୀକ୍ଷା କରିବାକୁ ଚାହାଁନ୍ତି । ଏହି କାର୍ଯ୍ୟ ଧୀରେ ଧୀରେ ହୁଏ– ଏତେ ଧୀର ଗତିରେ ହୁଏ ଯେ, ଜଣେ ପୁରୁଷ ବା ସ୍ତ୍ରୀଙ୍କୁ ଆପଣା ଉଦ୍ଦେଶ୍ୟ ଅନୁସାରେ ଗଢ଼ିବା ପାଇଁ ଈଶ୍ୱରଙ୍କୁ ଚିରକାଳ ପର୍ଯ୍ୟନ୍ତ ସମୟ ଦେବାକୁ ପଡ଼େ । ସେ ସମସ୍ତ ସମୟ ଏପରିକି ଅନନ୍ତ ସମୟ ବ୍ୟୟ କରନ୍ତି । ଆମେ ଯେତେବେଳେ ଈଶ୍ୱରଙ୍କୁ ଆମ ସ୍ୱଭାବର ଗଭୀର ଲୁକ୍କାୟିତ ଅଂଶକୁ ଦେଖିବା ପାଇଁ ଅନୁମତି ଦେଉ, ସେତେବେଳେ ଆମେ ଈଶ୍ୱରଙ୍କ ବ୍ୟବହାର ଯୋଗ୍ୟ ହେଉ । ଏହା ଅତି ଆଶ୍ଚର୍ଯ୍ୟଜନକ ବିଷୟ ଯେ, ଆମେ ନିଜ ବିଷୟରେ କେତେ ଅଜ୍ଞ !

ଆମେ ନିଜ ଅନ୍ତରର ଈର୍ଷାଭାବ, ଆଳସ୍ୟ ଏବଂ ଅହଙ୍କାରକୁ ଦେଖିଲେ ସୁଦ୍ଧା ତାହାକୁ ଚିହ୍ନି ନ ଥାଉ । କିନ୍ତୁ ଯୀଶୁଙ୍କ ଅନୁଗ୍ରହର କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଆମ ଶରୀରର ଲୁକ୍କାୟିତ ଏ ସମସ୍ତ ବିଷୟ ସେ ପ୍ରକାଶ କରିବେ । ଆମ ମଧ୍ୟରୁ କେତେ ଜଣ ସାହସର ସହିତ ଆମ ଅନ୍ତରକୁ ନିରୀକ୍ଷଣ କରିଛୁ ?

ଆମେ ଯେ ନିଜକୁ ବୁଝିପାରିଛୁ, ଏହି ଧାରଣା ଦୂର କରିବା ଆବଶ୍ୟକ । ଶେଷ ଅହଂକାର ରୂପେ ଏହାକୁ ପରିତ୍ୟାଗ କରିବା ଉଚିତ୍ । ଆମକୁ ବୁଝିବା ଭଳି ଏକମାତ୍ର ବ୍ୟକ୍ତି ହେଉଛନ୍ତି ଈଶ୍ୱର । ଆମ ଆତ୍ମିକ ଜୀବନର ସବୁଠାରୁ ବଡ଼ ଅଭିଶାପ ହେଉଛି, ଗର୍ବ । ଈଶ୍ୱରଙ୍କ ଦୃଷ୍ଟିରେ ଆମେ ଯଦି ଆମର ପ୍ରକୃତ ଅବସ୍ଥା ପ୍ରତି ଦୃଷ୍ଟିପାତ କରିଛୁ, ତେବେ ଆମେ କହିବା ନାହିଁ, 'ହାୟ, ମୁଁ କେଡ଼େ ଅଯୋଗ୍ୟ' । ଆମେ ବୁଝିବା ଉଚିତ୍ ଯେ, ଏହା କହିବା ଅନାବଶ୍ୟକ । କିନ୍ତୁ ଯେପର୍ଯ୍ୟନ୍ତ ଆମର ଅଯୋଗ୍ୟତା ସମ୍ବନ୍ଧରେ ଆମେ ବୁଝି ନ ଥାଉ, ଈଶ୍ୱର ଏକାନ୍ତରେ ଆମକୁ ନ ପାଇବା ପର୍ଯ୍ୟନ୍ତ କେବେହେଲେ ଆମକୁ ଛାଡ଼ନ୍ତି ନାହିଁ । ଯଦି ତିଳେମାତ୍ର ଅହଂକାର ବା ଛଳନା ଥାଏ, ଯୀଶୁ ଆମକୁ କୌଣସି ବିଷୟ ଶିଖାଇ ପାରିବେ ନାହିଁ । ବୌଦ୍ଧିକ ସ୍ତରରେ ଆମର ଅହଂକାରକୁ କ୍ଷୁର୍ଣ୍ଣ କରି ସେ ଆମକୁ ହୃଦୟର ନୈରାଶ୍ୟପୂର୍ଣ୍ଣ ଅବସ୍ଥାକୁ ନେଇଯା'ନ୍ତି । ଆମର ଅଶୁଦ୍ଧ ସ୍ନେହକୁ ପ୍ରକଟ କରନ୍ତି, ଏପରି ଅନେକ ବିଷୟ ସେ ଜଣାନ୍ତି ଯାହା ସେ ଆମକୁ ଏକାକୀ ଜଣାଇବେ ବୋଲି ଆମେ ଆଶା କରି ନ ଥିଲୁ । ଆମେ ଅନେକ ବିଷୟ ଦେଖୁ, କିନ୍ତୁ ତାହା ସ୍ୱଷ୍ଟ ହୁଏ ନାହିଁ । କିନ୍ତୁ ଯେତେବେଳେ ଈଶ୍ୱର ଏକାକୀ ସେ ସବୁ ପ୍ରକାଶ କରିବେ, ସେ ସବୁ ସୁସ୍ୱଷ୍ଟ ହେବ ।

## ଜାନୁୟାରୀ ୧୩

# ଆପଣ କ'ଣ ଈଶ୍ୱରଙ୍କ ସହିତ କେବେ ଏକାକୀ ରହିଛନ୍ତି ?

**ପରେ ଯୀଶୁ ଏକାକୀ ଥିବା ସମୟରେ ଦ୍ୱାଦଶ ଶିଷ୍ୟ... ଏହି ଦୃଷ୍ଟାନ୍ତ ବିଷୟରେ ପଚାରିଥିଲେ ।**
**ମାର୍କ ୪:୧୦**

**ଆମ ସହିତ ତାଙ୍କର ନିଃସଙ୍ଗତା–** ଈଶ୍ୱର ଯେତେବେଳେ ହୃଦୟର ଦୁଃଖ, ବ୍ୟଥା, ପ୍ରଲୋଭନ, ନିରାଶା, ରୋଗ, ବିଫଳ ଆଶା, ଭଗ୍ନ ବନ୍ଧୁ ସଂପର୍କ ଅବା ନୂତନ ବନ୍ଧୁତା ମଧ୍ୟରେ ଆମକୁ ଏକାକୀ ସାକ୍ଷାତ କରନ୍ତି ଏବଂ ଆମେ ତାଙ୍କୁ କୌଣସି ପ୍ରଶ୍ନ ନ କରି ସଂପୂର୍ଣ୍ଣ ଅବାକ୍ ହୋଇଯାଉ, ସେତିକିବେଳେ ସେ ଆମକୁ ଶିଖାଇବା ଆରମ୍ଭ କରନ୍ତି । ବାର ଶିଷ୍ୟଙ୍କୁ ଯୀଶୁଙ୍କ ପ୍ରଶିକ୍ଷଣ ବିଷୟ ଲକ୍ଷ୍ୟ କରନ୍ତୁ । ଯେଉଁମାନେ ସନ୍ଦେହରେ ପଡ଼ିଥିଲେ, ସେମାନେ ବାହାର ଜନତା ନ ଥିଲେ, ମାତ୍ର ସେମାନେ ଯୀଶୁଙ୍କ ଶିଷ୍ୟ ଥିଲେ । ସେମାନେ ଅବିରତ ଯୀଶୁଙ୍କୁ ପ୍ରଶ୍ନ କରୁଥିଲେ ଏବଂ ସେ ସେମାନଙ୍କୁ ବୁଝାଇ ଚାଲିଥିଲେ, କିନ୍ତୁ ସେମାନେ ବୁଝିପାରିଲେ ନାହିଁ । ପବିତ୍ର ଆତ୍ମାଙ୍କୁ ଗ୍ରହଣ କରିବା ପରେ ହିଁ ତାହା ସମ୍ଭବ ହେଲା (ଯୋହନ ୧୪:୨୬ ଦେଖନ୍ତୁ) । ଈଶ୍ୱରଙ୍କ ସହିତ ଯାତ୍ରା କରିବା ସମୟରେ ଈଶ୍ୱର ଆପଣଙ୍କୁ ସ୍ୱଷ୍ଟରୂପେ ଆତ୍ମିକ ସଂପର୍କ ବିଷୟରେ ସୂଚନା ଦିଅନ୍ତି । ଅନ୍ୟମାନଙ୍କ ଜୀବନର ଦୁଃଖକଷ୍ଟ ଏବଂ ସମସ୍ୟା ଆପଣଙ୍କୁ ସଂପୂର୍ଣ୍ଣ ବିଭ୍ରାନ୍ତ  କରିବ ।

ଆମର ଧାରଣା ହୁଏ ଯେ, ଆମେ ଅନ୍ୟମାନଙ୍କ ଦୁଃଖ ଅନୁଭବ କରି ପାରିବା ଯେତେବେଳେ ଈଶ୍ୱର ଆମକୁ ସେମାନଙ୍କ ଦୁଃଖ ସହିତ ପରିଚିତ କରାଇବେ । ଆମ ପ୍ରତ୍ୟେକଙ୍କ ଜୀବନରେ ମାତ୍ରାଧିକ ଔଦ୍ଧତ୍ୟ ଏବଂ ଅଜ୍ଞତା ରହିଛି, ଯାହା ପବିତ୍ର ଆତ୍ମା ପ୍ରକାଶ କରିବାକୁ ଚାହାନ୍ତି, କିନ୍ତୁ ଯୀଶୁଙ୍କ ସହିତ ଏକାକୀ ରହିବା ଦ୍ୱାରା ତାହା ସମ୍ଭବ ହେବ । ବର୍ତ୍ତମାନ ଆମେ ତାଙ୍କ ସହିତ ଏକାକୀ ସମୟ କ୍ଷେପଣ କରୁଛୁ କି ? ଅବା ଆମେ ନିଜର ବିଚାର ଧାରା, ବନ୍ଧୁତା ଏବଂ ଶାରୀରିକ ଯତ୍ନ ସମ୍ବନ୍ଧରେ ଅଧିକ ଚିନ୍ତିତ ? ଆମର ଜ୍ଞାନବୁଦ୍ଧି ସଂପନ୍ନ ସମସ୍ତ ପ୍ରଶ୍ନକୁ ଛାଡ଼ି ଯୀଶୁଙ୍କ ସହିତ ଏକାନ୍ତ ସାନ୍ନିଧ୍ୟରେ ନ ଆସିବା ପର୍ଯ୍ୟନ୍ତ ସେ ଆମକୁ ଶିଖାଇ ପାରିବେ ନାହିଁ ।

**ଜାନୁୟାରୀ ୧୪**

# ଈଶ୍ୱରଙ୍କ ଦ୍ୱାରା ଆହୂତ

**ମୁଁ ପ୍ରଭୁଙ୍କ ସ୍ୱର ଶୁଣିଲି, ''କାହାକୁ ମୁଁ ପଠାଇବି ? କିଏ ଆମମାନଙ୍କ ପାଇଁ ଯିବ ?''**
**ମୁଁ କହିଲି ''ମୁଁ ଅଛି ମୋତେ ପଠାଅ ।''**
**ଯିଶାଇୟ ୬:୮**

ଈଶ୍ୱର ଯିଶାଇୟଙ୍କୁ ସମ୍ବୋଧନ କରି ଏହା କହି ନ ଥିଲେ । ଯିଶାଇୟ ଈଶ୍ୱରଙ୍କ ଏହି କଥା ଶୁଣିଲେ ''...କିଏ ଆମମାନଙ୍କ ପାଇଁ ଯିବ ?'' ଈଶ୍ୱରଙ୍କ ଆହ୍ୱାନ କେବଳ ମନୋନୀତ ଅଳ୍ପ କେତେକଙ୍କ ପାଇଁ ନୁହେଁ– ଏହା ପ୍ରତ୍ୟେକଙ୍କ ପାଇଁ ଉଦ୍ଦିଷ୍ଟ, ଈଶ୍ୱରଙ୍କ ଡାକ ଶୁଣିବା ବା ନ ଶୁଣିବା ମୋର ଶ୍ରବଣ ଶକ୍ତି ଉପରେ ନିର୍ଭର କରେ ଏବଂ ପ୍ରକୃତରେ ଯାହା ମୁଁ ଶୁଣେ, ତାହା ମୋର ଆତ୍ମିକ ମନୋଭାବ ଉପରେ ନିର୍ଭର କରେ । 'ଅନେକେ ଆହୂତ କିନ୍ତୁ ଅଳ୍ପ ମନୋନୀତ' (ମାଥିଉ ୨୨:୧୪) । କେବଳ ଅଳ୍ପ ସଂଖ୍ୟକ ଆପଣାକୁ ମନୋନୀତ ବୋଲି ପ୍ରମାଣିତ କରନ୍ତି । ସେମାନେ କେବଳ ମନୋନୀତ, ଯେଉଁମାନେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ସଂସ୍ପର୍ଶରେ ଆସିଛନ୍ତି, ଯେଉଁମାନଙ୍କ ଆତ୍ମିକ ଅବସ୍ଥା ପରିବର୍ତ୍ତିତ ହୋଇଛି ଏବଂ କର୍ଣ୍ଣ ଉନ୍ମୁକ୍ତ ରହିଛି, ସେମାନେ ବାରମ୍ବାର ପ୍ରଭୁଙ୍କର ଏହି ଆହ୍ୱାନ ଶୁଣିବେ ''କିଏ ଆମମାନଙ୍କ ପାଇଁ ଯିବ ?'' ଈଶ୍ୱର କେବେହେଁ ଜଣକୁ ଡାକି ନେଇ କହନ୍ତି ନାହିଁ ''ବର୍ତ୍ତମାନ ତୁମେ ଯାଅ'' । ସେ ଯିଶାଇୟଙ୍କ ଉପରେ ଆପଣା ଇଚ୍ଛା ଲଦି ଦେଇ ତାଙ୍କୁ ବାଧ୍ୟ କଲେ ନାହିଁ । ଯିଶାଇୟ ଈଶ୍ୱରଙ୍କ ଉପସ୍ଥିତି ମଧ୍ୟରେ ଥାଇ ତାଙ୍କର ଆହ୍ୱାନ ଶୁଣିଲେ । ତାଙ୍କର ପ୍ରତ୍ୟୁତ୍ତର ତାଙ୍କର ପୂର୍ଣ୍ଣ ସ୍ୱାଧୀନ ଇଚ୍ଛା ଉପରେ ଆଧାରିତ ଥିଲା, ସେଥିପାଇଁ ସେ କହିଲେ ''ମୁଁ ଅଛି, ମୋତେ ପଠାଅ'' ।

ଈଶ୍ୱର ଯେ ଆପଣଙ୍କ ପାଖକୁ ଆସି ଆପଣକୁ କହିବେ ବା ଅନୁରୋଧ କରିବେ, ମନରୁ ଏହି ଚିନ୍ତା ଦୂର କରିଦିଅନ୍ତୁ । ଯେତେବେଳେ ଆମର ପ୍ରଭୁ ତାଙ୍କର ଶିଷ୍ୟମାନଙ୍କୁ ଆହ୍ୱାନ କଲେ, କୌଣସି ବାହ୍ୟ ଚାପରେ ପ୍ରଭାବିତ ହୋଇ ସେ ଏହା କରି ନ ଥିଲେ । ତାଙ୍କର ଶାନ୍ତ, ମଧୁର, ଆବେଗ ଭରା ଆହ୍ୱାନ ''ମୋର ଅନୁଗମନ କର'', ସେମାନଙ୍କ ପାଇଁ ପ୍ରଯୁଜ୍ୟ ଥିଲା, ଯେଉଁମାନଙ୍କ ପ୍ରତ୍ୟେକ ଇନ୍ଦ୍ରିୟ ତାହା ଗ୍ରହଣ କରିବାକୁ ସକ୍ଷମ ଥିଲା (ମାଥିଉ ୪:୧୯) । ଈଶ୍ୱରଙ୍କ ସମ୍ମୁଖବର୍ତ୍ତୀ ହେବା ପାଇଁ ଆମେ ଯଦି ପବିତ୍ର ଆତ୍ମାଙ୍କୁ ଅନୁମତି ଦେବା, ତେବେ ଯିଶାଇୟଙ୍କ ପରି ଆମେ ମଧ୍ୟ ପ୍ରଭୁଙ୍କ ରବ ଶୁଣି ପାରିବା ଏବଂ ସ୍ୱାଧୀନ ଭାବେ ଆମେ ମଧ୍ୟ ପ୍ରତ୍ୟୁତ୍ତର ଦେଇ କହିବା ''ମୁଁ ଅଛି, ମୋତେ ପଠାଅ'' ।

# ଆପଣ କ'ଣ 'ଶ୍ୱେତ ସମାଧିସ୍ଥ' ହୋଇଛନ୍ତି ?

**ବାପ୍ତିସ୍ମ ଦ୍ୱାରା ତାହାଙ୍କ ମରଣରେ ଆମେ ତାହାଙ୍କ ସହିତ ସମାଧିସ୍ଥ ହେଲୁ...ଖ୍ରୀଷ୍ଟ ଯେପରି ମୃତମାନଙ୍କ ମଧ୍ୟରୁ ଉତ୍ଥାପିତ ହେଲେ, ଆମେ ମଧ୍ୟ ସେହିପରି ଏକ ନୂତନ ଜୀବନ ଯାପନ କରି ପାରିବା ।**

**ରୋମୀୟ ୪:୬**

କୌଣସି ବ୍ୟକ୍ତି 'ଶ୍ୱେତ ସମାଧିସ୍ଥ' ଅର୍ଥାତ୍ ପୁରାତନ ଜୀବନକୁ ସମାଧିସ୍ଥ ନ କରିବା ପର୍ଯ୍ୟନ୍ତ ସଂପୂର୍ଣ୍ଣ ପବିତ୍ରୀକରଣର ଅନୁଭୂତି ଲାଭ କରି ପାରନ୍ତି ନାହିଁ । ମୃତ୍ୟୁ ଦ୍ୱାରା ଯଦି ପରିବର୍ତ୍ତନର ଏଭଳି ନିର୍ଣ୍ଣାୟକ ମୁହୂର୍ତ୍ତ ନ ଆସେ, ପବିତ୍ରୀକରଣ ଏକ ଭ୍ରମାତ୍ମକ ସ୍ୱପ୍ନ ହୋଇ ରହିଯିବ । ଏକ ''ଶ୍ୱେତ ସମାଧିସ୍ଥ'' ଅବସ୍ଥା ଅତ୍ୟନ୍ତ ଜରୁରୀ, କାରଣ ଏହି ମୃତ୍ୟୁର କେବଳ ଗୋଟିଏ ପୁନରୁତ୍ଥାନ ଅଛି– ତାହା ହେଉଛି, ଯୀଶୁ ଖ୍ରୀଷ୍ଟଙ୍କ ସହିତ ପୁନରୁତ୍ଥିତ ଜୀବନ । ଏହି ଜୀବନ ଅପରାଜେୟ । କେବଳ ଗୋଟିଏ ଉଦ୍ଦେଶ୍ୟ ନେଇ ଏହା ଈଶ୍ୱରଙ୍କ ସହିତ ଏକୀଭୂତ– ତାଙ୍କର ସାକ୍ଷୀ ହେବା ପାଇଁ ।

ଆପଣ କ'ଣ ଆପଣଙ୍କ ଅନ୍ତିମ ଦିନରେ ପହଞ୍ଚିଛନ୍ତି ? ହୁଏତ ମାନସିକ ସ୍ତରରେ ଆସିଛନ୍ତି, କିନ୍ତୁ ପ୍ରକୃତରେ ଆପଣ କ'ଣ ତାହା ଅନୁଭବ କରିଛନ୍ତି ? ଏକ ଉତ୍ତେଜିତ ମନୋଭାବ ନେଇ ଆପଣ ମୃତ୍ୟୁବରଣ କରି ସମାଧିସ୍ଥ ହୋଇପାରିବେ ନାହିଁ । ମୃତ୍ୟୁର ଅର୍ଥ ଆପଣଙ୍କ ଅସ୍ତିତ୍ୱର ସମାପ୍ତି । ଆପଣ ଈଶ୍ୱରଙ୍କ ସହିତ ଏକମତ ହୋଇ ପୂର୍ବ ଭଳି ଏକ ସଂଘର୍ଷରତ ଖ୍ରୀଷ୍ଟବିଶ୍ୱାସୀ ହେବାର ପ୍ରୟାସରୁ କ୍ଷାନ୍ତ ହେବେ । ଆମେ କବର ସ୍ଥାନଠାରୁ  ଦୂରେଇ ରହୁ ଏବଂ ଅବିରତ ଆମ ନିଜର ମୃତ୍ୟୁକୁ ଅସ୍ୱୀକାର କରୁ । ଏହା ମୃତ୍ୟୁକୁ ଜାଣିବାର ପ୍ରୟାସ ଦ୍ୱାରା ନୁହେଁ, ମାତ୍ର ମୃତ୍ୟୁ ନିକଟରେ ସମର୍ପଣ କରିବା ଦ୍ୱାରା ସମ୍ଭବ ହୁଏ । ମରିବାକୁ ହେବ–''ତାହାଙ୍କ ମରଣରେ ବାପ୍ତିଜିତ ହେଲୁ'' (ରୋମୀ ୬:୩) ।

ଆପଣ ''କ'ଣ ଶ୍ୱେତ ସମାଧିସ୍ଥ'' ହୋଇଛନ୍ତି ଅବା ବିଧିବ୍ୟବସ୍ଥା ପାଳନ କରି ଆପଣଙ୍କ ଆତ୍ମାକୁ ପ୍ରତାରଣା କରି ଚାଲିଛନ୍ତି ? ଆପଣଙ୍କ ଜୀବନରେ କ'ଣ ଏପରି ମୁହୂର୍ତ୍ତ ଆସିଛି, ଯାହାକୁ ଆପଣ ଅନ୍ତିମ ଦିନ ବୋଲି କହି ପାରିବେ ? ଆପଣଙ୍କ ଜୀବନରେ କ'ଣ ଏପରି ସ୍ଥାନ ଅଛି, ଯାହାକୁ ଆପଣ ନମ୍ରତା ଏବଂ କୃତଜ୍ଞତା ସହ ମନେ ପକାଇ ବିଶ୍ୱସ୍ତ ଭାବେ କହିବେ, ''ହଁ ଠିକ୍ ଏହି ସମୟରେ ମୋର ଶ୍ୱେତ ସମାଧିସ୍ଥ ଅବସ୍ଥାରେ ମୁଁ ଈଶ୍ୱରଙ୍କ ସହିତ ଗୋଟିଏ ଚୁକ୍ତି କରିଥିଲି ।''

''ଈଶ୍ୱରଙ୍କ ଇଚ୍ଛା ଏହି ଯେ ତୁମ୍ଭେମାନେ ପବିତ୍ର ହେବ'' (୧ ଥେସଲନିକୀୟ ୪:୩) । ଏହାକୁ ଈଶ୍ୱରଙ୍କ ଇଚ୍ଛା ବୋଲି ଆପଣ ଯେତେବେଳେ ପ୍ରକୃତ ହୃଦୟଙ୍ଗମ କରିବେ, ସ୍ୱାଭାବିକ ପ୍ରତ୍ୟୁତ୍ତର ରୂପେ ଆପଣ ପବିତ୍ରୀକରଣ ପ୍ରକ୍ରିୟା ମଧ୍ୟରେ ପ୍ରବେଶ କରିବେ । ବର୍ତ୍ତମାନ ଆପଣ କ'ଣ ସେହି 'ଶ୍ୱେତ ସମାଧିସ୍ଥ' ଅବସ୍ଥାର ଅନୁଭୂତି ଚାହୁଁଛନ୍ତି ? ଆପଣ କ'ଣ ଈଶ୍ୱରଙ୍କ ସହିତ ଏକମତ ଯେ ଆଜି ହେଉଛି, ଜଗତରେ ଆପଣଙ୍କର ଅନ୍ତିମ ଦିନ ? ଚୁକ୍ତିର ସମୟ ଆପଣଙ୍କ ଉପରେ ନିର୍ଭର କରେ ।

# ଈଶ୍ୱରଙ୍କ ସ୍ୱଭାବର ସ୍ୱର

**ମୁଁ ପ୍ରଭୁଙ୍କର ସ୍ୱର ଶୁଣିଲି, ''କାହାକୁ ମୁଁ ପଠାଇବି ?
କିଏ ଆମ୍ଭମାନଙ୍କ ପାଇଁ ଯିବ ?'', ମୁଁ କହିଲି ''ମୁଁ ଅଛି, ମୋତେ ପଠାଅ'' ।
ଯିଶାଇୟ ୬:୮**

ଯେତେବେଳେ ଆମେ ଈଶ୍ୱରଙ୍କ ଆହ୍ୱାନ ବିଷୟ ଆଲୋଚନା କରୁ, ଆମେ ଗୋଟିଏ ବିଶେଷ କଥା ଭୁଲିଯାଉ, ତା' ହେଉଛି ଆହ୍ୱାନକର୍ତ୍ତାଙ୍କ ସ୍ୱଭାବ । ଆଜି ଆମ ପ୍ରତ୍ୟେକଙ୍କ ପାଇଁ ଅନେକ ପ୍ରକାର ଆହ୍ୱାନ ଆସେ । ଏଥିରୁ କେତେକର ଉତ୍ତର ଦିଆଯିବ, ଆଉ ଅନ୍ୟ ସବୁ ଆଦୌ ଶୁଭିବ ନାହିଁ । ଆହ୍ୱାନ ଆହ୍ୱାନକର୍ତ୍ତାଙ୍କ ସ୍ୱଭାବ ପ୍ରକାଶ କରେ, ଏବଂ ଆମ ମଧ୍ୟରେ ଯଦି ସେହି ସ୍ୱଭାବ ଥାଏ, ତେବେ ଆମେ ତାଙ୍କର ସ୍ୱର ଚିହ୍ନି ପାରିବା । ଈଶ୍ୱରଙ୍କ ଆହ୍ୱାନ ଈଶ୍ୱରଙ୍କ ସ୍ୱଭାବକୁ ପ୍ରକାଶ କରେ, ଆମର ନୁହେଁ । ଐଶ୍ୱରିକ ଶକ୍ତିରେ ଈଶ୍ୱର ଆମ ଜୀବନରେ ତାଙ୍କ ଆହ୍ୱାନର ଖିଅକୁ ଏଭଳି ବୟନ କରିଛନ୍ତି, ଯେ କେବଳ ଆମେ ହିଁ ତାହାର ପାର୍ଥକ୍ୟ ଜାଣିପାରୁ । କୌଣସି ବିଷୟରେ ଆମ ଆହ୍ୱାନକର୍ତ୍ତା ଈଶ୍ୱରଙ୍କ ସ୍ୱରର ଖିଅ ସିଧା ସଳଖ ଆମ ସହିତ ଏଭଳି ଭାବେ ଗୁନ୍ଥା ଯାଇଛି ଯେ ଏ ସମ୍ବନ୍ଧରେ ଅନ୍ୟମାନଙ୍କ ପରାମର୍ଶ ଲୋଡ଼ିବା ଅନାବଶ୍ୟକ । ଆମର ଆତ୍ମା ଏବଂ ଈଶ୍ୱରଙ୍କ ମଧ୍ୟରେ ସେହି ଗଭୀର ସଂପର୍କ ରହିବା ଏକାନ୍ତ ଆବଶ୍ୟକ । ଈଶ୍ୱରଙ୍କ ଆହ୍ୱାନ ମୋ ସ୍ୱଭାବର ପ୍ରତିଫଳନ ନୁହେଁ, ମୋର ବ୍ୟକ୍ତିଗତ ଇଛା ଏବଂ ପ୍ରକୃତି ସହିତ ଏହାର କୌଣସି ସମ୍ପର୍କ ନାହିଁ । ଯେପର୍ଯ୍ୟନ୍ତ ମୁଁ ବ୍ୟକ୍ତିଗତ ସ୍ୱଭାବ ଉପରେ ଧ୍ୟାନ ପୂର୍ବକ ମୋର କାର୍ଯ୍ୟଦକ୍ଷତା ବିଷୟ ଚିନ୍ତା କରୁଥିବି, ସେ ପର୍ଯ୍ୟନ୍ତ ମୁଁ ଈଶ୍ୱରଙ୍କ ଡାକ ଶୁଣି ପାରିବି ନାହିଁ । କିନ୍ତୁ ଯେତେବେଳେ ମୋର ଏବଂ ଈଶ୍ୱରଙ୍କ ମଧ୍ୟରେ ଯଥାର୍ଥ ସଂପର୍କ ସ୍ଥାପିତ ହୁଏ, ସେତେବେଳେ ମୋର ପରିସ୍ଥିତି ଯିଶାଇୟଙ୍କ ପରି ହୁଏ । ଗଭୀର ସଂକଟପୂର୍ଣ୍ଣ ପରିସ୍ଥିତିକୁ ସହିବା ଫଳରେ ଯିଶାଇୟ ଏବଂ ଈଶ୍ୱରଙ୍କ ସ୍ୱର ମଧ୍ୟରେ ଏଭଳି ସମନ୍ୱୟ ସ୍ଥାପିତ ହେଲା ଯଦ୍ଦ୍ୱାରା ଈଶ୍ୱରଙ୍କ ଆହ୍ୱାନ ତାଙ୍କର ଆତ୍ମାକୁ ଭେଦ କଲା । ଆମ ମଧ୍ୟରୁ ଅଧିକ ସଂଖ୍ୟକ ଲୋକେ ନିଜ କଥା ଶୁଣିବା ବ୍ୟତୀତ ଆଉ କାହାରି କଥା ଶୁଣି ପାରନ୍ତି ନାହିଁ । ଆମେ ମଧ୍ୟ ଈଶ୍ୱରଙ୍କର କୌଣସି କଥା ଶୁଣି ପାରି ନ ଥାଉ । ଈଶ୍ୱରଙ୍କ ଆହ୍ୱାନ ଶୁଣିବାର ସ୍ଥାନକୁ ଆସିବା ଅର୍ଥ ପ୍ରକୃତଭାବେ ପରିବର୍ତ୍ତିତ ହେବା ।

# ସ୍ୱାଭାବିକ ଜୀବନର ଆହ୍ୱାନ

**ସେ ଯେତେବେଳେ ଆପଣା ପୁତ୍ରଙ୍କୁ ମୋ'ଠାରେ ପ୍ରକାଶ କରିବା ନିମନ୍ତେ ସନ୍ତୁଷ୍ଟ ହେଲେ ।**

**ଗାଲାତୀୟ ୧:୧୬**

ଈଶ୍ୱରଙ୍କ ଆହ୍ୱାନ କୌଣସି ବିଶେଷ ସେବାର ଆହ୍ୱାନ ନୁହେଁ । ଈଶ୍ୱରଙ୍କ ସ୍ୱଭାବ ସହିତ ମୋର ସଂପର୍କ ମୋତେ ତାଙ୍କ ଆହ୍ୱାନ ବୁଝିବା ପାଇଁ ସମର୍ଥ କରେ ଏବଂ ତାଙ୍କ ପାଇଁ ମୁଁ ଯେଉଁ କାର୍ଯ୍ୟ କରିବାକୁ ଇଚ୍ଛା କରେ, ତାହା ବୁଝିବା ପାଇଁ ମୋତେ ସାହାଯ୍ୟ କରେ । ଈଶ୍ୱରଙ୍କ ଆହ୍ୱାନ ତାଙ୍କ ସ୍ୱଭାବର ଏକ ଅଭିବ୍ୟକ୍ତି । ମୋ' ଜୀବନର ସେବାରୂପକ ଫଳ ମୋ' ପାଇଁ ଉପଯୁକ୍ତ ଏବଂ ଏହା ମୋ' ସ୍ୱଭାବର ଅଭିବ୍ୟକ୍ତି । ସ୍ୱାଭାବିକ ଜୀବନର ଆହ୍ୱାନ ସଂପର୍କରେ ପାଉଲ କହନ୍ତି, ''ପୁଣି ମୁଁ ଯେପରି ତାହାଙ୍କ ପୁତ୍ରଙ୍କୁ ପ୍ରଚାର କରିପାରେ, ଏଥିପାଇଁ ସେ ତାହାଙ୍କୁ ମୋ' ନିକଟରେ ପ୍ରକାଶ କରିବାକୁ ସନ୍ତୋଷ ଲାଭ କଲେ (ଅଣଯିହୁଦୀମାନଙ୍କ ନିକଟରେ ପ୍ରଚାର କରିବା ପାଇଁ) ।

ସେବା ଏକ ଉଚ୍ଛୁଳା ନିର୍ଝର ସ୍ୱରୂପ । ପ୍ରେମଭରା ଏବଂ ଭକ୍ତିପୂର୍ଣ୍ଣ ଜୀବନରୁ ଏହା ପ୍ରବାହିତ ହୁଏ । କିନ୍ତୁ ଗଭୀର ଅନୁଧ୍ୟାନ କଲେ ଜଣାଯାଏ ଯେ ଏହା ଆହ୍ୱାନ ନୁହେଁ । ସେବା ମୋର ସମ୍ପର୍କ ଉପରେ ଆଧାରିତ ଏବଂ ମୁଁ ଯେ ଈଶ୍ୱରଙ୍କ ସ୍ୱଭାବ ସହିତ ଜଡ଼ିତ, ଏହା ତାହାର ପ୍ରତିଫଳନ । ସେବା ମୋ' ସ୍ୱାଭାବିକ ଜୀବନର ଅଂଶ ବିଶେଷ ହୋଇଯାଏ । ଈଶ୍ୱର ତାଙ୍କ ସହିତ ଉପଯୁକ୍ତ ସଂପର୍କର ବନ୍ଧନରେ ମୋତେ ଆବଦ୍ଧ କରନ୍ତି, ଯାହା ଫଳରେ ମୁଁ ତାଙ୍କର ଆହ୍ୱାନକୁ ବୁଝିପାରେ ଏବଂ ନିରଙ୍କୁଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ତାଙ୍କର ସେବାରେ ନିୟୋଜିତ ହୁଏ । ଈଶ୍ୱରଙ୍କ ସେବା ଈଶ୍ୱରଙ୍କ ଡାକ ଶୁଣିଥିବା ବ୍ୟକ୍ତିଙ୍କ ଉତ୍ସର୍ଗୀକୃତ ପ୍ରେମ ଉପହାର । ସେବା ହେଉଛି ମୋ' ସ୍ୱଭାବର ଅଭିବ୍ୟକ୍ତି, ଏବଂ ଈଶ୍ୱରଙ୍କ ଆହ୍ୱାନ ତାଙ୍କ ସ୍ୱଭାବର ଏକ ଅଭିବ୍ୟକ୍ତି । ସେଥିପାଇଁ ଯେତେବେଳେ ମୁଁ ତାଙ୍କ ସ୍ୱଭାବ ଗ୍ରହଣ କରେ ଏବଂ ତାଙ୍କର ଡାକ ଶୁଣେ, ତାଙ୍କର ସ୍ୱର୍ଗୀୟ ସ୍ୱର ତାଙ୍କର ଏବଂ ମୋର ସ୍ୱଭାବ ମଧ୍ୟରେ ଗୁଂଜରିତ ହୁଏ ଏବଂ ଦୁହେଁ ଏକତ୍ର ମିଳି କାର୍ଯ୍ୟ କରନ୍ତି । ଈଶ୍ୱରଙ୍କ ପୁତ୍ର ମୋ' ମଧ୍ୟ ଦେଇ ପ୍ରକାଶିତ ହୁଅନ୍ତି ଏବଂ ସେବା ମୋର ଦୈନନ୍ଦିନ ଜୀବନ ଶୈଳୀରେ ପରିଣତ ହୁଏ ।

## ଜାନୁୟାରୀ ୧୮

# ଏ ତ ପ୍ରଭୁ !

### ଥୋମା ତାହାଙ୍କୁ କହିଲେ, ''ହେ ମୋର ପ୍ରଭୁ, ମୋର ଈଶ୍ୱର'' ।

### ଯୋହନ ୨୦:୨୮

ଯୀଶୁ ତା'କୁ କହିଲେ, ''ମୋତେ ପିଇବାକୁ ଦିଅ'' (ଯୋହନ ୪:୭) । ଯୀଶୁଙ୍କୁ ସନ୍ତୁଷ୍ଟ କରିବା ପରିବର୍ତ୍ତେ ଆମ ମଧ୍ୟରୁ କେତେଜଣ କ'ଣ ଅପେକ୍ଷା କରୁଛୁ ଯେ, ସେ ଆମର ତୃଷା ନିବାରଣ କରିବେ ? ଆମର ସନ୍ତୋଷ ଲାଭ ଉଦ୍ଦେଶ୍ୟରେ ଆମେ ତାଙ୍କର ନିକଟବର୍ତ୍ତୀ ହେବା ପରିବର୍ତ୍ତେ ଆମର ସର୍ବସ୍ୱ ବିନିଯୋଗ କରି ଆମେ ତାଙ୍କ ପାଇଁ ଉଚ୍ଛୁଳା ଜୀବନ କାଟିବା ଉଚିତ୍ । ''ତୁମେମାନେ ମୋର ସାକ୍ଷୀ ହେବ'' (ପ୍ରେରିତ ୧:୮) ।

ଏହାର ଅର୍ଥ, ସେ ଆମକୁ ଯେଉଁ ପରିସ୍ଥିତିରେ ରଖନ୍ତୁ ନା କାହିଁକି, ପ୍ରଭୁ ଯୀଶୁଙ୍କ ସନ୍ତୋଷ ପାତ୍ର ରୂପେ ଆମେ ପବିତ୍ର, ଅବିଚଳିତ ଏବଂ ଅଟଳ ଭକ୍ତିପୂତ ଜୀବନ ଯାପନ କରିବା ।

ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଆପଣଙ୍କ ଆନୁଗତ୍ୟର ମୁକାବିଲା ପାଇଁ ସବୁ ବିଷୟ ପ୍ରତି ସତର୍କ ରୁହନ୍ତୁ । ଯୀଶୁଙ୍କ ପ୍ରତି ଆମ ପ୍ରେମ ଭକ୍ତିର ବଡ଼ ପ୍ରତିଦ୍ୱନ୍ଦୀ ହେଉଛି ତାଙ୍କର ସେବାକାର୍ଯ୍ୟ । ତାଙ୍କ ନିକଟରେ ଜୀବନକୁ ସଂପୂର୍ଣ୍ଣ ସମର୍ପଣ କରିବା ଅପେକ୍ଷା ସେବା କରିବା ସହଜ । ଈଶ୍ୱରଙ୍କ ଆହ୍ୱାନର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ତାଙ୍କୁ ସନ୍ତୁଷ୍ଟ କରିବା । ଏହାର ଅର୍ଥ ନୁହେଁ, ଆମେ ତାଙ୍କ ପାଇଁ କିଛି କରିବା । ଈଶ୍ୱରଙ୍କ ପାଇଁ ସଂଘର୍ଷ କରିବାକୁ ଆମେ ପ୍ରେରିତ ହୋଇନାହୁଁ ମାତ୍ର ତାଙ୍କ ସଂଘର୍ଷରେ ବ୍ୟବହାର ଯୋଗ୍ୟ କରିବା ପାଇଁ ସେ ଆମକୁ ପଠାଇଛନ୍ତି । ଆମେ କ'ଣ ଯୀଶୁ ଖ୍ରୀଷ୍ଟଙ୍କ ଅପେକ୍ଷା ସେବା ପ୍ରତି ଅଧିକ ସମର୍ପିତ ?

ଜାନୁୟାରୀ ୧୯

# ଦର୍ଶନ ଏବଂ ଅନ୍ଧକାର

**ସୂର୍ଯ୍ୟାସ୍ତ ବେଳକୁ ଅବ୍ରାମ ନିଦ୍ରାଗସ୍ତ ହେଲେ ଏବଂ ନିବିଡ଼ ଅନ୍ଧକାରର ଆତଙ୍କ ତାଙ୍କ ଉପରେ ମାଡ଼ି ପଡ଼ିଲା ।**

**ଆଦି ୧୫:୧୨**

ଯେତେବେଳେ ଈଶ୍ୱର ଜଣେ ଖ୍ରୀଷ୍ଟବିଶ୍ୱାସୀକୁ ଦର୍ଶନ ଦିଅନ୍ତି, ସେ ତାହାକୁ ''ତାଙ୍କ ହସ୍ତର ଛାୟା ତଳେ ରଖନ୍ତି'' (ଯିଶାଇୟ ୪୯:୨) । ଭକ୍ତର କର୍ତ୍ତବ୍ୟ ହେଉଛି, ସ୍ଥିର ହୋଇ ଶୁଣିବା । ଅତ୍ୟଧିକ ଉଜ୍ଜ୍ୱଳ ଆଲୋକ ମଧ୍ୟରୁ ଏକ ଅନ୍ଧକାର ସୃଷ୍ଟିହୁଏ– ଏହାହିଁ ଶୁଣିବାର ସମୟ । ଆଦି ୧୬ ପର୍ବରେ ଲିଖିତ ଅବ୍ରାମ ଏବଂ ହାଗାରର କାହାଣୀ ଏକ ସୁନ୍ଦର ଉଦାହରଣ, ଯେଉଁଥିରେ ଅନ୍ଧକାର ସମୟରେ ଆଲୋକ ପାଇଁ ଈଶ୍ୱରଙ୍କ ନିକଟରେ ଅପେକ୍ଷା କରିବା ପରିବର୍ତ୍ତେ ତଥାକଥିତ ପରାମର୍ଶ ଗ୍ରହଣ କରିବା ବିଷୟ ବର୍ଣ୍ଣିତ ହୋଇଛି । ଈଶ୍ୱର ଯେତେବେଳେ ଆପଣଙ୍କୁ ଦର୍ଶନ ଦିଅନ୍ତି ଏବଂ ତା'ପରେ ଅନ୍ଧାର ଆସେ, ସେତେବେଳେ ଅପେକ୍ଷା କରନ୍ତୁ । ଆପଣ ଈଶ୍ୱରଙ୍କ ନିରୂପିତ ସମୟ ପର୍ଯ୍ୟନ୍ତ ଅପେକ୍ଷାରେ ରହିଲେ ସେ ଆପଣଙ୍କ ଜୀବନରେ ତାଙ୍କ ଦର୍ଶନକୁ ବାସ୍ତବତାରେ ପରିଣତ କରିବେ । ଈଶ୍ୱରଙ୍କୁ ତାଙ୍କର ବାକ୍ୟ ସଫଳ କରିବା ଦିଗରେ ତାଙ୍କୁ ସାହାଯ୍ୟ କରିବା ପାଇଁ କଦାପି ମନ ବଳାନ୍ତୁ ନାହିଁ । ଅବ୍ରାମ ତେର ବର୍ଷ ଧରି ନୀରବରେ ଜୀବନ ଅତିବାହିତ କଲେ, କିନ୍ତୁ ସେହି ଦୀର୍ଘ ସମୟ ମଧ୍ୟରେ ତାଙ୍କର ଆତ୍ମନିର୍ଭରଶୀଳ ମନୋଭାବ ସଂପୂର୍ଣ୍ଣ ବ୍ୟର୍ଥ ହୋଇଥିଲା । ନିଜର ବ୍ୟବହାରିକ ଜ୍ଞାନ ଉପରେ ତାଙ୍କର ଆଉ ଭରସା ନ ଥିଲା । ନୀରବତାର ସେହି ବର୍ଷଗୁଡ଼ିକ ତାଙ୍କ ପାଇଁ ଅନୁଶାସନର ସମୟ ଥିଲା, ଈଶ୍ୱରଙ୍କ ଅସନ୍ତୋଷର ସମୟ ନ ଥିଲା । ଆପଣଙ୍କ ଜୀବନ ଯେ ଆନନ୍ଦ ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ, ଏପରି ଛଳନାର କୌଣସି ଆବଶ୍ୟକତା ନାହିଁ, କେବଳ ଈଶ୍ୱରଙ୍କ ଉପରେ ନିର୍ଭର ରଖି ତାଙ୍କଠାରେ ଦୃଢ଼ ରୁହନ୍ତୁ (ଯିଶାଇୟ ୫୦:୧୦–୧୧ ଦେଖନ୍ତୁ) ।

ମୋର କ'ଣ ଶରୀର ଉପରେ କିଛି ଭରସା ଅଛି ? ଅବା ମୁଁ ଆତ୍ମବିଶ୍ୱାସ ଏବଂ ଈଶ୍ୱରଙ୍କ ଅନ୍ୟ ଲୋକମାନଙ୍କ ଉପରେ ରଖିଥିବା ଭରସାକୁ ଅତିକ୍ରମ କରିପାରିଛି ? ମୁଁ କ'ଣ ପୁସ୍ତକ, ପ୍ରାର୍ଥନା ଏବଂ ମୋ ଜୀବନର ଅନ୍ୟାନ୍ୟ ଆନନ୍ଦ ଉପରେ ଭରସା ରଖିଛି ? ଅବା ଈଶ୍ୱରଙ୍କ ଆଶୀର୍ବାଦ ଅପେକ୍ଷା ସ୍ୱୟଂ ଈଶ୍ୱରଙ୍କ ଉପରେ ଭରସା ସ୍ଥାପନ କରିଛି ? ''ମୁଁ ସର୍ବଶକ୍ତିମାନ ଈଶ୍ୱର'' (ଆଦିପୁସ୍ତକ ୧୭:୧) । ଆମେ ଶୃଙ୍ଖଳିତ ହେବାର କାରଣ ହେଉଛି, ଆମେ ଯେପରି ଈଶ୍ୱରଙ୍କ ବାସ୍ତବତା ସଂପର୍କରେ ଅବଗତ ହେବା । ଯେତେବେଳେ ଈଶ୍ୱର ଆମ ଜୀବନରେ ବାସ୍ତବ ହୁଅନ୍ତି, ଅନ୍ୟମାନେ ବାସ୍ତବତାର ଛାଇରେ ପରିଣତ ହୁଅନ୍ତି । ଯେଉଁ ବ୍ୟକ୍ତି ଈଶ୍ୱରଙ୍କଠାରେ ଦୃଢ଼ ଅଟନ୍ତି, ଅନ୍ୟ ପବିତ୍ର ଲୋକମାନଙ୍କ କୌଣସି କଥା ବା କାର୍ଯ୍ୟ ତାଙ୍କୁ ବିଚଳିତ କରି ପାରେ ନାହିଁ ।

# ଆପଣ କ'ଣ ସବୁ କଥା ପାଇଁ ସଦ୍ୟ ଓ ସତେଜ ?

**ଯୀଶୁ ଉତ୍ତର ଦେଇ କହିଲେ, ''ମୁଁ ତୁମକୁ ସତ୍ୟ କହୁଛି, ମନୁଷ୍ୟ ପୁନର୍ବାର ଜନ୍ମ ନ ହେଲେ ସେ ଈଶ୍ୱରଙ୍କ ରାଜ୍ୟ ଦେଖିବ ନାହିଁ ।**
**ଯୋହନ ୩:୩**

ସମୟେ ସମୟେ ଯେଉଁ ଆଗ୍ରହ ସହିତ ଆମେ ପ୍ରାର୍ଥନା ସଭାକୁ ଯାଉ, ଜୋତା ସଫା କରିବା ଭଳି ନୀରସ କାମ କରିବା ସମୟରେ ଆମର ସେହି ଭଳି ଆଗ୍ରହ ଥାଏ କି ?

ପବିତ୍ର ଆତ୍ମାଙ୍କଠାରେ ନୂତନ ଜନ୍ମ ନେବା ଈଶ୍ୱରଙ୍କ ଏକ ନିଖୁଣ କାର୍ଯ୍ୟ, ଏହା ପବନ ଭଳି ରହସ୍ୟପୂର୍ଣ୍ଣ ଏବଂ ସ୍ୱୟଂ ଈଶ୍ୱରଙ୍କ ଭଳି ଆଶ୍ଚର୍ଯ୍ୟଜନକ । ଏହା କେଉଁଠାରୁ ଆରମ୍ଭ ହୁଏ, ତାହା ଆମକୁ ଅଜଣା– ଏହା ଆମର ଆତ୍ମା ମଧ୍ୟରେ ଲୁକ୍କାୟିତ ଥାଏ । ଊର୍ଦ୍ଧ୍ୱରୁ ନୂତନ ଜନ୍ମର ଅନୁଭୂତି ଏକ ସ୍ଥାୟୀ, ଚିରନ୍ତନ ଏବଂ ଅନନ୍ତକାଳୀନ କାର୍ଯ୍ୟରୂପେ ଆରମ୍ଭ ହୁଏ । ସବୁ ସମୟରେ ଆମର ଚିନ୍ତନ, କଥାବାର୍ତ୍ତା ଏବଂ ଜୀବନ ଧାରାରେ ଏହା ଆମକୁ ସତେଜ କରେ– ଏହା ଐଶ୍ୱରିକ ଜୀବନର ଏକ ନିରବଚ୍ଛିନ୍ନ ବିସ୍ମୟ ।

ଐଶ୍ୱରିକ ଜୀବନ ଏକ ନିରବଚ୍ଛିନ୍ନ ବିସ୍ମୟ । ଆମର ଅନୁପଯୋଗୀ ଜୀବନ ସଂକେତ ଦିଏ ଯେ, ଆମେ ଈଶ୍ୱରଙ୍କ ସହିତ ତାଳ ଦେଇ ଚାଲିବାକୁ ଅସମର୍ଥ ହୋଇଛୁ, ଆମେ ମନେ ମନେ କହିଥାଉ ''ମୋତେ ଏହା କରିବାକୁ ହେବ, ନ ହେଲେ ଏହା ଆଦୌ ହୋଇପାରିବ ନାହିଁ'' । ଏହା ଅନୁପଯୋଗୀତାର ପ୍ରଥମ ଲକ୍ଷଣ । ବର୍ତ୍ତମାନ ଏହି ମୁହୂର୍ତ୍ତରେ ଆମେ କ'ଣ ସଦ୍ୟତା ଅନୁଭବ କରୁଛୁ, ଅବା ଅନୁପଯୋଗୀରୂପେ କ'ଣ କରିବା ବୋଲି ଉପାୟ ଖୋଜୁଛୁ ? ସତେଜ ମନୋଭାବ ବାଧ୍ୟତାର ଫଳ ନୁହେଁ, ଏହା ପବିତ୍ର ଆତ୍ମାଙ୍କଠାରୁ ଆସେ । ବାଧ୍ୟତା ଆମକୁ ଆଲୋକ ମଧ୍ୟରେ ରଖେ, ''ଯେପରି ସେ ଆଲୋକ ନିବାସୀ'' (୧ ଯୋହନ ୧:୭) ।

ସତର୍କତାର ସହ ଈଶ୍ୱରଙ୍କ ସହିତ ଆପଣଙ୍କ ସଂପର୍କ ବିଷୟରେ ସଚେତନ ହୁଅନ୍ତୁ । ଯୀଶୁଙ୍କ ପ୍ରାର୍ଥନା ଥିଲା ''ଆମେ ଯେପରି ଏକ, ସେମାନେ ସେହିପରି ଏକ ହେବେ''– ମଝିରେ ଆଉ କୌଣସି ଅନ୍ତରାୟ ରହିବ ନାହିଁ (ଯୋହନ ୧୭:୨୨) । ଆପଣଙ୍କ ସାରା ଜୀବନକୁ ଯୀଶୁ ଖ୍ରୀଷ୍ଟଙ୍କ ଆଗରେ ନିରନ୍ତର ଖୋଲା ରଖନ୍ତୁ । ତାଙ୍କ ସହିତ ଖୋଲା ସଂପର୍କ ଅଛି ବୋଲି ଛଳନା କରନ୍ତୁ ନାହିଁ । ଆପଣଙ୍କ ଜୀବନର ସ୍ରୋତ ଈଶ୍ୱରଙ୍କ ବ୍ୟତୀତ ଆଉ ଅନ୍ୟ କାହାଠାରେ ଅଛି କି ? ଜୀବନର ସଦ୍ୟ ଶକ୍ତି ପାଇଁ ଆପଣ ଯଦି ଅନ୍ୟ କୌଣସି ବିଷୟ ଉପରେ ନିର୍ଭରଶୀଳ, ତେବେ କେଉଁ ସମୟରେ ଆପଣଙ୍କଠାରୁ ତାଙ୍କର ଶକ୍ତି ଅପସାରିତ ହେବ, ତାହା ଆପଣ ଜାଣି ପାରିବେ ନାହିଁ ।

ନୂତନ ଜନ୍ମର ଅର୍ଥ, ଆମର ସାଧାରଣ ଚିନ୍ତାଧାରା ଅପେକ୍ଷା ଆହୁରି ଗଭୀର ଅନୁଭୂତିକୁ ବୁଝାଏ । ଏହା ଆମକୁ ନୂତନ ଦର୍ଶନ ଦିଏ ଏବଂ ନିରନ୍ତର ଐଶ୍ୱରିକ ଜୀବନର ଶକ୍ତି ଯୋଗାଇବା ଦ୍ୱାରା ଆମକୁ ସବୁ ବିଷୟ ପାଇଁ ସତେଜ ଓ ସଦ୍ୟ ରଖେ ।

# ଈଶ୍ୱର ଯାହା ସ୍ମରଣ କରନ୍ତି ତାହା ମନେ ପକାନ୍ତୁ

**ପ୍ରଭୁ କହିଲେ, ‘‘ତୁମ ଯୌବନାବସ୍ଥାର ଭକ୍ତି...ମୁଁ ସ୍ମରଣ କରୁଛି ।**
**ଯିରିମିୟ ୨:୨**

ମୁଁ ପୂର୍ବଭଳି ସ୍ୱତଃପ୍ରବୃତ୍ତ ହୋଇ ଈଶ୍ୱରଙ୍କୁ ସ୍ନେହ କରୁଛି କିଅବା ତାଙ୍କଠାରୁ କେବଳ ସ୍ନେହ ପାଇବାର ଆଶା ରଖିଛି ? ମୋ ଜୀବନର ସମସ୍ତ କଥା କ'ଣ ତାଙ୍କୁ ସନ୍ତୁଷ୍ଟ କରିଥାଏ, ଅବା ମୋର ଆଶାନୁରୂପ କାର୍ଯ୍ୟ ନ ହେବାରୁ ମୁଁ କେବଳ ନିରନ୍ତର ଅଭିଯୋଗ କରେ ? ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ଦୃଷ୍ଟିରେ ବିବେଚିତ ମହତ୍ତ୍ୱପୂର୍ଣ୍ଣ ବିଷୟକୁ ଭୁଲିଯାନ୍ତି, ସେ ଆଦୌ ଆନନ୍ଦ ଅନୁଭବ କରି ପାରନ୍ତି ନାହିଁ । ମୋ'ଠାରେ ଯେ ଯୀଶୁ ଖ୍ରୀଷ୍ଟଙ୍କର ପ୍ରୟୋଜନ ଅଛି, ଏହା ସ୍ମରଣ କରିବା ଅତି ମହତ୍ ବିଷୟ–‘‘ମୋତେ ପିଇବାକୁ ଦିଅ’’ (ଯୋହନ ୪:୭) । ଗତ ସପ୍ତାହ ମୁଁ ତାଙ୍କ ପ୍ରତି କିଭଳି ସଦୟ ହୋଇଛି ? ମୋ' ଜୀବନ କ'ଣ ତାଙ୍କ ସୁଖ୍ୟାତିର ଏକ ଉତ୍ତମ ପ୍ରତିଫଳନ ?

ଈଶ୍ୱର ତାଙ୍କ ଲୋକମାନଙ୍କୁ କହୁଛନ୍ତି, ବର୍ତ୍ତମାନ ତୁମେ ମୋତେ ପ୍ରେମ କରୁନାହଁ, କିନ୍ତୁ ଅତୀତରେ ତୁମର ପ୍ରେମ ବିଷୟ ମୁଁ ସ୍ମରଣ କରୁଛି । ‘‘ତୁମ ଯୌବନାବସ୍ଥାର ଭକ୍ତି, ତୁମ ବିବାହ ସମୟର ପ୍ରେମ...ଆମ୍ଭେ ସ୍ମରଣ କରୁଛୁ’’ (ଯିରିମିୟ ୨:୨) । ପ୍ରଥମାବସ୍ଥାରେ ମୁଁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଯେଉଁ ପ୍ରେମ, ଭକ୍ତି ପ୍ରଦର୍ଶନ କରୁଥିଲି, ବର୍ତ୍ତମାନ ତାଙ୍କ ପ୍ରତି ମୋର କ'ଣ ସେହି ଉଚ୍ଛୁଳା ପ୍ରେମ ଅଛି ? ପୂର୍ବରେ ମୁଁ ଯେପରି ତାଙ୍କ ଛଡ଼ା ଆଉ କାହା ବିଷୟରେ ଚିନ୍ତା କରୁ ନ ଥିଲି, ଆଜି କ'ଣ ସେ ମୋତେ ସେହି ଅବସ୍ଥାରେ ପାଇବେ ? ମୁଁ ଆଜି ସେହି ଅବସ୍ଥାରେ ଅଛି ଅଥବା ତାଙ୍କ ପ୍ରତି ପ୍ରକୃତ ପ୍ରେମ ପ୍ରଦର୍ଶନ ପରିବର୍ତ୍ତେ ମନୁଷ୍ୟର ଜ୍ଞାନକୁ ଅଧିକ ପସନ୍ଦ କରିଛି ? ମୁଁ ତାଙ୍କୁ କ'ଣ ଏତେ ଅଧିକ ପ୍ରେମ କରେ ଯେ ସେ ମୋତେ କିଭଳି ଚାଳନା ଦେବେ, ତାହା ମୁଁ ଆଦୌ ଚିନ୍ତା କରେ ନାହିଁ ? ଅବା ମୁଁ କ'ଣ କେବଳ ଦୃଷ୍ଟି ରଖିଛି ଯେ ମୋତେ କେତେ ଅଧିକ ସମ୍ମାନ ମିଳିବ ବା ମୋତେ କେତେ ଅଧିକ ସେବା କରିବାକୁ ହେବ ?

ମୋ' ବିଷୟରେ ଈଶ୍ୱର କ'ଣ ସ୍ମରଣ କରନ୍ତି, ଯେତେବେଳେ ମୁଁ ତାହା ମନେ ପକାଏ, ମୁଁ ହୃଦୟଙ୍ଗମ କରେ ଯେ ଏହା ପୂର୍ବରୁ ମୋର ତାଙ୍କ ସହିତ ଯେଉଁ ସଂପର୍କ ଥିଲା, ବର୍ତ୍ତମାନ ତାହା ନାହିଁ । ଏହା ହୃଦ୍‌ବୋଧ ହେବାପରେ ମୋର ଜୀବନ ଲଜ୍ଜା ଓ ଅପମାନରେ ଭରିଯାଏ, କାରଣ ତାହା ଈଶ୍ୱରଙ୍କ ଇଚ୍ଛାନୁମୋଦିତ ଦୁଃଖ ଜନ୍ମାଏ–‘‘ଈଶ୍ୱରଙ୍କ ଇଚ୍ଛାନୁମୋଦିତ ଦୁଃଖ ଅନୁତାପ ଆଣେ...’’ (୨ କରିନ୍ଥୀୟ ୭:୧୦) ।

# ମୁଁ କ'ଣ ଈଶ୍ୱରଙ୍କୁ ଦେଖୁଛି ?

**ମୋତେ ଅନାଇ ପରିତ୍ରାଣ ପ୍ରାପ୍ତ ହୁଅ ।**

**ଯିଶାଇୟ ୪୫:୨୨**

ଆମେ କ'ଣ ଆଶା କରୁ ଯେ, ଈଶ୍ୱର ତାଙ୍କ ଆଶୀର୍ବାଦ ସହ ଆମ ପାଖକୁ ଆସିବେ ଏବଂ ଆମକୁ ପାପରୁ ଉଦ୍ଧାର କରିବେ ? ସେ କହନ୍ତି, ''ମୋତେ ଅନାଇ ପରିତ୍ରାଣ ପ୍ରାପ୍ତ ହୁଅ ।'' ଈଶ୍ୱରଙ୍କ ପ୍ରତି ସଂପୂର୍ଣ୍ଣ ମନୋନିବେଶ ହେଉଛି ଆତ୍ମିକ ଜୀବନର ସବୁଠାରୁ ବଡ଼ ଅସୁବିଧା ଏବଂ ତାଙ୍କର ଆଶୀର୍ବାଦ ଏହାକୁ ଆହୁରି କଠିଣତର କରେ । ଦୁଃଖ ସମୟରେ ଆମେ ସବୁବେଳେ ଈଶ୍ୱରଙ୍କ ପ୍ରତି ଦୃଷ୍ଟି ଫେରାଉ, କିନ୍ତୁ ତାଙ୍କର ଆଶୀର୍ବାଦ ଅନ୍ୟ ବିଷୟ ପ୍ରତି ଆମର ଧ୍ୟାନ ଆକର୍ଷଣ କରେ । ପାହାଡ଼ ଉପରେ ପ୍ରଦତ୍ତ ଉପଦେଶର ମୌଳିକ ଶିକ୍ଷା ହେଉଛି ଆପଣଙ୍କ ମନ, ହୃଦୟ ଏବଂ ଶରୀର ଯୀଶୁ ଖ୍ରୀଷ୍ଟଙ୍କ ସହିତ କେନ୍ଦ୍ରୀଭୂତ ନ ହେବା ପର୍ଯ୍ୟନ୍ତ ଆପଣଙ୍କ ସବୁ ସ୍ୱାର୍ଥକୁ ହ୍ରାସ କରି ଚାଲନ୍ତୁ । ''ମୋତେ ଅନାଅ...'' ।

ଜଣେ ଖ୍ରୀଷ୍ଟିୟାନ କିଭଳି ହେବା ଉଚିତ, ସେ ସଂପର୍କରେ ଆମ ମଧ୍ୟରୁ ଅନେକେ ନିଜ ମନ ମଧ୍ୟରେ ଜଣେ ଖ୍ରୀଷ୍ଟିୟାନର ଚିତ୍ର ଆଙ୍କି ଦେଇଛନ୍ତି ଏବଂ ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ଜୀବନରେ ଏହି ଭାବମୂର୍ତ୍ତି ଖୋଜିବା ଦ୍ୱାରା ଈଶ୍ୱରଙ୍କ ପ୍ରତି ଆମର ଦୃଷ୍ଟି ବାଧାପ୍ରାପ୍ତ ହୁଏ । ଏହା ପରିତ୍ରାଣ ନୁହେଁ– ଏହା ଏତେ ସରଳ ନୁହେଁ । ସେ କହନ୍ତି, ''ମୋତେ ଅନାଇ ପରିତ୍ରାଣ ପ୍ରାପ୍ତ ହୁଅ ।'' ସେ କହନ୍ତି ନାହିଁ, ''ଦିନେ ତୁମେ ପରିତ୍ରାଣ ପାଇବ ।'' ଆମେ ଯଦି ଈଶ୍ୱରଙ୍କ ପ୍ରତି ମନୋନିବେଶ କରିବା, ତେବେ ଯାହା ଖୋଜୁଛୁ ତାହା ପାଇବା । ଆମେ ବିଚଳିତ ହୋଇ ଈଶ୍ୱରଙ୍କ ପ୍ରତି ବିରକ୍ତି ଭାବ ପ୍ରକାଶ କରିଥାଉ, କିନ୍ତୁ ସେ ଅବିରତ କହି ଚାଲିଥା'ନ୍ତି, ''ମୋତେ ଅନାଇ ପରିତ୍ରାଣ ପ୍ରାପ୍ତ ହୁଅ ।'' ଈଶ୍ୱରଙ୍କୁ ଅନାଇଲେ ଆସନ୍ତା କାଲି ପାଇଁ ଆମର ସବୁ ଦୁଃଖ, ଚିନ୍ତା ଏବଂ ବିଚଳିତ ଭାବ ଉଭେଇ ଯିବ ।

ଜାଗ୍ରତ ହୋଇ ଈଶ୍ୱରଙ୍କୁ ଅନାନ୍ତୁ । ତାଙ୍କ ଉପରେ ଆସ୍ଥା ସ୍ଥାପନ କରନ୍ତୁ । ଯେତେ ଚାପ ପଡୁ ପଛକେ, ସବୁକୁ ଗୋଟିଏ ପାଖକୁ ଠେଲି ଦେଇ ଈଶ୍ୱରଙ୍କ ପ୍ରତି ଦୃଷ୍ଟି ରଖନ୍ତୁ । ''ମୋତେ ଅନାଅ ।'' ଆପଣ ଯେଉଁ ମୁହୂର୍ତ୍ତରେ ଅନାଇବେ, ଆପଣ ପରିତ୍ରାଣ ପାଇବେ ।

# ଦେଖିବା ଦ୍ୱାରା ରୂପାନ୍ତରିତ ହେବା

**କିନ୍ତୁ ଆମେମାନେ ସମସ୍ତେ ଅନାଚ୍ଛାଦିତ ମୁଖରେ ଦର୍ପଣରେ ଦେଖିବା ପରି ପ୍ରଭୁଙ୍କ ଗୌରବ ଦେଖୁ ଦେଖୁ ଗୌରବଯୁକ୍ତ, ଅବସ୍ଥାରୁ ଅଧିକ ଗୌରବଯୁକ୍ତ ଅବସ୍ଥା ପ୍ରାପ୍ତ ହୋଇ ତାହାଙ୍କ ସାଦୃଶ୍ୟରେ ରୂପାନ୍ତରିତ ହେଉଅଛୁ ।**

**୨ କରିନ୍ଥୀୟ ୩:୧୮**

ଜଣେ ଖ୍ରୀଷ୍ଟବିଶ୍ୱାସୀଙ୍କ ଚାରିତ୍ରିକ ବିଶେଷତ୍ୱ ହେଉଛି, ଈଶ୍ୱରଙ୍କ ପ୍ରତି ତାଙ୍କର ଉନ୍ମୁକ୍ତ ସ୍ୱଭାବ ଯଦ୍ଦ୍ୱାରା ତାଙ୍କର ଜୀବନ ଅନ୍ୟମାନଙ୍କ ପାଇଁ ଦର୍ପଣ ସ୍ୱରୂପ ହୁଏ । ପବିତ୍ର ଆତ୍ମାଙ୍କ ପୂର୍ଣ୍ଣତାରେ ଆମେ ରୂପାନ୍ତରିତ ହେଉ ଏବଂ ଈଶ୍ୱରଙ୍କୁ ଦେଖିବା ଦ୍ୱାରା ଆମେ ଦର୍ପଣ ହୋଇଯାଉ । ଯେତେବେଳେ ଜଣେ ବ୍ୟକ୍ତି ପ୍ରଭୁଙ୍କ ଗୌରବ ଦେଖି ପାରନ୍ତି, ଆପଣ ସବୁବେଳେ ତାହା ଜାଣି ପାରିବେ, କାରଣ ଆପଣଙ୍କ ଅନ୍ତରାତ୍ମା ସାକ୍ଷ୍ୟ ଦେବ ଯେ, ସେ ପ୍ରଭୁଙ୍କ ସ୍ୱଭାବର ଦର୍ପଣ ସ୍ୱରୂପ । ଆପଣଙ୍କ ଅନ୍ତଃକରଣର ଦର୍ପଣକୁ କଳଙ୍କିତ କରିବା ଭଳି ପ୍ରତ୍ୟେକ ବିଷୟ ପ୍ରତି ସାବଧାନ ହୁଅନ୍ତୁ ।

ସବୁବେଳେ ଏହା ଉତ୍ତମ ବିଷୟ ହୋଇପାରେ, ମାତ୍ର ସର୍ବୋତ୍ତମ ନୁହେଁ । ଆମ ପାଇଁ ବିଶେଷ ନିୟମ ହେଉଛି ଯେ, ଈଶ୍ୱରଙ୍କ ସମ୍ମୁଖରେ ଆମ ଜୀବନକୁ ଉନ୍ମୁକ୍ତ ରଖିବା ପ୍ରତି ଆମେ ଧ୍ୟାନ ଦେବା, ଆପଣା କାର୍ଯ୍ୟ, ବସ୍ତ୍ର, ଭୋଜନ ପ୍ରଭୃତି ସାଂସାରିକ ବିଷୟକୁ ପୃଥକ୍ କରି ରଖିବା । କାର୍ଯ୍ୟବ୍ୟସ୍ତତା ଦ୍ୱାରା ଈଶ୍ୱରଙ୍କ ପ୍ରତି ଆମର ଧ୍ୟାନ ବାଧାପ୍ରାପ୍ତ ହୁଏ । ଈଶ୍ୱରଙ୍କୁ ଦେଖିବା ଅବସ୍ଥାରୁ ଆଦୌ ବିଚଳିତ ନ ହୋଇ ସବୁ ସ୍ଥିତିରେ ଆମେ ଆତ୍ମିକ ଜୀବନ ଯାପନ କରି ଚାଲିବା । କେତେ ବିଷୟ ଅନ୍ତରାୟ ସୃଷ୍ଟି କରିପାରେ, ଅନ୍ୟମାନେ ଆମକୁ ସମାଲୋଚନା କରିପାରନ୍ତି, କିନ୍ତୁ ''ଈଶ୍ୱରଙ୍କ ସହିତ ଆମର ଯେଉଁ ଜୀବନ ଗୁପ୍ତ ଅଛି'' (କଲସୀ ୩:୩) ତାହା ଯେପରି ମଳିନ ନ ହୁଏ, ସେଥିପାଇଁ ଆମେ ଜାଗ୍ରତ ହେବା । କୌଣସି ବ୍ୟସ୍ତତା ପୂର୍ଣ୍ଣ ଜୀବନ ଶୈଳୀ ଈଶ୍ୱରଙ୍କ ସହିତ ଆମର ନିଗୂଢ଼ ସଂପର୍କକୁ କ୍ଷୁର୍ଣ୍ଣ ନ କରୁ । ଏହାକୁ ଅନୁମତି ଦେବା ସହଜ, କିନ୍ତୁ ଆମେ ଏଥିପ୍ରତି ସତର୍କ ହେବା ଉଚିତ୍ । ଖ୍ରୀଷ୍ଟୀୟ ଜୀବନର ସବୁଠାରୁ କଷ୍ଟସାଧ୍ୟ ଶିକ୍ଷା ହେଉଛି, ଦର୍ପଣରେ ଦେଖିବା ଭଳି ପ୍ରଭୁଙ୍କ ଗୌରବକୁ ଦେଖିବାର ପ୍ରକ୍ରିୟା ଜାରି ରଖିବା ।

**ଜାନୁୟାରୀ ୨୪**

# ଈଶ୍ୱରଙ୍କ କ୍ଷମତାଧୀନ ଉଦ୍ଦେଶ୍ୟ

**...ବିଷୟରେ ମୁଁ ତୁମକୁ ଦର୍ଶନ ଦେଇଛି ।**

**ପ୍ରେରିତ ୨୬:୧୬**

ଡାମାସ୍କସ୍ ଯିବା ବାଟରେ ପାଉଲଙ୍କ ଦର୍ଶନ ଏକ ଭାବପ୍ରବଣ ଅନୁଭୂତି ନ ଥିଲା, ମାତ୍ର ଏହି ଦର୍ଶନରେ ତାଙ୍କ ପାଇଁ ଏକ ସ୍ପଷ୍ଟ ଏବଂ ଦୃଢ଼ ଆଦେଶ ଥିଲା । ସେଥିପାଇଁ ପାଉଲ କହିଲେ, ‘‘ମୁଁ ସ୍ୱର୍ଗୀୟ ଦର୍ଶନର ଅବାଧ ହେଲି ନାହିଁ’’ (ପ୍ରେରିତ ୨୬:୧୯) । ଆମ ପ୍ରଭୁ ପାଉଲଙ୍କୁ କହିଲେ, ‘‘ତୁମର ସମସ୍ତ ଜୀବନ ମୋର ଶକ୍ତିର ନିୟନ୍ତ୍ରଣରେ ରହିବ, ମୋର ଉଦ୍ଦେଶ୍ୟ ବ୍ୟତୀତ ତୁମ ଜୀବନର ଶେଷ ପର୍ଯ୍ୟନ୍ତ ଆଉ ଅନ୍ୟ କୌଣସି ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ରହିବ ନାହିଁ । ପ୍ରଭୁ ଆମକୁ ମଧ୍ୟ କହନ୍ତି, ‘‘ତୁମେମାନେ ମୋତେ ମନୋନୀତ କରି ନାହଁ, କିନ୍ତୁ ମୁଁ ତୁମମାନଙ୍କୁ ମନୋନୀତ କରିଛି...ତୁମେମାନେ ଯାଇ...’’ (ଯୋହନ ୧୫:୧୬) । ନୂତନ ଜନ୍ମର ଅନୁଭୂତି ପାଇବା ପରେ ଆମେ ଯଦି ପ୍ରକୃତରେ ଆତ୍ମିକ ସ୍ୱଭାବ ବିଶିଷ୍ଟ ହୋଇଥାଉ, ତେବେ ଯୀଶୁଙ୍କ ଇଚ୍ଛାନୁସାରେ ଆମେ କ’ଣ ହେବୁ, ଆମେ ଏହାର ଦର୍ଶନ ପାଉ । ଏହା ମହତ୍ତ୍ୱପୂର୍ଣ୍ଣ ଯେ ମୁଁ ସ୍ୱର୍ଗୀୟ ଆହ୍ୱାନର ଅବାଧ ହେବି ନାହିଁ ଏବଂ ଏହାର ପୂର୍ଣ୍ଣତା ବିଷୟରେ କୌଣସି ସନ୍ଦେହ ପୋଷଣ କରିବି ନାହିଁ । କେବଳ ଏତିକି କହିବା ଯଥେଷ୍ଟ ନୁହେଁ ଯେ, ଈଶ୍ୱର ଜଗତକୁ ପାପରୁ ଉଦ୍ଧାର କରିଛନ୍ତି ଏବଂ ଯୀଶୁ ଯାହା କରିଛନ୍ତି, ତାହା ମୋ ଜୀବନରେ ବାସ୍ତବ ହୋଇ ପାରିବ । ମୋ’ ଜୀବନରେ ତାଙ୍କ ସହିତ ବ୍ୟକ୍ତିଗତ ସଂପର୍କର ଭିତ୍ତିମୂଳ ଦୃଢ଼ ରହିବା ଆବଶ୍ୟକ । ପ୍ରଚାର କରିବା ପାଇଁ ପାଉଲଙ୍କୁ ଗୋଟିଏ ସମ୍ବାଦ ବା ମୌଳିକ ତତ୍ତ୍ୱ ଦିଆଯାଇ ନ ଥିଲା । ସେ ବ୍ୟକ୍ତିଗତ ରୂପେ ସ୍ପଷ୍ଟ ଭାବେ ଯୀଶୁଖ୍ରୀଷ୍ଟଙ୍କ କ୍ଷମତାଧୀନ ଏବଂ ନିୟନ୍ତ୍ରଣାଧୀନ ସଂପର୍କ ମଧ୍ୟକୁ ଆସିଲେ । ଏକ ସେବକ ଏବଂ ସାକ୍ଷୀରୂପେ ଆପଣଙ୍କୁ ପ୍ରସ୍ତୁତ କରିବା ପାଇଁ ପ୍ରେରିତ ୨୬:୧୬ ହେଉଛି, ଏକ ପ୍ରଭାବଯୁକ୍ତ ପଦ ।

ବ୍ୟକ୍ତିଗତ ସଂପର୍କ ବ୍ୟତୀତ ସେଠାରେ ଆଉ କିଛି ନ ଥିବ । ପାଉଲ ଗୋଟିଏ କାରଣ ପ୍ରତି ନୁହେଁ, ମାତ୍ର ଜଣେ ବ୍ୟକ୍ତିଙ୍କ ପ୍ରତି ସମର୍ପିତ ଥିଲେ, ସେ ସଂପୂର୍ଣ୍ଣରୂପେ ଯୀଶୁ ଖ୍ରୀଷ୍ଟଙ୍କର ଥିଲେ । ସେ ଆଉ ଅନ୍ୟ କୌଣସି ବିଷୟ ଦେଖି ନ ଥିଲେ କିମ୍ବା ଅନ୍ୟ କୌଣସି କାରଣ ପାଇଁ ବଞ୍ଚି ନ ଥିଲେ । ‘‘କ୍ରୁଶରେ ହତ ଯୀଶୁ ଖ୍ରୀଷ୍ଟଙ୍କ ବିନା ତୁମମାନଙ୍କ ମଧ୍ୟରେ ଆଉ କୌଣସି ବିଷୟ ନ ଜାଣିବାକୁ ମୁଁ ମନସ୍ଥ କଲି’’ (୧ କରିନ୍ଥୀୟ ୨:୨)।

# ଈଶ୍ୱରଙ୍କୁ ସୁଯୋଗ ଦିଅନ୍ତୁ

**ସେ (ଈଶ୍ୱର) ଯେତେବେଳେ ସନ୍ତୁଷ୍ଟ ହେଲେ ।**

**ଗାଲାତୀୟ ୧:୧୫–୧୬**

ଈଶ୍ୱରଙ୍କ ସେବକରୂପେ ଆମେ ଈଶ୍ୱରଙ୍କୁ ସୁଯୋଗ ଦେବା ପାଇଁ ଶିକ୍ଷା କରିବା ଆବଶ୍ୟକ । ଆମେ ଯୋଜନା ଏବଂ ଆକଳନ କରି ଏପରି ବା ସେପରି ହେବ ବୋଲି କହୁ, କିନ୍ତୁ ଈଶ୍ୱରଙ୍କୁ ତାଙ୍କ ଇଚ୍ଛାନୁମୋଦିତ କାର୍ଯ୍ୟ କରିବାକୁ ସୁଯୋଗ ଦେବା ପାଇଁ ଭୁଲି ଯାଉ । ଯଦି ଈଶ୍ୱର ଏକ ଅନପେକ୍ଷିତ ମୁହୂର୍ତ୍ତରେ ଆମର ସଭା କିମ୍ବା ପ୍ରଚାର ମଧ୍ୟରେ ପ୍ରବେଶ କରନ୍ତି, ତେବେ ଆମେ କ'ଣ ଆଶ୍ଚର୍ଯ୍ୟ ହେବୁ ? ଏକ ନିର୍ଦ୍ଦିଷ୍ଟ ଉପାୟରେ ଈଶ୍ୱରଙ୍କ ଆଗମନକୁ ଅପେକ୍ଷା କରନ୍ତୁ ନାହିଁ, *ମାତ୍ର ତାଙ୍କର ଅପେକ୍ଷାରେ* ରୁହନ୍ତୁ । ତାଙ୍କୁ ସୁଯୋଗ ଦେବା ଅର୍ଥ ତାଙ୍କ ଆଗମନକୁ ଅପେକ୍ଷା କରି ରହିବା, କିନ୍ତୁ ଏକ ନିର୍ଦ୍ଦିଷ୍ଟ ଉପାୟରେ ନୁହେଁ । ଈଶ୍ୱରଙ୍କ ସମ୍ବନ୍ଧରେ ଆମର ଯେତେ ଅଧିକ ଜ୍ଞାନ ଥିଲେ ସୁଦ୍ଧା, ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଶିକ୍ଷଣୀୟ ବିଷୟ ହେଉଛି ଯେ, ସେ ଯେ କୌଣସି ମୁହୂର୍ତ୍ତରେ ଆସି ପାରନ୍ତି । ଆମେ ଏହି ଆଶ୍ଚର୍ଯ୍ୟର ବିଷୟକୁ ଅଣଦେଖା କରିପାରୁ, କିନ୍ତୁ ଈଶ୍ୱର ଆଉ ଅନ୍ୟ କୌଣସି ଉପାୟରେ କାର୍ଯ୍ୟ କରନ୍ତି ନାହିଁ । ଈଶ୍ୱର ତାଙ୍କ ଇଚ୍ଛା ଅନୁସାରେ ଅକସ୍ମାତ୍ ଆମ ଜୀବନରେ ସାକ୍ଷାତ କରନ୍ତି ।

ନିରନ୍ତର ଈଶ୍ୱରଙ୍କ ସହିତ ଏଭଳି ସଂସ୍ପର୍ଶରେ ଆସନ୍ତୁ, ଯଦ୍ଦ୍ୱାରା ଯେ କୌଣସି ମୁହୂର୍ତ୍ତରେ ତାଙ୍କର ଆତ୍ମିକ ଶକ୍ତିର କାର୍ଯ୍ୟ ଆରମ୍ଭ ହୋଇ ପାରିବ । ନିରନ୍ତର ଅପେକ୍ଷାରତ ଜୀବନ ଯାପନ କରି ଈଶ୍ୱରଙ୍କୁ ତାଙ୍କ ଇଚ୍ଛାନୁସାରେ ଆସିବାର ସୁଯୋଗ ଦିଅନ୍ତୁ ।

# ପୁନର୍ବାର ଦେଖନ୍ତୁ ଏବଂ ଉତ୍ସର୍ଗ କରନ୍ତୁ

**ତାକୁ (ଘାସକୁ) ଯଦି ଈଶ୍ୱର ଏହି ପ୍ରକାରେ ଭୂଷିତ କରନ୍ତି,...ସେ କ'ଣ ତୁମମାନଙ୍କୁ ଆହୁରି ଅଧିକ ରୂପେ ବସ୍ତ୍ରରେ ଭୂଷିତ କରିବେ ନାହିଁ ?**

**ମାଥିଉ ୬:୩୦**

ଯୀଶୁଙ୍କର ଗୋଟିଏ ସରଳ କଥା ସବୁବେଳେ ଆମକୁ ବିଭ୍ରାନ୍ତ କରେ କାରଣ ଆମେ ସରଳ 'ନୋହୁଁ' । ଯୀଶୁଙ୍କୁ ବୁଝିବା ପାଇଁ ଆମେ କିପରି ସରଳତା ରକ୍ଷା କରିବା ? ତାହାଙ୍କ ଆତ୍ମାଙ୍କୁ ଗ୍ରହଣ କରିବା, ତାଙ୍କ ପରିଚୟ ପାଇଁ ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବା ଏବଂ ତାଙ୍କ ସତ୍ୟ ବାକ୍ୟରେ ଆଜ୍ଞାକାରୀ ହେବା ଦ୍ୱାରା ଆଶ୍ଚର୍ଯ୍ୟରୂପେ ଜୀବନ ସରଳ ହୋଇଯିବ । ଯୀଶୁ ମଧ୍ୟ ପ୍ରଶ୍ନ କରନ୍ତି, ''ଈଶ୍ୱର ଯଦି ଘାସକୁ ପୁଷ୍ପରେ ଭୂଷିତ କରନ୍ତି, ତେବେ ତୁମେ ଯଦି ତାଙ୍କ ସହିତ ଯଥାର୍ଥ ସଂପର୍କ ରଖିବ, ତେବେ ସେ ତୁମକୁ କେତେ ଅଧିକ ଭୂଷିତ କରିବେ ନାହିଁ ?'' ପ୍ରତି ଥର ଅଭକ୍ତି ପ୍ରଦର୍ଶନ ପୂର୍ବକ ଆମେ ଯେତେବେଳେ ଭାବୁ ଯେ, ଆମେ ଯୀଶୁ ଖ୍ରୀଷ୍ଟଙ୍କ ଅପେକ୍ଷା ଅଧିକ ଜାଣିଛୁ, ସେତେବେଳେ ଆମେ ଈଶ୍ୱରଙ୍କ ସହିତ ଆତ୍ମିକ ସଂପର୍କ ହରାଇଥାଉ । ଆମେ ଆମ ସ୍ୱର୍ଗସ୍ଥ ପିତାଙ୍କର ''କେତେ ଅଧିକ'' ବିଷୟ ଭୁଲିଯାଇ ''ଜାଗତିକ ଚିନ୍ତାକୁ'' କୁ ଅନ୍ତରରେ ସ୍ଥାନ ଦେଇଛୁ (ମାଥିଉ ୧୩:୨୨) ।

''ଆକାଶର ପକ୍ଷୀମାନଙ୍କୁ ଦେଖ'' (୬:୨୬) ସେମାନଙ୍କ କାର୍ଯ୍ୟ ହେଲା, ସେମାନେ ଈଶ୍ୱରଙ୍କ ପ୍ରଦତ୍ତ ପ୍ରବୃତ୍ତି ଦ୍ୱାରା ଚାଳିତ ହୁଅନ୍ତି ଏବଂ ଈଶ୍ୱରଙ୍କ ଦୃଷ୍ଟି ସେମାନଙ୍କ ଉପରେ ଥାଏ । ଯୀଶୁ କହନ୍ତି ଯେ, ଯଦି ଆପଣ ତାଙ୍କ ସହିତ ସୁସଂପର୍କ ରକ୍ଷା କରି ଆପଣଙ୍କ ଅନ୍ତରରେ ବାସ କରୁଥିବା ତାଙ୍କ ଆତ୍ମାଙ୍କର ବାଧ୍ୟ ହେବେ, ତେବେ ସେ ଆପଣଙ୍କ 'ପର'ର ମଧ୍ୟ ଯତ୍ନ ନେବେ ।

''କ୍ଷେତର ଫୁଲଗୁଡ଼ିକୁ ଦେଖ'' (୬:୨୮) ଯେଉଁଠାରେ ସେମାନେ ରୋପିତ, ସେହିଠାରେ ସେମାନଙ୍କର ବୃଦ୍ଧି । ଈଶ୍ୱର ଆମକୁ ଯେଉଁ ସ୍ଥାନରେ ରୋପଣ କରନ୍ତି, ଅଧିକାଂଶ ସେଠାରେ ବଢ଼ିବାକୁ ଇଚ୍ଛା କରନ୍ତି ନାହିଁ । ସେଥିପାଇଁ ଆମ ଚେର ତଳକୁ ଯାଇପାରେ ନାହିଁ । ଯୀଶୁ କହନ୍ତି, ଆମେ ଯଦି ଈଶ୍ୱରଙ୍କ ଜୀବନ ଅନୁସରଣ କରିବା ତେବେ ସେ ଆମର ଅନ୍ୟ ସମସ୍ତ ବିଷୟର ଯତ୍ନ ନେବେ । ଯୀଶୁ ଖ୍ରୀଷ୍ଟ ଆମକୁ କ'ଣ ମିଛ କହନ୍ତି ? ଆମେ କ'ଣ ତାଙ୍କ ପ୍ରତିଶ୍ରୁତିର ''ଆହୁରି ଅଧିକ'' ବିଷୟ ଅନୁଭବ କରୁଛୁ ? ଯଦି ଆମର ସେ ଅନୁଭୂତି ନାହିଁ, ତାହାର କାରଣ ହେଉଛି, ଆମେ ଈଶ୍ୱରଙ୍କ ଇଚ୍ଛାନୁମୋଦିତ ଜୀବନ ଅନୁସରଣ କରି ନାହୁଁ ଏବଂ ଆମର ମନ ବ୍ୟସ୍ତତା ଓ ଦୁଶ୍ଚିନ୍ତାରେ ଭରି ଯାଇଛି । ଚିନ୍ତାମୁକ୍ତ ହୋଇ ଈଶ୍ୱରଙ୍କ ସେବାରେ ମନଯୋଗୀ ହେବା ପରିବର୍ତ୍ତେ ଈଶ୍ୱରଙ୍କୁ ଅବାନ୍ତର ପ୍ରଶ୍ନ ପଚାରିବା ଦ୍ୱାରା ଆମେ କେତେ ମୂଲ୍ୟବାନ୍ ସମୟ ନଷ୍ଟ କରିଛୁ ? ଉତ୍ସର୍ଗୀକରଣର ଅର୍ଥ, ମୁଁ ନିରନ୍ତର ସମସ୍ତ ବିଷୟରୁ ଆପଣାକୁ ପୃଥକ୍ କରି ମୋ' ପ୍ରତି ଈଶ୍ୱର ଯେଉଁ କାର୍ଯ୍ୟ ନିରୂପଣ କରିଛନ୍ତି, ମୁଁ କେବଳ ସେଥିରେ ମନୋନିବେଶ କରିବି । ଏହା କେବଳ ଗୋଟିଏ ସମୟର ଅନୁଭୂତି ନୁହେଁ, ଏହା ଏକ ପ୍ରଗତିଶୀଳ ପ୍ରକ୍ରିୟା । ମୋର ଦୈନନ୍ଦିନ ଜୀବନରେ ମୁଁ କ'ଣ ଆପଣାକୁ ପୃଥକ୍ କରି ନିରନ୍ତର ଈଶ୍ୱରଙ୍କ ପ୍ରତି ସ୍ଥିର ଦୃଷ୍ଟି ରଖିଛି ?

ଜାନୁୟାରୀ ୨୭

# ପୁନର୍ବାର ଦେଖନ୍ତୁ ଏବଂ ଚିନ୍ତା କରନ୍ତୁ

**ତୁମ ଜୀବନ ବିଷୟରେ ଚିନ୍ତିତ ହୁଅ ନାହିଁ ।**
**ମାଥିଉ ୬:୨୫**

ବାରମ୍ବାର ଯେଉଁ ଚେତାବନୀର ପୁନରାବୃତ୍ତି ଆବଶ୍ୟକ ହୁଏ, ତା' ହେଉଛି ''ଜଗତର ଚିନ୍ତା ଭାବନା, ଧନସଂପଦର ପ୍ରତାରଣା'' ଏବଂ ଅନ୍ୟାନ୍ୟ ବିଷୟ ପ୍ରତି ଆମର ଲାଳସା, ଯାହା ଆମର ଆତ୍ମିକ ଜୀବନକୁ ଚାପି ପକାଏ (ମାଥିଉ ୧୩:୨୨) । ବାରମ୍ବାର ମାଡ଼ି ଆସୁଥିବା ଏହି ଆକ୍ରମଣକାରୀ ଜୁଆର-ଭଟ୍ଟାର କବଳରୁ ଆମେ ଆଦୌ ମୁକ୍ତ ହୋଇ ପାରିବା ନାହିଁ । ଆକ୍ରମଣର ସମ୍ମୁଖ ଧାଡ଼ି ଖାଦ୍ୟ, ବସ୍ତ୍ର ନ ହୋଇ ହୁଏତ ଅର୍ଥ, ଅର୍ଥାଭାବ, ବନ୍ଧୁତା, ନିଃସଙ୍ଗତା କିମ୍ବା ଅନ୍ୟ କୌଣସି କଷ୍ଟକର ପରିସ୍ଥିତି ହୋଇପାରେ । ନିୟମିତ ରୂପେ ଏହି ଆକ୍ରମଣ ଚାଲିଥାଏ । ଆମେ ଯଦି ଈଶ୍ୱରଙ୍କ ଆତ୍ମାଙ୍କୁ ଏହା ବିରୁଦ୍ଧରେ, ତାଙ୍କର ପତାକା ଉତ୍ତୋଳନ କରିବାକୁ ଅନୁମତି ନ ଦେଉ, ତେବେ ଏହି ସବୁ ବନ୍ୟା ଭଳି ମାଡ଼ି ଆସିବ ।

''ମୁଁ ତୁମମାନଙ୍କୁ କହୁଛି, ତୁମର ଜୀବନଧାରଣ ବିଷୟରେ ଚିନ୍ତିତ ହୁଅ ନାହିଁ ।'' ଆମର ପ୍ରଭୁ କେବଳ ଗୋଟିଏ ବିଷୟରେ ସତର୍କ ରହିବା ପାଇଁ କହନ୍ତି- ତା'ହେଉଛି, ତାଙ୍କ ସହିତ ଆମର ସଂପର୍କ । କିନ୍ତୁ ଆମର ବ୍ୟବହାରିକ ଜ୍ଞାନକୁ ଆଧାର କରି ଆମେ ଚିତ୍କାର କରି କହୁ ''ତାହା ଅସମ୍ଭବ, ମୋର ଜୀବନଧାରଣ, ଖାଦ୍ୟପେୟ ବିଷୟରେ ନିଷ୍ପତ୍ତି ନେବାର ଅଧିକାର କେବଳ ମୋର ।'' ଯୀଶୁଙ୍କ ଦୃଷ୍ଟିରେ ଏହା ଆମର ଅନୁଚିତ୍ ବ୍ୟବହାର । ସେ ଯେ ଆମ ପରିସ୍ଥିତି ବିଷୟ ଜାଣନ୍ତି ନାହିଁ, ଏ ଭଳି ଭ୍ରାନ୍ତ ଧାରଣା ପ୍ରତି ସତର୍କ ରୁହନ୍ତୁ । ଆମ ଅପେକ୍ଷା ଯୀଶୁଖ୍ରୀଷ୍ଟ ଆମର ପରିସ୍ଥିତି ବିଷୟ ଭଲରୂପେ ଜାଣନ୍ତି ଏବଂ ସେ କହନ୍ତି ଯେ, ଆମେ ଏହାକୁ ଆମ ଜୀବନର ମୁଖ୍ୟ ଚିନ୍ତାରୂପେ ଗ୍ରହଣ କରିବା ଉଚିତ୍ ନୁହେଁ । ଯେତେବେଳେ ବିଭିନ୍ନ ଚିନ୍ତା ଆପଣଙ୍କୁ ବ୍ୟତିବ୍ୟସ୍ତ କରେ, ସେତେବେଳେ ପ୍ରଥମେ ଈଶ୍ୱରଙ୍କ ସହିତ ଆପଣଙ୍କ ସଂପର୍କକୁ ସଜାଡ଼ି ଦିଅନ୍ତୁ ।

''ଆଜିର କଷ୍ଟ ଆଜି ପାଇଁ ଯଥେଷ୍ଟ'' (୬:୩୪) । ଆଜି ଆପଣ କେତେ ଅଧିକ ଦୁଃଖ ଜଞ୍ଜାଳର ସମ୍ମୁଖୀନ ହୋଇଛନ୍ତି ? କେତେ ଛୋଟ ଛୋଟ ଦୁଷ୍ଟାତ୍ମା ସବୁ ଆପଣଙ୍କ ଜୀବନକୁ ଦଖଲ କରି ପଚାରୁଛନ୍ତି, ''ଆସନ୍ତା ମାସ ବା ଆସନ୍ତା ଖରାଦିନ ପାଇଁ ତୁମର ଯୋଜନା କ'ଣ ?'' ଯୀଶୁ କହନ୍ତି- ଏ ସବୁ ବିଷୟରେ ଚିନ୍ତିତ ହୁଅ ନାହିଁ । ପୁନର୍ବାର ଦେଖନ୍ତୁ ଏବଂ ଚିନ୍ତା କରନ୍ତୁ । ଆପଣଙ୍କ ସ୍ୱର୍ଗସ୍ଥ ପିତାଙ୍କର 'ଆହୁରି ଅଧିକ'' ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ ।

# ଜଣେ କିପରି ଯୀଶୁଙ୍କୁ ଏଭଳି ନିର୍ଯ୍ୟାତନା କରିପାରେ !

### ଶାଉଲ, ଶାଉଲ, ତୁମେ କାହିଁକି ମୋତେ ନିର୍ଯ୍ୟାତନା କରୁଛ ?

### ପ୍ରେରିତ ୨୬:୧୪

ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଜୀବନଯାପନ ପାଇଁ ଆପଣ ଯେଉଁ ପଥ ବାଛି ନେଇଛନ୍ତି, ସେଥିରେ କ'ଣ ଆପଣ ଅଟଳ ? ପବିତ୍ର ଆତ୍ମା ଏବଂ ଅଗ୍ନିରେ ବାପ୍ତିସ୍ମ ନ ନେବା ପର୍ଯ୍ୟନ୍ତ (ମାଥିଉ ୩:୧୧) ଆମେ ଏହି ଫାନ୍ଦରୁ ମୁକ୍ତ ହୋଇ ପାରିବା ନାହିଁ । ଆମର ଜିଦ୍‌ଖୋର ମନୋଭାବ ଏବଂ ଅହଂକାର ସବୁବେଳେ ଯୀଶୁଙ୍କ ପ୍ରତି ଛୁରିକାଘାତ କରିବ । ଏହା ଅନ୍ୟ କାହାକୁ ଆଘାତ ଦେଇ ନ ପାରେ, ମାତ୍ର ତାଙ୍କର ଆତ୍ମାଙ୍କୁ ଆଘାତ ଦିଏ । ଯେଉଁ ସମୟରେ ଆମେ କଠିଣମନା ଓ ଅହଂକାରୀ ହୋଇ ନିଜର ଇଚ୍ଛା ବଜାୟ ରଖୁ, ଆମେ ଯୀଶୁଙ୍କୁ ଆଘାତ ଦେଉ । ପ୍ରତି ସମୟରେ ଆମେ ଅହଂକାରୀ ହୋଇ ନିଜର ଇଚ୍ଛା ଓ ଅଧିକାରକୁ ଜାହିର କରିବା ଦ୍ୱାରା ଯୀଶୁଙ୍କୁ ନିର୍ଯ୍ୟାତନା କରୁ । ଆମେ ଯେତେବେଳେ ନିଜର ଆତ୍ମ ସମ୍ମାନ ଉପରେ ଭରସା କରୁ, ସୁବ୍ୟବସ୍ଥିତ ରୂପେ ଆମେ ତାଙ୍କର ଆତ୍ମାଙ୍କୁ ଅସ୍ଥିର ଓ ଦୁଃଖିତ କରୁ । ପରିଶେଷରେ ଯେତେବେଳେ ଆମର ହୃଦ୍‌ବୋଧ ହୁଏ ଯେ, ଏ ହେଉଛନ୍ତି ଯୀଶୁ ଏବଂ ସେହି ଯୀଶୁଙ୍କୁ ଆମେ ଏ ପର୍ଯ୍ୟନ୍ତ ନିର୍ଯ୍ୟାତନା କରି ଆସିଛୁ, ସେହି ଦୁଃଖଦାୟକ ସମୟ ଆମକୁ ସଂପୂର୍ଣ୍ଣରୂପେ ଚୂର୍ଣ୍ଣ କରି ଦିଏ ।

ମୁଁ ଆପଣଙ୍କ ନିକଟରେ ଯେଉଁ ବାକ୍ୟ ପରିବେଷଣ କରେ, ତାହା କ'ଣ ତୀକ୍ଷ୍ଣ ଏବଂ ମର୍ମ ଭେଦକାରୀ ଅବା ମୁଁ ଯେଉଁ ଶିକ୍ଷା ଦେବା ପାଇଁ ଯତ୍ନ କରେ, ତାହା ମୋ ନିଜ ଜୀବନରେ ନିଷ୍ଫଳ ହୁଏ ? ମୁଁ ହୁଏତ ଶୁଚିକରଣ ବିଷୟ ପ୍ରଚାର କରିପାରେ, କିନ୍ତୁ ଯୀଶୁଙ୍କୁ ନିର୍ଯ୍ୟାତିତ କରିଥିବା ଶୟତାନର ଆତ୍ମା ମୋ'ଠାରେ ପ୍ରଦର୍ଶିତ ହୁଏ । ଯୀଶୁଙ୍କ ଆତ୍ମା କେବଳ ଗୋଟିଏ ବିଷୟ ପ୍ରତି ସଚେତନ– ତାହା ହେଉଛି, ପିତାଙ୍କ ସହିତ ସଂପୂର୍ଣ୍ଣ ସିଦ୍ଧତା ଏବଂ ଏକତ୍ୱ । ସେ କହନ୍ତି, ''ମୋର ଜୁଆଳି ନିଜେ ବହନ କର ଓ ମୋ'ଠାରୁ ଶିଖ, କାରଣ ମୁଁ ବିନୟୀ ଓ ନମ୍ର ଏବଂ ତୁମେମାନେ ପ୍ରାଣରେ ଶାନ୍ତି ପାଇବ'' (ମାଥିଉ ୧୧:୨୯) । ମୋର ସମସ୍ତ କାର୍ଯ୍ୟ ସଂପୂର୍ଣ୍ଣରୂପେ ଈଶ୍ୱରଙ୍କ ଇଚ୍ଛା ଉପରେ ଆଧାରିତ ହେବା ଆବଶ୍ୟକ, ଧାର୍ମିକ ଦେଖାଇବା ପାଇଁ ନିଜ ଇଚ୍ଛାକୁ ଜାହିର କରିବା ଦ୍ୱାରା ନୁହେଁ । ଏହାର ଅର୍ଥ, ଲୋକମାନେ ସୁଯୋଗର ଫାଇଦା ଉଠାଇ ପାରନ୍ତି, ମୋର ସମାଲୋଚନା କରିପାରନ୍ତି, କିମ୍ବା ସଂପୂର୍ଣ୍ଣ ରୂପେ ମୋତେ ତୁଚ୍ଛ କରି ପାରନ୍ତି, କିନ୍ତୁ ମୁଁ ଯଦି ଈଶ୍ୱରଙ୍କ ପାଇଁ ସେ ସବୁ ସହ୍ୟ କରିବି, ତେବେ ଯୀଶୁଙ୍କୁ ନିର୍ଯ୍ୟାତିତ ହେବାରୁ ପ୍ରତିରୋଧ କରିବି ।

**ଜାନୁୟାରୀ ୨୯**

# ପ୍ରଭୁଙ୍କଠାରୁ ଆପଣ କେଉଁ କାର୍ଯ୍ୟ ଅପେକ୍ଷା କରନ୍ତି ?

### ପ୍ରଭୁ, ଆପଣ କିଏ ?

### ପ୍ରେରିତ ୨୬:୧୫

''ପ୍ରଭୁ ଆପଣାର ଦୃଢ଼ ହସ୍ତ ମୋ' ଉପରେ ରଖି ମୋତେ କଥା କହିଲେ'' (ଯିଶାଇୟ ୮:୧୧) । ଆମର ପ୍ରଭୁ କଥା କହିବା ସମୟରେ ସେଥିରୁ ରକ୍ଷା ପାଇବାର ଅନ୍ୟ କୌଣସି ବାଟ ନାହିଁ । ସେ ସବୁବେଳେ ଅଧିକାର ସହ ଆମର ବୋଧଶକ୍ତିକୁ ଆୟତ୍ତ କରନ୍ତି । ସିଧାସଳଖ ଆପଣଙ୍କ ନିକଟକୁ ଈଶ୍ୱରଙ୍କ ବାକ୍ୟ ଆସିଛି କି ? ଯଦି ଆସିଛି ତେବେ ତା'ର ନିବିଡ଼ ଆବେଦନକୁ ଆପଣ ଆଦୌ ଭୁଲ୍ ବୁଝି ପାରିବେ ନାହିଁ । ଈଶ୍ୱର ସରଳ ବୋଧଗମ୍ୟ ଭାଷାରେ ଆପଣଙ୍କ ସହିତ ଆଳାପ କରନ୍ତି– ଆପଣଙ୍କ ଜ୍ଞାନ ଦ୍ୱାରା ନୁହେଁ, ଆପଣଙ୍କ ପରିସ୍ଥିତି ଦ୍ୱାରା ।

ଯେଉଁ ବିଶ୍ୱାସ ଉପରେ ଆମେ ଭରସା ରଖୁ, ଈଶ୍ୱରଙ୍କୁ ତାହା ନଷ୍ଟ କରିବାକୁ ହୁଏ । ଆମେ କହୁ, ''ମୁଁ ଜାଣେ, ମୋତେ ଏହା କରିବାକୁ ହେବ'' ଏବଂ ହଠାତ୍ ଈଶ୍ୱରଙ୍କ ସ୍ୱର ଏଭଳି ଭାବେ କଥା କହେ, ଯଦ୍ଦ୍ୱାରା ଆମର ଗଭୀର ଅଜ୍ଞତା ପ୍ରକାଶିତ ହୁଏ ଏବଂ ଆମେ ଭାବବିହ୍ୱଳ ହୋଇଯାଉ । ତାଙ୍କର ସେବା କରିବା ପାଇଁ ଆମେ ଯେଉଁ ପ୍ରକାର ସିଦ୍ଧାନ୍ତ ନେଇଥାଉ, ତଦ୍ଦ୍ୱାରା ତାଙ୍କ ବିଷୟରେ ଆମର ଅଜ୍ଞତା ପ୍ରକାଶିତ ହୁଏ । ଆମେ ଯୀଶୁଙ୍କ ମନୋଭାବ ନେଇ ତାଙ୍କର ସେବା କରୁ ନାହୁଁ ବରଂ ତାଙ୍କର ପକ୍ଷ ସମର୍ଥନ ପୂର୍ବକ ଆମେ ତାଙ୍କୁ ଆଘାତ ଦେଇଥାଉ । ଶୟତାନର ଆତ୍ମା ନେଇ ଆମେ ତାଙ୍କର ଦାବି ଉପସ୍ଥାପିତ କରୁ । ଆମର କଥା ଶ୍ରୁତି ମଧୁର ହୋଇପାରେ, କିନ୍ତୁ ଆମର ଆତ୍ମା ଶତ୍ରୁର ଆତ୍ମା ଭଳି କାର୍ଯ୍ୟ କରେ । ''ଯୀଶୁ ବୁଲିପଡ଼ି ସେମାନଙ୍କୁ ଭର୍ତ୍ସନା କଲେ ଏବଂ କହିଲେ, 'ତୁମମାନଙ୍କର ଆତ୍ମା କି ପ୍ରକାରର, ତାହା ତୁମେ ଜାଣ ନାହିଁ'' (ଲୂକ ୯:୫୫) । ୧ କରିନ୍ଥୀୟ ୧୩ ଅଧ୍ୟାୟରେ ଈଶ୍ୱରଙ୍କ ଅନୁଗାମୀମାନଙ୍କ ମଧ୍ୟରେ ଅଧିଷ୍ଠିତ ପ୍ରଭୁଙ୍କ ଆତ୍ମାଙ୍କ ବିଷୟ ବର୍ଣ୍ଣିତ ହୋଇଛି ।

ଦୃଢ଼ ଭାବେ ନିଜ ଉପାୟରେ ଯୀଶୁଙ୍କ ସେବା କରିବାର ସିଦ୍ଧାନ୍ତ ନେଇ ମୁଁ କ'ଣ ତାଙ୍କୁ ନିର୍ଯ୍ୟାତନା କରି ଆସୁଛି ? ମୋର କର୍ତ୍ତବ୍ୟ କରିଛି ବୋଲି ମୋର ହୃଦବୋଧ ହେଲେ ମଧ୍ୟ ଏହି ପ୍ରକ୍ରିୟାରେ ମୁଁ ଯଦି ତାଙ୍କୁ ଆଘାତ ଦେଇଛି, ତେବେ ମୋତେ ଜାଣିବାକୁ ହେବ ଯେ, ତାହା କରିବା ମୋର ଉଚିତ୍ ନ ଥିଲା । ମୋ' ନିଜ ଉପାୟ ମଧ୍ୟରେ ନମ୍ରତା ଏବଂ ସୁସ୍ଥିର ଆତ୍ମା ନ ଥିଲା, ମାତ୍ର ଆତ୍ମସନ୍ତୋଷର ଆତ୍ମା ଥିଲା । ଆମର ଅନୁମାନ ଅନୁସାରେ ଯେଉଁ କାର୍ଯ୍ୟ ଅରୁଚିକର, ତାହାହିଁ ଆମର କର୍ତ୍ତବ୍ୟ । ତାହା କ'ଣ ଆମ ପ୍ରଭୁଙ୍କର ଆତ୍ମା ଭଳି–''ହେ ମୋର ଈଶ୍ୱର, ତୁମର ଇଚ୍ଛା ସାଧନ କରିବାକୁ ମୁଁ ଆନନ୍ଦ ଲାଭ କରେ'' (ଗୀତସଂହିତା ୪୦:୮) ।

**ଜାନୁୟାରୀ ୩୦**

# ବାଧତାର ଦ୍ୱନ୍ଦ୍ୱ

### ଶାମୁଏଲ ଏଲୀଙ୍କୁ ସେହି ଦର୍ଶନ ବିଷୟରେ ଜଣାଇବାକୁ ଭୟ କଲେ ।
### ୧ ଶାମୁଏଲ ୩:୧୫

ଈଶ୍ୱର ନାଟକୀୟ ଭାବେ ଆମ ସହିତ କଥା କହନ୍ତି ନାହିଁ, କିନ୍ତୁ ଏଭଳି ଉପାୟରେ କହନ୍ତି, ଯାହାକୁ ଆମେ ସହଜରେ ଭୁଲ୍ ବୁଝିଥାଉ । ତା'ପରେ ଆମେ କହୁ, ଏହା କ'ଣ ପ୍ରକୃତରେ ଈଶ୍ୱରଙ୍କ ସ୍ୱର ?'' ଯିଶାଇୟଙ୍କ ଉକ୍ତି ଅନୁସାରେ, ''ଈଶ୍ୱର ତାଙ୍କର ଦୃଢ଼ ହସ୍ତ'' ରଖି ତାଙ୍କୁ କହିଲେ । ଏହା ତାଙ୍କ ପରିସ୍ଥିତିର ଚାପକୁ ବୁଝାଏ । ଈଶ୍ୱରଙ୍କ ଶକ୍ତିଯୁକ୍ତ ହାତ ବିନା କୌଣସି ବିଷୟ ଆମ ଜୀବନକୁ ସ୍ପର୍ଶ କରିପାରେ ନାହିଁ । ପ୍ରତ୍ୟେକ ପରିସ୍ଥିତିରେ ଆମେ କ'ଣ ଈଶ୍ୱରଙ୍କ ହାତକୁ ଦେଖିପାରୁ ଅବା ତାହାକୁ ଆମେ ଗୋଟିଏ ସାଧାରଣ ଘଟଣା ବୋଲି ମନେକରୁ ?

''ପ୍ରଭୁ ଆପଣ କୁହନ୍ତୁ'', ଏହି କଥା କହିବା ଅଭ୍ୟାସ କରନ୍ତୁ, ତା'ହେଲେ ଆପଣଙ୍କ ଜୀବନ ରୋମାଞ୍ଚିତ ହେବ (୧ ଶାମୁଏଲ ୩:୯) । ଯେତେବେଳେ ଆପଣ ପରିସ୍ଥିତିର ଚାପରେ କବଳିତ ହୁଅନ୍ତି, ଏହି କଥା ଉଚ୍ଚାରଣ କରନ୍ତୁ, ''ପ୍ରଭୁ, ଆପଣ କୁହନ୍ତୁ'', ଏବଂ ଶୁଣିବା ପାଇଁ ସମୟ ବାହାର କରନ୍ତୁ । ଶୃଙ୍ଖଳା ଅପେକ୍ଷା ସଂଶୋଧନ ଅଧିକ ଶ୍ରେୟ କାରଣ ଏହା ଆମକୁ ଏଭଳି ଅବସ୍ଥାକୁ ଘେନିଯାଏ, ଯେତେବେଳେ ଆମେ କହୁ ''ପ୍ରଭୁ, ଆପଣ କୁହନ୍ତୁ'' । ଈଶ୍ୱର ଆପଣଙ୍କ ସହିତ ଆଳାପ କରିଥିବାର ଗୋଟିଏ ସମୟ ବିଷୟ ଭାବନ୍ତୁ । ତାଙ୍କର କଥା ଆପଣଙ୍କର ମନେ ଅଛି କି ? ତାହା କ'ଣ ଲୂକ ୧୧:୧୩ ଅବା ୧ ଥେସଲନିକୀୟ ୫:୨୩ ଉପରେ ଆଧାରିତ ଥିଲା ? ଆମେ ଯେତେ ଅଧିକ ଏହି କଥା ଶୁଣୁ, ଆମର କାନ ସେତେ ଅଧିକ ସମ୍ବେଦନଶୀଳ ହୁଏ । ଆମେ ଯୀଶୁଙ୍କ ପରି ସବୁବେଳେ ଈଶ୍ୱରଙ୍କ କଥା ଶୁଣିପାରୁ ।

ଈଶ୍ୱର ମୋତେ ଯାହା ଦେଖାଇଛନ୍ତି, ତାହା ମୁଁ ମୋର 'ଏଲୀ'ଙ୍କୁ କହିବି କି ? ଏହିଠାରେ ହିଁ ଆଜ୍ଞାପାଳନର ଦ୍ୱନ୍ଦ୍ୱ ଉପସ୍ଥିତ ହୁଏ । ଅନଭିଜ୍ଞ ରୂପେ ଆମେ ଈଶ୍ୱରଙ୍କ ଆଜ୍ଞାଲଂଘନ କରି ଭାବିଥାଉ, ''ମୁଁ ନିଶ୍ଚୟ ଏଲୀଙ୍କୁ ରକ୍ଷା କରିବି'', କାରଣ ସେ ଆମର ଅତି ପରିଚିତ ଲୋକଙ୍କ ପ୍ରତିନିଧି ସ୍ୱରୂପ । ଏଲୀଙ୍କୁ ଜଣାଇବା ପାଇଁ ଈଶ୍ୱର ଶାମୁଏଲଙ୍କୁ କହି ନ ଥିଲେ– ଶାମୁଏଲ ନିଜେ ଏହି ସିଦ୍ଧାନ୍ତ ନେଲେ । ଆପଣଙ୍କ ପ୍ରତି ଈଶ୍ୱରଙ୍କ ସମ୍ବାଦ ଆପଣଙ୍କ 'ଏଲୀ'ଙ୍କୁ ଆଘାତ ଦେଇ ପାରେ, କିନ୍ତୁ ଆପଣ ଯଦି ଅନ୍ୟ ଜଣକୁ କଷ୍ଟ ନ ଦେବା ପାଇଁ ଚେଷ୍ଟିତ ହେବେ, ତେବେ ଆପଣଙ୍କ ଆତ୍ମା ଏବଂ ଈଶ୍ୱରଙ୍କ ମଧ୍ୟରେ ବାଧା ସୃଷ୍ଟି ହେବ । ଆପଣ ନିଜକୁ ବିପଦରେ ପକାଇ ଅନ୍ୟର ଡାହାଣ ହାତ କାଟିବା ଏବଂ ଡାହାଣ ଆଖି ଉପାଡ଼ିବା କାର୍ଯ୍ୟରୁ ତାକୁ ସୁରକ୍ଷା ଦେବେ (ମାଥିଉ ୫:୨୯–୩୦ ଦେଖନ୍ତୁ) ।

ଈଶ୍ୱରଙ୍କ ସମ୍ମୁଖରେ ଆପଣ ଯେଉଁ ସିଦ୍ଧାନ୍ତ ନେଇଛନ୍ତି, ସେ ସଂପର୍କରେ ଆପଣ ଆଉ କାହାର ପରାମର୍ଶ ଲୋଡ଼ିବା ଆବଶ୍ୟକ ନୁହେଁ । ପରାମର୍ଶ ଲୋଡ଼ିବା ଅର୍ଥ, ଆପଣ ସର୍ବଦା ଶୟତାନର ପକ୍ଷଭୁକ୍ତ ବୋଲି ପ୍ରମାଣିତ ହେବେ ।

ସେତେବେଳେ ମୁଁ କୌଣସି ମନୁଷ୍ୟ ସହିତ ପରାମର୍ଶ କରି ନ ଥିଲି (ଗାଲାତୀୟ ୧:୧୬) ।

# ଆପଣ କ'ଣ ଆପଣଙ୍କ ଆହ୍ୱାନକୁ ଦେଖି ପାରନ୍ତି ?

**...ଈଶ୍ୱରଙ୍କ ସୁସମାଚାର ପାଇଁ ପୃଥକୀକୃତ ।**

**ରୋମୀୟ ୧:୧**

ଆମ ଆହ୍ୱାନର ମୁଖ୍ୟ ଉଦ୍ଦେଶ୍ୟ ପବିତ୍ର ହେବା ପାଇଁ ନୁହେଁ, ମାତ୍ର ଈଶ୍ୱରଙ୍କ ସୁସମାଚାର ପ୍ରଚାର କରିବା ପାଇଁ ଆମେ ଆହୂତ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିଷୟ ହେଉଛି, ଈଶ୍ୱରଙ୍କ ସୁସମାଚାର ଯେପରି ଆମ ଜୀବନରେ ସ୍ଥାୟୀ ବାସ୍ତବତାରୂପେ ଚିହ୍ନିତ ହେବ । ଏହି ବାସ୍ତବତା ମାନବୀୟ ଉତ୍ତମତା, ପବିତ୍ରତା, ସ୍ୱର୍ଗ ବା ନରକ ନୁହେଁ– ଏହା ହେଉଛି ମୁକ୍ତି ବା ଉଦ୍ଧାର । ଆଜିର ଖ୍ରୀଷ୍ଟୀୟ ସେବକ ଏହାକୁ ହୃଦୟଙ୍ଗମ କରିବା ଅତ୍ୟନ୍ତ ଜରୁରୀ । କାର୍ଯ୍ୟକାରୀରୂପେ ଆମେ ଏହି ପ୍ରକାଶିତ ସତ୍ୟ ପ୍ରତି ଅଭ୍ୟସ୍ତ ହେବା ଉଚିତ୍ ଯେ, ମୁକ୍ତି ହିଁ ଏକମାତ୍ର ବାସ୍ତବତା । ବ୍ୟକ୍ତିଗତ ପବିତ୍ରତା ଏହାର ଫଳସ୍ୱରୂପ, ଏହାର କାରଣ ନୁହେଁ । ଯଦି ଆମେ ମନୁଷ୍ୟର ପବିତ୍ରତା ଉପରେ ନିର୍ଭର କରିବା, ତେବେ ପରୀକ୍ଷା ଆସିବା ସମୟରେ ଆମେ ତଳକୁ ଖସିଯିବା ।

ପାଉଲ ନିଜେ ନିଜକୁ ପୃଥକୀକୃତ କରିବା ବିଷୟ କହିଲେ ନାହିଁ, କିନ୍ତୁ ସେ କହିଲେ, ‘‘ଈଶ୍ୱର ମୋତେ...ତାଙ୍କ ଅନୁଗ୍ରହରେ ପୃଥକ୍ କଲେ’’ (ଗାଲାତୀୟ ୧:୧୫) । ପାଉଲ ଆପଣା ଚରିତ୍ର ସମ୍ବନ୍ଧରେ ଅତ୍ୟଧିକ ମନୋଯୋଗୀ ନ ଥିଲେ । ଆମେ ଯେ ପର୍ଯ୍ୟନ୍ତ କେବଳ ନିଜର ପବିତ୍ରତା ପ୍ରତି ଧ୍ୟାନ ମଗ୍ନ ଥାଉ, ସେପର୍ଯ୍ୟନ୍ତ ଆମେ ତିଳେମାତ୍ର ମୁକ୍ତିର ପୂର୍ଣ୍ଣ ବାସ୍ତବତାର ନିକଟତର ହୋଇପାରିବା ନାହିଁ । ଖ୍ରୀଷ୍ଟୀୟ କାର୍ଯ୍ୟକାରୀମାନଙ୍କ ବିଫଳତାର କାରଣ ହେଉଛି, ସେମାନେ ଈଶ୍ୱରଙ୍କୁ ଜାଣିବାର ଆକାଂକ୍ଷା ତୁଳନାରେ ପବିତ୍ରତା ପ୍ରତି ନିଜର ଲାଳସାକୁ ପ୍ରଧାନ ସ୍ଥାନ ଦିଅନ୍ତି । ସେମାନେ କହନ୍ତି, ‘‘ହେ ଈଶ୍ୱର, ଆଜି ମୋ ଚାରିପାଖେ ଥିବା ଲୋକମାନଙ୍କ ପାପ ଦୁର୍ଗନ୍ଧପୂର୍ଣ୍ଣ ଜୀବନର ଉଦ୍ଧାର କାର୍ଯ୍ୟର ବାସ୍ତବତା ପ୍ରତି ମୋତେ ସମ୍ମୁଖୀନ ହେବା ପାଇଁ ଦିଅ ନାହିଁ, ବରଂ ମୁଁ ଚାହୁଁଛି ମୋ’ ଦୃଷ୍ଟିରେ ଅଧିକ ଗ୍ରହଣୀୟ ହେବା ପାଇଁ ତୁମେ ସାହାଯ୍ୟ କର’’ । ମୋର ଏହି ପ୍ରକାର କଥା ସୂଚୀତ କରେ ଯେ, ଈଶ୍ୱରଙ୍କ ସୁସମାଚାରର ବାସ୍ତବତା ମୋ’ ଜୀବନକୁ ଛୁଇଁବା ଆରମ୍ଭ କରି ନାହିଁ । ସେଥିରେ ଈଶ୍ୱରଙ୍କୁ ପରିତ୍ୟାଗ କରିବାର ବେଖାତିର ମନୋଭାବ ରହିଛି । ଯେ ପର୍ଯ୍ୟନ୍ତ ମୁଁ କେବଳ ନିଜ ସ୍ୱଭାବ ଚରିତ୍ର ପ୍ରତି ମନୋଯୋଗୀ ହୁଏ, ଈଶ୍ୱର ମୋତେ ମୁକ୍ତ କରିପାରିବେ ନାହିଁ । ପାଉଲ ନିଜ ବିଷୟରେ ସଚେତନ ନ ଥିଲେ । ସେ ପରିତ୍ୟକ୍ତ ଥିଲେ, ସଂପୂର୍ଣ୍ଣ ଭାବେ ସମର୍ପିତ ଥିଲେ ଏବଂ କେବଳ ଏକମାତ୍ର ଉଦ୍ଦେଶ୍ୟ ନେଇ ଈଶ୍ୱରଙ୍କ ପାଇଁ ପୃଥକୀକୃତ ଥିଲେ– ସେହି ଉଦ୍ଦେଶ୍ୟ ଥିଲା, ଈଶ୍ୱରଙ୍କ ସୁସମାଚାର ପ୍ରଚାର ।

# ଈଶ୍ୱରଙ୍କ ଆହ୍ୱାନ

**କାରଣ ବାପ୍ତିସ୍ମ ଦେବାକୁ ଈଶ୍ୱର ମୋତେ ପଠାଇ ନ ଥିଲେ,**
**ମାତ୍ର ସୁସମାଚାର ପ୍ରଚାର କରିବାକୁ ପଠାଇଥିଲେ ।**
**୧ କରିନ୍ଥୀୟ ୧:୧୭**

ପାଉଲ ଏଠାରେ କହନ୍ତି ଯେ, ଈଶ୍ୱରଙ୍କ ଆହ୍ୱାନ ହେଉଛି ଆମେ ଯେପରି ସୁସମାଚାର ପ୍ରଚାର କରିବା । କିନ୍ତୁ ମନେରଖନ୍ତୁ ଯେ ପାଉଲଙ୍କ ଦୃଷ୍ଟିରେ ‘‘ସୁସମାଚାର’’ର ଅର୍ଥ, ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମୁକ୍ତି ସାଧନ କାର୍ଯ୍ୟର ବାସ୍ତବତା । ପବିତ୍ରୀକରଣକୁ ଆମ ପ୍ରଚାରର ଲକ୍ଷ୍ୟ ରୂପେ ସ୍ଥିର କରି ଆମେ ସେଥିରେ ମନୋନିବେଶ କରୁ । ବ୍ୟକ୍ତିଗତ ଅନୁଭୂତିକୁ ପାଉଲ ଉଦାହରଣ ଛଳରେ ବ୍ୟବହାର କରନ୍ତି, ଶେଷ କଥା ରୂପେ ନୁହେଁ । ପରିତ୍ରାଣ ବା ପବିତ୍ରୀକରଣ ସମ୍ବନ୍ଧରେ ପ୍ରଚାର କରିବା ପାଇଁ ଆମେ ଆଦେଶ ପ୍ରାପ୍ତ ହୋଇନାହୁଁ– ଯୀଶୁ ଖ୍ରୀଷ୍ଟଙ୍କୁ ଉଚ୍ଚୀକୃତ କରିବାକୁ ଆମେ ଆଦେଶପ୍ରାପ୍ତ (ଯୋହନ ୧୨:୩୨ ଦେଖନ୍ତୁ) । ଏହା କହିବା ଅନ୍ୟାୟ ଯେ, ମୋତେ ପବିତ୍ର କରିବା ପାଇଁ ଯୀଶୁ ମୁକ୍ତି ସାଧନ କାର୍ଯ୍ୟର ପରିଶ୍ରମ କରିଥିଲେ । ମୁକ୍ତି ସାଧନ କାର୍ଯ୍ୟରେ ଯୀଶୁଙ୍କ ପରିଶ୍ରମର ଉଦ୍ଦେଶ୍ୟ ଥିଲା ଯେ, ସେ ସମଗ୍ର ଜଗତକୁ ପାପରୁ ରକ୍ଷା କରି ସିଦ୍ଧ ରୂପେ ଈଶ୍ୱରଙ୍କ ସିଂହାସନ ସମ୍ମୁଖରେ ପୁନଃସ୍ଥାପିତ କରିବେ । ଆମେ ଯେ ମୁକ୍ତିପ୍ରାପ୍ତ, ସେହି ଅନୁଭୂତି ଏହାର ବାସ୍ତବ ଶକ୍ତି ଦ୍ୱାରା ପ୍ରକାଶିତ ହୁଏ । କିନ୍ତୁ ସେହି ଅନୁଭୂତି ମୁକ୍ତିର ଲକ୍ଷ୍ୟ ନୁହେଁ, ତାହା ଏକ ଉପଜାତ । ଈଶ୍ୱର ଯଦି ମନୁଷ୍ୟ ହୋଇଥାନ୍ତେ, ତେବେ ବାରମ୍ବାର ପରିତ୍ରାଣ ଏବଂ ପବିତ୍ରୀକରଣ ସଂପର୍କିତ ଆମର ଅନୁରୋଧ ଶୁଣି ଶୁଣି ସେ କ୍ଲାନ୍ତ ହୋଇପଡ଼ନ୍ତେ । ସକାଳଠାରୁ ରାତି ପର୍ଯ୍ୟନ୍ତ ଆମେ ଆମ ପାଇଁ ଏବଂ ଅନ୍ୟ ସବୁ ବିଷୟରୁ ନିଷ୍କୃତି ପାଇଁ ତାଙ୍କଠାରେ ନିବେଦନ କରିବା ଦ୍ୱାରା ତାଙ୍କ ଉପରେ କେତେ ଅଧିକ ବୋଝ ଲଦି ଦେଉ ।

ପରିଶେଷରେ ଆମେ ଯେତେବେଳେ ଈଶ୍ୱରଙ୍କ ସୁସମାଚାରର ବାସ୍ତବତା ନିକଟରେ ପହଞ୍ଚି ଯିବା, ଆମେ ତାଙ୍କୁ ଆମର ଛୋଟ ଛୋଟ ବ୍ୟକ୍ତିଗତ ଅଭିଯୋଗ ଦ୍ୱାରା ଆଉ ବ୍ୟତିବ୍ୟସ୍ତ କରିବା ନାହିଁ । ଈଶ୍ୱରଙ୍କ ସୁସମାଚାର ପ୍ରଚାର ପାଉଲଙ୍କ ଆବେଗଭରା ଜୀବନର ଏକମାତ୍ର ଅଭିଳାଷ ଥିଲା । କେବଳ ଗୋଟିଏ କାରଣ ପାଇଁ ସେ ସମସ୍ତ ଦୁଃଖ କ୍ଲେଶ ଏବଂ ନିରାଶାକୁ ସ୍ୱାଗତ କଲେ– ଏହି ସବୁ ବିଷୟ ଈଶ୍ୱରଙ୍କ ସୁସମାଚାର ପ୍ରତି ତାଙ୍କ ସମର୍ପିତ ଜୀବନକୁ ସ୍ଥିର ଓ ସୁଦୃଢ଼ ରଖିଥିଲା ।

ଫେବୃୟାରୀ ୨

# ଆହ୍ବାନର ବାଧତାମୂଳକ ଶକ୍ତି

**ଯଦି ମୁଁ ସୁସମାଚାର ପ୍ରଚାର ନ କରେ, ହାୟ ! ମୁଁ ଦଣ୍ଡର ପାତ୍ର ।**
**୧ କରିନ୍ଥୀୟ ୯:୧୬**

ଈଶ୍ୱରଙ୍କ ଆହ୍ବାନକୁ ଉପେକ୍ଷା କରିବା ବିଷୟରେ ସାବଧାନ ରୁହନ୍ତୁ । ପରିତ୍ରାଣ ପ୍ରାପ୍ତ ପ୍ରତ୍ୟେକ ବ୍ୟକ୍ତି ତାଙ୍କର ପରିତ୍ରାଣ ସଂପର୍କିତ ସାକ୍ଷ୍ୟ ଦେବା ପାଇଁ ଆହୂତ । କିନ୍ତୁ ପରିତ୍ରାଣର ସାକ୍ଷ୍ୟ ପ୍ରଦାନ ଏବଂ ସୁସମାଚାର ପ୍ରଚାର ଏକା ବିଷୟ ନୁହେଁ । କିନ୍ତୁ ସୁସମାଚାର ପ୍ରଚାର ସମୟରେ ଏହି ସାକ୍ଷ୍ୟକୁ ଏକ ଉଦାହରଣ ରୂପେ ବ୍ୟବହାର କରାଯାଇପାରେ । ସୁସମାଚାର ପ୍ରଚାର କରିବାର ବାଧତାମୂଳକ ଶକ୍ତି ଦ୍ୱାରା ପାଉଲ ଯେଉଁ ଦୁଃଖ ଯନ୍ତ୍ରଣା ଅନୁଭବ କରିଥିଲେ, ଏହି ପଦରେ ସେ ତାହା ପ୍ରକାଶ କରିଛନ୍ତି । ସୁସମାଚାର ପ୍ରଚାର ସମ୍ବନ୍ଧରେ ପାଉଲଙ୍କ କଥାକୁ ପରିତ୍ରାଣ ଆଶାରେ ଈଶ୍ୱରଙ୍କ ନିକଟବର୍ତ୍ତୀ ହେଉଥିବା ଲୋକମାନଙ୍କ ପ୍ରତି ପ୍ରୟୋଗ କରନ୍ତୁ ନାହିଁ । ପରିତ୍ରାଣ କାର୍ଯ୍ୟ ଭଳି ଆଉ କୌଣସି କାର୍ଯ୍ୟ ଏତେ ସହଜ ନୁହେଁ କାରଣ ଏହା ଈଶ୍ୱରଙ୍କ ସାର୍ବଭୌମ୍ୟ କାର୍ଯ୍ୟ–''ମୋତେ ଅନାଇ ପରିତ୍ରାଣ ପ୍ରାପ୍ତ ହୁଅ'' (ଯିଶାଇୟ ୪୫:୨୨) । ଆମର ପ୍ରଭୁ ପରିତ୍ରାଣ ପାଇଁ ଯେଉଁ ସର୍ତ୍ତ ରଖନ୍ତି, ଶିଷ୍ୟତ୍ୱ ପାଇଁ ତାହା ପ୍ରଯୁଜ୍ୟ ନୁହେଁ । ଯୀଶୁ ଖ୍ରୀଷ୍ଟଙ୍କ କ୍ରୁଶ ମାଧ୍ୟମରେ ଆମେ ମୁକ୍ତିର ଦାନ ପାଉ । କିନ୍ତୁ ଶିଷ୍ୟତ୍ୱ ସହିତ ଏକ ବିକଳ୍ପ ଅଛି–''ଯଦି କେହି'' (ଲୂକ ୧୪:୨୬) ।

ପାଉଲଙ୍କ କଥା ଈଶ୍ୱରଙ୍କ ସେବକ ହେବା ସହିତ ଜଡ଼ିତ ଏବଂ ଏହି ସେବାକାର୍ଯ୍ୟରେ ଆମେ କ'ଣ କରିବା ବା କେଉଁଠାକୁ ଯିବା, ସେଥିପାଇଁ ଆମକୁ ଅନୁମତି ନେବାକୁ ପଡ଼ିବ ନାହିଁ । ଈଶ୍ୱର ତାଙ୍କର ସନ୍ତୋଷ ଲାଭ ପାଇଁ ଆମକୁ ଭଂଗା ରୋଟୀ ଏବଂ ଢ଼ଳା ଯାଇଥିବା ଉଚ୍ଛୁଳା ଦ୍ରାକ୍ଷାରସ ତୁଲ୍ୟ କରିଛନ୍ତି । ସୁସମାଚାର ପ୍ରତି ''ପୃଥକୀକୃତ'' ହେବାର ଅର୍ଥ, ଈଶ୍ୱରଙ୍କ ଆହ୍ବାନ ଶୁଣିବାର ସାମର୍ଥ୍ୟ (ରୋମୀ ୧:୧) । ଯେତେବେଳେ ଜଣେ ବ୍ୟକ୍ତି ସେହି ଆହ୍ବାନର ସ୍ୱର ଶୁଣିବା ଆରମ୍ଭ କରନ୍ତି, ସେତେବେଳେ ଯୀଶୁଙ୍କ ନାମରେ ଯୋଗ୍ୟ ବିବେଚିତ ଦୁଃଖ ଜାତ ହୁଏ । ହଠାତ୍ ସବୁ ଆକାଂକ୍ଷା, ଜୀବନର ସବୁ ଇଚ୍ଛା ଏବଂ ଦୃଷ୍ଟିକୋଣ ସଂପୂର୍ଣ୍ଣ ନିଃଶେଷ ହୋଇଯାଏ । କେବଳ ଗୋଟିଏ ବିଷୟ ରହିଯାଏ–''ସୁସମାଚାର ପ୍ରତି ପୃଥକୀକୃତ'' ହେବା । ହାୟ ସେହି ଆତ୍ମା, ଯିଏ ଈଶ୍ୱରଙ୍କ ଆହ୍ବାନ ପାଇବା ପରେ ଅନ୍ୟ କୌଣସି ଦିଗରେ ଯିବା ପାଇଁ ପ୍ରୟାସ କରେ । ଏଠାରେ ଅବସ୍ଥିତ ବାଇବଲ ପ୍ରଶିକ୍ଷଣ କଲେଜର ଉଦ୍ଦେଶ୍ୟ ହେଉଛି, ଈଶ୍ୱରଙ୍କ ସୁସମାଚାର ପ୍ରଚାର କରିବା ପାଇଁ ଈଶ୍ୱରଙ୍କ ଯୋଗ୍ୟ ବିବେଚିତ ପୁଅ ବା ଝିଅ ଏଠାରେ ଅଛନ୍ତି କି ନାହିଁ ଏବଂ ସେଥିପାଇଁ ଈଶ୍ୱର ସେମାନଙ୍କୁ ତାଙ୍କ ଆୟତ୍ତକୁ ଆଣୁଛନ୍ତି କି ନାହିଁ, ତାହା ଜାଣିବା । ଯଦି ଈଶ୍ୱର ତୁମକୁ ତାଙ୍କ ଆୟତ୍ତ ମଧ୍ୟକୁ ଆଣନ୍ତି, ତେବେ ଅନ୍ୟ ସମସ୍ତ ଆହ୍ବାନ ପ୍ରତି ସତର୍କ ରୁହ ।

# ପୃଥିବୀର ଅଳିଆ ସଦୃଶ

**ଆମେ ପୃଥିବୀର ଅଳିଆ ସଦୃଶ ।**
**୧ କରିନ୍ଥୀୟ ୪:୧୩**

ଏହି ଶବ୍ଦଟି ଅତିରଞ୍ଜିତ ନୁହେଁ । ଯଦି ଏହି ଶବ୍ଦ ସୁସମାଚାରର ସେବକରୂପେ ନାମିତ ହୋଇଥିବା ଆମମାନଙ୍କ ପ୍ରତି ପ୍ରୟୋଗ ନ ହୁଏ, ତେବେ ତାହାର କାରଣ ନୁହେଁ ଯେ, ପାଉଲ ଏଥିରେ ନିହିତ ସତ୍ୟକୁ ଭୁଲି ଯାଇଥିଲେ ଅଥବା ଏ ବିଷୟରେ ତାଙ୍କର ଭୁଲ ଧାରଣା ଥିଲା, କିନ୍ତୁ ଆମେ ଅତି ସତର୍କତାର ସହ ସ୍ୱଇଚ୍ଛାରେ ‘‘ପୃଥିବୀର ଅଳିଆ’’ ବା ‘‘ଜଗତର ଆବର୍ଜନା’’ ନ ହେବା ପାଇଁ ମନ ବଳାଇଛୁ । ‘‘ଖ୍ରୀଷ୍ଟରେ...ଦୁଃଖଭୋଗର ଯାହା ଊଣା ଅଛି, ତାହା ମୁଁ ମୋ’ ଶରୀରରେ ପୂରଣ କରୁଛି’’ (କଲସୀ ୧:୨୪) । ଏହା ପବିତ୍ରତା ବା ପବିତ୍ରୀକରଣର ଫଳ ନୁହେଁ, ମାତ୍ର ଉତ୍ସର୍ଗୀକରଣ ଅର୍ଥାତ୍ ‘‘ଈଶ୍ୱରଙ୍କ ସୁସମାଚାର ପ୍ରତି ପୃଥକୀକୃତ’’ ହେବାର ପ୍ରମାଣ (ରୋମୀ ୧:୧) ।

‘‘ପ୍ରିୟ ବନ୍ଧୁଗଣ, ତୁମମାନଙ୍କ ପ୍ରତି ଯେଉଁ ଅଗ୍ନିପରୀକ୍ଷା ଆସିଛି, ତାହା କୌଣସି ଅସ୍ୱାଭାବିକ ଘଟନା ବୋଲି ମନେ କରି ଆଶ୍ଚର୍ଯ୍ୟ ବୋଧ କର ନାହିଁ’’ (୧ ପିତର ୪:୧୨) ।

ଆମେ ସମ୍ମୁଖୀନ ହେଉଥିବା ଘଟନା ପ୍ରତି ଆଶ୍ଚର୍ଯ୍ୟ ହେବାର କାରଣ ହେଉଛି, ଆମେ ଭୀରୁ ଏବଂ କାପୁରୁଷ । ଆମର ରୁଚି ଏବଂ ଲାଳସା ପ୍ରତି ଆମେ ଏତେ ଅଧିକ ଧ୍ୟାନ ଦେଇଥାଉ ଯେ, ଆମେ କାଦୁଅକୁ ନ ଯାଇ ବାହାରେ ଥାଇ କହୁ, ‘‘ମୁଁ କାହା ଅଧୀନସ୍ଥ ହେବି ନାହିଁ, ମୁଁ ମୁଣ୍ଡ ନୁଆଁଇବି ନାହିଁ’’ । ଆପଣଙ୍କୁ ତାହା କରିବାକୁ ପଡ଼ିବ ନାହିଁ–ଇଚ୍ଛା କଲେ ଆପଣ ଅଳ୍ପକେ ରକ୍ଷା ପାଇଯିବେ– ଆପଣ ‘‘ସୁସମାଚାର ପ୍ରତି ପୃଥକୀକୃତ’’ ହେବା ପାଇଁ ଈଶ୍ୱରଙ୍କୁ ମନା କରି ପାରିବେ, କିମ୍ବା କହିପାରିବେ ଯେ, ଯେପର୍ଯ୍ୟନ୍ତ ସୁସମାଚାର ପ୍ରଚାର ହେଉଛି, ‘‘ମୁଁ ପୃଥିବୀର ଅଳିଆ ସଦୃଶ ହେଲେ ମଧ୍ୟ ମୋର କୌଣସି ଚିନ୍ତା ନାହିଁ ।’’ ଯୀଶୁ ଖ୍ରୀଷ୍ଟଙ୍କର ପ୍ରକୃତ ସେବକ ଈଶ୍ୱରଙ୍କ ସୁସମାଚାରର ବାସ୍ତବତା ପାଇଁ ସାକ୍ଷ୍ୟମର ହେବା ନିମନ୍ତେ ପ୍ରସ୍ତୁତ ଥା’ନ୍ତି । ଯେତେବେଳେ ଜଣେ ନୀତିବାନ୍ ବ୍ୟକ୍ତି ଅପମାନ, ଅନୈତିକତା, ଅବିଶ୍ୱସ୍ତତା ଏବଂ ଅସାଧୁତାର ସମ୍ମୁଖୀନ ହୁଅନ୍ତି, ତେବେ ସେ ଏହି ଅପରାଧ ପ୍ରତି ଘୃଣା ପ୍ରକାଶ କରି ହତାଶ ହୁଅନ୍ତି ଏବଂ ଅପରାଧୀ ପ୍ରତି ଆପଣା ହୃଦୟକୁ ରୁଦ୍ଧ କରି ଦିଅନ୍ତି । କିନ୍ତୁ ଈଶ୍ୱରଙ୍କ ବାସ୍ତବ ଏବଂ ମୁକ୍ତି ପ୍ରଦାୟକ ଆଶ୍ଚର୍ଯ୍ୟ କାର୍ଯ୍ୟ ହେଉଛି, ଜଣେ ଜଘନ୍ୟ ଅପରାଧୀ ମଧ୍ୟ ତାଙ୍କ ଗଭୀର ପ୍ରେମକୁ ଊଣା କରି ପାରିବ ନାହିଁ । ପାଉଲ କହିଲେ ନାହିଁ ଯେ, ଜଣେ ଉତ୍ତମ ବ୍ୟକ୍ତିରେ ପରିଣତ କରିବା ପାଇଁ ଈଶ୍ୱର ତାଙ୍କୁ ପୃଥକ୍ କଲେ, ମାତ୍ର ‘‘ତାହାଙ୍କ (ଈଶ୍ୱରଙ୍କ) ପୁତ୍ରଙ୍କୁ ତାଙ୍କୁ ପ୍ରକାଶ କରିବାକୁ’’ ଈଶ୍ୱର ପାଉଲଙ୍କୁ ପୃଥକ୍ କଲେ (ଗାଲାତୀ ୧:୧୬) ।

ଫେବୃୟାରୀ ୪

# ଈଶ୍ୱରଙ୍କ ଅଦମନୀୟ ଶକ୍ତିର ଗରିମା

**ଖ୍ରୀଷ୍ଟଙ୍କ ପ୍ରେମ ଆମକୁ ଅଧିକାର କରି ଚାଳିତ କରୁଛି ।**
**୨ କରିନ୍ଥୀୟ ୫:୧୪**

ପାଉଲ କହିଲେ ଯେ, ସେ ''ଖ୍ରୀଷ୍ଟଙ୍କ ପ୍ରେମରେ'' ଅଭିଭୂତ ଏବଂ ଅଧୀନସ୍ଥ ହୋଇ ତାଙ୍କ ପ୍ରେମରେ ବନ୍ଦୀ ହୋଇଗଲେ । ଅତି ଅଳ୍ପ ଲୋକ ଈଶ୍ୱରଙ୍କ ପ୍ରେମରେ ଦୃଢ଼ ହୋଇ ରହିବାର ଅର୍ଥ ବୁଝିପାରନ୍ତି । ସ୍ୱାଭାବିକରୂପେ ଆମେ ନିଜର ଅନୁଭୂତି ଦ୍ୱାରା ନିୟନ୍ତ୍ରିତ ହେଉ । ଅନ୍ୟ ବିଷୟ ସବୁକୁ ବାଦ୍ ଦେଇ ଯେଉଁ ଗୋଟିଏ ବିଷୟ ପାଉଲଙ୍କୁ ଦୃଢ଼ ଭାବେ ଧରି ରଖିଥିଲା, ତାହା ହେଉଛି ଈଶ୍ୱରଙ୍କ ପ୍ରେମ ।

''ଖ୍ରୀଷ୍ଟଙ୍କ ପ୍ରେମ ଆମକୁ ଅଧିକାର କରି ଚାଳିତ କରେ ।'' ଯେତେବେଳେ ଆପଣ କୌଣସି ପୁରୁଷ ବା ସ୍ତ୍ରୀଙ୍କଠାରୁ ଏହି କଥା ଶୁଣନ୍ତି, ଏହା ଅତି ସ୍ପଷ୍ଟ ହୋଇଯାଏ । ଆପଣ ଅନୁଭବ କରିବେ ଯେ, ଈଶ୍ୱରଙ୍କ ଆତ୍ମା ଅବାଧରେ ସେହି ବ୍ୟକ୍ତିଙ୍କ ଜୀବନରେ କାର୍ଯ୍ୟରତ ।

ଈଶ୍ୱରଙ୍କ ଆତ୍ମାରେ ଆମର ଯେତେବେଳେ ନୂତନ ଜନ୍ମ ହୁଏ, ଆମର ସାକ୍ଷ୍ୟ ଆମ ଜୀବନରେ ଈଶ୍ୱରଙ୍କ ସାଧିତ କାର୍ଯ୍ୟ ଉପରେ ଆଧାରିତ ହୁଏ, ଏବଂ ଏହା ମଧ୍ୟ ଯଥାର୍ଥ । କିନ୍ତୁ ଆପଣ ଯେତେବେଳେ ପବିତ୍ର ଆତ୍ମାଙ୍କ ଦ୍ୱାରା ଶକ୍ତିପ୍ରାପ୍ତ ହୁଅନ୍ତି (ପ୍ରେରିତ ୧:୮) ଆପଣ ସବୁଦିନ ପାଇଁ ପରିବର୍ତ୍ତିତ ହେବେ । ଆପଣ ସେତେବେଳେ ବୁଝିପାରିବେ ଯେ, ଯୀଶୁଙ୍କ ଉକ୍ତି ''ତୁମେମାନେ ମୋହର ସାକ୍ଷୀ ହେବ''– ଏହି କଥାର ଅର୍ଥ କ'ଣ ଥିଲା । ଏହି ସାକ୍ଷ୍ୟ ଯୀଶୁଙ୍କ କାର୍ଯ୍ୟ ବିଷୟକ ନୁହେଁ, କାରଣ, ସମସ୍ତେ ଯୀଶୁଙ୍କ କାର୍ଯ୍ୟ ବିଷୟ ଜାଣନ୍ତି, କିନ୍ତୁ ସେ କହିଲେ, ''ମୋର ସାକ୍ଷୀ ହେବ ।'' ଆମ ପ୍ରତି ଯାହା ସବୁ ଘଟେ, ତାହା ଯୀଶୁଙ୍କ ପ୍ରତି ଘଟିଥିଲା ବୋଲି ଆମକୁ ଗ୍ରହଣ କରିବାକୁ ହେବ । ତାହା ପ୍ରଶଂସା କିମ୍ବା ସମାଲୋଚନା, ନିର୍ଯ୍ୟାତନା କିମ୍ବା ପୁରସ୍କାର, ହୋଇପାରେ । ସଂପୂର୍ଣ୍ଣରୂପେ ଯୀଶୁଙ୍କ ଅଦମନୀୟ ଶକ୍ତିର ଗରିମାରେ ଚାଳିତ ନ ହେଲେ କେହି ଯୀଶୁଙ୍କ ପକ୍ଷ ସମର୍ଥନ କରି ଛିଡ଼ା ହୋଇ ପାରିବେ ନାହିଁ । କେବଳ ଏହି ଗୋଟିଏ ବିଷୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ଯେ ଖ୍ରୀଷ୍ଟୀୟ କାର୍ଯ୍ୟକାରୀ ରୂପେ ଆମେ ଶେଷରେ ଏହି କଥା ହୃଦୟଙ୍ଗମ କରୁ– ପାଉଲ କହିଲେ ଯେ, ସେ ଈଶ୍ୱରଙ୍କ ପ୍ରେମର ବଶବର୍ତ୍ତୀ ହୋଇଥିବାରୁ ସେ ଯେଉଁ କାର୍ଯ୍ୟ କଲେ, ତାହା ଯଥାର୍ଥ ଥିଲା । ଲୋକମାନଙ୍କ ଦୃଷ୍ଟିରେ ସେ ପାଗଳ ବା ସୁସ୍ଥ ମସ୍ତିଷ୍କ ବିବେଚିତ ହେଲେ ମଧ୍ୟ ସେଥିପାଇଁ ସେ ଭ୍ରୂକ୍ଷେପ କରି ନ ଥିଲେ । ଗୋଟିଏ ଉଦ୍ଦେଶ୍ୟ ନେଇ ସେ ବଞ୍ଚିଥିଲେ–''ଈଶ୍ୱରଙ୍କ ଆଗାମୀ ବିଚାର ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଇବା ଏବଂ ସେମାନଙ୍କ ନିକଟରେ ଖ୍ରୀଷ୍ଟଙ୍କ ପ୍ରେମ ପ୍ରଚାର କରିବା'' । ''ଖ୍ରୀଷ୍ଟଙ୍କ ପ୍ରେମ'' ପ୍ରତି ସଂପୂର୍ଣ୍ଣ ସମର୍ପଣ ହିଁ ସେହି ଗୋଟିଏ ବିଷୟ ଯାହା ଆପଣଙ୍କ ଜୀବନକୁ ଫଳପ୍ରଦ କରିବ । ଏହା ଆପଣଙ୍କ ବ୍ୟକ୍ତିଗତ ପବିତ୍ରତା ପ୍ରତି ଦୃଷ୍ଟି ଆକର୍ଷଣ ନ କରି ସର୍ବଦା ଈଶ୍ୱରଙ୍କ ପବିତ୍ରତା ଓ ତାଙ୍କ ଶକ୍ତିର ଚିହ୍ନ ଆଙ୍କି ଦେବ ।

ଫେବୃୟାରୀ ୫

# ବଳିଦାନ ନୈବେଦ୍ୟସ୍ୱରୂପ ଢ଼ଳାଯିବା ପାଇଁ ଆପଣ କ'ଣ ପ୍ରସ୍ତୁତ ?

**ଯଦିବା ତୁମମାନଙ୍କ ବିଶ୍ୱାସ ଜନିତ ବଳିଦାନ ଓ ସେବା ଉପରେ ମୁଁ ପେୟ ନୈବେଦ୍ୟ ସ୍ୱରୂପ ଢ଼ଳାଯାଉଛି, ତଥାପି ମୁଁ ଆନନ୍ଦିତ ଓ ତୁମ ସମସ୍ତଙ୍କ ସହିତ ଉଲ୍ଲସିତ ହେଉଛି ।**

**ଫିଲିପ୍ପୀୟ ୨:୧୭**

ଆପଣ କ'ଣ ଅନ୍ୟ ବିଶ୍ୱାସୀମାନଙ୍କ କାର୍ଯ୍ୟ ନିମନ୍ତେ ନିଜକୁ ବଳିରୂପେ ଉର୍ତ୍ସଗ କରିବା ପାଇଁ ଇଚ୍ଛୁକ ? ଆପଣ କ'ଣ ଅନ୍ୟମାନଙ୍କ ସେବାକାର୍ଯ୍ୟ ଓ ବିଶ୍ୱାସ ପାଇଁ ଆପଣଙ୍କ ଜୀବନକୁ ବଳିଦାନ ନୈବେଦ୍ୟସ୍ୱରୂପ ଢ଼ାଳିଦେବା ପାଇଁ ପ୍ରସ୍ତୁତ ? ଅବା ଆପଣ କହୁଛନ୍ତି, ''ମୁଁ ବର୍ତ୍ତମାନ ନୈବେଦ୍ୟସ୍ୱରୂପ ଢ଼ଳାଯିବା ପାଇଁ ପ୍ରସ୍ତୁତ ନୁହେଁ, ଏବଂ ମୁଁ କିଭଳି ଈଶ୍ୱରଙ୍କ ସେବା କରିବି, ସେ ବିଷୟରେ ମୁଁ ଈଶ୍ୱରଙ୍କ ପରାମର୍ଶ ଚାହେଁ ନାହିଁ । ମୁଁ ନିଜେ ମୋ' ବଳିଦାନର ସ୍ଥାନ ଚୟନ କରିବି । ମୁଁ ଇଚ୍ଛା କରେ, କିଛି ଲୋକ ମୋ' ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ମୋର ପ୍ରଶଂସା କରନ୍ତୁ'' ।

ଆପଣ ସମ୍ମାନ ଲାଭ କରି ଈଶ୍ୱରଙ୍କ ସେବାକାର୍ଯ୍ୟର ପଥ ଅନୁସରଣ କରିବା ଗୋଟିଏ କଥା, କିନ୍ତୁ ଆପଣଙ୍କ ପ୍ରତି ଈଶ୍ୱରଙ୍କ ନିରୂପିତ ପଥର ଅର୍ଥ ଯଦି ବୁଝାଏ ଯେ ଆପଣ ପାପୋଛ ପରି ଅନ୍ୟମାନଙ୍କ ଦ୍ୱାରା ବ୍ୟବହୃତ ହେବେ, ତେବେ ତାହା ଏକ ଭିନ୍ନ କଥା ହେବ । ହୁଏତ ଈଶ୍ୱରଙ୍କ ଉଦ୍ଦେଶ୍ୟ ହେଉଛି ଯେ, ସେ ଆପଣଙ୍କୁ ଏହି କଥା କହିବାକୁ ଶିଖାଇବେ, ''ମୁଁ ଦୀନତା ଭୋଗ କରିବା ଜାଣେ'' (ଫିଲିପ୍ପୀ ୪:୧୨) । ସେହି ପ୍ରକାରେ ଆପଣ ବଳିକୃତ ହେବା ପାଇଁ କ'ଣ ପ୍ରସ୍ତୁତ ? ଆପଣ କ'ଣ ବାଲ୍‌ଟିର ଗୋଟିଏ କ୍ଷୁଦ୍ର ଜଳବିନ୍ଦୁଠାରୁ ଆହୁରି ନ୍ୟୁନ ହେବା ପାଇଁ ପ୍ରସ୍ତୁତ ? ଆପଣ କ'ଣ ନିଜକୁ ଏଭଳି ନଗଣ୍ୟ ମନେ କରିବେ ଯେ, କେହି ଆପଣଙ୍କୁ ମନେ ପକାଇବେ ନାହିଁ, କିନ୍ତୁ ଆପଣ ଯେଉଁମାନଙ୍କ ସେବା କରିଛନ୍ତି, ସେମାନଙ୍କୁ ସ୍ମରଣ କରିବେ ? ନୈବେଦ୍ୟ ବଳିରୂପେ ନିଜକୁ ତିଳ ତିଳ କରି ଉତ୍ସର୍ଗ କରିବା ଉଦ୍ଦେଶ୍ୟରେ ସେବା ପାଇବାକୁ ନୁହେଁ, ମାତ୍ର ସେବା କରିବାକୁ ଆପଣ କ'ଣ ପ୍ରସ୍ତୁତ ? କେତେକ ପବିତ୍ର ଲୋକ ନିକୃଷ୍ଟ କାମ କରି ପାରନ୍ତି ନାହିଁ, କାରଣ ସେମାନେ ଭାବନ୍ତି ଯେ, ଏହି କାମ ସେମାନଙ୍କ ଆତ୍ମ ସମ୍ମାନକୁ କ୍ଷୁର୍ଣ୍ଣ କରିବ ।

## ଫେବୃୟାରୀ ୬

# ଆପଣ କ'ଣ ବଳିଦାନ ନୈବେଦ୍ୟସ୍ୱରୂପ ଢ଼ଳାଯିବା ପାଇଁ ପ୍ରସ୍ତୁତ ?

**କାରଣ ମୋର ପ୍ରାଣ ଆହୁତି ପରି ଏବେ ଢ଼ଳାଯାଇଛି ।**
**୨ ତିମଥି ୪:୬**

ଆପଣ କ'ଣ ବଳିଦାନ ନୈବେଦ୍ୟ ସ୍ୱରୂପ ଢ଼ଳାଯିବା ପାଇଁ ପ୍ରସ୍ତୁତ ? ଏହା ଆପଣଙ୍କ ଇଚ୍ଛା ସମ୍ମତ କାର୍ଯ୍ୟ, ଭାବପ୍ରବଣତାର କାର୍ଯ୍ୟ ନୁହେଁ । ଈଶ୍ୱରଙ୍କୁ କୁହନ୍ତୁ ଯେ, ତାଙ୍କ ପାଇଁ ଆପଣାକୁ ବଳିରୂପେ ଉତ୍ସର୍ଗ କରିବା ପାଇଁ ଆପଣ ପ୍ରସ୍ତୁତ । ପରିଣାମ ସ୍ୱରୂପ ଈଶ୍ୱର ଆପଣଙ୍କ ପାଇଁ ଯାହା ରଖିଛନ୍ତି, ବିନା ଅଭିଯୋଗରେ ତାହାକୁ ଗ୍ରହଣ କରନ୍ତୁ । ଈଶ୍ୱର ଆପଣଙ୍କ ଜୀବନରେ ବ୍ୟକ୍ତିଗତରୂପେ ଆପଣଙ୍କୁ ଏଭଳି ସଂକଟ ମଧ୍ୟକୁ ନେଇ ଆସନ୍ତି, ଯେଉଁଠାରେ ଆପଣଙ୍କର କୌଣସି ସାହାଯ୍ୟକାରୀ ନ ଥା'ନ୍ତି, ବାହ୍ୟିକ ଭାବେ ଆପଣଙ୍କ ଜୀବନ ହୁଏତ ସେହିଭଳି ଥାଏ, କିନ୍ତୁ ଆପଣଙ୍କ ଇଚ୍ଛାର ପରିବର୍ତ୍ତନ ଘଟେ । ଆପଣ ଯଦି ଆପଣଙ୍କ ଇଚ୍ଛାକୁ ଆଧାର କରି ଏହି ସଂକଟପୂର୍ଣ୍ଣ ଅନୁଭୂତି ମଧ୍ୟ ଦେଇ ଯାଇଛନ୍ତି, ତେବେ ଏହି ସଂକଟର ବାହ୍ୟିକ ପ୍ରଭାବ ସମ୍ବନ୍ଧରେ ଆପଣ ବ୍ୟତିବ୍ୟସ୍ତ ହେବେ ନାହିଁ । ପ୍ରଥମେ ଯଦି ଆପଣଙ୍କ ଇଚ୍ଛା ଈଶ୍ୱରଙ୍କ ଇଚ୍ଛାନୁରୂପ ନ ହୁଏ, ତେବେ ପରିଣାମ ସ୍ୱରୂପ ଆପଣ କେବଳ ନିଜ ପ୍ରତି ଆତ୍ମସହାନୁଭୂତି ପ୍ରଦର୍ଶନ କରିବେ ।

''ବଳି ପଶୁକୁ ରଜ୍ଜୁ ଦ୍ୱାରା ବେଦିର ଶୃଙ୍ଗରେ ବାନ୍ଧ'' (ଗୀତସଂହିତା ୧୧୮:୨୭) । ବେଦିର ଅର୍ଥ ଅଗ୍ନି– ଅର୍ଥାତ୍, ଦଗ୍ଧିଭୂତ ହେବା, ପବିତ୍ରୀକୃତ ହେବା ଏବଂ ଗୋଟିଏ ଉଦ୍ଦେଶ୍ୟରେ ପୃଥକୀକୃତ ହେବା । ପବିତ୍ରୀକରଣର ଅର୍ଥ, ଈଶ୍ୱରଙ୍କ ସହିତ ଅସଂଲଗ୍ନ ହୋଇ ନ ଥିବା ଏବଂ ତାଙ୍କ ପ୍ରତି ନିର୍ଦ୍ଦେଶିତ ହୋଇ ନ ଥିବା ସମସ୍ତ ଇଚ୍ଛାକୁ ବହିଷ୍କାର କରିବା । କିନ୍ତୁ ଆପଣ ତାହାକୁ ବହିଷ୍କାର କରିବେ ନାହିଁ, ଈଶ୍ୱର କରିବେ । ଆପଣ ''ବଳି ପଶୁକୁ...ବେଦିର ଶୃଙ୍ଗରେ ବାନ୍ଧନ୍ତୁ'' ଏବଂ ଅଗ୍ନି ସଂଯୋଗ ହେବାପରେ ଆପଣ ଯେପରି ଆତ୍ମ ଅନୁଶୋଚନାର ଦୁଃଖରେ ଘାରି ନ ହୁଅନ୍ତି, ସେଥିପାଇଁ ଧ୍ୟାନ ଦିଅନ୍ତୁ । ଅଗ୍ନି ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବାପରେ ଆଉ କୌଣସି ବିଷୟ ଆପଣଙ୍କୁ ଦୁଃଖିତ ଓ ବିଚଳିତ କରିବ ନାହିଁ । ଅନ୍ୟ ସଂକଟ ଆସିବା ସମୟରେ ପୂର୍ବ ଭଳି ଆପଣ ତାହାର ସ୍ପର୍ଶ ଅନୁଭବ କରିବେ ନାହିଁ । ଆପଣଙ୍କ ଜୀବନ ସମ୍ମୁଖରେ କେଉଁ ପ୍ରକାର ଅଗ୍ନି ପରୀକ୍ଷା ରହିଛି ?

ଈଶ୍ୱରଙ୍କୁ କୁହନ୍ତୁ ଯେ, ଆପଣ ବଳିଦାନ ନୈବେଦ୍ୟସ୍ୱରୂପ ଢ଼ଳାଯିବା ପାଇଁ ପ୍ରସ୍ତୁତ ଅଛନ୍ତି ଏବଂ କଳ୍ପନାତୀତଭାବେ ଈଶ୍ୱର ଆପଣଙ୍କୁ ତାଙ୍କର ସାମର୍ଥ୍ୟ ପ୍ରମାଣ କରିବେ ।

## ଫେବୃୟାରୀ ୭

# ଆତ୍ମିକ ହତାଶା

**କିନ୍ତୁ ସେହି ବ୍ୟକ୍ତି ହିଁ ଇସ୍ରାଏଲକୁ ମୁକ୍ତ କରିବେ ବୋଲି ଆମେ ଆଶା କରିଥିଲୁ । ଏହାଛଡ଼ା ଏ ସମସ୍ତ ଘଟିବାର ଆଜି ହେଉଛି ତୃତୀୟ ଦିବସ ।**
**ଲୂକ ୨୪:୨୧**

ଶିଷ୍ୟମାନଙ୍କ ସବୁ କଥା ଠିକ୍ ଥିଲା, କିନ୍ତୁ ଶେଷରେ ସେମାନେ ଯେଉଁ ସିଦ୍ଧାନ୍ତରେ ପହଞ୍ଚିଲେ, ତାହା ଭୁଲ୍ ଥିଲା । ଯେଉଁ ବିଷୟରେ ସାମାନ୍ୟ ଆତ୍ମିକ ହତାଶା ଭାବ ଥାଏ, ତାହା ସବୁବେଳେ ଭୁଲ୍ ସାବ୍ୟସ୍ତ ହୁଏ । ମୁଁ ଯଦି ହତାଶ ବା ଭାରାକ୍ରାନ୍ତ, ତେବେ ସେଥିପାଇଁ ମୁଁ ଦାୟୀ, ଇଶ୍ୱର ବା ଆଉ ଅନ୍ୟ କେହି ଦାୟୀ ନୁହଁନ୍ତି । ହତାଶା ଏହି ଦୁଇ ମୁଖ୍ୟ କାରଣ ମଧ୍ୟରୁ ଗୋଟିକ ଦ୍ୱାରା ଉତ୍ପନ୍ନ ହୁଏ । ହୁଏତ ମୁଁ ମୋର କିଛି ଲାଳସା ଚରିତାର୍ଥ କରିଛି କିମ୍ବା ଚରିତାର୍ଥ କରିବା ପାଇଁ ଅସମର୍ଥ ହୋଇଛି । ଉଭୟ କ୍ଷେତ୍ରରେ ଶେଷ ପରିଣତି ହେଉଛି ହତାଶା । 'ଲାଳସା' ଅର୍ଥ 'ଏଇ ମୁହୂର୍ତ୍ତରେ ମୁଁ ତାହା ହାସଲ କରିବି' । ଆତ୍ମିକ ହତାଶା ଉତ୍ତର ପ୍ରଦାନକାରୀ ସ୍ୱୟଂ ଇଶ୍ୱରଙ୍କ ଅନ୍ୱେଷଣ କରିବା ପରିବର୍ତ୍ତେ ଇଶ୍ୱରଙ୍କଠାରୁ ଉତ୍ତର ଦାବି ନ କରିବା ପାଇଁ ମୋତେ ପ୍ରବର୍ତ୍ତାଏ ।

ଇଶ୍ୱର କେଉଁ କାର୍ଯ୍ୟ କରିବେ ବୋଲି ମୁଁ ବିଶ୍ୱାସ ଓ ଭରସା କରିଆସିଛି ? ଆଜି କ'ଣ ସେହି 'ତୃତୀୟ ଦିନ' ଏବଂ ଇଶ୍ୱର କ'ଣ ଏ ପର୍ଯ୍ୟନ୍ତ ମୋର ଆଶାନୁରୂପ କାର୍ଯ୍ୟ କରି ନାହାନ୍ତି ? ସେଥିପାଇଁ ହତାଶ ହୋଇ ଇଶ୍ୱରଙ୍କୁ ଦୋଷାରୋପ କରିବା କ'ଣ ମୋ' ପକ୍ଷରେ ଯୁକ୍ତିଯୁକ୍ତ ? ଆମର ଇଶ୍ୱର (ମାନବ ଦେହଧାରୀ ଯୀଶୁଖ୍ରୀଷ୍ଟ) ଯେ ସ୍ୱୟଂ ଇଶ୍ୱର, ଯେତେବେଳେ ଆମେ ଜୀବନର ଦୈନନ୍ଦିନ ଘଟଣା ମଧ୍ୟରେ ଏହା ଉପଲବ୍ଧି କରୁ, ସେତେବେଳେ ଆମ ପ୍ରତି ଇଶ୍ୱରଙ୍କ ଆଶ୍ଚର୍ଯ୍ୟପୂର୍ଣ୍ଣ ପରିପ୍ରକାଶ ସମ୍ଭବ ହୁଏ । ପ୍ରାର୍ଥନାର ଉଦ୍ଦେଶ୍ୟ ହେଉଛି ଇଶ୍ୱରଙ୍କୁ ପାଇବା, ଉତ୍ତରକୁ ନୁହେଁ । ଶାରୀରିକ ସୁସ୍ଥତା ଭୋଗ କରିବା ଅବସ୍ଥାରେ ହତାଶ ହେବା ଅସମ୍ଭବ, କାରଣ ହତାଶା ରୋଗର ଲକ୍ଷଣ । ଆତ୍ମିକ କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ । ଆତ୍ମିକ ହତାଶା ଏକ ଭୁଲ୍ ବିଷୟ ଏବଂ ଏଥିପାଇଁ ଆମେ ସବୁବେଳେ ଦାୟୀ ହେବୁ । ଇଶ୍ୱରଙ୍କ ଶକ୍ତିକୁ ଦେଖିବା ପାଇଁ ଆମେ ସ୍ୱର୍ଗୀୟ ଦର୍ଶନ ଏବଂ ପୃଥିବୀର ଚାଞ୍ଚଲ୍ୟ ସୃଷ୍ଟିକାରୀ ଘଟଣା ସବୁକୁ ଅପେକ୍ଷା କରୁ । ଆମର ଏହି ସବୁ କାର୍ଯ୍ୟ ଆମ ହତାଶା ଭାବକୁ ପ୍ରମାଣ କରେ । ତଥାପି ଇଶ୍ୱର ଯେ ଆମ ଦୈନନ୍ଦିନ ଘଟଣା ଏବଂ ଆମ ଚତୁଃପାର୍ଶ୍ୱରେ ଥିବା ଲୋକମାନଙ୍କ ମଧ୍ୟରେ କାର୍ଯ୍ୟରତ, ତାହା ଆମେ କେବେ ହୃଦୟଙ୍ଗମ କରି ନ ଥାଉ । ଆମେ ଯଦି କେବଳ ଇଶ୍ୱରଙ୍କ ବାଧ୍ୟ ହୋଇ ଆମ ପ୍ରତି ତାଙ୍କର ନିରୂପିତ କାର୍ଯ୍ୟକୁ ସଂପାଦନ କରିବା, ତା'ହେଲେ ଆମେ ତାଙ୍କୁ ଦେଖି ପାରିବା ।

ଫେବୃୟାରୀ ୮

# ପବିତ୍ରୀକରଣର ମୂଲ୍ୟ

**ସ୍ୱୟଂ ଶାନ୍ତିଦାତା ଈଶ୍ୱର ତୁମମାନଙ୍କୁ ସଂପୂର୍ଣ୍ଣରୂପେ ପବିତ୍ର କରନ୍ତୁ ।**
**୧ ଥେସଲନିକୀୟ ୫:୨୩**

ଆମକୁ ପବିତ୍ର କରିବା ପାଇଁ ଯେତେବେଳେ ଆମେ ଈଶ୍ୱରଙ୍କୁ ପ୍ରାର୍ଥନା କରୁ, ଆମେ କ'ଣ ତାର ପ୍ରକୃତ ମୂଲ୍ୟ ଦେବା ପାଇଁ ପ୍ରସ୍ତୁତ ଅଛୁ ? ଏହି ପବିତ୍ରୀକରଣ ଶବ୍ଦକୁ ଆମେ ଅତି ହାଲୁକା ଭାବେ ନେଉ । ଆମେ କ'ଣ ପବିତ୍ରୀକରଣର ମୂଲ୍ୟ ଦେବା ପାଇଁ ପ୍ରସ୍ତୁତ ? ଏହାର ମୂଲ୍ୟ ରୂପେ ଆମକୁ ସମସ୍ତ ଜାଗତିକ ବିଷୟ ପ୍ରତି ଅନାସକ୍ତ ଏବଂ ଈଶ୍ୱରଙ୍କ ବିଷୟ ପ୍ରତି ଆସକ୍ତ ହୋଇ ତାହାର ବୃଦ୍ଧି ସାଧନ କରିବାକୁ ହେବ । ପବିତ୍ରୀକରଣର ଅର୍ଥ ଈଶ୍ୱରଙ୍କ ଦୃଷ୍ଟିକୋଣ ପ୍ରତି ଆମର ଚିନ୍ତାକୁ କେନ୍ଦ୍ରୀଭୂତ କରିବା । ଏହାର ଅର୍ଥ ଆମର ଶାରୀରିକ, ମାନିସକ ଏବଂ ଆତ୍ମିକ ସ୍ତରରେ ଆମର ସମସ୍ତ ଶକ୍ତିକୁ କେବଳ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରିବା । ଈଶ୍ୱର ଆମକୁ ଯେଉଁ କାରଣ ହେତୁ ପୃଥକୀକୃତ କଲେ, ସେଥିପାଇଁ ଆମେ ଈଶ୍ୱରଙ୍କ ପାଇଁ ସବୁ କିଛି କରିବାକୁ କ'ଣ ପ୍ରସ୍ତୁତ ? ଈଶ୍ୱର ତାଙ୍କର କାର୍ଯ୍ୟ କରିବା ପରେ ଆମେ କ'ଣ ଯୀଶୁଙ୍କ ପରି ଆପଣାମାନଙ୍କୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପୃଥକ୍ କରିବା ପାଇଁ ପ୍ରସ୍ତୁତ ହୋଇଛୁ ? ''ସେମାନଙ୍କ ନିମନ୍ତେ ମୁଁ ନିଜକୁ ପବିତ୍ର କରୁଛି'' (ଯୋହନ ୧୭:୧୯) । ଆମ ମଧ୍ୟରୁ ଅନେକ ଲୋକ ପବିତ୍ରୀକରଣ ଅନୁଭୂତି ପାଇ ନ ଥିବାର କାରଣ ହେଉଛି, ଈଶ୍ୱରଙ୍କ ଦୃଷ୍ଟିକୋଣରୁ ଆମେ ପବିତ୍ରୀକରଣର ପ୍ରକୃତ ଅର୍ଥ ହୃଦୟଙ୍ଗମ କରି ନାହୁଁ । ପବିତ୍ରୀକରଣର ଅର୍ଥ, ଯୀଶୁଙ୍କ ସହିତ ଏକ ହେବା ଏବଂ ତାଙ୍କର ନିୟନ୍ତ୍ରଣକାରୀ ସ୍ୱଭାବର ବଶୀଭୂତ ହେବା । ତାହାର ମୂଲ୍ୟ ଦେବା ପାଇଁ ଆମେ କ'ଣ ପ୍ରସ୍ତୁତ ? ଆମ ମଧ୍ୟରେ ଏହାର ମୂଲ୍ୟ ସେ ସମସ୍ତ ବିଷୟ ହେବ, ଯାହା ଈଶ୍ୱରଙ୍କ ଦ୍ୱାରା ଅନୁମୋଦିତ ନୁହେଁ ।

ଏହି ପଦରେ ଥିବା ପାଉଲଙ୍କ ପ୍ରାର୍ଥନାର ସଂପୂର୍ଣ୍ଣ ଅର୍ଥ ସହିତ ଜଡ଼ିତ ହେବା ପାଇଁ ଆମେ କ'ଣ ପ୍ରସ୍ତୁତ ? ଆମେ କ'ଣ ଏହି କଥା କହିବା ପାଇଁ ପ୍ରସ୍ତୁତ ''ପ୍ରଭୁ, ମୋ' ପରି ପାପୀକୁ ତୁମ ଅନୁଗ୍ରହରେ ଉଦ୍ଧାର କର ଏବଂ ମୋତେ ପବିତ୍ର କର ?'' ଯୀଶୁଙ୍କ ପ୍ରାର୍ଥନା ଥିଲା ଯେ, ସେ ଏବଂ ପିତା ଯେପରି ଏକ, ସେହିପରି ଆମେ ଯେପରି ତାଙ୍କ ସହିତ ଏକ ହେବା (ଯୋହନ ୧୭:୨୧-୨୩) ।

ଜଣେ ପବିତ୍ରାତ୍ମାପ୍ରାପ୍ତ ବ୍ୟକ୍ତିଙ୍କ ଜୀବନର ଉଲ୍ଲେଖଯୋଗ୍ୟ ପ୍ରମାଣ ହେଉଛି, ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଆମର ସୁସ୍ପଷ୍ଟ ପାରିବାରିକ ସାଦୃଶ୍ୟ ଏବଂ ତାଙ୍କର ରୁଚି ନ ଥିବା ସମସ୍ତ ବିଷୟକୁ ପରିତ୍ୟାଗ କରିବା । ଆମ ମଧ୍ୟରେ ପବିତ୍ରଆତ୍ମାଙ୍କ କାର୍ଯ୍ୟସାଧନ ପାଇଁ ଆମେ କ'ଣ ପୃଥକ୍ ହେବା ପାଇଁ ପ୍ରସ୍ତୁତ ?

ଫେବୃୟାରୀ ୯

# ଆପଣ କ'ଣ ଆତ୍ମିକରୂପେ କ୍ଳାନ୍ତଶ୍ରାନ୍ତ ?

**ଶାଶ୍ୱତ ଈଶ୍ୱର...କେବେହେଲେ ଶ୍ରାନ୍ତ କି କ୍ଳାନ୍ତ ହୁଅନ୍ତି ନାହିଁ ।**
**ଯିଶାଇୟ ୪୦:୨୮**

କ୍ଳାନ୍ତଶ୍ରାନ୍ତ ହେବାର ଅର୍ଥ, ଆମର ଜୀବନୀ ଶକ୍ତିର ଅବକ୍ଷୟଜନିତ ଅବସନ୍ନ ଅବସ୍ଥା । ଆତ୍ମିକ କ୍ଳାନ୍ତି ହେଉଛି ସେବାର ପରିଣତି, ପାପର ନୁହେଁ । ଆପଣ କ୍ଳାନ୍ତି ଅନୁଭବ କରନ୍ତୁ ବା ନ କରନ୍ତୁ, ଏହା ସେହି ବିଷୟ ଉପରେ ନିର୍ଭର କରେ, ଯେଉଁଠାରୁ ଆପଣଙ୍କ ଆବଶ୍ୟକତା ପୂରଣ ହୁଏ । ଯୀଶୁ ପିତରଙ୍କୁ କହିଲେ, ''ମୋର ମେଷମାନଙ୍କୁ ଚରାଅ'' ''କିନ୍ତୁ କୌଣସି ଭୋଜନସାମଗ୍ରୀ ଦେଇ ନ ଥିଲେ (ଯୋହନ ୨୧:୧୭) । ଭଙ୍ଗା ରୋଟୀ ଏବଂ ଢ଼ଳାଯିବା ଦ୍ରାକ୍ଷାରସ ହେବା ପ୍ରକ୍ରିୟାର ଅର୍ଥ ହେଉଛି, ଯେପର୍ଯ୍ୟନ୍ତ ଅନ୍ୟମାନେ ଈଶ୍ୱରଙ୍କ ଉପରେ ନିର୍ଭରଶୀଳ ହୋଇ ଭୋଜନ କରିବା ଶିଖି ନାହାନ୍ତି, ଆପଣ ସେମାନଙ୍କ ଆତ୍ମାର ଆହାର ସ୍ୱରୂପ ହେବେ । ସେମାନେ ଆପଣଙ୍କୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଶୂନ୍ୟ କରିଦେବେ । କିନ୍ତୁ ପୁନର୍ବାର ଯୋଗାଣ ମାଧ୍ୟମରେ ଶକ୍ତିରେ ପୂର୍ଣ୍ଣ ହେବା ପାଇଁ ଯତ୍ନବାନ୍ ହୁଅନ୍ତୁ, ନଚେତ୍ ଆପଣ ଅତିଶୀଘ୍ର କ୍ଳାନ୍ତଶ୍ରାନ୍ତ, ହୋଇପଡ଼ିବେ । ଅନ୍ୟମାନେ ସିଧାସଳଖ ପ୍ରଭୁ ଯୀଶୁଙ୍କଠାରୁ ଜୀବନୀ ଶକ୍ତି ଆହରଣ ନ କରିବା ପର୍ଯ୍ୟନ୍ତ ସେମାନେ ଆପଣଙ୍କଠାରୁ ତାଙ୍କର ଜୀବନୀ ଶକ୍ତି ଆହରଣ କରିବେ । ଈଶ୍ୱରଙ୍କଠାରୁ ଭୋଜନ ଗ୍ରହଣ କରିବା ନ ଶିଖିବା ପର୍ଯ୍ୟନ୍ତ ଆକ୍ଷରିକ ଭାବେ ଆପଣ ସେମାନଙ୍କ ଯୋଗାଣର ଉତ୍ସ ହେବେ । ଆମେ ଈଶ୍ୱରଙ୍କଠାରେ କୃତଜ୍ଞ ଯେ, ସେ ତାଙ୍କ ପାଇଁ ଏବଂ ତାଙ୍କ ମେଷମାନଙ୍କୁ ଚରାଇବା ପାଇଁ ଆମକୁ ସର୍ବୋତ୍ତମ ଉପାୟରେ ବ୍ୟବହାର କରନ୍ତି ।

ଆପଣ ଯେଉଁଭଳି ଈଶ୍ୱରଙ୍କ ସେବା କରୁଛନ୍ତି, ସେଥିରେ ଆପଣ କ'ଣ ଆତ୍ମିକରୂପେ କ୍ଳାନ୍ତଶ୍ରାନ୍ତ ହୋଇଛନ୍ତି ? ଯଦି ତାହା ହୋଇଥାଏ, ତେବେ ଆପଣଙ୍କ ଇଚ୍ଛା ଶକ୍ତି ଏବଂ ସ୍ନେହଭାବକୁ ନୂଆ ରୂପରେ ଜାଗ୍ରତ କରାନ୍ତୁ । ଆପଣଙ୍କ ସେବାର ଉଦ୍ଦେଶ୍ୟକୁ ପରଖ କରନ୍ତୁ । ଆପଣଙ୍କ ଉତ୍ସ କ'ଣ ନିଜର ଜ୍ଞାନ ଅବା ଯୀଶୁଖ୍ରୀଷ୍ଟଙ୍କ ମୁକ୍ତି ପ୍ରଦାନକାରୀ ଶକ୍ତି ଉପରେ ପ୍ରତିଷ୍ଠିତ ? ନିରନ୍ତର ଆପଣଙ୍କ ସ୍ନେହ ଏବଂ ପ୍ରେମର ଭିତ୍ତିଭୂମି ପ୍ରତି ଦୃଷ୍ଟି ଫେରାନ୍ତୁ ଏବଂ ଆପଣଙ୍କ ଶକ୍ତିର ଉତ୍ସ ବିଷୟ ସ୍ମରଣ କରନ୍ତୁ । ''ହେ ପ୍ରଭୁ, ମୁଁ ଅତି କ୍ଳାନ୍ତଶ୍ରାନ୍ତ'' ଏହି କଥା କହିବା ପାଇଁ ଆପଣଙ୍କର କୌଣସି ଅଧିକାର ନାହିଁ । ଆପଣଙ୍କୁ କ୍ଳାନ୍ତଶ୍ରାନ୍ତ କରିବା ପାଇଁ ଈଶ୍ୱର ଆପଣଙ୍କୁ ମୁକ୍ତ ଏବଂ ପବିତ୍ର କଲେ । ଈଶ୍ୱରଙ୍କ ପାଇଁ କ୍ଳାନ୍ତଶ୍ରାନ୍ତ ହୁଅନ୍ତୁ, କିନ୍ତୁ ମନେରଖନ୍ତୁ, ସେ ହେଉଛନ୍ତି ଆପଣଙ୍କ ଯୋଗାଣର ଉତ୍ସ । ''ମୋର ସବୁ (ମଙ୍ଗଳର) ଉତ୍ସ ତୋ'ଠାରେ'' (ଗୀତସଂହିତା ୮୭:୭) ।

ଫେବୃୟାରୀ ୧୦

# ଈଶ୍ୱରଙ୍କୁ ଦେଖିବା ପାଇଁ କ'ଣ ଆପଣଙ୍କ ସାମର୍ଥ୍ୟର ଦୃଷ୍ଟିରୋଧ ଘଟିଛି ?

**ଊର୍ଦ୍ଧ୍ୱଦୃଷ୍ଟି କରି ଆକାଶ ମଣ୍ଡଳକୁ ଦେଖ, କିଏ ଏ ସବୁ ସୃଷ୍ଟି କରିଛି ?**
**ଯିଶାଇୟ ୪୦:୨୬**

ଯିଶାଇୟଙ୍କ ସମୟରେ ଈଶ୍ୱରଙ୍କ ଲୋକମାନେ ପ୍ରତିମାଗଣର ଆକୃତି ଦେଖିବା ଦ୍ୱାରା ସେମାନଙ୍କ କଳ୍ପନା ଶକ୍ତି ଅନ୍ଧକାରପୂର୍ଣ୍ଣ ହୋଇଥିଲା । କିନ୍ତୁ ଯିଶାଇୟ ସେମାନଙ୍କୁ ଊର୍ଦ୍ଧ୍ୱଦୃଷ୍ଟି କରିବା ପାଇଁ ପରାମର୍ଶ ଦେଲେ ଅର୍ଥାତ୍ ସେମାନଙ୍କ କଳ୍ପନା ଶକ୍ତିର ସଦୁପୋଯୋଗ କରିବା ପାଇଁ ସେମାନଙ୍କୁ ପ୍ରେରଣା ଦେଲେ । ଆମେ ଯଦି ଈଶ୍ୱରଙ୍କ ସନ୍ତାନ, ତେବେ ପ୍ରକୃତି ହେଉଛି ଆମ ପାଇଁ ଏକ ମୂଲ୍ୟବାନ୍ ସଂପତ୍ତି ଏବଂ ଏହା ଶୁଚି ଏବଂ ପବିତ୍ର ବୋଲି ଆମର ହୃଦ୍‌ବୋଧ ହୁଏ । ଆମର କଳ୍ପନା ଓ ଚିନ୍ତାଧାରାର ଅନ୍ଧତାକୁ ଦୂର କରି ଆମେ ଯଦି ମନଶ୍ଚକ୍ଷୁ ଖୋଲିବା, ତେବେ ଆମେ ଦେଖିବା ଯେ ପବନରେ, ପ୍ରତି ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତରେ, ଆକାଶର ମେଘଖଣ୍ଡରେ, ପ୍ରତିଟି ଫୁଲରେ ଏବଂ ପ୍ରତିଟି ଝରା ପତ୍ରରେ ଈଶ୍ୱର ଯେପରି ଆମ ନିକଟରେ ପହଞ୍ଚିବାର ପ୍ରୟାସ କରୁଛନ୍ତି ।

ଆମର ଆତ୍ମିକ ଲକ୍ଷ୍ୟକୁ କେନ୍ଦ୍ରୀଭୂତ କରିବାର ପ୍ରକୃତ ପରୀକ୍ଷଣ ହେଉଛି, ଆମର ଚିନ୍ତା ଏବଂ କଳ୍ପନା ଶକ୍ତିକୁ ନିୟନ୍ତ୍ରଣ କରିବାର ସାମର୍ଥ୍ୟ । ଆପଣଙ୍କ ମନ କ'ଣ କୌଣସି ପ୍ରତିମା ଉପରେ କେନ୍ଦ୍ରୀଭୂତ ? ଆପଣ କ'ଣ ସେହି ପ୍ରତିମା ? ତାହା କ'ଣ ଆପଣଙ୍କ କାର୍ଯ୍ୟ ? ଈଶ୍ୱରଙ୍କର ସେବକଙ୍କ ସଂପର୍କରେ ଆପଣଙ୍କ ଧାରଣା କ'ଣ ସେହିପ୍ରକାର ଅବା ପରିତ୍ରାଣ ଏବଂ ପବିତ୍ରୀକରଣ ସଂପର୍କିତ ଆପଣଙ୍କ ଅନୁଭୂତି ? ଯଦି ତାହା ହୋଇଥାଏ, ତେବେ ଆପଣ ଈଶ୍ୱରଙ୍କୁ ଦେଖିବାର ଦୃଷ୍ଟିଶକ୍ତି ହରାଇଛନ୍ତି । ଅସୁବିଧାର ସମ୍ମୁଖୀନ ହେଲେ ଆପଣ ଶକ୍ତିହୀନ ହୋଇ ଅନ୍ଧକାର ମଧ୍ୟକୁ ଚାଲିଯିବେ । ଯଦି ଈଶ୍ୱରଙ୍କୁ ଦେଖିବାର ଶକ୍ତି ହରାଇଛନ୍ତି, ତେବେ ଆପଣଙ୍କ ଅନୁଭୂତି ପ୍ରତି ଦୃଷ୍ଟି ନ ଫେରାଇ ଈଶ୍ୱରଙ୍କୁ ଦେଖନ୍ତୁ । ଆପଣଙ୍କ ଆବଶ୍ୟକତା କେବଳ ଈଶ୍ୱର । ଆପଣ ନିଜଠାରୁ, ଆପଣଙ୍କ ପ୍ରତିମାଗଣଙ୍କଠାରୁ ଏବଂ ଆପଣଙ୍କ ଚିନ୍ତା ଭାବନାକୁ ଅନ୍ଧ କରି ଦେଉଥିବା ସମସ୍ତ ଶକ୍ତିଠାରୁ ଦୂରେଇ ଯା'ନ୍ତୁ । ଜାଗ୍ରତ ହୁଅନ୍ତୁ, ଯିଶାଇୟ ତାଙ୍କ ଲୋକମାନଙ୍କୁ ଯେଉଁ ଅନୁଯୋଗ କରିଥିଲେ ତାହାକୁ ସ୍ୱୀକାର କରନ୍ତୁ ଏବଂ ଯତ୍ନପୂର୍ବକ ଆପଣଙ୍କ ଚିନ୍ତା ଏବଂ ଆପଣଙ୍କ ଆଖିକୁ ଈଶ୍ୱରଙ୍କ ପ୍ରତି ଉତ୍ତୋଳିତ କରନ୍ତୁ ।

ଆମ ବିଫଳ ପ୍ରାର୍ଥନାର ଗୋଟିଏ କାରଣ ହେଉଛି, ଆମେ ମନର କଳ୍ପନା ଶକ୍ତି ହରାଇଛୁ । ଆମେ ଯତ୍ନପୂର୍ବକ ନିଜକୁ ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥାପିତ କରିବାର କଳ୍ପନା ମଧ୍ୟ କରି ପାରିବା ନାହିଁ । ଅନ୍ୟମାନଙ୍କ ସହିତ ବ୍ୟକ୍ତିଗତ ସଂପର୍କ ଅପେକ୍ଷା ମଧ୍ୟସ୍ଥତା କରିବା କ୍ଷେତ୍ରରେ ଭଙ୍ଗା ରୋଟୀ ଏବଂ ଢ଼ଳାଯିବା ଦ୍ରାକ୍ଷାରସ ହେବା ଶ୍ରେୟସ୍କର । ଈଶ୍ୱର ତାଙ୍କ ପବିତ୍ର ଲୋକଙ୍କୁ କଳ୍ପନାର ଯେଉଁ ଦୃଷ୍ଟିଶକ୍ତି ଦିଅନ୍ତି, ତଦ୍ଦ୍ୱାରା ସେହି ଲୋକ ନିଜକୁ ଅତିକ୍ରମ କରି ଏଭଳି ସଂପର୍କ ମଧ୍ୟକୁ ଆସନ୍ତି, ଯାହା ସେ ପୂର୍ବରୁ କେବେ ଅନୁଭବ କରି ନ ଥିଲେ ।

# ଆପଣଙ୍କ ମନ କ'ଣ ଈଶ୍ୱରଙ୍କଠାରେ ଅଟଳ ?

**ଯାହାର ମନ ତୁମ୍ଭଠାରେ ଅଟଳ ରହିଛି, ତାକୁ ତୁମେ ସଂପୂର୍ଣ୍ଣ ଶାନ୍ତିରେ ରଖିବ, କାରଣ ସେ ତୁମଠାରେ ଭରସା ରଖିଛି ।**
**ଯିଶାଇୟ ୨୬:୩**

ଆପଣଙ୍କ ମନ କ'ଣ ଈଶ୍ୱରଙ୍କଠାରେ ଅଟଳ ଅବା କ୍ଷୁଧା-ପୀଡ଼ିତ ? ଈଶ୍ୱରଙ୍କ ସେବକଙ୍କ ଜୀବନର କ୍ଳାନ୍ତି ଏବଂ ଦୁର୍ବଳତାର ମୁଖ୍ୟ କାରଣ ମଧ୍ୟରୁ ଗୋଟିଏ କାରଣ ହେଉଛି ଅବହେଳା ଜନିତ ମାନସିକ ଖାଦ୍ୟାଭାବ । ଯଦି ଈଶ୍ୱରଙ୍କ ସହିତ ଆପଣ ନିଜର ମନକୁ ସ୍ଥିର ଭାବେ ଧରି ରଖି ନାହାନ୍ତି, ତେବେ ବର୍ତ୍ତମାନ ତାହା ଆରମ୍ଭ କରନ୍ତୁ । ଈଶ୍ୱର ଆପଣଙ୍କ ପାଖକୁ ଆସିବାର କୌଣସି କାରଣ ନାହିଁ । ପ୍ରତିମାଗୁଡ଼ିକ ଉପରୁ ଦୃଷ୍ଟି ଫେରାଇ ଈଶ୍ୱରଙ୍କ ପ୍ରତି ଦୃଷ୍ଟିପାତ କରି ଆପଣ ମୁକ୍ତି ଲାଭ କରିବେ (ଯିଶାଇୟ ୪୫: ୨୨ ଦେଖନ୍ତୁ) ।

ଆପଣଙ୍କ ସୃଜନଶୀଳ ମନ ଆପଣଙ୍କ ପାଇଁ ଈଶ୍ୱରଙ୍କ ଶ୍ରେଷ୍ଠ ଦାନ ଏବଂ ତାଙ୍କ ପାଇଁ ସଂପୂର୍ଣ୍ଣରୂପେ ଆପଣ ଏହାକୁ ବ୍ୟବହାର କରିବେ । ଆପଣ 'ଖ୍ରୀଷ୍ଟଙ୍କ ଆଜ୍ଞାବହ ହେବା ପାଇଁ ପ୍ରତ୍ୟେକ ଚିନ୍ତାଭାବନାକୁ ବନ୍ଧନରେ ରଖନ୍ତୁ'' (୨ କରିନ୍ଥୀୟ ୧୦:୫) । ଦୁଃଖଦ ପରିସ୍ଥିତିରେ ଏହା ଆପଣଙ୍କ ବିଶ୍ୱାସର ଏକ ଶ୍ରେଷ୍ଠ ମୂଲ୍ୟବାନ୍ ସଂପତ୍ତି ସଦୃଶ ହେବ କାରଣ ସେ ସମୟରେ ଆପଣଙ୍କ ବିଶ୍ୱାସ ଏବଂ ଈଶ୍ୱରଙ୍କ ଆତ୍ମା ଏକତ୍ର କାର୍ଯ୍ୟ କରିବେ । ଯେତେବେଳେ ଆପଣଙ୍କ ମନରେ ଈଶ୍ୱରଙ୍କ ପ୍ରଶଂସା ଯୋଗ୍ୟ ଚିନ୍ତାଭାବନା ଉଦ୍ରେକ ହୁଏ, ସେଗୁଡ଼ିକୁ ତୁଳନାତ୍ମକଭାବେ ପ୍ରକୃତିର ବିଭିନ୍ନ ଘଟଣା ସହିତ ସଂଯୁକ୍ତ କରନ୍ତୁ, ଉଦାହରଣସ୍ୱରୂପ- ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ, ଚନ୍ଦ୍ର ଓ ତାରା ଉଜ୍ଜ୍ୱଳ କିରଣ, ଏବଂ ଋତୁ ପରିବର୍ତ୍ତନ । ଆପଣ ଅନୁଭବ କରିବେ ଯେ ଆପଣଙ୍କ ଚିନ୍ତାଧାରାର ଈଶ୍ୱର କୈନ୍ଦ୍ରିକ । ଆପଣଙ୍କ ମନ ଆଉ ଆବେଗଭରା ନ ହୋଇ ସର୍ବଦା ଈଶ୍ୱରଙ୍କ ସେବାରେ ନିୟୋଜିତ ହେବ ।

''ଆମ ପୂର୍ବପୁରୁଷଙ୍କ ପରି ଆମେ ମଧ୍ୟ ପାପ କରିଛୁ...ସ୍ମରଣ କଲେ ନାହିଁ (ଗୀତସଂହିତା ୧୦୬:୬-୭) ।

ଆପଣଙ୍କ ସ୍ମୃତିକୁ ସଜୀବ କରିବା ସଂଗେ ସଂଗେ ଉଠନ୍ତୁ । ମନେ ମନେ ଏପରି କୁହନ୍ତୁ ନାହିଁ ''ଈଶ୍ୱର ବର୍ତ୍ତମାନ ମୋ' ସହିତ କଥା କହୁ ନାହାନ୍ତି'' ସେ ନିଶ୍ଚୟ କହିବେ । ଆପଣ କାହାର ଅଟନ୍ତି, ଏବଂ କାହାର ସେବା କରନ୍ତି ତାହା ସ୍ମରଣ କରନ୍ତୁ । ସ୍ମରଣ କରିବା ପାଇଁ ନିଜକୁ ଉତ୍ସାହିତ କରନ୍ତୁ । ଈଶ୍ୱରଙ୍କ ପ୍ରତି ଆପଣଙ୍କ ଶ୍ରଦ୍ଧା ଦଶଗୁଣ ବୃଦ୍ଧି ପାଇବ । ଆପଣଙ୍କ ମନ ଆଉ କ୍ଷୁଧା-ପୀଡ଼ିତ ନ ହୋଇ ସକ୍ରିୟ ଏବଂ ଉଦ୍‌ଯୋଗୀ ହେବ ଏବଂ ଆପଣଙ୍କ ଭରସା ଏପରି ଉଜ୍ଜ୍ୱଳ ହେବ, ଯାହା ବର୍ଣ୍ଣନାତୀତ ।

ଫେବୃୟାରୀ ୧୨

# ଆପଣ କ'ଣ ଈଶ୍ୱରଙ୍କ କଥା ଶୁଣୁଛନ୍ତି ?

**ସେମାନେ ମୋଶାଙ୍କୁ କହିଲେ, ''ତୁମେ ଆମ ସଙ୍ଗେ କଥା କୁହ,
ଆମେ ଶୁଣିବୁ, କିନ୍ତୁ ଈଶ୍ୱର ଆମ ସଙ୍ଗେ କଥା ନ କହନ୍ତୁ,
ସେ କଥା କହିଲେ ଆମେ ମରିବୁ ।**

**ଯାତ୍ରାପୁସ୍ତକ ୨୦:୧୯**

ଜାଣିଶୁଣି ଆମେ ଈଶ୍ୱରଙ୍କ ଅବାଧ ହୋଇ ନ ଥାଉ– ଆମେ କେବଳ ତାଙ୍କ କଥା ଶୁଣି ନ ଥାଉ । ଈଶ୍ୱର ଆମକୁ ତାଙ୍କର ଆଜ୍ଞା ଦେଇଛନ୍ତି କିନ୍ତୁ ସେଥିପ୍ରତି ଆମର ମନଯୋଗ ନ ଥାଏ । ଏହା ଆମର ସ୍ୱେଚ୍ଛାକୃତ ଅବାଧତା ନୁହେଁ, ମାତ୍ର ତାଙ୍କ ପ୍ରତି ଆମର ପ୍ରେମ ଓ ଭକ୍ତିର ଅଭାବ । ''ଯଦି ତୁମେମାନେ ମୋତେ ପ୍ରେମ କର, ତେବେ ମୋର ଆଜ୍ଞା ସବୁ ପାଳନ କର'' (ଯୋହନ ୧୪:୧୫) । ନିରନ୍ତର ଈଶ୍ୱରଙ୍କୁ ଅଭକ୍ତି ପ୍ରଦର୍ଶନ କରୁଛୁ ବୋଲି ଆମେ ଯେତେବେଳେ ଉପଲବ୍ଧି କରୁ, ଏହି ତୁଚ୍ଛ ମନୋଭାବ ପାଇଁ ଲଜ୍ଜା ଏବଂ ଅପମାନରେ ଆମର ମଥା ନଇଁଯାଏ ।

''ତୁମେ ଆମ ସଙ୍ଗେ କଥା କୁହ...କିନ୍ତୁ ଈଶ୍ୱର ଆମ ସଙ୍ଗେ କଥା ନ କହନ୍ତୁ ! ଈଶ୍ୱରଙ୍କ କଥା ଶୁଣିବା ପରିବର୍ତ୍ତେ ତାଙ୍କର ଦାସମାନଙ୍କ କଥା ଶୁଣିବା ଦ୍ୱାରା ପ୍ରମାଣିତ ହୁଏ ଯେ, ଈଶ୍ୱରଙ୍କ ପ୍ରତି ଆମର ପ୍ରେମ କେତେ ଊଣା । ଆମେ ବ୍ୟକ୍ତି ବିଶେଷଙ୍କ ସାକ୍ଷ୍ୟ ଶୁଣିବାକୁ ଭଲ ପାଉ, ମାତ୍ର ଈଶ୍ୱରଙ୍କ କଥା ଶୁଣିବାକୁ ଆମର ଇଚ୍ଛା ନ ଥାଏ । ଆମେ କାହିଁକି ଈଶ୍ୱରଙ୍କ କଥା ଶୁଣିବାକୁ ଏତେ ଭୟଭୀତ ? ଏହାର କାରଣ ହେଉଛି ଯେ ଈଶ୍ୱରଙ୍କ କଥା ଶୁଣିବା ପରେ ହୁଏତ ଆମକୁ ତାଙ୍କର ବାଧ୍ୟ ହେବାକୁ ପଡ଼ିବ କିମ୍ବା ଆମେ ବାଧ୍ୟ ହୋଇ ପାରିବୁ ନାହିଁ ବୋଲି ତାଙ୍କୁ କହିବାକୁ ହେବ । କିନ୍ତୁ ଯଦି ଜଣେ ଈଶ୍ୱରଙ୍କ ଦାସ ଉପଦେଶ ଦିଅନ୍ତି, ତେବେ ଆମେ ଭାବିଥାଉ, ଆଜ୍ଞାବହତା ଏକ ଇଚ୍ଛାଧୀନ ବିଷୟ, ବାଧ୍ୟତା ମୂଳକ ନୁହେଁ । ପ୍ରତ୍ୟୁତ୍ତର ରୂପେ ଆମେ କହୁ ''ଅବଶ୍ୟ ଏହା ଆପଣଙ୍କ ନିଜର ଚିନ୍ତାଧାରା, ତଥାପି ଆପଣଙ୍କ କଥା ସମ୍ଭବତଃ ଈଶ୍ୱରଙ୍କ ସତ୍ୟ ବାକ୍ୟ ବୋଲି ମୁଁ ଅସ୍ୱୀକାର କରୁ ନାହିଁ ।''

ଈଶ୍ୱର ମୋତେ ତାଙ୍କର ସନ୍ତାନ ଭଳି ପ୍ରେମ କଲେ ମଧ୍ୟ ମୁଁ କ'ଣ ନିରନ୍ତର ତାଙ୍କୁ ତୁଚ୍ଛ ଓ ଅପମାନିତ କରି ଆସୁଛି ? ଶେଷରେ ମୁଁ ଯେତେବେଳେ ତାଙ୍କର କଥା ଶୁଣେ, ତାଙ୍କ ଉପରେ ଲଦି ଦେଇଥିବା ଅପମାନ ମୋ' ପ୍ରତି ଫେରି ଆସେ । ସେତେବେଳେ ପ୍ରତ୍ୟୁତ୍ତର ରୂପେ ମୁଁ କହେ, ''ପ୍ରଭୁ ମୁଁ କାହିଁକି ତୁମ ପ୍ରତି ଏଡ଼େ ନିର୍ଦ୍ଦୟ ଓ କଠିନମନା ହେଲି ?'' ଈଶ୍ୱରଙ୍କ କଥା ଶୁଣିବାର ପରିଣାମ ସର୍ବଦା ଏହିପରି ହୁଏ । କିନ୍ତୁ ପରିଶେଷରେ ବିଳମ୍ବିତ ସମୟ ପରେ ଈଶ୍ୱରଙ୍କ କଥା ଶୁଣିବା ଦ୍ୱାରା ଆମେ ଅନୁଭବ କରିଥିବା ଲଜ୍ଜା ହିଁ ଆମର ଆନନ୍ଦର କାରଣ ହୋଇଥାଏ ।

## ଫେବୃୟାରୀ ୧୩

# ଶୁଣିବାରେ ଭକ୍ତି

**ଶାମୁଏଲ ଉତ୍ତର ଦେଲେ ''କହନ୍ତୁ, ଆପଣଙ୍କ ଦାସ ଶୁଣୁଅଛି'' ।**
**୧ ଶାମୁଏଲ ୩:୧୦**

ଯେହେତୁ ମୁଁ ଥରେ ଈଶ୍ୱରଙ୍କ କଥାକୁ ଧ୍ୟାନ ସହକାରେ ଶୁଣିଛି, ତାହାର ଅର୍ଥ ନୁହେଁ ଯେ, ମୁଁ ତାଙ୍କର ସବୁ କଥା ଶୁଣିବି । ତାଙ୍କର କଥା ଶୁଣିବା ପାଇଁ ମୋ' ହୃଦୟ ଏବଂ ମନର ଅନାଗ୍ରହ ଏବଂ ଉଦାସୀନତା ହେତୁ ଈଶ୍ୱରଙ୍କ ପ୍ରତି ମୋର ଅଭକ୍ତି ଏବଂ ଅପ୍ରେମ ପ୍ରକାଶିତ ହୁଏ । ମୁଁ ଯଦି ମୋର ବଂଧୁଙ୍କୁ ପ୍ରେମ କରେ, ତେବେ ସେ କ'ଣ ଇଚ୍ଛା କରନ୍ତି, ସ୍ୱତଃ ପ୍ରବୃତ୍ତ ହୋଇ ମୁଁ ତାହା ବୁଝିପାରିବି । ଯୀଶୁ କହିଲେ, ''ତୁମେମାନେ ମୋର ବନ୍ଧୁ'' (ଯୋହନ ୧୫:୧୪) । ଏହି ସପ୍ତାହରେ ମୁଁ ପ୍ରଭୁଙ୍କର କୌଣସି ଆଜ୍ଞା ଲଂଘନ କରିଛି କି ? ଏହା ଯୀଶୁଙ୍କ ଆଜ୍ଞା ବୋଲି ମୁଁ ଯଦି ଜାଣିଥା'ନ୍ତି, ତେବେ ଜାଣିଶୁଣି କେବେ ତାହା ଉଲଂଘନ କରି ନ ଥା'ନ୍ତି । କିନ୍ତୁ ଆମ ମଧ୍ୟରୁ ଅଧିକାଂଶ ଈଶ୍ୱରଙ୍କ କଥା ନ ଶୁଣିବା ହେତୁ ତାଙ୍କ ପ୍ରତି ଅଭକ୍ତି ପ୍ରଦର୍ଶନ କରିଥାଉ । ତାଙ୍କର କହିବା ନ କହିବା ଆମ ପାଇଁ ସମାନ ହୋଇଥାଏ ।

ଯୀଶୁ ଖ୍ରୀଷ୍ଟଙ୍କ ସହିତ ମୋର ଆତ୍ମିକ ଜୀବନର ସଂପର୍କ ଏତେ ଅଧିକ ଏବଂ ନିବିଡ଼ ଯେ, ମୁଁ ସର୍ବଦା ଈଶ୍ୱରଙ୍କ କଥା ଶୁଣି ପାରିବି ଏବଂ ଅନୁଭବ କରିବି ଯେ, ସେ ମଧ୍ୟ ମୋ' କଥା ଶୁଣିବେ (ଯୋହନ ୧୧:୪୧ ଦେଖନ୍ତୁ) । ମୁଁ ଯଦି ଯୀଶୁ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହୋଇଛି, ତେବେ ମୁଁ ସର୍ବଦା ଶୁଣିବାର ଭକ୍ତି ଦ୍ୱାରା ଈଶ୍ୱରଙ୍କ କଥା ଶୁଣି ପାରିବି । ଗୋଟିଏ ଫୁଲ, ଗୋଟିଏ ଗଛ କିମ୍ବା ଈଶ୍ୱରଙ୍କ ଦାସଙ୍କ ମାଧ୍ୟମରେ ଈଶ୍ୱର ମୋତେ ତାଙ୍କର ସମ୍ବାଦ ଜଣାଇ ଦିଅନ୍ତି । ଅନ୍ୟ ବିଷୟ ପ୍ରତି ମୋର ଆକର୍ଷଣ ଶୁଣିବାରେ ବାଧା ସୃଷ୍ଟି କରେ । ମୁଁ ଯେ ଈଶ୍ୱରଙ୍କ କଥା ଶୁଣିବା ପାଇଁ ଅନିଚ୍ଛୁକ, ଏହା ଠିକ୍ ନୁହେଁ, କିନ୍ତୁ ମୋ' ଜୀବନର ପ୍ରକୃତ କ୍ଷେତ୍ରରେ ତାଙ୍କ ପ୍ରତି ମୋର ଭକ୍ତି ପ୍ରଦର୍ଶିତ ହୋଇନାହିଁ । ମୁଁ ମୋ ଜୀବନର ସେବା ଏବଂ ଦୃଢ଼ ବିଶ୍ୱାସ ପ୍ରତି ସମର୍ପିତ । ଈଶ୍ୱର ଯାହା ଇଚ୍ଛା କରନ୍ତି, ତାହା କହିପାରନ୍ତି, କିନ୍ତୁ ମୁଁ ତାଙ୍କ କଥା ଶୁଣେ ନାହିଁ । ଈଶ୍ୱରଙ୍କ ସନ୍ତାନଙ୍କର ମନୋଭାବ ଏଭଳି ହେବା ଆବଶ୍ୟକ–''କହନ୍ତୁ, ଆପଣଙ୍କ ଦାସ ଶୁଣୁଅଛି'' । ମୁଁ ଯଦି ଶୁଣିବାର ଏଭଳି ଭକ୍ତିପୂର୍ଣ୍ଣ ମନୋଭାବ ବୃଦ୍ଧି କରି ନାହିଁ, ତେବେ ସମୟେ ସମୟେ, ହୁଏତ ମୁଁ ଈଶ୍ୱରଙ୍କ ସ୍ୱର ଶୁଣି ପାରିବି । ଅନ୍ୟ ସମୟରେ ମୁଁ ତାଙ୍କ ପ୍ରତି ବଧୀର ହୋଇଯାଏ କାରଣ ମୋର ଧ୍ୟାନ ଅନ୍ୟାନ୍ୟ ବିଷୟ ପ୍ରତି ଆକର୍ଷିତ ହୁଏ, ଯାହା ମୋ ଦୃଷ୍ଟିରେ କର୍ତ୍ତବ୍ୟ ବୋଲି ମନେହୁଏ । ଏହା ଈଶ୍ୱରଙ୍କ ସନ୍ତାନର ଜୀବନଶୈଳୀ ନୁହେଁ । ଆଜି ଆପଣ ଈଶ୍ୱରଙ୍କ ସ୍ୱର ଶୁଣିଛନ୍ତି କି ?

ଫେବୃୟାରୀ ୧୪

# ଶୁଣିବାର ଶୃଙ୍ଖଳା

**ମୁଁ ତୁମମାନଙ୍କୁ ଯାହା ଅନ୍ଧକାରରେ କହୁଛି, ତାହା ଦିବାଲୋକରେ କୁହ, ମୁଁ ତୁମମାନଙ୍କୁ ଯାହା କାନେ କାନେ କହୁଛି, ତାହା ଛାତ ଉପରୁ ଘୋଷଣା କର ।**
**ମାଥିଉ ୧୦:୨୭**

ସମୟେ ସମୟେ ଈଶ୍ୱର ଆମକୁ ତାଙ୍କର କଥା ଶୁଣିବାକୁ ଏବଂ ବାଧ୍ୟ ହେବାକୁ ଶିଖାଇବା ପାଇଁ ଶୃଙ୍ଖଳାରୂପକ ଅନ୍ଧକାରର ଅନୁଭୂତି ମଧ୍ୟକୁ ନେଇଯାନ୍ତି । ଗୀତ ଗାଉଥିବା ପକ୍ଷୀମାନଙ୍କୁ ଅନ୍ଧାରରେ ଗୀତ ଶିଖାଇ ଦିଆଯାଏ ଏବଂ ଆମେ ଈଶ୍ୱରଙ୍କ ସ୍ୱର ଶୁଣିବା ପାଇଁ ଶିକ୍ଷିତ ନ ହେବା ପର୍ଯ୍ୟନ୍ତ ସେ ଆମକୁ ତାଙ୍କର ହସ୍ତର ଛାୟା ତଳେ ଆବୋରି ରଖନ୍ତି (ଯିଶାଇୟ ୪୯:୨) । ''ମୁଁ ତୁମାନଙ୍କୁ ଯାହା ଅନ୍ଧକାରରେ କହୁଛି...'' – ଯେତେବେଳେ ଈଶ୍ୱର ଆପଣଙ୍କୁ ଅନ୍ଧକାରରେ ରଖନ୍ତି, ବିଶେଷ ଧ୍ୟାନ ଦିଅନ୍ତୁ ଏବଂ ସେଠାରେ ରହିବା ପର୍ଯ୍ୟନ୍ତ ନିଜର ମୁଖ ବନ୍ଦ ରଖନ୍ତୁ । ଆପଣ କ'ଣ ବର୍ତ୍ତମାନ ଆପଣଙ୍କ ଜୀବନର ଅନ୍ଧକାରପୂର୍ଣ୍ଣ ପରିସ୍ଥିତି ମଧ୍ୟରେ ଅଛନ୍ତି? ଯଦି ତାହା ହୋଇଥାଏ, ତେବେ ନୀରବ ରୁହନ୍ତୁ । ଅନ୍ଧକାରରେ ଯଦି ଆପଣ ମୁଖ ଖୋଲିବେ, ତେବେ ଆପଣ ଭୁଲ୍ ମନୋଭାବ ନେଇ କଥା କହିବେ– ଅନ୍ଧକାର ହେଉଛି ଶୁଣିବାର ସଠିକ୍ ସମୟ । ଅନ୍ୟମାନଙ୍କୁ ସେ ବିଷୟରେ କୁହନ୍ତୁ ନାହିଁ, ଅନ୍ଧକାରର କାରଣ ଜାଣିବା ପାଇଁ ବହି ପଢ଼ନ୍ତୁ ନାହିଁ, କେବଳ ଶୁଣନ୍ତୁ ଏବଂ ବାଧ୍ୟ ହୁଅନ୍ତୁ । ଅନ୍ୟମାନଙ୍କୁ କହିଲେ ଆପଣ ଈଶ୍ୱରଙ୍କ କଥା ଶୁଣି ପାରିବେ ନାହିଁ । ଅନ୍ଧକାର ମଧ୍ୟରେ ଥିବା ସମୟରେ କେବଳ ଶୁଣନ୍ତୁ । ଆପଣ ଯେତେବେଳେ ଆଲୋକ ମଧ୍ୟକୁ ଫେରି ଆସିବେ, ଈଶ୍ୱର ଆପଣଙ୍କୁ ଅନ୍ୟ କାହା ପାଇଁ ବହୁମୂଲ୍ୟ ସମ୍ବାଦ ଜଣାଇବେ ।

ଅନ୍ଧକାରରେ ବିତାଇଥିବା ସମୟ ପରେ ଆନନ୍ଦ ଏବଂ ଲଜ୍ଜା–ମିଶ୍ରିତ ଆମର ଅନୁଭବ ହେବା ଆବଶ୍ୟକ । ଯଦି ଆମର ଅନୁଭବ କେବଳ ଆନନ୍ଦ ହୁଏ, ତେବେ ଆମେ ପ୍ରକୃତରେ ଈଶ୍ୱରଙ୍କ ସ୍ୱର ଶୁଣିଛୁ କି ନାହିଁ, ଏ ବିଷୟରେ ମୋର ସନ୍ଦେହ ଜାତ ହୁଏ ।

ଆମେ ଈଶ୍ୱରଙ୍କ ସ୍ୱର ଶୁଣିବା ଆବଶ୍ୟକ, କିନ୍ତୁ ତା'ଠାରୁ ଅଧିକ ଲଜ୍ଜାକର ବିଷୟ ହେଉଛି, ଆମେ ତାଙ୍କ ସ୍ୱର ଶୁଣିବା ପାଇଁ ଅନେକ ବିଳମ୍ବ କରୁ । ତା'ପରେ ଆମେ ଚିତ୍କାର କରି କହିବା ''ଈଶ୍ୱର ମୋତେ ଯେଉଁ କଥା କହି ଆସୁଛନ୍ତି, ତାହା ଶୁଣିବା ପାଇଁ ମୁଁ କେତେ ବିଳମ୍ବ କଲି !'' ତଥାପି ଈଶ୍ୱର ଦୀର୍ଘ ଦିନ ଓ ସପ୍ତାହ ଧରି କହି ଆସୁଛନ୍ତି । କିନ୍ତୁ ଥରେ ଯଦି ଆପଣ ତାଙ୍କ କଥା ଶୁଣିବେ, ତେବେ ସେ ଆପଣଙ୍କୁ ଲଜ୍ଜାରୂପକ ଦାନ ଦେବେ ଯାହା ଆପଣଙ୍କ ହୃଦୟକୁ କୋମଳ କରିବ ଏବଂ ବର୍ତ୍ତମାନଠାରୁ ଆପଣ ସବୁ ସମୟରେ ଈଶ୍ୱରଙ୍କ କଥା ଶୁଣିବେ ।

# ମୁଁ କ'ଣ ମୋ' ଭାଇର ରକ୍ଷକ ?

**କାରଣ ଆମ ମଧ୍ୟରୁ କେହି ନିଜ ପାଇଁ ବଞ୍ଚେ ନାହିଁ ।**

**ରୋମୀୟ ୧୪:୭**

ଆତ୍ମିକରୂପେ ଆପଣ ଯେ ଈଶ୍ୱରଙ୍କ ନିକଟରେ ଦାୟୀ, ଆପଣ କ'ଣ କେବେ ଏହା ଚିନ୍ତା କରିଛନ୍ତି ? ଉଦାହରଣରୂପେ ମୁଁ ଯଦି ମୋର ବ୍ୟକ୍ତିଗତ ଜୀବନରେ ଈଶ୍ୱରଙ୍କଠାରୁ ଦୂରେଇ ଯାଏ, ତେବେ ମୋ ଚାରିପାଖେ ଥିବା ଲୋକମାନେ କଷ୍ଟ ପାଇବେ । ଆମେ ''ଏକତ୍ର ସ୍ୱର୍ଗୀୟ ସ୍ଥାନରେ ବସୁ'' (ଏଫିସୀ ୨:୬) । ''ଯଦି ଗୋଟିଏ ଅଙ୍ଗ କଷ୍ଟ ପାଏ, ତେବେ ତା' ସହିତ ସବୁ ଅଙ୍ଗ କଷ୍ଟପା'ନ୍ତି । (୧ କରନ୍ଥୀ ୧୨:୨୬) । ଆପଣ ଯଦି ଶାରୀରିକ ସ୍ୱାର୍ଥ, ମାନସିକ ଉଦାସୀନତା, ନୈତିକ ଅସମ୍ବେଦନଶୀଳତା ଅବା ଆତ୍ମିକ ଦୁର୍ବଳତାକୁ ପ୍ରଶ୍ରୟ ଦିଅନ୍ତି, ତେବେ ଆପଣଙ୍କ ସଂସ୍ପର୍ଶରେ ଆସୁଥିବା ପ୍ରତ୍ୟେକ ଜଣ କଷ୍ଟ ଭୋଗିବେ । କିନ୍ତୁ ଆପଣ ପ୍ରଶ୍ନ କରନ୍ତି, ''କିଏ ଏଭଳି ଉଚ୍ଚତର ଜୀବନ କାଟିବା ପାଇଁ ସମର୍ଥ ?'' ''ଆମର ସାମର୍ଥ୍ୟ ଈଶ୍ୱରଙ୍କଠାରୁ ଆଗତ'' (୨ କରିନ୍ଥୀ ୩:୫) ।

''ତୁମେମାନେ ମୋର ସାକ୍ଷୀ ହେବ...'' (ପ୍ରେରିତ ୧:୮) । ଆମ ମଧ୍ୟରୁ କେତେ ଜଣ ଆମର ସ୍ନାୟୁବିକ, ମାନସିକ, ନୈତିକ ଏବଂ ଆତ୍ମିକ ଶକ୍ତିର ପ୍ରତି ଅଂଶ ଯୀଶୁ ଖ୍ରୀଷ୍ଟଙ୍କ ସେବାରେ ବ୍ୟୟ କରିବା ପାଇଁ ଇଚ୍ଛୁକ ? ଈଶ୍ୱରଙ୍କ ଦୃଷ୍ଟିରେ ଏହାହିଁ ''ସାକ୍ଷୀ ହେବା'' ର ପ୍ରକୃତ ଅର୍ଥ । କିନ୍ତୁ ଏହା ସମୟ ସାପେକ୍ଷ, ସେଥିପାଇଁ ଧୈର୍ଯ୍ୟ ଧରନ୍ତୁ । ଈଶ୍ୱର ଆମକୁ କେଉଁ କାରଣରୁ ଜଗତରେ ରଖିଛନ୍ତି ? ପରିତ୍ରାଣ ଏବଂ ପବିତ୍ର ଜୀବନ ଯାପନ କ'ଣ ଏହାର କାରଣ ? ନା, ତାଙ୍କର ସେବା କାର୍ଯ୍ୟରେ ନିୟୋଜିତ ହେବା ତାହାର ଉଦ୍ଦେଶ୍ୟ । ମୁଁ ତାଙ୍କ ପାଇଁ ଭଂଗା ରୋଟୀ ଏବଂ ଢ଼ଳାଯିବା ଦ୍ରାକ୍ଷାରସ ହେବା ପାଇଁ କ'ଣ ପ୍ରସ୍ତୁତ ?

ମୁଁ କ'ଣ ଏହି ଯୁଗ ଏବଂ ଏହି ଜୀବନ ପ୍ରତି ନିଜକୁ ନଗଣ୍ୟ ମନେ କରି କେବଳ ଗୋଟିଏ ଉଦ୍ଦେଶ୍ୟରେ ଅର୍ଥାତ୍ ଲୋକମାନଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଶିଷ୍ୟ କରିବା ପାଇଁ ପ୍ରସ୍ତୁତ ଅଛି ? ଈଶ୍ୱରଙ୍କ ପ୍ରତି ମୋର ସେବାର ଜୀବନ ତାଙ୍କର ଅବର୍ଣ୍ଣନୀୟ ଏବଂ ଅଦ୍ଭୁତ ପରିତ୍ରାଣ କାର୍ଯ୍ୟ ପାଇଁ ତାଙ୍କୁ 'ଧନ୍ୟବାଦ' ଜଣାଇବାର ଏକ ଉପାୟ । ମନେରଖନ୍ତୁ, ତାଙ୍କ ସେବାକାର୍ଯ୍ୟରେ ବ୍ୟବହୃତ ହେବା ପାଇଁ ଆମେ ଯଦି ପ୍ରତ୍ୟାଖ୍ୟାନ କରୁ, ତେବେ ସେ ମଧ୍ୟ ଆମକୁ ସଂପୂର୍ଣ୍ଣ ରୂପେ ଏଡ଼ାଇ ଦେବାର ସମ୍ଭାବନା ଅଛି । ଅନ୍ୟମାନଙ୍କ ନିକଟରେ ପ୍ରଚାର କରି କାଳେ ମୁଁ ନିଜେ ପୁରସ୍କାର ଲାଭ ପାଇଁ ଅଯୋଗ୍ୟ ବିବେଚିତ ହେବି'' (୧ କରିନ୍ଥୀ ୯:୨୭) ।

## ଫେବୃୟାରୀ ୧୬

# ଆତ୍ମିକ ପ୍ରଥମ ପଦକ୍ଷେପର ପ୍ରେରଣା

**ମୃତମାନଙ୍କ ମଧ୍ୟରୁ ଉଠ ।**
**ଏଫିସୀୟ ୫:୧୪**

ସବୁ ପ୍ରଥମ ପଦକ୍ଷେପ ଈଶ୍ୱରଙ୍କ ପ୍ରେରଣାରେ ଚାଳିତ ହୁଏ ନାହିଁ । କେହି ହୁଏତ ଆପଣଙ୍କୁ କହନ୍ତି, ''ଉଠ, କାମରେ ଲାଗିଯାଅ'', ନିଜର ଅନିଚ୍ଛାର ଗଳା ଟିପି ଦେଇ ବାହାରେ ପକାଇ ଦିଅ– ଯାହା କରିବା କଥା, ଶୀଘ୍ର କର ।'' ଏହା ଜଣେ ସାଧାରଣ ମଣିଷର ପ୍ରଥମ ପଦକ୍ଷେପ । କିନ୍ତୁ ଈଶ୍ୱର ଯେତେବେଳେ କହନ୍ତି, ''ଉଠ ଆଉ କାମରେ ଲାଗିଯାଅ'', ହଠାତ୍ ଆମେ ଅନୁଭବ କରୁ ଯେ, ଏହା ପ୍ରେରଣାପୂର୍ଣ୍ଣ ପ୍ରଥମ ପଦକ୍ଷେପ ।

ଯୌବନ ଅବସ୍ଥାରେ ଆମର ଅନେକ ସ୍ୱପ୍ନ ଏବଂ ଆକାଂକ୍ଷା ଥାଏ, କିନ୍ତୁ ପରବର୍ତ୍ତୀ ସମୟରେ ଆମର ହୃଦ୍‌ବୋଧ ହୁଏ ଯେ, ସେ ସବୁକୁ କାର୍ଯ୍ୟକାରୀ କରିବା ପାଇଁ ଆମର ଶକ୍ତି ନାହିଁ । ଆମେ ଯେଉଁ କାର୍ଯ୍ୟ କରିବା ପାଇଁ ଇଚ୍ଛା କରୁ, ତାହା କରିବା ପାଇଁ ଅସମର୍ଥ ହେଉ, ସେଥିପାଇଁ ଆମର ଆକାଂକ୍ଷା ସବୁ ମୃତ ବୋଲି ଆମେ ଭାବିଥାଉ । କିନ୍ତୁ ଈଶ୍ୱର ଆମ ନିକଟକୁ ଆସି କହନ୍ତି, ''ମୃତମାନଙ୍କ ମଧ୍ୟରୁ ଉଠ'' । ଯେତେବେଳେ ଈଶ୍ୱର ଆମକୁ ପ୍ରେରଣା ଦିଅନ୍ତି, ସେଥିରେ ତାଙ୍କର ଆଶ୍ଚର୍ଯ୍ୟ ଶକ୍ତି ନିହିତ ଥାଏ ଏବଂ ସେହି ପ୍ରେରଣା ପାଇଁ ଆମେ ''ମୃତମାନଙ୍କ ମଧ୍ୟରୁ'' ଉଠି ଅସମ୍ଭବ କାର୍ଯ୍ୟ କରିବାକୁ ସମର୍ଥ ହେଉ । ଆତ୍ମିକ ପ୍ରଥମ ପଦକ୍ଷେପର ଉଲ୍ଲେଖଯୋଗ୍ୟ ବିଷୟ ହେଉଛି ଯେ, ଆମେ ଉଠି କାର୍ଯ୍ୟ ଆରମ୍ଭ କରିବା ପରେ ଜୀବନ ଏବଂ ଶକ୍ତି ଆସେ । ଈଶ୍ୱର ଆମକୁ ବିଜୟୀ ଜୀବନ ଦିଅନ୍ତି ନାହିଁ, ସେ ଆମକୁ ବିଜୟୀ ହେବା ସହିତ ଜୀବନ ଦିଅନ୍ତି । ଯେତେବେଳେ ଈଶ୍ୱର ଆମକୁ ପ୍ରେରଣା ଦେଇ କହନ୍ତି, ''ମୃତମାନଙ୍କ ମଧ୍ୟରୁ ଉଠ'', ସେତେବେଳେ ଆମକୁ ଉଠିବାକୁ ହେବ, ଈଶ୍ୱର ଆମକୁ ଉପରକୁ ଉଠାଇବେ ନାହିଁ । ଶୁଷ୍କ ହସ୍ତ ମନୁଷ୍ୟକୁ ପ୍ରଭୁ କହିଲେ ''ତୁମର ହାତ ବଢ଼ାଅ'' (ମାଥିଉ ୧୨:୧୩) । ଲୋକଟି ସେପରି କରିବା ମାତ୍ରେ ସୁସ୍ଥ ହେଲା । କିନ୍ତୁ ତାକୁ ପ୍ରଥମ ପଦକ୍ଷେପ ନେବାକୁ ପଡ଼ିଲା । ଜୟ କରିବା ପାଇଁ ଅମେ ଯଦି ପ୍ରଥମ ପଦକ୍ଷେପ ନେଉ, ଆମେ ଜାଣିପାରୁ ଯେ, ଆମଠାରେ ଈଶ୍ୱରଙ୍କ ପ୍ରେରଣା ଅଛି । କାରଣ ସେ ଅବିଳମ୍ବେ ଆମକୁ ଜୀବନର ଶକ୍ତି ଦିଅନ୍ତି ।

ଫେବୃୟାରୀ ୧୭

# ଅବସାଦ ବିରୁଦ୍ଧରେ ପ୍ରଥମ ପଦକ୍ଷେପ ନେବା

**ଉଠ ଏବଂ ଭୋଜନ କର ।**
**୧ ରାଜାବାଳୀ ୧୯:୫**

ଏହି ଶାସ୍ତ୍ରାଂଶରେ ସ୍ୱର୍ଗଦୂତ ଏଲୀୟଙ୍କୁ ଦର୍ଶନ ଦେଇ ନ ଥିଲେ, କିମ୍ବା ଧର୍ମଶାସ୍ତ୍ର ବୁଝାଇ ନ ଥିଲେ କିମ୍ବା କୌଣସି ଉଲ୍ଲେଖନୀୟ କାର୍ଯ୍ୟ କରି ନ ଥିଲେ । ସେ ଏଲିୟଙ୍କୁ ଅତି ସହଜ କାର୍ଯ୍ୟ କରିବାକୁ କହିଲେ–''ଉଠ, ଭୋଜନ କର'' । ଯଦି ଆମର ଅବସାଦ ନ ଥା'ନ୍ତା, ତା'ହେଲେ ଆମେ ଜୀବିତ ଅଛୁ ବୋଲି ଜଣାଯିବ ନାହିଁ, କାରଣ କେବଳ ଜଡ଼ ପଦାର୍ଥ ଅବସାଦ ଗ୍ରସ୍ତ ହୁଏ ନାହିଁ । ମନୁଷ୍ୟରୂପେ ଆମର ଅବସାଦର ଅନୁଭୂତି ନ ଥିଲେ ଆମେ ଆନନ୍ଦିତ ଏବଂ ଉନ୍ନତ ହେବାର କ୍ଷମତା ହାସଲ କରି ପାରି ନ ଥା'ନ୍ତୁ । ଜୀବନର ଅନେକ ବିଷୟ ଆମକୁ ବିଷାଦଗ୍ରସ୍ତ କରେ, ଉଦାହରଣସ୍ୱରୂପ, ମୃତ୍ୟୁ ସଂପର୍କିତ ବିଷୟ ସମୂହ । ଆତ୍ମ ଅନୁଶୀଳନ କରିବା ସମୟରେ ସବୁବେଳେ ଅବସାଦ ପାଇଁ ଆପଣଙ୍କ କ୍ଷମତା ବିଷୟ ଚିନ୍ତା କରନ୍ତୁ ।

ଯେତେବେଳେ ଈଶ୍ୱରଙ୍କ ଆତ୍ମା ଆମ ନିକଟକୁ ଆସନ୍ତି, ସେ ଆମକୁ ଗୌରବମୟ ଦର୍ଶନ ଦିଅନ୍ତି ନାହିଁ, ମାତ୍ର ଅତି ସାଧରଣ କାର୍ଯ୍ୟ କରିବାକୁ କହନ୍ତି । ଅବସାଦ ଆମକୁ ଈଶ୍ୱରଙ୍କ ସୃଷ୍ଟିର ସାଧାରଣ ବିଷୟଠାରୁ ଆମର ଦୃଷ୍ଟି ଫେରାଇ ନିଏ । କିନ୍ତୁ ଈଶ୍ୱରଙ୍କ ଉପସ୍ଥିତିରେ ତାଙ୍କର ପ୍ରେରଣା ଆମର ଅତି ସାଧାରଣ କାର୍ଯ୍ୟ କରିବାକୁ ଚାଳନା ଦିଏ । ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଆମେ କଳ୍ପନା କରି ନ ଥିବା ଏପରି ଅନେକ କାର୍ଯ୍ୟ କରୁ, କିନ୍ତୁ କାର୍ଯ୍ୟ ଆରମ୍ଭ କରିବା ପରେ ସେହିଠାରେ ତାଙ୍କୁ ସାକ୍ଷାତ କରୁ । ଏହି ଉପାୟରେ ଯେଉଁ ପ୍ରେରଣା ଆସେ, ତାହା ଅବସାଦ ବିରୁଦ୍ଧରେ ପ୍ରଥମ ପଦକ୍ଷେପ ହୁଏ । କିନ୍ତୁ ଈଶ୍ୱରଙ୍କ ପ୍ରେରଣାରେ ଚାଳିତ ହୋଇ ଆମକୁ ଏହି ପ୍ରଥମ ପଦକ୍ଷେପ ନେବାକୁ ହେବ । କିନ୍ତୁ ଯଦି ଅବସାଦ ଉପରେ ଜୟ କରିବା ପାଇଁ ଆମେ କୌଣସି ସହଜ କାମ କରୁ, ତେବେ ଆମେ ଅବସାଦକୁ ଆହୁରି ବଢ଼ାଇ ଦେଉ । କିନ୍ତୁ ଯେତେବେଳେ ଈଶ୍ୱରଙ୍କ ଆତ୍ମା କୌଣସି କାର୍ଯ୍ୟ କରିବା ପାଇଁ ଆମକୁ ପ୍ରେରଣା ଦିଅନ୍ତି ଏବଂ ସଂଗେ ସଂଗେ ଆମେ ସେହି କାର୍ଯ୍ୟ କରୁ, ସେହି ମୁହୂର୍ତ୍ତରେ ଅବସାଦ ଦୂର ହୁଏ । ଯେତେ ଶୀଘ୍ର ଆମେ ଉଠି ତାଙ୍କର ଆଜ୍ଞା ପାଳନ କରିବା, ଆମେ ଜୀବନର ଏକ ଉଚ୍ଚତର ଅବସ୍ଥାରେ ପ୍ରବେଶ କରିବା ।

# ନୈରାଶ୍ୟ ବିରୁଦ୍ଧରେ ପ୍ରଥମ ପଦକ୍ଷେପ ନେବା

**ଉଠ, ଆମେ ଯିବା ।**
**ମାଥିଉ ୨୬:୪୬**

ଗେତ୍ସମନୀ ବଗିଚାରେ ଯେତେବେଳେ ଯୀଶୁଙ୍କ ଶିଷ୍ୟମାନେ ଜାଗ୍ରତ ରହିବା ଉଚିତ୍ ଥିଲା, ସେତେବେଳେ ସେମାନେ ଶୋଇପଡ଼ିଲେ । ଯେତେବେଳେ ସେମାନେ ନିଜର ଭୁଲ୍ ବୁଝି ପାରିଲେ, ମନରେ ନୈରାଶ୍ୟ ଜାତ ହେଲା । କୌଣସି ଭୁଲ୍ କାର୍ଯ୍ୟର ବୋଧଶକ୍ତି ଆମ ମନରେ ନୈରାଶ୍ୟ ଜନ୍ମାଏ । ଆମେ କହୁ ''ସବୁ ତ ଶେଷ ହୋଇଯାଇଛି, ଆଉ ଚେଷ୍ଟା କରି ଲାଭ କ'ଣ ?'' ନୈରାଶ୍ୟ ଏକ ବ୍ୟତିକ୍ରମ ବୋଲି ଆମେ ଯଦି ଭାବୁ, ତେବେ ତାହା ଭୁଲ୍ ଧାରଣା । ଏହା ମଣିଷର ଏକ ସାଧାରଣ ଅନୁଭୂତି । ଏକ ଅପୂର୍ବ ସୁଯୋଗର ବ୍ୟବହାରର ବିଫଳତା ବିଷୟ ଭାବିଲେ ଆମେ ନୈରାଶ୍ୟରେ ବୁଡ଼ିଯାଉ । ଯୀଶୁ ଆସି ଆମକୁ ପ୍ରେମରେ କହନ୍ତି ''ବର୍ତ୍ତମାନ ଶୋଇ ଯା' । ଯେଉଁ ସୁଯୋଗ ସବୁଦିନ ପାଇଁ ଲୁପ୍ତ, ତାକୁ ପରିବର୍ତ୍ତନ କରି ହେବ ନାହିଁ । କିନ୍ତୁ ଶୋଇ ଯା । ଏହାପରେ ଯେଉଁ କାମ ଅଛି, ଆମକୁ ତାହା କରିବାକୁ ହେବ ।'' ଅନ୍ୟ ଅର୍ଥରେ ଅତୀତ ଶୋଇଯାଉ, କିନ୍ତୁ ଖ୍ରୀଷ୍ଟଙ୍କ ମଧୁର ଆଲିଙ୍ଗନ ମଧ୍ୟରେ ଶୋଇଯାଉ, ଆସ ଆମେ ଈଶ୍ୱରଙ୍କ ସହିତ ଅଜେୟ ଭବିଷ୍ୟତ ମଧ୍ୟରେ ପ୍ରବେଶ କରିବା ।

ଆମ ପ୍ରତ୍ୟେକଙ୍କ ଜୀବନରେ ଏଭଳି ଅନୁଭୂତି ଆସିବ । ଆମ ଜୀବନର ବାସ୍ତବ ଘଟଣା ମାଧ୍ୟମରେ ନୈରାଶ୍ୟ ଆସିବ ଏବଂ ଆମେ ନିଜ ପ୍ରଚେଷ୍ଟାରେ ସେଥିରୁ ବାହାରି ପାରିବା ନାହିଁ । ଏହି ପ୍ରକାର ଗୋଟିଏ ପରିସ୍ଥିତିରେ ଶିଷ୍ୟମାନେ ଯୀଶୁଙ୍କ ସହିତ ଜାଗ୍ରତ ରହିବା ପରିବର୍ତ୍ତେ ଶୋଇ ପଡ଼ିଲେ, ଯାହା କଳ୍ପନା କରିବା ଅସମ୍ଭବ । କିନ୍ତୁ ଆମର ପ୍ରଭୁ ସେମାନଙ୍କ ନୈରାଶ୍ୟ ବିରୁଦ୍ଧରେ ପ୍ରଥମ ପଦକ୍ଷେପ ନେଇ କହିଲେ, ''ଉଠ ଏବଂ ତା'ପରବର୍ତ୍ତୀ କାର୍ଯ୍ୟ କର'' । ଯଦି ଆମେ ଈଶ୍ୱରଙ୍କ ପ୍ରେରଣା ପାଇଛୁ, ତେବେ ପରବର୍ତ୍ତୀ କାର୍ଯ୍ୟ କ'ଣ ହୋଇପାରେ ?'' ଏହା ହେଉଛି, ତାଙ୍କ ଉପରେ ସଂପୂର୍ଣ୍ଣ ଭରସା ସ୍ଥାପନ ଏବଂ ତାଙ୍କ ମୁକ୍ତି କାର୍ଯ୍ୟ ଉପରେ ଆଧାରିତ ଆମର ପ୍ରାର୍ଥନା ।

ବିଫଳ ଅତୀତର ଅନୁଶୋଚନା ଆପଣଙ୍କ ପରବର୍ତ୍ତୀ ପଦକ୍ଷେପକୁ ପରାହତ ନ କରୁ ।

# କଠିନ କାର୍ଯ୍ୟ ବିରୁଦ୍ଧରେ
# ପ୍ରଥମ ପଦକ୍ଷେପ ନେବା

**ଉଠ, ଦିପ୍ତୀମତି ହୁଅ ।**
**ଯିଶାଇୟ ୬୦:୧**

କଠିନ କାର୍ଯ୍ୟ ବିରୁଦ୍ଧରେ ପ୍ରଥମ ପଦକ୍ଷେପ ନେବା ସମୟରେ ଆମର ଏପରି ମନୋଭାବ ହୁଏ, ସତେ ଯେପରି ଈଶ୍ୱର ନାହାନ୍ତି । ଈଶ୍ୱରଙ୍କ ସାହାଯ୍ୟ ପାଇଁ ଅପେକ୍ଷା କରିବା ଅର୍ଥହୀନ– ସେ ମଧ୍ୟ ସାହାଯ୍ୟ କରିବେ ନାହିଁ । କିନ୍ତୁ ଆମେ ଯେଉଁ ମୁହୂର୍ତ୍ତରେ ଉଠିବା, ଆମେ ତାଙ୍କୁ ସେଠାରେ ପାଇବା । ଈଶ୍ୱର ଯେତେବେଳେ ଆମକୁ ପ୍ରେରଣା ଦିଅନ୍ତି, ହଠାତ୍ ପ୍ରଥମ ପଦକ୍ଷେପ ନେବା ଏକ ନୈତିକ ବିଷୟ ଅର୍ଥାତ୍ ବାଧ୍ୟତାର ବିଷୟ ହୋଇଯାଏ । ତା'ପରେ ଆମକୁ ଆଜ୍ଞାପାଳନ କରିବା ପାଇଁ କାର୍ଯ୍ୟକ୍ଷମ ହେବାକୁ ପଡ଼ିବ । ଅକର୍ମଣ୍ୟ ଓ ଆଳସ୍ୟ ଭାବ ପରିହାର କରିବାକୁ ହେବ । ଯଦି ଆମେ ଉଠି ଆଲୋକ ପ୍ରଦାନ କରିବା, ଆମର ବିରକ୍ତି ଭାବ ଅଲୌକିକ ଉପାୟରେ ରୂପାନ୍ତରିତ ହେବ ।

ଆମ ଚରିତ୍ରର ବିଶୁଦ୍ଧତା ନିରୂପଣ କରିବା ପାଇଁ କଠିନ କାର୍ଯ୍ୟ ଏକ ସୁନ୍ଦର ପରୀକ୍ଷା । ଯେଉଁ କାର୍ଯ୍ୟ ସବୁ ଆମ ଦୃଷ୍ଟିରେ ଆଦର୍ଶପୂର୍ଣ୍ଣ, କଠିନ କାର୍ଯ୍ୟ ତାହାଠାରୁ ସଂପୂର୍ଣ୍ଣ ଭିନ୍ନ । ଏହା ଅତି କଠିନ, ନୀଚ, କ୍ଳାନ୍ତିଜନକ ଏବଂ ହୀନ କାର୍ଯ୍ୟ ହୋଇଥାଏ । ସେହି ପ୍ରକାର ଅନୁଭୂତି ଆସିଲେ ଅବିଳମ୍ବେ ଆମର ଆତ୍ମିକ ମନୋଭାବର ପରୀକ୍ଷା ହୁଏ ଏବଂ ଆମେ ଆମର ଆତ୍ମିକ ବିଶୁଦ୍ଧତା ବିଷୟ ଉପଲବ୍ଧି କରୁ । ଯୋହନ ୧୩ ଅଧ୍ୟାୟ ପାଠ କରନ୍ତୁ । ଏହି ଅଧ୍ୟାୟରେ ଆମେ ଦେଖୁ ଯେ, ମାନବ ଶରୀର ଧାରଣ କରିଥିବା ଈଶ୍ୱର ଏକ କଠିନ ଓ ହୀନ କାମ କରୁଛନ୍ତି– କେଉଟମାନଙ୍କ ପାଦ ଧୋଇ ଦେଉଛନ୍ତି । ତା'ପରେ ସେ ସେମାନଙ୍କୁ କହୁଛନ୍ତି, ''ମୁଁ ତୁମର ପ୍ରଭୁ ଓ ଗୁରୁ ହୋଇ ଯଦି ପାଦ ଧୋଇଲି, ତେବେ ତୁମେମାନେ ମଧ୍ୟ ପରସ୍ପରର ପାଦ ଧୋଇବା ଉଚିତ୍'' (ଯୋହନ ୧୩:୧୪) । କଠିନ କାମକୁ ଈଶ୍ୱରଙ୍କ ଆଲୋକରେ ଉଦ୍ଭାସିତ କରିବା ପାଇଁ ଈଶ୍ୱରଙ୍କ ପ୍ରେରଣା ଆବଶ୍ୟକ । କେତେକ କ୍ଷେତ୍ରରେ ଜଣେ ବ୍ୟକ୍ତିଙ୍କ କାର୍ଯ୍ୟ କରିବା ପ୍ରଣାଳୀ ସେହି କାର୍ଯ୍ୟକୁ ସବୁଦିନ ପାଇଁ ଶୁଚି ଓ ପବିତ୍ର କରେ । ହୁଏତ ତାହା ନିତିଦିନିଆ ଅତି ସାଧାରଣ କାମ ହୋଇପାରେ, କିନ୍ତୁ ସେହି କାମକୁ ଆମେ ଶେଷ କରିବା ପରେ ତାହା ଭିନ୍ନ ହୋଇଯାଏ । ଈଶ୍ୱର ଯେତେବେଳେ ଆମ ମଧ୍ୟ ଦେଇ କୌଣସି କାର୍ଯ୍ୟ କରନ୍ତି, ସେ ତାହାକୁ ରୂପାନ୍ତରିତ କରନ୍ତି । ଆମର ପ୍ରଭୁ ଆମର ମନୁଷ୍ୟ ଶରୀରକୁ ରୂପାନ୍ତରିତ କରନ୍ତି ଏବଂ ବର୍ତ୍ତମାନ ପ୍ରତ୍ୟେକ ବିଶ୍ୱାସୀର ଶରୀର ''ପବିତ୍ର ଆତ୍ମାଙ୍କ ମନ୍ଦିର'' ହୋଇଛି (୧ କରିନ୍ଥୀ ୬:୧୯)।

ଫେବୃୟାରୀ ୨୦

# ଦିବାସ୍ୱପ୍ନ ବିରୁଦ୍ଧରେ ପ୍ରଥମ ପଦକ୍ଷେପ ନେବା

### ଉଠ, ଆମ୍ଭେମାନେ ଏହି ସ୍ଥାନରୁ ଚାଲିଯିବା ।
### ଯୋହନ ୧୪:୩୧

ଉପଯୁକ୍ତ ଉପାୟରେ କୌଣସି କାର୍ଯ୍ୟ କରିବା ଠିକ୍, କିନ୍ତୁ ଯେତେବେଳେ କାର୍ଯ୍ୟ କରିବା କଥା, ଆମେ ଯଦି କେବଳ ତାହା ବିଷୟରେ କଳ୍ପନା କରି ସେଥିରେ ମଜ୍ଜି ରହୁ, ତେବେ ତାହା ଭୁଲ୍ । ଏହି ଅନୁଚ୍ଛେଦରେ ଆମେ ହୁଏତ ଭାବିଥିଲୁ ଯେ, ଶିଷ୍ୟମାନଙ୍କୁ ସୁନ୍ଦର ଉପଦେଶ ଦେବା ପରେ ସେଠାରୁ ଫେରିଯାଇ ସେହି କଥା ଉପରେ ଧ୍ୟାନ କରିବା ପାଇଁ ପ୍ରଭୁ ସେମାନଙ୍କୁ କହିଥା'ନ୍ତେ । କିନ୍ତୁ ଯୀଶୁ କୌଣସି ଆଳସ୍ୟପୂର୍ଣ୍ଣ ଦିବାସ୍ୱପ୍ନକୁ ଅନୁମତି ଦେଇ ନ ଥିଲେ । ଯେତେବେଳେ ଈଶ୍ୱରଙ୍କ ଅନ୍ୱେଷଣ ପୂର୍ବକ ଆମ ପାଇଁ ତାଙ୍କର ଇଚ୍ଛା କ'ଣ, ତାହା ଆବିଷ୍କାର କରିବା ଆମର ଉଦ୍ଦେଶ୍ୟ ହୁଏ, ସେତେବେଳେ ଦିବାସ୍ୱପ୍ନ ସଠିକ୍ ଏବଂ ଗ୍ରହଣୀୟ ହୁଏ । କିନ୍ତୁ ଯେଉଁ କାର୍ଯ୍ୟ କରିବା ପାଇଁ ଆମକୁ ପୂର୍ବରୁ କୁହାଯାଇଛି, କେବଳ ସେହି ବିଷୟର କଳ୍ପନା ଯଦି ଆମର ଉଦ୍ଦେଶ୍ୟ ହୁଏ, ତେବେ ତାହା ଈଶ୍ୱରଙ୍କ ଦୃଷ୍ଟିରେ ଅସ୍ୱୀକାର୍ଯ୍ୟ ଏବଂ ତାହା ଉପରେ ତାଙ୍କର ଆଶୀର୍ବାଦ ନ ଥାଏ । ଏପ୍ରକାର ଦିବାସ୍ୱପ୍ନ ବିରୁଦ୍ଧରେ ଈଶ୍ୱର ପ୍ରଥମ ପଦକ୍ଷେପ ନେଇ କାମ କରିବା ପାଇଁ ଆମକୁ ଉଦ୍‌ବୁଦ୍ଧ କରନ୍ତି । ତାଙ୍କର ପରାମର୍ଶ ଏହିପରି ହେବ ''ସେଠି ବସି ରୁହ ନାହିଁ, କିମ୍ବା ଠିଆ ହୋଇ ରୁହ ନାହିଁ, ଯାଅ'' । ''ତୁମେ ନିଭୃତରେ ବାହାରି ଆସ''...(ମାର୍କ ୬:୩୧) ଈଶ୍ୱରଙ୍କ ଏହି କଥା ଶୁଣିବା ପରେ ଆମେ ଯଦି ନୀରବରେ ଈଶ୍ୱରଙ୍କ ଅପେକ୍ଷାରେ ରହୁ, ତେବେ ଏହା ତାଙ୍କର ଇଚ୍ଛା ଜାଣିବାର ମନୋନିବେଶ ବୋଲି କୁହାଯିବ । ଥରେ ଈଶ୍ୱରଙ୍କର ସ୍ୱର ଶୁଣିବା ପରେ କେବଳ ଦିବାସ୍ୱପ୍ନରେ ବୁଡ଼ି ରହିବା ବିଷୟରେ ସତର୍କ ଥା'ନ୍ତୁ । ଆପଣଙ୍କ ସବୁ ସ୍ୱପ୍ନ ଏବଂ ଆନନ୍ଦର ଉତ୍ସ ହେବା ପାଇଁ ତାଙ୍କୁ ଅନୁମତି ଦିଅନ୍ତୁ ଏବଂ ତାଙ୍କ କଥାର ଆଜ୍ଞାକାରୀ ହୋଇ ତାହା ପାଳନ କରନ୍ତୁ । ଆପଣ ଯଦି କାହାକୁ ପ୍ରେମ କରନ୍ତି, ତେବେ ସବୁ ସମୟରେ କେବଳ ବସିରହି ତାଙ୍କ ବିଷୟରେ ଦିବାସ୍ୱପ୍ନ ଦେଖନ୍ତି ନାହିଁ– ଆପଣ ଯାଇ ତାଙ୍କ ପାଇଁ କିଛି କରନ୍ତି । ଯୀଶୁ ଖ୍ରୀଷ୍ଟ ଆମଠାରୁ ଠିକ୍ ତାହାହିଁ ଅପେକ୍ଷା କରନ୍ତି ।

ଈଶ୍ୱରଙ୍କ ସ୍ୱର ଶୁଣିବା ପରେ ଦିବାସ୍ୱପ୍ନ ଦେଖିବାର ଅର୍ଥ ହେଉଛି ଯେ, ତାଙ୍କ ଉପରେ ଆମର ଭରସା ନାହିଁ ।

## ଫେବୃୟାରୀ ୨୧

# ଆପଣ କ'ଣ ପ୍ରକୃତରେ ତାଙ୍କୁ ପ୍ରେମ କରନ୍ତି ?

**ସେ ମୋ ପ୍ରତି ଉତ୍ତମ କର୍ମ କରିଛି ।**

**ମାର୍କ ୧୪:୬**

ଆମେ ଯାହାକୁ ପ୍ରେମ ବୋଲି କହୁ, ତାହା ଯଦି ଆମର ବ୍ୟକ୍ତିଗତ ସ୍ତରକୁ ଅତିକ୍ରମ ନ କରେ, ତେବେ ତାହା ପ୍ରକୃତ ପ୍ରେମ ନୁହେଁ । ପ୍ରେମ ଯଦି ସତର୍କ, ଜ୍ଞାନଯୁକ୍ତ, ଏବଂ ଚତୁର ହୋଇ ଚରମ ଅବସ୍ଥାକୁ ଯାଇପାରେ ନାହିଁ, ତେବେ ଆମେ ପ୍ରେମର ପ୍ରକୃତ ଅର୍ଥ ବୁଝି ନାହୁଁ । ଏହା ସ୍ନେହର ବର୍ଣ୍ଣନା ହୋଇପାରେ ଯାହା ଆମକୁ କୋମଳ ଆନ୍ତରିକତା ଦେଇପାରେ, କିନ୍ତୁ ଏହା ପ୍ରକୃତ ପ୍ରେମର ସଠିକ୍ ବର୍ଣ୍ଣନା ନୁହେଁ ।

ଆପଣ ପ୍ରଣୋଦିତ ହୋଇ ଈଶ୍ୱରଙ୍କ ପାଇଁ ଯେଉଁ କାର୍ଯ୍ୟ କରିଛନ୍ତି, ତାହା କ'ଣ ଈଶ୍ୱରଙ୍କ ପ୍ରତି ଆପଣଙ୍କ ପ୍ରେମ ପ୍ରକାଶ କରେ ଅବା ଆପଣ  ତାହାର ଉପଯୋଗୀତା ଏବଂ ଆପଣଙ୍କ କର୍ତ୍ତବ୍ୟ ଦୃଷ୍ଟିରୁ ତାହା କରିଛନ୍ତି ? ଆପଣ କ'ଣ କେବେ ଉପଲବ୍ଧି କରିଛନ୍ତି ଯେ, ଆପଣ ଈଶ୍ୱରଙ୍କୁ ସବୁଠାରୁ ମୂଲ୍ୟବାନ୍ ବିଷୟ ଅର୍ପଣ କରି ପାରିବେ ? ଅବା ତାଙ୍କ ପ୍ରତି ଆପଣଙ୍କ କର୍ତ୍ତବ୍ୟକୁ ଅବହେଳା କରି କେବଳ ତାଙ୍କର ମହତ୍ ମୁକ୍ତି ଯୋଜନା ବିଷୟରେ ଦିବାସ୍ୱପ୍ନ ଦେଖୁଛନ୍ତି ? ମୁଁ କୌଣସି ଅଲୌକିକ ଆଶ୍ଚର୍ଯ୍ୟ କର୍ମ ବିଷୟ କହୁନାହିଁ, ମାତ୍ର ଅତି ସାଧାରଣ କାର୍ଯ୍ୟ ବିଷୟ କହୁଛି, ଯଦ୍ଦ୍ୱାରା ପ୍ରମାଣିତ ହେବ ଯେ, ଆପଣ ତାଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପିତ । ବେଥାନୀର ମରିୟମ ପ୍ରଭୁ ଯୀଶୁଙ୍କ ପ୍ରତି ଯାହା କରିଥିଲା, ଆପଣ କ'ଣ ସେଭଳି କୌଣସି କାର୍ଯ୍ୟ କରିଛନ୍ତି ? ''ସେ ମୋ' ପ୍ରତି ଉତ୍ତମ କର୍ମ କରିଛି ।''

ଅନେକ ସମୟରେ ମନେହୁଏ, ଈଶ୍ୱର ଆଗ୍ରହ ସହକାରେ ଦେଖନ୍ତି ଯେ ଆମେ ତାଙ୍କ ପ୍ରତି ପ୍ରେମର ନିଦର୍ଶନରୂପେ ସମର୍ପଣପୂର୍ବକ ତାଙ୍କୁ ଆମ ହୃଦୟର ଛୋଟ ଉପହାର ସବୁ ଦେଉଛୁ କି ନାହିଁ । ଆମର ବ୍ୟକ୍ତିଗତ ପବିତ୍ରତା ଅପେକ୍ଷା ଈଶ୍ୱରଙ୍କ ପ୍ରତି ସମର୍ପଣର ମନୋଭାବ ଅଧିକ ମୂଲ୍ୟବାନ୍ । ଆମର ବ୍ୟକ୍ତିଗତ ପବିତ୍ରତା ନିଜ ପ୍ରତି ଆମର ଧ୍ୟାନ ଆକର୍ଷଣ କରେ । ଈଶ୍ୱରଙ୍କୁ ଅପମାନିତ କରିବା ଭୟରେ ଆମେ ଆମର ଚାଲିଚଳନ, କଥାବାର୍ତ୍ତା ଏବଂ ଦେଖିବା ବିଷୟରେ ଅଧିକ ସଚେତନ ହେଉ, କିନ୍ତୁ ଆମେ ଯଦି ଈଶ୍ୱରଙ୍କଠାରେ ସମର୍ପିତ ହେଉ, ତେବେ ''...ସିଦ୍ଧ ପ୍ରେମ ଭୟ ଦୂର କରେ'' (୧ମ ଯୋହନ ୪:୧୮) । ଆମେ ଆଦୌ ଏହି ପ୍ରଶ୍ନ ପଚାରିବା ନାହିଁ– ''ମୁଁ କ'ଣ କୌଣସି କାର୍ଯ୍ୟ ପାଇଁ ବ୍ୟବହାର ଯୋଗ୍ୟ ?'' ଏହା ମଧ୍ୟ ସତ ଯେ, ଆମେ ବ୍ୟବହାର ଯୋଗ୍ୟ ନୋହୁଁ । ବ୍ୟବହାର ଯୋଗ୍ୟ ହେବା ଅପେକ୍ଷା ଈଶ୍ୱରଙ୍କ ଦୃଷ୍ଟିରେ ମୂଲ୍ୟବାନ୍ ହେବା ବଡ଼ ବିଷୟ । ଥରେ ଈଶ୍ୱରଙ୍କଠାରେ ସଂପୂର୍ଣ୍ଣ ସମର୍ପିତ ହେଲେ, ସେ ସବୁବେଳେ ଆମ ଦ୍ୱାରା କାର୍ଯ୍ୟ କରିବେ ।

# ଆତ୍ମିକ ଧୈର୍ଯ୍ୟ ଶକ୍ତିର ଶୃଙ୍ଖଳା

**ସୁସ୍ଥିର ହୁଅ, ମୁଁ ଯେ ଈଶ୍ୱର, ଏହା ଜ୍ଞାତ ହୁଅ ।**
**ଗୀତସଂହିତା ୪୬:୧୦**

ଧୈର୍ଯ୍ୟ ସହନଶୀଳତା ଅପେକ୍ଷା ଉତ୍କୃଷ୍ଟ । ସହନଶୀଳତା ସହ ଏଥିରେ ଏକ ନିଶ୍ଚିତ ଭରସା ଅଛି ଯେ, ଆମେ ଯେଉଁ ବିଷୟର ପ୍ରତୀକ୍ଷାରେ ଅଛୁ, ତାହା ନିଶ୍ଚୟ ଘଟିବ । ଧୈର୍ଯ୍ୟ ଧରିବା ଅର୍ଥ, ଭିଡ଼ି ଧରିବାଠାରୁ ଆହୁରି ଅଧିକ, କାରଣ ହାତ ଖସିବାପରେ ପଡ଼ିଯିବାର ଭୟ ଥାଏ । ଧୈର୍ଯ୍ୟ ଶକ୍ତି ଆମର ଶ୍ରେଷ୍ଠ ପ୍ରୟାସ ରୂପେ ଏହି କଥା ବିଶ୍ୱାସ କରିବାକୁ ଅସ୍ୱୀକାର କରେ ଯେ, ଆମର ବୀର ପରାଜିତ ହେବେ । ଆମ ପାଇଁ ନରକଗାମୀ ହେବା ବଡ଼ ଭୟ ନୁହେଁ, ମାତ୍ର ଭୟ ହୁଏ, ଯୀଶୁ ଖ୍ରୀଷ୍ଟ ଯଦି ହାରିଯିବେ । ଆଉ ମଧ୍ୟ ଆମର ପ୍ରଭୁ ଯେଉଁ ବିଷୟଗୁଡ଼ିକୁ ସମର୍ଥନ କରିଥିଲେ, ସେଥିପ୍ରତି ଆମର ଭୟ ହୁଏ । ସେ ସବୁ ହେଉଛି ଲୋକମାନଙ୍କ ପ୍ରତି ପ୍ରେମ, ନ୍ୟାୟାଚରଣ, କ୍ଷମା ଏବଂ ସଦୟ ଭାବ । ଏହି ସବୁର ଶେଷ ପରିଣତି ବିଜୟ ନୁହେଁ ଏବଂ ଏହି ଲକ୍ଷ୍ୟ ସାଧନ ଆମ ପକ୍ଷେ ସମ୍ଭବ ନୁହେଁ । ତା'ପରେ ଆତ୍ମିକ ଧୈର୍ଯ୍ୟ ଶକ୍ତିର ଆହ୍ୱାନ ଆସେ । ଏହି ଆହ୍ୱାନରେ ଆଳସ୍ୟ ଭାବ ନ ଥାଏ, ମାତ୍ର ଏହି ମନୋଭାବ ଥାଏ ଯେ, ଈଶ୍ୱର ଆଦୌ ପରାଜିତ ହେବେ ନାହିଁ । ଏହି ଦୃଢ଼ ବିଶ୍ୱାସରେ କାର୍ଯ୍ୟ କରିବା ପାଇଁ ଆମେ ଅଗ୍ରସର ହେବା ।

ଯଦି ବର୍ତ୍ତମାନ ପର୍ଯ୍ୟନ୍ତ ଆମର ଆଶା ଅପୂର୍ଣ୍ଣ ରହିଛି, ତେବେ ତାହାର ଅର୍ଥ ହେଉଛି, ସେ ସବୁ ପରିଷ୍କୃତ ହେଉଛି । ମନୁଷ୍ୟର ପ୍ରତ୍ୟେକ ଆଶା ଓ ସ୍ୱପ୍ନ ଯଦି ପବିତ୍ର ଏବଂ ଈଶ୍ୱରଙ୍କ ଇଚ୍ଛା ସମ୍ମତ ହୁଏ, ତେବେ ତାହା ନିଶ୍ଚୟ ସଫଳ ହେବ । କିନ୍ତୁ ଈଶ୍ୱରଙ୍କ ପାଇଁ ପ୍ରତୀକ୍ଷା ହେଉଛି, ଜୀବନର ସବୁଠାରୁ ବଡ଼ ମାନସିକ ଚାପ । ସେ ସଫଳତା ଆଣି କହନ୍ତି, ''ଧୈର୍ଯ୍ୟ ଧରି ସହିବା ବିଷୟରେ ତୁମେ ମୋର ଆଜ୍ଞା ପାଳନ କରିଛ'' (ପ୍ରକାଶିତ ୩:୧୦) ।

ଆତ୍ମିକ ସ୍ତରରେ ନିରନ୍ତର ଧୈର୍ଯ୍ୟ ରକ୍ଷା କରନ୍ତୁ ।

## ଫେବୃୟାରୀ ୨୩

# ସେବାର ଦୃଢ଼ ସଂକଳ୍ପ

**ମନୁଷ୍ୟପୁତ୍ର ସେବା ପାଇବାକୁ ନୁହେଁ, ମାତ୍ର ସେବା କରିବାକୁ ଆସିଥିଲେ ।**
**ମାଥିଉ ୨୦:୨୮**

ଯୀଶୁ ମଧ୍ୟ କହିଥିଲେ, କିନ୍ତୁ ମୁଁ ତୁମମାନଙ୍କ ମଧ୍ୟରେ ଜଣେ ସେବକ ପରି ଅଛି'' (ଲୂକ ୨୨:୨୭) । ସେବା କ୍ଷେତ୍ରରେ ପାଉଲଙ୍କ ଚିନ୍ତାଧାରା ପ୍ରଭୁଙ୍କ ଚିନ୍ତାଧାରା ସହିତ ସମାନ ଥିଲା ''...ଯୀଶୁଙ୍କ ସକାଶେ ଆମେମାନେ ତୁମମାନଙ୍କର ସେବକ ବୋଲି ପ୍ରଚାର କରୁଛୁ'' (୨ କରିନ୍ଥୀ ୪:୫) । ଆମର ଧାରଣା ହୁଏ ଯେ, ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଆହୂତ ବ୍ୟକ୍ତି ଅନ୍ୟମାନଙ୍କଠାରୁ ଭିନ୍ନ ହେବ ଏବଂ ଅନ୍ୟମାନଙ୍କ ଅପେକ୍ଷା ସେ ଉଚ୍ଚ ସ୍ଥାନ ଅଧିକାର କରିବ । କିନ୍ତୁ ଯୀଶୁ ଖ୍ରୀଷ୍ଟଙ୍କ ଦୃଷ୍ଟିରେ ସେ ଅତି ନ୍ୟୁନ ହେବ । ସେ ଆତ୍ମିକ ନେତା ହେଲେ ମଧ୍ୟ ଅନ୍ୟମାନଙ୍କ ଅପେକ୍ଷା ଶ୍ରେଷ୍ଠ ବିବେଚିତ ହେବ ନାହିଁ । ପାଉଲ କହିଲେ, ''ମୁଁ ଦୀନତା ଭୋଗ କରିବା ଜାଣେ'' (ଫିଲିପ୍ପୀ ୪:୧୨) ସେବା ବିଷୟରେ ପାଉଲଙ୍କ ଧାରଣା ଥିଲା, ଅନ୍ୟମାନଙ୍କ ପାଇଁ ତିଳ ତିଳ କରି ନିଜକୁ ଉତ୍ସର୍ଗ କରିବା । ପ୍ରଶଂସା ବା ସମାଲୋଚନା ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା । ଯୀଶୁଙ୍କୁ ଜାଣି ନ ଥିବା ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଯୀଶୁଙ୍କ ସହିତ ପରିଚିତ ନ କରାଇବା ପର୍ଯ୍ୟନ୍ତ ପାଉଲ ସେହି ବ୍ୟକ୍ତିଙ୍କ ନିକଟରେ ନିଜକୁ ଋଣୀ ବୋଲି ମନେ କରୁଥିଲେ । କିନ୍ତୁ ପାଉଲଙ୍କ ସେବା କାର୍ଯ୍ୟର ପ୍ରଧାନ ଉଦ୍ଦେଶ୍ୟ ଥିଲା ପ୍ରଭୁଙ୍କ ପ୍ରତି ତାଙ୍କର ପ୍ରେମ, ଅନ୍ୟମାନଙ୍କ ପ୍ରତି ନୁହେଁ । ଯଦି ଆମେ କେବଳ ମାନବ ସେବା ପାଇଁ ସମର୍ପିତ, ତେବେ ଶୀଘ୍ର ଆମେ ପରାଜୟ ସ୍ୱୀକାର କରି ନିରାଶ ହେବୁ କାରଣ ଅନ୍ୟମାନେ ଆମ ପ୍ରତି ଅକୃତଜ୍ଞ ମନୋଭାବ ପୋଷଣ କରିବେ । କିନ୍ତୁ ଈଶ୍ୱରଙ୍କ ପ୍ରେମରେ ପ୍ରଣୋଦିତ ହେଲେ କୌଣସି ଅକୃତଜ୍ଞ ମନୋଭାବ ପରସ୍ପର ପ୍ରତି ଆମର ସେବା କାର୍ଯ୍ୟକୁ ପ୍ରତିହତ କରିବ ନାହିଁ ।

ପାଉଲଙ୍କ ପ୍ରତି ଖ୍ରୀଷ୍ଟ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରିଥିଲେ, ତାହାହିଁ ଅନ୍ୟମାନଙ୍କ ପ୍ରତି ପାଉଲଙ୍କ ସେବାକାର୍ଯ୍ୟର ରହସ୍ୟ ଥିଲା । ''ଯଦିବା ମୁଁ ଏକଦା ଧର୍ମନିନ୍ଦୁକ, ତାଡ଼ନାକାରୀ ଏବଂ ଅତ୍ୟାଚାରୀ ଥିଲି'' (୧ ତୀମଥି ୧:୧୩) । ଅନ୍ୟ ଅର୍ଥରେ ଲୋକମାନେ ପାଉଲଙ୍କ ପ୍ରତି ଯେତେ ଅଧିକ ଦୁର୍ବ୍ୟବହାର କଲେ ସୁଦ୍ଧା, ଯୀଶୁଙ୍କ ପ୍ରତି ପାଉଲଙ୍କ ବିରୋଧ ଏବଂ ଘୃଣା ଭାବ ତୁଳନାରେ ତାହା ଅଧିକ ନ ଥିଲା । ଯେତେବେଳେ ଆମର ହୃଦ୍‌ବୋଧ ହେବ ଯେ, ଆମର ସ୍ୱଳ୍ପତା, ଆମର ସ୍ୱାର୍ଥପରତା ଏବଂ ଆମର ପାପ ମଧ୍ୟରେ ସୁଦ୍ଧା ଯୀଶୁ ଆମର ସେବା କରିଛନ୍ତି, ତା'ହେଲେ ଅନ୍ୟମାନଙ୍କ ପ୍ରତି ସମ୍ମୁଖୀନ ହେବାର କୌଣସି ପରିଣତି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଅନ୍ୟମାନଙ୍କ ସେବା କରିବା ପାଇଁ ଆମର ଦୃଢ଼ ସଂକଳ୍ପକୁ କ୍ଷୁର୍ଣ୍ଣ କରି ପାରିବ ନାହିଁ ।

ଫେବୃୟାରୀ ୨୪

# ବଳିଦାନର ଆନନ୍ଦ

**ମୁଁ ତୁମମାନଙ୍କ ପାଇଁ ମୋର ସ୍ୱର୍ବସ୍ୱ,**
**ଏପରି କି ନିଜକୁ ସୁଦ୍ଧା ଆନନ୍ଦରେ ବ୍ୟୟ କରିବି ।**
**୨ୟ କରିନ୍ଥୀୟ ୧୨:୧୫**

ଯେତେବେଳେ ଈଶ୍ୱରଙ୍କ ପ୍ରେମ ପବିତ୍ରଆତ୍ମାଙ୍କ ଦ୍ୱାରା ଆମ ହୃଦୟରେ ଢ଼ାଳି ଦିଆଯାଏ, ଆମେ ଅନ୍ୟମାନଙ୍କ ଜୀବନରେ ଯୀଶୁଙ୍କ ଇଚ୍ଛା ଏବଂ ଉଦ୍ଦେଶ୍ୟ ଅନୁସାରେ ନିଜକୁ ଜଡ଼ିତ କରିବା ଆରମ୍ଭ କରୁ (ରୋମୀ ୫:୫) । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଯୀଶୁଙ୍କ ମନଯୋଗ ରହିଛି । ନିଜର ସ୍ୱାର୍ଥ ଏବଂ ଇଚ୍ଛାରେ ପରିଚାଳିତ ହୋଇ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ କରିବା ପାଇଁ ଆମର କୌଣସି ଅଧିକାର ନାହିଁ । ପ୍ରକୃତରେ ଏହା ଯୀଶୁ ଖ୍ରୀଷ୍ଟଙ୍କ ସହିତ ଆମର ସଂପର୍କ ଜନିତ ଏକ ବଡ଼ ପରୀକ୍ଷା ।

ବଳିଦାନର ଆନନ୍ଦ ହେଉଛି, ମୁଁ ମୋର ବନ୍ଧୁ ଯୀଶୁଙ୍କ ପାଇଁ ମୋର ପ୍ରାଣ ଦିଏ (ଯୋହନ ୧୫:୧୩ ଦେଖନ୍ତୁ) । ମୁଁ ମୋର ଜୀବନକୁ ଫିଙ୍ଗି ଦିଏ ନାହିଁ, ମାତ୍ର ଇଚ୍ଛାପୂର୍ବକ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏବଂ ଅନ୍ୟମାନଙ୍କ ଜୀବନରେ ତାଙ୍କର ଇଚ୍ଛା ସାଧନ କରିବା ପାଇଁ ଉର୍ତ୍ସଗ କରେ । ନିଜର ଉଦ୍ଦେଶ୍ୟ ସାଧନ ପାଇଁ ମୁଁ ଏହା କରେ ନାହିଁ । ପାଉଲ କେବଳ ଗୋଟିଏ ଉଦ୍ଦେଶ୍ୟ ସାଧନ ଦିଗରେ ତାଙ୍କ ଜୀବନକୁ ବ୍ୟୟ କରିଥିଲେ– ତାହା ହେଉଛି, ସେ ଯେପରି ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଲୋକମାନଙ୍କ ଆତ୍ମା ଲାଭ କରିବେ । ପାଉଲ ସବୁବେଳେ ପ୍ରଭୁଙ୍କ ପାଇଁ ଲୋକମାନଙ୍କୁ ଆକର୍ଷିତ କରୁଥିଲେ, ନିଜ ପ୍ରତି ନୁହେଁ । ସେ କହିଲେ "ମୁଁ ଯେପରି ଯେକୌଣସି ଉପାୟରେ କେତେକଙ୍କୁ ରକ୍ଷା କରି ପାରିବି, ଏଥିପାଇଁ ସବୁ ମନୁଷ୍ୟ ନିକଟରେ ସବୁ କିଛି ହୋଇଛି" (୧ କରିନ୍ଥୀ ୯:୨୨) । ଯଦି ଜଣେ ଭାବନ୍ତି ଯେ, ପବିତ୍ର ଜୀବନର ବିକାଶ ପାଇଁ ସର୍ବଦା ଈଶ୍ୱରଙ୍କ ସହିତ ଏକାକୀ ରହିବାକୁ ହେବ, ତେବେ ସେ କାହାର ବ୍ୟବହାର ଯୋଗ୍ୟ ହୋଇପାରନ୍ତି ନାହିଁ । ସେ ନିଜର ଅତ୍ୟଧିକ ପ୍ରଂଶସା କରି ସମାଜଠାରୁ ନିଜକୁ ପୃଥକ୍ କରିଦିଅନ୍ତି । ପାଉଲ ଜଣେ ପବିତ୍ର ଲୋକ ଥିଲେ, କିନ୍ତୁ ସେ ଯେଉଁଠାକୁ ଯାଉଥିଲେ, ତାଙ୍କୁ ସାହାଯ୍ୟ କରିବା ପାଇଁ ସର୍ବଦା ଯୀଶୁଖ୍ରୀଷ୍ଟଙ୍କୁ ଅନୁମତି ଦେଉଥିଲେ । ଆମ ମଧ୍ୟରୁ ଅନେକେ କେବଳ ନିଜ ଲକ୍ଷ୍ୟ ସିଦ୍ଧି ପାଇଁ ମନୋଯୋଗୀ, ସେଥିପାଇଁ ଆମ ଜୀବନରେ ଯୀଶୁ ତାଙ୍କ ଇଚ୍ଛାନୁସାରେ ଆମକୁ କୌଣସି ସାହାଯ୍ୟ କରି ପାରନ୍ତି ନାହିଁ । କିନ୍ତୁ ତାଙ୍କ ନିକଟରେ ସଂପୂର୍ଣ୍ଣ ସମର୍ପିତ ହେଲେ, ନିଜର ହୋଇ ଆମର କୌଣସି ଉଦ୍ଦେଶ୍ୟ ରହେ ନାହିଁ ।

ପାଉଲ କହିଲେ ଯେ, ସେ ପ୍ରତିବାଦ ନ କରି ଅନ୍ୟମାନଙ୍କର ଗୋଡ଼ପୋଛା ପାପୋଛ ହେବା ପାଇଁ ଶିଖିଥିଲେ, କାରଣ ତାଙ୍କ ପ୍ରେରଣାର ଉତ୍ସ ଥିଲା, ଯୀଶୁଙ୍କ ପ୍ରତି ତାଙ୍କର ଭକ୍ତି । ଆମର ଭକ୍ତି ଯୀଶୁଙ୍କ ପରିବର୍ତ୍ତେ ଅନ୍ୟ ବିଷୟ ପ୍ରତି ନିବିଷ୍ଟ ହୁଏ ଏବଂ ସେଥିରୁ ଆମକୁ ଯେତେ ଅଧିକ ଆତ୍ମିକ ସ୍ୱାଧୀନତା ମିଳେ, ଯୀଶୁଙ୍କ ପ୍ରତି ସମର୍ପିତ ହେଲେ ଆମେ ତାହା ପାଇ ନ ଥାଉ । ପାଉଲଙ୍କ ଉଦ୍ଦେଶ୍ୟ ସ୍ୱାଧନୀତା ନ ଥିଲା । ସେଥିପାଇଁ ସେ କହିଲେ, କାରଣ ମୋର ଭାଇମାନଙ୍କ ନିମନ୍ତେ...ମୁଁ ନିଜେ ଅଭିଶପ୍ତ ଓ ଖ୍ରୀଷ୍ଟଙ୍କଠାରୁ ବିଚ୍ଛିନ୍ନ ହେବାକୁ ଇଚ୍ଛା କରନ୍ତି" (ରୋମୀ ୯:୩) । ପାଉଲ କ'ଣ ତର୍କ କରିବାର ଯୋଗ୍ୟତା ହରାଇଥିଲେ ? ଆଦୌ ନୁହେଁ । ପ୍ରେମ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହା ଅତିରଂଜନ ନୁହେଁ । ଆଉ ପାଉଲ ଯୀଶୁଙ୍କୁ ପ୍ରେମ କରୁଥିଲେ ।

# ସେବାର ଦୁଃସ୍ଥତା

### ତେଣୁ ମୁଁ ଯଦି ତୁମମାନଙ୍କୁ ଅଧିକ ପ୍ରେମ କରିବି, ତୁମେମାନେ କ'ଣ ମୋତେ ଊଣା ପ୍ରେମ କରିବ ।
### ୨ କରିନ୍ଥୀୟ ୧୨:୧୫

ସ୍ୱାଭାବିକ ମାନବୀୟ ପ୍ରେମରେ ପ୍ରତିଦାନର ଆଶା ଥାଏ । କିନ୍ତୁ ପାଉଲ କହୁଛନ୍ତି ''ତୁମେମାନେ ମୋତେ ପ୍ରେମ କର ବା ନ କର, ସେଥିପାଇଁ ମୋର ଚିନ୍ତା ନାହିଁ । ମୁଁ ସଂପୂର୍ଣ୍ଣ ରୂପେ ଦୀନତା ଓ ଦାରିଦ୍ର୍ୟ ଭୋଗ କରିବାକୁ ଇଚ୍ଛା କରେ, କେବଳ ତୁମମାନଙ୍କ ପାଇଁ ନୁହେଁ, ମାତ୍ର ମୁଁ ଯେପରି ତୁମମାନଙ୍କୁ ଈଶ୍ୱରଙ୍କ ନିକଟକୁ ଆଣିବି ।''...କାରଣ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ ତୁମେମାନେ ଜାଣିଛ, ସେ ଧନବାନ୍ ହୋଇ ସୁଦ୍ଧା ତୁମମାନଙ୍କ ସକାଶେ ଦରିଦ୍ର ହେଲେ...'' (୨ୟ କରିନ୍ଥୀ ୮:୯) । ପାଉଲଙ୍କ ସେବା ମନୋଭାବ ଆମ ପ୍ରଭୁଙ୍କ ମନୋଭାବ ପରି ଥିଲା । ତାଙ୍କ ପାଇଁ ତାହାର ମୂଲ୍ୟ କେତେ ଅଧିକ ଥିଲା, ସେଥିପାଇଁ ସେ ଚିନ୍ତିତ ନ ଥିଲେ, କାରଣ ସେ ମୂଲ୍ୟ ଦେବାକୁ ପ୍ରସ୍ତୁତ ଥିଲେ । ପାଉଲଙ୍କ ପାଇଁ ଏହା ଏକ ଆନନ୍ଦପୂର୍ଣ୍ଣ ବିଷୟ ଥିଲା ।

ଈଶ୍ୱରଙ୍କ ସେବକଙ୍କ ସଂପର୍କରେ ଆନୁଷ୍ଠାନିକ ମଣ୍ଡଳୀର ଧାରଣା ଯୀଶୁ ଖ୍ରୀଷ୍ଟଙ୍କ ମନୋଭାବ ଭଳି ନୁହେଁ । ଯୀଶୁଙ୍କ ଧାରଣା ହେଉଛି, ଆମେ ଅନ୍ୟମାନଙ୍କ ସେବକରୂପେ ତାଙ୍କର ସେବା କରିବା । ଏହା ସତ ଯେ, ଯୀଶୁ ସମାଜବାଦୀମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ସେ କହିଲେ ଯେ ତାଙ୍କ ରାଜ୍ୟରେ ଯେ ଶ୍ରେଷ୍ଠ, ସେ ସମସ୍ତଙ୍କର ଦାସ ହେବ (ମାଥିଉ ୨୩:୧୧ ଦେଖନ୍ତୁ) । ସୁସମାଚାର ପ୍ରଚାର କରିବାର ଇଚ୍ଛା ଜଣେ ସାଧୁଙ୍କ ପାଇଁ ପ୍ରକୃତ ପରୀକ୍ଷା ନୁହେଁ, କିନ୍ତୁ ଶିଷ୍ୟମାନଙ୍କ ପାଦ ପ୍ରକ୍ଷାଳନ ଭଳି ହୀନ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ରହିବା, ଯାହା ଲୋକମାନଙ୍କ ଦୃଷ୍ଟିରେ ହୀନ କାର୍ଯ୍ୟ ହେଲେ ସୁଦ୍ଧା ଈଶ୍ୱରଙ୍କ ଦୃଷ୍ଟିରେ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ ।

ପାଉଲ ଅନ୍ୟମାନଙ୍କ ସେବାରେ ନିଜ ଜୀବନକୁ ବ୍ୟୟ କରିବା ଫଳରେ ଆନନ୍ଦ ଲାଭ କରିଥିଲେ ଏବଂ ତାହାର ମୂଲ୍ୟ ବିଷୟରେ ସେ ଆଦୌ ଚିନ୍ତିତ ନ ଥିଲେ । କିନ୍ତୁ ସେବା କରିବା ଆଗରୁ ଆମେ ଆମର ବ୍ୟକ୍ତିଗତ ଏବଂ ଆର୍ଥିକ ସମସ୍ୟା ବିଷୟରେ ଚିନ୍ତା କରିଥାଉ ''ଈଶ୍ୱର ମୋତେ ଯଦି ସେଠାକୁ ପଠାଇବେ, ତେବେ କ'ଣ ହେବ ? ମୁଁ କେମିତି ଦରମା ପାଇବି ? ସେଠାକାର ଜଳବାୟୁ କିପରି ? କିଏ ମୋର ଯତ୍ନ ନେବ ?'' ଜଣେ ପ୍ରଥମେ ଏ ସମସ୍ତ ବିଷୟ ଚିନ୍ତା କରିବେ । ଏ ସମସ୍ତ ବିଷୟ ଇଙ୍ଗିତ କରେ ଯେ, ଈଶ୍ୱରଙ୍କ ସେବା କରିବା ପାଇଁ ଆମର ପ୍ରତିବନ୍ଧକ ରହିଛି । କିନ୍ତୁ ପ୍ରେରିତ ପାଉଲଙ୍କ ପାଇଁ କୌଣସି ସର୍ତ୍ତ ବା ପ୍ରତିବନ୍ଧକ ନ ଥିଲା । ପାଉଲଙ୍କ ଦୃଷ୍ଟି ନୂତନ ନିୟମରେ ବର୍ଣ୍ଣିତ ଯୀଶୁ ଖ୍ରୀଷ୍ଟଙ୍କ ଧାରଣା ଉପରେ ଆଧାରିତ ଏ ଭଳି ପବିତ୍ର ବ୍ୟକ୍ତିଙ୍କ ଉପରେ ନିବିଷ୍ଟ ଥିଲା, ଯିଏ କେବଳ ସୁସମାଚାର ପ୍ରଚାର କରନ୍ତି ନାହିଁ, ମାତ୍ର ଅନ୍ୟମାନଙ୍କ ସେବାରେ ଭଂଗା ରୋଟୀ ଏବଂ ଢ଼ଳାଯିବା ଦ୍ରାକ୍ଷାରସ ରୂପେ ଯୀଶୁ ଖ୍ରୀଷ୍ଟଙ୍କ ହାତରେ ବ୍ୟବହୃତ ହୁଅନ୍ତି ।

# ଯୀଶୁଙ୍କ ସମ୍ବନ୍ଧିତ ଆମର ଅବିଶ୍ୱାସ

**ସେହି ସ୍ତ୍ରୀ ଲୋକ କହିଲା, ‘‘ମହାଶୟ,**
**ପାଣି କାଢ଼ିବାକୁ ଆପଣଙ୍କ ପାଖରେ କିଛି ନାହିଁ, ପୁଣି ଏହି କୂପ ଗଭୀର’’ ।**
**ଯୋହନ ୪:୧୧**

ଆପଣ କ’ଣ ନିଜକୁ କେବେ ଏହି କଥା କହିଛନ୍ତି, ‘‘ମୁଁ ଈଶ୍ୱରଙ୍କ ବାକ୍ୟର ଆଶ୍ଚର୍ଯ୍ୟଜନକ ସତ୍ୟ ଦ୍ୱାରା ଯଥେଷ୍ଟ ପ୍ରଭାବିତ କିନ୍ତୁ ସେ ମୋ’ଠାରୁ ଯେଉଁ ପ୍ରକାର ଜୀବନ ଓ କାର୍ଯ୍ୟ ଅପେକ୍ଷା କରନ୍ତି, ତାହା ମୋ’ ପକ୍ଷରେ ସମ୍ଭବ ନୁହେଁ’’ । ଯେତେବେଳେ ଯୀଶୁ ଖ୍ରୀଷ୍ଟଙ୍କ ଗୁଣ ଏବଂ ସାମର୍ଥ୍ୟକୁ ଭିତ୍ତିକରି ତାଙ୍କର ସମ୍ମୁଖବର୍ତ୍ତୀ ହେବାକୁ ପଡ଼େ, ଆମର ଉଚ୍ଚତର ଧାର୍ମିକ ମନୋଭାବ ପରିଦୃଷ୍ଟ ହୁଏ । ଆମେ ଭାବିଥାଉ ଯେ, ତାଙ୍କର ଆଦର୍ଶ ଅତି ଉନ୍ନତ ଏବଂ ତାହା ଆମକୁ ପ୍ରଭାବିତ କରେ, କିନ୍ତୁ ଆମର ମନେହୁଏ ଯେ, ସେ ବାସ୍ତବତାଠାରୁ ଅନେକ ଦୂରରେ– କାରଣ ସେ ଯାହା କହନ୍ତି, ତାହାକୁ କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ । ଆମେ ପ୍ରତ୍ୟେକେ ଆମ ଜୀବନର କୌଣସି ଏକ କ୍ଷେତ୍ରରେ ଯୀଶୁଙ୍କ ସଂପର୍କରେ ଏହିପରି ଚିନ୍ତା କରିଥାଉ । ଈଶ୍ୱରଙ୍କଠାରୁ ଆମେ ଅନ୍ୟ ଦିଗ ପ୍ରତି ଦୃଷ୍ଟି ଫେରାଇ ନେବା ସମୟରେ ଯୀଶୁଙ୍କ ପ୍ରତି ଆମର ଏହିଭଳି ସନ୍ଦେହ ଓ ଅବିଶ୍ୱାସ ଆରମ୍ଭ ହୁଏ । ଯେତେବେଳେ ଆମେ ଈଶ୍ୱରଙ୍କ ପ୍ରତି ଆମର ବ୍ୟବହାର ବିଷୟରେ କହୁ, ଅନ୍ୟମାନେ ଆମକୁ ପଚାରନ୍ତି, ‘‘ଜୀବନ ଧାରଣ ପାଇଁ ତୁମେ କେଉଁଠୁ ଯଥେଷ୍ଟ ସମ୍ବଳ ପାଇବ ?’’ ତୁମେ କିପରି ବଞ୍ଚିବ ଏବଂ କିଏ ତୁମର ଯତ୍ନ ନେବ ?’’ କିମ୍ବା ଆମ ମଧ୍ୟରେ ଆମର ଅବିଶ୍ୱାସ ଆରମ୍ଭ ହୁଏ, ଯେତେବେଳେ ଆମେ ଯୀଶୁଙ୍କୁ କହୁ ଯେ, ଆମର ପରିସ୍ଥିତି ତାଙ୍କ ପାଇଁ ଅଧିକ କଠିନ ।

ଆମେ କହୁ ‘ପ୍ରଭୁଙ୍କଠାରେ ବିଶ୍ୱାସ କର’, ଏହା କହିବା ସହଜ, କିନ୍ତୁ ଜଣକୁ ବଞ୍ଚିବାକୁ ହେବ, ଏହାଛଡ଼ା ପାଣି କାଢ଼ିବାକୁ ଯୀଶୁଙ୍କ ପାଖରେ କିଛି ନାହିଁ– ଆମକୁ ଏ ସବୁ ଜିନିଷ ଦେବା ପାଇଁ ତାଙ୍କ ପାଖରେ କୌଣସି ସମ୍ବଳ ନାହିଁ ।’’ ଆମେ ମଧ୍ୟ କହିଥାଉ, ‘‘ନା, ଯୀଶୁଙ୍କ ପ୍ରତି ମୋର କୌଣସି ଅବିଶ୍ୱାସ ନାହିଁ, ଯଦି ଅଛି, ତେବେ ମୋ ପ୍ରତି କେବଳ ସନ୍ଦେହ ଅଛି’’ । ଏହି କଥା କହିବାର ଧାର୍ମିକ ପ୍ରତରଣା ପ୍ରତି ସତର୍କ ରୁହନ୍ତୁ । ଆମେ ଯଦି ନିଷ୍ପାପର, ତେବେ ଆମ ପ୍ରତି ଆମର ଅବିଶ୍ୱାସ ଅଛି ବୋଲି ଆମେ ସ୍ୱୀକାର କରିବା କାରଣ ଆମେ କେଉଁ କାର୍ଯ୍ୟ କରିବାକୁ ସମର୍ଥ ବା ଅସମର୍ଥ, ତାହା ଆମେ ଠିକ୍ ଜାଣୁ । କିନ୍ତୁ ଯୀଶୁଙ୍କ ପ୍ରତି ଆମର ସନ୍ଦେହ ଥାଏ । ଆମେ ଯାହା କରିବାକୁ ଅକ୍ଷମ, ସେ ତାହା କରିବାକୁ ସକ୍ଷମ, ଆମର ଏହି ଚିନ୍ତା ଆମର ଅହଂକାରକୁ ଆଘାତ ଦିଏ ।

ମୋର ବିଶ୍ୱାସ ଏହି ବିଷୟରୁ ଆରମ୍ଭ ହୁଏ, ଯେତେବେଳେ ମୁଁ ଅନୁସଂଧାନ କରେ ଯେ ସେ ଯାହା କହନ୍ତି, ତାହା କିପରି ସାଧନ କରିବେ । ମୋର ନୀଚ ମନୋଭାବରୁ ମୋର ଅବିଶ୍ୱାସ ଜନ୍ମ ନିଏ । ମୁଁ ଯଦି ମୋର ଅବିଶ୍ୱାସ ଓ ସନ୍ଦେହକୁ ଖୋଜି ବାହାର କରେ, ତେବେ ତାକୁ ଆଲୋକକୁ ଆଣି ସମସ୍ତଙ୍କ ଆଗରେ ସ୍ୱୀକାର କରି କହିବି ‘‘ପ୍ରଭୁ, ମୁଁ ତୁମକୁ ଅବିଶ୍ୱାସ ଓ ସନ୍ଦେହ କରିଛି । ମୁଁ ତୁମର ସାମର୍ଥ୍ୟ ଉପରେ ବିଶ୍ୱାସ ନ କରି ମୋର ସାମର୍ଥ୍ୟ ଉପରେ ବିଶ୍ୱାସ ରଖିଛି । ଆଉ ମଧ୍ୟ ତୁମର ସର୍ବଶକ୍ତିମାନ ସାମର୍ଥ୍ୟ ବିଷୟରେ ମୋର ସୀମିତ ବୋଧ ଶକ୍ତିକୁ ପୃଥକ୍ କରି ତାହାରି ଉପରେ ବିଶ୍ୱାସ କରିଛି’’ ।

## ଫେବୃୟାରୀ ୨୭

# ଯୀଶୁଙ୍କ ଉଦ୍ଦେଶ୍ୟରେ ଶକ୍ତିହୀନ ସେବାକାର୍ଯ୍ୟ

### ଆପଣ କେଉଁଠାରୁ ଏହି ଜୀବନଦାୟକ ଜଳ ପାଇବେ ?
### ଯୋହନ ୪:୧୧

'କୂପଟି ଗଭୀର'– ଶମିରୋଣୀୟା ସ୍ତ୍ରୀ ଯାହା ଭାବିଥିଲା, ତା'ଠାରୁ ଆହୁରି ଗଭୀର (ଯୋହନ ୪:୧୧) । ମଣିଷର ସ୍ୱଭାବ ଏବଂ ମଣିଷ ଜୀବନର ଗଭୀରତା ବିଷୟ ଚିନ୍ତା କରନ୍ତୁ । ଆପଣଙ୍କ ଅନ୍ତରସ୍ଥ ''କୂପ'' ର ଗଭୀରତା ବିଷୟ ଚିନ୍ତା କରନ୍ତୁ । ଆପଣ କ'ଣ ଯୀଶୁଙ୍କ ସେବାକାର୍ଯ୍ୟକୁ ଆପଣଙ୍କ ଜୀବନରେ ଏଭଳି ସୀମିତ ଏବଂ ଶକ୍ତିହୀନ କରିଦେଉଛନ୍ତି, ଯଦ୍ଦ୍ୱାରା ସେ ଆପଣଙ୍କ ଜୀବନରେ ଆଉ କାର୍ଯ୍ୟ କରିପାରନ୍ତି ନାହିଁ ? ମନେକରନ୍ତୁ, ଆପଣଙ୍କ ହୃଦୟରେ ଆଘାତ ଏବଂ ଦୁଃଖର ଗୋଟିଏ ଗଭୀର କୂପ ଅଛି ଏବଂ ଯୀଶୁ ଆସି ଆପଣଙ୍କୁ କହନ୍ତି, ''ତୁମର ହୃଦୟ ଉଦ୍‌ବିଗ୍ନ ନ ହେଉ'' (ଯୋହନ ୧୪:୧) । ଆପଣ କ'ଣ ସନ୍ଦେହ ପ୍ରକାଶ କରି ଉତ୍ତର ଦେବେ ''କିନ୍ତୁ ପ୍ରଭୁ, କୂପଟି ଅତି ଗଭୀର, ତୁମେ ସେଥିରୁ ନିଜର ଶାନ୍ତି ଏବଂ ସାନ୍ତ୍ୱନା ବାହାର କରି ପାରିବ ନାହିଁ ।'' ପ୍ରକୃତରେ ତାହା ସତ । ଯୀଶୁ ମନୁଷ୍ୟ ସ୍ୱଭାବରୂପକ କୂପରୁ କୌଣସି ବିଷୟ ବାହାର କରି ଆଣନ୍ତି ନାହିଁ– ସେ ଉପରୁ ସେଗୁଡ଼ିକ ତଳକୁ ନେଇ ଆସନ୍ତି । ଇସ୍ରାଏଲର ପବିତ୍ର ବ୍ୟକ୍ତି ଆମ ଜୀବନରେ ଯେଉଁ କାର୍ଯ୍ୟ କରିଛନ୍ତି, ତା'କୁ ସ୍ମରଣ କରି ଆମେ ତାଙ୍କୁ ସୀମିତ କରି କହୁ ''ଅବଶ୍ୟ, ଈଶ୍ୱର ଏହି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବେ ବୋଲି ମୁଁ ଆଶା କରେ ନାହିଁ ।'' ଯୀଶୁଙ୍କ ଶିଷ୍ୟରୂପେ ଆମେ ବିଶ୍ୱାସ କରିବା ଉଚିତ୍ ଯେ, ଯେଉଁ ସବୁ ବିଷୟ ତାଙ୍କ ସାମର୍ଥ୍ୟର ସୀମା ସ୍ପର୍ଶ କରେ, ସେ ସେହି ସବୁ କରିବେ । ସେ ସର୍ବଶକ୍ତିମାନ ବୋଲି ଆମେ ଯେଉଁ ମୁହୂର୍ତ୍ତରେ ଭୁଲି ଯାଉ, ସେହି ମୁହୂର୍ତ୍ତରେ ଆମେ ଆମର ସେବାକାର୍ଯ୍ୟକୁ ଦୁର୍ବଳ ଓ ଶକ୍ତିହୀନ କରିଦେଉ । ଶକ୍ତିହୀନତା ଆମ ମଧ୍ୟରେ ଅଛି, ତାଙ୍କଠାରେ ନାହିଁ । ସାନ୍ତ୍ୱନାଦାତା ଏବଂ ଦୟାଳୁ ମନେ କରି ଆମେ ଯୀଶୁଙ୍କ ନିକଟକୁ ଆସୁ, କିନ୍ତୁ ତାଙ୍କୁ ସର୍ବଶକ୍ତିମାନ ଈଶ୍ୱର ରୂପେ ସ୍ୱୀକାର କରି ନ ଥାଉ ।

ଆମ ମଧ୍ୟରୁ ଅଧିକାଂଶ ଆଜି ଖ୍ରୀଷ୍ଟଧର୍ମର ଦୁର୍ବଳ ଉଦାହରଣ ହେବାର କାରଣ ହେଉଛି ଆମେ ଖ୍ରୀଷ୍ଟଙ୍କୁ ସର୍ବଶକ୍ତିମାନ୍ ରୂପେ ଚିହ୍ନିବାରେ ବିଫଳ ହୋଇଛୁ । ଆମର ଖ୍ରୀଷ୍ଟୀୟ ଗୁଣ ଏବଂ ଅନୁଭୂତି ଅଛି, କିନ୍ତୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପଣ ନାହିଁ । ଦୁଃସହ ପରିସ୍ଥିତିର ସମ୍ମୁଖୀନ ହେଲେ ଆମେ ତାଙ୍କ ସେବାକାର୍ଯ୍ୟକୁ ଶକ୍ତିହୀନ କରି କହୁ ''ଅବଶ୍ୟ ଈଶ୍ୱର ଏ ବିଷୟରେ କିଛି କରି ପାରିବେ ନାହିଁ ।'' ଆମେ ନିଜ କୂପର ଗଭୀରତାକୁ ଛୁଇଁ ପାଣି କାଢ଼ିବା ପାଇଁ ସଂଘର୍ଷ କରୁ । ''ଏହି କାର୍ଯ୍ୟ ଅସମ୍ଭବ''– ବସି ରହି ଏହି କଥା କହିବା ବିଷୟରେ ସାବଧାନ ହୁଅନ୍ତୁ । ଆପଣ ଜାଣନ୍ତି ଯେ, ଯୀଶୁଙ୍କ ପ୍ରତି ଦୃଷ୍ଟିପାତ କଲେ ଏହା ସମ୍ଭବ ହେବ । ଆପଣଙ୍କ ଅସଂପୂର୍ଣ୍ଣତାର କୂପ ଗଭୀର ହୋଇପାରେ, କିନ୍ତୁ ନିଜଠାରୁ ଦୃଷ୍ଟି ଫେରାଇ ନେଇ ଈଶ୍ୱରଙ୍କୁ ଦେଖନ୍ତୁ ।

ଫେବୃୟାରୀ ୨୮

# ବର୍ତ୍ତମାନ ତୁମେ କ'ଣ ବିଶ୍ୱାସ କରୁଛ ?

## ଏବେ ଆମେ ବିଶ୍ୱାସ କରୁଛୁ...ଯୀଶୁ ଉତ୍ତର ଦେଲେ, 'ତୁମେମାନେ ତା'ହେଲେ ବିଶ୍ୱାସ କରୁଛ' ?

## ଯୋହନ ୧୬:୩୦-୩୧

''ବର୍ତ୍ତମାନ ଆମେ ବିଶ୍ୱାସ କରୁଛୁ...'' କିନ୍ତୁ ଯୀଶୁ କହନ୍ତି ''ତୁମେ କ'ଣ (ପ୍ରକୃତରେ) ବିଶ୍ୱାସ କରୁଛ ? ଦେଖ, ସମୟ ଆସୁଛି...ଯେତେବେଳେ ତୁମେମାନେ ମୋତେ ଏକାକୀ ଛାଡ଼ି ଚାଲିଯିବ'' (୧୬:୩୧-୩୨) । ଅନେକ ଖ୍ରୀଷ୍ଟୀୟ ସେବକ ଯୀଶୁ ଖ୍ରୀଷ୍ଟଙ୍କୁ ଏକାକୀ ଛାଡ଼ି ଦେଇଛନ୍ତି, ତଥାପି କର୍ତ୍ତବ୍ୟ ଦୃଷ୍ଟିରୁ କିମ୍ବା ସେମାନଙ୍କ ବିଚାର ଶକ୍ତିର ଫଳସ୍ୱରୂପ ତାଙ୍କର ଆବଶ୍ୟକତା ଅନୁଭବ କରି ତାଙ୍କର ସେବା କରୁଛନ୍ତି । ଏହାର କାରଣ ହେଉଛି, ସେମାନଙ୍କ ଜୀବନରେ ପୁନରୁତ୍ଥିତ ଯୀଶୁଙ୍କ ଜୀବନ୍ତ ଶକ୍ତିର ଅଭାବ । ଆମର ଧାର୍ମିକ ବୁଦ୍ଧି ଉପରେ ଭରସା ରଖିଲେ ଆମର ଆତ୍ମା ଈଶ୍ୱରଙ୍କ ସହିତ ଘନିଷ୍ଠ ସଂପର୍କରୁ ବିଚ୍ୟୁତ ହୁଏ (ହିତୋପଦେଶ ୩:୫-୬) । ଏହା ଜ୍ଞାତସାର ଜନିତ ପାପ ନୁହେଁ ଏବଂ ଏଥିପାଇଁ କୌଣସି ଦଣ୍ଡ ବିଧାନ ନାହିଁ । କିନ୍ତୁ ଯଦି ଜଣେ ବ୍ୟକ୍ତି ଉପଲବ୍ଧି କରନ୍ତି ଯେ, ଯୀଶୁ ଖ୍ରୀଷ୍ଟଙ୍କ ସମ୍ପର୍କରେ ତାଙ୍କର ବୁଝାମଣା ବାଧାପ୍ରାପ୍ତ ହେବା ଦ୍ୱାରା ସେ ନିଜ ପାଇଁ ଅସ୍ଥିରତା, ଦୁଃଖ ଓ ସମସ୍ୟା ସୃଷ୍ଟି କରିଛନ୍ତି, ତେବେ ଲଜ୍ଜା ଏବଂ ଅନୁଶୋଚନା ସହ ତାଙ୍କୁ ଫେରିବାକୁ ହେବ ।

ଯୀଶୁଙ୍କ ପୁନରୁତ୍ଥିତ ଜୀବନ ଉପରେ ବର୍ତ୍ତମାନ ଆମେ ଯେଉଁ ପରିମାଣରେ ବିଶ୍ୱାସ କରୁ, ତା'ଠାରୁ ଆମର ବିଶ୍ୱାସ ଆହୁରି ଗଭୀର ହେବା ଆବଶ୍ୟକ । ନିଜର ଜ୍ଞାନବୁଦ୍ଧିରେ ଚାଳିତ ହୋଇ ସିଦ୍ଧାନ୍ତ ନେବାପରେ ଈଶ୍ୱରଙ୍କ ଆଶୀର୍ବାଦ ଭିକ୍ଷା କରିବା ଅପେକ୍ଷା ଆମେ ସବୁ ବିଷୟରେ ଅବିରତ ଈଶ୍ୱରଙ୍କ ପରାମର୍ଶ ନେବାର ଅଭ୍ୟାସ ରଖିବା ଉଚିତ୍ । ଯେଉଁ ସବୁ ବିଷୟ ଈଶ୍ୱରଙ୍କ କାର୍ଯ୍ୟ ପରିସର ଭୁକ୍ତ ନୁହେଁ, ସେ ସବୁ ବାସ୍ତବତାଠାରୁ ପୃଥକ୍ ହୋଇଯାଏ ଏବଂ ଈଶ୍ୱର ତାହାକୁ ଆଶୀର୍ବାଦ କରି ପାରନ୍ତି ନାହିଁ ।

ଆମେ ଯଦି କର୍ତ୍ତବ୍ୟ ପାଳନ ଦୃଷ୍ଟିରୁ କୌଣସି କାର୍ଯ୍ୟ କରୁଛୁ, ତେବେ ଆମେ ଏଭଳି ମାନଦଣ୍ଡ ଅନୁଯାୟୀ ଜୀବନ କାଟୁଛୁ, ଯାହା ଯୀଶୁ ଖ୍ରୀଷ୍ଟଙ୍କ ସହିତ ପ୍ରତିଦ୍ୱନ୍ଦିତା କରେ । ଆମେ ଅହଂକାରୀ ହୋଇ ଭାବୁ ଯେ, ପ୍ରତ୍ୟେକ ପରିସ୍ଥିତିରେ କ'ଣ କରିବାକୁ ହେବ, ତାହା ଆମେ ଭଲ ରୂପେ ଜାଣୁ । ଯୀଶୁଙ୍କ ପୁନରୁତ୍ଥିତ ଜୀବନକୁ ଆମ ଜୀବନ ସିଂହାସନରେ ନ ବସାଇ ଆମ କର୍ତ୍ତବ୍ୟ ପାଳନକୁ ଆମେ ସେହି ସିଂହାସନରେ ବସାଇଛୁ । ଆମକୁ ବିବେକ ବା କର୍ତ୍ତବ୍ୟ ପାଳନର ଜ୍ୟୋତିଃରେ ନୁହେଁ, ମାତ୍ର ''ସେ ଯେପରି ଜ୍ୟୋତିର୍ନିବାସୀ'', ଆମକୁ ସେହି ଜ୍ୟୋତିଃରେ ଆଚରଣ କରିବାକୁ କୁହାଯାଇଛି (୧ ଯୋହନ ୧:୭) । ଯେତେବେଳେ ଆମେ କର୍ତ୍ତବ୍ୟ ପାଳନ ଦୃଷ୍ଟିରୁ କୌଣସି କାର୍ଯ୍ୟ କରୁ, ଅନ୍ୟମାନଙ୍କୁ ଆମ କାର୍ଯ୍ୟର ଉଦ୍ଦେଶ୍ୟ ବୁଝାଇବା ସହଜ ହୁଏ । କିନ୍ତୁ ପ୍ରଭୁଙ୍କର ବାଧ୍ୟ ହୋଇ କୌଣସି କାର୍ଯ୍ୟ କଲେ ସେଥିପାଇଁ କୌଣସି କାରଣ ଦର୍ଶାଇବାକୁ ପଡ଼େ ନାହିଁ କାରଣ ବାଧ୍ୟତା ହେଉଛି ତା'ର ଏକମାତ୍ର କାରଣ । ସେଥିପାଇଁ ଜଣେ ପବିତ୍ର ବ୍ୟକ୍ତି ସହଜରେ ପରିହାସ ଏବଂ ଭୁଲ୍‌ବୁଝାମଣାର ଶିକାର ହୋଇଥା'ନ୍ତି ।

## ଫେବୃଆରୀ ୨୯

# ପ୍ରଭୁଙ୍କଠାରୁ ଆପଣ କେଉଁ କାର୍ଯ୍ୟ ଅପେକ୍ଷା କରନ୍ତି ?

**ତୁମ ପାଇଁ ମୁଁ କ'ଣ କରିବି ବୋଲି ଇଚ୍ଛା କରୁଛ ? ସେ ଉତ୍ତର କଲା 'ପ୍ରଭୁ, ମୁଁ ଯେପରି ଦେଖି ପାରିବି' ।**

**ଲୂକ ୧୮: ୪୧**

ଆପଣଙ୍କ ଜୀବନରେ ଏପରି କୌଣସି ବିଷୟ ଅଛି, ଯାହା ଆପଣଙ୍କୁ କେବଳ ବ୍ୟସ୍ତ କରୁ ନାହିଁ, ମାତ୍ର ତଦ୍ଦ୍ୱାରା ଆପଣ ଅନ୍ୟମାନଙ୍କ ବ୍ୟସ୍ତତାର କାରଣସ୍ୱରୂପ ହୋଇଛନ୍ତି ? ଯଦି ଏପରି ହୋଇଥାଏ, ତେବେ ସବୁବେଳେ ଏପରି କୌଣସି ବିଷୟ ଅଛି, ଯାହା ଆପଣ ନିଜେ ସମାଧାନ କରି ପାରିବେ ନାହିଁ । ଆଗରେ ଯାଉଥିବା ଲୋକମାନେ ତାକୁ ଧମକ ଦେଇ ଚୁପ୍ ରହିବାକୁ କହିଲେ, କିନ୍ତୁ ସେ ଆହୁରି ଉଚ୍ଚସ୍ୱରରେ ଚିତ୍କାର କରିବାକୁ ଲାଗିଲା..." (୧୮:୩୯) । ସ୍ୱୟଂ ପ୍ରଭୁଙ୍କୁ ସାକ୍ଷାତ କରିବା ସମୟ ପର୍ଯ୍ୟନ୍ତ ସବୁ ବାଧାବିଘ୍ନ ମଧ୍ୟରେ ଅବିଚଳିତ ରୁହନ୍ତୁ । ବ୍ୟବହାରିକ ବୁଦ୍ଧିକୁ ଈଶ୍ୱରଙ୍କ ସ୍ଥାନ ଦିଅନ୍ତୁ ନାହିଁ । ବାଧା ସୃଷ୍ଟି ଅପେକ୍ଷା ନୀରବରେ ବସି ରହିବା ଅର୍ଥ, ବ୍ୟବହାରିକ ଜ୍ଞାନକୁ ଈଶ୍ୱରଙ୍କ ସ୍ଥାନ ଦେବା । ଆମର ଅବିଶ୍ୱାସ୍ୟ ସମସ୍ୟାର ସମାଧାନ ପାଇଁ ଈଶ୍ୱର କ'ଣ କରିବେ ବୋଲି ଯେତେବେଳେ ଆମକୁ ପଚାରନ୍ତି, ମନେ ରଖନ୍ତୁ, ସେ ବ୍ୟବହାରିକ ବୁଦ୍ଧି ବଳରେ ନୁହେଁ, ମାତ୍ର ଅଲୌକିକ ଉପାୟରେ କାର୍ଯ୍ୟ କରନ୍ତି ।

ଅତୀତରେ ଆମେ ପ୍ରଭୁଙ୍କୁ ଯେଉଁ କାର୍ଯ୍ୟ କରିବା ପାଇଁ ଦେଇଛୁ, ଲକ୍ଷ୍ୟ କରନ୍ତୁ, ତାହା ସ୍ମରଣ କରିବା ଦ୍ୱାରା ଆମେ ତାଙ୍କୁ କିପରି ସୀମିତ କରି ଦେଇଛୁ । ଆମେ କହୁ, "ମୁଁ ସବୁବେଳେ ସେଠାରେ ବିଫଳ ହୋଇଛି ଏବଂ ସବୁବେଳେ ବିଫଳ ହେବି" । ଫଳରେ ଆମେ ଯାହା ଇଚ୍ଛା କରୁ, ତାହା ମାଗି ନ ଥାଉ । ଏହା ପରିବର୍ତ୍ତେ ଆମେ ଭାବୁ "ଏହି କାର୍ଯ୍ୟ କରିବା ପାଇଁ ଈଶ୍ୱରଙ୍କ ସାହାଯ୍ୟ ଲୋଡ଼ିବା ମୂର୍ଖତା ମାତ୍ର" । ଯଦି ଏହା ଅସମ୍ଭବ, ତେବେ କେବଳ ସେହି ବିଷୟ ପାଇଁ ଆମେ ମାଗିବା ଉଚିତ୍ । ଯଦି ତାହା ଅସମ୍ଭବ ବିଷୟ ନୁହେଁ, ତେବେ ଏହା ପ୍ରକୃତ ବାଧା ନୁହେଁ । ଆଉ ଈଶ୍ୱର ସଂପୂର୍ଣ୍ଣ ଅସମ୍ଭବ ବିଷୟ ସାଧନ କରିବେ । ଅନ୍ଧ ଲୋକଟି ତା'ର ଦୃଷ୍ଟିଶକ୍ତି ପାଇଲା । କିନ୍ତୁ ଆପଣଙ୍କ ପାଇଁ ସବୁଠାରୁ ଅସମ୍ଭବ ବିଷୟ ହେଉଛି ଯେ, ଆପଣ ପ୍ରଭୁଙ୍କ ସହିତ ଘନିଷ୍ଠ ରୂପେ ଏଭଳି ଜଡ଼ିତ ହୁଅନ୍ତି ଯେ, ଆପଣଙ୍କ ପୁରାତନ ଜୀବନର ଅବଶିଷ୍ଟ କୌଣସି ବିଷୟ ରହେ ନାହିଁ । ଆପଣ ଯଦି ମାଗିବେ, ଈଶ୍ୱର ନିଶ୍ଚୟ ତାହା କରିବେ । କିନ୍ତୁ ସେ ଯେ ସର୍ବଶକ୍ତିମାନ, ଏହା ବିଶ୍ୱାସ କରି ଆପଣଙ୍କୁ ତାଙ୍କ ନିକଟକୁ ଆସିବାକୁ ହେବ । ଯୀଶୁଙ୍କ କଥାର ଆଜ୍ଞାକାରୀ ହେବା ଦ୍ୱାରା ଆମେ କେବଳ ବିଶ୍ୱାସ ପାଇ ନ ଥାଉ, କିନ୍ତୁ ଯୀଶୁଙ୍କଠାରେ ଭରସା ସ୍ଥାପନ ଦ୍ୱାରା ଆମର ବିଶ୍ୱାସ ଆହୁରି ଅଧିକ ବୃଦ୍ଧି ପାଏ । ଯଦି ଆମେ କେବଳ ତାଙ୍କ କଥାକୁ ଦେଖୁଥାଉ, ତେବେ ଆମେ ବିଶ୍ୱାସ କରିପାରିବା ନାହିଁ । ଥରେ ଯୀଶୁଙ୍କୁ ଦେଖିଲେ ଆମ ଜୀବନରେ ତାଙ୍କର ସାଧିତ ଅସମ୍ଭବ କାର୍ଯ୍ୟ ନିଶ୍ୱାସ ନେବାଭଳି ସହଜ ହୁଏ । ଆମର ଦୁଃଖ ଯନ୍ତ୍ରଣା ଆମର ସ୍ୱଳ୍ପଜ୍ଞାନ ବିଶିଷ୍ଟ ହୃଦୟର ଫଳ ସ୍ୱରୂପ । ଆମେ ବିଶ୍ୱାସ କରିବା ନାହିଁ, କୂଳରେ ଲାଗିଥିବା ଡଙ୍ଗାର ଦଉଡ଼ିକୁ କାଟିବା ନାହିଁ– କେବଳ ଦୁଶ୍ଚିନ୍ତାରେ ଘାରି ହେଉଥିବା ।

## ମାର୍ଚ୍ଚ ୧

# ହୃଦୟ ବିଦାରକ ପ୍ରଶ୍ନ

### ତୁମେ କ'ଣ ମୋତେ ପ୍ରେମ କର ?

### ଯୋହନ ୨୧:୧୭

ଏହି ହୃଦୟ ବିଦାରକ ପ୍ରଶ୍ନ ପ୍ରତି ପିତରଙ୍କ ଉତ୍ତର କିଛି ଦିନ ଆଗରୁ ପିତରଙ୍କ ସାହସପୂର୍ଣ୍ଣ କଥାଠାରୁ କେତେ ଭିନ୍ନ ଥିଲା, ଯେତେବେଳେ ସେ କହିଥିଲେ, ''ଯଦି ଆପଣଙ୍କ ସହିତ ମରିବାକୁ ହୁଏ, ମୁଁ ଆପଣଙ୍କୁ ଅସ୍ୱୀକାର କରିବି ନାହିଁ'' (ମାଥିଉ ୨୬:୩୫, ୩୩-୩୪ ପଦ ଦେଖନ୍ତୁ) । ଆମର ସ୍ୱାଭାବିକ ବ୍ୟକ୍ତିତ୍ୱ ଆମର ଭାବନାକୁ ନିର୍ଭୀକ ରୂପେ ପ୍ରକାଶ କରେ । କିନ୍ତୁ ଆମର ଅନ୍ତରସ୍ଥ ଆତ୍ମିକ ବ୍ୟକ୍ତିତ୍ୱ କେବଳ ଯୀଶୁ ଖ୍ରୀଷ୍ଟଙ୍କ ଏହି ପ୍ରଶ୍ନର ଆଘାତ ପାଇବା ଦ୍ୱାରା ଆବିଷ୍କୃତ ହୁଏ । ଯୀଶୁଙ୍କ ପ୍ରତି ପିତରଙ୍କ ପ୍ରେମ କୌଣସି ଉତ୍ତମ ବ୍ୟକ୍ତିଙ୍କ ପ୍ରତି ଆଉ ଜଣେ ବ୍ୟକ୍ତିଙ୍କ ସ୍ୱାଭାବିକ ପ୍ରେମ ସଦୃଶ ଥିଲା । ତଥାପି ତାହା ଭାବପ୍ରବଣତା ପବିତ୍ର ପ୍ରେମ ବ୍ୟତୀତ ଆଉ କିଛି ନ ଥିଲା । ଏହା ଆମର ସ୍ୱଭାବକୁ ଗଭୀର ଭାବେ ସ୍ପର୍ଶ କରିପାରେ, କିନ୍ତୁ ଏହା ଜଣେ ବ୍ୟକ୍ତିଙ୍କ ଆତ୍ମାକୁ ଭେଦ କରିପାରେ ନାହିଁ । ପ୍ରକୃତ ପ୍ରେମ କେବେହେଁ ନିଜ ବିଷୟ ଘୋଷଣା କରେ ନାହିଁ । ଯୀଶୁ କହିଲେ ''ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରେ (ଅର୍ଥାତ୍ କେବଳ କଥାରେ ନୁହେଁ, ମାତ୍ର କାର୍ଯ୍ୟ ମାଧ୍ୟମରେ ତାଙ୍କର ପ୍ରେମକୁ ସ୍ୱୀକାର କରେ), ମନୁଷ୍ୟପୁତ୍ର ମଧ୍ୟ ଦୂତମାନଙ୍କ ସାକ୍ଷାତରେ ତାହାକୁ ସ୍ୱୀକାର କରିବେ'' (ଲୂକ ୧୨:୮) ।

ଆମେ ଯଦି ଆମ ସଂପର୍କିତ ପ୍ରତ୍ୟେକ ଛଳନାର ସମ୍ମୁଖୀନ ହେବାର ଆଘାତକୁ ଅନୁଭବ ନ କରୁ, ତେବେ ଆମେ ଆମ ଜୀବନରେ ଈଶ୍ୱରଙ୍କ ବାକ୍ୟକୁ କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି କରୁଛୁ । ଈଶ୍ୱରଙ୍କ ବାକ୍ୟ ଆମକୁ ଯେଉଁଳି ଆଘାତ ଦିଏ, ପାପ ସେଭଳି ଆଘାତ ଦେଇପାରେ ନାହିଁ, କାରଣ ପାପ ଆମର ଇନ୍ଦ୍ରିୟ ସବୁକୁ ମାନ୍ଦା କରିଦିଏ । କିନ୍ତୁ ପ୍ରଭୁଙ୍କର ଏହି ପ୍ରଶ୍ନ ଆମର ସମ୍ବେଦନଶୀଳତାକୁ ଏଭଳି ବୃଦ୍ଧି କରେ ଯେ ଯୀଶୁଙ୍କଠାରୁ ପ୍ରାପ୍ତ ଏହି ଆଘାତ କଳ୍ପନାତୀତଭାବେ ଅନ୍ୟ ସମସ୍ତ ଆଘାତ ଅପେକ୍ଷା ଅଧିକ କଷ୍ଟ ଦିଏ । ଏହା କେବଳ ସ୍ୱାଭାବିକ ସ୍ତରରେ ନୁହେଁ, ମାତ୍ର ଗଭୀର ଭାବେ ଆତ୍ମିକ ସ୍ତରରେ ମଧ୍ୟ ଆଘାତ ଦିଏ । ''ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ ସକ୍ରିୟ । ତାହା ଯେ କୌଣସି ଦ୍ୱିଧାର ଯୁକ୍ତ ଖଡ୍ଗ ଅପେକ୍ଷା ତୀକ୍ଷ୍ଣତର, ତାହା ପ୍ରାଣ ଓ ଆତ୍ମା, ଗଣ୍ଠି ଓ ମଜ୍ଜା ବିଭକ୍ତ କରିବା ପର୍ଯ୍ୟନ୍ତ ଭେଦ କରେ...'' ଏପରି ଭେଦ କରେ ଯେ ଛଳନା ଆଉ ରହିପାରେ ନାହିଁ (ଏବ୍ରୀ ୪:୧୨) । ପ୍ରଭୁ ଯେତେବେଳେ ଏହି ପ୍ରଶ୍ନ କରନ୍ତି, ଏହାର ଉତ୍ତର ଦେବା ଅସମ୍ଭବ ହୁଏ, କାରଣ ପ୍ରଭୁ ଯେତେବେଳେ ପ୍ରତ୍ୟକ୍ଷ ରୂପେ ଆମକୁ କହନ୍ତି, ସେତେବେଳେ କଷ୍ଟ ଅଧିକ ବଢ଼ିଯାଏ । ଏହି ଆଘାତ ଏତେ କଷ୍ଟଦାୟକ ହୁଏ ଯେ ଈଶ୍ୱରଙ୍କ ଇଚ୍ଛା ବହିର୍ଭୂତ ଆମ ଶରୀରର ପ୍ରତ୍ୟେକ ଅଂଶରେ ଏହି କଷ୍ଟ ଅନୁଭୂତ ହୁଏ । ପ୍ରଭୁଙ୍କ ସନ୍ତାନମାନେ ପ୍ରଭୁଙ୍କ ବାକ୍ୟର କଷ୍ଟ ଅନୁଭବ କରିବାରେ ଭୁଲ୍ କରନ୍ତି ନାହିଁ, କିନ୍ତୁ ଯେଉଁ ମୁହୂର୍ତ୍ତରେ ସେହି କଷ୍ଟ ଅନୁଭୂତ ହୁଏ, ସେହି ମୁହୂର୍ତ୍ତରେ ଈଶ୍ୱର ଆମ ପ୍ରତି ତାଙ୍କର ସତ୍ୟ ପ୍ରକାଶ କରନ୍ତି ।

# ପ୍ରଭୁ ଯେଉଁ କଷ୍ଟ ଦେଇଛନ୍ତି, ଆପଣ କ'ଣ ତାହା ଅନୁଭବ କରିଛନ୍ତି ?

**ତୃତୀୟ ଥର ସେ ତାଙ୍କୁ ପଚାରିଲେ, ''ତୁମେ କ'ଣ ମୋତେ ପ୍ରେମ କର ?''**
**ଯୋହନ ୨୧:୧୭**

ପ୍ରଭୁ ଯେଉଁ କଷ୍ଟ ଦେଇଛନ୍ତି, ଆପଣ ତାହାକୁ କେବେ ଆପଣଙ୍କ ଅସ୍ତିତ୍ୱର କେନ୍ଦ୍ର ସ୍ଥଳରେ, ଆପଣଙ୍କ ଜୀବନର ସର୍ବାଧିକ ସମ୍ବେଦନଶୀଳ କ୍ଷେତ୍ରରେ ଅନୁଭବ କରିଛନ୍ତି କି ? ଶୟତାନ କିମ୍ବା ମନୁଷ୍ୟର ପ୍ରବୃତ୍ତି ସେଠାରେ କଷ୍ଟ ଦେଇପାରେ ନାହିଁ । ଆମ ଅସ୍ତିତ୍ୱର ସେହି ଅଂଶକୁ ଈଶ୍ୱରଙ୍କ ବାକ୍ୟ ବ୍ୟତୀତ ଆଉ କୌଣସି ବିଷୟ ଭେଦ କରିପାରେ ନାହିଁ । ପିତର ଦୁଃଖିତ ହେଲେ, କାରଣ ତୃତୀୟ ଥର ଯୀଶୁ ପଚାରିଲେ, ''ତୁମେ କ'ଣ ମୋତେ ପ୍ରେମ କର ?'' ତଥାପି ତାଙ୍କର ହୃଦ୍‌ବୋଧ ହେଲା ଯେ ତାଙ୍କ ବ୍ୟକ୍ତିଗତ ଜୀବନର କେନ୍ଦ୍ରରେ ସେ ଯୀଶୁଙ୍କ ପ୍ରତି ଅନୁରକ୍ତ ଥିଲେ । ତା'ପରେ ସେ ଯୀଶୁଙ୍କ ଧୈର୍ଯ୍ୟ ସୂଚକ ପ୍ରଶ୍ନର ଅର୍ଥ ଖୋଜିବା ଆରମ୍ଭ କଲେ । ପିତର ଯେ ଆଉ ଥରେ ପ୍ରତାରିତ ହେବେ, ଏ ସଂପର୍କରେ ତାଙ୍କ ମନରେ ତିଳେ ମାତ୍ର ସନ୍ଦେହ ନ ଥିଲା । ସେଥିପାଇଁ କୌଣସି ଆବେଗପୂର୍ଣ୍ଣ ପ୍ରତିକ୍ରିୟା, କୌଣସି ଦ୍ରୁତ ପଦକ୍ଷେପ କିମ୍ବା କୌଣସି ଭାବପ୍ରବଣତା ପ୍ରଦର୍ଶନ କରିବାର ଆବଶ୍ୟକତା ନ ଥିଲା । ଏହା ପ୍ରଭୁଙ୍କ ପ୍ରତି ତାଙ୍କର ଗଭୀର ପ୍ରେମର ପରିପ୍ରକାଶ ଥିଲା । ତେଣୁ ବିସ୍ମିତ ହୋଇ ସେ କେବଳ କହିଲେ, ''ପ୍ରଭୁ, ଆପଣ ସବୁ ଜାଣନ୍ତି...'' । ପିତର ଦେଖି ପାରିଲେ ଯେ, ପ୍ରକୃତରେ ସେ କେତେ ନିବିଡ଼ ଭାବେ ପ୍ରଭୁଙ୍କୁ ପ୍ରେମ କରୁଥିଲେ, ସେଥିପାଇଁ ଏହି କଥା କହିବାର ଆବଶ୍ୟକତା ନ ଥିଲା – ''ମୋ ପ୍ରେମର ପ୍ରମାଣ ସ୍ୱରୂପ ଏହି ବିଷୟ ବା ସେହି ବିଷୟ ଦେଖନ୍ତୁ ।'' ନିଜ ଭିତରେ ପିତର ପ୍ରଭୁଙ୍କ ପ୍ରତି ତାଙ୍କର ପ୍ରକୃତ ପ୍ରେମକୁ ଆବିଷ୍କାର କରୁଥିଲେ । ସେ ଆବିଷ୍କାର କଲେ ଯେ, ତାଙ୍କର ଆଖି ଦୁଇଟି ଖ୍ରୀଷ୍ଟଙ୍କ ପ୍ରତି ଏଭିଳି ନିବଦ୍ଧ ଥିଲା ଯେ, ସେ ଊର୍ଦ୍ଧ୍ୱସ୍ଥ ସ୍ୱର୍ଗ ବା ନୀଚସ୍ଥ ପୃଥିବୀରେ ଆଉ କୌଣସି ବିଷୟ ଦେଖି ପାରିଲେ ନାହିଁ । କିନ୍ତୁ ପ୍ରଭୁଙ୍କର ସେହି ଅନୁସଂଧାନ ମୂଳକ ଏବଂ ଆଘାତ ସୂଚକ ପ୍ରଶ୍ନ ନ ଶୁଣିବା ପର୍ଯ୍ୟନ୍ତ ସେ ତାହା ଜାଣି ନ ଥିଲେ । ପ୍ରଭୁଙ୍କର ପ୍ରଶ୍ନ ସର୍ବଦା ମୋର ପ୍ରକୃତ ଅସ୍ତିତ୍ୱକୁ ପ୍ରକାଶ କରେ ।

ପ୍ରକୃତରେ, ପିତରଙ୍କ ପ୍ରତି ଯୀଶୁଖ୍ରୀଷ୍ଟଙ୍କ ସ୍ପଷ୍ଟବାଦିତା ଏବଂ ନିପୁଣତାର ପଟାନ୍ତର ନାହିଁ । ଉପଯୁକ୍ତ ସମୟ ନ ଆସିବା ପର୍ଯ୍ୟନ୍ତ ଆମର ପ୍ରଭୁ ପ୍ରଶ୍ନ କରନ୍ତି ନାହିଁ । ହୁଏତ କ୍ୱଚିତ୍ ଆମ ପ୍ରତ୍ୟେକଙ୍କ ଜୀବନରେ ସେ ଆମକୁ ଏଭଳି ପରିସ୍ଥିତି ମଧ୍ୟ ଦେଇ ଆଣନ୍ତି, ଯେତେବେଳେ ସେ ହୃଦୟ ବିଦାରକ ପ୍ରଶ୍ନ ଦ୍ୱାରା ଆମକୁ ଆଘାତ ଦିଅନ୍ତି । ସେହି ସମୟରେ ଆମେ ଉପଲବ୍ଧି କରୁ ଯେ, ତାଙ୍କ ପ୍ରତି ଆମ ଗଭୀର ପ୍ରେମର ବର୍ଣ୍ଣନା ଆମର କଥା ଏବଂ ଭାଷା ମାଧ୍ୟମରେ ସମ୍ଭବ ନୁହେଁ ।

# ତାଙ୍କର ପ୍ରଦତ୍ତ କାର୍ଯ୍ୟଭାର

**ମୋର ମେଷମାନଙ୍କୁ ଚରାଅ ।**
**ଯୋହନ ୨୧:୧୭**

ଏହା ପ୍ରେମ ସଂପାଦନର ସମୟ । ଈଶ୍ୱରଙ୍କ ପ୍ରେମ ସୃଷ୍ଟି ହୁଏ ନାହିଁ – ଏହା ତାଙ୍କର ସ୍ୱଭାବ । ଆମେ ଯେତେବେଳେ ପବିତ୍ର ଆତ୍ମାଙ୍କ ସହାୟତାରେ ଖ୍ରୀଷ୍ଟଙ୍କ ଜୀବନ ପାଉ, ସେତେବେଳେ ସେ ଆମକୁ ଈଶ୍ୱରଙ୍କ ସହିତ ସଂଯୁକ୍ତ କରନ୍ତି, ଯେପରି ତାଙ୍କର ପ୍ରେମ ଆମ ଜୀବନରେ ପ୍ରଦର୍ଶିତ ହେବ । ଆମକୁ ଈଶ୍ୱରଙ୍କ ସହିତ ସଂଯୁକ୍ତ କରିବା ଆମ ଅନ୍ତରରେ ବାସ କରୁଥିବା ପବିତ୍ର ଆତ୍ମାଙ୍କ ଲକ୍ଷ୍ୟ ନୁହେଁ, କିନ୍ତୁ ଯୀଶୁ ଯେପରି ପିତାଙ୍କ ସହିତ ଏକ ଥିଲେ, ସେହିରୂପେ ପିତାଙ୍କ ସହିତ ଆମର ଏକତ୍ୱ ରକ୍ଷା କରିବା ହେଉଛି ତାଙ୍କର କାର୍ଯ୍ୟ । ପିତାଙ୍କ ସହିତ ଯୀଶୁଖ୍ରୀଷ୍ଟ କିପରି ଏକତା ସ୍ଥାପନ କରିଥିଲେ ? ପିତାଙ୍କ ସହିତ ସେ ଏଭଳି ଏକତା ରକ୍ଷା କରିଥିଲେ ଯେ, ସେ ପିତାଙ୍କ ଆଜ୍ଞାକାରୀ ରୂପେ ଆମ ପାଇଁ ଢଳାଯିବା ଉଦ୍ଦେଶ୍ୟରେ ଜଗତକୁ ଆସିଲେ । ଆଉ ସେ ଆମକୁ କହନ୍ତି, ''ପିତା ଯେପରି ମୋତେ ପଠାଇଛନ୍ତି, ମୁଁ ସେହିପରି ତୁମମାନଙ୍କୁ ପଠାଉଛି'' (ଯୋହନ ୨୦:୨୧)।

ପ୍ରଭୁଙ୍କ ହୃଦୟ ବିଦାରକ ପ୍ରଶ୍ନ ଦ୍ୱାରା ଯେଉଁ ପ୍ରରିପ୍ରକାଶ ହେଲା, ତଦ୍ଦ୍ୱାରା ପିତର ପ୍ରଭୁଙ୍କୁ ପ୍ରେମ କରୁଛନ୍ତି ବୋଲି ଉପଲବ୍ଧି କଲେ । ପ୍ରଭୁଙ୍କ ପରବର୍ତ୍ତୀ ସର୍ତ୍ତ ହେଉଛି – ''ନିଜକୁ ଢାଳି ଦିଅ – ମୋ ପ୍ରତି ତୁମ ପ୍ରେମ ବିଷୟକ ସାକ୍ଷ୍ୟ ଦିଅ ନାହିଁ, ଆଶ୍ଚର୍ଯ୍ୟ ପରିପ୍ରକାଶ ବିଷୟ ବର୍ଣ୍ଣନା କର ନାହିଁ, କେବଳ ''ମୋର ମେଷମାନଙ୍କୁ ଚରାଅ ।'' ଯୀଶୁଙ୍କର କେତେକ ଅସାଧାରଣ ଅଦ୍ଭୁତ ମେଷ ଅଛନ୍ତି ! ସେଥିମଧ୍ୟରୁ କେତେକ ଅସଜଡ଼ା ଏବଂ ଅପରିଷ୍କାର, ଆଉ କେତେକ ଅଖାଡୁଆ ଏବଂ ଦୃଢ଼ମନା, ଏବଂ ଅନ୍ୟମାନେ ବାଟ ହୁଡ଼ିଛନ୍ତି ! କିନ୍ତୁ ଈଶ୍ୱରଙ୍କ ପ୍ରେମକୁ ଶେଷ କରିଦେବା ଅସମ୍ଭବ ଏବଂ ମୋର ପ୍ରେମ ଯଦି ଈଶ୍ୱରଙ୍କ ଆତ୍ମାଙ୍କ ସହିତ ପ୍ରବାହିତ ହୁଏ, ତା'ହେଲେ ତାକୁ ମଧ୍ୟ ଶେଷ କରିଦେବା ଅସମ୍ଭବ । ଈଶ୍ୱରଙ୍କ ପ୍ରେମ ମୋର ବ୍ୟକ୍ତିଗତ ସ୍ୱଭାବଜନିତ ମୋର ବଦ୍ଧମୂଳ ଧାରଣା ପ୍ରତି ଧ୍ୟାନ ଦିଏ ନାହିଁ । ମୁଁ ଯଦି ମୋ ପ୍ରଭୁଙ୍କୁ ପ୍ରେମ କରେ, ତେବେ ମୋର ସ୍ୱାଭାବିକ ପ୍ରବୃତ୍ତି ଦ୍ୱାରା ଚାଳିତ ହେବା ପାଇଁ ମୁଁ ଆବଶ୍ୟକ ମନେ କରେ ନାହିଁ – ମୋତେ ଈଶ୍ୱରଙ୍କ ମେଷମାନଙ୍କୁ ଚରାଇବାକୁ ହେବ । ସେ ଆମକୁ ଯେଉଁ କାର୍ଯ୍ୟଭାର ଦେଇଛନ୍ତି, ସେଥିରୁ ଆମେ ନିଷ୍କୃତି ପାଇବା ନାହିଁ । ନିଜର ସ୍ୱାଭାବିକ ଚିନ୍ତା, ସହାନୁଭୂତି ଏବଂ ବୋଧଶକ୍ତି ଦ୍ୱାରା ଚାଳିତ ହୋଇ ଈଶ୍ୱରଙ୍କ ପ୍ରେମକୁ ନକଲ କରିବା ବିଷୟରେ ସତର୍କ ହୁଅନ୍ତୁ । ଏହା କରିବା ଅର୍ଥ, ଈଶ୍ୱରଙ୍କ ପ୍ରକୃତ ପ୍ରେମକୁ ନିନ୍ଦିତ ଓ ଅପମାନିତ କରିବା ।

ମାର୍ଚ୍ଚ ୪

# ଏହା କ'ଣ ମୋ ପାଇଁ ସତ ?

**ଏଥିପାଇଁ ମୁଁ ଆପଣା ପ୍ରାଣକୁ ପ୍ରିୟ ଜ୍ଞାନ ନ କରି ତାହା ନଗଣ୍ୟ ମନେ କରୁଛି ।**
**ପ୍ରେରିତ ୨୦:୨୪**

ଦର୍ଶନ ବିନା ଈଶ୍ୱରଙ୍କ ସେବା ଏବଂ ଆହ୍ୱାନ ବିନା ତାଙ୍କର କାର୍ଯ୍ୟ କରିବା ସହଜ, କାରଣ ଈଶ୍ୱର କ'ଣ ଅପେକ୍ଷା କରନ୍ତି, ସେ ବିଷୟରେ ଆମକୁ ଚିନ୍ତା କରିବାକୁ ପଡ଼ିବ ନାହିଁ । ବ୍ୟବହାରିକ ଜ୍ଞାନ ଏବଂ ତା' ଉପରି ଭାଗରେ ଆବୃତ ଖ୍ରୀଷ୍ଟୀୟ ପ୍ରବୃତ୍ତି ଆପଣଙ୍କ ପଥ ପ୍ରଦର୍ଶକ ହୁଏ । ସାଂସାରିକ ଦୃଷ୍ଟିକୋଣରୁ ଆପଣ ଅଧିକ ସମୃଦ୍ଧିଶାଳୀ ଏବଂ ସଫଳକାମୀ ହେବେ, ଆପଣଙ୍କ ପାଇଁ ଯଥେଷ୍ଟ ଅବକାଶ ସମୟ ରହିବ, ଯଦି ଆପଣ ଈଶ୍ୱରଙ୍କ ଆହ୍ୱାନ ସ୍ୱୀକାର କରିବେ ନାହିଁ । କିନ୍ତୁ ପରେ ଯଦି ଆପଣ ଯୀଶୁଖ୍ରୀଷ୍ଟଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରନ୍ତି, ତେବେ ଈଶ୍ୱର ଆପଣଙ୍କଠାରୁ ଯାହା ଅପେକ୍ଷା କରନ୍ତି, ତାହାର ସ୍ମୃତି ଆପଣଙ୍କୁ ସର୍ବଦା ଈଶ୍ୱରଙ୍କ ଇଚ୍ଛା ପୂରଣ କରିବା ପାଇଁ ଉତ୍ତେଜିତ କରିବ । ବ୍ୟବହାରିକ ଜ୍ଞାନକୁ ଆଧାର କରି ଆପଣ ଆଉ ଈଶ୍ୱରଙ୍କ ପାଇଁ କାର୍ଯ୍ୟ କରିପାରିବେ ନାହିଁ ।

ମୋ ଜୀବନରେ ମୁଁ କେଉଁ ସବୁ ବିଷୟକୁ ''ପ୍ରିୟ'' ମନେ କରେ ? ଯଦି ମୁଁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଧରା ନ ହୋଇଛି ଏବଂ ନିଜକୁ ତାଙ୍କଠାରେ ସମର୍ପଣ ନ କରିଛି, ତା'ହେଲେ ଈଶ୍ୱରଙ୍କ ସେବା ବିଷୟରେ ମୋର ବିଚାରଧାରା ଏବଂ ମୋର ଜୀବନକୁ ମୁଁ ପ୍ରିୟଜ୍ଞାନ କରେ । କିନ୍ତୁ ପାଉଲ କହିଲେ ଯେ, ସେ ତାଙ୍କ ଜୀବନକୁ ପ୍ରିୟ ମଣୁଥିଲେ ଯେପରି ସେ ପ୍ରାପ୍ତ ହୋଇଥିବା ସେବାକାର୍ଯ୍ୟକୁ ସଂପୂର୍ଣ୍ଣ କରିବେ । ସେଥିପାଇଁ ସେ ତାଙ୍କ ଶକ୍ତିକୁ ଆଉ ଅନ୍ୟ କୌଣସି କାର୍ଯ୍ୟରେ ବିନିଯୋଗ କରିବା ପାଇଁ ସମ୍ମତ ହୋଇ ନ ଥିଲେ । ଏହି ପଦଟି ତାଙ୍କ ଉତ୍ତମ ମନୋଭାବ ସଂପନ୍ନ ବିରକ୍ତି ପ୍ରକାଶ କରେ । ଯେତେବେଳେ ତାଙ୍କୁ ନିଜ ପ୍ରତି ଧ୍ୟାନ ଦେବାକୁ କୁହାଯାଇଥିଲା, ସେ ଯେଉଁ କାର୍ଯ୍ୟଭାର ପାଇଥିଲେ, ସେହି ସେବାକାର୍ଯ୍ୟରେ ମନୋନିବେଶ କରିବା ବ୍ୟତୀତ ଅନ୍ୟାନ୍ୟ ସମସ୍ତ ବିଷୟ ପ୍ରତି ସେ ସଂପୂର୍ଣ୍ଣ ଉଦାସୀନ ଥିଲେ । ଈଶ୍ୱରଙ୍କ ପ୍ରତି ଆମର ସାଧାରଣ ଏବଂ ଯଥାର୍ଥ ସେବାକାର୍ଯ୍ୟ ତାଙ୍କ ପ୍ରତି ଆମ ସମର୍ପଣର ପ୍ରତିଦ୍ୱନ୍ଦୀ ରୂପେ କାର୍ଯ୍ୟ କରେ । ଆମର ଯଥାର୍ଥ କାର୍ଯ୍ୟ ଏହି ଯୁକ୍ତି ଉପରେ ଆଧାରିତ ଯେତେବେଳେ ଆମେ କହୁ ''ମନେରଖ, ଏଠାରେ ତୁମେ ଏହି କାର୍ଯ୍ୟ ପାଇଁ କେତେ ଉପଯୋଗୀ ଏବଂ ଭାବି ଦେଖ, ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟ ତୁମ ପାଇଁ କେତେ ଅଧିକ ମୂଲ୍ୟବାନ ହେବ'' ! ଏହି ମନୋଭାବ ଯୀଶୁ ଖ୍ରୀଷ୍ଟଙ୍କ ପରିବର୍ତ୍ତେ ଆମ ନିଜର ବିଚାରଧାରାକୁ ଚୟନ କରେ ଏବଂ ଆମେ କେଉଁଠାକୁ ଯିବୁ ଏବଂ କେଉଁଠାରେ ସବୁଠାରୁ ଅଧିକ ବ୍ୟବହାର ଯୋଗ୍ୟ ହେବୁ, ସେ ସଂପର୍କରେ ଆମର ପଥ ପ୍ରଦର୍ଶକ ହୁଏ । ଆପଣ ବ୍ୟବହାର ଯୋଗ୍ୟ ହେବେ କି ନାହିଁ, ସେଥିପାଇଁ ଚିନ୍ତା କରନ୍ତୁ ନାହିଁ – କିନ୍ତୁ ସବୁବେଳେ ମନେ ରଖନ୍ତୁ ଯେ, ''ଆପଣ ନିଜର ନୁହଁନ୍ତି'' (୧ କରନ୍ଥୀୟ ୬:୧୯) । ଆପଣ ଈଶ୍ୱରଙ୍କର ।

ମାର୍ଚ୍ଚ ୫

# ସେ କ'ଣ ପ୍ରକୃତରେ ମୋର ପ୍ରଭୁ ?

### ମୁଁ ଯେପରି ମୋର ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିପାରେ ଓ ପ୍ରଭୁ ଯୀଶୁ ମୋତେ ଦେଇଥିବା ସେବାକାର୍ଯ୍ୟ ସଂପୂର୍ଣ୍ଣ କରିପାରେ । ପ୍ରେରିତ ୨୦:୨୪

ଆନନ୍ଦ ନିଜର ସଫଳ କାର୍ଯ୍ୟ ଦ୍ୱାରା ଆସେ ନାହିଁ, ମାତ୍ର ଯେଉଁ ବିଶେଷ ଉଦ୍ଦେଶ୍ୟ ପାଇଁ ମୁଁ ସୃଷ୍ଟ ହେଲି ଏବଂ ନୂତନ ଜନ୍ମ ପାଇଛି, ତାହା ସଂପୂର୍ଣ୍ଣ ସମାପ୍ତ ହେବାର ଦେଖିବା ପରେ ଆନନ୍ଦ ପ୍ରାପ୍ତି ହୁଏ । ପିତା ଯେଉଁ କାର୍ଯ୍ୟ କରିବା ପାଇଁ ପଠାଇଥିଲେ, ସେହି କାର୍ଯ୍ୟ ସାଧନ କରିବା ଦ୍ୱାରା ଆମର ପ୍ରଭୁ ଆନନ୍ଦ ଅନୁଭବ କରିଥିଲେ । ଆଉ ସେ ଆମକୁ କହନ୍ତି, ''ପିତା ଯେପରି ମୋତେ ପଠାଇଛନ୍ତି, ମୁଁ ସେହିପରି ତୁମମାନଙ୍କୁ ପଠାଉଛି'' (ଯୋହନ ୨୦:୨୧) । ଆପଣ କ'ଣ ପ୍ରଭୁଙ୍କଠାରୁ ସେବାକାର୍ଯ୍ୟ ପାଇଛନ୍ତି ? ଯଦି ପାଇଛନ୍ତି, ତେବେ ସେଥିପ୍ରତି ବିଶ୍ୱସ୍ତ ହୁଅନ୍ତୁ – ସେହି ସେବାକାର୍ଯ୍ୟର ଉଦ୍ଦେଶ୍ୟକୁ ସଫଳ କରିବା ଦ୍ୱାରା ଆପଣଙ୍କ ଜୀବନ ଯେ ମୂଲ୍ୟବାନ ବିବେଚିତ ହେବ, ସେହି କଥା ଚିନ୍ତା କରନ୍ତୁ । ଯୀଶୁ ଯେଉଁ କାର୍ଯ୍ୟ କରିବାକୁ ଆପଣଙ୍କୁ ପଠାଇଥିଲେ, ତାହା କରିଛନ୍ତି ବୋଲି ଜାଣିବା ପରେ ଆପଣ ନିଶ୍ଚୟ ସନ୍ତୋଷ ଲାଭ କରିବେ ଯେତେବେଳେ ଈଶ୍ୱର ଆପଣଙ୍କୁ କହିବେ, ''ମୋର ଉତ୍ତମ ବିଶ୍ୱସ୍ତ ଦାସ, ତୁମେ ଖୁବ୍ ଭଲ କରିଛ'' (ମାଥିଉ ୨୫:୨୧) । ଆମେ ପ୍ରତ୍ୟେକେ ଜୀବନରେ ସମୁଚିତ ସ୍ଥିତି ଖୋଜିଥାଉ ଏବଂ ଆତ୍ମିକ ରୂପେ ଆମେ ତାହା ସେତିକି ବେଳେ ପାଉ, ଯେତେବେଳେ ପ୍ରଭୁଙ୍କଠାରୁ ସେବାକାର୍ଯ୍ୟ ମିଳେ । ଏହା କରିବା ପାଇଁ ଯୀଶୁଙ୍କୁ ବ୍ୟକ୍ତିଗତ ପରିତ୍ରାଣକର୍ତ୍ତା ରୂପେ ଗ୍ରହଣ କରିବା ଅପେକ୍ଷା ଆମେ ତାଙ୍କ ସହିତ ଆହୁରି ନିବିଡ଼ ସଂପର୍କ ରଖିବା ଆବଶ୍ୟକ । ଆଉ ଆମ ଜୀବନରେ ପ୍ରେରିତ ୯:୧୬ର ଦୃଢ଼ ପ୍ରଭାବ ଉପଲବ୍ଧ ହେବା ଉଚିତ୍, *ମୋର ନାମ ସକାଶେ* ତାକୁ କେତେ ଦୁଃଖ ସହିବାକୁ ହେବ, ତାହା ମୁଁ ତାକୁ ଦର୍ଶାଇବି ।''

''ତୁମେ କ'ଣ ମୋତେ ପ୍ରେମ କର ?'' ତା'ହେଲେ ''ମୋର ମେଷମାନଙ୍କୁ ଚରାଅ'' (ଯୋହନ ୨୧:୧୭) । ଆମେ କିପରି ତାଙ୍କର ସେବା କରିବୁ, ସେ ବିଷୟରେ ସେ ଆମକୁ ମନୋନୟନର ସୁଯୋଗ ଦେଇ ନାହାନ୍ତି । ସେ ଆମକୁ ଯେଉଁ କାର୍ଯ୍ୟଭାର ଦେଇଛନ୍ତି, ସଂପୂର୍ଣ୍ଣ ବିଶ୍ୱସ୍ତତା ସହ ଆମେ ଯେପରି ତାହା ତୁଲାଇବୁ, ତାହା ସେ ଅପେକ୍ଷା କରୁଛନ୍ତି । ଈଶ୍ୱରଙ୍କ ନିବିଡ଼ ସଂସ୍ପର୍ଶରେ ଆସିବା ଦ୍ୱାରା ଆମେ ସେହି ବିଶ୍ୱସ୍ତତାର ପରିଚୟ ପାଇବା । ଆପଣ ଯଦି ପ୍ରଭୁ ଯୀଶୁଙ୍କ ସେବାକାର୍ଯ୍ୟର ଆହ୍ୱାନ ପାଇଛନ୍ତି, ଆପଣ ଜାଣିବେ ଯେ, ଆବଶ୍ୟକତା ଏବଂ ଆହ୍ୱାନ ସମାନ ବିଷୟ ନୁହେଁ – ଆବଶ୍ୟକତା ହେଉଛି ଆହ୍ୱାନକୁ କାର୍ଯ୍ୟକାରୀ କରିବାର ସୁଯୋଗ । ଆହ୍ୱାନ ହେଉଛି, ଆପଣ ଈଶ୍ୱରଙ୍କ ନିବିଡ଼ ସଂସ୍ପର୍ଶରେ ଥିବା ସମୟରେ ଯେଉଁ ସେବାକାର୍ଯ୍ୟ ପାଇଥିଲେ, ସେଥିପ୍ରତି ବିଶ୍ୱସ୍ତ ରହିବା । ଏହାର ଅର୍ଥ ନୁହେଁ ଯେ, ଆପଣଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରକାର ସେବାକାର୍ଯ୍ୟର ତାଲିକା ପ୍ରସ୍ତୁତ ହୋଇଛି । ଏହାର ଅର୍ଥ, ଆପଣ ଯେଉଁ କାର୍ଯ୍ୟ କରିବା ପାଇଁ ଈଶ୍ୱରଙ୍କ ଦ୍ୱାରା ଆହୂତ, ତାହା ପ୍ରତି ଆପଣଙ୍କ ସମ୍ବେଦନଶୀଳ ମନୋଭାବ, ଏବଂ ଏଥିପାଇଁ କେତେ ସମୟରେ ଅନ୍ୟ ସେବାକ୍ଷେତ୍ରର ଦାବିକୁ ଆପଣଙ୍କୁ ଉପେକ୍ଷା କରିବାକୁ ହେବ ।

# ପରବର୍ତ୍ତୀ ପଦକ୍ଷେପ ନେବା

**...ସହିଷ୍ଣୁତାରେ, କ୍ଳେଶ, ଦୁର୍ଦ୍ଦଶା ଓ ସଂକଟରେ**
**୨ କରିନ୍ଥୀ ୬:୪**

ଯେତେବେଳେ ଆପଣଙ୍କ ପାଖରେ ଈଶ୍ୱରଙ୍କ ଦର୍ଶନ ନ ଥାଏ, ଆପଣଙ୍କ ଜୀବନରେ ଉଦ୍‌ଯୋଗ ନ ଥାଏ, ଆପଣଙ୍କ ପ୍ରତି କାହାରି ଦୃଷ୍ଟି ନ ଥାଏ ଏବଂ ଆପଣଙ୍କୁ କେହି ଉତ୍ସାହିତ କରନ୍ତି ନାହିଁ, ସେତେବେଳେ ପରବର୍ତ୍ତୀ ପଦକ୍ଷେପ ନେବା ପାଇଁ ସର୍ବଶକ୍ତିମାନ ଈଶ୍ୱରଙ୍କ ଅନୁଗ୍ରହ ଆବଶ୍ୟକ ହୁଏ – ଏହି ପରବର୍ତ୍ତୀ ପଦକ୍ଷେପ ହେଉଛି, ଈଶ୍ୱର–ଭକ୍ତି ଏବଂ ଆପଣଙ୍କ ପାରିବାରିକ ଜୀବନରେ ତଥା ତାଙ୍କ ପ୍ରତି ଆପଣଙ୍କ କର୍ତ୍ତବ୍ୟ ପାଳନରେ ଈଶ୍ୱରଙ୍କ ବାକ୍ୟ ଏବଂ ଶାସ୍ତ୍ରପାଠ ପ୍ରତି ଆପଣଙ୍କ ଶ୍ରଦ୍ଧା ଓ ଭକ୍ତି । ସୁସମାଚାର ପ୍ରଚାର ଅପେକ୍ଷା ସେହି ମହାନ୍ ପଦକ୍ଷେପ ନେବା ପାଇଁ ଈଶ୍ୱରଙ୍କ ପ୍ରଚୁର ଅନୁଗ୍ରହ ଏବଂ ତାଙ୍କ ଉପରେ ଅଧିକ ଭରସା ରଖିବା ଏକାନ୍ତ ଜରୁରୀ ।

ପରବର୍ତ୍ତୀ ପଦକ୍ଷେପ ରୂପେ ପ୍ରତ୍ୟେକ ଖ୍ରୀଷ୍ଟ ବିଶ୍ୱାସୀ ରକ୍ତ–ମାଂସ ବିଶିଷ୍ଟ ଶରୀରରେ ନିଜ ହାତରେ କାର୍ଯ୍ୟ କରିବା ଦ୍ୱାରା ଯୀଶୁ ଖ୍ରୀଷ୍ଟଙ୍କ ମାନବ ଶରୀର ଧାରଣର ସାରତତ୍ତ୍ୱକୁ ଅନୁଭବ କରିବା ଉଚିତ୍ । ଦର୍ଶନ, ଉତ୍ସାହ ଏବଂ ଉନ୍ନତି ବିନା ଆମେ ଅନାଗ୍ରହୀ ହୋଇ ଆତ୍ମ ସମର୍ପଣ କରୁ ଏବଂ ଦୈନନ୍ଦିନ ଜୀବନର ମାମୁଲି କାର୍ଯ୍ୟରେ ମନୋନିବେଶ କରୁ । ଶେଷରେ ଈଶ୍ୱରଙ୍କ ପାଇଁ ଏବଂ ଈଶ୍ୱରଙ୍କ ଲୋକମାନଙ୍କ ପାଇଁ ସାକ୍ଷ୍ୟ ପ୍ରଦାନକାରୀ ବିଷୟ ହେଉଛି ଧୈର୍ଯ୍ୟର ସହ ସ୍ଥିର ହୋଇ ରହିବା, ସେହି ସମୟରେ ମଧ୍ୟ, ଯେତେବେଳେ ଅନ୍ୟମାନେ ଏହି କାର୍ଯ୍ୟ ଦେଖି ପାରନ୍ତି ନାହିଁ । ଏକ ବିଜୟୀ ଜୀବନର ଏକମାତ୍ର ଉପାୟ ହେଉଛି, ଈଶ୍ୱରଙ୍କ ପ୍ରତି ସ୍ଥିର ଦୃଷ୍ଟି । ପୁନରୁତ୍ଥିତ ଖ୍ରୀଷ୍ଟଙ୍କ ପ୍ରତି ଆପଣଙ୍କ ଆତ୍ମିକ ଚକ୍ଷୁ ଖୋଲି ଦେବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ । ନୀରସ କାମ ପାଇଁ ଆପଣଙ୍କୁ ନିରୁତ୍ସାହିତ କରିବା ଅସମ୍ଭବ ହେବ । କେତେକ କାର୍ଯ୍ୟ ଯେ ନଗଣ୍ୟ ଏବଂ ଆପଣଙ୍କ ଆତ୍ମସମ୍ମାନକୁ କ୍ଷୁର୍ଣ୍ଣ କରିବ, ଏ କଥା ଆଦୌ ଚିନ୍ତା କରନ୍ତୁ ନାହିଁ । ଯୋହନ ୧୩:୧–୧୭ରେ ବର୍ଣ୍ଣିତ ଖ୍ରୀଷ୍ଟଙ୍କ ଉଦାହରଣ ମନେ ପକାନ୍ତୁ ।

ମାର୍ଚ୍ଚ ୭

# ଉଚ୍ଛୁଳା ଆନନ୍ଦର ସ୍ରୋତ

**ତଥାପି ଯେ ଆମମାନଙ୍କୁ ପ୍ରେମ କଲେ, ତାହାଙ୍କ ଦ୍ୱାରା ଆମେମାନେ ଏହି ସମସ୍ତ ବିଷୟରେ ସର୍ବତୋଭାବେ ବିଜୟୀ ଅଟୁ ।**

**ରୋମୀୟ ୮:୩୭**

ଏଠାରେ ପାଉଲ ଏପରି ବିଷୟ କହୁଥିଲେ, ଯଦ୍ଦ୍ୱାରା ସେ ଜଣେ ପବିତ୍ର ଲୋକଙ୍କୁ ଈଶ୍ୱରଙ୍କ ପ୍ରେମରୁ ପୃଥକ୍ କରିବା ଭଳି ମନେ ହେଉଥିଲା । କିନ୍ତୁ ଉଲ୍ଲେଖ ଯୋଗ୍ୟ ବିଷୟ ହେଉଛି ଯେ, କୌଣସି ବିଷୟ ଈଶ୍ୱର ଏବଂ ତାଙ୍କ ପବିତ୍ର ଲୋକଙ୍କ ମଧ୍ୟରେ ବାଧା ସୃଷ୍ଟି କରିପାରେ ନାହିଁ । ଏହି ଅନୁଚ୍ଛେଦରେ ପାଉଲ ଯେଉଁ ବିଷୟ ବର୍ଣ୍ଣନା କରନ୍ତି, ତାହା ଈଶ୍ୱରଙ୍କ ସହିତ ଆମର ନିବିଡ଼ ଆତ୍ମିକ ସାନ୍ନିଧ୍ୟକୁ ଭଙ୍ଗ କରିପାରେ ଏବଂ ତାଙ୍କଠାରୁ ଆମର ସ୍ୱାଭାବିକ ଜୀବନକୁ ପୃଥକ୍ କରିଦିଏ । କିନ୍ତୁ ଆତ୍ମିକ ସ୍ତରରେ ଈଶ୍ୱରଙ୍କ ପ୍ରେମ ଏବଂ ପବିତ୍ର ଲୋକଙ୍କ ଆତ୍ମିକ ସଂଗତି ମଧ୍ୟରେ କୌଣସି ବିଷୟ ବାଧା ସୃଷ୍ଟି କରିପାରେ ନାହିଁ । ଖ୍ରୀଷ୍ଟୀୟ ବିଶ୍ୱାସର ମୂଳଭିତ୍ତି ହେଉଛି, କାଲ୍‌ଭରୀ କ୍ରୁଶରେ ପ୍ରଦର୍ଶିତ ଈଶ୍ୱରଙ୍କ ଅଯାଚିତ, ଅସୀମ ଏବଂ ଆଶ୍ଚର୍ଯ୍ୟ ପ୍ରେମ – ଯେଉଁ ପ୍ରେମ ଅର୍ଜିତ ନୁହେଁ ବା ଅର୍ଜନ କରାଯାଇ ନ ପାରେ । ପାଉଲଙ୍କ କହିବା ଅନୁସାରେ ଏହି କାରଣରୁ "ଆମେମାନେ ଏହି ସମସ୍ତ ବିଷୟରେ ସର୍ବତୋଭାବେ ବିଜୟୀ ଅଟୁ ।" ଆମକୁ ଭାବବିହ୍ୱଳ କରୁଥିବା ଆନନ୍ଦ ଅନୁଭବ କରି ଆମେ ପରମ ବିଜୟୀ ହେଉ ।

ଯେଉଁ ଉତ୍ତୁଙ୍ଗ ଲହରୀମାଳା ସାଧାରଣ ସନ୍ତରଣକାରୀକୁ ଭୟଭୀତ କରେ, ତାହା ଜଣେ ପେଶାଦାର କ୍ରୀଡ଼ା ସନ୍ତରଣକାରୀକୁ ରୋମାଞ୍ଚିତ କରେ । ଆମେ ନିଜର ପରିସ୍ଥିତିରେ ଏହାକୁ ପ୍ରୟୋଗ କରୁ । ଦୁଃଖ, ଯନ୍ତ୍ରଣା ଏବଂ ନିର୍ଯ୍ୟାତନା ଭଳି ଯେଉଁ ବିଷୟଗୁଡ଼ିକରୁ ଆମେ ନିଜକୁ ପୃଥକ୍ କରି ତାହା ବିରୁଦ୍ଧରେ ସଂଘର୍ଷ କରୁ, ସେହି ସବୁ ବିଷୟ ଆମ ମଧ୍ୟରେ ଉଚ୍ଛୁଳା ଆନନ୍ଦ ଜନ୍ମାଇ ଥାଏ । "ଆମେମାନେ ତାହାଙ୍କ ଦ୍ୱାରା ସର୍ବତୋଭାବେ ବିଜୟୀ", "ଏ ସମସ୍ତ ବିଷୟରେ", ଏ ସବୁ ବ୍ୟତିରକେ ନୁହେଁ, ଏ ସମସ୍ତ ମଧ୍ୟରେ । ଜଣେ ବ୍ୟକ୍ତି ଦୁଃଖ ବ୍ୟତିରକେ ଈଶ୍ୱରଙ୍କ ଆନନ୍ଦ ଅନୁଭବ କରନ୍ତି ନାହିଁ, କିନ୍ତୁ ତାଙ୍କ ପାଇଁ ଈଶ୍ୱରଙ୍କ ଆନନ୍ଦ ଅନୁଭବ କରିବାର *କାରଣ* ହେଉଛି ଦୁଃଖ ।

ପାଉଲ କହିଲେ, "ଆମମାନଙ୍କ ସମସ୍ତ କ୍ଳେଶରେ ମୋର ଆନନ୍ଦ ଉଚ୍ଛୁଳି ପଡୁଛି" (୨ କରିନ୍ଥୀୟ ୭:୪) ।

ଉଚ୍ଛୁଳା ଆନନ୍ଦର ଫଳ ସ୍ୱରୂପ ଅମଳିନ ଜ୍ୟୋତିଃ ଅସ୍ଥାୟୀ ବିଷୟ ଉପରେ ନୁହେଁ, ମାତ୍ର ଅପରିବର୍ତ୍ତନୀୟ ଈଶ୍ୱରଙ୍କ ପ୍ରେମ ଉପରେ ପ୍ରତିଷ୍ଠିତ । ଆମ ଜୀବନର ଦୈନନ୍ଦିନ ଘଟଣା ସମ୍ବଳିତ ଅନୁଭୂତି କିମ୍ବା ଆଶଙ୍କାପୂର୍ଣ୍ଣ କୌଣସି ପରିସ୍ଥିତି "ଖ୍ରୀଷ୍ଟ ଯୀଶୁ ଆମର ପ୍ରଭୁଙ୍କ ମଧ୍ୟରେ ଥିବା ଈଶ୍ୱରଙ୍କ ପ୍ରେମରୁ ଆମକୁ ବିଚ୍ଛିନ୍ନ କରିବା" ପାଇଁ ଅସମର୍ଥ (ରୋମୀୟ ୮:୩୯) ।

ମାର୍ଚ୍ଚ ୮

# ସମର୍ପିତ ଜୀବନ

**ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଛି ।**

**ଗାଲାତୀୟ ୨:୨୦**

ଯୀଶୁଙ୍କ ସହିତ ଏକ ହେବା ପାଇଁ ଜଣେ ବ୍ୟକ୍ତିଙ୍କ ପାଇଁ କେବଳ ପାପ ପରିତ୍ୟାଗ କରିବା ଆବଶ୍ୟକ ନୁହେଁ, ମାତ୍ର ସବୁ ବିଷୟ ପ୍ରତି ତାଙ୍କର ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ଆବଶ୍ୟକ । ଈଶ୍ୱରଙ୍କ ଆତ୍ମାରେ ନୂତନ ଜନ୍ମର ଅର୍ଥ ହେଉଛି, ଏହା ପୂର୍ବରୁ ପ୍ରଥମେ କିଛି ବିଷୟକୁ ଦୃଢ଼ ରୂପେ ଧରି ରଖିବା ଆଗରୁ କିଛି ବିଷୟକୁ ଛାଡ଼ିବା ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ । ପ୍ରଥମେ ଆମକୁ ଆମର ଛଳନା ଏବଂ ପ୍ରତାରଣାକୁ ସମର୍ପଣ କରିବାକୁ ହେବ । ପ୍ରଭୁ ଆମର ଯେଉଁ ସମର୍ପିତ ବିଷୟ ଅପେକ୍ଷା କରନ୍ତି, ତାହା ଆମର ଉତ୍ତମତା, କିମ୍ବା ଆମ ଉତ୍ତମ ଜୀବନର ପ୍ରଚେଷ୍ଟା ନୁହେଁ, ମାତ୍ର ତାହା ହେଉଛି ଆମର କଠିନ ପାପ । ବାସ୍ତବିକ୍, ସେ ଆମଠାରୁ କେବଳ ତାହାହିଁ ନିଅନ୍ତି । ଆଉ ତାହାର ପ୍ରତିବଦଳରେ ସେ ଆମକୁ ତାଙ୍କର ଶକ୍ତିଯୁକ୍ତ ପ୍ରକୃତ ଧାର୍ମିକତା ଦିଅନ୍ତି । କିନ୍ତୁ ଆମକୁ ଆମର ଲୋକ ଦେଖାଣିଆ ଛଳନାତ୍ମକ ସ୍ୱଭାବକୁ ସମର୍ପଣ କରିବାକୁ ହେବ ଏବଂ ଆମେ ଯେ ଈଶ୍ୱରଙ୍କ ପ୍ରଣିଧାନ ଯୋଗ୍ୟ, ଏହାର ସମସ୍ତ ଦାବିକୁ ଛାଡ଼ିବାକୁ ହେବ ।

ଏ ସବୁ କରିବା ପରେ ଆମେ ପରବର୍ତ୍ତୀ କେଉଁ ବିଷୟ ସମର୍ପଣ କରିବା, ତାହା ଈଶ୍ୱରଙ୍କ ଆତ୍ମା ଆମକୁ ଜଣାଇବେ । ଏହି ପ୍ରତ୍ୟେକ ପଦକ୍ଷେପ ନେବାର ପ୍ରକ୍ରିୟାରେ ଆମକୁ ନିଜର ଅଧିକାର ସଂପର୍କିତ ଦାବିକୁ ମଧ୍ୟ ଛାଡ଼ିବାକୁ ହେବ । ଜୀବନର ଯେଉଁ ସବୁ ବିଷୟ ଉପରେ ଦୃଢ଼ ଅଧିକାର ଅଛି, ଯଥା ଆମର ଧନ ସଂପତ୍ତି, ଅଭିଳାଷ ଏବଂ ଅନ୍ୟ ସବୁ ବିଷୟକୁ ଆମେ କ'ଣ ସମର୍ପଣ କରିବା ପାଇଁ ପ୍ରସ୍ତୁତ ? ଆମେ କ'ଣ ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁରେ ଜଡ଼ିତ ହେବା ପାଇଁ ପ୍ରସ୍ତୁତ ?

ପୂର୍ଣ୍ଣ ସମର୍ପଣ ପୂର୍ବରୁ ଆମେ ଦୁଃଖଦାୟକ ପରିସ୍ଥିତିର ସମ୍ମୁଖୀନ ହେବା । ଯେତେବେଳେ ଲୋକମାନେ ପ୍ରକୃତରେ ନିଜକୁ ପ୍ରଭୁଙ୍କ ଦୃଷ୍ଟିକୋଣରୁ ଦେଖନ୍ତି, ସେମାନଙ୍କ ଶୋଚନୀୟ ଶାରୀରିକ ପାପ ସେମାନଙ୍କୁ ସ୍ତମ୍ଭିତ କରେ ନାହିଁ, ମାତ୍ର ଯୀଶୁଖ୍ରୀଷ୍ଟଙ୍କ ବିରୋଧାତ୍ମକ ବିଷୟ ଅର୍ଥାତ୍ ସେମାନଙ୍କ ହୃଦୟର ଗର୍ବ ଅହଙ୍କାର ସେମାନଙ୍କୁ ଆଚମ୍ବିତ କରେ । ଯେତେବେଳେ ସେମାନେ ପ୍ରଭୁଙ୍କ ଆଲୋକରେ ନିଜକୁ ନିରୀକ୍ଷଣ କରନ୍ତି, ଘୃଣା ଏବଂ ଲଜ୍ଜାରେ ସେମାନେ ଦୋଷୀ ସାବ୍ୟସ୍ତ ହୁଅନ୍ତି ।

ସମର୍ପଣ କରିବେ ବା ନ କରିବେ, ଆପଣ ଯେତେବେଳେ ଏହି ଅନିଶ୍ଚିତତାର ସମ୍ମୁଖୀନ ହୁଅନ୍ତି, ସେତେବେଳେ ଏହି ସଂକଟ ମଧ୍ୟରେ ଆପଣଙ୍କ ସର୍ବସ୍ୱ ଏବଂ ନିଜସ୍ୱ ସମସ୍ତ ବିଷୟକୁ ଈଶ୍ୱରଙ୍କୁ ସମର୍ପଣ କରିବାର ଦୃଢ଼ ସିଦ୍ଧାନ୍ତ ନିଅନ୍ତୁ । ଈଶ୍ୱର ଆପଣଙ୍କଠାରୁ ଯେଉଁ କାର୍ଯ୍ୟ ଅପେକ୍ଷା କରନ୍ତି, ତାହା କରିବା ପାଇଁ ଆପଣଙ୍କୁ ପ୍ରସ୍ତୁତ କରିବେ ।

ମାର୍ଚ୍ଚ ୯

# ଯୀଶୁଙ୍କ ପ୍ରତି ବିମୁଖ ହୋଇଛନ୍ତି ଅବା ତାଙ୍କ ସହିତ ଚାଲୁଛନ୍ତି ?

### ତୁମେମାନେ ମଧ୍ୟ କ'ଣ ଛାଡ଼ି ଚାଲିଯିବାକୁ ଇଚ୍ଛା କରୁଛ ?
### ଯୋହନ ୬:୬୭

କି ହୃଦୟ ବିଦାରକ ପ୍ରଶ୍ନ ! ପ୍ରଭୁ ଯେତେବେଳେ ସରଳ ଉପାୟରେ କଥା କହନ୍ତି, ତାହା ଆମ ଉପରେ ଅଧିକ ପ୍ରଭାବ ପକାଏ । ଆମେ ଯୀଶୁଙ୍କୁ ଜାଣିଥିଲେ ମଧ୍ୟ ସେ ଆମକୁ ପଚାରନ୍ତି, ''ତୁମେ କ'ଣ ମୋତେ ଛାଡ଼ି ଚାଲିଯିବ ?'' ବ୍ୟକ୍ତିଗତ ରୂପେ ବିପଦ ବରଣ କରି ଆମକୁ ତାଙ୍କ ସହିତ ନିରବଚ୍ଛିନ୍ନ ଭାବେ ଏକ ଦୁଃସାହସିକ ମନୋଭାବ ରକ୍ଷା କରିବା ଉଚିତ୍ ।

ସେହି ସମୟରୁ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଅନେକ ବିମୁଖ ହୋଇ ଆଉ ତାହାଙ୍କର ଅନୁଗମନ କଲେ ନାହିଁ'' (ଯୋହନ ୬:୬୬) । ସେମାନେ ଯୀଶୁଙ୍କଠାରୁ ବିମୁଖ ହୋଇ ପାପ ମଧ୍ୟକୁ ଗଲେ ନାହିଁ, ମାତ୍ର ତାଙ୍କଠାରୁ ଦୂରକୁ ଚାଲିଗଲେ । ଆଜି ଅନେକ ଲୋକ ଯୀଶୁଙ୍କ ପାଇଁ ଜୀବନର ସବୁ କିଛି ଉତ୍ସର୍ଗ କରି ତାଙ୍କର କାର୍ଯ୍ୟ କରୁଛନ୍ତି, କିନ୍ତୁ ପ୍ରକୃତରେ ତାଙ୍କ ସହିତ ଚାଲୁ ନାହାନ୍ତି । ନିରନ୍ତର ପ୍ରଭୁ ଆମଠାରୁ ଗୋଟିଏ ବିଷୟ ଅପେକ୍ଷା କରନ୍ତି, ତା' ହେଉଛି, ଯୀଶୁ ଖ୍ରୀଷ୍ଟଙ୍କ ସହିତ ଏକ ହେବା । ପବିତ୍ରୀକରଣ ଦ୍ୱାରା ପୃଥକୀକୃତ ହେବା ପରେ ଏହି ନିବିଡ଼ ଏକତ୍ୱ ଭାବକୁ ଚାଲୁ ରଖିବା ପାଇଁ ଆମେ ଆମର ଆତ୍ମିକ ଜୀବନକୁ ଶୃଙ୍ଖଳିତ କରିବା ଆବଶ୍ୟକ । ଯେତେବେଳେ ଈଶ୍ୱର ଆପଣଙ୍କ ଜୀବନ ପାଇଁ ତାଙ୍କର ଇଚ୍ଛାକୁ ସ୍ପଷ୍ଟ ରୂପେ ଦର୍ଶାନ୍ତି, ତେବେ ଏକ ନିର୍ଦ୍ଦିଷ୍ଟ ଉପାୟରେ ସେହି ସଂପର୍କକୁ ବଞ୍ଚାଇ ରଖିବାର ପ୍ରୟାସ ନିତାନ୍ତ ଅନାବଶ୍ୟକ । ଯୀଶୁଖ୍ରୀଷ୍ଟଙ୍କ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ହୋଇ ଏକ ସ୍ୱାଭାବିକ ଜୀବନ ଯାପନ ହିଁ ଆମର ଆବଶ୍ୟକତା । ଈଶ୍ୱରଙ୍କ ଉପାୟ ବ୍ୟତୀତ ଆଉ ଅନ୍ୟ କୌଣସି ଉପାୟରେ ଈଶ୍ୱରଙ୍କ ସହିତ ଆପଣଙ୍କ ଜୀବନ ଅତିବାହିତ କରିବାର ପ୍ରୟାସ କରନ୍ତୁ ନାହିଁ । ଆଉ ତାଙ୍କର ଉପାୟ ହେଉଛି, ତାଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପଣ ଓ ଭକ୍ତି । ସମ୍ମୁଖରେ ଥିବା ଅନିଶ୍ଚିତତା ପ୍ରତି ନିର୍ବିକାର ମନୋଭାବ ହେଉଛି ଯୀଶୁଙ୍କ ସହିତ ଚାଲିବାର ରହସ୍ୟ ।

ପିତର ଯୀଶୁଙ୍କ ମଧ୍ୟରେ ଏପରି ଜଣେ ବ୍ୟକ୍ତିଙ୍କୁ ଦେଖିଲେ, ଯିଏ ତାଙ୍କୁ ଏବଂ ଜଗତକୁ ପରିତ୍ରାଣ କରିବା ପାଇଁ ସମର୍ଥ ଥିଲେ । କିନ୍ତୁ ଆମର ପ୍ରଭୁ ଇଚ୍ଛା କରନ୍ତି, ଆମେ ଯେପରି ତାଙ୍କର ସହକର୍ମୀ ହେବା ।

୭୦ ପଦରେ ଯୀଶୁ ପ୍ରେମରେ ପିତରଙ୍କୁ ସ୍ମରଣ କରାଇ ଦେଲେ ଯେ, ପିତର ତାଙ୍କ ସହିତ ଯିବା ପାଇଁ ମନୋନୀତ ହୋଇଥିଲେ । ଆମ ପ୍ରତ୍ୟେକଙ୍କୁ ନିଜ ପାଇଁ ଏହି ପ୍ରଶ୍ନର ଉତ୍ତର ଦେବାକୁ ହେବ : ''ତୁମେ କ'ଣ ବିମୁଖ ହୋଇ ଚାଲିଯିବ ?''

# ତାଙ୍କ ସମ୍ବାଦର ଉଦାହରଣ ହେବା

**ବାକ୍ୟ ପ୍ରଚାର କର ।**
**୨ ତିମଥି ୪:୨**

ଆମେ କେବଳ ଈଶ୍ୱରଙ୍କ ଅସ୍ତ୍ର ରୂପେ ବ୍ୟବହୃତ ହେବା ପାଇଁ ନୁହେଁ, ମାତ୍ର ତାଙ୍କର ପୁତ୍ର କନ୍ୟା ହେବା ପାଇଁ ପରିତ୍ରାଣ ପ୍ରାପ୍ତ ହୋଇଛୁ । ଈଶ୍ୱର ଆମକୁ ଆତ୍ମିକ କର୍ତ୍ତା ରୂପେ ନୁହେଁ, ମାତ୍ର ଆତ୍ମିକ ସମ୍ବାଦବାହକ ରୂପେ ନିଯୁକ୍ତ କରିଛନ୍ତି ଏବଂ ଏହି ସମ୍ବାଦ ଆମର ଅଂଶ ବିଶେଷ ହେବା ଆବଶ୍ୟକ । ଈଶ୍ୱରଙ୍କ ପୁତ୍ର ଈଶ୍ୱରଙ୍କ ନିଜର ସମ୍ବାଦ ଥିଲେ – ''ମୁଁ ତୁମମାନଙ୍କୁ ଯେଉଁସବୁ ବାକ୍ୟ କହିଛି, ସେହି ସବୁ ଆତ୍ମା ଓ ଜୀବନ'' (ଯୋହନ ୬:୬୩) । ତାଙ୍କର ଶିଷ୍ୟ ରୂପେ ଆମର ଜୀବନ ଆମ ସମ୍ବାଦରେ ନିହିତ ବାସ୍ତବତାର ଏକ ପବିତ୍ର ଉଦାହରଣ ହେବା ଉଚିତ୍ । ଜଣେ ଉଦ୍ଧାରପ୍ରାପ୍ତ ହୋଇ ନ ଥିବା ବ୍ୟକ୍ତିଙ୍କ ହୃଦୟ ମଧ୍ୟ ଆବଶ୍ୟକ ସ୍ଥଳେ ସେବା କରିବା ପାଇଁ ପ୍ରସ୍ତୁତ ଥାଏ । କିନ୍ତୁ ଈଶ୍ୱରଙ୍କ ସମ୍ବାଦର ପବିତ୍ର ଉଦାହରଣ ହେବା ପାଇଁ ଭଗ୍ନ ଚୂର୍ଣ୍ଣ ଅନ୍ତଃକରଣ, ପାପବୋଧ, ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ଏବଂ ଈଶ୍ୱରଙ୍କ ଉଦ୍ଦେଶ୍ୟ ପ୍ରତି ଖେଦଯୁକ୍ତ ସମର୍ପଣର ଆବଶ୍ୟକତା ରହିଛି ।

ସାକ୍ଷ୍ୟଦାନ ଏବଂ ପ୍ରଚାର ମଧ୍ୟରେ ପାର୍ଥକ୍ୟ ରହିଛି । ଜଣେ ପ୍ରଚାରକ ଈଶ୍ୱରଙ୍କ ଆହ୍ୱାନ ପାଇ ଦୃଢ଼ ରୂପେ ନିଜର ସମସ୍ତ ଶକ୍ତି ବିନିଯୋଗ କରି ଈଶ୍ୱରଙ୍କ ସତ୍ୟ ପ୍ରଚାର କରନ୍ତି । ପେଣ୍ଟିକଷ୍ଟ ପରେ ଈଶ୍ୱର ଶିଷ୍ୟମାନଙ୍କ ଜୀବନରେ ଯେପରି କାର୍ଯ୍ୟ କରିଥିଲେ, ସେହି ରୂପେ ଆମ ଜୀବନରେ ସେ ଆମକୁ ଆମର ଅଭିଳାଷ ଓ ଆକାଂକ୍ଷାର ଅପର ପାର୍ଶ୍ୱକୁ ନେଇ ତାଙ୍କର ଉଦ୍ଦେଶ୍ୟରେ ଏବଂ ତାଙ୍କ ଇଚ୍ଛାନୁସାରେ ଆମକୁ ଗଢ଼ନ୍ତି । ଶିଷ୍ୟମାନଙ୍କୁ କିଛି ଶିଖାଇବା ପେଣ୍ଟିକଷ୍ଟର ଉଦ୍ଦେଶ୍ୟ ନ ଥିଲା, ମାତ୍ର ଏହା ଥିଲା, ସେମାନେ ଯାହାଙ୍କ ବିଷୟ ପ୍ରଚାର କରୁଥିଲେ, ଯେପରି ତାଙ୍କର ଶରୀର ଧାରଣକାରୀ ହେବେ ଅର୍ଥାତ୍ ରକ୍ତମାଂସ ଶରୀରରେ ସେମାନେ ଯେପରି ସ୍ୱୟଂ ଈଶ୍ୱରଙ୍କ ସମ୍ବାଦ ରୂପେ ପରିଚିତ ହେବେ... ''ତୁମେମାନେ ମୋର ସାକ୍ଷୀ ହେବ'' (ପ୍ରେରିତ ୧:୮) ।

ଆପଣ କହିବା ସମୟରେ ଆପଣଙ୍କ ଜୀବନରେ ଈଶ୍ୱରଙ୍କ ସଂପୂର୍ଣ୍ଣ ସ୍ୱାଧୀନତାକୁ ଅନୁମତି ଦିଅନ୍ତୁ । ଈଶ୍ୱରଙ୍କ ସମ୍ବାଦ ଅନ୍ୟମାନଙ୍କ ଜୀବନକୁ ମୁକ୍ତ କରିବା ପୂର୍ବରୁ ସେହି ମୁକ୍ତିର ଅନୁଭୂତି ଆପଣଙ୍କ ଜୀବନରେ ବାସ୍ତବ ହେବା ଆବଶ୍ୟକ । ସାବଧାନ ହୋଇ ସମସ୍ତ ଉପକରଣ ଏକାଠି କରିବା ପରେ ଆପଣଙ୍କ କଥାକୁ ଈଶ୍ୱରଙ୍କ ଗୌରବ ଉଦ୍ଦେଶ୍ୟରେ ''ଅଗ୍ନି ସ୍ଫୁଲିଙ୍ଗ'' ରୂପେ ବ୍ୟବହାର କରିବା ପାଇଁ ଈଶ୍ୱରଙ୍କୁ ଅନୁମତି ଦିଅନ୍ତୁ ।

## ମାର୍ଚ୍ଚ ୧୧

# ସ୍ୱର୍ଗୀୟ ଦର୍ଶନ ପ୍ରତି ବାଧ୍ୟତା

**ମୁଁ ସେହି ସ୍ୱର୍ଗୀୟ ଦର୍ଶନର ଅବାଧ୍ୟ ହେଲି ନାହିଁ ।**

**ପ୍ରେରିତ ୨୬:୧୯**

ଆମେ ଯଦି ଈଶ୍ୱରଙ୍କ ଠାରୁ ପ୍ରାପ୍ତ ''ସ୍ୱର୍ଗୀୟ ଦର୍ଶନ'' କୁ ହରାଇବା, ତେବେ ସେଥିପାଇଁ କେବଳ ଆମେ ଦାୟୀ – ଈଶ୍ୱର ନୁହଁନ୍ତି । ନିଜର ଆତ୍ମିକ ବୃଦ୍ଧିର ଅଭାବ ହେତୁ ଆମେ ସେହି ଦର୍ଶନକୁ ହରାଇଥାଉ । ଦୈନନ୍ଦିନ ଜୀବନର ବିଭିନ୍ନ ବିଷୟ ପ୍ରତି ଆମେ ଯଦି ଈଶ୍ୱରଙ୍କ ସଂପର୍କିତ ଆମର ବିଶ୍ୱାସକୁ ପ୍ରୟୋଗ ନ କରୁ, ତେବେ ଈଶ୍ୱରଙ୍କ ଦର୍ଶନ ଆଦୌ ସଫଳ ହେବ ନାହିଁ । ''ସ୍ୱର୍ଗୀୟ ଦର୍ଶନ'' ପ୍ରତି ବିଶ୍ୱସ୍ତ ହେବାର ଏକମାତ୍ର ଉପାୟ ହେଉଛି, ଈଶ୍ୱରଙ୍କ ସର୍ବୋଚ୍ଚ ଗୌରବ ପାଇଁ ଆମର ସର୍ବୋତ୍ତମ ପ୍ରଚେଷ୍ଟା– ତାଙ୍କର ଗୌରବ ପାଇଁ ଆମର ସର୍ବୋତ୍ତମ କାର୍ଯ୍ୟ । ଏହା ସାଧିତ ହେବ ଯଦି ଆମେ ଦୃଢ଼ ଭାବେ ନିରନ୍ତର ଈଶ୍ୱରଙ୍କ ଦର୍ଶନ ବିଷୟ ସ୍ମରଣ କରିବା । କିନ୍ତୁ ଏହାର କଠିନ ପରୀକ୍ଷା ହେଉଛି ଯେ, ଆମେ ଦର୍ଶନ ପ୍ରତି ଆମ ଦୈନନ୍ଦିନ ଜୀବନର ଛୋଟ ଛୋଟ ବିଷୟରେ ବାଧ୍ୟ ହେବା – କେବଳ ବ୍ୟକ୍ତିଗତ ଧ୍ୟାନ ବା ସାଧାରଣ ସଭାରେ ନୁହେଁ– ମାତ୍ର ପ୍ରତି ମିନିଟ୍‌ର ଷାଠିଏ ସେକେଣ୍ଡ ଏବଂ ପ୍ରତି ଘଣ୍ଟାର ଷାଠିଏ ମିନିଟ୍ ପାଇଁ ମଧ୍ୟ ଏହି ବାଧ୍ୟତା ଅତି ଜରୁରୀ । ''ଯଦିବା ବିଳମ୍ୱ ଘଟୁଛି, ଏଥିନିମନ୍ତେ ଅପେକ୍ଷା କର'' (ହବ୍‌କୂକ ୨:୩) । ଆମ ନିଜ ପ୍ରଚେଷ୍ଟାରେ ଆମେ ଦର୍ଶନର ସଫଳତା ଆଣିପାରିବା ନାହିଁ, କିନ୍ତୁ ଯେ ପର୍ଯ୍ୟନ୍ତ ଦର୍ଶନ ନିଜେ ନିଜକୁ ସଫଳ ନ କରିଛି, ଆମେ ତାହାର ପ୍ରେରଣାର ଅଧୀନସ୍ଥ ହୋଇ ରହିବା । ଆମେ ବ୍ୟାବହାରିକ ହେବା ପାଇଁ ଏତେ ଚେଷ୍ଟିତ ହେଉ ଯଦ୍ଦ୍ୱାରା ଆମେ ଦର୍ଶନକୁ ଭୁଲିଯାଉ । ପ୍ରାରମ୍ଭରେ ଆମେ ଦର୍ଶନ ଦେଖିଲୁ କିନ୍ତୁ ତା' ପାଇଁ ଅପେକ୍ଷା କଲୁ ନାହିଁ । ଆମର ବ୍ୟବହାରିକ କାର୍ଯ୍ୟ କରିବାକୁ ଆମେ ବ୍ୟଗ୍ର ହୋଇ ବାହାରି ପଡ଼ିଲୁ ଏବଂ ଦର୍ଶନ ସଫଳ ହେବା ସହ ଆମେ ଦେଖିବା ମଧ୍ୟ ବନ୍ଦ କରିଦେଲୁ । ଦର୍ଶନ ''ଅପେକ୍ଷା'' ରେ ରହିବା ହେଉଛି, ଈଶ୍ୱରଙ୍କ ପ୍ରତି ଆମ ବିଶ୍ୱସ୍ତତାର ପ୍ରକୃତ ପରୀକ୍ଷା । ଆମ ଆତ୍ମାର ଉନ୍ନତିକୁ ବିପନ୍ନ କରି ଆମେ ବ୍ୟବହାରିକ କାର୍ଯ୍ୟରେ ଏତେ ବ୍ୟସ୍ତ ରହୁ ଯେ, ସେହି କାରଣରୁ ସଫଳ ହୋଇଥିବା ଦର୍ଶନକୁ ଦେଖିବାର ସୁଯୋଗରୁ ବଞ୍ଚିତ ହେଉ ।

ଈଶ୍ୱରଙ୍କ ଝଡ଼ ପାଇଁ ପ୍ରସ୍ତୁତ ଥା'ନ୍ତୁ । ତାଙ୍କର ପବିତ୍ର ଲୋକଙ୍କୁ ରୋପଣ କରିବା ପାଇଁ ଈଶ୍ୱରଙ୍କ ଏକମାତ୍ର ଉପାୟ ହେଉଛି, ଝଡ଼ର ଘୂର୍ଣ୍ଣିବାୟୁ । ଆପଣ କ'ଣ ଏକ ମଞ୍ଜି ବିହୀନ ଶିମ୍ୱ ଭଳି ନିଜକୁ ପ୍ରମାଣ କରିବେ ? ଆପଣ ଦେଖିଥିବା ଦର୍ଶନର ଆଲୋକ ମଧ୍ୟରେ ବାସ କରୁଛନ୍ତି କି ନାହିଁ, ଏହା ସେହି ଅବସ୍ଥା ଉପରେ ନିର୍ଭର କରେ । ଈଶ୍ୱର ତାଙ୍କ ଝଡ଼ ମଧ୍ୟରେ ଆପଣଙ୍କୁ ପଠାଇ ଦିଅନ୍ତୁ, ଏବଂ ସେ ନ ପଠାଇବା ପର୍ଯ୍ୟନ୍ତ ଯାଆନ୍ତୁ ନାହିଁ । ଆପଣ ନିଜେ ଯଦି ଆପଣଙ୍କ ରୋପିତ ହେବାର ସ୍ଥାନ ବାଛି ନିଅନ୍ତି, ତେବେ ଆପଣ ଶୁଷ୍କ ଏବଂ ଫଳହୀନ ରୂପେ ପ୍ରମାଣିତ ହେବେ । ଅନ୍ୟ ପକ୍ଷରେ ରୋପିତ ହେବା ପାଇଁ ଆପଣ ଯଦି ଈଶ୍ୱରଙ୍କୁ ଅନୁମତି ଦିଅନ୍ତି, ତେବେ ଆପଣ ''ପ୍ରଚୁର ଫଳ ଧାରଣ'' କରିବେ (ଯୋହନ ୧୫:୮) ।

ଏହା ଅତ୍ୟନ୍ତ ଆବଶ୍ୟକ ଯେ, ଆମେ ଆମ ପାଇଁ ଈଶ୍ୱରଙ୍କ ଦର୍ଶନର ''ଜ୍ୟୋତିଃରେ ଗମନ କରୁ'' ଏବଂ ବଞ୍ଚି ରହୁ (୧ ଯୋହନ ୧:୭) ।

## ମାର୍ଚ୍ଚ ୧୨

# ସଂପୂର୍ଣ୍ଣ ସମର୍ପଣ

### ପିତର ତାହାଙ୍କୁ କହିଲେ, ‘‘ଦେଖନ୍ତୁ, ଆମେ ଆପଣଙ୍କ ଅନୁଗାମୀ ହେବା ପାଇଁ ସର୍ବସ୍ୱ ତ୍ୟାଗ କରିଛୁ ।’’
### ମାର୍କ ୧୦:୨୮

ପିତରଙ୍କ ଏହି କଥାର ଉତ୍ତରରେ ଆମର ପ୍ରଭୁ କହନ୍ତି ଯେ, ଏହି ସମର୍ପଣ ‘‘ମୋ ପାଇଁ ଓ ସୁସମାଚାର ପାଇଁ’’ (ଯୋହନ ୧୦:୨୯) । ଶିଷ୍ୟମାନେ ସେଥିରୁ କ’ଣ ପାଇବେ, ଏହା ସେହି ଉଦ୍ଦେଶ୍ୟ ମଧ୍ୟରେ ନ ଥିଲା । ସମର୍ପଣ ମଧ୍ୟରେ ଯେପରି ଅନ୍ୟ କୌଣସି ବ୍ୟକ୍ତିଗତ ଅଭିପ୍ରାୟ ନ ଥାଏ, ସେ ବିଷୟରେ ସାବଧାନ ରୁହନ୍ତୁ । ଉଦାହରଣ ରୂପେ ‘‘ମୁଁ ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପଣ କରୁଛି, କାରଣ ମୁଁ ପାପରୁ ଉଦ୍ଧାର ପାଇବାକୁ ଚାହେଁ, କାରଣ ମୁଁ ପବିତ୍ର ହେବାକୁ ଇଚ୍ଛା କରେ ।’’ ପାପରୁ ଉଦ୍ଧାର ପାଇବା ବା ପବିତ୍ର ହେବା ଈଶ୍ୱରଙ୍କ ସହ ଯଥାର୍ଥ ସଂପର୍କର ଫଳ କିନ୍ତୁ ଏହି ପ୍ରକାର ଚିନ୍ତାଧାରା ନେଇ ସମର୍ପିତ ହେବା ଖ୍ରୀଷ୍ଟଧର୍ମର ପ୍ରକୃତ ରୂପ ନୁହେଁ । ବ୍ୟକ୍ତିଗତ ଫାଇଦା ଉଠାଇବା ମନୋଭାବ ଆମ ସମର୍ପଣର ଉଦ୍ଦେଶ୍ୟ ହେବା ଉଚିତ୍ ନୁହେଁ । ଆମେ ଏତେ ସ୍ୱାର୍ଥକୈନ୍ଦ୍ରିକ ହୋଇଛୁ ଯେ, ଆମେ କିଛି ପାଇବା ଆଶାରେ ଈଶ୍ୱରଙ୍କ ନିକଟକୁ ଯାଉ, କିନ୍ତୁ ସ୍ୱୟଂ ଈଶ୍ୱରଙ୍କ ପାଇଁ ନୁହେଁ । ଏହା ଏହି କଥା କହିବା ସହିତ ସମାନ, ‘‘ନା, ପ୍ରଭୁ, ତୁମକୁ ଚାହେଁ ନାହିଁ, ମୁଁ କେବଳ ନିଜକୁ ଚାହେଁ, କିନ୍ତୁ ମୁଁ ନିଶ୍ଚୟ ଇଚ୍ଛା କରୁଛି ଯେ, ତୁମେ ମୋତେ ପରିଷ୍କାର କର ଏବଂ ତୁମର ପବିତ୍ର ଆତ୍ମାଙ୍କ ଶକ୍ତିରେ ପୂର୍ଣ୍ଣ କର । ମୁଁ ତୁମ ପ୍ରଦର୍ଶନ– ଝରକାରେ ସଜ୍ଜିତ ହେବା ପାଇଁ ଚାହେଁ ଯେପରି ମୁଁ କହିପାରିବି, ‘ଈଶ୍ୱର ମୋ ପ୍ରତି ଏ ସବୁ କରିଛନ୍ତି’’ । ସ୍ୱର୍ଗଲାଭ, ପାପରୁ ମୁକ୍ତି ଏବଂ ଈଶ୍ୱରଙ୍କ ବ୍ୟବହାର ଯୋଗ୍ୟ ହେବା, ଏ ସମସ୍ତ ପ୍ରକୃତ ସମର୍ପଣର ବିଚାର ଯୋଗ୍ୟ ବିଷୟ ନୁହେଁ । ପ୍ରକୃତ ଏବଂ ସଂପୂର୍ଣ୍ଣ ସମର୍ପଣର ଅର୍ଥ ହେଉଛି, ସବୁ ବିଷୟକୁ ପଛରେ ପକାଇ ବ୍ୟକ୍ତିଗତ ରୂପେ ଯୀଶୁ ଖ୍ରୀଷ୍ଟଙ୍କୁ ଜୀବନରେ ପ୍ରଥମ ସ୍ଥାନ ଦେବା ।

ଆମର ସ୍ୱାଭାବିକ ସଂପର୍କ ବିଷୟ ଚିନ୍ତା କଲେ ପ୍ରଶ୍ନ ଉଠେ, ଯୀଶୁ ଖ୍ରୀଷ୍ଟଙ୍କ ସ୍ଥାନ କେଉଁଠି ? ଆମ ମଧ୍ୟରୁ ଅଧିକାଂଶ ଏହି ଆଳ ଦେଖାଇ ତାଙ୍କଠାରୁ ବିମୁଖ ହେବୁ– ‘‘ହଁ ପ୍ରଭୁ, ମୁଁ ତୁମର ଡାକ ଶୁଣିଲି, କିନ୍ତୁ ମୋ ପରିବାର ମୋତେ ଅଧିକ ଆବଶ୍ୟକ କରନ୍ତି ଏବଂ ମୋର ନିଜର ରୁଚି ଅଛି, ମୁଁ ଆଉ ଆଗ ବଢ଼ି ଯାଇପାରିବି ନାହିଁ’’ (ଲୂକ ୯:୫୭–୬୨ ଦେଖନ୍ତୁ) । ‘‘ତେବେ’’ ଯୀଶୁ କହନ୍ତି, ‘‘ତୁମେ ମୋର ଶିଷ୍ୟ ହୋଇପାରିବ ନାହିଁ’’ (ଲୂକ ୧୪:୨୬–୩୩ ଦେଖନ୍ତୁ) ।

ପ୍ରକୃତ ସମର୍ପଣ ସ୍ୱାଭାବିକ ଭକ୍ତିଠାରୁ ବଳି ଅଧିକ । ଯଦି ଆମେ କେବଳ ତ୍ୟାଗ କରିବୁ, ତେବେ ଈଶ୍ୱର ନିଜକୁ ସମର୍ପଣ କରିବେ ଏବଂ ଆମ ଚତୁଃପାର୍ଶ୍ୱରେ ଥିବା ଲୋକମାନଙ୍କୁ ଆଲିଙ୍ଗନ କରିବା ସହିତ ଆମ ସମର୍ପଣ ଦ୍ୱାରା ଆମେ ସେମାନଙ୍କ ମଧ୍ୟରେ ଯେଉଁ ଅଭାବ ସୃଷ୍ଟି କରିଛୁ, ଈଶ୍ୱର ସେହି ଅଭାବ ପୂରଣ କରିବେ । ଈଶ୍ୱରଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପଣ ପାଇଁ କିଛି ଦୂର ଯାଇ ଅଟକି ଯିବା ପ୍ରତି ସତର୍କ ଦୃଷ୍ଟି ରଖନ୍ତୁ । ଆମ ମଧ୍ୟରୁ ଅଧିକାଂଶ ଲୋକେ ଏହାର ଅର୍ଥର କେବଳ ଦର୍ଶନ ପାଇଛନ୍ତି, କିନ୍ତୁ ପ୍ରକୃତ ରୂପେ ଏହାକୁ ଅନୁଭବ କରିନାହାନ୍ତି ।

## ମାର୍ଚ୍ଚ ୧୩

# ଆମ ପ୍ରତି ଈଶ୍ୱରଙ୍କ ସଂପୂର୍ଣ୍ଣ ସମର୍ପଣ

**କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ... ଦେଲେ ।**
**ଯୋହନ ୩:୧୬**

ପରିତ୍ରାଣ କେବଳ ପାପରୁ ମୁକ୍ତି ବା ବ୍ୟକ୍ତିଗତ ପବିତ୍ରତାର ଅନୁଭୂତିକୁ ବୁଝାଏ ନାହିଁ । ଯେଉଁ ପରିତ୍ରାଣ ଈଶ୍ୱରଙ୍କ ଠାରୁ ଆସେ, ତାହାର ଅର୍ଥ ହେଉଛି, ସଂପୂର୍ଣ୍ଣ ରୂପେ ନିଜଠାରୁ ନିଜକୁ ମୁକ୍ତ କରିବା ଏବଂ ସିଦ୍ଧ ରୂପେ ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା । ମୋର ପରିତ୍ରାଣ ଅନୁଭୂତି ସଂପର୍କରେ ଚିନ୍ତା କରିବା ସମୟରେ ମୁଁ ପାପରୁ ମୁକ୍ତ ହୋଇ ବ୍ୟକ୍ତିଗତ ପବିତ୍ରତା ହାସଲ କରିବା ବିଷୟ ଚିନ୍ତା କରେ । କିନ୍ତୁ ପରିତ୍ରାଣ ଏହାଠାରୁ ଆହୁରି ଯଥେଷ୍ଟ ଅଧିକ । ଏହାର ଅର୍ଥ ହେଉଛି ଯେ, ଈଶ୍ୱରଙ୍କ ଆତ୍ମା ମୋତେ ସ୍ୱୟଂ ଈଶ୍ୱରଙ୍କ ପ୍ରକୃତ ବ୍ୟକ୍ତିଗତ ସଂପର୍କ ମଧ୍ୟକୁ ନେଇ ଆସିଛନ୍ତି । ଆଉ ମୁଁ ଯେତେବେଳେ ଧରା ହୋଇ ଈଶ୍ୱରଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପଣ ମଧ୍ୟକୁ ଆସିଯାଏ, ମୁଁ ଏଭଳି ବିଷୟ ପ୍ରତି ରୋମାଞ୍ଚିତ ହୁଏ ଯାହା ମୋଠାରୁ ଅଧିକ ମହାନ୍ ।

ପବିତ୍ରତା ବା ପବିତ୍ରୀକରଣ ବିଷୟ ପ୍ରଚାର କରିବା ପାଇଁ ଆମେ ଆହୂତ ବୋଲି ଆମେ ଯେତେବେଳେ କହୁ, ଆମେ ମୁଖ୍ୟ ବିଷୟକୁ ହରାଇଥାଉ । ଯୀଶୁଖ୍ରୀଷ୍ଟଙ୍କୁ ପ୍ରଚାର କରିବା ପାଇଁ ଆମେ ଆହୂତ (୧ କରିନ୍ଥୀୟ ୨:୨) । ଏହି ତଥ୍ୟ, ଯେ ସେ ପାପରୁ ରକ୍ଷା କରନ୍ତି ଏବଂ ଆମକୁ ପବିତ୍ର କରନ୍ତି, ବାସ୍ତବରେ ଆମ ପ୍ରତି ଈଶ୍ୱରଙ୍କ ସଂପୂର୍ଣ୍ଣ ଏବଂ ଅଦ୍ଭୁତ ସମର୍ପଣ ଜନିତ ପ୍ରଭାବର ଏକ ଅଂଶ ।

ଆମେ ଯଦି ପ୍ରକୃତରେ ସମର୍ପିତ, ତେବେ ସମର୍ପିତ ହୋଇ ରହିବା ସଂପର୍କିତ ଆମ ନିଜର ପ୍ରୟାସ ବିଷୟରେ ଆମେ ଆଦୌ ସଚେତନ ହେବା ନାହିଁ । ଆମର ସମୁଦାୟ ଜୀବନ ସେହି ବ୍ୟକ୍ତିଙ୍କ ମଧ୍ୟରେ ଲୀନ ହେବ, ଯାହାଙ୍କ ପ୍ରତି ଆମେ ସମର୍ପିତ । ଯଦି ଆପଣ ସମର୍ପଣ ବିଷୟରେ କିଛି ଜାଣନ୍ତି ନାହିଁ, ତେବେ ସମର୍ପିତ ହେବାର ବିଷୟ କହିବା ସଂପର୍କରେ ସାବଧାନ ହୁଅନ୍ତୁ । ଏହା ସତ ଯେ, ଆମେ ଯୋହନ ୩:୧୬ର ଅର୍ଥ ନ ବୁଝିବା ପର୍ଯ୍ୟନ୍ତ ସମର୍ପଣ ବିଷୟ ଜାଣିପାରିବା ନାହିଁ, କାରଣ ଏହି ପଦର ଅର୍ଥ ହେଉଛି ଯେ, ଈଶ୍ୱର ସଂପୂର୍ଣ୍ଣ ରୂପେ ନିଜକୁ ଆମ ପାଇଁ ଦେଲେ ।

## ମାର୍ଚ୍ଚ ୧୪

# ବଶ୍ୟତା ସ୍ୱୀକାର

**ତୁମେ ଯେତେବେଳେ ଆଜ୍ଞାବହ ଦାସ ସ୍ୱରୂପେ ନିଜକୁ କାହାଠାରେ ସମର୍ପଣ କର ।**
**ରୋମୀ ୬:୧୬**

କେଉଁ ବିଷୟ ମୋତେ ନିୟନ୍ତ୍ରଣ ଓ ଅଧିକାର କରେ, ଏହି ବିଷୟର ପରୀକ୍ଷା ଆରମ୍ଭ କରିବା ସମୟରେ, ପ୍ରଥମେ ମୋତେ ସ୍ୱୀକାର କରିବାକୁ ହେବ ଯେ, ମୁଁ ଯାହାର ବଶ୍ୟତା ସ୍ୱୀକାର କରି ନିଜକୁ ସମର୍ପଣ କରିଛି, ସେଥିପାଇଁ ମୁଁ ଦାୟୀ । ଯଦି ମୁଁ ନିଜର କ୍ରୀତଦାସ, ସେଥିପାଇଁ ମୁଁ ଦୋଷୀ କାରଣ ଅତୀତରେ କୌଣସି ସ୍ଥାନରେ ମୁଁ ନିଜ ପ୍ରତି ନିଜକୁ ସମର୍ପଣ କରିଥିଲି । ସେହିପରି ମୁଁ ଯଦି ଈଶ୍ୱରଙ୍କ ବାଧ୍ୟ ହୁଏ, ତେବେ ତାହାର କାରଣ ହେଉଛି, ଜୀବନର କୌଣସି ମୋଡ଼ରେ ମୁଁ ଈଶ୍ୱରଙ୍କ ବଶ୍ୟତା ସ୍ୱୀକାର କରିଥିଲି ।

ଯଦି ଗୋଟିଏ ସାନପିଲା ସ୍ୱାର୍ଥପର ହୁଏ, ତେବେ ସେ ଏକ ଭୟଙ୍କର ଏକଛତ୍ରବାଦୀ ଶାସନର ଅଧୀନସ୍ଥ ହେବ । ବଶ୍ୟତା ସ୍ୱୀକାର ପୂର୍ବକ ନିଜକୁ ସମର୍ପଣ କରିବା ଦ୍ୱାରା ଯେଉଁ ସ୍ୱଭାବ ଜାତ ହୁଏ, ତାହାର ବନ୍ଧନକୁ ଛିଣ୍ଡାଇବା ପାଇଁ ମନୁଷ୍ୟ ପ୍ରାଣର କୌଣସି ଶକ୍ତି ଓ ସାମର୍ଥ୍ୟ ନ ଥାଏ । ଉଦାହରଣ ସ୍ୱରୂପ ଗୋଟିଏ ସେକେଣ୍ଡ୍ ପାଇଁ ଯଦି ଆପଣ କୌଣସି ଲାଳସାର ବଶ୍ୟତା ସ୍ୱୀକାର କରନ୍ତି, ତେବେ ସେହି ସମର୍ପଣ ପାଇଁ ନିଜ ପ୍ରତି ଘୃଣା ଭାବ ଜାତ ହେଲେ ମଧ୍ୟ ଆପଣ ସେହି ଲାଳସାର ଦାସ ହୋଇଯାନ୍ତି । (ଲାଳସାର ଅର୍ଥ – ''ଏହି ମୁହୂର୍ତ୍ତରେ ମୁଁ ଏହାକୁ ହାସଲ କରିବି'' – ତାହା ମାଂସିକ ବା ମାନସିକ ଅଭିଳାଷ ହୋଇପାରେ) ମନୁଷ୍ୟର ଶକ୍ତି ସାମର୍ଥ୍ୟ ଦ୍ୱାରା ଏଥିରୁ ମୁକ୍ତି ମିଳିପାରେ ନାହିଁ, ଏହା କେବଳ ଈଶ୍ୱରଙ୍କ ମୁକ୍ତି ସାଧନକାରୀ ଶକ୍ତି ଦ୍ୱାରା ସମ୍ଭବ ହୁଏ । ଆପଣ ସଂପୂର୍ଣ୍ଣ ରୂପେ ନିଜକୁ ନମ୍ର କରି କେବଳ ସେହି ବ୍ୟକ୍ତିଙ୍କଠାରେ ସମର୍ପିତ ହୁଅନ୍ତୁ, ଯିଏ ଆପଣଙ୍କ ଜୀବନର କର୍ତ୍ତୃତ୍ୱକାରୀ ସମସ୍ତ ଶକ୍ତିକୁ ଛିନ୍ନ କରିବେ । ସେ ହେଉଛନ୍ତି ପ୍ରଭୁ ଯୀଶୁଖ୍ରୀଷ୍ଟ ''... ବନ୍ଦୀ ଲୋକଙ୍କ ନିକଟରେ ମୁକ୍ତି ଘୋଷଣା କରିବାକୁ ସେ ମୋତେ ଅଭିଷିକ୍ତ କରିଛନ୍ତି'' (ଯିଶାଇୟ ୬୧:୧, ଲୂକ ୪:୯) ।

ଯେତେବେଳେ ଆପଣ କୌଣସି ବିଷୟର ବଶ୍ୟତା ସ୍ୱୀକାର କରନ୍ତି, ଅତି ଶୀଘ୍ର ଆପଣଙ୍କ ଉପରେ ଏହାର ଯେଉଁ ଦୃଢ଼ ନିୟନ୍ତ୍ରଣ ରହିଛି, ତାହା ଆପଣ ଅନୁଭବ କରନ୍ତି । ଯଦ୍ୟପି ଆପଣ କହନ୍ତି, ''ମୁଁ ଇଚ୍ଛା କଲେ, ଏହାକୁ ଛାଡ଼ି ପାରିବି'', ଆପଣ କେବେ ଛାଡ଼ି ପାରିବେ ନାହିଁ । ଆପଣ ଉପଲବ୍ଧି କରିବେ ଯେ, ସେହି ଅଭ୍ୟାସ ସଂପୂର୍ଣ୍ଣ ରୂପେ ଆପଣଙ୍କ ଉପରେ ରାଜତ୍ୱ କରୁଛି କାରଣ ଆପଣ ନିଜ ଇଚ୍ଛାରେ ତାହାର ବଶ୍ୟତା ସ୍ୱୀକାର କରିଥିଲେ । ''ସେ ମୋର ଶୃଙ୍ଖଳ ଛିନ୍ନ କରିବେ'' ଏହି ଗୀତ ଗାଇବା ସହଜ, କିନ୍ତୁ ତା ସହିତ ଦାସତ୍ୱର ଜୀବନ ଯାପନ ମଧ୍ୟ ସହଜ । କିନ୍ତୁ ଖ୍ରୀଷ୍ଟଙ୍କ ବଶ୍ୟତା ସ୍ୱୀକାର କରିବା ଦ୍ୱାରା ଯେ କୌଣସି ବ୍ୟକ୍ତିଙ୍କ ଜୀବନର ଦାସତ୍ୱ ଶୃଙ୍ଖଳ ସବୁ ଛିଣ୍ଡିଯାଏ ।

ମାର୍ଚ୍ଚ ୧୫

# ଭୟଭୀତ ହେବାର ଶୃଙ୍ଖଳା

**ପଛରେ ଚାଲୁଥିବା ଲୋକମାନେ ଭୀତ ହେଲେ ।**

**ମାର୍କ ୧୦:୩୨**

ଯୀଶୁଙ୍କ ସହିତ ଆମ ଜୀବନର ପ୍ରାରମ୍ଭରେ ଆମେ ଯୀଶୁଙ୍କ ପଛରେ ଚାଲିବାର ସମସ୍ତ ବିଷୟ ସଂପୂର୍ଣ୍ଣ ରୂପେ ଜାଣିଥିଲୁ । ସବୁ କିଛି ତ୍ୟାଗ କରି ପ୍ରେମରେ ଏବଂ ନିର୍ଭୟରେ ନିଜକୁ ତାଙ୍କଠାରେ ସମର୍ପଣ କରିବା କେତେ ଆନନ୍ଦପୂର୍ଣ୍ଣ ଥିଲା ! କିନ୍ତୁ ବର୍ତ୍ତମାନ ଆମେ ସେତେ ନିଶ୍ଚିତ ନୋହୁଁ । ଯୀଶୁ ଆମଠାରୁ ବହୁତ ଆଗରେ ଅଛନ୍ତି ଏବଂ ଆମ ପାଇଁ ଅପରିଚିତ ମନେ ହେଉଛନ୍ତି – ‘‘ଯୀଶୁ ସେମାନଙ୍କ ଆଗେ ଆଗେ ଯାଉଥିଲେ, ଆଉ ସେମାନେ ବିସ୍ମୟାନ୍ୱିତ ହେଲେ’’ (ମାର୍କ ୧୦:୩୨) ।

ଯୀଶୁଙ୍କର ଏପରି ଏକ ଦୃଷ୍ଟିକୋଣ ଅଛି, ଯାହା ତାଙ୍କ ଶିଷ୍ୟଙ୍କ ହୃଦୟରେ ଏଭଳି ଗଭୀର ନୈରାଶ୍ୟ ଉତ୍ପନ୍ନ କରେ ଯେ, ସେ ତାଙ୍କ ଆତ୍ମିକ ଜୀବନରେ ଅଣନିଶ୍ୱାସୀ ହୋଇଥାନ୍ତି । ଏହି ଅସାଧାରଣ ବ୍ୟକ୍ତି, ଯାହାଙ୍କ ମୁଖ ‘‘ଚକ୍‌ମକି ପଥର ପରି’’, ସେ ଦୃଢ଼ ଭାବେ ମୋ ଆଗେ ଆଗେ ଚାଲୁଛନ୍ତି, ଏବଂ ସେ ମୋ ମଧ୍ୟ ଦେଇ ଆତଙ୍କ ସୃଷ୍ଟି କରନ୍ତି । ସେ ଆଉ ମୋର ପରାମର୍ଶଦାତା ଏବଂ ବନ୍ଧୁ ହୋଇ ନାହାନ୍ତି, ଏବଂ ତାଙ୍କର ଏପରି ଦୃଷ୍ଟିକୋଣ ଅଛି, ଯାହା ବିଷୟରେ ମୁଁ ସଂପୂର୍ଣ୍ଣ ଅଜ୍ଞ । ମୁଁ କେବଳ ଛିଡ଼ା ହୋଇ ବିସ୍ମିତ ନୟନରେ ତାଙ୍କ ମୁଖକୁ ଚାହିଁ ରହିବି । ପ୍ରଥମେ ମୁଁ ତାଙ୍କୁ ଜାଣିଥିଲି ବୋଲି ମୋର ନିଶ୍ଚିତ ଭରସା ଥିଲା, କିନ୍ତୁ ବର୍ତ୍ତମାନ ମୋର ସେ ଦୃଢ଼ତା ନାହିଁ । ମୋର ମନେ ହେଉଛି ଯେ, ମୋର ଏବଂ ଯୀଶୁଙ୍କ ମଧ୍ୟରେ ଦୂରତା ରହିଛି ଏବଂ ମୁଁ ବର୍ତ୍ତମାନ ତାଙ୍କ ସହିତ ଘନିଷ୍ଠ ହୋଇପାରିବ ନାହିଁ । ସେ କେଉଁଠାକୁ ଯାଉଛନ୍ତି, ସେ ବିଷୟରେ ମୋର କୌଣସି ଧାରଣା ନାହିଁ, ଏବଂ ଲକ୍ଷ୍ୟ ଦୂରବର୍ତ୍ତୀ ମନେ ଦେଉଛି ।

ଯୀଶୁଖ୍ରୀଷ୍ଟଙ୍କୁ ସମ୍ପୂର୍ଣ୍ଣ ଭାବେ ମଣିଷର ଅନୁଭୂତି ସଂପନ୍ନ ସବୁ ପାପ ଏବଂ ଦୁଃଖ ବୁଝିବାକୁ ଥିଲା, ଏବଂ ଏହି କଥା ହିଁ ତାଙ୍କୁ ଅପରିଚିତ ସାବ୍ୟସ୍ତ କରେ । ଯେତେବେଳେ ଆମେ ଯୀଶୁଙ୍କର ଏହି ଦୃଷ୍ଟିକୋଣକୁ ଲକ୍ଷ୍ୟ କରୁ, ଆମେ ଉପଲବ୍ଧି କରୁ ଯେ, ସେ ପ୍ରକୃତରେ ଆମ ପାଇଁ ଅଜଣା । ଏପରିକି ଆମେ ତାଙ୍କ ଜୀବନର ଗୋଟିଏ ବିଶେଷତ୍ୱ ମଧ୍ୟ ଜାଣିବାକୁ ଅକ୍ଷମ ହୋଇଥାଉ । ପୁନର୍ବାର କିପରି ତାଙ୍କ ପଛରେ ଚାଲିବା ଆରମ୍ଭ କରିବା, ତାହା ମଧ୍ୟ ଜାଣି ନ ଥାଉ । ଜଣେ ଅପରିଚିତ ନେତା ରୂପେ ସେ ଆମଠାରୁ ବହୁତ ଆଗରେ ଅଛନ୍ତି ଏବଂ ତାଙ୍କ ସହିତ ଆମର କୌଣସି ବନ୍ଧୁତ୍ୱ ନାହିଁ ।

ଜଣେ ଶିଷ୍ୟ ଭୟଭୀତ ହେବାର ଶୃଙ୍ଖଳାଜନିତ ଏହି ମହତ୍ତ୍ୱପୂର୍ଣ୍ଣ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ । ବିପଦ ସୃଷ୍ଟିକାରୀ ବିଷୟ ଏହି ଯେ, ଆମେ ଈଶ୍ୱରଙ୍କ ପ୍ରତି ଆମର ଉତ୍ସାହକୁ ବଳିଷ୍ଠ କରିବା ପାଇଁ ଅତୀତରେ ଆମର ବାଧ୍ୟତା ଏବଂ ଈଶ୍ୱରଙ୍କ ପ୍ରତି ଆମର ବଳିଦାନ ପ୍ରତି ଦୃଷ୍ଟି ଫେରାଇ ଥାଉ (ଯିଶାଇୟ ୫୦:୧୦–୧୧ ଦେଖନ୍ତୁ) । କିନ୍ତୁ ଯେତେବେଳେ ଭୟଭୀତ ହେବାର ଅନ୍ଧାର ଆସେ, ତାହା ଅପସରି ଯିବା ପର୍ଯ୍ୟନ୍ତ ସହ୍ୟ କରନ୍ତୁ, କାରଣ ସେଥିରୁ ଯୀଶୁଙ୍କ ପ୍ରକୃତ ଅନୁଗମନର ସାମର୍ଥ୍ୟ ଆସିବ, ଯାହାର ଆନନ୍ଦ ଅପୂର୍ବ ଏବଂ ଅବର୍ଣ୍ଣନୀୟ ।

# କର୍ତ୍ତା ବିଚାର କରିବେ

**ଆମ ପ୍ରତ୍ୟେକଙ୍କୁ ବିଚାରାସନ ସମ୍ମୁଖରେ ଉପସ୍ଥିତ ହେବାକୁ ପଡ଼ିବ ।**
**୨ କରିନ୍ଥୀୟ ୫:୧୦**

ପାଉଲ କହନ୍ତି ଯେ, ଆମେ ସମସ୍ତେ, ପ୍ରଚାରକ ଏବଂ ଅନ୍ୟ ସମସ୍ତେ ''ଖ୍ରୀଷ୍ଟଙ୍କ ବିଚାରାସନ ସମ୍ମୁଖରେ ଉପସ୍ଥିତ ହେବା ।'' କିନ୍ତୁ ଆପଣ ଯଦି ବର୍ତ୍ତମାନ ଏହିଠାରେ ଖ୍ରୀଷ୍ଟଙ୍କ ପବିତ୍ର ଜ୍ୟୋତିଃର ଅନୁଶୀଳନ ମଧ୍ୟରେ ରହିବେ, ତେବେ ଈଶ୍ୱର ଆପଣଙ୍କ ମଧ୍ୟରେ ଯେଉଁ କାର୍ଯ୍ୟ କରିଛନ୍ତି, ତାହା ଦେଖିବା ଦ୍ୱାରା ଆପଣଙ୍କ ଶେଷ ବିଚାର ଆପଣଙ୍କ ପାଇଁ କେବଳ ଆନନ୍ଦ ନେଇ ଆସିବ । ନିରନ୍ତର ଆପଣ ନିଜେ ଖ୍ରୀଷ୍ଟଙ୍କ ବିଚାରାସନ ବିଷୟ ସ୍ମରଣ କରନ୍ତୁ ଏବଂ ସେ ଯେଉଁ ପବିତ୍ରତା ଦାନ କରିଛନ୍ତି, ସେଥିରେ ଗମନ କରନ୍ତୁ । ଆପଣ ଯେତେ ପବିତ୍ର ହେଲେ ମଧ୍ୟ ଅନ୍ୟ ପ୍ରତି ମନ୍ଦ ମନୋଭାବ ପୋଷଣ କରିବା ଦ୍ୱାରା ଆପଣ ଶୟତାନର ଆତ୍ମା ଦ୍ୱାରା ଚାଳିତ ହୁଅନ୍ତି । ସାଂସାରିକ କ୍ଷେତ୍ରରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ବିଚାର କରିବା ଆପଣଙ୍କ ପାଇଁ କେବଳ ନରକର ଉଦ୍ଦେଶ୍ୟ ପୂର୍ଣ୍ଣ କରେ । ଅବିଳମ୍ବେ ତାହା ପ୍ରକାଶ କରନ୍ତୁ ଏବଂ ସ୍ୱୀକାର ପୂର୍ବକ କୁହନ୍ତୁ, ''ହେ ପ୍ରଭୁ, ମୁଁ ସେହି ଅପରାଧ କରିଛି ।'' ଯଦି ଆପଣ ସ୍ୱୀକାର ନ କରନ୍ତି, ତେବେ ଆପଣଙ୍କ ହୃଦୟ ଆହୁରି ଶକ୍ତଗ୍ରୀବ ହେବ । ପାପ ପ୍ରତି ଆମର ସ୍ୱୀକୃତି ମଧ୍ୟ ପାପର ଏକ ଦଣ୍ଡ । ଈଶ୍ୱର କେବଳ ପାପ ପ୍ରତି ଦଣ୍ଡ ବିଧାନ କରନ୍ତି ନାହିଁ, କିନ୍ତୁ ପାପ ପାପୀ ମନରେ ଆସ୍ଥାନ ଜମାଇ ଅନିଷ୍ଟ ଜନ୍ମାଏ । ସଂଘର୍ଷ ବା ପ୍ରାର୍ଥନା ଆପଣଙ୍କୁ କେତେଗୁଡ଼ିକ କାର୍ଯ୍ୟ ନ କରିବାର ସାମର୍ଥ୍ୟ ଦିଅନ୍ତି ନାହିଁ ଏବଂ ପାପର ଦଣ୍ଡ ଏପରି ହୁଏ ଯେ, କ୍ରମାଗତ ଭାବେ ଆପଣ ତାହା ପ୍ରତି ଅଭ୍ୟସ୍ତ ହୋଇ ପରିଶେଷରେ ଏଭଳି ଅବସ୍ଥାରେ ପହଞ୍ଚି ଯାଆନ୍ତି, ଯେତେବେଳେ ଏହା ପାପ ବୋଲି ଆପଣଙ୍କ ହୃଦବୋଧ ହୁଏ ନାହିଁ । ପବିତ୍ର ଆତ୍ମାଙ୍କ ଶକ୍ତି ବ୍ୟତୀତ ଆଉ କୌଣସି ଶକ୍ତି ପାପର ସ୍ୱାଭାବିକ ପରିଣତିକୁ ପରିବର୍ତ୍ତନ କରିପାରେ ନାହିଁ କିମ୍ବା ପ୍ରତିରୋଧ କରିପାରେ ନାହିଁ ।

''ସେ ଯେପରି ଆଲୋକ ନିବାସୀ, ଆମେ ଯଦି ସେହିପରି ଆଲୋକରେ ଗମନ କରୁ'' (୧ ଯୋହନ ୧:୭) । ଆମ ମଧ୍ୟରୁ ଅନେକଙ୍କ ପାଇଁ ଆଲୋକରେ ଗମନ କରିବା ଅର୍ଥ ହେଉଛି, ଅନ୍ୟ ପାଇଁ ଆମେ ଯେଉଁ ମାନଦଣ୍ଡ ଧାର୍ଯ୍ୟ କରିଛୁ, ତଦନୁସାରେ ଗମନ କରିବା । ଆଜି ଆମେ ଫାରୁଶୀମାନଙ୍କର ଯେଉଁ ମାରାତ୍ମକ ମନୋଭାବ ପ୍ରଦର୍ଶନ କରୁ, ତାହା କପଟତା ନୁହେଁ, କିନ୍ତୁ ଅଜ୍ଞାନ ଭଳି ମିଥ୍ୟାକୁ ଆଶ୍ରୟ କରି ଜୀବନ ଧାରଣର ମନୋବୃତ୍ତିକୁ ବୁଝାଏ ।

## ମାର୍ଚ୍ଚ ୧୭

# ସେବକର ମୌଳିକ ଲକ୍ଷ୍ୟ

**ତାହାଙ୍କୁ ସନ୍ତୁଷ୍ଟ କରିବା ହିଁ ଆମର ଲକ୍ଷ୍ୟ ।**
**୨ କରିନ୍ଥୀୟ ୫:୯**

''ଏହା ହିଁ ଆମର ଲକ୍ଷ୍ୟ ।'' ଆମର ମୌଳିକ ଲକ୍ଷ୍ୟକୁ ନିରନ୍ତର ସମ୍ମୁଖରେ ରଖିବା ପାଇଁ ସଚେତନ ହୋଇ ନିଷ୍ପତ୍ତି ନେବା ଏବଂ ପ୍ରୟାସ କରିବା ଅତ୍ୟନ୍ତ ଆବଶ୍ୟକ । ଏହାର ଅର୍ଥ ହେଉଛି, ନିରବଚ୍ଛିନ୍ନ ଭାବେ ବର୍ଷ ବର୍ଷ ଧରି ଆମର ଶ୍ରେଷ୍ଠ ଅଗ୍ରାଧିକାର ପ୍ରତି ସ୍ଥିର ହୋଇ ରହିବା । ଆମର ପ୍ରଥମ ଅଗ୍ରାଧିକାର ଆତ୍ମା ଲାଭ, ମଣ୍ଡଳୀ ସ୍ଥାପନ ବା ଉଦ୍ଦୀପନା ସଭା ନୁହେଁ, ମାତ୍ର ''କେବଳ ତାହାଙ୍କୁ ସନ୍ତୁଷ୍ଟ କରିବା'' । ଆତ୍ମିକ ଅନୁଭୂତିର ଅଭାବ ବିଫଳତାର କାରଣ ନୁହେଁ, ମାତ୍ର ପ୍ରକୃତ ଲକ୍ଷ୍ୟରୁ ଆମର ଦୃଷ୍ଟି ଫେରାଇ ନେବା ଏହାର କାରଣ । ଈଶ୍ୱର ଆପଣଙ୍କ ପାଇଁ ଯେଉଁ ମାନଦଣ୍ଡ ନିରୂପଣ କରିଛନ୍ତି, ତଦନୁସାରେ ଆପଣ ଜୀବନ ଯାପନ କରିଛନ୍ତି କି ନାହିଁ, ଅନ୍ତତଃ ସପ୍ତାହରେ ଥରେ ଈଶ୍ୱରଙ୍କ ସମ୍ମୁଖରେ ନିଜକୁ ପରୀକ୍ଷା କରନ୍ତୁ । ପାଉଲ ଜଣେ ଏଭଳି ସଙ୍ଗୀତଜ୍ଞ ସଦୃଶ ଥିଲେ, ଯିଏ ଶ୍ରୋତାଙ୍କ ପ୍ରଶଂସା ପ୍ରତି ଭ୍ରୁକ୍ଷେପ ନ କରି ସ୍ୱୀକୃତି ପାଇଁ କେବଳ ସଙ୍ଗୀତ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଯଦି ଅନ୍ୟ କୌଣସି ଲକ୍ଷ୍ୟ କିଞ୍ଚିତ ପରିମାଣରେ ସୁଦ୍ଧା ଆମକୁ ''ଈଶ୍ୱରଙ୍କ ଅନୁମୋଦନ'' (୨ ତିମଥି ୨:୧୫) ରୂପକ ପ୍ରଧାନ ଲକ୍ଷ୍ୟରୁ ବିଚ୍ୟୁତ କରେ, ତେବେ ତାହା ଈଶ୍ୱରଙ୍କ ଆଗାମୀ ସେବାରେ ବ୍ୟବହୃତ ହେବା ପାଇଁ ଆମକୁ ବଞ୍ଚିତ କରିବାର କାରଣ ହୋଇପାରେ । ଲକ୍ଷ୍ୟ କେଉଁଠାକୁ ଚାଳିତ, ଆପଣ ଯେତେବେଳେ ଏହା ଉପଲବ୍ଧି କରିବେ, ସେତେବେଳେ ଆପଣ ଅନୁଭବ କରିବେ ଯେ, ''ଯୀଶୁଙ୍କ ପ୍ରତି ଦୃଷ୍ଟି ରଖିବା'' (ଏବ୍ରୀ ୧୨:୨) କାହିଁକି ଏତେ ଜରୁରୀ ? ପାଉଲ ତାଙ୍କ ଶରୀରକୁ ଆପଣା ନିୟନ୍ତ୍ରଣରେ ରଖିବା ବିଷୟରେ କହିଲେ ଯେପରି ଏହା ତାଙ୍କୁ ଭୁଲ ମାର୍ଗରେ ଚାଳିତ ନ କରେ । ସେଥିପାଇଁ ସେ କହିଲେ, କାଳେ... ଅଯୋଗ୍ୟ ବିବେଚିତ ହେବ, ଏଥିପାଇଁ ନିଜ ଶରୀରକୁ କଷ୍ଟ ଦେଇ ବଶରେ ରଖୁଛି'' (୧ କରିନ୍ଥୀୟ ୧୦:୨୭) ।

ମୋତେ ପ୍ରତ୍ୟେକ ବିଷୟକୁ ମୌଳିକ ଲକ୍ଷ୍ୟ ସହିତ ସଂଯୁକ୍ତ କରିବା ପାଇଁ ଶିଖିବାକୁ ହେବ, ଯେପରି ବିନା ପ୍ରତିରୋଧରେ ଏହା ବଜାୟ ରହିବ । ସର୍ବସାଧାରଣଙ୍କ ଦୃଷ୍ଟିରେ ଈଶ୍ୱରଙ୍କ ପାଇଁ ମୋର ମୂଲ୍ୟ ମୋର ବ୍ୟକ୍ତିଗତ ଜୀବନର ଆଚରଣ ଦ୍ୱାରା ନିର୍ଦ୍ଧାରିତ ହୁଏ । ମୋ ଜୀବନର ମୌଳିକ ଲକ୍ଷ୍ୟ କ'ଣ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ଏବଂ ତାଙ୍କର ସ୍ୱୀକୃତି ଲାଭ କରିବା ଅବା ନିଜ ଦୃଷ୍ଟିରେ ଆଉ ଅନ୍ୟ କୌଣସି ଉଚ୍ଚତର ବିଷୟ ପ୍ରତି ଆସକ୍ତ ହେବା ?

ମାର୍ଚ୍ଚ ୧୮

# ମୁଁ କ'ଣ ନିଜେ ନିଜକୁ ଏହି ସ୍ତରକୁ ଆଣିପାରିବି ?

**ଈଶ୍ୱରଙ୍କୁ ଭୟ ଭକ୍ତି କରି ପବିତ୍ରତାରେ ସିଦ୍ଧ ହେବା ।**
**୨ କରିନ୍ଥୀୟ ୭:୧**

''ଏହି ପ୍ରତିଜ୍ଞା ବାକ୍ୟ ପାଇଥିବାରୁ...'' ମୁଁ ମୋ ଜୀବନରେ ଈଶ୍ୱରଙ୍କ ପ୍ରତିଜ୍ଞା ଦାବି କରେ ଏବଂ ସେ ସବୁର ସଫଳତା ପାଇଁ ଅପେକ୍ଷା କରେ । ଏହା କରିବା ମଧ୍ୟ ଠିକ୍, କିନ୍ତୁ ଏହା କରିବା ଦ୍ୱାରା ସେହି ପ୍ରତିଜ୍ଞା ପ୍ରତି କେବଳ ମଣିଷର ଦୃଷ୍ଟିକୋଣ ପ୍ରଦର୍ଶିତ ହୁଏ । ଈଶ୍ୱରଙ୍କ ଦୃଷ୍ଟିକୋଣ ପ୍ରଦର୍ଶିତ ହୁଏ । ଈଶ୍ୱରଙ୍କ ଦୃଷ୍ଟିକୋଣର ଅର୍ଥ ହେଉଛି, ତାଙ୍କର ପ୍ରତିଜ୍ଞା ମାଧ୍ୟମରେ ମୁଁ ମୋ ଉପରେ ଥିବା ତାଙ୍କର ପ୍ରଭୁତ୍ୱ ଉପଲବ୍ଧି କରେ । ଉଦାହରଣ ରୂପେ ମୁଁ କ'ଣ ବିଶ୍ୱାସ କରେ ଯେ, ''ମୋର ଶରୀର ପବିତ୍ର ଆତ୍ମାଙ୍କ ମନ୍ଦିର'' ଅବା ମୁଁ କ'ଣ ମୋ ଶରୀରର ଏପରି କୌଣସି ପ୍ରକୃତିକୁ ଅଣଦେଖା କରୁଛି, ଯାହା ଈଶ୍ୱରଙ୍କ ଜ୍ୟୋତିଃକୁ ସହିପାରେ ନାହିଁ ? (୧ କରିନ୍ଥୀୟ ୬:୧୯) । ପବିତ୍ରୀକରଣ ଦ୍ୱାରା ଈଶ୍ୱର ମୋ ମଧ୍ୟରେ ତାଙ୍କର ପୁତ୍ରଙ୍କୁ ମୂର୍ତ୍ତିମନ୍ତ କରିଛନ୍ତି, ମୋତେ ପାପରୁ ଉଦ୍ଧାର କରି ତାଙ୍କ ଦୃଷ୍ଟିରେ ପବିତ୍ର କରିଛନ୍ତି (ଗାଲାତୀୟ ୪:୧୯) । କିନ୍ତୁ ତାଙ୍କ ପ୍ରତି ବାଧ୍ୟ ହୋଇ ମୋତେ ମୋର ସ୍ୱାଭାବିକ ଜୀବନକୁ ଆତ୍ମିକ ଜୀବନରେ ରୂପାନ୍ତରିତ କରିବାକୁ ହେବ । ଜୀବନର ଛୋଟ ଛୋଟ ଘଟଣା ମଧ୍ୟରେ ଈଶ୍ୱର ଆମକୁ ନିର୍ଦ୍ଦେଶ ଦିଅନ୍ତି । ଆଉ ଯେତେବେଳେ ସେ ଆପଣଙ୍କୁ ପାପର ନିଶ୍ଚିତବୋଧ ଦିଅନ୍ତି, ଆପଣ ''ରକ୍ତ ମାଂସ ଅଭିଳାଷ ପ୍ରତି ନିଜକୁ ସମର୍ପଣ ନ କରି ଅବିଳମ୍ବେ ସେଥିରୁ ଆପଣାକୁ ବିଶୁଦ୍ଧ କରନ୍ତୁ (ଗାଲାତୀୟ ୧:୧୬) ।

ଯେ ପର୍ଯ୍ୟନ୍ତ ଈଶ୍ୱରଙ୍କ ସ୍ୱଭାବ ସହିତ ମୋର ଶରୀର ଏବଂ ଆତ୍ମାର ସମନ୍ୱୟ ନ ଘଟିଛି, ମୋତେ ମୋର ଶରୀର ଏବଂ ଆତ୍ମାର ସମସ୍ତ କଳୁଷତା ଠାରୁ ନିଜକୁ ବିଶୁଦ୍ଧ କରିବାକୁ ହେବ । ମୋର ଆତ୍ମାର ମନ କ'ଣ ଅନ୍ତର୍ନିବାସୀ ଈଶ୍ୱରଙ୍କ ପୁତ୍ରଙ୍କ ଜୀବନ ସହିତ ସଂପୂର୍ଣ୍ଣ ସନ୍ନିବେଶିତ, ଅବା ମାନସିକ ରୂପେ ମୁଁ ତାଙ୍କୁ ଅମାନ୍ୟ କରେ ଓ ତାଙ୍କର ବିରୁଦ୍ଧାଚରଣ କରେ ? ମୁଁ କ'ଣ ଖ୍ରୀଷ୍ଟଙ୍କ ସ୍ୱଭାବ ଧାରଣ କରିବା ପାଇଁ ଅନୁମତି ଦେଉଛି ? (ଫିଲିପ୍ପୀୟ ୨:୫ ଦେଖନ୍ତୁ) । ଖ୍ରୀଷ୍ଟ କେବେ ସୁଦ୍ଧା ତାଙ୍କ ନିଜର ଅଧିକାର ସଂପର୍କରେ କହି ନ ଥିଲେ, କିନ୍ତୁ ନିରନ୍ତର ତାଙ୍କ ପିତାଙ୍କ ଅଧୀନରେ ନିଜର ଆତ୍ମାକୁ ସମର୍ପଣ କରିବା ପାଇଁ ସର୍ବଦା ଜାଗ୍ରତ ଥିଲେ । ଆଉ ମୋର ମଧ୍ୟ ଈଶ୍ୱରଙ୍କ ଆତ୍ମାଙ୍କ ସହିତ ମୋର ଆତ୍ମାର ସମନ୍ୱୟ ରକ୍ଷା କରିବାର ଦାୟିତ୍ୱ ଅଛି । ଆଉ ମୁଁ ଯେତେବେଳେ ତାହା କରେ, କ୍ରମାଗତ ଭାବେ ଯୀଶୁ ମୋତେ ଉନ୍ନୀତ କରି ସେହି ସ୍ତରକୁ ନିଅନ୍ତି, ଯେଉଁଠାରେ ସେ ବାସ କରୁଥିଲେ – ସେହି ସ୍ତର ଥିଲା ପିତାଙ୍କ ଇଚ୍ଛା ପ୍ରତି ତାଙ୍କର ପୂର୍ଣ୍ଣ ଆତ୍ମ ସମର୍ପଣ – ସେଠାରେ ଆଉ କୌଣସି ବିଷୟ ପ୍ରତି ମୁଁ ଧ୍ୟାନ ଦିଏ ନାହିଁ । ଈଶ୍ୱରଙ୍କ ପ୍ରତି ଭୟ ରଖି ମୁଁ କ'ଣ ଏହି ପ୍ରକାର ପବିତ୍ରତାକୁ ଶୁଦ୍ଧ କରୁଛି କି ? ମୁଁ କ'ଣ ଈଶ୍ୱରଙ୍କ ଇଚ୍ଛାମତ ଜୀବନ ଯାପନ କରୁଛି ଏବଂ ଲୋକମାନେ କ'ଣ ମୋ ଜୀବନରେ ଅଧିକ ରୂପେ ଈଶ୍ୱରଙ୍କୁ ଦେଖିବା ଆରମ୍ଭ କରିଛନ୍ତି ?

ଈଶ୍ୱରଙ୍କ ପ୍ରତି ଆପଣଙ୍କ ଆତ୍ମୋତ୍ସର୍ଗର ଗୁରୁତ୍ୱ ଉପଲବ୍ଧି କରନ୍ତୁ ଏବଂ ଆନନ୍ଦରେ ଅନ୍ୟ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ ନାହିଁ । ଆକ୍ଷରିକ ଅର୍ଥରେ ଈଶ୍ୱରଙ୍କୁ ଆପଣଙ୍କ ଜୀବନରେ ପ୍ରଥମ ସ୍ଥାନ ଦିଅନ୍ତୁ ।

## ମାର୍ଚ୍ଚ ୧୯

# ଅବ୍ରହାମଙ୍କ ବିଶ୍ୱାସୀ ଜୀବନ

**ପୁଣି ସେ କେଉଁଠାକୁ ଯାଉଛନ୍ତି, ତାହା ନ ଜାଣି ସୁଦ୍ଧା ବାହାରି ଗଲେ ।**

**ଏବ୍ରୀ ୧୧:୮**

ପୁରାତନ ନିୟମରେ ଈଶ୍ୱରଙ୍କ ସହିତ ଜଣେ ବ୍ୟକ୍ତିଙ୍କ ସଂପର୍କ ସେହି ବ୍ୟକ୍ତିଙ୍କ ଜୀବନରେ ପୃଥକୀକରଣର ମାତ୍ରା ଉପରେ ପ୍ରତିଷ୍ଠିତ ହେଉଥିଲା । ନିଜ ଦେଶ ଏବଂ ପରିବାରଠାରୁ ପୃଥକ୍ ହେବା ଦ୍ୱାରା ଅବ୍ରହାମଙ୍କ ଜୀବନର ଏହି ପୃଥକୀକରଣ ସମ୍ଭବ ହୋଇଥିଲା । ଆଜି ଆମେ ଯେତେବେଳେ ପୃଥକ୍ ହେବା ବିଷୟ ଚିନ୍ତା କରୁ, ତାହାର ଆକ୍ଷରିକ ଅର୍ଥ ନୁହେଁ ଯେ, ପରିବାରର ଯେଉଁ ସଦସ୍ୟମାନଙ୍କର ଈଶ୍ୱରଙ୍କ ସହିତ ବ୍ୟକ୍ତିଗତ ସଂପର୍କ ନାହିଁ, ଆମେ ସେମାନଙ୍କଠାରୁ ପୃଥକ୍ ହେବା, କିନ୍ତୁ ମାନସିକ ଏବଂ ନୈତିକ ସ୍ତରରେ ସେମାନଙ୍କ ଦୃଷ୍ଟିକୋଣରୁ ପୃଥକ୍ ହେବା । ଲୂକ ୧୪:୨୬ରେ ଯୀଶୁ ଖ୍ରୀଷ୍ଟ ଏହି କଥା କହୁଥିଲେ ।

ବିଶ୍ୱାସରେ ଜୀବନ ଯାପନର ଅର୍ଥ, ଆପଣ କେଉଁଠାକୁ ଯାଉଛନ୍ତି ତାହା ଆପଣ ଜାଣନ୍ତି ନାହିଁ । ଏହାର ଅର୍ଥ ହେଉଛି ଯେ, ଆପଣଙ୍କୁ ଯିଏ ଚଳାଇ ନେଉଛନ୍ତି ଆପଣ ସେହି ବ୍ୟକ୍ତିଙ୍କୁ ପ୍ରେମ କରନ୍ତି ଏବଂ ତାଙ୍କୁ ଜାଣନ୍ତି । ଆକ୍ଷରିକ ଅର୍ଥରେ ଏହା *ବିଶ୍ୱାସର* ଜୀବନ– ବୁଝାମଣା ବା ବିତର୍କର ନୁହେଁ – ଯିବା ପାଇଁ ଯିଏ ଆହ୍ୱାନ କରିଛନ୍ତି, ସେହି ଈଶ୍ୱରଙ୍କୁ ଜାଣିବାର ଜୀବନ । ଜଣେ ବ୍ୟକ୍ତିଙ୍କ ସଂପର୍କିତ ଜ୍ଞାନ ଉପରେ ବିଶ୍ୱାସ ପ୍ରତିଷ୍ଠିତ । ଆମେ ଯେଉଁ ଫାନ୍ଦରେ ପଡ଼ିଯାଉ, ସେଥିମଧ୍ୟରୁ ଗୋଟିଏ ଫାନ୍ଦ ହେଉଛି ଆମର ଏହି ଧାରଣା ଯେ ଯଦି ଆମର ବିଶ୍ୱାସ ଅଛି, ତେବେ ନିଶ୍ଚିତ ରୂପେ ଈଶ୍ୱର ଏହି ଜଗତରେ ଆମକୁ ଉନ୍ନତିର ମାର୍ଗରେ କଢ଼ାଇ ନେବେ ।

ବିଶ୍ୱାସୀ ଜୀବନର ଅନ୍ତିମ ପର୍ଯ୍ୟାୟ ହେଉଛି, ଚରିତ୍ରବତ୍ତା ଏବଂ ଏହି ପ୍ରକ୍ରିୟାରେ ଆମେ ଅନେକ ପରିବର୍ତ୍ତନର ସମ୍ମୁଖୀନ ହେଉ । ପ୍ରାର୍ଥନା କରିବା ସମୟରେ ଆମ ଚତୁର୍ଦ୍ଦିଗରେ ଆମେ ଈଶ୍ୱରଙ୍କ ଉପସ୍ଥିତି ଅନୁଭବ କରୁ, ତଥାପି ଆମେ ସାମୟିକ ରୂପେ ପରିବର୍ତ୍ତିତ ହେଉ । ଆମର ପ୍ରବୃତ୍ତି ସେହି ପୁରାତନ ସ୍ୱଭାବ ମଧ୍ୟକୁ ଆମକୁ ଫେରାଇ ନିଏ ଏବଂ ସେହି ମହିମା ଅପସାରିତ ହୁଏ ।

ବିଶ୍ୱାସୀ ଜୀବନ ଉଚ୍ଚ ପର୍ବତ ଶିଖରର ଗୌରବଯୁକ୍ତ ଅନୁଭୂତି ଅବା ଇଗଲ୍ ପକ୍ଷୀର ପକ୍ଷ ବିସ୍ତାର କରି ଉଚ୍ଚରେ ଉଡ଼ିବାର ଅନୁଭୂତି ନୁହେଁ, ଏହା ହେଉଛି, କାର୍ଯ୍ୟବ୍ୟସ୍ତତା ମଧ୍ୟରେ ପରିଶ୍ରାନ୍ତ ନ ହୋଇ ଆଗେଇ ଚାଲିବାର ଗତିଶୀଳ ଜୀବନ (ଯିଶାଇୟ ୪୦:୩୧ ଦେଖନ୍ତୁ) । ଏହା ପବିତ୍ରୀକରଣ ସଂପର୍କିତ ପ୍ରଶ୍ନ ନୁହେଁ, ମାତ୍ର ପବିତ୍ରୀକରଣ ଠାରୁ ବଳି ଏକ ବଡ଼ ବିଷୟକୁ ବୁଝାଏ । ଏହା ଏ ପ୍ରକାର ବିଶ୍ୱାସ ଯାହା ପ୍ରମାଣସିଦ୍ଧ ଏବଂ ସମୟର କଷଟି ପଥରରେ ପରୀକ୍ଷାସିଦ୍ଧ । ଅବ୍ରହାମ ପବିତ୍ରୀକରଣର ଉଦାହରଣ ନୁହନ୍ତି, ମାତ୍ର ଏକ ବିଶ୍ୱାସପୂର୍ଣ୍ଣ ଜୀବନର ଉଦାହରଣ – ଯେଉଁ ବିଶ୍ୱାସ ସତ୍ୟ, ପ୍ରମାଣ ସିଦ୍ଧ ଏବଂ ସତ୍ୟ ଈଶ୍ୱରଙ୍କ ଉପରେ ପ୍ରତିଷ୍ଠିତ । *''ଅବ୍ରହାମ ଈଶ୍ୱରଙ୍କୁ ବିଶ୍ୱାସ କଲେ'' (ରୋମୀୟ ୪:୩) ।*

# ଈଶ୍ୱରଙ୍କ ସହିତ ବନ୍ଧୁତା

## ମୁଁ ଯାହା କରିବାକୁ ଉଦ୍ୟତ, ତାହା କ'ଣ ଅବ୍ରହାମ ପାଖରୁ ଲୁଚାଇବି ?
## ଆଦିପୁସ୍ତକ ୧୮:୧୭

**ଈଶ୍ୱରଙ୍କ ସହିତ ବନ୍ଧୁତାର ଆନନ୍ଦ ।** ଆଦିପୁସ୍ତକ ୧୮ ଅଧ୍ୟାୟ ସାମୟିକ ପ୍ରାର୍ଥନା ଦ୍ୱାରା ଈଶ୍ୱରଙ୍କ ଉପସ୍ଥିତି ଅନୁଭବ କରିବା ତୁଳନାରେ ଈଶ୍ୱରଙ୍କ ସହିତ ବନ୍ଧୁତ୍ୱର ଆନନ୍ଦକୁ ଆମ ସମ୍ମୁଖରେ ଉପସ୍ଥାପିତ କରେ । ଏହି ବନ୍ଧୁତାର ଅର୍ଥ ହେଉଛି, ଈଶ୍ୱରଙ୍କ ସହିତ ଏତେ ଗଭୀର ସଂପର୍କ ସ୍ଥାପନ, ଯଦ୍ଦ୍ୱାରା ଆପଣ ଈଶ୍ୱରଙ୍କୁ କହିବା ଆବଶ୍ୟକ ମନେ କରିବେ ନାହିଁ ଯେ, ସେ ଆପଣଙ୍କୁ ତାଙ୍କର ଇଚ୍ଛା ଦେଖାନ୍ତୁ । ଏହା ସେହି ସ୍ତରର ଘନିଷ୍ଠତାର ପ୍ରମାଣ ଯାହା ଦୃଢ଼ ରୂପେ ପ୍ରକାଶ କରେ ଯେ, ଆପଣ ଆପଣଙ୍କ ବିଶ୍ୱାସୀ ଜୀବନ ସଂପର୍କିତ ଶୃଙ୍ଖଳାର ଅନ୍ତିମ ପର୍ଯ୍ୟାୟର ନିକଟତର ହେଉଛନ୍ତି । ଯେତେବେଳେ ଈଶ୍ୱରଙ୍କ ସହିତ ଆପଣଙ୍କ ଉପଯୁକ୍ତ ସଂପର୍କ ସ୍ଥାପିତ ହୁଏ, ଆପଣଙ୍କ ଜୀବନ ସ୍ୱାଧୀନ, ମୁକ୍ତ ଏବଂ ଆନନ୍ଦିତ ହୁଏ ଯେ, ଆପଣ ନିଜେ ଈଶ୍ୱରଙ୍କ ଇଚ୍ଛା ଅଟନ୍ତି । ଆତ୍ମିକ କ୍ଷେତ୍ରରେ ଆପଣଙ୍କୁ ଅଟକାଇ ରଖିବା ଭଳି କୌଣସି ବିଷୟର ଆଭାସ ନ ପାଇବା ପର୍ଯ୍ୟନ୍ତ ଆପଣଙ୍କ ବ୍ୟବହାରିକ ଜୀବନର ସବୁ ସିଦ୍ଧାନ୍ତ ପ୍ରକୃତରେ ଆପଣଙ୍କ ପ୍ରତି ଈଶ୍ୱରଙ୍କ ଇଚ୍ଛା ବୋଲି ସ୍ୱୀକାର କରିବାକୁ ହେବ । ଈଶ୍ୱରଙ୍କ ସହିତ ସିଦ୍ଧ ଏବଂ ଆନନ୍ଦପୂର୍ଣ୍ଣ ସଂପର୍କ ରଖିବା ଦ୍ୱାରା ଆପଣ ସ୍ୱାଧୀନ ଭାବେ ସିଦ୍ଧାନ୍ତ ନେବେ, କାରଣ ଆପଣ ଜାଣନ୍ତି ଯେ, ଯଦି ଆପଣଙ୍କ ସିଦ୍ଧାନ୍ତ ତ୍ରୁଟିପୂର୍ଣ୍ଣ ହୁଏ, ତେବେ ଈଶ୍ୱର ପ୍ରେମରେ ତାହାକୁ ଅଟକାଇ ରଖିବେ । ସେ ଯଦି ତାହା କରନ୍ତି, ତା'ହେଲେ ଆପଣ ଅବିଳମ୍ବେ ସେଥିରୁ ଓହରି ଯିବେ ।

**ଈଶ୍ୱରଙ୍କ ସହିତ ବନ୍ଧୁତାର ଅସୁବିଧା ।** ଅବ୍ରହାମ କେଉଁ କାରଣରୁ ପ୍ରାର୍ଥନା କରିବା ବନ୍ଦ କରିଦେଲେ ? ସେ ପ୍ରାର୍ଥନା କରିବା ବନ୍ଦ କଲେ କାରଣ ସେ ପର୍ଯ୍ୟନ୍ତ ସେ ଈଶ୍ୱରଙ୍କ ଘନିଷ୍ଠ ସଂପର୍କର ସେହି ସ୍ତରକୁ ଆସିବା ପାଇଁ ଅସମର୍ଥ ହୋଇଥିଲେ, ଯାହାକି ତାଙ୍କର ଇଚ୍ଛା ପୂରଣ କରିବା ସମୟ ପର୍ଯ୍ୟନ୍ତ ସାହସର ସହ ଈଶ୍ୱରଙ୍କଠାରେ ପ୍ରାର୍ଥନା କରି ତାଙ୍କ ସହିତ ସଂପର୍କ ରକ୍ଷା କରିବା ପାଇଁ ସମର୍ଥ କରିଥା'ନ୍ତା । ଯେତେବେଳ ଆମେ ପ୍ରକୃତ ଇଚ୍ଛା ନେଇ ପ୍ରାର୍ଥନା କରିବା ପୂର୍ବରୁ ଅଟକି ଯାଇ କହୁ, ''ମୁଁ ଜାଣେନା, ଏହା ଈଶ୍ୱରଙ୍କ ଇଚ୍ଛା କି ନୁହେଁ,'' ସେଥିରୁ ସୂଚୀତ ହୁଏ ଯେ, ଆମକୁ ଆଉ ଗୋଟିଏ ସ୍ତର ଅତିକ୍ରମ କରିବାକୁ ହେବ । ଏହା ମଧ୍ୟ ଦର୍ଶାଇ ଦିଏ ଯେ, ଯୀଶୁଙ୍କ ଭଳି ଈଶ୍ୱରଙ୍କ ସହିତ ଆମର ସେପରି ଘନିଷ୍ଠତା ନାହିଁ ବା ଯୀଶୁ ଯେପରି ଅପେକ୍ଷା କରନ୍ତି, ଆମର ସେପରି ଘନିଷ୍ଠତା ନାହିଁ । ଯୀଶୁ କହିଲେ, ''ଆମେ ଯେପରି ଏକ, ସେମାନେ ସେହିପରି ଏକ ହେବେ'' (ଯୋହନ ୧୭:୨୨) । ଆପଣଙ୍କର ପ୍ରତ୍ୟେକ ପ୍ରାର୍ଥନାର ଶେଷ ବିଷୟ କ'ଣ ଥିଲା, ତାହା ଚିନ୍ତା କରନ୍ତୁ । ଆପଣ କ'ଣ ନିଜର ଇଚ୍ଛା ଅବା ଈଶ୍ୱରଙ୍କ ପ୍ରତି ସମର୍ପିତ ଥିଲେ ? ଆପଣଙ୍କ ପ୍ରାର୍ଥନାର ଦୃଢ଼ ଅନୁରୋଧ କ'ଣ ନିଜ ପାଇଁ ପବିତ୍ର ଆତ୍ମାଙ୍କ କୌଣସି ଦାନ ପ୍ରତି ଅବା ଈଶ୍ୱରଙ୍କ ନିକଟରେ ପହଞ୍ଚିବା ଉଦ୍ଦେଶ୍ୟରେ କେନ୍ଦ୍ରୀଭୂତ ଥିଲା ? ''କାରଣ ତୁମେ ମାଗିବା ପୂର୍ବରୁ ତୁମର କ'ଣ ପ୍ରୟୋଜନ, ତାହା ତୁମର ପିତା ଈଶ୍ୱର ଜାଣନ୍ତି'' (ମାଥିଉ ୬:୮) । ମାଗିବାର ଉଦ୍ଦେଶ୍ୟ ହେଉଛି, ଆପଣ ଯେପରି ଆହୁରି ଭଲ ରୂପେ ଈଶ୍ୱରଙ୍କୁ ଜାଣିବେ । ''ପ୍ରଭୁଙ୍କଠାରେ ଆନନ୍ଦିତ ହୁଅ, ସେ ତୁମର ମନୋବାଞ୍ଛା ପୂର୍ଣ୍ଣ କରିବେ'' (ଗୀତସଂହିତା ୩୭:୪) । ଆମେ ପ୍ରାର୍ଥନାରେ ଲାଗି ରହିବା ଯେପରି ଆମେ ସ୍ୱୟଂ ଈଶ୍ୱରଙ୍କ ବିଷୟରେ ପ୍ରକୃତ ଜ୍ଞାନ ପ୍ରାପ୍ତ ହେବା ।

ମାର୍ଚ୍ଚ ୨୧

# ସାମିଲ୍ ହୋଇଛନ୍ତି ଅବା କେବଳ ଆଗ୍ରହ ପ୍ରକାଶ କରିଛନ୍ତି ?

**ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଛି ।**
**ଗାଲାତୀୟ ୨:୨୦**

ଅପରିହାର୍ଯ୍ୟ ମନେ ହେଉଥିବା ଆମ ପ୍ରତ୍ୟେକଙ୍କର ଆତ୍ମିକ ଆବଶ୍ୟକତା ହେଉଛି, ଆମ ପାପ ସ୍ୱଭାବର ମୃତ୍ୟୁ ପ୍ରମାଣ-ପତ୍ର ଉପରେ ଆମର ସ୍ୱାକ୍ଷର ପ୍ରଦାନ । ମୋତେ ମୋର ଭାବପ୍ରବଣ ମତ ଏବଂ ବୌଦ୍ଧିକ ଧାରଣାକୁ ପାପ ସ୍ୱଭାବ ବିରୁଦ୍ଧରେ ଏକ ନୈତିକ ସିଦ୍ଧାନ୍ତରେ ପରିଣତ କରିବାକୁ ହେବ । ଏହା ମଧ୍ୟ ମୋ ନିଜ ଉପରେ ନିଜର ଅଧିକାର ସଂପର୍କିତ ସମସ୍ତ ଦାବି ବିରୁଦ୍ଧରେ ସିଦ୍ଧାନ୍ତ ନେବା ବିଷୟକୁ ବୁଝାଏ । ପାଉଲ କହିଲେ, ''ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଛି ।'' ସେ କହିଲେ ନାହିଁ, ''ମୁଁ ଯୀଶୁ ଖ୍ରୀଷ୍ଟଙ୍କୁ ଅନୁକରଣ କରିବା ପାଇଁ ଦୃଢ଼ ସଂକଳ୍ପ ନେଇଛି'' କିମ୍ବା ''ମୁଁ ଯୀଶୁଖ୍ରୀଷ୍ଟଙ୍କର ଅନୁଗମନ କରିବା ପାଇଁ ପ୍ରୟାସ କରିବି'' - କିନ୍ତୁ ସେ କହିଲେ, ''ମୁଁ ତାଙ୍କ ମୃତ୍ୟୁରେ ତାଙ୍କ ସହିତ ଏକ ହୋଇଛି ।'' ଥରେ ମୁଁ ଯେତେବେଳେ ଏହି ନୈତିକ ସିଦ୍ଧାନ୍ତରେ ଉପନୀତ ହୋଇ ତଦନୁଯାୟୀ କାର୍ଯ୍ୟ କରେ, କ୍ରୁଶରେ ଖ୍ରୀଷ୍ଟ ମୋ ପାଇଁ ଯେଉଁ ସବୁ କାର୍ଯ୍ୟ ସଂପାଦନ କଲେ, ତାହା ମୋଠାରେ ସଂପାଦିତ ହୁଏ । ଈଶ୍ୱରଙ୍କ ପ୍ରତି ମୋର ସ୍ୱଚ୍ଛନ୍ଦ ସମର୍ପଣ ମୋତେ ଯୀଶୁଖ୍ରୀଷ୍ଟଙ୍କ ପବିତ୍ରତା ପ୍ରଦାନ କରିବା ପାଇଁ ପବିତ୍ର ଆତ୍ମାଙ୍କୁ ସୁଯୋଗ ଦିଏ ।

''ମୁଁ ଆଉ ଜୀବିତ ନୁହେଁ'', ମୋର ବ୍ୟକ୍ତିତ୍ୱ ରହିଥାଏ, କିନ୍ତୁ ମୋର ବଞ୍ଚିବାର ମୁଖ୍ୟ ପ୍ରେରଣା ଏବଂ ମୋର ନିୟନ୍ତ୍ରଣକାରୀ ସ୍ୱଭାବ, ଏ ଦୁହେଁ ସଂପୂର୍ଣ୍ଣ ରୂପେ ବଦଳି ଯାଇଛନ୍ତି । ମୋର ସେହି ଏକ ମନୁଷ୍ୟ ଶରୀର ରହିଛି, କିନ୍ତୁ ମୋ ଉପରେ ଥିବା ପୁରୁଣା ଶୟତାନର ଅଧିକାର ନଷ୍ଟ ହୋଇଛି ।

''ମୁଁ ଶରୀରରେ ଥାଇ ବର୍ତ୍ତମାନ ଯେଉଁ ଜୀବନ ଯାପନ କରୁଛି'', ଏହା ସେହି ଜୀବନ ନୁହେଁ, ଯାହା ଅତିବାହିତ କରିବା ପାଇଁ ମୁଁ ଇଚ୍ଛା କରେ, ଅବା ସେହି ଜୀବନ ଧାରଣ ପାଇଁ ପ୍ରାର୍ଥନା କରେ, ମାତ୍ର ମୋର କ୍ଷୟଣୀୟ ଶରୀର ଦ୍ୱାରା ମୁଁ ଯେଉଁ ଜୀବନ ଧାରଣ କରେ- ଯେଉଁ ଜୀବନ ଅନ୍ୟମାନଙ୍କ ନିକଟରେ ଦୃଶ୍ୟମାନ''- ଏହା ମୋର ସେହି ଜୀବନ ଯାହା ଈଶ୍ୱରଙ୍କ ପୁତ୍ରଙ୍କ ପ୍ରତି ବିଶ୍ୱାସ ଉପରେ ଆଧାରିତ ।'' ଏହି ବିଶ୍ୱାସ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ପାଉଲଙ୍କ ନିଜର ବିଶ୍ୱାସ ନ ଥିଲା, ମାତ୍ର ଏହି ବିଶ୍ୱାସ ଈଶ୍ୱରଙ୍କ ପୁତ୍ର ପାଉଲଙ୍କୁ ପ୍ରଦାନ କରିଥିଲେ (ଏଫିସୀ ୨:୮ ଦେଖନ୍ତୁ) । ଏହା ସେହିଭଳି ବିଶ୍ୱାସ ପ୍ରତି ବିଶ୍ୱାସ ନୁହେଁ, କିନ୍ତୁ ଏହା ଏଭଳି ବିଶ୍ୱାସ, ଯାହା ସମସ୍ତ କାଳ୍ପନିକ ସୀମା ଅତିକ୍ରମ କରେ - ଏଭଳି ବିଶ୍ୱାସ ଯାହା କେବଳ ଈଶ୍ୱରଙ୍କ ପୁତ୍ରଙ୍କଠାରୁ ଆସିଥାଏ ।

# ଉତ୍ତପ୍ତ ହୃଦୟ

### ଆମମାନଙ୍କ ହୃଦୟ କ'ଣ ଉତ୍ତପ୍ତ ହେଉ ନ ଥିଲା ?
### ଲୂକ ୨୪:୩୨

ଆମକୁ ଏ ଉତ୍ତପ୍ତ ହୃଦୟର ରହସ୍ୟ ଜାଣିବାକୁ ହେବ । ଅକସ୍ମାତ ଆମ ସମ୍ମୁଖରେ ଯୀଶୁ ଉଭା ହୁଅନ୍ତି, ଆମ ଉତ୍ସାହର ଅଗ୍ନି ଶିଖା ପ୍ରଜ୍ୱଳିତ ହୁଏ, ଆମେ ଅପୂର୍ବ ଦର୍ଶନ ପାଉ– କିନ୍ତୁ ତା' ପରେ ଉତ୍ତପ୍ତ ହୃଦୟର ରହସ୍ୟ କିପରି ଚାଲୁ ରହିବ, ଆମେ ତାହା ଶିଖିବା ଆବଶ୍ୟକ – ଏହା ଏପରି ଏକ ହୃଦୟ, ଯାହା ସବୁ କିଛି ସହିପାରେ । ଆମେ ଯଦି ଯୀଶୁଙ୍କଠାରେ ରହିବାର ରହସ୍ୟ ଶିଖିନାହୁଁ, ତେବେ ଏକ ସାଧାରଣ ନୀରସ ଦିନ, ତାହାର ସାଧାରଣ କାର୍ଯ୍ୟ ଏବଂ ଲୋକମାନେ ଉତ୍ତପ୍ତ ହୃଦୟକୁ ଶ୍ୱାସରୁଦ୍ଧ କରିଦେବେ ।

ଖ୍ରୀଷ୍ଟୀୟ ଜୀବନର ଅନେକ ଯନ୍ତ୍ରଣାଦାୟକ ଅନୁଭୂତି ଆମ ପାପର ପରିଣାମ ରୂପେ ଆସି ନ ଥାଏ, ମାତ୍ର ଆମ ସ୍ୱଭାବର ନିୟମ ସଂପର୍କିତ ଆମର ଅଜ୍ଞତା ହେତୁ ଆମେ ଏହି ପ୍ରକାର ଅନୁଭୂତି ମଧ୍ୟ ଦେଇ ଗତି କରୁ । ଉଦାହରଣ ରୂପେ ଗୋଟିଏ ନିର୍ଦ୍ଦିଷ୍ଟ ଭାବନାକୁ ଆମ ଜୀବନରେ କାର୍ଯ୍ୟକାରୀ କରିବାକୁ ଦେବା କି ନାହିଁ, ଏହି ନିଷ୍ପତ୍ତି ନେବା ପାଇଁ ଆମକୁ ଏହି ଭାବନାର ଅନ୍ତିମ ପରିଣାମ ବିଷୟରେ ପରୀକ୍ଷା କରିବାକୁ ହେବ । ଏହାର ତାର୍କିକ ପରିଣାମ ବିଷୟ ଚିନ୍ତା କରନ୍ତୁ ଏବଂ ଏହି ପରିଣାମ ଯଦି ଈଶ୍ୱରଙ୍କ ଦୃଷ୍ଟିରେ ଅନୁପଯୁକ୍ତ ଘୋଷିତ ହେବ, ତେବେ ଅବିଳମ୍ବେ ସେଥିରୁ ନିବୃତ୍ତ ହୁଅନ୍ତୁ । କିନ୍ତୁ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଯଦି ଏହି ଭାବନାର ଉଦ୍ରେକ ହୁଏ ଏବଂ ଆପଣ ତାହାକୁ ଆପଣଙ୍କ ଜୀବନରେ କାର୍ଯ୍ୟକାରୀ କରିବାକୁ ଦିଅନ୍ତି ନାହିଁ, ତେବେ ଏହାର ପ୍ରତିକ୍ରିୟା ଏହି ସ୍ତର ଅପେକ୍ଷା ଆହୁରି ନିମ୍ନତର ସ୍ତରରେ ହୋଇଥାଏ, ଯାହା ଈଶ୍ୱରଙ୍କ ଇଚ୍ଛାସମ୍ମତ ଥିଲା । ଯେଉଁ ଲୋକମାନେ ଅବିଶ୍ୱସନୀୟ ଏବଂ ଅତ୍ୟଧିକ ଭାବପ୍ରବଣ, ସେମାନଙ୍କ ଅବସ୍ଥା ଏହିପରି ହୁଏ । ଭାବପ୍ରବଣତା ଯେତିକି ଉଚ୍ଚକୁ ଯାଏ, ଭ୍ରଷ୍ଟତାର ସ୍ତର ସେତିକି ଗଭୀର ହୁଏ, ଯଦି ଉଦ୍ଦେଶ୍ୟ ସାଧନ କରିବା ସ୍ତରରେ ଏହା କାର୍ଯ୍ୟକାରୀ ନ ହୁଏ । ଯଦି ଈଶ୍ୱରଙ୍କ ଆତ୍ମା ଆପଣଙ୍କ ହୃଦୟକୁ ଉତ୍ତପ୍ତ କରିଛନ୍ତି, ତେବେ ଯେତେ ଦୂର ସମ୍ଭବ, ଆପଣଙ୍କ ସିଦ୍ଧାନ୍ତ ସବୁକୁ ଅପରିବର୍ତ୍ତିତ ରଖନ୍ତୁ ଏବଂ ପରିଣାମ ବିଷୟ ଚିନ୍ତା କରନ୍ତୁ ନାହିଁ । ଆମେ ଚିରଦିନ ''ରୂପାନ୍ତର ଘଟିଥିବା ପର୍ବତ'' ଉପରେ ରହିପାରିବା ନାହିଁ ଅବା ସେହି ଗୌରବମୟ ଅନୁଭୂତିର ଆନନ୍ଦ ଅନୁଭବ କରିପାରିବା ନାହିଁ (ମାର୍କ ୯:୧–୯ ଦେଖନ୍ତୁ) । କିନ୍ତୁ ସେଠାରେ ଯେଉଁ ଆଲୋକ ପ୍ରକାଶିତ ହୋଇଥିଲା, ଆମେ ତାହାର ବାଧ୍ୟ ହୋଇ ତାକୁ କାର୍ଯ୍ୟରେ ପରିଣତ କରିବା ଉଚିତ୍ । ଯେତେବେଳେ ଈଶ୍ୱର ଆମକୁ ଦର୍ଶନ ଦିଅନ୍ତି, ପରିଣାମ ଯାହା ହେଉ ପଛକେ, ସେହି ମୁହୂର୍ତ୍ତରେ ଆମେ ଈଶ୍ୱରଙ୍କ ସହିତ ନିୟମିତ କାର୍ଯ୍ୟ ଆରମ୍ଭ କରିବା ।

# ମୁଁ କ'ଣ ଶାରୀରିକ ପ୍ରବୃତ୍ତି ସଂପନ୍ନ ?

## କାରଣ ଯେତେବେଳେ ତୁମମାନଙ୍କ ମଧ୍ୟରେ ଈର୍ଷା ଓ ବିବାଦ ରହିଛି, ତୁମେମାନେ କି ଶାରୀରିକ ନୁହଁ ?
## ୧ କରିନ୍ଥୀୟ ୩:୩

ସ୍ୱାଭାବିକ ମନୁଷ୍ୟ କିମ୍ବା ଅବିଶ୍ୱାସୀ ଶାରୀରିକ ବିଷୟରେ କିଛି ଜାଣନ୍ତି ନାହିଁ । ଶାରୀରିକ ଅଭିଳାଷର ପବିତ୍ର ଆତ୍ମାଙ୍କ ସହିତ ଯୁଦ୍ଧ ଏବଂ ଶାରୀରିକ ଅଭିଳାଷ ସହିତ ପବିତ୍ର ଆତ୍ମାଙ୍କ ଯୁଦ୍ଧ, ଯାହା ନୂତନ ଜନ୍ମ ନେବା ସମୟଠାରୁ ଆରମ୍ଭ ହୋଇଥିଲା, ସେଥିରୁ ଶାରୀରିକ ପ୍ରବୃତ୍ତି ଏବଂ ତାହାର ବୋଧଶକ୍ତି ଉତ୍ପନ୍ନ ହୁଏ । କିନ୍ତୁ ପାଉଲ କହିଲେ ''ଆତ୍ମାଙ୍କ ଦ୍ୱାରା ଆଚରଣ କର, ତାହାହେଲେ ତୁମେମାନେ ଶରୀରର ଅଭିଳାଷ ପୂର୍ଣ୍ଣ କରିବ ନାହିଁ'' (ଗାଲାତୀୟ ୫:୧୬) । ଅନ୍ୟ କଥାରେ ଜାଗତିକତା ଅପସରିଯିବ ।

ଆପଣ କ'ଣ କଳହପ୍ରିୟ ଏବଂ ସାମାନ୍ୟ କଥାରେ ବିରକ୍ତ ହୁଅନ୍ତି ? ଆପଣ କ'ଣ ଭାବନ୍ତି କୌଣସି ଖ୍ରୀଷ୍ଟବିଶ୍ୱାସୀ ଏପରି କରିପାରନ୍ତି ନାହିଁ ? ପାଉଲଙ୍କ ମତରେ ସେମାନେ ଏଭଳି ଆଚରଣ କରନ୍ତି ଏବଂ ସେ ଏହି ମନୋଭାବକୁ ଶାରୀରିକ ପ୍ରବୃତ୍ତି ସହିତ ଯୋଗ କରିଥିଲେ । ବାଇବଲର ଏଭଳି କୌଣସି ସତ୍ୟ କ'ଣ ଅବିଳମ୍ବେ ଆପଣଙ୍କ ମନରେ ଅନିଷ୍ଟ ଚିନ୍ତା ଏବଂ ପ୍ରତିହିଂସା ମନୋଭାବ ଜାଗ୍ରତ କରୁଛି ? ଯଦି ଏହିପରି ହୁଏ, ତେବେ ତାହା ପ୍ରମାଣ କରେ ଯେ, ଆପଣ ବର୍ତ୍ତମାନ ପର୍ଯ୍ୟନ୍ତ ଜଣେ ଶାରୀରିକ ପ୍ରବୃତ୍ତି ସମ୍ପନ୍ନ ବ୍ୟକ୍ତି । ଯଦି ଆପଣଙ୍କ ଜୀବନରେ ପବିତ୍ରୀକରଣ ପ୍ରକ୍ରିୟା ଚାଲିଛି, ତା'ହେଲେ ଏଭଳି ଆତ୍ମାର କୌଣସି ଚିହ୍ନ ରହିବ ନାହିଁ ।

ଯଦି ଈଶ୍ୱରଙ୍କ ଆତ୍ମା ଆପଣଙ୍କ ଜୀବନରେ କୌଣସି ତ୍ରୁଟି ବାହାର କରନ୍ତି, ତେବେ ତାହାକୁ ସଂଶୋଧନ କରିବାକୁ ସେ ଆପଣଙ୍କୁ କହନ୍ତି ନାହିଁ, ସେ କେବଳ ଚାହାନ୍ତି ଯେ ଆପଣ ପ୍ରକାଶିତ ସତ୍ୟକୁ ଗ୍ରହଣ କରିବେ, ଏବଂ ତା'ପରେ ସେ ତାହାକୁ ସଂଶୋଧନ କରିବେ । ଆଲୋକର ସନ୍ତାନ ସେହିକ୍ଷଣି ତାହାର ପାପ ସ୍ୱୀକାର କରି ଉନ୍ମୁକ୍ତ ହୃଦୟରେ ଈଶ୍ୱରଙ୍କ ସମ୍ମୁଖରେ ଛିଡ଼ା ହେବ । କିନ୍ତୁ ଅନ୍ଧକାରର ସନ୍ତାନ କହିବ, ''ମୁଁ ସେ କଥା ବୁଝାଇ ପାରିବି ।'' ଯେତେବେଳେ ଆଲୋକ ଉଦ୍ଭାସିତ ହୁଏ ଏବଂ ପବିତ୍ର ଆତ୍ମା ପାପବୋଧ ଦିଅନ୍ତି, ସେତେବେଳେ ଆଲୋକର ସନ୍ତାନ ହୁଅନ୍ତୁ । ଆପଣଙ୍କ ଦୋଷ ସ୍ୱୀକାର କରନ୍ତୁ, ଈଶ୍ୱର ତାଙ୍କର କାର୍ଯ୍ୟ କରିବେ । ଆପଣ ଯଦି ଆପଣଙ୍କ ଯଥାର୍ଥତା ପ୍ରମାଣ କରିବାର ପଦକ୍ଷେପ ନେବେ, ତେବେ ଆପଣ ଅନ୍ଧକାରର ସନ୍ତାନ ବୋଲି ପ୍ରମାଣିତ ହେବେ । ଶାରୀରିକ ପ୍ରବୃତ୍ତି ଯେ ଲୁପ୍ତ ହୋଇଛି, ତାହାର ପ୍ରମାଣ କ'ଣ ? ନିଜକୁ ପ୍ରତାରଣା କରନ୍ତୁ ନାହିଁ, ଶାରୀରିକ ପ୍ରବୃତ୍ତି ଲୁପ୍ତ ହେଲେ ଆପଣ ଜାଣିପାରିବେ– ଏହା ଏକ ବାସ୍ତବ ବିଷୟ, ଯାହା ଆପଣ କଳ୍ପନା କରିପାରିବେ । ଈଶ୍ୱରଙ୍କ ଅନୁଗ୍ରହର ଆଶ୍ଚର୍ଯ୍ୟ କାର୍ଯ୍ୟକୁ ପ୍ରମାଣ କରିବା ପାଇଁ ଈଶ୍ୱର ଆପଣଙ୍କୁ ଅନେକ ସୁଯୋଗ ଦେବେ । ଏକ ବ୍ୟାବହାରିକ ପରୀକ୍ଷା ଦ୍ୱାରା ଏହା ପ୍ରମାଣିତ ହେବ । ଆପଣ ଏହି କଥା କହିବେ, ''ପୂର୍ବରୁ ଯଦି ଏପରି କିଛି ଘଟିଥାନ୍ତା, ମୁଁ ନିଶ୍ଚୟ ତା'ର ବିରୋଧ କରିଥାନ୍ତି ।'' ଆପଣଙ୍କ ଭିତରେ ଈଶ୍ୱର ଯେଉଁ କାର୍ଯ୍ୟ କରିଛନ୍ତି ତାହା ଦେଖି ଆପଣ ଜଗତର ସବୁଠାରୁ ଅଧିକ ଚକିତ ଏବଂ ବିସ୍ମୟାଭିଭୂତ ବ୍ୟକ୍ତି ହେବେ ।

ମାର୍ଚ୍ଚ ୨୪

# ଈଶ୍ୱରଙ୍କ ଉଦ୍ଦେଶ୍ୟରେ ହ୍ରାସ ପାଇବା

**ସେ ଅବଶ୍ୟ ବୃଦ୍ଧି ପାଇବେ ଏବଂ ମୁଁ ହ୍ରାସ ପାଇବି ।**

**ଯୋହନ ୩:୩୦**

ଆପଣ ଯଦି ଅନ୍ୟ କାହାର ଜୀବନ ପାଇଁ ଅପରିହାର୍ଯ୍ୟ ହୋଇଛନ୍ତି, ତେବେ ଆପଣ ଈଶ୍ୱରଙ୍କ ଇଚ୍ଛାରୁ ବାହାରି ଯାଇଛନ୍ତି । ଈଶ୍ୱରଙ୍କ ସେବକ ରୂପେ ଆପଣଙ୍କ ମୁଖ୍ୟ ଦାୟିତ୍ୱ ହେଉଛି, ''ବରଙ୍କ ବନ୍ଧୁ ହେବା'' (୩:୨୯) । ଯେତେବେଳେ ଆପଣ ଜଣେ ବ୍ୟକ୍ତିଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଦାବିକୁ ଉପଲବ୍ଧି କରିବା ଦେଖନ୍ତି, ତେବେ ଆପଣ ଜାଣିବେ ଯେ, ଆପଣଙ୍କ ପ୍ରଭାବର ଉପଯୁକ୍ତ ବିନିଯୋଗ ହୋଇଛି । କିନ୍ତୁ ଯେତେବେଳେ ସେହି ବନ୍ଧୁଙ୍କୁ ଏକ କଷ୍ଟକର ପରିସ୍ଥିତି ମଧ୍ୟରେ ଦେଖନ୍ତି, ତାହାର ପ୍ରତିରୋଧ କରନ୍ତୁ ନାହିଁ, କିନ୍ତୁ ପ୍ରାର୍ଥନା କରନ୍ତୁ, ଯେପରି ତାଙ୍କର କଠିନ ପରିସ୍ଥିତି ଆହୁରି ଦଶଗୁଣ ବୃଦ୍ଧି ପାଇଲେ ସୁଦ୍ଧା ପୃଥିବୀ ବା ନରକର କୌଣସି ଶକ୍ତି ଯେପରି ତାଙ୍କୁ ଯୀଶୁଖ୍ରୀଷ୍ଟଙ୍କଠାରୁ ଦୂର କରି ନ ପାରେ । ବାରମ୍ବାର ଆମେ ଅନ୍ୟର ଜୀବନରେ ଅପରିପକ୍ୱ ଈଶ୍ୱର ରୂପେ ପ୍ରବେଶ କରିବା ପାଇଁ ଚେଷ୍ଟା କରିଥାଉ । ଆମେ ପ୍ରକୃତରେ ଅପରିପକ୍ୱ ରୂପେ ପଶି ଆସୁ ଏବଂ ଈଶ୍ୱରଙ୍କ ଇଚ୍ଛାକୁ ପ୍ରତିରୋଧ କରି କହୁ, ''ଏହି ବନ୍ଧୁ ଯେଉଁ କଠିନ ପରିସ୍ଥିତି ମଧ୍ୟରେ ଯାଉଛନ୍ତି, ତାହା ଘଟିବା ଉଚିତ୍ ନ ଥିଲା ।'' ବରଙ୍କର ବନ୍ଧୁ ହେବା ପରିବର୍ତ୍ତେ ଆମର ଅନୁକଂପା ସେଥିରେ ବାଧା ସୃଷ୍ଟି କରେ । ଦିନେ ସେହି ଲୋକ ଆମକୁ କହିବେ, ''ତୁମେ ଜଣେ ଚୋର, ଯୀଶୁଙ୍କୁ ଅନୁସରଣ କରିବାର ମୋର ସବୁ ଇଚ୍ଛାକୁ ତୁମେ ଲୁଟି ନେଇଛ, ଆଉ ତୁମ ଯୋଗୁଁ ଯୀଶୁ ମୋ ଦୃଷ୍ଟିରୁ ଅପସରି ଯାଇଛନ୍ତି ।''

ଭୁଲ୍ ବିଷୟରେ କାହା ସହିତ ଆନନ୍ଦ କରିବା ପ୍ରତି ସାବଧାନ ହୁଅନ୍ତୁ, କିନ୍ତୁ ସବୁବେଳେ ସଠିକ୍ ବିଷୟରେ ଆନନ୍ଦ କରନ୍ତୁ... ବରଙ୍କ ବନ୍ଧୁ... ବରଙ୍କ କଥା ଶୁଣି ଆନନ୍ଦରେ ପୂର୍ଣ୍ଣ ହୁଏ । ସେହି ଆନନ୍ଦ ହିଁ ମୋର । ତାହା ଏବେ ପୂର୍ଣ୍ଣତା ଲାଭ କରିଛି । ସେ ଅବଶ୍ୟ ବୃଦ୍ଧି ପାଇବେ, ମୁଁ ହ୍ରାସ ପାଇବି'' (ଯୋହନ ୩:୨୯-୩୦) । ଏହା ଏକ ଆନନ୍ଦପୂର୍ଣ୍ଣ ଅଭିବ୍ୟକ୍ତି ଥିଲା – ଦୁଃଖଭରା ନୁହେଁ – ପରିଶେଷରେ ସେମାନେ ବରଙ୍କୁ ଦେଖିବା ପାଇଁ ଯାଇଥିଲେ । ଯୋହନ ଏହାକୁ ତାଙ୍କର ଆନନ୍ଦ ବୋଲି କହିଲେ । ଏଥିରୁ ବର୍ଣ୍ଣିତ ହୁଏ ଯେ, ସେବକ ନିଜକୁ ତୁଚ୍ଛ ଜ୍ଞାନ କରି ଘୁଞ୍ଚିଯିବ ଏବଂ ସ୍ମୃତିପଟରୁ ଲୁଚିଯିବ ।

ଯେପର୍ଯ୍ୟନ୍ତ ଅନ୍ୟ ବ୍ୟକ୍ତିଙ୍କ ଜୀବନରେ ବରଙ୍କ କଥା ନ ଶୁଣିଛନ୍ତି, ଆପଣଙ୍କ ପୂର୍ଣ୍ଣ ବ୍ୟକ୍ତିତ୍ୱ ସହ କେବଳ ଶୁଣନ୍ତୁ । ଏହା କେଉଁ ପ୍ରକାର କ୍ଷତି, ଅସୁବିଧା ବା ଅସୁସ୍ଥତା ଆଣିବ, ଆଦୌ ତାହା ଚିନ୍ତା କରନ୍ତୁ ନାହିଁ । ଈଶ୍ୱରଙ୍କ ସ୍ୱର ଶୁଣିଛନ୍ତି ବୋଲି ଭକ୍ତିପୂର୍ଣ୍ଣ ଆବେଗ ଉଚ୍ଛ୍ୱାସ ନେଇ ଆନନ୍ଦ କରନ୍ତୁ । ଆପଣ ଲକ୍ଷ୍ୟ କରିବେ ଯେ, ଗୋଟିଏ ଜୀବନକୁ ରକ୍ଷା କରିବା ପୂର୍ବରୁ ଯୀଶୁ କିପରି ସେହି ଜୀବନକୁ ନଷ୍ଟ କରି ଦିଅନ୍ତି (ମାଥିଉ ୧୦:୩୪) ।

## ମାର୍ଚ୍ଚ ୨୫

# ଉପଯୁକ୍ତ ସଂପର୍କ ରକ୍ଷା କରିବା

**... ବରଙ୍କ ବନ୍ଧୁ...**

**ଯୋହନ ୩:୨୯**

ଉତ୍ତମତା ଏବଂ ପବିତ୍ରତା ଏପରି ଗୁଣ ହେବା ଉଚିତ୍ ନୁହେଁ, ଯାହା କେବଳ ନିଜ ପ୍ରତି ଧ୍ୟାନ ଆକର୍ଷଣ କରେ, ସେମାନଙ୍କୁ ଚୁମ୍ବକ ଭଳି ହେବାକୁ ପଡ଼ିବ, ଯାହା ଲୋକମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଆକର୍ଷଣ କରେ । ଯଦି ମୋର ପବିତ୍ରତା ଅନ୍ୟମାନଙ୍କୁ ଈଶ୍ୱରଙ୍କ ପ୍ରତି ଆକର୍ଷଣ କରୁ ନାହିଁ, ତେବେ ଏହା ପ୍ରକୃତରେ ପବିତ୍ରତା ନୁହେଁ, ଏହା କେବଳ ଏକ ପ୍ରଭାବ ରୂପେ ଲୋକମାନଙ୍କ ମନରେ ଅତ୍ୟଧିକ ଚିନ୍ତା ଏବଂ ମନ୍ଦ ଅଭିଳାଷ ଜନ୍ମାଏ ଏବଂ ଉପଯୁକ୍ତ ମାର୍ଗ ଅନୁସରଣ କରିବାରୁ ସେମାନଙ୍କୁ ଦିଗଭ୍ରଷ୍ଟ କରେ । ପବିତ୍ର ଲୋକ ରୂପେ ପରିଚିତ ଜଣେ ବ୍ୟକ୍ତି ଲୋକମାନଙ୍କ ନିକଟରେ ସ୍ୱୟଂ ଯୀଶୁ ଖ୍ରୀଷ୍ଟଙ୍କୁ ଉପସ୍ଥାପିତ କରିବା ପରିବର୍ତ୍ତେ ତାଙ୍କ ଜୀବନରେ ଖ୍ରୀଷ୍ଟଙ୍କ ସାଧିତ କାର୍ଯ୍ୟ ବିଷୟ କହନ୍ତି, ତଦ୍ଦ୍ୱାରା ସେ ପ୍ରଭୁଙ୍କ ପ୍ରତି ଲୋକମାନଙ୍କୁ ଚାଳିତ କରିବା ଦିଗରେ ଅନ୍ତରାୟ ସୃଷ୍ଟି କରନ୍ତି । ଅନ୍ୟମାନେ ଭାବିବେ, ‘‘ସେ ପ୍ରକୃତରେ କେତେ ଭଲ ଲୋକ !’’ ଏହା ‘‘ବରଙ୍କ ପ୍ରକୃତ ବନ୍ଧୁ’’ ହେବାକୁ ବୁଝାଏ ନାହିଁ – ଏହାର ଅର୍ଥ, ମୁଁ ସବୁବେଳେ ବୃଦ୍ଧି ପାଉଛି, ଈଶ୍ୱର ନୁହଁନ୍ତି ।

ବରଙ୍କ ସହିତ ଏହି ବିଶ୍ୱସ୍ତ ବନ୍ଧୁତ୍ୱ ରକ୍ଷା କରିବା ପାଇଁ ଆମକୁ ବାଧ୍ୟତା ସହ ସବୁ ବିଷୟର ଊର୍ଦ୍ଧ୍ୱରେ ତାଙ୍କ ସହିତ ନୈତିକ ଏବଂ ଜୀବନ ସମ୍ବନ୍ଧିତ ସଂପର୍କ ସ୍ଥାପନ କ୍ଷେତ୍ରରେ ସାବଧାନ ହେବାକୁ ପଡ଼ିବ । କେତେବେଳେ କେମିତି ଆଜ୍ଞାପାଳନ ପାଇଁ କୌଣସି ବିଷୟ ନ ଥାଏ, ଆମେ କେବଳ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଅତ୍ୟାବଶ୍ୟକୀୟ ସମ୍ବନ୍ଧ ରଖିଥାଉ ଏବଂ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ, ସେଥିପାଇଁ ଆମର ସତର୍କ ଦୃଷ୍ଟି ଥାଏ । କେବଳ ସାମୟିକ ଭାବେ ବାଧ୍ୟତାର ପ୍ରଶ୍ନ ଉଠେ । ସେହି ସମୟରେ ସଙ୍କଟ ଆସିଲେ ଆମକୁ ଈଶ୍ୱରଙ୍କ ଇଚ୍ଛା ଜାଣିବାକୁ ହେବ । ତଥାପି ଆମ ଜୀବନର ଅଧିକାଂଶ ସମୟ ସଚେତନତା ସହ ବାଧ୍ୟ ହେବାର ପ୍ରୟାସ କରିବା ପରିବର୍ତ୍ତେ ‘‘ବରଙ୍କ ବନ୍ଧୁ’’ ରୂପେ ସଂପର୍କ ସ୍ଥାପନ ପାଇଁ ନିୟୋଜିତ ହୁଏ ।

ବାସ୍ତବିକ୍, ଖ୍ରୀଷ୍ଟୀୟ କାର୍ଯ୍ୟ ଯୀଶୁ ଖ୍ରୀଷ୍ଟଙ୍କଠାରୁ ଜଣେ ବ୍ୟକ୍ତିଙ୍କ ଧ୍ୟାନକୁ ଅପସାରଣ କରିବାର ଏକ ମାଧ୍ୟମ ହୋଇପାରେ । ‘‘ବରଙ୍କ ବନ୍ଧୁ’’ ହେବା ଅପେକ୍ଷା ଆମେ ଅନ୍ୟ କାହା ପାଇଁ ଅନଭିଜ୍ଞ ଈଶ୍ୱର ହୋଇଯାଉ ଏବଂ ଈଶ୍ୱରଙ୍କ ଅସ୍ତ୍ର ବ୍ୟବହାର କରି ଈଶ୍ୱରଙ୍କ ବିରୁଦ୍ଧରେ କାର୍ଯ୍ୟ କରୁ ।

## ମାର୍ଚ୍ଚ ୨୬

# ବ୍ୟକ୍ତିଗତ ପବିତ୍ରତା ଦ୍ୱାରା ଆତ୍ମିକ ଦର୍ଶନ

### ଶୁଦ୍ଧଚିତ୍ତ ଲୋକେ ଧନ୍ୟ, କାରଣ ସେମାନେ ଈଶ୍ୱରଙ୍କ ଦର୍ଶନ ପାଇବେ
### ମାଥିଉ ୫:୮

ପବିତ୍ରତା ନିର୍ଦ୍ଦୋଷତା ନୁହେଁ – ଏହା ତାହାଠାରୁ ଆହୁରି ଅଧିକ । ପବିତ୍ରତା ହେଉଛି ଈଶ୍ୱରଙ୍କ ସହିତ ନିରବଚ୍ଛିନ୍ନ ଆତ୍ମିକ ସମନ୍ୱୟର ଫଳ । ଆମକୁ ପବିତ୍ରତାରେ ବୃଦ୍ଧି ପାଇବାକୁ ହେବ । ଈଶ୍ୱରଙ୍କ ସହିତ ଆମର ଯଥାର୍ଥ ସଂପର୍କ ଥାଇପାରେ, ଆମର ଆନ୍ତରିକ ପବିତ୍ରତା ନିଷ୍କଳଙ୍କ ହୋଇପାରେ, ତଥାପି ସମୟେ ସମୟେ ଆମର ବାହ୍ୟିକ ଜୀବନ କଳଙ୍କିତ ହୋଇପାରେ । ଈଶ୍ୱର ଜାଣିଶୁଣି ଏହି ସମ୍ଭାବନାରୁ ଆମକୁ ରକ୍ଷା କରନ୍ତି ନାହିଁ, କାରଣ ଏହି ଉପାୟରେ ଆମର ବ୍ୟକ୍ତିଗତ ପବିତ୍ରତା ଦ୍ୱାରା ଆମେ ଆମର ଆତ୍ମିକ ଦର୍ଶନ ରକ୍ଷା କରିବାର ଆବଶ୍ୟକତା ଉପଲବ୍ଧି କରୁ । ଯଦି ଈଶ୍ୱରଙ୍କ ସହିତ ଆମ ଆତ୍ମିକ ଜୀବନର ବାହ୍ୟ ସ୍ତର ଅଳ୍ପ ମାତ୍ରାରେ କ୍ଷତିଗ୍ରସ୍ତ ହୁଏ, ଆମେ ତାହାକୁ ସଜାଡ଼ିବା ପର୍ଯ୍ୟନ୍ତ ଆମେ ଅନ୍ୟ ସମସ୍ତ ବିଷୟକୁ ଅଲଗା କରିରଖିବା । ମନେରଖନ୍ତୁ, ଆତ୍ମିକ ଦର୍ଶନ ଆମର ସ୍ୱଭାବ ଉପରେ ନିର୍ଭର କରେ – *''ଶୁଦ୍ଧ ଚିତ୍ତ ଲୋକେ'' ''ଈଶ୍ୱରଙ୍କ ଦର୍ଶନ ପାଇବେ ।''*

ଈଶ୍ୱର ତାଙ୍କର ସାର୍ବଭୌମ ଅନୁଗ୍ରହ ଦ୍ୱାରା ଆମକୁ ପବିତ୍ର କରନ୍ତି, କିନ୍ତୁ ଏପରି କେତେକ ବିଷୟ ଅଛି, ଯାହା ପାଇଁ ସତର୍କ ହେବା ଉଚିତ୍ । ଏହା ହେଉଛି ଅନ୍ୟମାନଙ୍କ ସହିତ ଆମର ଶାରୀରିକ ଜୀବନର ସଂସ୍ପର୍ଶ ଏବଂ ଅନ୍ୟମାନଙ୍କ ଚିନ୍ତାଧାରା ଯାହା ଆମକୁ କଳଙ୍କିତ କରିପାରେ । ଈଶ୍ୱରଙ୍କ ସହିତ ଆମର ''ଭିତର ପ୍ରାଙ୍ଗଣ''ର ଯଥାର୍ଥ ସଂପର୍କ କେବଳ ଯଥେଷ୍ଟ ନୁହେଁ, ଆମର ''ବାହାର ପ୍ରାଙ୍ଗଣ'' ମଧ୍ୟ ପବିତ୍ରତା ସହ ଈଶ୍ୱରଙ୍କ ସହିତ ସମନ୍ୱିତ ସଂପର୍କ ସ୍ଥାପନ କରିବା ଆବଶ୍ୟକ । ଏହି ପବିତ୍ରତା ଈଶ୍ୱରଙ୍କ ଅନୁଗ୍ରହ ଦାନ । ଆମର ''ବାହାର ପ୍ରାଙ୍ଗଣ'' କଳଙ୍କିତ ହେଲେ ଆମର ଆତ୍ମିକ ଦର୍ଶନ ଏବଂ ଆମର ବୋଧଶକ୍ତି ସଙ୍ଗେ ସଙ୍ଗେ ଝାପ୍ସା ହୋଇଯାଏ । ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସହିତ ବ୍ୟକ୍ତିଗତ ଜୀବନର ଘନିଷ୍ଠତା ରକ୍ଷା କରିବା ପାଇଁ ଆମକୁ କେତେକ କାର୍ଯ୍ୟ କରିବାରୁ ଏପରିକି ସେହି ବିଷୟକ ଚିନ୍ତାରୁ ନିବୃତ୍ତ ହେବାକୁ ପଡ଼ିବ । ଏପରିକି ଅନ୍ୟମାନଙ୍କ ଦୃଷ୍ଟିରେ ଗ୍ରହଣୀୟ ଅନେକ ବିଷୟ ଆମ ପାଇଁ ଗ୍ରହଣଯୋଗ୍ୟ ହେବ ନାହିଁ ।

ଅନ୍ୟମାନଙ୍କ ସହିତ ଆପଣଙ୍କ ଜୀବନର ସଂପର୍କ ମଧ୍ୟରେ ବ୍ୟକ୍ତିଗତ ପବିତ୍ରତା ଏବଂ ନିଷ୍କଳଙ୍କ ସ୍ୱଭାବ ରକ୍ଷା କରିବାର ବ୍ୟାବହାରିକ ସାହାଯ୍ୟ ହେଉଛି, ଆପଣ ସେମାନଙ୍କୁ ଈଶ୍ୱରଙ୍କ ଦୃଷ୍ଟିକୋଣରୁ ଦେଖିବା ଆରମ୍ଭ କରନ୍ତୁ । ନିଜେ ଏହି କଥା କୁହନ୍ତୁ, ''ସେ ଭାଇ ବା ଭଉଣୀ *''ଖ୍ରୀଷ୍ଟ ଯୀଶୁଙ୍କଠାରେ ସିଦ୍ଧ ଅଟନ୍ତି !''* ସେହି ବନ୍ଧୁ ବା ଆତ୍ମୀୟ ''ଖ୍ରୀଷ୍ଟ ଯୀଶୁଙ୍କଠାରେ ସିଦ୍ଧ ଅଟନ୍ତି ।''

ମାର୍ଚ୍ଚ ୨୭

# ବ୍ୟକ୍ତିଗତ ଚରିତ୍ର ଦ୍ୱାରା ଆତ୍ମିକ ଦର୍ଶନ

**ଏଠାକୁ ଉଠି ଆସ, ଏବଂ ଏହାପରେ ଯାହା ସବୁ ଅବଶ୍ୟ ଘଟିବ, ତାହା ମୁଁ ତୁମକୁ ଜଣାଇବି ।**
**ପ୍ରକାଶିତ ୪:୧**

ମନ ଏବଂ ଆତ୍ମିକ ଦର୍ଶନର ଆହୁରି ଉଚ୍ଚତର ଅବସ୍ଥା ବ୍ୟକ୍ତିଗତ ଚରିତ୍ରର ଉଚ୍ଚତର ଅଭ୍ୟାସ ଦ୍ୱାରା ସମ୍ଭବ ହୁଏ । ଯଦି ଆପଣ ଆପଣଙ୍କ ଜୀବନର ବାହ୍ୟ ସ୍ତରରେ ଆପଣଙ୍କ ଜ୍ଞାତସାରରେ ଉଚ୍ଚତର ମହତ୍ ଜୀବନ ଯାପନ କରିବେ, ତେବେ ଈଶ୍ୱର ନିରନ୍ତର ଆପଣଙ୍କୁ କହିବେ, ''ମୋର ବଂଧୁ, ଆହୁରି ଉପରକୁ ଉଠି ଆସ'', ପରୀକ୍ଷା ବିଷୟକ ଆଉ ଏକ ନିୟମ ଅଛି, ଯାହା ଆପଣଙ୍କୁ ଆହୁରି ଉଚ୍ଚକୁ ଯିବାକୁ କହିବ, କିନ୍ତୁ ଆପଣ ସେପରି କରିବା ଦ୍ୱାରା ଅନ୍ୟ ପରୀକ୍ଷା ଏବଂ ଚାରିତ୍ରିକ ବୈଶିଷ୍ଟ୍ୟର ସମ୍ମୁଖୀନ ହେବେ । ଉଭୟ ଈଶ୍ୱର ଏବଂ ଶୟତାନ ଉଚ୍ଚକୁ ଉଠାଇବାର ଉପାୟ ଅବଲମ୍ବନ କରନ୍ତି, କିନ୍ତୁ ଶୟତାନ ତାହାକୁ ପରୀକ୍ଷା ପ୍ରଲୋଭନ ଦ୍ୱାରା ବ୍ୟବହାର କରେ ଏବଂ ଏହାର ପ୍ରଭାବ ସଂପୂର୍ଣ୍ଣ ଭିନ୍ନ ହୁଏ । ଶୟତାନ ଯେତେବେଳେ ଆପଣଙ୍କୁ ଏକ ଉଚ୍ଚତର ଅବସ୍ଥାକୁ ନେଇଯାଏ, ଆପଣ ଅନୁଭବ କରନ୍ତି ଯେ, ରକ୍ତ ମାଂସ ଶରୀର ବିଶିଷ୍ଟ ମନୁଷ୍ୟ ପକ୍ଷରେ ପବିତ୍ର ଜୀବନ ଯାପନ ସମ୍ଭବ ନୁହେଁ । ଆପଣଙ୍କ ଜୀବନ ଏକ ଉଚ୍ଚ ସ୍ଥାନରେ ପ୍ରଦର୍ଶିତ ଆତ୍ମିକ କ୍ରୀଡ଼ା କୌଶଳ ହୋଇଯାଏ । ଆପଣ ଭାରସାମ୍ୟ ନ ହରାଇ ସ୍ଥିର ରହିବା ପାଇଁ ତାକୁ ଦୃଢ଼ ରୂପେ ଧରି ରଖିବାର ପ୍ରଚେଷ୍ଟା କରନ୍ତି । କିନ୍ତୁ ଈଶ୍ୱର ଆପଣଙ୍କୁ ଯେତେବେଳେ ତାଙ୍କ ଅନୁଗ୍ରହରେ ଉଚ୍ଚତର ସ୍ୱର୍ଗୀୟ ସ୍ଥାନକୁ ନେଇଯାନ୍ତି, ତାହା ଆପଣଙ୍କ ପାଇଁ ସହଜରେ ବିଚରଣ କରିବାର ଏକ ବିସ୍ତୀର୍ଣ୍ଣ ସମତଳ ଭୂମିରେ ପରିଣତ ହୁଏ ।

ଈଶ୍ୱର ଆପଣଙ୍କୁ କିଭଳି ଉଚ୍ଚତର ଅବସ୍ଥାକୁ ଆଣିଛନ୍ତି, ଚଳିତ ସପ୍ତାହର ଆତ୍ମିକ ଅନୁଭୂତି ସହିତ ଗତବର୍ଷର ଠିକ୍ ଏହି ସମୟର ଅନୁଭୂତିକୁ ତୁଳନା କରନ୍ତୁ । ଆମେ ସମସ୍ତେ ଏକ ଉଚ୍ଚତର ଦୃଷ୍ଟିକୋଣରୁ ଦେଖିବା ପାଇଁ ଈଶ୍ୱରଙ୍କ ଦ୍ୱାରା ଆହୂତ । ଈଶ୍ୱରଙ୍କୁ କେବେ ଏପରି ସତ୍ୟ ପ୍ରକାଶ କରିବାକୁ ନ ଦିଅନ୍ତୁ, ଯାହାକୁ ଆପଣ ଅବିଳମ୍ବେ ଆପଣଙ୍କ ଜୀବନରେ ପ୍ରୟୋଗ କରି ବଞ୍ଚିବା ଆରମ୍ଭ କରିବେ । ସର୍ବଦା ସେହି ସତ୍ୟ ପ୍ରତି ସ୍ଥିର ରହି ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରନ୍ତୁ ।

ଅନୁଗ୍ରହରେ ଆପଣଙ୍କ ବୃଦ୍ଧି ଆପଣ ଯେ ବିମୁଖ ହୋଇନାହାନ୍ତି, ଏହି କଥା ଉପରେ ନିରୂପଣ କରି ହୁଏ ନାହିଁ, କିନ୍ତୁ ଆପଣଙ୍କ ଆତ୍ମିକ ସ୍ଥିତି ସଂପର୍କରେ ଆପଣଙ୍କ ଅନ୍ତର୍ଦୃଷ୍ଟି ଏବଂ ବୋଧଶକ୍ତି ଦ୍ୱାରା ନିରୂପିତ ହୁଏ । ଉଚ୍ଚ ସ୍ୱରରେ ନୁହେଁ, ମାତ୍ର ଆପଣଙ୍କ ଆଭ୍ୟନ୍ତରୀଣ ଚରିତ୍ର ମଧ୍ୟରୁ ଈଶ୍ୱର ଆପଣଙ୍କୁ ଏହି କଥା କହିବା ଶୁଣିଛନ୍ତି କି ''ଉପରକୁ ଉଠି ଆସ ?''

''ମୁଁ ଯାହା କରିବାକୁ ଉଦ୍ୟତ, ତାହା କ'ଣ ଅବ୍ରହାମ ପାଖରୁ ଲୁଚାଇବି ?'' (ଆଦିପୁସ୍ତକ ୧୮:୧୭) । ଈଶ୍ୱର ଆମଠାରୁ ତାଙ୍କର ବାକ୍ୟ ଲୁଚାଇ ରଖିବା ଆବଶ୍ୟକ ମନେ କରନ୍ତି । ଯେତେବେଳେ ଆମେ ବ୍ୟକ୍ତିଗତ ଚରିତ୍ର ବିକାଶ ଦ୍ୱାରା ସେହି ସ୍ତରକୁ ଆସୁ, ସେତେବେଳେ ସେ ତାହା ପ୍ରକାଶ କରନ୍ତି ।

ମାର୍ଚ୍ଚ ୨୮

# କୌଣସି ଭୁଲ୍ ବୁଝାମଣା ହୋଇ ନାହିଁ ତ ?

**ଚାଲ ଆମେ ଯିହୁଦା ପ୍ରଦେଶକୁ ଫେରିଯିବା,**
**ଶିଷ୍ୟମାନେ ତାହାଙ୍କୁ କହିଲେ... ତଥାପି ଆପଣ ସେଠାକୁ ଫେରିଯିବେ ?**
**ଯୋହନ ୧୧:୭-୮**

ଯେହେତୁ ମୁଁ ଯୀଶୁଖ୍ରୀଷ୍ଟଙ୍କ କଥା ବୁଝେ ନାହିଁ, ଯୀଶୁଙ୍କ କଥା ଯେ ଭୁଲ୍, ମୋର ଏହା କହିବାର କୌଣସି ଅଧିକାର ନାହିଁ । ତାହା ଏକ ଭୟଙ୍କର ଦୃଷ୍ଟିକୋଣ ଏବଂ ଏହା ଭାବିବା ଭୁଲ୍ ଯେ, ଈଶ୍ୱରଙ୍କ ପ୍ରତି ମୋର ବାଧ୍ୟତା ଯୀଶୁଙ୍କ ପ୍ରତି ଅପମାନସୂଚକ ହେବ । ତାଙ୍କୁ ଅପମାନିତ କରିବାର କେବଳ ଗୋଟିଏ ବିଷୟ ହେଉଛି ତାଙ୍କ ପ୍ରତି ଅବାଧ୍ୟତା ପ୍ରଦର୍ଶନ । ସେ ମୋତେ ଯାହା କରିବା ପାଇଁ କହନ୍ତି, ତାହାକୁ ଉପେକ୍ଷା କରି ମୁଁ ଯଦି ତାଙ୍କର ସମ୍ମାନ ସମ୍ବନ୍ଧରେ ମୋର ମତକୁ ରଖେ, ତେବେ ତାହା ଠିକ୍ ହେବ ନାହିଁ । ତାଙ୍କୁ ଲଜ୍ଜିତ ନ କରିବା ହୁଏତ ମୋର ଆନ୍ତରିକ ଇଚ୍ଛା ହୋଇପାରେ । ଯେତେବେଳେ ନୀରବରେ ଈଶ୍ୱରଙ୍କଠାରୁ ଅବିଚଳିତ ଆଦେଶ ଆସେ, ମୁଁ ତାହା ବୁଝିପାରେ । କିନ୍ତୁ ଯେତେବେଳେ ମୁଁ ଏହାର ହାନୀ ଲାଭ ବିଷୟ ତୁଳନା କରେ, ପୁଣି ମୋ ମନରେ ସନ୍ଦେହ ଏବଂ ବିବାଦ ସୃଷ୍ଟି ହୁଏ, ସେତେବେଳେ ମୁଁ ଯେଉଁ ତତ୍ତ୍ୱ ଆବିଷ୍କାର କରେ, ତାହା ଈଶ୍ୱରଙ୍କ ଠାରୁ ଆସି ନ ଥାଏ । ଏହା ମୋତେ କେବଳ ଏହି ସିଦ୍ଧାନ୍ତରେ ଉପନୀତ କରାଇବ ଯଦ୍ଦ୍ୱାରା ମୁଁ ଅନୁଭବ କରିବି ଯେ, ମୋ ପ୍ରତି ଈଶ୍ୱରଙ୍କ ଏହି ଆଦେଶ ଠିକ୍ ନ ଥିଲା । ଆମ ମଧ୍ୟରୁ ଅନେକେ ଯୀଶୁଖ୍ରୀଷ୍ଟଙ୍କ ସଂପର୍କିତ ଆମର ଧାରଣା ପ୍ରତି ବିଶ୍ୱସ୍ତ, କିନ୍ତୁ ଆମ ମଧ୍ୟରୁ କେତେ ଜଣ ସ୍ୱୟଂ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ବିଶ୍ୱସ୍ତ ? ଯୀଶୁଙ୍କ ପ୍ରତି ବିଶ୍ୱସ୍ତତାର ଅର୍ଥ ହେଉଛି ଯେ, ମୋତେ କିଛି ନ ଦିଶିଲେ ମଧ୍ୟ ମୁଁ ସେହି ସମୟରେ ସେହି ସ୍ଥାନକୁ ବାହାରିଯିବି (ମାଥିଉ ୧୪:୨୯) । କିନ୍ତୁ ବିଶ୍ୱସ୍ତତା ସଂପର୍କରେ ମୋ ନିଜର ଧାରଣା ହେଉଛି ଯେ, ମାନସିକ ସ୍ତରରେ ମୁଁ ପ୍ରଥମେ ପଥ ପରିଷ୍କାର କରିବି । ବିଶ୍ୱାସ ଏକ ବୌଦ୍ଧିକ ଭାବନାଶକ୍ତି ନୁହେଁ, ବିଶ୍ୱାସ ଅର୍ଥ, ମୋର ଆଗାମୀ ପଥକୁ ଦେଖି ନ ପାରିଲେ ମଧ୍ୟ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଇଚ୍ଛାକୃତ ଭାବେ ଏହା ମୋର ବ୍ୟକ୍ତିଗତ ସମର୍ପଣ ।

ଯୀଶୁଙ୍କ ପ୍ରତି ବିଶ୍ୱାସରେ ଗୋଟିଏ ପାଦ ବଢ଼ିବେ ଅବା ସେ ଯେଉଁ କାର୍ଯ୍ୟ କରିବାକୁ କହିଛନ୍ତି, ପରିଷ୍କାର ରୂପେ ସେହି କାର୍ଯ୍ୟ ପନ୍ଥା ଜାଣିବା ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବେ, ଏ ବିଷୟରେ ଆପଣ ବାଦ ବିବାଦ କରୁଛନ୍ତି କି ? ଅଦମନୀୟ ଆନନ୍ଦ ସହ କେବଳ ତାଙ୍କର ବାଧ୍ୟ ହୁଅନ୍ତୁ । ଯଦି ଈଶ୍ୱରଙ୍କ ଆଦେଶ ବିଷୟରେ ଆପଣ ବାଦ ବିବାଦ ଆରମ୍ଭ କରନ୍ତି, ତେବେ ତାହାର କାରଣ ହେଉଛି, ଈଶ୍ୱରଙ୍କ ସମ୍ମାନ ଏବଂ ଅପମାନ ସଂପର୍କରେ ଆପଣଙ୍କ ଭୁଲ୍ ବୁଝାମଣା ରହିଛି । ଆପଣ କ'ଣ ଯୀଶୁଙ୍କ ପ୍ରତି ଅବା ତାଙ୍କ ସଂପର୍କିତ ଧାରଣା ପ୍ରତି ବିଶ୍ୱସ୍ତ ? ଆପଣ କ'ଣ ତାଙ୍କର ବାକ୍ୟ ପ୍ରତି ବିଶ୍ୱସ୍ତ ଅବା ତାଙ୍କର ବାକ୍ୟକୁ ତାଙ୍କଠାରୁ ଆସି ନ ଥିବା ଚିନ୍ତା ସହିତ ସାଲିସ୍ କରିବାକୁ ଚେଷ୍ଟା କରୁଛନ୍ତି ? ''ସେ ଯାହା କହନ୍ତି, ତାହା କର'' (ଯୋହନ ୨:୫) ।

**ମାର୍ଚ୍ଚ ୨୯**

# ଆମ ପ୍ରଭୁଙ୍କର ଆକସ୍ମିକ ପରିଦର୍ଶନ

**ତୁମେମାନେ ମଧ୍ୟ ପ୍ରସ୍ତୁତ ରହିଥାଅ ।**

**ଲୂକ ୧୨:୪୦**

ଜଣେ ଖ୍ରୀଷ୍ଟୀୟ କାର୍ଯ୍ୟକାରୀଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି, ଯେକୌଣସି ମୁହୂର୍ତ୍ତରେ ଯୀଶୁଖ୍ରୀଷ୍ଟଙ୍କୁ ସାକ୍ଷାତ୍ କରିବାର ପ୍ରସ୍ତୁତି । ଆମର ଅନୁଭୂତି ଯାହା ହେଉ ପଛକେ, ଏହି କାର୍ଯ୍ୟ ସହଜ ନୁହେଁ । ଏହି ଯୁଦ୍ଧ ପାପ ବା କଷ୍ଟକର ପରିସ୍ଥିତି ବିରୁଦ୍ଧରେ ନୁହେଁ, କିନ୍ତୁ ଯୀଶୁ ଖ୍ରୀଷ୍ଟଙ୍କ ସେବାକାର୍ଯ୍ୟରେ ଆମେ ଏତେ ନିମଜ୍ଜିତ ଯେ, ଆମେ ପ୍ରତ୍ୟେକ ମୋଡ଼ରେ ଯୀଶୁଙ୍କ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ନ ଥାଉ । ଆମର ଶ୍ରେଷ୍ଠ ଆବଶ୍ୟକତା ଆମର ବିଶ୍ୱାସ, ମତବାଦ କିମ୍ବା ଆମେ ଯେ ତାଙ୍କର ବ୍ୟବହାର ଯୋଗ୍ୟ ନୋହୁଁ, ସେ ସମ୍ବନ୍ଧୀୟ ପ୍ରଶ୍ନ ନୁହେଁ, କିନ୍ତୁ ସ୍ୱୟଂ ଯୀଶୁଙ୍କର ସମ୍ମୁଖୀନ ହେବାକୁ ବୁଝାଏ ।

ଯୀଶୁ କ୍ୱଚିତ ଆମର ଅପେକ୍ଷିତ ସ୍ଥାନକୁ ଆସନ୍ତି, ସବୁବେଳେ ଅସଂଗତ ପରିସ୍ଥିତି ମଧ୍ୟରେ ଆମର ଅନପେକ୍ଷିତ ସ୍ଥାନରେ ଉପସ୍ଥିତ ହୁଅନ୍ତି । ଜଣେ ସେବକଙ୍କୁ ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ରହିବାର ଏକମାତ୍ର ଉପାୟ ହେଉଛି, ପ୍ରଭୁଙ୍କ ଆକସ୍ମିକ ପରିଦର୍ଶନ ପାଇଁ ପ୍ରସ୍ତୁତ ରହିବା । ଏହି ପ୍ରସ୍ତୁତି ସେବା ମାଧ୍ୟମରେ ହୋଇ ପାରିବ ନାହିଁ, କିନ୍ତୁ ଯେ କୌଣସି ଅବସ୍ଥାରେ ଯୀଶୁଙ୍କୁ ସାକ୍ଷାତ୍ କରିବାର ଗଭୀର ଆତ୍ମିକ ବାସ୍ତବତା ଦ୍ୱାରା ସମ୍ଭବ ହେବ । ଏହି ପ୍ରତ୍ୟାଶୀ ମନୋଭାବ ଆମ ଜୀବନରେ ଏକ ଆଶ୍ଚର୍ଯ୍ୟପୂର୍ଣ୍ଣ ଶିଶୁ ସୁଲ୍ଲଭ ମନୋବୃତ୍ତି ଭରିଦିଏ, ଯାହା ଈଶ୍ୱର ଆମ ଜୀବନରେ ଅପେକ୍ଷା କରନ୍ତି । ଯୀଶୁଖ୍ରୀଷ୍ଟଙ୍କ ପାଇଁ ପ୍ରସ୍ତୁତ ରହିବାକୁ ହେଲେ ଆମକୁ ଧାର୍ମିକ ସାବ୍ୟସ୍ତ କରିବାରୁ କ୍ଷାନ୍ତ ହେବାକୁ ପଡ଼ିବ । ଅନ୍ୟ ଅର୍ଥରେ ଧାର୍ମିକତାକୁ ଏକ ଉନ୍ନତ ଜୀବନ ଶୈଳୀ ମନେକରି ଏହାର ଅପବ୍ୟବହାର କରିବା ଅନୁଚିତ, ବରଂ ଆମକୁ ବାସ୍ତବ ଆତ୍ମିକ ଜୀବନ ଯାପନ କରିବାକୁ ହେବ ।

ଆପଣ ଯଦି ଆଜିର ଜଗତର ଧାର୍ମିକ ଆହ୍ୱାନକୁ ଉପେକ୍ଷା କରି ''ଯୀଶୁଙ୍କ ପ୍ରତି ଦୃଷ୍ଟି ରଖିଛନ୍ତି'' (ଏବ୍ରୀ ୧୨:୨) ଏବଂ ଆପଣଙ୍କ ହୃଦୟ ଯଦି କେବଳ ତାଙ୍କର ଇଚ୍ଛା ଏବଂ ତାଙ୍କର ଚିନ୍ତା ପ୍ରତି ସ୍ଥିର ଏବଂ ଦୃଢ଼, ତେବେ ଅନ୍ୟମାନଙ୍କ ଦୃଷ୍ଟିରେ ଆପଣ ଅଯୋଗ୍ୟ ଏବଂ ସ୍ୱପ୍ନବିଳାସୀ ରୂପେ ବିବେଚିତ ହେବେ । କିନ୍ତୁ ଦିନର ଉତ୍ତାପ ଓ ଶ୍ରମ ମଧ୍ୟରେ ଯେତେବେଳେ ଅକସ୍ମାତ ଈଶ୍ୱରଙ୍କ ଆବିର୍ଭାବ ଘଟିବ, ସେତେବେଳେ କେବଳ ଆପଣ ହିଁ ପ୍ରସ୍ତୁତ ରହିଥିବେ । ଆପଣ ଆଉ କାହାରି ଉପରେ ଭରସା ରଖିବା ଉଚିତ୍ ନୁହେଁ । ଯଦି ଜଗତର କୌଣସି ମହାନ୍ ପବିତ୍ର ବ୍ୟକ୍ତି ଯୀଶୁଖ୍ରୀଷ୍ଟଙ୍କୁ ଦେଖିବା ପାଇଁ ଆପଣଙ୍କ ଦୃଷ୍ଟି ଅବରୋଧ କରନ୍ତି, ତାଙ୍କୁ ମଧ୍ୟ ଉପେକ୍ଷା କରନ୍ତୁ ।

ମାର୍ଚ୍ଚ ୩୦

# ପବିତ୍ରତା ଅବା ଈଶ୍ୱରଙ୍କ ପ୍ରତି କଠୋରତା ?

**ମଧ୍ୟସ୍ଥ ହୋଇ ନିବେଦନ କରିବାକୁ କାହାକୁ ନ ପାଇ ସେ ଆଚମ୍ବିତ ହେଲେ ।**
**ଯିଶାଇୟ ୫୯:୧୬**

ପ୍ରାର୍ଥନା ବନ୍ଦ କରି ଈଶ୍ୱରଙ୍କ ପ୍ରତି କଠୋର ହେବାର କାରଣ ହେଉଛି, ପ୍ରାର୍ଥନା ପ୍ରତି ଆମର ଭାବପ୍ରବଣତା ପୂର୍ଣ୍ଣ ଆଗ୍ରହ । ଆମେ ପ୍ରାର୍ଥନା କରୁଛୁ ବୋଲି କହିବା ଶ୍ରୁତି ମଧୁର ହୋଇପାରେ, ପ୍ରାର୍ଥନା ସଂପର୍କିତ ପୁସ୍ତକ ପଢ଼ିବା ଦ୍ୱାରା ଆମେ ଅନୁଭବ କରୁ ଯେ, ପ୍ରାର୍ଥନା ଅତି ଉପାଦେୟ ବିଷୟ ଏବଂ ପ୍ରାର୍ଥନା କରିବା ଦ୍ୱାରା ଆମର ମନ ଏବଂ ଆତ୍ମା ସୁସ୍ଥିର ଏବଂ ଉତ୍ତୋଳିତ ହୁଏ । କିନ୍ତୁ ଉପରୋକ୍ତ ପଦରେ ଯିଶାଇୟ ପ୍ରକାଶ କରନ୍ତି ଯେ, ପ୍ରାର୍ଥନାର ଏ ପ୍ରକାର ମନୋଭାବ ପ୍ରତି ଈଶ୍ୱର ଆଚମ୍ବିତ ହୁଅନ୍ତି ।

ଉପାସନା ଏବଂ ନିବେଦନ ଏକ ସଂଗରେ ଯିବା ଉଚିତ୍, ଏଥିରୁ ଗୋଟିକ ବିନା ଅନ୍ୟର ସ୍ଥିତି ଅସମ୍ଭବ । ନିବେଦନ ଅର୍ଥ, ଯାହାଙ୍କ ପାଇଁ ଆମେ ପ୍ରାର୍ଥନା କରୁଛୁ, ତାଙ୍କ ସମ୍ବନ୍ଧରେ ଖ୍ରୀଷ୍ଟଙ୍କ ମନକୁ ଜାଣିବା ପାଇଁ ନିଜକୁ ସେହି ସ୍ତରକୁ ଉତ୍ତୋଳିତ କରିବା (ଫିଲ୍ଲିପୀ ୨:୫) । ଈଶ୍ୱରଙ୍କ ଉପାସନା କରିବା ପରିବର୍ତ୍ତେ ପ୍ରାର୍ଥନାର କାର୍ଯ୍ୟକାରୀତା ବିଷୟରେ ଆମେ ଈଶ୍ୱରଙ୍କୁ ଭାଷଣ ଦେବା ଆରମ୍ଭ କରିଦେଉ । ଆମେ କ'ଣ ଈଶ୍ୱରଙ୍କ ଉପାସନା କରୁଛୁ ଅବା ତାଙ୍କ ସହିତ କଳହ କରି ଏହି କଥା କହୁଛୁ ''ହେ ଈଶ୍ୱର ମୁଁ ଜାଣେନା ଆପଣ କିପରି ଏହା କରିବେ ?'' ଏହା ଏକ ନିଶ୍ଚିତ ଲକ୍ଷଣ ଯେ, ଆମେ ଈଶ୍ୱରଙ୍କ ଉପାସନା କରୁ ନାହୁଁ । ଯେତେବେଳେ ଆମେ ଈଶ୍ୱରଙ୍କଠାରୁ ଦୃଷ୍ଟି ଫେରାଇ ନେଉ, ଆମେ କଠୋର ଏବଂ ଉଦ୍ଧତ ହୋଇଥାଉ । ଆମେ ଈଶ୍ୱରଙ୍କ ସିଂହାସନ ନିକଟରେ ଆମ ନିବେଦନଗୁଡ଼ିକୁ ଫିଙ୍ଗି ଦେଇ ଆମ ଇଚ୍ଛାନୁସାରେ କାର୍ଯ୍ୟ କରିବାକୁ ତାଙ୍କୁ ଆଦେଶ ଦେଉ । ଆମେ ଈଶ୍ୱରଙ୍କ ଉପାସନା କରି ନ ଥାଉ କିମ୍ବା ଆମର ମନୋଭାବକୁ ଖ୍ରୀଷ୍ଟଙ୍କ ମନୋଭାବରେ ପରିବର୍ତ୍ତିତ କରିବାର ପ୍ରଚେଷ୍ଟା କରି ନ ଥାଉ । ଆମେ ଯଦି ଈଶ୍ୱରଙ୍କ ପ୍ରତି କଠୋର ହେଉ, ତେବେ ଆମେ ଅନ୍ୟ ଲୋକଙ୍କ ପ୍ରତି କଠୋର ହେବା ।

ଆମେ କ'ଣ ଉପାସନାର ସେହି ପଦ୍ଧତି ଅବଲମ୍ବନ କରୁଛୁ, ଯଦ୍ଦ୍ୱାରା ଆମେ ସେହି ସ୍ଥାନକୁ ଉତ୍ତୋଳିତ ହେବା, ଯେଉଁଠାରେ ଆମେ ଈଶ୍ୱରଙ୍କ ସହିତ ଏଭଳି ଘନିଷ୍ଠ ସଂସ୍ପର୍ଶରେ ଆସିବା, ଯାହା ଫଳରେ ଆମେ ଯାହାଙ୍କ ପାଇଁ ପ୍ରାର୍ଥନା କରୁଛୁ, ତାଙ୍କ ବିଷୟରେ ଈଶ୍ୱରଙ୍କ ମନକୁ ଜାଣି ପାରିବା ? ଆମେ କ'ଣ ଈଶ୍ୱରଙ୍କ ସହିତ ପବିତ୍ର ସଂପର୍କ ସ୍ଥାପନ କରିଛୁ ଅବା ଆମେ କଠୋର ଏବଂ ଉଦ୍ଧତ ହୋଇଛୁ ?

ଆପଣ କ'ଣ ଭାବୁଛନ୍ତି ଯେ, ସେହିଭଳି ନିବେଦନକାରୀ କେହି ନାହାନ୍ତି ? ତା'ହେଲେ ଆପଣ ସେହି ନିବେଦନକାରୀ ହୁଅନ୍ତୁ । ଈଶ୍ୱରଙ୍କ ସହିତ ପବିତ୍ର ସଂପର୍କ ସ୍ଥାପନ କରି ତାଙ୍କର ଉପାସନା କରନ୍ତୁ । ନିବେଦନ କରିବାର ପ୍ରକୃତ କାର୍ଯ୍ୟରେ ଜଡ଼ିତ ହୁଅନ୍ତୁ । ଏହି କାର୍ଯ୍ୟ ଆପଣଙ୍କର ସମସ୍ତ ଶକ୍ତି ବିନିଯୋଗ କରିବାର ଦାବି ଜଣାଏ, କିନ୍ତୁ ଏହି କାର୍ଯ୍ୟରେ କୌଣସି ଲୁକ୍କାୟିତ ବିପଦ ନ ଥାଏ । ସୁସମାଚାର ପ୍ରଚାର କାର୍ଯ୍ୟରେ ଅପ୍ରତ୍ୟାଶିତ ବିପଦର ଆଶଙ୍କା ଥାଏ, କିନ୍ତୁ ନିବେଦନ ପ୍ରାର୍ଥନାରେ କୌଣସି ପ୍ରକାର ବିପଦ ନ ଥାଏ ।

## ମାର୍ଚ୍ଚ ୩୧

# ଆମ ମଧ୍ୟରେ ମନୋଯୋଗ ଅବା ଛଳନା ଅଛି ?

**କେହି ଯଦି ତା'ର ଭାଇକୁ ଏପରି କୌଣସି ପାପ କରିବାର ଦେଖେ, ଯାହା ମରଣାନ୍ତକ ନୁହେଁ, ତେବେ ସେ ପ୍ରାର୍ଥନା କରୁ ଓ ଈଶ୍ୱର ତାକୁ ଜୀବନ ଦାନ କରିବେ । ୧ ଯୋହନ ୫:୧୬**

ଆମେ ଯଦି ମନୋଯୋଗୀ ନ ହେଉ ଏବଂ ଆମ ମଧ୍ୟରେ ଈଶ୍ୱରଙ୍କ ଆତ୍ମା କିଭଳି କାର୍ଯ୍ୟ କରୁଛନ୍ତି, ସେ ବିଷୟରେ ଧ୍ୟାନ ନ ଦେଉ, ତେବେ ଆତ୍ମିକ ରୂପେ ଆମେ ଛଳନା କରୁ । ଆମେ ଅନ୍ୟମାନଙ୍କ ପତିତ ଅବସ୍ଥା ଦେଖିଲେ ତାଙ୍କ ପକ୍ଷରୁ ତାଙ୍କ ପାଇଁ ନିବେଦନ ପ୍ରାର୍ଥନା କରିବା ପରିବର୍ତ୍ତେ ନିଜର ବୁଦ୍ଧି ପ୍ରୟୋଗ କରି କଠୋର ମନ୍ତବ୍ୟ ଦ୍ୱାରା ତାଙ୍କର ସମାଲୋଚନା କରୁ । ଆମର ପ୍ରଖର ବୁଦ୍ଧି ହେତୁ ନୁହେଁ, ମାତ୍ର ଈଶ୍ୱର ତାଙ୍କର ଆତ୍ମାଙ୍କ ସୂକ୍ଷ୍ମ ଅନ୍ତର୍ଦୃଷ୍ଟି ଦ୍ୱାରା ଅନ୍ୟମାନଙ୍କ ସଂପର୍କିତ ଏହି ସତ୍ୟ ଆମମାନଙ୍କୁ ପ୍ରକାଶ କରନ୍ତି । ଆମେ ଯଦି ମନୋଯୋଗୀ ନ ହେଉ, ତେବେ ଆମେ ଈଶ୍ୱରଙ୍କ ପ୍ରଦତ୍ତ ବୋଧଶକ୍ତିର ଉତ୍ସ ବିଷୟରେ ଅଜ୍ଞ ରହି ଅନ୍ୟମାନଙ୍କ ସମାଲୋଚନା କରୁ ଏବଂ ଈଶ୍ୱରଙ୍କର ଏହି କଥା ପାଶୋରି ଯାଉ ''ଯେଉଁମାନେ ମରଣାନ୍ତକ ପାପ କରିନାହାନ୍ତି, ସେମାନଙ୍କ ପାଇଁ ସେ ପ୍ରାର୍ଥନା କରୁ, ଈଶ୍ୱର ତାକୁ ଜୀବନ ଦାନ କରିବେ ।'' ସତର୍କ ରୁହନ୍ତୁ, ଯେପରି ଆପଣ ନିଜେ ଈଶ୍ୱରଙ୍କ ଉପାସନା କରିବା ପୂର୍ବରୁ ଈଶ୍ୱରଙ୍କ ସହିତ ଅନ୍ୟମାନଙ୍କ ସଂପର୍କକୁ ସଜାଡ଼ିବା ପାଇଁ ସମସ୍ତ ସମୟ ବିନିଯୋଗ କରିବା ଦ୍ୱାରା ନିଜକୁ ପ୍ରତାରଣା ନ କରନ୍ତି ।

ଈଶ୍ୱରଙ୍କ ପବିତ୍ର ଲୋକ ହୋଇଥିବାରୁ ଈଶ୍ୱର ଆମ ଉପରେ ଯେଉଁ ଜଟିଳ ଏବଂ ଭ୍ରାନ୍ତିଜନକ ବୋଝ ଲଦି ଦିଅନ୍ତି, ସେଥିମଧ୍ୟରୁ ଗୋଟିଏ ହେଉଛି, ଅନ୍ୟମାନଙ୍କୁ ବୁଝିବା ସଂପର୍କିତ ବୋଝ । ସେ ଆମକୁ ଚିହ୍ନିବାର ସାମର୍ଥ୍ୟ ଦିଅନ୍ତି, ଯେପରି ଆମେ ତାଙ୍କ ସମ୍ମୁଖରେ ସେହି ଆତ୍ମାଗୁଡ଼ିକର ଦାୟିତ୍ୱ ଗ୍ରହଣ କରି ସେମାନଙ୍କୁ ଖ୍ରୀଷ୍ଟଙ୍କ ମନ ଅନୁସାରେ ଗଢ଼ି ପାରିବା (ଫିଲିପ୍ପୀ ୨:୫) । ଈଶ୍ୱର ଆମକୁ ଯାହା ଦେବାକୁ କହିଛନ୍ତି, ତାହାକୁ ଆଧାର କରି ଆମକୁ ଏହି ନିବେଦନ କରିବାକୁ ହେବ, ''ଯେଉଁମାନେ ମରଣାନ୍ତକ ପାପ କରି ନାହାନ୍ତି, ସେମାନଙ୍କ ପାଇଁ ଜୀବନ ।'' ଈଶ୍ୱରଙ୍କୁ ଆମ ମନର ସଂପର୍କ ମଧ୍ୟକୁ ଆଣିବା ପାଇଁ ଆମର ଯୋଗ୍ୟତା ନାହିଁ, କିନ୍ତୁ ଆମେ ନିଜକୁ ଏଭଳି ସ୍ଥିତିକୁ ଆଣିବା ପାଇଁ ଜାଗ୍ରତ ହେବା, ଯେଉଁଠାରେ ଈଶ୍ୱର ଆମେ ନିବେଦନ କରୁଥିବା ଲୋକମାନଙ୍କ ସଂପର୍କରେ ଆମକୁ ତାଙ୍କ ମନର ଭାବ ପ୍ରକାଶ କରନ୍ତି ।

ଆମ ମଧ୍ୟରେ ଈଶ୍ୱର ତାଙ୍କ ମନର ଦାରୁଣ ଯନ୍ତ୍ରଣା ଦେଖିପାରନ୍ତି କି ? ଯେ ପର୍ଯ୍ୟନ୍ତ ଆମେ ତାଙ୍କ ସହିତ ଘନିଷ୍ଠ ରୂପେ ଜଡ଼ିତ ହୋଇ ନାହୁଁ ଏବଂ ଯେଉଁମାନଙ୍କ ପାଇଁ ଆମେ ପ୍ରାର୍ଥନା କରୁ, ସେମାନଙ୍କ ପ୍ରତି ଆମର ଦୃଷ୍ଟିକୋଣ ଯୀଶୁଙ୍କ ଦୃଷ୍ଟିକୋଣ ଭଳି ନ ହୋଇଛି, ସେ ପର୍ଯ୍ୟନ୍ତ ସେ ଦେଖିପାରନ୍ତି ନାହିଁ । ହୃଦୟର ଆନ୍ତରିକତା ସହ ଆମେ ନିବେଦନ କରିବା ପାଇଁ ଏଭଳି ଶିକ୍ଷା କରୁ ଯଦ୍ଦ୍ୱାରା ନିବେଦନକାରୀ ରୂପେ ଯୀଶୁ ଖ୍ରୀଷ୍ଟ ଆମ ପ୍ରତି ଅତ୍ୟଧିକ ସନ୍ତୁଷ୍ଟ ହେବେ ।

ଏପ୍ରିଲ୍ ୧

# ଅନ୍ୟମାନଙ୍କୁ ସାହାଯ୍ୟ କରିବା ଅବା ସେମାନଙ୍କ ପ୍ରତି ନିର୍ଦ୍ଦୟ ହେବା

### ସେ (ଖ୍ରୀଷ୍ଟ) ଆମ ନିମନ୍ତେ ନିବେଦନ କରୁଛନ୍ତି... ଆତ୍ମା ସାଧୁମାନଙ୍କ ତରଫରୁ... ନିବେଦନ କରୁଛନ୍ତି ।
### ରୋମୀ ୮:୩୪, ୨୭

''କାରଣ ସେମାନଙ୍କ ପାଇଁ ନିବେଦନ କରିବାକୁ ଖ୍ରୀଷ୍ଟ ସଦା ଜୀବିତ'' (ଏବ୍ରୀ ୭:୨୫) ଏବଂ ସାଧୁମାନଙ୍କ ତରଫରୁ ପବିତ୍ର ଆତ୍ମା ନିବେଦନ କରୁଛନ୍ତି'' । ଅନ୍ୟମାନଙ୍କ ନିମନ୍ତେ ନିବେଦନ କରିବା ପାଇଁ ଏହାଠାରୁ ବଳି ଆଉ ଅଧିକ ବିତର୍କର ଆବଶ୍ୟକତା ଅଛି କି ? ଆମେ କ'ଣ ଅନ୍ୟମାନଙ୍କ ସହିତ ଏଭଳି ସଂପର୍କ ସ୍ଥାପନ କରିଛୁ, ଯାହା ଫଳରେ ଈଶ୍ୱରଙ୍କ ସନ୍ତାନ ରୂପେ ତାହାଙ୍କ ଆତ୍ମାଙ୍କ ଦ୍ୱାରା ଶିକ୍ଷା ପ୍ରାପ୍ତ ହୋଇ ଆମେ ଅନ୍ୟମାନଙ୍କ ପାଇଁ ପ୍ରାର୍ଥନା ନିବେଦନ କରୁଛୁ ? ଆମର ବର୍ତ୍ତମାନ ପରିସ୍ଥିତି ଉପରେ ଆମେ ଦୃଷ୍ଟିପାତ କରିବା । ଆମ ଘର, ବ୍ୟବସାୟ, ଦେଶ ବା ଅନ୍ୟ ସ୍ଥାନରେ ଆମକୁ ପ୍ରଭାବିତ କରିବା ଭଳି ଯେଉଁ ସଂକଟ ସୃଷ୍ଟି ହୁଏ, ତାହା କ'ଣ ଆମକୁ ସଂପୂର୍ଣ୍ଣ ରୂପେ ଚୂର୍ଣ୍ଣ କରିଦିଏ ? ଆମେ କ'ଣ ଈଶ୍ୱରଙ୍କ ଉପସ୍ଥିତିରୁ ଦୂର ହୋଇଯାଉ ଏବଂ ଉପାସନା ପାଇଁ ଆମର ସମୟ ନ ଥାଏ ? ଯଦି ଏପରି ହୁଏ, ତା'ହେଲେ ସମସ୍ତ ଅନ୍ୟମନସ୍କତା ଠାରୁ ନିବୃତ୍ତ ହୋଇ ଆମେ ଈଶ୍ୱରଙ୍କ ସହ ଏଭଳି ଜୀବନ୍ତ ସଂପର୍କ ସ୍ଥାପନ କରିବା ଯଦ୍ଦ୍ୱାରା ପ୍ରାର୍ଥନା ନିବେଦନ ମାଧ୍ୟମରେ ଅନ୍ୟମାନଙ୍କ ସହିତ ଆମର ସଂପର୍କ ରକ୍ଷା ହୋଇପାରିବ ଏବଂ ଈଶ୍ୱର ତାଙ୍କର ଆଶ୍ଚର୍ଯ୍ୟ କର୍ମ ସାଧନ କରିବେ ।

ଈଶ୍ୱରଙ୍କ ଇଚ୍ଛା ସାଧନ ପାଇଁ ଆପଣଙ୍କ ଅଭିଳାଷ ଦ୍ୱାରା ଈଶ୍ୱରଙ୍କ ଠାରୁ ଆଗ ବଢ଼ିଯିବା ବିଷୟରେ ସତର୍କ ରୁହନ୍ତୁ । ଆମେ ଅନେକ କାର୍ଯ୍ୟରେ ବ୍ୟସ୍ତ ରହି ଈଶ୍ୱରଙ୍କଠାରୁ ଆଗ ବଢ଼ିଯାଉ ଏବଂ ଲୋକମାନଙ୍କ ସମସ୍ୟାର ବୋଝରେ ଏଭଳି ଭାରାକ୍ରାନ୍ତ ହେଉ ଯେ, ଈଶ୍ୱରଙ୍କ ଉପାସନା କରି ନ ଥାଉ ଏବଂ ଅନ୍ୟମାନଙ୍କ ପାଇଁ ନିବେଦନ କରିବାରେ ବିଫଳ ହେଉ । ଈଶ୍ୱରଙ୍କ ପ୍ରତି ଉପାସନାର ମନୋଭାବ ନ ଥିଲେ ଯଦି କୌଣସି ବୋଝ ଏବଂ ତା'ର ଫଳସ୍ୱରୂପ ଚାପ ଆମ ଉପରକୁ ଆସେ, ତେବେ ତାହା ଈଶ୍ୱରଙ୍କ ପ୍ରତି ଆମର ମନକୁ କଠିଣ କରେ ଏବଂ ଆମର ଆତ୍ମାକୁ ନିରାଶ କରେ । ନିରବଚ୍ଛିନ୍ନ ଭାବେ ଈଶ୍ୱର ଆମକୁ ଏଭଳି ଲୋକଙ୍କ ପ୍ରତି ପରିଚିତ କରାନ୍ତି, ଯେଉଁମାନଙ୍କ ପ୍ରତି ଆମର ଆଗ୍ରହ ନ ଥାଏ ଏବଂ ଈଶ୍ୱରଙ୍କ ପ୍ରତି ଆମର ଉପାସନାର ମନୋଭାବ ନ ଥିଲେ ସ୍ୱାଭାବିକ ରୂପେ ଆମେ ସେମାନଙ୍କ ପ୍ରତି ନିର୍ଦ୍ଦୟ ହୋଇଥାଉ । ଆମେ ସେମାନଙ୍କୁ ବର୍ଚ୍ଛାରେ ଆଘାତ କରିବା ଭଳି ଅତିଶୀଘ୍ର ଧର୍ମଶାସ୍ତ୍ରର ଗୋଟିଏ ପଦ ଦେଇଥାଉ କିମ୍ବା ଅବିଳମ୍ବେ ତାଙ୍କଠାରୁ ବିଦାୟ ନେଇଥାଉ । ଯିବା ପୂର୍ବରୁ ସେମାନଙ୍କୁ କୌଣସି ପରାମର୍ଶ ଦେଇ ନ ଥାଉ ବା ଉତ୍ସାହଜନକ କଥା ମଧ୍ୟ କହି ନ ଥାଉ । ଜଣେ ନିର୍ଦ୍ଦୟ ଖ୍ରୀଷ୍ଟବିଶ୍ୱାସୀ ପ୍ରଭୁଙ୍କ ମନକୁ ଶୋକାକୁଳ କରନ୍ତି ।

ଆମ ଜୀବନ କ'ଣ ସେହି ଉପଯୁକ୍ତ ସ୍ଥାନରେ ଅଛି, ଯେଉଁଠାରେ ଆମେ ଆମର ପ୍ରଭୁ ଏବଂ ପବିତ୍ର ଆତ୍ମାଙ୍କ ନିବେଦନରେ ଅଂଶ ଗ୍ରହଣ କରିପାରିବା ?

**ଏପ୍ରିଲ ୨**

# ସର୍ବଶ୍ରେଷ୍ଠ ଗୌରବ

**ତୁମେ ଯେପରି ଦୃଷ୍ଟି ଫେରିପାଇବ । ........ ଏଥିପାଇଁ**
**ପ୍ରଭୁ ଯୀଶୁ .......... ମୋତେ ପଠାଇଛନ୍ତି ।**
**ପ୍ରେରିତ ୯:୧୭**

ପାଉଲ ଦୃଷ୍ଟି ଶକ୍ତି ପାଇବା ସହିତ ଯୀଶୁ ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱ ମଧ୍ୟରେ ଆତ୍ମିକ ଅନ୍ତର୍ଦୃଷ୍ଟି ଲାଭ କଲେ । ସେହି ମୁହୂର୍ତ୍ତଠାରୁ ତାଙ୍କର ସମୁଦାୟ ଜୀବନ ଏବଂ ପ୍ରଚାର ସଂପୂର୍ଣ୍ଣ ରୂପେ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ସମର୍ପିତ ଥିଲା – ''ମୁଁ ତୁମ ସହିତ ଥିଲାବେଳେ ମନସ୍ଥ କରିଥିଲି ଯେ, ଯୀଶୁଖ୍ରୀଷ୍ଟ ଏବଂ କ୍ରୁଶରେ ହତ ଯୀଶୁଖ୍ରୀଷ୍ଟଙ୍କ ବ୍ୟତୀତ ଆଉ କୌଣସି ବିଷୟ ଜାଣିବାକୁ ଇଚ୍ଛା କରିବି ନାହିଁ'' (୧ କରିନ୍ଥୀୟ ୨:୨) ।

ଆମ ଜୀବନରେ ଆମ ଚରିତ୍ରକୁ ଦୃଢ଼ କରିବା ପାଇଁ ଆମେ ଏଭଳି ଶିକ୍ଷା କରିବା ଏବଂ ସେହି ସ୍ତରକୁ ଜାଣିବା ଯାହା ଯୀଶୁଖ୍ରୀଷ୍ଟଙ୍କ ସଂପର୍କିତ ଦର୍ଶନ ମାଧ୍ୟମରେ ଆମ ପ୍ରତି ପ୍ରକାଶିତ ହୋଇଛି ।

ଜଣେ ଆତ୍ମିକ ସ୍ୱଭାବ ବିଶିଷ୍ଟ ବ୍ୟକ୍ତିଙ୍କ ସ୍ଥାୟୀ ବୈଶିଷ୍ଟ୍ୟ ହେଉଛି, ନିଜ ଜୀବନରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପ୍ରକୃତ ଅର୍ଥ ବୁଝିବାର ସାମର୍ଥ୍ୟ ଏବଂ ଆମମାନଙ୍କ ନିକଟରେ ଈଶ୍ୱରଙ୍କ ଉଦ୍ଦେଶ୍ୟ ବୁଝାଇବାର ଦକ୍ଷତା । ଯୀଶୁଖ୍ରୀଷ୍ଟ ହିଁ ତାଙ୍କ ଜୀବନର ପ୍ରବଳ ଆବେଗ ଏବଂ ଉତ୍ତେଜନାର ଉତ୍ସ । କୌଣସି ବ୍ୟକ୍ତିଙ୍କ ଜୀବନରେ ଏଭଳି ଗୁଣ ଦେଖିଲେ ଆପଣଙ୍କ ପ୍ରତ୍ୟକ୍ଷ ଅନୁଭୂତି ହେବ ଯେ, ଏହି ବ୍ୟକ୍ତି ପ୍ରକୃତରେ ଈଶ୍ୱରଙ୍କ ମନୋମତ (ପ୍ରେରିତ ୧୩:୨୨) ।

ଯୀଶୁଖ୍ରୀଷ୍ଟଙ୍କ ଅନ୍ତର୍ଦୃଷ୍ଟି ପ୍ରତି ଆପଣଙ୍କ ଧ୍ୟାନକୁ ଅପସାରିତ ହେବାକୁ ଦିଅନ୍ତୁ ନାହିଁ । ଆପଣ ଆତ୍ମିକ ସ୍ୱଭାବ ବିଶିଷ୍ଟ ଅବା ତାହାର ବିପରୀତ, ଏହାହିଁ ତାହାର ପ୍ରକୃତ ପରୀକ୍ଷା । ଆତ୍ମିକ ମନା ନ ହେବା ଅର୍ଥ, ଆପଣ ଅନ୍ୟାୟ ବିଷୟ ପ୍ରତି ପ୍ରଲୁବ୍ଧ ଏବଂ ଆକର୍ଷିତ ।

ଯୀଶୁଙ୍କୁ ଦେଖିବା ପରେ
ଆଉ କିଛି ଦିଶେ ନାହିଁ ମୋତେ
କ୍ରୁଶରେ ଦେଖିଲେ ତାଙ୍କୁ
ଆଖି ଦୁଇ ଲାଖି ରହେ ସତେ ।

## ଏପ୍ରିଲ ୩

# ତୁ ଯଦି ଜାଣିଥାଆନ୍ତୁ

### କେଉଁ ବିଷୟ ତୋତେ ଶାନ୍ତି ଆଣି ଦେଇଥାଆନ୍ତା, ତାହା ତୁ, ହଁ ତୁ ଯଦି ଆଜି ଜାଣିଥାଆନ୍ତୁ, କିନ୍ତୁ ଏବେ ତାହା ତୋର ଦୃଷ୍ଟିରୁ ଗୁପ୍ତ ରହିଛି ।

### ଲୂକ ୧୯:୪୨

ଯୀଶୁ ବିଜୟ ଉଲ୍ଲାସରେ ଯିରୁଶାଲମରେ ପ୍ରବେଶ କଲେ ଏବଂ ସମଗ୍ର ସହର ଆଲୋଡ଼ିତ ହୋଇ ଉଠିଲା, କିନ୍ତୁ ସେଠାରେ ଜଣେ ବିଚିତ୍ର ଈଶ୍ୱର ଉପସ୍ଥିତ ଥିଲା – ତା' ହେଉଛି, ଫାରୁଶୀମାନଙ୍କ ଅହଂକାର । ଏହି ଈଶ୍ୱର ଧାର୍ମିକ ଏବଂ ନ୍ୟାୟପରାୟଣ ମନେ ହେଉଥିଲା, କିନ୍ତୁ ଯୀଶୁ ତୁଳନାତ୍ମକ ବିଚାର କରି କହିଲେ, ''ସେମାନେ ଶୁକ୍ଳୀକୃତ କବର ପରି, ଯାହାର ବାହାରଟା ସୁନ୍ଦର ଦିଶେ, କିନ୍ତୁ ଭିତରଟା ମୃତଲୋକଙ୍କ ଅସ୍ଥି ଓ ସବୁପ୍ରକାର ଅଶୁଚି ବିଷୟରେ ପୂର୍ଣ୍ଣ'' (ମାଥିଉ ୨୩:୨୭) ।

ଏପରି କେଉଁ ବିଷୟ ଅଛି, ଯାହା ''ଆଜି'' ଆପଣଙ୍କୁ ଈଶ୍ୱରଙ୍କ ଶାନ୍ତିରେ ଆବଦ୍ଧ କରିଛି ? ଆପଣଙ୍କ ବାଟରେ କ'ଣ ଏପରି କୌଣସି ବିଚିତ୍ର ଦେବତା ଅଛି – କୌଣସି ବିକୃତ ଦାନବ ନୁହେଁ, ମାତ୍ର ଏପରି ଅପବିତ୍ର ସ୍ୱଭାବ ଯାହାକି ଆପଣଙ୍କ ଜୀବନକୁ ନିୟନ୍ତ୍ରଣ କରୁଛି ? ମୋ ଜୀବନରେ ଅନେକ ଥର ଈଶ୍ୱର ମୋତେ ଗୋଟିଏ ବିଚିତ୍ର ଦେବତାର ସମ୍ମୁଖୀନ କରାଇଛନ୍ତି । ମୁଁ ଜାଣିଥିଲି ଯେ, ମୋତେ ତାକୁ ଛାଡ଼ିବାକୁ ହେବ, କିନ୍ତୁ ମୁଁ ଛାଡ଼ି ନ ଥିଲି  ମୁଁ ସେହି ସଂକଟରୁ ରକ୍ଷା ପାଇଗଲି ସତ, କିନ୍ତୁ ଆବିଷ୍କାର କଲି ଯେ, ମୁଁ ସେପର୍ଯ୍ୟନ୍ତ ସେହି ବିଚିତ୍ର ଦେବତାର ନିୟନ୍ତ୍ରଣରେ ଅଛି । ଯେଉଁ ବିଷୟ ମୋତେ ଶାନ୍ତି ଦେଉଛି ବୋଲି ଜାଣୁଛି, ସେଥିପ୍ରତି ମୁଁ ଅନ୍ଧ ହୋଇଯାଇଛି । ଏହା ଏକ ସତ୍ୟ ପ୍ରକାଶକାରୀ ଭୟଙ୍କର ବିଷୟ ଯେ ଆମକୁ ସେହି ସ୍ଥାନରେ ରହିବାକୁ ହେବ, ଯେଉଁଠାରେ ପବିତ୍ର ଆତ୍ମାଙ୍କୁ ଆମେ ନିର୍ବିରୋଧରେ ମନକଥା କହି ପାରନ୍ତୁ, କିନ୍ତୁ ଆମେ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇ ଈଶ୍ୱରଙ୍କ ଦୃଷ୍ଟିରେ ଆମର ଦୋଷକୁ ଅଧିକ ରୂପେ ବଢ଼ାଇ ଦେଉ ।

''ତୁ ଯଦି ଜାଣିଆନ୍ତୁ...'' ଈଶ୍ୱରଙ୍କ ଏହି ମର୍ମଭେଦକାରୀ କଥାର ଅନ୍ତରାଳରେ ଯୀଶୁଙ୍କ ଆଖିର ଲୁହ ରହିଛି । ଏହି କଥା ଆମର ନିଜ ଦୋଷ ସଂପର୍କିତ ଆମର ଦାୟିତ୍ୱ ପ୍ରତି ସଚେତନ କରେ । ଆମର ପାପ ହେତୁ ଆମେ ଯେଉଁ ବିଷୟକୁ ଦେଖିବା ପାଇଁ ବାରଣ କରୁ ବା ଯାହା ଦେଖିବା ପାଇଁ ଅସମର୍ଥ ହେଉ, ସେସବୁ ପାଇଁ ଈଶ୍ୱର ଆମକୁ ଦାୟୀ କରନ୍ତି । ''ବର୍ତ୍ତମାନ ତାହା ତୋ' ଦୃଷ୍ଟିରୁ ଗୁପ୍ତ ଅଛି'' କାରଣ ଆପଣ ଈଶ୍ୱରଙ୍କଠାରେ ଆପଣଙ୍କ ସ୍ୱଭାବକୁ ସଂପୂର୍ଣ୍ଣ ରୂପେ ସମର୍ପଣ କରି ନାହାନ୍ତି । ଯାହା ହୋଇପାରିଥାନ୍ତା, ତା ପାଇଁ କେତେ ଅସରନ୍ତି ଦୁଃଖ ! ଯେଉଁ ଦ୍ୱାର ସବୁ ବନ୍ଦ ହୋଇଯାଏ, ଈଶ୍ୱର ପୁନର୍ବାର ସେଗୁଡ଼ିକ ଖୋଲନ୍ତି ନାହିଁ । ସେ ଅନ୍ୟ ଦ୍ୱାର ସବୁ ଖୋଲି ଦିଅନ୍ତି, କିନ୍ତୁ ସେ ଆମକୁ ସ୍ମରଣ କରାଇ ଦିଅନ୍ତି ଯେ, ଅନେକ ଦ୍ୱାର ସବୁ ଆମେ ବନ୍ଦ କରିଦେଇଛୁ, ଯାହା ବନ୍ଦ ହେବା ଉଚିତ୍ ନ ଥିଲା । ଈଶ୍ୱର ଆପଣଙ୍କ ଅତୀତକୁ ଫେରାଇ ଆଣିବା ସମୟରେ ଭୟ କରନ୍ତୁ ନାହିଁ । ଆପଣଙ୍କ ସ୍ମୃତି ତା' ନିଜ କାମ କରୁ । ଏହା ଈଶ୍ୱରଙ୍କ ସେବକ ରୂପେ ଆପଣଙ୍କ ପାଇଁ ଅନୁଯୋଗ ଏବଂ ଦୁଃଖ ଆଣିଦିଏ । ''ଯାହା ହୋଇ ପାରିଥାନ୍ତା'', ଈଶ୍ୱର ତାହାକୁ ଭବିଷ୍ୟତ୍ ଅଭିବୃଦ୍ଧିର ଏକ ଶିକ୍ଷାରେ ପରିଣତ କରିବେ ।

ଏପ୍ରିଲ ୪

# ଚିରସ୍ଥାୟୀ ବିଶ୍ୱାସର ପଥ

**କିନ୍ତୁ ସମୟ ଆସୁଛି.... ତୁମେମାନେ ଛିନ୍ନଭିନ୍ନ ହୋଇ ପଳାଇ ଯିବ ।**
**ଯୋହନ ୧୬:୩୨**

ଏହି ଅନୁଚ୍ଛେଦରେ ଯୀଶୁ ଶିଷ୍ୟମାନଙ୍କୁ ଗାଳି ଦେଇ ନ ଥିଲେ । ସେମାନଙ୍କ ବିଶ୍ୱାସ ସତ୍ୟ–ଆଧାରିତ ଥିଲା, କିନ୍ତୁ ଶୃଙ୍ଖଳିତ ନ ଥିଲା ଏବଂ ଜୀବନର ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରି ନ ଥିଲା । ଶିଷ୍ୟମାନେ ଛିନ୍ନଭିନ୍ନ ହୋଇ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଆଗ୍ରହ ରଖିବା ପରିବର୍ତ୍ତେ ଅନ୍ୟ ବିଷୟ ପ୍ରତି ମନ ବଳାଇଲେ । ପବିତ୍ର ଆତ୍ମାଙ୍କ ଶୁଚିକରଣ ପ୍ରକ୍ରିୟା ଦ୍ୱାରା ଈଶ୍ୱରଙ୍କ ସହିତ ଆମର ପ୍ରକୃତ ସଂପର୍କ ସ୍ଥାପିତ ହେବା ଦ୍ୱାରା ଦୈନନ୍ଦିନ ଜୀବନର ବାସ୍ତବତା ମଧ୍ୟରେ ଆମର ବିଶ୍ୱାସ କାର୍ଯ୍ୟକାରୀ ହେବା ଆବଶ୍ୟକ । ଆମେ ଛିନ୍ନଭିନ୍ନ ହେବା, ସେବା ମଧ୍ୟରେ ନୁହେଁ, କିନ୍ତୁ ଜୀବନର ଶୂନ୍ୟତା ମଧ୍ୟରେ ଯେଉଁଠାରେ ଆମେ ବିନାଶ ଏବଂ ନିଷ୍ଫଳତାକୁ ଦେଖିବା ଏବଂ ଈଶ୍ୱରଙ୍କ ଆଶୀର୍ବାଦର ଆଭ୍ୟନ୍ତରୀଣ ମୃତ୍ୟୁର ଅର୍ଥ କ'ଣ, ତାହା ଜାଣିବା । ଆମେ କ'ଣ ଏଥିପାଇଁ ପ୍ରସ୍ତୁତ ? ନିଶ୍ଚିତ ରୂପେ ଏହି ମନୋନୟନ ଆମର ନୁହେଁ, କିନ୍ତୁ ଈଶ୍ୱର ଏଭଳି ପରିସ୍ଥିତି ସୃଷ୍ଟିକରି ଆମକୁ ସେଠାକୁ ନିଅନ୍ତି । ସେହି ଅନୁଭୂତି ମଧ୍ୟ ଦେଇ ଗତି ନ କରିବା ପର୍ଯ୍ୟନ୍ତ ଆମର ବିଶ୍ୱାସ ଆମର ଭାବନା ଏବଂ ଆଶୀର୍ବାଦ ଦ୍ୱାରା ଚାଳିତ ହୁଏ । କିନ୍ତୁ ଥରେ ଯେତେବେଳେ ସେଠାରେ ପହଞ୍ଚି ଯାଉ, ଈଶ୍ୱର ଆମକୁ ଯେଉଁ ସ୍ଥାନରେ ରଖନ୍ତୁ ପଛକେ, ଅବା ଆମେ ଯେଉଁ ଭଳି ଆନ୍ତରିକ ଶୂନ୍ୟତା ଅନୁଭବ କରୁନା କାହିଁକି, ଆମେ ସମସ୍ତ ଉତ୍ତମ ବିଷୟ ପାଇଁ ଈଶ୍ୱରଙ୍କ ପ୍ରଶଂସା କରିପାରିବା । ଏହା ହେଉଛି, ଜୀବନର ବାସ୍ତବତା ମଧ୍ୟରେ ବିଶ୍ୱାସର କାର୍ଯ୍ୟକାରୀତାର ଅର୍ଥ ।

''...ତୁମେମାନେ... ମୋତେ ଏକାକୀ ଛାଡ଼ି ଚାଲିଯିବ ।'' ଆମେ କ'ଣ ଛିନ୍ନଭିନ୍ନ ହୋଇଛୁ ଏବଂ ଆମ ପ୍ରତି ଯୀଶୁଙ୍କ ସ୍ୱର୍ଗୀୟ ଯତ୍ନକୁ ନ ଦେଖି ଆମେ କ'ଣ ଯୀଶୁଙ୍କୁ ଏକାକୀ ଛାଡ଼ି ଚାଲିଯାଉଛୁ ? ଆମର ସବୁ ପରିସ୍ଥିତି ମଧ୍ୟରେ ଈଶ୍ୱର ଯେ ସକ୍ରିୟ, ଏହା କ'ଣ ଆମେ ଦେଖି ନାହୁଁ ? ଈଶ୍ୱର ତାଙ୍କର ସାର୍ବଭୌମ ନିୟନ୍ତ୍ରଣ ମଧ୍ୟରେ ଅନ୍ଧକାର ସମୟକୁ ଆସିବାର ଅନୁମତି ଦିଅନ୍ତି । ଆମେ କ'ଣ ପ୍ରସ୍ତୁତ ଯେ, ଈଶ୍ୱର ଆମ ଜୀବନରେ ତାଙ୍କ ଇଚ୍ଛାନୁସାରେ କାର୍ଯ୍ୟ କରନ୍ତୁ ? ଆମେ କ'ଣ ଈଶ୍ୱରଙ୍କ ବାହ୍ୟିକ ଆଶୀର୍ବାଦରୁ ନିଜକୁ ପୃଥକ୍ କରି ପାରିବା ? ଯୀଶୁ ଖ୍ରୀଷ୍ଟ ଆମର ପ୍ରକୃତ ପ୍ରଭୁ ନ ହେବା ପର୍ଯ୍ୟନ୍ତ ଆମେ ନିଜର ନିରୂପିତ ଲକ୍ଷ୍ୟ ପୂରଣ ପାଇଁ ଚେଷ୍ଟିତ ହେଉ । ଆମର ବିଶ୍ୱାସ ସତ୍ୟ ଉପରେ ଆଧାରିତ, କିନ୍ତୁ ଏ ପର୍ଯ୍ୟନ୍ତ ଏହା ସ୍ଥାୟୀ ହୋଇ ନାହିଁ । ଈଶ୍ୱର ମଧ୍ୟ ତରତର ହୋଇ କୌଣସି କାର୍ଯ୍ୟ କରନ୍ତି ନାହିଁ । ଯଦି ଆମେ ଅପେକ୍ଷା କରିବା ପାଇଁ ପ୍ରସ୍ତୁତ ରହିବା, ତେବେ ଆମେ ଦେଖିପାରିବା ଯେ, ଈଶ୍ୱର ଆମ ଦୃଷ୍ଟି ଆକର୍ଷଣ ପୂର୍ବକ କହୁଛନ୍ତି ଯେ, ଆମର ରୁଚି ଈଶ୍ୱରଙ୍କ ପରିବର୍ତ୍ତେ ତାଙ୍କର ଆଶୀର୍ବାଦ ପ୍ରତି ରହିଛି । ମୌଳିକ ବିଷୟ ହେଉଛି, ଈଶ୍ୱରଙ୍କ ଆଶୀର୍ବାଦର ଉପଲବ୍ଧି ।

''ସାହସ ଧର, ମୁଁ ଜଗତକୁ ଜୟ କରିଛି'' (୧୬:୩୩) । ଆମର ଆବଶ୍ୟକତା ହେଉଛି, ଦୃଢ଼ ଆତ୍ମିକ ଧୈର୍ଯ୍ୟଶକ୍ତି ।

## ଏପ୍ରିଲ ୫

# ତାଙ୍କର ଯନ୍ତ୍ରଣା ଏବଂ ଆମର ପ୍ରବେଶ ପଥ

**ଯୀଶୁ ଶିଷ୍ୟମାନଙ୍କ ସହ ଗେଥ୍‌ସମନୀ ନାମକ ଗୋଟିଏ ସ୍ଥାନକୁ ଗଲେ ଏବଂ ସେମାନଙ୍କୁ କହିଲେ... ''ଏହିଠାରେ ଥାଅ, ମୋ' ସହିତ ଜାଗି ରୁହ ।''**

**ମାଥିଉ ୨୬:୩୬, ୩୮**

ଆମେ ଗେଥ୍‌ସମନୀ ଉଦ୍ୟାନରେ ଖ୍ରୀଷ୍ଟଙ୍କ ଯନ୍ତ୍ରଣାକୁ କେବେହେଁ ବୁଝିପାରିବା ନାହିଁ, କିନ୍ତୁ ସେ ବିଷୟରେ ଅନ୍ତତଃ ଆମର ଭୁଲ୍ ଧାରଣା ରହିବା ଉଚିତ୍ ନୁହେଁ । ଏହା ହେଉଛି, ପାପର ସମ୍ମୁଖୀନ ହେଉଥିବା ଜଣେ ବ୍ୟକ୍ତିଙ୍କ ମଧ୍ୟରେ ଈଶ୍ୱରଙ୍କର ଏବଂ ମନୁଷ୍ୟର ଯନ୍ତ୍ରଣା । ବ୍ୟକ୍ତିଗତ ଅନୁଭୂତି ମାଧ୍ୟମରେ ଆମେ ଗେଥ୍‌ସମନୀ ବିଷୟରେ ଜାଣିପାରିବା ନାହିଁ । ଗେଥ୍‌ସମନୀ ଏବଂ କାଲ୍‌ଵରୀ ସଂପୂର୍ଣ୍ଣ ରୂପେ ଏକ ଅନନ୍ୟ ବିଷୟ ପ୍ରକାଶ କରନ୍ତି– ଏ ଦୁହେଁ ଆମ ପାଇଁ ଜୀବନର ପ୍ରବେଶ ଦ୍ୱାର ।

ଗେଥ୍‌ସମନୀରେ ଯୀଶୁଙ୍କ ଯନ୍ତ୍ରଣାର କାରଣ ତାଙ୍କର କ୍ରୁଶୀୟ ମୃତ୍ୟୁ ନ ଥିଲା । କାରଣ ସେ ଦୃଢ଼ତାର ସହ କହିଥିଲେ ଯେ, ସେ ମୃତ୍ୟୁବରଣ କରିବା ଉଦ୍ଦେଶ୍ୟରେ ଆସିଥିଲେ । ଏଠାରେ ତାଙ୍କର ଚିନ୍ତାର ବିଷୟ ଥିଲା ଯେ, ମନୁଷ୍ୟ ପୁତ୍ର ରୂପେ ସେ ଏହି ସଂଘର୍ଷର କିପରି ସମ୍ମୁଖୀନ ହେବେ । ଈଶ୍ୱରଙ୍କ ପୁତ୍ର ରୂପେ ଏହାକୁ ଅତିକ୍ରମ କରିବେ ବୋଲି ତାଙ୍କର ନିଶ୍ଚିତ ଭରସା ଥିଲା । ସେଠାରେ ଶୟତାନ ତାଙ୍କୁ ସ୍ପର୍ଶ କରିପାରି ନ ଥିଲା । କିନ୍ତୁ ଶୟତାନର ଆକ୍ରମଣ ଏହା ଥିଲା ଯେ, ଆମର ପ୍ରଭୁ ଆମ ପାଇଁ ଏହି କାର୍ଯ୍ୟ କେବଳ ମନୁଷ୍ୟପୁତ୍ର ରୂପେ ସଂପନ୍ନ କରିବେ । ଯୀଶୁ ଯଦି ସେପରି କରିଥା'ନ୍ତେ, ତେବେ ସେ ଆମର ପରିତ୍ରାଣକର୍ତ୍ତା ହୋଇ ନ ଥା'ନ୍ତେ (ଏବ୍ରୀ ୯:୧୧–୧୫ ଦେଖନ୍ତୁ) । ତାଙ୍କର ଗେଥ୍‌ସମନୀର ଯନ୍ତ୍ରଣାର ବିବରଣ ଅରଣ୍ୟ ମଧ୍ୟରେ ତାଙ୍କର ପୂର୍ବବର୍ତ୍ତୀ ପ୍ରଲୋଭନର ପରିପ୍ରେକ୍ଷୀରେ ପାଠ କରନ୍ତୁ – ''ଶୟତାନ ଆଉ ଏକ ସୁବିଧାଜନକ ସମୟ ପର୍ଯ୍ୟନ୍ତ ତାହାଙ୍କୁ ଛାଡ଼ି ଚାଲିଗଲା'' (ଲୂକ ୪:୧୩) । ଗେଥ୍‌ସମନୀରେ ଶୟତାନ ପୁଣି ଫେରି ଆସିଲା, କିନ୍ତୁ ଆଉ ଥରେ ବିତାଡ଼ିତ ହେଲା । ଗେଥ୍‌ସମନୀରେ *ମନୁଷ୍ୟପୁତ୍ର* ରୂପେ ଆମ ପ୍ରଭୁଙ୍କ ପ୍ରତି ଶୟତାନର ଏହା ଶେଷ ଆକ୍ରମଣ ଥିଲା ।

ଗେଥ୍‌ସମନୀର ଯନ୍ତ୍ରଣା ଜଗତର ଉଦ୍ଧାରକର୍ତ୍ତା ରୂପେ ଆପଣା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସଂପନ୍ନ କରିବା ପାଇଁ ଈଶ୍ୱରଙ୍କ ପୁତ୍ରଙ୍କ ଯନ୍ତ୍ରଣା ଥିଲା । ଆମମାନଙ୍କୁ ଈଶ୍ୱରଙ୍କ ସନ୍ତାନ କରିବା ପାଇଁ ତାଙ୍କୁ ଯେଉଁ ମୂଲ୍ୟ ଦେବାକୁ ହେଲା, ତାହା ପ୍ରକଟ କରିବା ଉଦ୍ଦେଶ୍ୟରେ ଏଠାରେ ସେହି ଆବରଣ ଅପସାରିତ ହେଲା । ତାଙ୍କର ଯନ୍ତ୍ରଣା ଆମ ପରିତ୍ରାଣଜନିତ ସରଳତାର ଆଧାର ଥିଲା । ଖ୍ରୀଷ୍ଟଙ୍କ କ୍ରୁଶ *ମନୁଷ୍ୟ ପୁତ୍ରଙ୍କ* ବିଜୟ ଥିଲା । ଏହା କେବଳ ପ୍ରଭୁଙ୍କ ବିଜୟର ଚିହ୍ନ ନଥିଲା, ମାତ୍ର ମନୁଷ୍ୟ ଜାତିକୁ ଉଦ୍ଧାର କରିବା କାର୍ଯ୍ୟରେ ତାଙ୍କର ବିଜୟସୂଚକ ଚିହ୍ନ ଥିଲା । ମନୁଷ୍ୟ ପୁତ୍ର ଯେଉଁ ଦୁଃଖ ଯନ୍ତ୍ରଣା ସହିଲେ, ତଦ୍ଦ୍ୱାରା ଈଶ୍ୱରଙ୍କ ଉପସ୍ଥିତିରେ ପହଞ୍ଚିବା ପାଇଁ ପ୍ରତ୍ୟେକ ମନୁଷ୍ୟ ପାଇଁ ଏକ ପ୍ରବେଶ ପଥ ଉନ୍ମୁକ୍ତ ହୋଇଛି ।

ଏପ୍ରିଲ ୬

# ଈଶ୍ୱରଙ୍କ ସହ ପାପର ସଂଘର୍ଷ

**ଏଥିପାଇଁ ସେ କ୍ରୁଶ କାଠ ଉପରେ ନିଜ ଶରୀରରେ ଆମର ପାପ ବହନ କଲେ ।**
**୧ ପିତର ୨:୨୪**

ଖ୍ରୀଷ୍ଟଙ୍କ କ୍ରୁଶ ପାପ ଉପରେ ଈଶ୍ୱରଙ୍କ ନ୍ୟାୟ ବିଚାରର ପ୍ରକଟିତ ସତ୍ୟ । ଖ୍ରୀଷ୍ଟଙ୍କ କ୍ରୁଶ ସହିତ ଶହୀଦ୍ ହେବାର ଆତ୍ମ ବଳିଦାନ ସଂପର୍କିତ ଚିନ୍ତାକୁ ଯୋଗ କରନ୍ତୁ ନାହିଁ । ଏହା ଚରମ ବିଜୟ ଥିଲା ଏବଂ ନରକର ବଳକୁ ଦୋହଲାଇ ଦେଇଥିଲା । କ୍ରୁଶରେ ସାଧିତ ଯୀଶୁ ଖ୍ରୀଷ୍ଟଙ୍କ କାର୍ଯ୍ୟର ସମୟ ଏବଂ ଅନନ୍ତକାଳ ମଧ୍ୟରେ ଏଭଳି ଆଉ ନିଶ୍ଚିତ ଏବଂ ଅକାଟ୍ୟ ପ୍ରମାଣ ନାହିଁ । ଈଶ୍ୱରଙ୍କର ଏବଂ ସମଗ୍ର ମାନବ ଜାତି ମଧ୍ୟରେ ଏକ ଯଥାର୍ଥ ସଂପର୍କର ପ୍ରତିଷ୍ଠା କେବଳ ତାଙ୍କ ଦ୍ୱାରା ହିଁ ସମ୍ଭବ ହେଲା । ମୁକ୍ତିକୁ ସେ ମନୁଷ୍ୟ ଜୀବନର ଭିତ୍ତିପ୍ରସ୍ତର କଲେ ଅର୍ଥାତ୍ ପ୍ରତ୍ୟେକ ମନୁଷ୍ୟ ପାଇଁ ସେ ଈଶ୍ୱରଙ୍କ ସାନ୍ନିଧ୍ୟର ପଥ ପ୍ରସ୍ତୁତ କଲେ ।

କ୍ରୁଶ ଯୀଶୁଙ୍କ ପ୍ରତି ଘଟିଥିବା ଏକ ଘଟଣା ନୁହେଁ – ସେ ‘‘ଜଗତର ସୃଷ୍ଟିକାଳରୁ ବଳିପ୍ରାପ୍ତ ମେଷଶାବକ’’ (ପ୍ରକାଶିତ ୧୩:୮) । କ୍ରୁଶ ବ୍ୟତୀତ ଖ୍ରୀଷ୍ଟଙ୍କ ମାନବ ଶରୀର ଧାରଣ ନିରର୍ଥକ ହୋଇଥା’ନ୍ତା । ‘‘ସେ ଦେହବନ୍ତ ହୋଇ ପ୍ରକାଶିତ ହେଲେ’’ (୧ ତୀମଥି ୩:୧୬) – ଏହି ପଦକୁ ‘‘ତାହାକୁ ସେ ଆମମାନଙ୍କ ନିମନ୍ତେ ପାପସ୍ୱରୂପ କଲେ’’ (୨ କରିନ୍ଥୀ ୫:୨୧)ରୁ ଅଲଗା କରିବା ବିଷୟରେ ସାବଧାନ ହୁଅନ୍ତୁ । ଈଶ୍ୱରଙ୍କ ଦେହଧାରଣର ଉଦ୍ଦେଶ୍ୟ ମୁକ୍ତି ବା ଉଦ୍ଧାର ଥିଲା । ଈଶ୍ୱର ପାପକୁ ଦୂର କରିବା ପାଇଁ ଦେହ ଧାରଣ କଲେ, ନିଜ ଇଚ୍ଛା ପୂରଣ ପାଇଁ ନୁହେଁ । କ୍ରୁଶ ହିଁ ସମୟ ଏବଂ ଅନନ୍ତକାଳର ମୁଖ୍ୟ ଘଟଣା ଏବଂ ଏ ଦୁଇ ବିଷୟ ସମ୍ବନ୍ଧିତ ସବୁ ସମସ୍ୟାର ସମାଧାନ ।

କ୍ରୁଶ ଜଣେ ମଣିଷର କ୍ରୁଶ ନୁହେଁ, ମାତ୍ର ଈଶ୍ୱରଙ୍କ କ୍ରୁଶ ଏବଂ ମଣିଷର ଅନୁଭୂତି ଦ୍ୱାରା ଏହାକୁ ଆଦୌ ବୁଝି ହୁଏ ନାହିଁ । କ୍ରୁଶ ହେଉଛି, ଈଶ୍ୱରଙ୍କ ସ୍ୱଭାବର ପ୍ରଦର୍ଶନ । ଏହା ସେହି ଦ୍ୱାର, ଯାହା ମଧ୍ୟ ଦେଇ ଯେ କୌଣସି ବ୍ୟକ୍ତି ଈଶ୍ୱରଙ୍କ ସହ ଏକତ୍ୱରେ ପ୍ରବେଶ କରେ । କିନ୍ତୁ କ୍ରୁଶ ନିକଟରେ ପହଞ୍ଚିବା ମାତ୍ରେ ଆମେ ତାହା ମଧ୍ୟ ଦେଇ ଯାଇ ନ ଥାଉ, ମାତ୍ର ସେହି ଜୀବନ ପାଉ, ଯାହାର ପ୍ରବେଶ ଦ୍ୱାର ହେଉଛି କ୍ରୁଶ ।

ଖ୍ରୀଷ୍ଟଙ୍କ କ୍ରୁଶ ହିଁ ପରିତ୍ରାଣର ପ୍ରାଣକେନ୍ଦ୍ର । ପରିତ୍ରାଣ ସହଜସାଧ୍ୟ, କାରଣ ଈଶ୍ୱରଙ୍କୁ ସେଥିପାଇଁ ଅନେକ ମୂଲ୍ୟ ଦେବାକୁ ପଡ଼ିଥିଲା । କ୍ରୁଶ ସେହି ସ୍ଥାନ, ଯେଉଁଠାରେ ଈଶ୍ୱର ଏବଂ ପାପୀ ମନୁଷ୍ୟ ମଧ୍ୟରେ ପ୍ରବଳ ସଂଘର୍ଷ ହେଲା ଏବଂ ଜୀବନର ପଥ ଉନ୍ମୁକ୍ତ ହେଲା, କିନ୍ତୁ ଏହି ଦ୍ୱନ୍ଦ୍ୱର ସମସ୍ତ ମୂଲ୍ୟ ଏବଂ ଯନ୍ତ୍ରଣା ଈଶ୍ୱରଙ୍କ ହୃଦୟ ମଧ୍ୟରେ ଗୁପ୍ତ ରହିଲା ।

# ଆମଠାରେ କାହିଁକି ବୁଝାମଣାର ଅଭାବ ଥାଏ ?

**ଯୀଶୁ ସେମାନଙ୍କୁ ଆଦେଶ ଦେଇ କହିଲେ ଯେ, ମନୁଷ୍ୟପୁତ୍ର ମୃତମାନଙ୍କ ମଧ୍ୟରୁ ଉତ୍ଥିତ ନ ହେବା ପର୍ଯ୍ୟନ୍ତ ସେମାନେ ଯେପରି ଦେଖୁଥିବା ବିଷୟ କାହାକୁ ନ କୁହନ୍ତି ।**

**ମାର୍କ ୯:୯**

ଶିଷ୍ୟମାନେ ଯେପରି ଆଦେଶ ପ୍ରାପ୍ତ ହେଲେ, ସେହିପରି ଆପଣ ମଧ୍ୟ କାହାକୁ କିଛି କହିବେ ନାହିଁ, ଯେ ପର୍ଯ୍ୟନ୍ତ ମନୁଷ୍ୟ ପୁତ୍ର ଆପଣଙ୍କ ମଧ୍ୟରୁ ଉତ୍ଥିତ ହୋଇ ନାହାନ୍ତି – ଯେପର୍ଯ୍ୟନ୍ତ ପୁନରୁତ୍ଥିତ ଖ୍ରୀଷ୍ଟ ଆପଣଙ୍କ ଉପରେ ସେହି ଅଧିକାର ସାବ୍ୟସ୍ତ କରିନାହାନ୍ତି, ଯଦ୍ୱାରା ଆପଣ ସେହି ସବୁ କଥା ଶିଖି ପାରିବେ, ଯାହା ସେ ଜଗତରେ ଥିବା ସମୟରେ ଶିଖାଇ ଥିଲେ । ଯେତେବେଳେ ଆପଣ ଆନ୍ତରିକ ଅଭିବୃଦ୍ଧି ସହ ସେହି ଅବସ୍ଥାକୁ ଆସନ୍ତି, ଯୀଶୁଙ୍କର କଥା ଏତେ ସୁସ୍ପଷ୍ଟ ହୁଏ ଯେ, ଆପଣ ଆଶ୍ଚର୍ଯ୍ୟ ହୋଇ ଭାବନ୍ତି, ପୂର୍ବରୁ ଆପଣ କାହିଁକି ତାହା ବୁଝିପାରି ନ ଥିଲେ । ପୂର୍ବରୁ ଆପଣ ତାହା ବୁଝି ନ ଥିଲେ, କାରଣ ତାହାର ମୁକାବିଲା ପାଇଁ ଆପଣ ସେହିପ୍ରକାର ଆତ୍ମିକ ଅବସ୍ଥାରେ ପହଞ୍ଚି ନ ଥିଲେ ।

ଆମର ପ୍ରଭୁ ଆମଠାରୁ ଏ ସବୁ ବିଷୟ ଗୁପ୍ତ ରଖିବାକୁ ଇଚ୍ଛା କରନ୍ତି ନାହିଁ, କିନ୍ତୁ ଆମ ଆତ୍ମିକ ଜୀବନର ପ୍ରକୃତ ଅବସ୍ଥାକୁ ନ ଆସିବା ଦ୍ୱାରା ଆମେ ତାହା ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥାଉ । ଯୀଶୁ କହିଲେ, ‘‘ତୁମମାନଙ୍କୁ ମୋର ଆହୁରି ଅନେକ ବିଷୟ କହିବାର ଅଛି, ମାତ୍ର ତୁମେମାନେ ଏବେ ସେସବୁ ସହି ପାରିବ ନାହିଁ’’ (ଯୋହନ ୧୬:୧୨) । କୌଣସି ନିର୍ଦ୍ଦିଷ୍ଟ ସତ୍ୟକୁ ସହିବା ନିମନ୍ତେ ପ୍ରସ୍ତୁତ ରହିବା ପୂର୍ବରୁ ଆମେ ତାଙ୍କ ପୁନରୁତ୍ଥିତ ଜୀବନ ସହିତ ଏକତ୍ୱ ରକ୍ଷା କରିବା ଉଚିତ । ଆମେ କ’ଣ ଆମର ଅନ୍ତର ନିବାସୀ ପୁନରୁତ୍ଥିତ ଯୀଶୁଙ୍କ ବିଷୟରେ କିଛି ଜାଣିଛୁ ? ଏହାର ପ୍ରମାଣ ହେଉଛି ଯେ, ତାଙ୍କର ବାକ୍ୟ ଆମ ପାଇଁ ବୋଧଗମ୍ୟ ହେଉଛି । ଆମ ମଧ୍ୟରେ ଈଶ୍ୱରଙ୍କ ଆତ୍ମା ନ ଥିଲେ ଈଶ୍ୱର ଆମକୁ କୌଣସି ବିଷୟ ପ୍ରକାଶ କରିପାରନ୍ତି ନାହିଁ । ଆମ ସମର୍ପଣର ଅନିଚ୍ଛା ଏବଂ ଜିଦ୍‌ଖୋର୍ ମନୋଭାବ ଆମକୁ ଅନେକ ବିଷୟ ଜଣାଇବା ପାଇଁ ଈଶ୍ୱରଙ୍କୁ ବାଧା ଦିଏ । କିନ୍ତୁ ଆମ ମଧ୍ୟରେ ତାଙ୍କର ପୁନରୁତ୍ଥିତ ଜୀବନର ଇଚ୍ଛା ପୂରଣ ହେବା ଦ୍ୱାରା ଅବିଳମ୍ବେ ଆମର ଅସଚେତନ ମନ୍ଦ ବୁଦ୍ଧିର ସମାପ୍ତି ଘଟେ ।

‘‘କାହାକୁ କୁହ ନାହିଁ ।’’ କିନ୍ତୁ ଅନେକ ଲୋକ ପାହାଡ଼ ଉପରେ ଯୀଶୁଙ୍କ ରୂପାନ୍ତରୀଣ ବିଷୟରେ ଦେଖିଥିବା ବିଷୟ କହି ବୁଲନ୍ତି – ସେମାନଙ୍କ ଦର୍ଶନ ବିଷୟକ ସାକ୍ଷ୍ୟ ଦିଅନ୍ତି, କିନ୍ତୁ ସେମାନଙ୍କ ଉଚ୍ଚାରଣ ଏବଂ ଆଚରଣ ମଧ୍ୟରେ କୌଣସି ସମ୍ବନ୍ଧ ନ ଥାଏ । ସେମାନଙ୍କ ଜୀବନରେ ବୃଦ୍ଧି ଘଟେ ନାହିଁ, କାରଣ ସେମାନଙ୍କଠାରେ ମନୁଷ୍ୟପୁତ୍ର ଉତ୍ଥିତ ହୋଇ ନାହାନ୍ତି । ଆପଣଙ୍କର ଏବଂ ମୋ ମଧ୍ୟରେ ଯୀଶୁଙ୍କ ପୁନରୁତ୍ଥିତ ଜୀବନର ଶକ୍ତି ସଂଚାରିତ ହେବା ପାଇଁ ଆଉ କେତେ ଅଧିକ ସମୟ ଲାଗିବ ?

# ତାଙ୍କ ପୁନରୁତ୍ଥାନର ପୂର୍ବ ନିର୍ଦ୍ଧାରିତ ଉଦ୍ଦେଶ୍ୟ

**ଏହି କଥା ହିଁ ଲେଖାଅଛି ଯେ, ଖ୍ରୀଷ୍ଟ ଦୁଃଖଭୋଗ କରି ମୃତମାନଙ୍କ ମଧ୍ୟରୁ ତୃତୀୟ ଦିନରେ ଉତ୍ଥିତ ହେବେ ।**
**ଲୂକ ୨୪:୪୬**

ଆମ ପ୍ରଭୁଙ୍କର କ୍ରୁଶ ହେଉଛି, ତାଙ୍କ ଜୀବନର ପ୍ରବେଶ ଦ୍ୱାର । ତାଙ୍କ ପନୁରୁତ୍ଥାନର ଅର୍ଥ ମୋ ନିକଟରେ ତାଙ୍କ ଜୀବନକୁ ପ୍ରସାରିତ କରିବା ପାଇଁ ତାଙ୍କର ଶକ୍ତି ଅଛି । ମୋର ଯେତେବେଳେ ନୂତନ ଜନ୍ମ ହେଲା, ମୁଁ ସ୍ୱୟଂ ପୁନରୁତ୍ଥିତ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିଜସ୍ୱ ଜୀବନ ପାଇଲି ।

ଖ୍ରୀଷ୍ଟଙ୍କ ପୁନରୁତ୍ଥାନର ପୂର୍ବ ନିର୍ଦ୍ଧାରିତ ଉଦ୍ଦେଶ୍ୟ ଥିଲା, ‘‘ଅନେକ ସନ୍ତାନଙ୍କୁ ଗୌରବରେ ପ୍ରବେଶ କରାଇବା’’ (ଏବ୍ରୀ ୨:୧୦) । ତାଙ୍କ ପୂର୍ବ ନିର୍ଦ୍ଧାରିତ ଉଦ୍ଦେଶ୍ୟର ସଫଳତା ଆମକୁ ଈଶ୍ୱରଙ୍କ ପୁତ୍ର କନ୍ୟା କରିବା ପାଇଁ ତାଙ୍କୁ ଅଧିକାର ପ୍ରଦାନ କରେ । ଈଶ୍ୱରଙ୍କ ସହିତ ଈଶ୍ୱରଙ୍କ ପୁତ୍ରଙ୍କ ଯେଉଁ ସଂପର୍କ ରହିଛି, ଈଶ୍ୱରଙ୍କ ସହିତ ଆମର ସେ ଅବିକଳ ସଂପର୍କ ନାହିଁ, କିନ୍ତୁ ପୁତ୍ରଙ୍କ ମାଧ୍ୟମରେ ଆମେ ପୁତ୍ରତ୍ୱର ସଂପର୍କ ମଧ୍ୟକୁ ଆସି ପାରିଛୁ । ଆମର ପ୍ରଭୁ ଯେତେବେଳେ ମୃତମାନଙ୍କ ମଧ୍ୟରୁ ଉତ୍ଥିତ ହେଲେ, ସେ ଏକ ସଂପୂର୍ଣ୍ଣ ନୂତନ ଜୀବନ ନେଇ ଉତ୍ଥିତ ହେଲେ, ଯାହା କି ତାଙ୍କର ଦେହଧାରଣ କରିବାର ପୂର୍ବବର୍ତ୍ତୀ ଜୀବନଠାରୁ ସଂପୂର୍ଣ୍ଣ ଭିନ୍ନ ଥିଲା । ସେ ଏଭଳି ଜୀବନକୁ ଉତ୍ଥିତ ହେଲେ, ଯାହା ପୂର୍ବରୁ କେବେ ନ ଥିଲା । ଆମ ପ୍ରତି ତାଙ୍କ ପୁନରୁତ୍ଥାନର ଅର୍ଥ ହେଉଛି, ଆମେ ତାଙ୍କର ପୁନରୁତ୍ଥିତ ଜୀବନ ପ୍ରତି ଉତ୍ଥିତ ହୋଇଛୁ, ଆମର ପୁରାତନ ଜୀବନ ପ୍ରତି ନୁହେଁ । ଦିନେ ଆମେ ତାହାଙ୍କ ପରି ଗୌରବମୟ ଶରୀର ଧାରଣ କରିବା, କିନ୍ତୁ ବର୍ତ୍ତମାନ ଏଠାରେ ତାଙ୍କ ପୁନରୁତ୍ଥାନର ପ୍ରଭାବଯୁକ୍ତ ଶକ୍ତିକୁ ଅନୁଭବ କରି ‘‘ସେହି ପ୍ରକାରେ ଜୀବନର ନୂତନ ସ୍ୱଭାବରେ ଆଚରଣ କରିବା’’ (ରୋମୀୟ ୬:୪) । ପାଉଲଙ୍କ ନିଶ୍ଚିତ ଉଦ୍ଦେଶ୍ୟ ଥିଲା, ‘‘ଯେପରି ସେ ଖ୍ରୀଷ୍ଟଙ୍କୁ ଏବଂ ତାଙ୍କର ପୁନରୁତ୍ଥାନର ଶକ୍ତିକୁ ଜାଣିବେ’’ (ଫିଲିପ୍ପୀୟ ୩:୧୦) ।

ଯୀଶୁ ଏହି ପ୍ରାର୍ଥନା କଲେ, ‘‘ତୁମେ ତାହାଙ୍କୁ ଯେଉଁମାନଙ୍କୁ ଦେଇଛ, ସେମାନଙ୍କୁ ସେ ଯେପରି ଅନନ୍ତ ଜୀବନ ପ୍ରଦାନ କରିବେ, ଏଥିପାଇଁ ସବୁ ମନୁଷ୍ୟଙ୍କ ଉପରେ ତୁମେ ତାହାଙ୍କୁ କ୍ଷମତା ଦେଇଛ’’ (ଯୋହନ ୧୭:୨) । ‘‘ପବିତ୍ରଆତ୍ମା’’ ବାସ୍ତବରେ ଅନନ୍ତ ଜୀବନର ଅନୁଭୂତି ସମ୍ବଳିତ ଅନ୍ୟ ନାମ, ଯାହା ବର୍ତ୍ତମାନ ମନୁଷ୍ୟମାନଙ୍କ ମଧ୍ୟରେ କାର୍ଯ୍ୟରତ । ପବିତ୍ରଆତ୍ମା ତ୍ରିବିଧ ଈଶ୍ୱର ରୂପେ ଖ୍ରୀଷ୍ଟଙ୍କ କ୍ରୁଶୀୟ ପ୍ରାୟଶ୍ଚିତ୍ତ ସାଧନକାରୀ ଶକ୍ତିକୁ ଆମ ଜୀବନରେ ପ୍ରୟୋଗ କରି ଚାଲିଛନ୍ତି । ଏହି ଗୌରବମୟ ପ୍ରଭାବମୁକ୍ତ ସତ୍ୟ ପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦେଉ ଯେ, ତାଙ୍କର ଆତ୍ମା ଆମ ଜୀବନକୁ ତାଙ୍କର ସ୍ୱଭାବରେ ପୂର୍ଣ୍ଣ କରିବେ ଯଦି ଆମେ ତାଙ୍କର ବାଧ୍ୟ ହେବା ।

ଏପ୍ରିଲ ୯

# ଆପଣ କ'ଣ ଯୀଶୁଙ୍କୁ ଦେଖିଛନ୍ତି ?

**ପରେ ଦୁଇ ଜଣ... ଯାଉଥିବା ସମୟରେ... ଯୀଶୁ ସେମାନଙ୍କୁ ଅନ୍ୟ ରୂପରେ ଦର୍ଶନ ଦେଲେ ।**

**ମାର୍କ ୧୬:୧୨**

ଉଦ୍ଧାରପ୍ରାପ୍ତ ହେବା ଏବଂ ଯୀଶୁଙ୍କୁ ଦେଖିବା, ଏକା କଥା ନୁହେଁ । ଯୀଶୁଙ୍କୁ ଦର୍ଶନ କରିଥିବା ଅନେକ ଲୋକ ଈଶ୍ୱରଙ୍କ ଅନୁଗ୍ରହ ପାଇଛନ୍ତି ଏବଂ ତାହାର ଅଂଶୀ ହୋଇଛନ୍ତି, କିନ୍ତୁ ଯଦି ଆପଣ ଥରେ ତାଙ୍କୁ ଦେଖିଛନ୍ତି, ତେବେ ଆପଣଙ୍କ ଅବସ୍ଥା ଆଗଭଳି ରହିବ ନାହିଁ । ପୂର୍ବବର୍ତ୍ତୀ ସମୟର ସେହି ବିଷୟ ସବୁ ଆପଣଙ୍କୁ ଆଉ ଆକର୍ଷିତ କରିପାରିବ ନାହିଁ ।

ଯୀଶୁଙ୍କୁ ଆପଣ କେଉଁ ରୂପରେ ଦେଖିବାକୁ ଇଚ୍ଛା କରନ୍ତି ଏବଂ ସେ ଆପଣଙ୍କ ପାଇଁ କ'ଣ କରିଛନ୍ତି – ଆପଣ ଏ ଦୁଇଟିର ପାର୍ଥକ୍ୟ ଉପଲବ୍ଧି କରିବା ଉଚିତ୍ । ଈଶ୍ୱର ଆପଣଙ୍କ ପ୍ରତି ଯାହା କରିଛନ୍ତି, ସେହି ଦୃଷ୍ଟିରୁ ତାଙ୍କୁ ଦେଖିଲେ ଆପଣଙ୍କ ଈଶ୍ୱର ସେତେ ବଡ଼ ନୁହଁନ୍ତି । କିନ୍ତୁ ଯଦି ଦର୍ଶନ ମଧ୍ୟରେ ଆପଣ ଯୀଶୁଙ୍କ ବାସ୍ତବ ରୂପ ଦେଖିଛନ୍ତି, ତେବେ ଅନୁଭୂତିର ଯାତାୟାତ ମଧ୍ୟରେ ଆପଣ ''ଯେ ଅଦୃଶ୍ୟ, ତାହାଙ୍କୁ ଦେଖିବା ପରି'' ସ୍ଥିର ବୋଧ ପାଇବେ (ଏବ୍ରୀ ୧୧:୨୭) । ଯୀଶୁ ଜନ୍ମାନ୍ଧ ସମ୍ମୁଖରେ ଆପଣାକୁ ପ୍ରକାଶ ନ କରିବା ପର୍ଯ୍ୟନ୍ତ ସେ ଯୀଶୁଙ୍କୁ ଜାଣି ନ ଥିଲା (ଯୋହନ ୯ ପର୍ବ ଦେଖନ୍ତୁ) । ଯୀଶୁ ସେହି ଲୋକମାନଙ୍କୁ ଦର୍ଶନ ଦିଅନ୍ତି, ଯେଉଁମାନଙ୍କ ପାଇଁ ସେ କିଛି କରିଛନ୍ତି, କିନ୍ତୁ ସେ କେତେବେଳେ ଆସିବେ, ଆମେ ସେ ବିଷୟରେ ଆଜ୍ଞା ଦେଇ ପାରିବା ନାହିଁ କିମ୍ବା ତାହାର ପୁର୍ବାନୁମାନ କରିପାରିବା ନାହିଁ । ଯେ କୌଣସି ସମୟରେ ସେ ଆସି ପାରନ୍ତି । ସେତେବେଳେ ଆପଣ ବିସ୍ମିତ ହୋଇ କହିବେ, ''ବର୍ତ୍ତମାନ ମୁଁ ତାଙ୍କୁ ଦେଖି ପାରୁଛି'' (ଯୋହନ ୯:୨୫ ଦେଖନ୍ତୁ) ।

ଯୀଶୁ ବ୍ୟକ୍ତିଗତ ରୂପେ ଆପଣଙ୍କୁ ଏବଂ ଆପଣଙ୍କ ବନ୍ଧୁଙ୍କୁ ଦର୍ଶନ ଦେବେ । ଅନ୍ୟ କେହି ଆପଣଙ୍କ ଆଖିରେ ଯୀଶୁଙ୍କୁ ଦେଖି ପାରିବେ ନାହିଁ । ଆଉ ଦେଖିଥିବା ଏବଂ ନ ଦେଖିଥିବା ଲୋକଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି ହୁଏ । ଆପଣଙ୍କ ବନ୍ଧୁଙ୍କୁ ଆପଣ ଦେଖିବାର ସ୍ଥିତିକୁ ଆଣି ପାରିବେ ନାହିଁ । ତାହା ଈଶ୍ୱରଙ୍କ କାର୍ଯ୍ୟ । ଆପଣ କ'ଣ ଯୀଶୁଙ୍କୁ ଦେଖିଛନ୍ତି ? ଯଦି ଦେଖିଛନ୍ତି, ଅନ୍ୟମାନେ ଯେପରି ତାଙ୍କର ଦର୍ଶନ ପାଇବେ, ସେଥିପାଇଁ ଆପଣ ଆଗ୍ରହ ପ୍ରକାଶ କରିବେ । ''ସେମାନେ ଫେରିଯାଇ ଅନ୍ୟମାନଙ୍କୁ ତାହା ଜଣାଇଲେ, କିନ୍ତୁ ସେମାନଙ୍କୁ ମଧ୍ୟ କେହି ବିଶ୍ୱାସ କଲେ ନାହିଁ'' (ମାର୍କ ୧୬:୧୩) । ଆପଣ ଯେତେବେଳେ ତାଙ୍କ ଦର୍ଶନ ପା'ନ୍ତି, ଅନ୍ୟମାନଙ୍କୁ ତାହା ନିଶ୍ଚୟ ଜଣାଇବେ, ସେମାନେ ବିଶ୍ୱାସ ନ କଲେ ମଧ୍ୟ ଆପଣ ଜଣାଇବେ ।

କହିଥିଲେ ଜନ୍ମିଥାନ୍ତା ବିଶ୍ୱାସ ତୁମର<br>
ସତରେ ଦେଖିଲି ଯାହା କହିଥାନ୍ତି ତାକୁ<br>
କହିବି କିପରି ପୁଣି ପାଇବ କିପରି<br>
ଯଦି ସେ ଆଣିବେ ନାହିଁ ତୁମକୁ ସେଠାକୁ ।

# ପାପ ବିଷୟକ ସଂପୂର୍ଣ୍ଣ ଏବଂ ପ୍ରଭାବଯୁକ୍ତ ସିଦ୍ଧାନ୍ତ

**କାରଣ ଆମେ ଜାଣୁ ଯେ, ଆମର ପାପ–ଶରୀର ଯେପରି ଶକ୍ତିହୀନ ହେବ ଓ ଆମେ ଆଉ ପାପର ଦାସତ୍ୱ ବନ୍ଧନରେ ରହିବୁ ନାହିଁ, ଏଥିପାଇଁ ପାପର ପୁରାତନ ସ୍ୱଭାବ ତାହାଙ୍କ ସହିତ କ୍ରୁଶବିଦ୍ଧ ହୋଇଛି ।**

**ରୋମୀୟ ୬:୬**

**ଖ୍ରୀଷ୍ଟଙ୍କ ସହିତ କ୍ରୁଶବିଦ୍ଧ ହେବା ।** ଆପଣଙ୍କ ଭିତରେ ପାପ ଯେ ସଂପୂର୍ଣ୍ଣ ରୂପେ ମରିବ, ଏ ବିଷୟରେ କ'ଣ ଆପଣ ସିଦ୍ଧାନ୍ତ ନେଇଛନ୍ତି ? ପାପ ବିଷୟକ ଏହି ସଂପୂର୍ଣ୍ଣ ଓ ପ୍ରଭାବଯୁକ୍ତ ସିଦ୍ଧାନ୍ତ ନେବା ପାଇଁ ଦୀର୍ଘ ସମୟ ଲାଗିଥାଏ । କିନ୍ତୁ ଏହା ଆପଣଙ୍କ ଜୀବନର ମହତ୍ତ୍ୱପୂର୍ଣ୍ଣ ମୁହୂର୍ତ୍ତ ହେବ, ଯେତେବେଳେ ଆପଣ ସିଦ୍ଧାନ୍ତ ନେବେ ଯେ, ଆପଣଙ୍କ ଭିତରେ ପାପକୁ ମାରିବାକୁ ହେବ – ନିୟନ୍ତ୍ରଣ ଦ୍ୱାରା ନୁହେଁ, ଦମନ ଦ୍ୱାରା ନୁହେଁ କିମ୍ବା ପ୍ରତିରୋଧ ଦ୍ୱାରା ନୁହେଁ, ମାତ୍ର କ୍ରୁଶବିଦ୍ଧ ହେବା ଦ୍ୱାରା – ଠିକ୍ ଯୀଶୁ ଯେପରି ଜଗତର ପାପ ପାଇଁ ମୃତ୍ୟୁଭୋଗ କଲେ । କେହି କାହା ପାଇଁ ଏ ସିଦ୍ଧାନ୍ତ ନେଇପାରିବେ ନାହିଁ । ଆମେ ହୁଏତ ମାନସିକ ଏବଂ ଆତ୍ମିକ ସ୍ତରରେ ଏହା ଉପଲବ୍ଧି କରିବୁ, କିନ୍ତୁ ଏହି ଅନୁଚ୍ଛେଦରେ ପାଉଲ ଯେଉଁ ସିଦ୍ଧାନ୍ତ ନେବା ପାଇଁ ଆମକୁ ପରାମର୍ଶ ଦେଇଛନ୍ତି, ଆମେ ସେହି ସିଦ୍ଧାନ୍ତ ନେବା ଏକାନ୍ତ ଆବଶ୍ୟକ । ଅନ୍ୟ ସବୁ ବିଷୟ ଛାଡ଼ି ଈଶ୍ୱରଙ୍କ ସହିତ ଏକାକୀ କିଛି ସମୟ ବିତାନ୍ତୁ ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ନେଇ କୁହନ୍ତୁ, ''ପ୍ରଭୁ, ପାପ ଯେ ମୋ ମଧ୍ୟରେ ମୃତ, ଏହା ନ ଜାଣିବା ପର୍ଯ୍ୟନ୍ତ ମୋତେ ତୁମ ସହିତ ତୁମ ମୃତ୍ୟୁରେ ଜଡ଼ିତ କର ।'' ଆପଣଙ୍କ ଭିତରର ପାପ ଯେ ମରିବ, ଏହି ବିଷୟକ ନୈତିକ ସିଦ୍ଧାନ୍ତ ଗ୍ରହଣ କରନ୍ତୁ ।

ପାଉଲଙ୍କ ପାଇଁ ଏହା ଏକ ଆଗାମୀ ସ୍ୱର୍ଗୀୟ ପ୍ରତ୍ୟାଶା ନୁହେଁ, ମାତ୍ର ତାଙ୍କ ଜୀବନର ଏକ ମୌଳିକ ଏବଂ ନିଶ୍ଚିତ ଅନୁଭୂତି ଥିଲା । ଆପଣଙ୍କ ଜୀବନରେ ପାପର ସ୍ତର କେଉଁଠାରେ ଏବଂ ଆପଣଙ୍କ ଜୀବନର କେଉଁ ସବୁ ବିଷୟ ଈଶ୍ୱରଙ୍କ ଆତ୍ମାଙ୍କ ସହ ସଂଘର୍ଷରତ, ତାହାର ଅନୁସନ୍ଧାନ କରିବା ଉଦ୍ଦେଶ୍ୟରେ ପବିତ୍ର ଆତ୍ମାଙ୍କୁ ଅନୁମତି ଦେବା ପାଇଁ ଆପଣ କ'ଣ ପ୍ରସ୍ତୁତ ଅଛନ୍ତି ? ଯଦି ଆପଣଙ୍କ ଉତ୍ତର ହଁ, ତେବେ ପାପ ସ୍ୱଭାବ ସଂପର୍କରେ ଆପଣ କ'ଣ ଈଶ୍ୱରଙ୍କ ନିଷ୍ପତ୍ତି ସହ ଏକମତ ହେବେ ଯେ, ଏହା ଯୀଶୁଙ୍କ ମୃତ୍ୟୁ ସହିତ ଚିହ୍ନିତ ହେବା ଆବଶ୍ୟକ ? ଆପଣ ''ନିଜକୁ ପାପ ପ୍ରତି ମୃତ'' (୬:୬) ବୋଲି କହିପାରିବେ ନାହିଁ, ଯେପର୍ଯ୍ୟନ୍ତ ଆପଣ ଈଶ୍ୱରଙ୍କ ସମ୍ମୁଖରେ ମୌଳିକ ରୂପେ ଆପଣଙ୍କ ଇଚ୍ଛା ବିଷୟରେ ନିର୍ଣ୍ଣୟ କରିନାହାନ୍ତି । ଆପଣଙ୍କ ରକ୍ତ ମାଂସ ବିଶିଷ୍ଟ ଶରୀରର ସବୁ କିଛି ଈଶ୍ୱରଙ୍କ ଜୀବନ–ସର୍ବସ୍ୱ ହେବା ପର୍ଯ୍ୟନ୍ତ ଆପଣ କ'ଣ ଖ୍ରୀଷ୍ଟଙ୍କ ସହିତ କ୍ରୁଶାର୍ପିତ ହେବାର ଗୌରବଯୁକ୍ତ ସୁଯୋଗର ଅଧିକାରୀ ହୋଇଛନ୍ତି ? ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଛି, ମୁଁ ଆଉ ନୁହେଁ, ମୋ ମଧ୍ୟରେ ଖ୍ରୀଷ୍ଟ ଜୀବିତ ଅଛନ୍ତି'' (ଗାଲାତୀୟ ୨:୨୦) ।

# ସଂପୂର୍ଣ୍ଣ ଏବଂ ପ୍ରଭାବଶାଳୀ ଈଶ୍ୱରତ୍ୱ

**ଆମେ ଯଦି ତାହାଙ୍କ ମରଣରେ ତାହାଙ୍କ ସଙ୍ଗେ ମଳିତ ହୋଇଛୁ, ତେବେ ତାଙ୍କ ପୁନରୁତ୍ଥାନରେ ମଧ୍ୟ ତାହାଙ୍କ ସଙ୍ଗେ ମିଳିତ ହେବୁ ।**

**ରୋମୀୟ ୬:୫**

**ଖ୍ରୀଷ୍ଟଙ୍କ ସହିତ ପୁନରୁତ୍ଥାନ ।** ମୁଁ ଯଦି ଖ୍ରୀଷ୍ଟଙ୍କ ସହ କ୍ରୁଶରେ ହତ ହୋଇଥିବା ଅନୁଭୂତି ପାଇଛି, ତାହାର ପ୍ରମାଣ ସ୍ୱରୂପ ମୋଠାରେ ତାଙ୍କର ସାମଞ୍ଜସ୍ୟ ରହିବ । ଯୀଶୁଙ୍କର ଆତ୍ମା ମୋଠାରେ ପ୍ରବେଶ କରି ଈଶ୍ୱରଙ୍କ ସମ୍ମୁଖରେ ମୋ ଅସଜଡ଼ା ବ୍ୟକ୍ତିଗତ ଜୀବନକୁ ପୁନର୍ବାର ସଜାଡ଼ି ଦିଅନ୍ତି । ଯୀଶୁଙ୍କ ପୁନରୁତ୍ଥାନ ମୋତେ ଈଶ୍ୱରଙ୍କ ଜୀବନ ପ୍ରଦାନ କରିବା ପାଇଁ ତାଙ୍କୁ ଅଧିକାର ଦେଇଛି ଏବଂ ବର୍ତ୍ତମାନ ମୋ ଜୀବନର ଅନୁଭୂତି ଈଶ୍ୱରଙ୍କ ଜୀବନର ଭିତ୍ତି ପ୍ରସ୍ତର ଉପରେ ପ୍ରତିଷ୍ଠିତ ହେବା ଆବଶ୍ୟକ । ବର୍ତ୍ତମାନ ଏହିଠାରେ ମୁଁ ଯୀଶୁଙ୍କ ପୁନରୁତ୍ଥାନର ଜୀବନ ପାଇ ପାରିବି ଏବଂ ପବିତ୍ରତା ଦ୍ୱାରା ଏହା ପ୍ରଦର୍ଶିତ ହେବ ।

ପାଉଲଙ୍କ ଲେଖା ସମୂହର ମୂଳ ଚିନ୍ତାଧାରା ହେଉଛି ଯେ, ଯୀଶୁଙ୍କ ମୃତ୍ୟୁ ସହିତ ଜଡ଼ିତ ହେବାର ସିଦ୍ଧାନ୍ତ ନେବା ପରେ, ଯୀଶୁଙ୍କ ପୁନରୁତ୍ଥାନର ଜୀବନ ମୋ ସ୍ୱଭାବର ପ୍ରତି ଅଂଶରେ ଖେଳିଯାଏ । ମନୁଷ୍ୟ ଶରୀରରେ ଈଶ୍ୱରଙ୍କ ପୁତ୍ରଙ୍କ ଜୀବନଧାରଣ ପାଇଁ ସାର୍ବଭୌମ୍ୟ ଈଶ୍ୱରଙ୍କ ସଂପୂର୍ଣ୍ଣ ଏବଂ ପ୍ରଭାବଶାଳୀ ଈଶ୍ୱରତ୍ୱ ଆବଶ୍ୟକ । ପବିତ୍ର ଆତ୍ମା ଅତିଥି ରୂପେ କେବଳ ଗୋଟିଏ କୋଠରୀ ମଧ୍ୟରେ ରହିପାରିବେ ନାହିଁ – ସେ ସଂପୂର୍ଣ୍ଣ ଗୃହକୁ ଅଧିକାର କରିବେ । ପରେ ମୁଁ ଯେତେବେଳେ ସିଦ୍ଧାନ୍ତ ନିଏ ଯେ, ''ମୋର ପୁରାତନ ମନୁଷ୍ୟ'' (ମୋର ବଂଶଗତ ପାପ ସ୍ୱଭାବ) ଯୀଶୁଙ୍କ ମୃତ୍ୟୁ ସହିତ ଜଡ଼ିତ ହେବ, ସେତେବେଳେ ପବିତ୍ର ଆତ୍ମା ମୋତେ ଅଧିକାର କରନ୍ତି । ସେ ନିଜେ ସବୁ ବିଷୟ ନିୟନ୍ତ୍ରଣ କରନ୍ତି । ମୋର କର୍ତ୍ତବ୍ୟ ହେଉଛି, ଆଲୋକରେ ଗମନ କରିବା ଏବଂ ତାଙ୍କର ଆଜ୍ଞାପାଳନ କରିବା । ପାପ ବିଷୟରେ ଥରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିବା ପରେ ମୁଁ ଉପଲବ୍ଧି କରେ ଯେ, ମୁଁ ପ୍ରକୃତରେ ''ପାପ ପ୍ରତି ମୃତ'' କାରଣ ମୋ ମଧ୍ୟରେ ସବୁବେଳେ ମୁଁ ଜୀବନକୁ ପାଇଛି (ରୋମୀୟ ୬:୧୧) । ମନୁଷ୍ୟ ସ୍ୱଭାବ ଯେପରି ଗୋଟିଏ ପ୍ରକାର, ସେହିପରି ପବିତ୍ରତା ମଧ୍ୟ ଗୋଟିଏ ପ୍ରକାର – ତା' ହେଉଛି, ଯୀଶୁଙ୍କ ପବିତ୍ରତା । ଯୀଶୁଙ୍କର ସେହି ପବିତ୍ରତା ମୋତେ ପ୍ରଦତ୍ତ ହୋଇଛି । ଈଶ୍ୱର ତାଙ୍କ ପୁତ୍ରଙ୍କ ପବିତ୍ରତା ମୋ ମଧ୍ୟରେ ସ୍ଥାପନ କରନ୍ତି ଏବଂ ମୁଁ ଏକ ନୂତନ ଆତ୍ମିକ ଶୃଙ୍ଖଳାର ଅନୁବର୍ତ୍ତୀ ହୁଏ ।

## ଏପ୍ରିଲ ୧୨

# ସଂପୂର୍ଣ୍ଣ ଏବଂ ପ୍ରଭାବଯୁକ୍ତ ଆଧିପତ୍ୟ

**ତାହାଙ୍କ ଉପରେ ମୃତ୍ୟୁର ଆଧିପତ୍ୟ ଆଉ ନାହିଁ...ସେ ଯେଉଁ ଜୀବନ ଯାପନ କରୁଛନ୍ତି, ତଦ୍ଦ୍ୱାରା ସେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଜୀବନଯାପନ କରୁଛନ୍ତି । ସେହି ପ୍ରକାରେ ତୁମେମାନେ ମଧ୍ୟ ନିଜ ନିଜକୁ ପାପ ପ୍ରତି ମୃତ ମାତ୍ର... ଈଶ୍ୱରଙ୍କ ପ୍ରତି ସଜୀବ ବୋଲି ଜ୍ଞାତ ହୁଅ ।**

**ରୋମୀ ୬:୯–୧୧**

**ଖ୍ରୀଷ୍ଟଙ୍କ ସହିତ ଅନନ୍ତ ଜୀବନ ।** ଅନନ୍ତ ଜୀବନ ହେଉଛି ସେହି ଜୀବନ, ଯାହାକି ଯୀଶୁଖ୍ରୀଷ୍ଟ ତାଙ୍କର ମାନବୀୟ ଜୀବନରେ ପ୍ରଦର୍ଶନ କରିଥିଲେ । ଏହା ହେଉଛି ସେହି ଜୀବନ, ତାହାର ଏକ ନକଲ ନୁହେଁ, ଯାହା ଆମର ନୂତନ ଜନ୍ମ ଦ୍ୱାରା ଆମର କ୍ଷୟଣୀୟ ଶରୀରରେ ପ୍ରକଟିତ ହୁଏ । ଅନନ୍ତ ଜୀବନ ଈଶ୍ୱରଙ୍କଠାରୁ ମିଳିଥିବା ଏକ ଦାନ ନୁହେଁ, ଅନନ୍ତ ଜୀବନ ହେଉଛି, ଈଶ୍ୱରଙ୍କ ଦାନ । ଥରେ ଆମେ ଯଦି ପାପ ବିଷୟରେ ନୈତିକ ସିଦ୍ଧାନ୍ତ ନେଉ, ତା'ହେଲେ ଯୀଶୁଙ୍କ ଜୀବନରେ ଯେଉଁ ଶକ୍ତି ଏବଂ ସାମର୍ଥ୍ୟ ପ୍ରକଟିତ ଥିଲା, ତାହା ଚୂଡ଼ାନ୍ତ ରୂପେ ଈଶ୍ୱରଙ୍କ ସାର୍ବଭୌମ୍ୟ ଅନୁଗ୍ରହ ଦ୍ୱାରା ଆମ ଭିତରେ ମଧ୍ୟ ପ୍ରଦର୍ଶିତ ହେବ ।

''ଯେତେବେଳେ ପବିତ୍ରଆତ୍ମା ତୁମ ଉପରେ ଅଧିଷ୍ଠାନ କରିବେ, ସେତେବେଳେ ତୁମେମାନେ ଶକ୍ତି ପ୍ରାପ୍ତ ହେବ'' (ପ୍ରେରିତ ୧:୮) । ଏହି ଶକ୍ତି ପବିତ୍ର ଆତ୍ମାଙ୍କଠାରୁ ପ୍ରାପ୍ତ ଏକ ଦାନ ନୁହେଁ, ଏହି ଶକ୍ତି ସ୍ୱୟଂ ପବିତ୍ର ଆତ୍ମା, ତାହାଙ୍କ ଦ୍ୱାରା ପ୍ରଦତ୍ତ କୌଣସି ବସ୍ତୁ ନୁହେଁ । ଥରେ ଯୀଶୁଙ୍କ ସହିତ ଚିହ୍ନିତ ହେବାର ସିଦ୍ଧାନ୍ତ ନେବା ଦ୍ୱାରା ଯୀଶୁଙ୍କଠାରେ ଯେଉଁ ଜୀବନ ଥିଲା, ସେହି ଜୀବନ ଆମର ହୋଇଯାଏ । ଈଶ୍ୱରଙ୍କ ସଙ୍ଗେ ଯଥାର୍ଥ ସଂପର୍କ ଯଦି କଷ୍ଟକର ହୁଏ, ତେବେ ତାହାର କାରଣ ହେଉଛି, ପାପ ବିଷୟରେ ଆମେ ଏହି ନୈତିକ ନିଷ୍ପତ୍ତି ନେବା ପାଇଁ ପ୍ରତ୍ୟାଖ୍ୟାନ କରୁ । କିନ୍ତୁ ଆମେ ଯଦି ଥରେ ଏହି ନିଷ୍ପତ୍ତି ନେଉ, ଅବିଳମ୍ବେ ଈଶ୍ୱରଙ୍କ ସଂପୂର୍ଣ୍ଣ ଜୀବନ ଆସିଯାଏ । ଯୀଶୁ ଆମ ଜୀବନର ଅସରନ୍ତି ଆବଶ୍ୟକତା ପୂରଣ କରିବା ପାଇଁ ଆସିଥିଲେ । ''ଯଦ୍ଦ୍ୱାରା ତୁମେମାନେ ଈଶ୍ୱରଙ୍କ ସମସ୍ତ ପୂର୍ଣ୍ଣତାରେ ପରିପୂର୍ଣ୍ଣ ହେବ'' (ଏଫିସୀୟ ୩:୧୯) । ସମୟ ସହିତ ଅନନ୍ତ ଜୀବନର କୌଣସି ସଂପର୍କ ନାହିଁ । ଏହା ହେଉଛି, ଏହି ଜଗତରେ ଯୀଶୁଙ୍କ ଦ୍ୱାରା ଅତିବାହିତ ହୋଇଥିବା ଜୀବନ ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟ ହେଉଛନ୍ତି, ଏହି ଜୀବନର ଉତ୍ସ ।

ସବୁଠାରୁ ଦୁର୍ବଳ ଜଣେ ପବିତ୍ର ଲୋକ ଈଶ୍ୱରଙ୍କ ପୁତ୍ରଙ୍କ ଈଶ୍ୱରତ୍ୱର ଶକ୍ତି ଅନୁଭବ କରି ପାରିବେ ଯେତେବେଳେ ସେ ''ଛାଡ଼ି ଦେବା'' ପାଇଁ ପ୍ରସ୍ତୁତ ରହିବେ । କିନ୍ତୁ ଆପଣା ସାମର୍ଥ୍ୟ ଉପରେ ''ଲାଗି ରହିବା''ର ସାମାନ୍ୟ ପ୍ରଚେଷ୍ଟା ଆମ ମଧ୍ୟରେ ଯୀଶୁଙ୍କ ଜୀବନକୁ ହ୍ରାସ କରିଦେବ । ଆମକୁ କେବଳ ଛାଡ଼ିବାକୁ ପଡ଼ିବ ଏବଂ ଧୀରେ ଧୀରେ, କିନ୍ତୁ ନିଶ୍ଚିତ ରୂପେ ଈଶ୍ୱରଙ୍କ ମହାନ୍ ସଂପୂର୍ଣ୍ଣ ଜୀବନ ଆମକୁ ଅଧିକାର କରି ଆମ ଜୀବନର ପ୍ରତ୍ୟେକ ଅଂଶରେ ଭେଦି ଯିବ । ତା'ହେଲେ ଆମ ଜୀବନରେ ଯୀଶୁଙ୍କର ସଂପୂର୍ଣ୍ଣ ଏବଂ ପ୍ରଭାବଯୁକ୍ତ ଆଧିପତ୍ୟ ରହିବ ଏବଂ ଲୋକମାନେ ଦେଖିବେ ଯେ, ଆମେ ଯୀଶୁଙ୍କ ସହିତ ଅଛୁ ।

## ଏପ୍ରିଲ ୧୩

# ଭାର ଅତ୍ୟଧିକ ହେଲେ କ'ଣ କରିବେ ?

**ପ୍ରଭୁଙ୍କ ଉପରେ ତୁମର ଭାର ପକାଅ ।**

**ଗୀତସଂହିତା ୫୫:୨୨**

ଆମ ପକ୍ଷରେ କେଉଁ ଭାର ସହିବା ଉପଯୁକ୍ତ ଏବଂ କେଉଁଟି ଅନୁପଯୁକ୍ତ, ଆମେ ଏ ଦୁଇଟିର ପାର୍ଥକ୍ୟ ଜାଣିବା ଉଚିତ । ଆମେ ପାପ ଏବଂ ଅବିଶ୍ୱାସର ଭାର ବହନ କରିବା ଅନାବଶ୍ୟକ, କିନ୍ତୁ ଈଶ୍ୱର ଆମ ଉପରେ କେତେକ ଭାର ଲଦି ଦେଇ ତାକୁ ଲାଘବ କରିବା ପାଇଁ ଇଚ୍ଛା କରନ୍ତି ନାହିଁ । ସେ ଚାହାନ୍ତି, ଆମେ ଯେପରି ସେ ସବୁ ତାଙ୍କ ଆଡ଼େ ଗଡ଼ାଇ ଦେବୁ ଅର୍ଥାତ୍ ''ଯେଉଁ ବୋଝ ସେ ଦେଇଛନ୍ତି, ''ତାକୁ'' ପ୍ରଭୁଙ୍କ ଉପରେ ପକାଅ ।'' ଯଦି ଆମେ ଈଶ୍ୱରଙ୍କ ସେବା ଓ କାର୍ଯ୍ୟ କରିବାକୁ ବାହାରି ଯାଉ କିନ୍ତୁ ତାଙ୍କ ସଂପର୍କଚ୍ୟୁତ ହେଉ, ତେବେ ଆମେ ଯେଉଁ ଦାୟିତ୍ୱକୁ ଉପଲବ୍ଧି କରିବୁ, ତାହା ଆମ ଉପରେ ପ୍ରବଳ ଚାପ ପକାଇ ଆମକୁ ହରାଇ ଦେବ । କିନ୍ତୁ ଆମେ ଯଦି ଈଶ୍ୱର ଲଦି ଦେଇଥିବା ଭାରକୁ ତାଙ୍କ ପ୍ରତି ଗଡ଼ାଇ ଦେବୁ, ତେବେ ସେ ସେହି ଦାୟିତ୍ୱ ଭାର ନିଜେ ବହନ କରିବେ ଏବଂ ଆମକୁ ତାଙ୍କ ବିଷୟରେ ଏବଂ ତାଙ୍କ ଉପସ୍ଥିତି ବିଷୟରେ ସଚେତନ କରିବେ ।

ଈଶ୍ୱରଙ୍କ ଅନେକ ସେବକ ସାହସର ସହ ପ୍ରକୃତ ଉଦ୍ଦେଶ୍ୟ ନେଇ କାର୍ଯ୍ୟ କରିବା ପାଇଁ ବାହାରି ପଡ଼ନ୍ତି । କିନ୍ତୁ ଯୀଶୁ ଖ୍ରୀଷ୍ଟଙ୍କ ସହ ନିବିଡ଼ ସଂପର୍କ ନ ଥିବାରୁ ସେମାନେ ଶୀଘ୍ର ପରାଜୟ ସ୍ୱୀକାର କରନ୍ତି । ସେମାନେ ଜାଣନ୍ତି ନାହିଁ ତାଙ୍କର ଭାରଗ୍ରସ୍ତ ଅବସ୍ଥାକୁ କିପରି ସମ୍ଭାଳିବେ । ସେଥିପାଇଁ ସେମାନଙ୍କ ଜୀବନର ଦୁଃଖ ଓ ଚିନ୍ତା ବଢ଼ିଯାଏ । ଅନ୍ୟମାନେ ଏହା ଦେଖି କହନ୍ତି, ''ଆରମ୍ଭ କେତେ ସୁନ୍ଦର, କିନ୍ତୁ ଶେଷ ପରିଣତି ଅତି ଦୁଃଖଦ ।''

''ତୁମର ଭାର ପ୍ରଭୁଙ୍କ ଉପରେ ପକାଅ ।'' ଆପଣ ଏ ସବୁ ସହି ଆସୁଛନ୍ତି, କିନ୍ତୁ ବର୍ତ୍ତମାନ ଉଦ୍ଦେଶ୍ୟ ମୂଳକ ଭାବେ ଭାରର ଗୋଟିଏ ପାଖକୁ ଈଶ୍ୱରଙ୍କ କାନ୍ଧରେ ଥୋଇବାକୁ ପଡ଼ିବ ।''... ତାହାଙ୍କ ସ୍କନ୍ଧରେ ଶାସନଭାର ଥୁଆଯିବ'' (ଯିଶାଇୟ ୯:୬) । ଈଶ୍ୱର ଆପଣଙ୍କୁ ଦେଇଥିବା ଭାରସବୁକୁ ତାଙ୍କ ନିକଟରେ ସମର୍ପଣ କରନ୍ତୁ । ତାକୁ ଗୋଟିଏ ପାଖରେ ଫିଙ୍ଗି ଦିଅନ୍ତୁ ନାହିଁ, କିନ୍ତୁ ତାହା ସହିତ ନିଜକୁ ତାଙ୍କଠାରେ ସମର୍ପଣ କରନ୍ତୁ । ଆପଣ ଦେଖିବେ ଯେ, ତାଙ୍କର ସାନ୍ନିଧ୍ୟରେ ଆପଣଙ୍କ ଭାର ହାଲୁକା ହୋଇଯାଇଛି । କିନ୍ତୁ ଆପଣଙ୍କ ଭାରକୁ ଆପଣଙ୍କଠାରୁ ଅଲଗା ରଖିବା ପାଇଁ ଆଦୌ ଚେଷ୍ଟା କରିବେ ନାହିଁ ।

## ଏପ୍ରିଲ ୧୪

# ଅନ୍ତର୍ନିହିତ ଅଜେୟ ଶକ୍ତି

**ମୋର ଜୁଆଳି ନିଜେ ବହନ କର ଓ ମୋଠାରୁ ଶିଖ ।**

**ମାଥିଉ ୧୧:୨୯**

''କାରଣ ପ୍ରଭୁ ଯାହାକୁ ପ୍ରେମ କରନ୍ତି, ତାହାକୁ ମଧ୍ୟ ଶାସନ କରନ୍ତି'' (ଏବ୍ରୀ ୧୨:୬) । ଆମର ଅଭିଯୋଗଗୁଡ଼ିକ କେତେ ତୁଚ୍ଛ ଓ ନଗଣ୍ୟ ! ଆମର ପ୍ରଭୁ ଆମକୁ ଏପରି ସ୍ଥିତିକୁ ଆଣିବାର ପ୍ରୟାସ କରନ୍ତି, ଯେଉଁଠାରେ ଆମେ ତାଙ୍କ ସାନ୍ନିଧ୍ୟ ଲାଭ କରିବା, କିନ୍ତୁ ଆମେ ଆମର ଅଭିଯୋଗ ବୟାନ କରି କହୁ ''ହେ ପ୍ରଭୁ, ମୋତେ ଅନ୍ୟମାନଙ୍କ ପରି କରିଦିଅ ।'' ଯୀଶୁ ଚାହାନ୍ତି ଆମେ ତାଙ୍କ ପାଖରେ ଠିଆ ହୋଇ ଜୁଆଳିର ଗୋଟିଏ ପାଖ ନିଜ କାନ୍ଧ ଉପରକୁ ନେବା, ଯେପରି ଆମେ ଏକାଠି ତାକୁ ଟାଣି ପାରିବା । ସେଥିପାଇଁ ଯୀଶୁ ଆମକୁ କହନ୍ତି, ''ମୋର ଜୁଆଳି ସହଜ ଏବଂ ମୋର ଭାର ହାଲୁକା'' (ମାଥିଉ ୧୧:୩୦) । ଆପଣ କ'ଣ ପ୍ରଭୁଯୀଶୁଙ୍କ ସହିତ ସେହିଭଳି ଘନିଷ୍ଠ ହୋଇଛନ୍ତି ? ଯଦି ହଁ, ତେବେ ଆପଣ ଈଶ୍ୱରଙ୍କୁ ଧନ୍ୟବାଦ ଦେବେ, ଯେତେବେଳେ ଆପଣ ନିଜ ଉପରେ ଈଶ୍ୱରଙ୍କ ହାତର ଚାପ ଅନୁଭବ କରିବେ ।

''ସେ ଶକ୍ତିହୀନ ମନୁଷ୍ୟର ଶକ୍ତି ବୃଦ୍ଧି କରନ୍ତି (ଯିଶାଇୟ ୪୦:୨୯) । ଈଶ୍ୱର ଆସନ୍ତି, ଆମକୁ ସମସ୍ତ ଭାବପ୍ରବଣତାରୁ ବାହାର କରି ନିଅନ୍ତି, ଏବଂ ଆମର ଅଭିଯୋଗ ଏକ ପ୍ରଶଂସା ଗୀତରେ ପରିଣତ ହୁଏ । ଈଶ୍ୱରଙ୍କ ଶକ୍ତିକୁ ଜାଣିବାର ଏକମାତ୍ର ଉପାୟ ହେଉଛି, ଯୀଶୁଙ୍କ ଜୁଆଳି ନିଜ ଉପରେ ନେଇ ତାଙ୍କଠାରୁ ଶିଖିବା ।

''କାରଣ ପ୍ରଭୁଙ୍କର ବଳ ତୁମମାନଙ୍କର ବଳ'' (ନିହିମିୟା ୮:୧୦) । ସାଧୁମାନେ କେଉଁଠାରୁ ସେମାନଙ୍କ ବଳ ପାଆନ୍ତି ? କେତେ ଖ୍ରୀଷ୍ଟ ବିଶ୍ୱାସୀ ଏପରି ହୋଇଛନ୍ତି, ଯେଉଁମାନଙ୍କୁ ଦେଖିଲେ ମନେହୁଏ ଯେ, ଉଠାଇବା ପାଇଁ ସେମାନଙ୍କ ପାଇଁ ସେମାନଙ୍କର କୌଣସି ବୋଝ ନାହିଁ । କିନ୍ତୁ ଆମେ ଆମ ଆଖିର ପରଦା ଖୋଲି ଦେବା । ଏହା ସତ ଯେ ତାଙ୍କ ପାଖରେ ଥିବା ଈଶ୍ୱରଙ୍କ ଶାନ୍ତି, ଆଲୋକ ଏବଂ ଆନନ୍ଦ ପ୍ରମାଣ କରେ ଯେ ସେମାନଙ୍କର ମଧ୍ୟ ଗୋଟିଏ ଭାର ଅଛି । ଈଶ୍ୱର ଆମ ଉପରେ ଯେଉଁ ବୋଝ ରଖନ୍ତି, ତାହା ଆମ ଜୀବନର ଦ୍ରାକ୍ଷାଫଳକୁ ଚିପୁଡ଼ି ଦିଏ ଏବଂ ଦ୍ରାକ୍ଷାରସ ଉତ୍ପନ୍ନ କରେ, କିନ୍ତୁ ଆମ ମଧ୍ୟରୁ ଅଧିକାଂଶ କେବଳ ଦ୍ରାକ୍ଷାରସକୁ ଦେଖୁ, ବୋଝକୁ ନୁହେଁ । ସ୍ୱର୍ଗ ବା ନରକର କୌଣସି ଶକ୍ତି ମନୁଷ୍ୟର ଆତ୍ମା ଭିତରେ ବାସ କରୁଥିବା ଈଶ୍ୱରଙ୍କ ଆତ୍ମାକୁ ଜୟ କରିପାରେ ନାହିଁ, ଏହା ଅନ୍ତର୍ନିହିତ ଏକ ଅଜେୟ ଶକ୍ତି ସୃଷ୍ଟି କରେ ।

ଯଦି ଆପଣଙ୍କ ଜୀବନ ଦ୍ରାକ୍ଷାରସ ପରିବର୍ତ୍ତେ କେବଳ ଅଭିଯୋଗ ପୂର୍ଣ୍ଣ ବିଳାପ କରୁଛି, ତେବେ କଠୋର ହୋଇ ତାକୁ ବାହାର କରି ଦିଅନ୍ତୁ । ଈଶ୍ୱର ସାମର୍ଥ୍ୟରେ ଦୁର୍ବଳ ହେବା ଜଣେ ଖ୍ରୀଷ୍ଟ ବିଶ୍ୱାସୀ ପକ୍ଷରେ ଏକ ପ୍ରକୃତ ଅପରାଧ ।

## ଏପ୍ରିଲ ୧୫

# ଘନିଷ୍ଠ ମନୋଯୋଗର ବିଫଳତା

**ଆସା ଇସ୍ରାଏଲରୁ ଉଚ୍ଚପୂଜା ସ୍ଥଳୀଗୁଡ଼ିକୁ ଦୂର ନ କଲେ ମଧ୍ୟ ତାଙ୍କର ହୃଦୟ ସାରା ଜୀବନ ପ୍ରଭୁଙ୍କଠାରେ ସଂପୂର୍ଣ୍ଣ ଅନୁରକ୍ତ ଥିଲା ।**

**୨ ବଂଶାବଳୀ ୧୫:୧୭**

ଆସା ଦୃଶ୍ୟ ରୂପେ ତାଙ୍କ ବାହ୍ୟିକ ଜୀବନରେ ଈଶ୍ୱରଙ୍କ ପ୍ରତି ସଂପୂର୍ଣ୍ଣ ରୂପେ ବିଶ୍ୱସ୍ତ ନ ଥିଲେ । ତାଙ୍କ ଦୃଷ୍ଟିରେ ଯେଉଁ କ୍ଷେତ୍ର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଥିଲା, ସେ ସେହି କ୍ଷେତ୍ରରେ ବିଶ୍ୱସ୍ତ ଥିଲେ, କିନ୍ତୁ ତାହା ସଂପୂର୍ଣ୍ଣ ଠିକ୍ ନ ଥିଲା । ଏହି ଚିନ୍ତା ବିଷୟରେ ସତର୍କ ରୁହନ୍ତୁ, ‘‘ମୋ ଜୀବନରେ ସେହି ବିଷୟ ଅତି ମହତ୍ତ୍ୱପୂର୍ଣ୍ଣ ବୋଲି ମୋର ମନେ ହୁଏ ନାହିଁ’’ । ଏହା ସତ ଯେ ଏହା ଆପଣଙ୍କ ପାଇଁ ମହତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ ଏହା ଈଶ୍ୱରଙ୍କ ଦୃଷ୍ଟିରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଈଶ୍ୱରଙ୍କ ସନ୍ତାନ ଦୃଷ୍ଟିରେ କୌଣସି ବିଷୟ ମାମୁଲି ହୋଇ ନ ପାରେ । ଆମକୁ ଗୋଟିଏ କଥା ଶିଖାଇବା ପାଇଁ ଈଶ୍ୱରଙ୍କୁ ଆମେ ଆଉ କେତେ ଅଧିକ ସମୟ ବାଧା ଦେଉଥିବା ? କିନ୍ତୁ ଈଶ୍ୱର ଆମକୁ ଶିଖାଇବାକୁ କେବେହେଲେ ପଛଘୁଞ୍ଚା ଦିଅନ୍ତି ନାହିଁ ଏବଂ ଧୈର୍ଯ୍ୟ ହରାନ୍ତି ନାହିଁ । ଆପଣ କହନ୍ତି, ‘‘ଈଶ୍ୱରଙ୍କ ସହିତ ମୋର ଯଥାର୍ଥ ସଂପର୍କ ଅଛି,’’ ତଥାପି ଆପଣଙ୍କ ଜୀବନରେ ‘‘ସବୁ ଉଚ୍ଚସ୍ଥଳୀ’’ ଅଛି । ଏବେ ମଧ୍ୟ ଆପଣଙ୍କ ଜୀବନରେ ଏକ ଅବାଧ୍ୟତାର କ୍ଷେତ୍ର ରହିଛି । ଆପଣ କ’ଣ ଦୃଢ଼ତାର ସହ କହନ୍ତି ଯେ, ଈଶ୍ୱରଙ୍କ ସହିତ ଆପଣଙ୍କ ଯଥାର୍ଥ ସଂପର୍କ ଅଛି, ତଥାପି ଆପଣଙ୍କ ଜୀବନରେ କ’ଣ ଏପରି କୌଣସି ବିଷୟ ଅଛି, ଯେଉଁ କାରଣରୁ ଈଶ୍ୱର ଆପଣଙ୍କ ମନରେ ସନ୍ଦେହ ଜାତ କରନ୍ତି ? ଯେତେବେଳେ ଈଶ୍ୱର କୌଣସି ବିଷୟରେ ସନ୍ଦେହ ଜନ୍ମାନ୍ତି, ସେ ଯାହା ହେଉ ପଛେ, ସଂଗେ ସଂଗେ ତାହାକୁ ଦୂର କରି ଦିଅନ୍ତୁ । ଆମ ଜୀବନର କୌଣସି ବିଷୟ ଈଶ୍ୱରଙ୍କ ଦୃଷ୍ଟିରେ ମାମୁଲି ବିଷୟ ହୋଇ ନ ପାରେ ।

ଆପଣଙ୍କ ଶାରୀରିକ ବା ବୌଦ୍ଧିକ ଜୀବନର ଏପରି କିଛି ବିଷୟ ଅଛି କି ଯାହା ପ୍ରତି ଆପଣ ଆଦୌ ମନୋଯୋଗ କରି ନାହାନ୍ତି ? ଯଦି ଏପରି ହୋଇଥାଏ, ତେବେ ଆପଣ ଭାବୁଥିବେ ଯେ, ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରରେ ଆପଣ ଠିକ୍ ଅଛନ୍ତି, କିନ୍ତୁ ବାସ୍ତବରେ ଆପଣ ଅମନୋଯୋଗୀ – ଆପଣ ଏକାଗ୍ରତାର ସହ କାର୍ଯ୍ୟ କରିବାରୁ ବିଫଳ ହେଉଛନ୍ତି । ହୃଦ୍‌ସ୍ପନ୍ଦନ ପାଇଁ ଯେପରି ହୃତ୍‌ପିଣ୍ଡ ଗୋଟିଏ ଦିନ ପାଇଁ ଅବକାଶ ନେଇପାରେ ନାହିଁ, ସେହିପରି ଆପଣଙ୍କ ଜୀବନର ଆତ୍ମିକ ବିଷୟ ପ୍ରତି ଆପଣଙ୍କ ଧ୍ୟାନରୁ ମଧ୍ୟ ଅବକାଶ ମିଳି ପାରିବ ନାହିଁ । ନୈତିକ କ୍ଷେତ୍ରରେ ଗୋଟିଏ ଦିନ ଅବକାଶ ନେବା ଦ୍ୱାରା ଆପଣ ଯେପରି ନୈତିକମନା ରହି ପାରିବେ ନାହିଁ, ଆତ୍ମିକ କ୍ଷେତ୍ରରେ ମଧ୍ୟ ଗୋଟିଏ ଦିନ ଅବକାଶ ନେଲେ ଆପଣ ଆତ୍ମିକ ସ୍ୱଭାବ ବିଶିଷ୍ଟ ରହି ପାରିବେ ନାହିଁ । ଈଶ୍ୱର ଚାହାନ୍ତି, ଆପଣ ସଂପୂର୍ଣ୍ଣ ରୂପେ ତାଙ୍କର ନିଜସ୍ୱ ହେବେ, ଏବଂ ସେଥିପାଇଁ ନିଜକୁ ଯୋଗ୍ୟ ବିବେଚିତ କରିବା ପାଇଁ ଆପଣଙ୍କୁ ବିଶେଷ ଧ୍ୟାନ ଦେବାକୁ ହେବ । ଏଥିପାଇଁ ମଧ୍ୟ ଯଥେଷ୍ଟ ସମୟ ଆବଶ୍ୟକ । ତଥାପି ଆମ ମଧ୍ୟରୁ ଅନେକେ ଭାବନ୍ତି ଯେ, କିଛି କ୍ଷଣ ମଧ୍ୟରେ ସବୁ ସମସ୍ୟାକୁ ଅତିକ୍ରମ କରି ସେମାନେ ପର୍ବତ ଉପରିସ୍ଥ ଅନୁଭୂତି ଲାଭ କରିବେ ।

# ଆପଣ କ'ଣ ପର୍ବତ ଉପରୁ ଓହ୍ଲାଇପାରିବେ ?

**ତୁମ ନିକଟରେ ଜ୍ୟୋତି ଥାଉଁ ଥାଉଁ ଜ୍ୟୋତିରେ ବିଶ୍ୱାସ କର ।**
**ଯୋହନ ୧୨:୩୬**

ଆମ ସମସ୍ତଙ୍କ ଜୀବନରେ ଏଭଳି ମୁହୂର୍ତ୍ତ ଆସେ ଯେତେବେଳେ ଆମକୁ ପୂର୍ବ ଅପେକ୍ଷା ଭଲ ଲାଗେ ଏବଂ ଆମେ କହୁ, ''ମୁଁ ଯଦି ସବୁବେଳେ ଠିକ୍ ଏହିଭଳି ଅବସ୍ଥାରେ ରହନ୍ତି, ତେବେ ମୁଁ ସବୁ କାମ ଭଲରେ କରି ପାରନ୍ତି ।'' କିନ୍ତୁ ଆମ ପକ୍ଷରେ ଏହା ସମ୍ଭବ ନୁହେଁ । ସେହି ମୁହୂର୍ତ୍ତଗୁଡ଼ିକ ଅନ୍ତର୍ଦୃଷ୍ଟିର ସମୟ ଯାହାକୁ ଆମେ ଅବାଞ୍ଛିତ ବୋଲି ମନେ କରୁ । ଆମ ମଧ୍ୟରୁ ଅନେକେ ଯଦି ପର୍ବତ ଶିଖରୀର ଅନୁଭୂତି ନ ପାଆନ୍ତି, ତେବେ ସେମାନେ ଦୈନନ୍ଦିନ ସାଂସାରିକ ଜୀବନର ବ୍ୟର୍ଥତା ଅନୁଭବ କରନ୍ତି । ତଥାପି ଆମକୁ ଆମର ଦୈନିକ ଜୀବନକୁ ସେହି ସ୍ତରକୁ ଆଣିବାକୁ ହେବ, ଯାହା ପର୍ବତ ଶିଖରରେ ଥିବା ସମୟରେ ଆମ ପ୍ରତି ପ୍ରଦର୍ଶିତ ହୋଇଥିଲା ।

ପର୍ବତ ଶିଖର ଅନୁଭୂତିର ଯେଉଁ ଭାବନା ଜାଗ୍ରତ ହୋଇଥିଲା, ତାହାକୁ ବାଷ୍ପ ଭଳି ଉଡ଼ିଯିବାକୁ ଦିଅନ୍ତୁ ନାହିଁ । ମାନସିକ ସ୍ତରରେ ନିଜକୁ ଏକ ଥାକ ମଧ୍ୟରେ ରଖି କୁହନ୍ତୁ ନାହିଁ, ''ଏହି ପ୍ରକାର ମାନସିକ ଅବସ୍ଥାରେ ରହିବା ଏକ ଚମତ୍କାର ବିଷୟ ।'' ଅତିଶୀଘ୍ର କିଛି କରନ୍ତୁ, ଆପଣଙ୍କ କାର୍ଯ୍ୟକାରୀ ଶକ୍ତି ଆପଣଙ୍କୁ ଉତ୍ସାହିତ ନ କଲେ ମଧ୍ୟ କିଛି କରନ୍ତୁ । ଯଦି ପ୍ରାର୍ଥନା ସଭାରେ ଈଶ୍ୱର କୌଣସି କାର୍ଯ୍ୟ କରିବାର ଚାଳନା ଦିଅନ୍ତି, ତେବେ କୁହନ୍ତୁ ନାହିଁ, ''ମୁଁ କରିବି'' – କିନ୍ତୁ ତାହା କରି *ଦେଖାନ୍ତୁ* । ପିଠି ସଳଖ କରି ସବୁ ଆଳସ୍ୟ ଭାବ ଦୂର କରନ୍ତୁ । ଆଳସ୍ୟ ମନୋଭାବ ସର୍ବଦା ପର୍ବତ ଶିଖର ଅନୁଭୂତି ପାଇଁ ଆମର ପ୍ରବଳ ଲାଳସା ମଧ୍ୟରେ ପରିଲକ୍ଷିତ ହୁଏ, ଆମେ ପର୍ବତ ଉପରେ ସମୟ ଅତିବାହିତ କରିବାର ଯୋଜନା ବିଷୟରେ କଥାବାର୍ତ୍ତା କରୁ । ପର୍ବତ ଉପରେ ଆମେ ଯାହା ଦେଖିଲୁ, ସେହି ଅନୁସାରେ ସାଧାରଣ ନୈରାଶ୍ୟ ଭରା ଦିନଗୁଡ଼ିକରେ ବଞ୍ଚିବା ପାଇଁ ଆମକୁ ଶିଖିବାକୁ ହେବ ।

ଥରେ ବାଧାପ୍ରାପ୍ତ ଏବଂ ନିରାଶ ହୋଇଛନ୍ତି ବୋଲି ହତୋତ୍ସାହ ହୁଅନ୍ତୁ ନାହିଁ – ଆଉ ଥରେ ଆରମ୍ଭ କରନ୍ତୁ । ପଛରେ ଥିବା ଆପଣଙ୍କ ଯାତାୟାତର ପୋଲକୁ ଜଳାଇ ଦିଅନ୍ତୁ ଏବଂ ଆପଣଙ୍କ ଇଚ୍ଛାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପଣ କରନ୍ତୁ । ଆପଣଙ୍କ ନିଷ୍ପତ୍ତିର ପରିବର୍ତ୍ତନ କରନ୍ତୁ ନାହିଁ, କିନ୍ତୁ ପର୍ବତ ଉପରେ ଆପଣ ଯାହା ଦେଖିଲେ ଏବଂ ଯାହା ଶିଖିଲେ, ତାହାକୁ ନିଶ୍ଚିତ ରୂପେ କାର୍ଯ୍ୟରେ ପରିଣତ କରିବା ପାଇଁ ନିଷ୍ପତ୍ତି ନିଅନ୍ତୁ ।

**ଏପ୍ରିଲ ୧୭**

# ସବୁ କିଛି ଅବା କିଛି ନାହିଁ

**ଶିମୋନ ପିତର ଯେମିତି ଶୁଣିଲେ ''ଏ ତ ପ୍ରଭୁ'', ସେ ତତ୍‌କ୍ଷଣାତ୍ ତାଙ୍କର ଚାଦରଟି ଗୁଡ଼ାଇ ହୋଇ ପାଣିକୁ ଡେଇଁ ପଡ଼ିଲେ କାରଣ ସେ ଖାଲି ଦେହରେ ଥିଲେ ।**

**ଯୋହନ ୨୧:୭**

ଆପଣଙ୍କ ଜୀବନରେ କ'ଣ ଏଭଳି ସଂକଟ ଆସିଛି ଯେତେବେଳେ ଆପଣ ଜାଣିଶୁଣି, ଏକନିଷ୍ଠ ହୋଇ ଏବଂ ଆଗପଛ ବିଚାର ନ କରି ସବୁକିଛି ଛାଡ଼ି ଦେଇଛନ୍ତି ? ଏହା ଇଚ୍ଛାଶକ୍ତିର ସଂକଟ । ଆପଣ ହୁଏତ ବାହ୍ୟିକ ରୂପେ ଅନେକ ଥର ଏହିଭଳି ଅବସ୍ଥାକୁ ଆସିଥିବେ, କିନ୍ତୁ ତାହାର କୌଣସି ପ୍ରଭାବ ଅନୁଭୂତ ହେବ ନାହିଁ । ପାପ କରିବାର ପ୍ରକୃତ ଗଭୀର ସଂକଟ ବା ସଂପୂର୍ଣ୍ଣ ସମର୍ପଣ ଏକ ଆଭ୍ୟନ୍ତରୀଣ ବିଷୟ, ବାହ୍ୟିକ ନୁହେଁ । କେବଳ ବାହ୍ୟିକ ବିଷୟକୁ ତ୍ୟାଗ କରିବା ବାସ୍ତବରେ ଆପଣ ପୂର୍ଣ୍ଣ ଦାସତ୍ୱାବସ୍ଥାକୁ ସୂଚୀତ କରେ ।

ଆପଣ ଉଦ୍ଦେଶ୍ୟ ମୂଳକ ରୂପେ ଆପଣଙ୍କ ଇଚ୍ଛାକୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ସମର୍ପଣ କରିଛନ୍ତି କି ? ଏହା ଇଚ୍ଛା ସଂପର୍କିତ ଏକ କାରବାର, ଭାବପ୍ରବଣତାର ନୁହେଁ । ଏହାର ଫଳସ୍ୱରୂପ ଯେ କୌଣସି ସକାରାତ୍ମକ ଭାବନା ଏହି କାରବାରରୁ ଉତ୍ପନ୍ନ କେବଳ ଏକ ବାହ୍ୟିକ ଆଶୀର୍ବାଦ । ଭାବପ୍ରବଣତା ଉପରେ ଧ୍ୟାନ ଦେଲେ ଆପଣ କାରବାର କରି ପାରିବେ ନାହିଁ । କାରବାର କେଉଁ ଧରଣର ହେବ, ସେ ବିଷୟରେ ଈଶ୍ୱରଙ୍କୁ ପଚାରନ୍ତୁ ନାହିଁ, କିନ୍ତୁ ଆପଣ ଯାହା ଦେଖନ୍ତି, ସେ ସଂପର୍କରେ ଦୃଢ଼ ରୂପେ ଆପଣଙ୍କ ଇଚ୍ଛାକୁ ସମର୍ପଣ କରନ୍ତୁ । ଆପଣଙ୍କ ଅନ୍ତର୍ଦୃଷ୍ଟିରେ ଆପଣ ହୁଏତ ଅଗଭୀର ବା ଗଭୀର ସ୍ଥାନରେ ତାହା ଦେଖି ଥାଇ ପାରନ୍ତି ।

ଆପଣ ଯଦି ସମୁଦ୍ର ଲହରୀ ମଧ୍ୟରେ ଯୀଶୁଖ୍ରୀଷ୍ଟଙ୍କ ସ୍ୱର ଶୁଣିଛନ୍ତି, ତେବେ ତାଙ୍କ ସହିତ ଆପଣଙ୍କ ଗଭୀର ସଂପର୍କ ରକ୍ଷା କରି ଚାଲନ୍ତୁ, ଆପଣଙ୍କ ଧାରଣା ଏବଂ ସଙ୍ଗତି ବିଷୟ ଚିନ୍ତା କରନ୍ତୁ ନାହିଁ ।

## ଏପ୍ରିଲ ୧୮

# ପ୍ରସ୍ତୁତି

### ପ୍ରଭୁ... ଯେତେବେଳେ ... ଡାକିଲେ, ମୋଶା କହିଲେ, ‘‘ଆଜ୍ଞା, ମୁଁ ଏହିଠାରେ’’ ।

### ଯାତ୍ରାପୁସ୍ତକ ୩:୩–୪

ଈଶ୍ୱର ଯେତେବେଳେ କହନ୍ତି, ଆମ ମଧ୍ୟରୁ ଅଧିକାଂଶ କୁହୁଡ଼ି ମଧ୍ୟରେ ଥିବା ଭଳି ମନେ ହୁଏ, ଏବଂ ଆମେ କୌଣସି ଉତ୍ତର ଦେଇ ନ ଥାଉ । ଈଶ୍ୱରଙ୍କ ପ୍ରତି ମୋଶାଙ୍କ ଉତ୍ତର ପ୍ରକାଶ କରେ ଯେ, ମୋଶା ତାଙ୍କର ସ୍ଥିତାବସ୍ଥା ଜାଣିଥିଲେ ଏବଂ ପ୍ରସ୍ତୁତ ଥିଲେ । ପ୍ରସ୍ତୁତିର ଅର୍ଥ, ଈଶ୍ୱରଙ୍କ ସହ ଯଥାର୍ଥ ସଂପର୍କ ଏବଂ ଆମର ସ୍ଥିତାବସ୍ଥା ସଂପର୍କିତ ଆମର ଜ୍ଞାନ । ଆମେ କେଉଁଠାକୁ ଯିବା ପାଇଁ ଇଚ୍ଛା କରୁ, ଈଶ୍ୱରଙ୍କୁ ସେହି କଥା ଜଣାଇବା ପାଇଁ ବ୍ୟସ୍ତ ରହୁ । ପୁରୁଷ ବା ସ୍ତ୍ରୀ, ଯେ କେହି ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ପ୍ରସ୍ତୁତ ଥା’ନ୍ତି, ତାଙ୍କ ଆସିବା ସମୟରେ ସେମାନେ ପୁରସ୍କାର ପାଆନ୍ତି । ଆମେ ଏହି ଧାରଣା ନେଇ ଅପେକ୍ଷା କରୁ ଯେ ଏକ ମହାନ୍ ସୁଯୋଗ ଆସିବ ଅବା କୌଣସି ଚମକପ୍ରଦ ଘଟଣା ଘଟିବ ଏବଂ ସେହି ପରସ୍ଥିତିରେ ଆମେ କାଳ ବିଳମ୍ବ ନ କରି ଚିତ୍କାର କରି କହିବୁ’’ ମୁଁ ଏଠାରେ ଅଛି ।’’ ଯେତେବେଳେ ଆମେ ଉପଲବ୍ଧି କରୁ ଯେ, ଯୀଶୁ କୌଣସି ମହତ୍ କାର୍ଯ୍ୟର ଅଧିକାର ଗ୍ରହଣ କରିବା ପାଇଁ ଉପରକୁ ଉଠି ଆସୁଛନ୍ତି, ତେବେ ଆମେ ସେଠାରେ ପ୍ରସ୍ତୁତ ରହୁ, କିନ୍ତୁ କୌଣସି ନିକୃଷ୍ଟ କାର୍ଯ୍ୟ ସଂପାଦନ ପାଇଁ ଆମେ ପ୍ରସ୍ତୁତ ହୋଇ ନ ଥାଉ ।

ଈଶ୍ୱରଙ୍କ ପାଇଁ ପ୍ରସ୍ତୁତିର ଅର୍ଥ ହେଉଛି, ଅତି ନିକୃଷ୍ଟ ବା ଅତି ମହାନ୍ କାର୍ଯ୍ୟ ପାଇଁ ଆମେ ପ୍ରସ୍ତୁତ ରହିବା । ଆମ ପାଇଁ ନଗଣ୍ୟ ବା ମହାନ୍ କାର୍ଯ୍ୟର କୌଣସି ପ୍ରଭେଦ ରହିବା ଉଚିତ୍ ନୁହେଁ । ଏହାର ଅର୍ଥ, ଆମେ କେଉଁ କାର୍ଯ୍ୟ କରିବା ବା ନ କରିବା, ତାହା ଚୟନ କରିବା ପାଇଁ ଆମର କୌଣସି ବିକଳ୍ପ ନାହିଁ, କାରଣ ଈଶ୍ୱରଙ୍କ ଯୋଜନା ଯାହା ବି ହେଉ, ସେଥିପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ । ଯେତେବେଳେ କର୍ତ୍ତବ୍ୟ ଆମ ସମ୍ମୁଖରେ ଉପସ୍ଥିତ ହୁଏ, ସେତେବେଳେ ଆମେ ଈଶ୍ୱରଙ୍କ ସ୍ୱର ଶୁଣିଥାଉ, ଯେପରି ଯୀଶୁ ତାଙ୍କର ପିତାଙ୍କ ସ୍ୱର ଶୁଣିଥିଲେ ଏବଂ ଆମେ ଆମ ପ୍ରେମର ସଂପୂର୍ଣ୍ଣତା ସହ ସେହି କର୍ତ୍ତବ୍ୟ ସଂପାଦନ ପାଇଁ ପ୍ରସ୍ତୁତ ହୋଇଥାଉ । ଯୀଶୁ ଖ୍ରୀଷ୍ଟ ଆମ ପ୍ରତି ସେହିପରି କରିବାକୁ ଚାହାନ୍ତି, ଯାହା ତାଙ୍କର ପିତା ତାଙ୍କ ପ୍ରତି କରିଥିଲେ । କାର୍ଯ୍ୟ ତୁଷ୍ଟିଜନକ ହେଉ ବା ଅତି ହୀନ ହେଉ, ସେ ଯେଉଁଠାରେ ଇଚ୍ଛା କରନ୍ତି, ଆମକୁ ସେହିଠାରେ ରଖି ପାରନ୍ତି, କାରଣ ଯୀଶୁଙ୍କ ସହିତ ଆମର ମିଳନ ପିତାଙ୍କ ସହ ତାଙ୍କର ମିଳନ ସହିତ ସମାନ, ‘‘ଯଦ୍ଦ୍ୱାରା ଆମେ ଯେପରି ଏକ, ସେମାନେ ସେହିପରି ଏକ ହେବେ’’ (ଯୋହନ ୧୭:୨୨) ।

ଈଶ୍ୱରଙ୍କ ଆକସ୍ମିକ ପରିଦର୍ଶନ ପାଇଁ ପ୍ରସ୍ତୁତ ରୁହନ୍ତୁ । ପ୍ରସ୍ତୁତ ଥିବା ଲୋକ ପାଇଁ ପ୍ରସ୍ତୁତିର ଆବଶ୍ୟକତା ନ ଥାଏ – କାରଣ ସେ ପ୍ରସ୍ତୁତ । ଚିନ୍ତା କରନ୍ତୁ, ଈଶ୍ୱର ଯେତେବେଳେ ଆହ୍ୱାନ କରନ୍ତି, ସେତେବେଳେ ଯଦି ଆମେ ପ୍ରସ୍ତୁତି ଆରମ୍ଭ କରିବୁ, ତେବେ କେତେ ଅଧିକ ସମୟ ନଷ୍ଟ ହେବ ! ଜ୍ୱଳନ୍ତା ବୁଦା ପ୍ରସ୍ତୁତ ଥିବା ଜଣେ ବ୍ୟକ୍ତିଙ୍କର ଚାରିପଟେ ଘେରି ରହିଥିବା ବିଷୟର ପ୍ରତୀକ ସ୍ୱରୂପ, ଏହା ସ୍ୱୟଂ ଈଶ୍ୱରଙ୍କ ଉପସ୍ଥିତିରେ ପ୍ରଜ୍ୱଳିତ ହୁଏ ।

**ଏପ୍ରିଲ ୧୯**

# ସାମାନ୍ୟ ସମ୍ଭାବ୍ୟ ପ୍ରଲୋଭନ ପ୍ରତି ସତର୍କ ରୁହନ୍ତୁ

**କାରଣ ଯୋୟାବ ଆବଶଲୋମର ପକ୍ଷ ଅବଲମ୍ବନ କରି ନ ଥିଲେ ମଧ୍ୟ ଅଦୋନୀୟ ସଙ୍ଗେ ଚକ୍ରାନ୍ତ କରିଥିଲେ ।**

**୧ ରାଜାବଳି ୨:୨୮**

ଯୋୟାବ ପ୍ରଲୁବ୍ଧକାରୀ ଏବଂ ଉଚ୍ଚାଭିଳାସୀ ଆବଶଲୋମର ଅନୁସରଣ ନ କରି ସଂପୂର୍ଣ୍ଣ ରୂପେ ଦାଉଦଙ୍କ ପ୍ରତି ଅନୁରକ୍ତ ହୋଇ ରହିବା ଦ୍ୱାରା ଜୀବନର ସବୁଠାରୁ ବଡ଼ ପ୍ରଲୋଭନର ପ୍ରତିରୋଧ କରିପାରିଲେ । ତଥାପି ଜୀବନର ଶେଷାବସ୍ଥାରେ ସେ ଅଦୋନୀୟ ଭଳି ଜଣେ ଦୁର୍ବଳମନା ଏବଂ ଭୀରୁ ପ୍ରକୃତିର ବ୍ୟକ୍ତିଙ୍କର ଅନୁସରଣ କଲେ । ସବୁବେଳେ ଏହି ବିଷୟରେ ସଚେତନ ରୁହନ୍ତୁ ଯେ, ଜଣେ ବ୍ୟକ୍ତି ଯେଉଁଠାରୁ ମୁଖ ଫେରାଇ ଚାଲିଯାନ୍ତି, ଅନ୍ୟ କେହି ଜଣେ ସେହି ସ୍ଥାନକୁ ଫେରି ଆସିବା ପାଇଁ ପ୍ରଲୋଭିତ ହୁଅନ୍ତି (୧ କରନ୍ଥୀୟ ୧୦:୧୧–୧୩ ଦେଖନ୍ତୁ) । ଆପଣ ହୁଏତ ଏକ ବଡ଼ ସଂକଟପୂର୍ଣ୍ଣ ପରିସ୍ଥିତି ଉପରେ ବିଜୟ ଲାଭ କରିଛନ୍ତି, କିନ୍ତୁ ବର୍ତ୍ତମାନ ସେହି ବିଷୟ ପ୍ରତି ସତର୍କ ରୁହନ୍ତୁ, ଯାହା ଆପଣଙ୍କ ପାଇଁ ସାମାନ୍ୟତମ ପ୍ରଲୋଭନ ଭଳି ମନେହୁଏ । ଅତୀତରେ ଆପଣଙ୍କ ଜୀବନର ଯେଉଁ କ୍ଷେତ୍ରରେ ଆପଣ ବିଜୟ ହାସଲ କରିଛନ୍ତି, ବର୍ତ୍ତମାନ ସେହି କ୍ଷେତ୍ରରେ ଆପଣଙ୍କ ଝୁଣ୍ଟିବାର ବା ପତିତ ହେବାର ସମ୍ଭାବନା ଯେ ଅତି କ୍ଷୀଣ, ଏହି ଚିନ୍ତାଧାରା ପ୍ରତି ମଧ୍ୟ ସତର୍କ ରୁହନ୍ତୁ ।

ଆମେ ଯଥାର୍ଥରେ କହିଥାଉ, ‘‘ମୋ ଜୀବନର ସବୁଠାରୁ ବଡ଼ ସଂକଟ ମଧ୍ୟ ଦେଇ ଗତି କରିବା ପରେ ଆଉ ସାଂସାରିକ ବିଷୟକୁ ଫେରିଯିବାର ସମ୍ଭାବନା ନାହିଁ ।’’ ପ୍ରଲୋଭନ କେଉଁଠାରେ ଆସିବ, ସେ ବିଷୟରେ ଭବିଷ୍ୟବାଣୀ କହନ୍ତୁ ନାହିଁ । ସବୁଠାରୁ କ୍ଷୀଣ ସମ୍ଭାବ୍ୟ ବିଷୟ ମଧ୍ୟ ବିପଦ ସୃଷ୍ଟି କରେ । ଏକ ବଡ଼ ଆଧ୍ୟାତ୍ମିକ ଘଟଣା ପରେ ଏହିଭଳି କ୍ଷୀଣ ସମ୍ଭାବ୍ୟ ବିଷୟ ତା’ର ପ୍ରଭାବ ବିସ୍ତାର ଆରମ୍ଭ କରେ । ସେମାନେ ସେତେ ପ୍ରବଳ ଏବଂ ପ୍ରଭାବଶାଳୀ ନ ହେଲେ ମଧ୍ୟ ରହିଥା’ନ୍ତି । ଆପଣ ଆଗରୁ ସତର୍କ ନ ହେଲେ ସେମାନଙ୍କ ଫାନ୍ଦରେ ପଡ଼ିବେ । ଆପଣ ଭୟଙ୍କର ଏବଂ ଗଭୀର ସଂକଟ ମଧ୍ୟରେ ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ରହିଛନ୍ତି, ବର୍ତ୍ତମାନ ମନୋଗତ ପ୍ରଭାବ ପ୍ରତି ସାବଧାନ ରୁହନ୍ତୁ । ଆଗାମୀ ଭୟ ନେଇ ଅସ୍ୱାଭାବିକ ରୂପେ ନିଜର ଆତ୍ମ ସମୀକ୍ଷା କରନ୍ତୁ ନାହିଁ, ସଚେତନ ହୋଇ ଈଶ୍ୱରଙ୍କ ସମ୍ମୁଖରେ ସଦା ଜାଗ୍ରତ ଥାଆନ୍ତୁ । ଅସୁରକ୍ଷିତ ବଳ ଦୁଇଗୁଣ ଦୁର୍ବଳତା ବୃଦ୍ଧି କରିପାରେ କାରଣ ସେହିଠାରେ କ୍ଷୀଣ ସମ୍ଭାବ୍ୟ ପ୍ରଲୋଭନ ଶକ୍ତିଯୁକ୍ତ ପ୍ରଭାବ ବିସ୍ତାର କରିଥାଏ । ବାଇବଲର ଚରିତ୍ରଗୁଡ଼ିକ ସେମାନଙ୍କ ଶକ୍ତିକୁ ଆଧାର କରି ଝୁଣ୍ଟି ଥିଲେ, ସେମାନଙ୍କ ଦୁର୍ବଳତା ହେତୁ ନୁହେଁ ।

‘‘... ଈଶ୍ୱରଙ୍କ ଶକ୍ତିରେ ସୁରକ୍ଷିତ ଅଛି’’ (୧ ପିତର ୧:୫) – ତାହା କେବଳ ଏକମାତ୍ର ସୁରକ୍ଷା ।

ଏପ୍ରିଲ ୨୦

# ଜଣେ ପବିତ୍ର ଲୋକ କ'ଣ ଈଶ୍ୱରଙ୍କ ପ୍ରତି ମିଥ୍ୟା ଦୋଷାରୋପ କରିପାରନ୍ତି ?

**କାରଣ ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ସମସ୍ତ ଅନୁଭୂତି ''ହଁ'' ହୋଇଥାଏ... ତାହାଙ୍କ ମାଧ୍ୟମରେ... ଆମେ ''ଆମେନ୍'' ଉଚ୍ଚାରଣ କରିଥାଉ ।**

**୨ କରିନ୍ଥୀୟ ୧:୨୦–୨୧**

ଆମର ସାମର୍ଥ୍ୟ ବିଷୟରେ ଆମେ ଯେ ଭୁଲ୍ ବିଚାର କରିଥାଉ, ମାଥିଉ ୨୫:୧୪–୩୦ରେ ବର୍ଣ୍ଣିତ ଯୀଶୁ କହିଥିବା ତୋଡ଼ାର ଦୃଷ୍ଟାନ୍ତ ଏକ ଚେତାବନୀ ଥିଲା । ଆମର ସ୍ୱାଭାବିକ ସାମର୍ଥ୍ୟ ଏବଂ ପ୍ରାପ୍ତ ଦାନ ସହିତ ଏ ଦୃଷ୍ଟାନ୍ତର କୌଣସି ସଂପର୍କ ନାହିଁ, କିନ୍ତୁ ପବିତ୍ର ଆତ୍ମାଙ୍କ ଦାନ ସହିତ ଅଛି, ଯେଉଁ ଦାନ ସର୍ବ ପ୍ରଥମେ ପେଣ୍ଟିକଷ୍ଟ ଦିନ ପ୍ରଦତ୍ତ ହୋଇଥିଲା । ଆମେ ଆମର ଆତ୍ମିକ ସାମର୍ଥ୍ୟକୁ କଦାପି ଆମର ଶିକ୍ଷା ଏବଂ ଜ୍ଞାନବୁଦ୍ଧିକୁ ଆଧାର କରି ମାପିବା ଉଚିତ୍ ନୁହେଁ, ଆତ୍ମିକ ବିଷୟକ ଆମର ସାମର୍ଥ୍ୟ ଈଶ୍ୱରଙ୍କ ପ୍ରତିଜ୍ଞାକୁ ଆଧାର କରି ମପାଯାଏ । ଈଶ୍ୱରଙ୍କ ଦୃଷ୍ଟିରେ ଆମ ପାଖରେ ଯେତିକି ରହିବା କଥା, ଆମେ ଯଦି ତା'ଠାରୁ କମ୍ ପାଉ, ତା' ହେଲେ ମୁନିବଙ୍କ ଆଗରେ ସେହି ମିଥ୍ୟା ଅଭିଯୋଗକାରୀ ଦାସ ପରି ଆମେ ଈଶ୍ୱରଙ୍କ ପ୍ରତି ମିଥ୍ୟା ଦୋଷାରୋପ କରୁ । ସେହି ଦାସ ତା'ର ମୁନିବଙ୍କୁ କହିଲା, ''ତୁମେ ମୋତେ ଯେଉଁ କାର୍ଯ୍ୟ କରିବାର ସାମର୍ଥ୍ୟ ଦେଇଥିଲ, ତା'ଠାରୁ ଅଧିକ ଅପେକ୍ଷା କରୁଛ । ତୁମେ ମୋଠାରୁ ବହୁତ କିଛି ଆଶା କରୁଛ ଏବଂ ମୋତେ ଯେଉଁଠାରେ ରଖିଛ, ସେଠାରେ ମୁଁ ତୁମ ପ୍ରତି ବିଶ୍ୱସ୍ତ ଆଚରଣ କରିପାରିବି ନାହିଁ ।'' ଏହା ଯେତେବେଳେ ଈଶ୍ୱରଙ୍କ ସର୍ବଶକ୍ତିମାନ ଆତ୍ମାଙ୍କ ସମ୍ବନ୍ଧିତ ପ୍ରଶ୍ନ, କଦାପି କୁହନ୍ତୁ ନାହିଁ ''ମୁଁ'' ପାରିବି ନାହିଁ ।'' ଏଥିପ୍ରତି ଆପଣଙ୍କ ସ୍ୱାଭାବିକ ସୀମିତ ସାମର୍ଥ୍ୟକୁ ପ୍ରବେଶ କରିବାର ଅନୁମତି ଦିଅନ୍ତୁ ନାହିଁ । ଆମେ ଯଦି ପବିତ୍ର ଆତ୍ମାଙ୍କୁ ପାଇଛୁ, ତେବେ ଈଶ୍ୱର ଅପେକ୍ଷା କରନ୍ତି, ଆମ ମଧ୍ୟରେ ଯେପରି ପବିତ୍ର ଆତ୍ମାଙ୍କ କାର୍ଯ୍ୟ ପ୍ରଦର୍ଶିତ ହେବ । ସେହି ଦାସ ତା'ର ମୁନିବଙ୍କୁ ସବୁ କଥାରେ ଦୋଷୀ ସାବ୍ୟସ୍ତ କଲା ଏବଂ ନିଜକୁ ଯଥାର୍ଥ ପ୍ରମାଣିତ କରି କହିଲା, ''ତୁମେ ମୋତେ ଯାହା ଦେଇଥିଲ, ସେହି ଅନୁପାତରେ ମୋଠାରୁ ତୁମର ଦାବି ବହୁତ ଅଧିକ ।'' ''ପ୍ରଥମେ ଈଶ୍ୱରଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ତହିଁରେ ଏ ସମସ୍ତ ବିଷୟ ତୁମକୁ ଯୋଗାଇ ଦିଆଯିବ'' (ମାଥିଉ ୬:୩୩) । ଈଶ୍ୱରଙ୍କ ଏହି କଥା ଶୁଣି ମଧ୍ୟ ଆମେ ବ୍ୟସ୍ତ ହୋଇ କ'ଣ ଈଶ୍ୱରଙ୍କ ପ୍ରତି ମିଥ୍ୟା ଦୋଷାରୋପ କରି ଆସିଛୁ ? ଚିନ୍ତିତ ହେବା ପ୍ରକୃତରେ ପାପର ସେହି କଥାକୁ ବୁଝାଏ, ''ମୁଁ ଜାଣେ ମୋତେ ଅସୁରକ୍ଷିତ ଅବସ୍ଥାରେ ଛାଡ଼ିଦେବା ତୁମର ଅଭିପ୍ରାୟ ଥିଲା ।'' ଅଳସ ସ୍ୱଭାବ ବିଶିଷ୍ଟ ଲୋକ ସମାଲୋଚନା କରି କହେ, ''ମୋତେ କେବେହେଲେ ଭଲ ସୁଯୋଗ ମିଳିଲା ନାହିଁ'' ଏବଂ ଆତ୍ମିକ ରୂପେ ଅଳସୁଆ ଲୋକ ଈଶ୍ୱରଙ୍କର ସମାଲୋଚନା କରେ । ଅଳସୁଆ ଲୋକମାନେ ସବୁବେଳେ ନିଜ ଇଚ୍ଛାରେ ଅନ୍ୟମାନଙ୍କ ଉପରେ ଦୋଷ ଲଦି ଦିଅନ୍ତି ।

ପାଶୋରି ଯା'ନ୍ତୁ ନାହିଁ ଯେ, ଆତ୍ମିକ କ୍ଷେତ୍ରରେ ଆମର ଶକ୍ତି ଏବଂ ସାମର୍ଥ୍ୟ ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକ ସଫଳ କରିବା ପାଇଁ ସମର୍ଥ ଏବଂ ତାହା ଦ୍ୱାରା ନିରୂପିତ । ଈଶ୍ୱର କ'ଣ ତାଙ୍କର ପ୍ରତିଜ୍ଞାସବୁ ସଫଳ କରିବା ପାଇଁ ସମର୍ଥ ? ଆମେ ପବିତ୍ର ଆତ୍ମାଙ୍କୁ ପାଇଛୁ କି ନାହିଁ, ଏହାରି ଉପରେ ଏହି ପ୍ରଶ୍ନର ଉତ୍ତର ନିର୍ଭର କରେ ।

## ଏପ୍ରିଲ ୨୧

# ପ୍ରଭୁଙ୍କ ମନରେ ଆଘାତ ଦିଅନ୍ତୁ ନାହିଁ

### ଫିଲିପ, ମୁଁ ଏତେ କାଳ ତୁମମାନଙ୍କ ସଙ୍ଗରେ ରହିଲେ ମଧ୍ୟ ମୋତେ ଚିହ୍ନିଲ ନାହିଁ ?

### ଯୋହନ ୧୪:୯

**''ଆମେ ଯେ ଅସରଳ'',** ଏହି କଥାରେ ପ୍ରଭୁ ବାରମ୍ବାର କେତେ ଆଶ୍ଚର୍ଯ୍ୟ ହେଉଥିବେ । ଆମର ମତ ଆମକୁ ସ୍ଥୂଳବୁଦ୍ଧି ସଂପନ୍ନ ଏବଂ ଶିକ୍ଷିତ କରିଦିଏ । କିନ୍ତୁ ସରଳ ହେଲେ ଆମେ ସ୍ଥୂଳବୁଦ୍ଧି ସଂପନ୍ନ ନ ହୋଇ ସବୁବେଳେ ଚିହ୍ନିବାର କ୍ଷମତା ପାଇଥାଉ । ଫିଲପ ଭବିଷ୍ୟତର ଏକ ବିଶେଷ ରହସ୍ୟର ଉଦ୍‌ଘାଟନ ସଂପର୍କରେ ପ୍ରତ୍ୟାଶା ରଖିଥିଲେ, କିନ୍ତୁ ସେ ଯେଉଁ ଯୀଶୁଙ୍କୁ ଜାଣିଥିଲେ, ସେ ସେହି ବ୍ୟକ୍ତି ନ ଥିଲେ । ଈଶ୍ୱରଙ୍କ ରହସ୍ୟ ଭବିଷ୍ୟତରେ ଘଟିବାକୁ ଯାଉଥିବା ଘଟଣା ମଧ୍ୟରେ ନ ଥାଏ, କିନ୍ତୁ ବର୍ତ୍ତମାନ ଅଛି, ଯଦ୍ୟପି ଆମେ ଭବିଷ୍ୟତର ଏକ ଭାବବିହ୍ୱଳ ଗୁରୁତ୍ୱପୂର୍ଣ୍ଣ ଘଟଣା ମଧ୍ୟରେ ଏହାର ପ୍ରକାଶନକୁ ଅପେକ୍ଷା କରିଥାଉ । ଯୀଶୁଙ୍କ ଆଜ୍ଞାକାରୀ ହେବା ପାଇଁ ଆମେ ଅନିଚ୍ଛା ପ୍ରକାଶ କରି ନ ଥାଉ, କିନ୍ତୁ ଏହା ସମ୍ଭବ ଯେ ଆମେ ପ୍ରଭୁଙ୍କ ମନରେ ଦୁଃଖ ଦେଇଥାଉ, ଯେତେବେଳେ ଆମେ ପ୍ରଶ୍ନ କରୁ, ''ପ୍ରଭୁ, ଆମକୁ ପିତାଙ୍କୁ ଦର୍ଶନ କରାଉନ୍ତୁ'' (୧୪:୮) । ତତ୍‌କ୍ଷଣାତ୍ ସେ ପ୍ରତିକ୍ରିୟା ପ୍ରକାଶ କରି କହନ୍ତି, ''ତୁମେ କ'ଣ ତାଙ୍କୁ ଦେଖିପାରୁ ନାହଁ ?'' ସେ ଏଠାରେ ସବୁବେଳେ ଅଛନ୍ତି ଅବା ଆଉ କେଉଁଠାରେ ସେ ମିଳିବେ ନାହିଁ ।'' ଆମର ଆଶା ଯେ ଈଶ୍ୱର ତାଙ୍କର ପିଲାମାନଙ୍କ ଠାରେ ନିଜକୁ ପ୍ରକାଶ କରିବେ, କିନ୍ତୁ ଈଶ୍ୱର କେବଳ ତାଙ୍କର ପିଲାମାନଙ୍କ ମଧ୍ୟରେ ପ୍ରକାଶିତ ହୁଅନ୍ତି । ଯେତେବେଳେ ଅନ୍ୟମାନେ ତା'ର ପ୍ରମାଣ ଦେଖନ୍ତି, ଈଶ୍ୱରଙ୍କ ସନ୍ତାନ ତାହା ଦେଖି ପାରନ୍ତି ନାହିଁ । ଈଶ୍ୱର ଆମ ମଧ୍ୟରେ କ'ଣ କରୁଛନ୍ତି, ସେ ବିଷୟରେ ଆମେ ଜାଗ୍ରତ ରହିବାକୁ ଇଚ୍ଛା କରିଥାଉ, କିନ୍ତୁ ଆମେ ସଂପୂର୍ଣ୍ଣ ଜାଗ୍ରତ ଥିଲେ ମଧ୍ୟ ଆମର ମାନସିକ ସନ୍ତୁଳନ ହରାଇଥାଉ । ଆମେ ଯଦି ଈଶ୍ୱରଙ୍କଠାରୁ କେବଳ ଅନୁଭୂତି ପାଇବା ଆଶା ରଖୁ, ଏବଂ ସେହି ଅନୁଭୂତି ସମ୍ବଳିତ ସଚେତନତା ଯଦି ଆମ ପାଇଁ ବାଧା ସୃଷ୍ଟି କରେ, ତେବେ ଆମେ ପ୍ରଭୁଙ୍କ ମନରେ ଦୁଃଖ ଦେଇଥାଉ । ଆମର ପ୍ରଶ୍ନ ଯୀଶୁଙ୍କ ମନରେ ଆଘାତ ଦିଏ, କାରଣ ତାହା ଜଣେ ଶିଶୁର ପ୍ରଶ୍ନ ନୁହେଁ ।

''ତୁମମାନଙ୍କ ହୃଦୟ ଉଦ୍‌ବିଗ୍ନ ନ ହେଉ'' (ଯୋହନ ୧୪:୧, ୨୭) । ମୋର ମନକୁ ଶୋକାକୁଳ କରି ମୁଁ କ'ଣ ଯୀଶୁଙ୍କ ମନକୁ ଶୋକାକୁଳ କରୁଛି ? ଯଦି ମୁଁ ଯୀଶୁଙ୍କଠାରେ ଏବଂ ତାଙ୍କର ଗୁଣ ସବୁକୁ ବିଶ୍ୱାସ କରେ, ତେବେ ମୁଁ କ'ଣ ନିଜ ବିଶ୍ୱାସ ଅନୁଯାୟୀ ଜୀବନଯାପନ କରୁଛି ? ମୋର ମନକୁ ଅଶାନ୍ତ କରିବା ପାଇଁ ମୁଁ କ'ଣ କୌଣସି ବିଷୟକୁ ଅନୁମତି ଦେଉଛି ଅବା ଅସଂଗତ ଏବଂ ଅଯୌକ୍ତିକ ପ୍ରଶ୍ନ ସବୁକୁ ପ୍ରବେଶ କରିବାର ଅନୁମତି ଦେଉଛି ? ମୋତେ ଏଭଳି ଏକ ନିଶ୍ଚିତ ଏବଂ ସନ୍ଦେହାତୀତ ସ୍ଥିତିକୁ ଆସିବାକୁ ହେବ, ଯାହା ସମସ୍ତ କଥାକୁ ସେହିଭଳି ଗ୍ରହଣ କରେ, ଯେତେବେଳେ ତାହା ଈଶ୍ୱରଙ୍କ ଠାରୁ ଆସେ । ଈଶ୍ୱର ଭବିଷ୍ୟତର କୌଣସି ସମୟରେ ଆମକୁ ଚାଳିତ କରନ୍ତି, କିନ୍ତୁ ସବୁବେଳେ *ବର୍ତ୍ତମାନ* ଏହିଠାରେ ହିଁ ଚାଳନା ଦିଅନ୍ତି । ପ୍ରଭୁ ବର୍ତ୍ତମାନ ଏଠାରେ ଅଛନ୍ତି, ଏହା ଉପଲବ୍ଧି କରନ୍ତୁ । ଆପଣ ଯେଉଁ ସ୍ୱାଧୀନତା ହାସଲ କରନ୍ତି, ତାହା ଅବିଳମ୍ବେ ମିଳିଥାଏ ।

**ଏପ୍ରିଲ ୨୨**

# କ୍ଷୀଣ ହେଉ ନ ଥିବା ଆଲୋକ

**ପୁଣି ଆମେ ଅନାଚ୍ଛାଦିତ ମୁଖରେ ପ୍ରଭୁଙ୍କର ଗୌରବ ପ୍ରତିଫଳିତ କରୁ...**

**୨ କରନ୍ଥୀ ୩:୧୮**

ପ୍ରଭୁଙ୍କର ଦାସଙ୍କୁ ଏଭଳି ଏକାକୀ ଛିଡ଼ା ହେବାକୁ ପଡ଼େ, ଯଦ୍ଦ୍ୱାରା ସେ ନିଜକୁ ଏକାକୀ ଅନୁଭବ କରନ୍ତି ନାହିଁ । ଖ୍ରୀଷ୍ଟୀୟ ଜୀବନର ପ୍ରାରମ୍ଭ ସମୟରେ ନୈରାଶ୍ୟ ଆସେ, ଯେଉଁ ଲୋକମାନେ ଆଲୋକ ଭଳି ଥିଲେ, ସେମାନେ ସାମାନ୍ୟ ରୂପେ ଜଳି ଜଳି ନିଷ୍ପ୍ରଭ ହୋଇଯିବେ, ଆଉ ଯେଉଁମାନେ ଆମକୁ ସାହସ ଯୋଗାଉଥିଲେ, ସେମାନେ ବିମୁଖ ହେବେ । ଆମେ ସେହି ପରିସ୍ଥିତି ସହିତ ଏଭଳି ଅଭ୍ୟସ୍ତ ହୋଇଯାଉ ଯେ, ଆମେ ଏକାକୀ ଛିଡ଼ା ହୋଇଛୁ ବୋଲି ଅନୁଭବ କରି ନ ଥାଉ । ପାଉଲ କହିଲେ, ‘‘କେହି ମୋର ସପକ୍ଷ ହେଲେ ନାହିଁ, ସମସ୍ତେ ମୋତେ ପରିତ୍ୟାଗ କଲେ...କିନ୍ତୁ ପ୍ରଭୁ ମୋର ସପକ୍ଷ ହୋଇ ମୋତେ ବଳ ଦେଲେ’’ (୨ ତୀମଥି ୪:୧୬-୧୭) । ଆମେ କ୍ଷୀଣ ହୋଇ ଆସୁଥିବା ଆଲୋକ ଉପରେ ବିଶ୍ୱାସ ସ୍ଥାପନ ନ କରି ନିଷ୍ପ୍ରଭ ହେଉ ନ ଥିବା ଆଲୋକ ଉପରେ ବିଶ୍ୱାସ କରିବା ଆବଶ୍ୟକ । ବିଶିଷ୍ଟ ବ୍ୟକ୍ତିମାନେ ଅପସରି ଗଲେ ଆମେ ଦୁଃଖିତ ହେଉ, ଯେପର୍ଯ୍ୟନ୍ତ ଆମେ ଦେଖି ନ ଥାଉ ଯେ ସେମାନଙ୍କର ବିଦାୟ ନେବା ଜରୁରୀ ଥିଲା । ଆମ ପାଇଁ କେବଳ ଗୋଟିଏ କାର୍ଯ୍ୟ ରହିଯାଏ - ଆମେ ଯେପରି ନିଜେ ଈଶ୍ୱରଙ୍କ ମୁଖକୁ ଦେଖିବା ।

ଆପଣଙ୍କ ସମ୍ବନ୍ଧରେ ଏବଂ ଆପଣଙ୍କ ସିଦ୍ଧାନ୍ତ ସଂପର୍କରେ ଈଶ୍ୱରଙ୍କ ମୁଖକୁ ଦେଖିବାର ଦୃଢ଼ ସଂକଳ୍ପରୁ କୌଣସି ବିଷୟ ଆପଣଙ୍କୁ ଅଟକାଇ ନ ରଖୁ । ପ୍ରଚାର କରିବା ସମୟରେ ନିଶ୍ଚିତ କରନ୍ତୁ ଯେ, ଆପଣଙ୍କ ସମ୍ବାଦ ବିଷୟରେ ପ୍ରଥମେ ଆପଣ ଈଶ୍ୱରଙ୍କ ମୁଖକୁ ଦେଖିବେ, ତା'ପରେ ନିରବଚ୍ଛିନ୍ନ ଭାବେ ତାଙ୍କର ଗୌରବ ଅବସ୍ଥାନ କରିବ । ଜଣେ ଖ୍ରୀଷ୍ଟୀୟ ସେବକ ପ୍ରଥମେ ଈଶ୍ୱରଙ୍କ ମୁଖକୁ ନିରନ୍ତର ଅନାଇ ରହନ୍ତି ଏବଂ ତା'ପରେ ଯାଇ ଅନ୍ୟମାନଙ୍କ ସହ କଥାବାର୍ତ୍ତା କରନ୍ତି । ଖ୍ରୀଷ୍ଟଙ୍କ ସେବାକାର୍ଯ୍ୟର ବିଶେଷତ୍ୱ ହେଉଛି ଚିରନ୍ତନ ଗୌରବ, ଯେଉଁ ବିଷୟରେ ସେବକ ସଂପୂର୍ଣ୍ଣ ସଚେତନ ନ ଥାନ୍ତି, ‘‘ମୋଶା ପ୍ରଭୁଙ୍କ ସହିତ ଆଳାପ କରିବା ହେତୁ ତାଙ୍କ ମୁଖମଣ୍ଡଳ ଯେ ଉଜ୍ଜ୍ୱଳ ଦିଶୁଥିଲା, ତାହା ସେ ଜାଣି ନ ଥିଲେ’’ (ଯାତ୍ରାପୁସ୍ତକ ୩୪:୨୯) ।

ସର୍ବ ସମକ୍ଷରେ ଆମର ସନ୍ଦେହ ପ୍ରକଟ କରିବା ପାଇଁ ଅବା ଈଶ୍ୱରଙ୍କ ସହିତ ଆମର ଗୁପ୍ତ ଆନନ୍ଦ ଉଲ୍ଲାସକୁ ବ୍ୟକ୍ତ କରିବା ପାଇଁ ଆମେ ଆହୂତ ହୋଇ ନାହୁଁ । ଖ୍ରୀଷ୍ଟୀୟ ସେବକଙ୍କ ଜୀବନର ରହସ୍ୟ ହେଉଛି, ସବୁ ସମୟରେ ଈଶ୍ୱରଙ୍କ ସହ ସୁସଂପର୍କ ମଧ୍ୟରେ ବାସ କରିବା ।

ଏପ୍ରିଲ ୨୩

# ଆପଣ କ'ଣ କାର୍ଯ୍ୟର ଉପାସକ ?

**କାରଣ ଆମେ ହେଉଛୁ ଈଶ୍ୱରଙ୍କ ସହକର୍ମୀ ।**

**୧ କରିନ୍ଥୀୟ ୩:୯**

ଈଶ୍ୱରଙ୍କ ପାଇଁ କୌଣସି କାର୍ଯ୍ୟ ଯଦି ଈଶ୍ୱରଙ୍କ ପ୍ରତି ଆପଣଙ୍କ ଏକାଗ୍ରତା ଭଂଗ କରେ, ତେବେ ସେଥିପ୍ରତି ସାବଧାନ ହୁଅନ୍ତୁ । ଅନେକ ଖ୍ରୀଷ୍ଟୀୟ ସେବକମାନେ ସେମାନଙ୍କ କାର୍ଯ୍ୟର ଉପାସନା କରନ୍ତି । ଖ୍ରୀଷ୍ଟଙ୍କ ପ୍ରତି ଏକନିଷ୍ଠ ଭାବ ଖ୍ରୀଷ୍ଟୀୟ ସେବକମାନଙ୍କର ଏକମାତ୍ର ମନୋଯୋଗ ହେବା ଆବଶ୍ୟକ । ଏହାର ଅର୍ଥ ମାନସିକ, ନୈତିକ ବା ଆତ୍ମିକ ସ୍ତରରେ, ଜୀବନର ଅନ୍ୟ ସମସ୍ତ ସୀମା ସଂପୂର୍ଣ୍ଣ ମୁକ୍ତ ହୋଇଯାଏ ଏବଂ ଈଶ୍ୱର ତାଙ୍କ ଉପାସନା କରୁଥିବା ସନ୍ତାନକୁ ଏହି ମୁକ୍ତି ପ୍ରଦାନ କରିଛନ୍ତି, ବିପଥଗାମୀ ସନ୍ତାନକୁ ନୁହେଁ । ଯେଉଁ ସେବକ ଈଶ୍ୱରଙ୍କ ପ୍ରତି ଏକାଗ୍ରତା ଏବଂ ଧ୍ୟାନ ଉପରେ ଦୃଢ଼ ନିୟନ୍ତ୍ରଣ ରଖିପାରନ୍ତି ନାହିଁ, ସେ ତାଙ୍କ ନିଜ କାର୍ଯ୍ୟରେ ଚାପର ବଶବର୍ତ୍ତୀ ହୁଅନ୍ତି । ଶରୀର, ମନ ଏବଂ ଆତ୍ମାର ସ୍ୱାଧୀନତା ନ ଥିବା ହେତୁ ସେ ଆପଣା ସୀମାର ଦାସ ହୋଇଯାନ୍ତି । ଫଳ ସ୍ୱରୂପ ସେ କ୍ଳାନ୍ତ ଅବସନ୍ନ ହୁଅନ୍ତି ଏବଂ ହାରିଯା'ନ୍ତି । ଜୀବନରେ କୌଣସି ସ୍ୱାଧୀନତା ଏବଂ ସୁଖଆନନ୍ଦ ନ ଥାଏ । ତାଙ୍କର ଶରୀର ମନ ଏବଂ ହୃଦୟ ଏଭଳି ଭାରଗ୍ରସ୍ତ ହୁଏ ଯେ, ଈଶ୍ୱରଙ୍କ ଆଶୀର୍ବାଦ ତାଙ୍କ ଉପରେ ରହିପାରେ ନାହିଁ ।

କିନ୍ତୁ ଏହାର ବିପରୀତ ଅବସ୍ଥା ମଧ୍ୟ ସେହି ପରିମାଣରେ ସତ – ଥରେ ଯଦି ଈଶ୍ୱରଙ୍କ ପ୍ରତି ଆମର ଏକାଗ୍ରତା ଓ ଧ୍ୟାନ ଦୃଢ଼ୀଭୂତ ହୁଏ, ତେବେ ଆମ ଜୀବନର ସବୁ ସୀମା ମୁକ୍ତ ହୋଇଯାଏ ଏବଂ କେବଳ ଈଶ୍ୱରଙ୍କ ପ୍ରଭୁତ୍ୱ ଏବଂ ନିୟନ୍ତ୍ରଣରେ ରହେ । ଆଉ କାର୍ଯ୍ୟ ପାଇଁ ଆପଣଙ୍କର କୌଣସି ଦାୟିତ୍ୱ ରହେ ନାହିଁ । ଆପଣଙ୍କ ଏକମାତ୍ର ଦାୟିତ୍ୱ ହେଉଛି, ଈଶ୍ୱରଙ୍କ ସଂପର୍କ ମଧ୍ୟରେ ନିରନ୍ତର ବଞ୍ଚି ରହିବେ ଏବଂ ଧ୍ୟାନ ରଖିବେ ଯେପରି କୌଣସି ବିଷୟ ଈଶ୍ୱରଙ୍କ ସହିତ ଆପଣଙ୍କ ସହଯୋଗୀତା ପ୍ରତି ବାଧା ସୃଷ୍ଟି ନ କରେ । ପବିତ୍ରୀକରଣ ପରେ ଯେଉଁ ସ୍ୱାଧୀନତା ଆସେ, ତାହା ଏକ ଶିଶୁର ସ୍ୱାଧୀନତା । ଯେଉଁ ସବୁ ବିଷୟ ଆପଣଙ୍କ ଜୀବନକୁ ବାନ୍ଧି ରଖିଥିଲା, ସେ ସବୁ ଆଉ ନାହିଁ, କିନ୍ତୁ ସତର୍କ ହୋଇ ମନେ ରଖନ୍ତୁ ଯେ, ଆପଣ କେବଳ ଗୋଟିଏ ବିଷୟ ପାଇଁ ସ୍ୱାଧୀନ ହୋଇଛନ୍ତି– ଆପଣ ଆପଣଙ୍କ ସହକର୍ମୀ ଅର୍ଥାତ୍ ଈଶ୍ୱରଙ୍କ ପ୍ରତି ସମର୍ପିତ ରହିବେ ।

ଆମକୁ କେଉଁଠାରେ ରଖାଯିବ, ତାହାର ନିଷ୍ପତ୍ତି ନେବାର ଅଧିକାର ଆମର ନାହିଁ, କିମ୍ବା ଈଶ୍ୱର ଆମକୁ କେଉଁ କାର୍ଯ୍ୟ ପାଇଁ ପ୍ରସ୍ତୁତ କରୁଛନ୍ତି, ସେଥିପାଇଁ ଆମର କୌଣସି ପୂର୍ବ ନିର୍ଦ୍ଧାରିତ ଧାରଣା ରହିବା ଉଚିତ୍ ନୁହେଁ । ଈଶ୍ୱର ଆମର ସବୁ କାର୍ଯ୍ୟର ଉପାୟ ସ୍ଥିର କରନ୍ତି ଏବଂ ସେ ଆମକୁ ଯେଉଁଠାରେ ରଖନ୍ତୁ ନା କାହିଁକି, ଆମର ଚରମ ଲକ୍ଷ୍ୟ ହେବା ଉଚିତ ଯେ, ଆମେ ଈଶ୍ୱରଙ୍କ ପ୍ରତି ଅନୁରକ୍ତ ହୃଦୟରେ ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଜୀବନକୁ ଅଜାଡ଼ି ଦେବା । ''ତୁମର ହାତକୁ ଯେଉଁ କାମ ମିଳୁଛି, ତାହା ସମସ୍ତ ଶକ୍ତି ଦେଇ କର'' (ଉପଦେଶକ ୯:୧୦) ।

ଏପ୍ରିଲ ୨୪

# ଆତ୍ମିକ ସଫଳତା ପ୍ରତି ଲାଳସା ବିରୁଦ୍ଧରେ ଚେତାବନୀ

**କିନ୍ତୁ ଭୂତାତ୍ମାମାନେ ତୁମର ବଶୀଭୂତ ହୁଅନ୍ତି ବୋଲି ଆନନ୍ଦିତ ହୁଅ ନାହିଁ ।**

**ଲୂକ ୧୦:୨୦**

ଖ୍ରୀଷ୍ଟୀୟ କାର୍ଯ୍ୟକାରୀ ହୋଇଥିବାରୁ ଆମ ପାଇଁ ସବୁଠାରୁ ବିପଜ୍ଜନକ ଫାନ୍ଦ ଜାଗତିକତା ନୁହେଁ କି ପାପ ନୁହେଁ । ଆମେ ଯେଉଁ ଫାନ୍ଦରେ ପଡ଼ି ଯାଉ, ତା' ହେଉଛି ଅତ୍ୟଧିକ ଆତ୍ମିକ ସଫଳତା ପ୍ରତି ଲାଳସା, ଅର୍ଥାତ୍ ଯେଉଁ ସଫଳତାକୁ ଆଜି ଆମେ ବାସ କରୁଥିବା ଧାର୍ମିକ ଯୁଗର ନିର୍ଦ୍ଧାରିତ ରୁଚି ଅନୁସାରେ ମାପ କରାଯାଇପାରେ । ଈଶ୍ୱରଙ୍କ ସ୍ୱୀକୃତି ବ୍ୟତୀତ ଆଉ କୌଣସି ବିଷୟର ଅନୁଧାବନ କରନ୍ତୁ ନାହିଁ, ଏବଂ ସବୁବେଳେ ''ସେ ସହ୍ୟ କରିଥିବା ଅପମାନ ସହ ଛାଉଣୀ ବାହାରକୁ ଯିବା ପାଇଁ ପ୍ରସ୍ତୁତ ଥା'ନ୍ତୁ'' (ଏବ୍ରୀ ୧୩:୧୩)। ଲୂକ ୧୦:୨୦ରେ ଯୀଶୁ ଶିଷ୍ୟମାନଙ୍କୁ ସଫଳ ସେବାକାର୍ଯ୍ୟରେ ଆନନ୍ଦିତ ହେବା ପାଇଁ କହି ନ ଥିଲେ, ତଥାପି ଏହି ଗୋଟିଏ ବିଷୟ ପାଇଁ ଆମେ ସମସ୍ତେ ଆନନ୍ଦିତ ହୋଇଥାଉ । ଆମେ ବ୍ୟବସାୟିକ ମନୋଭାବ ପୋଷଣ କରୁ– ଆମେ କେତେ ଆତ୍ମା ଲାଭ କରିଛୁ, ତାହାର ହିସାବ ରଖୁ ଏବଂ ଈଶ୍ୱରଙ୍କୁ ଧନ୍ୟବାଦ ଦେଉ ଏବଂ ତା'ପରେ ସବୁ ଠିକ୍ ଚାଲିଛି ବୋଲି ଆମର ଧାରଣା ହୁଏ । କିନ୍ତୁ ଆମର କାର୍ଯ୍ୟ ସେହିଠାରୁ ଆରମ୍ଭ ହୁଏ, ଯେଉଁଠାରେ ଈଶ୍ୱରଙ୍କ ଅନୁଗ୍ରହର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି । ଆତ୍ମାଗୁଡ଼ିକ ରକ୍ଷା କରିବା ଆମର କାର୍ଯ୍ୟ ନୁହେଁ, କିନ୍ତୁ ସେମାନଙ୍କୁ ଶିଖାଇବା ଆମର ଦାୟିତ୍ୱ । ପରିତ୍ରାଣ ଏବଂ ପବତ୍ରୀକରଣ ଈଶ୍ୱରଙ୍କ ଅନୁଗ୍ରହର କାର୍ଯ୍ୟ ଏବଂ ଈଶ୍ୱରଙ୍କ ଶିଷ୍ୟ ରୂପେ ଆମର କାର୍ଯ୍ୟ ହେଉଛି, ଅନ୍ୟମାନେ ଈଶ୍ୱରଙ୍କଠାରେ ସଂପୂର୍ଣ୍ଣ ସମର୍ପିତ ହେବା ପର୍ଯ୍ୟନ୍ତ ସେମାନଙ୍କୁ ଶିଖାଇବା । ଈଶ୍ୱରଙ୍କ ଆତ୍ମାରେ ଉଜ୍ଜୀବିତ ହୋଇଥିବା ଏକ ଶହ ଜୀବନ ଅପେକ୍ଷା କେବଳ ଗୋଟିଏ ସଂପୂର୍ଣ୍ଣ ସମର୍ପିତ ଜୀବନ ଈଶ୍ୱରଙ୍କ ଦୃଷ୍ଟିରେ ଅତି ମୂଲ୍ୟବାନ । ଈଶ୍ୱରଙ୍କ କାର୍ଯ୍ୟକାରୀ ରୂପେ ଆତ୍ମିକ କ୍ଷେତ୍ରରେ ଆମେ ନିଜର ସନ୍ତାନମାନଙ୍କୁ ଉତ୍ପନ୍ନ କରିବା, ଏବଂ ସେମାନଙ୍କ ଜୀବନ ଈଶ୍ୱରଙ୍କ କାର୍ଯ୍ୟକାରୀମାନଙ୍କ ପାଇଁ ଈଶ୍ୱରଙ୍କ ସାକ୍ଷୀ ହେବ । ଈଶ୍ୱର ତାହାଙ୍କ ଅନୁଗ୍ରହ ଦ୍ୱାରା ଆମମାନଙ୍କୁ ଗୋଟିଏ ସ୍ତରକୁ ନେଇ ଆସନ୍ତି ଏବଂ ଅନ୍ୟମାନଙ୍କ ଜୀବନରେ ସେହି ସ୍ତର ଉତ୍ପନ୍ନ କରିବା ହେଉଛି ଆମର ଦାୟିତ୍ୱ ।

''ତୁମମାନଙ୍କ ଜୀବନ ଈଶ୍ୱରଙ୍କଠାରେ ଖ୍ରୀଷ୍ଟଙ୍କ ସହିତ ଗୁପ୍ତ ଅଛି'' (କଲସୀ ୩:୩) । ଜଣେ କାର୍ଯ୍ୟକାରୀ ଯଦି ଏହି ପ୍ରକାର ଜୀବନ ଯାପନ କରନ୍ତି ନାହିଁ, ତେବେ ଜଣେ ସକ୍ରିୟ ଏବଂ ଶକ୍ତିଯୁକ୍ତ ଶିଷ୍ୟ ହେବା ପରିବର୍ତ୍ତେ ଜଣେ ନିଷ୍ଠୁର ଶାସକ ହୋଇଯାନ୍ତି । ଆମ ମଧ୍ୟରୁ ଅନେକେ ଏକଛତ୍ରବାଦୀ ରୂପେ ବ୍ୟକ୍ତିବିଶେଷ ଏବଂ ଦଳମାନଙ୍କ ଉପରେ ଆମର ଇଚ୍ଛାକୁ ଜାହିର୍ କରୁଛୁ । କିନ୍ତୁ ଯୀଶୁ କେବେହେଁ ଆମ ପ୍ରତି ସେହି ପ୍ରକାର ମନମୁଖୀ ଶାସନ କରନ୍ତି ନାହିଁ । ପ୍ରଭୁ ଯେତେବେଳେ ଶିଷ୍ୟତ୍ୱ ବିଷୟ କହୁଥିଲେ, ସେ ସବୁବେଳେ ତାଙ୍କ କଥା ଆଗରେ ''ଯଦି'' ଶବ୍ଦଟି ବ୍ୟବହାର କରୁଥିଲେ – ''ତୁମମାନଙ୍କୁ ଏହା କରିବାକୁ ହେବ'' ବୋଲି କେବେ ବାଧ୍ୟ କରୁ ନ ଥିଲେ । ଶିଷ୍ୟତ୍ୱ ସହିତ ଗୋଟିଏ ବିକଳ୍ପ ରହିଛି ।

**ଏପ୍ରିଲ ୨୫**

# ଉପଯୁକ୍ତ ସମୟରେ ପ୍ରସ୍ତୁତ ରହିବା

**ସମୟରେ ହେଉ ବା ଅସମୟରେ ହେଉ, ପ୍ରସ୍ତୁତ ଥାଅ ।**

**୨ ତୀମଥି ୪:୨**

ଆମ ମଧ୍ୟରୁ ଅନେକେ ଭାରସାମ୍ୟ ହରାଇ କେବଳ ''ଅସମୟରେ'' ''ପ୍ରସ୍ତୁତ ରହିବା''ର ମନୋଭାବ ପୋଷଣ କରିଥାଉ । ସମୟ ''କାଳ''କୁ ବୁଝାଏ ନାହିଁ, ଆମକୁ ବୁଝାଏ । ଏହି ପଦରେ ଲେଖାଅଛି, ''ଈଶ୍ୱରଙ୍କ ବାକ୍ୟ ପ୍ରଚାର କର, ସମୟରେ ବା ଅସମୟରେ ପ୍ରସ୍ତୁତ ଥାଅ । ଅନ୍ୟ କଥାରେ କହିବାକୁ ହେଲେ, ଆମର ଇଚ୍ଛା ଥାଉ ବା ନ ଥାଉ, ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ । ଆମକୁ ଯେଉଁ କାର୍ଯ୍ୟ କରିବାକୁ ଇଚ୍ଛା ହୁଏ, ଆମେ ଯଦି କେବଳ ତାହା ହିଁ କରୁ, ତେବେ ଆମ ମଧ୍ୟରୁ କିଛି ଲୋକ କିଛି କରିପାରିବେ ନାହିଁ । କେତେକ ଲୋକ ଅଛନ୍ତି, ଯେଉଁମାନେ ଆତ୍ମିକ କ୍ଷେତ୍ରର କାର୍ଯ୍ୟ ପାଇଁ ଯୋଗ୍ୟ ବିବେଚିତ ହୋଇପାରନ୍ତି ନାହିଁ । ଆତ୍ମିକ ରୂପେ ସେମାନେ କ୍ଷୀଣ ଏବଂ ଦୁର୍ବଳ, ଅଲୌକିକ ଶକ୍ତିର ପ୍ରେରଣା ନ ପାଇଲେ ସେମାନେ କୌଣସି କାର୍ଯ୍ୟ କରିବାକୁ ଇଚ୍ଛା କରନ୍ତି ନାହିଁ । ଈଶ୍ୱରଙ୍କ ସହିତ ଆମର ଯଥାର୍ଥ ସଂପର୍କ ଥିବାର ପ୍ରମାଣ ହେଉଛି, ପ୍ରେରଣା ମିଳୁ ବା ନ ମିଳୁ, ଆମେ ଶ୍ରେଷ୍ଠତା ପ୍ରଦର୍ଶନ କରିବା ।

ଜଣେ ଖ୍ରୀଷ୍ଟୀୟ କାର୍ଯ୍ୟକାରୀଙ୍କ ପାଇଁ ସବୁଠାରୁ ବିପଜ୍ଜନକ ଫାନ୍ଦରେ ପଡ଼ିବାର ବିଷୟ ହେଉଛି ତାଙ୍କ ନିଜର ଏକ ପ୍ରେରଣାପୂର୍ଣ୍ଣ ଅସାଧାରଣ ମୁହୂର୍ତ୍ତ ଦ୍ୱାରା ମନକୁ ଆଚ୍ଛନ୍ନ କରିରଖିବା । ଈଶ୍ୱରଙ୍କ ଆତ୍ମା ଆପଣଙ୍କୁ ଯେତେବେଳେ ପ୍ରେରଣା ଏବଂ ଅନ୍ତର୍ଦୃଷ୍ଟି ପ୍ରଦାନ କରନ୍ତି, ଆପଣ କହିବାକୁ ଚାହାନ୍ତି, ''ଏହି ମୁହୂର୍ତ୍ତର ଅନୁଭୂତି ପାଇବା ପରେ ମୁଁ ଈଶ୍ୱରଙ୍କ ପାଇଁ ସବୁବେଳେ ଏହିଭଳି ରହିବି ।'' ନା, ଆପଣ ଏହିଭଳି ରହି ପାରିବେ ନାହିଁ ଏବଂ ନିଶ୍ଚିତ ରୂପେ ଈଶ୍ୱର ଆପଣଙ୍କୁ ସେହିଭଳି ରହିବାକୁ ଦେବେ ନାହିଁ । ସେହିସବୁ ସମୟ ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କ ଆଶୀର୍ବାଦ ଦାନ । ଆପଣ ନିଜ ଇଚ୍ଛାନୁସାରେ ତାକୁ ନିଜକୁ ଦେଇ ପାରିବେ ନାହିଁ । ଆପଣ ଯଦି କହିବେ ଯେ, ସେହି ଅସାଧାରଣ ମୁହୂର୍ତ୍ତରେ ସଂପାଦିତ କରିଥିବା କାର୍ଯ୍ୟ ଭଳି ଆପଣ ଈଶ୍ୱରଙ୍କ ପାଇଁ ଶ୍ରେଷ୍ଠତା ପ୍ରଦର୍ଶନ କରିବେ, ତେବେ ଆପଣ ଈଶ୍ୱରଙ୍କ ପାଇଁ ଏକ ଅସହ୍ୟ ବୋଝ ସ୍ୱରୂପ ହେବେ । ଈଶ୍ୱର ଯଦି ସବୁ ସମୟରେ ଆପଣଙ୍କୁ ତାଙ୍କ ପ୍ରେରଣା ପ୍ରତି ସଚେତନ କରି ନ ରଖନ୍ତି, ତେବେ ଆପଣ କିଛି କରିପାରିବେ ନାହିଁ । ଯଦି ଆପଣ ସର୍ବୋତ୍ତମ ମୁହୂର୍ତ୍ତକୁ ଆପଣଙ୍କ ଦେବତାର ମାନ୍ୟତା ଦିଅନ୍ତି, ତେବେ ଈଶ୍ୱର ଆପଣଙ୍କ ଜୀବନରୁ ଅପସରି ଯିବେ ଏବଂ ଆଉ ଫେରିବେ ନାହିଁ, ଯେପର୍ଯ୍ୟନ୍ତ ଆପଣ ସେହି କାର୍ଯ୍ୟରେ ବିଶ୍ୱସ୍ତ ହୋଇ ନାହାନ୍ତି, ଯେଉଁ କାର୍ଯ୍ୟ ଈଶ୍ୱର ଆପଣଙ୍କର ଅତି ନିକଟରେ ରଖିଛନ୍ତି ଏବଂ ଯେ ପର୍ଯ୍ୟନ୍ତ ଆପଣ ଈଶ୍ୱରଙ୍କ ପ୍ରଦତ୍ତ ସେହି ଅସାଧାରଣ ମୁହୂର୍ତ୍ତ ଦ୍ୱାରା ମନକୁ ଆଚ୍ଛନ୍ନ ନ କରିବା ପାଇଁ ଶିକ୍ଷା ଗ୍ରହଣ କରି ନାହାନ୍ତି ।

## ଏପ୍ରିଲ ୨୬

# ପର୍ବତ ଶିଖରକୁ ଆରୋହଣ

### ତୁମର ପୁତ୍ରକୁ... ମୁଁ ଯେଉଁ ପର୍ବତ ଦେଖାଇବି, ସେହିଠାରେ ତାକୁ ହୋମବଳି ରୂପେ ଉତ୍ସର୍ଗ କର ।

### ଆଦିପୁସ୍ତକ ୨୨:୨

ଜଣେ ବ୍ୟକ୍ତି  ଈଶ୍ୱରଙ୍କ ଇଚ୍ଛାର ଅର୍ଥ କିପରି ନିରୂପଣ କରନ୍ତି, ତାହା ତାଙ୍କ ଚରିତ୍ର ଦ୍ୱାରା ନିର୍ଣ୍ଣୟ କରାଯାଏ (ଗୀତସଂହିତା ୧୮:୨୫-୨୬ ଦେଖନ୍ତୁ) । ଅବ୍ରହାମ ଈଶ୍ୱରଙ୍କ ଆଜ୍ଞାର ଏହି ଅର୍ଥ ନିରୂପଣ କଲେ ଯେ, ତାଙ୍କୁ ତାଙ୍କ ପୁତ୍ରକୁ ବଧ କରିବାକୁ ହେବ ଏବଂ ସେ ଏହି ପାରଂପରିକ ବିଶ୍ୱାସକୁ କେବଳ ଏକ ଭୟଙ୍କର ପରୀକ୍ଷାର ଯନ୍ତ୍ରଣା ଦ୍ୱାରା ଛାଡ଼ି ପାରିଥିଲେ । ଆଉ ଅନ୍ୟ କୌଣସି ଉପାୟରେ ଈଶ୍ୱର ଅବ୍ରହାମଙ୍କ ବିଶ୍ୱାସକୁ ଶୁଦ୍ଧ କରି ନ ଥିଲେ । ଯଦି ଆମେ ଆମର ଅକପଟ ବିଶ୍ୱାସ ଅନୁସାରେ ଈଶ୍ୱରଙ୍କ କଥା ପାଳନ କରୁ, ତେବେ ଈଶ୍ୱର ଆମକୁ ସେହିସବୁ ପାରଂପରିକ ବିଶ୍ୱାସରୁ ପୃଥକ୍ କରିବେ, ଯାହା ଈଶ୍ୱରଙ୍କୁ ଭୁଲ୍ ରୂପେ ଉପସ୍ଥାପିତ କରେ । ଏହିଭଳି ଅନେକ ବିଚାର ଧାରା ଦୂର ହେବା ଆବଶ୍ୟକ - ଉଦାହରଣ ସ୍ୱରୂପ, ଈଶ୍ୱର ପିଲାଟିକୁ ଛଡ଼ାଇ ନିଅନ୍ତି, କାରଣ ତା'ର ମା' ଅତି ମାତ୍ରାରେ ତାକୁ ପ୍ରେମ କରେ । ତାହା ହେଉଛି, ଶୟତାନର ମିଥ୍ୟା ଏବଂ ଈଶ୍ୱରଙ୍କ ପ୍ରକୃତ ସ୍ୱଭାବ ପ୍ରତି ଏକ ପରିହାସ । ଯଦି ଶୟତାନ ଆମକୁ ପର୍ବତ ଶିଖରକୁ ଆରୋହଣ କରିବା ପାଇଁ ଏବଂ ଈଶ୍ୱରଙ୍କ ପ୍ରତି ଆମର ଭୁଲ୍ ଧାରଣା ଦୂର କରିବା ଦିଗରେ ବାଧା ସୃଷ୍ଟି କରେ, ତେବେ ସେ ନିଶ୍ଚୟ ତାହା କରିବ । କିନ୍ତୁ ଯଦି ଆମେ ଈଶ୍ୱରଙ୍କ ପ୍ରତି ସତ୍ୟ ଆଚରଣ କରିବୁ, ତେବେ ଈଶ୍ୱର ଆମକୁ ଏଭଳି ପରୀକ୍ଷା ମଧ୍ୟକୁ ନେବେ, ଯାହା ଈଶ୍ୱରଙ୍କୁ ଅଧିକ ଭଲ ରୂପେ ଜାଣିବା ପାଇଁ ଆମକୁ ସାହାଯ୍ୟ କରିବ ।

ଈଶ୍ୱରଙ୍କ ପ୍ରତି ଅବ୍ରହାମଙ୍କ ବିଶ୍ୱାସରୁ ଶିକ୍ଷା ମିଳେ ଯେ, ସେ ଈଶ୍ୱରଙ୍କ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିଲେ । ତାଙ୍କର ବାଧ୍ୟତା ଫଳରେ କୌଣସି ବିରୋଧାତ୍ମକ ବିଶ୍ୱାସ ଭଂଗ ହେଲେ ସୁଦ୍ଧା ସେ ଈଶ୍ୱରଙ୍କ ପ୍ରତି ବାଧ୍ୟ ଥିଲେ । ଅବ୍ରହାମ ନିଜର ବିଶ୍ୱାସ ପ୍ରତି ସମର୍ପିତ ନ ଥିଲେ, ନଚେତ୍ ସେ ଯିସ୍ହାକଙ୍କୁ ବଳି ଦେଇ କହିଥାନ୍ତେ ଯେ, ସ୍ୱର୍ଗଦୂତଙ୍କ ସ୍ୱର ଶୟତାନର ସ୍ୱର ଥିଲା । ତାହା ଏକ ଧର୍ମାନ୍ଧର ମନୋଭାବ । ଆପଣ ଯଦି ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ହେବେ, ତେବେ ଈଶ୍ୱର ପ୍ରତ୍ୟକ୍ଷ ରୂପେ ପ୍ରତ୍ୟେକ ବାଧାବଂଧନ ମଧ୍ୟରେ ଆପଣଙ୍କୁ କଢ଼ାଇ ନେବେ ଏବଂ ତାଙ୍କ ବିଷୟକ ବୋଧ ଶକ୍ତିର ଭିତର କକ୍ଷକୁ ନେଇଯିବେ । କିନ୍ତୁ ଆପଣଙ୍କୁ ସର୍ବଦା ନିଜର ଧାରଣା ଏବଂ ପାରଂପରିକ ବିଶ୍ୱାସକୁ ତ୍ୟାଗ କରିବାର ସ୍ଥିତିରେ ପହଞ୍ଚିବା ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ । ଆପଣଙ୍କୁ ପରୀକ୍ଷା କରିବା ପାଇଁ ଈଶ୍ୱରଙ୍କୁ କୁହନ୍ତୁ ନାହିଁ । ପିତରଙ୍କ ଭଳି କୁହନ୍ତୁ ନାହିଁ ଯେ ଆପଣ ସବୁ କିଛି କରିବା ପାଇଁ ପ୍ରସ୍ତୁତ ଏପରିକି ''କାରାଗାରକୁ ଯିବାକୁ ଓ ମରିବାକୁ'' ପ୍ରସ୍ତୁତ ଅଛନ୍ତି (ଲୂକ ୨୨:୩୩) । ଅବ୍ରହାମ ଏଭଳି କୌଣସି ମନ୍ତବ୍ୟ ଦେଇ ନ ଥିଲେ - ସେ କେବଳ ଈଶ୍ୱରଙ୍କ ବାଧ୍ୟ ଥିଲେ ଏବଂ ଈଶ୍ୱର ତାଙ୍କ ବିଶ୍ୱାସକୁ ଶୁଦ୍ଧ କଲେ ।

# ଆପଣ କ'ଣ ଚାହାନ୍ତି ?

## ତୁମେ କ'ଣ ନିଜ ପାଇଁ ମହତ୍ ବିଷୟମାନ ଆକାଂକ୍ଷା କରୁଛ ?

## ଯିରିମିୟ ୪୫:୫

ଆପଣ କ'ଣ ଜଣେ ମହାନ୍ ବ୍ୟକ୍ତି ହେବା ପରିବର୍ତ୍ତେ ମହତ୍ ବିଷୟମାନ ଖୋଜୁଛନ୍ତି ? କେବଳ ଈଶ୍ୱରଙ୍କ ଆଶୀର୍ବାଦ ଦାନ ପାଇବା ଅପେକ୍ଷା ଈଶ୍ୱର ଆପଣଙ୍କୁ ତାଙ୍କର ଘନିଷ୍ଠ ସଂପର୍କ ମଧ୍ୟରେ ରଖିବାକୁ ଇଚ୍ଛା କରନ୍ତି – ସେ ଚାହାନ୍ତି ଆପଣ ଯେପରି ତାଙ୍କୁ ଆହୁରି ଭଲ ରୂପେ ଜାଣିବେ । ଏପରିକି ଆମର ବଡ଼ ବଡ଼ ଆବଶ୍ୟକତା ସବୁ ସାମୟିକ, ତାହା ଆସେ ଏବଂ ଯାଏ । କିନ୍ତୁ ଈଶ୍ୱର ଆମକୁ କେବେ ସାମୟିକ ବସ୍ତୁ ଦିଅନ୍ତି ନାହିଁ । ଈଶ୍ୱରଙ୍କ ସହ ଯଥାର୍ଥ ସଂପର୍କ ସ୍ଥାପନ କରିବା ଅପେକ୍ଷା ଆଉ କୌଣସି ବିଷୟ ଏତେ ସହଜ ନୁହେଁ, ନଚେତ୍ ଆପଣ ଈଶ୍ୱରଙ୍କୁ ନ ଖୋଜି ସେ ଆପଣଙ୍କୁ କ'ଣ ଦେବେ, ତାହାକୁ ଖୋଜିବେ ।

ଯଦି ଆପଣ ଏ ପର୍ଯ୍ୟନ୍ତ କେବଳ ଈଶ୍ୱରଙ୍କ ନିକଟରେ ମାଗି ଆସିଛନ୍ତି, ତେବେ ପ୍ରକୃତ ସମର୍ପଣ ବିଷୟରେ ଆପଣଙ୍କ ସାମାନ୍ୟ ଧାରଣା ଜନ୍ମି ନାହିଁ । ଆପଣ ନିଜ ସର୍ତ୍ତକୁ ଆଧାର କରି ଖ୍ରୀଷ୍ଟିୟାନ ହୋଇଛନ୍ତି । ଆପଣ ପ୍ରତିବାଦ ଛଳରେ କହନ୍ତି, ''ମୁଁ ଈଶ୍ୱରଙ୍କ ନିକଟରେ ପବିତ୍ର ଆତ୍ମାଙ୍କୁ ମାଗିଥିଲି, କିନ୍ତୁ ସେ ମୋତେ ମୋର ପ୍ରତୀକ୍ଷିତ ବିଶ୍ରାମ ଓ ଶାନ୍ତି ଦେଲେ ନାହିଁ ।'' ଅବିଳମ୍ବେ ଈଶ୍ୱର ତା'ର କାରଣ ଦର୍ଶାଇ କହନ୍ତି– ତୁମେ ଆଦୌ ପ୍ରଭୁଙ୍କ ଅନ୍ୱେଷଣ କରୁ ନାହଁ, ତୁମେ ନିଜ ପାଇଁ କିଛି ଖୋଜୁଛ । ଯୀଶୁ କହିଲେ, ''ମାଗ, ଦିଆଯିବ'' (ମାଥିଉ ୭:୭) । ଆପଣ ଯାହା ଚାହାନ୍ତି, ଈଶ୍ୱରଙ୍କୁ ତାହା ମାଗନ୍ତୁ, କିନ୍ତୁ ଭୁଲ୍ ବିଷୟ ମାଗନ୍ତୁ ନାହିଁ, କାରଣ ଆପଣ ଯେତିକି ତାଙ୍କର ନିକଟତର ହେବେ ଆପଣ ମାଗିବା ବନ୍ଦ କରିଦେବେ । ''କାରଣ ତୁମେ ମାଗିବା ପୂର୍ବରୁ ତୁମର କ'ଣ ପ୍ରୟୋଜନ, ତାହା ତୁମର ପିତା ଈଶ୍ୱର ଜାଣନ୍ତି'' (ମାଥିଉ ୬:୮) । ତା'ହେଲେ ଆପଣ କାହିଁକି ମାଗିବେ ? ଏହି କାରଣରୁ, ଯେପରି ଆପଣ ତାଙ୍କୁ ଜାଣିପାରିବେ ।

ଆପଣ କ'ଣ ନିଜ ପାଇଁ ମହତ୍ ବିଷୟମାନ ଅପେକ୍ଷା କରୁଛନ୍ତି ? ଆପଣ କ'ଣ କହିଛନ୍ତି, ''ହେ ପ୍ରଭୁ, ମୋତେ ଆପଣଙ୍କ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ କରନ୍ତୁ ?'' ଯଦି ଈଶ୍ୱର ତାହା କରି ନାହାନ୍ତି, ତାହାର କାରଣ ହେଉଛି, ଆପଣ ତାଙ୍କଠାରେ ସଂପୂର୍ଣ୍ଣ ସମର୍ପିତ ହୋଇ ନାହାନ୍ତି । କିଛି ବିଷୟ ଅଛି, ଯାହା ସମର୍ପଣ କରିବା ପାଇଁ ଆପଣ ଅନିଚ୍ଛା ପ୍ରକାଶ କରିଛନ୍ତି । ଆପଣ ଈଶ୍ୱରଙ୍କଠାରୁ କ'ଣ ଅପେକ୍ଷା କରନ୍ତି ଏବଂ କାହିଁକି ଅପେକ୍ଷା କରନ୍ତି, ଏ ସଂପର୍କରେ ନିଜକୁ ପଚାରିବା ପାଇଁ କ'ଣ ପ୍ରସ୍ତୁତ ଅଛନ୍ତି ? ଈଶ୍ୱର ସବୁବେଳେ ଆପଣଙ୍କ ଭବିଷ୍ୟତର ଅନ୍ତିମ ସିଦ୍ଧତାକୁ ଦୃଷ୍ଟି ଆଗରେ ରଖି ଆପଣଙ୍କ ବର୍ତ୍ତମାନର ସିଦ୍ଧତାର ସ୍ତରକୁ ଉପେକ୍ଷା କରନ୍ତି । ବର୍ତ୍ତମାନ ଆପଣଙ୍କୁ ସୁଖୀ ଏବଂ ଆଶୀର୍ବାଦଯୁକ୍ତ କରିବା ପାଇଁ ସେ ମନୋଯୋଗୀ ନୁହନ୍ତି, କିନ୍ତୁ ସେ ନିରବଚ୍ଛିନ୍ନ ଭାବେ ଆପଣଙ୍କ ଅନ୍ତିମ ସିଦ୍ଧତାର କାର୍ଯ୍ୟ କରୁଛନ୍ତି, ''ଯଦ୍ଦ୍ୱାରା ଆମେ ଯେପରି ଏକ, ସେମାନେ ସେହିପରି ଏକ ହେବେ'' (ଯୋହନ ୧୭:୨୨) ।

## ଏପ୍ରିଲ ୨୮

# ଆପଣ କ'ଣ ପାଇବେ ?

**ତୁମେ ଯେଉଁ ଯେଉଁ ସ୍ଥାନକୁ ଯାଉଛ,**
**ସେ ସବୁ ସ୍ଥାନରେ ଆମ୍ଭେ ତୁମର ପ୍ରାଣ ତୁମକୁ ଦେବା ।**
**ଯିରିମିୟ ୪୫:୫**

ପ୍ରଭୁଙ୍କ ବିଶ୍ୱାସୀମାନଙ୍କ ପ୍ରତି ତାଙ୍କର ଅଟଳ ଏବଂ ଦୃଢ଼ ରହସ୍ୟ ହେଉଛି, ''ମୁଁ ତୁମର ପ୍ରାଣ ତୁମକୁ ଦେବି ।'' ଜଣେ ବ୍ୟକ୍ତି ନିଜର ପ୍ରାଣଠାରୁ ବଳି ଆଉ ଅଧିକ କ'ଣ ଚାହେଁ ? ଏହା ସବୁଠାରୁ ଅଧିକ ଆବଶ୍ୟକୀୟ ବିଷୟ... ଆପଣଙ୍କ ଜୀବନ । ଏହାର ଅର୍ଥ, ଯେଉଁଠାକୁ ଏପରିକି ନରକକୁ ଗଲେ ସୁଦ୍ଧା, ଆପଣ ନିଜ ପ୍ରାଣକୁ ବଞ୍ଚାଇବେ ଏବଂ କେହି ତାହାର ଅନିଷ୍ଟ କରିବେ ନାହିଁ । ଆମ ମଧ୍ୟରୁ ଅନେକେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆମର ବିଭିନ୍ନ ବସ୍ତୁ ପ୍ରଦର୍ଶନ କରୁ, ସଂପତ୍ତି ବାଡ଼ି ଏବଂ ଧନସଂପଦ ନୁହେଁ, ମାତ୍ର ଆମର ଆଶୀର୍ବାଦକୁ । ଗର୍ବର ସହିତ ଆମେ ପ୍ରଦର୍ଶନ କରିଥିବା ଏ ସମସ୍ତ ବସ୍ତୁ କ୍ଷୟପ୍ରାପ୍ତ ହେବ । କିନ୍ତୁ ଏହାଠାରୁ ବଳି ଆଉ ଗୋଟିଏ ମହାନ୍ ବିଷୟ ଅଛି, ଯାହା କ୍ଷୟ ପାଏ ନାହିଁ– ''ଈଶ୍ୱରଙ୍କଠାରେ ଖ୍ରୀଷ୍ଟଙ୍କ ସହ ଗୁପ୍ତ ଜୀବନ'' (କଲସୀୟ ୩:୩) ।

ଆପଣଙ୍କ ଦୃଷ୍ଟିରେ ଯେଉଁ ବିଷୟ ଜୀବନରେ ମହତ୍ତ୍ୱପୂର୍ଣ୍ଣ, ତାହାକୁ ଛାଡ଼ି ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କ ସହିତ ଏକତା ସ୍ଥାପନ ପାଇଁ ଈଶ୍ୱରଙ୍କୁ ଅନୁମତି ଦେବା ପାଇଁ ଆପଣ କ'ଣ ପ୍ରସ୍ତୁତ ଅଛନ୍ତି ? ଏ ସମସ୍ତ ବିଷୟକୁ ଛାଡ଼ି ଆପଣ କ'ଣ ସଂପୂର୍ଣ୍ଣ ସମର୍ପଣ ପାଇଁ ପ୍ରସ୍ତୁତ ହୋଇଛନ୍ତି ? ତ୍ୟାଗ ବା ସମର୍ପଣର ପ୍ରକୃତ ପରୀକ୍ଷା ହେଉଛି, ଏହି କଥା କହିବା ପାଇଁ ଅନିଚ୍ଛା ପ୍ରକାଶ କରିବା ଯେ, ଏ ବିଷୟର କ'ଣ ହେବ ? ଆପଣଙ୍କ ବିଚାରଧାରା ଏବଂ ଅନୁମାନ ପ୍ରତି ସତର୍କ ଥାଆନ୍ତୁ । ଯେଉଁ ମୁହୂର୍ତ୍ତରେ ଆପଣ ଭାବନ୍ତି, ''ଏ କଥା କ'ଣ ହେବ ?'' ଆପଣ ପ୍ରମାଣ କରନ୍ତି ଯେ, ଆପଣ ସମର୍ପିତ ନୁହନ୍ତି ଏବଂ ପ୍ରକୃତରେ ଈଶ୍ୱରଙ୍କ ଉପରେ ଆପଣଙ୍କର ଭରସା ନାହିଁ । କିନ୍ତୁ ଥରେ ଈଶ୍ୱରଙ୍କଠାରେ ସମର୍ପିତ ହେଲେ ଆପଣ ଆଉ ଭାବିବେ ନାହିଁ ଯେ, ଈଶ୍ୱର କ'ଣ କରିବା ପାଇଁ ଯାଉଛନ୍ତି । ତ୍ୟାଗର ଅର୍ଥ ଏହି ଯେ, ଆପଣ ନିଜକୁ ନିଜେ ପ୍ରଶ୍ନ କରିବାର ସୁଖ ପ୍ରତି ଅନିଚ୍ଛା ପ୍ରକାଶ କରିବା । ଯଦି ଆପଣ ନିଜକୁ ଈଶ୍ୱରଙ୍କଠାରେ ପୂର୍ଣ୍ଣ ରୂପେ ସମର୍ପଣ କରନ୍ତି, ସେ ଅବିଳମ୍ବେ ଆପଣଙ୍କୁ କହିବେ, ''ମୁଁ ତୁମର ପ୍ରାଣ ତୁମକୁ ଦେବି'' । ଲୋକମାନେ ଜୀବନରେ କ୍ଳାନ୍ତ ହେବାର କାରଣ ହେଉଛି, ଈଶ୍ୱର ସେମାନଙ୍କୁ କିଛି ଦେଇନାହାନ୍ତି – ସେମାନଙ୍କର ଜୀବନ ସେମାନଙ୍କୁ ଦିଆଯାଇ ନାହିଁ । ସେହି ଅବସ୍ଥାରୁ ରକ୍ଷା ପାଇବାର ଉପାୟ ହେଉଛି, ଈଶ୍ୱରଙ୍କ ପ୍ରତି ଆତ୍ମ ସମର୍ପଣ । ଥରେ ମାତ୍ର ଈଶ୍ୱରଙ୍କ ନିକଟରେ ସଂପୂର୍ଣ୍ଣ ରୂପେ ସମର୍ପିତ ହେବା ଦ୍ୱାରା ଆପଣ ପୃଥିବୀର ସବୁଠାରୁ ଅଧିକ ଆଶ୍ଚର୍ଯ୍ୟାନ୍ୱିତ ଏବଂ ଆନନ୍ଦପ୍ରାପ୍ତ ବ୍ୟକ୍ତି ହେବେ । ଆପଣ ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କର ହୋଇଛନ୍ତି ଏବଂ ସେ ଆପଣଙ୍କ ଜୀବନ ଆପଣଙ୍କୁ ଦେଇ ସାରିଛନ୍ତି । ଯଦି ଆପଣ ସେହି ସ୍ଥାନରେ ନାହାଁନ୍ତି, ତେବେ ତାହାର କାରଣ ହେଉଛି, ଅନାଜ୍ଞାବହତା କିମ୍ବା ସରଳ ହେବା ପାଇଁ ଆପଣଙ୍କ ଅନିଚ୍ଛା ଭାବ ।

## ଏପ୍ରିଲ ୨୯

# ଦୟାଳୁ ଅନିଶ୍ଚିତତା

### ଆମେ... ପରେ କ'ଣ ହେବୁ, ତାହା ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନାହିଁ ।
### ୧ ଯୋହନ ୩:୨

ସ୍ୱାଭାବିକ ରୂପେ ସୁସ୍ପଷ୍ଟ ହେବା ପାଇଁ ଆମେ ପ୍ରବଳ ଆଗ୍ରହ ପ୍ରକାଶ କରିଥାଉ – ସବୁବେଳେ ଆଗାମୀ ବିଷୟର ସଠିକ୍ ପୂର୍ବଧାରଣା କରିବା ପାଇଁ ଆମେ ଏତେ ପ୍ରୟାସ କରୁ ଯେ, ଅନିଶ୍ଚିତତାକୁ ଆମେ ଏକ ମନ୍ଦ ବିଷୟ ବୋଲି ଭାବିଥାଉ । ଆମେ ଭାବୁ ଯେ, ଆମକୁ କୌଣସି ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେବ, କିନ୍ତୁ ଏହା ଆତ୍ମିକ ଜୀବନର ସ୍ୱଭାବ ନୁହେଁ । ଆତ୍ମିକ ଜୀବନର ସ୍ୱଭାବ ହେଉଛି ଯେ, ଆମେ ଅନିଶ୍ଚିତତା ମଧ୍ୟରେ ନିଶ୍ଚିତ ଅଛୁ । ସେଥିପାଇଁ ଆମେ ଗୋଟିଏ ସ୍ଥାନରେ ଚେରକୁ ମାଡ଼ିବାକୁ ଦେଇ ନ ଥାଉ ।

ନିଶ୍ଚିତତା ବ୍ୟାବହାରିକ ଜ୍ଞାନ ସମ୍ବଳିତ ଜୀବନର ଚିହ୍ନ – ଦୟାଳୁ ଅନିଶ୍ଚିତତା ହେଉଛି, ଆତ୍ମିକ ଜୀବନର ଚିହ୍ନ । ଈଶ୍ୱରଙ୍କ ବିଷୟରେ ନିଶ୍ଚିତ ହେବାର ଅର୍ଥ ହେଉଛି ଯେ, ଆମେ ଆମର ଅନ୍ୟ ସମସ୍ତ ବିଷୟରେ ଅନିଶ୍ଚିତ, ଏପରିକି ଆସନ୍ତାକାଲି କ'ଣ ଘଟିବ, ଆମେ ତାହା ଜାଣି ନାହୁଁ । ସାଧାରଣତଃ ଦୁଃଖପ୍ରକାଶ କରି ଏହି କଥା କୁହାଯାଏ, କିନ୍ତୁ ଏହା ଏକ ଉତ୍ତେଜନା ପୂର୍ଣ୍ଣ ଏବଂ ପ୍ରତ୍ୟାଶାଯୁକ୍ତ ଭାବୋଚ୍ଛ୍ୱାସ ହେବା ଆବଶ୍ୟକ । ଆମେ ଆଗାମୀ ପଦକ୍ଷେପ ବିଷୟରେ ଅନିଶ୍ଚିତ, କିନ୍ତୁ ଈଶ୍ୱରଙ୍କ ବିଷୟରେ ନିଶ୍ଚିତ । ଯେଉଁ ମୁହୂର୍ତ୍ତରେ ଈଶ୍ୱରଙ୍କ ପ୍ରତି ସମର୍ପଣ ପୂର୍ବକ ଆମେ ଈଶ୍ୱରଙ୍କ ପ୍ରଦତ୍ତ କାର୍ଯ୍ୟ ଆରମ୍ଭ କରୁ, ସେ ଆମ ଜୀବନକୁ ବିସ୍ମୟରେ ଭରି ଦେବାର ପ୍ରକ୍ରିୟା ଆରମ୍ଭ କରନ୍ତି । ଯେତେବେଳେ ଆମେ ଏକ ନିର୍ଦ୍ଦିଷ୍ଟ ଧାରଣାର ବୃଦ୍ଧି ସାଧନକାରୀ କିମ୍ବା ତାହାର ସମର୍ଥନକାରୀ ହୋଇଯାଉ, ସେତେବେଳେ ଆମ ମଧ୍ୟରେ କିଛି ବିଷୟ ମରିଯାଏ । ତାହା ଈଶ୍ୱରଙ୍କ ପ୍ରତି ବିଶ୍ୱାସ ନୁହେଁ – ଏହା କେବଳ ଈଶ୍ୱରଙ୍କ ସଂପର୍କରେ ଆମର ଧାରଣା ପ୍ରତି ଆମର ବିଶ୍ୱାସ । ଯୀଶୁ କହିଲେ, ''ତୁମେମାନେ ସାନ ଶିଶୁ ପରି ନ ହେଲେ...'' (ମାଥିଉ ୧୮:୩) । ଆତ୍ମିକ ଜୀବନ ହେଉଛି, ଏକ ଶିଶୁର ଜୀବନ । ଆମେ ଈଶ୍ୱରଙ୍କ ବିଷୟରେ ଅନିଶ୍ଚିତ ନୋହୁଁ, ତାଙ୍କର ପରବର୍ତ୍ତୀ କାର୍ଯ୍ୟ ବିଷୟରେ ଅନିଶ୍ଚିତ । ଯଦି ଆମର ନିଶ୍ଚିତତା କେବଳ ଆମର ଧାରଣା ମଧ୍ୟରେ ଅଛି, ତେବେ ଆମେ ଆତ୍ମ–ଧାର୍ମିକତା ମନୋଭାବ ପୋଷଣ କରି ଅନ୍ୟମାନଙ୍କ ସମାଲୋଚକ ହୋଇଥାଉ ଏବଂ ଆମର ଧାରଣା ଯେ ସଂପୂର୍ଣ୍ଣ ଏବଂ ସ୍ଥିର, ଏହି ଦୃଷ୍ଟିକୋଣ ମଧ୍ୟରେ ସୀମିତ ହୋଇଯାଉ । କିନ୍ତୁ ଈଶ୍ୱରଙ୍କ ସହ ଯଥାର୍ଥ ସଂପର୍କ ସ୍ଥାପନ ଦ୍ୱାରା ଆମ ଜୀବନ ସ୍ୱତଃସ୍ଫୁର୍ତ୍ତ ଆନନ୍ଦପୂର୍ଣ୍ଣ ପ୍ରତ୍ୟାଶାରେ ଭରିଯାଏ । ଯୀଶୁ କହିଲେ, ''ମୋଠାରେ ମଧ୍ୟ ବିଶ୍ୱାସ କର'' (ଯୋହନ ୧୪:୧) । ସେ କହି ନ ଥିଲେ ଯେ, ''ମୋ ବିଷୟକ କିଛି କଥାରେ ବିଶ୍ୱାସ କର ।'' ସବୁ କିଛି ଈଶ୍ୱରଙ୍କ ଉପରେ ଛାଡ଼ି ଦିଅନ୍ତୁ ଏବଂ ସେ କିପରି କାର୍ଯ୍ୟ କରିବେ ତାହା ଏକ ଗୌରବଯୁକ୍ତ ଅନିଶ୍ଚିତତା ହେବ – କିନ୍ତୁ ଏହା ନିଶ୍ଚିତ ଯେ, ସେ କାର୍ଯ୍ୟ କରିବେ । ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ଥା'ନ୍ତୁ ।

# ସ୍ୱତଃସ୍ଫୁର୍ତ୍ତ ପ୍ରେମ

**ପ୍ରେମ ଦୀର୍ଘସହିଷ୍ଣୁ, ପ୍ରେମ ଦୟାଳୁ ।**

**୧ କରିନ୍ଥୀୟ ୧୩:୪**

ଭାବିଚିନ୍ତି ପ୍ରେମ କରି ହୁଏ ନାହିଁ – ଏହା ସ୍ୱତଃସ୍ଫୁର୍ତ୍ତ, ଅର୍ଥାତ୍ ଅସାଧାରଣ ଉପାୟରେ ଏହା ଉଚ୍ଛୁଳି ଉଠେ । ପାଉଲଙ୍କର ପ୍ରେମ ସମ୍ବନ୍ଧିତ ବର୍ଣ୍ଣନାରେ କୌଣସି ସୁସ୍ପଷ୍ଟ ନିଶ୍ଚିତତାର ବିଷୟ ପରିଲକ୍ଷିତ ହୁଏ ନାହିଁ । ଆମେ ଆମର ବିଚାରଧାରା ଏବଂ କାର୍ଯ୍ୟ ସଂପର୍କିତ ପୂର୍ବଧାରଣାକୁ ଆଧାର କରି କହିପାରିବା ନାହିଁ, ‘‘ମୁଁ ଆଉ କୌଣସି ମନ୍ଦ ଚିନ୍ତା କରିବି ନାହିଁ ଏବଂ ଯୀଶୁଙ୍କ ଦୃଷ୍ଟିରେ ଯାହା ବିଶ୍ୱାସଯୋଗ୍ୟ, ମୁଁ କେବଳ ତାହାକୁ ବିଶ୍ୱାସ କରିବି ।’’ ନା, ପ୍ରେମର ବିଶେଷତ୍ୱ ହେଉଛି, ଏହା ଅନାୟାସରେ ଉପଲବ୍ଧ ହୁଏ । ଆମେ ଯୀଶୁଙ୍କ କଥାକୁ ଉଦ୍ଦେଶ୍ୟମୂଳକ ରୂପେ ଆମ ଜୀବନର ମାନଦଣ୍ଡ ରୂପେ ଗ୍ରହଣ କରିପାରିବା ନାହିଁ, କିନ୍ତୁ ପବିତ୍ରଆତ୍ମା ଯେତେବେଳେ ତାଙ୍କ ଇଚ୍ଛାନୁସାରେ ଆମ ଜୀବନକୁ ଚାଳିତ କରନ୍ତି, ଆମେ ନ ଜାଣି ସୁଦ୍ଧା ତାଙ୍କର ମାନଦଣ୍ଡ ଅନୁସାରେ ଜୀବନ ଯାପନ କରୁ । ଯେତେବେଳେ ଆମେ ପଛକୁ ଫେରି ଅନାଉ, ଆମେ ଆଶ୍ଚର୍ଯ୍ୟ ହେଉ ଯେ, ଆମେ ଆମର ଭାବନା ପ୍ରତି କେତେ ନିଶ୍ଚିନ୍ତ ଥିଲୁ, ଯାହା ପ୍ରମାଣ କରେ ଯେ, ଆମ ମଧ୍ୟରେ ପ୍ରକୃତ ସ୍ୱତଃସ୍ଫୁର୍ତ୍ତ ପ୍ରେମ ଥିଲା । ଆମ ମଧ୍ୟରେ ଈଶ୍ୱରଙ୍କ ସ୍ୱଭାବ ବିଶିଷ୍ଟ ଗୁଣ ସବୁ ସେହି ସମୟରେ ଚିହ୍ନିତ ହୁଏ, ଯେତେବେଳେ ଆମେ ସେହି ଅବସ୍ଥାକୁ ଅତିକ୍ରମ କରି ଆସିଥାଉ ଏବଂ ତାହା ହେଉଛି ଆମର ଅତୀତ ।

ପ୍ରେମର ନିର୍ଝର ଈଶ୍ୱରଙ୍କଠାରେ ଅଛି, ଆମ ମଧ୍ୟରେ ନାହିଁ । ଆମ ମଧ୍ୟରେ ଈଶ୍ୱରଙ୍କ ପ୍ରେମ ଯେ ସ୍ୱାଭାବିକ ରୂପେ ଅଛି, ଆମର ଏହି ଧାରଣା ଏକ ଉଦ୍ଭଟ ଚିନ୍ତା । ଈଶ୍ୱରଙ୍କ ପ୍ରେମ କେବଳ ଏଥିପାଇଁ ଅଛି ‘‘କାରଣ... ପବିତ୍ର ଆତ୍ମାଙ୍କ ଦ୍ୱାରା ଈଶ୍ୱର ଆମ ହୃଦୟ ତାହାଙ୍କ ପ୍ରେମରେ ଭରି ଦେଇଛନ୍ତି’’ (ରୋମୀୟ ୫:୫) ।

ଆମେ ଈଶ୍ୱରଙ୍କୁ କେଉଁ ପରିମାଣରେ ପ୍ରେମ କରୁଛୁ, ଯଦି ଈଶ୍ୱରଙ୍କ ନିକଟରେ ତାହା ପ୍ରମାଣ କରିବା ପାଇଁ ଚେଷ୍ଟା କରୁ, ତେବେ ଏହା ନିଶ୍ଚିତ ଚିହ୍ନ ଯେ, ଆମେ ଈଶ୍ୱରଙ୍କୁ ପ୍ରକୃତରେ ପ୍ରେମ କରୁ ନାହୁଁ । ଈଶ୍ୱରଙ୍କ ପ୍ରତି ଆମ ପ୍ରେମର ପ୍ରମାଣ ହେଉଛି, ଆମର ସ୍ୱତସ୍ଫୁର୍ତ୍ତ ପ୍ରେମ, ଯାହା ସ୍ୱାଭାବିକ ରୂପେ ଆମ ମଧ୍ୟରେ ତାହାଙ୍କ ସ୍ୱଭାବରୁ ନିର୍ଗତ ହୁଏ । ଆମେ ଯେତେବେଳେ ଫେରି ଚାହୁଁ, ଆମେ ସିଦ୍ଧାନ୍ତ ନେଇ ପାରି ନ ଥାଉ ଯେ, ଆମକୁ କାହିଁକି ଏପରି କାର୍ଯ୍ୟ କରିବାକୁ ପଡ଼ିଲା, କିନ୍ତୁ ଆମେ ଜାଣିପାରୁ ଯେ, ଆମ ମଧ୍ୟରେ ଈଶ୍ୱରଙ୍କ ପ୍ରେମର ସ୍ୱତସ୍ଫୁର୍ତ୍ତ ଗୁଣ ହେତୁ ଆମେ ସେହି କାର୍ଯ୍ୟ କଲୁ । ଈଶ୍ୱରଙ୍କ ଜୀବନ ସ୍ୱତଃସ୍ଫୁର୍ତ୍ତ ରୂପେ ଆପଣାକୁ ପ୍ରଦର୍ଶିତ କରେ କାରଣ ତାଙ୍କର ପ୍ରେମର ନିର୍ଝର ପବିତ୍ର ଆତ୍ମାଙ୍କଠାରେ ଅଛି ।

ମେ ୧

# ଭାବପ୍ରବଣତା ନୁହେଁ – ବିଶ୍ୱାସ

### ଆମେ ଦୃଶ୍ୟ ବିଷୟ ଦ୍ୱାରା ଜୀବନ ଯାପନ ନ କରି ବିଶ୍ୱାସ ଦ୍ୱାରା ଜୀବନ ଯାପନ କରୁଛୁ ।

### ୨ କରିନ୍ଥ 1ୟ ୫:୭

କିଛି ସମୟ ପାଇଁ ଆମ ପ୍ରତି ଈଶ୍ୱରଙ୍କ ମନୋଯୋଗ ବିଷୟରେ ଆମେ ସଂପୂର୍ଣ୍ଣ ଅବଗତ ହୋଇଥାଉ । କିନ୍ତୁ ଯେତେବେଳେ ଈଶ୍ୱର ଆମକୁ ତାଙ୍କ କାର୍ଯ୍ୟରେ ବ୍ୟବହାର କରିବାକୁ ଆରମ୍ଭ କରନ୍ତି, ଆମେ ସଦୟ ଦୃଷ୍ଟିରେ କେବଳ ଆମର ପରୀକ୍ଷା ଏବଂ ଅସୁବିଧା ବିଷୟ ଆଲୋଚନା କରୁ । କିନ୍ତୁ ଈଶ୍ୱରଙ୍କ ପ୍ରଚେଷ୍ଟା ହେଉଛି, ଆମେ ଯେପରି ଲୋକ ଲୋଚନର ଅନ୍ତରାଳରେ କାର୍ଯ୍ୟ କରିବୁ ଏବଂ ସୁଖ୍ୟାତିର ଆଲୋକ ମଧ୍ୟକୁ ଆସିବୁ ନାହିଁ । ଆମ ମଧ୍ୟରୁ କେହି ଆତ୍ମିକ ରୂପେ ଲୁଚି ରହି ପାରିବା ନାହିଁ, ଯଦି ତାହା ଆମ ନିୟନ୍ତ୍ରଣରେ ଥାଆନ୍ତା । ଯେତେବେଳେ ମନେହୁଏ ଯେ, ଈଶ୍ୱର ସ୍ୱର୍ଗକୁ ରୁଦ୍ଧ କରିଛନ୍ତି, ସେତେବେଳେ ଆମେ କ'ଣ ଆମର କାର୍ଯ୍ୟ କରିପାରିବା ? ଆମ ମଧ୍ୟରୁ କିଛି ଲୋକମାନେ ସ୍ୱର୍ଣ୍ଣିମ ଜ୍ୟୋତିର୍ବଳୟର ପ୍ରକାଶ ମଧ୍ୟରେ ପ୍ରେରଣାର ଉଦ୍ଭାସିତ ଆଲୋକରେ ଜ୍ୟୋତିର୍ମୟ ସାଧୁ ପୁରୁଷ ହେବା ପାଇଁ ଇଚ୍ଛା ପ୍ରକଟ କରନ୍ତି ଏବଂ ସବୁ ସମୟ ପାଇଁ ଈଶ୍ୱରଙ୍କ ଅନ୍ୟ ସାଧୁମାନଙ୍କ ସହିତ ସଂପର୍କ ରଖିବାକୁ ଇଚ୍ଛା କରନ୍ତି । ଜଣେ ଆତ୍ମ ବିଶ୍ୱାସୀ ପବିତ୍ର ବ୍ୟକ୍ତିଙ୍କର ଈଶ୍ୱରଙ୍କ ଦୃଷ୍ଟିରେ କୌଣସି ମୂଲ୍ୟ ନାହିଁ । ସେ ଅସ୍ୱାଭାବିକ, ଦୈନନ୍ଦିନ ଜୀବନ ଧାରଣ ପାଇଁ ଅଯୋଗ୍ୟ ଏବଂ ଈଶ୍ୱରଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ । ଆମେ ଏଠାରେ ଅନଭିଜ୍ଞ ସ୍ୱର୍ଗଦୂତଙ୍କ ଭଳି ନୁହେଁ, ମାତ୍ର ପୁରୁଷ ବା ସ୍ତ୍ରୀ ରୂପେ ଆମର କାର୍ଯ୍ୟ ସଂପାଦନ କରିବାକୁ ଏହି ଜଗତରେ ଅଛୁ । ଏହି କାର୍ଯ୍ୟରେ ଆମକୁ ଅଧିକ ସାମର୍ଥ୍ୟ ସହ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ିବ, କାରଣ ଆମର ଜନ୍ମ ଉର୍ଦ୍ଧ୍ୱରୁ ହୋଇଛି ।

ଯଦି ଆମେ ନିରବଚ୍ଛିନ୍ନ ଭାବେ ସେହି ପ୍ରେରଣାପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକୁ ଫେରାଇ ଆଣିବାର ପ୍ରୟାସ କରୁ, ତେବେ ସେଥିରୁ ପ୍ରମାଣିତ ହୁଏ ଯେ, ପ୍ରକୃତରେ ଆମେ ଯାହା ଚାହୁଁଛୁ, ସେ ଈଶ୍ୱର ନୁହନ୍ତି । ମନର ସମସ୍ତ ଆବେଗ ଉଚ୍ଛ୍ୱାସ ସହ ଆମେ ସେହି ମୁହୂର୍ତ୍ତଗୁଡ଼ିକ ସହିତ ଜଡ଼ିତ, ଯେଉଁ ସମୟରେ ଈଶ୍ୱର ଆସି ଆମ ସହିତ ଆଳାପ କରିଥିଲେ ଏବଂ ସେ ଆଉ ଥରେ ସେପରି କରନ୍ତୁ ବୋଲି ଆମେ ସେହି କଥା ଉପରେ ଗୁରୁତ୍ୱ ଦେଉଛୁ, କିନ୍ତୁ ଈଶ୍ୱର ଇଚ୍ଛା କରନ୍ତି ଆମେ ଯେପରି ''ବିଶ୍ୱାସରେ ଚାଲିବା ।'' ଆମ ମଧ୍ୟରୁ କେତେ ଜଣ ଏହି କଥା କହି ନିଜକୁ ଅଲଗା କରି ଦେଇଛୁ ଯେ, ''ଈଶ୍ୱର ନିଜକୁ ମୋ ନିକଟରେ ଆତ୍ମ ପ୍ରକାଶ ନ କରିବା ପର୍ଯ୍ୟନ୍ତ ମୁଁ କୌଣସି କାର୍ଯ୍ୟ କରିପାରିବି ନାହିଁ ।'' ସେ କଦାପି ତାହା କରିବେ ନାହିଁ । କୌଣସି ପ୍ରେରଣା ବ୍ୟତୀତ ଏବଂ ଈଶ୍ୱରଙ୍କ ଆକସ୍ମିକ ସ୍ପର୍ଶ ବ୍ୟତୀତ ଆମକୁ ନିଜେ ଉଠିବାକୁ ହେବ । ତା'ପରେ ଆମେ ବିସ୍ମୟାଭିଭୂତ ହୋଇ କହିବା, ''ସେ ସବୁବେଳେ ଏତେ ନିକଟରେ ଥିଲେ, ଆଉ ମୁଁ ଜାଣି ପାରିଲି ନାହିଁ ।'' ସେହି ଅସାଧାରଣ ମୁହୂର୍ତ୍ତର ଆଶାରେ ଜୀବନ ଅତିବାହିତ କରନ୍ତୁ ନାହିଁ – ସେ ସବୁ ଅପ୍ରତ୍ୟାଶିତ ଘଟଣା । ଈଶ୍ୱର ଆମକୁ ସେହି ସମୟରେ ତାଙ୍କର ପ୍ରେରଣାର ସ୍ପର୍ଶ ପ୍ରଦାନ କରିବେ, ଯେତେବେଳେ ସେ ଦେଖିବେ ଯେ, ସେହି କାରଣ ହେତୁ ଆମ ପାଇଁ ପଥଭ୍ରଷ୍ଟ ହେବାର ବିପଦ ନାହିଁ । ଆମର ପ୍ରେରଣାପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକୁ ଆମ ଜୀବନଶୈଳୀର ମାନଦଣ୍ଡ ରୂପେ ଆଦୌ ଗ୍ରହଣ କରିବା ନାହିଁ – ଆମର କର୍ତ୍ତବ୍ୟ ହେଉଛି, ଆମର ମାନଦଣ୍ଡ ।

ମେ ୨

# ଦର୍ଶନ ପାଇଁ ଅପେକ୍ଷା କରିବାର ଧୈର୍ଯ୍ୟ

**ଯଦିବା ବିଳମ୍ବ ଘଟୁଛି, ଏଥି ନିମନ୍ତେ ଅପେକ୍ଷା କର ।**

**ହବକ୍‌କୁକ୍ ୨:୩**

ଧୈର୍ଯ୍ୟ ଉଦାସୀନତାକୁ ବୁଝାଏ ନାହିଁ, ଧୈର୍ଯ୍ୟ ଏଭଳି ବ୍ୟକ୍ତିଙ୍କ ଚିତ୍ର ପ୍ରଦର୍ଶନ କରେ, ଯିଏ ବସ୍ତୁତ ବଳବାନ୍ ଏବଂ ସବୁ ଆକ୍ରମଣର ମୁକାବିଲା କରିବାକୁ ପ୍ରସ୍ତୁତ । ଈଶ୍ୱରଙ୍କ ଦର୍ଶନ ଲାଭ ହେଉଛି ଧୈର୍ଯ୍ୟର ଉତ୍ସ, କାରଣ ଏହା ଆମକୁ ଈଶ୍ୱରଙ୍କ ପ୍ରକୃତ ଏବଂ ଉପଯୁକ୍ତ ପ୍ରେରଣା ଦିଏ । ମୋଶା ଦୃଢ଼ ରହିଥିଲେ, କିନ୍ତୁ ଏହାର କାରଣ ନ ଥିଲା ଯେ, କର୍ତ୍ତବ୍ୟ ବୋଧ ପ୍ରତି ସେ ବିଶ୍ୱସ୍ତ ଥିଲେ, କିମ୍ବା ଈଶ୍ୱରଙ୍କ ପ୍ରତି କର୍ତ୍ତବ୍ୟ ସଂପାଦନ କରିବାରେ ସେ ବିଶ୍ୱସ୍ତ ଥିଲେ, ମାତ୍ର ଏହାର କାରଣ ଥିଲା ଯେ, ସେ ଈଶ୍ୱରଙ୍କ ଦର୍ଶନ ପାଇଥିଲେ । ‘‘କାରଣ ଯେ ଅଦୃଶ୍ୟ ଥିଲେ, ତାହାଙ୍କୁ ଦେଖିବାରୁ ସେ ସ୍ଥିରଚିତ୍ତ ଥିଲେ’’ (ଏବ୍ରୀ ୧୧:୨୭) । ଈଶ୍ୱରଙ୍କ ଦର୍ଶନ ପ୍ରାପ୍ତ ବ୍ୟକ୍ତି କୌଣସି ଉଦ୍ଦେଶ୍ୟ ବା ବିଷୟ ପ୍ରତି ସମର୍ପିତ ନୁହନ୍ତି– ସେ କେବଳ ସ୍ୱୟଂ ଈଶ୍ୱରଙ୍କ ପ୍ରତି ସମର୍ପିତ । ଯେତେବେଳେ ଦର୍ଶନ ଈଶ୍ୱରଙ୍କଠାରୁ ଆସେ, ଆପଣ ତାହା ଜାଣି ପାରିବେ, କାରଣ ସେଥିରେ ଈଶ୍ୱରଙ୍କ ପ୍ରେରଣା ନିହିତ ଥାଏ । ସବୁ ବିଷୟ ଆପଣଙ୍କ ନିକଟକୁ ଅଧିକ ମାତ୍ରାରେ ଆସେ ଏବଂ ଆପଣଙ୍କ ଜୀବନରେ ପ୍ରାଚୁର୍ଯ୍ୟ ଭରିଦିଏ, କାରଣ ସବୁ ବିଷୟ ଈଶ୍ୱରଙ୍କ ଦ୍ୱାରା ଶକ୍ତିଯୁକ୍ତ ହୁଏ । ସେ କୌଣସି ବାକ୍ୟ ଉଚ୍ଚାରଣ ନ କରି ଆତ୍ମିକ ରୂପେ ଆପଣଙ୍କୁ ସମୟ ଦିଅନ୍ତି, ଯେପରି ତାଙ୍କର ପୁତ୍ର ଅରଣ୍ୟରେ ପ୍ରଲୋଭିତ ହେବା ସମୟରେ ଅନୁଭବ କରିଥିଲେ, ଈଶ୍ୱରଙ୍କ ଏହି କାର୍ଯ୍ୟକୁ ଧୈର୍ଯ୍ୟ ସହକାରେ ସହ୍ୟ କରନ୍ତୁ, ଏହି ଧୈର୍ଯ୍ୟ ଶକ୍ତି ଉପଲବ୍ଧ ହେବ କାରଣ ଆପଣ ଈଶ୍ୱରଙ୍କୁ ଦେଖିଥାନ୍ତି ।

‘‘ଯଦିବା ବିଳମ୍ବ ଘଟୁଛି, ଏଥି ନିମନ୍ତେ ଅପେକ୍ଷା କର...।’’ ଆମ ପାଖରେ ଦର୍ଶନ ରହିଛି ବୋଲି ପ୍ରମାଣ ହେଉଛି ଯେ, ଆମେ ଯେତିକି ପାଇଛୁ, ତା’ଠାରୁ ଅଧିକ ପାଇବାର ଚେଷ୍ଟା କରୁଛୁ । ଆତ୍ମିକ ରୂପେ ତୃପ୍ତ ହେବା ଏକ ମନ୍ଦ ବିଷୟ । ଗୀତରଚକ କହିଲେ, ‘‘ମୋ ପ୍ରତି ପ୍ରଭୁଙ୍କର... କି ପ୍ରତିଦାନ ମୁଁ ଦେଇପାରେ ? ମୁଁ ପରିତ୍ରାଣର ପାତ୍ର *ଗ୍ରହଣ କରି...*’’ (ଗୀତସଂହିତା ୧୧୬:୧୨-୧୩) । ଆମେ ନିଜ ଭିତରେ ତୃପ୍ତତା ଖୋଜୁ ଏବଂ କହୁ, ‘‘ବର୍ତ୍ତମାନ ମୁଁ ତାହା ପାଇଗଲି । ବର୍ତ୍ତମାନ ମୁଁ ସଂପୂର୍ଣ୍ଣ ପବିତ୍ରୀକୃତ । ବର୍ତ୍ତମାନ ମୁଁ ଧୈର୍ଯ୍ୟ ଧରି ଅପେକ୍ଷା କରି ପାରିବି ।’’ ଏହା କହିବା ଦ୍ୱାରା ଆମେ ବିନାଶର ମାର୍ଗରେ ଗତି କରୁଛୁ । ଆମେ ଯାହା ପାଇବା ପାଇଁ ପ୍ରୟାସ କରୁଛୁ, ତାହା ଆମେ ଯାହା ପାଇଛୁ, ତାହାଠାରୁ ଅଧିକ ହେବା ଆବଶ୍ୟକ । ପାଉଲ କହିଲେ, ‘‘ମୁଁ ଯେ ଏ ସମସ୍ତ ପାଇସାରିଛି, କିମ୍ବା ସିଦ୍ଧ ହୋଇସାରିଛି, ତା’ ନୁହେଁ... କିନ୍ତୁ ମୁଁ ଆଗବଢ଼ି ଚାଲିଛି’’ (ଫିଲିପ୍ପୀୟ ୩:୧୨) । ଆମେ ଯାହା ଅନୁଭବ କରିଛୁ, ତାହା ଯଦି କେବଳ ଆମ ପାଖରେ ଅଛି, ତେବେ ତାହା କିଛି ନୁହେଁ, କିନ୍ତୁ ଆମ ପାଖରେ ଯଦି ଈଶ୍ୱରଙ୍କ ଦର୍ଶନର ପ୍ରେରଣା ଅଛି, ତେବେ ଆମଠାରେ ଅନୁଭବ କରିବା ଅପେକ୍ଷା ଆହୁରି ବଡ଼ ବିଷୟ ଅଛି । ଆତ୍ମିକ ଶିଥିଳତା ପ୍ରତି ବିଶେଷ ସତର୍କ ଥା’ନ୍ତୁ ।

# ଅତ୍ୟାବଶ୍ୟକୀୟ ମଧ୍ୟସ୍ଥତା

## ସବୁ ପରିସ୍ଥିତିରେ ସବୁ ପ୍ରକାର ପ୍ରାର୍ଥନା ଓ ନିବେଦନ କଲାବେଳେ ଆତ୍ମାଙ୍କ ସହାୟତାରେ ପ୍ରାର୍ଥନା କର ।

## ଏଫିସୀୟ ୬:୧୮

ଯେତେବେଳେ ଆମେ ଅନ୍ୟମାନଙ୍କ ପାଇଁ ମଧ୍ୟସ୍ଥତାର ନିବେଦନରେ ଅଗ୍ରସର ହେଉ, ଆମେ ଅନୁଭବ କରୁ ଯେ, ପ୍ରାର୍ଥନା ନିବେଦନ ପାଇଁ ଈଶ୍ୱରଙ୍କ ପ୍ରତି ଆମର ବାଧ୍ୟତା ଦ୍ୱାରା ଆମେ ଯେଉଁମାନଙ୍କ ପାଇଁ ପ୍ରାର୍ଥନା କରୁଛୁ, ସେମାନଙ୍କୁ ଏହାର ଏତେ ଅଧିକ ମୂଲ୍ୟ ଦେବାକୁ ହେବ, ଯାହା ଆମେ କଳ୍ପନା ସୁଦ୍ଧା କରି ନ ଥିଲୁ । ଏଥିରେ ଏହି ବିପଦ ଥାଏ ଯେ, ଆମେ ସଦୟ ହୋଇ ଯେଉଁମାନଙ୍କ ପାଇଁ ନିବେଦନ ପ୍ରାର୍ଥନା ଆରମ୍ଭ କରୁ, ଈଶ୍ୱର ସେମାନଙ୍କୁ ଆମର ପ୍ରାର୍ଥନାର ଫଳ ସ୍ୱରୂପ ଧୀରେ ଧୀରେ ଏକ ସଂପୂର୍ଣ୍ଣ ଭିନ୍ନ ସ୍ତରକୁ ଉଠାଇ ନିଅନ୍ତି । ଯେତେବେଳେ ଆମେ ଅନ୍ୟମାନଙ୍କ ପ୍ରତି ଈଶ୍ୱରଙ୍କ ମନୋଯୋଗ ଏବଂ ଚିନ୍ତା ସହିତ ନିଜକୁ ଜଡ଼ିତ କରିବାକୁ ପଛଘୁଞ୍ଚା ଦେଉ ଏବଂ ସେମାନଙ୍କ ପ୍ରତି କେବଳ ଭାବପ୍ରବଣ ହୋଇ ସଦୟ ଭାବ ପ୍ରକାଶ କରୁ, ଈଶ୍ୱରଙ୍କ ସହିତ ଆମର ଅତ୍ୟାବଶ୍ୟକୀୟ ସଂପର୍କ ଛିନ୍ନ ହୁଏ । ଏହା କରିବା ଦ୍ୱାରା ସେମାନଙ୍କ ପ୍ରତି ସଦୟ ଭାବ ଏବଂ ମନୋଯୋଗ ଏକ ବାଧା ସ୍ୱରୂପ ହୁଏ ଏବଂ ଜାଣିଶୁଣି ଆମେ ଈଶ୍ୱରଙ୍କ ଅବମାନନା କରିଥାଉ ।

ଯେ ପର୍ଯ୍ୟନ୍ତ ଆମେ ଈଶ୍ୱରଙ୍କ ପ୍ରତି ସଂପୂର୍ଣ୍ଣ ବିଶ୍ୱସ୍ତ ହୋଇନାହୁଁ, ଅତ୍ୟାବଶ୍ୟକୀୟ ନିବେଦନସୂଚକ ପ୍ରାର୍ଥନା କରିବା ଆମ ପକ୍ଷରେ ସମ୍ଭବ ହେବ ନାହିଁ । ପ୍ରାର୍ଥନା ନିବେଦନ ପାଇଁ ଈଶ୍ୱରଙ୍କ ସହ ଯେଉଁ ଦୃଢ଼ ସଂପର୍କ ଆବଶ୍ୟକ, ତାହାର ସବୁଠାରୁ ବଡ଼ ବିନାଶକ ହେଉଛି, ଆମ ନିଜର ସଦୟ ଭାବ ଏବଂ ପୂର୍ବ ନିର୍ଦ୍ଧାରିତ ଆସକ୍ତି । ଈଶ୍ୱରଙ୍କ ସହିତ ଏକତ୍ୱ ମଧ୍ୟସ୍ଥତା ପ୍ରାର୍ଥନା ନିବେଦନର ଚାବିକାଠି, ଯେତେବେଳେ ଆମେ ଈଶ୍ୱରଙ୍କ ସହିତ ଚିହ୍ନିତ ହେବା ବନ୍ଦ କରି ଦେଉ, ତାହାର କାରଣ ହେଉଛି ଅନ୍ୟମାନଙ୍କ ପ୍ରତି ଆମର ସଦୟ ଭାବ, ପାପ ଏହାର କାରଣ ନୁହେଁ । ପାପ ଯେ ଈଶ୍ୱରଙ୍କ ସହିତ ଆମର ମଧ୍ୟସ୍ଥତାର ସଂପର୍କ ପ୍ରତି ବାଧା ସୃଷ୍ଟି କରିବ, ଏହାର ସମ୍ଭାବନା କମ୍ । କିନ୍ତୁ ଆମର ସଦୟ ଭାବ ବାଧା ଜନ୍ମାଏ । ଏହି ସଦୟ ଭାବ ଆମ ନିଜ ପ୍ରତି ବା ଅନ୍ୟ ପ୍ରତି ହୋଇପାରେ, ଯାହା ଫଳରେ ଆମେ କହୁ, ‘‘ମୁଁ ଏପରି ଘଟିବାକୁ ଦେବି ନାହିଁ ।’’ ତତ୍କ୍ଷଣାତ୍ ଈଶ୍ୱରଙ୍କ ସହିତ ଆମର ସେହି ଗଭୀର ସଂପର୍କ ଛିନ୍ନ ହୁଏ । ମଧ୍ୟସ୍ଥତାର ପ୍ରାର୍ଥନା ନିବେଦନ ପରେ ନିଜର ଶୋଚନୀୟ ଅବସ୍ଥା ବିଷୟରେ ପ୍ରାର୍ଥନା କରିବା ପାଇଁ ଆପଣଙ୍କର ସମୟ ବା ଆଗ୍ରହ ନ ଥାଏ । ନିଜର ଚିନ୍ତାକୁ ଦୂରରେ ରଖିବା ପାଇଁ ଆପଣଙ୍କୁ ସଂଘର୍ଷ କରିବାକୁ ହେବ ନାହିଁ, କାରଣ ଆପଣଙ୍କ ମନରେ ଏଭଳି ଚିନ୍ତା ଆସେ ନାହିଁ । ଆପଣ ଅନ୍ୟମାନଙ୍କ ଜୀବନ ପାଇଁ ଈଶ୍ୱରଙ୍କ ଚିନ୍ତା ଏବଂ ମନୋଯୋଗ ସହିତ ସଂପୂର୍ଣ୍ଣ ରୂପେ ଏକ ହୋଇଛନ୍ତି ।

# ପ୍ରତିନିଧିତ୍ୱ ମୂଳକ ମଧ୍ୟସ୍ଥତା

**ଯୀଶୁଙ୍କ ରକ୍ତ ଦ୍ୱାରା ମହାପବିତ୍ର ସ୍ଥାନରେ ପ୍ରବେଶ କରିବାକୁ ଆମର ଭରସା ଅଛି ।**

**ଏବ୍ରୀ ୧୦:୨୦**

ଏହିଭଳି ଚିନ୍ତା ପ୍ରତି ସତର୍କ ରୁହନ୍ତୁ ଯେ, ମଧ୍ୟସ୍ଥତା ଅର୍ଥ, ଆମର ବ୍ୟକ୍ତିଗତ ସଦୟ ଭାବ ଏବଂ ଚିନ୍ତାକୁ ଈଶ୍ୱରଙ୍କ ଉପସ୍ଥିତିକୁ ଆଣିବା ଏବଂ ଆମର ମାଗିବା ବିଷୟ ପୂରଣ କରିବା ପାଇଁ ତାଙ୍କ ନିକଟରେ ଦାବି ଜଣାଇବା । ଈଶ୍ୱରଙ୍କ ଉପସ୍ଥିତିକୁ ଆସିବା ପାଇଁ ଆମର ସାମର୍ଥ୍ୟ ପ୍ରଭୁଯୀଶୁଙ୍କ ମାଧ୍ୟମରେ ସମ୍ଭବ ହୁଏ, କାରଣ ସେ ଆମ ବଦଳରେ, ଆମର ପାପ ସ୍ୱରୂପ ହୋଇଛନ୍ତି । ଆମେ *ଯୀଶୁଙ୍କ ରକ୍ତ ଦ୍ୱାରା* ମହାପବିତ୍ର ସ୍ଥାନରେ ପ୍ରବେଶ କରିବାର ଭରସା ପାଇଛୁ ।

ଆତ୍ମିକ ଏକଜିଦିଆ ସ୍ୱଭାବ ମଧ୍ୟସ୍ଥତା ପ୍ରତି ପ୍ରଭାବଯୁକ୍ତ ଅନ୍ତରାୟ ସୃଷ୍ଟି କରେ, କାରଣ ଏହା ଆମର ସଦୟ ଭାବ ସମ୍ବନ୍ଧିତ ଭାବନା ଶକ୍ତି ଉପରେ ଆଧାରିତ, ଯାହା ଆମେ ନିଜ ଭିତରେ ଏବଂ ଅନ୍ୟମାନଙ୍କ ମଧ୍ୟରେ ଦେଖି ଭାବିଥାଉ ଯେ, ସେଥିପାଇଁ ପ୍ରାୟଶ୍ଚିତ୍ତ କରିବାର ଆବଶ୍ୟକତା ନାହିଁ । ଆମର ଧାରଣା ହୁଏ ଯେ, ଆମ ପ୍ରତ୍ୟେକଙ୍କ ମଧ୍ୟରେ ଏପରି କିଛି ଉତ୍ତମ ବିଷୟ ଅଛି, ଯାହା ପାଇଁ ଖ୍ରୀଷ୍ଟଙ୍କ କ୍ରୁଶୀୟ ପ୍ରାୟଶ୍ଚିତ୍ତର ଆବଶ୍ୟକତା ନାହିଁ । ଏପ୍ରକାର ବିଚାରଧାରାରୁ ଉତ୍ପନ୍ନ ହୋଇଥିବା ଆଳସ୍ୟ ଏବଂ ଅନାଗ୍ରହ ଆମକୁ ମଧ୍ୟସ୍ଥତା ପୂର୍ବକ ନିବେଦନ କରିବା ପାଇଁ ଅକ୍ଷମ କରିଦିଏ । ଆମେ ଅନ୍ୟମାନଙ୍କ ପାଇଁ ଈଶ୍ୱରଙ୍କ ମନୋଯୋଗ ଏବଂ ଚିନ୍ତା ସହିତ ଏକତ୍ୱ ରକ୍ଷା ନ କରି ତାଙ୍କ ପ୍ରତି ବିରକ୍ତି ଭାବ ପ୍ରକାଶ କରିଥାଉ । ତଥାପି ଆମେ ସବୁବେଳେ ନିଜର ବିଚାର ଧାରାକୁ ନେଇ ପ୍ରସ୍ତୁତ ଥାଉ ଏବଂ ଆମର ମଧ୍ୟସ୍ଥତା ଆମ ନିଜର ସ୍ୱାଭାବିକ ସଦୟ ଭାବକୁ ମହିମାନ୍ୱିତ କରେ । ଆମର ହୃଦ୍‌ବୋଧ ହେବା ଆବଶ୍ୟକ ଯେ, ପାପ ସହିତ ଯୀଶୁଙ୍କର ଜଡ଼ିତ ହେବା ଅର୍ଥ, ଆମର ସବୁ ସଦୟ ଭାବ ଏବଂ ଆଗ୍ରହର ଏକ ବୈପ୍ଳବିକ ପରିବର୍ତ୍ତନ । ପ୍ରତିନିଧିତ୍ୱମୂଳକ ମଧ୍ୟସ୍ଥତାର ଅର୍ଥ ହେଉଛି ଯେ, ଆମେ ଉଦ୍ଦେଶ୍ୟମୂଳକ ଭାବେ ଅନ୍ୟମାନଙ୍କ ପାଇଁ ନିଜର ସ୍ୱାଭାବିକ ସଦୟ ଭାବର ପ୍ରତିବଦଳରେ ଈଶ୍ୱରଙ୍କ ଆଗ୍ରହକୁ ସ୍ଥାନ ଦେଇଥାଉ ।

ମୁଁ କ'ଣ ଅନମନୀୟ ଅବା ଅନ୍ୟ ସ୍ଥାନରେ ପ୍ରତିସ୍ଥାପିତ ? ମୁଁ କ'ଣ ଭ୍ରଷ୍ଟ ଅବା ଈଶ୍ୱରଙ୍କ ସଂପର୍କ ମଧ୍ୟରେ ସ୍ୱୟଂ ସଂପୂର୍ଣ୍ଣ ? ମୁଁ କ'ଣ କ୍ଷଣକ୍ରୋଧୀ ଅବା ଆତ୍ମିକ ? ମୁଁ କ'ଣ ସ୍ୱେଚ୍ଛାଚାରୀତାର ପଥ ବାଛି ନେଇଛି ଅବା ଈଶ୍ୱରଙ୍କ ସହିତ ଏକତ୍ୱ ରକ୍ଷା କରିବାର ଦୃଢ଼ ସିଦ୍ଧାନ୍ତ ନେଇଛି ?

# ବିଚାର ଏବଂ ଈଶ୍ୱରଙ୍କ ପ୍ରେମ

**କାରଣ ଈଶ୍ୱରଙ୍କ ପରିବାରଠାରୁ ବିଚାର ଆରମ୍ଭ କରିବା ସମୟ ଆସିଛି ।**
**୧ ପିତର ୪:୧୭**

ଖ୍ରୀଷ୍ଟୀୟ ସେବକ ଭୁଲିବା ଉଚିତ୍ ନୁହେଁ ଯେ, ପରିତ୍ରାଣ ଈଶ୍ୱରଙ୍କ ବିଚାର, ମନୁଷ୍ୟର ନୁହେଁ, ସେଥିପାଇଁ ଏହାର ଗଭୀରତା ଅତଳସ୍ପର୍ଶୀ । ଅନୁଭୂତିର ଦ୍ୱାର ଦେଇ ପରିତ୍ରାଣ ଆମ ଜୀବନର ସଚେତନ ସ୍ତରକୁ ଆସେ ଏବଂ ଆମର ହୃଦ୍‌ବୋଧ ହୁଏ ଯେ, ଏହା ଏକ ଗଭୀର ସ୍ତରରେ ସଂପାଦିତ ହୋଇଛି । ଅନୁଭୂତିର ବିଷୟ ପ୍ରଚାର କରନ୍ତୁ ନାହିଁ– ଏହି ଅନୁଭୂତିର ଅନ୍ତରାଳରେ ଥିବା ଈଶ୍ୱରଙ୍କ ମହାନ୍ ଚିନ୍ତାର ବିଷୟ ପ୍ରଚାର କରନ୍ତୁ । ପ୍ରଚାର କରିବା ସମୟରେ ଆମେ ଘୋଷଣା କରି ନ ଥାଉ ଯେ, ଲୋକମାନେ କିପରି ନରକରୁ ରକ୍ଷା ପାଇବା ପାଇଁ ନୈତିକ ଏବଂ ପବିତ୍ର ଜୀବନ ଯାପନ କରିବେ, ଆମେ କେବଳ ଈଶ୍ୱରଙ୍କ ଶୁଭବାର୍ତ୍ତା ପ୍ରଚାର କରୁ ।

ଯୀଶୁଖ୍ରୀଷ୍ଟଙ୍କ ଶିକ୍ଷାରେ ସବୁବେଳେ ବିଚାର ତତ୍ତ୍ୱ ସ୍ପଷ୍ଟ ରୂପେ ନିହିତ ଥିଲା – ଏହା ହେଉଛି ଈଶ୍ୱରଙ୍କ ପ୍ରେମର ଚିହ୍ନ । ଯଦି କେହି ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ପାଇଁ କଷ୍ଟ ବୋଧ କରନ୍ତି, ସେମାନଙ୍କ ପ୍ରତି ସଦୟ ହୁଅନ୍ତୁ ନାହିଁ, ଈଶ୍ୱରଙ୍କୁ ଦୋଷ ଦେବା ଉଚିତ ନୁହେଁ । ଅସୁବିଧାର କାରଣ ନିର୍ଣ୍ଣୟ କରିବା ଆମର କାର୍ଯ୍ୟ ନୁହେଁ, କିନ୍ତୁ ଆମେ କେବଳ ଈଶ୍ୱରଙ୍କ ସତ୍ୟ ପ୍ରତିପାଦିତ କରିବା, ଯେପରି ଈଶ୍ୱରଙ୍କ ଆତ୍ମା ପ୍ରକୃତ ସମସ୍ୟା ବିଷୟ ପ୍ରକାଶ କରିବେ । ଆମର ଗୁଣାତ୍ମକ ପ୍ରଚାରର ସବୁଠାରୁ ବଡ଼ ପରୀକ୍ଷା ହେଉଛି, ଏହା ପ୍ରତ୍ୟେକ ଜଣଙ୍କୁ ନ୍ୟାୟ ବିଚାର ମଧ୍ୟକୁ ଆଣିପାରେ କି ନାହିଁ । ଯେତେବେଳେ ସତ୍ୟ ପ୍ରଚାରିତ ହୁଏ, ଈଶ୍ୱରଙ୍କ ଆତ୍ମା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱୟଂ ଈଶ୍ୱରଙ୍କ ସମ୍ମୁଖବର୍ତ୍ତୀ କରାନ୍ତି ।

ଯଦି ଯୀଶୁ ଆମକୁ କେବେ କୌଣସି କାର୍ଯ୍ୟ କରିବା ପାଇଁ ଆଜ୍ଞା ଦେଇଥା'ନ୍ତେ, କିନ୍ତୁ ସେହି କାର୍ଯ୍ୟ ସଂପାଦନ ଦିଗରେ ଆମକୁ ଯୋଗ୍ୟ କରିବା ପାଇଁ ଅସମର୍ଥ ହୋଇଥାନ୍ତେ, ତେବେ ତାହା ମିଥ୍ୟାରେ ପରିଣତ ହୁଅନ୍ତା । ଆଉ ଯଦି ଆମେ ଆମର ଅକ୍ଷମତାକୁ ବିଶ୍ୱସ୍ତ ନ ହେବାର ଏକ ବାଧା ବା ବାହାନା ବୋଲି ମନେ କରୁ, ତେବେ ଏହାର ଅର୍ଥ ହେଉଛି ଯେ, ଆମେ ଈଶ୍ୱରଙ୍କୁ କହୁ, ଏପରି କେତେକ ବିଷୟ ଅଛି ଯାହା ପାଇଁ ସେ ବର୍ତ୍ତମାନ ପର୍ଯ୍ୟନ୍ତ ଧ୍ୟାନ ଦେଇ ନାହାନ୍ତି । ଈଶ୍ୱରଙ୍କ ଶକ୍ତି ଦ୍ୱାରା ଆମ ଆତ୍ମନିର୍ଭରଶୀଳତାର ପ୍ରତ୍ୟେକ ଉପାଦାନ ବିନଷ୍ଟ ହେବା ଆବଶ୍ୟକ । ଯେଉଁ ମୁହୂର୍ତ୍ତରେ ଆମେ ଆମର ସଂପୂର୍ଣ୍ଣ ଦୁର୍ବଳତା ସ୍ୱୀକାର କରି ଈଶ୍ୱରଙ୍କ ଉପରେ ନିର୍ଭରତା ସ୍ଥାପନ କରିବୁ, ସେହି ମୁହୂର୍ତ୍ତରେ ଈଶ୍ୱରଙ୍କ ଆତ୍ମା ତାଙ୍କର ଶକ୍ତି ପ୍ରଦର୍ଶନ କରିବେ ।

# ସ୍ୱାଧୀନତା ଏବଂ ଯୀଶୁଙ୍କ ମାନଦଣ୍ଡ

**ସ୍ୱାଧୀନତା ପାଇଁ ଖ୍ରୀଷ୍ଟ ଆମମାନଙ୍କୁ ମୁକ୍ତ କରିଛନ୍ତି । ଅତଏବ ସ୍ଥିର ହୋଇ ରୁହ ।**

**ଗାଲାତୀୟ ୫:୧**

ଜଣେ ଆତ୍ମିକ ସ୍ୱଭାବ ବିଶିଷ୍ଟ ବ୍ୟକ୍ତି କେବେ ହେଁ ଆପଣଙ୍କୁ ଦାବି କରି କହିବେ ନାହିଁ, ''ଏଥିରେ ବା ସେଥିରେ ବିଶ୍ୱାସ କର'' । ଜଣେ ଆତ୍ମିକ ସ୍ୱଭାବବିଶିଷ୍ଟ ବ୍ୟକ୍ତି ଦାବି କରିବେ ଯେପରି ଆପଣ ଯୀଶୁଙ୍କ ମାନଦଣ୍ଡ ଅନୁସାରେ ଆପଣଙ୍କ ଜୀବନର ସମନ୍ୱୟ ରକ୍ଷା କରିବେ । ବାଇବଲକୁ ବିଶ୍ୱାସ କରିବା ପାଇଁ ଆମକୁ କୁହାଯାଇ ନାହିଁ, କିନ୍ତୁ ବାଇବଲ ଯେଉଁ ବ୍ୟକ୍ତିଙ୍କୁ ପ୍ରକାଶ କରେ (ଯୋହନ ୫:୩୯-୪୦ ଦେଖନ୍ତୁ), ତାହାଙ୍କୁ ବିଶ୍ୱାସ କରିବା ପାଇଁ କୁହାଯାଇଛି । ଆମେ ଅନ୍ୟମାନଙ୍କ ବିବେକ ପାଇଁ ସ୍ୱାଧୀନତା ପ୍ରସ୍ତୁତ କରିବା ପାଇଁ ଆହୂତ ହୋଇଛୁ, ସେମାନଙ୍କ ନିଜର ମତ ଏବଂ ଚିନ୍ତାଧାରା ସଂପର୍କିତ ସ୍ୱାଧୀନତା ଆଣିବା ପାଇଁ ନୁହେଁ । ଖ୍ରୀଷ୍ଟଙ୍କ ସ୍ୱାଧୀନତା ବଳରେ ଆମେ ଯଦି ନିଜେ ସ୍ୱାଧୀନ, ତେବେ ସେମାନେ ଠିକ୍ ସେହି ସ୍ୱାଧୀନତା ମଧ୍ୟକୁ ଅଣାଯିବେ - ଯେଉଁ ସ୍ୱାଧୀନତା ଯୀଶୁ ଖ୍ରୀଷ୍ଟଙ୍କ ସଂପୂର୍ଣ୍ଣ ନିୟନ୍ତ୍ରଣ ଏବଂ ଅଧିକାରକୁ ଉପଲବ୍ଧି କରିବା ଦ୍ୱାରା ମିଳେ ।

ସର୍ବଦା ଆପଣଙ୍କ ଜୀବନକୁ ଯୀଶୁଖ୍ରୀଷ୍ଟଙ୍କ ମାନଦଣ୍ଡ ଅନୁସାରେ ମାପନ୍ତୁ । ତାଙ୍କର କେବଳ ତାଙ୍କର ଜୁଆଳି ପ୍ରତି ନିଜକୁ ସମର୍ପଣ କରନ୍ତୁ । ଯେଉଁ ଜୁଆଳି ଯୀଶୁ ଖ୍ରୀଷ୍ଟଙ୍କର ନୁହେଁ, ସେହି ଜୁଆଳିକୁ ଅନ୍ୟମାନଙ୍କ ଉପରେ ଲଦି ଦେବା ବିଷୟରେ ସତର୍କ ଥାଆନ୍ତୁ । ଈଶ୍ୱରଙ୍କ ପକ୍ଷରେ ଆମର ଏହି ଚିନ୍ତାଧାରାକୁ ପ୍ରତିରୋଧ କରିବା ପାଇଁ ଅନେକ ସମୟ ଲାଗିଥାଏ ଯେ, ଯେ ପର୍ଯ୍ୟନ୍ତ ଲୋକମାନେ ଠିକ୍ ଆମ ଭଳି ଚିନ୍ତା ନ କରନ୍ତି, ସେମାନେ ଭୁଲ୍ କରନ୍ତି । ତାହା କୌଣସି ପ୍ରକାରେ ଈଶ୍ୱରଙ୍କ ଦୃଷ୍ଟିକୋଣ ହୋଇ ନ ପାରେ । କେବଳ ଗୋଟିଏ ପ୍ରକୃତ ସ୍ୱାଧୀନତା ଅଛି- ତାହା ହେଉଛି ଯୀଶୁଙ୍କ ସ୍ୱାଧୀନତା, ଯାହା ଆମର ବିବେକ ମଧ୍ୟରେ କାର୍ଯ୍ୟରତ ଏବଂ ସଠିକ୍ କାର୍ଯ୍ୟ କରିବା ପାଇଁ ଆମକୁ ସମର୍ଥ କରେ ।

ଅନ୍ୟମାନଙ୍କ ପ୍ରତି ଧୈର୍ଯ୍ୟ ହରାନ୍ତୁ ନାହିଁ । ଆପଣଙ୍କ ପ୍ରତି ଈଶ୍ୱରଙ୍କ ଧୈର୍ଯ୍ୟ ଏବଂ ସଦୟ ଭାବ ବିଷୟ ସ୍ମରଣ କରନ୍ତୁ । କିନ୍ତୁ ଈଶ୍ୱରଙ୍କ ପ୍ରଭାବକୁ କେବେହେଁ ହ୍ରାସ କରିବାକୁ ଦିଅନ୍ତୁ ନାହିଁ । ସେ ତା'ର କାର୍ଯ୍ୟ କରୁ, ସେଥିପାଇଁ କ୍ଷମା ପ୍ରାର୍ଥନା କରନ୍ତୁ ନାହିଁ । ଯୀଶୁ କହିଲେ, ''ଯାଅ... ଏବଂ *ଶିଷ୍ୟ* କର'' (ମାଥିଉ ୨୮:୧୯) । ସେ କହି ନଥିଲେ ''ଲୋକମାନଙ୍କୁ ନିଜର ବିଚାର ଓ ମତ ପ୍ରତି ପରିବର୍ତ୍ତିତ କର ।''

ମେ ୭



# ଅନନ୍ତ କାଳ ପାଇଁ ନିର୍ମାଣ କରିବା

### ତୁମମାନଙ୍କ ମଧ୍ୟରୁ କିଏ ପ୍ରହରୀ ଗୃହ ନିର୍ମାଣ କରିବାକୁ ଇଚ୍ଛା କରି ତାହା ସଂପୂର୍ଣ୍ଣ କରିବା ପାଇଁ ତାହାର ଅର୍ଥବଳ ଅଛି କି ନାହିଁ, ଏହା ପ୍ରଥମେ ବସି ବ୍ୟୟ ହିସାବ ଦେଖିବ ନାହିଁ ?

### ଲୂକ ୧୪:୨୮

ଆମର ପ୍ରଭୁ ଏଠାରେ ସେହି ବ୍ୟୟ ଅଟକଳ ବିଷୟ କହି ନ ଥିଲେ, ଯାହା ଆମେ କରୁ, ସେ ଯେଉଁ ମୂଲ୍ୟ ଦେଇଛନ୍ତି, ସେହି ବିଷୟ କହିଥିଲେ । ତାଙ୍କର ବ୍ୟୟ ଏହିପ୍ରକାର ଥିଲା – ନାଜରୀତର ସେହି ତିରିଶ ବର୍ଷ, ତା' ପରବର୍ତ୍ତୀ ତିନିବର୍ଷର ଲୋକପ୍ରିୟତା, ଅପବାଦ, ଘୃଣା ଏବଂ ଅକଥନୀୟ ଯନ୍ତ୍ରଣା, ଯାହା ସେ ଗେଥ୍‌ସମନୀରେ ଅନୁଭବ କରିଥିଲେ ଏବଂ କାଲ୍‌ଭରୀ ଉପରେ ତାଙ୍କ ପ୍ରତି ହୋଇଥିବା ଆକ୍ରମଣ – ଏହା ସେହି କେନ୍ଦ୍ରବିନ୍ଦୁ ଯାହାକୁ କେନ୍ଦ୍ର କରି ସମୟ ଏବଂ ଅନନ୍ତକାଳର ଘୂର୍ଣ୍ଣନ ହୁଏ । ଯୀଶୁ ଖ୍ରୀଷ୍ଟ ସେହି ମୂଲ୍ୟ ଦେଇଛନ୍ତି । ଶେଷ ଅନୁଶୀଳନରେ ଲୋକମାନେ ତାଙ୍କୁ ଯେପରି ଅଟ୍ଟହାସ୍ୟ କରି କହିବେ ନାହିଁ, ''ଲୋକଟା ନିର୍ମାଣ କରିବାକୁ ଆରମ୍ଭ କରି ଶେଷ କରିବାକୁ ଦେଲା ନାହିଁ'' (୧୪:୩୦)।

୨୬, ୨୭ ଏବଂ ୩୩ ପଦରେ ଆମର ପ୍ରଭୁ ଶିଷ୍ୟତ୍ୱର ଯେଉଁ ସର୍ତ୍ତ ରଖିଛନ୍ତି, ତାହାର ଅର୍ଥ ହେଉଛି ଯେ, ସେ ତାଙ୍କ ନିର୍ମାଣ କାର୍ଯ୍ୟରେ ଯେଉଁ ଲୋକମାନଙ୍କୁ ବ୍ୟବହାର କରିବାକୁ ଉଦ୍ୟତ, ସେମାନେ ସେହି ଲୋକ ଯେଉଁମାନଙ୍କ ଜୀବନରେ ସେ ସବୁ କିଛି ସମାପନ କରି ସାରିଛନ୍ତି । ''କେହି ଯଦି ମୋ ନିକଟକୁ ଆସି ନିଜର ପିତା ଓ ମାତାକୁ ନିଜର ସ୍ତ୍ରୀ ଓ ସନ୍ତାନମାନଙ୍କୁ, ନିଜର ଭାଇ ଓ ଭଉଣୀମାନଙ୍କୁ, ଏପରିକି ନିଜ ଜୀବନକୁ ସୁଦ୍ଧା ଅପ୍ରିୟ ନ ମଣେ, *ସେ ମୋର ଶିଷ୍ୟ ହୋଇ ପାରିବ ନାହିଁ*''(୧୪:୨୬) । ଏହି ପଦଟି ଆମକୁ ଶିକ୍ଷା ଦିଏ ଯେ, ଈଶ୍ୱର ତାଙ୍କର ନିର୍ମାଣ କାର୍ଯ୍ୟରେ କେବଳ ସେହି ଲୋକମାନଙ୍କୁ ବ୍ୟବହାର କରିବେ, ଯେଉଁମାନେ ବ୍ୟକ୍ତିଗତ ରୂପେ ମନର ଭକ୍ତି ଆବେଗ ନେଇ ତାଙ୍କୁ ପ୍ରେମ କରନ୍ତି ଓ ତାଙ୍କ ପ୍ରତି ଯେଉଁମାନଙ୍କ ପ୍ରେମ ପୃଥିବୀର ନିବିଡ଼ତମ ସଂପର୍କ ଠାରୁ ବଳି ଆହୁରି ଅଧିକ ଥାଏ । ସର୍ତ୍ତ କଠିଣ ହେଲେ ମଧ୍ୟ ଗୌରବଯୁକ୍ତ । ଆମର ସମସ୍ତ ନିର୍ମାଣ କାର୍ଯ୍ୟ ଈଶ୍ୱରଙ୍କ ଦ୍ୱାରା ପରୀକ୍ଷା କରାଯିବ । ପରୀକ୍ଷା କରିବା ସମୟରେ ଈଶ୍ୱର ଯେତେବେଳେ ତାଙ୍କର ଅନୁସନ୍ଧାନକାରୀ ଏବଂ ବିଶୋଧନକାରୀ ଅଗ୍ନିରେ ଆମକୁ ନିରୀକ୍ଷଣ କରିବେ, ସେ କ'ଣ ଏହା ଦେଖିବେ ଯେ, ଯୀଶୁଙ୍କ ଭିତ୍ତିମୂଳ ଉପରେ ହିଁ ଆମେ ନିଜର ସୌଧ ନିର୍ମାଣ କରିଛୁ ? (୧ କରିନ୍ଥୀୟ ୩:୧୦–୧୫) ।

ଆମେ ଏକ ଅସାଧାରଣ ଉଦ୍ୟୋଗପୂର୍ଣ୍ଣ ସମୟରେ ବାସ କରୁଛୁ ଯେତେବେଳେ ଆମେ ଈଶ୍ୱରଙ୍କ ପାଇଁ କାର୍ଯ୍ୟ କରିବାର ମନ ବଳାଇଛୁ ଏବଂ ସେହିଠାରେ ହିଁ ଫାନ୍ଦ ରହିଛି । ଗାମ୍ଭୀର୍ଯ୍ୟପୂର୍ଣ୍ଣ ସତ୍ୟ ଏହି ଯେ, ଆମେ ଈଶ୍ୱରଙ୍କ ପାଇଁ କାର୍ଯ୍ୟ କରିପାରିବା ନାହିଁ । ଦକ୍ଷ ନିର୍ମାତା ଯୀଶୁ ତାଙ୍କର ଯୋଜନାନୁସାରେ ତାଙ୍କର ନିଜର ନିର୍ମାଣ କାର୍ଯ୍ୟରେ ଆମକୁ ସଂପୂର୍ଣ୍ଣ ରୂପେ ତାଙ୍କର ନିୟନ୍ତ୍ରଣରେ ବ୍ୟବହାର କରନ୍ତି, ସେ ଆମକୁ କେଉଁ ସ୍ଥାନରେ କାର୍ଯ୍ୟରେ ଲଗାଇବେ, ତାହା ଜାଣିବାର ଅଧିକାର କାହାରି ନାହିଁ ।

ମେ ୮

# ବିଶ୍ୱାସର ଧୈର୍ଯ୍ୟ

**ଧୈର୍ଯ୍ୟ ଧରି ସହିବା ବିଷୟରେ ତୁମେ ମୋର ଆଜ୍ଞାପାଳନ କରିଛ ।**

**ପ୍ରକାଶିତ ୩:୧୦**

ଧୈର୍ଯ୍ୟ ଧରିବା ସହିବାଠାରୁ ଏବଂ ଶେଷ ପର୍ଯ୍ୟନ୍ତ ଗୋଟିଏ ବିଷୟ ପ୍ରତି ନିବିଷ୍ଟ ରହିବାଠାରୁ ବଳି ଆହୁରି ଅଧିକ ବିଷୟକୁ ବୁଝାଏ । ଈଶ୍ୱରଙ୍କ ହାତରେ ଜଣେ ସାଧୁ ଭକ୍ତଙ୍କ ଜୀବନ ଜଣେ ତୀରନ୍ଦାଜ ହାତରେ ଥିବା ଧନୁ ଓ ଶର ଭଳି । ଈଶ୍ୱର ଏପରି ବିଷୟ ପ୍ରତି ଲକ୍ଷ୍ୟ ଭେଦ କରନ୍ତି, ଯାହା ତାଙ୍କର ଭକ୍ତ ଦେଖିପାରନ୍ତି ନାହିଁ, ଏବଂ କେବେ ମଧ୍ୟ ସେ କହନ୍ତି ‘‘ମୁଁ ଆଉ ସହି ପାରିବି ନାହିଁ ।’’ କିନ୍ତୁ ଆମର ପ୍ରଭୁ ସେଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ, ତାଙ୍କର ଉଦ୍ଦେଶ୍ୟ ଦେଖା ନ ଯିବା ପର୍ଯ୍ୟନ୍ତ ସେ ଜୋର୍ କରି ଟାଣି ରଖନ୍ତି ଏବଂ ତା’ପରେ ଶରଟିକୁ ବିଦ୍ଧ କରନ୍ତି । ନିଜକୁ ଈଶ୍ୱରଙ୍କ ହାତରେ ସମର୍ପି ଦିଅନ୍ତୁ । ଆପଣଙ୍କ ଜୀବନରେ କ’ଣ ଏପରି କୌଣସି ବିଷୟ ଅଛି, ଯାହା ପାଇଁ ବର୍ତ୍ତମାନ ଆପଣଙ୍କ ନିମନ୍ତେ ଧୈର୍ଯ୍ୟର ଆବଶ୍ୟକତା ଅଛି ? ବିଶ୍ୱାସରେ ଧୈର୍ଯ୍ୟ ସହକାରେ ଯୀଶୁ ଖ୍ରୀଷ୍ଟଙ୍କ ସହ ଆପଣଙ୍କ ନିବିଡ଼ ସଂପର୍କ ରକ୍ଷା କରି ଚାଲନ୍ତୁ । ଆୟୁବଙ୍କ ପରି ସ୍ୱୀକାର କରନ୍ତୁ, ‘‘ସେ ମୋତେ ବଧ କଲେ ସୁଦ୍ଧା ମୁଁ ତାହାଙ୍କଠାରେ ଭରସା ରଖିବି’’ (ଆୟୁବ ୧୩:୧୫) ।

ବିଶ୍ୱାସ ଏକ ଦୁର୍ବଳ ଏବଂ ଦୟନୀୟ ଭାବନା ନୁହେଁ, ମାତ୍ର ଈଶ୍ୱର ଯେ ପବିତ୍ର ପ୍ରେମ, ଏହି ତଥ୍ୟ ଉପରେ ପ୍ରତିଷ୍ଠିତ ଶକ୍ତିଯୁକ୍ତ ଦୃଢ଼ ଭରସା । ଯଦ୍ୟପି ଆପଣ ବର୍ତ୍ତମାନ ତାଙ୍କୁ ଦେଖି ପାରନ୍ତି ନାହିଁ କିମ୍ବା ତାଙ୍କର କାର୍ଯ୍ୟ ବିଷୟ ବୁଝିପାରନ୍ତି ନାହିଁ, ତଥାପି ଆପଣ *ତାହାଙ୍କୁ* ଜାଣନ୍ତି । ଈଶ୍ୱର ହେଉଛନ୍ତି ପବିତ୍ର ପ୍ରେମ, ଏହି ଅନନ୍ତ ସତ୍ୟ ଉପରେ ପ୍ରତିଷ୍ଠିତ ଜୀବନ ବିପର୍ଯ୍ୟସ୍ତ ହୁଏ । ବିଶ୍ୱାସ ଆପଣଙ୍କ ଜୀବନର ସର୍ବୋଚ୍ଚ ପ୍ରୟାସ– ସ୍ୱଚ୍ଛଳ ରୂପେ ଈଶ୍ୱରଙ୍କ ପ୍ରତି ସଂପୂର୍ଣ୍ଣ ଭରସା ରଖି ଆପଣ ନିଜକୁ ଈଶ୍ୱରଙ୍କଠାରେ ଅର୍ପଣ କରନ୍ତି ।

ଈଶ୍ୱର ଆମକୁ ଉଦ୍ଧାର କରିବା ପାଇଁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ଆପଣାର ସର୍ବସ୍ୱ ଢ଼ାଳି ଦେଇ ଏକ ଦୁଃସାହସିକ କାର୍ଯ୍ୟ କଲେ, ବର୍ତ୍ତମାନ ସେ ଅପେକ୍ଷା କରନ୍ତି ଯେ, ଆମେ ଯେପରି ନିଜକୁ ବିପନ୍ନ କରି ଜୀବନର ସବୁକିଛି ଭରସାଯୁକ୍ତ ରୂପେ ତାଙ୍କୁ ଅର୍ପଣ କରିବା । ଜୀବନର ଅନେକ କ୍ଷେତ୍ରରେ ଏ ପର୍ଯ୍ୟନ୍ତ ସେହି ବିଶ୍ୱାସ କାର୍ଯ୍ୟକାରୀ ହୋଇ ନାହିଁ – ଅନେକ ସ୍ଥାନ ଏ ପର୍ଯ୍ୟନ୍ତ ଈଶ୍ୱରଙ୍କ ଜୀବନର ସ୍ପର୍ଶ ଲାଭ କରି ନାହିଁ । ଯୀଶୁଙ୍କ ଜୀବନରେ ଏଭଳି ସ୍ଥାନ ନ ଥିଲା, ଏବଂ ଆମ ଜୀବନରେ ମଧ୍ୟ ରହିବା ଉଚିତ୍ ନୁହେଁ । ଯୀଶୁ ପ୍ରାର୍ଥନା କଲେ, ‘‘ତୁମକୁ... ଜାଣିବା ହିଁ ଅନନ୍ତ ଜୀବନ’’ (ଯୋହନ ୧୭:୩) । ଅନନ୍ତ ଜୀବନର ପ୍ରକୃତ ଅର୍ଥ ହେଉଛି, ଟଳମଳ ନ ହୋଇ ଯେଉଁ ଜୀବନ ସବୁ ପରିସ୍ଥିତିର ସମ୍ମୁଖୀନ ହୋଇପାରେ । ଆମେ ଯଦି ଏହି ଦୃଷ୍ଟିକୋଣ ନେଉ, ତେବେ ଜୀବନ ରୋମାଞ୍ଚକ ହେବ ଏବଂ ସବୁ ସମୟରେ ଈଶ୍ୱରଙ୍କ ଅଦ୍ଭୁତ ବିଷୟକୁ ଦେଖିବାର ଏକ ମହାନ ସୁଯୋଗରେ ପରିଣତ ହେବ । ଈଶ୍ୱର ଆମକୁ ଶକ୍ତିର ଏକ କେନ୍ଦ୍ର ସ୍ଥଳକୁ ନେବା ପାଇଁ ଶୃଙ୍ଖଳିତ କରୁଛନ୍ତି ।

ମେ ୯

# ହାତମୁଠାରେ ଥିବା ବିଷୟ ଅପେକ୍ଷା ଅଧିକ ପାଇବାର ପ୍ରଚେଷ୍ଟା

**ଐଶ୍ୱରିକ ପ୍ରତ୍ୟାଦେଶ ବିନା ଲୋକେ ସ୍ୱେଚ୍ଛାଚାରୀ ହୁଅନ୍ତି ।**
**ହିତୋପଦେଶ ୨୯:୧୮**

ଗୋଟିଏ ମୌଳିକ ସତ୍ୟକୁ ଧରି ରଖିବା ଏବଂ ଦର୍ଶନ ପାଇବା, ଏ ଦୁଇଟି ଭିନ୍ନ ବିଷୟ । ମୌଳିକ ସତ୍ୟ ନୈତିକ ପ୍ରେରଣାରୁ ଆସି ନ ଥାଏ, କିନ୍ତୁ ଗୋଟିଏ ଦର୍ଶନ ନୈତିକ ପ୍ରେରଣାରୁ ଆସିଥାଏ । ଯେଉଁମାନେ ଆଦର୍ଶବାଦର ନୀତିରେ ସଂପୂର୍ଣ୍ଣ ଅଭିଭୂତ, ସେମାନେ ଅଧିକନ୍ତୁ କିଛି କରିପାରନ୍ତି ନାହିଁ । ଜଣେ ବ୍ୟକ୍ତି ଈଶ୍ୱରଙ୍କ ସଂପର୍କିତ ତାଙ୍କର ଧାରଣା ଏବଂ ତାଙ୍କର ସ୍ୱଭାବକୁ ବ୍ୟବହାର କରି କର୍ତ୍ତବ୍ୟ ପ୍ରତି ତାଙ୍କର ଅବହେଳାକୁ ଯଥାର୍ଥ ବୋଲି ପ୍ରତିପାଦିତ କରିପାରନ୍ତି । ଯୂନସ ଈଶ୍ୱରଙ୍କ ପ୍ରତି ତାଙ୍କର ଅବିଶ୍ୱସ୍ତତାକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାର ପ୍ରୟାସ କରି କହିଲେ, ‘‘ମୁଁ ଜାଣିଥିଲି ତୁମେ କରୁଣାମୟ ଓ ସ୍ନେହଶୀଳ ଈଶ୍ୱର, ଧୀରକ୍ରୋଧୀ ଏବଂ ପ୍ରେମରେ ପରିପୂର୍ଣ୍ଣ, ପୁଣି ତୁମେ ସଦୟ ହୋଇ ଅମଙ୍ଗଳ ଘଟାଇବାରୁ ବିରତ ହୋଇଥାଅ’’ (ଯୂନସ ୪:୨) । ମୋର ମଧ୍ୟ ଈଶ୍ୱରଙ୍କ ପ୍ରତି ଏବଂ ତାଙ୍କର ଗୁଣ ପ୍ରତି ସଠିକ୍ ଧାରଣା ଥାଇପାରେ, କିନ୍ତୁ ତାହା ମଧ୍ୟ ମୋର କର୍ତ୍ତବ୍ୟ ସଂପାଦନ ନ କରିବାର କାରଣ ହୋଇପାରେ । କିନ୍ତୁ ଯେଉଁଠାରେ ଦର୍ଶନ ଥାଏ, ସେଠାରେ ମଧ୍ୟ ସତ୍ୟନିଷ୍ଠ ଏବଂ ସଚ୍ଚୋଟ ଜୀବନ ଥାଏ, କାରଣ ଦର୍ଶନ ମୋତେ ନୈତିକ ପ୍ରେରଣା ଦେଇଥାଏ ।

ଆମ ନିଜର ଆଦର୍ଶବାଦର ମୌଳିକ ନୀତି ଆମକୁ ନିଷ୍କ୍ରିୟ କରି ଧ୍ୱଂସ ଆଡ଼କୁ ଘେନିଯାଏ । ଆତ୍ମିକ ପରୀକ୍ଷା କରି ଦେଖନ୍ତୁ । ଆପଣଙ୍କର ଦର୍ଶନ ଅଛି ଅବା ଆପଣଙ୍କଠାରେ କେବଳ ମୌଳିକ ନୀତି ଅଛି ।

ଜଣେ ବ୍ୟକ୍ତି ତାଙ୍କ ହାତ ମୁଠାରେ ଥିବା ବିଷୟ ଅପେକ୍ଷା ଅଧିକ ପାଇବାର ଲକ୍ଷ୍ୟ ରଖିବା ଉଚିତ୍, ନଚେତ୍ ସ୍ୱର୍ଗ କାହିଁକି ଅଛି ? ‘‘ଯେଉଁଠାରେ ଦର୍ଶନ (ଐଶ୍ୱରିକ ପ୍ରତ୍ୟାଦେଶ) ନାହିଁ ।’’ ଯେତେବେଳେ ଆମେ ଈଶ୍ୱରଙ୍କୁ ଭୁଲିଯାଉ, ଆମେ କାହାକୁ ଖାତିର୍ କରି ନ ଥାଉ । ଯେଉଁ କାମ କରିବା ଅନୁଚିତ୍, ତାହା ଜାଣିଲେ ସୁଦ୍ଧା ଆମେ ସେହି କାମ କରିଥାଉ । ଆମେ ପ୍ରାର୍ଥନା ପ୍ରତି ଅବହେଳା କରୁ ଏବଂ ଜୀବନର ଛୋଟ ଛୋଟ କାର୍ଯ୍ୟରେ ଈଶ୍ୱରଙ୍କ ଦର୍ଶନ ପାଇବା ବନ୍ଦ କରି ଦେଉ । ନିଜର ନେତୃତ୍ୱରେ ଆମେ କାର୍ଯ୍ୟ ଆରମ୍ଭ କରୁ । ଈଶ୍ୱରଙ୍କ ସହାୟତା ନ ଲୋଡ଼ି ଆମେ ଯଦି ନିଜର ନେତୃତ୍ୱରେ ସବୁ କାର୍ଯ୍ୟ କରୁଛୁ, ତେବେ ଆମେ ପତନର ପଥ ଅନୁସରଣ କରିଛୁ । ଆମେ ଦର୍ଶନ ହରାଇଛୁ । ଆଜି ଆମର ମନୋଭାବ କ’ଣ ଈଶ୍ୱରଙ୍କ ଦର୍ଶନରୁ ପ୍ରବାହିତ ହୁଏ ? ଈଶ୍ୱର ଅତୀତରେ ଯେଉଁ କାର୍ଯ୍ୟ ସଂପାଦନ କରିଛନ୍ତି, ତା’ଠାରୁ ଅଧିକ ମହତ୍ କାର୍ଯ୍ୟ କରିବେ ବୋଲି କ’ଣ ଆମେ ଆଶା ରଖିଛୁ ? ଆମର ଆତ୍ମିକ ଦୃଷ୍ଟିକୋଣ କ’ଣ ସତେଜ ଏବଂ ଜୀବନ୍ତ ହୋଇଛି ?

# ପ୍ରଥମ ପଦକ୍ଷେପ ନିଅନ୍ତୁ

**ତୁମେମାନେ ନିଜର ବିଶ୍ୱାସ ସହିତ ସଦ୍‌ଗୁଣ ଯୋଗ କର ।**

**୨ ପିତର ୧:୫**

*ଯୋଗ କର* ଅର୍ଥ, ଆମକୁ କିଛି କରିବାକୁ ହେବ । ଆମ ପ୍ରତି ଭୁଲିଯିବାର ଏହି ବିପଦ ରହିଛି ଯେ, ଈଶ୍ୱର ଯାହା କରନ୍ତି, ଆମେ ତାହା କରିପାରିବା ନାହିଁ ଏବଂ ଆମେ ଯାହା କରୁ, ଈଶ୍ୱର ତାହା କରିବେ ନାହିଁ । ଆମେ ନିଜକୁ ଉଦ୍ଧାର କିମ୍ବା ଶୁଚି କରିପାରିବା ନାହିଁ– ଈଶ୍ୱର ତାହା କରନ୍ତି । କିନ୍ତୁ ଈଶ୍ୱର ଆମକୁ ଉତ୍ତମ ଗୁଣ ଏବଂ ଚରିତ୍ର ଦେବେ ନାହିଁ ଏବଂ ତାଙ୍କ ସମ୍ମୁଖରେ ଠିକ୍ ଭାବେ ଚାଲିବା ପାଇଁ ଆମକୁ ବାଧ୍ୟ କରିବେ ନାହିଁ । ସେ ସବୁ ଆମକୁ ହିଁ କରିବାକୁ ହେବ । ଆମକୁ ''ନିଜର ପରିତ୍ରାଣ'' ସଂପନ୍ନ କରିବାକୁ ହେବ, ଯାହା ଈଶ୍ୱର ଆମ ଜୀବନରେ ସାଧନ କରିଛନ୍ତି (ଫିଲିପ୍ପୀ ୨:୧୨) । ''ଯୋଗ କର'' ଅର୍ଥ, ଆମକୁ କିଛି କରିବା ପାଇଁ ଅଭ୍ୟାସ କରିବାକୁ ହେବ ଏବଂ ପ୍ରଥମାବସ୍ଥାରେ ଅସୁବିଧା ହୁଏ । ପ୍ରଥମ ପଦକ୍ଷେପର ଅର୍ଥ, ଆରମ୍ଭ କରିବା– ଆପଣଙ୍କ ମାର୍ଗ ଦର୍ଶନ ବିଷୟରେ ନିଜକୁ ଶିକ୍ଷିତ କରିବା ।

ଆପଣ ଯେତେବେଳେ ମାର୍ଗ ବିଷୟରେ ଭଲ ରୂପେ ଜାଣନ୍ତି, ମାର୍ଗ ବିଷୟ ପଚାରିବାର ପ୍ରବୃତ୍ତିରୁ ସାବଧାନ ରୁହନ୍ତୁ । ନେତୃତ୍ୱ ନିଅନ୍ତୁ– ସଂକୋଚ କରନ୍ତୁ ନାହିଁ – ପ୍ରଥମ ପଦକ୍ଷେପ ନିଅନ୍ତୁ । ଈଶ୍ୱର ଯେତେବେଳେ ଆପଣଙ୍କ ସହିତ ଆଳାପ କରନ୍ତି, ତାଙ୍କର କଥା ଶୁଣନ୍ତୁ ଏବଂ ଅବିଳମ୍ବେ ବିଶ୍ୱାସର ସହ କାର୍ଯ୍ୟ ଆରମ୍ଭ କରନ୍ତୁ, କଦାପି ଆପଣଙ୍କ ସିଦ୍ଧାନ୍ତର ପୁନର୍ବିଚାର କରନ୍ତୁ ନାହିଁ କିମ୍ବା ପରିବର୍ତ୍ତନ କରନ୍ତୁ ନାହିଁ । ଯେତେବେଳେ ଈଶ୍ୱର ଆପଣଙ୍କୁ କୌଣସି କାର୍ଯ୍ୟ କରିବାକୁ କହନ୍ତି ଏବଂ ଆପଣ ସେଥିରେ ସଂକୋଚ କରନ୍ତି, ତେବେ ଆପଣ ଅମନୋଯୋଗୀ ହେଉଛନ୍ତି ଏବଂ ଯେଉଁ ଅନୁଗ୍ରହ ଉପରେ ଛିଡ଼ା ହୋଇଛନ୍ତି, ତାହାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି । ନିଜେ ନିଜର ନେତୃତ୍ୱ ନିଅନ୍ତୁ, ବର୍ତ୍ତମାନ ହିଁ ସିଦ୍ଧାନ୍ତ ନିଅନ୍ତୁ, ଏବଂ ଏଥିରୁ ଆଉ ଓହରି ଯା'ନ୍ତୁ ନାହିଁ । ''ମୁଁ ସେହି ପତ୍ର ଲେଖିବି'' ଅବା ''ମୁଁ ମୋର ଋଣ ପରିଶୋଧ କରିବି'' ଏହି ପ୍ରକାର କହି ଆପଣଙ୍କ ଫେରିଯିବାର ସବୁ ବାଟକୁ ବନ୍ଦ କରିଦିଅନ୍ତୁ ଏବଂ ଏହି କାର୍ଯ୍ୟ କରନ୍ତୁ । ଏହି କାର୍ଯ୍ୟକୁ ଅପରିବର୍ତ୍ତନୀୟ କରି ଦିଅନ୍ତୁ ।

ଈଶ୍ୱର କ'ଣ କହୁଛନ୍ତି, ତାହାକୁ ମନୋଯୋଗ ସହକାରେ ଶୁଣିବା ପାଇଁ ଆମକୁ ଅଭ୍ୟାସ କରିବାକୁ ହେବ । ଯଦି ସଂକଟ ସମୟରେ ସ୍ୱାଭାବିକ ରୂପେ ଆମେ ଈଶ୍ୱରଙ୍କ ପ୍ରତି ଫେରୁ, ତେବେ ଜଣାଯିବ ଯେ, ଆମ ମଧ୍ୟରେ ତାଙ୍କ ସ୍ୱଭାବ ଗଠିତ ହୋଇଛି । ଆମେ ଯେଉଁଠାରେ ଅଛୁ, ସେଠାରେ ପ୍ରଥମ ପଦକ୍ଷେପ ନେବାକୁ ହେବ, ଯେଉଁଠାରେ ନାହୁଁ, ସେଠାରେ ନୁହେଁ ।

ମେ ୧୧

# ପରସ୍ପରକୁ ପ୍ରେମ କର

**ଭ୍ରାତୃସ୍ନେହ ସହିତ ପ୍ରେମ ଯୋଗ କର ।**

**୨ ପିତର ୧:୭**

ଆମ ମଧ୍ୟରୁ ଅଧିକାଂଶଙ୍କ ପାଇଁ ପ୍ରେମ ଏକ ଅସ୍ପଷ୍ଟ ବିଷୟ, ପ୍ରେମ ବିଷୟ କହିବା ସମୟରେ ଆମେ ତାହାର ଅର୍ଥ ବୁଝି ନ ଥାଉ । ପ୍ରେମ ହେଉଛି, ଜଣେ ବ୍ୟକ୍ତିଙ୍କର ଅନ୍ୟ ବ୍ୟକ୍ତିଙ୍କ ପ୍ରତି ଅଗ୍ରାଧିକାର । ଆତ୍ମିକ କ୍ଷେତ୍ରରେ ଯୀଶୁ ଚାହାନ୍ତି ଯେ, ସେହି ସର୍ବଶ୍ରେଷ୍ଠ ଅଗ୍ରାଧିକାର କେବଳ ତାଙ୍କ ପାଇଁ ହେଉ (ଲୂକ ୧୪:୨୬) । ଯେତେବେଳେ ''ଈଶ୍ୱର ପବିତ୍ର ଆତ୍ମାଙ୍କ ଦ୍ୱାରା ଆମର ହୃଦୟ ତାହାଙ୍କ ପ୍ରେମରେ ଭରି ଦେଇଛନ୍ତି''(ରୋମୀ ୫:୫), ସେତେବେଳେ ଯୀଶୁଙ୍କୁ ପ୍ରଥମ ସ୍ଥାନ ଦେବା ସହଜ । କିନ୍ତୁ ତାପରେ ୨ ପିତର ୧ ପର୍ବ ଅନୁସାରେ ସେହି ଅଂଶରେ ବର୍ଣ୍ଣିତ ବିଷୟଗୁଡ଼ିକ ଆମ ଜୀବନରେ କାର୍ଯ୍ୟକାରୀ କରିବା ପାଇଁ ଆମକୁ ଅଭ୍ୟାସ କରିବାକୁ ହେବ ।

ମୋ ଜୀବନରେ ଈଶ୍ୱରଙ୍କ ପ୍ରଥମ କାର୍ଯ୍ୟ ହେଉଛି ଯେ, ସେ ମୋର ଅବିଶ୍ୱସ୍ତତା, ଗର୍ବ ଏବଂ ଅହମିକା ଦୂର କରି ଦିଅନ୍ତି । ପବିତ୍ର ଆତ୍ମା ଏହି କଥା ପ୍ରକାଶ କରନ୍ତି ଯେ, ମୁଁ ପ୍ରେମ-ଯୋଗ୍ୟ ଥିବା ହେତୁ ଈଶ୍ୱର ମୋତେ ପ୍ରେମ କଲେ ନାହିଁ, ମାତ୍ର ସେ ପ୍ରେମ ସ୍ୱଭାବ ବିଶିଷ୍ଟ ହୋଇଥିବାରୁ ମୋତେ ପ୍ରେମ କଲେ । ବର୍ତ୍ତମାନ ଅନ୍ୟମାନଙ୍କୁ ପ୍ରେମ କରିବାର ଆଜ୍ଞା ଦେଇ ସେ ମୋତେ କହନ୍ତି, ''ମୁଁ ଯେପରି ତୁମମାନଙ୍କୁ ପ୍ରେମ କରିଛି, ତୁମେମାନେ ସେହିପରି ପରସ୍ପରକୁ ପ୍ରେମ କର'' (ଯୋହନ ୧୫:୧୨) । ସେ କହୁଛନ୍ତି, ''ମୁଁ ତୁମ ନିକଟକୁ ଅନେକ ଲୋକଙ୍କୁ ଆଣିବି, ଯେଉଁମାନଙ୍କ ପ୍ରତି ତୁମର ସ୍ନେହ ଶ୍ରଦ୍ଧା ନାହିଁ, କିନ୍ତୁ ସେମାନଙ୍କ ନିକଟରେ ତୁମକୁ ମୋର ପ୍ରେମ ପ୍ରଦର୍ଶନ କରିବାକୁ ହେବ, ଯେଉଁ ପ୍ରେମ ମୁଁ ତୁମ ଜୀବନରେ ପ୍ରଦର୍ଶିତ କରିଛି ।''ଏହି ପ୍ରେମ, ପ୍ରେମ ପାଇଁ ଅଯୋଗ୍ୟ ବିବେଚିତ ଲୋକଙ୍କ ପ୍ରତି ଦୟା ସୂଚକ ପ୍ରେମ ନୁହେଁ ଏବଂ ଗୋଟିଏ ରାତିରେ ଏହା ଆମ ମଧ୍ୟରେ ଅକସ୍ମାତ୍ ପ୍ରମାଣିତ ହୁଏ ନାହିଁ । ଆମ ମଧ୍ୟରୁ ଅନେକେ ବଳପୂର୍ବକ ହୁଏତ ଏହାକୁ ଅଭ୍ୟାସ କରିଥିଲୁ, କିନ୍ତୁ ପରେ କ୍ଳାନ୍ତ ଓ ବିଫଳ ହୋଇଥିଲୁ ।

''କେହି ବିନଷ୍ଟ ନ ହେଉ... ଏହା ଇଚ୍ଛା କରି ସେ (ପ୍ରଭୁ) ତୁମମାନଙ୍କ ପ୍ରତି ଧୈର୍ଯ୍ୟଶୀଳ ଅଟନ୍ତି'' (୨ ପିତର ୩:୯) । ମୁଁ ମୋ ହୃଦୟକୁ ନିରୀକ୍ଷଣ କରି ସ୍ମରଣ କରିବି ଯେ, ପ୍ରଭୁ ମୋ ଜୀବନରେ କିଭଳି ଆଶ୍ଚର୍ଯ୍ୟ କାର୍ଯ୍ୟ ସାଧନ କରିଛନ୍ତି । ମୋ ପ୍ରତି ଈଶ୍ୱରଙ୍କ ଅବର୍ଣ୍ଣନୀୟ ପ୍ରେମ ଠିକ୍ ସେହି ପ୍ରକାରେ ଅନ୍ୟମାନଙ୍କୁ ପ୍ରେମ କରିବା ପାଇଁ ମୋତେ ବାଧ୍ୟ କରିବ । ଜଣେ ଦୁର୍ବୋଧ ଲୋକଙ୍କ ସହିତ ବାସ କରିବା ମୋ ପାଇଁ ହୁଏତ ବିରକ୍ତିକର ହୋଇପାରେ, କିନ୍ତୁ ଚିନ୍ତା କରନ୍ତୁ ମୁଁ ଈଶ୍ୱରଙ୍କ ସହିତ କିଭଳି ଅସନ୍ତୋଷ ଭାବ ପ୍ରକାଶ କରିଛି । ମୁଁ କ'ଣ ପ୍ରଭୁ ଯୀଶୁଙ୍କ ସହିତ ଏଭଳି ଚିହ୍ନିତ ହୋଇଛି, ଯଦ୍ଦ୍ୱାରା ତାଙ୍କର ଜୀବନ ଏବଂ ମଧୁରତାର ନିର୍ଝର ନିରନ୍ତର ମୋ ମଧ୍ୟରେ ପ୍ରବାହିତ ହେବ ? ସ୍ୱାଭାବିକ ବା ଈଶ୍ୱରଙ୍କ ପ୍ରେମ ହେଉ, ଯଦି ତାହାର ପୁଷ୍ଟି ସାଧନ ନ ହୁଏ, ତେବେ ମୋ ମଧ୍ୟରେ ତାହାର ବୃଦ୍ଧି ଘଟିବ ନାହିଁ । ପ୍ରେମ ସ୍ୱତଃସ୍ଫୁର୍ତ୍ତ, କିନ୍ତୁ ତାକୁ ଶୃଙ୍ଖଳା ମଧ୍ୟରେ ରକ୍ଷା କରାଯାଇ ପାରିବ ।

## ମେ ୧୨

# ଅଭ୍ୟାସ ନ ରଖିବାର ଅଭ୍ୟାସ

### ଏହିସବୁ ତୁମମାନଙ୍କ ନିକଟରେ ବୃଦ୍ଧି ପାଇଲେ... ତୁମମାନଙ୍କୁ ଶିଥିଳ ଓ ଫଳଶୂନ୍ୟ ହେବାକୁ ଦେବ ନାହିଁ ।

### ୨ ପିତର ୧:୮

ଆମେ ଯେତେବେଳେ କୌଣସି ଅଭ୍ୟାସ ଆରମ୍ଭ କରୁ, ସେ ବିଷୟରେ ଆମର ସ୍ପଷ୍ଟବୋଧ ଥାଏ । ଏପରି ସମୟ ଆସେ ଯେତେବେଳେ ଆମେ ଉପଲବ୍ଧି କରୁ ଯେ, ଆମେ ଉତ୍ତମ ସ୍ୱଭାବ ବିଶିଷ୍ଟ ଏବଂ ଧାର୍ମିକ, କିନ୍ତୁ ଆମର ଆତ୍ମିକ ବୃଦ୍ଧି ସହିତ ଏହି ମନୋଭାବ ଶୀଘ୍ର ଦୂର ହେବା ଆବଶ୍ୟକ । ଯଦି ଏହି ଅବସ୍ଥାରେ ଆମେ ଅଟକି ଯାଉ, ତେବେ ଆମ ମଧ୍ୟରେ ଆତ୍ମିକ ଅହଂକାର ସୃଷ୍ଟି ହେବ । ଧାର୍ମିକ ସ୍ୱଭାବଗତ ଅଭ୍ୟାସକୁ ପରିଚାଳିତ କରିବାର ସଠିକ୍ ଉପାୟ ହେଉଛି, ଏସବୁକୁ ପ୍ରଭୁଙ୍କ ଜୀବନ ମଧ୍ୟରେ ଏଭଳି ବିସର୍ଜ୍ଜନ କରିବା, ଯଦ୍ୱାରା ତାହା ଆମ ଜୀବନର ସ୍ୱତଃସ୍ଫୁର୍ତ୍ତ ପରିପ୍ରକାଶ ହେବ ଏବଂ ଆମେ ତାହା ଜାଣିପାରିବା ନାହିଁ । ଆମର ଆତ୍ମିକ ଜୀବନ ଆତ୍ମ ପରୀକ୍ଷାର ଉଦ୍ଦେଶ୍ୟ ନେଇ ଆମର ଆତ୍ମା ପ୍ରତି ଆମର ଧ୍ୟାନ ଆକର୍ଷଣ କରୁଛି, କାରଣ କିଛି ଗୁଣ ଅଛି, ଯାହାକୁ ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଆମ ଜୀବନରେ ଯୋଗ କରିନାହୁଁ ।

ଆପଣଙ୍କ ଦେବତା ହୁଏତ ଦୈନନ୍ଦିନ ଶାସ୍ତ୍ରପାଠ ଏବଂ ପ୍ରାର୍ଥନାର ଏକ ଛୋଟ ଖ୍ରୀଷ୍ଟୀୟ ଅଭ୍ୟାସ ହୋଇପାରେ । ଯଦି ଆପଣ କେବଳ ଆପଣଙ୍କ ଅଭ୍ୟାସର ଉପାସନା କରୁଥା'ନ୍ତି, କିନ୍ତୁ ସେହି ଅଭ୍ୟାସର ପ୍ରକୃତ ଅର୍ଥ ବୁଝି ନ ଥା'ନ୍ତି, ତେବେ ଚିନ୍ତା କରି ଦେଖନ୍ତୁ, ପିତା ଈଶ୍ୱର ଆପଣଙ୍କ ଦୈନିକ କାର୍ଯ୍ୟକ୍ରମକୁ କିଭଳି ବିପର୍ଯ୍ୟସ୍ତ କରିବେ । ଆମେ କହୁ, ''ବର୍ତ୍ତମାନ ମୁଁ ସେହି କାମ ପରିପାରିବି ନାହିଁ, କାରଣ ଏହା ଈଶ୍ୱରଙ୍କ ସହିତ ମୋର ଘନିଷ୍ଠ ସମୟ ।'' ନା, ଏହା କେବଳ ଆପଣଙ୍କ ଅଭ୍ୟାସ ସହିତ ଆପଣଙ୍କ ସମୟ । ଆପଣଙ୍କ ଜୀବନର ଗୋଟିଏ ଗୁଣ ବାକି ରହିଛି । ଆପଣଙ୍କ ଦୁର୍ବଳତାକୁ ଚିହ୍ନିତ କରନ୍ତୁ ଏବଂ ଅଭାବ ରହିଥିବା ଗୁଣକୁ ଆପଣଙ୍କ ଜୀବନରେ ସାମିଲ କରିବାର ସୁଯୋଗ ଖୋଜନ୍ତୁ ।

ପ୍ରେମର ଅର୍ଥ ହେଉଛି, ଦେଖାଯିବା ଭଳି କୌଣସି ଅଭ୍ୟାସ ନାହିଁ – କାରଣ ଆପଣଙ୍କ ଅଭ୍ୟାସଗୁଡ଼ିକ ପ୍ରଭୁଙ୍କ ସହିତ ଏଭଳି ନିମଜ୍ଜିତ ହୋଇଛି ଯେ, ଆପଣ ସେ ବିଷୟ ନ ଭାବି ସୁଦ୍ଧା ତାହା ଅଭ୍ୟାସ କରୁଛନ୍ତି । ଯଦି ଆପଣଙ୍କ ପବିତ୍ରତା ସମ୍ବନ୍ଧରେ ଆପଣ ସଚେତନ, ତେବେ କେତେଗୁଡ଼ିଏ କାର୍ଯ୍ୟ କରିବା ପାଇଁ ଆପଣ ନିଜକୁ ସୀମାବଦ୍ଧ କରୁଛନ୍ତି– ଏଭଳି କାର୍ଯ୍ୟ ଯାହା ଈଶ୍ୱର ଆଦୌ ନିଷେଧ କରନ୍ତି ନାହିଁ । ଏହାର ଅର୍ଥ, ହଜିଯାଇଥିବା କୌଣସି ଗୁଣ ଆପଣଙ୍କ ଜୀବନରେ ଯୋଗ କରାଯିବା ଅତ୍ୟନ୍ତ ଜରୁରୀ । ଯୀଶୁଖ୍ରୀଷ୍ଟ ହିଁ କେବଳ ସେହି ଅଲୌକିକ ଜୀବନ ଯାପନ କରିଥିଲେ ଏବଂ ସବୁ ପରିସ୍ଥିତିରେ ସେ ଈଶ୍ୱରଙ୍କ ସହିତ ପରିଚିତ ଥିଲେ । କ'ଣ ଏପରି କୌଣସି ସ୍ଥାନ ଅଛି, ଯେଉଁଠାରେ ଆପଣ ଈଶ୍ୱରଙ୍କ ସହିତ ପରିଚିତ ହୋଇ ନାହାନ୍ତି ? ଯଦି ତାହା ହୋଇଥାଏ, ତେବେ ପରିସ୍ଥିତି ଯାହା ହେଉ ପଛେ, ଈଶ୍ୱରଙ୍କୁ ତାଙ୍କର କାର୍ଯ୍ୟ କରିବାକୁ ଅନୁମତି ଦିଅନ୍ତୁ, ଯେ ପର୍ଯ୍ୟନ୍ତ ଆପଣ ତାଙ୍କର ଗୁଣକୁ ଯୋଗ କରି ତାଙ୍କଠାରେ ବୃଦ୍ଧି ପ୍ରାପ୍ତ ହୋଇ ନାହାନ୍ତି । ତା' ପରେ ଆପଣଙ୍କ ଜୀବନ ଏକ ଶିଶୁର ଜୀବନ ଭଳି ସରଳ ହୋଇଯିବ ।

# ଏକ ଶୁଦ୍ଧ ବିବେକ ରଖିବାର ଅଭ୍ୟାସ

## ଜଣେ ଈଶ୍ୱର ତଥା ମନୁଷ୍ୟ ସାକ୍ଷାତରେ ମୋର ବିବେକ ନିର୍ମଳ ରଖିବାକୁ ମୁଁ ଯଥାସାଧ୍ୟ ଚେଷ୍ଟା କରେ ।
## ପ୍ରେରିତ ୨୪:୧୬

ଈଶ୍ୱର ଆମକୁ ଯେଉଁ ଆତ୍ମା ଦେଇଛନ୍ତି, ବାସ୍ତବରେ ତାହା ଆମ ମଧ୍ୟରେ ବାସ କରୁଥିବା ତାଙ୍କର ପୁତ୍ରଙ୍କ ଜୀବନ ପ୍ରତି ପ୍ରଦତ୍ତ ହୋଇଛି । ଏହି କାରଣରୁ ଆମର ମନୁଷ୍ୟ ସ୍ୱଭାବ, ଯାହା ମଧ୍ୟରେ ତାଙ୍କର ପୁତ୍ର ରୂପାୟିତ ହୋଇଛନ୍ତି (ଗାଲାତୀୟ ୪:୧୯), ଈଶ୍ୱରଙ୍କ ଆଜ୍ଞା କଠିଣ ହୋଇଥାଏ, କିନ୍ତୁ ଆମେ ତାଙ୍କର ବାଧ୍ୟ ହେବା ଦ୍ୱାରା ତାହା ଅଲୌକିକ ରୂପେ ସହଜ ହୋଇଯାଏ ।

ବିବେକ ହେଉଛି ମୋର ସେହି ଆଭ୍ୟନ୍ତରୀଣ ସାମର୍ଥ୍ୟ, ଯାହା ସେହି ସର୍ବୋଚ୍ଚ ମାନଦଣ୍ଡ ସହିତ ନିଜକୁ ଯୋଡ଼ି ଦିଏ, ଯେଉଁ ବିଷୟ ମୁଁ ଜାଣେ, ଏବଂ ଯାହା ମୋତେ ବାରମ୍ବାର ସ୍ମରଣ କରାଇ ଦିଏ ଯେ, ସେ ମାନଦଣ୍ଡ ମୋଠାରୁ କ'ଣ ଅପେକ୍ଷା କରେ । ଏହା ମନର ସେହି ଆଖି ଯାହା ଈଶ୍ୱରଙ୍କ ପ୍ରତି ଅବା ଆମ ଦୃଷ୍ଟିରେ ବିବେଚିତ ଶ୍ରେଷ୍ଠ ମାନଦଣ୍ଡ ପ୍ରତି ଅନାଇ ରହିଛି । ଏହା ବୁଝାଇ ଦିଏ ଯେ, ବିଭିନ୍ନ ଲୋକଙ୍କ ବିବେକ କାହିଁକି ଭିନ୍ନ ହୁଏ । ଯଦି ମୁଁ ନିରନ୍ତର ଈଶ୍ୱରଙ୍କ ମାନଦଣ୍ଡକୁ ମୋ ଆଗରେ ରଖିବି, ମୋର ବିବେକ ସବୁବେଳେ ଈଶ୍ୱରଙ୍କ ସିଦ୍ଧ ବ୍ୟବସ୍ଥା ପ୍ରତି ମୋର ଧ୍ୟାନ ଆକର୍ଷଣ କରି ମୋର କାର୍ଯ୍ୟ ପନ୍ଥା ସଂପର୍କରେ ମୋତେ ଜଣାଇବ । ପ୍ରଶ୍ନ ହେଉଛି, ମୁଁ କ'ଣ ବାଧ୍ୟ ହେବି ? ମୁଁ ଯେପରି କାହାରି ମର୍ଯ୍ୟାଦା ହାନୀ ନ କରେ, ସେଥିପାଇଁ ମୋର ବିବେକକୁ ସମ୍ବେଦନଶୀଳ ରଖିବା ପାଇଁ ମୋତେ ଯତ୍ନ କରିବାକୁ ହେବ । ମୋତେ ଈଶ୍ୱରଙ୍କ ପୁତ୍ରଙ୍କ ସହିତ ଜୀବନ ଅତିବାହିତ କରିବା ପାଇଁ ଏଭଳି ସୁନ୍ଦର ସମନ୍ୱୟ ରକ୍ଷା କରିବାକୁ ହେବ, ଯଦ୍ଦ୍ୱାରା ଜୀବନର ପ୍ରତ୍ୟେକ ପରିସ୍ଥିତିରେ ମୋର ମନ ଏବଂ ଆତ୍ମାର ନବୀକରଣ ହେବ ଏବଂ ମୁଁ ଅତିଶୀଘ୍ର ''ଈଶ୍ୱରଙ୍କ ଉତ୍ତମ, ତୁଷ୍ଟିଜନକ ଓ ସିଦ୍ଧ ଇଚ୍ଛା କ'ଣ, ତାହା ପରୀକ୍ଷା କରି ଜାଣି ପାରିବି'' (ଏବ୍ରୀ ୧୨:୨ ଏବଂ ଏଫିସୀ ୪:୨୩ ଦେଖନ୍ତୁ) ।

ଈଶ୍ୱର ସବୁବେଳେ ଆମକୁ ସୁସ୍ପଷ୍ଟ ନିର୍ଦ୍ଦେଶ ଦିଅନ୍ତି । ମୋର କାନ କ'ଣ ସମ୍ବେଦନଶୀଳ ହୋଇ ଆତ୍ମାଙ୍କ କୋମଳ ସ୍ୱର ଶୁଣିବା ପାଇଁ ପ୍ରସ୍ତୁତ, ଯେପରି ମୁଁ ମୋର କାର୍ଯ୍ୟପନ୍ଥା ବିଷୟ ଜାଣିପାରିବି ? ''ଈଶ୍ୱରଙ୍କର ସେହି ପବିତ୍ର ଆତ୍ମାଙ୍କୁ ଦୁଃଖ ଦିଅ ନାହିଁ'' (ଏଫିସୀ ୪:୩୦) । ସେ ବଜ୍ର ଗମ୍ଭୀର ସ୍ୱରରେ କଥା କହନ୍ତି ନାହିଁ – ତାଙ୍କର ସ୍ୱର ଏତେ କୋମଳ ଯେ ଆମେ ସହଜରେ ତାହା ଉପେକ୍ଷା କରିପାରୁ । ଈଶ୍ୱରଙ୍କ ପ୍ରତି ଆମ ବିବେକକୁ ସମ୍ବେଦନଶୀଳ ରଖିବାର ଏକମାତ୍ର ଉପାୟ ହେଉଛି, ଆଭ୍ୟନ୍ତରୀଣ ରୂପେ ଈଶ୍ୱରଙ୍କ ପ୍ରତି ଉନ୍ମୁକ୍ତ ହୋଇ ରହିବା । ବିତର୍କ ଆରମ୍ଭ କରିବା ସମୟରେ ଆପଣ ନୀରବ ରୁହନ୍ତୁ । ପଚାରନ୍ତୁ ନାହିଁ, ''ମୁଁ କାହିଁକି ଏହା କରିପାରିବି ନାହିଁ ?'' ଆପଣ ଭୁଲ୍ ବାଟରେ ଅଛନ୍ତି । ଆପଣଙ୍କ ବିବେକ କହିବାକୁ ଆରମ୍ଭ କଲେ ବିତର୍କର କୌଣସି ସମ୍ଭାବନା ନାହିଁ, ଯାହା ବି ଅଛି, ତାହାକୁ ଛାଡ଼ନ୍ତୁ, ଏବଂ ଆପଣଙ୍କ ଆଭ୍ୟନ୍ତରୀଣ ଦର୍ଶନ ଯେପରି ସ୍ୱଚ୍ଛ ହୁଏ, ସେଥିପାଇଁ ଧ୍ୟାନ ଦିଅନ୍ତୁ ।



# ଦୁରବସ୍ଥା ଉପଭୋଗ କରିବାର ଅଭ୍ୟାସ

### ଯୀଶୁଙ୍କର ଜୀବନ ଯେପରି ଆମ ଶରୀରରେ ପ୍ରକାଶ ପାଇବ
### ୨ କରିନ୍ଥୀୟ ୪:୧୦

ଆମ ମଧ୍ୟରେ ଈଶ୍ୱରଙ୍କ ଅନୁଗ୍ରହ ଯେଉଁ କାର୍ଯ୍ୟ କରିଛି, ତାହା ପ୍ରକାଶ କରିବା ପାଇଁ ଆମକୁ ଧାର୍ମିକ ଅଭ୍ୟାସର ବୃଦ୍ଧି ଘଟାଇବାକୁ ହେବ । ଏହା କେବଳ ନରକରୁ ରକ୍ଷା ପାଇବାର ପ୍ରଶ୍ନ ନୁହେଁ, କିନ୍ତୁ ଏହା ଏକ ଉଦ୍ଧାରପ୍ରାପ୍ତ ଜୀବନ – ''ଯୀଶୁଙ୍କର ଜୀବନ ଯେପରି ଆମ ଶରୀରରେ ପ୍ରକାଶ ପାଇବ ।'' ଦୁରବସ୍ଥା ମାଧ୍ୟମରେ ଆମର ମର ଶରୀରରେ ଈଶ୍ୱରଙ୍କ ଜୀବନ ପ୍ରକାଶିତ ହୁଏ । ମୋ ଜୀବନରେ କ'ଣ ଈଶ୍ୱରଙ୍କ ପୁତ୍ରଙ୍କ ମିଷ୍ଟତାର ମୌଳିକ ବିଷୟ ପ୍ରଦର୍ଶିତ ହେଉଛି ଅବା ବିରକ୍ତିକର ''ଅହଂତ୍ୱ'' ଯାହାକୁ ମୁଁ ଈଶ୍ୱରଙ୍କଠାରୁ ପୃଥକ୍ ରଖିବା ପାଇଁ ଇଚ୍ଛା କରେ ? ଦୁରବସ୍ଥାକୁ ଉପଭୋଗ କରିବାର ଏକମାତ୍ର ବିଷୟ ହେଉଛି, ମୋ ମଧ୍ୟରେ ଈଶ୍ୱରଙ୍କ ପୁତ୍ରଙ୍କ ଜୀବନକୁ ପ୍ରଦର୍ଶନ କରିବା ପାଇଁ ଅନୁମତି ଦେବା ବିଷୟକ ମୋର ପ୍ରବଳ ଆକାଂକ୍ଷା । ପରସ୍ଥିତି ଯେତେ କଷ୍ଟକର ହେଉ ପଛେ, ମୁଁ ନିଶ୍ଚୟ କହିବି, ''ପ୍ରଭୁ, ଏହି ପରିସ୍ଥିତିରେ ତୁମର ବାଧ୍ୟ ହୋଇଥିବାରୁ ମୁଁ ଆନନ୍ଦିତ ।'' ଅବିଳମ୍ବେ ଈଶ୍ୱରଙ୍କ ପୁତ୍ର ମୋ ଜୀବନରେ ସବୁଠାରୁ ଆଗକୁ ଆସିବେ ଏବଂ ମୋ ଶରୀରରେ ପ୍ରକଟିତ ହେବେ, ଯଦ୍ଦ୍ୱାରା ଈଶ୍ୱର ଗୌରବାନ୍ୱିତ ହେବେ ।

ଆପଣ ଆଦୌ ଯୁକ୍ତି କରିବେ ନାହିଁ । ଯେଉଁ ମୁହୂର୍ତ୍ତରେ ଆପଣ ଈଶ୍ୱରଙ୍କ ପ୍ରକାଶର ଆଜ୍ଞା ପାଳନ କରନ୍ତି, ସେହି ଦୁରବସ୍ଥା ମଧ୍ୟରେ ଈଶ୍ୱରଙ୍କ ପୁତ୍ର ଆପଣଙ୍କ ମଧ୍ୟରେ ଆଲୋକ ପ୍ରଦାନ କରନ୍ତି, କିନ୍ତୁ ଆପଣ ଯଦି ଈଶ୍ୱରଙ୍କ ସହିତ ବିତର୍କ କରନ୍ତି, ତେବେ ଆପଣ ପବିତ୍ର ଆତ୍ମାଙ୍କୁ ଦୁଃଖ ଦିଅନ୍ତି (ଏଫିସୀ ୪:୩୦ ଦେଖନ୍ତୁ) । ଆପଣଙ୍କୁ ସଠିକ୍ ଅବସ୍ଥାରେ ନିଜକୁ ରଖିବାକୁ ହେବ, ଯେପରି ଈଶ୍ୱରଙ୍କ ପୁତ୍ରଙ୍କ ଜୀବନ ଆପଣଙ୍କ ମଧ୍ୟରେ ପ୍ରକଟିତ ହେବ, ଏବଂ ଆପଣ ଯଦି ଆତ୍ମ-ସହାନୁଭୂତି ପ୍ରକାଶ କରନ୍ତି, ତେବେ ଆପଣ ନିଜକୁ ସମର୍ଥ କରିପାରିବେ ନାହିଁ । ଆମର ପରିସ୍ଥିତି ମାଧ୍ୟମରେ ଈଶ୍ୱର ପ୍ରଦର୍ଶନ କରନ୍ତି ଯେ, ତାଙ୍କର ପୁତ୍ର ଆଶ୍ଚର୍ଯ୍ୟ ରୂପେ କେତେ ସିଦ୍ଧ ଏବଂ ଶୁଦ୍ଧ ! ଈଶ୍ୱରଙ୍କ ପୁତ୍ରଙ୍କୁ ପ୍ରଦର୍ଶିତ କରିବାର ନୂତନ ଉପାୟର ଆବିଷ୍କାର ନୂତନ ଉତ୍ସାହରେ ଆମ ହୃଦୟକୁ ସ୍ପନ୍ଦିତ କରିବ । ଦୁରବସ୍ଥାକୁ ଚୟନ କରିବା ଗୋଟିଏ ବିଷୟ, ଈଶ୍ୱରଙ୍କ ସାର୍ବଭୌମ ପ୍ରଭୁତ୍ୱ ଦ୍ୱାରା ଆମର ପରିସ୍ଥିତିକୁ ସଞ୍ଚାଳିତ କରି ସେହି ଦୁରବସ୍ଥାରୁ ମଧୁର ସଂଗୀତ ସୃଷ୍ଟି କରିବା ଆଉ ଏକ ବିଷୟ । ଈଶ୍ୱର ଯଦି ଆପଣଙ୍କୁ ଦୁରବସ୍ଥା ମଧ୍ୟରେ ରଖନ୍ତି, ତେବେ ସେ ଆପଣଙ୍କ ସମସ୍ତ ଅଭାବ ପୂରଣ କରିବା ପାଇଁ ସମର୍ଥ (ଫିଲିପ୍ପୀୟ ୪:୧୯) ।

ଈଶ୍ୱରଙ୍କ ପୁତ୍ରଙ୍କ ଜୀବନକୁ ପ୍ରକଟ କରିବା ପାଇଁ ଆପଣ ନିଜକୁ ସଠିକ୍ ଅବସ୍ଥାରେ ରଖନ୍ତୁ । ଆପଣଙ୍କ ଅତୀତର ସ୍ମୃତିକୁ ନେଇ ଜୀବନ ଯାପନ କରନ୍ତୁ ନାହିଁ, କିନ୍ତୁ ସର୍ବଦା ଈଶ୍ୱରଙ୍କ ବାକ୍ୟ ଆପଣଙ୍କ ମଧ୍ୟରେ ସକ୍ରିୟ ରହିଥାଉ ।

**ମେ ୧୫**

# ପରସ୍ଥିତି ମୁତାବକ ସାମର୍ଥ୍ୟ ହାସଲ କରିବାର ଅଭ୍ୟାସ

**ସେ ତୁମମାନଙ୍କୁ ଯେଉଁ ଭରସାକୁ ଆହ୍ୱାନ କରିଛନ୍ତି... ତାହା ତୁମେମାନେ ଜାଣିବ ।**
**ଏଫିସୀୟ ୧:୧୮–୧୯**

ମନେରଖନ୍ତୁ ଯେ, ଆପଣ ଉଦ୍ଧାରପ୍ରାପ୍ତ ହୋଇଛନ୍ତି, ଯେପରି ଯୀଶୁଙ୍କର ଜୀବନ ଆପଣଙ୍କ ଶରୀରରେ ପ୍ରକଟିତ ହେବ (୨ କରିନ୍ଥୀୟ ୪:୧୦ ଦେଖନ୍ତୁ) । ଆପଣଙ୍କ ଶକ୍ତିର ସମସ୍ତ କାର୍ଯ୍ୟ ଦକ୍ଷତାକୁ ଏଭଳି ସଞ୍ଚାଳନ କରନ୍ତୁ, ଯେପରି ଆପଣ ସେ ସମସ୍ତ ବିଷୟ ପାଇବେ ଯାହା ଈଶ୍ୱରଙ୍କ ସନ୍ତାନରୂପେ ଆପଣଙ୍କ ପାଇଁ ଉପଲବ୍ଧ ହୁଏ । ଆପଣଙ୍କ ପଥରେ ଯେ କୌଣସି ପରିସ୍ଥିତି ପାଇଁ ଆପଣ ସାମର୍ଥ୍ୟ ହାସଲ କରିବେ ।

ପରିତ୍ରାଣ ପାଇବା ପାଇଁ ଆପଣ ନିଜେ କିଛି କରି ନ ଥିଲେ, କିନ୍ତୁ ତାହାକୁ ପ୍ରଦର୍ଶିତ କରିବା ପାଇଁ ଆପଣଙ୍କୁ କିଛି କରିବାକୁ ହେବ । ଆପଣଙ୍କୁ ‘‘ନିଜର ପରିତ୍ରାଣ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ହେବ’’, ଯାହା ଈଶ୍ୱର ଆପଣଙ୍କ ମଧ୍ୟରେ ସଂପନ୍ନ କରିଛନ୍ତି (ଫିଲିପ୍ପୀୟ ୨:୧୨) । ଆପଣ ତାହା ସଂପୂର୍ଣ୍ଣ କରୁଛନ୍ତି ବୋଲି ଆପଣଙ୍କ କଥା, ଚିନ୍ତାଧାରା ଏବଂ ଭାବନା କ’ଣ ତାହାର ପ୍ରମାଣ ଦିଏ ? ଯଦି ଆପଣ ପୂର୍ବ ଭଳି ବିଷାଦଭରା, କ୍ରୋଧୀ ଏବଂ ଅହଂକାରୀ ହୁଅନ୍ତି, ତେବେ ଏହା କହିବା ମିଛ ଯେ, ଈଶ୍ୱର ଆପଣଙ୍କୁ ଉଦ୍ଧାର କରିଛନ୍ତି ଏବଂ ଆପଣ ପବିତ୍ର । ଈଶ୍ୱର ହେଉଛନ୍ତି ପ୍ରଧାନ ନକ୍ସା ପ୍ରସ୍ତୁତକାରୀ । ସେ ଆପଣଙ୍କ ଜୀବନରେ ଦୁରବସ୍ଥା ସୃଷ୍ଟି କରିବାର କାରଣ ହେଉଛି, ସେ ଦେଖିବାକୁ ଚାହାନ୍ତି ଆପଣ ଠିକ୍ ଭାବେ ତାହା ଅତିକ୍ରମ କରିପାରୁଛନ୍ତି କି ନାହିଁ – ‘‘ମୋର ଈଶ୍ୱରଙ୍କ ସହାୟତାରେ ମୁଁ ପ୍ରାଚୀର ଲଂଘନ କରିପାରେ’’ (ଗୀତସଂହିତା ୧୮:୨୯) । ଈଶ୍ୱର ଆପଣଙ୍କୁ ତାଙ୍କର ପୁଅ ବା ଝିଅ ହେବାର ଯୋଗ୍ୟତା ବିଷୟରେ କୌଣସି ସୁରକ୍ଷା ଦେବେ ନାହିଁ । ୧ ପିତର ୪:୧୨ ରେ ଲେଖାଯାଏ, ‘‘ପ୍ରିୟ ବଂଧୁଗଣ, ତୁମମାନଙ୍କ ପ୍ରତି ଯେଉଁ ଅଗ୍ନିପରୀକ୍ଷା ଆସିଛି, ତାହା କୌଣସି ଅସ୍ୱାଭାବିକ ଘଟନା ବୋଲି ମନେ କରି ଆଶ୍ଚର୍ଯ୍ୟ ବୋଧ କର ନାହିଁ’’ । ପରିସ୍ଥିତି ପାଇଁ ସାମର୍ଥ୍ୟ ହାସଲ କରନ୍ତୁ – ପରୀକ୍ଷାର ପ୍ରସ୍ତୁତି ପାଇଁ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ । ଯଦି ଏହା ଆପଣଙ୍କ ଶରୀରରେ ଯୀଶୁଙ୍କ ଜୀବନକୁ ପ୍ରକଟ କରିବାର ସୁଯୋଗ ଦିଏ, ତେବେ ଆଘାତ ପ୍ରତି ଭ୍ରୂକ୍ଷେପ କରନ୍ତୁ ନାହିଁ ।

ଈଶ୍ୱର ଆମଠାରେ ଆଉ ଅଭିଯୋଗର ସ୍ୱର ନ ଶୁଣନ୍ତୁ, ମାତ୍ର ଆତ୍ମିକ ଜୀବନ୍ତ ଶକ୍ତି ଦେଖନ୍ତୁ – ଯଦ୍ଦ୍ୱାରା ଈଶ୍ୱର ଆମ ଜୀବନରେ ଯେଉଁ ପରିସ୍ଥିତି ଆଣିବେ, ଆମେ ଯେପରି ତାହାର ସମ୍ମୁଖୀନ ହୋଇପାରିବା । ଜୀବନର ଏକମାତ୍ର ସଠିକ୍ ଲକ୍ଷ୍ୟ ହେଉଛି, ଆମେ ଯେପରି ଈଶ୍ୱରଙ୍କ ପୁତ୍ରଙ୍କୁ ପ୍ରକଟ କରିବା ଏବଂ ଏହା ସାଧିତ ହେଲେ ଈଶ୍ୱରଙ୍କ ସମ୍ମୁଖରେ ଆମର ଦାବି ଉପସ୍ଥାପନ କରିବା ସମାପ୍ତ ହୁଏ । ଆମର ପ୍ରଭୁ କେବେହେଲେ ତାଙ୍କର ପିତାଙ୍କୁ ଆଦେଶ ଦେଇ ନ ଥିଲେ, ଆମେ ମଧ୍ୟ ଈଶ୍ୱରଙ୍କୁ ଆଦେଶ ଦେଇ ପାରିବା ନାହିଁ । ଆମେ ଏଠାରେ ଅଛୁ, ଯେପରି ତାଙ୍କର ଇଚ୍ଛା ନିକଟରେ ନିଜକୁ ସମର୍ପଣ କରିପାରିବା, ଯାହା ଫଳରେ ଈଶ୍ୱର ଆମ ଜୀବନରେ ତାଙ୍କର ଇଚ୍ଛା ସାଧନ କରିବେ । ଆମେ ଏହା ହୃଦ୍‌ବୋଧ କରିବା ପରେ ଈଶ୍ୱର ଆମକୁ ଅନ୍ୟମାନଙ୍କ ଭୋଜନ ଏବଂ ପ୍ରତିପୋଷଣ ଉଦ୍ଦେଶ୍ୟରେ ଭଂଗାରୋଟୀ ଏବଂ ଉଚ୍ଛୁଳା ଦ୍ରାକ୍ଷାରସ ରୂପେ ବ୍ୟବହାର କରିବେ ।

# ଈଶ୍ୱରଙ୍କ ଯୋଗାଣ ବ୍ୟବସ୍ଥାକୁ ଚିହ୍ନିବାର ଅଭ୍ୟାସ

## ଯଦ୍ଦ୍ୱାରା ତୁମେମାନେ... ଐଶ୍ୱରିକ ସ୍ୱଭାବରେ ଭାଗୀ ହୋଇପାରିବ
## ୨ ପିତର ୧:୪

ଈଶ୍ୱରଙ୍କ ପ୍ରତିଜ୍ଞା ମାଧ୍ୟମରେ ତାଙ୍କର ସ୍ୱଭାବ ପ୍ରାପ୍ତ ଏବଂ ତାହାର ସହଭାଗୀ ହେବା ଦ୍ୱାରା ଆମେ ଈଶ୍ୱରଙ୍କ ସ୍ୱଭାବର ଭାଗୀ ହୋଇଛୁ । ତା'ପରେ ଧାର୍ମିକ ସ୍ୱଭାବର ଅଭିବୃଦ୍ଧି ଦ୍ୱାରା ଆମ ଶରୀରରେ ସେହି ସ୍ୱର୍ଗୀୟ ସ୍ୱଭାବ ଧାରଣ କରିଥାଉ । ପ୍ରଥମ ଅଭ୍ୟାସ ହେଉଛି, ଆମ ପାଇଁ ଈଶ୍ୱରଙ୍କ ଯୋଗାଣ ବ୍ୟବସ୍ଥାକୁ ଚିହ୍ନିବା । ଆମେ ସାଧାରଣତଃ କହିଥାଉ, ''ମୁଁ ଏତେ ଅଧିକ ଖର୍ଚ୍ଚ କରିପାରିବି ନାହିଁ ।'' ଏହି କଥାରେ ସବୁଠାରୁ ବଡ଼ ମିଛ ଲୁଚି ରହିଥାଏ । ଆମ କଥାରୁ ଜଣାଯାଏ, ଯେପରି ଆମର ସ୍ୱର୍ଗସ୍ଥ ପିତା ଆମ ସହିତ ସବୁ ସଂପର୍କ ତୁଟାଇ ଆମକୁ କାଙ୍ଗାଳ କରି ଦେଇଛନ୍ତି ! ଅତି ନମ୍ର ମନୋଭାବ ଦେଖାଇବାର ଅଭିପ୍ରାୟ ନେଇ ଶେଷରେ ଆମେ କହିଥାଉ, ''ଯେ କୌଣସି ମତେ ଦିନଟା କଟିଗଲା, କିନ୍ତୁ ବହୁତ ସଂଘର୍ଷ କରିବାକୁ ପଡ଼ିଲା ।'' କିନ୍ତୁ ତଥାପି ପ୍ରଭୁ ଯୀଶୁଙ୍କ ମଧ୍ୟରେ ଆମର ସର୍ବଶକ୍ତିମାନ ଈଶ୍ୱର ଆମର ସର୍ବସ୍ୱ ହୋଇଯା'ନ୍ତି ! ଯଦି ଆମେ ତାଙ୍କର ବାଧ୍ୟ ହେବୁ, ତେବେ ସେ ଆମକୁ ସମୁଦ୍ରର ବାଲି ଏବଂ ଆକାଶର ତାରା ଭଳି ଅଗଣିତ ଆଶୀର୍ବାଦ କରିବେ । ଏହା କ'ଣ ଏତେ ଚିନ୍ତାର ବିଷୟ ଯେ, ଆମର ପରିସ୍ଥିତି ଏତେ କଷ୍ଟକର ? ସେପରି ମଧ୍ୟ କାହିଁକି ନ ହେବ ? ଯଦି ଆମେ ଆତ୍ମ-ସହାନୁଭୂତି ସହ ଦୁଃଖକଷ୍ଟକୁ ସୁଖ ସ୍ୱାଚ୍ଛନ୍ଦ୍ୟ ରୂପେ ଉପଭୋଗ କରୁ, ତେବେ ଆମେ ଈଶ୍ୱରଙ୍କ ଧନ ସଂପଦକୁ ଆମ ଜୀବନରୁ ଦୂର କରି ଦେଉ ଏବଂ ଅନ୍ୟମାନଙ୍କୁ ଈଶ୍ୱରଙ୍କ ଯୋଗାଣ ମଧ୍ୟରେ ପ୍ରବେଶ କରିବା ପାଇଁ ବାଧା ସୃଷ୍ଟି କରୁ । ଅନୁକଂପାଠାରୁ ବଳି ଆଉ ବଡ଼ ପାପ ନାହିଁ, କାରଣ ଏହା ଆମ ଜୀବନ ସିଂହାସନରୁ ଈଶ୍ୱରଙ୍କୁ ଦୂର କରିଦିଏ ଏବଂ ତା' ପରିବର୍ତ୍ତେ ଆମର ସ୍ୱାର୍ଥଚିନ୍ତାକୁ ସେଠାରେ ସ୍ଥାପିତ କରେ । ଫଳରେ କେବଳ ଅଭିଯୋଗ ବଖାଣିବା ପାଇଁ ଆମର ମୁହଁ ଖୋଲାଥାଏ ଏବଂ ଆମେ କେବଳ ଆତ୍ମିକ ''ସ୍ପଞ୍ଜ'' ପାଲଟି ଯାଉ, ଯାହା ସବୁବେଳେ ଶୋଷିନିଏ, କିଛି ଦିଏ ନାହିଁ ଏବଂ କେବେ ସନ୍ତୁଷ୍ଟ ହୁଏ ନାହିଁ । ଆମ ଜୀବନର କୌଣସି ବିଷୟ ସୁନ୍ଦର ଏବଂ ଉଦାର ହୋଇପାରେ ନାହିଁ ।

ଈଶ୍ୱର ଆମ ପ୍ରତି ସନ୍ତୁଷ୍ଟ ହେବା ପୂର୍ବରୁ ସେ ଆମର ତଥାକଥିତ ଧନସଂପଦ ଏବଂ ସବୁକିଛି ନେଇଯିବେ, ଯେପର୍ଯ୍ୟନ୍ତ ଆମେ ତାଙ୍କୁ ଆମର ଉତ୍ସ ରୂପେ ସ୍ୱୀକାର ନ କରିଛୁ, କାରଣ ଗୀତରଚକଙ୍କ ଭାଷାରେ, ''ମୋର ସବୁ ଉତ୍ସ ତୋ'ଠାରେ'' (ଗୀତସଂହିତା ୮୭:୭) । ଯଦି ଆମଠାରେ ଈଶ୍ୱରଙ୍କ ଗୌରବ, ଅନୁଗ୍ରହ ଏବଂ ଶକ୍ତି ପ୍ରଦର୍ଶିତ ହୋଇ ନାହିଁ, ତେବେ ଈଶ୍ୱର ଆମକୁ ଦାୟୀ କରନ୍ତି । ''ସର୍ବଦା ଯଥେଷ୍ଟ ରୂପେ ପାଇ... ଏଥି ନିମନ୍ତେ ଈଶ୍ୱର ତୁମମାନଙ୍କୁ ସର୍ବ ପ୍ରକାର ଅନୁଗ୍ରହ ପ୍ରଚୁର ଭାବେ ଦେବାକୁ ସମର୍ଥ ଅଟନ୍ତି'' (୨ କରିନ୍ଥୀୟ ୯:୮) । ଉଦାରତା ସହ ନିଜକୁ ଅର୍ପଣ କରି ଈଶ୍ୱରଙ୍କ ଅନୁଗ୍ରହକୁ ଉନ୍ମୁକ୍ତ ହୃଦୟରେ ଅନ୍ୟମାନଙ୍କୁ ବିତରଣ କରନ୍ତୁ । ଈଶ୍ୱରଙ୍କ ସ୍ୱଭାବରେ ନିଜକୁ ଚିହ୍ନିତ କରନ୍ତୁ, ଈଶ୍ୱରଙ୍କ ଆଶୀର୍ବାଦ ସର୍ବଦା ଆପଣଙ୍କ ପ୍ରତି ସ୍ରୋତ ଭଳି ପ୍ରବାହିତ ହେବ ।

## ମେ ୧୭

# ତାଙ୍କର ସ୍ୱର୍ଗାରୋହଣ ଏବଂ ଆମର ପ୍ରବେଶାଧିକାର

**ଆଶୀର୍ବାଦ କରୁ କରୁ ସେମାନଙ୍କଠାରୁ ଅନ୍ତର ହୋଇ ସେ ସ୍ୱର୍ଗକୁ ନୀତ ହେଲେ ।**
**ଲୂକ ୨୪:୫୧**

ଯୀଶୁଙ୍କ ରୂପାନ୍ତରୀକରଣ ପରେ ସେ ଯେଉଁ ଘଟଣାର ସମ୍ମୁଖୀନ ହେଲେ, ଆମ ଜୀବନରେ ଆମେ ତାହା ଅନୁଭବ କରି ନାହୁଁ । ରୂପାନ୍ତରିତ ହେବା ମୁହୂର୍ତ୍ତଠାରୁ ଯୀଶୁଙ୍କ ଜୀବନ ସଂପୂର୍ଣ୍ଣ ରୂପେ ଅନ୍ୟମାନଙ୍କ ବଦଳରେ ପ୍ରତିସ୍ଥାପିତ ହୋଇଗଲା । ରୂପାନ୍ତରିତ ହେବାର ସମୟ ପର୍ଯ୍ୟନ୍ତ ସେ ସାଧାରଣ ମଣିଷର ଜୀବନ ପ୍ରଦର୍ଶନ କରିଥିଲେ । କିନ୍ତୁ ରୂପାନ୍ତରିତ ହେବାର ପରବର୍ତ୍ତୀ ସମୟ – ଗେସ୍ତମନୀ, କ୍ରୁଶ, ପୁନରୁତ୍ଥାନ– ଏ ସବୁ ଆମ ପାଇଁ ଅପରିଚିତ ଅଟେ । ତାଙ୍କର କ୍ରୁଶ ରୂପକ ଦ୍ୱାର ଦେଇ ପ୍ରତ୍ୟେକ ମନୁଷ୍ୟ ଈଶ୍ୱରଙ୍କ ଜୀବନ ମଧ୍ୟରେ ପ୍ରବେଶ କରି ପାରିବେ, ତାଙ୍କର ପୁନରୁତ୍ଥାନ ଦ୍ୱାରା ପ୍ରତ୍ୟେକଙ୍କୁ ଅନନ୍ତ ଜୀବନ ଦେବା ପାଇଁ ତାଙ୍କର ଅଧିକାର ଅଛି ଏବଂ ସ୍ୱର୍ଗାରୋହଣ ଦ୍ୱାରା ସମଗ୍ର ମାନବଜାତି ପାଇଁ ସ୍ୱର୍ଗଦ୍ୱାର ଉନ୍ମୁକ୍ତ କରି ଆମର ପ୍ରଭୁ ସ୍ୱର୍ଗରେ ପ୍ରବେଶ କଲେ ।

ଯୀଶୁଙ୍କ ରୂପାନ୍ତରୀକରଣ ସ୍ୱର୍ଗାରୋହରଣର ପର୍ବତ ଉପରେ ସଂପୂର୍ଣ୍ଣ ହେଲା । ଯୀଶୁ ଯଦି ରୂପାନ୍ତରିତ ହୋଇଥିବା ପର୍ବତ ଉପରୁ ସିଧା ସ୍ୱର୍ଗକୁ ଯାଇଥାନ୍ତେ, ସେ ଏକାକୀ ଯାଇଥାନ୍ତେ । ଆମ ପାଇଁ ସେ କେବଳ ଜଣେ ମହିମାମୟ ବ୍ୟକ୍ତି ହୋଇ ରହିଥାନ୍ତେ, ଆଉ ଅଧିକ କିଛି ନୁହେଁ, କିନ୍ତୁ ସେ ସମସ୍ତ ଗୌରବ ଓ ମହିମାରୁ ବିମୁଖ ହୋଇ ପତିତ ମାନବ ଜାତି ସହିତ ନିଜକୁ ଚିହ୍ନିତ କରିବା ପାଇଁ ପର୍ବତ ଉପରୁ ତଳକୁ ଓହ୍ଲାଇ ଆସିଲେ ।

ସ୍ୱର୍ଗାରୋହଣ ରୂପାନ୍ତରୀକରଣର ସଂପୂର୍ଣ୍ଣ ସଫଳତା । ଆମର ପ୍ରଭୁ ତାଙ୍କର ପ୍ରାରମ୍ଭିକ ଗୌରବ ମଧ୍ୟକୁ ଫେରିଗଲେ, କିନ୍ତୁ କେବଳ ଈଶ୍ୱରଙ୍କ ପୁତ୍ର ରୂପେ ନୁହେଁ – ସେ ମଧ୍ୟ ମନୁଷ୍ୟପୁତ୍ର ରୂପେ ତାଙ୍କ ପିତାଙ୍କ ନିକଟକୁ ଫେରିଗଲେ । ଈଶ୍ୱରଙ୍କ ପୁତ୍ରଙ୍କ ସ୍ୱର୍ଗାରୋହଣ ଫଳରେ ଈଶ୍ୱରଙ୍କ ସିଂହାସନ ନିକଟକୁ ଯିବା ପାଇଁ ପ୍ରତ୍ୟେକଙ୍କର ପ୍ରବେଶ ଅଧିକାର ଅଛି । ମନୁଷ୍ୟ ପୁତ୍ର ରୂପେ ଯୀଶୁ ନିଜର ଜ୍ଞାତ ସାରରେ ତାଙ୍କର ସର୍ବଶକ୍ତିମତ୍ତା, ସର୍ବବ୍ୟାପକତା ଏବଂ ସର୍ବଜ୍ଞତାକୁ ସୀମିତ କଲେ । କିନ୍ତୁ ବର୍ତ୍ତମାନ ସେ ସମସ୍ତ ତାଙ୍କର ଅଧିକାରଭୁକ୍ତ । ମନୁଷ୍ୟପୁତ୍ର ରୂପେ ବର୍ତ୍ତମାନ ଈଶ୍ୱରଙ୍କ ସିଂହାସନ ସମ୍ମୁଖରେ ଯୀଶୁଖ୍ରୀଷ୍ଟଙ୍କର ସମସ୍ତ ଶକ୍ତି ରହିଛି । ସ୍ୱର୍ଗାରୋହଣ ପରଠାରୁ ଯୀଶୁ ହେଉଛନ୍ତି, ରାଜାମାନଙ୍କର ରାଜା ଏବଂ ପ୍ରଭୁମାନଙ୍କର ପ୍ରଭୁ ।

# ସରଳ ଜୀବନ କିନ୍ତୁ ଈଶ୍ୱରଙ୍କ ପ୍ରତି ଧ୍ୟାନ

**ଆକାଶର  ପକ୍ଷୀମାନଙ୍କୁ ଦେଖ... କ୍ଷେତର ଫୁଲଗୁଡ଼ିକୁ ଦେଖ ।**

**ମାଥିଉ ୬:୨୬, ୨୮**

କ୍ଷେତର ଫୁଲଗୁଡ଼ିକୁ ଦେଖ । ସେମାନେ କିପରି ବଢ଼ନ୍ତି । ସେମାନେ ପରିଶ୍ରମ କରନ୍ତି ନାହିଁ କି ସୂତା କାଟନ୍ତି ନାହିଁ । ସେମାନେ କେବଳ ଅଛନ୍ତି । ସାଗର, ପବନ, ସୂର୍ଯ୍ୟ, ତାରା ଏବଂ ଚନ୍ଦ୍ର କଥା ଚିନ୍ତା କରନ୍ତୁ । ସେମାନେ କେବଳ ଅଛନ୍ତି, କିନ୍ତୁ ଚିନ୍ତା କରନ୍ତୁ, ଆମ ପକ୍ଷରୁ ସେମାନେ କିଭଳି ସେବାକାର୍ଯ୍ୟ କରନ୍ତି । କେତେଥର ଆମେ ନିଜ ପ୍ରଚେଷ୍ଟାରେ କର୍ତ୍ତବ୍ୟନିଷ୍ଠ ଏବଂ ବ୍ୟବହାର ଯୋଗ୍ୟ ହେବା କାରଣରୁ ଈଶ୍ୱର ଆମ ମଧ୍ୟରେ ତାଙ୍କର ପ୍ରଭାବକୁ ପ୍ରକାଶ କରିବାର ଯେଉଁ ଯୋଜନା କରିଛନ୍ତି, ଆମେ ତାହାକୁ ବାଧା ଦେଇଥାଉ । ଆମର ଆତ୍ମିକ ବିକାଶ ଏବଂ ଅଭିବୃଦ୍ଧି ପାଇଁ ଯୀଶୁଙ୍କର ଏକମାତ୍ର ଉପାୟ ହେଉଛି, ଈଶ୍ୱରଙ୍କ ପ୍ରତି ଆମର ଧ୍ୟାନକୁ କେନ୍ଦ୍ରୀଭୂତ କରିବା । ଯୀଶୁଙ୍କର କହିବାର ସାରକଥା ହେଉଛି, ‘‘ଅନ୍ୟମାନଙ୍କ ବ୍ୟବହାର ଯୋଗ୍ୟ ହେବା ବିଷୟ ଚିନ୍ତା କର ନାହିଁ, କେବଳ ମୋ’ଠାରେ ବିଶ୍ୱାସ କର ।’’ ଅନ୍ୟ କଥାରେ, ଯିଏ ଉତ୍ସ, ତାଙ୍କ ପ୍ରତି ଧ୍ୟାନ ରଖିଥାଅ, ତା’ ହେଲେ ତୁମଠାରୁ ‘‘ଜୀବନ୍ତ ଜଳର ନିର୍ଝର ପ୍ରବାହିତ ହେବ’’ (ଯୋହନ ୭:୩୮) । ବ୍ୟବହାରିକ  ଜ୍ଞାନ ଏବଂ ଯୁକ୍ତି ଦ୍ୱାରା ଆମେ ଆମର ସ୍ୱାଭାବିକ ଜୀବନର ଉତ୍ସ ଆବିଷ୍କାର କରି ପାରିବା ନାହିଁ ଏବଂ ଯୀଶୁଙ୍କ ଶିକ୍ଷାନୁସାରେ ଆମ ଆତ୍ମିକ ଜୀବନର ବୃଦ୍ଧି ତାହା ଉପରେ ଧ୍ୟାନ ଦେବା ଦ୍ୱାରା ନୁହେଁ, ମାତ୍ର ଆମର ସ୍ୱର୍ଗସ୍ଥ ପିତାଙ୍କ ପ୍ରତି ଧ୍ୟାନ କେନ୍ଦ୍ରୀଭୂତ କରିବା ଦ୍ୱାରା ସମ୍ଭବ ହୁଏ । ଆମର ସ୍ୱର୍ଗସ୍ଥ ପିତା ଆମର ସବୁ ପରିସ୍ଥିତି ଜାଣନ୍ତି ଏବଂ ଆମେ ତାଙ୍କ ପ୍ରତି ଅବିଚଳିତ ଧ୍ୟାନ ରଖିଲେ ଆମର ପରିସ୍ଥିତି ପରିବର୍ତ୍ତେ ‘‘କ୍ଷେତର ଫୁଲ’’ ଭଳି ଆମର ଆତ୍ମିକ ବୃଦ୍ଧି ଘଟିବ ।

ଯେଉଁ ଲୋକମାନେ ଆମକୁ ସବୁଠାରୁ ଅଧିକ ପ୍ରଭାବିତ କରନ୍ତି, ସେମାନେ ଅଯଥା କଥା କହି ଆମର ସମୟ ନଷ୍ଟ କରୁଥିବା ଲୋକ ନୁହନ୍ତି, ମାତ୍ର ଯେଉଁମାନେ ଆକାଶର ତାରା ଏବଂ ‘‘କ୍ଷେତର ଫୁଲ’’ ପରି ସରଳ ଏବଂ ଛଳନା ରହିତ ଜୀବନ ଯାପନ କରନ୍ତି ।

ଯଦି ଆପଣ ଈଶ୍ୱରଙ୍କ ବ୍ୟବହାର ଯୋଗ୍ୟ ହେବାକୁ ଇଚ୍ଛା କରନ୍ତି, ତେବେ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଧ୍ୟାନକୁ ସ୍ଥିର ରଖି ତାଙ୍କ ସହିତ ଉପଯୁକ୍ତ ସଂପର୍କ ସ୍ଥାପନ କରନ୍ତୁ ଏବଂ ସେ ପ୍ରତି ମୁହୂର୍ତ୍ତରେ ଆପଣଙ୍କୁ ବ୍ୟବହାର କରିବେ – ତଥାପି ଆପଣ ତାଙ୍କର ବ୍ୟବହାର ଯୋଗ୍ୟ ହେଉଛନ୍ତି ବୋଲି ଜାଣି ପାରିବେ ନାହିଁ ।

ମେ ୧୯

# ମୁଁ ଧ୍ୱଂସାବସ୍ଥାରୁ ମଧ୍ୟ ଉଠିପାରେ

**କିଏ ଆମକୁ ଖ୍ରୀଷ୍ଟଙ୍କ ପ୍ରେମରୁ ବିଚ୍ଛିନ୍ନ କରିବ ?**

**ରୋମୀୟ ୮:୩୫**

ଈଶ୍ୱର ତାଙ୍କର ସନ୍ତାନକୁ ବିପଦରୁ ସୁରକ୍ଷିତ କରନ୍ତି ନାହିଁ । ସେ ପ୍ରତିଜ୍ଞା କରନ୍ତି, ''ବିପଦ କାଳରେ ମୁଁ ତା' ସହିତ ରହିବ'' (ଗୀତସଂହିତା ୯୧:୧୫) । ବିପଦ ଯେତେ ବାସ୍ତବ ଏବଂ ଅଧିକ ହେଲେ ମଧ୍ୟ ଈଶ୍ୱରଙ୍କ ସଂପର୍କରୁ କେହି ତାକୁ ବିଚ୍ଛିନ୍ନ କରିପାରିବ ନାହିଁ । ''ଏ ସମସ୍ତ ବିଷୟ ଉପରେ ଆମେ ସଂପୂର୍ଣ୍ଣ ରୂପେ ବିଜୟୀ ହୋଇଛୁ'' (ରୋମୀୟ ୮:୩୭) । ପାଉଲ ଏଠାରେ କୌଣସି କଳ୍ପନା ପ୍ରସୂତ ବିଷୟ କହୁ ନ ଥିଲେ, କିନ୍ତୁ ଭୟଙ୍କର ଏବଂ ବାସ୍ତବ ବିଷୟ କହୁଥିଲେ । ଆଉ ସେ କହିଲେ ଯେ, ଆମେ ସେ ସବୁ ମଧ୍ୟରେ ''ମହାବିଜୟୀ'' ଅଟୁ, ଏହାର କାରଣ ଆମର କୌଶଳ ବା ସାହସ ନୁହେଁ, ମାତ୍ର ଏହାର କାରଣ ହେଉଛି, ଏଥିମଧ୍ୟରୁ କୌଣସି ବିଷୟ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ସହିତ ଆମର ସଂପର୍କକୁ ପ୍ରଭାବିତ କରିପାରେ ନାହିଁ । ମୁଁ ସେହି ଖ୍ରୀଷ୍ଟ ବିଶ୍ୱାସୀଙ୍କ ପାଇଁ ଦୁଃଖ କରେ, ଯାହାଙ୍କ ଜୀବନରେ ଏଭଳି ପରିସ୍ଥିତି ଆସି ନାହିଁ, ଯାହାକୁ ସେ ଅବାଞ୍ଛିତ ମନେ କରନ୍ତି ।

''କ'ଣ କ୍ଲେଶ... ?'' କ୍ଲେଶ ଏକ ଆଡ଼ମ୍ବର ପୂର୍ଣ୍ଣ ସ୍ୱାଗତଯୋଗ୍ୟ ଘଟଣା ନୁହେଁ, କିନ୍ତୁ ଯାହା ବି ହେଉ– କ୍ଲାନ୍ତିଜନକ, ବିରକ୍ତିକର ଅବା ଅବଶ କରିବା ଭଳି ହେଲେ ମଧ୍ୟ ''ଖ୍ରୀଷ୍ଟଙ୍କ ପ୍ରେମରୁ ଆମକୁ ବିଚ୍ଛିନ୍ନ'' କରିପାରିବ ନାହିଁ । କ୍ଲେଶ ଅବା ''ଜାଗତିକ ଚିନ୍ତା'' କୁ ଆପଣଙ୍କ ପ୍ରେମିକ ଈଶ୍ୱରଙ୍କ ସଂପର୍କରୁ ଆପଣଙ୍କୁ ବିଚ୍ଛିନ୍ନ କରିବାର ଅନୁମତି ଦିଅନ୍ତୁ ନାହିଁ (ମାଥିଉ ୧୩:୨୨) ।

''କି ସଂକଟ...?'' ଈଶ୍ୱରଙ୍କ ପ୍ରେମ ଏକ ମିଥ୍ୟା, ସେଥିରେ ନ୍ୟାୟ ଭଳି କୌଣସି ବିଷୟ ନାହିଁ– ଆମ ଚାରିପଟେ ରହୁଥିବା ପ୍ରତ୍ୟେକ ଲୋକ ଯେତେବେଳେ ଏହି କଥା ଉଚ୍ଚାରଣ କରନ୍ତି, ସେତେବେଳେ ଈଶ୍ୱରଙ୍କ ପ୍ରେମ କ'ଣ ସ୍ଥିର ହୋଇ ରହିଥାଏ ?

''କି ଦୁର୍ଭିକ୍ଷ...?'' କ୍ଷୁଧା ଅନାହାରରେ ରହିବା ସମୟରେ ଆମେ କ'ଣ କେବଳ ଈଶ୍ୱରଙ୍କ ପ୍ରେମରେ ବିଶ୍ୱାସ କରିବା, ଅବା ତା'ଠାରୁ ବଳି ସଂପୂର୍ଣ୍ଣ ରୂପେ ବିଜୟୀ ହୋଇପାରିବା ?

ହୁଏତ ଈଶ୍ୱର ଜଣେ ପ୍ରତାରକ ରୂପେ ପାଉଲଙ୍କୁ ପ୍ରତାରଣା କରିଛନ୍ତି, କିମ୍ବା ସେହି ବ୍ୟକ୍ତିଙ୍କ ପ୍ରତି କୌଣସି ଅସାଧାରଣ ବିଷୟ ଘଟେ, ଯିଏ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଈଶ୍ୱରଙ୍କ ପ୍ରେମ ପ୍ରତି ଅବିଚଳିତ ରହିପାରନ୍ତି । ତାଙ୍କ ବିରୁଦ୍ଧରେ ଘଟୁଥିବା ଏ ସମସ୍ତ ବିଷୟ ଆଗରେ ଯୁକ୍ତି ଆପଣା ମୁଖ ବନ୍ଦ କରିଦିଏ । କେବଳ ଗୋଟିଏ ବିଷୟ ଏହାର ଉତ୍ତର ଦେଇପାରେ– *ଯୀଶୁ ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ପ୍ରେମ ।* ସବୁ ସମୟରେ ''ଧ୍ୱଂସାବସ୍ଥାରୁ ମଧ୍ୟ ମୁଁ ଉଠିପାରେ ।''

ମେ ୨୦

# ଆପଣା ଜୀବନକୁ ଅଧିକାର କରିବା

**ଧୈର୍ଯ୍ୟ ଦ୍ୱାରା ତୁମେମାନେ ଆପଣା ଜୀବନ ଲାଭ କରିବ ।**

**ଲୂକ ୨୧:୧୯**

ଯେତେବେଳେ ଜଣେ ବ୍ୟକ୍ତିଙ୍କର ନୂତନ ଜନ୍ମ ହୁଏ, କିଛି ସମୟ ପାଇଁ ତାଙ୍କର ଚିନ୍ତା ଏବଂ ଯୁକ୍ତିରେ ପୂର୍ବ ସମୟର ଶକ୍ତି ନ ଥାଏ । ଆମେ ଆମର ଏହି ଆଭ୍ୟନ୍ତରୀଣ ନୂଆ ଜୀବନ ପ୍ରକାଶ କରିବାକୁ ଶିଖିବା ଉଚିତ୍, ଯାହା ଆମ ମଧ୍ୟରେ ଖ୍ରୀଷ୍ଟଙ୍କ ମନୋଭାବକୁ ଧାରଣ କରିବା ଦ୍ୱାରା ସମ୍ଭବ ହୁଏ (ଫିଲିପ୍ପୀୟ ୨:୫ ଦେଖନ୍ତୁ) । ଲୂକ ୨୧:୧୯ ର ଅର୍ଥ ହେଉଛି, ଧୈର୍ଯ୍ୟ ଦ୍ୱାରା ଆମେ ଆମ ଜୀବନକୁ ଅଧିକାର କରିଥାଉ । କିନ୍ତୁ ଆମ ମଧ୍ୟରୁ ଅନେକେ ଖ୍ରୀଷ୍ଟୀୟ ଜୀବନର ପ୍ରବେଶ ଦ୍ୱାର ନିକଟରେ ଅଟକି ରହୁ, କିନ୍ତୁ ଆଗ ବଢ଼ି ଈଶ୍ୱରଙ୍କ ପ୍ରଦତ୍ତ ନୂତନ ଜୀବନ ଅନୁସାରେ ଆମର ଆତ୍ମାର ସୃଷ୍ଟି ଓ ଗଠନ ଦିଗରେ ପଦକ୍ଷେପ ନେଇ ନ ଥାଉ । ଆମେ ବିଫଳ ହେଉ, କାରଣ ଈଶ୍ୱର ଆମକୁ କିଭଳି ଗଢ଼ିଛନ୍ତି, ସେ ବିଷୟରେ ଆମେ ଅଜ୍ଞ ଏବଂ ଆମେ ଶୟତାନକୁ ସେହି ସବୁ ବିଷୟ ପାଇଁ ଦୋଷୀ ସାବ୍ୟସ୍ତ କରୁ, ଯାହା ପ୍ରକୃତରେ ଆମ ନିଜର ବିଶୃଙ୍ଖଳିତ ସ୍ୱଭାବର ଫଳ ସ୍ୱରୂପ ଉତ୍ପନ୍ନ ହୁଏ । ଭାବି ଦେଖନ୍ତୁ, ଆମେ ଯଦି ସତ୍ୟ ପ୍ରତି ସଜୀବ ହେବା, ତେବେ ଆମେ କ'ଣ ହୋଇ ପାରିବା !

ଜୀବନର ଏପରି କେତେକ ବିଷୟ ଅଛି, ଯାହା ପାଇଁ ଆମର ପ୍ରାର୍ଥନାର ଆବଶ୍ୟକତା ନାହିଁ – ଉଦାହରଣ ସ୍ୱରୂପ, ମନର ଅବସ୍ଥା । ଆମେ ମାନସିକ ଅବସ୍ଥାକୁ ପ୍ରାର୍ଥନା ଦ୍ୱାରା ନୁହେଁ, ମାତ୍ର ବଳ ପୂର୍ବକ ଆମ ଜୀବନରୁ ବାହାର କରିଦେଇ ପାରିବା । ମନର ଅବସ୍ଥା ଆମର ଶାରୀରିକ ଅବସ୍ଥା ସହିତ ଜଡ଼ିତ ନୈତିକତା ପ୍ରତି ନୁହେଁ । ଶାରୀରିକ ଅବସ୍ଥାରୁ ଉତ୍ପନ୍ନ ହୋଇଥିବା ମନର ଅବସ୍ଥାକୁ ନ ଶୁଣିବା ଏକ କ୍ରମାଗତ ସଂଘର୍ଷ, କିନ୍ତୁ ଗୋଟିଏ ମୁହୂର୍ତ୍ତ ପାଇଁ ଆମେ ସେମାନଙ୍କ ଆଗରେ ମୁଣ୍ଡ ନୁଆଁଇବା ଉଚିତ୍ ନୁହେଁ । ଆମକୁ ବଳ ସଂଗ୍ରହ କରି ଉଠିବାକୁ ହେବ, ତା'ପରେ ଆମେ ଉପଲବ୍ଧି କରିବା ଯେ, ପୂର୍ବରେ ଅସାଧ୍ୟ ମନେ ହେଉଥିବା ସବୁ କାର୍ଯ୍ୟ ଆମେ କରିପାରିବା ।  ଯେଉଁ ସମସ୍ୟା ପାଇଁ ଆମେ ଅଭିଶପ୍ତ, ତାହା ହେଉଛି ଆମର ମନୋଭାବ ଯେ, ଆମେ ଏପରି କରିପାରିବା ନାହିଁ । ଖ୍ରୀଷ୍ଟୀୟ ଜୀବନ ହେଉଛି, ଆତ୍ମିକ ସାହସ ଏବଂ ଦୃଢ଼ ସଂକଳ୍ପର ଜୀବନ ।

## ମେ ୨୧

# ଈଶ୍ୱରଙ୍କ ପ୍ରତି ଅଯୌକ୍ତିକ ବିଶ୍ୱାସ

**ପ୍ରଥମେ ଈଶ୍ୱରଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର,**
**ଏ ସମସ୍ତ ବିଷୟ ତୁମମାନଙ୍କୁ ଯୋଗାଇ ଦିଆଯିବ ।**
**ମାଥିଉ ୬:୩୩**

ଯେତେବେଳେ ଯୀଶୁଙ୍କର ଏହି ଶବ୍ଦଗୁଡ଼ିକ ପ୍ରତି ଧ୍ୟାନ ଦେଉ, ଆମର ମନେହୁଏ ଯେ, ଏହାଠାରୁ ବଳି ଅଧିକ ବିପ୍ଳବ ସୃଷ୍ଟିକାରୀ ଶବ୍ଦ ମଣିଷ ପୂର୍ବରୁ କେବେ ଶୁଣି ନ ଥିଲା । ‘‘ପ୍ରଥମେ ଈଶ୍ୱରଙ୍କ ରାଜ୍ୟ ଅନ୍ୱେଷଣ କର... ।’’ ଆମ ମଧ୍ୟରୁ ଅଧିକ ଧାର୍ମିକ ସ୍ୱଭାବ ସଂପନ୍ନ ବ୍ୟକ୍ତିମାନେ ଏହାର ବିପରୀତ ଅର୍ଥ ନେଇ କହିବେ, ‘‘କିନ୍ତୁ ମୁଁ ବଞ୍ଚିବି, ମୁଁ କିଛି ଅର୍ଥ ଉପାର୍ଜ୍ଜନ କରିବି, ମୋର ପୋଷାକ ଆବଶ୍ୟକ, ମୋର ଖାଦ୍ୟ ଆବଶ୍ୟକ ।’’ ଆମ ଜୀବନର ସବୁଠାରୁ ବଡ଼ ଚିନ୍ତା ଈଶ୍ୱରଙ୍କ ରାଜ୍ୟ ନୁହେଁ, ମାତ୍ର ଆମର ବଞ୍ଚିବାର ପ୍ରୟାସ ଓ ଯତ୍ନ । ଯୀଶୁ ଏହାର ବିପରୀତ କ୍ରମରେ ପ୍ରଥମେ ଈଶ୍ୱରଙ୍କ ସହିତ ଆମର ଉପଯୁକ୍ତ ସଂପର୍କ ସ୍ଥାପନ କରି ତାହାକୁ ରକ୍ଷା କରିବା ସହିତ ଜୀବନର ଅନ୍ୟ କୌଣସି ବିଷୟ ପ୍ରତି ଯତ୍ନଶୀଳ ନ ହେବା ବିଷୟ କହିଥିଲେ ।

‘‘ଜୀବନଧାରଣ ବିଷୟରେ... ଚିନ୍ତିତ ହୁଅ ନାହିଁ’’ (ମାଥିଉ ୬:୨୫) । ଆମର ପ୍ରଭୁ ଜଣାଇଥିଲେ ଯେ, ସେ ତାଙ୍କ ଦୃଷ୍ଟିକୋଣରୁ ଆମର ଜୀବନଧାରଣ ପାଇଁ ଚିନ୍ତିତ ହେବା ବିଷୟରେ ସଂପୂର୍ଣ୍ଣ ଅଯୌକ୍ତିକ ଥିଲେ । ଯୀଶୁ ମଧ୍ୟ କହି ନ ଥିଲେ ଯେ, ଯେଉଁ ଲୋକ ଜୀବନର କୌଣସି ବିଷୟରେ ଚିନ୍ତା କରେ ନାହିଁ, ସେ ଧନ୍ୟ ନା, ସେ ଜଣେ ମୂର୍ଖ । କିନ୍ତୁ ଯୀଶୁ କହିଥିଲେ ଯେ, ତାଙ୍କର ଶିଷ୍ୟକୁ ଈଶ୍ୱରଙ୍କ ସହିତ ସଂପର୍କ ସ୍ଥାପନର ସର୍ବୋଚ୍ଚ ଅଗ୍ରାଧିକାର ଦେବା ଆବଶ୍ୟକ, ଏବଂ ସେହି ତୁଳନାରେ ଅନ୍ୟାନ୍ୟ ବିଷୟ ପ୍ରତି ଅଧିକ ଯତ୍ନଶୀଳ ନ ହେବା ପାଇଁ ସତର୍କ ରହିବା ଉଚିତ୍ । ଯୀଶୁଙ୍କ କହିବାର ଉଦ୍ଦେଶ୍ୟ ଥିଲା, ‘‘ଖାଦ୍ୟ ପାନୀୟ ତୁମ ଜୀବନକୁ ନିୟନ୍ତ୍ରଣ ନ କରୁ, ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କ ପ୍ରତି ଧ୍ୟାନମଗ୍ନ ହୁଅ ।’’ କେତେ ଲୋକ ଖାଦ୍ୟ ପାନୀୟ ବିଷୟରେ ଅବହେଳା କରୁଥିବାରୁ ଅସୁସ୍ଥ ହୁଅନ୍ତି, ସେମାନେ ନିଜର ବସ୍ତ୍ର ପୋଷାକ ପ୍ରତି ଧ୍ୟାନ ନ ଦେବା ଫଳରେ କୁତ୍ସିତ ଦେଖାଯାନ୍ତି । ସେମାନେ ଜାଗତିକ ବିଷୟରେ ମଧ୍ୟ ଅବହେଳା କରିବା ହେତୁ ଈଶ୍ୱର ସେମାନଙ୍କୁ ସେଥିପାଇଁ ଦାୟୀ କରନ୍ତି । ଯୀଶୁ କହିଛନ୍ତି ଯେ, ଈଶ୍ୱରଙ୍କ ସହିତ ଆପଣା ସଂପର୍କ ହେଉଛି, ଜୀବନର ପ୍ରଥମ ଏବଂ ମୁଖ୍ୟ କାର୍ଯ୍ୟ, ଅନ୍ୟ ସବୁ ବିଷୟ ହେଉଛି ଗୌଣ ।

ଏହି ପଦରେ ଯୀଶୁଙ୍କ ଶିକ୍ଷା ସହିତ ସମନ୍ୱୟ ରକ୍ଷା ପାଇଁ ପବିତ୍ର ଆତ୍ମାଙ୍କୁ ଅନୁମତି ଦେବା ଖ୍ରୀଷ୍ଟୀୟ ଜୀବନର ସବୁଠାରୁ କଷ୍ଟସାଧ୍ୟ ଏବଂ ସଂକଟପୂର୍ଣ୍ଣ ଶୃଙ୍ଖଳା ।

# ଆମର ଅସୁବିଧା ସମୂହର ସ୍ପଷ୍ଟୀକରଣ

## ହେ ପିତା, ତୁମେ ଯେପରି ମୋଠାରେ ଓ ମୁଁ ତୁମଠାରେ, ସେମାନେ ସେହିପରି ଏକ ହେବେ ।

## ଯୋହନ ୧୭:୨୧

ଯଦି ଆପଣ ନିଜକୁ ଏକାକୀ ଏବଂ ନିଃସଙ୍ଗ ମନେ କରୁଛନ୍ତି, ତେବେ ଯୋହନ ୧୭ ଅଧ୍ୟାୟ ପାଠ କରନ୍ତୁ । ଏହି ଅଧ୍ୟାୟ ଆପଣଙ୍କୁ ସ୍ପଷ୍ଟ ବୁଝାଇଦେବ ଯେ, ଆପଣ ଯେଉଁଠାରେ ଅଛନ୍ତି, ସେଠାରେ କାହିଁକି ଅଛନ୍ତି– କାରଣ ଯୀଶୁ ପ୍ରାର୍ଥନା କରିଥିଲେ ଯେ, ଆପଣ ପିତାଙ୍କ ସହିତ ''ଏକ ହୁଅନ୍ତି'' ଯେପରି ଯୀଶୁ ପିତାଙ୍କ ସହିତ ଏକ । ସେହି ପ୍ରାର୍ଥନାର ଉତ୍ତର ଦେବା ପାଇଁ ଆପଣ କ'ଣ ଈଶ୍ୱରଙ୍କୁ ସାହାଯ୍ୟ କରୁଛନ୍ତି ଅବା ଆପଣଙ୍କ ଜୀବନର ଆଉ ଅନ୍ୟ କ'ଣ ଲକ୍ଷ୍ୟ ଅଛି ? ଆପଣ ଶିଷ୍ୟ ହୋଇଥିବାରୁ ପୂର୍ବ ଭଳି ଆପଣଙ୍କର ସେ ସ୍ୱାଧୀନତା ରହିବ ନାହିଁ ।

ଯୋହନ ୧୨ ଅଧ୍ୟାୟ ଏହା ପ୍ରକାଶ କରେ ଯେ, କେବଳ ଆମ ପ୍ରାର୍ଥନାର ଉତ୍ତର ପ୍ରଦାନ ଈଶ୍ୱରଙ୍କ ଉଦ୍ଦେଶ୍ୟ ନୁହେଁ, ମାତ୍ର ପ୍ରାର୍ଥନା ମାଧ୍ୟମରେ ଆମେ ଯେପରି ତାଙ୍କର ମନକୁ ଚିହ୍ନି ପାରିବା । ତଥାପି ଗୋଟିଏ ପ୍ରାର୍ଥନା ଅଛି, ଯାହାର ଉତ୍ତର ଈଶ୍ୱର ନିଶ୍ଚୟ ଦେବେ ଏବଂ ତା' ହେଉଛି, ଯୀଶୁଙ୍କର ପ୍ରାର୍ଥନା– ''ଆମେ ଯେପରି ଏକ, ସେମାନେ ସେହିପରି ଏକ ହେବେ'' (ଯୋହନ ୧୭:୨୨) । ସେହି ଦୃଷ୍ଟିରୁ ଆମେ କ'ଣ ଯୀଶୁଙ୍କର ଅତି ନିକଟତର ?

ଈଶ୍ୱର ଆମର ଯୋଜନା ବିଷୟରେ ମନୋଯୋଗୀ ନୁହନ୍ତି, ସେ ପଚାରନ୍ତି ନାହିଁ ''ତୁମେ କ'ଣ ତୁମର ପ୍ରିୟଜନଙ୍କ ଏହି ବିୟୋଗ, ଏହି ଅସୁବିଧା, ଏହି ବିଫଳତା ମଧ୍ୟରେ ଯିବାକୁ ଚାହୁଁଛ ? ନା, ସେ ତାଙ୍କର ଉଦ୍ଦେଶ୍ୟ ସାଧନ ପାଇଁ ଏ ସବୁକୁ ଅନୁମତି ଦିଅନ୍ତି । ଆମେ ଯେଉଁ ଅବସ୍ଥା ମଧ୍ୟରେ ଯାଉଛୁ, ତାହା ହୁଏତ ଆମକୁ ଅଧିକ ମଧୁର, ମହତ୍ତର ଏବଂ ନିଷ୍ପାପର କରିପାରେ କିମ୍ୱା ସେ ସବୁ ଆମକୁ ଆହୁରି ଜଟିଳ, ସମାଲୋଚନାକାରୀ ଏବଂ ଅହଂକାରୀ କରିପାରେ । ଉଭୟ କ୍ଷେତ୍ରରେ ଏହା ଆମକୁ ଆହୁରି ମନ୍ଦ ସ୍ୱଭାବ ବିଶିଷ୍ଟ କରିପାରେ କିମ୍ୱା ଆହୁରି ଅଧିକ ଈଶ୍ୱରପରାୟଣ କରିପାରେ, ଯଦ୍ଦ୍ୱାରା ଆମେ ଈଶ୍ୱରଙ୍କ ନିଗୂଢ଼ ସଂପର୍କ ମଧ୍ୟରେ ତାଙ୍କ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ହୋଇଯାଉ । ନିଜ ଜୀବନ ସଂପର୍କରେ ଯଦି ଆମର ପ୍ରାର୍ଥନା ହେବ, ''ତୁମର ଇଚ୍ଛା ପୂର୍ଣ୍ଣ ହେଉ'' (ମାଥିଉ ୨୬:୪୨), ତେବେ ଆମେ ଯୋହନ ୧୭ ଅଧ୍ୟାୟ ଦ୍ୱାରା ଉତ୍ସାହିତ ଏବଂ ସାନ୍ତ୍ୱନାପ୍ରାପ୍ତ ହେବୁ । ଆମେ ଅନୁଭବ କରିବୁ ଯେ, ଆମ ଜୀବନ ପାଇଁ ଯାହା ଶ୍ରେଷ୍ଠ ବିଷୟ, ଆମର ପିତା ତାଙ୍କର ଜ୍ଞାନରେ ତାହା ଯୋଗାଇବା ପାଇଁ କାର୍ଯ୍ୟରତ ଅଛନ୍ତି । ଈଶ୍ୱରଙ୍କ ଉଦ୍ଦେଶ୍ୟ ବୁଝି ପାରିଲେ ଆମେ ସଂକୀର୍ଣ୍ଣମନା ଏବଂ ନିରାଶାବାଦୀ ହୋଇ ନ ଥାଉ । ଯୀଶୁ ଯେପରି ପିତାଙ୍କ ସହିତ ଏକ ଥିଲେ, ସେହିପରି ଆମମାନଙ୍କୁ ତାଙ୍କ ସହିତ ଏକ କରିବା ପାଇଁ ପ୍ରାର୍ଥନା କରିଥିଲେ । ଆମ ମଧ୍ୟରୁ ଅନେକେ ଏହି ଏକତ୍ୱରୁ ଅନେକ ଦୂରରେ ଅଛନ୍ତି, ତଥାପି ଈଶ୍ୱର ତାଙ୍କ ସହିତ ଆମକୁ ଏକ ନ କରିବା ପର୍ଯ୍ୟନ୍ତ ଆମକୁ କେବେ ହେଁ ଛାଡ଼ିବେ ନାହିଁ – କାରଣ ଯୀଶୁଙ୍କ ପ୍ରାର୍ଥନା ଥିଲା, ''...ସେମାନେ ଯେପରି ଏକ ହେବେ ।''

ମେ ୨୩

# ଆମର ଯତ୍ନସୂଚକ ଅବିଶ୍ୱାସ

**ଜୀବନଧାରଣ ନିମନ୍ତେ କ'ଣ ଖାଇବ, କ'ଣ ପିଇବ,**
**ଅବା ଶରୀର ପାଇଁ କ'ଣ ପିନ୍ଧିବ, ଏସବୁ ବିଷୟରେ ଚିନ୍ତିତ ହୁଅ ନାହିଁ ।**

**ମାଥିଉ ୬:୨୫**

ଯୀଶୁ ଜଣେ ଶିଷ୍ୟର ଜୀବନରେ ବ୍ୟାବହାରିକ ବୁଦ୍ଧି ସମ୍ବଳିତ ସତର୍କତାକୁ ''ଅବିଶ୍ୱାସ'' କହିଥିଲେ । ଯଦି ଆମେ ଈଶ୍ୱରଙ୍କ ଆତ୍ମାଙ୍କୁ ପାଇଛୁ, ସେ ବଳପୂର୍ବକ ଆମ ଜୀବନରେ ପ୍ରବେଶ କରିବେ ଏବଂ ସତେ ଯେପରି କହିବେ, ''ଏହି ସଂପର୍କ ମଧ୍ୟରେ ଛୁଟିରେ ତୁମର ଯିବା ବିଷୟରେ, କିମ୍ବା ଏହି ନୂଆ ବହି ପଢ଼ିବା ପାଇଁ ତୁମର ଇଚ୍ଛା ମଧ୍ୟରେ ମୋର ସ୍ଥାନ କେଉଁଠି ?'' ଆମେ ତାଙ୍କୁ ପ୍ରଥମ ଅଗ୍ରାଧିକାର ନ ଦେବା ପର୍ଯ୍ୟନ୍ତ ସେ ସବୁବେଳେ ଆମ ଉପରେ ଚାପ ପକାଉଥାନ୍ତି । ଅନ୍ୟ ବିଷୟଗୁଡ଼ିକୁ ଜୀବନରେ ଆମେ ପ୍ରଥମ ସ୍ଥାନ ଦେଲେ ବିଶୃଙ୍ଖଳା ସୃଷ୍ଟି ହୁଏ ।

''ତୁମ ଜୀବନ ବିଷୟରେ ଚିନ୍ତିତ ହୁଅ ନାହିଁ ।'' ଆପଣଙ୍କ ସବୁ ବ୍ୟବସ୍ଥାର ଭାର ନିଜ ଉପରେ ନିଅନ୍ତୁ ନାହିଁ । ଚିନ୍ତା କରିବା କେବଳ ଭୁଲ୍ ବିଷୟ ନୁହେଁ, ମାତ୍ର ଏହା ଅବିଶ୍ୱାସ । ଚିନ୍ତା କରିବାର ଅର୍ଥ ହେଉଛି, ଆମର ବିଶ୍ୱାସ ନାହିଁ ଯେ, ଈଶ୍ୱର ଆମର ବ୍ୟାବହାରିକ ବିଷୟ ପ୍ରତି ଯତ୍ନଶୀଳ ଏବଂ ସେହି କଥା ହିଁ ଆମର ଚିନ୍ତାର କାରଣ ହୋଇଥାଏ । ଆପଣ କେବେ ଧ୍ୟାନ ଦେଉଛନ୍ତି କି, ଯୀଶୁ କାହା ବିଷୟରେ ଏପରି କହିଛନ୍ତି ଯେ, ଈଶ୍ୱର ଆମ ମଧ୍ୟରେ ଯେଉଁ ବାକ୍ୟ ରଖିଛନ୍ତି, ତାହାକୁ ସେ ଚାପି ରଖେ ? ସେ ଶୟତାନ ନୁହେଁ । ସେ ''ସାଂସାରିକ ଚିନ୍ତା'' ବିଷୟରେ ଏପରି କହିଛନ୍ତି (ମାଥିଉ ୧୩:୨୨) । ସବୁବେଳେ ଏ ସବୁ ଆମର ଛୋଟ ଛୋଟ ଚିନ୍ତା ଦ୍ୱାରା ହୋଇଥାଏ । ଆମେ କହୁ, ''ମୁଁ ଦେଖି ନ ପାରିବା ହେତୁ ବିଶ୍ୱାସ କରିବି ନାହିଁ ।'' ସେହିଠାରୁ ଅବିଶ୍ୱାସ ଆରମ୍ଭ ହୁଏ । ଅବିଶ୍ୱାସର ଏକ ମାତ୍ର ନିରାକରଣ ହେଉଛି, ପବିତ୍ର ଆତ୍ମାଙ୍କ ପ୍ରତି ବାଧ୍ୟତା ।

ଶିଷ୍ୟମାନଙ୍କ ପ୍ରତି ଯୀଶୁଙ୍କର ଶ୍ରେଷ୍ଠ ଶବ୍ଦ ଥିଲା, *''ପରିତ୍ୟାଗ କର ।''*

ମେ ୨୪

# ନୈରାଶ୍ୟର ଆନନ୍ଦ

**ତାହାଙ୍କୁ ଦର୍ଶନ କରି ମୁଁ ତାଙ୍କ ପାଦ ତଳେ ମୃତବତ୍ ପଡ଼ିଗଲି ।**

**ପ୍ରକାଶିତ ୧:୧୭**

ଆପଣ ହୁଏତ ପ୍ରେରିତ ଶିଷ୍ୟ ଯୋହନଙ୍କ ପରି ଯୀଶୁ ଖ୍ରୀଷ୍ଟଙ୍କୁ ଘନିଷ୍ଠ ରୂପେ ଜାଣନ୍ତି । ତଥାପି ସେ ଯେତେବେଳେ ଅପରିଚିତ ଲକ୍ଷଣ ନେଇ ହଠାତ୍ ଆପଣଙ୍କ ନିକଟରେ ଆବିର୍ଭୂତ ହୁଅନ୍ତି, ଆପଣ କେବଳ ଗୋଟିଏ କାର୍ଯ୍ୟ କରିପାରନ୍ତି, ଆପଣ ''ମୃତବତ୍ ତାଙ୍କ ପାଦ ତଳେ ପଡ଼ିଯାନ୍ତି ।'' ଏପରି ସମୟ ଆସେ, ଯେତେବେଳେ ଈଶ୍ୱର ନିଜକୁ ଗୌରବଯୁକ୍ତ ଉପାୟରେ ପ୍ରକାଶ କରିବା ବ୍ୟତୀତ ଆଉ କୌଣସି ଉପାୟରେ ପ୍ରକାଶ କରିପାରନ୍ତି ନାହିଁ, ଏବଂ ଦର୍ଶନର ଭୟଙ୍କରତା ଆପଣଙ୍କ ନୈରାଶ୍ୟକୁ ଆନନ୍ଦରେ ପରିଣତ କରେ । ଆପଣ ନୈରାଶ୍ୟପୂର୍ଣ୍ଣ ପରିସ୍ଥିତିରେ ସେହି ଆନନ୍ଦ ଅନୁଭବ କରନ୍ତି ଏବଂ ଆପଣଙ୍କ ହୃଦ୍‌ବୋଧ ହୁଏ ଯେ, ଆପଣଙ୍କୁ ଯଦି ଉଠିବାକୁ ହେବ, ତାହା କେବଳ ଈଶ୍ୱରଙ୍କ ହାତରେ ସମ୍ଭବ ହେବ ।

''ସେ ଆପଣାର ଦକ୍ଷିଣ ହସ୍ତ ମୋ ଉପରେ ରଖିଲେ'' (ପ୍ରକାଶିତ ୧:୧୭) । ଏହି ଭୟଙ୍କରୀତା ମଧ୍ୟରେ ଆପଣ ଗୋଟିଏ ସ୍ପର୍ଶ ଅନୁଭବ କରନ୍ତି ଏବଂ ଏହା ହେଉଛି, ଯୀଶୁଖ୍ରୀଷ୍ଟଙ୍କ ଦକ୍ଷିଣ ହସ୍ତର ସ୍ପର୍ଶ । ଆପଣ ଜାଣନ୍ତି ଯେ, ଏହି ହସ୍ତ ପ୍ରତିରୋଧ, ସଂଶୋଧନ ବା ଶାସନର ହସ୍ତ ନୁହେଁ, ମାତ୍ର ଏହା ହେଉଛି, ଅନନ୍ତକାଳୀନ ପିତାଙ୍କର ଦକ୍ଷିଣ ହସ୍ତ । ଯେତେବେଳେ ଆପଣଙ୍କ ଉପରେ ତାଙ୍କର ହାତ ଥାଏ, ତାହା ଆପଣଙ୍କୁ ଅବର୍ଣ୍ଣନୀୟ ଶାନ୍ତି ଏବଂ ସାନ୍ତ୍ୱନା ଦିଏ ଏବଂ ଆପଣ ଅନୁଭବ କରନ୍ତି, ''ତଳେ ତାହାଙ୍କର ଅନନ୍ତ ବାହୁ ରହିଛି'' (ଦ୍ୱିତୀୟ ବିବରଣ ୩୩:୨୭) ଏବଂ ଏଥିରେ ସଂପୂର୍ଣ୍ଣ ସହଯୋଗ, ଆବଶ୍ୟକୀୟ ବିଷୟ, ସାନ୍ତ୍ୱନା ଏବଂ ଶକ୍ତି ନିହିତ ଅଛି । ଥରେ ତାଙ୍କର ସ୍ପର୍ଶ ପାଇଲେ ଆଉ କୌଣସି ବିଷୟ ଆପଣଙ୍କ ପ୍ରତି ଭୟ ସଞ୍ଚାର କରିବ ନାହିଁ । ସ୍ୱର୍ଗକୁ ଉନ୍ନିତ ହେବାର ସମସ୍ତ ଗୌରବ ମଧ୍ୟରେ ପ୍ରଭୁ ଯୀଶୁ ଜଣେ ନଗଣ୍ୟ ଶିଷ୍ୟ ନିକଟକୁ ଆସି କହନ୍ତି, ''ଭୟ କର ନାହିଁ'' (ପ୍ରକାଶିତ ୧:୧୭) । ତାଙ୍କର କୋମଳତା ଏତେ ମଧୁର ଯେ, ତାହା ବର୍ଣ୍ଣନା କରାଯାଇପାରେ ନାହିଁ । ମୁଁ କ'ଣ ତାଙ୍କୁ ଏହି ରୂପେ ଜାଣିଛି ?

ନୈରାଶ୍ୟ ଉତ୍ପନ୍ନ କରୁଥିବା କେତେକ ବିଷୟ ପ୍ରତି ଦୃଷ୍ଟିପାତ କରିବା । କେତେକ ନୈରାଶ୍ୟ ମଧ୍ୟରେ କୌଣସି ଆନନ୍ଦ ଏବଂ ଉଜ୍ଜ୍ୱଳ ଆଶା ନ ଥାଏ ଏବଂ ତାହା ସୀମାତୀତ । କିନ୍ତୁ ନୈରାଶ୍ୟର ଆନନ୍ଦ ସେହି ସମୟରେ ଆସେ, ''ଯେତେବେଳେ ମୁଁ ଅନୁଭବ କରେ ଯେ, ମୋ ମଧ୍ୟରେ (ମୋ ଶରୀରରେ) କୌଣସି ଉତ୍ତମ ବିଷୟ ବାସ କରେ ନାହିଁ'' (ରୋମୀ ୭:୧୮) । ଏହି କଥା ଜାଣିବା ଦ୍ୱାରା ମୁଁ ଆନନ୍ଦ ଲାଭ କରେ ଯେ, ମୋ ମଧ୍ୟରେ ଏପରି କିଛି ବିଷୟ ଅଛି, ଯାହାକୁ ଈଶ୍ୱରଙ୍କ ସମ୍ମୁଖରେ ଭକ୍ତି ସହକାରେ ଆତ୍ମ ସମର୍ପଣ କରିବାକୁ ହେବ, ଯେତେବେଳେ ସେ ନିଜକୁ ମୋ ନିକଟରେ ପ୍ରକାଶ କରିବେ । ଏହି କଥା ଜାଣିବାରେ ମଧ୍ୟ ମୁଁ ଆନନ୍ଦିତ ହୁଏ ଯେ, ଯଦି ମୁଁ କେବେ ଉଠି ଛିଡ଼ା ହେବି, ତେବେ ତାହା ଈଶ୍ୱରଙ୍କ ହାତ ଦ୍ୱାରା ସମ୍ଭବ ହେବ । ଯେ ପର୍ଯ୍ୟନ୍ତ ମୁଁ ମୋର ସୀମା ବିଷୟରେ ସଚେତନ ହୋଇ ଅସମ୍ଭବକୁ ସମ୍ଭବ କରିବା ପାଇଁ ଈଶ୍ୱରଙ୍କ ଅନୁମତି ନ ଦେଇଛି, ଈଶ୍ୱର ମୋ ପାଇଁ କୌଣସି କାର୍ଯ୍ୟ କରିବେ ନାହିଁ ।

ମେ ୨୫

# ଭଲ ଅବା ସୁବଠାରୁ ଭଲ ?

**ତୁମେ ଯଦି ବାମ ଦିଗକୁ ଯିବ, ମୁଁ ଡାହାଣକୁ ଯିବି,**
**ତୁମେ ଯଦି ଡାହାଣକୁ ଯିବ, ମୁଁ ବାମକୁ ଯିବି ।**
**ଆଦିପୁସ୍ତକ ୧୩:୯**

ଯେଉଁ ମୁହୂର୍ତ୍ତରେ ଆପଣ ଈଶ୍ୱରଙ୍କ ବିଶ୍ୱାସ ପ୍ରତି ବିଶ୍ୱାସ ସ୍ଥାପନ କରି ଜୀବନ ଯାପନ ଆରମ୍ଭ କରନ୍ତି, ଲୋଭନୀୟ ଏବଂ ଶାରୀରିକ ସନ୍ତୁଷ୍ଟିର ଅନେକ ସମ୍ଭାବନା ଆପଣଙ୍କ ସମ୍ମୁଖରେ ଦେଖା ଦିଏ । ଏସବୁ ପାଇବା ଆପଣଙ୍କ ଅଧିକାର, କିନ୍ତୁ ଆପଣ ଯଦି ବିଶ୍ୱାସଯୁକ୍ତ ଜୀବନ କାଟୁଛନ୍ତି, ତେବେ ଆପଣ ଆପଣଙ୍କ ଅଧିକାରକୁ ଛାଡ଼ି ଦେଇ ଆପଣଙ୍କ ପାଇଁ ଚୟନ କରିବାକୁ ଈଶ୍ୱରଙ୍କୁ ସୁଯୋଗ ଦେବେ । ସମୟେ ସମୟେ ପରୀକ୍ଷା କରିବା ପାଇଁ ଈଶ୍ୱର ଆପଣଙ୍କୁ ଏପରି ସ୍ଥାନକୁ ନେଇଯା'ନ୍ତି, ଯେଉଁଠାରେ ଆପଣ ଯଦି ବିଶ୍ୱାସଯୁକ୍ତ ଜୀବନ କାଟୁ ନ ଥା'ନ୍ତି, ତେବେ ଆପଣଙ୍କ ନିଜର ମଙ୍ଗଳ ଚିନ୍ତା ଆପଣଙ୍କ ପାଇଁ ଉପଯୁକ୍ତ ହେବ ।  କିନ୍ତୁ ଆପଣ ଯଦି ବିଶ୍ୱାସଯୁକ୍ତ ଜୀବନ ଅତିବାହିତ କରୁଥା'ନ୍ତି, ତେବେ ଚୟନ କରିବା ପାଇଁ ଈଶ୍ୱରଙ୍କୁ ଅନୁମତି ଦେବେ । ''ସ୍ୱାଭାବିକ'' କୁ ''ଆତ୍ମିକ'' ରେ ରୂପାନ୍ତରିତ କରିବା ପାଇଁ ଈଶ୍ୱର ତାଙ୍କ ଆଜ୍ଞା ପାଳନ ରୂପକ ଏହି ଶୃଙ୍ଖଳା ବ୍ୟବହାର କରନ୍ତି ।

ଯେତେବେଳେ ଆମର ଜୀବନ ଆମର ଅଧିକାର ବଳରେ ନିର୍ଦ୍ଦେଶିତ ହୁଏ, ଆମର ଆତ୍ମିକ ଅନ୍ତର୍ଦୃଷ୍ଟି ମଳିନ ହୋଇଯାଏ । ଈଶ୍ୱର-ବିଶ୍ୱାସୀଙ୍କ ଜୀବନର ସବୁଠାରୁ ବଡ଼ ଶତ୍ରୁ ପାପ ନୁହେଁ, ମାତ୍ର ତାଙ୍କର ଚୟନ, ଯାହା ଭଲ, କିନ୍ତୁ ସବୁଠାରୁ ଭଲ ନୁହେଁ । ''ଭଲ'' ସବୁବେଳେ ''ସବୁଠାରୁ ଭଲ''ର ଶତ୍ରୁ ହୋଇଥାଏ । ଏହି ଅନୁଚ୍ଛେଦରେ ଏହିପରି ମନେହୁଏ ଯେ, ଜଗତରେ ଅବ୍ରାମଙ୍କ ପାଇଁ ବୁଦ୍ଧିମତ୍ତାର ଶ୍ରେଷ୍ଠ କାର୍ଯ୍ୟ ଥିଲା ତାଙ୍କର ମନୋନୟନ । ଯାହା ତାଙ୍କର ଅଧିକାର ଥିଲା, ମନୋନୟନ ଦ୍ୱାରା ସେ ତାହା ହରାଇଥିବାରୁ ତାଙ୍କର ନିକଟସ୍ଥ ଲୋକମାନଙ୍କ ଦୃଷ୍ଟିରେ ସେ ନିର୍ବୋଧ ବିବେଚିତ ହେଲେ ।

ଆମ ମଧ୍ୟରୁ ଅନେକଙ୍କର ଆତ୍ମିକ ଅଭିବୃଦ୍ଧି ହୋଇପାରେ ନାହିଁ, କାରଣ ଚୟନ ପାଇଁ ଈଶ୍ୱରଙ୍କ ଉପରେ ବିଶ୍ୱାସ କରିବା ପରିବର୍ତ୍ତେ ଆମେ ଆମର ଅଧିକାରକୁ ଭିତ୍ତି କରି ଚୟନ କରିବାକୁ ପସନ୍ଦ କରିଥାଉ । ଆମକୁ ଏଭଳି ମାନଦଣ୍ଡ ଅନୁସାରେ ଚାଲିବା ପାଇଁ ଶିଖିବାକୁ ପଡ଼ିବ, ଯାହାର ଦୃଷ୍ଟି ଈଶ୍ୱରଙ୍କ ପ୍ରତି ନିମଜ୍ଜିତ । ଆଉ ଈଶ୍ୱର ଅବ୍ରାମଙ୍କୁ କହିବା ଭଳି ଆମକୁ ମଧ୍ୟ କହନ୍ତି, ''ମୋ ସମ୍ମୁଖରେ ଗମନ କର'' (ଆଦିପୁସ୍ତକ ୧୭:୧) ।

# ଯୀଶୁଙ୍କ ଶିକ୍ଷାନୁସାରେ ପ୍ରାର୍ଥନା ବିଷୟ ଚିନ୍ତା କରିବା

**ନିରନ୍ତର ପ୍ରାର୍ଥନା କର ।**

**୧ ଥେସଲନିକୀୟ ୫:୧୭**

ଠିକ୍ ବା ଭୁଲ୍ ହେଉ, ପ୍ରାର୍ଥନା ସଂପର୍କିତ ଆମର ଚିନ୍ତା ଆମର ମନର ଧାରଣା ଉପରେ ଆଧାରିତ ହୋଇଥାଏ । ସଠିକ୍ ଧାରଣା ହେଉଛି, ଆମେ ପ୍ରାର୍ଥନାକୁ ଆମ ଫୁସ୍‌ଫୁସ୍‌ର ନିଶ୍ୱାସ ଏବଂ ଆମ ହୃଦୟରୁ ପ୍ରବାହିତ ରକ୍ତ ଭଳି ଚିନ୍ତା କରିଥାଉ । ଆମର ରକ୍ତ ପ୍ରବାହ ଏବଂ ନିଶ୍ୱାସ ପ୍ରଶ୍ୱାସ ''ନିରବଚ୍ଛିନ୍ନ'' ଭାବେ ଚାଲିଥାଏ, ଆମେ ସେ ବିଷୟରେ ସଚେତନ ନ ହେଲେ ସୁଦ୍ଧା ତାହା ବନ୍ଦ ହୁଏ ନାହିଁ । ଆମେ ମଧ୍ୟ ସଚେତନ ନୋହୁଁ ଯେ, ଯୀଶୁ ଆମକୁ ଈଶ୍ୱରଙ୍କ ସହିତ ସିଦ୍ଧ ଏକତା ମଧ୍ୟରେ ରଖିଛନ୍ତି, କିନ୍ତୁ ଆମେ ଯଦି ତାଙ୍କର ଆଜ୍ଞା ପାଳନ କରୁଛୁ, ତେବେ ସେ ସବୁବେଳେ ସେପରି କରିବେ । ପ୍ରାର୍ଥନା ଏକ ଅଭ୍ୟାସ ନୁହେଁ, ମାତ୍ର ଏହା ଏକ ପ୍ରଭୁ ଭକ୍ତଙ୍କ ଜୀବନ । ପ୍ରାର୍ଥନାର ପ୍ରତିରୋଧକାରୀ ବିଷୟ ପ୍ରତି ସତର୍କ ରୁହନ୍ତୁ । ''ନିରନ୍ତର ପ୍ରାର୍ଥନା କରନ୍ତୁ''– ସବୁବେଳେ ଶିଶୁର ମନ ନେଇ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ଅଭ୍ୟାସ ରକ୍ଷା କରନ୍ତୁ ।

ଯୀଶୁ ସେଭଳି ପ୍ରାର୍ଥନା ବିଷୟ କହି ନ ଥିଲେ, ଯାହାର ଉତ୍ତର ମିଳେ ନାହିଁ । ସବୁବେଳେ ପ୍ରାର୍ଥନାର ଉତ୍ତର ମିଳେ ନାହିଁ ବୋଲି ତାଙ୍କର ଅସୀମିତ ନିଶ୍ଚିତ ଜ୍ଞାନ ଥିଲା । ଈଶ୍ୱରଙ୍କ ଆତ୍ମାଙ୍କ ସହାୟତାରେ ପ୍ରାର୍ଥନା ସଂପର୍କରେ ଯୀଶୁଙ୍କ ଭଳି ଆମର କ'ଣ ସେହି ଅବର୍ଣ୍ଣନୀୟ ନିଶ୍ଚିତତା ଅଛି, ଅବା ସେହି ସମୟ କଥା ଭାବିଥାଉ, ଯେତେବେଳେ ଆମର ମନେ ହେଉଥିଲା ଯେ, ଈଶ୍ୱର ଆମର ପ୍ରାର୍ଥନା ଶୁଣି ନ ଥିଲେ ?

ଯୀଶୁ କହିଲେ, ''ଯେ କେହି ମାଗେ, ସେ ପାଏ...'' (ମାଥିଉ ୭:୮) । ତଥାପି ଆମେ କହୁ, ''କିନ୍ତୁ... କିନ୍ତୁ... '' ଯୀଶୁ ଶ୍ରେଷ୍ଠ ଉପାୟରେ ପ୍ରାର୍ଥନାର ଉତ୍ତର ଦିଅନ୍ତି – ବେଳେ ବେଳେ ନୁହେଁ – ସବୁବେଳେ । କିନ୍ତୁ ଆମେ ଯେଉଁ କ୍ଷେତ୍ରରେ ଉତ୍ତର ମାଗିଥାଉ, ତାହାର ପ୍ରମାଣ ସବୁବେଳେ ଶୀଘ୍ର ମିଳି ନ ଥାଏ । ଆମେ କ'ଣ ଅପେକ୍ଷା କରୁଛୁ ଯେ, ଈଶ୍ୱର ଆମ ପ୍ରାର୍ଥନାର ଉତ୍ତର ଦେବେ ?

ଆମ ପାଇଁ ଯେଉଁ ବିପଦ ରହିଛି, ତାହା ହେଉଛି ଯେ, ଯୀଶୁ ଯାହା କହିଥିଲେ, ଆମେ ତାହାର ପ୍ରଭାବକୁ ହ୍ରାସ କରି ଦେଉ ଏବଂ ତାହାର ଏପରି ଅର୍ଥ ବାହାର କରୁ ଯାହା ଆମର ବ୍ୟାବହାରିକ ବୁଦ୍ଧିର ଅନୁକୂଳ ହୁଏ, କିନ୍ତୁ ଯଦି ତାହା କେବଳ ବ୍ୟାବହାରିକ ବୁଦ୍ଧି ହୋଇଥାନ୍ତା, ତେବେ ଯୀଶୁଙ୍କ କଥା ସେତେ ମହତ୍ତ୍ୱପୂର୍ଣ୍ଣ ହୋଇ ନ ଥାନ୍ତା । ପ୍ରାର୍ଥନା ବିଷୟରେ ଯୀଶୁ ଯେଉଁ ଶିକ୍ଷା ଦେଲେ, ତାହା ହେଉଛି ଅଲୌକିକ ସତ୍ୟ ।

ମେ ୨୭

# ତାହାଙ୍କୁ ଜାଣିବା ପାଇଁ ଜୀବନ

**କିନ୍ତୁ ଊର୍ଦ୍ଧ୍ୱରୁ ଶକ୍ତି ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ତୁମେମାନେ ଏହି ନଗରରେ ରହିଥାଅ ।**

**ଲୂକ ୨୪:୪୯**

ଯୀଶୁଙ୍କ ଶିଷ୍ୟମାନଙ୍କୁ ପେଣ୍ଟିକଷ୍ଟ ଦିନ ପର୍ଯ୍ୟନ୍ତ ଯୀରୁଶାଲମରେ ଅପେକ୍ଷା କରିବାକୁ ପଡ଼ିଥିଲା, କେବଳ ସେମାନଙ୍କ ନିଜର ପ୍ରସ୍ତୁତି ପାଇଁ ନୁହେଁ, ମାତ୍ର ପ୍ରଭୁ ମହିମାନ୍ୱିତ ହେବାର ସମୟ ପର୍ଯ୍ୟନ୍ତ ସେମାନଙ୍କୁ ଅପେକ୍ଷା କରିବାକୁ ହୋଇଥିଲା । ସେ ମହିମା ପ୍ରାପ୍ତ ହେବା ପରେ କ'ଣ ଘଟିଲା ?'' ସେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱକୁ ଉନ୍ନୀତ ହୋଇଛନ୍ତି, ଏବଂ ପିତାଙ୍କର ପ୍ରତିଶୃତ ପବିତ୍ର ଆତ୍ମାଙ୍କୁ ଗ୍ରହଣ କରି ଢାଳି ଦେଇଛନ୍ତି, ଯାହାକି ତୁମେମାନେ ଏବେ ଦେଖୁଛ ଓ ଶୁଣୁଛ'' (ପ୍ରେରିତ ୨:୩୩) । ଯୋହନ ୭:୩୯ର ଲିଖିତ ବାକ୍ୟ ''ଯୀଶୁ ସେ ପର୍ଯ୍ୟନ୍ତ ମହିମା ପ୍ରାପ୍ତ ହୋଇ ନ ଥିବାରୁ ସେ ସମୟ ପର୍ଯ୍ୟନ୍ତ ପବିତ୍ର ଆତ୍ମା ଦତ୍ତ ହୋଇ ନ ଥିଲେ'' ଆମ ପାଇଁ ଲାଗୁ ହୁଏ ନାହିଁ । ପବିତ୍ର ଆତ୍ମା ଦତ୍ତ ହୋଇଛନ୍ତି । ପ୍ରଭୁ ମହିମାନ୍ୱିତ ହୋଇଛନ୍ତି । ଆମର ପ୍ରତୀକ୍ଷା ଈଶ୍ୱରଙ୍କ କାର୍ଯ୍ୟ ପ୍ରତି ନୁହେଁ, ମାତ୍ର ଆମ ନିଜର ଆତ୍ମିକ ସ୍ଥିତି ଉପରେ ନିର୍ଭର କରେ ।''

ପେଣ୍ଟିକଷ୍ଟ ପୂର୍ବରୁ ପବିତ୍ରଆତ୍ମାଙ୍କ ପ୍ରଭାବ ଓ ଶକ୍ତି କାର୍ଯ୍ୟକାରୀ ଅବସ୍ଥାରେ ଥିଲା, କିନ୍ତୁ *ସେ* ନ ଥିଲେ । ସ୍ୱର୍ଗାରୋହଣ ମଧ୍ୟରେ ଆମର ପ୍ରଭୁ ମହିମାନ୍ୱିତ ହେବା ପରେ ପବିତ୍ର ଆତ୍ମା ଜଗତକୁ ଆସିଲେ ଏବଂ ସେହି ସମୟଠାରୁ ସେ ବିଦ୍ୟମାନ ଅଛନ୍ତି । ଆମ ଜୀବନରେ ପବିତ୍ର ଆତ୍ମାଙ୍କୁ ଗ୍ରହଣ ବା ସ୍ୱାଗତ କରିବା ଜଣେ ବିଶ୍ୱାସୀଙ୍କ ନିରବଚ୍ଛିନ୍ନ ମନୋଭାବ ହେବା ଆବଶ୍ୟକ । ଆମେ ଯେତେବେଳେ ପବିତ୍ର ଆତ୍ମାଙ୍କୁ ଗ୍ରହଣ କରୁ, ଆମେ ସ୍ୱର୍ଗକୁ ଉନ୍ନୀତ ପ୍ରଭୁଙ୍କର ଉଦ୍ଦୀପ୍ତ ଜୀବନ ପାଉ ।

ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ଲୋକମାନଙ୍କ ଜୀବନକୁ ପରିବର୍ତ୍ତନ କରେ ନାହିଁ କିନ୍ତୁ ପବିତ୍ର ଆତ୍ମାଙ୍କ ସହାୟତାରେ ସ୍ୱର୍ଗକୁ ଉନ୍ନୀତ ଖ୍ରୀଷ୍ଟଙ୍କ ଶକ୍ତି ଲୋକମାନଙ୍କ ଜୀବନରେ କାର୍ଯ୍ୟକାରୀ ହେବା ଦ୍ୱାରା ପରିବର୍ତ୍ତନ ସମ୍ଭବ ହୁଏ । ପ୍ରାୟତଃ ଆମେ କିଛି ବିଷୟକୁ ଅଲଗା କରି ଦେଉ ଯାହାକୁ ନୂତନ ନିୟମ ଅଲଗା କରେ ନାହିଁ । ପବିତ୍ର ଆତ୍ମାଙ୍କ ବାପ୍ତିସ୍ମର ଅନୁଭୂତି ଯୀଶୁ ଖ୍ରୀଷ୍ଟଙ୍କ ବହିର୍ଭୂତ ନୁହେଁ । ଏହା ସ୍ୱର୍ଗକୁ ଉନ୍ନୀତ ଖ୍ରୀଷ୍ଟଙ୍କ ପ୍ରମାଣ ଅଟେ ।

ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ଆପଣଙ୍କୁ ସମୟ କିମ୍ବା ଅନନ୍ତ କାଳ ବିଷୟ ଚିନ୍ତା କରିବାକୁ ଦିଏ ନାହିଁ – ଏହା ଏକ ଆଶ୍ଚର୍ଯ୍ୟପୂର୍ଣ୍ଣ ଗୌରବମୟ ବର୍ତ୍ତମାନ । ''ଯୀଶୁ ଖ୍ରୀଷ୍ଟଙ୍କୁ ଜାଣିବା ହିଁ ଅନନ୍ତ ଜୀବନ'' (ଯୋହନ ୧୭:୩) । ବର୍ତ୍ତମାନ ଠାରୁ ତାଙ୍କୁ ଜାଣିବା ଆରମ୍ଭ କରନ୍ତୁ, ଆଦୌ ଶେଷ କରନ୍ତୁ ନାହିଁ ।

# ନିଶ୍ଚିତ ପ୍ରକଟନ

### ସେଦିନ ତୁମେମାନେ ମୋତେ କିଛି ପଚାରିବ ନାହିଁ ।
### ଯୋହନ ୧୬:୨୩

''ସେହି ଦିନ'' କେବେ ? ଏହା ସେହି ଦିନ, ଯେଉଁ ଦିନ ସ୍ୱର୍ଗକୁ ଉନ୍ନୀତ ପ୍ରଭୁ ଆପଣଙ୍କୁ ପିତାଙ୍କ ସହିତ ଏକ କରିବେ । ''ସେହି ଦିନ'' ଆପଣ ଯୀଶୁଙ୍କ ଭଳି ପିତାଙ୍କ ସହିତ ଏକ ହେବେ । ସେ କହିଲେ, ''ସେହି ଦିନ ତୁମେମାନେ ମୋତେ କିଛି ପଚାରିବ ନାହିଁ ।'' ଆପଣଙ୍କ ମନରେ ପୁନରୁତ୍ଥିତ ଯୀଶୁଙ୍କ ଜୀବନ ସଂପୂର୍ଣ୍ଣ ପ୍ରଦର୍ଶିତ ନ ହେବା ପର୍ଯ୍ୟନ୍ତ ଆପଣଙ୍କ ମନରେ ଅନେକ ପ୍ରଶ୍ନ ଥିବ । ତା'ପରେ କିଛି ସମୟ ପରେ ଆପଣ ଅନୁଭବ କରିବେ ଯେ, ସବୁ ପ୍ରଶ୍ନ ଚାଲି ଯାଇଛି– ପଚାରିବା ପାଇଁ ଆପଣଙ୍କର ଆଉ କିଛି ନାହିଁ । ଆପଣ ଯୀଶୁଙ୍କର ପୁନରୁତ୍ଥିତ ଜୀବନର ସଂପୂର୍ଣ୍ଣ ଭରସାର ସ୍ଥାନରେ ପହଞ୍ଚିଛନ୍ତି, ଯାହା ଆପଣଙ୍କୁ ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କ ଉଦ୍ଦେଶ୍ୟ ସହିତ ଏକତା ମଧ୍ୟକୁ ନେଇ ଆସେ । ବର୍ତ୍ତମାନ ଆପଣ ସେହି ପ୍ରକାର ଜୀବନ ଯାପନ କରୁଛନ୍ତି କି ? ଯଦି କରୁ ନାହାଁନ୍ତି, କାହିଁକି କରୁନାହାନ୍ତି ?

''ସେହି ଦିନ'' ଅନେକ ବିଷୟ ଆପଣଙ୍କ ବୋଧଶକ୍ତିରୁ ଲୁକ୍କାୟିତ ରହିଥିବ, କିନ୍ତୁ ସେ ସବୁ ଆପଣ ହୃଦୟ ଏବଂ ଈଶ୍ୱରଙ୍କ ମଧ୍ୟରେ କୌଣସି ବାଧା ସୃଷ୍ଟି କରିବ ନାହିଁ । ''ସେହି ଦିନ ତୁମେ ମୋତେ କିଛି ପଚାରିବ ନାହିଁ'' – ଆପଣଙ୍କର ପଚାରିବା ଆବଶ୍ୟକ ହେବ ନାହିଁ, କାରଣ ଆପଣ ନିଶ୍ଚିତ ରହିବେ ଯେ ଈଶ୍ୱର ତାଙ୍କ ଇଚ୍ଛାନୁସାରେ ସବୁ ବିଷୟ ପ୍ରକଟ କରିବେ । ଯୋହନ ୧୪:୧ର ବିଶ୍ୱାସ ଏବଂ ଶାନ୍ତି ଆପଣଙ୍କ ହୃଦୟର ପ୍ରକୃତ ମନୋଭବ ହୋଇଛି, ଏବଂ ପଚାରିବା ପାଇଁ ଆଉ କୌଣସି ପ୍ରଶ୍ନ ନାହିଁ । ଯଦି କୌଣସି ବିଷୟ ଆପଣଙ୍କୁ ରହସ୍ୟ ଭଳି ମନେହୁଏ ଏବଂ ଆପଣଙ୍କ ଓ ଈଶ୍ୱରଙ୍କ ମଧ୍ୟରେ ବାଧା ସୃଷ୍ଟି କରେ, ତେବେ ତାହାର ସ୍ପଷ୍ଟୀକରଣ ମନରୁ ନୁହେଁ ମାତ୍ର ଆପଣଙ୍କ ଆତ୍ମା ଅର୍ଥାତ୍ ଆପଣଙ୍କ ଆନ୍ତରିକ ସ୍ୱଭାବ ମଧ୍ୟରୁ ଖୋଜନ୍ତୁ, କାରଣ ସେହିଠାରେ ହିଁ ଆପଣଙ୍କ ସମସ୍ୟା ଥାଏ । ଥରେ ଆପଣଙ୍କ ଅନ୍ତରର ଆତ୍ମିକ ସ୍ୱଭାବ ଯୀଶୁଙ୍କ ଜୀବନର ଅଧିନସ୍ଥ ହେବାକୁ ପ୍ରସ୍ତୁତ ହେଲେ ଆପଣଙ୍କ ବୋଧଶକ୍ତି ସୁସ୍ପଷ୍ଟ ହୋଇଯିବ ଏବଂ ଆପଣ ସେହି ସ୍ଥାନକୁ ଆସିବେ ଯେଉଁଠାରେ ଆପଣଙ୍କ ଭଳି ସନ୍ତାନ ଏବଂ ପିତାଙ୍କ ମଧ୍ୟରେ କୌଣସି ଦୂରତ୍ୱ ରହିବ ନାହିଁ, କାରଣ ପ୍ରଭୁ ଆପଣଙ୍କୁ ଏକ କରିଛନ୍ତି । ''ସେହି ଦିନ ତୁମେମାନେ ମୋତେ କିଛି ପଚାରିବ ନାହିଁ ।''

# ସୁସ୍ଥିର ସଂପର୍କ

**ସେହି ଦିନ ତୁମେ ମୋ ନାମରେ ମାଗିବ... ପିତା ନିଜେ ତୁମମାନଙ୍କୁ ପ୍ରେମ କରନ୍ତି ।**
**ଯୋହନ ୧୬:୨୬, ୨୭**

''ସେହି ଦିନ ତୁମେ ମୋ ନାମରେ ମାଗିବ,'' ଅର୍ଥାତ୍ ମୋର ସ୍ୱଭାବ ବିଶିଷ୍ଟ ହୋଇ ମାଗିବ । ଏହାର ଅର୍ଥ ନୁହେଁ, ''ତୁମେ ମୋର ନାମକୁ ମନ୍ତ୍ର ଭଳି ବ୍ୟବହାର କରିବ'' – ମାତ୍ର ''ତୁମେ ମୋ ସହିତ ଏତେ ଘନିଷ୍ଠ ହେବ ଯେ, ମୋ ସହିତ ଏକ ହୋଇଯିବ ।'' ''ସେହି ଦିନ''ଟି ପରବର୍ତ୍ତୀ ଜୀବନ ପାଇଁ ଉଦ୍ଦିଷ୍ଟ ନୁହେଁ, ଏହିଠାରେ ବର୍ତ୍ତମାନ ପାଇଁ ଉଦ୍ଦିଷ୍ଟ, କାରଣ ପିତା ଆପଣଙ୍କୁ ପ୍ରେମ କରନ୍ତି । ଯୀଶୁଙ୍କ ସହିତ ଆମର ଏକତ୍ୱ ଯେ ସଂପୂର୍ଣ୍ଣ ହୋଇଛି, ପିତା ଈଶ୍ୱରଙ୍କ ପ୍ରେମ ତାହା ପ୍ରମାଣ କରେ । ଆମର ପ୍ରଭୁଙ୍କର କହିବାର ଅର୍ଥ ଏହା ନୁହେଁ ଯେ, ଆମର ଜୀବନ ବାହ୍ୟ ଅସୁବିଧା ଏବଂ ଅନିଶ୍ଚିତତାରୁ ମୁକ୍ତ ରହିବ, ମାତ୍ର ସେ ଯେପରି ପିତାଙ୍କ ହୃଦୟ ଏବଂ ମନକୁ ଜାଣନ୍ତି, ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ଦ୍ୱାରା ଆମେ ମଧ୍ୟ ସ୍ୱର୍ଗୀୟ ସ୍ଥାନକୁ ଉତ୍ତୋଳିତ ହୋଇପାରିବା ଏବଂ ଈଶ୍ୱର ତାଙ୍କର ଶିକ୍ଷାକୁ ଆମ ପ୍ରତି ପ୍ରକଟ କରିବେ ।

''ମୋ ନାମରେ ପିତାଙ୍କ ନିକଟରେ ଯାହା କିଛି ମାଗିବ'' (୧୬:୩୩) । ''ସେହି ଦିନ'' ଟି ଈଶ୍ୱର ଏବଂ ତାଙ୍କର ସାଧୁଭକ୍ତଙ୍କ ଶାନ୍ତିପୂର୍ଣ୍ଣ ଏବଂ ସୁସ୍ଥିର ସଂପର୍କର ଦିନ ହେବ । ପିତାଙ୍କ ଉପସ୍ଥିତିରେ ଯୀଶୁ ଯେପରି ନିଷ୍କଳଙ୍କ ଓ ଶୁଦ୍ଧ ରୂପେ ଛିଡ଼ା ହୋଇଥିଲେ, ସେହିରୂପେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମର ଶକ୍ତି ଏବଂ ପ୍ରଭାବ ଦ୍ୱାରା ଆମେ ମଧ୍ୟ ସେହି ସଂପର୍କ ମଧ୍ୟକୁ ଉତ୍ତୋଳିତ ହୋଇ ପାରିବା, ''ଯଦ୍ଦ୍ୱାରା ଆମେ ଯେପରି ଏକ, ସେମାନେ ସେହିପରି ଏକ ହେବେ'' (ଯୋହନ ୧୭:୨୨) ।

''ସେ ତୁମକୁ ଦେବେ'' (ଯୋହନ ୧୬:୨୩) । ଯୀଶୁ ଏହିପରି କହିଲେ, କାରଣ ଈଶ୍ୱର ଯୀଶୁଙ୍କ ନାମକୁ ଚିହ୍ନିବେ ଏବଂ ପ୍ରାର୍ଥନାର ପ୍ରତ୍ୟୁତ୍ତର ଦେବେ । ତାଙ୍କ ନାମରେ ପ୍ରାର୍ଥନା କରିବା ପାଇଁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଆହ୍ୱାନ । ଯୀଶୁଙ୍କ ପୁନରୁତ୍ଥାନ ଏବଂ ସ୍ୱର୍ଗାରୋହଣର ଶକ୍ତି ଏବଂ ତାଙ୍କର ଦତ୍ତ ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ଆମେ ସେହିଭଳି ସଂପର୍କ ମଧ୍ୟକୁ ଉତ୍ତୋଳିତ ହୋଇପାରିବା । ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ସେହି ଅଦ୍ଭୁତ ସ୍ଥାନରେ ସ୍ଥାନିତ ହୋଇ ଆମେ ଈଶ୍ୱରଙ୍କଠାରେ ଯୀଶୁଙ୍କ ନାମରେ ଅର୍ଥାତ୍ ଯୀଶୁଙ୍କ ସ୍ୱଭାବ ସହ ପ୍ରାର୍ଥନା କରିପାରିବା । ପବିତ୍ର ଆତ୍ମାଙ୍କ ଦ୍ୱାରା ଆମେ ଏହି ଦାନ ପାଇଛୁ । ଯୀଶୁ କହିଲେ, ''ମୋ ନାମରେ ପିତାଙ୍କ ନିକଟରେ ଯାହା ମାଗିବ, ସେ ତୁମକୁ ତାହା ଦେବେ ।'' ଯୀଶୁ ଖ୍ରୀଷ୍ଟଙ୍କ ନିଜର ବକ୍ତବ୍ୟ ଦ୍ୱାରା ତାଙ୍କର ସାର୍ବଭୌମ୍ୟ ସ୍ୱଭାବକୁ ପରଖ କରାଯାଇ ପାରେ ।

## ମେ ୩୦

# ହଁ – କିନ୍ତୁ ... !

### ପ୍ରଭୁ ମୁଁ ଆପଣଙ୍କ ଅନୁଗାମୀ ହେବି, କିନ୍ତୁ...

### ଲୂକ ୯:୬୦

ମନେ କରନ୍ତୁ, ଈଶ୍ୱର ଆପଣଙ୍କୁ ଏପରି କାର୍ଯ୍ୟ କରିବାକୁ କହିଛନ୍ତି, ଯାହା ଆପଣଙ୍କ ବ୍ୟାବହାରିକ ବୁଦ୍ଧି ପାଇଁ ଗୋଟିଏ ବଡ଼ ପରୀକ୍ଷା ଏବଂ ତାହାର ବିରୋଧାତ୍ମକ ବିଷୟ, ତେବେ ଆପଣ କ'ଣ କରିବେ ? ଆପଣ କ'ଣ ପଛେଇ ଯିବେ ? କୌଣସି ଶାରୀରିକ କାର୍ଯ୍ୟ ଯଦି ଆପଣଙ୍କ ଅଭ୍ୟାସ ଗତ ହୋଇଯାଏ, ତା' ହେଲେ ପ୍ରତ୍ୟେକ ଥର ପରୀକ୍ଷା ସମୟରେ ଆପଣ ସେହି କାର୍ଯ୍ୟ କରିବେ, ଯେ ପର୍ଯ୍ୟନ୍ତ ଆପଣ ଦୃଢ଼ତାର ସହ ସେହି ଅଭ୍ୟାସକୁ ଭଂଗ କରି ନାହାନ୍ତି । ଏହା ଆତ୍ମିକ କ୍ଷେତ୍ର ପାଇଁ ମଧ୍ୟ ପ୍ରଯୁଜ୍ୟ । ଆପଣ ଥରକୁ ଥର ସେହି କଥା ପ୍ରତି ପହଞ୍ଚିଥିବେ, ଯାହା ଯୀଶୁ ଅପେକ୍ଷା କରନ୍ତି, କିନ୍ତୁ ଈଶ୍ୱରଙ୍କଠାରେ ନିଜକୁ ସଂପୂର୍ଣ୍ଣ ରୂପେ ଦୃଢ଼ ସମର୍ପଣ ନ କରିବା ପର୍ଯ୍ୟନ୍ତ ଆପଣ ପରୀକ୍ଷାର ପ୍ରକୃତ ମୁହୂର୍ତ୍ତଠାରୁ ଫେରି ଯାଉଥିବେ । ତଥାପି ଆମେ ଏହି କଥା କହିବାକୁ ପ୍ରବୃତ୍ତ ହେଉ, ''ହଁ, କିନ୍ତୁ ଏ ବିଷୟରେ ମୁଁ ଯଦି ଈଶ୍ୱରଙ୍କ ବାଧ୍ୟ ହୁଏ, ତେବେ ସେ ବିଷୟ କ'ଣ ହେବ ?'' କିମ୍ବା ଆମେ କହିଥାଉ, ''ହଁ, ମୁଁ ଈଶ୍ୱରଙ୍କ ବାଧ୍ୟ ହେବି, କିନ୍ତୁ ସେ ଯାହା କହିବେ, ତାହା ଯେପରି ମୋର ବ୍ୟାବହାରିକ ଜ୍ଞାନର ବିରୁଦ୍ଧାଚରଣ ନ କରେ, କିନ୍ତୁ ଅନ୍ଧାରରେ ପାଦ ବଢ଼ାଇବା ପାଇଁ ମୋତେ କୁହ ନାହିଁ ।''

ଯୀଶୁ ଖ୍ରୀଷ୍ଟ ତାଙ୍କ ବିଶ୍ୱାସୀମାନଙ୍କ ମଧ୍ୟରେ ସେହି ଅଦମନୀୟ ନିର୍ଭୀକ ଆତ୍ମା ସ୍ଥାପନ କରିବା ପାଇଁ ଇଚ୍ଛା କରନ୍ତି, ଯାହା ସ୍ୱାଭାବିକ ମନୁଷ୍ୟ ଜୀବନରେ ପ୍ରଦର୍ଶିତ ହୋଇଥାଏ । ଯଦି କୌଣସି ବ୍ୟକ୍ତି ତାଙ୍କ ଜୀବନରେ କୌଣସି ଉଲ୍ଲେଖ ଯୋଗ୍ୟ କାର୍ଯ୍ୟ କରିବାକୁ ଚାହାନ୍ତି, ତେବେ ଏପରି ସମୟ ଆସିବ, ଯେତେବେଳେ ତାଙ୍କୁ ବିପଦ ବରଣ କରି ଅନ୍ଧାର ମଧ୍ୟରେ ପାଦ ପକାଇବାକୁ ହେବ । ଆତ୍ମିକ କ୍ଷେତ୍ରରେ ଯୀଶୁଖ୍ରୀଷ୍ଟ ଏହା ଦାବି କରନ୍ତି ଯେ, ଆପଣ ଯେଉଁ ବିଷୟକୁ ପ୍ରିୟ ମଣନ୍ତି କିମ୍ବା ଆପଣଙ୍କ ବ୍ୟାବହାରିକ ଜ୍ଞାନ ଦ୍ୱାରା ବିଶ୍ୱାସ କରନ୍ତି, ସେ ସବୁକୁ ବିପନ୍ନ କରି ଯୀଶୁଙ୍କ କଥା ପ୍ରତି ବିଶ୍ୱାସରେ ପାଦ ବଢ଼ାଇ ଦିଅନ୍ତୁ । ଥରେ ତାଙ୍କର ବାଧ୍ୟ ହେଲେ ଶୀଘ୍ର ଅନୁଭବ କରିବେ ଯେ, ସେ ଯାହା କହନ୍ତି, ତାହା ବ୍ୟାବହାରିକ ଜ୍ଞାନ ଭଳି ବିଶ୍ୱାସଯୋଗ୍ୟ ହୋଇଥାଏ ।

ବ୍ୟାବହାରିକ ଜ୍ଞାନ ଦୃଷ୍ଟିରୁ ଯୀଶୁ ଖ୍ରୀଷ୍ଟଙ୍କ ବକ୍ତବ୍ୟଗୁଡ଼ିକ ବାଚାଳତା ମନେ ହୋଇପାରେ, କିନ୍ତୁ ସେ ସବୁକୁ ବିଶ୍ୱାସର ପରୀକ୍ଷା ଦ୍ୱାରା ଯେତେବେଳେ ଆପଣ ପରଖ କରିବେ, ତାହାର ଫଳାଫଳ ଆପଣଙ୍କ ଆତ୍ମାକୁ ବିସ୍ମୟଜନକ ସତ୍ୟରେ ପୂର୍ଣ୍ଣ କରିବ ଯେ, ସେସବୁ ପ୍ରକୃତରେ ଈଶ୍ୱରଙ୍କ ବାକ୍ୟ । ଈଶ୍ୱରଙ୍କୁ ସଂପୂର୍ଣ୍ଣ ବିଶ୍ୱାସ କରନ୍ତୁ, ଏବଂ ଯେତେବେଳେ ସେ ଆପଣଙ୍କୁ କୌଣସି ଏକ ସାହସିକ କାର୍ଯ୍ୟର ନୂତନ ସୁଯୋଗ ଦିଅନ୍ତି, ତେବେ ତାହାକୁ ଗ୍ରହଣ କରନ୍ତୁ । ସଂକଟ ସମୟରେ ଆମେ ବିଧର୍ମୀଙ୍କ ଭଳି ଆଚରଣ କରୁ– ସମଗ୍ର ଜନତା ମଧ୍ୟରୁ କେବଳ ମାତ୍ର ଜଣେ ଲୋକ ଈଶ୍ୱରଙ୍କ ସ୍ୱଭାବ ଉପରେ ଭରସାର ବିନିଯୋଗ ପାଇଁ ସାହସ କରନ୍ତି ।

## ମେ ୩୧

# ଈଶ୍ୱରଙ୍କୁ ପ୍ରଥମ ସ୍ଥାନ ଦିଅନ୍ତୁ

### କିନ୍ତୁ ଯୀଶୁ ନିଜେ ସେମାନଙ୍କୁ ବିଶ୍ୱାସ କଲେ ନାହିଁ... କାରଣ ମନୁଷ୍ୟ ଅନ୍ତରରେ କ'ଣ ଅଛି, ତାହା ସେ ଜାଣିଥିଲେ ।

### ଯୋହନ ୨:୨୪–୨୫

**ପ୍ରଥମେ ଈଶ୍ୱରଙ୍କଠାରେ ଭରସା ରଖନ୍ତୁ ।** ଆମର ପ୍ରଭୁ ଅନ୍ୟ କାହାରି ଉପରେ ତାଙ୍କର ଭରସା ରଖି ନ ଥିଲେ । ତଥାପି ସେ ସନ୍ଦେହ କରି ନ ଥିଲେ, କାହା ପ୍ରତି ତିକ୍ତତା ପୋଷଣ କରି ନ ଥିଲେ ଏବଂ କାହା ପ୍ରତି ବିଶ୍ୱାସ ହରାଇ ନ ଥିଲେ କାରଣ ପ୍ରଥମେ ସେ ଈଶ୍ୱରଙ୍କ ଉପରେ ଭରସା ରଖିଥିଲେ । ଈଶ୍ୱରଙ୍କ ଅନୁଗ୍ରହ ଅନ୍ୟମାନଙ୍କ ପ୍ରତି କ'ଣ କରିବ, ସେଥିରେ ତାଙ୍କର ସଂପୂର୍ଣ୍ଣ ଭରସା ଥିଲା । ଯଦି ପ୍ରଥମେ ମୁଁ ମନୁଷ୍ୟମାନଙ୍କଠାରେ ଭରସା ରଖିବି, ତେବେ ଶେଷ ପରିଣାମ ରୂପେ ସମସ୍ତଙ୍କ ପ୍ରତି ମୋର ନୈରାଶ୍ୟ ଓ ଅସହାୟ ଭାବ ଜନ୍ମିବ । ମୁଁ ସେମାନଙ୍କ ପ୍ରତି ତିକ୍ତ ମନୋଭାବ ପୋଷଣ କରିବି, କାରଣ ମୁଁ ଭାବିଥିଲି ସବୁ ଲୋକମାନେ ପବିତ୍ର ଓ ସିଦ୍ଧ ହେବେ, ଯାହା ସମ୍ଭବ ନୁହେଁ । ଈଶ୍ୱରଙ୍କ ଅନୁଗ୍ରହ ବ୍ୟତୀତ ନିଜଠାରେ ବା ଅନ୍ୟ କାହାଠାରେ ଭରସା ରଖନ୍ତୁ ନାହିଁ ।

**ଈଶ୍ୱରଙ୍କ ଇଚ୍ଛାକୁ ପ୍ରଥମ ସ୍ଥାନ ଦିଅନ୍ତୁ ।** ''ଦେଖ, ମୁଁ ଆସିଅଛି, ତୁମର ଇଚ୍ଛା ସାଧନ କରିବାକୁ ଆସିଅଛି'' (ଏବ୍ରୀ ୧୦:୯) । ଜଣେ ବ୍ୟକ୍ତିଙ୍କ ବିଶ୍ୱସ୍ତତା ସେହି ବିଷୟ ପ୍ରତି ଥାଏ, ଯାହାକୁ ସେ ଆବଶ୍ୟକତା ମନେ କରନ୍ତି – ଆମର ପ୍ରଭୁ ତାଙ୍କ ପିତାଙ୍କ ଇଚ୍ଛା ପ୍ରତି ବାଧ୍ୟ ଓ ସମର୍ପିତ ଥିଲେ । ଆଜିର ଚିତ୍କାର ହେଉଛି, ''ଆମକୁ କାମରେ ଲାଗିବାକୁ ହେବ । ଅନ୍ୟ ବନ୍ଧୁମାନେ ଈଶ୍ୱରଙ୍କ ବିନା ବିନଷ୍ଟ ହେଉଛନ୍ତି । ଆମେ ଯାଇ ସେମାନଙ୍କୁ ଈଶ୍ୱରଙ୍କ ବିଷୟ କହିବା ।'' କିନ୍ତୁ ପ୍ରଥମେ ଆମକୁ ନିଶ୍ଚିତ ହେବାକୁ ପଡ଼ିବ ଯେ, ବ୍ୟକ୍ତିଗତ ରୂପେ ଆମ ମଧ୍ୟରେ ଈଶ୍ୱରଙ୍କ ''ଆବଶ୍ୟକତା'' ଏବଂ ଇଚ୍ଛା ପୂର୍ଣ୍ଣ ହୋଇଛି କି ନାହିଁ । ଯୀଶୁ କହିଲେ, ''ସ୍ୱର୍ଗରୁ ଶକ୍ତି ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ଅପେକ୍ଷା କର'' (ଲୂକ ୨୪:୪୯) ।

ଖ୍ରୀଷ୍ଟୀୟ ପ୍ରଶିକ୍ଷଣର ଉଦ୍ଦେଶ୍ୟ ହେଉଛି, ଆମକୁ ଈଶ୍ୱରଙ୍କ ''ଆବଶ୍ୟକତା'' ଏବଂ ତାଙ୍କର ଇଚ୍ଛା ସଂପର୍କିତ ଯଥାର୍ଥ ସଂପର୍କ ମଧ୍ୟକୁ ଆଣିବା । ଥରେ ଆମ ମଧ୍ୟରେ ଈଶ୍ୱରଙ୍କ ''ଆବଶ୍ୟକତା'' ପୂରଣ ହେଲେ ସେ ତାଙ୍କ ଇଚ୍ଛା ସାଧନ ଉଦ୍ଦେଶ୍ୟରେ ଆମ ପାଇଁ ପଥ ଖୋଲି ଦେବେ ଏବଂ ଅନ୍ୟ କେଉଁଠାରେ ତାଙ୍କର ''ଆବଶ୍ୟକତା'' ପୂରଣ କରିବେ ।

**''ଈଶ୍ୱରଙ୍କ ପୁତ୍ରଙ୍କୁ ପ୍ରଥମ ସ୍ଥାନ ଦିଅନ୍ତୁ ।''** ପୁଣି କେହି ଯେବେ ମୋ ନାମରେ ଏହିପରି ଜଣେ ସାନ ପିଲାକୁ ଗ୍ରହଣ କରେ, ସେ ମୋତେ ଗ୍ରହଣ କରେ'' (ମାଥିଉ ୧୮:୫) । ଯୀଶୁ ମୋ ପ୍ରତି ତାଙ୍କର ଭାର ଅର୍ପଣ କରି ଶିଶୁ ରୂପରେ ଆସିଲେ । ସେ ମୋର ବ୍ୟକ୍ତିଗତ ଜୀବନକୁ ''ବେଥଲିହିମ'' ରୂପେ ଦେଖିବାକୁ ପ୍ରତ୍ୟାଶା କରନ୍ତି । ମୁଁ କ'ଣ ମୋ ଅନ୍ତର ମଧ୍ୟରେ ଈଶ୍ୱରଙ୍କ ପୁତ୍ରଙ୍କୁ ବାସ କରିବାକୁ ଦେଇ ଧୀରେ ଧୀରେ ମୋର ସ୍ୱାଭାବିକ ଜୀବନକୁ ରୂପାନ୍ତରିତ କରିବାକୁ ଇଚ୍ଛୁକ ? ଈଶ୍ୱରଙ୍କ ଅନ୍ତିମ ଉଦ୍ଦେଶ୍ୟ ହେଉଛି, ମୋ ମଧ୍ୟରେ ଯେପରି ଈଶ୍ୱରଙ୍କ ପୁତ୍ର ଦୃଶ୍ୟମାନ ହେବେ ।

## ଜୁନ୍ ୧

# ଆଶ୍ଚର୍ଯ୍ୟଜନକ ପ୍ରଶ୍ନ

### ସେ ମୋତେ ପଚାରିଲେ, ''ମନୁଷ୍ୟ ସନ୍ତାନ, ଏହି ଅସ୍ଥିଗୁଡ଼ିକ କ'ଣ ସଂଜୀବିତ ହୋଇପାରିବ ?''
### ଯିହିଜିକଲ ୩୭:୩

ଜଣେ ପାପୀ କ'ଣ ଜଣେ ପବିତ୍ର ଲୋକରେ ପରିଣତ ହୋଇପାରେ ? ଗୋଟିଏ ଅଡୁଆ ଜୀବନ କ'ଣ ସଜଡ଼ା ଯାଇପାରେ ? ଏହାର କେବଳ ଗୋଟିଏ ସଠିକ୍ ଉତ୍ତର ଅଛି– ''ହେ ପ୍ରଭୁ, ପରମେଶ୍ୱର, ତୁମେ ଜାଣିଛ'' (୩୭:୩) । ଆପଣଙ୍କର ଧାର୍ମିକ ବ୍ୟାବହାରିକ ଜ୍ଞାନରେ ଆପଣ ବଢ଼ି ଯାଇ କୁହନ୍ତି ନାହିଁ, ''ହଁ, ଆଉ ଟିକେ ଅଧିକ ବାଇବଲ ଅଧ୍ୟୟନ, ନୀରବ ଧ୍ୟାନ ଏବଂ ପ୍ରାର୍ଥନା ଦ୍ୱାରା ମୁଁ ଜାଣି ପାରିବି ଏହା କିପରି ହୋଇ ପାରିବ ।''

ଈଶ୍ୱରଙ୍କ ଉପରେ ଭରସା ରଖିବା ଅପେକ୍ଷା କୌଣସି କାର୍ଯ୍ୟ *କରିବା* ସହଜ । ଆମେ କର୍ମତତ୍ପରତା ଦେଖୁ ଏବଂ ଆତଙ୍କକୁ ଭୁଲ୍‌ରେ ପ୍ରେରଣା ବୋଲି ଭାବୁ । ସେଥିପାଇଁ ଆମେ ଈଶ୍ୱରଙ୍କ *ସହିତ* ସ୍ୱଳ୍ପ ସହକର୍ମୀମାନଙ୍କୁ ଦେଖିଥାଉ, ତଥାପି କେତେ ଅଧିକ ସଂଖ୍ୟକ ଲୋକ ଈଶ୍ୱରଙ୍କ *ପାଇଁ* କାର୍ଯ୍ୟ କରୁଛନ୍ତି । ଆମେ ଈଶ୍ୱରଙ୍କୁ ବିଶ୍ୱାସ କରିବା ପରିବର୍ତ୍ତେ ତାଙ୍କ ପାଇଁ କାର୍ଯ୍ୟ କରିବାକୁ ଅଧିକ ପସନ୍ଦ କରୁ । ମୁଁ କ'ଣ ପ୍ରକୃତରେ ବିଶ୍ୱାସ କରେ ଯେ, ମୁଁ ଯାହା କରିବା ପାଇଁ ଅସମର୍ଥ, ଈଶ୍ୱର ମୋ ମଧ୍ୟରେ ତାହା କରିବା ପାଇଁ ସମର୍ଥ ? ଅନ୍ୟମାନଙ୍କ ପ୍ରତି ମୁଁ ଯେଉଁ ନୈରାଶ୍ୟ ଅନୁଭବ କରେ, ତାହାର କାରଣ ହେଉଛି, ମୁଁ ନିଜେ ଜାଣେ ନାହିଁ, ଈଶ୍ୱର ମୋ ପ୍ରତି କ'ଣ କରିଛନ୍ତି । ମୋର ବ୍ୟକ୍ତିଗତ ଅନୁଭୂତି କ'ଣ ଈଶ୍ୱରଙ୍କ ଶକ୍ତି ଏବଂ ସାମର୍ଥ୍ୟର ଏଭଳି ଆଶ୍ଚର୍ଯ୍ୟଜନକ ଉପଲବ୍ଧି ଯେ, ମୁଁ ଅନ୍ୟମାନଙ୍କ ପାଇଁ କେବେହେଲେ ନିରାଶା ଭାବ ପୋଷଣ କରିପାରିବି ନାହିଁ ? ମୋ ମଧ୍ୟରେ କୌଣସି ଆତ୍ମିକ କାର୍ଯ୍ୟ ସାଧିତ ହୋଇଛି କି ? ମୋ ଜୀବନର କାର୍ଯ୍ୟବ୍ୟସ୍ତତାର ଆତଙ୍କ ଓ ଭୟ ମୋର ବ୍ୟକ୍ତିଗତ ଆତ୍ମିକ ଅନୁଭୂତିର ଅଭାବ ସହିତ ସମାନ ।

''ହେ ମୋର ଲୋକବୃନ୍ଦ, ମୁଁ ତୁମମାନଙ୍କ କବର ଉନ୍ମୁକ୍ତ କରି ତୁମମାନଙ୍କୁ ବାହାର କରି ଆଣିବି'' (୩୭:୧୨) । ଈଶ୍ୱରଙ୍କ ଠାରୁ ପୃଥକ୍ ରହିଥିବା ମନୁଷ୍ୟ ସ୍ୱଭାବ କିପରି, ଈଶ୍ୱର ଯେତେବେଳେ ଆପଣଙ୍କୁ ତାହା ଦେଖାଇବାକୁ ଇଚ୍ଛା କରନ୍ତି, ସେ ଆପଣଙ୍କୁ ଆପଣଙ୍କ ଭିତରର ଅବସ୍ଥା ଦେଖାନ୍ତି । ଯଦି କେବେ ଈଶ୍ୱରଙ୍କ ଆତ୍ମା ଆପଣଙ୍କୁ ଦର୍ଶନ ଦେଇଛନ୍ତି ଯେ, ଈଶ୍ୱରଙ୍କ ଅନୁଗ୍ରହ ବିନା ଆପଣଙ୍କ ଅବସ୍ଥା କିପରି (ଆଉ ସେ ସେହିପରି କରିବେ ଯେତେବେଳେ ଈଶ୍ୱରଙ୍କ ଆତ୍ମା ଆପଣଙ୍କ ଭିତରେ କାର୍ଯ୍ୟ କରିବେ) ତେବେ ଆପଣ ଜାଣି ପାରିବେ ଯେ, ବାସ୍ତବରେ କୌଣସି ଅପରାଧୀର ଅବସ୍ଥା ଈଶ୍ୱରଙ୍କ ଅନୁଗ୍ରହ ବିନା ଆପଣଙ୍କ ଅବସ୍ଥା ସହିତ ସମାନ । ମୋର ''କବର'' ଈଶ୍ୱରଙ୍କ ଦ୍ୱାରା ଉନ୍ମୁକ୍ତ ହୋଇଛି ଏବଂ ''ମୁଁ ଜାଣେ ଯେ, ମୋ ମଧ୍ୟରେ ଅର୍ଥାତ୍ ମୋ ପାପ ପ୍ରକୃତି ମଧ୍ୟରେ କୌଣସି ଉତ୍ତମତା ନାହିଁ'' (ରୋମୀ ୭:୧୮) । ଈଶ୍ୱରଙ୍କ ଆତ୍ମା ନିରନ୍ତର ତାଙ୍କର ସନ୍ତାନମାନଙ୍କ ପ୍ରତି ପ୍ରକଟ କରନ୍ତି ଯେ, ଈଶ୍ୱରଙ୍କ ଅନୁଗ୍ରହ ବିନା ମନୁଷ୍ୟ ସ୍ୱଭାବ କିପରି ହୋଇଥାଏ ।

# ଆପଣ କ'ଣ କୌଣସି ବିଷୟ ପ୍ରତି ବିଶେଷ ମନୋଯୋଗୀ ?

### ଯେ ପ୍ରଭୁଙ୍କୁ ଭୟଭକ୍ତି କରେ, ସେହି ମନୁଷ୍ୟ କିଏ ?
### ଗୀତସଂହିତା ୨୫:୧୨

ଆପଣ କ'ଣ କୌଣସି ବିଷୟ ପ୍ରତି ବିଶେଷ ମନୋଯୋଗୀ ? ଆପଣ ହୁଏତ କହିବେ, ''ନା, କୌଣସି ବିଷୟ ପ୍ରତି ନୁହେଁ'', କିନ୍ତୁ ଆମେ ସମସ୍ତେ କୌଣସି ନା କୌଣସି ବିଷୟ ପ୍ରତି ମନୋଯୋଗୀ– ହୁଏତ ଆମେ ନିଜ ପ୍ରତି ଅବା ଖ୍ରୀଷ୍ଟ–ବିଶ୍ୱାସୀ ହୋଇଥିଲେ ଆମ ଖ୍ରୀଷ୍ଟୀୟ ଜୀବନର ନିଜ ଅନୁଭୂତି ପ୍ରତି ମନୋଯୋଗୀ ହୋଇଥାଉ । ଗୀତରଚକ କହନ୍ତି ଯେ, ଆମର ଏକାଗ୍ରତା କେବଳ ଈଶ୍ୱରଙ୍କ ପ୍ରତି ରହିବା ଆବଶ୍ୟକ । ଖ୍ରୀଷ୍ଟୀୟ ଜୀବନର ସ୍ଥାୟୀ ସଚେତନତା ସ୍ୱୟଂ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୁଏ, ତାଙ୍କ ବିଷୟକ ଚିନ୍ତା ଦ୍ୱାରା ନୁହେଁ । ଆମ ଜୀବନର ପୂର୍ଣ୍ଣ ଅସ୍ତିତ୍ୱ, ବାହ୍ୟିକ ଏବଂ ଆନ୍ତରିକ ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କ ଉପସ୍ଥିତି ପ୍ରତି ଏକାଗ୍ର ହେବା ଆବଶ୍ୟକ । ଗୋଟିଏ ଶିଶୁର ସଚେତନତା ତା'ର ମା'ଙ୍କ ପ୍ରତି ଏଭଳି ମଗ୍ନ ଥାଏ ଯେ, ସାଧାରଣ ଅବସ୍ଥାରେ ମା'ଙ୍କ ବିଷୟ ଚିନ୍ତା କରୁ ନ ଥିଲେ ମଧ୍ୟ କୌଣସି ସମସ୍ୟା ଆସିଲେ ତା'ର ସ୍ଥାୟୀ ସଂପର୍କ ତା'ର ମା'ଙ୍କ ସହିତ ଥାଏ । ଠିକ୍ ସେହି ଉପାୟରେ ''ଈଶ୍ୱରଙ୍କଠାରେ ଆମର ଅସ୍ଥି, ଗତି ଓ ସ୍ଥିତି'' (ପ୍ରେରିତ ୧୭:୨୮) । ସବୁ ବିଷୟକୁ ଆମେ ଈଶ୍ୱରଙ୍କ ସହିତ ଆମର ସଂପର୍କ ଦୃଷ୍ଟିରୁ ଦେଖିବା ଉଚିତ୍ । କାରଣ ତାଙ୍କ ପ୍ରତି ଆମର ସ୍ଥାୟୀ ସଚେତନା ସବୁବେଳେ ଆମ ଜୀବନର ଅଗ୍ରଭାଗରେ ଥାଏ ।

ଆମେ ଯଦି ଈଶ୍ୱରଙ୍କ ପ୍ରତି ମନୋଯୋଗୀ, ତେବେ ଅନ୍ୟ କୌଣସି ବିଷୟ ଆମ ଜୀବନରେ ପ୍ରବେଶ କରିବ ନାହିଁ– ଚିନ୍ତାଭାବନା ଅବା ଦୁଃଖକଷ୍ଟ, କିଛି ନୁହେଁ । ବର୍ତ୍ତମାନ ଆମେ ବୁଝିପାରୁଛୁ ଯେ, ଆମର ପ୍ରଭୁ ଚିନ୍ତା କରିବା ଭଳି ପାପ ଉପରେ କାହିଁକି ଏତେ ଗୁରୁତ୍ୱ ଦେଇଥିଲେ । ଈଶ୍ୱରଙ୍କ ଶକ୍ତି ଯେତେବେଳେ ଆମ ଚତୁର୍ଦ୍ଦିଗରେ ଘେରି ରହିଛି, ଆମେ ଅବିଶ୍ୱାସୀ ହେବାର ସାହସ କିପରି କରିବୁ ? ଈଶ୍ୱରଙ୍କ ପ୍ରତି ଅଭିନିବିଷ୍ଟ ହେବାର ଅର୍ଥ ହେଉଛି ଯେ, ଶତ୍ରୁର ସମସ୍ତ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଆମ ପାଖରେ ଏକ ପ୍ରଭାବଯୁକ୍ତ ପ୍ରତିବନ୍ଧକ ଅଛି ।

''ସେ ସୁଖ ସମୃଦ୍ଧିରେ ଦିନ କାଟିବ'' (ଗୀତସଂହିତା ୨୫:୧୩) । ଈଶ୍ୱର ଆମକୁ ''ସୁଖ ସମୃଦ୍ଧିରେ ଦିନ କାଟିବା'' ଅବସ୍ଥାରେ ରଖିବେ, କଷ୍ଟ, ଭୁଲ୍ ବୁଝାମଣା ଏବଂ ନିନ୍ଦା ମଧ୍ୟରେ ଆମକୁ ଶାନ୍ତି ଦେବେ, ଯଦି ଆମର ଜୀବନ ଖ୍ରୀଷ୍ଟଙ୍କ ସହିତ ଈଶ୍ୱରଙ୍କଠାରେ ଗୁପ୍ତ ଅଛି'' (କଲସୀୟ ୩:୩) । ଈଶ୍ୱର ତାଙ୍କର ସ୍ଥାୟୀ ସଂପର୍କ ବିଷୟରେ ଯେଉଁ ଆଶ୍ଚର୍ଯ୍ୟଜନକ ସତ୍ୟ ପ୍ରକାଶ କରିଛନ୍ତି, ସେଥିରୁ ଆମେ ନିଜକୁ ବଞ୍ଚିତ କରିଥାଉ । ''ଈଶ୍ୱର ଆମର ଆଶ୍ରୟ'' (ଗୀତସଂହିତା ୪୬:୧) । ତାଙ୍କର ସୁରକ୍ଷିତ ଆଶ୍ରୟ ସ୍ଥଳକୁ ଭାଙ୍ଗି କେହି ଭିତରକୁ ଆସିପାରେ ନାହିଁ ।

**ଜୁନ୍ ୩**

# ପ୍ରଭୁଙ୍କର ରହସ୍ୟ

### ଯେଉଁମାନେ ପ୍ରଭୁଙ୍କୁ ଭୟ ଭକ୍ତି କରନ୍ତି, ସେ ସେମାନଙ୍କ ନିକଟରେ ନିଗୁଢ଼ ବିଷୟ ପ୍ରକାଶ କରନ୍ତି ।

### ଗୀତସଂହିତା ୨୫:୧୪

ଜଣେ ବନ୍ଧୁଙ୍କ ଚିହ୍ନ କ'ଣ ? ଏହା କ'ଣ ସେହି ଯେ, ସେ ଆପଣଙ୍କୁ ତାଙ୍କର ଲୁକ୍କାୟିତ ଦୁଃଖର କଥା କହିଥା'ନ୍ତି ? ନା, ସେ ଆପଣଙ୍କୁ ତାଙ୍କ ଆନନ୍ଦର ରହସ୍ୟ ଜଣାନ୍ତି । ଅନେକ ଲୋକ ଆପଣଙ୍କଠାରୁ ସେମାନଙ୍କ ଆନନ୍ଦକୁ ଗୋପନରେ ରଖନ୍ତି, କିନ୍ତୁ ଘନିଷ୍ଠତାର ଅନ୍ତିମ ଚିହ୍ନ ପ୍ରକାଶିତ ହେବ, ଯେତେବେଳେ ସେମାନେ ଆପଣଙ୍କ ସହିତ ସେମାନଙ୍କ ଗୋପନୀୟ ଆନନ୍ଦର ସହଭାଗି ହେବେ ।

ଆମେ କ'ଣ କେବେ ଈଶ୍ୱରଙ୍କୁ ସୁଯୋଗ ଦେଇଛୁ, ଯେପରି ସେ ଆମକୁ ତାଙ୍କ ଆନନ୍ଦର କଥା ଜଣାଇବେ ? ଅବା ଆମେ ନିରନ୍ତର ତାଙ୍କୁ ଆମର ଗୋପନୀୟ କଥା ସବୁ କହିଚାଲିଛୁ, କିନ୍ତୁ ତାଙ୍କୁ କଥା କହିବାର ସୁଯୋଗ ଦେଇ ନାହୁଁ ? ଆମର ଖ୍ରୀଷ୍ଟୀୟ ଜୀବନର ପ୍ରାରମ୍ଭରେ ଆମେ ଈଶ୍ୱରଙ୍କୁ ମାଗି ଚାଲିଥାଉ କିନ୍ତୁ ତା'ପରେ ଆମେ ଅନୁଭବ କରୁ ଯେ, ଈଶ୍ୱର ଆମକୁ ତାଙ୍କର ଘନିଷ୍ଠତାର ସଂପର୍କ ମଧ୍ୟକୁ ନେବା ପାଇଁ ଚାହାନ୍ତି, ଯେପରି ସେ ଆମକୁ ତାଙ୍କର ଉଦ୍ଦେଶ୍ୟର ସଂପର୍କ ମଧ୍ୟକୁ ଆଣିବେ ।

''ତୁମର ଇଚ୍ଛା ସଫଳ ହେଉ'' (ମାଥିଉ ୬:୧୮) । ଆମେ କ'ଣ ପ୍ରାର୍ଥନା ସଂପର୍କିତ ଯୀଶୁଖ୍ରୀଷ୍ଟଙ୍କ ଏହି ଧାରଣା ପ୍ରତି ଏତେ ଘନିଷ୍ଠ ହୋଇଛୁ ଯେ, ଆମେ ଈଶ୍ୱରଙ୍କ ରହସ୍ୟକୁ ଉଦ୍‌ଘାଟନ କରିପାରିବା ? ଈଶ୍ୱରଙ୍କ ବଡ଼ ଆଶୀର୍ବାଦ ଦ୍ୱାରା ଈଶ୍ୱର ଆମର ଅତି ପ୍ରିୟ ହୋଇ ନ ଥା'ନ୍ତି, କିନ୍ତୁ ଅତି ଛୋଟ ବିଷୟ ସବୁ ଆମ ପ୍ରତି ତାଙ୍କର ଆଶ୍ଚର୍ଯ୍ୟଜନକ ଘନିଷ୍ଠତା ପ୍ରକାଶ କରନ୍ତି– କାରଣ ସେ ଆମର ବ୍ୟକ୍ତିଗତ ଜୀବନର ଟିକିନିଖି ପ୍ରତ୍ୟେକ ବିଷୟ ଜାଣନ୍ତି ।

''ଉପଯୁକ୍ତ ପଥ ମନୋନୀତ କରିବା ପାଇଁ ସେ ତାକୁ ଶିକ୍ଷା ଦେବେ'' (ଗୀତସଂହିତା ୨୫:୧୨) । ପ୍ରଥମେ ଆମେ ଜାଣିବା ଆବଶ୍ୟକ ଯେ, ଆମେ ଈଶ୍ୱରଙ୍କ ଦ୍ୱାରା ଚାଳିତ କିନ୍ତୁ ଆତ୍ମିକ ବୃଦ୍ଧି ସହିତ ଆମେ ଈଶ୍ୱରଙ୍କ ପ୍ରତି ଏତେ ସଚେତନ ହୋଇଯାଉ ଯେ, ତାଙ୍କର ଇଚ୍ଛା କ'ଣ, ସେ ତାହା ପଚାରିବା ଆବଶ୍ୟକ ବୋଲି ମନେ କରି ନଥାଉ, କାରଣ ଆଉ ଅନ୍ୟ କୌଣସି ଉପାୟ ଖୋଜିବାର ଚିନ୍ତା ଆମ ମନରେ ଆସେ ନାହିଁ । ଆମେ ଯଦି ଉଦ୍ଧାରପ୍ରାପ୍ତ ଏବଂ ପବିତ୍ରୀକୃତ, ଈଶ୍ୱର ଆମର ଦୈନନ୍ଦିନ ମନୋନୟନ ଦ୍ୱାରା ଆମକୁ ଚାଳିତ କରନ୍ତି । ଯଦି ଆମେ ଏପରି ମନୋନୟନ କରିବାକୁ ଉଦ୍ୟତ, ଯାହା ତାଙ୍କର ଇଚ୍ଛା ସମ୍ମତ ନୁହେଁ, ତେବେ ଈଶ୍ୱର ତାହାର ପ୍ରତିରୋଧ କରିବା ପାଇଁ ଏକ ସନ୍ଦେହ ଭାବ ଉତ୍ପନ୍ନ କରିବେ ଏବଂ ଆମକୁ ତାହା ପାଳନ କରିବାକୁ ହେବ । ଯେତେବେଳେ ସନ୍ଦେହ ଆସେ, ଶୀଘ୍ର ରହିଯା'ନ୍ତୁ । ଯୁକ୍ତି ପୂର୍ବକ କହନ୍ତୁ ନାହିଁ– ''ମୁଁ କାହିଁକି ଏପରି କରିବି ନାହିଁ, ତାହା ଜାଣି ନାହିଁ ।'' ଆମେ ଯାହା ମନୋନୟନ କରୁ, ସେଥିରେ ଈଶ୍ୱରଙ୍କ ଆଦେଶ ଥାଏ, ଅର୍ଥାତ୍ ସେ ପ୍ରକୃତରେ ଆମର ବ୍ୟାବହାରିକ ଜ୍ଞାନକୁ ଚାଳିତ କରନ୍ତି । ଆମେ ଯେତେବେଳେ ତାଙ୍କର ଶିକ୍ଷା ଓ ଚାଳନା ପ୍ରତି ନିଜକୁ ସମର୍ପଣ କରୁ, ଆମେ ଆଉ ଏହି ପ୍ରଶ୍ନ ପଚାରି ନ ଥାଉ, ''ପ୍ରଭୁ, ବର୍ତ୍ତମାନ ତୁମର ଇଚ୍ଛା କ'ଣ ?'' ତାଙ୍କର ଆତ୍ମାଙ୍କୁ ମଧ୍ୟ ପ୍ରତିରୋଧ କରି ନ ଥାଉ ।

ଜୁନ୍ ୪

# କେବେ ମଧ୍ୟ ପରିତ୍ୟାଗ କରି ନ ଥିବା ଈଶ୍ୱର

**ସେ ନିଜେ କହିଛନ୍ତି, ‘‘ଆମ୍ଭେ ତୁମକୁ କେବେହେଁ ଛାଡ଼ିବା ନାହିଁ, ଆମେ ତୁମକୁ କେବେହେଁ ପରିତ୍ୟାଗ କରିବା ନାହିଁ ।**

**ଏବ୍ରୀ ୧୩:୫**

ମୋର ଚିନ୍ତା କେଉଁ ଦିଗକୁ ଯାଏ ? ମୁଁ କ'ଣ ଈଶ୍ୱରଙ୍କ ବାକ୍ୟ ପ୍ରତି ଅବା ମୋର ଭୟ ପ୍ରତି ମୁଖ ଫେରାଏ ? ମୁଁ କ'ଣ କେବଳ ତାଙ୍କ କଥାର ପୁନରୁକ୍ତି କରୁଛି ଅବା ତାଙ୍କର କଥା ଶୁଣିବା ପାଇଁ ଶିଖୁଛି ଏବଂ ସେ କ'ଣ କହୁଛନ୍ତି, ତାହା ଶୁଣିବା ପରେ ତା'ର ପ୍ରତ୍ୟୁତ୍ତର ଦେଉଛି ? କାରଣ ସେ ନିଜେ କହିଛନ୍ତି, ‘‘ମୁଁ ତୁମକୁ କେବେହେଁ ଛାଡ଼ିବି ନାହିଁ, ମୁଁ ତୁମକୁ କେବେହେଁ ପରିତ୍ୟାଗ କରିବି ନାହିଁ ।’’ ସେଥିପାଇଁ ଆମେ ସାହସର ସହିତ କହିପାରୁ, ‘‘ପ୍ରଭୁ ମୋର ସହାୟ, ମୁଁ ଭୟ କରିବି ନାହିଁ, ମନୁଷ୍ୟ ମୋର କ'ଣ କରିପାରେ ?’’ (୧୩:୫-୬) ।

‘‘ମୁଁ ତୁମକୁ କେବେହେଁ ଛାଡ଼ିବି ନାହିଁ’’ - କୌଣସି କାରଣ ପାଇଁ ନୁହେଁ, ମୋର ପାପ, ସ୍ୱାର୍ଥପରତା, ଅହଂକାର ବା ସ୍ୱେଚ୍ଛାଚାରୀତା ହେତୁ ନୁହେଁ । ଈଶ୍ୱର ଯେ ମୋତେ ଛାଡ଼ିବେ ନାହିଁ, ମୁଁ ତାଙ୍କୁ ଏହି କଥା କହିବାର ସୁଯୋଗ ଦେଉଛି କି ? ମୁଁ ଯଦି ପ୍ରକୃତରେ ଈଶ୍ୱରଙ୍କର ଏହି ଆଶ୍ୱାସନା ବାଣୀ ଶୁଣି ନାହିଁ, ତା'ହେଲେ ଆଉ ଥରେ ମୋର ଶୁଣିବା ଉଚିତ୍ ।

‘‘ମୁଁ ତୁମକୁ କେବେହେଁ ପରିତ୍ୟାଗ କରିବି ନାହିଁ ।’’ ସମୟେ ସମୟେ ଜୀବନର ଅସୁବିଧା ନୁହେଁ, ମାତ୍ର ଜୀବନର ନୀରସତା ମୋତେ ଚିନ୍ତା କରିବାକୁ ପ୍ରବର୍ତ୍ତାଏ ଯେ, ଈଶ୍ୱର ମୋତେ ପରିତ୍ୟାଗ କରିଛନ୍ତି । ଯେତେବେଳେ ଅତିକ୍ରମ କରିବା ପାଇଁ ଜୀବନରେ ବଡ଼ ସମସ୍ୟା ନ ଥାଏ, ଈଶ୍ୱରଙ୍କର କୌଣସି ଦର୍ଶନ ନ ଥାଏ, କୌଣସି ଆଶ୍ଚର୍ଯ୍ୟଜନକ ବା ସୁନ୍ଦର ବିଷୟ ନ ଥାଏ - କେବଳ ଦୈନନ୍ଦିନ ଜୀବନର ସାଧାରଣ କାର୍ଯ୍ୟ ଥାଏ- ତେବେ ଏହିସବୁ ଭିତରେ ମୁଁ କ'ଣ ଈଶ୍ୱରଙ୍କ ଆଶ୍ୱାସନା ବାଣୀ ଶୁଣିପାରେ ?

ଆମର ଧାରଣା ହୁଏ ଯେ, ଈଶ୍ୱର କୌଣସି ଅସାଧାରଣ କାର୍ଯ୍ୟ କରିବାକୁ ଯାଉଛନ୍ତି- ହୁଏତ ସେ ଆମକୁ ଭବିଷ୍ୟତର କୌଣସି ଅସାଧାରଣ କାର୍ଯ୍ୟ ପାଇଁ ପ୍ରସ୍ତୁତ କରୁଛନ୍ତି ଏବଂ ତାଲିମ୍ ଦେଉଛନ୍ତି । କିନ୍ତୁ ଆମେ ତାଙ୍କର ଅନୁଗ୍ରହରେ ବୃଦ୍ଧି ପାଇବା ଦ୍ୱାରା ଜାଣିପାରୁ ଯେ, ସେ ନିଜକୁ ବର୍ତ୍ତମାନ ଏହିଠାରେ ଏହି ମୁହୂର୍ତ୍ତରେ ମହିମାନ୍ୱିତ କରୁଛନ୍ତି । ଯଦି ଆମ ପଛରେ ଈଶ୍ୱରଙ୍କ ଆଶ୍ୱାସନା ଅଛି, ତେବେ ଆମେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଶକ୍ତି ଲାଭ କରୁ ଏବଂ ଆମେ ଜୀବନର ସାଧାରଣ ଦିନରେ ଏବଂ ସାଧାରଣ ଉପାୟରେ ମଧ୍ୟ ତାଙ୍କ ପାଇଁ ଗୀତ ଗାଇବା ଏବଂ ତାଙ୍କର ପ୍ରଶଂସା ଓ ଗୌରବ କରିବା ଶିଖିଥାଉ ।

## ଜୁନ୍ ୫

# ଈଶ୍ୱରଙ୍କ ଆଶ୍ୱାସନା

**ଈଶ୍ୱର କହିଛନ୍ତି... ତେଣୁ ଆମେ ସାହସ ସହକାରେ କହିପାରୁ ।**

**ଏବ୍ରୀ ୧୩:୫-୬**

ମୋର ଆଶ୍ୱାସନା ଈଶ୍ୱରଙ୍କ ଉପରେ ସ୍ଥାପିତ ହେବା ଉଚିତ୍ । ଈଶ୍ୱର କହନ୍ତି, ''ମୁଁ ତୁମକୁ କେବେ ଛାଡ଼ିବି ନାହିଁ'', ସେଥିପାଇଁ ମୁଁ ଦୃଢ଼ ଭାବେ କହିପାରେ, ''ଈଶ୍ୱର ମୋର ସହାୟ, ମୁଁ ଭୟ କରିବି ନାହିଁ'' (୧୩:୫-୬) । ଅନ୍ୟ କଥାରେ, ମୁଁ ଭୟ ବିଷୟରେ ଅଧିକ ମନଯୋଗ କରିବି ନାହିଁ । ଏହାର ଅର୍ଥ ନୁହେଁ ଯେ, ମୁଁ ଭୟ ରୂପକ ପ୍ରଲୋଭନର ସମ୍ମୁଖୀନ ହେବି ନାହିଁ, କିନ୍ତୁ ମୁଁ ଈଶ୍ୱରଙ୍କ ଆଶ୍ୱାସନାର କଥା ମନେ ରଖିବି । ମୁଁ ସାହସୀ ହେବି । ଜଣେ ବାଳକ ବାପାଙ୍କ ଦ୍ୱାରା ପ୍ରସ୍ତୁତ ମାନଦଣ୍ଡ ଅନୁସାରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ପରିଶ୍ରମ କରେ । ଅନେକ ଲୋକଙ୍କ ବିଶ୍ୱାସ ଦୋହଲିବା ପାଇଁ ଆରମ୍ଭ କରେ, ଯେତେବେଳେ ସେମାନଙ୍କ ଚିନ୍ତା ମଧ୍ୟରେ ଭୟ ପ୍ରବେଶ କରେ ଏବଂ ସେମାନେ ଈଶ୍ୱରଙ୍କ ଆଶ୍ୱାସନାର ଅର୍ଥ ଭୁଲିଯା'ନ୍ତି- ସେମାନେ ଗଭୀର ଆତ୍ମିକ ଶ୍ୱାସ ପ୍ରଶ୍ୱାସ ନେବାକୁ ଭୁଲିଯା'ନ୍ତି । ଆମ ଜୀବନରୁ ଭୟକୁ ଦୂର କରିବାର ଏକମାତ୍ର ଉପାୟ ହେଉଛି, ଆମ ପ୍ରତି ଈଶ୍ୱରଙ୍କ ଆଶ୍ୱାସନାବାଣୀକୁ ଶୁଣିବା ।

ଆପଣ କାହାକୁ ଭୟ କରୁଛନ୍ତି ? ସେ ଯାହା ହେଉ, ଆପଣ ଜଣେ ଭୀରୁ ନୁହନ୍ତି- ଆପଣ ତାହାର ସମ୍ମୁଖୀନ ହେବେ, ତଥାପି ଆପଣଙ୍କ ମନରେ ଭୟ ରହିଛି । ଯେତେବେଳେ ମନେହୁଏ ଯେ, କୌଣସି ସାହାଯ୍ୟକାରୀ ନାହାନ୍ତି, ସେତେବେଳେ ନିଜକୁ କହନ୍ତୁ, ''ଏହି ମୁହୂର୍ତ୍ତରେ, ଏପରିକି ମୋର ବର୍ତ୍ତମାନ ପରିସ୍ଥିତିରେ ପ୍ରଭୁ ମୋର ସହାୟ ।'' କଥା କହିବା ପୂର୍ବରୁ ଆପଣ କ'ଣ ଈଶ୍ୱରଙ୍କ କଥା ଶୁଣିବାକୁ ଶିଖୁଛନ୍ତି ଅବା ଆପଣ କଥା କହୁଛନ୍ତି ଏବଂ ତା'ପରେ ଈଶ୍ୱରଙ୍କ କଥାକୁ ଆପଣଙ୍କ କଥା ସହିତ ମିଳାଇବା ପାଇଁ ଚେଷ୍ଟା କରୁଛନ୍ତି ? ପିତା ଈଶ୍ୱରଙ୍କ ଆଶ୍ୱାସନାକୁ ଦୃଢ଼ ରୂପେ ଧରି ରଖନ୍ତୁ ଏବଂ ତା'ପରେ ଅଦମ୍ୟ ସାହସର ସହ କୁହନ୍ତୁ, ''ମୁଁ ଭୟ କରିବି ନାହିଁ ।'' ଆମ ପଥରେ କୌଣସି ଭୁଲ୍ ବା ମନ୍ଦ ବିଷୟ ଆସିଲେ ଚିନ୍ତା ନାହିଁ, କାରଣ ସ୍ୱୟଂ ଈଶ୍ୱର କହିଛନ୍ତି, ''ମୁଁ ତୁମକୁ କେବେହେଁ ଛାଡ଼ିବି ନାହିଁ ।''

ମନୁଷ୍ୟର ଦୁର୍ବଳତା ଏପରି ଗୋଟିଏ ବିଷୟ, ଯାହା ଈଶ୍ୱରଙ୍କ ଆଶ୍ୱାସନାର ବାକ୍ୟ ଏବଂ ଆମର କଥା ଓ କାର୍ଯ୍ୟ ମଝିରେ ଆସିଯାଏ । ଅସୁବିଧାର ସମ୍ମୁଖୀନ ହେବା ସମୟରେ ଆମେ ଯେତେବେଳେ ନିଜକୁ ଅତି ଦୁର୍ବଳ ମନେକରୁ, ସେତେବେଳେ ଅସୁବିଧାଗୁଡ଼ିକ ରାକ୍ଷସ ଭଳି ହୋଇଯା'ନ୍ତି, ଆମେ ଝିଣ୍ଟିକା ଭଳି ହୋଇଯାଉ ଏବଂ ମନେହୁଏ ଈଶ୍ୱର ନାହାନ୍ତି । କିନ୍ତୁ ଆମ ପ୍ରତି ଈଶ୍ୱରଙ୍କ ଆଶ୍ୱାସନାର ବାକ୍ୟ ମନେ ପକାନ୍ତୁ- *''ମୁଁ ତୁମକୁ କେବେ ହେଁ ... ପରିତ୍ୟାଗ କରିବି ନାହିଁ ।''* ଈଶ୍ୱରଙ୍କ ମୁଖ୍ୟ ସ୍ୱର ଶୁଣି ଆମେ କ'ଣ ଗୀତ ଗାଇବାକୁ ଶିଖିବା ଆରମ୍ଭ କରିଛୁ ? ନିରନ୍ତର ଆମେ କ'ଣ ଏଭଳି ସାହସୀ ହୋଇଛୁ ଯେ, ଆମେ କହିପାରିବୁ, ''ପ୍ରଭୁ ମୋର ସହାୟ'' ଅବା ଆମେ ଭୟ ନିକଟରେ ଆତ୍ମ ସମର୍ପଣ କରିଛୁ ?

ଜୁନ୍ ୬

# ଈଶ୍ୱର ଯେଉଁ କାର୍ଯ୍ୟ କରିବାକୁ ପ୍ରଭାବିତ କରନ୍ତି, ସେହି କାର୍ଯ୍ୟ ସଂପନ୍ନ କରନ୍ତୁ

**ଆପଣା ଆପଣା ପରିତ୍ରାଣ ସାଧନ କର... କାରଣ ଈଶ୍ୱର ତୁମମାନଙ୍କ ଅନ୍ତରରେ କାର୍ଯ୍ୟ କରନ୍ତି ।**

**ଫିଲିପ୍ପୀୟ ୨:୧୨-୧୩**

ଆପଣଙ୍କ ଇଚ୍ଛା ଈଶ୍ୱରଙ୍କ ସହିତ ଏକମତ ହୁଏ, କିନ୍ତୁ ଶାରୀରିକ ରୂପେ ଆପଣଙ୍କର ଏପରି ସ୍ୱଭାବ ଅଛି, ଯାହା ଆପଣଙ୍କୁ ସେହି କାର୍ଯ୍ୟ କରିବାକୁ ଅସମର୍ଥ କରିଦିଏ, ଯାହା ଆପଣଙ୍କ ଦୃଷ୍ଟିରେ ଯଥାର୍ଥ ମନେହୁଏ । ଯେତେବେଳେ ପ୍ରାରମ୍ଭିକ ଅବସ୍ଥାରେ ଈଶ୍ୱର ଆମ ବିବେକର ସଂପର୍କ ମଧ୍ୟକୁ ଆସନ୍ତି, ସେତେବେଳେ ପ୍ରଥମ କାର୍ଯ୍ୟ ରୂପେ ବିବେକ ଆମର ଇଚ୍ଛାକୁ ଜାଗ୍ରତ କରେ ଏବଂ ଆମର ଇଚ୍ଛା ଈଶ୍ୱରଙ୍କ ସହିତ ଏକମତ ହୁଏ । ତଥାପି ଆପଣ କହନ୍ତି, ''ମୁଁ ଜାଣେନା, ମୋର ଇଚ୍ଛା ଈଶ୍ୱରଙ୍କ ସହିତ ଏକମତ ଅବା ନୁହେଁ ।'' ଯୀଶୁଙ୍କ ପ୍ରତି ଦୃଷ୍ଟିପାତ କରନ୍ତୁ, ଆଉ ଆପଣ ଜାଣିପାରିବେ ଯେ, ଆପଣଙ୍କ ଇଚ୍ଛା ଏବଂ ବିବେକ ସବୁ ସମୟରେ ଈଶ୍ୱରଙ୍କ ସହ ସମନ୍ୱୟ ରକ୍ଷା କରିଛି । ଯେଉଁ କାରଣରୁ ଆପଣ କହନ୍ତି, ''ମୁଁ ଆଜ୍ଞାକାରୀ ହେବି ନାହିଁ'', ତାହା ଆପଣଙ୍କ ଇଚ୍ଛା ଅପେକ୍ଷା ଅଗଭୀର ଏବଂ ତାହା ଅଳ୍ପ ଭେଦ କରେ । ଏହା ହେଉଛି, ଉଚ୍ଛୃଙ୍ଖଳତା ଏବଂ ଏକଜିଦିଆ ଭାବ ଏବଂ ସେଗୁଡ଼ିକ ଈଶ୍ୱରଙ୍କ ସହ ସମନ୍ୱୟ ରକ୍ଷା କରନ୍ତି ନାହିଁ । ଜଣେ ବ୍ୟକ୍ତିଙ୍କ ଅନ୍ତରର ଗଭୀର ବିଷୟ ହେଉଛି ତାଙ୍କର ଇଚ୍ଛା, ତାଙ୍କର ପାପ ନୁହେଁ ।

ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ମନୁଷ୍ୟ ଜୀବନର ପ୍ରଧାନ ବିଷୟ ହେଉଛି ଇଚ୍ଛା । ପାପ ମନୁଷ୍ୟମାନଙ୍କ ମଧ୍ୟରେ ଏକ ଉଚ୍ଛୃଙ୍ଖଳ ସ୍ୱଭାବ ରୂପେ ପ୍ରବେଶ କଲା । ନବଜନ୍ମ ପ୍ରାପ୍ତ ଜଣେ ବ୍ୟକ୍ତିଙ୍କ ଇଚ୍ଛାର ଉତ୍ସ ହେଉଛନ୍ତି ସର୍ବଶକ୍ତମାନ୍ ଈଶ୍ୱର । ''କାରଣ ଈଶ୍ୱର ତାଙ୍କର ସଂକଳ୍ପ ଅନୁସାରେ ମନ ମଧ୍ୟରେ ଇଚ୍ଛା ଜାତ କରାଇବାକୁ ଓ କାର୍ଯ୍ୟ କରାଇବାକୁ ସକ୍ରିୟ ଅଛନ୍ତି ।'' ନିଜର ସମସ୍ତ ଧ୍ୟାନ କେନ୍ଦ୍ରିତ କରି ସତର୍କତାର ସହ ଆପଣଙ୍କୁ ସେହି କାର୍ଯ୍ୟ ସଂପନ୍ନ କରିବାକୁ ହେବ, ଯାହା ଈଶ୍ୱର ଆପଣଙ୍କ ମଧ୍ୟରେ ସାଧନ କରିଛନ୍ତି, ଆପଣଙ୍କ ''ନିଜର ପରିତ୍ରାଣ'' ଅର୍ଜନ କରିବା ପାଇଁ ନୁହେଁ, ମାତ୍ର ଆପଣଙ୍କ ପରିତ୍ରାଣ କାର୍ଯ୍ୟକୁ ସଂପୂର୍ଣ୍ଣ କରିବାକୁ ହେବ, ଯଦ୍ୱାରା ଆପଣ ଏଭଳି ଜୀବନକୁ ପ୍ରଦର୍ଶିତ କରିବେ, ଯାହା ପ୍ରଭୁଙ୍କର ସଂପୂର୍ଣ୍ଣ ଏବଂ ପବିତ୍ର ମୁକ୍ତି କାର୍ଯ୍ୟ ପ୍ରତି ଦୃଢ଼ ଏବଂ ନିଶ୍ଚିତ ବିଶ୍ୱାସ ଉପରେ ପ୍ରତିଷ୍ଠିତ । ଆପଣ ଏହା କରିବା ଦ୍ୱାରା ଈଶ୍ୱରଙ୍କ ବିରୋଧାତ୍ମକ ଇଚ୍ଛାକୁ ସମ୍ମୁଖକୁ ଆଣନ୍ତି ନାହିଁ – କାରଣ ଈଶ୍ୱରଙ୍କ ଇଚ୍ଛା ହିଁ ଆପଣଙ୍କ ଇଚ୍ଛା, ଆପଣଙ୍କ ସ୍ୱାଭାବିକ ମନୋନୟନ ଈଶ୍ୱରଙ୍କ ସହ ଏକମତ ହେବ ଏବଂ ଏହି ଜୀବନଯାପନ ନିଶ୍ୱାସ ପ୍ରଶ୍ୱାସ ନେବା ଭଳି ସ୍ୱାଭାବିକ ହେବ । ଏକଜିଦିଆ ସ୍ୱଭାବ ଏକ ନିର୍ବୋଧ ପ୍ରତିବନ୍ଧକ ରୂପେ ଜ୍ଞାନପ୍ରବାହର ପଥକୁ ଅବରୋଧ କରେ । ଏକଜିଦିଆ ସ୍ୱଭାବର ଏହି ପ୍ରତିବନ୍ଧକକୁ ଦୂର କରିବାର ଉପାୟ ହେଉଛି, ''ଡିନାମାଇଟ୍'' ସାହାଯ୍ୟରେ ଏହାକୁ ଉଡ଼ାଇ ଦେବା ଏବଂ ଏହି ''ଡିନାମାଇଟ୍'' ହେଉଛି, ପବିତ୍ର ଆତ୍ମାଙ୍କ ଆଜ୍ଞା ପାଳନ ।

ମୁଁ କ'ଣ ବିଶ୍ୱାସ କରେ ଯେ, ସର୍ବଶକ୍ତିମାନ ଈଶ୍ୱର ମୋର ଇଚ୍ଛାର ଉତ୍ସ ଅଟନ୍ତି ? ଈଶ୍ୱର ମୋଠାରୁ କେବଳ ତାଙ୍କର ଇଚ୍ଛା ପାଳନ ଅପେକ୍ଷା କରନ୍ତି ନାହିଁ, ମାତ୍ର ତାହା ପୂର୍ଣ୍ଣ କରିବା ପାଇଁ ସେ ମୋ ମଧ୍ୟରେ ଅଛନ୍ତି ।

## ଜୁନ୍ ୭

# ଶକ୍ତିର ସବୁଠାରୁ ମହାନ୍ ଉତ୍ସ

**ତୁମେମାନେ ମୋ ନାମରେ ଯାହା କିଛି ମାଗିବ, ମୁଁ ତାହା ସାଧନ କରିବି ।**

**ଯୋହନ ୧୪:୧୩**

ମୁଁ କ'ଣ ମୋ ଜୀବନର ଗଭୀରତମ ସ୍ଥାନରୁ ଏକାନ୍ତରେ ନିବେଦନ ସୂଚକ ସେବାକାର୍ଯ୍ୟ ସଂପୂର୍ଣ୍ଣ କରୁଛି ? ପ୍ରକୃତ ନିବେଦନ ସୂଚକ ସେବାକାର୍ଯ୍ୟରେ ପ୍ରତାରିତ ହେବା ବା ଗର୍ବ ଅହଂକାର ଦେଖାଇବାର ଫାନ୍ଦ ବା ବିପଦ ନ ଥାଏ । ଏହା ଏକ ଗୋପନ ସେବାକାର୍ଯ୍ୟ ଏବଂ ଏଥିରୁ ଉତ୍ପନ୍ନ ଫଳ ଦ୍ୱାରା ପିତା ଈଶ୍ୱର ଗୌରବାନ୍ୱିତ ହୁଅନ୍ତି । ମୁଁ କ'ଣ ମୋର ଆତ୍ମିକ ଜୀବନକୁ ନଷ୍ଟ ହେବାକୁ ଦେଉଛି ଅବା ମୋର ସଂପୂର୍ଣ୍ଣ ଧ୍ୟାନ ଗୋଟିଏ ବିଷୟ ପ୍ରତି ରହିଛି ଏବଂ ମୁଁ ବିଷୟକୁ ଗୋଟିଏ କେନ୍ଦ୍ରବିନ୍ଦୁ ପ୍ରତି ଆକର୍ଷିତ କରୁଛି– ମୋର ପ୍ରଭୁଙ୍କ ପ୍ରାୟଶ୍ଚିତ୍ତ କାର୍ଯ୍ୟ ପ୍ରତି ? ଯୀଶୁ ଖ୍ରୀଷ୍ଟ କ'ଣ ମୋ ଜୀବନର ସମସ୍ତ ରୁଚି ଉପରେ ଅଧିକରୁ ଅଧିକତର ଅଧିକାର କରୁଛନ୍ତି ? ଯଦି ମୋ ଜୀବନର କେନ୍ଦ୍ରବିନ୍ଦୁ ଅର୍ଥାତ୍ ଶକ୍ତିଯୁକ୍ତ ପ୍ରଭାବ ପ୍ରଭୁଙ୍କର ପ୍ରାୟଶ୍ଚିତ୍ତ ବାକ୍ୟ ହୁଏ, ତେବେ ମୋ ଜୀବନର ପ୍ରତ୍ୟେକ ଅଂଶ ତାଙ୍କ ପାଇଁ ଫଳଧାରଣ କରିବ ।

ଯାହା ହେଉ, ଶକ୍ତିର କେନ୍ଦ୍ରବିନ୍ଦୁ କ'ଣ ଏହା ବୁଝିବା ପାଇଁ ମୋତେ ସମୟ ବାହାର କରିବାକୁ ହେବ । ଏହି ବିଷୟ ପାଇଁ ମୁଁ କ'ଣ ଗୋଟିଏ ଘଣ୍ଟା ପ୍ରତି ଗୋଟିଏ ମିନିଟ୍ ସମୟ ଦେଇପାରିବି ? ''ଯଦି ତୁମେ ମୋଠାରେ ରୁହ''– ଅର୍ଥାତ୍ ଯଦି ତୁମେ ସେହି କେନ୍ଦ୍ରବିନ୍ଦୁରୁ କାର୍ଯ୍ୟ, ଚିନ୍ତା ଏବଂ କାର୍ଯ୍ୟକାରୀ ଅବସ୍ଥାକୁ ଜାରି ରଖିବ, ''ତେବେ ତୁମର ଯାହା ଇଚ୍ଛା ମାଗ, ଆଉ ତାହା ତୁମକୁ ଦିଆଯିବ'' (ଯୋହନ ୧୫:୭) । ମୁଁ କ'ଣ ତାଙ୍କଠାରେ ରହୁଛି ? ମୁଁ କ'ଣ ରହିବା ପାଇଁ ସମୟ ନେଉଛି ? ମୋ ଜୀବନର ଶକ୍ତିର ସବୁଠାରୁ ମହାନ୍ ଉତ୍ସ କ'ଣ ? ଏହା କ'ଣ ମୋର କାର୍ଯ୍ୟ, ସେବା ଏବଂ ଅନ୍ୟମାନଙ୍କ ପାଇଁ ମୋର ତ୍ୟାଗ ଅବା ଈଶ୍ୱରଙ୍କ କାର୍ଯ୍ୟ ପାଇଁ ମୋର ପ୍ରୟାସ ? ଏ ସବୁ କିଛି ନୁହେଁ । ଯେଉଁ ବିଷୟ ମୋ ଜୀବନରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଶକ୍ତି ଯୋଗାଇବ, ତାହା ହେଉଛି, ପ୍ରଭୁଙ୍କର ପ୍ରାୟଶ୍ଚିତ୍ତ କାର୍ଯ୍ୟ । ଆମେ ଯେଉଁ ବିଷୟ ପ୍ରତି ସର୍ବାଧିକ ସମୟ ବ୍ୟୟ କରୁ, ତାହା ଆମକୁ ଶ୍ରେଷ୍ଠ ଉପାୟରେ ପ୍ରଭାବିତ କରେ ନାହିଁ, ମାତ୍ର ଯେଉଁ ବିଷୟ ଆମ ଉପରେ ସବୁଠାରୁ ଅଧିକ ଶକ୍ତି ପ୍ରୟୋଗ କରେ, ତାହା ଆମକୁ ଶ୍ରେଷ୍ଠ ଉପାୟରେ ପ୍ରଭାବିତ କରେ । ଆମେ ଦୃଢ଼ ରୂପେ ନିଶ୍ଚିତ ହେବା ଆବଶ୍ୟକ ଯେ, ଆମେ ଆମର ଇଚ୍ଛା ଏବଂ ରୁଚିକୁ ସୀମିତ କରି ରଖୁ ଏବଂ ସେ ସବୁକୁ କ୍ରୁଶରେ ସାଧିତ ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ୍ତ ପ୍ରତି ସମର୍ପିତ କରୁ ।

''ତୁମେମାନେ ମୋ ନାମରେ ଯାହା ମାଗିବ, ତାହା ମୁଁ ସାଧନ କରିବି ।'' ଯେଉଁ ଶିଷ୍ୟ ଯୀଶୁଙ୍କ ଠାରେ ବାସ କରେ, ସେ ଈଶ୍ୱରଙ୍କ ଇଚ୍ଛା ଅଟେ, ଏବଂ ତାହାର ସ୍ୱାଧୀନ ମନୋନୟନ ଈଶ୍ୱରଙ୍କ ପୂର୍ବ ନିର୍ଦ୍ଧାରିତ ନିର୍ଦ୍ଦେଶ ହୋଇଥାଏ । ଏହା କ'ଣ ରହସ୍ୟପୂର୍ଣ୍ଣ ? ଏହା କ'ଣ ତର୍କର ବିପରୀତ ଅବା ଅସଂଗତ ବିଷୟ ବୋଲି ମନେହୁଏ ? ହଁ, କିନ୍ତୁ ଈଶ୍ୱରଙ୍କର ପବିତ୍ର ଲୋକଙ୍କ ପାଇଁ ଏହା ପ୍ରକୃତରେ ଗୌରବଜନକ ସତ୍ୟ ଅଟେ ।

# ପରବର୍ତ୍ତୀ କେଉଁ କାର୍ଯ୍ୟ କରିବାକୁ ହେବ ?

## ତୁମେମାନେ ଏହି ସମସ୍ତ ବିଷୟ ଜାଣିଥିବାରୁ ସେହିସବୁ କାର୍ଯ୍ୟରେ ପରିଣତ କଲେ ଆଶୀର୍ବାଦ ପାଇବ ।

## ଯୋହନ ୧୩:୧୭

**ଅନ୍ୟମାନଙ୍କ ଅପେକ୍ଷା ଅଧିକ ଜାଣିବା ପାଇଁ ସଂକଳ୍ପ ନିଅନ୍ତୁ ।** ଘାଟ ସହିତ, ଯେଉଁ ଦଉଡ଼ିରେ ଆପଣ ବନ୍ଧା ହୋଇଛନ୍ତି, ଆପଣ ଯଦି ନିଜେ ତାହାକୁ ନ କାଟିବେ, ତେବେ ଈଶ୍ୱରଙ୍କୁ ଗୋଟିଏ ଝଡ଼ ପଠାଇବାକୁ ହେବ, ଯାହା ଆପଣଙ୍କ ଦଉଡ଼ିକୁ ଛିଣ୍ଡାଇ ଆପଣଙ୍କୁ ସମୁଦ୍ର ମଧ୍ୟକୁ ପଠାଇ ଦେବ । ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଜୁଆର ଭଟ୍ଟାକୁ ଅତିକ୍ରମ କରି ଆପଣଙ୍କ ଜୀବନର ସବୁକିଛି ଈଶ୍ୱରଙ୍କ ଉପରେ ଭସାଇ ରଖନ୍ତୁ, ଆପଣଙ୍କ ଆଖି ଖୋଲିଯିବ । ଆପଣ ଯଦି ଯୀଶୁଙ୍କୁ ବିଶ୍ୱାସ କରନ୍ତି, ତେବେ ଆପଣଙ୍କ ସମୁଦାୟ ଜୀବନ କେବଳ ବନ୍ଦର ଭିତରର ସ୍ଥିର ଜଳରେ ରହିବା ଉଚିତ ନୁହେଁ, ଯେଉଁଠାରେ ଆନନ୍ଦ ଭରି ରହିଥାଏ, କିନ୍ତୁ ସବୁବେଳେ ତାହା କୂଳରେ ବନ୍ଧା ଥାଏ । ଆପଣଙ୍କୁ ବନ୍ଦର ଭିତରୁ ବାହାରି ଆସି ଈଶ୍ୱରଙ୍କ ଗଭୀରତା ମଧ୍ୟକୁ ଆସିବାକୁ ହେବ ଏବଂ ସବୁ ବିଷୟ ବୁଝିବା ଆରମ୍ଭ କରିବାକୁ ପଡ଼ିବ– ଅର୍ଥାତ୍ ଆତ୍ମିକ ଅନ୍ତର୍ଦୃଷ୍ଟି ରକ୍ଷା କରିବାକୁ ହେବ ।

ଆପଣ ଯେତେବେଳେ ଜାଣନ୍ତି ଯେ, ଆପଣଙ୍କୁ କିଛି କରିବାକୁ ହେବ ଏବଂ ଆପଣ ତାହା କରନ୍ତି, ତା' ହେଲେ ଅବିଳମ୍ବେ ଆପଣ ଆହୁରି ଅଧିକ ଜାଣନ୍ତି । ପରୀକ୍ଷା କରନ୍ତୁ, କେଉଁଠାରେ ଆପଣ ଶିଥିଳ ହୋଇଛନ୍ତି, କେଉଁଠାରେ ଆପଣ ଆତ୍ମିକ ରୂପେ ଆଗ୍ରହ ହରାଇବା ଆରମ୍ଭ କରିଥିଲେ ଏବଂ ଆପଣ ଜାଣିବେ ଯେ, ଏ ସବୁ ସେହି ସମୟରେ ହୋଇଥିଲା, ଯେତେବେଳେ ଆପଣ ସେହି କାମ କରି ନ ଥିଲେ, ଯାହା ଆପଣଙ୍କର କରିବା ଉଚିତ୍ ଥିଲା । ଆପଣ ତାହା କରି ନ ଥିଲେ କାରଣ ତାହା କରିବା ଜରୁରୀ ବୋଲି ଆପଣ ଆବଶ୍ୟକ ମନେ କଲେ ନାହିଁ । କିନ୍ତୁ ବର୍ତ୍ତମାନ ଆପଣଙ୍କର ଅନ୍ତର୍ଦୃଷ୍ଟି ନାହିଁ ଏବଂ ସଂକଟ ସମୟରେ ଆପଣ ଆତ୍ମିକ ନିୟନ୍ତ୍ରଣରେ ରହିବା ପରିବର୍ତ୍ତେ ଆତ୍ମିକ ରୂପେ ବିଚଳିତ ହୋଇଛନ୍ତି । ନିରନ୍ତର ଶିଖିବା ଏବଂ ଜାଣିବା ପ୍ରତି ଅବଜ୍ଞା ପ୍ରଦର୍ଶନ ଏକ ଭୟଙ୍କର ବିଷୟ ।

ବାଧ୍ୟତାର ନକଲି ମନର ସ୍ଥିତି ଏପରି ହୁଏ, ଯେଉଁଠାରେ ଆପଣ ନିଜେ ଆତ୍ମ-ତ୍ୟାଗର ସୁଯୋଗ ସୃଷ୍ଟି କରନ୍ତି ଏବଂ ଆପଣଙ୍କ ଆଗ୍ରହ ଏବଂ ଉତ୍ସାହକୁ ଅନ୍ତର୍ଦୃଷ୍ଟି ବୋଲି ଭାବି ନିଅନ୍ତି । ଆତ୍ମ-ତ୍ୟାଗ ରୋମୀ ୧୨:୧ ରେ ଲିଖିତ ଆତ୍ମିକ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ଅପେକ୍ଷା ସହଜ । ଈଶ୍ୱରଙ୍କ ଇଚ୍ଛାକୁ ଜାଣିବା ଦ୍ୱାରା ନିଜ ଜୀବନରେ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ସଫଳ କରିବା ଆତ୍ମ-ତ୍ୟାଗ ଜନିତ ବଡ଼ ବଡ଼ କାର୍ଯ୍ୟ ସଂପନ୍ନ କରିବା ଅପେକ୍ଷା ଅଧିକ ମହତ୍ତର ବିଷୟ । ''ବଳିଦାନ ଅପେକ୍ଷା ବାଧ୍ୟତା ଉତ୍ତମ'' (୧ ଶାମୁଏଲ ୧୫:୨୨) । ଯଦି ଈଶ୍ୱର ଚାହାନ୍ତି ଯେ, ଆପଣ ସେହିପରି ହୁଅନ୍ତୁ, ଯାହା ପୂର୍ବରୁ କେବେ ହେଁ ନ ଥିଲେ, ତେବେ ପୂର୍ବ ସ୍ଥିତିକୁ ଫେରିଯିବା ପ୍ରତି ସତର୍କ ରୁହନ୍ତୁ । ''ଯଦି କେହି ଈଶ୍ୱରଙ୍କ ଇଚ୍ଛା ସାଧନ କରିବାକୁ ବ୍ରତୀ ହୁଏ... ସେ ତାହା ଜାଣି ପାରିବ'' (ଯୋହନ ୭:୧୭) ।

ଜୁନ୍ ୯

# ତେବେ ଏହାପରେ କ'ଣ କରିବାକୁ ହେବ ?

### ଯେ ମାଗେ, ତାକୁ ମିଳେ ।

### ଲୂକ ୧୧:୧୦

**ଯଦି ପାଇ ନାହାନ୍ତି, ତେବେ ମାଗନ୍ତୁ ।** ମାଗିବା ଠାରୁ ବଡ଼ ଅଧିକ କଷ୍ଟକର ବିଷୟ କିଛି ନାହିଁ । କେତେ ବିଷୟ ପ୍ରତି ଆମର ଆକାଂକ୍ଷା ଓ ପ୍ରବଳ ଇଚ୍ଛା ଥାଏ ଏବଂ ସେଗୁଡ଼ିକ ଅପୂର୍ଣ୍ଣ ରହିଲେ ଆମ ମନରେ କଷ୍ଟ ହୁଏ, କିନ୍ତୁ ସେ ସବୁ ନିରାଶାର ସୀମା ସ୍ପର୍ଶ ନ କରିବା ପର୍ଯ୍ୟନ୍ତ ଆମେ *ମାଗି* ନ ଥାଉ । ଆତ୍ମିକ ରୂପେ ବାସ୍ତବ ନ ହେବାର ଅନୁଭୂତି ଆମକୁ ମାଗିବା ପାଇଁ ପ୍ରବର୍ତ୍ତାଏ । ଆପଣ କ'ଣ କେବେ ଆପଣଙ୍କ ଅଭାବ ଏବଂ ଦାରିଦ୍ର୍ୟର ଗଭୀରତା ମଧ୍ୟରୁ ମାଗିଛନ୍ତି ? ''ଯଦି ତୁମମାନଙ୍କ ମଧ୍ୟରୁ କାହାରି ଜ୍ଞାନର ଅଭାବ ଥାଏ, ତେବେ ସେ ଈଶ୍ୱରଙ୍କୁ ମାଗୁ...'' (ଯାକୁବ ୧:୫), କିନ୍ତୁ ମାଗିବା ପୂର୍ବରୁ ଆପଣଙ୍କର ଯେ ଜ୍ଞାନର ଅଭାବ ଅଛି, ସେ ବିଷୟରେ ନିଶ୍ଚିତ ହୁଅନ୍ତୁ । ଆପଣ ଯେତେବେଳେ ଇଚ୍ଛା କରିବେ, ନିଜକୁ ଆତ୍ମିକ ବାସ୍ତବତାର ସ୍ଥାନକୁ ଆଣି ପାରିବେ ନାହିଁ । ଆପଣ ଆତ୍ମିକ ବାସ୍ତବତା ମଧ୍ୟରେ ନାହାନ୍ତି ବୋଲି ଯେତେବେଳେ ଅନୁଭବ କରିବେ, ସେତେବେଳେ ସବୁଠାରୁ ଉତ୍ତମ କାର୍ଯ୍ୟ ରୂପେ ଆପଣଙ୍କ ଅନୁରୋଧକୁ ଯୀଶୁଖ୍ରୀଷ୍ଟଙ୍କ ପ୍ରତିଜ୍ଞା ଉପରେ ଆଧାରିତ କରି ପବିତ୍ର ଆତ୍ମାଙ୍କ ପାଇଁ ଈଶ୍ୱରଙ୍କଠାରେ ଅଳି କରନ୍ତୁ (ଲୂକ ୧୧:୧୩ ଦେଖନ୍ତୁ) । ପବିତ୍ର ଆତ୍ମା ହେଉଛନ୍ତି ସେହି ବ୍ୟକ୍ତି, ଯିଏ ଯୀଶୁଙ୍କ ଦ୍ୱାରା ସମସ୍ତ କାର୍ଯ୍ୟକୁ ଆପଣଙ୍କ ଜୀବନରେ ବାସ୍ତବ ରୂପ ଦିଅନ୍ତି ।

''ଯିଏ ମାଗେ, ସେ ପାଏ... ।'' ଏହାର ଅର୍ଥ ନୁହେଁ ଯେ, ଆପଣ ଯଦି ନ ମାଗିବେ, ତେବେ ପାଇବେ ନାହିଁ, କିନ୍ତୁ ଏହାର ଅର୍ଥ ହେଉଛି, ଯେ ପର୍ଯ୍ୟନ୍ତ ଆପଣ ମାଗିବା ଅବସ୍ଥା ପର୍ଯ୍ୟନ୍ତ ପହଞ୍ଚି ନାହାନ୍ତି, ଆପଣ ଈଶ୍ୱରଙ୍କଠାରୁ *ପାଇବେ* ନାହିଁ (ମାଥିଉ ୫:୪୫) । ପାଇବାର ଯୋଗ୍ୟ ହେବା ଅର୍ଥ, ଆପଣଙ୍କୁ ଈଶ୍ୱରଙ୍କ ସନ୍ତାନର ସଂପର୍କ ମଧ୍ୟରେ ଆସିବାକୁ ହେବ ଏବଂ ତା'ପରେ ଆପଣ ମାନସିକ, ନୈତିକ ଏବଂ ଆତ୍ମିକ ବୋଧଶକ୍ତି ଦ୍ୱାରା ଉପଲବ୍ଧି କରିବେ ଯେ, ଏହିସବୁ ବିଷୟ ଈଶ୍ୱରଙ୍କଠାରୁ ଆସେ ।

''ଯଦି ତୁମମାନଙ୍କ ମଧ୍ୟରୁ କାହାର ଜ୍ଞାନର ଅଭାବ ଥାଏ'', ଯଦି ଆପଣଙ୍କର ଅଭାବ ଅଛି ବୋଲି ଆପଣ ମନେକରନ୍ତି, ତାହାର କାରଣ ହେଉଛି ଆପଣ ଆତ୍ମିକ ବାସ୍ତବତା ସଂସ୍ପର୍ଶରେ ଆସିଛନ୍ତି– ପୁନର୍ବାର ଆଖିରେ ତର୍କର ପଟି ବାନ୍ଧନ୍ତୁ ନାହିଁ । *ମାଗିବା* ଶବ୍ଦର ଅର୍ଥ 'ଭିକ୍ଷା' କିନ୍ତୁ ଲୋକମାନେ ଏତେ ଦରିଦ୍ର ଯେ, ଦାରିଦ୍ର୍ୟ ପ୍ରତି ସେମାନଙ୍କର ରୁଚି ଥାଏ ଏବଂ ଆମ ମଧ୍ୟରୁ କିଛି ଲୋକ ଆତ୍ମିକ ରୂପେ ଏତେ ଦରିଦ୍ର ଯେ, ଦାରିଦ୍ର୍ୟ ପ୍ରତି ସେମାନେ ତାଙ୍କର ରୁଚି ଦେଖାଇଥାନ୍ତି । ଯଦି ଆମେ ମନରେ କୌଣସି ବିଶେଷ ପରିଣାମ ରଖି ମାଗୁ, ତେବେ ଆଦୌ ପାଇବା ନାହିଁ, କାରଣ ଆମେ ଆମର ଲାଳସା ହେତୁ ମାଗୁଛୁ, ଦାରିଦ୍ର୍ୟ ହେତୁ ନୁହେଁ । ଜଣେ ଅତି ଦରିଦ୍ର ଲୋକ କୌଣସି କାରଣ ହେତୁ ମାଗେ ନାହିଁ, ସେ କେବଳ ତା'ର ଦାରିଦ୍ର୍ୟଜନିତ ହତାଶା ଓ ଯନ୍ତ୍ରଣାଦାୟକ ଅବସ୍ଥା ହେତୁ ଭିକ୍ଷା ମାଗେ । ଭିକ ମାଗିବାକୁ ସେ ଲଜ୍ଜାବୋଧ କରେ ନାହିଁ – ଆତ୍ମାରେ ଦୀନହୀନ ଲୋକେ ଧନ୍ୟ (ମାଥିଉ ୫:୩ ଦେଖନ୍ତୁ) ।

**ଜୁନ୍ ୧୦**

# ଆଉ ତାହା ପରେ କ’ଣ କରିବାକୁ ହେବ ?

**ଖୋଜ ତୁମେ ପାଇବ ।**

**ଲୂକ ୧୧:୯**

**ଯଦି ପାଇ ନାହାନ୍ତି, ତେବେ ଖୋଜନ୍ତୁ ।** ‘‘ତୁମେମାନେ ଯେତେବେଳେ ମାଗିଥାଅ, ସେତେବେଳେ ପାଇ ନ ଥାଅ, କାରଣ ... ଅସତ୍ ଉପାୟରେ ମାଗିଥାଅ’’ (ଯାକୁବ ୪:୩) । ଯଦି ଆପଣ ଈଶ୍ୱରଙ୍କ ବ୍ୟତୀତ ଜୀବନ ସମ୍ବନ୍ଧୀୟ ବିଷୟ ମାଗନ୍ତି, ତେବେ ଅସତ୍ ଉପାୟରେ ମାଗନ୍ତି, ଅର୍ଥାତ୍ ଆପଣ ଆତ୍ମ ସନ୍ତୋଷର ଅଭିଳାଷ ରଖି ମାଗନ୍ତି । ଆପଣ ଯେତେ ଅଧିକ ଆତ୍ମ ସନ୍ତୋଷ ଲାଭ କରିବେ, ସେତେ ଅଳ୍ପ ଈଶ୍ୱରଙ୍କୁ ଖୋଜିବେ । ‘‘ଖୋଜ, ପାଇବ ।’’ କାମରେ ଲାଗିଯା’ନ୍ତୁ– ଆପଣଙ୍କ ସମସ୍ତ ଧ୍ୟାନ ଏବଂ ରୁଚିକୁ ଏହି ଗୋଟିଏ କାମରେ ଲଗାନ୍ତୁ । ଆପଣ କ’ଣ କେବେ ମନ ପ୍ରାଣ ସହ ଈଶ୍ୱରଙ୍କୁ ଖୋଜିଛନ୍ତି କିଅବା ଭାବପ୍ରବଣ ହୋଇ କୌଣସି ଏକ ଦୁଃଖଦାୟକ ଅନୁଭୂତି ପରେ ତାଙ୍କ ନିକଟରେ ଗୋଟିଏ କ୍ଷୀଣ ସ୍ୱର ଉଠାଇଛନ୍ତି ? ‘‘... ଖୋଜ (ସେହି ଗୋଟିଏ ବିଷୟ ପ୍ରତି ଧ୍ୟାନ ରଖନ୍ତୁ), ତୁମେ ପାଇବ ।’’

‘‘ହେ ତୃଷିତ ଲୋକ... ଜଳ ନିକଟକୁ ଆସ’’ (ଯିଶାଇୟ ୫୫:୧) । ଆମେ କ’ଣ ତୃଷିତ, ଅବା ଆତ୍ମସନ୍ତୁଷ୍ଟ ଏବଂ ଉଦାସୀନ – ନିଜର ଅନୁଭୂତିରେ ଏତେ ସନ୍ତୁଷ୍ଟ ଯେ, ଆପଣ ଈଶ୍ୱରଙ୍କର ଆଉ କୌଣସି ବିଷୟ ଚାହାନ୍ତି ନାହିଁ । ଅନୁଭୂତି ଏକ ପ୍ରବେଶ ଦ୍ୱାର– ଶେଷ ଲକ୍ଷ୍ୟ ନୁହେଁ । ଆପଣଙ୍କ ବିଶ୍ୱାସକୁ ଅନୁଭୂତି ସମ୍ବଳିତ କରିବା ବିଷୟରେ ସତର୍କ ରୁହନ୍ତୁ । ଆପଣ ଯାହା ପାଇଛନ୍ତି, ତାହା ଅନ୍ୟକୁ ଦେଇ ପାରିବେ ନାହିଁ, କିନ୍ତୁ ତାହା ପାଇବା ପାଇଁ ତାଙ୍କ ମନରେ ଇଚ୍ଛା ଜାଗ୍ରତ କରି ପାରିବେ ।

‘‘ଦ୍ୱାରରେ ଆଘାତ କର, ତୁମମାନଙ୍କ ନିମନ୍ତେ ତାହା ଫିଟାଇ ଦିଆଯିବ’’ (ଲୂକ ୧୧:୯) । ‘‘ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅ’’ (ଯାକୁବ ୪:୮) । ଆଘାତ କରନ୍ତୁ– ଦ୍ୱାର ବନ୍ଦ ଅଛି, ଆଉ ଆପଣ ଆଘାତ କରିବା ସମୟରେ ଆପଣଙ୍କ ହୃତ୍‌ସ୍ପନ୍ଦନ ବଢ଼ିଯାଏ । ‘‘ତୁମମାନଙ୍କର ହସ୍ତ ପ୍ରକ୍ଷାଳନ କର’’ (ଯାକୁବ ୪:୮) ।

ଆହୁରି ଦୃଢ଼ ଭାବେ ଆଘାତ କଲେ ଆପଣ ଜାଣିପାରିବେ ଯେ, ଆପଣ ଅପରିଷ୍କାର ଅଛନ୍ତି । ‘‘ତୁମମାନଙ୍କର ହୃଦୟ ପରିଶୁଦ୍ଧ କର’’ (ଯାକୁବ ୪:୮) । ବର୍ତ୍ତମାନ ଏହା ଆହୁରି ବ୍ୟକ୍ତିଗତ ହେଉଛି । ଆପଣ ବର୍ତ୍ତମାନ ନିରୂପାୟ ଓ ଗମ୍ଭୀର । ଆପଣ ସବୁକିଛି କରିବାକୁ ପ୍ରସ୍ତୁତ । ‘‘ବିଳାପ କର’’ (ଯାକୁବ ୪:୯) । ଆପଣଙ୍କ ଆଭ୍ୟନ୍ତରୀଣ ଜୀବନ ପାଇଁ ଆପଣ କେବେ ଈଶ୍ୱରଙ୍କ ନିକଟରେ ଦୁଃଖ ପ୍ରକାଶ କରି କ’ଣ ବିଳାପ କରିଛନ୍ତି ? ବର୍ତ୍ତମାନ ଆଉ କୌଣସି ଆତ୍ମ–ଅନୁକଂପା ବାକି ନାହିଁ, କେବଳ ଏକ ହୃଦୟ ବିଦାରକ କଠିନ ପରିସ୍ଥିତି ଏବଂ ଆଶ୍ଚର୍ଯ୍ୟବୋଧ ଯାହା ଦ୍ୱାରା ଆପଣ ଦେଖି ପାରିବେ ଯେ, ବାସ୍ତବରେ ଆପଣ କେଉଁ ପ୍ରକାର ବ୍ୟକ୍ତି । ‘‘ନିଜକୁ ନମ୍ର କର’’ (ଯାକୁବ ୪:୧୦) । ଈଶ୍ୱରଙ୍କ ଦ୍ୱାରରେ ଆଘାତ କରିବା ଏବଂ ଦୀନହୀନର ଅନୁଭୂତି– କ୍ରୁଶରେ ଟଙ୍ଗା ଯାଇଥିବା ଚୋର ସହିତ ଆପଣଙ୍କୁ ଆଘାତ କରିବାକୁ ହେବ । ‘‘ଯେ ଦ୍ୱାରରେ ଆଘାତ କରେ, ତାହା ପାଇଁ ଦ୍ୱାର ଖୋଲି ଦିଆଯିବ’’ (ଲୂକ ୧୧:୧୦) ।





# ସେଠାରେ ପହଞ୍ଚିବାକୁ ହେବ

**ମୋ ନିକଟକୁ ଆସ ।**

**ମାଥିଉ ୧୧:୨୮**

**ଯେଉଁଠାରେ ପାପ ଓ ଦୁଃଖ ଶେଷ ହୁଏ, ଏବଂ ପବିତ୍ର ବ୍ୟକ୍ତିଙ୍କର ଗୀତ ଆରମ୍ଭ ହୁଏ,** ମୁଁ କ'ଣ ପ୍ରକୃତରେ ସେଠାକୁ ଯିବା ପାଇଁ ଇଚ୍ଛା କରେ ? ମୁଁ ଏହି ମୁହୂର୍ତ୍ତରେ ପହଞ୍ଚିପାରିବି । ଜୀବନର ଯେଉଁ ପ୍ରଶ୍ନଗୁଡ଼ିକ ତାତ୍ପର୍ଯ୍ୟପୂର୍ଣ୍ଣ, ତାହା ଅତି ଅଳ୍ପ ଏବଂ ସେ ସବୁର ଉତ୍ତର ଏହି ଶବ୍ଦଗୁଡ଼ିକରେ ନିହିତ– ''ମୋ ନିକଟକୁ ଆସ ।'' ଆମର ପ୍ରଭୁ କହନ୍ତି ନାହିଁ– ''ଏହା କର, ବା ଏହା କର ନାହିଁ'', କିନ୍ତୁ ସେ କହନ୍ତି, ''ମୋ ନିକଟକୁ ଆସ ।'' ଯଦି ମୁଁ କେବଳ ଯୀଶୁଙ୍କ ନିକଟକୁ ଆସିବି, ତେବେ ମୋର ପ୍ରକୃତ ଜୀବନ ସହିତ ମୋର ପ୍ରକୃତ ଅଭିଳାଷର ସମନ୍ୱୟ ରକ୍ଷା କରାଯାଇ ପାରିବ । ପ୍ରକୃତରେ ମୁଁ ପାପକୁ ଛାଡ଼ିବି ଏବଂ ଅନୁଭବ କରିବି ଯେ, ମୋ ଜୀବନରେ ପ୍ରଭୁଙ୍କ ଗୀତ ଆରମ୍ଭ ହୋଇଯାଇଛି ।

ଆପଣ କେବେ ଯୀଶୁଙ୍କ ପାଖକୁ ଆସିଛନ୍ତି କି ? ଆପଣଙ୍କ ହୃଦୟର କଠିନତାକୁ ଦେଖନ୍ତୁ । ଆପଣ ଶିଶୁ ଭଳି ଗୋଟିଏ ସରଳ କାମ ଅର୍ଥାତ୍ ''ମୋ ନିକଟକୁ ଆସ'' ଏହା କରିବା ପରିବର୍ତ୍ତେ ଅନ୍ୟ ଯେ କୌଣସି କାର୍ଯ୍ୟ କରିବା ପାଇଁ ପସନ୍ଦ କରିବେ । ଯଦି ପାପରୁ ପ୍ରକୃତରେ ନିବୃତ୍ତ ହେବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଯୀଶୁଙ୍କ ନିକଟକୁ ଆସିବାକୁ ହେବ । ଯୀଶୁ ଆପଣଙ୍କ ଅସଲ ସ୍ୱଭାବ ଜାଣିବା ପାଇଁ ନିଜକୁ ନିଜେ ପରୀକ୍ଷାର ମାଧ୍ୟମ କରିଦିଅନ୍ତି । ଦେଖନ୍ତୁ, ସେ *ଆସ* ଶବ୍ଦର ବ୍ୟବହାର କିପରି କରିଛନ୍ତି । ଆପଣଙ୍କ ଜୀବନର ସବୁଠାରୁ ଅନପେକ୍ଷିତ ମୁହୂର୍ତ୍ତରେ ପ୍ରଭୁଙ୍କର ଏହି କୋମଳ ସ୍ୱର ଶୁଭେ, ''ମୋ ନିକଟକୁ ଆସ'' ଏବଂ ସଂଗେ ସଂଗେ ଆପଣ ତାଙ୍କ ପ୍ରତି ଆକର୍ଷିତ ହୁଅନ୍ତି । ଯୀଶୁଙ୍କ ସହିତ ବ୍ୟକ୍ତିଗତ ସଂପର୍କ ସବୁ କିଛି ବଦଳାଇ ଦିଏ । ''ନିର୍ବୋଧ'' ମନେ କରି ତାହାଙ୍କ ନିକଟକୁ ଆସି ତାଙ୍କର କଥା ପ୍ରତି ନିଜକୁ ସମର୍ପଣ କରନ୍ତୁ । ତାହାଙ୍କ ନିକଟକୁ ଆସିବା ପାଇଁ ଯେଉଁ ମନୋଭାବ ଆବଶ୍ୟକ, ତାହା ଏଭଳି ମନୋଭାବ, ଯେଉଁଥିରେ ଆପଣଙ୍କ ଇଚ୍ଛା ସବୁ କିଛି ତ୍ୟାଗ କରିବା ପାଇଁ ଏବଂ ଜ୍ଞାତସାରରେ ସବୁକିଛି ତାଙ୍କୁ ସମର୍ପଣ କରିବା ପାଇଁ ସଂକଳ୍ପ କରିଛି ।

''ମୁଁ ତୁମମାନଙ୍କୁ ବିଶ୍ରାମ ଦେବି'' – ଅର୍ଥାତ୍, ''ମୁଁ ତୁମକୁ ସମ୍ଭାଳିବି ଯଦ୍ଦ୍ୱାରା ତୁମେ ଦୃଢ଼ ରୂପେ ଛିଡ଼ା ହୋଇପାରିବ ।'' ସେ କହୁନାହାନ୍ତି, ''ମୁଁ ତୁମକୁ ଶେଯକୁ ନେଇଯିବି, ତୁମର ହାତ ଧରି ଗୀତ ଗାଇବି ଓ ତୁମକୁ ଶୁଆଇ ଦେବି ।'' କିନ୍ତୁ ସେ କହୁଛନ୍ତି, ''ମୁଁ ତୁମକୁ ଶେଯରୁ– ତୁମର ବିଶୃଙ୍ଖଳିତ, କ୍ଳାନ୍ତ ଏବଂ ଅର୍ଦ୍ଧମୃତ ପ୍ରାୟ ଅବସ୍ଥାରୁ ଉଠାଇ ଦେବି । ମୁଁ ତୁମ ମଧ୍ୟରେ ଜୀବନର ଆତ୍ମା ସଂଚାର କରିବି ଏବଂ ତୁମେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସକ୍ରିୟ ଭାବ ଏବଂ ସିଦ୍ଧତା ଦ୍ୱାରା ଜୀବିତ ରହିବ ।'' ତଥାପି ଆମେ ଏତେ ଦୁର୍ବଳ ଏବଂ ଦୟନୀୟ ଅବସ୍ଥାକୁ ଆସିଯାଉ ଯେ, ପ୍ରଭୁଙ୍କ ''ଇଚ୍ଛା'' କୁ ''ସହିବା'' ବିଷୟ ବୋଲି କହିଥାଉ । ସେଥିରେ ଈଶ୍ୱରଙ୍କ ପୁତ୍ରଙ୍କର ସାମର୍ଥ୍ୟ ଏବଂ ମହାନ୍ ଜୀବନୀଶକ୍ତି କେଉଁଠାରେ ଅଛି ?

## ଜୁନ୍ ୧୨

# ସେଠାରେ ପହଞ୍ଚିବାକୁ ହେବ

### ସେମାନେ କହିଲେ ରାବ୍ବୀ... ଆପଣ କେଉଁଠାରେ ରହୁଛନ୍ତି ?
### ସେ ଉତ୍ତର ଦେଲେ, ''ଆସ ଦେଖିବ ।''
### ଯୋହନ ୧:୩୮-୩୯

**ଯେଉଁଠାରେ ଆମର ସ୍ୱାର୍ଥ ଅଭିଳାଷ ଶୋଇଯାଏ ଏବଂ ପ୍ରକୃତ ଆଗ୍ରହ ଜାଗ୍ରତ ହୁଏ ।** ''ସେମାନେ ସେହିଦିନ ତାହାଙ୍କ ସହିତ ରହିଲେ ।'' ଆମେ ସମସ୍ତେ ସେହିପରି କରୁ । ଆମେ ତାହାଙ୍କ ସହିତ ଅଳ୍ପ ସମୟ ରହୁ ଏବଂ ତା'ପରେ ଆମ ଜୀବନର ବାସ୍ତବତା ପ୍ରତି ଜାଗ୍ରତ ହୋଇଉଠୁ । ଆମର ସ୍ୱାର୍ଥ ଚିନ୍ତା ଉପରକୁ ଉଠେ ଏବଂ ତାହାଙ୍କ ସହିତ ରହିବାର ସମୟ ବିତିଯାଏ । ତଥାପି ଜୀବନରେ ଏଭଳି କୌଣସି ପରିସ୍ଥିତି ନାହିଁ, ଯେଉଁଥିରେ ଆମେ ଯୀଶୁଙ୍କ ସହିତ ରହିପାରିବା ନାହିଁ ।

''ତୁମେ ଶିମୋନ,... ତୁମେ କେଫା ବୋଲି ପରିଚିତ ହେବ'' (୧:୪୨) । ଈଶ୍ୱର ଆମ ଜୀବନର କେବଳ ସେହି ସ୍ଥାନମାନଙ୍କରେ ନୂଆ ନାମ ଲେଖନ୍ତି, ଯେଉଁଠାରେ ସେ ଆମର ଗର୍ବ, ଆତ୍ମ ନିର୍ଭରତା ଏବଂ ସ୍ୱାର୍ଥ ଅଭିଳାଷକୁ ସଂପୂର୍ଣ୍ଣ ଲିଭାଇ ଦିଅନ୍ତି । ଆମ ମଧ୍ୟରୁ କେତେକଙ୍କ ନୂଆ ନାମ ନିର୍ଦ୍ଦିଷ୍ଟ ସ୍ଥାନର ଦାଗ ଭଳି ଦିଶେ । ସେହିସବୁ କ୍ଷେତ୍ରରେ ଆମେ ଠିକ୍ ଦେଖାଯାଉ । ଯେତେବେଳେ ଆମେ ଆତ୍ମିକ ସ୍ତରର ଶ୍ରେଷ୍ଠ ଅବସ୍ଥାରେ ଥାଉ, ସେତେବେଳେ ଜଣାଯାଏ ଯେ, ଆମେ ସବୁଠାରୁ ଉଚ୍ଚସ୍ତରର ଆତ୍ମିକ ଲୋକ । କିନ୍ତୁ ସେହି ଅବସ୍ଥାରେ ନ ଥିବା ସମୟରେ ଆମକୁ ଦେଖିବା ପାଇଁ ସାହସ କରନ୍ତୁ ନାହିଁ । ପ୍ରକୃତ ଶିଷ୍ୟଙ୍କର ନୂଆ ନାମ ତାଙ୍କ ଉପରେ ସବୁଆଡ଼େ ଲେଖା ହୋଇଥାଏ– ସ୍ୱାର୍ଥ ଅଭିଳାଷ, ଗର୍ବ ଏବଂ ଆତ୍ମ ନିର୍ଭରତାର ସବୁ ଦାଗ ଲିଭିଯାଇଥାଏ ।

ଗର୍ବ ହେଉଛି, ''ନିଜକୁ ନିଜର'' ଈଶ୍ୱର ବୋଲାଇବାର ପାପ । ଆଉ ଆମ ମଧ୍ୟରୁ ଅଧିକାଂଶ ଆଜି ଏହି କାର୍ଯ୍ୟ ଫାରୁଶୀ ଭଳି ନୁହେଁ ମାତ୍ର କରଗ୍ରାହୀ ଭଳି କରିଥାଉ (ଲୂକ ୧୮:୯-୧୪ ଦେଖନ୍ତୁ) । ଆପଣଙ୍କ ମନର କଥା ''ମୁଁ ଜଣେ ପବିତ୍ର ଲୋକ ନୁହେଁ'', ମନୁଷ୍ୟର ମାନଦଣ୍ଡ ଅନୁସାରେ ଗର୍ବ ରୂପେ ଗ୍ରହଣୀୟ ହୋଇପାରେ, ମାତ୍ର ଅଜାଣତରେ ଏହା ଈଶ୍ୱର ନିନ୍ଦା ସହିତ ସମାନ । ଆପଣ ମନୋନୟନ ପୂର୍ବକ ଈଶ୍ୱରଙ୍କୁ କହୁଛନ୍ତି ଯେ, ସେ ଆପଣଙ୍କୁ ପବିତ୍ର ଲୋକ କରି ପାରିବେ ନାହିଁ, ଆପଣ ଯେପରି କହୁଛନ୍ତି, ''ମୁଁ ଖ୍ରୀଷ୍ଟଙ୍କ କ୍ରୁଶର ପ୍ରାୟଶ୍ଚିତ୍ତ ପାଇଁ ଅତି ଦୁର୍ବଳ ଏବଂ ଆଶାହୀନ ଏବଂ ମୁଁ ସେହି କାର୍ଯ୍ୟର ବାହାରେ ଅଛି ।'' କାହିଁକି ଆପଣ ଜଣେ ପବିତ୍ର ଲୋକ ନୁହନ୍ତି ? ହୁଏତ ଆପଣ ପବିତ୍ର ହେବାକୁ ଇଚ୍ଛା କରନ୍ତି ନାହିଁ କିମ୍ବା ଈଶ୍ୱର ଆପଣଙ୍କୁ ପବିତ୍ର କରିବାକୁ ସମର୍ଥ ବୋଲି ଆପଣ ବିଶ୍ୱାସ କରନ୍ତି ନାହିଁ । ଆପଣ କହନ୍ତି ଯେ, ଏହା ଠିକ୍ ହେବ ଯଦି ଈଶ୍ୱର ମୋତେ ପାପରୁ ଉଦ୍ଧାର କରି ସିଧା ସ୍ୱର୍ଗକୁ ନେଇଯିବେ । ସେ ଅବିକଳ ତାହା କରିବେ । ଆମେ କେବଳ ତାଙ୍କ ସହିତ ଆପଣା ଘର କରିବା ନାହିଁ, ମାତ୍ର ଯୀଶୁ ତାଙ୍କର ପିତା ଏବଂ ତାଙ୍କ ବିଷୟରେ କହିଲେ, ''ଆମେ ତା' ନିକଟକୁ ଆସିବା ଏବଂ ତା' ସହିତ ବାସ କରିବା'' (ଯୋହନ ୧୪:୨୩) । ଆପଣଙ୍କ ଜୀବନରେ କୌଣସି ସର୍ତ୍ତ ରଖନ୍ତୁ ନାହିଁ– ଯୀଶୁ ଆପଣଙ୍କ ଜୀବନର ସର୍ବସ୍ୱ ହୁଅନ୍ତୁ ଏବଂ ସେ ଆପଣଙ୍କୁ ତାଙ୍କ ସହିତ ସେହି ଗୃହକୁ ନେଇଯିବେ, ଗୋଟିଏ ଦିନ ପାଇଁ ନୁହେଁ, ମାତ୍ର ଅନନ୍ତ କାଳ ପାଇଁ ।

# ସେଠାରେ ପହଞ୍ଚିବାକୁ ହେବ

**ଆସ, ମୋହର ଅନୁଗମନ କର ।**

**ଲୂକ ୧୮:୨୨**

**ଯେଉଁଠାରେ ଆମର ବ୍ୟକ୍ତିଗତ ଇଚ୍ଛାର ମୃତ୍ୟୁ ଘଟେ ଏବଂ ପବିତ୍ରୀକୃତ ସମର୍ପଣ ଜୀଇଁ ରହେ ।** ଯୀଶୁଙ୍କ ପାଖକୁ ଆସିବାର ପ୍ରତିବନ୍ଧକମାନଙ୍କ ମଧ୍ୟରୁ ଗୋଟିଏ ବଡ଼ ପ୍ରତିବନ୍ଧକ ହେଉଛି, ଆମର ବ୍ୟକ୍ତିଗତ ସ୍ୱଭାବର ବାହାନା । ଯୀଶୁଙ୍କ ପାଖକୁ ଆସିବା ପାଇଁ ଆମେ ଆମର ମନୋଭାବ ଏବଂ ବ୍ୟକ୍ତିଗତ ସ୍ୱଭାବ ରୂପକ ବାଧା ସୃଷ୍ଟି କରୁ । ତଥାପି ଆମେ ଯେତେବେଳେ ଯୀଶୁଙ୍କ ପାଖକୁ ଆସୁ, ପ୍ରଥମେ ଆମର ହୃଦ୍‌ବୋଧ ହୁଏ ଯେ, ସେ ଆମର ସ୍ୱାଭାବିକ ଇଚ୍ଛା ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଆମର ଧାରଣା ହୁଏ ଯେ, ଆମେ ଆମର ଦାନସବୁକୁ ଈଶ୍ୱରଙ୍କୁ ସମର୍ପଣ କରିବା । ଯା'ହେଉ, ଯାହା ଆପଣଙ୍କର ନୁହେଁ, ଆପଣ ତାକୁ ଈଶ୍ୱରଙ୍କୁ ସମର୍ପଣ କରିପାରିବେ ନାହିଁ । ଆପଣ କେବଳ ଗୋଟିଏ ବିଷୟ ଈଶ୍ୱରଙ୍କୁ ସମର୍ପଣ କରିପାରିବେ, ଆଉ ତା' ହେଉଛି, ଆପଣଙ୍କର ନିଜର ଅଧିକାର (ରୋମୀ ୧୨:୧ ଦେଖନ୍ତୁ) । ଆପଣ ଯଦି ଆପଣଙ୍କ ଅଧିକାରକୁ ଈଶ୍ୱରଙ୍କଠାରେ ସମର୍ପଣ କରନ୍ତି, ତେବେ ସେ ଆପଣଙ୍କୁ ନେଇ ଏକ ପବିତ୍ର ପରୀକ୍ଷଣ କରିବେ ଏବଂ ତାଙ୍କ ପରୀକ୍ଷଣ ସବୁବେଳେ ସଫଳ ହୁଏ ।

ଈଶ୍ୱରଙ୍କ ପବିତ୍ର ଲୋକଙ୍କ ପ୍ରକୃତ ଲକ୍ଷଣ ହେଉଛି, ଏକ ଆଭ୍ୟନ୍ତରୀଣ ସୃଜନଶୀଳତା ଯାହା ଯୀଶୁଖ୍ରୀଷ୍ଟଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପିତ ଅବସ୍ଥାରୁ ପ୍ରବାହିତ ହୁଏ । ଜଣେ ପବିତ୍ର ଲୋକଙ୍କ ଜୀବନର ଏକ ଆଶ୍ଚର୍ଯ୍ୟଜନକ କୂଅ ଅଛି, ଯାହା ପ୍ରକୃତ ଜୀବନର ନିରବଚ୍ଛିନ୍ନ ଉତ୍ସ । ଈଶ୍ୱରଙ୍କ ଆତ୍ମା ହେଉଛନ୍ତି, ସେହି ଚିର ପ୍ରବାହିତ ସ୍ୱଚ୍ଛ ଜଳପୂର୍ଣ୍ଣ କୂଅ । ଜଣେ ପବିତ୍ର ଲୋକ ଅନୁଭବ କରନ୍ତି ଯେ, ଈଶ୍ୱର ହିଁ ତାଙ୍କ ଜୀବନର ସବୁ ପରିସ୍ଥିତିକୁ ନିୟନ୍ତ୍ରଣ କରନ୍ତି, ଫଳରେ କୌଣସି ଅଭିଯୋଗ ନ ଥାଏ, କେବଳ ଯୀଶୁଙ୍କ ପ୍ରତି ଅପ୍ରତିହତ ସମର୍ପଣ ଭାବ ଥାଏ । ଆପଣଙ୍କ ଅନୁଭୂତିକୁ ଅନ୍ୟମାନଙ୍କ ଉଦ୍ଦେଶ୍ୟରେ ନୀତି ନିର୍ଦ୍ଧାରଣ ପାଇଁ ଚେଷ୍ଟା କରନ୍ତୁ ନାହିଁ, କିନ୍ତୁ ଅନ୍ୟମାନଙ୍କ ଜୀବନରେ ଈଶ୍ୱରଙ୍କୁ ସୃଜନଶୀଳ ଏବଂ ମୌଳିକ ହେବା ପାଇଁ ଅନୁମତି ଦିଅନ୍ତୁ, ଯେପରି ସେ ଆପଣଙ୍କ ଜୀବନରେ ହୋଇଛନ୍ତି ।

ଯଦି ଆପଣ ନିଜର ସର୍ବସ୍ୱ ଯୀଶୁଙ୍କଠାରେ ସଂପୂର୍ଣ୍ଣ ସମର୍ପଣ କରିଦିଅନ୍ତି ଏବଂ ''ଆସ'' ବୋଲି ତାଙ୍କର ଡାକ ଶୁଣି ଆସନ୍ତି, ତା'ହେଲେ ସେ ନିରନ୍ତର ଆପଣଙ୍କ ଦ୍ୱାରା କହିବେ, ''ଆସ'' । ଆପଣ ଖ୍ରୀଷ୍ଟଙ୍କର । ''ଆସ'' କୁ ପ୍ରତିଧ୍ୱନିତ କରି ଜଗତ ମଧ୍ୟକୁ ଯିବେ । ଏହି ଫଳ ସବୁ ଆତ୍ମାପୂର୍ଣ୍ଣ ପ୍ରତ୍ୟେକ ଜୀବନରେ ଦେଖାଯିବ, ଯେଉଁମାନେ ସବୁକିଛି ତ୍ୟାଗ କରି ଯୀଶୁଙ୍କ ନିକଟକୁ ଆସିଛନ୍ତି ।

ମୁଁ କ'ଣ ଈଶ୍ୱରଙ୍କ ନିକଟକୁ ଆସିଛି ? ମୁଁ କ'ଣ *ବର୍ତ୍ତମାନ* ଆସିବି ?

# କାର୍ଯ୍ୟ ଆରମ୍ଭ କରନ୍ତୁ

**ମୋଠାରେ ରୁହ ।**

**ଯୋହନ ୧୫:୪**

**ସଂକଳ୍ପ ନେବା ବିଷୟରେ ।** କ୍ରୁଶରେ ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ୍ତ ଦ୍ୱାରା ମୋ ମଧ୍ୟରେ ଯୀଶୁଙ୍କ ଆତ୍ମାଙ୍କୁ ରଖା ଯାଇଛି । ଏହାପରେ ମୋତେ ଧୈର୍ଯ୍ୟ ସହକାରେ ମୋର ଚିନ୍ତାଧାରାକୁ ମୋର ପ୍ରଭୁଙ୍କ ସହିତ ସିଦ୍ଧ ରୂପେ ସମନ୍ୱୟ ରକ୍ଷା କରିବା ପାଇଁ ଆଣିବାକୁ ହେବ । ପ୍ରଭୁ ମୋତେ ଯୀଶୁଙ୍କ ଭଳି ଚିନ୍ତା କରିବା ପାଇଁ ନିରୂପାୟ କରିବେ ନାହିଁ – ମୋତେ ନିଜେ ତାହା କରିବାକୁ ହେବ । ମୋତେ ''ଖ୍ରୀଷ୍ଟଙ୍କ ଆଜ୍ଞାବହ ହେବା ପାଇଁ ପ୍ରତ୍ୟେକ ଚିନ୍ତା ଭାବନାକୁ ବନ୍ଧନରେ ରଖିବାକୁ ହେବ'' (୨ କରିନ୍ଥୀୟ ୧୦:୫) । ''ମୋଠାରେ ରୁହ''– ବୌଦ୍ଧିକ ସ୍ତରରେ, ଟଙ୍କା ପଇସା ବିଷୟରେ, ମନୁଷ୍ୟ ଜୀବନର ସବୁ କ୍ଷେତ୍ରରେ । ଆମର ଜୀବନ ଗୋଟିଏ ସୀମିତ କ୍ଷେତ୍ରକୁ ନେଇ ଗଠିତ ହୋଇ ନ ଥାଏ ।

ମୋର ଏବଂ ଈଶ୍ୱରଙ୍କ ସାନ୍ନିଧ ମଧ୍ୟରେ ବାଧା ସୃଷ୍ଟି ହେବାର ଆଶଙ୍କା କରି ମୁଁ କ'ଣ ମୋର ପରିସ୍ଥିତି ମଧ୍ୟରେ ଈଶ୍ୱରଙ୍କୁ କାର୍ଯ୍ୟ କରିବା ପାଇଁ ବାଧା ଦେଉଛି ? ତାହା କେତେ ଅସଂଗତ ଏବଂ ଅଭକ୍ତି ସୂଚକ ଚିନ୍ତା ! ମୋର ପରିସ୍ଥିତି ବିଷୟ ଭାବିବା ଉଚିତ୍ ନୁହେଁ । କୌଣସି ପ୍ରାର୍ଥନା ସଭାରେ ଯୋଗ ଦେବା ଭଳି ଯୀଶୁଙ୍କ ସହିତ ଯେ କୌଣସି ପରିସ୍ଥିତିରେ ରହିବା ଦ୍ୱାରା ମୋତେ ଦୃଢ଼ ଆଶ୍ୱାସନା ମିଳିଥାଏ । ମୁଁ ନିଜେ ମୋର ପରିସ୍ଥିତିକୁ ବଦଳାଇ ବ୍ୟବସ୍ଥିତ କରିବାର କୌଣସି ଆବଶ୍ୟକତା ନାହିଁ । ଆମର ପ୍ରଭୁଙ୍କର ଆଭ୍ୟନ୍ତରୀଣ ସଂଗତି ଶୁଦ୍ଧ ଏବଂ ନିଷ୍କଳଙ୍କ ଥିଲା । ଶାରୀରିକ ରୂପେ ସେ ଯେଉଁଠାରେ ଥିଲେ ମଧ୍ୟ ସେ ଈଶ୍ୱରଙ୍କ ସହିତ ସ୍ୱଚ୍ଛନ୍ଦରେ ଥିଲେ । ସେ ତାଙ୍କର ପରିସ୍ଥିତିକୁ ନିଜେ ଚୟନ କରି ନ ଥିଲେ, କିନ୍ତୁ ସେ ନମ୍ରତାର ସହ ସମର୍ପିତ ହୋଇ ତାଙ୍କ ଜୀବନ ପ୍ରତି ପିତାଙ୍କର ଯୋଜନା ଏବଂ ଚାଳନାକୁ ଗ୍ରହଣ କରିଥିଲେ । ଭାବି ଦେଖନ୍ତୁ, ଆମର ପ୍ରଭୁଙ୍କର ଜୀବନ କେତେ ଚିନ୍ତାଶୂନ୍ୟ ଥିଲା । କିନ୍ତୁ ଆମେ ନିଜ ଜୀବନରେ ଈଶ୍ୱରଙ୍କୁ ଉତ୍ତେଜନାପୂର୍ଣ୍ଣ ସ୍ଥାନରେ ରଖିଥାଉ । ଆମ ମଧ୍ୟରେ ସେହି ଜୀବନର ଶାନ୍ତି ନାହିଁ, ''ଯାହା ଖ୍ରୀଷ୍ଟଙ୍କ ସହିତ ଈଶ୍ୱରଙ୍କଠାରେ ଗୁପ୍ତ ଅଛି'' (କଲସୀ ୩:୩) ।

ସେହି ସବୁ ବିଷୟ ଚିନ୍ତା କରନ୍ତୁ, ଯାହା ଆପଣଙ୍କୁ ଖ୍ରୀଷ୍ଟଙ୍କ ସହିତ ରହିବା ଅବସ୍ଥାରୁ ବାହାର କରିଦିଏ । ଆପଣ କହନ୍ତି, ''ହଁ ପ୍ରଭୁ, ଆଉ ମାତ୍ର ଗୋଟିଏ ମିନିଟ୍ – ମୋତେ ଏହି କାମଟି ଶେଷ କରିବାକୁ ହେବ । ଏହାକୁ ଶେଷ କରିବା ପରେ ପରେ ମୁଁ ଆପଣଙ୍କ ଠାରେ ରହିବି କିମ୍ବା ଏକ ସପ୍ତାହ ବିତିଯିବା ପରେ ମଧ୍ୟ । ସେତେବେଳେ ସବୁ ଠିକ୍ ହେଇଯିବ ପ୍ରଭୁ, ତା'ପରେ ମୁଁ ରହିବି ।'' ଆରମ୍ଭ କରନ୍ତୁ – ବର୍ତ୍ତମାନଠାରୁ *ରହିବା* ଆରମ୍ଭ କରି ଦିଅନ୍ତୁ । ପ୍ରାରମ୍ଭିକ ଅବସ୍ଥାରେ ରହିବା ପାଇଁ ନିରନ୍ତର ପ୍ରୟାସ ଏକାନ୍ତ ଆବଶ୍ୟକ କିନ୍ତୁ ଆପଣ ଏହାକୁ ଜାରି ରଖିବା ଦ୍ୱାରା ଏହା ଆପଣଙ୍କ ଜୀବନର ଏପରି ଅଂଶ ବିଶେଷ ହେବ ଯେ, ଆପଣ ସଚେଷ୍ଟିତ ହୋଇ କୌଣସି ପ୍ରୟାସ ନ କଲେ ମଧ୍ୟ ରହିପାରିବେ । ଦୃଢ଼ ସଂକଳ୍ପ ନିଅନ୍ତୁ ଯେ, ବର୍ତ୍ତମାନ ଆପଣ ଯେଉଁଠାରେ ଥାଆନ୍ତୁ ଅବା ଭବିଷ୍ୟତରେ ଯେଉଁଠାରେ ସ୍ଥାନିତ ହେବେ, ଆପଣ ଯୀଶୁଙ୍କଠାରେ ରହିବେ ।

ଜୁନ୍ ୧୫

# କାର୍ଯ୍ୟ ଆରମ୍ଭ କରନ୍ତୁ

### ତୁମେମାନେ ବିଶ୍ୱାସ ସହିତ ଅଗ୍ରସର ହୁଅ ।
### ୨ ପିତର ୧:୫

**ବିରକ୍ତିକର ଅବସ୍ଥାରେ ।** ଏହି ଅନୁଚ୍ଛେଦରେ ପିତର କହୁଛନ୍ତି ଯେ, ଆମେ ଐଶ୍ୱରିକ ସ୍ୱଭାବର ସହଭାଗୀ ହୋଇଛୁ ଏବଂ ବର୍ତ୍ତମାନ ଆମେ ଐଶ୍ୱରିକ ସ୍ୱଭାବ ଧାରଣ କରିବା ପାଇଁ ସବୁ ପ୍ରକାର ଯତ୍ନ କରିବା ଆବଶ୍ୟକ (୧:୪-୫) । ଆମେ ସେହି ଚାରିତ୍ରିକ ଗୁଣଗୁଡ଼ିକ ଆମ ଜୀବନରେ ଯୋଗ କରିବା ଆବଶ୍ୟକ । ଶାରୀରିକ ବା ଅଲୌକିକ ଭାବେ ଚରିତ୍ରବତ୍ତା ହୋଇ କେହି ଜନ୍ମ ହୋଇ ନାହାନ୍ତି, ଚରିତ୍ରର ବିକାଶ ଏକାନ୍ତ ଆବଶ୍ୟକ । କେହି ମଧ୍ୟ ଅଭ୍ୟାସକୁ ନେଇ ଜନ୍ମ ହୋଇ ନାହାନ୍ତି । ଆମ ମଧ୍ୟରେ ଈଶ୍ୱର ଯେଉଁ ନୂତନ ଜୀବନ ପ୍ରଦାନ କରିଛନ୍ତି, ତାହାକୁ ଭିତ୍ତି କରି ଆମକୁ ଐଶ୍ୱରିକ ସ୍ୱଭାବ ଗଠନ କରିବାକୁ ହେବ । ଆମକୁ ଈଶ୍ୱରଙ୍କ ସିଦ୍ଧ ଏବଂ ଜାଜ୍ଜ୍ୱଲ୍ୟମାନ ଉଦାହରଣ ରୂପେ ନୁହେଁ, ମାତ୍ର ସାଧାରଣ ଜୀବନ ଭଳି ଦର୍ଶାଇବାକୁ ହେବ, ଯାହା ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ସାଧିତ ଆଶ୍ଚର୍ଯ୍ୟ କର୍ମ ପ୍ରକାଶ କରେ । ବିରକ୍ତିକର ଅବସ୍ଥା ପ୍ରକୃତ ଚରିତ୍ରର ପରୀକ୍ଷା । ଆମର ଆତ୍ମିକ ଜୀବନର ସବୁଠାରୁ ବଡ଼ ବାଧା ହେଉଛି ଯେ, ଆମେ ବଡ଼ ବଡ଼ କାମ କରିବାକୁ ଇଚ୍ଛା କରୁ । ତଥାପି ''ଯୀଶୁ ଗୋଟିଏ ଗାମୁଛା ନେଇ ଶିଷ୍ୟମାନଙ୍କ ପାଦ ଧୋଇବାକୁ ଲାଗିଲେ'' (ଯୋହନ ୧୩:୩-୫) ।

ଆମ ସମସ୍ତଙ୍କ ଜୀବନରେ ଏପରି ସମୟ ଆସେ, ଯେତେବେଳେ ଉଜ୍ଜ୍ୱଳ ଜ୍ୟୋତିଃ ଦେଖାଯାଏ ନାହିଁ ଏବଂ କୌଣସି ରୋମାଞ୍ଚ ଅନୁଭୂତ ହୁଏ ନାହିଁ, ଯେତେବେଳେ ଆମେ ନିତିଦିନିଆ ଜୀବନର ସାଧାରଣ କାର୍ଯ୍ୟସୂଚୀ ବ୍ୟତୀତ ଆଉ କୌଣସି ଅନୁଭୂତି ପାଇ ନ ଥାଉ । ବାସ୍ତବରେ ଜୀବନର ନିର୍ଘଣ୍ଟ ଈଶ୍ୱରଙ୍କ ସେହି ଉପାୟ, ଯାହା ଆମକୁ ଈଶ୍ୱରଙ୍କ ଆଗାମୀ ପ୍ରେରଣାଦାୟକ ସୁଯୋଗ ପାଇଁ ବଞ୍ଚାଇ ରଖେ । ଈଶ୍ୱରଙ୍କଠାରେ ସବୁବେଳେ ଆଶା ରଖନ୍ତୁ ନାହିଁ ଯେ, ସେ ଆପଣଙ୍କୁ ରୋମାଞ୍ଚକର ସମୟ ଦେବେ, ମାତ୍ର ଈଶ୍ୱରଙ୍କ ଶକ୍ତି ଦ୍ୱାରା ନୈରାଶ୍ୟପୂର୍ଣ୍ଣ ଜୀବନର ସାଧାରଣ ପରିସ୍ଥିତି ମଧ୍ୟରେ ବଞ୍ଚିବା ପାଇଁ ଶିଖନ୍ତୁ ।

ପିତର ଯେଉଁ ''ଯୋଗ କରିବା'' ବିଷୟ କହିଲେ, ଆମ ପକ୍ଷରେ ତାହା କରିବା କଷ୍ଟକର । ଆମେ କହୁ ଯେ, ଆମେ ଈଶ୍ୱରଙ୍କଠାରେ ଆଶା ରଖୁ ନାହୁଁ ଯେ, ସେ ଆମକୁ ଫୁଲ ଶେଯରେ ସ୍ୱର୍ଗକୁ ନେବେ, କିନ୍ତୁ ଆମ ବ୍ୟବହାରରୁ ଜଣାପଡ଼େ ଯେ, ତାହାହିଁ ଆମର ଇଚ୍ଛା । ମୋର ଜାଣିବା ଉଚିତ୍ ଯେ, ଜୀବନର ଛୋଟ ଛୋଟ କାର୍ଯ୍ୟରେ ମୋର ବିଶ୍ୱସ୍ତତାର ଅନ୍ତରାଳରେ ଈଶ୍ୱରଙ୍କ ଅନୁଗ୍ରହର ସାର୍ବଭୌମ୍ୟ ଶକ୍ତି ନିହିତ ଅଛି । ଯଦି ମୁଁ ମୋର କର୍ତ୍ତବ୍ୟ ସଂପାଦନ କରିବି, କର୍ତ୍ତବ୍ୟ ଦୃଷ୍ଟିରୁ ନୁହେଁ, କିନ୍ତୁ ଏହି ବିଶ୍ୱାସ ଦ୍ୱାରା ଯେ, ଈଶ୍ୱର ମୋର ପରିସ୍ଥିତିକୁ ନିୟନ୍ତ୍ରଣ କରନ୍ତି, ସେଥିପାଇଁ ମୋର ବାଧ୍ୟତା ଦ୍ୱାରା କ୍ରୁଶରେ ଖ୍ରୀଷ୍ଟଙ୍କ ଗୌରବଯୁକ୍ତ ପ୍ରାୟଶ୍ଚିତ୍ତ ଦ୍ୱାରା ସାଧିତ ଈଶ୍ୱରଙ୍କ ଆଶ୍ଚର୍ଯ୍ୟପୂର୍ଣ୍ଣ ସମସ୍ତ ଅନୁଗ୍ରହ ମୋର ହେବ ।

# ତୁମେ କ'ଣ ନିଜର ଜୀବନ ଉତ୍ସର୍ଗ କରିବ ?

**ନିଜର ବନ୍ଧୁମାନଙ୍କ ପାଇଁ ଜୀବନ ଉତ୍ସର୍ଗ କରିବା ଅପେକ୍ଷା ମହତ୍ତର ପ୍ରେମ ଆଉ କାହାରି ନାହିଁ... ମୁଁ ତୁମମାନଙ୍କୁ ବନ୍ଧୁ ବୋଲି କହୁଛି ।**

**ଯୋହନ ୧୫:୧୩,୧୫**

ଯୀଶୁ ମୋତେ ତାଙ୍କ ପାଇଁ ମୃତ୍ୟୁ ବରଣ କରିବାକୁ କହୁନାହାନ୍ତି, କିନ୍ତୁ ତାଙ୍କ ପାଇଁ ମୋର ଜୀବନ ଉତ୍ସର୍ଗ କରିବାକୁ କହୁଛନ୍ତି । ପିତର ପ୍ରଭୁଙ୍କୁ କହିଲେ, ''ମୁଁ'' ତୁମ ପାଇଁ ମୋର ଜୀବନ ଉତ୍ସର୍ଗ କରିବି'' ଏବଂ ସେ ତା'ର ଅର୍ଥ ବୁଝିଥିଲେ (ଯୋହନ ୧୩:୩୭)। ତାଙ୍କଠାରେ ଏକ ବୀରତ୍ୱ ଭାବ ଥିଲା । ପିତର ଯାହା କହିଲେ, ଆମ ପକ୍ଷରେ ତାହା ନ କହିବା ଖରାପ କଥା ହେବ – କର୍ତ୍ତବ୍ୟ ସଂପର୍କିତ ଆମର ଭାବନା ଆମର ବୀରତ୍ୱ ସଂପର୍କିତ ଭାବନାରେ ପରିଣତ ହୁଏ । ପ୍ରଭୁ କ'ଣ ଆପଣଙ୍କୁ ପଚାରିଛନ୍ତି, ''ତୁମେ କ'ଣ ମୋ ପାଇଁ ଜୀବନ ଉତ୍ସର୍ଗ କରିବ ?'' (ଯୋହନ ୧୩:୩୮) । ଈଶ୍ୱରଙ୍କ ଉଚ୍ଚତର ଆହ୍ୱାନ ସହ କ୍ରମାଗତ ଭାବେ ଦିନରାତି ଜୀବନକୁ ଉତ୍ସର୍ଗ କରିବା ଅପେକ୍ଷା ମରିଯିବା ଅଧିକ ସହଜ । ଆମେ ଜୀବନର ଉଜ୍ଜ୍ୱଳ ମୁହୂର୍ତ୍ତ ପାଇଁ ସୃଷ୍ଟ ନୋହୁଁ, କିନ୍ତୁ ଆମର ଦୈନନ୍ଦିନ କାର୍ଯ୍ୟରେ ଆମକୁ ସେହି ଆଲୋକ ମଧ୍ୟରେ ଯିବାକୁ ହେବ । ଯୀଶୁଙ୍କ ଜୀବନର ସେହି ଉଜ୍ଜ୍ୱଳ ମୁହୂର୍ତ୍ତଟି ଥିଲା, ତାଙ୍କର ରୂପାନ୍ତର ଘଟିଥିବା ସେହି ପାହାଡ଼ ଉପରେ । ସେହିଠାରେ ସେ ଦ୍ୱିତୀୟ ଥର ନିଜକୁ ଗୌରବ ବର୍ଜିତ କରି ଶୂନ୍ୟ କଲେ ଏବଂ ଭୂତାତ୍ମା ବିଶିଷ୍ଟ ଉପତ୍ୟକାକୁ ଓହ୍ଲାଇ ଆସିଲେ (ମାର୍କ ୯:୧–୨୯ ଦେଖନ୍ତୁ) । ତେତ୍ରିଶ ବର୍ଷ ଧରି ଯୀଶୁ ପିତାଙ୍କ ଇଚ୍ଛା ସାଧନ ଉଦ୍ଦେଶ୍ୟରେ ତାଙ୍କର ଜୀବନକୁ ଉତ୍ସର୍ଗ କରିଥିଲେ । ''ଯୀଶୁ ଖ୍ରୀଷ୍ଟ ଆମ ପାଇଁ ଜୀବନ ଦାନ କଲେ, ଏଥିରୁ ଆମେ ପ୍ରେମର ପରିଚୟ ପାଇଛୁ । ତେଣୁ ଭାଇମାନଙ୍କ ପାଇଁ ଆମର ମଧ୍ୟ ଜୀବନ ଦାନ କରିବା ଉଚିତ'' (୧ ଯୋହନ ୩:୧୬) । କିନ୍ତୁ ଏହା କରିବା ଆମର ମନୁଷ୍ୟ ସ୍ୱଭାବର ବିରୋଧାଭାବ ବିଷୟ ।

ମୁଁ ଯଦି ଯୀଶୁଙ୍କର ଜଣେ ବନ୍ଧୁ, ତେବେ ମୁଁ ତାହା ଜାଣି ଧ୍ୟାନପୂର୍ବକ ତାଙ୍କ ପାଇଁ ମୋର ଜୀବନ ଉତ୍ସର୍ଗ କରିବି । ଏହା କରିବା କଷ୍ଟକର ଏବଂ ସେଥିପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦେବା । ପରିତ୍ରାଣ ଆମ ପାଇଁ ସହଜ, କାରଣ ଈଶ୍ୱରଙ୍କୁ ଏହାର ମୂଲ୍ୟ ଦେବାକୁ ପଡ଼ିଲା । କିନ୍ତୁ ମୋ ଜୀବନରେ ପରିତ୍ରାଣର ପ୍ରଦର୍ଶନ କଷ୍ଟକର କାର୍ଯ୍ୟ । ଈଶ୍ୱର ଜଣେ ବ୍ୟକ୍ତିଙ୍କୁ ପାପରୁ ଉଦ୍ଧାର କରି ତାଙ୍କୁ ପବିତ୍ର ଆତ୍ମାରେ ପୂର୍ଣ୍ଣ କରନ୍ତି ଏବଂ ତା'ପରେ କହନ୍ତି, ''ବର୍ତ୍ତମାନ ତୁମେ ସେହି କାର୍ଯ୍ୟକୁ ତୁମ ଜୀବନରେ ସଂପୂର୍ଣ୍ଣ କର, ମୋ ପ୍ରତି ବିଶ୍ୱସ୍ତ ହୁଅ, ତୁମର ଚତୁର୍ଦ୍ଦିଗସ୍ଥ ପ୍ରତ୍ୟେକ ବିଷୟ ତୁମକୁ ଅବିଶ୍ୱସ୍ତ ହେବା ପାଇଁ ପ୍ରବର୍ତ୍ତାଇଲେ ସୁଦ୍ଧା ତୁମେ ବିଶ୍ୱସ୍ତ ହୁଅ ।'' ଆଉ ଯୀଶୁ ଆମକୁ କହନ୍ତି, ''ମୁଁ ତୁମମାନଙ୍କୁ ବନ୍ଧୁ ବୋଲି କହିଛି ।'' ଆପଣଙ୍କ ବନ୍ଧୁଙ୍କ ପ୍ରତି ବିଶ୍ୱସ୍ତ ଥାଆନ୍ତୁ ଏବଂ ମନେ ରଖନ୍ତୁ ଯେ, ତାଙ୍କର ସମ୍ମାନ ଆପଣଙ୍କ ଶାରୀରିକ ଜୀବନରେ ବିପନ୍ନ ଅବସ୍ଥାରେ ଅଛି ।



## ଜୁନ୍ ୧୭

# ଅନ୍ୟମାନଙ୍କୁ ସମାଲୋଚନା କରିବା ପ୍ରତି ସାବଧାନ ରୁହନ୍ତୁ

**ପରର ବିଚାର କର ନାହିଁ, ତା'ହେଲେ ତୁମେ ବିଚାରିତ ହେବ ନାହିଁ ।**

**ମାଥିଉ ୭:୧**

ଅନ୍ୟମାନଙ୍କ ବିଚାର ସଂପର୍କରେ ଯୀଶୁଙ୍କର ଶିକ୍ଷା ଅତି ସରଳ, ସେ କହନ୍ତି, *''କର ନାହିଁ ।''* ଜଣେ ସାଧାରଣ ଖ୍ରୀଷ୍ଟିୟାନ ସବୁଠାରୁ ବଡ଼ ଆଘାତ ପ୍ରଦାନକାରୀ ସମାଲୋଚକ ରୂପେ ପରିଚିତ । ସମାଲୋଚନା ଲୋକମାନଙ୍କ ସାଧାରଣ କାର୍ଯ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ, କିନ୍ତୁ ଆତ୍ମିକ କ୍ଷେତ୍ରରେ ଏହା ଦ୍ୱାରା କୌଣସି ବିଷୟ ସାଧିତ ହୁଏ ନାହିଁ । ସମାଲୋଚନା ସମାଲୋଚିତ ହୋଇଥିବା ବ୍ୟକ୍ତିଙ୍କ ସାମର୍ଥ୍ୟକୁ ବିଭାଜିତ କରିଦିଏ । କେବଳ ପବିତ୍ର ଆତ୍ମା ସମାଲୋଚନା କରିବା ପାଇଁ ଉପଯୁକ୍ତ ସ୍ଥାନରେ ଥା'ନ୍ତି, ଏବଂ ସେ ହିଁ କେବଳ କଷ୍ଟ ଓ ଆଘାତ ନ ଦେଇ ଭୁଲ୍ ଦର୍ଶାଇଥାନ୍ତି । ଆପଣ ସମାଲୋଚନାର ମନୋଭାବ ନେଇ ଈଶ୍ୱରଙ୍କ ସହିତ ଆଦୌ ସଂପର୍କ ସ୍ଥାପନ କରିପାରିବେ ନାହିଁ । ଏହା ଅତି କଷ୍ଟକର ବିଷୟ । ସମାଲୋଚନା ଆପଣଙ୍କୁ କଠୋର, ପ୍ରତିହିଂସାପରାୟଣ ଏବଂ ନିଷ୍ଠୁର ହେବା ପାଇଁ ପ୍ରବର୍ତ୍ତାଏ, ଏବଂ ଆପଣ ଯେ ଅନ୍ୟମାନଙ୍କଠାରୁ ଉଚ୍ଚରେ, ଏହି ଚାଟୁବାକ୍ୟ ଦ୍ୱାରା ଆପଣଙ୍କ ମନକୁ ଆଶ୍ୱସ୍ତ କରେ । ଯୀଶୁ କହନ୍ତି ଯେ, ତାଙ୍କର ଶିଷ୍ୟ ରୂପେ ଆପଣଙ୍କ ପାଇଁ ସେଭଳି ସମାଲୋଚନାମୂଳକ ମନୋଭାବ ପୋଷଣ କରିବା ଉଚିତ୍ ନୁହେଁ । ସଂଗେ ସଂଗେ ଏହା ଘଟିବା ସମ୍ଭବ ନୁହେଁ, କିନ୍ତୁ ସମୟର ବ୍ୟବଧାନ ମଧ୍ୟରେ ଏହାର ବିକାଶ ହେବା ଆବଶ୍ୟକ । ଆପଣ ଯେ ଅନ୍ୟଠାରୁ ମହତ୍ତର, ଏହି ଚିନ୍ତାକୁ ମନରେ ସ୍ଥାନ ନ ଦେବା ପାଇଁ ନିରନ୍ତର ଆପଣଙ୍କୁ ସତର୍କ ହେବାକୁ ପଡ଼ିବ ।

ଯୀଶୁଙ୍କ ଅନୁସନ୍ଧାନ ପ୍ରକ୍ରିୟାରୁ ମୋ ଜୀବନକୁ ରକ୍ଷା କରିବାର କୌଣସି ଉପାୟ ନାହିଁ । ମୁଁ ଯଦି ଆପଣଙ୍କ ଆଖିରେ କୁଟା ଖିଅଟି ଦେଖୁଛି, ଏହାର ଅର୍ଥ ଏହି ଯେ, ମୋ ଆଖିରେ କାଠପଟାଟି ଅଛି (୭:୩-୫) । ମୁଁ ଆପଣଙ୍କଠାରେ ଯେଉଁ ଭୁଲ୍ ବିଷୟ ଦେଖେ, ଈଶ୍ୱର ସେସବୁ ମୋ ମଧ୍ୟରେ ଦେଖନ୍ତି । ଯେତେଥର ମୁଁ ଦୋଷାରୋପ କରେ, ସେତେ ଥର ମୁଁ ନିଜକୁ ଦୋଷୀ ସାବ୍ୟସ୍ତ କରେ (ରୋମୀ ୨:୧୭-୨୪) । ଅନ୍ୟମାନଙ୍କ ପ୍ରତି ମାପକାଠି ବ୍ୟବହାର କରିବା ବନ୍ଦ କରନ୍ତୁ । ପ୍ରତି ଜଣଙ୍କ ପରିସ୍ଥିତିରେ ଅନ୍ତତଃ ଏଭଳି ଗୋଟିଏ ତଥ୍ୟ ରହିଛି, ଯାହା ଆମେ ଜାଣି ନ ଥାଉ । ଈଶ୍ୱର ତାଙ୍କର ସର୍ବପ୍ରଥମ କାର୍ଯ୍ୟ ରୂପେ ଆମକୁ ଆତ୍ମିକ ରୂପେ ସଂପୂର୍ଣ୍ଣ ପରିଷ୍କାର କରନ୍ତି । ତା'ପରେ ଆମ ମଧ୍ୟରେ ଗର୍ବ ଆଉ ରାଜତ୍ୱ କରିପାରେ ନାହିଁ । ମୁଁ ସାକ୍ଷାତ୍ କରିଥିବା ଏପରି କୌଣସି ବ୍ୟକ୍ତି ନାହାନ୍ତି, ଯାହାଙ୍କ ପ୍ରତି ମୁଁ ନିରାଶ ହେବି କିମ୍ବା ସବୁ ଆଶା ଛାଡ଼ି ଦେବି, କାରଣ ମୁଁ ଜାଣେ ଯେ, ଈଶ୍ୱରଙ୍କ ଅନୁଗ୍ରହ ବିନା ମୋ ଜୀବନ ନିରର୍ଥକ ।

# ଯୀଶୁଙ୍କୁ ଚିହ୍ନି ରଖନ୍ତୁ

**ପିତର... ଯୀଶୁଙ୍କ ଆଡ଼କୁ ପାଣିରେ ଚାଲିବାକୁ ଲାଗିଲେ, ମାତ୍ର ଝଡ଼ ପବନକୁ ଦେଖି ସେ ଭୀତ ହେଲେ ।**

**ମାଥିଉ ୧୪:୨୯–୩୦**

ପବନର ବେଗ ପ୍ରବଳ ଥିଲା ଏବଂ ଲହରୀ ଅତି ଉଚ୍ଚ ଥିଲା, କିନ୍ତୁ ପ୍ରଥମେ ପିତର ସେସବୁ ଦେଖି ନ ଥିଲେ । ସେ ସବୁକୁ ସେ ଭ୍ରୁକ୍ଷେପ କଲେ ନାହିଁ । ସେ କେବଳ ତାଙ୍କର ପ୍ରଭୁଙ୍କୁ ଚିହ୍ନିଲେ, ତାଙ୍କୁ ଚିହ୍ନିବା ପରେ ହାତ ବଢ଼ାଇ ‘‘ପାଣି ଉପରେ ଚାଲିଲେ ।’’ ତା’ପରେ ସେ ତାଙ୍କ ଚତୁର୍ଦ୍ଦିଗର ବିଷୟ ପ୍ରତି ଧ୍ୟାନ ଦେବା ପରେ ବୁଡ଼ିବାକୁ ଲାଗିଲେ । ଆମର ପ୍ରଭୁ ତାଙ୍କୁ ଲହରୀ ଉପରେ ଯେପରି ଚାଲିବାକୁ ଦେଲେ, ସେହିପରି ଲହରୀ ତଳେ କାହିଁକି ଚାଲିବାକୁ ଦେଲେ ନାହିଁ ? ସେ ଚଲାଇ ପାରିଥାନ୍ତେ, କିନ୍ତୁ ପିତର ପ୍ରଭୁ ଯୀଶୁଙ୍କୁ ଚିହ୍ନିବା ଜାରି ନ ରଖିବା ପର୍ଯ୍ୟନ୍ତ ଏ ଦୁଇଟି କାମ ହୋଇପାରି ନ ଥାନ୍ତା ।

କେତେ ବିଷୟରେ ଆମେ ଈଶ୍ୱରଙ୍କୁ ଚିହ୍ନି ଆଗେଇଯାଉ, କିନ୍ତୁ ତା’ପରେ ନିଜ ବିଷୟରେ ଆମର ଚିନ୍ତାଭାବନା ଆସେ ଏବଂ ଆମେ ବୁଡ଼ିବାକୁ ଆରମ୍ଭ କରୁ । ଆପଣ ଯଦି ସତରେ ଆପଣଙ୍କ ପ୍ରଭୁଙ୍କୁ ଚିହ୍ନୁଛନ୍ତି, ତେବେ ଆପଣଙ୍କର ପରିସ୍ଥିତିକୁ କିପରି ଏବଂ କେଉଁଠାରେ ନିୟନ୍ତ୍ରଣ କରୁଛନ୍ତି ? ଆପଣଙ୍କ ଚାରିପଟେ ଯେଉଁ ସବୁ ବିଷୟ ରହିଛି, ତାହା ବାସ୍ତବ, କିନ୍ତୁ ଆପଣ ଯେତେବେଳେ ତାହା ଦେଖନ୍ତି, ସଂଗେ ସଂଗେ ଆପଣ ଏଭଳି ଭାବବିହ୍ୱଳ ହୋଇଯାନ୍ତି ଯେ, ଯୀଶୁଙ୍କୁ ମଧ୍ୟ ଚିହ୍ନି ପାରନ୍ତି ନାହିଁ । ତା’ପରେ ସେ ଅନୁଯୋଗ କରି କହନ୍ତି, ‘‘ତୁମେ କାହିଁକି ସନ୍ଦେହ କଲ ?’’ (୧୪:୩୧) । ଆପଣଙ୍କ ବାସ୍ତବ ପରିସ୍ଥିତି ଯାହା ହେଉ ପଛେ, ଯୀଶୁଙ୍କୁ ଚିହ୍ନି ରଖିଥାନ୍ତୁ ଏବଂ ତାଙ୍କ ଉପରେ ଭରସା ରଖନ୍ତୁ ।

ଯଦି ଈଶ୍ୱରଙ୍କ କଥା ଶୁଣିବା ପରେ ଆପଣ ଗୋଟିଏ ମୁହୂର୍ତ୍ତ ପାଇଁ ବାଦ–ବିବାଦ କରନ୍ତି, ତେବେ ଜାଣି ରଖନ୍ତୁ ଯେ, ସବୁର ସମାପ୍ତି ଘଟିଛି । ତା’ପରେ କୁହନ୍ତୁ ନାହିଁ, ‘‘ମୁଁ ଜାଣେନା, ସେ ମୋ ସହିତ କଥା କହିଲେ କି ନାହିଁ ।’’ ଈଶ୍ୱରଙ୍କ ଉପରେ ସବୁକିଛି ଲଦି ଦେଇ ସଂଗେ ସଂଗେ ଦୁଃସାହସୀ ହୋଇଯାନ୍ତୁ– ସଂପୂର୍ଣ୍ଣ ଅନିୟନ୍ତ୍ରିତ ରୂପେ ବିପଦ ବରଣ କରିବାକୁ ପ୍ରସ୍ତୁତ ହୋଇଯାନ୍ତୁ । ଆପଣ ଜାଣନ୍ତି ନାହିଁ, ପୁନର୍ବାର କେବେ ଈଶ୍ୱର ଆପଣଙ୍କ ସହିତ କଥା କହିବେ, କିନ୍ତୁ ଯେତେବେଳେ ଆପଣ ଈଶ୍ୱରଙ୍କ ସ୍ୱର ଶୁଣନ୍ତି, ତାହା ଯେତେ କ୍ଷୀଣ ହେଲେ ମଧ୍ୟ ସଂକଳ୍ପ କରନ୍ତୁ ଯେ, ଆପଣ ଦୁଃସାହସୀ ହୋଇ ନିଜର ସବୁ ବିଷୟ ତ୍ୟାଗ କରି ଆପଣଙ୍କର ସର୍ବସ୍ୱ ଈଶ୍ୱରଙ୍କୁ ସମର୍ପଣ କରିବେ । କେବଳ ନିଜକୁ ଏବଂ ନିଜର ପରିସ୍ଥିତିକୁ ତ୍ୟାଗ କରିବା ଦ୍ୱାରା ଆପଣ ଈଶ୍ୱରଙ୍କୁ ଚିହ୍ନି ପାରିବେ । କେବଳ ଦୁଃସାହସ ସହିତ ସମସ୍ତ ବିପଦ ବରଣ କରି ଆପଣ ତାଙ୍କର ସ୍ୱରକୁ ସ୍ପଷ୍ଟ ରୂପେ ଚିହ୍ନିବେ ।

# ଭାବାବେଗ ଜନିତ ଭକ୍ତିପୂତ ସେବା

## ତୁମେ କ'ଣ ମୋତେ ପ୍ରେମ କର...
## ମୋର ମେଷମାନଙ୍କୁ ପ୍ରତିପାଳନ କର ।
## ଯୋହନ ୨୧:୧୬

ଯୀଶୁ କହି ନ ଥିଲେ ଯେ, ଆମେ ନିଜର ଭାବନାକୁ ଆଧାର କରି ଲୋକମାନଙ୍କୁ ପରିବର୍ତ୍ତିତ କରିବା, କିନ୍ତୁ ସେ ତାଙ୍କର ମେଷମାନଙ୍କୁ ପ୍ରତିପାଳନ କରିବାକୁ କହିଥିଲେ, ଯେପରି ସେମାନଙ୍କୁ ଈଶ୍ୱରଙ୍କ ଜ୍ଞାନରୂପକ ଖାଦ୍ୟ ମିଳିବ । ଆମେ ଖ୍ରୀଷ୍ଟଙ୍କ ନାମରେ ଯେଉଁ ସବୁ କାର୍ଯ୍ୟ କରୁ, ତାହାକୁ ସେବା ବୋଲି କହିଥାଉ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ଦୃଷ୍ଟିରେ ଆମେ ତାଙ୍କ ପାଇଁ ଯାହା କରୁ, ତାହା ସେବା ନୁହେଁ, ମାତ୍ର ଆମେ ତାଙ୍କ ପାଇଁ କ'ଣ ଅଟୁ, ତାହା ହେଉଛି ସେବା । ଶିଷ୍ୟତ୍ୱ ସଂପୂର୍ଣ୍ଣ ରୂପେ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଭକ୍ତି ଉପରେ ଆଧାରିତ, କୌଣସି ବିଶେଷ ଧାରଣା ବା ସିଦ୍ଧାନ୍ତକୁ ଅନୁସରଣ କରିବା ଦ୍ୱାରା ନୁହେଁ । ''ଯଦି କେହି ମୋର ଅନୁଗମନ କରିବାକୁ ଇଚ୍ଛା କରେ, ଏବଂ... ଘୃଣା କରେ ନାହିଁ, ତେବେ ସେ ମୋର ଶିଷ୍ୟ ହୋଇପାରିବ ନାହିଁ'' (ଲୂକ ୧୪:୨୬) । ଏହି ପଦରେ ଯୀଶୁଙ୍କ ଅନୁଗମନ କରିବା ପାଇଁ କୌଣସି ବିବାଦ ବା ଚାପ ନାହିଁ, ସେ କେବଳ ଏହି କଥା କହନ୍ତି, ''ଯଦି ତୁମେ ମୋର ଶିଷ୍ୟ ହେବା ପାଇଁ ଇଚ୍ଛା କର, ତେବେ ସଂପୂର୍ଣ୍ଣ ରୂପେ ମୋର ଅନୁଗତ ହୁଅ ।'' ଈଶ୍ୱରଙ୍କ ଆତ୍ମାଙ୍କ ସ୍ପର୍ଶ ଲାଭ କରିଥିବା ଜଣେ ବ୍ୟକ୍ତି ହଠାତ୍ କହନ୍ତି, ''ବର୍ତ୍ତମାନ ଯୀଶୁ କିଏ, ମୁଁ ଦେଖିପାରୁଛି !''– ତାହା ହେଉଛି ଭକ୍ତିର ଉତ୍ସ ।

ଆମେ ଆଜି ବ୍ୟକ୍ତିଗତ ବିଶ୍ୱାସର ସ୍ଥାନରେ ଆମର ମତବାଦ ସଂପର୍କିତ ବିଶ୍ୱାସକୁ ସ୍ଥାନ ଦେଉଛୁ, ସେଥିପାଇଁ ଅନେକ ଲୋକ କାର୍ଯ୍ୟ ପ୍ରତି ସମର୍ପିତ ଏବଂ ଅତି ଅଳ୍ପ ଲୋକ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ସମର୍ପିତ । ବାସ୍ତବିକ୍, ଲୋକମାନେ ଯୀଶୁଙ୍କ ପ୍ରତି ସମର୍ପିତ ନ ହୋଇ ଯୀଶୁ ଆରମ୍ଭ କରିଥିବା କାର୍ଯ୍ୟ ପ୍ରତି ସମର୍ପିତ ହେଉଛନ୍ତି । ଆଜିର ବୁଦ୍ଧିସଂପନ୍ନ ଶିକ୍ଷିତଙ୍କ ପାଇଁ ଯୀଶୁଖ୍ରୀଷ୍ଟ ଅତ୍ୟନ୍ତ ଅପମାନ ସୂଚକ ଅଟନ୍ତି, ଯେଉଁମାନେ ତାଙ୍କୁ କେବଳ ବନ୍ଧୁ ରୂପେ ଗ୍ରହଣ କରିବାକୁ ଚାହାନ୍ତି, ଆଉ ଅନ୍ୟ କୌଣସି ରୂପେ ତାଙ୍କୁ ଗ୍ରହଣ କରନ୍ତି ନାହିଁ । ଆମ ପ୍ରଭୁ ମୁଖ୍ୟ ରୂପେ ତାଙ୍କର ପିତାଙ୍କର ଇଚ୍ଛା ପ୍ରତି ବାଧ୍ୟ ଥିଲେ, ଲୋକଙ୍କ ଆବଶ୍ୟକତା ପ୍ରତି ନୁହେଁ– ଲୋକମାନଙ୍କ ଉଦ୍ଧାରକାର୍ଯ୍ୟ ତାଙ୍କର ପିତାଙ୍କର ଇଚ୍ଛା ପାଳନ ପ୍ରତି ତାଙ୍କର ବାଧ୍ୟତାର ସ୍ୱାଭାବିକ ପରିଣାମ ଥିଲା । ମୁଁ ଯଦି କେବଳ ମାନବ ସେବା ପ୍ରତି ସମର୍ପିତ, ତେବେ ଅତି ଶୀଘ୍ର ମୁଁ କ୍ଳାନ୍ତ ହୋଇ ପଡ଼ିବି ଏବଂ ଏପରି ଅବସ୍ଥାକୁ ଆସିବି, ଯେତେବେଳେ ମୋର ପ୍ରେମ ଟଳମଳ ହେବ ଏବଂ ମୁଁ ଆଘାତ ପାଇବି । କିନ୍ତୁ ମୁଁ ଯଦି ବ୍ୟକ୍ତିଗତ ଭାବେ ଆବେଗପୂର୍ଣ୍ଣ ହୃଦୟରେ ଯୀଶୁଖ୍ରୀଷ୍ଟଙ୍କୁ ପ୍ରେମ କରିବି, ପଦ ଦଳିତ ହେଲେ ମଧ୍ୟ ମୁଁ ଲୋକମାନଙ୍କ ସେବା କରିବି । ଜଣେ ଶିଷ୍ୟଙ୍କ ଜୀବନର ରହସ୍ୟ ହେଉଛି ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ତାଙ୍କର ସମର୍ପଣ ଏବଂ ସେହି ଜୀବନର ଚାରିତ୍ରିକ ଗୁଣ ହେଉଛି, ନିଜକୁ ନଗଣ୍ୟ ଏବଂ ନମ୍ର ରୂପେ ପରିଚିତ କରିବା । ଏହା ଏକ ଗହମ ବୀଜ ଭଳି, ''ଯାହା ଭୂମିରେ ପଡ଼ି ମରିଯାଏ'' ଏବଂ ତା'ପରେ ଅଙ୍କୁରିତ ହୋଇ ସମଗ୍ର ଦୃଶ୍ୟପଟକୁ ପରିବର୍ତ୍ତନ କରିବ (ଯୋହନ ୧୨:୨୪) ।

## ଜୁନ୍ ୨୦

# ଆପଣ କ'ଣ
# ''ଯେତେବେଳେ'' ପ୍ରତି ପହଞ୍ଚିଛନ୍ତି ?

### ଆୟୁବ ବନ୍ଧୁମାନଙ୍କ ପାଇଁ ପ୍ରାର୍ଥନା କରିବା ପରେ ପ୍ରଭୁ ତାଙ୍କୁ ପୁନର୍ବାର ସମୃଦ୍ଧିଶାଳୀ କଲେ ।

### ଆୟୁବ ୪୨:୧୦

ଏକ ଦୟନୀୟ ସ୍ୱାର୍ଥପର ପ୍ରାର୍ଥନା ଏବଂ ଈଶ୍ୱରଙ୍କ ସହ ଯଥାର୍ଥ ସଂପର୍କ ଉଦ୍ଦେଶ୍ୟରେ ଦୃଢ଼ ସଂକଳ୍ପ ଏବଂ ସ୍ୱାର୍ଥପର ଅଭିଳାଷ ସଂପର୍କରେ ନୂତନ ନିୟମର କେଉଁଠାରେ ଉଲ୍ଲେଖ ନାହିଁ । ମୁଁ ଯଦି ଈଶ୍ୱରଙ୍କ ସହ ଯଥାର୍ଥ ସଂପର୍କ ସ୍ଥାପନ ପାଇଁ ଚେଷ୍ଟିତ, ତେବେ ତାହା ଚିହ୍ନିତ କରେ ଯେ, ମୁଁ ଖ୍ରୀଷ୍ଟଙ୍କ କ୍ରୁଶର ପ୍ରାୟଶ୍ଚିତ୍ତ କାର୍ଯ୍ୟ ବିରୁଦ୍ଧରେ ବିଦ୍ରୋହ କରୁଛି । ମୁଁ ପ୍ରାର୍ଥନା କରୁଛି, ''ପ୍ରଭୁ, ତୁମେ ଯଦି ମୋର ପ୍ରାର୍ଥନାର ଉତ୍ତର ଦେବ, ମୁଁ ମୋର ହୃଦୟକୁ ପବିତ୍ର କରିବି – ଯଦି ତୁମେ ମୋତେ ସାହାଯ୍ୟ କରିବ, ମୁଁ ତୁମ ସମ୍ମୁଖରେ ଉପଯୁକ୍ତ ଭାବେ ଗମନ କରିବି ।'' କିନ୍ତୁ ମୁଁ ନିଜେ ଈଶ୍ୱରଙ୍କ ସହିତ ଯଥାର୍ଥ ସଂପର୍କ ରଖି ପାରିବି ନାହିଁ, ମୁଁ ମୋ ନିଜ ଜୀବନକୁ ସିଦ୍ଧ କରିପାରିବି ନାହିଁ । ମୁଁ ଈଶ୍ୱରଙ୍କ ସହିତ ଯଥାର୍ଥ ସଂପର୍କ ରକ୍ଷା କରିପାରିବି, ଯଦି ମୁଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ୍ତକୁ ଏକ ଆଶୀର୍ବାଦ ଦାନ ରୂପେ ଗ୍ରହଣ କରିବି । ଏହାକୁ ଗ୍ରହଣ କରିବା ପାଇଁ ମୁଁ କ'ଣ ନିଜକୁ ନମ୍ର କରିଛି ? ମୋତେ ମୋର ସବୁ ଅଧିକାର ଏବଂ ଦାବିକୁ ତ୍ୟାଗ କରିବାକୁ ହେବ, ମୋର ନିଜର ପ୍ରଚେଷ୍ଟାକୁ ବନ୍ଦ କରିବାକୁ ହେବ । ମୋତେ ନିଜକୁ ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କ ହାତରେ ଅର୍ପଣ କରିବାକୁ ହେବ । ତା'ପରେ ମୁଁ ନିଜ ଜୀବନକୁ ନିବେଦନ ରୂପକ ଯାଜକୀୟ କାର୍ଯ୍ୟରେ ପ୍ରବାହିତ କରିବା ଆରମ୍ଭ କରିବି । ଅନେକ ପ୍ରାର୍ଥନା ପ୍ରାୟଶ୍ଚିତ୍ତ ପ୍ରତି ଅବିଶ୍ୱାସ ମଧ୍ୟରୁ ଆସିଥାଏ । ଯୀଶୁ ଆମର ଉଦ୍ଧାର କାର୍ଯ୍ୟ ଆରମ୍ଭ କରୁନାହାନ୍ତି– ସେ ଆମକୁ ସଂପୂର୍ଣ୍ଣ ରୂପେ ଉଦ୍ଧାର କରିଛନ୍ତି । ଏହି କାର୍ଯ୍ୟ ସାଧିତ ହୋଇଛି । ସେ ଯେଉଁ କାର୍ଯ୍ୟ କରିସାରିଛନ୍ତି, ଆଉ ଥରେ ସେଥିପାଇଁ ବିନତି କରିବା ଅର୍ଥ ତାଙ୍କୁ ଅପମାନିତ କରିବା ।

ଆପଣ ଯଦି ଯୀଶୁଙ୍କ ପ୍ରତିଶ୍ରୁତ ''ଶହେ ଗୁଣ'' (ମାଥିଉ ୧୯:୨୯) ପାଉ ନାହାନ୍ତି ଏବଂ ଈଶ୍ୱରଙ୍କ ବାକ୍ୟ ପ୍ରତି ଅନ୍ତର୍ଦୃଷ୍ଟି ରଖି ନାହାନ୍ତି, ତା'ହେଲେ ଆପଣଙ୍କ ବନ୍ଧୁମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ– ଆଭ୍ୟନ୍ତରୀଣ ଜୀବନର ସେବାରେ ପ୍ରବେଶ କରନ୍ତୁ । ''ଆୟୁବ ବନ୍ଧୁମାନଙ୍କ ପାଇଁ ପ୍ରାର୍ଥନା କରିବା ପରେ ପ୍ରଭୁ ତାଙ୍କୁ ପୁନର୍ବାର ସମୃଦ୍ଧିଶାଳୀ କଲେ ।'' ଉଦ୍ଧାରପ୍ରାପ୍ତ ଆତ୍ମା ରୂପେ ଆପଣଙ୍କ ଜୀବନର ବିଶେଷ କାର୍ଯ୍ୟ ହେଉଛି, ନିବେଦନସୂଚକ ପ୍ରାର୍ଥନା । ଈଶ୍ୱର ଆପଣଙ୍କୁ ଯେ କୌଣସି ପରିସ୍ଥିତିରେ ରଖିଲେ ମଧ୍ୟ ସବୁବେଳେ ପ୍ରାର୍ଥନା କରନ୍ତୁ, ଯେପରି ତାଙ୍କର ପ୍ରାୟଶ୍ଚିତ୍ତ ଅନ୍ୟମାନଙ୍କ ଜୀବନରେ ଚିହ୍ନିତ ହେବ ଏବଂ ସଂପୂର୍ଣ୍ଣ ରୂପେ ଉପଲବ୍ଧ ହେବ, ଯେପରି ଆପଣଙ୍କ ଜୀବନରେ ହୋଇଛି । ଆପଣଙ୍କ ବନ୍ଧୁମାନଙ୍କ ପାଇଁ *ବର୍ତ୍ତମାନ* ପ୍ରାର୍ଥନା କରନ୍ତୁ । *ବର୍ତ୍ତମାନ* ଯେଉଁମାନଙ୍କ ସଂସ୍ପର୍ଶରେ ଆସୁଛନ୍ତି, ସେମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ୍ ୨୧

# ଆଭ୍ୟନ୍ତରୀଣ ଜୀବନର ସେବାକାର୍ଯ୍ୟ

**‘‘ତୁମେମାନେ ... ରାଜକୀୟ ଯାଜକକୁଳ ।**

**୧ ପିତର ୨:୯**

କେଉଁ ଅଧିକାରରେ ଆମେ ‘‘ରାଜକୀୟ ଯାଜକକୁଳ’’ ହୋଇଛୁ ? କ୍ରୁଶରେ ଖ୍ରୀଷ୍ଟଙ୍କ ଦ୍ୱାରା ସାଧିତ ପ୍ରାୟଶ୍ଚିତ୍ତ ଦ୍ୱାରା ପ୍ରାପ୍ତ ଅଧିକାର ବଳରେ ଏହା ସମ୍ଭବ ହୋଇଛି । ଆମେ କ’ଣ ନିଜକୁ ସଂପୂର୍ଣ୍ଣ ତୁଚ୍ଛ କରିବାର ନିଷ୍ପତ୍ତି ନେଇ ପ୍ରାର୍ଥନାର ଯାଜକୀୟ କାର୍ଯ୍ୟ ପାଇଁ ବାହାରି ଯିବାକୁ ପ୍ରସ୍ତୁତ ? ଆମେ ଯାହା ହେବା ଉଚିତ୍, ତାହା ହୋଇଛୁ କି ନାହିଁ, ସେ ବିଷୟରେ ନିରନ୍ତର ଆତ୍ମ-ଅନୁଶୀଳନର ପ୍ରଚେଷ୍ଟା ଦ୍ୱାରା ଆମର ଯେଉଁ ସ୍ୱାର୍ଥପର ଏବଂ ରୁଗ୍ଣ ଖ୍ରୀଷ୍ଟୀୟ ସ୍ୱଭାବ ଉତ୍ପନ୍ନ ହୁଏ, ତାହା ଈଶ୍ୱରଙ୍କ ସନ୍ତାନର ଏକ ଉଜ୍ଜ୍ୱଳ ଏବଂ ସରଳ ଜୀବନ ନୁହେଁ । ଯେ ପର୍ଯ୍ୟନ୍ତ ଆମେ ଈଶ୍ୱରଙ୍କ ସହ ପ୍ରକୃତ ଏବଂ ଯଥାର୍ଥ ସଂପର୍କ ସ୍ଥାପନ ନ କରିଛୁ, ସେପର୍ଯ୍ୟନ୍ତ ଆମେ କେବଳ ଏକ ଅସହାୟ ଅବସ୍ଥାରେ ଅଟକି ରହିଥାଉ, ଯଦ୍ୟପି ଆମେ କହୁ, ‘‘ଆଃ, ମୋତେ କେଡ଼େ ଅଦ୍ଭୁତ ବିଜୟ ମିଳିଛି ।’’ କିନ୍ତୁ ସେଥିରେ ମୁକ୍ତିର ଆଶ୍ଚର୍ଯ୍ୟ କର୍ମ ପ୍ରକାଶକାରୀ କୌଣସି ବିଷୟ ନ ଥାଏ । ମୁକ୍ତିକାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ବୋଲି ସାହସ ପୂର୍ବକ ସ୍ୱଚ୍ଛନ୍ଦ ବିଶ୍ୱାସ ସହ ବାହାରି ପଡ଼ନ୍ତୁ । ତା’ପରେ ନିଜ ପାଇଁ ଚିନ୍ତା କରନ୍ତୁ ନାହିଁ, କିନ୍ତୁ ଯୀଶୁଙ୍କ ଶିକ୍ଷାନୁଯାୟୀ କାର୍ଯ୍ୟ ଆରମ୍ଭ କରନ୍ତୁ, ‘‘ମଧ୍ୟ ରାତ୍ରରେ ଆପଣଙ୍କ ପାଖକୁ ଆସିଥିବା ବନ୍ଧୁଙ୍କ ପାଇଁ ପ୍ରାର୍ଥନା କରନ୍ତୁ, ଈଶ୍ୱରଙ୍କ ଭକ୍ତମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ, ସବୁ ଲୋକଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।’’ ଆପଣ ଯେ କେବଳ ଯୀଶୁଖ୍ରୀଷ୍ଟଙ୍କ ଠାରେ ସିଦ୍ଧ, ଏହା ଜାଣି ପ୍ରାର୍ଥନା କରନ୍ତୁ । ଏହି ଯୁକ୍ତିକୁ ଆଧାର କରି ପ୍ରାଥନା କରନ୍ତୁ ନାହିଁ : ‘‘ହେ ପ୍ରଭୁ, ମୁଁ ମୋର ଶ୍ରେଷ୍ଠ ପ୍ରୟାସ କରିଛି, ଦୟାକରି ମୋର ପ୍ରାର୍ଥନା ଶୁଣ ।’’

କେବଳ ନିଜ କଥା ଭାବିବାର ଏହି ଅନିଷ୍ଟକାରୀ ଅଭ୍ୟାସରୁ ଆମକୁ ମୁକ୍ତ କରିବା ପାଇଁ ଈଶ୍ୱରଙ୍କୁ କେତେ ସମୟ ଲାଗିବ ? ଆମକୁ ଏଭଳି ସ୍ଥିତିକୁ ଆସିବାକୁ ହେବ, ଯେତେବେଳେ ଆମେ ନିଜ ପ୍ରତି ଅତିଷ୍ଠ ହେବୁ, ଏଭଳି ସ୍ଥିତି ଯେ ଈଶ୍ୱର ଯଦି ଆମ ବିଷୟରେ ଆମକୁ କିଛି ପଚାରିବେ, ତଥାପି ଆମେ ଆଶ୍ଚର୍ଯ୍ୟ ହେବା ନାହିଁ । ଆମେ ନିଜର ସ୍ୱଳ୍ପତାର ଗଭୀରତାକୁ ଛୁଇଁ ପାରିବା ନାହିଁ କି ତାକୁ ବୁଝିପାରିବା ନାହିଁ । ଈଶ୍ୱରଙ୍କର କେବଳ ଗୋଟିଏ ସ୍ଥାନ ଅଛି, ଯାହା ଈଶ୍ୱରଙ୍କ ସହିତ ଆମର ଯଥାର୍ଥ ସ୍ଥାନ, ସେ ହେଉଛନ୍ତି ଯୀଶୁ ଖ୍ରୀଷ୍ଟ । ଥରେ ଆମେ ଯଦି ସେଠାରେ ପହଞ୍ଚି ଯିବା, ଆମର ଆଭ୍ୟନ୍ତରୀଣ ଜୀବନର ସେହି ସେବାକାର୍ଯ୍ୟକୁ ଆମ ଜୀବନରେ ସଂପୂର୍ଣ୍ଣ ରୂପେ ଢାଳି ଦେବାକୁ ହେବ ।

## ଜୁନ୍ ୨୨

# ବିଚାରର ଅପରିବର୍ତ୍ତନୀୟ ନିୟମ

### କାରଣ ତୁମେ ଯେପରି ଭାବରେ ଅନ୍ୟର ବିଚାର କର, ତୁମେ ସେହିପରି ଭାବରେ ବିଚାରିତ ହେବ ଏବଂ ଯେଉଁ ମାପରେ ତୁମେ ମାପୁଛ, ସେହି ମାପରେ ମାପି ତୁମକୁ ଦିଆଯିବ ।

### ମାଥିଉ ୭:୨

ଏହି ବକ୍ତବ୍ୟ ଏକ ଉପରଠାଉରିଆ ନୀତି ନୁହେଁ, କିନ୍ତୁ ଏହା ଈଶ୍ୱରଙ୍କ ଏକ ଚିରସ୍ଥାୟୀ ନିୟମ । ଅନ୍ୟମାନଙ୍କ ପ୍ରତି ଯେପରି ବିଚାର କରିବେ, ଆପଣ ସେହିଭଳି ବିଚାରିତ ହେବେ । ପ୍ରତିଶୋଧ ଏବଂ ଦଣ୍ଡବିଧାନ ମଧ୍ୟରେ ପାର୍ଥକ୍ୟ ଅଛି । ଯୀଶୁଙ୍କ ଶିକ୍ଷାନୁସାରେ ଉଚିତ ଦଣ୍ଡବିଧାନ ହେଉଛି, ଜୀବନର ଆଧାର– ‘‘ଯେଉଁ ମାପରେ ତୁମେ ମାପୁଛ, ସେହି ମାପରେ ମାପି ତୁମକୁ ଦିଆଯିବ ।’’ ଯଦି ଆପଣ ଚତୁରତାର ସହ ଅନ୍ୟମାନଙ୍କ ଦୋଷ ବାହାର କରନ୍ତି, ମନେରଖନ୍ତୁ, ଆପଣ ଠିକ୍ ସେହିଭଳି ଉପାୟରେ ମପାଯିବେ । ଆପଣ ଯେପରି ଦିଅନ୍ତି, ଜୀବନରେ ଠିକ୍ ସେହି ପରିମାଣରେ ଫେରି ପାଇବେ । ଏହି ଚିରସ୍ଥାୟୀ ନିୟମ ଈଶ୍ୱରଙ୍କ ସିଂହାସନରୁ ଆମ ପ୍ରତି ଲାଗୁ ହୋଇଥାଏ (ଗୀତସଂହିତା ୧୮:୨୫–୨୬) ।

ରୋମୀ ୨:୧ ଏହି କଥା କହି ଏହାକୁ ଆହୁରି ସ୍ୱଷ୍ଟ ରୂପେ ପ୍ରୟୋଗ କରେ ଯେ, ଯେଉଁ ବ୍ୟକ୍ତି ଅନ୍ୟ ଜଣକୁ ଦୋଷୀ ସାବ୍ୟସ୍ତ କରନ୍ତି, ସେ ସେହି ଦୋଷରେ ସାବ୍ୟସ୍ତ ହୁଅନ୍ତି । ଈଶ୍ୱର କେବଳ କାର୍ଯ୍ୟକୁ ଦେଖନ୍ତି ନାହିଁ, କିନ୍ତୁ ତାହା କରିବାର ସମ୍ଭାବନାକୁ ଦେଖନ୍ତି, ଯାହା ସେ ଆମର ହୃଦୟ ମଧ୍ୟ ଦେଇ ଦେଖନ୍ତି । ପ୍ରଥମ କଥା ହେଉଛି, ଆମେ ବାଇବଲର କଥାକୁ ବିଶ୍ୱାସ କରୁନାହୁଁ । ଉଦାହରଣ ରୂପେ ଆମେ କ’ଣ ଏହି କଥାରେ ବିଶ୍ୱାସ କରୁ ଯେ, ଆମେ ଯେଉଁ ବିଷୟରେ ଅନ୍ୟର ସମାଲୋଚନା କରୁ, ଆମେ ନିଜେ ସେହି ଦୋଷରେ ଦୋଷୀ ? ଅନ୍ୟମାନଙ୍କ ପ୍ରତି ଛଳନା, ପ୍ରତାରଣା ଏବଂ ଅସମ୍ମାନ ମନୋଭାବର କାରଣ ହେଉଛି, ଆମ ନିଜ ହୃଦୟରେ ଆମେ ସେହି ମନୋଭାବ ପୋଷଣ କରିଛୁ । ଜଣେ ପବିତ୍ର ଲୋକଙ୍କର ବିଶେଷ ମହାନତା ହେଉଛି, ନମ୍ରତା, ଯାହା ତାଙ୍କଠାରେ ପ୍ରମାଣିତ ହୁଏ, ଯେତେବେଳେ ସେ ନମ୍ର ଭାବେ ଏହି କଥା କହନ୍ତି, ‘‘ହଁ, ଯଦି ମୋ ପ୍ରତି ଈଶ୍ୱରଙ୍କ ଅନୁଗ୍ରହ ନ ଥା’ନ୍ତା, ତେବେ ଏସବୁ ଏବଂ ଆହୁରି ମନ୍ଦ ବିଷୟ ମୋଠାରେ ପ୍ରଦର୍ଶିତ ହୋଇଥା’ନ୍ତା । ସେଥିପାଇଁ ମୋର ବିଚାର କରିବାର କୌଣସି ଅଧିକାର ନାହିଁ ।’’

ଯୀଶୁ କହିଲେ, ‘‘ବିଚାର କର ନାହିଁ, ତୁମେ ବିଚାରିତ ହେବ ନାହିଁ’’ (ମାଥିଉ ୭:୧) । ତା’ପରେ ସେ ଆହୁରି ମଧ୍ୟ କହିଲେ, ‘‘ତୁମେ ଯଦି ବିଚାର କର, ତୁମେ ସେହିପରି ଭାବରେ ବିଚାରିତ ହେବ ।’’ ଆମ ମଧ୍ୟରୁ କିଏ ଈଶ୍ୱରଙ୍କ ସମ୍ମୁଖରେ ସାହସ ଧରି ଠିଆ ହୋଇ କହିପାରିବେ, ‘‘ହେ ମୋର ଈଶ୍ୱର, ମୁଁ ଯେଉଁ ଭଳି ଅନ୍ୟମାନଙ୍କ ବିଚାର କରିଛି, ତୁମେ ସେହିଭଳି ମୋର ବିଚାର କର ?’’ ଆମେ ଅନ୍ୟମାନଙ୍କୁ ପାପୀ ରୂପେ ବିଚାର କରିଛୁ, ଯଦି ଈଶ୍ୱର ସେହିରୂପେ ଆମର ବିଚାର କରିବେ, ତେବେ ଆମେ ସମସ୍ତେ ନରକ ଯୋଗ୍ୟ ହେବୁ । ତଥାପି ଈଶ୍ୱର ଖ୍ରୀଷ୍ଟଙ୍କ କ୍ରୁଶର ଆଶ୍ଚର୍ଯ୍ୟଜନକ ପ୍ରାୟଶ୍ଚିତ୍ତକୁ ଆଧାର କରି ଆମର ବିଚାର କରନ୍ତି ।

## ଜୁନ୍ ୨୩

# ଶୋକ ସହ ପରିଚିତ ହେବା

**ସେ ଦୁଃଖୀ ଲୋକ ଓ ଶୋକ ପରିଚିତ ।**

**ଯିଶାଇୟ ୫୩:୩**

ଆମେ ଶୋକ ସହିତ ସେଭଳି ପରିଚିତ ନୋହୁଁ, ଯେପରି ଯୀଶୁ ଥିଲେ । ଆମେ ତାହା ସହି ଜୀବନ କାଟିଥାଉ, କିନ୍ତୁ ତା' ସହିତ ନିବିଡ଼ତର ହୋଇ ନ ଥାଉ । ଆମ ଜୀବନର ଆରମ୍ଭରେ ଆମେ ନିଜକୁ ପାପର ବାସ୍ତବତା ସହିତ ବ୍ୟବହାର କରିବା ଅବସ୍ଥାକୁ ଆସି ନ ଥାଉ । ଆମେ ଜୀବନକୁ ତାର୍କିକ ଦୃଷ୍ଟିକୋଣରୁ ଅନୁଧ୍ୟାନ କରି କହିଥାଉ ଯେ, ଯଦି କୌଣସି ଲୋକ ନିଜର ସ୍ୱାଭାବିକ ପ୍ରବୃତ୍ତିକୁ ନିୟନ୍ତ୍ରଣ କରି ନିଜକୁ ଶିକ୍ଷିତ କରିବ, ତେବେ ସେ ଏପରି ଜୀବନ ପ୍ରସ୍ତୁତ କରିବ, ଯାହା ଧୀରେ ଧୀରେ ଈଶ୍ୱରଙ୍କ ଜୀବନ ଭଳି ବିକଶିତ ହେବ । କିନ୍ତୁ ଜୀବନରେ ଅଗ୍ରସର ହେବା ସମୟରେ ଆମେ ଏଭଳି ଜିନିଷ ପାଉ, ଯାହା ବିଷୟରେ ଆମେ କେବେହେଲେ ଚିନ୍ତା କରି ନ ଥିଲୁ, ତା' ହେଉଛି, ପାପ ଏବଂ ତାହା ଆମର ସମସ୍ତ ଚିନ୍ତା ଏବଂ ଯୋଜାନାକୁ ଓଲଟପାଲଟ କରିଦିଏ । ପାପ ଆମ ଚିନ୍ତାଶକ୍ତିର ଭିତ୍ତିମୂଳକୁ ଅପ୍ରତ୍ୟାଶିତ, ଅନିୟନ୍ତ୍ରିତ ଏବଂ ଅସଂଗତ କରିଦେଇଛି ।

ଆମକୁ ଜାଣି ରଖିବାକୁ ହେବ ଯେ, ପାପ ଏହି ଜୀବନର ଏକ ତଥ୍ୟ, ଏକ ତ୍ରୁଟି ନୁହେଁ । ପାପ ଈଶ୍ୱରଙ୍କ ବିରୁଦ୍ଧରେ ଘୋର ବିଦ୍ରୋହ, ଏବଂ ମୋ ଜୀବନରେ ପାପର କିମ୍ବା ଈଶ୍ୱରଙ୍କ ମୃତ୍ୟୁ ଘଟିବା ଆବଶ୍ୟକ । ନୂତନ ନିୟମ ଏହି ଗୋଟିଏ ବିଷୟ ପ୍ରତି ଆମର ଦୃଷ୍ଟି ଆକର୍ଷଣ କରେ– ମୋଠାରେ ଯଦି ପାପ ରାଜତ୍ୱ କରେ, ତେବେ ମୋଠାରେ ଈଶ୍ୱରଙ୍କ ଜୀବନ ମରିଯାଏ, ମୋଠାରେ ଯଦି ଈଶ୍ୱରଙ୍କ ରାଜତ୍ୱ ଥାଏ, ତେବେ ପାପର ମୃତ୍ୟୁ ଘଟିବ । ତାହାଠାରୁ ଆଉ କୌଣସି ଅଧିକ ମୌଳିକ ବିଷୟ ନାହିଁ । ପାପର ପରାକାଷ୍ଠା ଥିଲା ଯୀଶୁ ଖ୍ରୀଷ୍ଟଙ୍କ କ୍ରୁଶୀୟ ମୃତ୍ୟୁଭୋଗ, ଆଉ ଜଗତରେ ଈଶ୍ୱରଙ୍କ ଇତିହାସରେ ଯେଉଁ ସତ୍ୟ ନିହିତ ଥିଲା, ତାହା ମୋର ଏବଂ ଆପଣଙ୍କ ଇତିହାସରେ ସତ୍ୟ ରୂପେ ପ୍ରତିପାଦିତ ହେବ– ତା' ହେଉଛି– ପାପ ଆମ ମଧ୍ୟରେ ଈଶ୍ୱରଙ୍କ ଜୀବନକୁ ମାରିଦେବ । ମାନସିକ ସ୍ତରରେ ପାପର ଏହି ତଥ୍ୟ ପ୍ରତି ଆମେ ଏକମତ ହେବା ଆବଶ୍ୟକ । ଯୀଶୁ ଖ୍ରୀଷ୍ଟଙ୍କର ଜଗତକୁ ଆସିବାର ଏହା ଏକମାତ୍ର କାରଣ ଥିଲା ଏବଂ ଏହାହିଁ ଜୀବନର ଦୁଃଖ ଏବଂ ଶୋକର କାରଣ ।

# ପାପର ତଥ୍ୟ ପ୍ରତି ସଂହତି ସ୍ଥାପନ

**ଏହା ତ ତୁମମାନଙ୍କର ସମୟ,**
**ଯେଉଁ ସମୟରେ ଅନ୍ଧକାର ରାଜତ୍ୱ କରୁଛି ।**
**ଲୂକ ୨୨:୫୩**

ପାପର ତଥ୍ୟ ପ୍ରତି ସଂହତି ସ୍ଥାପନ ନ କରିବା – ତାହାକୁ ନ ଚିହ୍ନିବା ଏବଂ ପରିହାର କରିବାର ଉପେକ୍ଷା– ଏ ସବୁ ଜୀବନର ଦୁଃଖ ଦୁର୍ଦ୍ଦଶାର କାରଣ । ଆପଣ ମନୁଷ୍ୟ ଜୀବନର ଉଚ୍ଚତର ସଦ୍‌ଗୁଣ ବିଷୟ କହିପାରନ୍ତି, କିନ୍ତୁ ମନୁଷ୍ୟ ସ୍ୱଭାବରେ ଏଭଳି କିଛି ବିଷୟ ଅଛି, ଯାହା ଆପଣଙ୍କ ସବୁ ସିଦ୍ଧାନ୍ତକୁ ପରିହାସ ଛଳରେ ଉଡ଼ାଇ ଦେବ । ଯଦି ଆପଣ ଏହି ତଥ୍ୟକୁ ଗ୍ରହଣ କରିବା ପାଇଁ ଅଗ୍ରାହ୍ୟ କରିବେ ଯେ, ମନୁଷ୍ୟ ମଧ୍ୟରେ ଦୁଷ୍ଟତା ଏବଂ ସ୍ୱାର୍ଥପରତା, ଘୃଣା ଏବଂ ମନ୍ଦ ବିଷୟ ଅଛି, ତା'ହେଲେ ଏମାନେ ଯେତେବେଳେ ଆଣଙ୍କ ଜୀବନକୁ ଆକ୍ରମଣ କରିବେ, ଆପଣ ତାହା ସ୍ୱୀକାର କରିବା ପରିବର୍ତ୍ତେ ତାଙ୍କ ସହିତ ବୁଝାମଣା କରି କହିବେ ଯେ, ଏ ସବୁ ବିରୁଦ୍ଧରେ ଲଢ଼ିବାରେ କୌଣସି ଲାଭ ନାହିଁ । ଆପଣ କ'ଣ ''ଏହି ସମୟ ଏବଂ ଅନ୍ଧକାରର ରାଜତ୍ୱ'' ପ୍ରତି ଧ୍ୟାନ ଦେଇଛନ୍ତି, ଅବା ପାପ ବିଷୟରେ ଆପଣଙ୍କ ଯେଉଁ ଦୃଷ୍ଟିକୋଣ ରହିଛି, ସେଥିରେ ପାପ ଆଦୌ ଅନ୍ତର୍ଭୁକ୍ତ ହୋଇ ନାହିଁ ? ଯଦି ପାପ ଅନ୍ତର୍ଭୁକ୍ତ ନୁହେଁ, ତେବେ ଆପଣ ଅତିଶୀଘ୍ର ତାହାର ଫାନ୍ଦରେ ପଡ଼ି ପାପ ସହିତ ସଂହତି ସ୍ଥାପନ କରିବେ । କିନ୍ତୁ ଆପଣ ଯଦି ପାପ ସହିତ ହାତ ମିଳାଇବେ, ତେବେ ଆପଣ ସଂଗେ ସଂଗେ ବିପଦ ବରଣ କରି କହିବେ, ''ହଁ, ମୁଁ ବୁଝିପାରୁଛି, ପାପର ପରିଣତି କ'ଣ'' ପାପକୁ ଚିହ୍ନିବା ଦ୍ୱାରା ବନ୍ଧୁତାର ଭିତ୍ତି ଧ୍ୱଂସ ହୁଏ ନାହିଁ – ଏହା ଆମ ମନରେ ଏହି ତଥ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ କରେ ଯେ, ପାପପୂର୍ଣ୍ଣ ଜୀବନର ଭିତ୍ତି ହେଉଛି, ଧ୍ୱଂସାତ୍ମକ । ସବୁବେଳେ ଜୀବନର କୌଣସି ମୂଲ୍ୟାଙ୍କନ ପ୍ରତି ସତର୍କ ରୁହନ୍ତୁ, ଯାହା ପାପର ସ୍ଥିତିକୁ ଅସ୍ୱୀକାର କରେ ।

ଯୀଶୁଖ୍ରୀଷ୍ଟ ମନୁଷ୍ୟ ସ୍ୱଭାବକୁ ଆଦୌ ବିଶ୍ୱାସ କରି ନ ଥିଲେ, ତଥାପି ସେ ନିରାଶାବାଦୀ କିମ୍ବା ସନ୍ଦେହୀ ନ ଥିଲେ, କାରଣ ମନୁଷ୍ୟ ସ୍ୱଭାବ ପ୍ରତି ସେ ଯେଉଁ କାର୍ଯ୍ୟ ପନ୍ଥା ଗ୍ରହଣ କରିବେ, ସେଥିରେ ତାଙ୍କର ବିଶ୍ୱାସ ଥିଲା । ସିଦ୍ଧ ପୁରୁଷ ବା ସ୍ତ୍ରୀ ବିପଦରୁ ସୁରକ୍ଷା ପା'ନ୍ତି, ନିର୍ଦ୍ଦୋଷ ଲୋକ ନୁହଁନ୍ତି । ତଥାକଥିତ ନିର୍ଦ୍ଦୋଷ ପୁରୁଷ ବା ସ୍ତ୍ରୀ ଆଦୌ ସୁରକ୍ଷିତ ନୁହନ୍ତି । ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବା ଅଧିକାର ଲୋକମାନଙ୍କ ପାଖରେ ନାହିଁ, ଈଶ୍ୱର ଦାବି କରନ୍ତି ଯେ, ସେମାନେ ସିଦ୍ଧ ଏବଂ ସଦ୍‌ଗୁଣ ସଂପନ୍ନ ହେବେ । ଜଣେ ଶିଶୁ ସ୍ୱଭାବତଃ ନିର୍ଦ୍ଦୋଷ ହୋଇଥାଏ । ଯଦି କୌଣସି ବ୍ୟକ୍ତି ପାପର ତଥ୍ୟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି, ତେବେ ସେ ଦୋଷୀ ସାବ୍ୟସ୍ତ ହେବେ ।

ଜୁନ୍ ୨୫

# ଦୁଃଖର ନିଆଁରେ ନିଜକୁ ଗ୍ରହଣ କରିବା

**ମୁଁ କ'ଣ କହିବି– ଏହି ସମୟରୁ ମୋତେ ଉଦ୍ଧାର କର ?**
**ନା, ମୁଁ ତ ଏହି ଉଦ୍ଦେଶ୍ୟରେ ଏହି ସମୟର ପାଇଁ ଆସିଛି ।**
**ହେ ପିତା, ତୁମ ନାମକୁ ମହିମାନ୍ୱିତ କର ।**

**ଯୋହନ ୧୨:୨୭–୨୮**

ଈଶ୍ୱରଙ୍କ ଜଣେ ପବିତ୍ର ଲୋକ ରୂପେ ଦୁଃଖ ଏବଂ ଅସୁବିଧା ପ୍ରତି ମୋର ମନୋଭାବ ଏପରି ହେବା ଉଚିତ୍ ନୁହେଁ ଯେ, ଏସବୁ ଦୂର ହେଉ, କିନ୍ତୁ ମୋତେ ଈଶ୍ୱରଙ୍କୁ ଅଳି କରିବାକୁ ହେବ ଯେପରି ସେ ମୋତେ ରକ୍ଷା କରିବେ ଏବଂ ଯେଉଁ ଉଦ୍ଦେଶ୍ୟରେ ସେ ମୋତେ ସୃଷ୍ଟି କରିଛନ୍ତି, ତାହା ସଫଳ କରିବା ପାଇଁ ମୁଁ ଯେପରି ଦୁଃଖର ନିଆଁରେ ତିଷ୍ଠି ପାରିବି । ଆମର ପ୍ରଭୁ ତାଙ୍କର ସ୍ଥିତିକୁ ସ୍ୱୀକାର କରି ଏବଂ ତାଙ୍କର ଉଦ୍ଦେଶ୍ୟକୁ ଉପଲବ୍ଧି କରି ଦୁଃଖର ନିଆଁରେ ନିଜକୁ ଗ୍ରହଣ କଲେ । ସେ ସେହି ସମୟରୁ ନୁହେଁ, ମାତ୍ର ସେହି ସମୟ ମଧ୍ୟରୁ ବାହାରି ରକ୍ଷା ପାଇଲେ ।

ଆମେ କହୁ ଯେ, ଦୁଃଖ ରହିବା ଉଚିତ୍ ନୁହେଁ, କିନ୍ତୁ ଦୁଃଖ ରହିଛି ଏବଂ ସେହି ଦୁଃଖର ନିଆଁରେ ଆମେ ନିଜକୁ ଗ୍ରହଣ କରିବା । ଯଦି ଆମେ ଦୁଃଖରୁ ରକ୍ଷା ପାଇବାର ପ୍ରୟାସ କରୁ ଏବଂ ତାହା ସହିତ ଯୁଝିବା ପାଇଁ ଅସମ୍ମତ ହେଉ, ତେବେ ଆମେ ମୂର୍ଖ । ଦୁଃଖ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଏବଂ ଏହା ନ ରହୁ ବୋଲି କହିବା ମୂଲ୍ୟହୀନ । ପାପ, ଦୁଃଖ ଏବଂ ଯନ୍ତ୍ରଣା ଜୀବନର ବାସ୍ତବ ଅନୁଭୂତି । ଈଶ୍ୱର ଏ ସବୁକୁ ଅନୁମତି ଦେଇ ଭୁଲ୍ କରିଛନ୍ତି ବୋଲି କହିବା ପାଇଁ ଆମର କୌଣସି ଅଧିକାର ନାହିଁ ।

ଦୁଃଖ ଜଣେ ବ୍ୟକ୍ତିଙ୍କ ସ୍ୱଳ୍ପଜ୍ଞାନକୁ ଅଧିକ ପରିମାଣରେ ଦୂର କରେ, କିନ୍ତୁ ତାହା ସବୁବେଳେ ସେହି ବ୍ୟକ୍ତିଙ୍କୁ ମହତ୍ତର କରିପାରେ ନାହିଁ । ଦୁଃଖଭୋଗ ହୁଏତ ମୋତେ ନିଜ ପ୍ରତି ସମର୍ପଣ କରେ, କିମ୍ବା ମୋତେ ନଷ୍ଟ କରିଦିଏ । ଆପଣ ନିଜକୁ ସଫଳତା ମଧ୍ୟରେ ଖୋଜି ପାଇବେ ନାହିଁ କିମ୍ବା ପାରିବେ ନାହିଁ, କାରଣ ସେତେବେଳେ ଗର୍ବରେ ଆପଣ ନିଜର ନିୟନ୍ତ୍ରଣ ହରାଇଥା'ନ୍ତି । ଆଉ ଆପଣ ନିଜକୁ ଦୈନନ୍ଦିନ ନୀରସତା ମଧ୍ୟରେ ପାଇବେ ନାହିଁ କାରଣ ଆପଣ କେବଳ ଅଭିଯୋଗ କରନ୍ତି । ନିଜକୁ ପାଇବାର ଏକମାତ୍ର ଉପାୟ ହେଉଛି, ଦୁଃଖର ନିଆଁ । ଏଭଳି କାହିଁକି ହୁଏ, ତାହା ଜାଣିବା ମହତ୍ତ୍ୱପୂର୍ଣ୍ଣ ନୁହେଁ । ସତ ଏହି ଯେ, ଧର୍ମଶାସ୍ତ୍ର ଏବଂ ମନୁଷ୍ୟର ଅନୁଭୂତି ମଧ୍ୟରେ ଏହି ସତ୍ୟ ନିହିତ ଅଛି । ଆପଣ ସବୁବେଳେ ଜାଣି ପାରିବେ ଯେ, କେଉଁ ଲୋକ ଦୁଃଖର ନିଆଁକୁ ଅତିକ୍ରମ କରି ଆସିଛନ୍ତି ଏବଂ ନିଜକୁ ଗ୍ରହଣ କରିଛନ୍ତି, ଆଉ ଆପଣ ମଧ୍ୟ ଜାଣନ୍ତି ଯେ, ଆପଣଙ୍କର ଦୁଃଖ ସମୟରେ ଆପଣ ତାଙ୍କ ନିକଟକୁ ଯାଇ ପାରିବେ ଏବଂ ଜାଣିବେ ଯେ, ଆପଣଙ୍କ ପାଇଁ ତାଙ୍କର ଯଥେଷ୍ଟ ସମୟ ଅଛି । କିନ୍ତୁ ଯଦି କୌଣସି ଲୋକ ଦୁଃଖର ନିଆଁ ମଧ୍ୟ ଦେଇ ଯାଇନାହାନ୍ତି, ତେବେ ସେ ଆପଣଙ୍କୁ ତାଚ୍ଛଲ୍ୟ କରିବେ, ଆପଣଙ୍କ ପାଇଁ ତାଙ୍କର କୌଣସି ସମୟ ନ ଥିବ ଏବଂ ସେ ଆପଣଙ୍କ ଠାରୁ ବିମୁଖ ହେବେ । ଯଦି ଆପଣ ଦୁଃଖର ନିଆଁରେ ନିଜକୁ ଗ୍ରହଣ କରିବେ, ତେବେ ଈଶ୍ୱର ଆପଣଙ୍କୁ ଅନ୍ୟମାନଙ୍କ ପରିପୁଷ୍ଟି ପାଇଁ ବ୍ୟବହାର କରିବେ ।

# ଈଶ୍ୱରଙ୍କ ଅନୁଗ୍ରହର ଉପଯୋଗ କରିବା– ବର୍ତ୍ତମାନ

**ଆମେ ତୁମମାନଙ୍କୁ ଅନୁରୋଧ କରୁଛୁ,**
**ଈଶ୍ୱରଙ୍କ ଅନୁଗ୍ରହ ବୃଥାରେ ଗ୍ରହଣ କର ନାହିଁ ।**
**୨ କରିନ୍ଥୀୟ ୬:୧**

ଗତ କାଲି ଆପଣଙ୍କ ପାଖରେ ଯେଉଁ ଅନୁଗ୍ରହ ଥିଲା, ତାହା ଆଜି ପାଇଁ ଯଥେଷ୍ଟ ହେବ ନାହିଁ । ଅନୁଗ୍ରହ ହେଉଛି, ଈଶ୍ୱରଙ୍କ ଉଚ୍ଛୁଳା କରୁଣା ଏବଂ ଆପଣ ଏହି ଭରସା ପାଇବେ ଯେ, ଆପଣ ଯେପର୍ଯ୍ୟନ୍ତ ତାହା ଆବଶ୍ୟକ କରିବେ, ତାହା ଆପଣଙ୍କୁ ଉପଲବ୍ଧ ହେବ ‘‘ବରଂ ବହୁ ଧୈର୍ଯ୍ୟରେ, କ୍ଳେଶରେ, ଦୁର୍ଦ୍ଦଶାରେ, ସଂକଟରେ’’ (୬:୪) । ଏସବୁରେ ଈଶ୍ୱରଙ୍କ ଅନୁଗ୍ରହ ପ୍ରତି ଆପଣ କ’ଣ ଭରସା ରଖିବାରେ ବିଫଳ ହେଉଛନ୍ତି ? ଆପଣ କ’ଣ ନିଜକୁ ଏହି କଥା କହୁଛନ୍ତି, ‘‘ଏଥର ମୁଁ ତା’ ଉପରେ ଭରସା ରଖିବି ନାହିଁ ?’’ ଏହା ଈଶ୍ୱରଙ୍କଠାରେ ପ୍ରାର୍ଥନା କରି ତାଙ୍କ ସାହାଯ୍ୟ ଭିକ୍ଷା କରିବାର ପ୍ରଶ୍ନ ନୁହେଁ, ପ୍ରଶ୍ନ ହେଉଛି, *ବର୍ତ୍ତମାନ* ଈଶ୍ୱରଙ୍କ ଅନୁଗ୍ରହକୁ ଗ୍ରହଣ କରିବା । ଆମର ସେବା ପାଇଁ ଆମେ ପ୍ରାର୍ଥନାକୁ ଏକ ପ୍ରସ୍ତୁତି ରୂପେ ଗ୍ରହଣ କରିଥାଉ, କିନ୍ତୁ ବାଇବଲରେ ଏ ବିଷୟରେ କୌଣସି ଉଲ୍ଲେଖ ନାହିଁ । ପ୍ରାର୍ଥନା ହେଉଛି, ଈଶ୍ୱରଙ୍କ ଅନୁଗ୍ରହକୁ ଉପଯୋଗ କରିବାର ଅଭ୍ୟାସ । ଏହା କହୁନ୍ତୁ ନାହିଁ, ‘‘ଯେ ପର୍ଯ୍ୟନ୍ତ ମୁଁ ପ୍ରାର୍ଥନା ପାଇଁ ସମୟ ବାହାର କରି ପାରିନାହିଁ, ସେ ପର୍ଯ୍ୟନ୍ତ ଏଭଳି ଚଳାଇ ନେବି ।’’ ବର୍ତ୍ତମାନ ପ୍ରାର୍ଥନା କରନ୍ତୁ – ଆପଣଙ୍କ ଆବଶ୍ୟକତାର ସମୟରେ ଈଶ୍ୱରଙ୍କ ଅନୁଗ୍ରହର ଉପଯୋଗ କରନ୍ତୁ । ପ୍ରାର୍ଥନା ଅତି ସାଧାରଣ ଆବଶ୍ୟକୀୟ ବିଷୟ । ଏହା କେବଳ ଈଶ୍ୱରଙ୍କ ପ୍ରତି ଆପଣଙ୍କ ଭକ୍ତିସୂଚକ ପ୍ରତିକ୍ରିୟା ନୁହେଁ । ପ୍ରାର୍ଥନା ମାଧ୍ୟମରେ ଈଶ୍ୱରଙ୍କ ଅନୁଗ୍ରହର ଉପଯୋଗ ବିଷୟ ଶିଖିବା ପାଇଁ ଆମେ ଯଥେଷ୍ଟ ବିଳମ୍ବ କରିଥାଉ ।

‘‘ପ୍ରହାର, କାରାବାସ, ଦଙ୍ଗାହଙ୍ଗାମା, କଠିନ ପରିଶ୍ରମ’’ (୬:୫) – ଏସବୁ ମଧ୍ୟରେ, ଆପଣଙ୍କ ଜୀବନରେ ଈଶ୍ୱରଙ୍କ ଅନୁଗ୍ରହର ଉପଯୋଗ କରି ଏବଂ ତାହାର ପ୍ରଦର୍ଶନ ଦ୍ୱାରା ଅନ୍ୟମାନଙ୍କଠାରେ ପ୍ରମାଣ କରିଦିଅନ୍ତୁ ଯେ, ଆପଣ ଈଶ୍ୱରଙ୍କର ଏକ ଆଶ୍ଚର୍ଯ୍ୟ କର୍ମ ଅଟନ୍ତି । ବର୍ତ୍ତମାନ ଈଶ୍ୱରଙ୍କ ଅନୁଗ୍ରହର ଉପଯୋଗ କରନ୍ତୁ – ପରେ ନୁହେଁ । ଆତ୍ମିକ ଅଭିଧାନର ମୂଳ ଶବ୍ଦ ହେଉଛି, ‘‘ବର୍ତ୍ତମାନ’’ । ପରିସ୍ଥିତି ଯାହା ହେଉ ନା କାହିଁକି, ଆପଣ ଯେଉଁ ପରିସ୍ଥିତିରେ ଥିଲେ ମଧ୍ୟ ଈଶ୍ୱରଙ୍କ ଅନୁଗ୍ରହର ଉପଯୋଗ କରନ୍ତୁ । ଆପଣ ଯେ ଈଶ୍ୱରଙ୍କ ଅନୁଗ୍ରହର ଉପଯୋଗ କରୁଛନ୍ତି, ତାହାର ବଡ଼ ପ୍ରମାଣ ହେଉଛି ଯେ, ଆପଣ ଅନ୍ୟମାନଙ୍କ ନିକଟରେ ଅପମାନିତ ହେଲେ ମଧ୍ୟ ଈଶ୍ୱରଙ୍କ ଅନୁଗ୍ରହ ବ୍ୟତୀତ ସାମାନ୍ୟ ରୂପେ ଆଉ ଅନ୍ୟ କୌଣସି ବିଷୟ ପ୍ରଦର୍ଶନ କରିବେ ନାହିଁ ।

‘‘ଧନହୀନ ଅବସ୍ଥାରେ ।’’ କୌଣସି ବିଷୟକୁ ସଂଚିତ କରି ରଖନ୍ତୁ ନାହିଁ । ନିଜର ଶ୍ରେଷ୍ଠ ବିଷୟ ଏବଂ ସର୍ବସ୍ୱ ଅଜାଡ଼ି ଦେଇ ଦୀନତା ଭୋଗ କରନ୍ତୁ । ଈଶ୍ୱର ଆପଣଙ୍କୁ ଯେଉଁ ଧନ ସଂପଦ ଦେଉଛନ୍ତି, ସେଥିପ୍ରତି କୌଶଳୀ ଏବଂ ସାବଧାନ ହୁଅନ୍ତୁ ନାହିଁ । ‘‘ସବୁ କିଛିର ଅଧିକାରୀ ହୋଇ’’ – ଏଠାରେ ଦାରିଦ୍ର୍ୟ ବିଜୟୀ ହୁଏ (୬:୧୦) ।

ଜୁନ୍ ୨୭

# ଈଶ୍ୱରଙ୍କ ବ୍ୟକ୍ତିଗତ ଉଦ୍ଧାର ଦ୍ୱାରା ଢାଙ୍କି ହୋଇ ରହିବା

**ମୁଁ ତୁମ ସହିତ ଅଛି ଓ ତୁମକୁ ରକ୍ଷା କରିବି । ଏହା ପ୍ରଭୁ ଘୋଷଣା କରୁଛନ୍ତି ।**
**ଯିରିମିୟ ୧:୮**

ଈଶ୍ୱର ବ୍ୟକ୍ତିଗତ ଭାବେ ଯିରିମିୟଙ୍କୁ ରକ୍ଷା କରିବାର ପ୍ରତିଶୃତି ଦେଲେ– ''ତୁମର ପ୍ରାଣ ରକ୍ଷା ପାଇବ'' (ଯିରିମିୟ ୩୯:୧୮) । ଈଶ୍ୱର ତାଙ୍କର ସନ୍ତାନମାନଙ୍କୁ ଏହି ପ୍ରତିଜ୍ଞା ଦିଅନ୍ତି । ଈଶ୍ୱର ଆମକୁ ଯେ କୌଣସି ସ୍ଥାନକୁ ପଠାଇଲେ ମଧ୍ୟ ସେ ଆମର ଜୀବନକୁ ରକ୍ଷା କରିବେ । ଆମର ବ୍ୟକ୍ତିଗତ ଧନ ସମ୍ପତ୍ତି ପ୍ରତି ଆମର ଉଦାସୀନ ଭାବ ଏବଂ ଏ ସବୁ ପ୍ରତି ହାଲୁକା ଭାବ ରହିବା ଉଚିତ୍ । ଯଦି ଏହା ହୋଇପାରେ ନାହିଁ, ତେବେ ଆମେ ବିଚଳିତ, ଦୁଃଖିତ ଏବଂ ମାନସିକ ରୂପେ ବ୍ୟଥିତ ହେଉ । ଉପଯୁକ୍ତ ଦୃଷ୍ଟିକୋଣ ଈଶ୍ୱରଙ୍କ ବ୍ୟକ୍ତିଗତ ଉଦ୍ଧାର ଦ୍ୱାରା ଢାଙ୍କି ହୋଇ ରହିବାର ପ୍ରମାଣ ।

ପାର୍ବତ୍ୟ ଉପଦେଶ ସୂଚୀତ କରେ ଯେ, ଆମେ ଯୀଶୁଖ୍ରୀଷ୍ଟଙ୍କ ସେବାକାର୍ଯ୍ୟରେ ନିୟୋଜିତ ହେଲେ ନିଜ କାମ କରିବାର ସମୟ ନ ଥାଏ । ଯୀଶୁ କହନ୍ତି, ''ତୁମ ପ୍ରତି ନ୍ୟାୟାଚରଣ ହେଉଛି କି ନାହିଁ, ସେ ବିଷୟରେ ଚିନ୍ତିତ ହୁଅ ନାହିଁ ।'' ନ୍ୟାୟ ଅପେକ୍ଷା କରିବାର ଅର୍ଥ ହେଉଛି ଯେ, ଆମେ ଈଶ୍ୱରଙ୍କ ପ୍ରତି ଭକ୍ତି ପ୍ରଦର୍ଶନ ପାଇଁ ଧ୍ୟାନ ଦେଇ ନାହୁଁ । ଏହି ଜଗତରେ ନ୍ୟାୟର ଅନ୍ୱେଷଣ କରନ୍ତୁ ନାହିଁ, କିନ୍ତୁ ନ୍ୟାୟ ପ୍ରଦର୍ଶନ କରିବା ଭୁଲନ୍ତୁ ନାହିଁ । ନ୍ୟାୟ ଅନ୍ୱେଷଣ କଲେ ଆମେ କେବଳ ଅଭିଯୋଗ କରିବୁ ଏବଂ ଅସନ୍ତୋଷ ଓ ଆତ୍ମ ସହାନୁଭୂତି ପ୍ରକାଶ କରି କହିବୁ, ''ମୋ ପ୍ରତି ଏପରି ବ୍ୟବହାର କାହିଁକି ହେଉଛି ?'' ଆମେ ଯଦି ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଅନୁରକ୍ତ, ତେବେ ଆମେ ଯେଉଁ ବିଷୟର ସମ୍ମୁଖୀନ ହେଉ, ଆମେ ସେଥି ପ୍ରତି ଦୃଷ୍ଟି ଦେବା ନାହିଁ – ତାହା ଉଚିତ୍ ହେଉ ବା ଅନୁଚିତ ହେଉ । ମୂଳତଃ ଯୀଶୁ କହନ୍ତି, ''ମୁଁ ତୁମକୁ ଯେଉଁ କାର୍ଯ୍ୟ କରିବାକୁ କହିଛି, ସେଥିରେ ଅଗ୍ରସର ହୁଅ, ମୁଁ ତୁମର ଜୀବନ ରକ୍ଷା କରିବି । ତୁମେ ଯଦି ତାହା ରକ୍ଷା କରିବା ପାଇଁ ଚେଷ୍ଟା କର, ତେବେ ତୁମେ ନିଜେ ନିଜକୁ ମୋର ସୁରକ୍ଷା ମଧ୍ୟରୁ ଦୂର କରି ଦେବ ।'' ଆମ ମଧ୍ୟରୁ ଈଶ୍ୱରଙ୍କ ବିଶିଷ୍ଟ ଭକ୍ତମାନେ ମଧ୍ୟ ଏହି ପରିସ୍ଥିତିରେ ନାସ୍ତିକ ପାଲଟି ଯା'ନ୍ତି– ଆମେ ଈଶ୍ୱରଙ୍କ କଥା ବିଶ୍ୱାସ କରୁ ନାହୁଁ । ଆମେ ସିଂହାସନରେ ବ୍ୟାବହାରିକ ଜ୍ଞାନକୁ ବସାଇ ତା' ସହିତ ଈଶ୍ୱରଙ୍କ ନାମକୁ ଯୋଡ଼ି ଦେଉ । ସମସ୍ତ ମନ ପ୍ରାଣ ସହ ଈଶ୍ୱରଙ୍କୁ ବିଶ୍ୱାସ କରିବା ପରିବର୍ତ୍ତେ ଆମେ ନିଜର ଜ୍ଞାନ ବୁଦ୍ଧି ଉପରେ ଆଉଜି ପଡୁ (ହିତୋପଦେଶ ୩:୫–୬) ।

ଜୁନ୍ ୨୮

# ଈଶ୍ୱରଙ୍କ ହାତ ମୁଠାରେ ରହିବା

**କିନ୍ତୁ ଖ୍ରୀଷ୍ଟ ଯୀଶୁ ଯେଉଁ ବିଷୟ ପାଇଁ ମୋତେ ଧରିଲେ,**
**ତାହା ହିଁ ଧରିବା ପାଇଁ ମୁଁ ଆଗ ବଢ଼ି ଚାଲିଛି ।**
**ଫିଲିପ୍ପୀୟ ୩:୧୨**

ଈଶ୍ୱରଙ୍କ କାର୍ଯ୍ୟକାରୀ ହେବା ପାଇଁ କେବେହେଲେ ଚୟନ କରନ୍ତୁ ନାହିଁ, କିନ୍ତୁ ଥରେ ଈଶ୍ୱର ଯଦି ଆପଣଙ୍କୁ ଆହ୍ୱାନ କରିଛନ୍ତି ଏବଂ ଆପଣ ''ଡାହାଣ କି ବାମ'' କୁ ଦେଖନ୍ତି, ତେବେ ଆପଣ ଦୁର୍ଭାଗା (୨ ବିବରଣ ୫:୩୨) । ଆମେ ନିଜେ ଚୟନ କରିବା ହେତୁ ଈଶ୍ୱରଙ୍କ ପାଇଁ କାର୍ଯ୍ୟ କରୁ ନାହୁଁ, କିନ୍ତୁ ଈଶ୍ୱର ଏହି କାରଣରୁ ଆମକୁ ଧରିଲେ । ଯେତେବେଳେ ସେ ଏପରି କରନ୍ତି, ଆମେ ଆଉ କହିପାରିବା ନାହିଁ ଯେ, ''ମୁଁ ଏହି କାର୍ଯ୍ୟ ପାଇଁ ଯୋଗ୍ୟ ନୁହେଁ ।'' ଆପଣ ଯାହା ପ୍ରଚାର କରନ୍ତି, ତାହା ମଧ୍ୟ ଈଶ୍ୱରଙ୍କ ଦ୍ୱାରା ସ୍ଥିରୀକୃତ ହୁଏ, ଆପଣଙ୍କ ଇଚ୍ଛା ଶକ୍ତି ଦ୍ୱାରା ନୁହେଁ । ଈଶ୍ୱରଙ୍କ ସହିତ ଆପଣଙ୍କ ଆତ୍ମାକୁ ଦୃଢ଼ ଭାବେ ସଂଯୁକ୍ତ କରନ୍ତୁ ଏବଂ ମନେ ରଖନ୍ତୁ ଯେ, କେବଳ ସାକ୍ଷ୍ୟଦାନ ପାଇଁ ନୁହେଁ, ମାତ୍ର ସୁସମାଚାର ପ୍ରଚାର ପାଇଁ ଆପଣ ଆହୂତ । ପ୍ରତ୍ୟେକ ଖ୍ରୀଷ୍ଟ ବିଶ୍ୱାସୀ ଈଶ୍ୱରଙ୍କ ସତ୍ୟ ବିଷୟକ ସାକ୍ଷ୍ୟ ଦେବା ଉଚିତ୍, କିନ୍ତୁ ପ୍ରଚାର କରିବାର ଆହ୍ୱାନ ଆସିଲେ, ଆପଣଙ୍କ ଉପରେ ଈଶ୍ୱରଙ୍କ ପୀଡ଼ାଦାୟକ ହାତମୁଠା ରହିବା ଆବଶ୍ୟକ– ସେହି ଉଦ୍ଦେଶ୍ୟ ପାଇଁ ଆପଣଙ୍କ ଜୀବନ ଈଶ୍ୱରଙ୍କ ହାତମୁଠାରେ ଅଛି । ଆମ ମଧ୍ୟରୁ କେତେ ଜଣ ତାଙ୍କ ହାତମୁଠାରେ ଅଛୁ ?

ଈଶ୍ୱରଙ୍କ ବାକ୍ୟର ପ୍ରଭାବକୁ ହ୍ରାସ କରନ୍ତୁ ନାହିଁ, କିନ୍ତୁ ଶୁଦ୍ଧତା ଏବଂ ଦୃଢ଼ତାର ସହିତ ପ୍ରଚାର କରନ୍ତୁ । ଈଶ୍ୱରଙ୍କ ବାକ୍ୟ ପ୍ରତି ନିର୍ଭୀକ ଏବଂ ବିଶ୍ୱସ୍ତ ହେବା ଆବଶ୍ୟକ, କିନ୍ତୁ ବ୍ୟକ୍ତିଗତ ରୂପେ ଅନ୍ୟମାନଙ୍କ ପ୍ରତି ବ୍ୟବହାର କରିବା ସମୟରେ ମନେ ରଖନ୍ତୁ, ଆପଣ କିଏ – ଆପଣ ସ୍ୱର୍ଗରେ ସୃଷ୍ଟ ଏକ ବିଶେଷ ପ୍ରାଣୀ ନୁହନ୍ତି, ମାତ୍ର ଅନୁଗ୍ରହରେ ଉଦ୍ଧାରପ୍ରାପ୍ତ ଜଣେ ପାପୀ ।

''ଭାଇମାନେ, ମୁଁ ତାହା ଏ ପର୍ଯ୍ୟନ୍ତ ଧରି ରଖିଛି ବୋଲି ମନେ କରୁ ନାହିଁ... କିନ୍ତୁ ଗୋଟିଏ ବିଷୟ ମୁଁ କରୁଛି... ଯୀଶୁ ଖ୍ରୀଷ୍ଟଙ୍କ ହେତୁ ଈଶ୍ୱର ମୋତେ ଯେଉଁ ପୁରସ୍କାର ଦେବାକୁ ସ୍ୱର୍ଗୀୟ ଆହ୍ୱାନ ଦେଇଛନ୍ତି, ତାହା ଲାଭ କରିବାକୁ ମୁଁ ଲକ୍ଷ୍ୟ ସ୍ଥଳକୁ ପ୍ରାଣପଣେ ଦୌଡୁଛି'' (ଫିଲିପ୍ପୀୟ ୩:୧୩–୧୪) ।

# ସବୁଠାରୁ କଠୋର ଶୃଙ୍ଖଳା

**ତୁମର ଦକ୍ଷିଣ ହସ୍ତ ଯଦି ତୁମକୁ ପାପରେ ପକାଏ, ତେବେ ତାହା କାଟି ଫିଙ୍ଗି ଦିଅ । ତୁମର ସମଗ୍ର ଶରୀର ନରକରେ ପକାଯିବା ଅପେକ୍ଷା ଗୋଟିଏ ଅଂଗ ନଷ୍ଟ ହେବା ବରଂ ଭଲ ।**

**ମାଥିଉ ୫:୩୦**

ଯୀଶୁ ସମସ୍ତଙ୍କୁ ନିଜର ଦକ୍ଷିଣ ହସ୍ତ କାଟି ଦେବାକୁ କହି ନ ଥିଲେ, କିନ୍ତୁ ତାଙ୍କର କହିବାର ଉଦ୍ଦେଶ୍ୟ ଥିଲା ଯେ, ଈଶ୍ୱରଙ୍କ ସହିତ ଚାଲିବା ସମୟରେ ‘‘ଯଦି ତୁମର ଦକ୍ଷିଣ ହସ୍ତ ପାପରେ ପକାଏ’’ ତେବେ ତାକୁ ‘‘କାଟି ଦେବା’’ ଭଲ । ଅନେକ ବିଷୟ ଅଛି, ଯାହା ବୈଧ ବିବେଚିତ ହୁଏ, କିନ୍ତୁ ଯଦି ଆପଣଙ୍କ ଧ୍ୟାନ ଈଶ୍ୱରଙ୍କ ପ୍ରତି ଆକର୍ଷିତ ହୁଏ, ତେବେ ଆପଣ ସେସବୁ କରିପାରିବେ ନାହିଁ । ଆପଣଙ୍କ ଦକ୍ଷିଣ ହସ୍ତ ଆପଣଙ୍କ ଶରୀରର ଏକ ଶ୍ରେଷ୍ଠ ଅଙ୍ଗ, କିନ୍ତୁ ଯୀଶୁଙ୍କ କହିବାନୁସାରେ ତାଙ୍କର ନିର୍ଦ୍ଦେଶ ଅନୁସାରେ ଚାଲିବା ପାଇଁ ଯଦି ତାହା ବାଧା ସୃଷ୍ଟି କରେ, ତେବେ ତାକୁ ‘‘କାଟି ପକାନ୍ତୁ ।’’ ଏଠାରେ ଯେଉଁ ନୀତି ବିଷୟ ଶିକ୍ଷା ଦିଆଯାଇଛି, ତାହା ମନୁଷ୍ୟକୁ ପ୍ରହାର କରିବା ଭଳି ଏକ କଠୋର ଶୃଙ୍ଖଳାଗତ ଶିକ୍ଷା ।

ଯେତେବେଳେ ଈଶ୍ୱର ଆପଣଙ୍କୁ ଉଦ୍ଧାରପୂର୍ବକ ପରିବର୍ତ୍ତିତ କରନ୍ତି, ଏବଂ ଆତ୍ମିକ ନୂତନ ଜନ୍ମ ଦ୍ୱାରା ଆପଣ ନୂତନ ଜୀବନ ଲାଭ କରନ୍ତି, ତାହାର ପ୍ରାରମ୍ଭ ସମୟରେ ଆପଣଙ୍କ ଅକ୍ଷମତାର ବିଶେଷ ଗୁଣ ପରିଲକ୍ଷିତ ହୁଏ । ଅନେକ କାର୍ଯ୍ୟ ଥାଏ, ତାହା କରିବା ପାଇଁ ଆପଣଙ୍କର ସାହସ ହୁଏ ନାହିଁ, ଆପଣ ଯାହାକୁ ପାପ ମନେ କରନ୍ତି ଏବଂ ଆପଣଙ୍କ ପରିଚିତ ଲୋକଙ୍କ ଦୃଷ୍ଟିରେ ଯାହା ପାପ ରୂପେ ବିବେଚିତ ହୁଏ । କିନ୍ତୁ ଆପଣଙ୍କ ଚାରି ପାଖରେ ଥିବା ଅଧାର୍ମିକ ଲୋକମାନେ କହିବେ, ‘‘ସେହି କାମ କଲେ କ୍ଷତି କ’ଣ ?  ତୁମେ କେଡ଼େ ଉଭଟ ?’’ ଏପରି କୌଣସି ପବିତ୍ର ଲୋକ ନାହାନ୍ତି, ଯିଏ ପ୍ରାରମ୍ଭିକ ଅବସ୍ଥାରେ ଅକ୍ଷମ ଜୀବନ କାଟି ନାହାନ୍ତି । ତଥାପି ମନୁଷ୍ୟ ଦୃଷ୍ଟିରେ ସୁନ୍ଦର ଦେଖାଯିବା ସହିତ ଈଶ୍ୱରଙ୍କ ଦୃଷ୍ଟିରେ ଖଞ୍ଜ ହେବା ଅପେକ୍ଷା ମନୁଷ୍ୟ ଦୃଷ୍ଟିରେ ଖଞ୍ଜ ହେବା ସହିତ ଈଶ୍ୱରଙ୍କ ଦୃଷ୍ଟିରେ ସୁନ୍ଦର ଦେଖାଯିବା ଶ୍ରେୟସ୍କର । ପ୍ରଥମେ ଯୀଶୁଖ୍ରୀଷ୍ଟ ତାଙ୍କର ଆତ୍ମାଙ୍କ ଦ୍ୱାରା ଅନେକଗୁଡ଼ିଏ କାର୍ଯ୍ୟ କରିବାରୁ ଆପଣଙ୍କୁ ନିବୃତ୍ତ କରନ୍ତି । ସେଗୁଡ଼ିକ ହୁଏତ ଅନ୍ୟମାନଙ୍କ ଦୃଷ୍ଟିରେ ଯଥାର୍ଥ ହୋଇପାରେ, କିନ୍ତୁ ଆପଣଙ୍କ ପାଇଁ ନୁହେଁ । ତଥାପି ଧ୍ୟାନ ଦିଅନ୍ତୁ । ଆପଣ ଯେପରି ଏହି ନିଷେଧାଜ୍ଞାକୁ ଅନ୍ୟମାନଙ୍କ ସମାଲୋଚନା ପାଇଁ ବ୍ୟବହାର ନ କରନ୍ତି । ପ୍ରାରମ୍ଭିକ ଅବସ୍ଥାରେ ଖ୍ରୀଷ୍ଟୀୟ ଜୀବନ ଏକ ଅକ୍ଷମ ଜୀବନ ହୋଇଥାଏ, କିନ୍ତୁ ୪୮ ପଦରେ ଯୀଶୁ ଏକ ସିଦ୍ଧ ଏବଂ ନିଷ୍କଳଙ୍କ ଜୀବନର ଚିତ୍ର ପ୍ରଦାନ କରିଥିଲେ– ‘‘ତୁମର ସ୍ୱର୍ଗସ୍ଥ ପିତା ଯେପରି ସିଦ୍ଧ, ତୁମେମାନେ ସେହିପରି ସିଦ୍ଧ ହୁଅ ।’’

ଜୁନ୍ ୩୦

# ବର୍ତ୍ତମାନ ଏହା କର

**ତୁମର ବିପକ୍ଷ ସହିତ ମିଳାମିଶା କରି ନିଅ ।**

**ମାଥିଉ ୫:୨୫**

ଏହି ପଦରେ ଯୀଶୁ ଏହି କଥା କହି ଏକ ମହତ୍ତ୍ୱପୂର୍ଣ୍ଣ ନୀତି ପ୍ରଣୟନ କଲେ– ''ତୁମେ ଯାହା କରିବ ବୋଲି ଭାବୁଛ, *ବର୍ତ୍ତମାନ* ତାହା କର । ଶୀଘ୍ର ତାହା କର । ଯଦି କରିବ ନାହିଁ, ତେବେ ଏଭଳି ପ୍ରକ୍ରିୟା ଆରମ୍ଭ ହେବ, ଯାହାକୁ ପରିବର୍ତ୍ତନ କରିହେବ ନାହିଁ, ଯେପର୍ଯ୍ୟନ୍ତ ତୁମେ କଷ୍ଟ, ଦୁଃଖ ଏବଂ ଦୁଃଶ୍ଚିନ୍ତା ମଧ୍ୟରେ ଶେଷ ପଇସାଟି ନ ଶୁଝିଛ'' (୫:୨୬) । ଈଶ୍ୱରଙ୍କ ନିୟମସବୁ ଅପରିବର୍ତ୍ତନୀୟ ଏବଂ ସେଥିରୁ ଖସିଯିବାର ଉପାୟ ନାହିଁ । ଯୀଶୁଙ୍କର ଶିକ୍ଷା ସବୁବେଳେ ଆମର ହୃଦୟକୁ ଭେଦ କରେ ।

ଏହା ଏକ ସ୍ୱାଭାବିକ ବିଷୟ ଯେ, ମୁଁ ସୁନିଶ୍ଚିତ ହେବାକୁ ଚାହେଁ ଯେ, ମୋର ବିପକ୍ଷ ମୋତେ ମୋର ସମସ୍ତ ଅଧିକାର ଦେଉ । କିନ୍ତୁ ଯୀଶୁ କହନ୍ତି ଯେ, ଏହା ଏପରି ଏକ ବିଷୟ ଯେ, ଏଥିରୁ ରକ୍ଷା ପାଇବା ଅସମ୍ଭବ ଏବଂ ଏହାର ଚିରନ୍ତନ ମହତ୍ତ୍ୱ ହେଉଛି, ମୁଁ ମୋର ବିପକ୍ଷ ଲୋକଙ୍କର ପରିଶୋଧ କରିବି । ଆମର ପ୍ରଭୁଙ୍କ ଦୃଷ୍ଟିକୋଣରୁ ମୁଁ ପ୍ରତାରକ ହୋଇଛି କି ନାହିଁ, ତାହା ବଡ଼ କଥା ନୁହେଁ, କିନ୍ତୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ, ମୁଁ କାହାକୁ ପ୍ରତାରଣା କରିବି ନାହିଁ । ମୁଁ କ'ଣ ମୋର ଅଧିକାର ହାସଲ କରିବା ପାଇଁ ଦୃଢ଼ ପରିକର ଅବା ଯୀଶୁଙ୍କ ଦୃଷ୍ଟିକୋଣରୁ ଯେଉଁ ଋଣ ପରିଶୋଧ କରିବାକୁ ହେବ, ତାହା ପଇଠ କରିବା ପାଇଁ ମୁଁ ପ୍ରସ୍ତୁତ ଅଛି ?

ଏହି କାମ ଶୀଘ୍ର କରନ୍ତୁ– ବିଚାର ପାଇଁ ବର୍ତ୍ତମାନ ନିଜକୁ ଆଣନ୍ତୁ । ନୈତିକ ଏବଂ ଆତ୍ମିକ ବିଷୟରେ ଆପଣ ତୁରନ୍ତ ପଦକ୍ଷେପ ନେବା ଉଚିତ୍ । ଯଦି ଆପଣ ପଦକ୍ଷେପ ନ ନେବେ, ତେବେ ଏକ ଅନିବାର୍ଯ୍ୟ କଠୋର ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ କରିବ । ଈଶ୍ୱର ଦୃଢ଼ ସଂକଳ୍ପ ନେଇଛନ୍ତି ଯେ, ତାଙ୍କର ସନ୍ତାନକୁ ଶୁଦ୍ଧ, ପରିଷ୍କାର ଏବଂ ବରଫ ବଳି ଶୁଭ୍ର କରିବେ, ଆଉ ଯଦି ତାଙ୍କର ଶିକ୍ଷା ପ୍ରତି କୌଣସି ଅନାଜ୍ଞାବହତା ଥାଏ, ତେବେ ସେ ତାଙ୍କର ଆତ୍ମାକୁ ଅନୁମତି ଦେବେ, ଯେପରି ଆମକୁ ଆଜ୍ଞାକାରୀ କରିବା ପାଇଁ ସେ ଉପଯୁକ୍ତ ଉପାୟ ଅବଲମ୍ବନ କରିବେ । ଆମେ ଯେ ଠିକ୍, ଏହା ପ୍ରମାଣ କରିବା ପାଇଁ ଆମେ ଯେତେବେଳେ ଜୋର୍ ଦେଇଥାଉ, ସେଥିରୁ ସୂଚୀତ ହୁଏ ଯେ, ଆମର କୌଣସି ପ୍ରକାର ଅବାଧ୍ୟତା ରହିଛି । ଏଥିପାଇଁ ଏହା ଆଶ୍ଚର୍ଯ୍ୟ ମନେ ହୁଏ ନାହିଁ ଯେ, ଈଶ୍ୱରଙ୍କ ଆତ୍ମା ଦୃଢ଼ ଆଗ୍ରହ ପ୍ରକାଶ କରନ୍ତି, ଯେପରି ଆମେ ଜ୍ୟୋତିଃ ନିକଟକୁ ଆସିବା (ଯୋହନ ୩:୧୯–୨୧ ଦେଖନ୍ତୁ) ।

''ତୁମର ବିପକ୍ଷ ସହିତ ଶୀଘ୍ର ମିଳାମିଶା କରି ନିଅ ।'' ଆପଣ କ'ଣ କାହା ସହିତ ସଂପର୍କ ମଧ୍ୟରେ ଅକସ୍ମାତ୍ ଏପରି ସ୍ଥିତିରେ ପହଞ୍ଚିଛନ୍ତି, ଯେଉଁଠାରେ ଆପଣଙ୍କ ମନରେ କ୍ରୋଧ ଅଛି ବୋଲି ଅନୁଭବ କରୁଛନ୍ତି ? ଶୀଘ୍ର ତାହା ସ୍ୱୀକାର କରନ୍ତୁ– ଈଶ୍ୱରଙ୍କ ସମ୍ମୁଖରେ ସବୁ କିଛି ସଜାଡ଼ି ଦିଅନ୍ତୁ । ସେହି ବ୍ୟକ୍ତିଙ୍କ ସହ ପୁନର୍ମିଳିତ ହୁଅନ୍ତୁ– *ବର୍ତ୍ତମାନ* ତାହା କରନ୍ତୁ ।

# ଅନିବାର୍ଯ୍ୟ ଦଣ୍ଡ

## ତୁମେ ଶେଷ ପଇସାଟି ନ ଶୁଝିବା ପର୍ଯ୍ୟନ୍ତ ସେଠାରୁ ବାହାରି ପାରିବ ନାହିଁ ।

**ମାଥିଉ ୫:୨୬**

ଏପରି କୌଣସି ସ୍ୱର୍ଗ ନାହିଁ, ଯାହାର ଛୋଟ କୋଣରେ ନରକ ଅଛି । ଆପଣଙ୍କୁ ଶୁଦ୍ଧ, ପବିତ୍ର ଏବଂ ଯଥାର୍ଥ ବିବେଚିତ କରିବା ପାଇଁ ଈଶ୍ୱର ସଂକଳ୍ପବଦ୍ଧ ଏବଂ ପବିତ୍ର ଆତ୍ମାଙ୍କ ଅନୁସନ୍ଧାନ ପ୍ରକ୍ରିୟାରୁ ନିଷ୍କୃତି ପାଇଁ ସେ ଗୋଟିଏ ମୁହୂର୍ତ୍ତ ସୁଦ୍ଧା ଆପଣଙ୍କୁ ଅନୁମତି ଦେବେ ନାହିଁ । ଯେତେବେଳେ ସେ ଆପଣଙ୍କୁ ଦୋଷୀ ସାବ୍ୟସ୍ତ କଲେ, ସେ ଆପଣଙ୍କ ବିଚାର ପାଇଁ ଆଗ୍ରହ ପ୍ରକାଶ କଲେ, କିନ୍ତୁ ଆପଣ ଶୁଣିଲେ ନାହିଁ । ତା'ପରେ ଅନିବାର୍ଯ୍ୟ ପ୍ରକ୍ରିୟା ଆରମ୍ଭ ହେଲା ଯାହା ଅନିବାର୍ଯ୍ୟ ଦଣ୍ଡ ଆଣିଲା । ବର୍ତ୍ତମାନ ଆପଣ କାରାଗାରରେ ନିକ୍ଷିପ୍ତ ଏବଂ ଶେଷ ପଇସାଟି ନ ଶୁଝିବା ପର୍ଯ୍ୟନ୍ତ ଆପଣ ସେଠାରୁ ବାହାରି ପାରିବେ ନାହିଁ'' (୫:୨୫-୨୬) । ତଥାପି ଆପଣ ପ୍ରଶ୍ନ କରନ୍ତି, ''ଏ କ'ଣ ସେହି ଦୟାମୟ ଏବଂ ପ୍ରେମମୟ ଈଶ୍ୱର ?'' ଈଶ୍ୱରଙ୍କ ଦୃଷ୍ଟିକୋଣରୁ ଏହା ପ୍ରେମର ଏକ ଗୌରବଯୁକ୍ତ ସେବାକାର୍ଯ୍ୟ । ଈଶ୍ୱର ଆପଣଙ୍କୁ ଶୁଦ୍ଧ, ନିଷ୍କଳଙ୍କ ଏବଂ ନିଖୁନ୍ତ ରୂପେ ଗଢ଼ିବେ, କିନ୍ତୁ ସେ ଚାହାନ୍ତି ଯେ, ଆପଣ ଆପଣଙ୍କର ପୂର୍ବବର୍ତ୍ତୀ ସ୍ୱଭାବକୁ ଚିହ୍ନିବେ କାରଣ ଏଥିପୂର୍ବେ ଆପଣ ନିଜର ଅଧିକାର ପ୍ରତି ଆପଣଙ୍କର ଦାବିକୁ ଜାହିର୍ କରିଥିଲେ । ଯେଉଁ ମୁହୂର୍ତ୍ତରେ ଆପଣ ନିଜ ସ୍ୱଭାବକୁ ପରିବର୍ତ୍ତନ କରିବାର ଇଚ୍ଛା ପ୍ରକାଶ କରିବେ, ଈଶ୍ୱରଙ୍କ ପୁନଃ ସୃଷ୍ଟିକାରୀ ପ୍ରକ୍ରିୟାର କାର୍ଯ୍ୟ ଆରମ୍ଭ ହେବ । ଯେଉଁ ମୁହୂର୍ତ୍ତରେ ଆପଣ ଈଶ୍ୱରଙ୍କ ପ୍ରତି ଏବଂ ଅନ୍ୟମାନଙ୍କ ପ୍ରତି ଯଥାର୍ଥ ସଂପର୍କ ସ୍ଥାପନ ସମ୍ବନ୍ଧିତ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ଉପଲବ୍ଧି କରିବେ, ସେ ଉପଯୁକ୍ତ ମାର୍ଗ ଦେଖାଇବା ଦିଗରେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ପ୍ରାଣପଣ କରିବେ । ବର୍ତ୍ତମାନ ସିଦ୍ଧାନ୍ତ ନିଅନ୍ତୁ ଏବଂ କହନ୍ତୁ, ''ହଁ ପ୍ରଭୁ, ବର୍ତ୍ତମାନ ମୁଁ ସେହି ପତ୍ର ଲେଖିବି'' ଅବା ''ବର୍ତ୍ତମାନ ମୁଁ ସେହି ବ୍ୟକ୍ତିଙ୍କ ସହିତ ପୁନଃର୍ମିଳିତ ହେବି ।''

ଯୀଶୁଙ୍କର ଏହିସବୁ ଶିକ୍ଷା ଆପଣଙ୍କ ଇଚ୍ଛା ଏବଂ ବିବେକ ପାଇଁ ଉଦ୍ଦିଷ୍ଟ, ମସ୍ତିଷ୍କଗତ ବୁଦ୍ଧି ପାଇଁ ନୁହେଁ । ଆପଣ ଯଦି ମସ୍ତିଷ୍କ ଗତ ଜ୍ଞାନ ନେଇ ପାର୍ବତ୍ୟ ଉପଦେଶର ଏହି ପଦ ଉପରେ ବିବାଦ କରିବେ, ତେବେ ଆପଣଙ୍କ ହୃଦୟ ପ୍ରତି ଏହାର ଆକର୍ଷଣ ଦୁର୍ବଳ ହୋଇଯିବ ।

ଆପଣଙ୍କ ମନରେ ଯଦି ଏହି ପ୍ରଶ୍ନ ଉଠେ, ''ଆତ୍ମିକ ରୂପେ ମୁଁ କାହିଁକି ଈଶ୍ୱରଙ୍କ ସହ ବୃଦ୍ଧି ପାଇ ନାହିଁ ?'' - ତେବେ ନିଜକୁ ପଚାରନ୍ତୁ ଯେ, ଈଶ୍ୱରଙ୍କ ଦୃଷ୍ଟିକୋଣରୁ ଆପଣ କ'ଣ ନିଜର ଋଣ ପରିଶୋଧ କରିଛନ୍ତି ? ଯେଉଁ କାର୍ଯ୍ୟ ଆଉ କେଉଁ ଦିନ କରିଥା'ନ୍ତେ, ତାହା *ବର୍ତ୍ତମାନ* କରନ୍ତୁ । ପ୍ରତ୍ୟେକ ନୈତିକ ପ୍ରଶ୍ନ ବା ଆହ୍ୱାନ ତା' ପଛରେ ''କରିବା ଉଚିତ୍'' କୁ ନେଇ ଉପସ୍ଥିତ ହୁଏ - ତାହା ଏହି ବୋଧ ଯେ, ଆମକୁ କ'ଣ କରିବାକୁ ହେବ ।

# ଶିଷ୍ୟତ୍ୱର ସର୍ତ୍ତ

**କେହି ଯଦି ମୋ ନିକଟକୁ ଆସି ନିଜର ପିତା ଓ ମାତାକୁ, ନିଜର ସ୍ତ୍ରୀ ଓ ସନ୍ତାନମାନଙ୍କୁ, ନିଜର ଭାଇ ଓ ଭଉଣୀମାନଙ୍କୁ, ଏପରିକି ନିଜ ଜୀବନକୁ ସୁଦ୍ଧା ଅପ୍ରିୟ ନ ମଣେ, ସେ ମୋର ଶିଷ୍ୟ ହୋଇପାରିବ ନାହିଁ । ଯିଏ ତା'ର କ୍ରୁଶ ବହନ କରି ମୋର ଅନୁଗମନ ନ କରେ... ସେହିପରି ଭାବରେ ତୁମ ମଧ୍ୟରୁ କେହି ଯଦି ନିଜର ସର୍ବସ୍ୱ ତ୍ୟାଗ ନ କରେ, ତେବେ ସେ ମୋର ଶିଷ୍ୟ ହୋଇପାରିବ ନାହିଁ ।**

**ଲୂକ ୧୪:୨୬-୨୭, ୩୩**

ଯଦି ଜଣେ ଶିଷ୍ୟଙ୍କ ନିବିଡ଼ ସମ୍ପର୍କ ଯୀଶୁଖ୍ରୀଷ୍ଟଙ୍କ ଅଧିକାରର ବିରୋଧ କରେ, ତେବେ ଆମର ପ୍ରଭୁ ଚାହାନ୍ତି ଆମେ ଶୀଘ୍ର ତାଙ୍କର ବାଧ୍ୟ ହେବା । ଶିଷ୍ୟତ୍ୱର ଅର୍ଥ, ଜଣେ ବ୍ୟକ୍ତି ଅର୍ଥାତ୍ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଆମର ବ୍ୟକ୍ତିଗତ, ଆବେଗପୂର୍ଣ୍ଣ ଭକ୍ତି । ଜଣେ ବ୍ୟକ୍ତିଙ୍କ ପ୍ରତି ଏବଂ ଗୋଟିଏ କାରଣ ବା ନୀତି ପ୍ରତି ଭକ୍ତି ଭାବ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ଅଛି । ଆମର ପ୍ରଭୁ କୌଣସି ଧର୍ମକାର୍ଯ୍ୟର ପ୍ରଚାର କରି ନ ଥିଲେ - ସେ ତାଙ୍କ ପ୍ରତି ବ୍ୟକ୍ତିଗତ ଭକ୍ତି ପ୍ରଦର୍ଶନର ବିଷୟ ଘୋଷଣା କରିଥିଲେ । ଶିଷ୍ୟ ହେବା ଅର୍ଥ, ପ୍ରଭୁ ଯୀଶୁଙ୍କ ପ୍ରେମରେ ପ୍ରଣୋଦିତ ହୋଇ ତାଙ୍କର ସମର୍ପିତ ଦାସ ହୋଇଯିବା । ଖ୍ରୀଷ୍ଟିୟାନ ରୂପେ ପରିଚିତ ହୋଇଥିବା ଆମ ମଧ୍ୟରୁ ଅନେକେ ପ୍ରକୃତରେ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ସମର୍ପିତ ହୋଇ ନାହାନ୍ତି । ଜଗତରେ ଏପରି କୌଣସି ଲୋକ ନାହାନ୍ତି ଯାହାଙ୍କଠାରେ ପ୍ରଭୁ ଯୀଶୁଙ୍କ ପ୍ରତି ଏଭଳି ଆବେଗ ଭରା ପ୍ରେମ ଥାଏ, ଯଦି ସେହି ପ୍ରେମ ପବିତ୍ର ଆତ୍ମାଙ୍କ ଠାରୁ ପ୍ରାପ୍ତ ନ ହୋଇଥାଏ । ଆମେ ଈଶ୍ୱରଙ୍କ ପ୍ରଶଂସା କରିପାରୁ, ତାଙ୍କ ପ୍ରତି ଭକ୍ତି, ସମ୍ମାନ ପ୍ରଦର୍ଶନ କରିପାରୁ, କିନ୍ତୁ ନିଜ ଶକ୍ତିରେ ତାଙ୍କୁ ପ୍ରେମ କରି ପାରିବା ନାହିଁ । ପବିତ୍ର ଆତ୍ମା ହିଁ ଏକମାତ୍ର ବ୍ୟକ୍ତି ଯିଏ ପ୍ରକୃତରେ ପ୍ରଭୁ ଯୀଶୁଙ୍କୁ ପ୍ରେମ କରନ୍ତି, ଏବଂ ସେ ''ଆମ ଅନ୍ତର ମଧ୍ୟରେ ଈଶ୍ୱରଙ୍କ ପ୍ରେମକୁ ଢାଳି ଦେଇଛନ୍ତି'' (ରୋମୀ ୫:୫) ।

ଯେତେବେଳେ ପବିତ୍ର ଆତ୍ମା ଆପଣଙ୍କ ଦ୍ୱାରା ଯୀଶୁଙ୍କୁ ଗୌରାବାନ୍ୱିତ କରିବାର ସୁଯୋଗ ପା'ନ୍ତି, ସେ ଆପଣଙ୍କ ସଂପୂର୍ଣ୍ଣ ଅସ୍ତିତ୍ୱକୁ ନେବେ ଏବଂ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଭକ୍ତି ପୂତ ଆଭାରେ ଆପଣଙ୍କୁ ପ୍ରଜ୍ୱଳିତ କରିବେ ।

ଖ୍ରୀଷ୍ଟୀୟ ଜୀବନ ସତ୍ୟ ଉପରେ ପ୍ରତିଷ୍ଠିତ ଏକ ରଚନାତ୍ମକ ଜୀବନ । ସେହି କାରଣ ହେତୁ ଜଣେ ଶିଷ୍ୟଙ୍କ ପ୍ରତି ସେହି ଦୋଷ ଲାଗୁ କରାଯିବ, ଯେଉଁ ଦୋଷରେ ଯୀଶୁ ଅଭିଯୁକ୍ତ ହୋଇଥିଲେ, ତାହା ହେଉଛି, ଅସାମଞ୍ଜସ୍ୟତା । କିନ୍ତୁ ଈଶ୍ୱରଙ୍କ ସହିତ ଯୀଶୁଖ୍ରୀଷ୍ଟଙ୍କ ସଂପର୍କର ସାମଞ୍ଜସ୍ୟ ଥିଲା, ଏବଂ ଜଣେ ଖ୍ରୀଷ୍ଟବିଶ୍ୱାସୀଙ୍କୁ ନିଜର ଆଭ୍ୟନ୍ତରୀଣ, କଠୋର, ନିଜ ସିଦ୍ଧାନ୍ତରୁ ଓହରି ନ ଯିବାର ମନୋଭାବ ପ୍ରତି ସାମଞ୍ଜସ୍ୟ ନ ରଖି ଈଶ୍ୱରଙ୍କ ପୁତ୍ରଙ୍କ ଜୀବନ ସହିତ ନିଜ ସଂପର୍କର ସାମଞ୍ଜସ୍ୟ ରକ୍ଷା କରିବାକୁ ହେବ । ଲୋକମାନେ ନିଜ ସିଦ୍ଧାନ୍ତ ପ୍ରତି ନିଜକୁ ଢାଳି ଦିଅନ୍ତି ଏବଂ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ସମର୍ପିତ ହେବା ପୂର୍ବରୁ ଈଶ୍ୱର ସେମାନଙ୍କ ପୂର୍ବ ନିର୍ଦ୍ଧାରିତ ଧାରଣାକୁ ଛିନ୍ନଛତ୍ର କରି ସେମାନଙ୍କୁ ସେହି ବିଚାର ଧାରାରୁ ବାହାର କରି ଆଣନ୍ତି ।

**ଜୁଲାଇ ୩**

# ବ୍ୟକ୍ତିଗତ ପାପର କେନ୍ଦ୍ରୀକରଣ

**ହାୟ ! ହାୟ ! ମୁଁ ନଷ୍ଟ ହେଲି, କାରଣ ମୁଁ ଅଶୁଚି ଓଷ୍ଠାଧର ବିଶିଷ୍ଟ ମନୁଷ୍ୟ ।**
**ଯିଶାଇୟ ୬:୫**

ଯେତେବେଳେ ମୁଁ ଈଶ୍ୱରଙ୍କ ଉପସ୍ଥିତି ମଧ୍ୟରେ ଆସେ, ଅନିଶ୍ଚିତ ଭାବେ ମୁଁ ନିଜକୁ ପାପୀ ବୋଲି ମନେ କରି ନଥାଏ, କିନ୍ତୁ ସଙ୍ଗେ ସଙ୍ଗେ ମୋର ହୃଦ୍‌ବୋଧ ହୁଏ ଯେ, ମୋର ଧ୍ୟାନ ମୋ ଜୀବନର ଏକ ବିଶେଷ କ୍ଷେତ୍ରର ପାପ ପ୍ରତି କେନ୍ଦ୍ରୀଭୂତ ହେଉଛି । ସହଜରେ ଜଣେ ଲୋକ କହି ପାରିବ, ‘‘ହଁ, ମୁଁ ଜାଣେ ଯେ, ମୁଁ ପାପୀ’’, କିନ୍ତୁ ଈଶ୍ୱରଙ୍କ ଉପସ୍ଥିତି ମଧ୍ୟକୁ ଆସିଲେ ଏପରି କହି ସେ ନିଜକୁ ବଞ୍ଚାଇ ରକ୍ଷା ପାଇପାରିବ ନାହିଁ । ଆମର ଦୋଷୀ ମନୋଭାବ ଏକ ନିର୍ଦ୍ଦିଷ୍ଟ ପାପ ପ୍ରତି କେନ୍ଦ୍ରୀଭୂତ, ଏବଂ ଯିଶାଇୟଙ୍କ ଭଳି ଆମେ ଉପଲବ୍ଧି କରୁ ଯେ, ଆମର ପ୍ରକୃତ ସ୍ଥିତି କ’ଣ । ଜଣେ ବ୍ୟକ୍ତି ଯେ ଈଶ୍ୱରଙ୍କ ଉପସ୍ଥିତିରେ ଅଛନ୍ତି, ଏହା ତାହାର ଚିହ୍ନ । ପାପ ସମ୍ବନ୍ଧରେ କୌଣସି ଅନିଶ୍ଚିତ ଜ୍ଞାନ ନ ଥାଏ, କିନ୍ତୁ ସଂପୂର୍ଣ୍ଣ ଧ୍ୟାନ ଜୀବନର କୌଣସି ନିର୍ଦ୍ଦିଷ୍ଟ, ବ୍ୟକ୍ତିଗତ କ୍ଷେତ୍ରର ପାପ ପ୍ରତି କେନ୍ଦ୍ରୀଭୂତ ହୁଏ । ପବିତ୍ର ଆତ୍ମା ଯେଉଁ ବିଷୟ ପ୍ରତି ଆମର ଧ୍ୟାନ ଆକର୍ଷଣ କରନ୍ତି, ଈଶ୍ୱର ଆମକୁ ସେହି ବିଷୟରେ ଦୋଷୀ ସାବ୍ୟସ୍ତ କରନ୍ତି । ଆମେ ଯଦି ସେହି ପାପ ବିଷୟରେ ସଚେତନ ହୋଇ ତାଙ୍କ ଅଧୀନରେ ନିଜକୁ ସମର୍ପଣ କରୁ, ତେବେ ସେ ଆମକୁ ସେହିଠାକୁ ନେଇଯିବେ, ଯେଉଁଠାରେ ସେ ପାପର ବିସ୍ତୃତ ମୂଳ ସ୍ୱଭାବ ପ୍ରକଟ କରିବେ । ଏହି ଗୋଟିଏ ଉପାୟରେ ଈଶ୍ୱର ଆମ ସହିତ ବ୍ୟବହାର କରନ୍ତି, ଯେତେବେଳେ ଆମେ ତାଙ୍କର ଉପସ୍ଥିତି ବିଷୟରେ ସଚେତନ ହୋଇଥାଉ ।

ବ୍ୟକ୍ତିଗତ ପାପର କେନ୍ଦ୍ରୀକରଣ ପ୍ରତି ଆମର ଧ୍ୟାନକୁ ଚାଳିତ କରିବାର ଅନୁଭୂତି ସବୁଠାରୁ ବିଶିଷ୍ଟ ସାଧୁଭକ୍ତଙ୍କ ଠାରୁ ଆରମ୍ଭ କରି ଜଘନ୍ୟ ପାପୀ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ଜୀବନରେ ପ୍ରକୃତରେ ଘଟିଥାଏ । ଯେତେବେଳେ ଜଣେ ବ୍ୟକ୍ତି ପ୍ରଥମ କରି ଅନୁଭୂତିର ସିଢ଼ି ଚଢ଼ିବା ଆରମ୍ଭ କରନ୍ତି, ସେ କହି ପାରନ୍ତି, ‘‘ମୁଁ ଜାଣେନା, ମୋର ଭୁଲ୍ କେଉଁଠି,’’ କିନ୍ତୁ ଈଶ୍ୱରଙ୍କ ଆତ୍ମା ତାଙ୍କୁ କେତେକ ନିର୍ଦ୍ଦିଷ୍ଟ ଏବଂ ବିଶେଷ ବିଷୟ ଦେଖାଇବେ । ପ୍ରଭୁଙ୍କ ପବିତ୍ରତା ସଂପର୍କିତ ଯିଶାଇୟଙ୍କ ଦର୍ଶନର ପ୍ରଭାବ ଏଭଳି ତଥ୍ୟ ପ୍ରତି ତାଙ୍କର ଧ୍ୟାନ ଆକର୍ଷଣ କଲା ଯଦ୍ୱାରା ସେ ଉପଲବ୍ଧି କଲେ ଯେ, ସେ ଜଣେ ‘‘ଅଶୁଚି ଓଷ୍ଠାଧର ବିଶିଷ୍ଟ ମନୁଷ୍ୟ ।’’ ‘‘ସେ ତା’ ଦ୍ୱାରା ମୋର ମୁଖକୁ ସ୍ପର୍ଶ କରି କହିଲେ, ‘ଦେଖ ! ଏହା ତୁମ ଓଷ୍ଠାଧରକୁ ସ୍ପର୍ଶ କଲା ଏବଂ ତୁମର ଅପରାଧ ଦୂର ହେଲା, ତୁମର ପାପ ମୋଚନ ହେଲା’ (ଯିଶାଇୟ ୬:୭)’’ । ପାପ କେନ୍ଦ୍ରୀଭୂତ ହୋଇଥିବା ସ୍ଥାନରେ ବିଶୋଧକ ଅଗ୍ନି ପ୍ରୟୋଗ ହେଲା ।

ଜୁଲାଇ ୪

# ଈଶ୍ୱରଙ୍କ ମହାନ୍ ''ନାହିଁ'' ମଧ୍ୟରୁ ଗୋଟିଏ

**ବିବ୍ରତ ହୁଅ ନାହିଁ, ଏହା କେବଳ ଅନର୍ଥ ଘଟାଏ ।**

**ଗୀତସଂହିତା ୩୭:୮**

ବିବ୍ରତ ହେବା ଅର୍ଥ, ମାନସିକ ଏବଂ ଆତ୍ମିକ ରୂପେ ''ଅସଂଲଗ୍ନ'' ହୋଇଯିବା । ''ବିବ୍ରତ ହୁଅ ନାହିଁ'' କହିବା ଗୋଟିଏ ବିଷୟ, କିନ୍ତୁ ବିବ୍ରତ ନ ହେବାର ସ୍ୱଭାବ ଧାରଣ କରିବା ଆଉ ଗୋଟିଏ ଅଲଗା ବିଷୟ । ଏହିକଥା କହିବା ସହଜ, ''ଈଶ୍ୱରଙ୍କଠାରେ ସୁସ୍ଥିର ହୁଅ, ଧୈର୍ଯ୍ୟ ସହକାରେ ତାଙ୍କର ଅପେକ୍ଷା କର'' (ଗୀତସଂହିତା ୩୭:୭), ଯେପର୍ଯ୍ୟନ୍ତ ଆମର ଛୋଟିଆ ସଂସାର ଉଜୁଡ଼ି ଯାଇ ନାହିଁ, ଏବଂ ଆହୁରି ଅନେକଙ୍କ ପରି ଆମକୁ ମାନସିକ ଯନ୍ତ୍ରଣା ଓ ବ୍ୟଥା ସହିବାକୁ ପଡ଼ି ନାହିଁ । ସେହି ସମୟରେ ''ଈଶ୍ୱରଙ୍କଠାରେ ସୁସ୍ଥିର ହେବା'' କ'ଣ ସମ୍ଭବ ? ଯଦି ଏହି ''ନାହିଁ'' ସେଠାରେ କାର୍ଯ୍ୟକାରୀ ହୋଇପାରେ ନାହିଁ, ତେବେ ଅନ୍ୟ କୌଣସିଠାରେ ମଧ୍ୟ କାର୍ଯ୍ୟକାରୀ ହେବ ନାହିଁ ।

ଏହି ''ନାହିଁ'' ଆମର ଅସୁବିଧା ଜନକ ଓ ଅନିଶ୍ଚିତ ଦିନଗୁଡ଼ିକରେ କାର୍ଯ୍ୟ କରିବା ସହିତ ଆମର ଶାନ୍ତିପୂର୍ଣ୍ଣ ଦିନମାନଙ୍କରେ ମଧ୍ୟ କାର୍ଯ୍ୟକାରୀ ହେବା ଉଚିତ୍, ନଚେତ୍ ଏହା ଆଦୌ କାର୍ଯ୍ୟକାରୀ ହେବ ନାହିଁ । ଆଉ ଏହା ଯଦି ଆପଣଙ୍କ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇ ପାରେ ନାହିଁ, ତେବେ ଆଉ କାହା ପାଇଁ ମଧ୍ୟ କାର୍ଯ୍ୟକାରୀ ହୋଇପାରିବ ନାହିଁ । ଈଶ୍ୱରଙ୍କଠାରେ ସୁସ୍ଥିରତା ଆପଣଙ୍କ ବାହ୍ୟିକ ପରିସ୍ଥିତି ଉପରେ ଆଦୌ ନିର୍ଭର କରେ ନାହିଁ, ମାତ୍ର ସ୍ୱୟଂ ଈଶ୍ୱରଙ୍କ ସହିତ ଆପଣଙ୍କ ସଂପର୍କ ଉପରେ ନିର୍ଭର କରେ ।

ସବୁ ସମୟରେ ଚିନ୍ତିତ ହେବାର ପରିଣାମ ହେଉଛି ପାପ । ଆମର ଧାରଣା, ସାମାନ୍ୟ ଚିନ୍ତା ଭାବନା ସୂଚୀତ କରେ ଯେ, ଆମେ ପ୍ରକୃତରେ କେଡ଼େ ବୁଦ୍ଧିମାନ, କିନ୍ତୁ ଏହାଠାରୁ ଆଉ ଏକ ବଳିଷ୍ଠ ସୂଚନା ଦ୍ୱାରା ଆମେ ଜାଣିପାରୁ ଯେ, ଆମେ କେଡ଼େ ଦୁଷ୍ଟ ପ୍ରକୃତିର । ନିଜ କଥାରେ ଅଟଳ ରହିବାର ଦୃଢ଼ ମନୋଭାବରୁ ବ୍ୟସ୍ତତା ଜନ୍ମ ନିଏ । ଆମର ପ୍ରଭୁ ଆଦୌ ବିବ୍ରତ ଓ ଚିନ୍ତିତ ନ ଥିଲେ, କାରଣ ତାଙ୍କ ନିଜର ଉଦ୍ଦେଶ୍ୟ ସଫଳ କରିବା ତାଙ୍କର ଲକ୍ଷ୍ୟ ନ ଥିଲା, ମାତ୍ର ଈଶ୍ୱରଙ୍କର ଉଦ୍ଦେଶ୍ୟ ସଫଳ କରିବା ତାଙ୍କର ଲକ୍ଷ୍ୟ ଥିଲା । ବିବ୍ରତ ହେବା ଈଶ୍ୱରଙ୍କ ସନ୍ତାନ ପାଇଁ ଦୁଷ୍ଟତା ମାତ୍ର ।

ଆପଣ କ'ଣ ଆପଣଙ୍କର ଏହି ନିର୍ବୋଧ ଚିନ୍ତାଧାରାକୁ ପ୍ରଶ୍ରୟ ଦେଉଛନ୍ତି ଯେ, ଆପଣଙ୍କ ପରିସ୍ଥିତିକୁ ସୁଧାରିବା ଈଶ୍ୱରଙ୍କ ନିୟନ୍ତ୍ରଣର ବାହାରେ ? ଆପଣଙ୍କର ସବୁ ମତ ଏବଂ ଅନୁମାନକୁ ଗୋଟିଏ ପାଖରେ ରଖି ''ସର୍ବୋପରିସ୍ଥଙ୍କ ଆଶ୍ରୟରେ ବାସ କରନ୍ତୁ'' (ଗୀତସଂହିତା ୯୧:୧) । ଈଶ୍ୱରଙ୍କୁ କୁହନ୍ତୁ ଯେ, ଯେଉଁ ସବୁ ବିଷୟ ଆପଣଙ୍କୁ ଚିନ୍ତିତ କରେ, ଆପଣ ସେଥିପ୍ରତି ଆଉ ବିବ୍ରତ ହେବେ ନାହିଁ । ଈଶ୍ୱରଙ୍କ ବିନା ଯୋଜନା ପ୍ରସ୍ତୁତ କରିବା ଫଳରେ ଆମେ ଚିନ୍ତିତ ଏବଂ ବିବ୍ରତ ହୋଇଥାଉ ।

# ଈଶ୍ୱରଙ୍କ ବିନା ଯୋଜନା ପ୍ରସ୍ତୁତ କରନ୍ତୁ ନାହିଁ

**ପ୍ରଭୁଙ୍କଠାରେ ତୁମର ଗତି ସମର୍ପଣ କର,**
**ତାହାଙ୍କଠାରେ ଭରସା ରଖ ଓ ସେ ତାହା ସାଧନ କରିବେ ।**
**ଗୀତସଂହିତା ୩୭:୫**

**ଈଶ୍ୱରଙ୍କ ବିନା ଯୋଜନା ପ୍ରସ୍ତୁତ କରନ୍ତୁ ନାହିଁ ।** ମନେହୁଏ ଆମେ ପ୍ରସ୍ତୁତ କରିଥିବା ଯୋଜନାକୁ ପଣ୍ଡ କରିବା ପାଇଁ ଈଶ୍ୱରଙ୍କର ଏକ ଆନନ୍ଦଜନକ ଉପାୟ ଅଛି, ଯାହା ଆମେ ତାଙ୍କ ସହାୟତା ବିନା ପ୍ରସ୍ତୁତ କରିଛୁ । ଆମେ ନିଜକୁ ଏଭଳି ପରିସ୍ଥିତିରେ ପକାଉ, ଯାହା ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ହୋଇ ନ ଥିଲା ଏବଂ ଆମେ ହଠାତ୍ ଉପଲବ୍ଧି କରୁ ଯେ, ଆମେ ତାଙ୍କ ବିନା ଆମର ଯୋଜନା ପ୍ରସ୍ତୁତ କରି ଆସୁଛୁ – ଏପରିକି ଆମ ଜୀବନର ଯୋଜନା ପ୍ରସ୍ତୁତ କରିବା ସମୟରେ ତାଙ୍କୁ ଏକ ଅତ୍ୟାବଶ୍ୟକୀୟ ଜୀବନ୍ତ ଉପାଦାନ ରୂପେ ଉପଲବ୍ଧି କରି ନାହୁଁ । ଏକମାତ୍ର ବିଷୟ ଯାହା ଆମକୁ ଚିନ୍ତିତ ହେବାର ସମ୍ଭାବନାଠାରୁ ବଞ୍ଚାଇ ରଖେ, ତା’ ହେଉଛି ଯେ, ଆମେ ଈଶ୍ୱରଙ୍କୁ କାର୍ଯ୍ୟକାରୀତାର ଶ୍ରେଷ୍ଠ ଉତ୍ସ ରୂପେ ଆମର ସମସ୍ତ ଯୋଜନାରେ ସ୍ଥାନ ଦେଉ ।

ଆତ୍ମିକ ବିଷୟରେ ଈଶ୍ୱରଙ୍କୁ ପ୍ରଥମ ସ୍ଥାନ ଦେବା ଆମ ପାଇଁ ସାଧାରଣ ବିଷୟ ହୋଇଥାଏ, କିନ୍ତୁ ଆମେ ଭାବୁ ଯେ, ନିଜ ଜୀବନର ବ୍ୟାବହାରିକ, ଦୈନନ୍ଦିନ ବିଷୟରେ ତାଙ୍କୁ ପ୍ରଥମ ସ୍ଥାନ ଦେବା ଅନୁଚିତ ଏବଂ ଅନାବଶ୍ୟକ । ଯଦି ଆମେ ଭାବୁଥାଉ ଯେ, ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ପୂର୍ବରୁ ଆମକୁ ଆମର ‘‘ଆତ୍ମିକ ମୁଖା’’ ପିନ୍ଧିବାକୁ ହେବ, ତେବେ ଆମେ ତାଙ୍କର ନିକଟବର୍ତ୍ତୀ ହୋଇ ପାରିବା ନାହିଁ । ଆମେ ଯେଉଁ ଅବସ୍ଥାରେ ଅଛୁ, ସେହି ଅବସ୍ଥାରେ ଆସିବାକୁ ହେବ ।

**ମନରେ ମନ୍ଦ ଚିନ୍ତା ରଖି ଯୋଜନା ପ୍ରସ୍ତୁତ କରନ୍ତୁ ନାହିଁ ।** ଈଶ୍ୱର କ’ଣ ଚାହାନ୍ତି ଯେ, ଆମେ ଯୋଜନା ପ୍ରସ୍ତୁତ କରିବା ସମୟରେ ଆମ ଚାରି ପାଖରେ ଥିବା ମନ୍ଦତା ପ୍ରତି ଧ୍ୟାନ ଦେବା ନାହିଁ ? ‘‘ପ୍ରେମ... ମନ୍ଦ ଚିନ୍ତା କରେ ନାହିଁ (୧ କରିନ୍ଥୀୟ ୧୩:୪–୫) । ପ୍ରେମ ମନ୍ଦତା ବିଷୟରେ ଅଜ୍ଞ ନୁହେଁ, କିନ୍ତୁ ଯୋଜନା ପ୍ରସ୍ତୁତ କରିବା ସମୟରେ ତାହା ପ୍ରତି ଧ୍ୟାନ ଦିଏ ନାହିଁ । ଈଶ୍ୱରଙ୍କଠାରୁ ପୃଥକ୍ ଥିବା ସମୟରେ ଆମେ ମନ୍ଦତା ପ୍ରତି ଧ୍ୟାନ ରଖି ଆମର ସବୁ ଯୋଜନା ପ୍ରସ୍ତୁତ କରିଥିଲୁ ଏବଂ ସେହି ଦୃଷ୍ଟିକୋଣରୁ ଆମ କାର୍ଯ୍ୟ ବିଷୟରେ ଯୁକ୍ତିତର୍କ କରିଥିଲୁ ।

**ଦୁର୍ଦ୍ଦିନ ଆଶଙ୍କା କରି ଯୋଜନା ପ୍ରସ୍ତୁତ କରନ୍ତୁ ନାହିଁ ।** ଖ୍ରୀଷ୍ଟଙ୍କଠାରେ ଭରସା ରଖିଲେ ଦୁର୍ଦ୍ଦିନ ପାଇଁ ଆପଣଙ୍କୁ ସଂଗ୍ରହ କରି ରଖିବାକୁ ହେବ ନାହିଁ । ଯୀଶୁ କହିଲେ, ‘‘ତୁମମାନଙ୍କ ହୃଦୟ ଉଦ୍‌ବିଗ୍ନ ନ ହେଉ’’ (ଯୋହନ ୧୪:୧) । ଈଶ୍ୱର ଆପଣଙ୍କ ହୃଦୟକୁ ଉଦ୍‌ବିଗ୍ନ ହେବାରୁ ଅଟକାଇବେ ନାହିଁ । ଏହା ଏକ ଆଜ୍ଞା – ‘‘ନ ହେଉ...’’ ଏହା କରିବା ପାଇଁ ବାରମ୍ବାର ନିଜକୁ ଉଠାଇ ରଖନ୍ତୁ, ଏପରିକି ଦିନରେ ଶହେ ଥର ପଡ଼ିଗଲେ ମଧ୍ୟ ଯେପର୍ଯ୍ୟନ୍ତ ଈଶ୍ୱରଙ୍କୁ ପ୍ରଥମ ସ୍ଥାନ ଦେବା ପାଇଁ ଏବଂ ଯୋଜନା ପ୍ରସ୍ତୁତ କରିବା ସମୟରେ ତାଙ୍କ ପ୍ରତି ଧ୍ୟାନ ଦେବାର ଅଭ୍ୟାସ କରି ନାହାନ୍ତି, ସେପର୍ଯ୍ୟନ୍ତ ନିଜକୁ ଉଠାଇ ରଖନ୍ତୁ ।

**ଜୁଲାଇ ୬**

# ଦର୍ଶନ ବାସ୍ତବତାରେ ପରିଣତ ହେବା

**ଶୁଷ୍କସ୍ଥାନ ନିର୍ଝରଣୀ ହେବ ।**

**ଯିଶାଇୟ ୩୫:୭**

କୌଣସି ବିଷୟ ବାସ୍ତବ ହେବା ପୂର୍ବରୁ ଆମେ ତାହାର ଦର୍ଶନ ଲାଭ କରୁ । ଆମେ ଯେତେବେଳେ ଉପଲବ୍ଧି କରୁ ଯେ, ଦର୍ଶନ ବାସ୍ତବ ହେଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଆମ ମଧ୍ୟରେ ବାସ୍ତବ ହୋଇ ନାହିଁ, ସେହି ସମୟରେ ଶୟତାନ ତା'ର ପରୀକ୍ଷା ସହିତ ଆମ ନିକଟକୁ ଆସେ ଏବଂ ଆମକୁ କହିବା ପାଇଁ ପ୍ରବର୍ତ୍ତାଏ ଯେ, ଆଗ ବଢ଼ିବାରେ ଆଉ କି ଲାଭ ମିଳିବ ? ଦର୍ଶନ ଆମ ପ୍ରତି ବାସ୍ତବ ହେବା ପରିବର୍ତ୍ତେ ଆମେ ଅପମାନର ଉପତ୍ୟକାରେ ପ୍ରବେଶ କରିଥାଉ ।

ଜୀବନ ଏକ ଅକର୍ମଣ୍ୟ ଧାତୁ ପ୍ରସ୍ତର ନୁହେଁ
ମାତ୍ର ଗଭୀର ନିରାଶାରୁ ଖୋଦିତ ଏକ ଲୁହାଖଣ୍ଡ
ଯାହାକୁ ଦୁଃଖର ହାତୁଡ଼ିରେ ପିଟାଯାଇଛି
ଏବଂ ପ୍ରକୃତ ଆକୃତି ପାଇ ଯିଏ ବ୍ୟବହାର ଯୋଗ୍ୟ ହେବ ।

ଈଶ୍ୱର ଆମକୁ ଏକ ଦର୍ଶନ ଦିଅନ୍ତି ଏବଂ ତା'ପରେ ଆମକୁ ତଳ ଉପତ୍ୟକାକୁ ନେଇଯା'ନ୍ତି ଏବଂ ଆମକୁ ସେହି ଦର୍ଶନର ଆକୃତି ମଧ୍ୟକୁ ଆଣିବା ପାଇଁ ଖଣ୍ଡବିଖଣ୍ଡ କରନ୍ତି । ସେହି ଉପତ୍ୟକାରେ ଆମ ମଧ୍ୟରୁ ଅନେକେ ଆଶା ଛାଡ଼ି ଦେଇ ମୂର୍ଚ୍ଛା ହୋଇଯା'ନ୍ତି । ଈଶ୍ୱର ଦତ୍ତ ପ୍ରତ୍ୟେକ ଦର୍ଶନ ବାସ୍ତବ ହେବ ଯଦି ଆମେ ଧୈର୍ଯ୍ୟ ଧରି ରହିବୁ । ଭାବି ଦେଖନ୍ତୁ, ଈଶ୍ୱରଙ୍କ ପାଖରେ କେତେ ବଳକା ସମୟ ଅଛି । ସେ କୌଣସି ସମୟରେ ତରତର ହୁଅନ୍ତି ନାହିଁ । କିନ୍ତୁ ଆମେ ସବୁବେଳେ ତରତର ହୋଇଥାଉ ।

ଦର୍ଶନର ଗୌରବୋଜ୍ଜ୍ୱଳ ଆଲୋକ ମଧ୍ୟରେ ରହିଥିବା ଅବସ୍ଥାରେ ଆମେ କାର୍ଯ୍ୟ କରିବା ପାଇଁ ବାହାରିପଡ଼ୁ, କିନ୍ତୁ ସେ ପର୍ଯ୍ୟନ୍ତ ଆମ ମଧ୍ୟରେ ଦର୍ଶନ ବାସ୍ତବ ହୋଇ ନ ଥାଏ । ଈଶ୍ୱର ଆମକୁ ଉପତ୍ୟକାକୁ ନିଅନ୍ତି ଏବଂ ଆମକୁ ସଠିକ୍ ଆକାର ଦେବା ପାଇଁ ନିଆଁ ଏବଂ ପାଣିରେ ଆଘାତ କରି ଖଣ୍ଡବିଖଣ୍ଡ କରନ୍ତି । ତା'ପରେ ଆମେ ଯେତେବେଳେ ସେହି ସ୍ଥିତିକୁ ଆସୁ, ସେ ଦର୍ଶନର ବାସ୍ତବତା ବିଷୟରେ ଆମକୁ ବିଶ୍ୱାସ କରନ୍ତି । ଈଶ୍ୱର ଆମକୁ ଦର୍ଶନ ଦେବା ସମୟଠାରୁ କାର୍ଯ୍ୟରତ ଅଛନ୍ତି । ସେ ଆମକୁ ଲକ୍ଷ୍ୟର ଆକାର ମଧ୍ୟକୁ ଆଣୁଛନ୍ତି, ଯାହା ସେ ଆମ ପାଇଁ ନିରୂପଣ କରିଛନ୍ତି, କିନ୍ତୁ ତଥାପି ଥରକୁ ଥର ଆମେ ମହାନ୍ ''କୁମ୍ଭକାର''ଙ୍କ ହାତରୁ ଖସିଯାଇ ଆମ ନିଜ ଲକ୍ଷ୍ୟର ଆକାର ଅନୁଯାୟୀ ଗଠିତ ହେବା ପାଇଁ ନିଜକୁ ଖଣ୍ଡବିଖଣ୍ଡ କରିଛୁ ।

ଈଶ୍ୱର ଯେଉଁ ଦର୍ଶନ ଦିଅନ୍ତି, ତାହା ଆକାଶରେ ନିର୍ମିତ ଏକ ଅପହଞ୍ଚ ସୌଧ ନୁହେଁ, କିନ୍ତୁ ସେହି କାର୍ଯ୍ୟ ସମ୍ବନ୍ଧିତ ଦର୍ଶନ, ଯାହା ଆପଣ ଏହି ଜଗତରେ କରି ପାରିବେ । ମହାନ୍ କୁମ୍ଭକାରଙ୍କୁ ଅନୁମତି ଦିଅନ୍ତୁ, ଯେପରି ସେ ଆପଣଙ୍କୁ ତାହାଙ୍କର ଚକ ମଧ୍ୟରେ ରଖି ତାଙ୍କ ଇଚ୍ଛାନୁସାରେ ଘୁରାଇବେ । ତା'ପରେ ଯେଉଁ ନିଶ୍ଚିତତା ସହ ଈଶ୍ୱର ଈଶ୍ୱର ଅଟନ୍ତି ଏବଂ ଆପଣ ଆପଣ ଅଟନ୍ତି, ସେହି ନିଶ୍ଚିତତା ସହ ଆପଣ ଅବିକଳ ଦର୍ଶନର ଅନୁରୂପ ଗଠିତ ହେବେ । କିନ୍ତୁ ସେହି ପ୍ରକ୍ରିୟା ମଧ୍ୟରେ ନିରାଶ ହୁଅନ୍ତୁ ନାହିଁ । ଯଦି ଆପଣ କେବେ ଈଶ୍ୱରଙ୍କଠାରୁ କୌଣସି ଦର୍ଶନ ପାଇଛନ୍ତି, ତେବେ ଆପଣ ହୁଏତ ନିମ୍ନ ସ୍ତରରେ ସନ୍ତୁଷ୍ଟ ହୋଇ ପାରନ୍ତି, କିନ୍ତୁ ଈଶ୍ୱର ତାହା କରିବାକୁ ଅନୁମତି ଦେବେ ନାହିଁ ।

ଜୁଲାଇ ୭

# ଉତ୍କର୍ଷ ଏବଂ ମହତ୍ତ୍ୱର ସବୁ ପ୍ରୟାସ କଠିନ ହୁଏ

**ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କର...**
**କିନ୍ତୁ ଜୀବନ ଆଡ଼କୁ କଢ଼ାଇ ନେବା ଦ୍ୱାର ସଂକୀର୍ଣ୍ଣ ଓ ପଥ ଅଣଓସାରିଆ ।**
**ମାଥିଉ ୭:୧୩-୧୪**

ଯଦି ଆମକୁ ଯୀଶୁଙ୍କ ଶିଷ୍ୟ ରୂପେ ବଞ୍ଚିବାକୁ ହୁଏ, ତେବେ ମନେ ରଖିବାକୁ ହେବ ଯେ, ଉତ୍କର୍ଷ ଏବଂ ମହତ୍ତ୍ୱ ପାଇଁ ସବୁ ପ୍ରଚେଷ୍ଟା କଠିନ ହୋଇଥାଏ । ଖ୍ରୀଷ୍ଟୀୟ ଜୀବନ ପ୍ରକୃତରେ କଠିନ, କିନ୍ତୁ ତହିଁର ଅସୁବିଧା ଆମକୁ ଦୁର୍ବଳ ଏବଂ ନିରାଶ କରେ ନାହିଁ, ବରଂ ବିଜୟୀ ହେବା ପାଇଁ ଆମକୁ ଉତ୍ସାହିତ କରେ । ଆମେ କ'ଣ ଯୀଶୁ ଖ୍ରୀଷ୍ଟଙ୍କ ଆଶ୍ଚର୍ଯ୍ୟଜନକ ଉଦ୍ଧାର କାର୍ଯ୍ୟରେ ଏଭଳି ବିଶ୍ୱାସ କରୁ ଯେ, ତାହାଙ୍କର ସଂପୂର୍ଣ୍ଣ ଗୌରବ ଆମର ଏକାନ୍ତ ଆକାଂକ୍ଷାରେ ପରିଣତ ହୁଏ – ତାହାଙ୍କର ଗୌରବ ଉଦ୍ଦେଶ୍ୟରେ ଆମର ଶ୍ରେଷ୍ଠତ୍ୱ ପ୍ରଦର୍ଶିତ ହୁଏ ?

ଈଶ୍ୱର ତାଙ୍କର ସାର୍ବଭୌମ୍ୟ ଅନୁଗ୍ରହରେ ଯୀଶୁଙ୍କ ପ୍ରାୟଶ୍ଚିତ୍ତ ଦ୍ୱାରା ଲୋକମାନଙ୍କୁ ଉଦ୍ଧାର କରନ୍ତି ଏବଂ ''ତାହାଙ୍କର ମଙ୍ଗଳମୟ ସଂକଳ୍ପ ଅନୁସାରେ ଇଚ୍ଛା ଜାତ କରାଇବାକୁ ଏବଂ କାର୍ଯ୍ୟ କରାଇବାକୁ ଈଶ୍ୱର ତୁମମାନଙ୍କ ଅନ୍ତରରେ ସକ୍ରିୟ ଅଛନ୍ତି'' (ଫିଲିପ୍ପୀୟ ୨:୧୩) । କିନ୍ତୁ ଆମକୁ ଆମର ଦୈନନ୍ଦିନ ବ୍ୟାବହାରିକ ଜୀବନରେ ପରିତ୍ରାଣ ''ସଂପନ୍ନ'' କରିବାକୁ ହେବ (ଫିଲିପ୍ପୀୟ ୨:୧୨) । ଯଦି ଆମେ କେବଳ ତାଙ୍କର ମୁକ୍ତି କାର୍ଯ୍ୟକୁ ଆଧାରିତ କରି ତାଙ୍କର ଆଜ୍ଞାନୁସାରେ କାର୍ଯ୍ୟ କରିବା, ତେବେ ଆମର ଦୃଢ଼୍‌ବୋଧ ହେବ ଯେ, ଆମେ ତାହା କରି ପାରିବା । ଯଦି ବିଫଳ ହେଉ, ତେବେ ତାହାର କାରଣ ହେଉଛି ଯେ, ଈଶ୍ୱର ଆମ ମଧ୍ୟରେ ଯାହା ରଖିଛନ୍ତି, ଆମେ ତାହାର ଉପଯୋଗ କରି ନାହୁଁ । ଯଦି ଆମେ ଈଶ୍ୱରଙ୍କ ଆତ୍ମାଙ୍କର ବାଧ୍ୟ ହେଉ, ଏବଂ ଈଶ୍ୱର ତାହାଙ୍କ ଆତ୍ମାଙ୍କ ଦ୍ୱାରା ଆମ ମଧ୍ୟରେ ଯାହା ରଖିଛନ୍ତି, ତାହାକୁ ଆମର ଶାରୀରିକ ଜୀବନରେ କାର୍ଯ୍ୟକାରୀ କରୁ, ତା'ହେଲେ ସଂକଟ ଆସିବା ସମୟରେ ଆମେ ଅନୁଭବ କରିବା ଯେ, ଈଶ୍ୱରଙ୍କ ଅନୁଗ୍ରହ ସହିତ ଆମର ସ୍ୱଭାବ ଆମକୁ ସାହସ ଯୋଗାଇବ ।

ଈଶ୍ୱରଙ୍କୁ ଧନ୍ୟବାଦ ଦେଉ ଯେ, ସେ ଆମକୁ କଠିନ କାର୍ଯ୍ୟ କରିବାକୁ ଦିଅନ୍ତି । ତାଙ୍କର ପରିତ୍ରାଣ ଏକ ଆନନ୍ଦପୂର୍ଣ୍ଣ ବିଜୟ, କିନ୍ତୁ ସେଥିପାଇଁ ବୀରତ୍ୱ, ସାହସ ଏବଂ ପବିତ୍ରତା ଆବଶ୍ୟକ । ଏହା ଆମର ଉତ୍କର୍ଷତାକୁ ପରୀକ୍ଷା କରେ ।

ଯୀଶୁ ଅନେକ ସନ୍ତାନଙ୍କୁ ଗୌରବର ଭାଗୀ କରାଇଛନ୍ତି (ଏବ୍ରୀ ୨:୧୦) ଏବଂ ଈଶ୍ୱର ଆମକୁ ସନ୍ତାନ ହେବାର ଆବଶ୍ୟକତାଠାରୁ ବଞ୍ଚିତ କରିବେ ନାହିଁ । ଈଶ୍ୱରଙ୍କ ଅନୁଗ୍ରହ ଏଭଳି ପୁରୁଷ ଏବଂ ସ୍ତ୍ରୀମାନଙ୍କୁ ଉତ୍ପନ୍ନ କରେ, ଯେଉଁମାନଙ୍କ ଠାରେ ଯୀଶୁଖ୍ରୀଷ୍ଟଙ୍କ ପରିବାରର ସାମଞ୍ଜସ୍ୟ ଥାଏ । ସେମାନେ ଭୋଗବିଳାସରେ ବଢ଼ିଥିବା ଦୁର୍ବଳ ପ୍ରକୃତିର ନୁହନ୍ତି । ଯୀଶୁଙ୍କ ଶିଷ୍ୟ ଶିଷ୍ୟା ରୂପେ ଏକ ଉତ୍ସର୍ଗୀକୃତ ଏବଂ ମହତ୍ତ୍ୱପୂର୍ଣ୍ଣ ବାସ୍ତବ ଜୀବନ ଅତିବାହିତ କରିବା ପାଇଁ ଯଥେଷ୍ଟ ଶୃଙ୍ଖଳା ଆବଶ୍ୟକ । ଆଉ ସବୁବେଳେ ଏକ ଉତ୍କୃଷ୍ଟ ଏବଂ ମହତ୍ତ୍ୱପୂର୍ଣ୍ଣ ଜୀବନ କାଟିବା ପାଇଁ ଆମକୁ ପ୍ରୟାସ କରିବାକୁ ହେବ ।

ଜୁଲାଇ ୮

# ବିଶ୍ୱସ୍ତ ହେବାର ଇଚ୍ଛା

### ତୁମେମାନେ କାହାର ସେବା କରିବ, ସେ ବିଷୟରେ ଆଜି ହିଁ ନିଷ୍ପତ୍ତି ଗ୍ରହଣ କର ।
### ଯିହୋଶୂୟ ୨୪:୧୫

ଜଣେ ବ୍ୟକ୍ତିଙ୍କ ଇଚ୍ଛା ସେହି ବ୍ୟକ୍ତିଙ୍କ ସଂପୂର୍ଣ୍ଣ ଆଚରଣ ମଧ୍ୟରେ ସନ୍ନିବିଷ୍ଟ ଥାଏ । ମୁଁ ମୋର ଇଚ୍ଛାକୁ ତ୍ୟାଗ କରିପାରିବି ନାହିଁ – ତାହାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ମୋତେ ତାହାକୁ ବ୍ୟବହାର କରିବାକୁ ହେବ । ଆଜ୍ଞାପାଳନ ପାଇଁ ମୋତେ **ଇଚ୍ଛା** କରିବାକୁ ହେବ, ଈଶ୍ୱରଙ୍କ ଆତ୍ମାଙ୍କୁ ଗ୍ରହଣ କରିବା ପାଇଁ **ମୋତେ** ଇଚ୍ଛା କରିବାକୁ ହେବ । ଯେତେବେଳେ ଈଶ୍ୱର ମୋତେ ସତ୍ୟର ଦର୍ଶନ ଦିଅନ୍ତି, ସେତେବେଳେ ପ୍ରଶ୍ନ ଉଠେ ନାହିଁ ଯେ, ଈଶ୍ୱର କ'ଣ କରିବେ, କିନ୍ତୁ ପ୍ରଶ୍ନ ଉଠେ, ମୁଁ କ'ଣ କରିବି । ପ୍ରଭୁ ଆମ ପ୍ରତ୍ୟେକଙ୍କ ସମ୍ମୁଖରେ କେତେକ ବଡ଼ ବଡ଼ ପ୍ରସ୍ତାବ ଏବଂ ଯୋଜନା ରଖି ଆସୁଛନ୍ତି । ଏହା ସବୁଠାରୁ ଭଲ କାର୍ଯ୍ୟ ହେବ, ଯେତେବେଳେ ଆପଣ ସ୍ମରଣ କରିବେ ଯେ, ଈଶ୍ୱରଙ୍କ ସ୍ପର୍ଶ ପାଇବା ପୂର୍ବରୁ ଆପଣ କ'ଣ କରିଥିଲେ । ଆପଣଙ୍କ ଉଦ୍ଧାରପ୍ରାପ୍ତ ହେବାର ମୁହୂର୍ତ୍ତକୁ ମନେ ପକାନ୍ତୁ, ସେଇ ମୁହୂର୍ତ୍ତକୁ ମନେ ପକାନ୍ତୁ, ଯେତେବେଳେ ଆପଣ ପ୍ରଥମ ଥର ଯୀଶୁଙ୍କୁ ଚିହ୍ନିଥିଲେ ଅବା ଆପଣ କୌଣସି ସତ୍ୟର ସଂଧାନ ପାଇଥିଲେ । ସେତେବେଳେ ଈଶ୍ୱରଙ୍କଠାରେ ଆପଣଙ୍କ ଅନୁରକ୍ତି ପ୍ରଦର୍ଶନ କରିବା କେତେ ସହଜ ଥିଲା । ସଂଗେ ସଂଗେ ସେହିସବୁ ମୁହୂର୍ତ୍ତଗୁଡ଼ିକ ସ୍ମରଣ କରନ୍ତୁ, ଯେତେବେଳେ ଈଶ୍ୱରଙ୍କ  ଆତ୍ମା ଆପଣଙ୍କ ସମ୍ମୁଖରେ ନୂଆ ପ୍ରସ୍ତାବ ସବୁ ଉପସ୍ଥାପିତ କରନ୍ତି ।

''ତୁମେମାନେ କାହାର ସେବା କରିବ, ଆଜି ତାହା ମନୋନୟନ କର ।'' ସବୁ ବିଷୟ ଭଲ ରୂପେ ବୁଝି ଆପଣଙ୍କୁ ମନୋନୟନ କରିବାକୁ ହେବ – ଏହା ସେପରି କିଛି ବିଷୟ ନୁହେଁ, ଯେଉଁଥିରେ ଆପଣ ନିଜ ଇଚ୍ଛାରେ ଭାସିଯିବେ । ଆଉ ଯେ ପର୍ଯ୍ୟନ୍ତ ଆପଣ ନିଜର ନିଷ୍ପତ୍ତି ନେଇ ନାହାନ୍ତି, ଆପଣଙ୍କ ଜୀବନରେ ଅବଶିଷ୍ଟ ସବୁ କଥା କିଛି ସମୟ ପାଇଁ ସ୍ଥଗିତ ରହିବ । ଏହି ପ୍ରସ୍ତାବ ଆପଣଙ୍କର ଏବଂ ଈଶ୍ୱରଙ୍କ ମଧ୍ୟରେ ହୋଇଛି– ''ରକ୍ତ ମାଂସ ସହିତ ଏ ବିଷୟରେ ପରାମର୍ଶ କରନ୍ତୁ ନାହିଁ (ଗାଲାତୀୟ ୧:୧୬) । ପ୍ରତ୍ୟେକ ନୂଆ ପ୍ରସ୍ତାବ ସହିତ ଆପଣଙ୍କ ଚାରିପାଖେ ଥିବା ଲୋକମାନେ ଅଧିକ ରୂପେ ପୃଥକ୍ ହୋଇଯିବେ ଏବଂ ସେହିଠାରୁ ଉତ୍ତେଜନା ବଢ଼ିବା ଆରମ୍ଭ କରେ । ଈଶ୍ୱର ଅନ୍ୟ ପବିତ୍ର ଲୋକମାନଙ୍କ ମତାମତ ଜରିଆରେ ଆପଣଙ୍କୁ ସାହାଯ୍ୟ କରିବାକୁ ଚାହାନ୍ତି, କିନ୍ତୁ ଆପଣଙ୍କ ଧାରଣା ହୁଏ ଯେ, ସେମାନେ ଆପଣଙ୍କ ପଦକ୍ଷେପ ବିଷୟରେ ବୁଝିପାରୁ ନାହାନ୍ତି । ଈଶ୍ୱର ଆପଣଙ୍କୁ କିଭଳି ଚାଳନା ଦେଉଛନ୍ତି, ତାହା ବୁଝିବାର ଅଧିକାର ଆପଣଙ୍କର ନାହିଁ – ଈଶ୍ୱର ଆପଣଙ୍କୁ ଯେଉଁ ଏକମାତ୍ର ବିଷୟ ବୁଝାଇବେ– ସେ ନିଜେ ହିଁ ସେହି ବିଷୟ ।

ମୁକ୍ତ କଣ୍ଠରେ କୁହନ୍ତୁ ''ମୁଁ ବିଶ୍ୱସ୍ତ ହେବି ।'' କିନ୍ତୁ ମନେ ରଖନ୍ତୁ, ଆପଣ ଯୀଶୁ ଖ୍ରୀଷ୍ଟଙ୍କ ଶିଷ୍ୟ ହେବାର ମନୋନୟନ କରିବା ସହିତ ଆପଣ ''ନିଜେ ନିଜର ସାକ୍ଷୀ ହେବେ'' (ଯିହୋଶୂୟ ୨୪:୨୨) । ଅନ୍ୟ ଖ୍ରୀଷ୍ଟିୟାନ ବନ୍ଧୁମାନଙ୍କ ସହ ପରାମର୍ଶ କରନ୍ତୁ ନାହିଁ, କିନ୍ତୁ ସରଳ ଭାବେ ଈଶ୍ୱରଙ୍କ ସମ୍ମୁଖରେ କୁହନ୍ତୁ, ''ମୁଁ ତୁମର ସେବା କରିବି ।'' ବିଶ୍ୱସ୍ତ ହେବା ପାଇଁ ଇଚ୍ଛା କରନ୍ତୁ ଏବଂ ଅନ୍ୟମାନଙ୍କ ବିଶ୍ୱସ୍ତତା ପାଇଁ ସେମାନଙ୍କୁ ସମ୍ମାନ ଦିଅନ୍ତୁ ।

# ଆପଣ କ'ଣ ନିଜକୁ ପରୀକ୍ଷା କରିବେ ?

### ଯିହୋଶୂୟ ଲୋକମାନଙ୍କୁ କହିଲେ,
### ''ତୁମେମାନେ ପ୍ରଭୁଙ୍କର ସେବା କରିବାକୁ ସମର୍ଥ ନୁହଁ'' ?
### ଯିହୋଶୂୟ ୨୪:୧୯

ଈଶ୍ୱରଙ୍କ ଅପେକ୍ଷା ଆପଣ କ'ଣ ଅନ୍ୟ କୌଣସି ବ୍ୟକ୍ତି ବା କୌଣସି ବସ୍ତୁ ଉପରେ ସାମାନ୍ୟ ଭରସା ରଖିଛନ୍ତି ? ଆପଣଙ୍କ ଆଭ୍ୟନ୍ତରୀଣ ସ୍ୱାଭାବିକ ଗୁଣ କିମ୍ବା କେତେକ ପରିସ୍ଥିତି ଉପରେ ଅବଶିଷ୍ଟ ଭରସା ରହିଛି ? ଆପଣଙ୍କ ସମ୍ମୁଖରେ ଈଶ୍ୱର ଯେଉଁ ନୂଆ ଯୋଜନା ରଖିଛନ୍ତି, ସେହି ବିଷୟରେ ଆପଣ କ'ଣ ନିଜ ଉପରେ ଭରସା ରଖିଛନ୍ତି ? ଏହି ଅନୁସନ୍ଧାନମୂଳକ ପ୍ରଶ୍ନ ସହ ଆପଣ କ'ଣ ନିଜକୁ ପରୀକ୍ଷା କରିବେ ? ଏହା କହିବା ପ୍ରକୃତରେ ସତ ଯେ, ''ମୁଁ ପବିତ୍ର ଜୀବନ ଯାପନ କରି ପାରିବି ନାହିଁ'', କିନ୍ତୁ ଆପଣ ଏହି ସିଦ୍ଧାନ୍ତ ନେଇ ପାରିବେ ଯେ, ଯୀଶୁଖ୍ରୀଷ୍ଟଙ୍କୁ ସୁଯୋଗ ଦେବେ, ଯେପରି ସେ ଆପଣଙ୍କୁ ପବିତ୍ର କରିବେ । ଆପଣ ''ଈଶ୍ୱରଙ୍କ ସେବା କରି ପାରିବେ ନାହିଁ'' – କିନ୍ତୁ ଆପଣ ନିଜକୁ ଏପରି ସ୍ଥିତିରେ ରଖିବେ ଯେଉଁଠାରେ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ଶକ୍ତି ଆପଣଙ୍କ ମଧ୍ୟ ଦେଇ ପ୍ରବାହିତ ହେବ । ଆପଣଙ୍କର ଈଶ୍ୱରଙ୍କ ସହିତ କ'ଣ ଏଭଳି ସଂପର୍କ ଅଛି, ଯଦ୍ଦ୍ୱାରା ଆପଣ ପ୍ରତ୍ୟାଶା ରଖିବେ ଯେ, ସେ ଆପଣଙ୍କ ମଧ୍ୟରେ ତାଙ୍କର ଅଦ୍ଭୁତ ଜୀବନ ପ୍ରଦର୍ଶନ କରିବେ ?

''ଲୋକମାନେ ଯିହୋଶୂୟଙ୍କୁ କହିଲେ, 'ନା, ଆମେ ପ୍ରଭୁଙ୍କର ସେବା କରିବୁ'' (ଯିହୋଶୂୟ ୨୪:୨୧) । ଏହା ଏକ ଉତ୍ତେଜନାପୂର୍ଣ୍ଣ କାର୍ଯ୍ୟ ନୁହେଁ, ମାତ୍ର ଏକ ଦୃଢ଼ ସଂକଳ୍ପ । ଆମେ କହିପାରୁ, ''ଏହି କାର୍ଯ୍ୟ ପାଇଁ ଈଶ୍ୱର ମୋତେ ଆହ୍ୱାନ କରିବେ ନାହିଁ । ମୁଁ ଅତି ଅଯୋଗ୍ୟ । ଏ ଆହ୍ୱାନ ମୋ ପାଇଁ ନୁହେଁ ।'' ଏହି ଆହ୍ୱାନ ଆପଣଙ୍କ ପାଇଁ, ଆପଣ ଯେତେ ଦୁର୍ବଳ ଓ ଅଯୋଗ୍ୟ ହେବେ, ସେତେ ଭଲ ହେବ । ଯେଉଁ ବ୍ୟକ୍ତି ବର୍ତ୍ତମାନ ମଧ୍ୟ ନିଜର ଆଭ୍ୟନ୍ତରୀଣ କୌଣସି ବିଷୟ ପ୍ରତି ଭରସା ରଖିଛି, ସେ ଏହି କଥା କହିବା ଅବସ୍ଥାଠାରୁ ବହୁତ ଦୂରରେ ଅଛି ଯେ, ''ମୁଁ ପ୍ରଭୁଙ୍କର ସେବା କରିବି ।''

ଆମେ କହୁ, ''ମୁଁ ଯଦି ବିଶ୍ୱାସ କରିଥା'ନ୍ତି !'' ପ୍ରଶ୍ନ ହେଉଛି, ''ମୁଁ କ'ଣ ବିଶ୍ୱାସ କରିବି ?'' ସେଥିପାଇଁ ଯୀଶୁଖ୍ରୀଷ୍ଟ ଅବିଶ୍ୱାସ ରୂପକ ପାପ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ, ''ସେ ସେମାନଙ୍କର ଅବିଶ୍ୱାସ ହେତୁ ସେଠାରେ ବିଶେଷ ଅଲୌକିକ କାର୍ଯ୍ୟ କଲେ ନାହିଁ'' (ମାଥିଉ ୧୩:୫୮) । ଯଦି ଆମେ ସ୍ୱୀକାର କରୁ ଯେ, ପ୍ରକୃତରେ ଈଶ୍ୱର ଯାହା କହନ୍ତି, ତାହା କରନ୍ତି, ତେବେ କଳ୍ପନା କରନ୍ତୁ ଯେ, ଆମେ କେଉଁଭଳି ହେବା ? ଈଶ୍ୱର ଯାହା ହେବେ ବୋଲି କହନ୍ତି, ମୋ ଜୀବନରେ ତାହା ଘଟାଇବା ପାଇଁ ମୋର କ'ଣ ସେପରି ସାହସ ଅଛି ?

**ଜୁଲାଇ ୧୦**

# ଆତ୍ମିକ ରୂପେ ଅଳସୁଆ ପବିତ୍ର ଲୋକ

**ଆସ, ଆମେ କିପରି ଭାବରେ ପରସ୍ପରକୁ ପ୍ରେମ ଓ ସତ୍‌କର୍ମରେ ପ୍ରବର୍ତ୍ତାଇବା... ...ଉପାସନାରେ ସମବେତ ହେବାକୁ ହେଳା କରିବା ନାହିଁ ।**

**ଏବ୍ରୀ ୧୦:୨୪–୨୫**

ଆମ ସମସ୍ତଙ୍କର ଆତ୍ମିକ ରୂପେ ଅଳସୁଆ ପବିତ୍ର ଲୋକ ହେବାର କ୍ଷମତା ଅଛି । ଆମେ ଜୀବନର କଠିନ ପଥରୁ ଦୂରେଇ ରହିବାକୁ ଇଚ୍ଛା କରିଥାଉ ଏବଂ ଜଗତର ଜଂଜାଳ ମଧ୍ୟରୁ ଅଲଗା ରହି ଏକ ଶାନ୍ତିପୂର୍ଣ୍ଣ ଜୀବନ ଅତିବାହିତ କରିବାର ଲକ୍ଷ୍ୟ ଧାର୍ଯ୍ୟ କରୁ । ଏବ୍ରୀ ୧୦ ପର୍ବର ଏହି ପଦଗୁଡ଼ିକରେ ନିହିତ ଉଦ୍ଦେଶ୍ୟ ହେଉଛି, ପରସ୍ପରକୁ ଉତ୍ସାହିତ କରି ଏକତ୍ର ଭାବେ ରହିବା । ଏହି ଦୁଇଟି ବିଷୟ ପାଇଁ ପଦକ୍ଷେପ ଆବଶ୍ୟକ – ପ୍ରଥମ ପଦକ୍ଷେପ ଆତ୍ମ ସଚେତନତା ପ୍ରତି ନୁହେଁ, ମାତ୍ର ଈଶ୍ୱରଙ୍କ ପ୍ରତି ସଚେତନ ହେବା ଉଦ୍ଦେଶ୍ୟରେ ଆମର ପ୍ରସ୍ତୁତି । ଦୂରବର୍ତ୍ତୀ, ନିର୍ବାସିତ ଏବଂ ଅସାମାଜିକ ଜୀବନ ଆଧ୍ୟାତ୍ମିକତା ସଂପର୍କିତ ଯୀଶୁଖ୍ରୀଷ୍ଟଙ୍କ ଶିକ୍ଷାର ବିରୋଧାତ୍ମକ ଅଟେ ।

ଆମର ଆଧ୍ୟାତ୍ମିକତାର ପରୀକ୍ଷା ସେହି ସମୟରେ ହୁଏ, ଯେତେବେଳେ ଆମେ ଅନ୍ୟାୟ, ଅପମାନ, କୃତଘ୍ନତା ଏବଂ ବିଶୃଙ୍ଖଳା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁ, କାରଣ ଏ ସବୁ ଆମକୁ ଆତ୍ମିକ ରୂପେ ଅଳସୁଆ କରିଦିଏ । ପରୀକ୍ଷା ସମୟରେ ଗୋଟିଏ ଶାନ୍ତ ପରିବେଶ ପାଇବା ଉଦ୍ଦେଶ୍ୟରେ ଆମେ ବାଇବଲ ଅଧ୍ୟୟନ ଏବଂ ପ୍ରାର୍ଥନା କରିଥାଉ । ଶାନ୍ତି ଏବଂ ଆନନ୍ଦ ପାଇବା ପାଇଁ ଆମେ ଈଶ୍ୱରଙ୍କୁ ବ୍ୟବହାର କରୁ । ଆମେ ଯୀଶୁ ଖ୍ରୀଷ୍ଟଙ୍କ ସତ୍ୟତା ଆଧାରିତ ଅନୁଭୂତି ଅନ୍ୱେଷଣ ନ କରି ତାଙ୍କର ଆନନ୍ଦଲାଭ କରିବା ପାଇଁ ଆଗ୍ରହ ପ୍ରକାଶ କରୁ । ଏହା ଭୁଲ୍ ଦିଗ ଅନୁସରଣ କରିବାର ପ୍ରଥମ ପଦକ୍ଷେପ । ଆମେ ଅନ୍ୱେଷଣ କରୁଥିବା ଏସବୁ ହେଉଛି ପରିଣାମ, କିନ୍ତୁ ଆମେ ଏ ସବୁକୁ କାରଣରେ ପରିଣତ କରିବାର ଚେଷ୍ଟା କରୁଛୁ ।

ପିତର କହିଲେ, ‘‘ମୁଁ ତୁମର ସ୍ମୃତି ଶକ୍ତିକୁ ସତେଜ ରଖିବା ଉଚିତ ମନେ କରୁଛି’’ (୨ ପିତର ୧:୧୩) । ଯେତେବେଳେ ଆମକୁ ଆତ୍ମିକ ରୂପେ ସକ୍ରିୟ କରିବା ପାଇଁ ଈଶ୍ୱର ଅନ୍ୟ କୌଣସି ଆତ୍ମିକ-ମନା ଲୋକଙ୍କୁ ଆମ ପାଇଁ ବ୍ୟବହାର କରନ୍ତି, ତାହା ପ୍ରହାର ଭଳି ମନେ ହୁଏ ଏବଂ ମନ ଅତି ବ୍ୟାକୁଳ ହୁଏ । ସାଧାରଣ ସକ୍ରିୟ କାର୍ଯ୍ୟ ଏବଂ ଆତ୍ମିକ ସକ୍ରିୟ ଭାବ ଏକ ବିଷୟ ନୁହେଁ । ବାସ୍ତବ କ୍ଷେତ୍ରରେ ସକ୍ରିୟ କାର୍ଯ୍ୟ ଆତ୍ମିକ କାର୍ଯ୍ୟର ନକଲି ରୂପ ହୋଇପାରେ । ଆତ୍ମିକ ଆଳସ୍ୟ ପ୍ରକୃତିର ବିପଦ ହେଉଛି ଯେ, ଆମେ ନିଦ୍ରାରୁ ଜାଗ୍ରତ ହୋଇ ସକ୍ରିୟ ହେବା ପାଇଁ ଇଚ୍ଛା କରୁ ନାହୁଁ – ଆମେ କେବଳ ଜଗତରୁ ଆତ୍ମିକ ଅବସର ନେବାକୁ ଚାହୁଁ । କିନ୍ତୁ ଯୀଶୁ ଖ୍ରୀଷ୍ଟ ଅବସର ନେବାର ବିଚାରଧାରାକୁ ପ୍ରୋତ୍ସାହନ ଦିଅନ୍ତି ନାହିଁ – ସେ କହନ୍ତି, ‘‘ଯାଅ... ମୋର ଭାଇମାନଙ୍କୁ କୁହ’’ (ମାଥିଉ ୨୮:୧୦) ।

**ଜୁଲାଇ ୧୧**

# ଆତ୍ମିକ ରୂପେ କର୍ମଠ ପବିତ୍ର ଲୋକ

**ଯେପରି ମୁଁ ତାହାଙ୍କୁ... ଜ୍ଞାତ ହୁଏ ।**

**ଫିଲିପ୍ପୀୟ ୩:୧୦**

ଜଣେ ପବିତ୍ର ଲୋକ ନିଜକୁ ଜାଣିବା ପାଇଁ ନୁହେଁ, ମାତ୍ର ଯୀଶୁ ଖ୍ରୀଷ୍ଟଙ୍କୁ ଜାଣିବା ପାଇଁ ପ୍ରଥମ ପଦକ୍ଷେପ ନେବା ଆବଶ୍ୟକ । ଆତ୍ମିକ ରୂପେ କର୍ମଠ ପବିତ୍ର ଲୋକ ପରିସ୍ଥିତିକୁ ଏକ ବିକ୍ଷିପ୍ତ ଘଟଣା ବୋଲି ଭାବନ୍ତି ନାହିଁ ଏବଂ ତାଙ୍କର ଚିନ୍ତାଧାରା ଅନୁସାରେ ଜୀବନକୁ ସାଂସାରିକ ଏବଂ ଆତ୍ମିକ ରୂପେ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ ନାହିଁ । ପ୍ରତ୍ୟେକ ପରିସ୍ଥିତିରେ ସେ ନିଜକୁ ଯୀଶୁଙ୍କୁ ଜାଣିବାର ଏକ ମାଧ୍ୟମ ରୂପେ ଦେଖନ୍ତି ଏବଂ ତାଙ୍କ ମଧ୍ୟରେ ସ୍ୱଚ୍ଛନ୍ଦ ତ୍ୟାଗ ଏବଂ ସଂପୂର୍ଣ୍ଣ ସମର୍ପଣର ମନୋଭାବ ଥାଏ । ପବିତ୍ର ଆତ୍ମା ଦୃଢ଼ ପରିକର ଯେ, ଆମେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ସଚେତନ ହେବା ଏବଂ ଯେ ପର୍ଯ୍ୟନ୍ତ ଏହା ନ ହୋଇଛି, ସେ ବାରମ୍ବାର ଆମକୁ ସେହି ସ୍ଥାନକୁ ଫେରାଇ ଆଣିବେ । ଆତ୍ମ-ସଚେତନତା କେବଳ ଉତ୍ତମ କାର୍ଯ୍ୟକୁ ଗୌରବ ଦିଏ, ଅନ୍ୟ ପକ୍ଷରେ ପବିତ୍ର ଲୋକ ଯୀଶୁ ଖ୍ରୀଷ୍ଟଙ୍କୁ ଗୌରବ ଦିଅନ୍ତି ।

ଆମେ ଯାହା କିଛି କରୁ - ଏପରିକି ଖାଇବା, ପିଇବା କିମ୍ବା ଶିଷ୍ୟମାନଙ୍କ ପାଦ ଧୋଇବା, ସେ ସମସ୍ତ କାର୍ଯ୍ୟରେ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ସଚେତନ ଭାବର ପ୍ରଥମ ପଦକ୍ଷେପ ନେବାକୁ ହେବ । ଆମ ଜୀବନର ପ୍ରତ୍ୟେକ ସ୍ତରର ପ୍ରତିରୂପ ଯୀଶୁଖ୍ରୀଷ୍ଟଙ୍କ ଜୀବନରେ ଅଛି । ଏକ ନିକୃଷ୍ଟ କାର୍ଯ୍ୟରେ ମଧ୍ୟ ଆମର ପ୍ରଭୁ ପିତାଙ୍କ ସହିତ ତାଙ୍କର ସଂପର୍କ ବିଷୟରେ ସଚେତନ ଥିଲେ । ''ସେ ଯେ ଈଶ୍ୱରଙ୍କଠାରୁ ଆଗତ ଓ ଈଶ୍ୱରଙ୍କ ନିକଟକୁ ପ୍ରତ୍ୟାଗମନ କରୁଛନ୍ତି, ଯୀଶୁ ତାହା ଜାଣିଥିଲେ... ସେ ଗାମୁଛା ନେଲେ... ଶିଷ୍ୟମାନଙ୍କ ପାଦ ଧୋଇବାକୁ ଲାଗିଲେ'' (ଯୋହନ ୧୩:୩-୫) ।

ଆତ୍ମିକ ରୂପେ ଜଣେ କର୍ମଠ ପବିତ୍ର ଲୋକଙ୍କ ଲକ୍ଷ୍ୟ ହେଉଛି, ''ମୁଁ ଯେପରି ତାହାଙ୍କୁ ଜ୍ଞାତ ହୁଏ ।'' ଆଜି ମୋର ସ୍ଥିତାବସ୍ଥାରେ ମୁଁ କ'ଣ ତାହାଙ୍କୁ ଜାଣିଛି ? ଯଦି ନୁହେଁ, ତେବେ ମୁଁ ତାଙ୍କୁ ବିଫଳ କରିଛି । ମୁଁ ଏଠାରେ ନିଜକୁ ଜାଣିବା ପାଇଁ ନୁହେଁ, ମାତ୍ର ଯୀଶୁ ଖ୍ରୀଷ୍ଟଙ୍କୁ ଜାଣିବା ପାଇଁ ଅଛି । ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ଆମର ପ୍ରଥମ ପଦକ୍ଷେପ ଏବଂ ପ୍ରେରଣା ଅଧିକତର ଏହି ମନୋଭାବର ପରିଣାମ ହୋଇଥାଏ ଯେ, ଅନେକ କାମ ବାକି ରହିଛି ଏବଂ ଆମକୁ ତାହା କରିବାକୁ ହେବ । କିନ୍ତୁ ତାହା ଏକ ଆତ୍ମିକମନା କର୍ମଠ ପବିତ୍ର ଲୋକଙ୍କ ମନୋଭାବ ନୁହେଁ । ସବୁ ପରିସ୍ଥିତିରେ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ସଚେତନ ରହିବା ହେଉଛି ତାଙ୍କର ଲକ୍ଷ୍ୟ ।

**ଜୁଲାଇ ୧୨**

# ଆତ୍ମିକ ରୂପେ ସ୍ୱାର୍ଥାନ୍ୱେଷୀ ମଣ୍ଡଳୀ

**ଯେପରି ଆମ୍ଭେମାନେ ସମସ୍ତେ... ଖ୍ରୀଷ୍ଟଙ୍କ ପୂର୍ଣ୍ଣତାର ପରିମାଣାନୁସାରେ ପୂର୍ଣ୍ଣବୟସ୍କ ପୁରୁଷ ହେଉ ।**

**ଏଫିସୀୟ ୪:୧୩**

ପୁନର୍ମିଳନର ଅର୍ଥ ହେଉଛି, ସମଗ୍ର ମାନବଜାତି ଏବଂ ଈଶ୍ୱରଙ୍କ ମଧ୍ୟରେ ଥିବା ସଂପର୍କର ପୁନରୁଦ୍ଧାର କରି ତାହାକୁ ଈଶ୍ୱରଙ୍କ ପରିକଳ୍ପିତ ଯୋଜନାର ସ୍ଥିତିକୁ ଫେରାଇ ଆଣିବା । ଯୀଶୁଖ୍ରୀଷ୍ଟ ତାଙ୍କର ମୁକ୍ତି କାର୍ଯ୍ୟରେ ଏହା ସଂପାଦନ କଲେ । ଯେତେବେଳେ ମଣ୍ଡଳୀ ସ୍ୱାର୍ଥପର ହୁଏ ଏବଂ କେବଳ ନିଜର ସାଂଗଠାନିକ ବିକାଶ ପାଇଁ ଆଗ୍ରହୀ ହୁଏ, ସେତେବେଳେ ସେ ଆଉ ଆତ୍ମିକ ହୋଇ ରହେ ନାହିଁ । ଈଶ୍ୱରଙ୍କ ଯୋଜନାନୁସାରେ ମନୁଷ୍ୟଜାତିର ପୁନର୍ମିଳନର ଅର୍ଥ ହେଉଛି– କେବଳ ବ୍ୟକ୍ତିଗତ ଜୀବନରେ ନୁହେଁ, ମାତ୍ର ଆମର ସାମୂହିକ ଜୀବନରେ ଈଶ୍ୱରଙ୍କୁ ଜାଣିବା । ଏହି ଉଦ୍ଦେଶ୍ୟରେ ଯୀଶୁଖ୍ରୀଷ୍ଟ ତାଙ୍କ ପ୍ରେରିତ ଶିଷ୍ୟ ଏବଂ ଶିକ୍ଷକମାନଙ୍କୁ ପଠାଇଲେ, ଯେପରି ବିଭିନ୍ନ ସଭ୍ୟସଭ୍ୟାଙ୍କୁ ନେଇ ଗଠିତ ସାମୂହିକ ମଣ୍ଡଳୀରେ ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱ ଦୃଶ୍ୟମାନ ହେବ ଏବଂ ତାଙ୍କର ପରିଚୟ ମିଳିବ । ଆମ ନିଜର ଆତ୍ମିକ ଜୀବନର ବିକାଶ କିମ୍ବା ଏକ ବିଶ୍ରାମଜନିତ ଆତ୍ମିକ ଜୀବନର ଶାନ୍ତି ଉପଭୋଗ କରିବା ଆମର ଲକ୍ଷ୍ୟ ନୁହେଁ । ଆମେ ଏଠାରେ ରହିବାର ଉଦ୍ଦେଶ୍ୟ ହେଉଛି, ଯେପରି ଯୀଶୁଖ୍ରୀଷ୍ଟଙ୍କୁ ଜାଣିବା ଏବଂ ତାଙ୍କର ଶରୀର ରୂପକ ମଣ୍ଡଳୀ ଗଠନ କରିବା ।

ମୁଁ କ'ଣ ଖ୍ରୀଷ୍ଟଙ୍କ ଶରୀର ଗଠନ କରୁଛି ଅବା ନିଜର ବ୍ୟକ୍ତିଗତ ବିକାଶ ପାଇଁ ବ୍ୟସ୍ତ ରହିଛି ? ଉପାଦେୟ ବିଷୟ ହେଉଛି, ଯୀଶୁ ଖ୍ରୀଷ୍ଟଙ୍କ ସହିତ ମୋର ବ୍ୟକ୍ତିଗତ ସଂପର୍କ– ''ମୁଁ ଯେପରି ତାଙ୍କୁ ଜ୍ଞାତ ହୁଏ'' (ଫିଲିପ୍ପୀୟ ୩:୧୦) । ମୋ ପାଇଁ ଈଶ୍ୱରଙ୍କ ସିଦ୍ଧ ଯୋଜନା ସଫଳ କରିବା ପାଇଁ ନିଜକୁ ଅସ୍ୱୀକାର କରି ତାଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପିତ ହେବା ଆବଶ୍ୟକ । ଯେତେବେଳେ ମୁଁ ସ୍ୱାର୍ଥପର ହୋଇ କେବଳ ନିଜ ପାଇଁ ମାଗେ, ସେତେବେଳେ ସେହି ସଂପର୍କ ବିକୃତ ହୁଏ । ଯେତେବେଳେ ମୁଁ ସ୍ୱୀକାର କରେ ଏବଂ ଜାଣିପାରେ ଯେ, ମୁଁ ପ୍ରକୃତରେ ସ୍ୱୟଂ ଯୀଶୁଖ୍ରୀଷ୍ଟଙ୍କୁ ଜାଣିବା ପରିବର୍ତ୍ତେ ମୋ ପ୍ରତି ତାଙ୍କର କୃତକାର୍ଯ୍ୟକୁ ଜାଣିବା ପାଇଁ ଆଗ୍ରହୀ ହୋଇଛି, ସେତେବେଳେ ମୁଁ ଅତ୍ୟନ୍ତ ଲଜ୍ଜିତ ହୁଏ ।

*ମୋର ଲକ୍ଷ୍ୟ, ଆନନ୍ଦ ନୁହେଁ, ଶାନ୍ତି ନୁହେଁ, କେବଳ ଈଶ୍ୱର*
*ଆଶୀର୍ବାଦ ସୁଦ୍ଧା ନୁହେଁ, ମାତ୍ର ସେ, କେବଳ ମୋର ଈଶ୍ୱର ।*

ମୁଁ କ'ଣ ଏହି ମାନଦଣ୍ଡରେ ମୋର ଜୀବନକୁ ମାପୁଛି ଅବା ଏହାଠାରୁ ନିମ୍ନମାନର ଅନ୍ୟ କୌଣସି ମାନଦଣ୍ଡ ବ୍ୟବହାର କରୁଛି ?

# ଦର୍ଶନର ମୂଲ୍ୟ

**ଯେଉଁ ବର୍ଷ ରାଜା ଉଜିୟଙ୍କର ମୃତ୍ୟୁ ହେଲା,**
**ସେହି ବର୍ଷ ମୁଁ ପ୍ରଭୁଙ୍କୁ...ଦେଖିଲି ।**
**ଯିଶାଇୟ ୬:୧**

ଈଶ୍ୱରଙ୍କ ସହିତ ଆମ ଆତ୍ମାର ବ୍ୟକ୍ତିଗତ ଇତିହାସ ପ୍ରାୟତଃ ଆମ ବୀରମାନଙ୍କର ମୃତ୍ୟୁର ବିଷଦ ବର୍ଣ୍ଣନାକୁ ବୁଝାଏ । ଈଶ୍ୱରଙ୍କୁ ବାରମ୍ବାର ଆମର ବନ୍ଧୁମାନଙ୍କୁ ଅପସାରଣ କରି ସେହି ସ୍ଥାନରେ ସ୍ୱୟଂ ନିଜକୁ ରଖିବାକୁ ହୋଇଥାଏ, ଆଉ ସେହି ସମୟରେ ହିଁ ଆମେ ଝୁଣ୍ଟି ପଡ଼ିଯାଉ ଏବଂ ନିରାଶ ହୋଇଥାଉ । ବ୍ୟକ୍ତିଗତ ଭାବେ ମୁଁ ଯଦି ଚିନ୍ତା କରେ ଯେ, ଯେଉଁ ବ୍ୟକ୍ତି ମୋ ଜୀବନରେ ଈଶ୍ୱରଙ୍କ ପ୍ରତିନିଧି ରୂପେ ଥିଲେ, ତାହାଙ୍କ ମୃତ୍ୟୁ ପରେ ମୁଁ କ'ଣ ସବୁ ତ୍ୟାଗ କରିଦେଲି ? ମୁଁ କ'ଣ ଅସୁସ୍ଥ ହେଲି କିମ୍ବା ହତୋତ୍ସାହିତ ହେଲି ? ଅବା ମୁଁ ଯିଶାଇୟଙ୍କ ପରି ପ୍ରଭୁଙ୍କୁ ଦେଖିଲି ?

ଈଶ୍ୱରଙ୍କ ସଂପର୍କିତ ମୋର ଦର୍ଶନ ମୋର ଚାରିତ୍ରିକ ଅବସ୍ଥା ଉପରେ ନିର୍ଭର କରେ । ମୋର ଚରିତ୍ର ନିର୍ଦ୍ଧାରଣ କରେ ଯେ, ସତ୍ୟ ମୋ ପ୍ରତି ପ୍ରକଟିତ ହୋଇପାରେ ଅବା ହୋଇ ନ ପାରେ । ''ମୁଁ ଈଶ୍ୱରଙ୍କୁ ଦେଖିଲି'', ଏହି କଥା କହିବା ପୂର୍ବରୁ ମୋ ଚରିତ୍ରରେ ଏପରି କିଛି ବିଷୟ ରହିବା ଆବଶ୍ୟକ ଯାହା ଈଶ୍ୱରଙ୍କ ପ୍ରତିରୂପକୁ ପ୍ରମାଣିତ କରିପାରିବ । ଯେ ପର୍ଯ୍ୟନ୍ତ ମୁଁ ନୂତନ ଜନ୍ମ ପାଇ ନାହିଁ ଏବଂ ଈଶ୍ୱରଙ୍କ ରାଜ୍ୟକୁ ଦେଖିବା ଆରମ୍ଭ କରି ନାହିଁ, ମୁଁ କେବଳ ନିଜ ପକ୍ଷର ଦୃଷ୍ଟିକୋଣରୁ ଦେଖୁଛି । ମୋର ଆବଶ୍ୟକତା ହେଉଛି, ଈଶ୍ୱରଙ୍କ ଶଲ୍ୟ ଚିକିତ୍ସାର କାର୍ଯ୍ୟପ୍ରଣାଳୀ – ମୋର ଆଭ୍ୟନ୍ତରୀଣ ଶୁଦ୍ଧତା ପାଇଁ ମୋର ବାହ୍ୟିକ ପରିସ୍ଥିତିକୁ ବ୍ୟବହାର କରିବା ବିଷୟକ ଈଶ୍ୱରଙ୍କ ପ୍ରଣାଳୀ ।

ଯେ ପର୍ଯ୍ୟନ୍ତ ଆପଣଙ୍କ ଜୀବନ ଅନ୍ୟ କାହା ପ୍ରତି ଆକର୍ଷିତ ନ ହୋଇ କେବଳ ନିରବଚ୍ଛିନ୍ନ ଭାବେ ଈଶ୍ୱରଙ୍କ ସମ୍ମୁଖରେ ସ୍ଥିର ହୋଇ ନ ରହିଛି, ଈଶ୍ୱରଙ୍କୁ ପ୍ରଥମ ସ୍ଥାନ, ଦ୍ୱିତୀୟ ସ୍ଥାନ ଏବଂ ତୃତୀୟ ସ୍ଥାନ ଦେବା ଆପଣଙ୍କ ଅଗ୍ରାଧିକାର ହେବା ଆବଶ୍ୟକ । ତା'ପରେ ଆପଣଙ୍କ ପ୍ରାର୍ଥନା ହେବ, ''ପ୍ରିୟ ପ୍ରଭୁ, ସମୁଦାୟ ଜଗତରେ ତୁମ ଛଡ଼ା ମୋର ଆଉ କେହି ନାହିଁ, ତୁମ ଛଡ଼ା ମୋର ଆଉ କେହି ନାହିଁ ।''

ମୂଲ୍ୟ ଦେଇ ଚାଲିଥାନ୍ତୁ । ଈଶ୍ୱରଙ୍କୁ ଦେଖିବାକୁ ଦିଅନ୍ତୁ ଯେ, ଆପଣ ଦର୍ଶନ ଯୋଗ୍ୟ ଜୀବନ ଯାପନ ପାଇଁ ପ୍ରସ୍ତୁତ ଅଛନ୍ତି ।

ଜୁଲାଇ ୧୪

# ଦୁଃଖ ଯନ୍ତ୍ରଣା ସହି ଆଗ ବଢ଼ିଯିବା

**ମାତ୍ର ମୁଁ ତୁମକୁ କହେ, ଦୁର୍ଜ୍ଜନର ପ୍ରତିରୋଧ କର ନାହିଁ । କେହି ତୁମକୁ ଡାହାଣ ଗାଲରେ ଚାପୁଡ଼ା ମାରିଲେ ତାକୁ ଅନ୍ୟ ଗାଲ ମଧ୍ୟ ଦେଖାଇ ଦିଅ ।**

**ମାଥିଉ ୫:୩୯**

ଏହି ପଦଟି ଖ୍ରୀଷ୍ଟିୟାନ ହେବାର ଅପମାନକୁ ପ୍ରକାଶ କରେ । ସ୍ୱାଭାବିକ କ୍ଷେତ୍ରରେ ଯଦି ଜଣେ ଲୋକ ଚାପୁଡ଼ାର ଜବାବ ଚାପୁଡ଼ାରେ ଦିଏ ନାହିଁ, ତେବେ ତାକୁ ଭୀରୁ କୁହାଯାଏ, କିନ୍ତୁ ଆଧ୍ୟାତ୍ମିକ କ୍ଷେତ୍ରରେ ଯଦି ସେ ପ୍ରତିଶୋଧ ନ ନିଏ, ତେବେ ପ୍ରମାଣିତ ହୁଏ ଯେ, ତା' ମଧ୍ୟରେ ଈଶ୍ୱରଙ୍କ ପୁତ୍ର ଅଛନ୍ତି । ଆପଣ ଯେତେବେଳେ ଅପମାନିତ ହୁଅନ୍ତି, ଆପଣ କେବଳ ପ୍ରତିଶୋଧ ନେବେ ନାହିଁ, ମାତ୍ର ଆପଣଙ୍କ ଜୀବନରେ ଈଶ୍ୱରଙ୍କ ପୁତ୍ରଙ୍କୁ ପ୍ରଦର୍ଶନ କରିବା ପାଇଁ ଏହାକୁ ଏକ ସୁଯୋଗ ରୂପେ ବ୍ୟବହାର କରିବେ । ଆପଣ ଯୀଶୁଙ୍କ ସ୍ୱଭାବକୁ ଅନୁକରଣ କରି ପାରିବେ ନାହିଁ – ହୁଏତ ତାହା ଆପଣଙ୍କଠାରେ ଅଛି, କିମ୍ବା ନାହିଁ । ଜଣେ ପବିତ୍ର ଲୋକଙ୍କ ବ୍ୟକ୍ତିଗତ ଅପମାନ ପ୍ରଭୁ ଯୀଶୁଙ୍କ ଅବର୍ଣ୍ଣନୀୟ ମଧୁରତା ପ୍ରକାଶ କରିବାର ଏକ ସୁଯୋଗ ହୋଇଥାଏ ।

ପାର୍ବତ୍ୟ ଉପଦେଶର ଶିକ୍ଷା ନୁହେଁ ''ତୁମର କର୍ତ୍ତବ୍ୟ ପାଳନ କର'', କିନ୍ତୁ ଏକ ପକ୍ଷରେ ଏହା ହେଉଛି, ''ଯାହା ତୁମର କର୍ତ୍ତବ୍ୟ ନୁହେଁ, ତାହା କର ।'' ଆପଣଙ୍କ କର୍ତ୍ତବ୍ୟ ନୁହେଁ, ଦୁଇ କୋଶ ଯିବା ବା ଅନ୍ୟ ଗାଲ ଦେଖାଇ ଦେବା, କିନ୍ତୁ ଯୀଶୁ କହିଲେ ଯେ, ଯଦି ଆମେ ତାଙ୍କର ଶିଷ୍ୟଶିଷ୍ୟା, ତେବେ ସବୁବେଳେ ଆମକୁ ଏପରି କରିବାକୁ ହେବ । ଆମେ କହିବା ନାହିଁ, ''ମୁଁ ଏସବୁ ଆଉ କରିପାରିବି ନାହିଁ, ମୋତେ ଭୁଲ୍ ରୂପେ ଏଭଳି ଉପସ୍ଥାପିତ କରାଯାଇଛି ଯେ, ସମସ୍ତେ ମୋତେ ଭୁଲ୍ ବୁଝିଛନ୍ତି ।'' ପ୍ରତିଥର ମୋର ଅଧିକାର ପାଇଁ ଲଢ଼ିବା ସମୟରେ ମୁଁ ଈଶ୍ୱରଙ୍କ ପୁତ୍ରଙ୍କୁ ଆଘାତ ଦେଇଥାଏ, କିନ୍ତୁ ଯୀଶୁଙ୍କୁ ଆଘାତରୁ ବଞ୍ଚିତ କରିବାର ଉପାୟ ହେଉଛି, ମୁଁ ନିଜେ ସେହି ଆଘାତ ସହିବି । ''ଖ୍ରୀଷ୍ଟଙ୍କ ଦୁଃଖଭୋଗର ଯାହା ଉଣା ଅଛି, ତାହା ମୁଁ ମୋ ଶରୀରରେ ପୂରଣ କରୁଛି'' (କଲସୀୟ ୧:୨୪) । ଜଣେ ଶିଷ୍ୟ ଉପଲବ୍ଧି କରନ୍ତି ଯେ, ତାଙ୍କ ଜୀବନରେ ପ୍ରଭୁଙ୍କର ସମ୍ମାନ ବିପନ୍ନ ହେଉଛି, ନିଜର ସମ୍ମାନ ନୁହେଁ ।

ଅନ୍ୟ ଜଣଙ୍କ ମଧ୍ୟରେ ଧାର୍ମିକତାର ଅନ୍ୱେଷଣ କରନ୍ତୁ ନାହିଁ, କିନ୍ତୁ ନିଜକୁ ଧାର୍ମିକ ବିବେଚିତ କରିବାରୁ କ୍ଷାନ୍ତ ହୁଅନ୍ତୁ । ଆମେ ସବୁବେଳେ ନ୍ୟାୟର ଅନ୍ୱେଷଣ କରୁଛୁ । ତଥାପି ପାର୍ବତ୍ୟ ଉପଦେଶର ଶିକ୍ଷା ହେଉଛି – ନ୍ୟାୟର ଅନ୍ୱେଷଣ କରନ୍ତୁ ନାହିଁ, କିନ୍ତୁ ନ୍ୟାୟ ପ୍ରଦର୍ଶନ ବନ୍ଦ କରନ୍ତୁ ନାହିଁ ।

**ଜୁଲାଇ ୧୫**

# ମୋ ଜୀବନର ଆତ୍ମିକ ସମ୍ମାନ ଏବଂ କର୍ତ୍ତବ୍ୟ

**ଗ୍ରୀକ୍ କି ଅଣ-ଗ୍ରୀକ୍, ସମସ୍ତଙ୍କ ନିକଟରେ ମୁଁ ଋଣୀ ।**

**ରୋମୀୟ ୧:୧୪**

ପାଉଲ ଭାବବିହ୍ୱଳ ହୋଇ ଯୀଶୁ ଖ୍ରୀଷ୍ଟଙ୍କ ନିକଟରେ ଋଣୀ ହୋଇଥିଲେ ଏବଂ ତାଙ୍କର ସମୁଦାୟ ଜୀବନରେ ତାହା ପ୍ରକାଶ କରିଥିଲେ । ପାଉଲଙ୍କ ଜୀବନର ଶ୍ରେଷ୍ଠ ପ୍ରେରଣା ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ତାଙ୍କର ଏହି ଦୃଷ୍ଟିକୋଣ ଥିଲା ଯେ, ଯୀଶୁ ତାଙ୍କର ଆତ୍ମିକ ଋଣଦାତା ଥିଲେ । ମୁଁ କ'ଣ ଉଦ୍ଧାରପ୍ରାପ୍ତ ହୋଇଥିବା ଆତ୍ମାଗୁଡ଼ିକ ବିଷୟରେ ଯୀଶୁଙ୍କଠାରେ ଋଣୀ ହେବାର ସେହି ଭାବ ପୋଷଣ କରିଛି ? ଜଣେ ପବିତ୍ର ବ୍ୟକ୍ତି ରୂପେ ମୋର ଆତ୍ମିକ ସମ୍ମାନ ଏବଂ କର୍ତ୍ତବ୍ୟ ହେଉଛି, ଏହି ହଜା ଆତ୍ମାଗୁଡ଼ିକ ସଂପର୍କରେ ଖ୍ରୀଷ୍ଟଙ୍କୁ ମୋର ଋଣ ପରିଶୋଧ କରିବି । ମୋ ଜୀବନର ଅତି କ୍ଷୁଦ୍ରତମ ଅଂଶ, ଯାହାର ମୂଲ୍ୟ ଅଛି, ସେସବୁ ପାଇଁ ମୁଁ ଯୀଶୁ ଖ୍ରୀଷ୍ଟଙ୍କ ଉଦ୍ଧାର କାର୍ଯ୍ୟ ନିକଟରେ ଋଣୀ । ଅନ୍ୟମାନେ ଜୀବନରେ ତାଙ୍କର ଉଦ୍ଧାର କାର୍ଯ୍ୟକୁ ବାସ୍ତବତାରେ ପରିଣତ କରିବା ଦିଗରେ ତାଙ୍କର ସାମର୍ଥ୍ୟ ପାଇଁ ମୁଁ କ'ଣ କିଛି କରୁଛି ? ମୁଁ ଏହା କରିପାରିବି, ଯେତେବେଳେ ଈଶ୍ୱରଙ୍କ ଆତ୍ମା ଋଣୀ ହେବାର ମନୋଭାବ ମୋ ମନରେ ସୃଷ୍ଟି କରିବେ ।

ମୁଁ ଅନ୍ୟମାନଙ୍କ ଅପେକ୍ଷା ଉଚ୍ଚତର ନୁହେଁ- ମୁଁ ପ୍ରଭୁଯୀଶୁଙ୍କର ଜଣେ ଦାସ । ପାଉଲ କହିଲେ, ''ତୁମେମାନେ ଆଉ ନିଜର ନୁହଁ, ତୁମେମାନେ ମହାମୂଲ୍ୟରେ କ୍ରୀତ ହୋଇଛ'' (୧ କରିନ୍ଥୀୟ ୬:୧୯-୨୦) । ପାଉଲ ନିଜକୁ ଯୀଶୁଖ୍ରୀଷ୍ଟଙ୍କୁ ବିକ୍ରୀ କରି ଦେଇଥିଲେ, ଆଉ ସେ କହିଲେ, ''ଯୀଶୁଙ୍କ ସୁସମାଚାର ପାଇଁ ମୁଁ ଜଗତର ସବୁ ଲୋକଙ୍କ ନିକଟରେ ଋଣୀ, ମୁଁ କେବଳ ସେଥିପାଇଁ ମୁକ୍ତ, ଯେପରି ମୁଁ ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କର ଦାସ ହୋଇ ପାରିବି ।'' ଯେତେବେଳେ ଆତ୍ମିକ ସମ୍ମାନ ଏବଂ କର୍ତ୍ତବ୍ୟର ଏହି ସ୍ତର ବାସ୍ତବ ହୁଏ, ସେତେବେଳେ ତାହା ଖ୍ରୀଷ୍ଟୀୟ ଜୀବନର ବିଶେଷତ୍ୱ ରୂପେ ପ୍ରକାଶିତ ହୁଏ । ନିଜ ପାଇଁ ପ୍ରାର୍ଥନା କରିବାରୁ ନିବୃତ୍ତ ହୋଇ ଦାସ ରୂପେ ଅନ୍ୟମାନଙ୍କ ପାଇଁ ଜୀବନକୁ ବ୍ୟୟ କରନ୍ତୁ । ଏହା ହେଉଛି, ବାସ୍ତବ ଜୀବନରେ ଭଂଗା ରୋଟୀ ଏବଂ ଉଚ୍ଛୁଳା ଦ୍ରାକ୍ଷାରସ ହେବାର ପ୍ରକୃତ ଅର୍ଥ ।

# ଐଶ୍ୱରିକ ନିୟନ୍ତ୍ରଣର ଧାରଣା

**ତେବେ ତୁମମାନଙ୍କ ସ୍ୱର୍ଗସ୍ଥ ପିତା ତାଙ୍କ ନିକଟରେ ମାଗିବା ଲୋକଙ୍କୁ କେତେ ଅଧିକ ଉତ୍ତମ ବିଷୟ ନ ଦେବେ ।**

**ମାଥିଉ ୭:୧୧**

ଏହି ଅନୁଚ୍ଛେଦରେ ଯୀଶୁ ସେହି ଲୋକମାନଙ୍କ ପାଇଁ ଆଚରଣ ନୀତି ପ୍ରଣୟନ କରୁଛନ୍ତି, ଯେଉଁମାନଙ୍କଠାରେ ତାଙ୍କର ଆତ୍ମା ଅଛି । ସେ ଆଗ୍ରହ ପ୍ରକାଶ କରନ୍ତି ଯେ, ଆମେ ସବୁ ବିଷୟ ଉପରେ ଈଶ୍ୱରଙ୍କ ନିୟନ୍ତ୍ରଣର ଧାରଣାରେ ନିଜର ମନକୁ ପୂର୍ଣ୍ଣ କରି ରଖୁ, ଯାହାର ଅର୍ଥ ହେଉଛି ଯେ, ଜଣେ ଶିଷ୍ୟ ମାଗିବା ଏବଂ ଖୋଜିବାର ଆଗ୍ରହଜନକ ମନୋଭାବ ବଜାୟ ରଖିବା ଉଚିତ୍ ।

ଈଶ୍ୱରଙ୍କ ଉପସ୍ଥିତିରେ ଆପଣଙ୍କ ମନକୁ ପୂର୍ଣ୍ଣ କରନ୍ତୁ । ଥରେ ଆପଣଙ୍କ ମନ ସେହି ଚିନ୍ତାରେ ପୂର୍ଣ୍ଣ ହୋଇଗଲେ ଯେତେବେଳେ ଆପଣ ଅସୁବିଧାର ସମ୍ମୁଖୀନ ହେବେ, ଆପଣ ସହଜରେ ମନେ ପକାଇବେ ଯେ, ‘‘ମୋର ସ୍ୱର୍ଗସ୍ଥ ପିତା ଏ ସମସ୍ତ ବିଷୟ ଜାଣନ୍ତି ।’’ ଏଥିପାଇଁ ଆପଣଙ୍କୁ କୌଣସି ଯତ୍ନ କରିବାକୁ ହେବ ନାହିଁ, କଠିନ ପରିସ୍ଥିତି ଏବଂ ଅନିଶ୍ଚିତତା ଆସିବା ସମୟରେ ଏଭଳି ଭାବନା ଆପଣଙ୍କ ପାଇଁ ସ୍ୱାଭାବିକ ହୋଇଯିବ । ଆପଣଙ୍କ ମନରେ ଶକ୍ତିଯୁକ୍ତ ଭାବେ ଐଶ୍ୱରିକ ନିୟନ୍ତ୍ରଣର ଧାରଣାକୁ ଗଠିତ କରିବା ପୂର୍ବରୁ ଆପଣ ବିଭିନ୍ନ ଲୋକଙ୍କ ପାଖକୁ ଯାଇ ସାହାଯ୍ୟ ଭିକ୍ଷା କରୁଥିଲେ, କିନ୍ତୁ ବର୍ତ୍ତମାନ ଆପଣ ସେଥିପାଇଁ ଈଶ୍ୱରଙ୍କ ନିକଟକୁ ଯାଉଛନ୍ତି । ଈଶ୍ୱର ସେହିମାନଙ୍କ ପାଇଁ ଆଚରଣ ନୀତି ପ୍ରଣୟନ କରୁଛନ୍ତି, ଯେଉଁମାନଙ୍କଠାରେ ତାଙ୍କର ଆତ୍ମା ଅଛନ୍ତି, ଏବଂ ସେହି ନୀତି ଏହି ସିଦ୍ଧାନ୍ତ ଉପରେ କାର୍ଯ୍ୟ କରେ : ଈଶ୍ୱର ମୋର ପିତା, ସେ ମୋତେ ପ୍ରେମ କରନ୍ତି, ମୁଁ ଏପରି କୌଣସି ବିଷୟରେ ଚିନ୍ତା କରିବି ନାହିଁ, ଯାହା ସେ ଭୁଲି ଯାଇ ପାରିବେ, ତା’ ହେଲେ ମୁଁ କାହିଁକି ଚିନ୍ତା କରିବି ?

ଯୀଶୁ କହିଲେ ଯେ, ଏପରି ସମୟ ଆସେ, ଯେତେବେଳେ ଈଶ୍ୱର ତୁମର ଅନ୍ଧକାର ଅପସାରଣ କରିବେ ନାହିଁ, କିନ୍ତୁ ତୁମକୁ ତାଙ୍କଠାରେ ଭରସା ରଖିବାକୁ ହେବ । ସମୟେ ସମୟେ ଈଶ୍ୱର ଜଣେ ନିର୍ଦ୍ଦୟ ବନ୍ଧୁ ରୂପେ ଆବିର୍ଭୂତ ହେବେ, କିନ୍ତୁ ସେ ସେପରି ନୁହନ୍ତି, ସେ ଜଣେ ଅସ୍ୱାଭାବିକ ପିତା ରୂପେ ଆବିର୍ଭୂତ ହେବେ, କିନ୍ତୁ ସେ ସେଭଳି ନୁହନ୍ତି । ସେ ଜଣେ ଅସାଧୁ ବିଚାରକ ରୂପେ ଆବିର୍ଭୂତ ହେବେ, କିନ୍ତୁ ସେ ସେପରି ନୁହନ୍ତି । ସବୁ ବିଷୟର ଅନ୍ତରାଳରେ ଈଶ୍ୱରଙ୍କ ବୁଦ୍ଧି ନିହିତ ଅଛି, ଏହି ବିଚାରଧାରାକୁ ମନରେ ଅଧିକ ବୃଦ୍ଧି ପାଇବାକୁ ଦିଅନ୍ତୁ । ଈଶ୍ୱରଙ୍କ ଇଚ୍ଛା ବ୍ୟତୀତ ଜୀବନର ଏକ ଛୋଟ ଘଟଣା ମଧ୍ୟ ଘଟିପାରେ ନାହିଁ । ସେଥିପାଇଁ ତାଙ୍କ ଉପରେ ସଂପୂର୍ଣ୍ଣ ଭରସା ରଖି ଆପଣ ଶାନ୍ତିରେ ବିଶ୍ରାମ କରି ପାରିବେ । ପ୍ରାର୍ଥନାର ଅର୍ଥ ମାଗିବା, କିନ୍ତୁ ଏହି ପ୍ରକାର ମନୋଭାବ ଏଭଳି ପରିବେଶ ସୃଷ୍ଟି କରେ, ଯେଉଁଠାରେ ମାଗିବା ସଂପୂର୍ଣ୍ଣ ସ୍ୱାଭାବିକ ହୋଇଯାଏ । ‘‘ମାଗ, ତୁମମାନଙ୍କୁ ଦିଆଯିବ’’ (୭:୭) ।

# ବିଶ୍ୱାସର ଚମତ୍କାରିତା

### ମୋର ବାର୍ତ୍ତା ଓ ପ୍ରଚାରରେ ଜ୍ଞାନଯୁକ୍ତ ଓ ପ୍ରବର୍ତ୍ତନାମୂଳକ ବାକ୍ୟ ନ ଥିଲା
### ୧ କରିନ୍ଥୀୟ ୨:୪

ପାଉଲ ଜଣେ ଉଚ୍ଚ ଧରଣର ଶିକ୍ଷାବିତ୍ ଏବଂ ବକ୍ତା ଥିଲେ । ଏଠାରେ ସେ ଅତି ନମ୍ର ସହକାରେ କଥା କହୁ ନ ଥିଲେ, କିନ୍ତୁ ସେ କହୁଥିଲେ ଯେ, ସେ ପ୍ରଚାର କରିବା ସମୟରେ ଯଦି ନିଜର ବାଗ୍ମୀତାର ଉତ୍କର୍ଷ ପ୍ରଦର୍ଶନ କରିଥା'ନ୍ତେ, ତେବେ ସେ ଈଶ୍ୱରଙ୍କ ଶକ୍ତିକୁ ଆଚ୍ଛାଦିତ କରିଥା'ନ୍ତେ । ଯୀଶୁଙ୍କୁ ବିଶ୍ୱାସ କରିବା ଏଭଳି ଏକ ଚମତ୍କାର ବିଷୟ, ଯାହା ମୁକ୍ତି କାର୍ଯ୍ୟର ପ୍ରଭାବ ଦ୍ୱାରା ଉତ୍ପନ୍ନ ହୁଏ, ପ୍ରଭାବଯୁକ୍ତ ଭାଷଣ ଦ୍ୱାରା ନୁହେଁ, ଖୋସାମତ୍ ବା ପ୍ରବର୍ତ୍ତାଇବା ଦ୍ୱାରା ନୁହେଁ, ମାତ୍ର କେବଳ ଈଶ୍ୱରଙ୍କ ସେହି ସାମର୍ଥ୍ୟ ଦ୍ୱାରା ଉତ୍ପନ୍ନ ହୁଏ, ଯାହା ପାଇଁ ବାହ୍ୟିକ ସାହାଯ୍ୟର ଆବଶ୍ୟକତା ନ ଥାଏ । ମୁକ୍ତି କାର୍ଯ୍ୟର ସୃଷ୍ଟି ସଂଚାରକାରୀ ଶକ୍ତି ସୁସମାଚାର ପ୍ରଚାର ଦ୍ୱାରା ଆସିଥାଏ, ବକ୍ତାଙ୍କର ବ୍ୟକ୍ତିତ୍ୱ ଦ୍ୱାରା ଆଦୌ ଆସେ ନାହିଁ ।

ଜଣେ ପ୍ରଚାରକଙ୍କର ପ୍ରକୃତ ପ୍ରଭାବଯୁକ୍ତ ଉପବାସ ଭୋଜନରୁ ଅବ୍ୟାହତି ନେବାକୁ ବୁଝାଏ ନାହିଁ, କିନ୍ତୁ ବାଗ୍ମୀତା, କଥନ ଶୈଳୀ ଏବଂ ଈଶ୍ୱରଙ୍କ ସୁସମାଚାର ଉପସ୍ଥାପନାକୁ ପ୍ରତିରୋଧ କରୁଥିବା ସମସ୍ତ ବିଷୟ ପ୍ରତି ଉପବାସକୁ ବୁଝାଏ । ପ୍ରଚାରକ ସେଠାରେ ଈଶ୍ୱରଙ୍କ ପ୍ରତିନିଧି ରୂପେ ଉପସ୍ଥିତି ଥା'ନ୍ତି – ''... ସତେ ଯେପରି ଈଶ୍ୱର ଆମ ଦ୍ୱାରା ଆହ୍ୱାନ କରୁଛନ୍ତି'' (୨ କରିନ୍ଥୀ ୫:୨୦) । ସେ ସେଠାରେ ଈଶ୍ୱରଙ୍କ ସୁସମାଚାର ପ୍ରସ୍ତୁତ କରିବା ପାଇଁ ଅଛନ୍ତି । ଯଦି କେବଳ ମୋର ପ୍ରଚାର ଦ୍ୱାରା ଲୋକମାନେ ଭଲ ହେବାକୁ ଇଚ୍ଛା କରନ୍ତି, ତେବେ ସେମାନେ କୌଣସି ପ୍ରକାରେ ଯୀଶୁଖ୍ରୀଷ୍ଟଙ୍କ ନିକଟତର ହୋଇ ପାରିବେ ନାହିଁ । ସୁସମାଚାର ପ୍ରଚାରର ଯଦି କୌଣସି କଥା ମୋର ଆତ୍ମପ୍ରଶଂସା କରେ, ତେବେ ତାହା ମୋତେ ଯୀଶୁଙ୍କର ବିଶ୍ୱାସଘାତକ ରୂପେ ପରିଚିତ କରାଇବ ଏବଂ ମୁଁ ତାଙ୍କ ମୁକ୍ତି କାର୍ଯ୍ୟର ରଚନାତ୍ମକ ଶକ୍ତିର ପ୍ରତିରୋଧ କରିବି ।

*କିନ୍ତୁ ମୋତେ... ଉଠାଗଲେ ମୁଁ ସମସ୍ତଙ୍କୁ ମୋ' ନିକଟକୁ ଆକର୍ଷଣ କରିବି'' (ଯୋହନ ୧୨:୩୨) ।*

**ଜୁଲାଇ ୧୮**

# ବିଶ୍ୱାସ କରିବାର ରହସ୍ୟ

### ସେ କହିଲେ, ‘‘ପ୍ରଭୋ, ଆପଣ କିଏ ?’’

### ପ୍ରେରିତ ୯:୫

ମୁକ୍ତି କାର୍ଯ୍ୟର ଆଶ୍ଚର୍ଯ୍ୟକର୍ମ ଦ୍ୱାରା ତର୍ସିସ୍‌ର ଶାଉଲ ତତ୍‌କ୍ଷଣାତ୍ ଏକ ଦୃଢ଼ ଇଚ୍ଛାଶକ୍ତି ସଂପନ୍ନ ପ୍ରଭାବଶାଳୀ ଫାରୁଶୀରୁ ପ୍ରଭୁ ଯୀଶୁଙ୍କର ଜଣେ ନମ୍ର ଏବଂ ସମର୍ପିତ ସେବକ ରୂପେ ପରିବର୍ତ୍ତିତ ହେଲେ ।

ଯେଉଁସବୁ ବିଷୟ ଆମେ ବୁଝାଇ ପାରୁ, ସେଥିରେ କୌଣସି ଆଶ୍ଚର୍ଯ୍ୟ ଅବା ରହସ୍ୟ ପୂର୍ଣ୍ଣ ବିଷୟ ନ ଥାଏ । ଯେଉଁସବୁ ବିଷୟ ଆମେ ବୁଝାଉ, ସେଥିରେ ଆମର ନିୟନ୍ତ୍ରଣ ଥାଏ, ସେଥିପାଇଁ ପ୍ରତ୍ୟେକ କଥାର ସ୍ପଷ୍ଟୀକରଣର ପ୍ରଚେଷ୍ଟା ସ୍ୱାଭାବିକ ହୋଇଥାଏ । ଆଜ୍ଞାପାଳନ ସ୍ୱାଭାବିକ ନୁହେଁ, ତଥାପି ଏହା ଅପରିହାର୍ଯ୍ୟ ନୁହେଁ ଯେ, ଅନାଜ୍ଞାବହତା ପାପ କରିବାକୁ ବୁଝାଏ । ଜଣେ ବ୍ୟକ୍ତି ଆଦେଶକାରୀଙ୍କ ଉଚ୍ଚ କ୍ଷମତା ବିଷୟ ଉପଲବ୍ଧି ନ କରିବା ପର୍ଯ୍ୟନ୍ତ ପ୍ରକୃତ ଅନାଜ୍ଞାବହ ଏବଂ ଆଜ୍ଞାବହ ମନୋଭାବ ମଧ୍ୟରେ କୌଣସି ନୈତିକ ସଦ୍‌ଗୁଣ ସମ୍ଭବ ହୋଇପାରେ ନାହିଁ । ଯଦି ଏହି ମାନ୍ୟତାର ଅସ୍ତିତ୍ୱ ନ ଥାଏ, ତେବେ ଆଦେଶ ଦେଉଥିବା ବ୍ୟକ୍ତିଙ୍କ ଦୃଷ୍ଟିରେ ଅନ୍ୟ ଜଣକର ଅବାଧ୍ୟତା ସ୍ୱାଧୀନତା ରୂପେ ବିବେଚିତ ହୋଇପାରେ । ଯଦି ଜଣେ ଅନ୍ୟକୁ ଶାସନ କରି କହନ୍ତି, ‘‘ତୁମକୁ ଏହା କରିବାକୁ ହେବ’’ ବା ‘‘ତୁମେ ଏହା କରିବ’’, ତେବେ ସେ ମନୁଷ୍ୟର ଆତ୍ମାକୁ ଆଘାତ କରି ତାହାକୁ ଈଶ୍ୱରଙ୍କ ପାଇଁ ଅନୁପଯୁକ୍ତ କରି ଦିଅନ୍ତି । ଯଦି ଜଣେ ବ୍ୟକ୍ତିଙ୍କ ବାଧ୍ୟତା ପଛରେ ଜଣେ ପବିତ୍ର ଈଶ୍ୱରଙ୍କ ମାନ୍ୟତା ନ ଥାଏ, ତେବେ ସେ କେବଳ ବାଧ୍ୟତାର ଦାସ ପାଲଟିଯା’ନ୍ତି ।

ଅନେକ ଲୋକ ଧାର୍ମିକ ହେବାର ମନୋଭାବରୁ ନିବୃତ୍ତ ହେବା ପରେ ଈଶ୍ୱରଙ୍କ ନିକଟକୁ ଆସିବାକୁ ଆରମ୍ଭ କରନ୍ତି କାରଣ ମନୁଷ୍ୟ ହୃଦୟର କେବଳ ଜଣେ ମାତ୍ର କର୍ତ୍ତା ଅଛନ୍ତି – ସେ ହେଉଛନ୍ତି ଯୀଶୁ ଖ୍ରୀଷ୍ଟ, ଧର୍ମ ନୁହେଁ । କିନ୍ତୁ ଯଦି *ତାଙ୍କୁ* ଦେଖିବା ପରେ ମଧ୍ୟ ମୁଁ ତାଙ୍କର ଆଜ୍ଞା ପାଳନ *ନ କରେ,* ତେବେ ‘‘ହାୟ, ମୁଁ (ଯିଶାଇୟ ୬:୫, ୧ ପଦ ମଧ୍ୟ ଦେଖନ୍ତୁ) । ମୁଁ ବାଧ୍ୟ ହୁଏ ବୋଲି ଯୀଶୁ କେବେହେଲେ ଜୋର୍ କରିବେ ନାହିଁ, କିନ୍ତୁ ମୁଁ ଯଦି ବାଧ୍ୟ ନ ହୁଏ, ତେବେ ଜଣାଯିବ ଯେ, ମୋ ଆତ୍ମା ମଧ୍ୟରେ ମୁଁ ଈଶ୍ୱରଙ୍କ ପୁତ୍ରଙ୍କ ମୃତ୍ୟୁ ପ୍ରମାଣ ପତ୍ରରେ ଦସ୍ତଖତ କରିଛି । ଯେତେବେଳେ ମୁଁ ଯୀଶୁ ଖ୍ରୀଷ୍ଟଙ୍କ ସମ୍ମୁଖରେ ଛିଡ଼ା ହୋଇ କହିବି, ‘‘ମୁଁ ବାଧ୍ୟ ହେବି ନାହିଁ’’, ସେ ଆଦୌ ଜୋର୍ କରିବେ ନାହିଁ, କିନ୍ତୁ ମୁଁ ଏହା କରିବା ଦ୍ୱାରା ତାଙ୍କ ମୁକ୍ତି କାର୍ଯ୍ୟର ସୃଜନଶୀଳ ଶକ୍ତିରୁ ପଛକୁ ଘୁଞ୍ଚି ଯାଉଛି । ଯଦି ମୁଁ ଈଶ୍ୱରଙ୍କ ଜ୍ୟୋତିଃରେ ପ୍ରବେଶ କରିବା ପାଇଁ ପ୍ରସ୍ତୁତ ଅଛି, ତେବେ ମୁଁ ଯେତେ ଘୃଣିତ ହେଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁଗ୍ରହ ଉପରେ କୌଣସି ପ୍ରଭାବ ପକାଇବ ନାହିଁ, କିନ୍ତୁ ଯଦି ଜ୍ୟୋତିଃ ନିକଟକୁ ଆସିବା ପାଇଁ ମୁଁ ଅନିଚ୍ଛା ପ୍ରକାଶ କରେ, ତେବେ ‘‘ହାୟ, ମୁଁ’’ (ଯୋହନ ୩:୧୯–୨୧ ଦେଖନ୍ତୁ) ।

ଜୁଲାଇ ୧୯



# ବିଶ୍ୱାସୀର ସମର୍ପଣ

**ତୁମେମାନେ ମୋତେ ଗୁରୁ ଓ ପ୍ରଭୁ ବୋଲି ଡାକୁଛ,**
**ଆଉ ଯଥାର୍ଥ କହୁଛ, କାରଣ ମୁଁ ତ ସେହି ।**

**ଯୋହନ ୧୩:୧୩**

ଆମର ପ୍ରଭୁ ଆମ ଉପରେ କର୍ତ୍ତୃତ୍ୱ ବା ଅଧିକାର ଜାହିର କରନ୍ତି ନାହିଁ । ସେ କେବେ କହନ୍ତି ନାହିଁ, ''ତୁମେ ମୋଠାରେ ସମର୍ପଣ *କରିବ,''* ନା, ସେ ମନୋନୟନ କରିବା ପାଇଁ ଆମକୁ ଛାଡ଼ି ଦିଅନ୍ତି । ଆମେ ହୁଏତ ଅନ୍ୟମାନଙ୍କ ପରି ତାଙ୍କ ମୁହଁରେ ଛେପ ପକାଇ ପାରୁ କିମ୍ବା ଆମେ ତାଙ୍କୁ ମାରିଦେଇ ପାରୁ, ତଥାପି ସେ ଗୋଟିଏ ପଦ ସୁଦ୍ଧା ଉଚ୍ଚାରଣ କରିବେ ନାହିଁ । କିନ୍ତୁ ଯେତେବେଳେ ମୁକ୍ତିକାର୍ଯ୍ୟ ଦ୍ୱାରା ମୋ ମଧ୍ୟରେ ତାଙ୍କର ଜୀବନ ଉତ୍ପନ୍ନ ହୁଏ, ତତ୍କ୍ଷଣାତ୍ ମୁଁ ମୋ ଉପରେ ତାଙ୍କର ସଂପୂର୍ଣ୍ଣ କର୍ତ୍ତୃତ୍ୱ ଓ ଅଧିକାରକୁ ସ୍ୱୀକାର କରେ । ଏହା ଏକ ସଂପୂର୍ଣ୍ଣ ଏବଂ ପ୍ରଭାବଶାଳୀ ଶାସନ ଯାହାର ଅଧିନସ୍ଥ ହୋଇ ମୁଁ କହେ, ''ପ୍ରଭୁ... ତୁମେ ହିଁ *ଯୋଗ୍ୟ* (ପ୍ରକାଶିତ ୪:୧୧) । ଏହା କେବଳ ମୋ ମଧ୍ୟସ୍ଥିତ ଅଯୋଗ୍ୟତା, ଯାହା ମୋତେ ସେହି ବ୍ୟକ୍ତିଙ୍କ ନିକଟରେ ମୁଣ୍ଡ ନୁଆଇଁବାକୁ କିମ୍ବା ତାଙ୍କର ଅଧିନସ୍ଥ ହେବା ପାଇଁ ମୋର ପ୍ରତିରୋଧ କରେ, ଯିଏ ପ୍ରକୃତରେ ଯୋଗ୍ୟ । ଯଦି ମୋର ସାକ୍ଷାତ ଏପରି ବ୍ୟକ୍ତିଙ୍କ ସହିତ ହୁଏ, ଯିଏ ମୋଠାରୁ ଅଧିକ ପବିତ୍ର, ଆଉ ମୁଁ ତାଙ୍କ ପବିତ୍ରତାକୁ ସ୍ୱୀକାର କରେ ନାହିଁ କିମ୍ବା ମୋ ପ୍ରତି ତାଙ୍କର ଉପଦେଶ ପାଳନ କରେ ନାହିଁ, ତେବେ ତାହା ମୋର ଅଯୋଗ୍ୟତା ପ୍ରକାଶ କରେ । ଈଶ୍ୱର ସେହି ଲୋକମାନଙ୍କ ଦ୍ୱାରା ଆମକୁ ଶିଖାନ୍ତି, ଯେଉଁମାନେ ଆମ ଅପେକ୍ଷା ଜ୍ଞାନୀ ହୋଇ ନ ପାରନ୍ତି, କିନ୍ତୁ ଆମ ଅପେକ୍ଷା ସେମାନେ ଅଧିକ ପବିତ୍ର । ଆମେ ସ୍ୱେଚ୍ଛାକୃତ ଭାବେ ସମର୍ପିତ ନ ହେବା ପର୍ଯ୍ୟନ୍ତ ସେ ଆମକୁ ଶିଖାଇ ଚାଲନ୍ତି ।

ଯଦି ଆମର ପ୍ରଭୁ ଆମର ବାଧ୍ୟତା ବିଷୟରେ ଜିଦ୍ ଧରି ବସନ୍ତି, ତେବେ ସେ କେବଳ ଜଣେ କଠୋର କାର୍ଯ୍ୟ ଆଦାୟକାରୀ ହୋଇଯିବେ ଏବଂ ତାଙ୍କର କୌଣସି ପ୍ରକୃତ ଅଧିକାର ରହିବ ନାହିଁ । ସେ ବାଧ୍ୟତା ବିଷୟରେ ଜୋର୍ କରନ୍ତି ନାହିଁ, କିନ୍ତୁ ଯେତେବେଳେ ପ୍ରକୃତରେ ଆମେ ତାଙ୍କୁ ଦେଖୁ, ସଂଗେ ସଂଗେ ଆମେ ତାଙ୍କର ବାଧ୍ୟ ହେବୁ । ତା'ପରେ ସେ ସହଜରେ ଆମ ଜୀବନର ପ୍ରଭୁ ହୁଅନ୍ତି, ଏବଂ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଆମେ ତାଙ୍କର ଉପାସନା କରି ଜୀବନ ଅତିବାହିତ କରୁ । ଅନୁଗ୍ରହରେ ମୋର ବିକାଶର ସ୍ତର ବାଧ୍ୟତା ପ୍ରତି ମୋର ଦୃଷ୍ଟିକୋଣ ଦ୍ୱାରା ପ୍ରକଟିତ ହୁଏ । ବାଧ୍ୟତା ଶବ୍ଦ ପ୍ରତି ଆମର ଦୃଷ୍ଟିକୋଣ ଆହୁରି ଉଚ୍ଚତର ହେବା ଆବଶ୍ୟକ ଏବଂ ଏହାକୁ ପଙ୍କିଳ ଜଗତରୁ ରକ୍ଷା କରିବାକୁ ହେବ । ବାଧ୍ୟତା କେବଳ ଦୁଇ ସମକକ୍ଷ ବ୍ୟକ୍ତିଙ୍କ ପାରସ୍ପରିକ ସଂପର୍କ ମଧ୍ୟରେ ସମ୍ଭବ ହୋଇପାରେ ଯଥା: ପିତା–ପୁତ୍ରଙ୍କ ସଂପର୍କ, ଦାସ ଏବଂ ମୁନିବର ସଂପର୍କ ନୁହେଁ । ଯୀଶୁ ଏହି ସଂପର୍କକୁ ଏହି କଥା କହି ଦର୍ଶାଇଥିଲେ ଯେ, ''ମୁଁ ଏବଂ ମୋର ପିତା ଏକ'' (ଯୋହନ ୧୦:୩୦) । ''ସେ ପୁତ୍ର ହେଲେ ସୁଦ୍ଧା ଦୁଃଖଭୋଗ ଦ୍ୱାରା ବାଧ୍ୟତା ଶିକ୍ଷା କଲେ'' (ଏବ୍ରୀ ୫:୮) । ଆମର ଉଦ୍ଧାରକର୍ତ୍ତା ରୂପେ ପୁତ୍ର ବାଧ୍ୟ ଥିଲେ, କାରଣ ସେ ପୁତ୍ର ଥିଲେ, ଈଶ୍ୱରଙ୍କ ପୁତ୍ର ହେବା ଉଦ୍ଦେଶ୍ୟରେ ସେ ବାଧ୍ୟ ନ ଥିଲେ ।

**ଜୁଲାଇ ୨୦**

# ଈଶ୍ୱରଙ୍କ ଉପସ୍ଥିତି ଉପରେ ନିର୍ଭରଶୀଳତା

## ଯେଉଁମାନେ ପ୍ରଭୁଙ୍କ ଉପରେ ଭରସା ରଖନ୍ତି... ସେମାନେ ଚାଲିବେ, ପଥଶ୍ରାନ୍ତ ହେବେ ନାହିଁ ।

## ଯିଶାଇୟ ୪୦:୩୧

ଚାଲିବା ଆମ ପାଇଁ ଆନନ୍ଦଦାୟକ ହୋଇ ନ ଥାଏ, କିନ୍ତୁ ଏହା ଦ୍ୱାରା ଆମର ସ୍ଥାୟୀ ଏବଂ ସୁଦୃଢ଼ ଗୁଣ ସୁବକୁ ପରଖ କରାଯାଏ । ''ଚାଲିବା, କିନ୍ତୁ ପଥଶ୍ରାନ୍ତ ହେବା ନାହିଁ'', ଏହା ହେଉଛି, ଶକ୍ତିକୁ ମାପିବାର ସର୍ବୋଚ୍ଚ ସ୍ତର । ବାଇବଲରେ ବ୍ୟବହୃତ *ଚାଲିବା* ଶବ୍ଦଟି ଜଣେ ବ୍ୟକ୍ତିଙ୍କ ଚରିତ୍ରକୁ ପ୍ରକାଶ କରେ– ଯୀଶୁଙ୍କୁ *ଯିବାର* ଦେଖି ଯୋହନ କହିଲେ, ''ଏଇ ଦେଖ, ଈଶ୍ୱରଙ୍କ ମେଷଶାବକ'' (ଯୋହନ ୧:୩୫–୩୬) । ବାଇବଲରେ କୌଣସି ବିଷୟ ଅସ୍ୱଷ୍ଟ ବା ଅବୋଧ ନୁହେଁ, ସବୁ କିଛି ପ୍ରାଞ୍ଜଳ ଏବଂ ବାସ୍ତବ । ଈଶ୍ୱର କହନ୍ତି ନାହିଁ ''ଆତ୍ମିକ–ମନା ହୁଅ'', କିନ୍ତୁ ସେ କହନ୍ତି *''ମୋ ସମ୍ମୁଖରେ ଗମନ କର''* (ଆଦି ୧୭:୧) ।

ଶାରୀରିକ ବା ଭାବନାତ୍ମକ ରୂପେ ଆମେ ଯେତେବେଳେ ଅସୁସ୍ଥ ହୋଇଯାଉ, ସେତେବେଳେ ଆମେ କିଛି ରୋମାଞ୍ଚକ ବିଷୟ ଖୋଜିଥାଉ । ଶାରୀରିକ ଜୀବନରେ ଏହା ଆମକୁ ପବିତ୍ର ଆତ୍ମାଙ୍କ କାର୍ଯ୍ୟକୁ ନକଲ କରିବା ପାଇଁ ପ୍ରୟାସ କରେ । ଆମର ଭାବନାତ୍ମକ ଜୀବନରେ ଏହା ଆମକୁ ବିଭିନ୍ନ ପ୍ରକାର ଆବେଦନ ଏବଂ ନୈତିକ ଅଧଃପତନ ଆଡ଼କୁ କଢ଼ାଇ ନିଏ । ଆମର ଆତ୍ମିକ ଜୀବନରେ ଯଦି ଆମେ କେବଳ ରୋମାଞ୍ଚକ ବିଷୟ ପଛରେ ଧାଇଁବା ଏବଂ ''ଇଗଲର ପକ୍ଷ ଧରିବା'' (୪୦:୩୧), ତେବେ ତାହାର ପରିଣାମ ରୂପେ ଆମର ଆତ୍ମିକତା ନଷ୍ଟ ହୋଇଯିବ ।

ଈଶ୍ୱରଙ୍କ ଉପସ୍ଥିତିର ବାସ୍ତବତା ଆମର କୌଣସି ବିଶେଷ ପରିସ୍ଥିତି ଅବା ସ୍ଥାନରେ ରହିବା ଉପରେ ନିର୍ଭର କରେ ନାହିଁ, କିନ୍ତୁ ଏହା ଆମର ଏହି ସଂକଳ୍ପ ଉପରେ ନିର୍ଭର କରେ ଯେ, ଆମେ ପ୍ରଭୁଙ୍କୁ ନିରନ୍ତର ଆମ ସମ୍ମୁଖରେ ରଖିବା । ଯେତେବେଳେ ଆମେ ଈଶ୍ୱରଙ୍କ ଉପସ୍ଥିତିର ବାସ୍ତବତା ଉପରେ ବିଶ୍ୱାସ ହରାଉ, ସେତେବେଳେ ସମସ୍ୟା ଦେଖାଦିଏ । ସେହି ଅନୁଭୂତି ନେଇ ଗୀତରଚକ କୁହନ୍ତି, ''ଆମେ ଭୟ କରିବା ନାହିଁ, ଯଦ୍ୟପି...'' (ଗୀତସଂହିତା ୪୬:୨) । ଆମର ମଧ୍ୟ ଏହି ଅନୁଭୂତି ହେବ ଯେତେବେଳେ ଆମେ ଈଶ୍ୱରଙ୍କ ଉପସ୍ଥିତି ସଂପର୍କିତ ବାସ୍ତବତାର ସତ୍ୟତା ମଧ୍ୟରେ ସ୍ଥାପିତ ହେଉ, କେବଳ ସାଧାରଣ ସଚେତନତା ନୁହେଁ, ମାତ୍ର ତାହାର ବାସ୍ତବତାର ଜ୍ଞାନ ଦ୍ୱାରା ଏହା ସମ୍ଭବ ହୁଏ । ତା'ପରେ ଆମେ ଆଶ୍ଚର୍ଯ୍ୟ ହୋଇ କହିବା, ''ସେ ତ ସବୁବେଳେ ଏଠାରେ ଥିଲେ ।'' ଆମ ଜୀବନର ସଂକଟପୂର୍ଣ୍ଣ ମୁହୂର୍ତ୍ତରେ ଈଶ୍ୱରଙ୍କ ଚାଳନା ଲୋଡ଼ିବା ଆବଶ୍ୟକ, କିନ୍ତୁ ଅନବରତ ଈଶ୍ୱରଙ୍କୁ ଏହି କଥା କହିବା ଅନାବଶ୍ୟକ ଯେ, ''ପ୍ରଭୁ ମୋତେ ଏ ବିଷୟରେ ବା ସେ ବିଷୟରେ ଚାଳନା ଦିଅ ।'' ଅବଶ୍ୟ ସେ ଚାଳନା ଦେବେ ଏବଂ ଦେଉଛନ୍ତି ମଧ୍ୟ । ଯଦି ଆମର ଦୈନିକ ସିଦ୍ଧାନ୍ତ ଈଶ୍ୱରଙ୍କ ଇଚ୍ଛାନୁମୋଦିତ ନ ହୁଏ, ତେବେ ସେ ତାହାର ପ୍ରତିରୋଧ କରିବେ । ତା'ପରେ ଆମେ ନୀରବ ହୋଇ ତାଙ୍କ ଉପସ୍ଥିତିର ଚାଳନା ପାଇଁ ଅପେକ୍ଷା କରିବା ।

# ସ୍ୱର୍ଗରାଜ୍ୟର ପ୍ରବେଶ ଦ୍ୱାର

**ଆତ୍ମାରେ ଦୀନହୀନ ଲୋକେ ଧନ୍ୟ ।**

**ମାଥିଉ ୫:୩**

ପ୍ରଭୁଙ୍କୁ କେବଳ ଜଣେ ଗୁରୁ ବୋଲି ଭାବିବା ବିଷୟରେ ସାବଧାନ ହୁଅନ୍ତୁ । ଯଦି ଯୀଶୁ ଖ୍ରୀଷ୍ଟ ଜଣେ ଗୁରୁ ହୋଇଥା'ନ୍ତେ, ସେ ଏପରି ଆଦର୍ଶ ରଖିଥା'ନ୍ତେ, ଯାହା ହାସଲ କରିବା ମୋ ପାଇଁ ଅତି କଷ୍ଟକର ହୁଅନ୍ତା ଏବଂ ତାହା ମୋତେ ନିରାଶ କରିଥା'ନ୍ତା । ଯେଉଁ ଆଦର୍ଶ ନିକଟରେ ମୁଁ ପହଞ୍ଚି ପାରିବି ନାହିଁ, ମୋ ସମ୍ମୁଖରେ ସେଭଳି ଉଚ୍ଚ ଆଦର୍ଶ ରଖିବାର ଲାଭ କ'ଣ ? ମୁଁ ଯଦି ତାହା ଜାଣି ନ ଥା'ନ୍ତି, ତେବେ ଆହୁରି ଆନନ୍ଦିତ ହୋଇଥା'ନ୍ତି । ମୋତେ ସେହି କଥା କହିବାରେ ଲାଭ କ'ଣ, ଯାହା ମୁଁ ହୋଇ ପାରିବି ନାହିଁ– ଶୁଦ୍ଧ ଚିତ୍ତ ହେବା (୫:୮), ମୋର କର୍ତ୍ତବ୍ୟ ଠାରୁ ବଳି ଅଧିକ କାର୍ଯ୍ୟ କରିବା, ଅବା ଈଶ୍ୱରଙ୍କ ପ୍ରତି ସଂପୂର୍ଣ୍ଣ ରୂପେ ସମର୍ପିତ ହେବା ? ମୋତେ ଯୀଶୁ ଖ୍ରୀଷ୍ଟଙ୍କୁ ମୋର ପରିତ୍ରାଣକର୍ତ୍ତା ରୂପେ ଜାଣିବାକୁ ହେବ, ନଚେତ୍ ତାଙ୍କର ଶିକ୍ଷା ମୋ ପାଇଁ ନିରର୍ଥକ ମନେ ହେବ ଏବଂ ନୈରାଶ୍ୟ ଭାବ ଜାଗ୍ରତ କରିବ । କିନ୍ତୁ ମୁଁ ଯେତେବେଳେ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ନୂତନ ଜନ୍ମ ପାଏ, ମୁଁ ଜାଣିପାରେ ଯେ, ଯୀଶୁ ଖ୍ରୀଷ୍ଟ କେବଳ ଶିକ୍ଷା ଦେବାକୁ ଆସି ନ ଥିଲେ– ସେ ଆସିଥିଲେ ତାଙ୍କର ଶିକ୍ଷାନୁସାରେ ମୋତେ ଗଢ଼ିବାକୁ । ମୁକ୍ତି କାର୍ଯ୍ୟର ଅର୍ଥ ହେଉଛି ଯେ, ଯୀଶୁଖ୍ରୀଷ୍ଟ ଯେ କୌଣସି ବ୍ୟକ୍ତିଙ୍କ ମଧ୍ୟରେ ତାଙ୍କର ସ୍ୱଭାବ ସ୍ଥାପନ କରି ପାରନ୍ତି, ଯାହା ତାଙ୍କର ଜୀବନକୁ ଶାସନ କରୁଥିଲା ଏବଂ ଈଶ୍ୱରଙ୍କ ସବୁ ମାନଦଣ୍ଡ ତାଙ୍କର ସ୍ୱଭାବ ଉପରେ ଆଧାରିତ ।

ପାର୍ବତ୍ୟ ଉପଦେଶର ଶିକ୍ଷା ଜଣେ ସାଧାରଣ ମନୁଷ୍ୟ ମନରେ ନୈରାଶ୍ୟ ଜନ୍ମାଏ– ତାହା ମଧ୍ୟ ଯୀଶୁଙ୍କ ଉଦ୍ଦେଶ୍ୟ ଥିଲା । ଯେପର୍ଯ୍ୟନ୍ତ ଆମ ମନରେ ଆତ୍ମ ଧାର୍ମିକତା ଅଛି ଯେ, ଆମେ ନିଜ ପ୍ରଭୁଙ୍କ ଶିକ୍ଷାନୁସାରେ ଚାଲି ପାରିବା, ଈଶ୍ୱର ଆମକୁ ସେହି ସମୟ ପର୍ଯ୍ୟନ୍ତ ସେହି ପଥରେ ଚାଲିବା ପାଇଁ ଅନୁମତି ଦେବେ । ଯେତେବେଳେ ଆମେ ବାଧାପ୍ରାପ୍ତ ହୋଇ ଝୁଣ୍ଟି ପଡୁ ଏବଂ ଆମର ଅଜ୍ଞତା ପ୍ରକାଶ କରୁ, କେବଳ ସେହି ସମୟରେ ଆମେ ତାଙ୍କ ନିକଟକୁ ସମ୍ବଳହୀନ ଅବସ୍ଥାରେ ଆସିବାକୁ ଇଚ୍ଛା କରିଥାଉ ଏବଂ ତାଙ୍କଠାରୁ ପାଇଥାଉ । ''ଆତ୍ମାରେ ଦୀନହୀନ ଲୋକେ ଧନ୍ୟ ।'' ଏହା ଈଶ୍ୱରଙ୍କ ରାଜ୍ୟର ପ୍ରଥମ ନୀତି । ଯୀଶୁ ଖ୍ରୀଷ୍ଟଙ୍କ ରାଜ୍ୟର ମୂଳଭିତ୍ତି ହେଉଛି, ଦାରିଦ୍ର୍ୟ, ଧନ ସଂପଦ ନୁହେଁ, ଯୀଶୁଙ୍କ ପାଇଁ ସିଦ୍ଧାନ୍ତ ଗ୍ରହଣ ନୁହେଁ, କିନ୍ତୁ ସଂପୂର୍ଣ୍ଣ ରୂପେ ନିଜକୁ ତୁଚ୍ଛ ଜ୍ଞାନ କରି ଏପରି ଅବସ୍ଥାକୁ ଆସିବା ଯେତେବେଳେ କହିବା, ''ପ୍ରଭୁ, ମୁଁ ଏହି କାମ ଆରମ୍ଭ ମଧ୍ୟ କରିପାରୁ ନାହିଁ ।'' ତା' ପରେ ଯୀଶୁ କହନ୍ତି, ''ତୁମେ ଧନ୍ୟ'' (୫:୧୧) । ଏହା ହେଉଛି, ସ୍ୱର୍ଗରାଜ୍ୟର ପ୍ରବେଶ ଦ୍ୱାର, କିନ୍ତୁ ଆମେ ଯେ ଦରିଦ୍ର, ଏହା ଉପଲବ୍ଧି କରିବା ପାଇଁ ଆମକୁ କେତେ ଅଧିକ ସମୟ ଲାଗିଥାଏ । ଆମର ଦାରିଦ୍ର୍ୟ ସଂପର୍କିତ ଜ୍ଞାନ ହେଉଛି, ସେହି ବିଷୟ ଯାହା ଆମକୁ ଉପଯୁକ୍ତ ସ୍ଥାନକୁ ଆଣେ, ଯେଉଁଠାରେ ଯୀଶୁ ତାଙ୍କର କାର୍ଯ୍ୟକୁ ସଂପୂର୍ଣ୍ଣ କରନ୍ତି ।

**ଜୁଲାଇ ୨୨**

# ପବିତ୍ରୀକରଣ

### ଈଶ୍ୱରଙ୍କ ଇଚ୍ଛା ଏହି ଯେ, ତୁମେମାନେ ପବିତ୍ର ହେବ ।
### ୧ ଥେସଲନିନୀୟ ୪:୩

**ମୃତ୍ୟୁ ପଟ ।** ପବିତ୍ରୀକରଣ ପ୍ରକ୍ରିୟାରେ ଈଶ୍ୱର ଆମ ସହିତ ମୃତ୍ୟୁ ଏବଂ ଜୀବନ ଏ ଦୁଇପଟରୁ କାର୍ଯ୍ୟ କରନ୍ତି । ପବିତ୍ରୀକରଣର ଆବଶ୍ୟତା ହେଉଛି, ଆମେ ମୃତ୍ୟୁର ସ୍ଥାନକୁ ଆସୁ, କିନ୍ତୁ ଆମ ମଧ୍ୟରେ ଅନେକେ ସେଠାରେ ଏତେ ଅଧିକ ସମୟ କ୍ଷେପଣ କରୁ ଯେ, ଆମେ ଅସୁସ୍ଥ ହୋଇଯାଉ । ପବିତ୍ରୀକରଣ ସଂପୂର୍ଣ୍ଣ ହେବା ପୂର୍ବରୁ ଭୀଷଣ ଯୁଦ୍ଧ ହୁଏ– ଆମ ଭିତରେ ଏପରି କିଛି ବିଷୟ ଅଛି, ଯାହା ଖ୍ରୀଷ୍ଟଙ୍କ ଦାବି ବିରୁଦ୍ଧରେ ପ୍ରତିରୋଧ କରେ । ଯେତେବେଳେ ପବିତ୍ର ଆତ୍ମା ଆମକୁ ପବିତ୍ରୀକରଣର ଅର୍ଥ କ'ଣ ତାହା ଦେଖାଇବା ଆରମ୍ଭ କରନ୍ତି, ସଙ୍ଗେ ସଙ୍ଗେ ଏହି ସଂଘର୍ଷ ଆରମ୍ଭ ହୁଏ । ଯୀଶୁ କହିଲେ, ''କେହି ଯଦି ମୋ ନିକଟକୁ ଆସି... ଏପରିକି ନିଜ ଜୀବନକୁ ଅପ୍ରିୟ ନ ମଣେ, ସେ ମୋହର ଶିଷ୍ୟ ହୋଇ ପାରିବ ନାହିଁ'' (ଲୂକ ୧୪:୨୬) ।

ପବିତ୍ରୀକରଣ ପ୍ରକ୍ରିୟାରେ ଈଶ୍ୱରଙ୍କ ଆତ୍ମା ମୋତେ ସଂପୂର୍ଣ୍ଣ ଉଲଙ୍ଗ କରିବେ, ଯେ ପର୍ଯ୍ୟନ୍ତ ମୋ ଛଡ଼ା ମୋର ଆଉ କିଛି ରହିବ ନାହିଁ, ଏବଂ ତାହା ହେଉଛି, ମୃତ୍ୟୁର ସ୍ଥାନ । ମୁଁ କ'ଣ ପ୍ରସ୍ତୁତ ଅଛି ଯେ, ମୋ ଛଡ଼ା ମୋର ଆଉ କିଛି ରହିବ ନାହିଁ ? ମୁଁ କ'ଣ ପ୍ରସ୍ତୁତ ଅଛି, ମୋ ପାଖରେ ବନ୍ଧୁ, ପିତା, ଭାଇ ବା କୌଣସି ସ୍ୱାର୍ଥଚିନ୍ତା ନ ରହୁ– ମୁଁ କେବଳ ମୃତ୍ୟୁ ପାଇଁ ପ୍ରସ୍ତୁତ ରହିବି ? ପବିତ୍ରୀକରଣ ପାଇଁ ଏହି ସର୍ତ୍ତ ଆବଶ୍ୟକ । ସେଥିପାଇଁ ତ ଯୀଶୁ କହିଲେ, ''ମୁଁ ଶାନ୍ତି ଦେବାକୁ ଆସି ନାହିଁ, ବରଂ ଖଡ଼୍ଗ ଦେବାକୁ ଆସିଛି'' (ମାଥିଉ ୧୦:୩୪) । ଏହି ସ୍ଥାନରେ ଯୁଦ୍ଧ ସଂଘଟିତ ହୁଏ, ଯେଉଁଠାରେ ଅଧିକାଂଶ ଭୟରେ ଇତସ୍ତତଃ ହୁଅନ୍ତି । ଏହି ଅବସ୍ଥାରେ ଆମେ ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁରେ ସାମିଲ ହେବା ପାଇଁ ମନା କରିଦେଉ । ଆମେ କହୁ, ''କିନ୍ତୁ ଏହା ତ ଅତି କଠିନ କାମ । ନିଶ୍ଚୟ ଈଶ୍ୱର ମୋଠାରୁ ଏହା ଅପେକ୍ଷା କରନ୍ତି ନାହିଁ ।'' ଆମର ପ୍ରଭୁ କଠୋର ଏବଂ ସେ ଆମଠାରୁ ଏହା ଚାହାନ୍ତି ।

ମୁଁ କ'ଣ ନିଜକୁ ଅତି ନ୍ୟୁନ କରି ଆଉ ''ମୁଁ'' ହୋଇ ନ ରହିବାକୁ ପ୍ରସ୍ତୁତ ଅଛି ? ମୋ ବନ୍ଧୁମାନଙ୍କର ମୋ ପ୍ରତି ଯେଉଁ ଧାରଣା ଅଛି ଏବଂ ନିଜ ପ୍ରତି ମୋର ଯେଉଁ ଧାରଣା ଅଛି, ଏ ସବୁଥିରୁ ମୁଁ କ'ଣ ଉଲଙ୍ଗ ହେବା ପାଇଁ ପ୍ରସ୍ତୁତ ? ସେହି ଉଲଙ୍ଗ ଅବସ୍ଥାରେ ମୁଁ କ'ଣ ନିଜକୁ ଈଶ୍ୱରଙ୍କୁ ଅର୍ପଣ କରିବା ପାଇଁ ପ୍ରସ୍ତୁତ ? ଥରେ ମୁଁ ପ୍ରସ୍ତୁତ ହେଲେ ସଂଗେ ସଂଗେ ସେ ମୋତେ ସଂପୂର୍ଣ୍ଣ ପବିତ୍ର କରିବେ ଏବଂ ମୋର ଜୀବନ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କୌଣସି ବିଷୟ ପ୍ରତି ଆସକ୍ତ ନ ହୋଇ ଦୋଷଶୂନ୍ୟ ହେବ (୧ ଥେସଲନିକୀୟ ୫:୨୩–୨୪) ।

ଯେତେବେଳେ ମୁଁ ପ୍ରାର୍ଥନା କରି କହେ, ''ପ୍ରଭୁ, ପବିତ୍ରୀକରଣର ଅର୍ଥ ମୋତେ ବୁଝାଇ ଦିଅ'', ସେ ମୋତେ ବୁଝାଇ ଦେବେ । ଏହାର ଅର୍ଥ, ଯୀଶୁଙ୍କ ସହିତ ଏକ ହେବା । ପବିତ୍ରୀକରଣ ଏଭଳି ଜିନିଷ ନୁହେଁ, ଯାହା ଯୀଶୁ ମୋ ମଧ୍ୟରେ ରଖିଦିଅନ୍ତି– ସେ ନିଜେ ମୋ ମଧ୍ୟରେ ଅଛନ୍ତି (୧ କରିନ୍ଥୀୟ ୧:୩୦) ।

# ପବିତ୍ରୀକରଣ

**ତାହାଙ୍କ ହେତୁ ତୁମେମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛ ।**
**ସେ ଆମ ପାଇଁ... ପବିତ୍ରତା ସ୍ୱରୂପ ହେଲେ ।**
**୧ କରିନ୍ଥୀୟ ୧:୩୦**

**ଜୀବନ ପଟ ।** ପବିତ୍ରୀକରଣର ରହସ୍ୟ ଏହି ଯେ, ବିଶ୍ୱାସ ଦ୍ୱାରା ଯେତେବେଳେ ମୋର ହୃଦ୍‌ବୋଧ ହୁଏ ଯେ, ‘‘ସେ ମୋ ପାଇଁ ପବିତ୍ରତା ସ୍ୱରୂପ ହେଲେ’’, ଯୀଶୁ ଖ୍ରୀଷ୍ଟଙ୍କ ପବିତ୍ର ଗୁଣ ସବୁ ମୋତେ ଦାନ ସ୍ୱରୂପ ପ୍ରଦତ୍ତ ହୁଏ, ଧୀରେ ଧୀରେ ନୁହେଁ, ମାତ୍ର ସଂଗେ ସଂଗେ । ପବିତ୍ରୀକରଣର ଅର୍ଥ ହେଉଛି ଯେ, ଯୀଶୁଙ୍କ ପବିତ୍ରତା କେବଳ ମୋର ହୁଏ ଏବଂ ମୋ ଜୀବନରେ ପ୍ରଦର୍ଶିତ ହୁଏ ।

ଏକ ପବିତ୍ର ଜୀବନର ଆଶ୍ଚର୍ଯ୍ୟଜନକ ରହସ୍ୟ ଯୀଶୁଙ୍କ ଅନୁକରଣରେ ନ ଥାଏ, କିନ୍ତୁ ଯୀଶୁଙ୍କ ପବିତ୍ର ଗୁଣଗୁଡ଼ିକୁ ମୋର ମନୁଷ୍ୟ ଶରୀରରେ ପ୍ରଦର୍ଶନ କରିବାରେ ନିହିତ ଥାଏ । ପବିତ୍ରୀକରଣ ହେଉଛି, ‘‘ତୁମ ମଧ୍ୟରେ ଖ୍ରୀଷ୍ଟ...’’ (କଲସୀୟ ୧:୨୭) । ଏହା ତାଙ୍କର  ସେହି ଅଦ୍ଭୁତ ଜୀବନ ଯାହା ପବିତ୍ରୀକରଣ ଦ୍ୱାରା ମୋତେ ପ୍ରଦତ୍ତ ହୁଏ– ଯାହା ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହର ଶ୍ରେଷ୍ଠ ଦାନ ରୂପେ ପ୍ରଦତ୍ତ ହୁଏ । ମୁଁ କ’ଣ ପ୍ରସ୍ତୁତ ଯେ, ଈଶ୍ୱରଙ୍କ ପବିତ୍ରତା ତାଙ୍କ ବାକ୍ୟରେ ଯେଭଳି ବାସ୍ତବ, ମୋ ଜୀବନରେ ମଧ୍ୟ ବାସ୍ତବ ହେଉ ?’’

ପବିତ୍ରୀକରଣର ଅର୍ଥ ହେଉଛି, ଯୀଶୁଖ୍ରୀଷ୍ଟଙ୍କ ପବିତ୍ର ଗୁଣଗୁଡ଼ିକୁ ମୋତେ ପ୍ରଦାନ କରିବା । ଏହା ତାଙ୍କର ଧୈର୍ଯ୍ୟ, ପ୍ରେମ, ପବିତ୍ରତା, ବିଶ୍ୱାସ, ଶୁଦ୍ଧତା ଏବଂ ଧାର୍ମିକତାର ଦାନ, ଯାହା ପ୍ରତ୍ୟେକ ପବିତ୍ରୀକୃତ ଜୀବନ ମଧ୍ୟରେ ପ୍ରଦର୍ଶିତ ହୁଏ । ପବିତ୍ରୀକରଣର ଅର୍ଥ ନୁହେଁ ଯେ, ପବିତ୍ର ହେବା ପାଇଁ ଯୀଶୁଙ୍କଠାରୁ ଶକ୍ତି ସଂଗ୍ରହ କରିବା– ଏହା ହେଉଛି, ଯୀଶୁଙ୍କଠାରେ ପ୍ରଦର୍ଶିତ ହୋଇଥିବା ପବିତ୍ରତାକୁ ତାଙ୍କଠାରୁ ସଂଗ୍ରହ କରିବା ଏବଂ ଯାହା ସେ ମୋ ମଧ୍ୟରେ ବର୍ତ୍ତମାନ ପ୍ରଦଶର୍ନ କରନ୍ତି । ପବିତ୍ରୀକରଣର ଅର୍ଥ, ଦାନ କରିବା ବା ବିତରଣ କରିବା, ଅନୁକରଣ କରିବା ନୁହେଁ । ଅନୁକରଣ ସଂପୂର୍ଣ୍ଣ ରୂପେ ଏକ ଭିନ୍ନ ବିଷୟ । ଯୀଶୁଖ୍ରୀଷ୍ଟଙ୍କଠାରେ ସମସ୍ତ ବିଷୟର ପରିପୂର୍ଣ୍ଣତା ଅଛି, ଏବଂ ପବିତ୍ରୀକରଣର ରହସ୍ୟ ହେଉଛି ଯେ, ଯୀଶୁଙ୍କର ଏ ସମସ୍ତ ସିଦ୍ଧ ଗୁଣ ମୋ ପାଇଁ ଉପଲବ୍ଧ ଅଛି । ଏହାର ଫଳ ସ୍ୱରୂପ, ମୁଁ ଧୀରେ ଧୀରେ କିନ୍ତୁ ନିଶ୍ଚିତ ରୂପେ ଏକ ସୁବ୍ୟବସ୍ଥିତ, ପବିତ୍ର ଏବଂ ନିର୍ଦ୍ଦୋଷ ଜୀବନ ଅତିବାହିତ କରିବା ଆରମ୍ଭ କରେ ଏବଂ ମୁଁ ‘‘ଈଶ୍ୱରଙ୍କ ଶକ୍ତିରେ ସୁରକ୍ଷିତ ହୁଏ’’ (୧ ପିତର ୧:୫) ।

# ତାଙ୍କର ସ୍ୱଭାବ ଏବଂ ଆମର ଉଦ୍ଦେଶ୍ୟ

**ତୁମ୍ଭମାନଙ୍କ ଧାର୍ମିକତା ଶାସ୍ତ୍ରଜ୍ଞ ଏବଂ ଫାରୁଶୀମାନଙ୍କ ଅପେକ୍ଷା ଅଧିକ ନ ହେଲେ ତୁମ୍ଭେମାନେ ଆଦୌ ସ୍ୱର୍ଗରାଜ୍ୟରେ ପ୍ରବେଶ କରିପାରିବ ନାହିଁ ।**

**ମାଥିଉ ୫:୨୦**

ଜଣେ ଶିଷ୍ୟଙ୍କର ବିଶେଷତ୍ୱ ଏହା ନୁହେଁ ଯେ, ସେ ଭଲ କାମ କରନ୍ତି, ମାତ୍ର ତାଙ୍କର ଉଦ୍ଦେଶ୍ୟ ଭଲ ଥାଏ, କାରଣ ଈଶ୍ୱରଙ୍କ ଅଲୌକିକ ଅନୁଗ୍ରହ ଦ୍ୱାରା ସେ ଉତ୍ତମ ହୋଇଯା'ନ୍ତି । ଉତ୍ତମ କାର୍ଯ୍ୟ କରିବା ଅପେକ୍ଷା ଅଧିକ ଶ୍ରେୟସ୍କର ହେଉଛି, ଉତ୍ତମ ହେବା । ଯୀଶୁ ଖ୍ରୀଷ୍ଟ ଆସିଥିଲେ ଯେପରି ସେ ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ, ଯେଉଁମାନେ ତାଙ୍କୁ ଅନୁମତି ଦେବେ ଏଭଳି ବଂଶଗୁଣ ଅର୍ଥାତ୍ ନିଜ ସନ୍ତାନମାନଙ୍କ ମଧ୍ୟରେ ତାଙ୍କର ଗୁଣ ସ୍ଥାପନ କରିବେ, ଯାହା ଶାସ୍ତ୍ରୀ ଏବଂ ଫାରୁଶୀମାନଙ୍କ ଧାର୍ମିକତା ଅପେକ୍ଷା ଅଧିକ ହେବ । ଯୀଶୁ କହୁଛନ୍ତି, ''ଯଦି ତୁମେ ମୋର ଶିଷ୍ୟ, ତେବେ ତୁମର କାର୍ଯ୍ୟ ଯଥାର୍ଥ ହେବା ସଙ୍ଗେ ସଙ୍ଗେ ତୁମର ଅଭିପ୍ରାୟ, ତୁମର ଲକ୍ଷ୍ୟ ଏବଂ ମନର ଗଭୀର ଚିନ୍ତା ମଧ୍ୟ ଯଥାର୍ଥ ହେବା ଆବଶ୍ୟକ ।'' ଆପଣଙ୍କ ଉଦ୍ଦେଶ୍ୟ ଏଭଳି ଶୁଦ୍ଧ ହେବା ଆବଶ୍ୟକ ଯେ, ଈଶ୍ୱରଙ୍କ ଅନୁଯୋଗ ପାଇଁ କୌଣସି ବିଷୟ ରହିବ ନାହିଁ । ଏପରି କିଏ ଅଛନ୍ତି ଯିଏ ଈଶ୍ୱରଙ୍କ ଅନନ୍ତ ଜ୍ୟୋତିଃ ସମ୍ମୁଖରେ ଛିଡ଼ା ହେଲେ ସୁଦ୍ଧା ତାଙ୍କ ପ୍ରତି ଈଶ୍ୱରଙ୍କର ଅନୁଯୋଗର କୌଣସି ବିଷୟ ରହିବ ନାହିଁ ? କେବଳ ଈଶ୍ୱରଙ୍କ ପୁତ୍ର ଏବଂ ଯୀଶୁଖ୍ରୀଷ୍ଟ ହିଁ ସେହି ବ୍ୟକ୍ତି, ଯିଏ ଦାବି କରନ୍ତି ଯେ, ତାଙ୍କର ମୁକ୍ତି କାର୍ଯ୍ୟ ଦ୍ୱାରା ସେ ଯେ କୌଣସି ବ୍ୟକ୍ତିଙ୍କ ମଧ୍ୟରେ ନିଜର ସ୍ୱଭାବ ରଖିପାରନ୍ତି ଏବଂ ତାଙ୍କୁ ଗୋଟିଏ ଶିଶୁ ପରି ପବିତ୍ର ଏବଂ ସରଳ କରିପାରିବେ । ଈଶ୍ୱର ଯେଉଁ ପବିତ୍ରତା ବିଷୟରେ ଦାବି କରନ୍ତି, ତାହା ମୋ ପାଇଁ ଅସମ୍ଭବ ମନେହୁଏ, ଯେ ପର୍ଯ୍ୟନ୍ତ ମୁଁ ଆଭ୍ୟନ୍ତରୀଣ ରୂପେ ପୁନଃନିର୍ମିତ ନ ହୋଇଛି ଏବଂ ଠିକ୍ ସେହି କାର୍ଯ୍ୟ ଯୀଶୁ ତାଙ୍କ ମୁକ୍ତି ସାଧନ ଦ୍ୱାରା ନିଜ ହାତକୁ ନ ନେଇଛନ୍ତି ।

ନିୟମ ପାଳନ କରି କେହି ନିଜକୁ ପବିତ୍ର କରିପାରେ ନାହିଁ । ଯୀଶୁ ଖ୍ରୀଷ୍ଟ ଆମକୁ ନୀତି ନିୟମ ପ୍ରଦାନ କରନ୍ତି ନାହିଁ– ସେ କେବଳ ଆମକୁ ତାଙ୍କର ଶିକ୍ଷା ପ୍ରଦାନ କରନ୍ତି । ସେହି ଶିଷ୍ୟ ରୂପକ ସତ୍ୟର ଅର୍ଥ, କେବଳ ତାହାଙ୍କ ସ୍ୱଭାବ ପ୍ରକାଶ କରେ, ଯାହା ସେ ଆମ ମଧ୍ୟରେ ରଖିଛନ୍ତି । ଯୀଶୁ ଖ୍ରୀଷ୍ଟଙ୍କ ପରିତ୍ରାଣର ମହାନ୍ ଚମତ୍କାରୀତା ହେଉଛି ଯେ, ସେ ଆମର ବଂଶଗତ ସ୍ୱଭାବକୁ ପରିବର୍ତ୍ତନ କରନ୍ତି । ସେ ମନୁଷ୍ୟର ସ୍ୱଭାବକୁ ପରିବର୍ତ୍ତନ କରନ୍ତି, ତାହାର ଉତ୍ସକୁ ପରିବର୍ତ୍ତନ କରନ୍ତି ଏବଂ ସେହି ପ୍ରକାରେ ତାହାର ଉଦ୍ଦେଶ୍ୟକୁ ମଧ୍ୟ ପରିବର୍ତ୍ତନ କରନ୍ତି ।

**ଜୁଲାଇ ୨୫**

# ମୁଁ କ'ଣ ଏହିପରି ଧନ୍ୟ ?

**...ଧନ୍ୟ !**

**ମାଥିଉ ୫:୩-୧୧**

ଯେତେବେଳେ ଆମେ ପ୍ରଥମ ଥର ପାଇଁ ଯୀଶୁଙ୍କ ଶିକ୍ଷା ବିଷୟ ପାଠ କରୁ, ସେ ସବୁ ଅଦ୍ଭୁତ ରୂପେ ସରଳ ଏବଂ ସାଧାରଣ ମନେହୁଏ ଏବଂ ନିଜ ପ୍ରତି ଆମର ଧ୍ୟାନ ଆକର୍ଷଣ ନ କରି ଆମର ଅବଚେତନ ମନରେ ଦ୍ରବୀଭୂତ ହୁଏ । ଉଦାହରଣ ରୂପେ ଆରମ୍ଭରେ ପାର୍ବତ୍ୟ ଉପଦେଶର ଶିକ୍ଷା ଅତ୍ୟଧିକ ଆତ୍ମିକ ଏବଂ ଅଦରକାରୀ ଲୋକଙ୍କ ପାଇଁ ଉପଶମକାରୀ ଓ ସୁନ୍ଦର ଉପଦେଶ ଅଟେ, କିନ୍ତୁ ଆମେ ଯେଉଁ ଜଗତରେ ବାସ କରୁଛୁ, ତାହାର ବ୍ୟସ୍ତ ଏବଂ କର୍ମତତ୍ପର ଜୀବନଧାରା ମଧ୍ୟରେ ତାହାର ବ୍ୟାବହାରିକ ଉପଯୋଗୀତା ଅତି ଅଳ୍ପ । କିନ୍ତୁ ଆମେ ଶୀଘ୍ର ଜାଣିପାରୁ ଯେ, ଏହି ପାର୍ବତ୍ୟ ଉପଦେଶର ଶିକ୍ଷାରେ ପବିତ୍ର ଆତ୍ମାଙ୍କ ''ଡ଼ିନାମାଇଟ୍'' ରହିଛି । ତାହାର ବିସ୍ଫୋରଣ ଘଟେ, ଯେତେବେଳେ ଆମ ଜୀବନର ପରିସ୍ଥିତି ସେଭଳି କରାଇଥାଏ । ଯେତେବେଳେ ପବିତ୍ର ଆତ୍ମା ଆମକୁ କୌଣସି ଏକ ''ଧନ୍ୟବଚନ'' କଥା ସ୍ମରଣ କରାନ୍ତି, ଆମେ କହିଥାଉ, ''ଏହା କି ଚମତ୍କାର କଥା !'' ତା'ପରେ ଆମକୁ ନିଷ୍ପତ୍ତି ନେବାକୁ ହେବ ଯେ, ଈଶ୍ୱରଙ୍କ ବାକ୍ୟ ପାଳନ କରବା ଦ୍ୱାରା ଯେଉଁ ଆକସ୍ମିକ ପରିବର୍ତ୍ତନ ଆସେ, ଆମେ ତାହାକୁ ଗ୍ରହଣ କରିବା କି ନାହିଁ । ଈଶ୍ୱରଙ୍କ ଆତ୍ମା ସେହି ଉପାୟରେ କାର୍ଯ୍ୟ କରନ୍ତି । ଆକ୍ଷରିକ ଭାବେ ପାର୍ବତ୍ୟ ଉପଦେଶର ଶିକ୍ଷା ପାଳନ କରିବା ପାଇଁ ଆମର ନୂତନ ଜନ୍ମର ଆବଶ୍ୟକତା ନାହିଁ । ପାର୍ବତ୍ୟ ଉପଦେଶର ଆକ୍ଷରିକ ବ୍ୟାଖ୍ୟା କରିବା ପିଲାଖେଳ ପରି ଏକ ସହଜ ବିଷୟ, କିନ୍ତୁ ଯେତେବେଳେ ଈଶ୍ୱରଙ୍କ ଆତ୍ମା ଆମର ପ୍ରଭୁଙ୍କ ଦ୍ୱାରା କଥିତ ବାକ୍ୟକୁ ଆମର ପରିସ୍ଥିତି ପ୍ରତି ପ୍ରୟୋଗ କରନ୍ତି, ତେବେ ତାହାଙ୍କ ବ୍ୟାଖ୍ୟା ଜଣେ ପବିତ୍ର ଲୋକଙ୍କର କଠୋର ଏବଂ କଠିନ କାର୍ଯ୍ୟରେ ପରିଣତ ହୁଏ ।

ଯୀଶୁଙ୍କ ସମୁଦାୟ ଶିକ୍ଷା ଆମ ସ୍ୱାଭାବିକ ଦୃଷ୍ଟିକୋଣ ତୁଳନାରେ ଅତି ଉଚ୍ଚତର ଏବଂ ପ୍ରାରମ୍ଭ ସମୟରେ ଏକ ଅଦ୍ଭୁତ ବିଚଳିତ ଭାବ ନେଇ ଆସିଥାଏ, କିନ୍ତୁ ଯେତେବେଳେ ପବିତ୍ର ଆତ୍ମା ଯୀଶୁଙ୍କ ଆଦେଶକୁ ଆମର ପରିସ୍ଥିତିରେ ପ୍ରୟୋଗ କରନ୍ତି, କ୍ରମେ କ୍ରମେ ଆମେ ଆମର ଚାଲିଚଳନ ଏବଂ କଥାବାର୍ତ୍ତାକୁ ତାଙ୍କ ସହିତ ନିଶ୍ଚିତ କରିବାକୁ ହେବ । ପାର୍ବତ୍ୟ ଉପଦେଶ ଏକ ବ୍ୟବସ୍ଥିତ ନୀତି ନିୟମ ନୁହେଁ- ଏହା ସେହି ଜୀବନର ଚିତ୍ର, ଯେଉଁ ଜୀବନ ଆମ ମଧ୍ୟରେ ପବିତ୍ର ଆତ୍ମାଙ୍କ ବାଧାହୀନ କାର୍ଯ୍ୟ ଦ୍ୱାରା ଅତିବାହିତ ହୋଇଥାଏ ।

ଜୁଲାଇ ୨୬

# ଶୁଦ୍ଧତାର ପଥ

**ମାତ୍ର ଯାହା ମୁଖରୁ ବାହାରେ, ତାହା ହୃଦୟରୁ ବାହାରେ... କାରଣ ହୃଦୟରୁ ବାହାରେ– କୁଚିନ୍ତା, ନରହତ୍ୟା, ବ୍ୟଭିଚାର, ଅବୈଧ ଯୌନ ସଂପର୍କ, ଚୋରି, ମିଥ୍ୟାସାକ୍ଷ୍ୟ ଓ ପରନିନ୍ଦା । ଏହି ସବୁ ହିଁ ମନୁଷ୍ୟକୁ ଅଶୁଚି କରେ ।**

**ମାଥିଉ ୧୫:୧୮–୨୦**

ଆରମ୍ଭ ସମୟରେ ଆମେ ଅଜ୍ଞତାକୁ ନିର୍ଦ୍ଦୋଷତା ନାମ ଦେଇଥାଉ ଏବଂ ତା'ପରେ ଆମ ନିର୍ଦ୍ଦୋଷତାକୁ ଭରସା କରି ତାକୁ ଶୁଦ୍ଧତା କହିଥାଉ । ତା'ପରେ ଆମେ ଯେତେବେଳେ ପ୍ରଭୁଙ୍କର ଏହି କଠୋର କଥା ଶୁଣୁ, ଆମେ ସଂକୁଚିତ ହୋଇ କହୁ, ''କିନ୍ତୁ ମୁଁ ତ ମୋ ମନରେ ଏଭଳି ମନ୍ଦ ବିଷୟ ଅନୁଭବ କରି ନାହିଁ ।'' ସେ ଯେତେବେଳେ ପ୍ରକାଶ କରନ୍ତି, ଆମେ ତାହାର ପ୍ରତିରୋଧ କରୁ । ଯୀଶୁ ଖ୍ରୀଷ୍ଟ ହୁଏତ ମନୁଷ୍ୟ ହୃଦୟର ସର୍ବୋଚ୍ଚ ନିୟନ୍ତ୍ରଣକର୍ତ୍ତା, ନଚେତ୍ ସେ ଆମର ଧ୍ୟାନ ଆକର୍ଷଣ କରିବା ପାଇଁ ଯୋଗ୍ୟ ନୁହନ୍ତି । ମୁଁ କ'ଣ ତାଙ୍କର ହୃଦୟ ଭେଦକାରୀ ବାକ୍ୟରେ ଭରସା କରେ ଅବା ମୋର ଅଜ୍ଞତା ରୂପକ ନିର୍ଦ୍ଦୋଷ ସ୍ୱଭାବ ଉପରେ ଭରସା ରଖିବା ପାଇଁ ଅଧିକ ଆଗ୍ରହୀ ? ଯଦି ମୁଁ ବିଶ୍ୱସ୍ତ ଭାବେ ନିଜକୁ ଦେଖିବି, ଏବଂ ଯାହାକୁ ମୁଁ ନିର୍ଦ୍ଦୋଷତା ଭାବେ, ତାହା ପ୍ରତି ସଚେତନ ହୋଇ ତାହାର ପରୀକ୍ଷା କରିବି, ତା'ହେଲେ ମୁଁ ହଠାତ୍ ଚମକି ଉଠିବି ଏବଂ ଦେଖିବି ଯେ, ଯୀଶୁଖ୍ରୀଷ୍ଟଙ୍କ ସବୁ ଶିକ୍ଷା ସତ ଥିଲା ଏବଂ ମୋର ଅନ୍ତର ମଧ୍ୟରେ ଥିବା ପାପ ଓ ମନ୍ଦ ବିଷୟଗୁଡ଼ିକ ମୋତେ ସ୍ତମ୍ଭିତ କରିଦେବ । କିନ୍ତୁ ଯେ ପର୍ଯ୍ୟନ୍ତ ମୁଁ ନିଜର ''ନିର୍ଦ୍ଦୋଷତା''ର ମିଥ୍ୟା ସୁରକ୍ଷା ମଧ୍ୟରେ ଆଶ୍ରା ନେଉଛି, ମୁଁ ଏକ ମିଥ୍ୟା ସ୍ୱର୍ଗରେ ବାସ କରୁଛି । ଯଦି ମୁଁ ଖୋଲାଖୋଲି ଭାବେ ଜଣେ ଅଶାନ୍ତ ଏବଂ କ୍ରୋଧୀ ସ୍ୱଭାବ ସଂପନ୍ନ ଲୋକ ହୋଇ ନାହିଁ, ତାହାର କାରଣ ହେଉଛି, ଭୀରୁତା ସହିତ ସୁରକ୍ଷିତ ରହିବାର ଭାବନା, ଯାହା ମୋତେ ଏକ ସଭ୍ୟ ଜୀବନଧାରାରୁ ମିଳିଥାଏ । କିନ୍ତୁ ଯେତେବେଳେ ମୁଁ ଈଶ୍ୱରଙ୍କ ସମ୍ମୁଖରେ ନିଜକୁ ସଂପୂର୍ଣ୍ଣ ଉଲଙ୍ଗ ଅବସ୍ଥାରେ ଉପସ୍ଥାପିତ କରେ, ମୁଁ ଉପଲବ୍ଧି କରେ ଯେ, ମୋ ସଂପର୍କରେ ଈଶ୍ୱରଙ୍କ ରୋଗ ନିରୂପଣ ଯଥାର୍ଥ ଅଟେ ।

ପ୍ରକୃତ ସୁରକ୍ଷା ପ୍ରଦାନକାରୀ ବିଷୟ ହେଉଛି, ଯୀଶୁ ଖ୍ରୀଷ୍ଟଙ୍କ ମୁକ୍ତି କାର୍ଯ୍ୟ । ଈଶ୍ୱରଙ୍କ ହାତରେ ଯଦି ମୁଁ ନିଜକୁ ଧରାଇ ଦେବି, ତେବେ ମୋତେ ଆଉ ମୋ ଅନ୍ତର ମଧ୍ୟରେ ରହିଥିବା ଭୟଙ୍କର ସମ୍ଭାବନାଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ଶୁଦ୍ଧତା ଏତେ ଗଭୀର ବିଷୟ ଯେ, ସ୍ୱାଭାବିକ ରୂପେ ମୁଁ ସେଠାରେ ପହଞ୍ଚି ପାରିବି ନାହିଁ, କିନ୍ତୁ ଯେତେବେଳେ ସେ ମୋ ମଧ୍ୟକୁ ଆସନ୍ତି, ମୋ ଜୀବନର କେନ୍ଦ୍ରକୁ ସେହି ଆତ୍ମାଙ୍କୁ ନେଇ ଆସନ୍ତି, ଯାହା ଯୀଶୁଖ୍ରୀଷ୍ଟଙ୍କ ଜୀବନରେ ପ୍ରଦର୍ଶିତ ହୋଇଥିଲା । ସେ ହେଉଛନ୍ତି ପବିତ୍ର ଆତ୍ମା, ଯିଏ ନିଶ୍ଚିତ ଭାବରେ ନିଷ୍କଳଙ୍କ ଏବଂ ଶୁଦ୍ଧ ।

# ଜ୍ଞାନର ପଥ

**ଯଦି କେହି ତାହାଙ୍କର ଇଚ୍ଛା ସାଧନ କରିବାକୁ ଇଚ୍ଛୁକ ହୁଏ, ତାହାହେଲେ ଏହି ଶିକ୍ଷା... ସେ ଜାଣିବ ।**

**ଯୋହନ ୭:୧୭**

ଆତ୍ମିକ ବୋଧଶକ୍ତି ଲାଭ କରିବା ପାଇଁ ଯେଉଁ ମୌଳିକ ନୀତି ପାଳନ କରିବାକୁ ହେବ, ତାହା ବୁଦ୍ଧି ନୁହେଁ, ମାତ୍ର ବାଧ୍ୟତା । ଜଣେ ବ୍ୟକ୍ତିଙ୍କର ବିଜ୍ଞାନସମ୍ମତ ଜ୍ଞାନ ଲାଭ ପାଇଁ ତାଙ୍କର ବୌଦ୍ଧିକ ଜିଜ୍ଞାସା ତାଙ୍କୁ ଚାଳନା ଦିଏ, କିନ୍ତୁ ସେ ଯଦି ଯୀଶୁଖ୍ରୀଷ୍ଟଙ୍କ ଶିକ୍ଷା ସଂପର୍କିତ ଜ୍ଞାନ ଏବଂ ଅନ୍ତର୍ଦୃଷ୍ଟି ଅପେକ୍ଷା କରନ୍ତି, ତେବେ ସେ କେବଳ ବାଧ୍ୟତା ଦ୍ୱାରା ତାହା ପ୍ରାପ୍ତ ହେବେ । ଯଦି ଆତ୍ମିକ ବିଷୟ ସବୁ ମୋଠାରୁ ଲୁକ୍କାୟିତ ଏବଂ ଅନ୍ଧକାରପୂର୍ଣ୍ଣ ମନେହୁଏ, ତେବେ ଏହା ନିଶ୍ଚିତ ଯେ, ମୋ ଜୀବନରେ କେଉଁଠାରେ କିଛି ଅବାଧ୍ୟତା ରହିଛି । ବୌଦ୍ଧିକ ଅନ୍ଧକାର ହେଉଛି ଅଜ୍ଞତାର ପରିଣାମ, କିନ୍ତୁ ଆତ୍ମିକ ଅନ୍ଧକାର ସେହି କାରଣରୁ ଆସେ, କାରଣ ଏପରି କିଛି ବିଷୟ ଅଛି, ଯାହାର ବାଧ୍ୟ ହେବାକୁ, ମୁଁ ଇଚ୍ଛା କରେ ନାହିଁ ।

ଯଦି କୌଣସି ବ୍ୟକ୍ତି ଈଶ୍ୱରଙ୍କ ବାକ୍ୟ ଗ୍ରହଣ କରନ୍ତି, ସଙ୍ଗେ ସଙ୍ଗେ ତାଙ୍କୁ ତାହା ଦ୍ୱାରା ପରୀକ୍ଷିତ ହେବାକୁ ପଡ଼େ । ଆମେ ଅବାଧ୍ୟ ହେଉ ଏବଂ ପରେ ଆଶ୍ଚର୍ଯ୍ୟ ହୋଇଥାଉ ଯେ, କାହିଁକି ଆମର ଆତ୍ମିକ ଅଭିବୃଦ୍ଧି ହେଉ ନାହିଁ । ଯୀଶୁ କହିଲେ, ‘‘ଅତଏବ ବେଦି ନିକଟରେ ନୈବେଦ୍ୟ ଉତ୍ସର୍ଗ କରିବା ବେଳେ ତୁମର ଯଦି ମନେ ପଡ଼ିଯାଏ ଯେ, ତୁମ ଭାଇର ତୁମ ବିରୁଦ୍ଧରେ କୌଣସି ଅଭିଯୋଗର କାରଣ ଅଛି, ତେବେ ବେଦି ନିକଟରେ ତୁମର ନୈବେଦ୍ୟ ଥୋଇ ଦେଇ ପ୍ରଥମେ ଯାଅ ଓ ତା’ ସହିତ ପୁନର୍ମିଳିତ ହୁଅ । ତା’ପରେ ଆସି ତୁମର ନୈବେଦ୍ୟ ଉତ୍ସର୍ଗ କର’’ (ମାଥିଉ ୫:୨୩-୨୪) । ସେ ପ୍ରକୃତରେ କହୁଛନ୍ତି, ‘‘ମୋ ପ୍ରତି ଗୋଟିଏ ପଦ ସୁଦ୍ଧା ଉଚ୍ଚାରଣ କର ନାହିଁ, ପ୍ରଥମେ ସବୁ ବିଷୟ ସଜାଡ଼ି ବାଧ୍ୟ ହୁଅ ।’’ ଯୀଶୁଙ୍କ ଶିକ୍ଷା ଆମର ପ୍ରକୃତ ଅବସ୍ଥାକୁ ଆଘାତ କରେ । ଆମେ ଗୋଟିଏ ମୁହୂର୍ତ୍ତ ପାଇଁ ତାଙ୍କ ସମ୍ମୁଖରେ ଛଳନାକାରୀ ରୂପେ ଛିଡ଼ା ହୋଇପାରିବା ନାହିଁ । ସେ ଛୋଟ ଛୋଟ କଥା ପାଇଁ ଆମକୁ ନିର୍ଦ୍ଦେଶ ଦିଅନ୍ତି । ଈଶ୍ୱରଙ୍କ ଆତ୍ମା ଆମର ଆତ୍ମ-ନିର୍ଦ୍ଦୋଷତାର ଆତ୍ମାର ଆବରଣକୁ ଉନ୍ମୁକ୍ତ କରି ଆମକୁ ସେହି ସବୁ ବିଷୟ ପ୍ରତି ସମ୍ବେଦନଶୀଳ କରନ୍ତି, ଯାହା ଆମେ ପୂର୍ବରୁ ସୁଦ୍ଧା ଚିନ୍ତା କରି ନ ଥିଲୁ ।

ଯେତେବେଳେ ଯୀଶୁ ତାଙ୍କର ବାକ୍ୟ ଦ୍ୱାରା ଆପଣଙ୍କୁ କିଛି ଶିଖାନ୍ତି, ତାହାକୁ ଉପେକ୍ଷା କରନ୍ତୁ ନାହିଁ । ଯଦି ଆପଣ ସେପରି କରନ୍ତି, ଆପଣ ଜଣେ ଆତ୍ମିକ ଛଳନାକାରୀ ପାଲଟିଯିବେ । ଯେଉଁ ବିଷୟକୁ ଆପଣ ଉପେକ୍ଷା କରି ଅବାଧ୍ୟ ହୋଇଛନ୍ତି, ତାହାକୁ ପରୀକ୍ଷା କରନ୍ତୁ, ତା’ହେଲେ ଆପଣ ଜାଣିବେ ଯେ, କାହିଁକି ଆପଣଙ୍କର ଆତ୍ମିକ ବୃଦ୍ଧି ହେଉ ନାହିଁ । ଯେପରି ଯୀଶୁ କହିଲେ, ‘‘ପ୍ରଥମେ ଯାଅ... ।’’ ଲୋକମାନେ ଆପଣଙ୍କୁ ଧର୍ମାନ୍ଧ କହିଲେ ସୁଦ୍ଧା ଆପଣ ଈଶ୍ୱରଙ୍କ ଆଜ୍ଞା ପାଳନ କରିବା ଉଚିତ୍ ।

**ଜୁଲାଇ ୨୮**

# ଈଶ୍ୱରଙ୍କ ଉଦ୍ଦେଶ୍ୟ ଅବା ମୋର ?

### ସେ ଆପଣା ଶିଷ୍ୟମାନଙ୍କୁ ନୌକାରେ... ଅପର ପାରିକି ଆଗରେ ଯିବା ପାଇଁ ବଳାଇଲେ ।

### ମାର୍କ ୬:୪୫

ଆମେ ଏହିପରି ଭାବିଥାଉ ଯେ, ଯୀଶୁଖ୍ରୀଷ୍ଟ ଯଦି ଆମକୁ କୌଣସି କାର୍ଯ୍ୟ କରିବା ପାଇଁ ବାଧ କରନ୍ତି ଏବଂ ଆମେ ତାଙ୍କର ବାଧ ହେଉ, ତେବେ ସେ ଆମକୁ ସଫଳତାର ମାର୍ଗରେ କଢ଼ାଇ ନେବେ । ଆମେ ଆଦୌ ଭାବିବା ଉଚିତ ନୁହେଁ ଯେ, ଆମ ସଫଳତାର ସ୍ୱପ୍ନ ହେଉଛି, ଆମ ପ୍ରତି ଈଶ୍ୱରଙ୍କ ଉଦ୍ଦେଶ୍ୟ । ପ୍ରକୃତରେ ତାଙ୍କର ଉଦ୍ଦେଶ୍ୟ ଠିକ୍ ଏହାର ବିପରୀତ ହୋଇପାରେ । ଆମର ଧାରଣା ହୁଏ ଯେ, ଈଶ୍ୱର ଆମକୁ କୌଣସି ବିଶେଷ ପରିଣାମ ବା ବାଞ୍ଛିତ ଲକ୍ଷ୍ୟ ପ୍ରତି ଚାଳିତ କରୁଛନ୍ତି, କିନ୍ତୁ ଏହା ନୁହେଁ । ଆମେ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚୁ କି ନାହିଁ, ତାହା ବିଶେଷ ମହତ୍ତ୍ୱପୂର୍ଣ୍ଣ ନୁହେଁ, ଏହା ଆମ ଯାତ୍ରାର କାହାଣୀର କେବଳ ଏକ ଅଂଶ ବିଶେଷ ହୋଇଯାଏ, ଯାହାକୁ ଆମେ ଲକ୍ଷ୍ୟ ହାସଲର ପ୍ରକ୍ରିୟା ବୋଲି ଭାବୁ, ଈଶ୍ୱର ତାହାକୁ ଲକ୍ଷ୍ୟ ରୂପେ ଦେଖନ୍ତି ।

ମୋ ପାଇଁ ଈଶ୍ୱରଙ୍କ ଉଦ୍ଦେଶ୍ୟ ସଂପର୍କିତ ମୋର ଦର୍ଶନ କ'ଣ ? ସେ ଯାହା ହେଉ ପଛକେ, ମୋ ପ୍ରତି ତାଙ୍କର ଉଦ୍ଦେଶ୍ୟ ହେଉଛି ଯେ, ମୁଁ ବର୍ତ୍ତମାନ ତାଙ୍କ ଉପରେ ଏବଂ ତାଙ୍କର ଶକ୍ତି ଉପରେ ନିର୍ଭର କରିବି । ଜୀବନର କୋଳାହଳ ଏବଂ ବିଶୃଙ୍ଖଳା ମଧ୍ୟରେ ଯଦି ମୁଁ ସୁସ୍ଥିର, ବିଶ୍ୱସ୍ତ ଏବଂ ଅବିଚଳିତ ରହିବି, ତେବେ ଈଶ୍ୱରଙ୍କ ଉଦ୍ଦେଶ୍ୟର ଲକ୍ଷ୍ୟ ମୋ ଜୀବନରେ ସାଧିତ ହେଉଛି । ଈଶ୍ୱର କୌଣସି ବିଷୟର ନିର୍ଦ୍ଦିଷ୍ଟ ପରିସମାପ୍ତି ପାଇଁ କାର୍ଯ୍ୟ କରୁନାହାନ୍ତି – ପ୍ରକ୍ରିୟା ହିଁ ତାଙ୍କର ଉଦ୍ଦେଶ୍ୟ । ସେ ମୋ ପାଇଁ ଯାହା ଇଚ୍ଛା କରନ୍ତି, ତାହା ହେଉଛି, ଯେପରି ମୁଁ ତାଙ୍କୁ ଦେଖିବି ଯେ, ''ସେ ସମୁଦ୍ର ଉପରେ ଚାଲୁଛନ୍ତି'', ଯେଉଁଠାରେ କୂଳ ନାହିଁ, ସଫଳତା ନାହିଁ, ଦୃଷ୍ଟି ସମ୍ମୁଖରେ କୌଣସି ଲକ୍ଷ୍ୟ ନାହିଁ, କିନ୍ତୁ କେବଳ ଏହି ନିଶ୍ଚିତତା ଅଛି ଯେ, ମୁଁ ''ତାଙ୍କୁ ସମୁଦ୍ର ଉପରେ ଚାଲିବାର ଦେଖୁଛି'' (୬:୪୯)। ପରିଣାମ ନୁହେଁ, ମାତ୍ର ପ୍ରକ୍ରିୟା ହିଁ ଈଶ୍ୱରଙ୍କୁ ଗୌରବ ଦିଏ ।

ଈଶ୍ୱରଙ୍କ ପ୍ରଶିକ୍ଷଣ ବର୍ତ୍ତମାନ ପାଇଁ ଉଦ୍ଦିଷ୍ଟ, ପରବର୍ତ୍ତୀ ସମୟ ପାଇଁ ନୁହେଁ । ତାଙ୍କର ଉଦ୍ଦେଶ୍ୟ ବର୍ତ୍ତମାନ ପାଇଁ ଉଦ୍ଦିଷ୍ଟ, ଭବିଷ୍ୟତର କୌଣସି ସମୟ ପାଇଁ ନୁହେଁ । ଆମ ବାଧ୍ୟତାର ପରିଣାମ ସଂପର୍କରେ ଆମର କିଛି କରିବାର ନାହିଁ ଏବଂ ସେ ବିଷୟରେ ଚିନ୍ତା କରିବା ଆମର ଭୁଲ୍ ହେବ । ଲୋକଙ୍କ ଦୃଷ୍ଟିରେ ଯାହା ପ୍ରସ୍ତୁତି, ତାହା ଈଶ୍ୱରଙ୍କ ଦୃଷ୍ଟିରେ ଲକ୍ଷ୍ୟ ବିବେଚିତ ହୁଏ ।

ମୋ ପାଇଁ ଈଶ୍ୱରଙ୍କ ଉଦ୍ଦେଶ୍ୟ ହେଉଛି, ଯେପରି ସେ ମୋତେ ଦେଖିବାର ସାମର୍ଥ୍ୟ ଦେବେ ଯେ, ସେ ବର୍ତ୍ତମାନ ହିଁ ମୋ ଜୀବନର ଝଡ଼ ମଧ୍ୟରେ ଚାଲିବା ପାଇଁ ସକ୍ଷମ । ଯଦି ଆମ ମନରେ ଏହାଠାରୁ ବଳି ଆଉ କୌଣସି ଲକ୍ଷ୍ୟ ଅଛି, ତେବେ ଆମେ ବର୍ତ୍ତମାନ ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ନାହୁଁ । ଯଦି ଆମେ ଉପଲବ୍ଧି କରୁ ଯେ, ପ୍ରତି ମୁହୂର୍ତ୍ତର ବିଶ୍ୱସ୍ତତା ହେଉଛି ଆମର ଲକ୍ଷ୍ୟ, ତେବେ ପ୍ରତ୍ୟେକ ମୁହୂର୍ତ୍ତ ଆମ ପାଇଁ ବହୁମୂଲ୍ୟ ମୁହୂର୍ତ୍ତ ହେବ ।

**ଜୁଲାଇ ୨୯**

# ଆପଣ କ'ଣ ଯୀଶୁଙ୍କୁ ଆପଣଙ୍କ ମେଘମାଳାରେ ଦେଖୁଛନ୍ତି ?

**ଦେଖ, ସେ ମେଘମାଳାରେ ଆସୁଛନ୍ତି ।**

**ପ୍ରକାଶିତ ୧:୭**

ବାଇବଲରେ ମେଘମାଳାର ସମ୍ବନ୍ଧ ସବୁବେଳେ ଈଶ୍ୱରଙ୍କ ସହିତ ଥାଏ । ଆମ ବ୍ୟକ୍ତିଗତ ଜୀବନରେ କିମ୍ବା ଏହାର ବହିର୍ଭୂତ ଦୁଃଖ, କଷ୍ଟ ଅବା ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ପରିସ୍ଥିତି ମେଘମାଳାର ରୂପ ନେଇ ଈଶ୍ୱରଙ୍କ ପ୍ରଭୁତ୍ୱକୁ ଖଣ୍ଡନ କରିଥା'ନ୍ତି । ତଥାପି ଏହି ମେଘମାଳା ମଧ୍ୟରେ ଈଶ୍ୱରଙ୍କ ଆତ୍ମା ବିଶ୍ୱାସରେ ଚାଲିବା ପାଇଁ ଆମକୁ ଶିକ୍ଷା ଦେଉଛନ୍ତି । ଆମ ଜୀବନରେ ମେଘମାଳା ନ ଥିଲେ ଆମର ବିଶ୍ୱାସ ମଧ୍ୟ ନ ଥା'ନ୍ତା । ''ମେଘମାଳା ତାହାଙ୍କର ପାଦଧୂଳି'' (ନାହୂମ ୧:୩) । ସେମାନେ ଈଶ୍ୱରଙ୍କ ଉପସ୍ଥିତିର ଚିହ୍ନ । ଏହାଦ୍ୱାରା ଏହି ରହସ୍ୟ ଉଦ୍‌ଘାଟିତ ହୁଏ ଯେ, ଦୁଃଖ, ମୃତ୍ୟୁ ବିଚ୍ଛେଦ ଏବଂ ଯନ୍ତ୍ରଣାର ମେଘମାଳା ଈଶ୍ୱରଙ୍କ ସହିତ ଆସେ । ମେଘମାଳା ବିନା ଈଶ୍ୱର ଆମର ନିକଟତର ହୋଇପାରନ୍ତି ନାହିଁ– ସେ ଝଲସୁଥିବା ଆଲୋକ ମଧ୍ୟରେ ଆସନ୍ତି ନାହିଁ ।

ଏହା କହିବା ଠିକ୍ ହେବ ନାହିଁ ଯେ, ପରୀକ୍ଷା ମଧ୍ୟରେ ଈଶ୍ୱର ଆମକୁ କିଛି ଶିଖାଇବାକୁ ଚାହାନ୍ତି । ଆମ ପଥ ମଧ୍ୟରେ ଆସୁଥିବା ପ୍ରତ୍ୟେକ ମେଘ ଖଣ୍ଡ ଦ୍ୱାରା ଆମେ ଶିଖିଥିବା କିଛି ବିଷୟକୁ ସେ ବିସ୍ମୃତ କରିବାକୁ ଚାହାନ୍ତି । ମେଘକୁ ବ୍ୟବହାର କରିବା ଅନ୍ତରାଳରେ ଈଶ୍ୱରଙ୍କ ଉଦ୍ଦେଶ୍ୟ ହେଉଛି, ଆମର ବିଶ୍ୱାସକୁ ସରଳ କରିବା ଯେପର୍ଯ୍ୟନ୍ତ ତାଙ୍କ ସହିତ ଆମର ସଂପର୍କ ଅବିକଳ ଗୋଟିଏ ଶିଶୁର ସଂପର୍କ ଭଳି ନ ହୋଇଛି – ଏଭଳି ସଂପର୍କ ଯାହା କେବଳ ଈଶ୍ୱରଙ୍କର ଏବଂ ଆମ ଆତ୍ମା ମଧ୍ୟରେ ସ୍ଥାପିତ ହୁଏ ଏବଂ ଯେଉଁଠାରେ ଅନ୍ୟ ଲୋକମାନେ ଛାଇରେ ପରିଣତ ହୁଅନ୍ତି । ଅନ୍ୟ ଲୋକମାନେ ଯେପର୍ଯ୍ୟନ୍ତ ଆମର ଛାଇ ନ ହୋଇଛନ୍ତି, ମେଘମାଳା ଏବଂ ଅନ୍ଧକାର ସମୟେ ସମୟେ ଆମ ନିକଟକୁ ଆସୁଥିବ । ପୂର୍ବ ଅପେକ୍ଷା ଈଶ୍ୱରଙ୍କ ସହିତ ଆମ ସଂପର୍କ ଅଧିକ ସରଳତର ହେଉଛି କି ?

ଈଶ୍ୱରଙ୍କ ପ୍ରେରିତ ଆଶ୍ଚର୍ଯ୍ୟଜନକ ପରିସ୍ଥିତି ଏବଂ ତାଙ୍କ ସଂପର୍କିତ ଆମର ଧାରଣା ମଧ୍ୟରେ ଏକ ସମ୍ବନ୍ଧ ଅଛି ଏବଂ ଈଶ୍ୱରଙ୍କ ସଂପର୍କିତ ଆମ ଜ୍ଞାନ ଦୃଷ୍ଟିରୁ ଜୀବନର ରହସ୍ୟକୁ ବ୍ୟାଖ୍ୟା କରିବା ପାଇଁ ଆମକୁ ଶିଖିବାକୁ ହେବ । ଈଶ୍ୱରଙ୍କ ସ୍ୱଭାବ ସଂପର୍କିତ ଆମର ଦୃଷ୍ଟିକୋଣକୁ କ୍ଷତିଗ୍ରସ୍ତ ନ କରି ଯେପର୍ଯ୍ୟନ୍ତ ଆମେ ଜୀବନର ଗଭୀର ଅନୁଭବ ସହ ଈଶ୍ୱରଙ୍କୁ ସାକ୍ଷାତ ନ କରିଛୁ, ଏହା ପ୍ରତିପାଦିତ ହେବ ଯେ, ଆମେ ତାଙ୍କୁ ଜାଣିନାହୁଁ ।

''... ସେମାନେ ମେଘ ମଧ୍ୟରେ ପ୍ରବେଶ କଲାବେଳେ ଭୀତ ହୋଇ ପଡ଼ିଲେ'' (ଲୂକ ୯:୩୪) । ଆପଣଙ୍କ ମେଘରେ ଯୀଶୁଙ୍କ ବ୍ୟତୀତ ଆଉ କେହି ଅଛନ୍ତି କି ? ଯଦି ଅଛନ୍ତି, ତେବେ ଆହୁରି କଳାମେଘ ଘୋଟି ଆସିବ ଯେପର୍ଯ୍ୟନ୍ତ ଆପଣ ସେହି ସ୍ଥାନକୁ ଆସିନାହାନ୍ତି, ଯେଉଁଠାରେ ''ଯୀଶୁଙ୍କ ବ୍ୟତୀତ ଆଉ କେହି ନ ଥିବେ'' (ମାର୍କ ୯:୮, ମଧ୍ୟ ୨–୭ ପଦ ଦେଖନ୍ତୁ) ।

**ଜୁଲାଇ ୩୦**

# ଭ୍ରାନ୍ତି ଦୂର କରିବାର ଶିକ୍ଷା

### ଯୀଶୁ ସେମାନଙ୍କୁ ବିଶ୍ୱାସ କଲେ ନାହିଁ,
### ... କାରଣ ମନୁଷ୍ୟ ଅନ୍ତରରେ କ'ଣ ଅଛି, ତାହା ସେ ଜାଣିଥିଲେ ।
### ଯୋହନ ୨:୨୪–୨୫

ଭ୍ରାନ୍ତି ଦୂର କରିବା ଅର୍ଥ, ଆଗାମୀ ଜୀବନରେ ଆଉ କୌଣସି ଭ୍ରାନ୍ତ ଧାରଣା, ମିଥ୍ୟା ଅବଧାରଣା ଏବଂ ଭ୍ରାନ୍ତ ବିଚାରଧାରା ରହିବ ନାହିଁ, ଏହାର ଅର୍ଥ, ଏହିସବୁ ପ୍ରତାରଣାରୁ ମୁକ୍ତ ହେବା । କିନ୍ତୁ ପ୍ରତାରିତ ନ ହେଲେ ମଧ୍ୟ ଆମର ଭ୍ରାନ୍ତି ଦୂର କରିବାର ଅନୁଭୂତି ଆମକୁ ଅନ୍ୟମାନଙ୍କ ପ୍ରତି ଆଶାହୀନ ହୋଇ ସେମାନଙ୍କ ସମାଲୋଚନା କରିବାକୁ ସୁଯୋଗ ଦେଉଥାଏ, କିନ୍ତୁ ଈଶ୍ୱରଙ୍କଠାରୁ ଭ୍ରାନ୍ତି ଦୂର କରିବାର ଯେଉଁ ଅନୁଭୂତି ଆସେ, ତାହା ଆମକୁ ଏଭଳି ସ୍ଥାନକୁ ନେଇଯାଏ, ଯେଉଁଠାରେ ଆମେ ଲୋକମାନଙ୍କୁ ସେମାନଙ୍କ ପ୍ରକୃତ ସ୍ଥିତାବସ୍ଥାରେ ଦେଖୁ, କିନ୍ତୁ ଆମ ମନରେ କୌଣସି କଟୁ ଏବଂ ସମାଲୋଚନା ସୂଚକ ମନୋଭାବ ନ ଥାଏ । ଜୀବନର ଅନେକ ବିଷୟ ଯାହାକି ଆମକୁ ସବୁଠାରୁ ଅଧିକ କଷ୍ଟ, ଆଘାତ ଓ ଯନ୍ତ୍ରଣା ଦିଏ, ସେ ସବୁ ଏହି ତଥ୍ୟ ଉପରେ ଆଧାରିତ ଯେ, ଆମେ ଭ୍ରାନ୍ତିର ଶିକାର ହୋଇଛୁ । ଆମର ପ୍ରକୃତ ସ୍ୱଭାବ ଅନ୍ୟମାନଙ୍କ ନିକଟରେ ପ୍ରଦର୍ଶିତ ହୋଇ ନ ଥାଏ । ଅନ୍ୟମାନଙ୍କ ପ୍ରତି ଆମର ଭ୍ରାନ୍ତ ଧାରଣା ଉପରେ ଆମେ ବିଶ୍ୱାସ କରିଥାଉ । ଆମର ବିଚାରଧାରା ଅନୁସାରେ ପ୍ରତ୍ୟେକ ବିଷୟ ହୁଏତ ଆନନ୍ଦଦାୟକ ଏବଂ ଭଲ ହୋଇପାରେ କିମ୍ବା ମନ୍ଦ, ବିଦ୍ୱେଷମୂଳକ ଏବଂ ସାହସହୀନ ହୋଇପାରେ ।

ମନୁଷ୍ୟ ଜୀବନର ଅଧିକ କଷ୍ଟଦାୟକ ଅନୁଭୂତିର କାରଣ ହେଉଛି ଯେ, ଆମେ ଭ୍ରାନ୍ତି ଦୂର କରିବାକୁ ଦେଇ ନ ଥାଉ । ଆଉ ଏହି ପ୍ରକାରେ କଷ୍ଟ ଆସିଥାଏ – ଯଦି ଆମେ ଜଣକୁ ପ୍ରେମ କରୁ, କିନ୍ତୁ ଈଶ୍ୱରଙ୍କ ପ୍ରତି ଆମର ପ୍ରେମ ନ ଥାଏ, ତେବେ ଆମେ ସେହି ବ୍ୟକ୍ତିଙ୍କଠାରୁ ସଂପୂର୍ଣ୍ଣ ଶୁଦ୍ଧତା ଏବଂ ଧାର୍ମିକତା ଦାବି କରୁ, ଆଉ ଆମେ ତାହା ନ ପାଇଲେ ଆମେ ତାଙ୍କ ପ୍ରତି କଠୋର ଏବଂ ଆକ୍ରୋଶମୂଳକ ମନୋଭାବ ପୋଷଣ କରୁ, ତଥାପି ଆମେ ଜଣେ ମଣିଷ ଠାରୁ ଏଭଳି ବିଷୟ ଦାବି କରୁ, ଯାହା ତାଙ୍କ ପକ୍ଷରେ ଦେବା ଅସମ୍ଭବ । କେବଳ ଜଣେ ମାତ୍ର ବ୍ୟକ୍ତି ଅଛନ୍ତି, ଯିଏ ଜଣେ ଆଘାତପ୍ରାପ୍ତ ମନୁଷ୍ୟ ହୃଦୟକୁ ସଂପୂର୍ଣ୍ଣ ରୂପେ ପରିତୃପ୍ତ କରନ୍ତି, ସେ ହେଉଛନ୍ତି ଯୀଶୁଖ୍ରୀଷ୍ଟ । ଆମର ପ୍ରଭୁ କୌଣସି ମାନବିକ ସଂପର୍କ ପ୍ରତି ସାଲିସ୍ କରନ୍ତି ନାହିଁ । କାରଣ ସେ ଜାଣନ୍ତି ଯେ, ଯାହା ତାଙ୍କ ପ୍ରତି ବିଶ୍ୱସ୍ତତା ଉପରେ ଆଧାରିତ ନୁହେଁ, ତାହାର ଶେଷ ପରିଣତି ଦୁର୍ଭାଗ୍ୟଜନକ ହୁଏ । ଆମର ପ୍ରଭୁ କାହାକୁ ବିଶ୍ୱାସ କରି ନ ଥିଲେ ଏବଂ ଲୋକମାନଙ୍କ ଉପରେ ନିଜର ଭରସା ରଖି ନ ଥିଲେ, ତଥାପି ସେ ସନ୍ଦେହୀ ଅବା କଠୋର ନ ଥିଲେ । ଆମର ପ୍ରଭୁ ଈଶ୍ୱରଙ୍କ ଉପରେ ଏବଂ ଅନ୍ୟମାନଙ୍କ ପ୍ରତି ଈଶ୍ୱରଙ୍କ ଅନୁଗ୍ରହକାରୀ ଶକ୍ତି ଉପରେ ଏଭଳି ଭରସା ରଖିଥିଲେ ଯେ, ସେ କୌଣସି ସମୟରେ କାହା ପାଇଁ ଆଶା ଛାଡ଼ି ଦେଇ ନ ଥିଲେ । ଆମେ ଯଦି ମନୁଷ୍ୟ ଉପରେ ଭରସା ରଖିବା, ତେବେ ଆମେ ସମସ୍ତଙ୍କ ଉପରୁ ଆଶା ଛାଡ଼ିଦେଇ ବସିବା ।

ଜୁଲାଇ ୩୧

# ସଂପୂର୍ଣ୍ଣ ରୂପେ ତାଙ୍କର ହୋଇଯିବା

**ତୁମ୍ଭେମାନେ ଯେପରି କୌଣସି ବିଷୟରେ ଊଣା ନ ହୋଇ ସିଦ୍ଧ ଓ ସଂପୂର୍ଣ୍ଣ ହୁଅ, ଏଥିପାଇଁ ଧୈର୍ଯ୍ୟ ତାହାର କାର୍ଯ୍ୟ ସଂପନ୍ନ କରୁ ।**

**ଯାକୁବ ୧:୪**

ଆମ ମଧ୍ୟରୁ ଅନେକେ ସାଧାରଣ ଭାବେ ସଠିକ୍ ଦେଖା ଯାଇଥାଉ, କିନ୍ତୁ ବର୍ତ୍ତମାନ ମଧ୍ୟ ଏପରି କେତେକ କ୍ଷେତ୍ର ଅଛି, ଯେଉଁଠାରେ ଆମେ ଅମନୋଯୋଗୀ ଏବଂ ଅଳସୁଆ ହୋଇଯାଉ । ଏହା ପାପର ବିଷୟ ନୁହେଁ, କିନ୍ତୁ ଆମ ଶାରୀରିକ ଜୀବନର ଅବଶିଷ୍ଟ ଅଂଶ, ଯାହା ଆମକୁ ଅମନୋଯୋଗୀ କରିଦିଏ । ଅମନୋଯୋଗୀତା ପବିତ୍ର ଆତ୍ମାଙ୍କ ପ୍ରତି ଅପମାନସୂଚକ ମନୋଭାବ । ଈଶ୍ୱରଙ୍କ ଉପାସନା ହେଉ ଅବା ଭୋଜନ ପାନ ହେଉ, ଏ ସବୁ ପ୍ରତି ଆମେ ଅମନୋଯୋଗୀ ହେବା ଉଚିତ୍ ନୁହେଁ ।

ଈଶ୍ୱରଙ୍କ ସହିତ ଆମର ଯଥାର୍ଥ ସଂପର୍କ ସ୍ଥାପନ ସହିତ ସେହି ସଂପର୍କର ବାହ୍ୟିକ ପରିପ୍ରକାଶ ମଧ୍ୟ ଯଥାର୍ଥ ହେବା ଆବଶ୍ୟକ । ପରିଶେଷରେ ଈଶ୍ୱର କୌଣସି ବିଷୟକୁ ବଞ୍ଚାଇ ରଖିବାକୁ ଦେବେ ନାହିଁ, ଆମ ଜୀବନର ଅତି ଛୋଟ ବିଷୟ ମଧ୍ୟ ତାଙ୍କ ଦୃଷ୍ଟି ସମ୍ମୁଖରେ ଅଛି । ଈଶ୍ୱର ତାଙ୍କ ଉପାୟରେ ଆମକୁ ଥରକୁ ଥର ସେହି ସ୍ଥାନକୁ ଫେରାଇ ଆଣିବେ, ଯେ ପର୍ଯ୍ୟନ୍ତ ଆମେ ସେହି ପାଠ ଶିଖି ନାହୁଁ, କାରଣ ତାଙ୍କର ଉଦ୍ଦେଶ୍ୟ ହେଉଛି, ‘‘ଉତ୍କୃଷ୍ଟ ପଦାର୍ଥ ଉତ୍ପାଦନ’’ କରିବା । ଏହା ଆମର ପ୍ରବୃତ୍ତି ଗତ ସ୍ୱଭାବର ସମସ୍ୟା ହୋଇପାରେ, କିନ୍ତୁ ଥରକୁ ଥର ଧୈର୍ଯ୍ୟ ସହକାରେ ଈଶ୍ୱର ଆମକୁ ସେହି ଅବସ୍ଥାକୁ ଫେରାଇ ଆଣିଛନ୍ତି । ସେହି ସମସ୍ୟା ହୁଏତ ଆମର ଆଳସ୍ୟ ଏବଂ ବିକ୍ଷିପ୍ତ ଚିନ୍ତା, କିମ୍ବା ଆମର ସ୍ୱେଚ୍ଛାଚାରିତା ବା ସ୍ୱାର୍ଥଚିନ୍ତା ହୋଇପାରେ । ଏହି ପ୍ରକ୍ରିୟା ମାଧ୍ୟମରେ ଈଶ୍ୱର ଆମ ଜୀବନର ଏପରି ଗୋଟିଏ ବିଷୟ ଦେଖାଇବାକୁ ଆଗ୍ରହ ପ୍ରକାଶ କରନ୍ତି, ଯାହା ସଂପୂର୍ଣ୍ଣ ଭାବେ ଠିକ୍ ନୁହେଁ ।

ଆମେ ଆମ ଈଶ୍ୱରଙ୍କ ମୁକ୍ତି କାର୍ଯ୍ୟର ପ୍ରକଟିତ ସତ୍ୟକୁ ଅଧ୍ୟୟନ କରିବା ପାଇଁ ଅଦ୍ଭୁତ ସମୟ ବିତାଉଛୁ ଏବଂ ଈଶ୍ୱରଙ୍କ ପ୍ରତି ଆମ ହୃଦୟ ସିଦ୍ଧ ରହିଛି । ଆମ ମଧ୍ୟରେ ତାଙ୍କର ସାଧିତ ଆଶ୍ଚର୍ଯ୍ୟ କାର୍ଯ୍ୟ ଆମକୁ ଜଣାଇ ଦିଏ ଯେ, ସମୁଦାୟ ରୂପେ ତାଙ୍କ ସହିତ ଆମର ଯଥାର୍ଥ ସଂପର୍କ ରହିଛି । ‘‘ଧୈର୍ଯ୍ୟ ତାହାର କାର୍ଯ୍ୟ ସମ୍ପନ୍ନ କରୁ ।’’ ଯାକୁବଙ୍କ ଦ୍ୱାରା ପବିତ୍ର ଆତ୍ମା କହନ୍ତି, ‘‘ବର୍ତ୍ତମାନ ଧୈର୍ଯ୍ୟ ତୁମର ଉତ୍କୃଷ୍ଟ ଉତ୍ପାଦିତ ଦ୍ରବ୍ୟ ହେଉ ।’’ ଜୀବନର ଛୋଟ ଛୋଟ ବିଷୟ ପ୍ରତି ଅମନୋଯୋଗୀ ହେବା ବିଷୟରେ ସାବଧାନ ରୁହନ୍ତୁ । ଏହା କହନ୍ତୁ ନାହିଁ ଯେ, ‘‘ବର୍ତ୍ତମାନ ପାଇଁ ଏତିକି ଯଥେଷ୍ଟ ।’’ ଯାହା ହେଉ ପଛେ, ଆମେ ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କର ନ ହେବା ପର୍ଯ୍ୟନ୍ତ ସେ ଅବିରତ ଆମକୁ ତାଙ୍କ ପ୍ରତି ଆକର୍ଷିତ କରୁଥିବେ ।

**ଅଗଷ୍ଟ ୧**

# ଯୀଶୁଙ୍କ କାର୍ଯ୍ୟ ପଦ୍ଧତି ବିଷୟରେ ଶିଖିବା

**ଯୀଶୁ ତାଙ୍କର ବାର ଜଣ ଶିଷ୍ୟଙ୍କୁ ଏହିସବୁ ନିର୍ଦ୍ଦେଶ ଦେଇ ସାରିଲା ପରେ ସେମାନଙ୍କ ସହରଗୁଡ଼ିକରେ ଶିକ୍ଷା ଦେବାକୁ ଏବଂ ପ୍ରଚାର କରିବାକୁ ସେହି ସ୍ଥାନରୁ ବାହାରି ଗଲେ ।**

**ମାଥିଉ ୧୧:୧**

**ସେ ସେଠାକୁ ଆସନ୍ତି, ଯେଉଁଠାରୁ ଆମକୁ ଯିବାକୁ ଆଜ୍ଞା ଦିଅନ୍ତି ।** ଯଦି ଈଶ୍ୱର ଆପଣଙ୍କୁ ଯିବାକୁ କହିଥିଲେ, କିନ୍ତୁ ଆପଣ ଗଲେ ନାହିଁ, କାରଣ ଘର ଲୋକଙ୍କ ପାଇଁ ଆପଣ ଅଧିକ ଚିନ୍ତିତ ଥିଲେ, ତେବେ ବାସ୍ତବରେ ଆପଣ ସେମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ଶିକ୍ଷାରୁ ବଞ୍ଚିତ କଲେ । ଯଦି ଆପଣ ବାଧ୍ୟ ହୋଇ ସବୁ ପରିଣାମକୁ ଈଶ୍ୱରଙ୍କ ଉପରେ ଛାଡ଼ି ଦେଲେ, ପ୍ରଭୁ ଆପଣଙ୍କ ସହରକୁ ଆସି ଶିକ୍ଷା ଦେଲେ, କିନ୍ତୁ ଯେ ପର୍ଯ୍ୟନ୍ତ ଆପଣ ଅବାଧ୍ୟ ହୋଇ ରହିଲେ, ଆପଣ ତାଙ୍କର ପଥ ଅବରୋଧ କଲେ । ସାବଧାନ ରୁହନ୍ତୁ, ଆପଣ କେଉଁଠାରେ ତାଙ୍କ ସହିତ ତର୍କ କରନ୍ତି, ଏବଂ ଯାହାକୁ ଆପଣ ନିଜର କର୍ତ୍ତବ୍ୟ ଆଖ୍ୟା ଦେଇ ତାଙ୍କର ଆଜ୍ଞା ସହିତ ପ୍ରତିଦ୍ୱନ୍ଦିତା କରନ୍ତି । ଯଦି ଆପଣ କହନ୍ତି, ‘‘ମୁଁ ଜାଣେ ଯେ ସେ ମୋତେ ଯିବାକୁ କହିଲେ, କିନ୍ତୁ ଏଠାରେ ମୋର କର୍ତ୍ତବ୍ୟ ରହିଛି,’’ ତେବେ ତାହାର ଅର୍ଥ ଏହି ଯେ, ଆପଣ ବିଶ୍ୱାସ କରନ୍ତି ନାହିଁ ଯେ, ଯୀଶୁ ଯାହା କହନ୍ତି, ତାହା ହାଲୁକା ଭାବେ କହନ୍ତି ନାହିଁ ।

**ସେ ସେହିଠାରେ ଶିକ୍ଷା ଦିଅନ୍ତି, ଯେଉଁଠାରେ ଆମକୁ ଶିକ୍ଷା ଦେବାକୁ ନିଷେଧ କରନ୍ତି ।** ‘‘ହେ ପ୍ରଭୁ, ଆମେ ଏଠାରେ ତିନୋଟି କୁଟୀର ନିର୍ମାଣ କରିବା’’ (ଲୂକ ୯:୩୩) ।

ଆମେ କ’ଣ ଅନ୍ୟମାନଙ୍କ ଜୀବନରେ ଏକ ଅନଭିଜ୍ଞ ଈଶ୍ୱରଙ୍କ ଭୂମିକା ଗ୍ରହଣ କରିବାର ପ୍ରଚେଷ୍ଟା କରୁଛୁ ? ଆମେ କ’ଣ ଅନ୍ୟମାନଙ୍କୁ ଶିକ୍ଷା ଉପଦେଶ ଦେବା ପାଇଁ ଏଭଳି ଚିତ୍କାର କରୁ ଯେ, ଈଶ୍ୱର ମଧ୍ୟ ସେମାନଙ୍କ ନିକଟରେ ପହଞ୍ଚି ପାରନ୍ତି ନାହିଁ ? ଆମକୁ ଆମର ମୁଖ ବନ୍ଦ ରଖିବାକୁ ଏବଂ ଆମର ଆତ୍ମାକୁ ସତର୍କ କରିବାକୁ ହେବ । ଈଶ୍ୱର ଆମକୁ ତାଙ୍କର ପୁତ୍ରଙ୍କ ବିଷୟରେ ଶିଖାଇବାକୁ ଏବଂ ଆମର ପ୍ରାର୍ଥନାର ସମୟକୁ ରୂପାନ୍ତର ଘଟିଥିବା ପାହାଡ଼ରେ ପରିଣତ କରିବାକୁ ଚାହାନ୍ତି । ଆମେ ଯେତେବେଳେ ନିଶ୍ଚିତ ହେଉ ଯେ, ଈଶ୍ୱର ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ କାର୍ଯ୍ୟ କରିବେ, ସେ ଆଉ କେବେ ହେଁ ସେହି ପଦ୍ଧତିରେ କାର୍ଯ୍ୟ କରିବେ ନାହିଁ ।

**ସେ ସେହିଠାରେ କାର୍ଯ୍ୟ କରନ୍ତି, ଯେଉଁଠାରେ ଆମକୁ ଅପେକ୍ଷା କରିବାକୁ କହନ୍ତି ।** ‘‘ନ ହେବା ପର୍ଯ୍ୟନ୍ତ... ରହିଥାଅ’’ (ଲୂକ ୨୪:୪୯) । ‘‘ପ୍ରଭୁଙ୍କ ଅପେକ୍ଷାରେ ରୁହ, ସେ... କରିବେ’’ (ଗୀତସଂହିତା ୩୭:୩୪) । କିନ୍ତୁ ଆତ୍ମିକ ରୂପେ ପଛଘୁଞ୍ଚା ଦେଇ ଦୁଃଖ କରନ୍ତୁ ନାହିଁ, କାରଣ ଆପଣଙ୍କ ଆଗରେ କୌଣସି ବିଷୟ ସ୍ପଷ୍ଟ ହେଉ ନାହିଁ । ଆମେ କ’ଣ ନିଜର ଆତ୍ମିକ ଭାବପ୍ରବଣତା ଓ ଚିନ୍ତାରୁ ନିଜକୁ ପୃଥକ୍ କରି ଦେଇଛୁ, ଯେପିର ‘‘ଧୈର୍ଯ୍ୟ ସହକାରେ ତାହାଙ୍କର ଅପେକ୍ଷା କରିବା ?’’ (ଗୀତସଂହିତା ୩୭:୭) । ଅପେକ୍ଷାର ଅର୍ଥ ନୁହେଁ, କିଛି ନ କରି ହାତଯୋଡ଼ି ବସି ରହିବା, କିନ୍ତୁ ଏହାର ଅର୍ଥ ହେଉଛି, ଯେଉଁ କାର୍ଯ୍ୟ କରିବାକୁ କୁହାଯାଇଛି, ତାହା କରିବାକୁ ଶିଖିବା ।

ଏ ସବୁ ଈଶ୍ୱରଙ୍କ କାର୍ଯ୍ୟ ପଦ୍ଧତିର କେତୋଟି ଦିଗ, ଯାହା ବିଷୟରେ ଆମର ଜ୍ଞାନ ଅତି ସ୍ୱଳ୍ପ ।

**ଅଗଷ୍ଟ ୨**

# କ୍ଲେଶ ବିଷୟକ ଶିକ୍ଷା

### ‘‘ଏ ଜଗତରେ ତୁମମାନଙ୍କ ପାଇଁ ଦାରୁଣ କ୍ଲେଶ ଅଛି, କିନ୍ତୁ ମନରେ ସାହସ ଧର । ମୁଁ ଜଗତକୁ ଜୟ କରିଅଛି ।

### ଯୋହନ ୧୬:୩୩

ଖ୍ରୀଷ୍ଟୀୟ ଜୀବନ ସଂପର୍କିତ ବିଚିତ୍ର ଧାରଣା ହେଉଛି ଯେ, ଏହା ସମସ୍ତ ଦୁଃଖକ୍ଲେଶମୁକ୍ତ ଏକ ସ୍ୱଚ୍ଛଳ ଜୀବନ, କିନ୍ତୁ ଏହାର ପ୍ରକୃତ ଅର୍ଥ ହେଉଛି, କ୍ଲେଶରୁ ଉଦ୍ଧାର ପାଇବା ଏବଂ ଏ ଦୁଇଟି କଥାରେ ଯଥେଷ୍ଟ ପ୍ରଭେଦ ଅଛି । ‘‘ଯେ ସର୍ବୋପରିସ୍ଥଙ୍କ ଆଶ୍ରୟରେ ବାସ କରେ, ସେ ସର୍ବଶକ୍ତିମାନଙ୍କ ଛାୟା ତଳେ ଅଟଳ ରହିବ । ତୁମ ଉପରେ କୌଣସି ବିପତ୍ତି ପଡ଼ିବ ନାହିଁ, କିମ୍ବା ତୁମ ବସତି ନିକଟକୁ କୌଣସି ମହାମାରୀ ଆସିବ ନାହିଁ’’ (ଗୀତସଂହିତା ୯୧:୧, ୧୦) । ଏହି ସ୍ଥାନରେ ଆପଣ ଈଶ୍ୱରଙ୍କ ସହିତ ଏକ ହୋଇ ରହିଛନ୍ତି ।

ଯଦି ଆପଣ ଈଶ୍ୱରଙ୍କ ସନ୍ତାନ, ତେବେ ନିଶ୍ଚିତ ରୂପେ ଆପଣ କ୍ଲେଶର ସମ୍ମୁଖୀନ ହେବେ, କିନ୍ତୁ ଯୀଶୁ କହନ୍ତି, ସେ ସବୁ ଆସିଲେ, ଆପଣ ବ୍ୟତିବ୍ୟସ୍ତ ହେବା ଉଚିତ୍ ନୁହେଁ । ‘‘ଏ ଜଗତରେ ତୁମମାନଙ୍କ ପାଇଁ ଦାରୁଣ କ୍ଲେଶ ଅଛି, କିନ୍ତୁ ମନରେ ସାହସ ଧର । ମୁଁ ଜଗତକୁ ଜୟ କରିଅଛି ।’’ ସେ କହୁଛନ୍ତି, ‘‘ତୁମର ଭୟ କରିବାର କୌଣସି କାରଣ ନାହିଁ ।’’ ଯେଉଁ ଲୋକମାନେ ଉଦ୍ଧାରପ୍ରାପ୍ତ ହେବା ପୂର୍ବରୁ କ୍ଲେଶ ବିଷୟରେ ଆଲୋଚନା କରିବାକୁ ଚାହୁଁ ନ ଥିଲେ, ନୂତନ ଜନ୍ମ ପାଇବା ପରେ ସେମାନେ ଅଭିଯୋଗ କରନ୍ତି ଏବଂ ଚିନ୍ତିତ ହୁଅନ୍ତି, କାରଣ ଈଶ୍ୱରଙ୍କ ପବିତ୍ର ଲୋକଙ୍କ ଜୀବନ ସଂପର୍କରେ ସେମାନଙ୍କର ଭୁଲ୍ ଧାରଣା ରହିଛି ।

ଈଶ୍ୱର ଆମକୁ ବିଜୟୀ ଜୀବନ ଦିଅନ୍ତି ନାହିଁ । ଆମେ ବିଜୟୀ ହେବା ସହିତ ସେ ଆମକୁ ଜୀବନ ପ୍ରଦାନ କରନ୍ତି । ଜୀବନର କ୍ଲାନ୍ତି ଅବସାଦ ଆମର ଶକ୍ତିକୁ ବଢ଼ାଇ ଦିଏ । କ୍ଲାନ୍ତି ନ ଥିଲେ ଶକ୍ତି ଆସେ ନାହିଁ । ଆପଣ କ’ଣ ଈଶ୍ୱରଙ୍କଠାରୁ ଜୀବନ, ସ୍ୱତନ୍ତ୍ରତା ଏବଂ ଆନନ୍ଦ ଭିକ୍ଷା କରୁଛନ୍ତି ? ଆପଣ କ୍ଲାନ୍ତିକୁ ଗ୍ରହଣ ନ କରିବା ପର୍ଯ୍ୟନ୍ତ ସେ ଆପଣଙ୍କୁ କିଛି ଦେଇ ପାରିବେ ନାହିଁ । ଥରେ ମାତ୍ର କ୍ଲାନ୍ତିକୁ ଗ୍ରହଣ କରିବା ପରେ ଆପଣ ଶକ୍ତି ଲାଭ କରିବେ । ଆପଣଙ୍କ ଭୀରୁତା ଉପରେ ଜୟ ଲାଭ କରି ପ୍ରଥମ ପଦକ୍ଷେପ ନିଅନ୍ତୁ । ତା’ପରେ ଈଶ୍ୱର ଆପଣଙ୍କୁ ପରିପୁଷ୍ଟ କରିବେ– ‘‘ଯେ ବିଜୟୀ ହେବ, ତାହାକୁ ମୁଁ... ଜୀବନ ବୃକ୍ଷର ଫଳ ଭୋଜନ କରିବା ଅଧିକାର ଦେବି’’ (ପ୍ରକାଶିତ ୨:୭) । ଶାରୀରିକ ରୂପେ ସବୁ ଶକ୍ତି ଖଟାଇଲେ ଆପଣ କ୍ଲାନ୍ତ ହୋଇ ପଡ଼ିବେ, କିନ୍ତୁ ଆତ୍ମିକ ଶକ୍ତି ପ୍ରୟୋଗ କଲେ ଆପଣ ଆହୁରି ଅଧିକ ବଳ ପାଇବେ । ଈଶ୍ୱର ଆମକୁ ଆସନ୍ତା କାଲି ପାଇଁ କିମ୍ବା ଆଗାମୀ ସମୟ ପାଇଁ ଶକ୍ତି ଯୋଗାନ୍ତି ନାହିଁ, କିନ୍ତୁ ଏହି ମୁହୂର୍ତ୍ତର କ୍ଲେଶ ଦୂର କରିବା ପାଇଁ ଶକ୍ତି ଦିଅନ୍ତି । ଆମର ପ୍ରଲୋଭନ ହେଉଛି, ଆମେ ନିଜର ବ୍ୟାବହାରିକ ଜ୍ଞାନର ଦୃଷ୍ଟିକୋଣରୁ ଆମର କ୍ଲେଶର ସମ୍ମୁଖୀନ ହେବାକୁ ପ୍ରୟାସ କରୁ, କିନ୍ତୁ ଜଣେ ପବିତ୍ର ଲୋକ ପ୍ରତିକୂଳ ପରିସ୍ଥିତିରେ ବିଫଳ ହେବାର ମନୋଭାବ ମଧ୍ୟରେ ସୁଦ୍ଧା ‘‘ସାହସ ଧରି’’ ପାରନ୍ତି, କାରଣ ଈଶ୍ୱରଙ୍କ ବ୍ୟତୀତ ସମସ୍ତଙ୍କ ପାଇଁ ବିଜୟ ଏକ ଅସମ୍ଭବ ବିଷୟ ବୋଲି ମନେହୁଏ ।

## ଅଗଷ୍ଟ ୩

# ଈଶ୍ୱରଙ୍କ ବାଧତାମୂଳକ ଉଦ୍ଦେଶ୍ୟ

### ଯୀଶୁ ଦ୍ୱାଦଶ ଶିଷ୍ୟଙ୍କୁ କହିଲେ,
### ''ଦେଖ, ଆମେ ଯିରୁଶାଲମକୁ ଯାଉଛୁ ।''
### ଲୂକ ୧୮:୩୧

ଆମ ପ୍ରଭୁଙ୍କ ଜୀବନରେ ଯୀରୁଶାଲମ ସେହି ସ୍ଥାନ ଥିଲା, ଯେଉଁଠାରେ ସେ ପିତାଙ୍କ ଇଚ୍ଛାର ଚରମ ଅବସ୍ଥାରେ ପହଞ୍ଚିଥିଲେ । ଯୀଶୁ କହିଲେ, ''କାରଣ ମୁଁ ନିଜ ଇଚ୍ଛା ନ ଲୋଡ଼ି ମୋ ପ୍ରେରଣକର୍ତ୍ତାଙ୍କ ଇଚ୍ଛା ଲୋଡ଼ିଥାଏ'' (ଯୋହନ ୫:୩୦) । ''ପିତାଙ୍କର ଇଚ୍ଛା'' ଲୋଡ଼ିବା ପ୍ରଭୁଙ୍କ ସମୁଦାୟ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଜୀବନର ସବୁ ପରିସ୍ଥିତିରେ, ଆନନ୍ଦରେ ବା ଦୁଃଖରେ, ସଫଳତାରେ ବା ବିଫଳତାରେ, ସେ ସେହି ଉଦ୍ଦେଶ୍ୟରୁ ପଛଘୁଞ୍ଚା ଦେଇ ନ ଥିଲେ ।'' ସେ ଦୃଢ଼ ସଂକଳ୍ପ ନେଇ ଯିରୁଶାଲମ ଅଭିମୁଖେ ଚାଲିଲେ'' (ଲୂକ ୯:୫୧) ।

ଆମର ଶ୍ରେଷ୍ଠ ସ୍ମରଣଯୋଗ୍ୟ ବିଷୟ ହେଉଛି ଯେ, ଆମେ ଈଶ୍ୱରଙ୍କ ଉଦ୍ଦେଶ୍ୟ ସଫଳ କରିବା ପାଇଁ ଯିରୁଶାଲମକୁ ଯାଉ, ଆମ ନିଜର ଉଦ୍ଦେଶ୍ୟ ସଫଳ କରିବା ପାଇଁ ନୁହେଁ । ଆମର ସ୍ୱାଭାବିକ ଜୀବନରେ ଆମ ନିଜର ଆକାଂକ୍ଷା ଥାଏ, କିନ୍ତୁ ଖ୍ରୀଷ୍ଟୀୟ ଜୀବନରେ ଆମ ନିଜର କୌଣସି ଲକ୍ଷ୍ୟ ନ ଥାଏ । ଆଜିକାଲି ଆମେ ଖ୍ରୀଷ୍ଟୀୟ ଜୀବନ ଯାପନ ପାଇଁ ସିଦ୍ଧାନ୍ତ ନେବା ବିଷୟରେ ବହୁତ କଥା କହିଥାଉ, କିନ୍ତୁ ନୂତନ ନିୟମରେ ଯେଉଁ ଏକମାତ୍ର ଦିଗ ପ୍ରଦର୍ଶିତ ହୋଇଛି, ତାହା ହେଉଛି, ଈଶ୍ୱରଙ୍କ ବାଧତାମୂଳକ ଉଦ୍ଦେଶ୍ୟ । ''ତୁମେମାନେ ମୋତେ ମନୋନୀତ କରି ନାହଁ, କିନ୍ତୁ ମୁଁ ତୁମମାନଙ୍କୁ ମନୋନୀତ କରିଛି'' (ଯୋହନ ୧୫:୧୬) ।

ଆମେ ଈଶ୍ୱରଙ୍କ ଉଦ୍ଦେଶ୍ୟ ସହିତ ଏକମତ ହେବା ପାଇଁ ଅବଗତ ହୋଇ ନ ଥାଉ– ଆମେ ଅବଗତ ନ ହୋଇ ମଧ୍ୟ ଈଶ୍ୱରଙ୍କ ଉଦ୍ଦେଶ୍ୟ ମଧ୍ୟରେ ସାମିଲ୍ ହୋଇଥାଉ । ଈଶ୍ୱରଙ୍କ ଉଦ୍ଦେଶ୍ୟ ସଂପର୍କରେ ଆମର କୌଣସି ଧାରଣା ନ ଥାଏ, ଆମେ ଅଗ୍ରସର ହେବା ସଂଗେ ସଂଗେ ତାଙ୍କର ଉଦ୍ଦେଶ୍ୟ ଆହୁରି ଅସ୍ପଷ୍ଟ ହୋଇଯାଏ । ମନେହୁଏ ଈଶ୍ୱରଙ୍କ ଲକ୍ଷ୍ୟଭେଦ ସଠିକ୍ ଲକ୍ଷ୍ୟ ବସ୍ତୁ ପ୍ରତି ହୋଇପାରି ନାହିଁ, କାରଣ ଆମେ ଏତେ ନିକଟବର୍ତ୍ତୀ ହୋଇଛୁ ଯେ, ସେ ଲକ୍ଷ୍ୟଭେଦ କରୁଥିବା ଲକ୍ଷ୍ୟବସ୍ତୁକୁ ଆମେ ଦେଖିପାରି ନାହୁଁ । ଖ୍ରୀଷ୍ଟୀୟ ଜୀବନର ଆରମ୍ଭରେ ଈଶ୍ୱରଙ୍କ ଉଦ୍ଦେଶ୍ୟ ସଂପର୍କରେ ଆମର ନିଜର ବିଚାରଧାରା ଥାଏ । ଆମେ କହୁ ''ଈଶ୍ୱରଙ୍କ ଇଚ୍ଛା ଯେ, ମୁଁ ସେଠାକୁ ଯିବି'' ଏବଂ ''ଈଶ୍ୱର ମୋତେ ଏହି ବିଶେଷ କାର୍ଯ୍ୟ ପାଇଁ ଆହ୍ୱାନ କରିଛନ୍ତି ।'' ଆମେ ଯାହା ଠିକ୍ ବୋଲି ଭାବୁ, ସେହି ଅନୁସାରେ କାର୍ଯ୍ୟ କରୁ, ତଥାପି ଆମ ପ୍ରତି ଈଶ୍ୱରଙ୍କ ବାଧତାମୂଳକ ଉଦ୍ଦେଶ୍ୟ ଥାଏ । ଆମେ ଯେଉଁ କାର୍ଯ୍ୟ କରୁ, ଈଶ୍ୱରଙ୍କ ବାଧତାମୂଳକ ଉଦ୍ଦେଶ୍ୟ ତୁଳନାରେ ତାହା କିଛି ନୁହେଁ । ଏହା ତାଙ୍କ କାର୍ଯ୍ୟ ଏବଂ ଯୋଜନାର ଏକ ଶିଢ଼ି ସଦୃଶ । ''ସେ ଦ୍ୱାଦଶଙ୍କୁ ବାହାର କରି ନେଲେ'' (ଲୂକ ୧୮:୩୧) । ସବୁବେଳେ ଈଶ୍ୱର ଆମକୁ ବାହାର କରି ନେଇଯା'ନ୍ତି । ଈଶ୍ୱରଙ୍କ ବାଧତାମୂଳକ ଉଦ୍ଦେଶ୍ୟକୁ ବୁଝିବା ପାଇଁ ଯେଉଁସବୁ ବିଷୟ ଅବଶିଷ୍ଟ ରହିଛି, ଆମେ ଏପର୍ଯ୍ୟନ୍ତ ତାହାକୁ ବୁଝିପାରି ନାହୁଁ ।

**ଅଗଷ୍ଟ ୪**

# ଈଶ୍ୱରଙ୍କ ସାହସୀ ବନ୍ଧୁତା

### ଯୀଶୁ ଦ୍ୱାଦଶ ଶିଷ୍ୟଙ୍କୁ ଅଲଗା ଡାକି ନେଇ...

### ଲୂକ ୧୮:୩୧

ଆମ ଉପରେ ଭରସା ରଖିବା ପାଇଁ ଈଶ୍ୱରଙ୍କ ସାହସ ସତରେ ଅବର୍ଣ୍ଣନୀୟ । ଆପଣ କ'ଣ କହନ୍ତି, ''କିନ୍ତୁ ମୋତେ ମନୋନୟନ କରିବା ତାଙ୍କର ମୂର୍ଖାମୀ, କାରଣ ମୋ ମଧ୍ୟରେ କୌଣସି ଉତ୍ତମତା ନାହିଁ, ମୋର କୌଣସି ମୂଲ୍ୟ ନାହିଁ ।'' ସେହି କାରଣରୁ ସେ ତ ଆପଣଙ୍କୁ ମନୋନୀତ କଲେ । ଯେ ପର୍ଯ୍ୟନ୍ତ ଆପଣ ଭାବନ୍ତି ଯେ, ତାଙ୍କ ପାଇଁ ଆପଣଙ୍କର କିଛି ମୂଲ୍ୟ ଅଛି, ସେ ପର୍ଯ୍ୟନ୍ତ ସେ ଆପଣଙ୍କୁ ମନୋନୀତ କରିପାରିବେ ନାହିଁ, କାରଣ ଆପଣଙ୍କ ଲକ୍ଷ୍ୟପୂରଣ ପାଇଁ ଆପଣଙ୍କ ନିଜର ଉଦ୍ଦେଶ୍ୟ ଅଛି, କିନ୍ତୁ ଆପଣ ଯଦି ଆପଣଙ୍କ ଆତ୍ମ-ନିର୍ଭରତାର ଶେଷ ସୀମା ପର୍ଯ୍ୟନ୍ତ ତାଙ୍କୁ ଆପଣଙ୍କ ସହିତ ଯିବା ପାଇଁ ଅନୁମତି ଦେବେ, ତେବେ ସେ ତାଙ୍କ ସହିତ ''ଯିରୁଶାଲମକୁ'' ନେବା ପାଇଁ ଆପଣଙ୍କୁ ମନୋନୀତ କରିବେ (୧୮:୩୧) । ତାହାର ଅର୍ଥ ହେବ ସେହି ଉଦ୍ଦେଶ୍ୟର ସଫଳତା, ଯାହା ସେ ଆପଣଙ୍କ ସହିତ ଆଲୋଚନା କରନ୍ତି ନାହିଁ ।

ଆମେ କହିଥାଉ ଯେ, ଯଦି ଜଣେ ବ୍ୟକ୍ତିଙ୍କର ସ୍ୱାଭାବିକ ଯୋଗ୍ୟତା ଅଛି, ତେବେ ସେ ଜଣେ ଉତ୍ତମ ଖ୍ରୀଷ୍ଟିୟାନ ହୋଇ ପାରିବେ । ପ୍ରଶ୍ନ ଆମର ସରଞ୍ଜାମ ନୁହେଁ, ମାତ୍ର ଆମର ଦାରିଦ୍ର୍ୟ, ଆମେ ଯାହା ସଂଗରେ ନେଉ ତାହା ନୁହେଁ, ମାତ୍ର ଈଶ୍ୱର ଆମ ମଧ୍ୟରେ ଯାହା ରଖନ୍ତି, ସ୍ୱାଭାବିକ ଗୁଣ, ଚରିତ୍ରବତ୍ତା, ଜ୍ଞାନବୁଦ୍ଧି ଅବା ଅନୁଭୂତି ନୁହେଁ- କାରଣ ଏହି ବିଷୟରେ ଏ ସବୁର କୌଣସି ମୂଲ୍ୟ ନାହିଁ । କେବଳ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ ବିଷୟ ହେଉଛି, ଈଶ୍ୱରଙ୍କ ବାଧ୍ୟତାମୂଳକ ଉଦ୍ଦେଶ୍ୟ ମଧ୍ୟରେ ସାମିଲ୍ ହେବା ଏବଂ ତାଙ୍କର ବନ୍ଧୁ ହୋଇ ରହିବା (୧ କରିନ୍ଥୀୟ ୧:୨୬-୩୧ ଦେଖନ୍ତୁ) । ଈଶ୍ୱର ସେହିମାନଙ୍କ ସହିତ ବନ୍ଧୁତା ସ୍ଥାପନ କରନ୍ତି, ଯେଉଁମାନେ ସେମାନଙ୍କ ଦାରିଦ୍ର୍ୟ ବିଷୟ ଜାଣନ୍ତି । ଯେଉଁ ବ୍ୟକ୍ତି ଭାବନ୍ତି ଯେ, ତାଙ୍କଠାରେ ଈଶ୍ୱରଙ୍କ ଆବଶ୍ୟକତା ଅଛି, ଈଶ୍ୱର ତାଙ୍କ ଜୀବନରେ କୌଣସି କାର୍ଯ୍ୟ କରନ୍ତି ନାହିଁ । ଖ୍ରୀଷ୍ଟିୟାନ ରୂପେ ଆମେ ନିଜର ଉଦ୍ଦେଶ୍ୟ ସାଧନ ପାଇଁ ଏଠାରେ ନାହୁଁ, ଆମେ ଏଠାରେ ଈଶ୍ୱରଙ୍କ ଉଦ୍ଦେଶ୍ୟ ପାଇଁ ଅଛୁ, ଆଉ ଏ ଦୁଇଟି ଏକା ବିଷୟ ନୁହେଁ । ଆମେ ଈଶ୍ୱରଙ୍କ ବାଧ୍ୟତାମୂଳକ ଉଦ୍ଦେଶ୍ୟ ଜାଣି ନାହୁଁ କିନ୍ତୁ ଯାହା ଘଟିଲେ ମଧ୍ୟ ଆମେ ତାଙ୍କ ସହିତ ଆମର ସଂପର୍କ ରକ୍ଷା କରି ଚାଲିବା । ଆମେ ଈଶ୍ୱରଙ୍କ ସହିତ ଆମର ସଂପର୍କକୁ କୌଣସି ପ୍ରକାରେ କ୍ଷୁର୍ଣ୍ଣ ହେବାକୁ ଦେବା ନାହିଁ, କିନ୍ତୁ କେବେ ଯଦି ଏହା କ୍ଷୁର୍ଣ୍ଣ ହୁଏ, ତେବେ ଆମେ ତାହାକୁ ଆଉଥରେ ସଜାଡ଼ି ଦେବା । ଆମେ ଯେଉଁ କାର୍ଯ୍ୟ କରୁ, ତାହା ଖ୍ରୀଷ୍ଟଧର୍ମର ମହତ୍ତ୍ୱପୂର୍ଣ୍ଣ ଦିଗ ନୁହେଁ, କିନ୍ତୁ ଆମର ସ୍ଥାପିତ ସଂପର୍କ ଏବଂ ଏହି ସଂପର୍କ ସହିତ ଜଡ଼ିତ ଚତୁଃପାର୍ଶ୍ୱର ପ୍ରଭାବ ଏବଂ ଗୁଣ ହେଉଛି, ମହତ୍ତ୍ୱପୂର୍ଣ୍ଣ ଦିଗ । ଈଶ୍ୱର ଚାହାନ୍ତି ଆମେ ଯେପରି ଏହାରି ଉପରେ ଆମ ମନୋନିବେଶ କରିବା, କାରଣ ଏହି ଗୋଟିଏ ବିଷୟ ଉପରେ ଅବିରତ ଆକ୍ରମଣ ଚାଲିଥାଏ ।

**ଅଗଷ୍ଟ ୫**

# ଈଶ୍ୱରଙ୍କ ବିସ୍ମୟକର ଆହ୍ୱାନ

**ଭାବବାଦୀମାନଙ୍କ ଦ୍ୱାରା ମନୁଷ୍ୟପୁତ୍ରଙ୍କ ବିଷୟରେ ଯାହା କିଛି ଲେଖାଅଛି, ସେ ସମସ୍ତ ସଫଳ ହେବ... ଶିଷ୍ୟମାନେ ସେହିସବୁ କଥା କିଛି ବୁଝିପାରଲେ ନାହିଁ ।**

**ଲୂକ ୧୮:୩୧, ୩୪**

ଈଶ୍ୱର ଯେଉଁ କାର୍ଯ୍ୟ ପାଇଁ ଯୀଶୁଙ୍କୁ ପଠାଇଲେ, ତାହା ଅତି ବିପଜ୍ଜନକ ମନେ ହେଉଥିଲା । ଆଉ ଯୀଶୁ ଖ୍ରୀଷ୍ଟ ତାଙ୍କର ଶିଷ୍ୟମାନଙ୍କୁ ଆହ୍ୱାନ କଲେ, ଯେପରି ସେମାନେ ତାଙ୍କୁ କ୍ରୁଶବିଦ୍ଧ ହେବାର ଦେଖିବେ ଏବଂ ସେ ପ୍ରତ୍ୟେକ ଶିଷ୍ୟଙ୍କୁ ଏପରି ସ୍ଥାନକୁ ନେଇଗଲେ, ଯେଉଁଠାରେ ସେମାନଙ୍କ ହୃଦୟ ଭାଂଗି ପଡ଼ିଲା । ତାଙ୍କର ଜୀବନ ଈଶ୍ୱରଙ୍କ ଦୃଷ୍ଟିକୋଣ ବ୍ୟତୀତ ଅନ୍ୟ ସମସ୍ତଙ୍କ ପାଇଁ ସଂପୂର୍ଣ୍ଣ ବିଫଳ ଜୀବନ ଥିଲା, କିନ୍ତୁ ମନୁଷ୍ୟର ଦୃଷ୍ଟିକୋଣରୁ ବିବେଚିତ ବିଫଳତା ଈଶ୍ୱରଙ୍କ ଦୃଷ୍ଟିକୋଣରୁ ସଫଳତା ଅଟେ, କାରଣ ଈଶ୍ୱରଙ୍କ ଉଦ୍ଦେଶ୍ୟ ମନୁଷ୍ୟର ଉଦ୍ଦେଶ୍ୟ ସହିତ ସମାନ ନୁହେଁ ।

ଈଶ୍ୱରଙ୍କର ଏହି ବିସ୍ମୟକର ଆହ୍ୱାନ ଆମ ଜୀବନରେ ମଧ୍ୟ ଆସିଥାଏ । ଈଶ୍ୱରଙ୍କ ଆହ୍ୱାନକୁ ବାହ୍ୟ ସ୍ତରରେ ବୁଝିହୁଏ ନାହିଁ । ଏହା ଏପରି ଆହ୍ୱାନ, ଯାହାକୁ କେବଳ ଆଭ୍ୟନ୍ତରୀଣ ସ୍ତରରେ ଆମର ଆନ୍ତରିକ ସ୍ୱଭାବ ଦ୍ୱାରା ବୁଝିହୁଏ । ଈଶ୍ୱରଙ୍କ ଆହ୍ୱାନ ସମୁଦ୍ରର ଆହ୍ୱାନ ଭଳି– ଯାହା ମଧ୍ୟରେ ସମୁଦ୍ରର ସ୍ୱଭାବ ଅଛି, ସେହି ବ୍ୟକ୍ତିଙ୍କ ଛଡ଼ା ଆଉ କେହି ସେହି ଡାକ ଶୁଣି ପାରନ୍ତି ନାହିଁ । ଆମ ପ୍ରତି ଈଶ୍ୱରଙ୍କ ଆହ୍ୱାନ ବ୍ୟକ୍ତ କରିହୁଏ ନାହିଁ, କାରଣ ତାଙ୍କର ଆହ୍ୱାନର ଉଦ୍ଦେଶ୍ୟ ହେଉଛି ଯେ, ଆମେ ଯେପରି ତାଙ୍କର ବନ୍ଧୁ ହୋଇ ତାଙ୍କ ନିଜର ଉଦ୍ଦେଶ୍ୟ ସାଧନ କରିବା । ଏହା ହେଉଛି, ଆମର ଅସଲ ପରୀକ୍ଷା, ଆମେ ଯେପରି ସତ୍ୟ ରୂପେ ବିଶ୍ୱାସ କରିବା ଯେ, ଈଶ୍ୱର ଜାଣନ୍ତି, ତାଙ୍କର ଇଚ୍ଛା କ'ଣ । ଯାହା ସବୁ ଘଟେ, ତାହା ଆକସ୍ମିକ ଭାବେ ଘଟେ ନାହିଁ, ମାତ୍ର ଈଶ୍ୱରଙ୍କ ଆଦେଶ ଦ୍ୱାରା ଘଟିଥାଏ । ଈଶ୍ୱର ତାଙ୍କର ପ୍ରଭୁତ୍ୱ ବଳରେ ତାଙ୍କର ଉଦ୍ଦେଶ୍ୟ ସାଧନ କରୁଛନ୍ତି ।

ଯଦି ଆମେ ଈଶ୍ୱରଙ୍କ ସଂଗତି ଏବଂ ଏକତା ମଧ୍ୟରେ ଅଛୁ ଏବଂ ଉପଲବ୍ଧି କରୁଛୁ ଯେ, ସେ ଆମକୁ ତାଙ୍କ ଉଦ୍ଦେଶ୍ୟରେ ଜଡ଼ିତ ହେବାକୁ ହେବାକୁ ନେଉଛନ୍ତି, ତେବେ ଆମେ ତାଙ୍କର ଉଦ୍ଦେଶ୍ୟ ଜାଣିବା ପାଇଁ ଚେଷ୍ଟା କରିବା ଉଚିତ ନୁହେଁ । ଆମ ଖ୍ରୀଷ୍ଟୀୟ ଜୀବନର ଅଭିବୃଦ୍ଧି ସହିତ ଏହା ଆମ ପାଇଁ ସରଳ ହୋଇଯାଏ, କାରଣ ଆମେ ଏହିକଥା କହିବା ବନ୍ଦ କରିଦେଉ, ''ମୁଁ ଜାଣେ ନାହିଁ, ଈଶ୍ୱର କାହିଁକି ଏପରି ବା ସେପରି ଘଟଣା ଘଟିବାକୁ ଦେଲେ ?'' ଜୀବନର ପ୍ରତ୍ୟେକ ବିଷୟର ଅନ୍ତରାଳରେ ଆମେ ଈଶ୍ୱରଙ୍କର ଏହି ବାଧ୍ୟକାରୀ ଉଦ୍ଦେଶ୍ୟକୁ ଦେଖିବା ଆରମ୍ଭ କରିଥାଉ ଯେ, ଈଶ୍ୱର ଆଲୌକିକ ଉପାୟରେ ଆମକୁ ଏହି ଉଦ୍ଦେଶ୍ୟ ସହିତ ଏକ କରି ଗଢ଼ି ତୋଳୁଛନ୍ତି । ଜଣେ ଖ୍ରୀଷ୍ଟିୟାନ ଈଶ୍ୱରଙ୍କ ଜ୍ଞାନ ଓ ବୁଦ୍ଧିରେ ବିଶ୍ୱାସ କରେ, ନିଜର ସାମର୍ଥ୍ୟ ଉପରେ ନୁହେଁ । ଆମ ନିଜର ଉଦ୍ଦେଶ୍ୟ ଆମର ସରଳତା, ଶାନ୍ତି ଏବଂ ଶାନ୍ତ ସ୍ୱଭାବକୁ ନଷ୍ଟ କରିଦିଏ, ଯାହା ଈଶ୍ୱରଙ୍କ ସନ୍ତାନର ବିଶେଷତ୍ୱ ହେବା ଆବଶ୍ୟକ ।

**ଅଗଷ୍ଟ ୬**

# ପ୍ରାର୍ଥନାରେ କ୍ରୁଶ

### ସେହିଦିନ ତୁମେ ମୋ ନାମରେ ମାଗିବ ।

### ଯୋହନ ୧୬:୨୬

ଅନେକ ସମୟରେ ଆମେ ଖ୍ରୀଷ୍ଟଙ୍କ କ୍ରୁଶ ବିଷୟରେ ଭାବିଥାଉ ଯେ, ଆମକୁ ତାହା ଭିତର ଦେଇ ଯିବାକୁ ହେବ, ଅଥଚ ବାସ୍ତବ କ୍ଷେତ୍ରରେ ଏହା ମଧ୍ୟ ଦେଇ ଯିବାର ଉଦ୍ଦେଶ୍ୟ ହେଉଛି, ଆମେ ଯେପରି ତା' ଭିତରକୁ ଯିବା । କ୍ରୁଶ ଆମ ପାଇଁ ଗୋଟିଏ ବିଷୟର ପ୍ରତିନିଧିତ୍ୱ କରେ– ଯେପରି ଆମେ ଯୀଶୁଖ୍ରୀଷ୍ଟଙ୍କ ସହିତ ସଂପୂର୍ଣ୍ଣ ରୂପେ ସାମିଲ୍ ହେବା ଏବଂ ଏକ ହେବା– ଏହି ଏକତ୍ୱ କେବଳ ପ୍ରାର୍ଥନା ମାଧ୍ୟମରେ ହିଁ ବାସ୍ତବ ହୋଇଥାଏ ।

''ତୁମେ ମାଗିବା ପୂର୍ବର ତୁମର କ'ଣ ପ୍ରୟୋଜନ, ତାହା ତୁମର ପିତା ଈଶ୍ୱର ଜାଣନ୍ତି'' (ମାଥିଉ ୬:୮) । ତା'ହେଲେ ଆପଣ କାହିଁକି ମାଗିବେ ? ପ୍ରାର୍ଥନାର ଉଦ୍ଦେଶ୍ୟ ନୁହେଁ ଈଶ୍ୱରଙ୍କ ଠାରୁ ଉତ୍ତର ପାଇବା, ମାତ୍ର ତାଙ୍କ ସହିତ ସଂପୂର୍ଣ୍ଣ ସିଦ୍ଧତା ଏବଂ ଏକତା ମଧ୍ୟରେ ରହିବା । ଆମେ ଯଦି କେବଳ ଉତ୍ତର ପାଇବା ଆଶାରେ ପ୍ରାର୍ଥନା କରିବା, ତେବେ ଆମେ ଈଶ୍ୱରଙ୍କ ପ୍ରତି କ୍ରୋଧ କରି ବିରକ୍ତ ହେବା । ପ୍ରତ୍ୟେକ ସମୟରେ ଆମେ ପ୍ରାର୍ଥନାର ଉତ୍ତର ପାଉ, କିନ୍ତୁ ସବୁବେଳେ ଏହା ଆମର ଅପେକ୍ଷିତ ଆଶା ପୂରଣ ପାଇଁ ଆସି ନ ଥାଏ ଏବଂ ଆମର ଆତ୍ମିକ ବିରକ୍ତି ଭାବ ଦର୍ଶାଇ ଦିଏ ଯେ, ପ୍ରାର୍ଥନାରେ ଆମେ ପ୍ରଭୁଙ୍କ ସହିତ ଏକ ହେବା ପାଇଁ ଅନିଚ୍ଛା ପ୍ରକାଶ କରିଛୁ । ପ୍ରଭୁ ଯେ ପ୍ରାର୍ଥନାର ଉତ୍ତର ଦିଅନ୍ତି, ଏହା ପ୍ରମାଣ କରିବା ଆମର କାର୍ଯ୍ୟ ନୁହେଁ, ମାତ୍ର ଈଶ୍ୱରଙ୍କ ଅନୁଗ୍ରହର ଜୀବନ୍ତ ବିଜୟ ସ୍ମାରକୀ ହେବା ଆମର ଲକ୍ଷ୍ୟ ।

''ତୁମ ପକ୍ଷରୁ ମୁଁ ଯେ ପିତାଙ୍କୁ ମାଗିବି, ଏହା ମୁଁ କହୁନାହିଁ । ପିତା ନିଜେ ତୁମମାନଙ୍କୁ ପ୍ରେମ କରନ୍ତି'' (ଯୋହନ ୧୬:୨୬–୨୭) । ଈଶ୍ୱରଙ୍କ ସହିତ ଆପଣଙ୍କ ଘନିଷ୍ଠତା କ'ଣ ଏଭଳି ସ୍ତରକୁ ସ୍ପର୍ଶ କରିଛି ଯେ, ଆପଣଙ୍କ ପ୍ରାର୍ଥନାଶୀଳ ଜୀବନ, ଯୀଶୁଖ୍ରୀଷ୍ଟଙ୍କ ପ୍ରାର୍ଥନାପୂର୍ଣ୍ଣ ଜୀବନ ସହିତ ଏକ ହୋଇଛି ? ଆପଣଙ୍କ ଜୀବନ ସହିତ ଆମ ପ୍ରଭୁଙ୍କର ପ୍ରାଣବନ୍ତ ଜୀବନର ବିନିମୟ ହୋଇଛି କି ? ଯଦି ହୋଇଛି, ତେବେ ''ସେହି ଦିନ'' ଆପଣ ଯୀଶୁଙ୍କ ସହିତ ଘନିଷ୍ଠ ରୂପେ ଏଭଳି ସାମିଲ୍ ହେବେ ଯେ, କୌଣସି ପାର୍ଥକ୍ୟ ପରିଲକ୍ଷିତ ହେବ ନାହିଁ ।

ଯେତେବେଳେ ପ୍ରାର୍ଥନାର ଉତ୍ତର ମିଳେ ନାହିଁ, ସେଥିପାଇଁ ଅନ୍ୟକୁ ଦୋଷୀ କରିବା ବିଷୟରେ ସତର୍କ ରହନ୍ତୁ । ସବୁବେଳେ ତାହା ଶୟତାନର ଫାନ୍ଦ ହୋଇଥାଏ । ଯଦି ଆପଣଙ୍କ ପ୍ରାର୍ଥନାର ଉତ୍ତର ମିଳେ ନାହିଁ, ତାହାର କୌଣସି କାରଣ ଥାଏ– ଈଶ୍ୱର ଆପଣଙ୍କୁ ବ୍ୟକ୍ତିଗତ ରୂପେ ଗଭୀର ଶିକ୍ଷା ଦେବା ପାଇଁ ଏହି ସମୟକୁ ବ୍ୟବହାର କରନ୍ତି, ଯାହା କେବଳ ଆପଣଙ୍କ ପାଇଁ ଉଦ୍ଦିଷ୍ଟ, ଅନ୍ୟ କାହାରି ପାଇଁ ନୁହେଁ ।

# ପିତାଙ୍କ ଗୃହରେ ପ୍ରାର୍ଥନା

**ସେମାନେ ତାଙ୍କୁ ମନ୍ଦିର ପ୍ରାଙ୍ଗଣରେ ପାଇଲେ... ସେ ସେମାନଙ୍କୁ କହିଲେ, ''ତୁମେମାନେ ମୋତେ କାହିଁକି ଖୋଜୁଥିଲ ? ମୋର ପିତାଙ୍କ ଗୃହରେ ମୋର ରହିବା ଆବଶ୍ୟକ ବୋଲି ତୁମେମାନେ କ'ଣ ଜାଣି ନ ଥିଲ ?''**

**ଲୂକ ୨:୪୬, ୪୯**

ଆମ ପ୍ରଭୁଙ୍କର ବାଲ୍ୟାବସ୍ଥାରେ ଏଭଳି ଅପରିପକ୍ୱତା ନ ଥିଲା, ଯାହା ମାନବତ୍ୱରେ ପରିଣତ ହେବା ଅବସ୍ଥାକୁ ଅପେକ୍ଷା କରିଥିଲା – ତାଙ୍କର ବାଲ୍ୟାବସ୍ଥା ଏକ ଅନନ୍ତ ତଥ୍ୟ ଅଟେ । ମୁଁ କ'ଣ ଆପଣା ପ୍ରଭୁ ଏବଂ ଉଦ୍ଧାରକର୍ତ୍ତାଙ୍କ ସହିତ ଏକ ହେବା ଦ୍ୱାରା ଈଶ୍ୱରଙ୍କ ଜଣେ ପବିତ୍ର ଏବଂ ନିର୍ଦ୍ଦୋଷ ସନ୍ତାନ ହୋଇଛି ? ମୋ ଜୀବନକୁ କ'ଣ ମୁଁ ପିତାଙ୍କ ଗୃହରେ ରହିବା ଭଳି ଦେଖିପାରୁଛି ? ମୋ ମଧ୍ୟରେ କ'ଣ ଈଶ୍ୱରଙ୍କ ପୁତ୍ର ତାଙ୍କ ପିତାଙ୍କ ଗୃହରେ ବାସ କରୁଛନ୍ତି ?

ସ୍ୱୟଂ ଈଶ୍ୱର ହେଉଛନ୍ତି, ଜୀବନ୍ତ ବାସ୍ତବତା ଏବଂ ତାଙ୍କର ଆଦେଶ ପ୍ରତି ମୁହୂର୍ତ୍ତରେ ମୋ ନିକଟକୁ ଆସେ । ମୁଁ କ'ଣ ଈଶ୍ୱରଙ୍କ ସହିତ ନିରନ୍ତର ସଂପର୍କ ରଖିଛି ଅବା କେବଳ ଅସୁବିଧା ସମୟରେ ପ୍ରାର୍ଥନା କରେ– ଯେତେବେଳେ ମୋ ଜୀବନରେ ବ୍ୟସ୍ତତା ଆସେ ? ମୋତେ ମୋର ପ୍ରଭୁଙ୍କ ସହିତ ଘନିଷ୍ଠ ରୂପେ ଏକତା ରକ୍ଷା କରିବାର ଏଭଳି ଶିକ୍ଷା ଗ୍ରହଣ କରିବାକୁ ହେବ, ଯାହା ଆମ ମଧ୍ୟରୁ ଅନେକେ ଏ ପର୍ଯ୍ୟନ୍ତ ଶିଖିବା ଆରମ୍ଭ କରି ନାହାନ୍ତି । ''ମୋତେ ମୋର ପିତାଙ୍କ ଗୃହରେ ରହିବା ଆବଶ୍ୟକ'' – ଏବଂ ମୋ ଜୀବନର ପ୍ରତି ମୁହୂର୍ତ୍ତରେ ମୁଁ ମୋର ପିତାଙ୍କ ଗୃହରେ ରହିବା ବିଷୟ ଶିଖିବି ।

ଆପଣଙ୍କ ନିଜର ପରିସ୍ଥିତି ବିଷୟ ଚିନ୍ତା କରନ୍ତୁ । ଆପଣ କ'ଣ ପ୍ରଭୁଙ୍କ ଜୀବନ ସହିତ ଏଭଳି ଜଡ଼ିତ ଯେ, ଆପଣ ଈଶ୍ୱରଙ୍କ ସନ୍ତାନ ରୂପେ ନିରନ୍ତର ତାଙ୍କ ସହିତ ଆଳାପ କରୁଛନ୍ତି ଏବଂ ସବୁ କିଛି ତାଙ୍କଠାରୁ ଆସେ ବୋଲି ଉପଲବ୍ଧି କରୁଛନ୍ତି ? ଆପଣଙ୍କ ଅନ୍ତରସ୍ଥ ସେହି ଚିରନ୍ତନ ଶିଶୁ କ'ଣ ତାଙ୍କ ପିତାଙ୍କ ଗୃହରେ ବାସ କରୁଛନ୍ତି ? ଆପଣଙ୍କ ଘରେ, ବ୍ୟବସାୟରେ ଏବଂ ବନ୍ଧୁ ମହଲରେ ତାଙ୍କ ସେବାକାରୀ ଜୀବନର ଅନୁଗ୍ରହ କ'ଣ କାର୍ଯ୍ୟକାରୀ ହେଉଛି ? କାହିଁକି କେତେକ ବିଶେଷ ପରିସ୍ଥିତି ମଧ୍ୟ ଦେଇ ଯିବାକୁ ହେଉଛି, ତାହା ଭାବି ଆପଣ କ'ଣ ଆଶ୍ଚର୍ଯ୍ୟ ହେଉଛନ୍ତି ? ପ୍ରକୃତରେ ଆପଣଙ୍କୁ ତାହା ମଧ୍ୟ ଦେଇ ଯିବାକୁ ହେବ ନାହିଁ । ଏହାର କାରଣ ହେଉଛି, ଈଶ୍ୱରଙ୍କ ପୁତ୍ର ତାଙ୍କର ପିତାଙ୍କ ସ୍ୱର୍ଗୀୟ ଇଚ୍ଛାନୁସାରେ ଆପଣଙ୍କ ଜୀବନକୁ ଆସନ୍ତି । ଆପଣଙ୍କୁ ତାଙ୍କ ସହିତ ଏକତା ରକ୍ଷା କରି ରହିବାକୁ ଏବଂ ଆପଣଙ୍କ ଜୀବନରେ ତାଙ୍କର ଇଚ୍ଛା ପୂରଣ କରିବା ପାଇଁ ଅନୁମତି ଦେବାକୁ ହେବ ।

ଆପଣଙ୍କ ପ୍ରଭୁଙ୍କ ଜୀବନ ଆପଣଙ୍କ ସକ୍ରିୟ ଏବଂ ସରଳ ଜୀବନ ହେବ ଏବଂ ଏହି ଜଗତରେ ଥିବା ସମୟରେ ଲୋକମାନଙ୍କ ମଧ୍ୟରେ ପ୍ରଦର୍ଶିତ ତାଙ୍କର ଜୀବନ ଶୈଳୀ ଓ କାର୍ଯ୍ୟ ଆପଣଙ୍କର ଜୀବନ ଶୈଳୀ ଓ କାର୍ଯ୍ୟ ହେବ ।

## ଅଗଷ୍ଟ ୮

# ପିତାଙ୍କ ସମ୍ମାନାର୍ଥେ ପ୍ରାର୍ଥନା

**ଯେଉଁ ପବିତ୍ର ଜନ ଜାତ ହେବେ, ସେ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ୟାତ ହେବେ ।**

**ଲୂକ ୧:୩୫**

ଯଦି ଈଶ୍ୱରଙ୍କ ପୁତ୍ର ମୋର ଶରୀରରେ ଜନ୍ମ ନେଇଛନ୍ତି, ତେବେ ମୁଁ କ'ଣ ତାଙ୍କର ପବିତ୍ର ନିର୍ଦ୍ଦୋଷତା, ସରଳତା ଏବଂ ପିତାଙ୍କ ସହିତ ଏକତ୍ୱକୁ ମୋ ମଧ୍ୟରେ ପ୍ରଦର୍ଶିତ ହେବାର ସୁଯୋଗ ଦେଉଛି ? ଜଗତରେ ଈଶ୍ୱରଙ୍କ ପୁତ୍ରଙ୍କ ଜନ୍ମ ଇତିହାସରେ କୁମାରୀ ମରିୟମଙ୍କ ପାଇଁ ଯାହା ସଠିକ୍ ଥିଲା, ତାହା ପ୍ରତ୍ୟେକ ପବିତ୍ର ଲୋକଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ । ଈଶ୍ୱରଙ୍କ ପୁତ୍ର ଈଶ୍ୱରଙ୍କ ପ୍ରତ୍ୟକ୍ଷ କାର୍ଯ୍ୟ ରୂପେ ମୋ ମଧ୍ୟରେ ଜନ୍ମ ନିଅନ୍ତି । ମୋତେ ତାଙ୍କର ସନ୍ତାନ ରୂପେ ସନ୍ତାନର ଅଧିକାରକୁ ପ୍ରୟୋଗ କରିବାକୁ ହେବ– ତା' ହେଉଛି, ସର୍ବଦା ପ୍ରାର୍ଥନା ମାଧ୍ୟମରେ ପିତାଙ୍କ ସମ୍ମୁଖକୁ ଆସିବାର ଅଧିକାର । ମୁଁ କ'ଣ ଆଶ୍ଚର୍ଯ୍ୟ ହୋଇ ମୋର ବ୍ୟାବହାରିକ ବୁଦ୍ଧି ପ୍ରୟୋଗ କରି କହୁଛି, ''ତୁମେ ମୋତେ ଏଠାକୁ ବା ସେଠାକୁ ଯିବା ପାଇଁ କାହିଁକି କହୁଛ ? ତୁମେ କ'ଣ ଜାଣି ନ ଥିଲ ଯେ, ମୋତେ ମୋର ପିତାଙ୍କ ଗୃହରେ ରହିବାକୁ ହେବ ?'' (ଲୂକ ୨:୪୯) । ଆମର ପରିସ୍ଥିତି ଯାହା ହେଉନା କାହିଁକି, ସେହି ପବିତ୍ର, ନିର୍ଦ୍ଦୋଷ ଅନନ୍ତ ଶିଶୁ ତାଙ୍କର ପିତାଙ୍କ ସଂପର୍କ ମଧ୍ୟରେ ରହିବା ଆବଶ୍ୟକ ।

ମୁଁ କ'ଣ ଏହି ପ୍ରକାରେ ସରଳ ରୂପେ ମୋ ପ୍ରଭୁଙ୍କ ସହିତ ଜଡ଼ିତ ହେବା ପାଇଁ ସମର୍ଥ ? ସେ କ'ଣ ମୋ ମଧ୍ୟରେ ତାଙ୍କର ଅଦ୍ଭୁତ ଇଚ୍ଛା ପୂରଣ କରୁଛନ୍ତି ? କ'ଣ ଈଶ୍ୱରଙ୍କ ପୁତ୍ର ମୋ ମଧ୍ୟରେ ରୂପାୟିତ ହେବା ଦ୍ୱାରା ତାଙ୍କର ଇଚ୍ଛା ମୋ ମଧ୍ୟରେ ପୂର୍ଣ୍ଣ ହେଉଛି (ଗାଲାତୀ ୪:୧୯ ଦେଖନ୍ତୁ), ଅବା ମୁଁ ତାଙ୍କୁ ଗୋଟିଏ କୋଣକୁ ଠେଲି ଦେଇଛି ? ଆଜିକାଲି କାହିଁକି ଏତେ କୋଳାହଳ ? ଆଜି ଲୋକମାନେ ଈଶ୍ୱରଙ୍କ ପୁତ୍ରଙ୍କୁ ମାରି ଦେବା ପାଇଁ ଚିତ୍କାର କରୁଛନ୍ତି । ବର୍ତ୍ତମାନ ପାଇଁ ଈଶ୍ୱରଙ୍କ ପୁତ୍ରଙ୍କ ପାଇଁ ରହିବାର ସ୍ଥାନ ନାହିଁ– ପିତାଙ୍କ ସହିତ ଶାନ୍ତ, ପବିତ୍ର ସଂଗତି ଏବଂ ଏକତା ପାଇଁ ସ୍ଥାନ ନାହିଁ ।

ଈଶ୍ୱରଙ୍କ ପୁତ୍ର କ'ଣ ପିତାଙ୍କର ସମ୍ମାନାର୍ଥେ ମୋ ମଧ୍ୟରେ ପ୍ରାର୍ଥନା କରୁଛନ୍ତି, ଅବା ମୋର ଦାବି ପୂରଣ ପାଇଁ ମୁଁ ତାଙ୍କ ଉପରେ କର୍ତ୍ତୃତ୍ୱ ଜାହିର କରୁଛି ? ଜଗତରେ ତାଙ୍କର ସେବାକାର୍ଯ୍ୟ ଭଳି ସେ କ'ଣ ମୋ ମଧ୍ୟ ଦେଇ ସେବାକାର୍ଯ୍ୟ କରୁଛନ୍ତି ? କ'ଣ ମୋ ମଧ୍ୟ ଦେଇ ଈଶ୍ୱରଙ୍କ ପୁତ୍ର ଦୁଃଖ ଯନ୍ତ୍ରଣା ଭିତରେ ଗତି କରୁଛନ୍ତି, ଯେପରି ତାଙ୍କର ନିଜର ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇ ପାରିବ ? ଜଣେ ବ୍ୟକ୍ତି ଈଶ୍ୱରଙ୍କ ପରିପକ୍ୱ ପବିତ୍ର ଲୋକଙ୍କ ଆଭ୍ୟନ୍ତରୀଣ ଜୀବନକୁ ଯେତେ ଭଲ ରୂପେ ଜାଣନ୍ତି, ସେହିପରି ଭଲ ରୂପେ ଦେଖିପାରନ୍ତି ଯେ, ଈଶ୍ୱରଙ୍କ ପ୍ରକୃତ ଉଦ୍ଦେଶ୍ୟ ହେଉଛି, ''ତାହାଙ୍କ (ଖ୍ରୀଷ୍ଟଙ୍କ) ଦୁଃଖଭୋଗର ଯାହା ଊଣା ଅଛି, ତାହା ମୁଁ ମୋ ଶରୀରରେ ପୂରଣ କରୁଛି'' (କଲସୀ ୧:୨୪) । ଯେତେବେଳେ ଆମେ ''ପୂରଣ କରିବାର'' ଆବଶ୍ୟକତା ବିଷୟ ଚିନ୍ତା କରୁ, ଅନେକ କାର୍ଯ୍ୟ ବାକି ରହିଛି ବୋଲି ହୃଦ୍‌ବୋଧ ହୁଏ ।

**ଅଗଷ୍ଟ ୯**

# ପିତାଙ୍କର ଗ୍ରହଣଯୋଗ୍ୟ ପ୍ରାର୍ଥନା

### ଯୀଶୁ ଊର୍ଦ୍ଧ୍ୱଦୃଷ୍ଟି କରି କହିଲେ, ''ପିତା, ମୁଁ ତୁମର ଧନ୍ୟବାଦ କରୁଛି ଯେ, ତୁମେ ମୋର ପ୍ରାର୍ଥନା ଶୁଣିଛ ।''

### ଯୋହନ ୧୧:୪୧

ଈଶ୍ୱରଙ୍କ ପୁତ୍ର ପ୍ରାର୍ଥନା କରିବା ସମୟରେ ସେ ତାଙ୍କର ପିତାଙ୍କ ପ୍ରତି ଧ୍ୟାନମଗ୍ନ ଓ ସଚେତନ ଥା'ନ୍ତି । ଈଶ୍ୱର ସବୁବେଳେ ତାଙ୍କ ପୁତ୍ରଙ୍କ ପ୍ରାର୍ଥନା ଶୁଣନ୍ତି, ଆଉ ଯଦି ଈଶ୍ୱରଙ୍କ ପୁତ୍ର ମୋ ମଧ୍ୟରେ ରୂପାୟିତ ହୋଇଛନ୍ତି (ଗାଲାତୀ ୪:୧୯), ପିତା ସବୁବେଳେ ମୋର ପ୍ରାର୍ଥନା ଶୁଣିବେ, କିନ୍ତୁ ମୋତେ ଧ୍ୟାନ ଦେବାକୁ ହେବ ଯେପରି ଈଶ୍ୱରଙ୍କ ପୁତ୍ର ମୋର ଶରୀରରେ ପ୍ରଦର୍ଶିତ ହୁଅନ୍ତି । ''ତୁମର ଶରୀର ପବିତ୍ର ଆତ୍ମାଙ୍କ ମନ୍ଦିର ସ୍ୱରୂପ'' (୧ କରିନ୍ଥୀ ୬:୧୯), ଅର୍ଥାତ୍ ଆପଣଙ୍କ ଶରୀର ହେଉଛି, ଈଶ୍ୱରଙ୍କ ପୁତ୍ରଙ୍କର ବେଥଲିହିମ । ଈଶ୍ୱରଙ୍କ ପୁତ୍ର ମୋ ଜୀବନରେ କାର୍ଯ୍ୟ କରିବାର ସୁଯୋଗ ପାଉଛନ୍ତି କି ? ଜଗତରେ ଥିବା ସମୟରେ ତାଙ୍କ ଜୀବନରେ ପ୍ରଦର୍ଶିତ ହେଉଥିବା ସରଳତା ଆଜି କ'ଣ ମୋ ଜୀବନରେ ପ୍ରକାଶିତ ହେଉଛି ? ଯେତେବେଳେ ମୁଁ ସାଧାରଣ ମଣିଷ ରୂପେ ଦୈନନ୍ଦିନ ଘଟଣା ମଧ୍ୟରେ ଗତି କରେ, ସେତେବେଳେ କ'ଣ ମୋ ମଧ୍ୟରେ ଈଶ୍ୱରଙ୍କ ଅନନ୍ତକାଳୀନ ସନ୍ତାନ ତାହାଙ୍କ ପିତାଙ୍କ ପ୍ରତି ପ୍ରାର୍ଥନା ଉଚ୍ଚାରଣ କରନ୍ତି ? ଯୀଶୁ କହନ୍ତି, ''ସେହି ଦିନ ତୁମେ ମୋ ନାମରେ ମାଗିବ'' (ଯୋହନ ୧୬:୨୬) । ସେ କେଉଁ ଦିନ କଥା କହନ୍ତି ? ସେ ସେହି ଦିନ କଥା କହନ୍ତି, ଯେଉଁ ଦିନ ପବିତ୍ର ଆତ୍ମା ମୋ ମଧ୍ୟକୁ ଆସି ମୋତେ ମୋର ପ୍ରଭୁଙ୍କ ସହିତ ଏକ କରିଛନ୍ତି ।

ପ୍ରଭୁ ଯୀଶୁଖ୍ରୀଷ୍ଟ କ'ଣ ଆପଣଙ୍କ ଜୀବନ ଦ୍ୱାରା ସଂପୂର୍ଣ୍ଣ ରୂପେ ସନ୍ତୁଷ୍ଟ ଅବା ଆପଣ ତାଙ୍କ ସମ୍ମୁଖରେ ଗର୍ବର ସହିତ ଚାଲୁଛନ୍ତି ? ଆପଣଙ୍କ ବ୍ୟାବହାରିକ ଜ୍ଞାନକୁ ଏତେ ମହତ୍ତ୍ୱପୂର୍ଣ୍ଣ ଏବଂ ପ୍ରଖର ହେବାକୁ ଦିଅନ୍ତୁ ନାହିଁ, ଯଦ୍ଦ୍ୱାରା ଈଶ୍ୱରଙ୍କ ପୁତ୍ର ଆଘାତ ପାଇବେ । ବ୍ୟାବହାରିକ ଜ୍ଞାନ ଆମର ମନୁଷ୍ୟ ସ୍ୱଭାବ ପ୍ରତି ଈଶ୍ୱରଙ୍କ ଏକ ଦାନ କିନ୍ତୁ ଏହା ତାଙ୍କ ପୁତ୍ରଙ୍କର ଦାନ ନୁହେଁ । ଅଲୌକିକ ଜ୍ଞାନ ତାଙ୍କ ପୁତ୍ରଙ୍କର ଦାନ । ଆମେ ବ୍ୟାବହାରିକ ଜ୍ଞାନକୁ ସିଂହାସନରେ ବସାଇବା ଉଚିତ ନୁହେଁ । ପୁତ୍ର ସବୁବେଳେ ପିତାଙ୍କୁ ଚିହ୍ନନ୍ତି ଏବଂ ତାଙ୍କ ସହିତ ଜଡ଼ିତ ଥା'ନ୍ତି, କିନ୍ତୁ ବ୍ୟାବହାରିକ ଜ୍ଞାନ ଆଦୌ ସେପରି କରିନାହିଁ କିମ୍ବା କରିବ ନାହିଁ । ଆମର ସାଧାରଣ ସାମର୍ଥ୍ୟ ଅନ୍ତର ନିବାସୀ ଈଶ୍ୱରଙ୍କ ପୁତ୍ରଙ୍କ ଶକ୍ତିରେ ରୂପାନ୍ତରିତ ନ ହେଲେ ଈଶ୍ୱରଙ୍କ ଉପାସନା କରିପାରିବ ନାହିଁ । ଆମେ ସୁନିଶ୍ଚିତ ହେବା ଉଚିତ ଯେ, ଆମର ମନୁଷ୍ୟ ଶରୀର ତାଙ୍କର ସଂପୂର୍ଣ୍ଣ ଅଧୀନସ୍ଥ ଅଛି ଏବଂ ପ୍ରତି ମୁହୂର୍ତ୍ତରେ ଈଶ୍ୱରଙ୍କୁ କାର୍ଯ୍ୟ କରିବା ପାଇଁ ଅନୁମତି ଦେଉଛି । ଆମ ଜୀବନରେ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଆମର ନିର୍ଭରଶୀଳତା କ'ଣ ଏପରି ସ୍ତରରେ ଅଛି, ଯଦ୍ଦ୍ୱାରା ପ୍ରତି ମୁହୂର୍ତ୍ତରେ ତାଙ୍କର ଜୀବନ ଆମ ମଧ୍ୟରେ ପ୍ରଦର୍ଶିତ ହେଉଛି ?

**ଅଗଷ୍ଟ ୧୦**

# ଜଣେ ପବିତ୍ର ଲୋକଙ୍କର ପବିତ୍ର ଦୁଃଖଭୋଗ

### ଯେଉଁମାନେ ଈଶ୍ୱରଙ୍କ ଇଚ୍ଛାନୁସାରେ ଦୁଃଖଭୋଗ କରନ୍ତି, ସେମାନେ ନିଜର ବିଶ୍ୱସ୍ତ ସୃଷ୍ଟିକର୍ତ୍ତାଙ୍କ ହସ୍ତରେ ନିଜକୁ ସମର୍ପଣ କରି ସତ୍‌କର୍ମରେ ଲାଗି ରହନ୍ତୁ ।

### ୧ ପିତର ୪:୧୯

ଦୁଃଖଭୋଗ ମନୋନୟନର ଅର୍ଥ, ଆପଣଙ୍କର କିଛି ଅସୁବିଧା ରହିଛି, କିନ୍ତୁ ଈଶ୍ୱରଙ୍କ ଇଚ୍ଛାକୁ, ଏପରିକି ଦୁଃଖଭୋଗକୁ ମନୋନୟନ କରିବା ଏକ ଭିନ୍ନ ବିଷୟ । କୌଣସି ସାଧାରଣ, ସୁସ୍ଥ ପବିତ୍ର ଲୋକ ଦୁଃଖଭୋଗକୁ ମନୋନୟନ କରନ୍ତି ନାହିଁ, ସେ କେବଳ ଯୀଶୁଙ୍କ ଭଳି ଈଶ୍ୱରଙ୍କ ଇଚ୍ଛାକୁ ମନୋନୟନ କରନ୍ତି – ତାହା ଦୁଃଖଭୋଗ ହୋଇପାରେ କିମ୍ବା ନ ହୋଇପାରେ । କୌଣସି ପବିତ୍ର ଲୋକ ଅନ୍ୟ ଜଣେ ପବିତ୍ର ଲୋକଙ୍କ ଦୁଃଖଭୋଗ ଜନିତ ଶିକ୍ଷାଦାନରେ ହସ୍ତକ୍ଷେପ କରିବାର ସାହାସ ଦେଖାଇବା ଉଚିତ୍ ନୁହେଁ ।

ଯୀଶୁ ଖ୍ରୀଷ୍ଟଙ୍କ ହୃଦୟକୁ ସନ୍ତୁଷ୍ଟ କରିଥିବା ପବିତ୍ର ଲୋକ ଅନ୍ୟ ପବିତ୍ର ଲୋକମାନଙ୍କୁ ଈଶ୍ୱରଙ୍କ ପାଇଁ ସବଳ ଓ ପରିପକ୍ୱ କରନ୍ତି, କିନ୍ତୁ ଯେଉଁମାନେ ସମବେଦନା ପ୍ରକାଶ କରନ୍ତି, ସେମାନେ ଶକ୍ତିଯୁକ୍ତ କରିପାରନ୍ତି ନାହିଁ କାରଣ ତାହା ଆମର ବାଧା ସୃଷ୍ଟି କରେ ଏବଂ ଆମକୁ ଦୁର୍ବଳ କରିଦିଏ । ଯେଉଁ ପବିତ୍ର ଲୋକ ଯୀଶୁଙ୍କ ସହିତ ଯଥା ସମ୍ଭବ ନିକଟତର ହୋଇଛନ୍ତି, ତାଙ୍କ ବ୍ୟତୀତ ଅନ୍ୟ କେହି ଆଉ ଜଣେ ପବିତ୍ର ବ୍ୟକ୍ତିଙ୍କ ଦୁଃଖ ବୁଝି ପାରିବେ ନାହିଁ । ଆମେ ଯଦି ଅନ୍ୟ ପବିତ୍ର ଲୋକଙ୍କ ସହାନୁଭୂତି ଗ୍ରହଣ କରୁ, ଆପଣଙ୍କର ସ୍ୱତଃସ୍ଫୁର୍ତ୍ତ ଭାବନା ହେବ, ‘‘ଈଶ୍ୱର ମୋ ପ୍ରତି କଠୋର ହୋଇ ମୋ ଜୀବନକୁ ଅଧିକ ଦୁଃଖପୂର୍ଣ୍ଣ କରିଛନ୍ତି ।’’ ସେଥିପାଇଁ ଯୀଶୁ କହିଲେ ଯେ, ଆତ୍ମ-ସହାନୁଭୂତି ଶୟତାନଠାରୁ ଆସେ (ମାଥିଉ ୧୬:୧-୩) । ଈଶ୍ୱରଙ୍କ ସମ୍ମାନ ପ୍ରତି ଆମେ ସଚେଷ୍ଟିତ ହେବା ଉଚିତ । ଈଶ୍ୱରଙ୍କ ସ୍ୱଭାବକୁ ବିକୃତ କରିବା ସହଜ, କାରଣ ସେ ତର୍କ କରନ୍ତି ନାହିଁ । ସେ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ପାଇଁ ଆତ୍ମପକ୍ଷ ସମର୍ଥନ କରନ୍ତି ନାହିଁ । ଆଦୌ ଏଭଳି ଚିନ୍ତା କରନ୍ତୁ ନାହିଁ ଯେ, ଜଗତରେ ଥିବା ସମୟରେ ଯୀଶୁଙ୍କ ପାଇଁ ଅନ୍ୟମାନଙ୍କର ସହାନୁଭୂତି ଆବଶ୍ୟକ ଥିଲା । ସେ ସହାନୁଭୂତିକୁ ଅଗ୍ରାହ୍ୟ କରିଥିଲେ କାରଣ ତାଙ୍କର ଅସୀମ ଜ୍ଞାନ ବଳରେ ସେ ଜାଣିଥିଲେ ଯେ, ଜଗତର କୌଣସି ଲୋକ ତାଙ୍କର ଉଦ୍ଦେଶ୍ୟ ବୁଝିପାରି ନ ଥିଲେ (୧୬:୨୩ ଦେଖନ୍ତୁ) । ସେ କେବଳ ପିତାଙ୍କର ଏବଂ ସ୍ୱର୍ଗଦୂତମାନଙ୍କର ସହାନୁଭୂତି ଗ୍ରହଣ କରିଥିଲେ (ଲୂକ ୧୫:୧୦ ଦେଖନ୍ତୁ) ।

ଜଗତର ବିଚାରଧାରା ଅନୁସାରେ ଈଶ୍ୱରଙ୍କ ପବିତ୍ର ଲୋକମାନଙ୍କ ପ୍ରଭାବହୀନତା ବିଷୟ ଚିନ୍ତା କରନ୍ତୁ । ମନେହୁଏ, ଈଶ୍ୱର ତାଙ୍କର ପବିତ୍ର ଲୋକମାନଙ୍କୁ ସବୁଠାରୁ ଅଦରକାରୀ ସ୍ଥାନରେ କାର୍ଯ୍ୟରେ ଲଗାନ୍ତି । ତା’ପରେ ଆମେ କହୁ, ‘‘ମୁଁ ଏହି ସ୍ଥାନ ପାଇଁ ବ୍ୟବହାର ଯୋଗ୍ୟ ବୋଲି ଈଶ୍ୱର ଏଠାରେ ମୋତେ ରଖିଛନ୍ତି ।’’ ଈଶ୍ୱର ତାଙ୍କର ପବିତ୍ର ଲୋକମାନଙ୍କୁ ସେହି ସ୍ଥାନରେ ରଖନ୍ତି, ଯେଉଁଠାରେ ସେମାନେ ତାଙ୍କୁ ସର୍ବୋଚ୍ଚ ଗୌରବ ଦେବେ । ଆମେ ସେହି ସ୍ଥାନକୁ ନିରୂପଣ କରିବା ସଂପର୍କିତ କୌଣସି ନିଷ୍ପତ୍ତି ନେବା ପାଇଁ ସଂପୂର୍ଣ୍ଣ ଅଯୋଗ୍ୟ ।

**ଅଗଷ୍ଟ ୧୧**

# ଏହି ଅନୁଭୂତି ଅତ୍ୟନ୍ତ ଜରୁରୀ

**ଏଲିୟ ଘୂର୍ଣ୍ଣିବାୟୁରେ ସ୍ୱର୍ଗାରୋହଣ କଲେ... ଇଲୀଶାୟ ଆଉ ତାଙ୍କୁ ଦେଖିଲେ ନାହିଁ ।**

**୨ ରାଜାବଳୀ ୨:୧୧-୧୨**

ଯେ ପର୍ଯ୍ୟନ୍ତ ଈଶ୍ୱର ଆପଣଙ୍କୁ ''ଏଲିୟ'' ଙ୍କୁ ଦେଇଛନ୍ତି, ତାଙ୍କ ଉପରେ ନିର୍ଭର କରିବା ଭୁଲ୍ କଥା ନୁହେଁ, କିନ୍ତୁ ମନେ ରଖନ୍ତୁ, ଦିନ ଆସିବ, ଯେତେବେଳେ ସେ ଆପଣଙ୍କଠାରୁ ଚିର ବିଦାୟ ନେବେ ଏବଂ ଆପଣଙ୍କର ପଥପ୍ରଦର୍ଶକ ଓ ନେତା ହୋଇ ରହିବେ ନାହିଁ, କାରଣ ଈଶ୍ୱର ଚାହାନ୍ତି ନାହିଁ ଯେ, ସେ ସବୁବେଳେ ରହିଥିବେ । ଏପରିକି ଏହି ଚିନ୍ତାରେ ବିବ୍ରତ ହୋଇ ଆପଣ କହିବେ, ''ମୋ ଏଲିୟଙ୍କ ବିନା ମୁଁ ଆଗ ବଢ଼ି ପାରିବି ନାହିଁ ।'' ତଥାପି ଈଶ୍ୱର କହନ୍ତି ଯେ, ତୁମକୁ ଅଗ୍ରସର ହେବାକୁ ପଡ଼ିବ ।

**ଆପଣଙ୍କ ''ଯର୍ଦ୍ଦନ''ଠାରେ ଏକାକୀ** (୨:୧୪) । ଯର୍ଦ୍ଦନ ନଦୀ ଏଭଳି ବିଚ୍ଛେଦର ପ୍ରତୀକ, ଯେଉଁଠାରେ କାହା ସହିତ ଆପଣଙ୍କ ସଂଗତି ନ ଥାଏ ଏବଂ ଅନ୍ୟମାନେ ମଧ୍ୟ ଆପଣଙ୍କଠାରୁ ଦାୟିତ୍ୱ ନେଇ ପାରନ୍ତି ନାହିଁ । ଆପଣଙ୍କ ''ଏଲିୟ''ଙ୍କ ସହିତ ଥିବା ସମୟରେ ଆପଣ ଯେଉଁ ଶିକ୍ଷା ପାଇଥିଲେ, ବର୍ତ୍ତମାନ ଆପଣଙ୍କୁ ତାହାର ପରୀକ୍ଷା ଦେବାକୁ ପଡ଼ିବ । ଏଲିୟଙ୍କ ସହିତ ଆପଣ ଅନେକ ଥର ଯର୍ଦ୍ଦନକୁ ଆସିଛନ୍ତି, କିନ୍ତୁ ବର୍ତ୍ତମାନ ଆପଣ ଏକାକୀ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ଆପଣ ଯାଇ ପାରିବେ ନାହିଁ - ଏହା କହିବା ଅର୍ଥହୀନ, କାରଣ ଆପଣଙ୍କର ଅନୁଭୂତି ଅଛି, ଆପଣଙ୍କୁ ଯିବାକୁ ହେବ । ଯଦି ଆପଣ ପ୍ରକୃତରେ ଜାଣିବାକୁ ଚାହାନ୍ତି ଯେ, ଈଶ୍ୱର ଆପଣଙ୍କ ବିଶ୍ୱାସ୍ୟ ଈଶ୍ୱର, ତେବେ ଆପଣଙ୍କ ''ଯର୍ଦ୍ଦନ'' ମଧ୍ୟରେ ଏକାକୀ ପ୍ରବେଶ କରନ୍ତୁ ।

**ଆପଣଙ୍କ ''ଯିରିଖୋ''ରେ ଏକାକୀ** (୨:୧୫) । ''ଯିରିଖୋ'' ସେହି ସ୍ଥାନର ପ୍ରତୀକ, ଯେଉଁଠାରେ ଆପଣଙ୍କ ''ଏଲିୟ''ଙ୍କ ଅନେକ ମହତ୍ କାର୍ଯ୍ୟ ଆପଣ ଦେଖିଥିଲେ, କିନ୍ତୁ ବର୍ତ୍ତମାନ ଯେତେବେଳେ ଏକାକୀ ଆପଣଙ୍କ ''ଯିରିଖୋ'' କୁ ଆସନ୍ତି, ଆପଣ ଈଶ୍ୱରଙ୍କ ଉପରେ ଭରସା ରଖି ନେତୃତ୍ୱ ନେବା ପାଇଁ କୁଣ୍ଠାବୋଧ କରନ୍ତି, ଅନ୍ୟ କାହାକୁ ଦାୟିତ୍ୱ ଅର୍ପଣ କରିବାକୁ ଇଚ୍ଛା କରନ୍ତି । କିନ୍ତୁ ଆପଣଙ୍କ ''ଏଲିୟ''ଙ୍କ ପାଖରୁ ଗ୍ରହଣ କରିଥିବା ଶିକ୍ଷା ପ୍ରତି ଆପଣ ଯଦି ବିଶ୍ୱସ୍ତ ହେବେ, ତେବେ ଈଶ୍ୱର ଏଲିୟଙ୍କୁ ଯେପରି ଗୋଟିଏ ଚିହ୍ନ ଦେଇଥିଲେ, ଆପଣଙ୍କୁ ମଧ୍ୟ ଗୋଟିଏ ଚିହ୍ନ ଦେବେ ।

**ଆପଣଙ୍କ ''ବେଥେଲ''ରେ ଏକାକୀ** (୨:୨୩) । ''ବେଥେଲ''ରେ ଆପଣ ନିଜକୁ ଜୀବନର ଶେଷ ପ୍ରାନ୍ତରେ ଏବଂ ଈଶ୍ୱରଙ୍କ ଜ୍ଞାନର ପ୍ରାରମ୍ଭ ସ୍ଥାନରେ ଆବିଷ୍କାର କରନ୍ତି । ଯେତେବେଳେ ଆପଣ ଶେଷ ସୀମାରେ ପହଞ୍ଚନ୍ତି, ବିଚଳିତ ହୁଅନ୍ତୁ ନାହିଁ । ଈଶ୍ୱରଙ୍କ ପ୍ରତି ସତ୍ୟତାର ସହିତ ବିଶ୍ୱସ୍ତ ରୂପେ ଛିଡ଼ା ହୁଅନ୍ତୁ । ଈଶ୍ୱର ତାଙ୍କର ସତ୍ୟକୁ ଏଭଳି ଭାବେ ପ୍ରକାଶ କରିବେ, ଯାହାକି ଆପଣଙ୍କ ଉପାସନାର ଅଭିବ୍ୟକ୍ତିରେ ପରିଣତ ହେବ । ଆପଣଙ୍କ ''ଏଲିୟ''ଙ୍କ ଠାରୁ ପ୍ରାପ୍ତ ଶିକ୍ଷାକୁ କାର୍ଯ୍ୟରେ ପ୍ରୟୋଗ କରନ୍ତୁ । ତାଙ୍କର ଚଦରକୁ ବ୍ୟବହାର କରି ପ୍ରାର୍ଥନା କରନ୍ତୁ (୨:୧୩-୧୪ ଦେଖନ୍ତୁ) । ଈଶ୍ୱରଙ୍କ ଉପରେ ଦୃଢ଼ ଭରସା ରଖି ଏଲିୟଙ୍କୁ ଆଉ ଖୋଜନ୍ତୁ ନାହିଁ ।

## ଅଗଷ୍ଟ ୧୨

# ଈଶ୍ୱରଙ୍କଠାରେ ବିଶ୍ରାମ କରିବାର ଧର୍ମତତ୍ତ୍ୱ

**ତୁମମାନଙ୍କର ବିଶ୍ୱାସ ଏତେ ଅଳ୍ପ !**
**ତୁମେମାନେ କାହିଁକି ଏତେ ଭୀତତ୍ରସ୍ତ ?**

**ମାଥିଉ ୮:୨୬**

ଭୟଭୀତ ହେବା ସମୟରେ ଆମେ କେବଳ ଈଶ୍ୱରଙ୍କୁ ପ୍ରାର୍ଥନା କରୁ, କିନ୍ତୁ ଆମ ପ୍ରଭୁଙ୍କର ପ୍ରତ୍ୟାଶା କରିବା ଏହି ଅଧିକାର ଅଛି ଯେ, ତାଙ୍କର ନାମ ଉଚ୍ଚାରଣକାରୀଙ୍କର ତାଙ୍କ ପ୍ରତି ଭରସା ରହିବା ଆବଶ୍ୟକ । ଈଶ୍ୱର ଅପେକ୍ଷା କରନ୍ତି ଯେ, ତାଙ୍କର ସନ୍ତାନମାନଙ୍କର ତାଙ୍କ ପ୍ରତି ଏଭଳି ଭରସା ରହିବା ଆବଶ୍ୟକ ଯେ, କୌଣସି ସଂକଟ ସମୟରେ ମଧ୍ୟ ସେମାନେ ବିଶ୍ୱାସଯୋଗ୍ୟ ହୋଇ ପାରିବେ । କିନ୍ତୁ ଆମର ବିଶ୍ୱାସ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତର ପ୍ରତି ଥାଏ, ତା' ପରେ ଆମେ ଏଭଳି ଲୋକଙ୍କ ଭୀତିପ୍ରଦ ପ୍ରାର୍ଥନା ମଧ୍ୟକୁ ଫେରି ଆସୁ, ଯେଉଁମାନେ ଈଶ୍ୱରଙ୍କୁ ସୁଦ୍ଧା ଜାଣନ୍ତି ନାହିଁ । ଆମେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଈଶ୍ୱରଙ୍କ ଉପରେ କିମ୍ବା ତାଙ୍କର ସାର୍ବଭୌମ୍ୟ ନିୟନ୍ତ୍ରଣ ଉପରେ ସାମାନ୍ୟ ଭରସା ରଖି ନ ଥାଉ । ମନେହୁଏ ଈଶ୍ୱର ଆମ ପାଇଁ ସୁପ୍ତ, ଆଉ ଆମେ କେବଳ ଆମ ସମ୍ମୁଖସ୍ଥ ସାଗରର ଉତ୍ତାଳ ଲହରୀମାଳାକୁ ଦେଖିଥାଉ ।

''ତୁମମାନଙ୍କର ବିଶ୍ୱାସ ଏତେ ଅଳ୍ପ !'' ଏହା ଶୁଣି ଶିଷ୍ୟମାନେ କିଭଳି କଷ୍ଟ ଅନୁଭବ କରିଥିବେ ଏବଂ ଭାବିଥିବେ, ''ଆମେ ଆଉ ଗୋଟିଏ ସୁଯୋଗ ହରାଇଲୁ ।'' ଆଉ ଆମ ମନରେ ମଧ୍ୟ କିଳଭି କଷ୍ଟ ଜାତ ହେବ, ଯେତେବେଳେ ଆମେ ହଠାତ୍ ଅନୁଭବ କରିବୁ ଯେ, କଠିନ ପରିସ୍ଥିତିରେ ମଧ୍ୟ ଯୀଶୁଙ୍କ ପ୍ରତି ସଂପୂର୍ଣ୍ଣ ଭରସା ରଖିବା ଦ୍ୱାରା ଆମେ ତାଙ୍କ ମନ ଆନନ୍ଦରେ ପୂର୍ଣ୍ଣ କରିପାରିଥା'ନ୍ତୁ ।

ଅନେକ ସମୟରେ ଆମ ଜୀବନରେ କୌଣସି ଝଡ଼ ବା ସଂକଟ ନ ଥାଏ, ଏବଂ ମନୁଷ୍ୟ ପକ୍ଷରେ ଯାହା ସମ୍ଭବ, ତାହା ଆମେ କରୁ, କିନ୍ତୁ ପ୍ରକୃତ ସଂକଟ ସମୟରେ ଜଣାଯିବ ଆମେ କାହା ଉପରେ ଭରସା ରଖିଛୁ । ଯଦି ଆମେ ଈଶ୍ୱରଙ୍କ ଉପାସନା କରିବା ଏବଂ ତାଙ୍କ ଉପରେ ଭରସା ରଖିବା ଶିକ୍ଷା କରୁଛୁ, ତେବେ ସଂକଟପୂର୍ଣ୍ଣ ପରିସ୍ଥିତି ପ୍ରମାଣ କରିବ ଯେ, ଆମେ ଭଗ୍ନଚୂର୍ଣ୍ଣ ଅବସ୍ଥାକୁ ଆସିଲେ ମଧ୍ୟ ଈଶ୍ୱରଙ୍କ ପ୍ରତି ଆମର ଭରସାକୁ କ୍ଷୁର୍ଣ୍ଣ ହେବାକୁ ଦେବା ନାହିଁ ।

ଆମେ ପବିତ୍ରୀକରଣ ବିଷୟରେ ବିସ୍ତୃତ ଆଲୋଚନା କରିଛୁ, କିନ୍ତୁ ଆମ ଜୀବନରେ ତା'ର ପରିଣାମ କ'ଣ ହେବ ? ଏହା ଆମ ଜୀବନରେ ଈଶ୍ୱରଙ୍କଠାରେ ଶାନ୍ତିପୂର୍ଣ୍ଣ ବିଶ୍ରାମ ରୂପେ ପ୍ରକାଶିତ ହେବ, ଯାହାର ଅର୍ଥ ହେଉଛି, ଈଶ୍ୱରଙ୍କ ସହିତ ସଂପୂର୍ଣ୍ଣ ଏକତା । ଏହି ଐକ୍ୟ ଭାବ ଆମକୁ କେବଳ ତାଙ୍କ ଦୃଷ୍ଟିରେ ନିର୍ଦ୍ଦୋଷ ବିବେଚିତ କରିବ ନାହିଁ, ମାତ୍ର ତାଙ୍କ ପାଇଁ ଗଭୀର ଆନନ୍ଦରେ ପରିଣତ ହେବ ।

# ଆତ୍ମା ରୂପ ବହ୍ନିକୁ ନିର୍ବାପିତ କର ନାହିଁ

**(ପବିତ୍ର) ଆତ୍ମା ରୂପ ବହ୍ନିକୁ ନିର୍ବାପିତ କର ନାହିଁ ।**
**୧ ଥେସଲନିକୀୟ ୫:୧୯**

ଈଶ୍ୱରଙ୍କ ଆତ୍ମାଙ୍କ ସ୍ୱର ବସନ୍ତର ମୃଦୁ ସମୀରଣ ଭଳି କୋମଳ – ଏତେ କୋମଳ ଯେ, ଆତ୍ମାଙ୍କର ସତର୍କତା ଏବଂ ପ୍ରତିରୋଧ ଆମ ପାଖକୁ ଆଶ୍ଚର୍ଯ୍ୟ ରୂପେ କୋମଳ ଉପାୟରେ ଆସିଥାଏ । ସମ୍ବେଦନଶୀଳ ହୋଇ ଆପଣ ତାଙ୍କର ସ୍ୱରକୁ ଚିହ୍ନି ନ ପାରିଲେ ଆପଣ ତାଙ୍କୁ ନିର୍ବାପିତ କରିବେ ଏବଂ ଆପଣଙ୍କ ଆତ୍ମିକ ଜୀବନ କ୍ଷତିଗ୍ରସ୍ତ ହେବ । ଏହି ପ୍ରତିରୋଧକାରୀ ସଚେତନତା ସବୁବେଳେ ଏକ ''ଶାନ୍ତ କ୍ଷୀଣ ସ୍ୱର'' (୧ ରାଜାବଳୀ ୧୯:୧୨) ରୂପେ ଆସିବ, ଯାହା ଈଶ୍ୱରଙ୍କ ଜଣେ ପବିତ୍ର ଲୋକଙ୍କ ବ୍ୟତୀତ ଅନ୍ୟ କେହି ଉପଲବ୍ଧି କରିବେ ନାହିଁ ।

ବ୍ୟକ୍ତିଗତ ସାକ୍ଷ୍ୟ ଦେବା ସମୟରେ ଆପଣ ଯଦି ପଛକୁ ଦୃଷ୍ଟି ଫେରାଇ ବାରମ୍ବାର ଏହି କଥା କହନ୍ତି, ''ଅନେକ ବର୍ଷ ତଳେ ମୁଁ ପାପରୁ ଉଦ୍ଧାର ପାଇଥିଲି'', ତେବେ ସେହି ସାକ୍ଷ୍ୟ ବିଷୟରେ ସତର୍କ ରୁହନ୍ତୁ । ଯଦି ଆପଣ ''ଲଙ୍ଗଳରେ ହାତ ଦେଇଛନ୍ତି'' ଏବଂ ଆଲୋକ ମଧ୍ୟରେ ଗମନ କରୁଛନ୍ତି, ତେବେ ''ପଛକୁ ଅନାନ୍ତୁ ନାହିଁ'' – ଅତୀତ ଧୀରେ ଧୀରେ ଈଶ୍ୱରଙ୍କ ସଂଗତି ଏବଂ ଏକତା ରକ୍ଷା କରି ଆଶ୍ଚର୍ଯ୍ୟ ସୂଚକ ବର୍ତ୍ତମାନରେ ପରିଣତ ହୁଏ (ଲୂକ ୯:୬୨ ଏବଂ ୧ ଯୋହନ ୧:୬–୭ ଦେଖନ୍ତୁ) । ଯଦି ଆପଣ ଆଲୋକ ମଧ୍ୟରୁ ବାହାରି ଆସନ୍ତି, ଆପଣ ଜଣେ ଭାବପ୍ରବଣ ଖ୍ରୀଷ୍ଟିୟାନ ରୂପେ ଅତୀତର ସ୍ମୃତି ମଧ୍ୟରେ ବଞ୍ଚି ରହନ୍ତି ଏବଂ ଆପଣଙ୍କ ସାକ୍ଷ୍ୟ କୌଣସି ଧାତବ ପଦାର୍ଥର କର୍କଶ ଶବ୍ଦ ଭଳି ଶୁଭିବ । ଆପଣ ଯେତେବେଳେ ''ଆଲୋକ ମଧ୍ୟରେ ଗମନ କରୁଥିଲେ'' ସେହି ଦିନଗୁଡ଼ିକର ଅନୁଭୂତିକୁ ସ୍ମରଣ କିରବା ଦ୍ୱାରା ବର୍ତ୍ତମାନ ''ଆଲୋକ ମଧ୍ୟରେ ଗମନ କରିବା'' ପାଇଁ (୧ ଯୋହନ ୧:୭) ଅବଜ୍ଞାର ଆବରଣ ଭିତରେ ଘୋଡ଼ାଇ ରଖିବାର ପ୍ରଚେଷ୍ଟା କରନ୍ତୁ ନାହିଁ । ଯଦି ଆତ୍ମା ଆପଣଙ୍କୁ ଆକଟ କରିବା ମନୋଭାବ ଦିଅନ୍ତି, ତେବେ ରହିଯାନ୍ତୁ ଏବଂ ସବୁ କିଛି ସଜାଡ଼ି ଦିଅନ୍ତୁ, ନଚେତ୍ ଆପଣ ନ ଜାଣି ମଧ୍ୟ ଆତ୍ମାଙ୍କୁ ନିର୍ବାପିତ ଏବଂ ଶୋକାକୁଳ କରିବେ ।

ମନେକରନ୍ତୁ ଈଶ୍ୱର ଆପଣଙ୍କୁ ଏକ ସଂକଟ ପୂର୍ଣ୍ଣ ସ୍ଥିତିକୁ ଆଣନ୍ତି ଏବଂ ଆପଣ ତାକୁ ସହ୍ୟ କରନ୍ତି, କିନ୍ତୁ ପୂର୍ଣ୍ଣ ରୂପେ ନୁହେଁ । ତେବେ ସେ ଆଉଥରେ ସେହି ସଂକଟ ସୃଷ୍ଟି କରିବେ, କିନ୍ତୁ ଏଥର ତାହା ସେତେ ଅଧିକ ହେବ ନାହିଁ । ଆପଣଙ୍କ ଅନ୍ତର୍ଦୃଷ୍ଟି କ୍ଷୀଣ ହେବ ଏବଂ ଆପଣଙ୍କ ଅବାଧ୍ୟତା ହେତୁ ଆପଣ ଲଜ୍ଜିତ ହେବେ । ଆପଣ ଯଦି ତାଙ୍କର ଆତ୍ମାକୁ ଶୋକାକୁଳ କରି ଚାଲିବେ, ସମୟ ଆସିବ, ଯେତେବେଳେ ସେହି ସଂକଟର ପୁନରାବୃତ୍ତି ହେବ ନାହିଁ, କାରଣ ଆପଣ ସଂପୂର୍ଣ୍ଣ ରୂପେ ଆତ୍ମାଙ୍କୁ ଶୋକାକୁଳ କରିଛନ୍ତି, କିନ୍ତୁ ଆପଣ ଯଦି ସଂକଟ ମଧ୍ୟ ଦେଇ ଯିବେ, ଆପଣଙ୍କ ଜୀବନ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ପ୍ରଶଂସା ସୂଚକ ଗୀତରେ ପରିଣତ ହେବ । ଈଶ୍ୱରଙ୍କୁ ଆଘାତ ଦେଉଥିବା ବିଷୟ ପ୍ରତି ଅନୁରକ୍ତ ହୁଅନ୍ତୁ ନାହିଁ । ଆପଣଙ୍କୁ ସେଥିରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଆଘାତ ଦେବା ପାଇଁ ଈଶ୍ୱରଙ୍କୁ ଅନୁମତି ଦେବାକୁ ହେବ ।

**ଅଗଷ୍ଟ ୧୪**

# ପ୍ରଭୁଙ୍କର ଶୃଙ୍ଖଳା

### ହେ ମୋର ପୁତ୍ର, ପ୍ରଭୁଙ୍କର ଶାସନକୁ ଲଘୁଜ୍ଞାନ କର ନାହିଁ ଓ ସେ ଭର୍ତ୍ସନା କଲାବେଳେ ହତାଶ ହୁଅ ନାହିଁ ।

### ଏବ୍ରୀ ୧୨:୫

ଈଶ୍ୱରଙ୍କ ଆତ୍ମାଙ୍କୁ ଶୋକାକୁଳ କରିବା ସହଜ, ଆମେ ପ୍ରଭୁଙ୍କର ଶାସନକୁ ଅବଜ୍ଞା କରିବା ଦ୍ୱାରା ଏବଂ ସେ ଭର୍ତ୍ସନା କରିବା ସମୟରେ ଆମେ ହତାଶ ହେବା ଦ୍ୱାରା ତାଙ୍କୁ ଶୋକାକୁଳ କରୁ । ଯଦି ଆମର ପାପରୁ ଅଲଗା ହେବା ପାଇଁ ଏବଂ ପବିତ୍ରୀକରଣ ପ୍ରକ୍ରିୟାରେ ପବିତ୍ର ହେବା ସଂପର୍କିତ ଆମର ଅନୁଭୂତି ଅଗଭୀର ଥାଏ, ତେବେ ଆମେ ଈଶ୍ୱରଙ୍କ ବାସ୍ତବତା ସମ୍ବନ୍ଧରେ ଅନ୍ୟ ଧାରଣା ପୋଷଣ କରିଛୁ । ଆଉ ଯେତେବେଳେ ଈଶ୍ୱରଙ୍କ ଆତ୍ମା ଆମକୁ ଚେତାବନୀ ଦିଅନ୍ତି ବା ପ୍ରତିରୋଧ କରନ୍ତି, ଆମେ ଭୁଲ୍ ଧାରଣା ନେଇ କହିଥାଉ, ‘‘ଏହା ଶୟତାନର କାର୍ଯ୍ୟ ହୋଇଥିବ ।’’

‘‘ଆତ୍ମାଙ୍କୁ ନିର୍ବାପିତ ନ କର’’ (୧ ଥେସଲନିକୀ ୫:୧୯) । ଯେତେବେଳେ ସେ କହନ୍ତି, ‘‘ଆଉ ଏ ବିଷୟରେ ଅନ୍ଧ ହୋଇ ରୁହ ନାହିଁ – ତୁମେ ଆତ୍ମିକ ରୂପେ ସେଭଳି ବୃଦ୍ଧି ପାଇ ନାହଁ, ଯେପରି ତୁମେ ଭାବିଥିଲ । ବର୍ତ୍ତମାନ ପର୍ଯ୍ୟନ୍ତ ମୁଁ ତୁମକୁ ତାହା ପ୍ରକାଶ କରି ନ ଥିଲି, କିନ୍ତୁ ବର୍ତ୍ତମାନ ପ୍ରକାଶ କରୁଛି,’’ ଆପଣ ତାଙ୍କୁ ତୁଚ୍ଛଜ୍ଞାନ କରନ୍ତୁ ନାହିଁ । ଯେତେବେଳେ ପ୍ରଭୁ ଆପଣଙ୍କୁ ଏଭଳି ଶୃଙ୍ଖଳିତ କରିବାକୁ ଇଚ୍ଛା କରନ୍ତି, ତାଙ୍କୁ ସୁଯୋଗ ଦିଅନ୍ତୁ । ଈଶ୍ୱରଙ୍କ ସହିତ ଆପଣଙ୍କ ଉପଯୁକ୍ତ ସଂପର୍କ ସ୍ଥାପନ ପାଇଁ ତାଙ୍କୁ ଅନୁମତି ଦିଅନ୍ତୁ ।

‘‘ସେ ଭର୍ତ୍ସନା କଲାବେଳେ ହତାଶ ହୁଅ ନାହିଁ ।’’ ଆମେ ଈଶ୍ୱରଙ୍କ ପ୍ରତି ଉତ୍ତେଜିତ ହୋଇ କହୁ, ‘‘ମୋର ଆଉ କିଛି କରିବାର ନାହିଁ, ମୁଁ ପ୍ରାର୍ଥନା କଲି, କିନ୍ତୁ କିଛି ଫଳ ହେଲା ନାହିଁ । ମୁଁ ଆଶା ଛାଡ଼ି ଦେଇଛି ।’’ ଭାବି ଦେଖନ୍ତୁ, ଜୀବନର ଅନ୍ୟ କ୍ଷେତ୍ରରେ ଆମେ ଯଦି ଏଭଳି ମନୋଭାବ ନେଇ କାର୍ଯ୍ୟ କରିବୁ, ତେବେ ତାହାର ପରିଣାମ କ’ଣ ହେବ !

ମୁଁ କ’ଣ ଈଶ୍ୱରଙ୍କ ନିୟନ୍ତ୍ରଣରେ ରହିବା ପାଇଁ ପ୍ରସ୍ତୁତ ଅଛି ? ମୋ ମଧ୍ୟରେ କାର୍ଯ୍ୟ ସାଧନ ପାଇଁ ମୁଁ କ’ଣ ତାଙ୍କୁ ଅନୁମତି ଦେବି ? ପବିତ୍ରୀକରଣ ମୋର ଏହି ଧାରଣା ନୁହେଁ ଯେ, ମୋର ଇଚ୍ଛାନୁସାରେ ଈଶ୍ୱର କାର୍ଯ୍ୟ କରିବେ– ପବିତ୍ରୀକରଣ ଈଶ୍ୱରଙ୍କ ବିଚାର ଯେ, ସେ ତାଙ୍କ ଇଚ୍ଛାନୁସାରେ ମୋ ମଧ୍ୟରେ କାର୍ଯ୍ୟ କରିବେ, କିନ୍ତୁ ସେ ମୋତେ ମନ ଏବଂ ଆତ୍ମାରେ ଏପରି ସ୍ଥିତିକୁ ଆଣିବେ, ଯେଉଁଠାରେ ମୋତେ ସଂପୂର୍ଣ୍ଣ ପବିତ୍ର କରିବା ପାଇଁ ମୁଁ ତାଙ୍କୁ ଅନୁମତି ଦେବି, ତାହାର ମୂଲ୍ୟ ବିଷୟ ଚିନ୍ତା କରିବି ନାହିଁ (୧ ଥେସଲନିକୀୟ ୫:୨୩–୨୪ ଦେଖନ୍ତୁ) ।

**ଅଗଷ୍ଟ ୧୫**

# ନୂତନ ଜନ୍ମର ପ୍ରମାଣ

### ତୁମମାନଙ୍କୁ ପୁନର୍ବାର ଜନ୍ମଲାଭ କରିବାକୁ ହେବ ।
### ଯୋହନ ୩:୭

ନୀକଦୀମଙ୍କ ପ୍ରଶ୍ନ ଥିଲା, ''ମନୁଷ୍ୟ ବୃଦ୍ଧ ହେଲେ ସେ କିପରି ଜନ୍ମଲାଭ କରିବ ?'' ଏହାର ଉତ୍ତର ହେଉଛି – ଯେତେବେଳେ ସେ ନିଜର ଅଧିକାର, ନିଜର ଇଚ୍ଛା ଏବଂ ନିଜର ଧର୍ମକୁ ମିଶାଇ ନିଜ ଜୀବନର ସବୁ ବିଷୟ ପ୍ରତି ମରିବା ପାଇଁ ଏବଂ ଗୋଟିଏ ନୂତନ ଜୀବନ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ରହେ, ଯେଉଁ ଜୀବନର ଅନୁଭୂତି ସେ ପୂର୍ବରୁ ପାଇ ନ ଥିଲା (୩:୪) । ଏହି ନୂତନ ଜୀବନ ଆମର ସଚେତନ ମନର ଅନୁତାପ ଏବଂ ଅଚେତନ ଅବସ୍ଥାର ପବିତ୍ରତା ଦ୍ୱାରା ପ୍ରକଟିତ ହୁଏ ।

''ତଥାପି ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ'' (ଯୋହନ ୧:୧୨) । ଯୀଶୁଙ୍କ ସଂପର୍କିତ ମୋର ଜ୍ଞାନ କ'ଣ ମୋର ଅନ୍ତରର ଆତ୍ମିକ ବୋଧର ପରିଣାମ ଅବା ମୁଁ ଅନ୍ୟମାନଙ୍କଠାରୁ ଶୁଣିଥିବା ଶିକ୍ଷା ଉପରେ ଆଧାରିତ ? ମୋ ଜୀବନରେ ଏପରି କୌଣସି ବିଷୟ ଅଛି କି ଯାହା ମୋତେ ମୋର ବ୍ୟକ୍ତିଗତ ପରିତ୍ରାଣ କର୍ତ୍ତା ରୂପେ ଯୀଶୁଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ କରେ ? ଯୀଶୁ ଖ୍ରୀଷ୍ଟଙ୍କ ସମ୍ବନ୍ଧିତ ବ୍ୟକ୍ତିଗତ ଜ୍ଞାନ ମୋ ଆତ୍ମିକ ଇତିହାସର ମୂଳଭିତ୍ତି ହେବା ଆବଶ୍ୟକ ।

''ମନୁଷ୍ୟ ପୁନର୍ବାର ଜନ୍ମ ନ ହେଲେ ସେ ଈଶ୍ୱରଙ୍କ ରାଜ୍ୟ ଦେଖିପାରିବ ନାହିଁ'' (ଯୋହନ ୩:୩) । ମୁଁ କ'ଣ କେବଳ ଈଶ୍ୱରଙ୍କ ରାଜ୍ୟର ଚିହ୍ନ ଖୋଜୁଛି ଅବା ତାଙ୍କର ସାର୍ବଭୌମ ନିୟନ୍ତ୍ରଣକୁ ସ୍ୱୀକାର କରୁଛି ? ନୂତନ ଜନ୍ମ ମୋତେ ଦର୍ଶନର ଏକ ନୂତନ ଶକ୍ତି ପ୍ରଦାନ କରେ ଯଦ୍ଦ୍ୱାରା ମୁଁ ଈଶ୍ୱରଙ୍କ ନିୟନ୍ତ୍ରଣକୁ ଚିହ୍ନିପାରେ । ସବୁ ସମୟ ପାଇଁ ତାଙ୍କର ସାର୍ବଭୌମତ୍ୱ ଥିଲା, କିନ୍ତୁ ଈଶ୍ୱର ତାଙ୍କର ସ୍ୱଭାବ ପ୍ରତି ବିଶ୍ୱସ୍ତ ହୋଇଥିବାରୁ ମୋତେ ତାଙ୍କର ନିଜର ସ୍ୱଭାବ ନ ମିଳିବା ପର୍ଯ୍ୟନ୍ତ ମୁଁ ତାହା ଦେଖିପାରି ନ ଥିଲି ।

''ଯେ କେହି ଈଶ୍ୱରଙ୍କଠାରୁ ଜାତ, ସେ ପାପରେ ଜଡ଼ିତ ରହେ ନାହିଁ'' (୧ ଯୋହନ ୩:୯) । ମୁଁ କ'ଣ ପାପ ଛାଡ଼ିବା ପାଇଁ ଚେଷ୍ଟା କରୁଛି ଅବା ପାପ କରିବା ପ୍ରକୃତରେ ବନ୍ଦ କରି ଦେଇଛି ? ବାଇବଲ କେବେ ଏହି ପ୍ରଶ୍ନ କରେ ନାହିଁ, ''ଜଣେ ଖ୍ରୀଷ୍ଟିୟାନ କ'ଣ ପାପ କରିବା ଉଚିତ୍ ?'' ବାଇବଲ ଦୃଢ଼ତାର ସହ କହେ ଯେ, *ଜଣେ ଖ୍ରୀଷ୍ଟିୟାନ ପାପ କରିବା ଉଚିତ ନୁହେଁ ।* ଆମେ ପାପ ନ କରିବା ଦ୍ୱାରା ନୂତନ ଜନ୍ମର କାର୍ଯ୍ୟ ଆମ ମଧ୍ୟରେ ପ୍ରଭାବଯୁକ୍ତ ହୁଏ । ଏହାର ଅର୍ଥ ନୁହେଁ ଯେ, ଆମ ମଧ୍ୟରେ ପାପ ନ କରିବାର ସାମର୍ଥ୍ୟ ଅଛି, ମାତ୍ର ଆମେ ପାପକୁ ବର୍ଜନ କରିଛୁ । ତଥାପି ୧ ଯୋହନ ୩:୯ର ଅର୍ଥ ନୁହେଁ ଯେ, ଆମେ ପାପ କରି ପାରିବା ନାହିଁ – ଏହାର ଅର୍ଥ ହେଉଛି, ଆମେ ଯଦି ମନ ମଧ୍ୟରେ ଈଶ୍ୱରଙ୍କ ଜୀବନର ବାଧ୍ୟ ହେବା, ତେବେ ଆମେ ପାପ କରିବାର ଆବଶ୍ୟକତା ଅନୁଭବ କରିବା ନାହିଁ ।

**ଅଗଷ୍ଟ ୧୬**

# ସେ କ'ଣ ମୋତେ ଜାଣନ୍ତି ?

**ସେ ନିଜର ମେଷମାନଙ୍କୁ ନାମ ଧରି ଡାକେ ।**

**ଯୋହନ ୧୦:୩**

**ଦୁର୍ଭାଗ୍ୟବଶତଃ ମୁଁ ଯେତେବେଳେ ତାଙ୍କୁ ଭୁଲ୍ ବୁଝିଛି ?** (ଯୋହନ ୨୦:୧୧–୧୮ ଦେଖନ୍ତୁ) । ସବୁ ମୂଳତତ୍ତ୍ୱ ଜାଣି ମଧ୍ୟ ଯୀଶୁଙ୍କୁ ଜାଣିବା ସମ୍ଭବ ହୋଇ ନ ଥାଏ । ଜଣେ ବ୍ୟକ୍ତିଙ୍କ ଆତ୍ମା ବିପଜ୍ଜନକ ହୁଏ, ଯେତେବେଳେ ମୂଳତତ୍ତ୍ୱର ଜ୍ଞାନ ଯୀଶୁଙ୍କୁ ଅତିକ୍ରମ କରିଯାଏ ଏବଂ ତାଙ୍କ ସଂପର୍କରୁ ଛିନ୍ନ ହୁଏ । ମରିୟମ କାହିଁକି କାନ୍ଦୁଥିଲେ ? ତାଙ୍କ ପାଇଁ ମୂଳତତ୍ତ୍ୱ ପାଦ ତଳର ଘାସ ପରି ଥିଲା । ମୂଳତତ୍ତ୍ୱକୁ ଆଧାର କରି ଯେକୌଣସି ଫାରୁଶୀ ମରିୟମକୁ ମୂର୍ଖ ସାବ୍ୟସ୍ତ କରିଥା'ନ୍ତେ, କିନ୍ତୁ ଗୋଟିଏ ବିଷୟ ପ୍ରତି ସେମାନେ ପରିହାସ କରିପାରିଲେ ନାହିଁ, ତାହା ଏହି ଯେ, ଯୀଶୁ ତା'ଠାରୁ ସାତ ଭୂତ ଛଡ଼ାଇଥିଲେ (ଲୂକ ୮:୨ ଦେଖନ୍ତୁ) । ତଥାପି ଯୀଶୁଙ୍କୁ ଜାଣିବା ତୁଳନାରେ ତାଙ୍କର ଆଶୀର୍ବାଦ ତା' ପାଇଁ କିଛି ନ ଥିଲା । ''ସେ ବୁଲିପଡ଼ି ଯୀଶୁଙ୍କୁ ସେଠାରେ ଠିଆ ହୋଇଥିବାର ଦେଖିଲେ, କିନ୍ତୁ ସେ ଯୀଶୁ ବୋଲି ଜାଣିପାରିଲେ ନାହିଁ... ଯୀଶୁ ତାଙ୍କୁ କହିଲେ, 'ମରିୟମ' !'' (ଯୋହନ ୨୦:୧୪, ୧୬) । ଯେତେବେଳେ ଯୀଶୁ ତାଙ୍କ ନାମ ଧରି ଡାକିଲେ, ସେ ସଂଗେ ସଂଗେ ଜାଣିଲେ ଯେ, କଥା କହୁଥିବା ବ୍ୟକ୍ତିଙ୍କ ସହିତ ତାଙ୍କର ବ୍ୟକ୍ତିଗତ ଇତିହାସ ଜଡ଼ିତ ଥିଲା । ''ସେ ବୁଲିପଡ଼ି କହିଲେ, 'ରାବ୍ବୁନି' !'' (ଯୋହନ ୨୦:୧୬) ।

**ଯେତେବେଳେ ମୁଁ କଠିନମନା ହୋଇ ତାଙ୍କୁ ସନ୍ଦେହ କରିଛି ?** (ଯୋହନ ୨୦:୨୪–୨୯ ଦେଖନ୍ତୁ) –ମୁଁ କ'ଣ ଅନ୍ୟମାନଙ୍କ ସାକ୍ଷ୍ୟର ଅନୁଭୂତିକୁ ଅନୁଶୀଳନ କରି ତାଙ୍କୁ ସନ୍ଦେହ କରୁଛି, କିନ୍ତୁ ମୁଁ ଏପର୍ଯ୍ୟନ୍ତ ସେ ଅନୁଭୂତି ପାଇ ନାହିଁ ? ଅନ୍ୟ ଶିଷ୍ୟମାନେ ଥୋମାଙ୍କୁ କହିଲେ, ''ଆମେ ପ୍ରଭୁଙ୍କୁ ଦେଖିଛୁ'', କିନ୍ତୁ ଥୋମା ସନ୍ଦେହ କରି କହିଲେ, ''ମୁଁ... ନ ଦେଖିବା ପର୍ଯ୍ୟନ୍ତ ବିଶ୍ୱାସ କରିବି ନାହିଁ (୨୦:୨୫) । ଥୋମାଙ୍କ ଆବଶ୍ୟକତା ଥିଲା ଯୀଶୁଙ୍କ ବ୍ୟକ୍ତିଗତ ସ୍ପର୍ଶ । ଯେତେବେଳେ ତାଙ୍କର ସ୍ପର୍ଶ ଆସେ, ଆମେ ଜାଣିପାରି ନଥାଉ, କିନ୍ତୁ ଯେତେବେଳେ ତାହା ଏତେ ବହୁମୂଲ୍ୟ ହୋଇଯାଏ ଯେ, ତାହା ବର୍ଣ୍ଣନା କରି ହୁଏ ନାହିଁ । ଥୋମା ଉତ୍ତର ଦେଲେ, ''ହେ ମୋର ପ୍ରଭୁ, ହେ ମୋର ଈଶ୍ୱର'' (୨୦:୨୮) ।

**ମୁଁ ଯେତେବେଳେ ସ୍ୱାର୍ଥପର ହୋଇ ତାଙ୍କୁ ଅସ୍ୱୀକାର କରିଛି ?** (ଯୋହନ ୨୧:୧୫–୧୭ ଦେଖନ୍ତୁ) । ପିତର ଶପଥ କରି ଏବଂ ରାଣ ପକାଇ ଯୀଶୁଖ୍ରୀଷ୍ଟଙ୍କୁ ଅସ୍ୱୀକାର କଲେ (ମାଥିଉ ୨୬:୬୯–୭୫ ଦେଖନ୍ତୁ) କିନ୍ତୁ ପୁନରୁତ୍ଥାନ ପରେ ଯୀଶୁ ଏକାକୀ ପିତରଙ୍କୁ ଦେଖା ଦେଇଥିଲେ । ପ୍ରଥମେ ଯୀଶୁ ଏକାକୀ ପିତରଙ୍କୁ ପୁନଃସ୍ଥାପିତ କଲେ ଏବଂ ପରେ ଅନ୍ୟ ସମସ୍ତଙ୍କ ଆଗରେ ପୁନଃସ୍ଥାପିତ କଲେ । ଆଉ ପିତର ତାଙ୍କୁ ଉତ୍ତର ଦେଇ କହିଲେ, ''ପ୍ରଭୁ, ଆପଣ ଜାଣନ୍ତି, ମୁଁ ଆପଣଙ୍କୁ ପ୍ରେମ କରେ'' (ଯୋହନ ୨୧:୧୭) ।

ଯୀଶୁ ଖ୍ରୀଷ୍ଟଙ୍କ ସହିତ କ'ଣ ମୋର ବ୍ୟକ୍ତିଗତ ଇତିହାସ ଅଛି ? ଶିଷ୍ୟତ୍ୱର ପ୍ରକୃତ ଚିହ୍ନ ହେଉଛି, ଯୀଶୁ ଖ୍ରୀଷ୍ଟଙ୍କ ସହିତ ଘନିଷ୍ଠ ଏକତା, ଯାହା ଦୃଢ଼ ଏବଂ ଅଟଳ ।

# ଆପଣ କ'ଣ ନିରୁତ୍ସାହିତ ଅବା ସମର୍ପିତ ?

**ଯୀଶୁ ତାଙ୍କୁ କହିଲେ, ''ତୁମର ଗୋଟିଏ ବିଷୟ ଊଣା ଅଛି, ତୁମର ସର୍ବସ୍ୱ ବିକ୍ରୟ କରି...ଆସ, ମୋର ଅନୁଗମନ କର । ସେହି ବ୍ୟକ୍ତି ତାହା ଶୁଣି ଅତ୍ୟନ୍ତ ଦୁଃଖିତ ହେଲେ, କାରଣ ସେ ଅତିଶୟ ଧନୀ ଥିଲେ ।**

**ଲୂକ ୧୮:୨୨–୨୩**

ଆପଣ କ'ଣ କେବେ ମାଲିକଙ୍କୁ ଆପଣଙ୍କ ପ୍ରତି କଠିନ କଥା କହିବାର ଶୁଣିଛନ୍ତି ? ଯଦି ଶୁଣିନାହାନ୍ତି, ତେବେ ମୋର ପ୍ରଶ୍ନ ହେଉଛି, ଆପଣ କ'ଣ କେବେ ତାଙ୍କର କୌଣସି କଥା ଶୁଣିଛନ୍ତି ? ଯୀଶୁ ଆମକୁ ଅନେକ ଆବଶ୍ୟକୀୟ କଥା କହନ୍ତି, କିନ୍ତୁ ଆମେ ତାହା ଆଦୌ ଶୁଣି ନ ଥାଉ । ତାଙ୍କର କଥା କର୍କଶ ଏବଂ କଠୋର ମନେହୁଏ ।

ଧନୀ ଯୁବା ଯୀଶୁଙ୍କ କଥାନୁସାରେ କାର୍ଯ୍ୟ କରୁଛନ୍ତି କି ନାହିଁ, ସେଥିପାଇଁ ଯୀଶୁଙ୍କର ଆଗ୍ରହ ନ ଥିଲା ଏବଂ ସେ ତାଙ୍କୁ ନିଜ ସହିତ ରଖିବାକୁ ଚେଷ୍ଟା କରି ନଥିଲେ । ସେ କେବଳ କହିଲେ, ''ତୁମର ସର୍ବସ୍ୱ ବିକ୍ରୟ କରି ଆସ, ମୋର ଅନୁଗମନ କର ।'' ଆମର ପ୍ରଭୁ କୌଣସି ଅନୁନୟ କରି ନଥିଲେ, ସେ ତାଙ୍କୁ ଲୋଭ ଦେଖାଇ ନ ଥିଲେ– କେବଳ ସେ ତାଙ୍କୁ ଏଭଳି କଠୋର କଥା କହିଲେ, ଯାହା ସେ ପୂର୍ବରୁ କେବେ ଶୁଣି ନ ଥିଲେ, ତା'ପରେ ସେ ତାଙ୍କୁ ଏକାକୀ ଛାଡ଼ି ଦେଲେ ।

ଯୀଶୁ କେବେ ମୋତେ କଠିନ ଓ କଠୋର କଥା କହିବାର ମୁଁ ଶୁଣିଛି କି ? ସେ କ'ଣ ମୋତେ ବ୍ୟକ୍ତିଗତ ଭାବେ ଏଭଳି କିଛି କଥା କହିଛନ୍ତି, ଯାହା ମୁଁ ଯତ୍ନ ସହକାରେ ଶୁଣିଛି, ଯାହା ମୁଁ ଅନ୍ୟମାନଙ୍କୁ ବୁଝାଇ ପାରିବି ନାହିଁ, କିନ୍ତୁ ଯାହାକୁ ମୁଁ ବ୍ୟକ୍ତିଗତ ଭାବେ ଶୁଣିଛି ? ଧନୀ ଯୁବା ସ୍ପଷ୍ଟ ରୂପେ ତାହା ଶୁଣିଲେ, ତାହାର ପ୍ରଭାବ ବିଷୟ ଜାଣିଲେ ଏବଂ ତାଙ୍କର ମନ ଦୁଃଖରେ ଭରିଗଲା । ସେ ଜଣେ ଅବଜ୍ଞାକାରୀ ରୂପେ ଫେରି ଗଲେ ନାହିଁ, କିନ୍ତୁ ଦୁଃଖିତ ଓ ନିରାଶ ହୋଇ ଫେରିଗଲେ । ମନରେ ପ୍ରବଳ ଉତ୍ସାହ ଓ ଆଗ୍ରହ ନେଇ ସେ ଯୀଶୁଙ୍କ ପାଖକୁ ଆସିଥିଲେ, କିନ୍ତୁ ଯୀଶୁଙ୍କର କଥାରେ ସେ ସ୍ଥାଣୁ ପାଲଟିଗଲେ । ଯୀଶୁଙ୍କ ପ୍ରତି ଭକ୍ତି ଏବଂ ଉତ୍ସାହ ପ୍ରଦର୍ଶନ କରିବା ପରିବର୍ତ୍ତେ ସେ ସବୁ ଦୁଃଖ ଏବଂ ନିରାଶା ଜନ୍ମାଇଥିଲା । ଯୀଶୁ ତାଙ୍କ ପଛରେ ଯାଇ ନ ଥିଲେ, କିନ୍ତୁ ତାଙ୍କୁ ଯିବାକୁ ଦେଲେ । ଆମର ପ୍ରଭୁ ଜାଣନ୍ତି ଯେ, ତାଙ୍କର କଥା ପ୍ରକୃତ ଗ୍ରହଣ ଯୋଗ୍ୟ ହେଲେ ଶୀଘ୍ର ଅବା ବିଳମ୍ବରେ ଫଳ ଫଳିବ । ଦୁଃଖର କଥା ଏହି ଯେ, ଆମ ମଧ୍ୟରୁ ଅଧିକାଂଶ ଆମର ବର୍ତ୍ତମାନ ଜୀବନରେ ତାଙ୍କର ବାକ୍ୟକୁ ଫଳପ୍ରଦ କରିବାରେ ବାଧା ସୃଷ୍ଟି କରିଥାଉ । ଜଣା ନାହିଁ, ଶେଷରେ ତାଙ୍କ ପ୍ରତି ସମର୍ପିତ ହେବାର ନିଷ୍ପତ୍ତି ନେଲେ ଆମେ ତାଙ୍କୁ କ'ଣ କହିବା ? ଗୋଟିଏ ବିଷୟ ନିଶ୍ଚିତ ଯେ, ସେ ଆମର ଅତୀତର ବିଫଳତାକୁ ଆମ ମୁହଁ ଉପରକୁ ଫିଙ୍ଗି ଦେବେ ନାହିଁ ।

# ଆପଣ କ'ଣ ଦୁଃଖ ହେତୁ ନିର୍ବାକ୍ ହୋଇଯାଇଛନ୍ତି ?

**ତାହା ଶୁଣି ସେ ଅତ୍ୟନ୍ତ ଦୁଃଖିତ ହେଲେ, କାରଣ ସେ ଅତିଶୟ ଧନୀ ଥିଲେ ।**

**ଲୂକ ୧୮:୨୨–୨୩**

ଧନୀ ଯୁବା ଦୁଃଖରେ ନିର୍ବାକ୍ ହୋଇ ଯୀଶୁଙ୍କ ପାଖରୁ ଫେରିଗଲେ କାରଣ ତାଙ୍କ ପାଖରେ ଯୀଶୁଙ୍କ କଥାର କୌଣସି ଉତ୍ତର ନ ଥିଲା । ଯୀଶୁ ତାଙ୍କୁ ଯାହା କହିଲେ, ସେ ବିଷୟରେ ଏବଂ ତା'ର ଅର୍ଥ ସମ୍ବନ୍ଧରେ ତାଙ୍କର କୌଣସି ସନ୍ଦେହ ନ ଥିଲା । ତାଙ୍କ ମନରେ ଏଭଳି ଦୁଃଖ ଜାତ ହେଲା ଯେ, ପ୍ରତ୍ୟୁତ୍ତର ଦେବା ପାଇଁ ତାଙ୍କ ମୁଖରେ କୌଣସି ଭାଷା ନ ଥିଲା । ଆପଣ କ'ଣ ସେହି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ? କ'ଣ ଈଶ୍ୱରଙ୍କ ବାକ୍ୟ କେବେ ଆପଣଙ୍କ ପାଖକୁ ଆସିଛି ଏବଂ ଆପଣଙ୍କ ଜୀବନରେ କୌଣସି କ୍ଷେତ୍ର ପ୍ରତି ଇଙ୍ଗିତ କରି ଈଶ୍ୱରଙ୍କଠାରେ ସମର୍ପିତ ହେବା ପାଇଁ ଆପଣଙ୍କୁ ଚାଳନା ଦେଇଛି ? ହୁଏତ ସେ ଆପଣଙ୍କ କେତେକ ବ୍ୟକ୍ତିଗତ ଗୁଣ, ଇଚ୍ଛା, ଆଗ୍ରହ ଏବଂ ସମ୍ଭବତଃ ଆପଣଙ୍କ ମନ ଏବଂ ହୃଦୟର ସଂପର୍କ ବିଷୟରେ ସୂଚନା ଦେଇଛନ୍ତି । ଯଦି ତାହା ହୋଇଥାଏ, ଆପଣ ଦୁଃଖରେ ନିର୍ବାକ୍ ହୋଇଛନ୍ତି । ପ୍ରଭୁ ଆପଣଙ୍କ ପଛରେ ଯିବେ ନାହିଁ କି ଆପଣଙ୍କୁ ବିନତି କରିବେ ନାହିଁ, କିନ୍ତୁ ପ୍ରତିଥର ଆପଣଙ୍କୁ ସେହି ସ୍ଥାନରେ ସାକ୍ଷାତ୍ କଲେ ସେ ପୁନରୁକ୍ତି କରି କହିବେ, ''ଯଦି ତୁମେ ତୁମ କଥା ପ୍ରକୃତ ଉପଲବ୍ଧି କରିଛ, ତେବେ ଏହି ସବୁ ସର୍ତ୍ତ ପାଳନ କର ।''

''ତୁମର ସର୍ବସ୍ୱ ବିକ୍ରୟ କର'' (୧୮:୨୨) । ଅନ୍ୟ କଥାରେ, ଈଶ୍ୱରଙ୍କ ସମ୍ମୁଖରେ, ଆପଣଙ୍କ ଦୃଷ୍ଟିରେ ଧନ ସଂପତ୍ତି ମନେ ହେଉଥିବା ସମସ୍ତ ବିଷୟକୁ ଛାଡ଼ି ତାଙ୍କ ସପକ୍ଷରେ ଏକ ସଚେତନ ମନୁଷ୍ୟ ରୂପେ ଛିଡ଼ା ହୋଇ ଈଶ୍ୱରଙ୍କୁ ସବୁ କିଛି ଅର୍ପଣ କରି ଦିଅନ୍ତୁ । ଆପଣଙ୍କ ସମର୍ପଣ କ'ଣ ଯୀଶୁଙ୍କ ଅପେକ୍ଷା ଯୀଶୁ କ'ଣ ଚାହାନ୍ତି, ସେହି ଧାରଣା ପ୍ରତି ଅଧିକ ହୋଇଛି ? ଯଦି ତାହା ହୋଇଛି, ତେବେ ଆପଣ ତାଙ୍କର କଠିନ ଏବଂ କଠୋର କଥା ଶୁଣିବେ, ଆଉ ତାହା ଆପଣଙ୍କ ମନରେ ଦୁଃଖ ଜାତ କରିବ । ଯୀଶୁଙ୍କର କଥା ଅତି କଠିନ । ଯେଉଁମାନେ ତାଙ୍କର ସ୍ୱଭାବ ପାଇଛନ୍ତି, ସେମାନଙ୍କ ପକ୍ଷରେ ଏହା ଶୁଣିବା ସହଜ । କୌଣସି ବିଷୟରେ ଯୀଶୁଙ୍କ କଠୋର କଥାକୁ କୋମଳ କରିବା ପାଇଁ ଅନୁମତି ଦିଅନ୍ତୁ ନାହିଁ ।

ମୁଁ ମୋର ଦାରିଦ୍ର୍ୟ ମଧ୍ୟରେ, କିମ୍ବା ମୁଁ କିଛି ନୁହେଁ – ଏହି ଧାରଣା ମଧ୍ୟରେ ଏତେ ଧନୀ ହୋଇଯାଏ ଯେ, ମୁଁ ଯୀଶୁଙ୍କ ଶିଷ୍ୟ ହୋଇପାରେ ନାହିଁ କିମ୍ବା ମୁଁ ଜଣେ ବିଶିଷ୍ଟ ଲୋକ– ଏହି କଥାରେ ମୁଁ ଏତେ ଧନୀ ହୋଇଯାଏ ଯେ, ମୁଁ ଯୀଶୁଙ୍କ ଶିଷ୍ୟ ହୋଇପାରେ ନାହିଁ । ମୁଁ କ'ଣ ମୋର ଅସହାୟତା ଏବଂ ଦାରିଦ୍ର୍ୟ ବୋଧ ମଧ୍ୟରେ ବି ଅସହାୟ ଏବଂ ଦରିଦ୍ର ହେବାକୁ ପ୍ରସ୍ତୁତ ଅଛି ? ଯଦି ନୁହେଁ, ତେବେ ତାହା ହିଁ ମୋର ନୈରାଶ୍ୟର କାରଣ । ନୈରାଶ୍ୟ ଆତ୍ମ–ପ୍ରେମର ଭ୍ରାନ୍ତି ଦୂର କରେ, ଏବଂ ଆତ୍ମପ୍ରେମ ଯୀଶୁଙ୍କ ପ୍ରତି ମୋର ସମର୍ପଣର ପ୍ରେମ ମଧ୍ୟ ହୋଇପାରେ ।

**ଅଗଷ୍ଟ ୧୯**

# ନିଜ ବିଷୟରେ ଅବଗତ ହେବା

**ମୋ ନିକଟକୁ ଆସ ।**

**ମାଥିଉ ୧୧:୨୮**

ଈଶ୍ୱର ଚାହାନ୍ତି ଆମେ ଯେପରି ଯୀଶୁଙ୍କଠାରେ ଏକ ପୂର୍ଣ୍ଣ ବିକଶିତ ଜୀବନଯାପନ କରିବା, କିନ୍ତୁ ଅନେକ ସମୟରେ ଜୀବନ ବାହ୍ୟିକ ଆକ୍ରମଣର ସମ୍ମୁଖୀନ ହୁଏ । ସେତେବେଳେ ଆମେ ଆଉ ଥରେ ଆତ୍ମ ପରୀକ୍ଷାର ସହାୟତା ଲୋଡ଼ିଥାଉ, ଯେଉଁ ଅଭ୍ୟାସ ଆମେ ଭୁଲିଯାଇଛୁ ବୋଲି ଭାବିଥିଲୁ । ଆତ୍ମ-ଜ୍ଞାନ ହେଉଛି, ପ୍ରଥମ ବିଷୟ ଯାହା ଈଶ୍ୱରଙ୍କ ସହିତ ଆମ ଜୀବନର ପୂର୍ଣ୍ଣତାକୁ ଛିନ୍ନଭିନ୍ନ କରିଦିଏ ଏବଂ ନିରନ୍ତର ଆମ ଜୀବନରେ ସଂଘର୍ଷ ଏବଂ ବିଶୃଙ୍ଖଳା ଭରିଦିଏ । ଆତ୍ମ-ଜ୍ଞାନ ପାପ ନୁହେଁ । ସ୍ନାୟୁବିକ ଭାବପ୍ରବଣତା ବା ଆକସ୍ମିକ ଭାବେ ସଂପୂର୍ଣ୍ଣ ନୂତନ ପରିବେଶର ପ୍ରଭାବ ଦ୍ୱାରା ଏହା ଉତ୍ପନ୍ନ ହୁଏ । ତଥାପି ଏହା ଈଶ୍ୱରଙ୍କର ଇଚ୍ଛା ନୁହେଁ ଯେ, ଆମେ ଈଶ୍ୱରଙ୍କ ପୂର୍ଣ୍ଣତାରୁ ସାମାନ୍ୟ ଊଣା ପଡ଼ିଯାଉ । ତାଙ୍କଠାରେ ଆମର ବିଶ୍ରାମକୁ ବାଧା ଦେଉଥିବା ଯେକୌଣସି ବିଷୟ ସଂଗେ ସଂଗେ ସଂଶୋଧିତ ହେବା ଆବଶ୍ୟକ । ତାହାକୁ ଅଣ-ଦେଖା ନ କରି କେବଳ ଯୀଶୁ ଖ୍ରୀଷ୍ଟଙ୍କ ନିକଟକୁ ଆସିବା ଦ୍ୱାରା ଏହି ସଂଶୋଧନ କାର୍ଯ୍ୟ ସମ୍ଭବ ହୁଏ ।

ଆମେ ଯଦି ତାଙ୍କ ନିକଟକୁ ଆସି ଆମ ମଧ୍ୟରେ ଖ୍ରୀଷ୍ଟଙ୍କ ପ୍ରତ୍ୟକ୍ଷ ଜ୍ଞାନ ଭରି ଦେବା ପାଇଁ ବିନତି କରିବା, ତେବେ ସେ ତାହା କରିବେ । ତାଙ୍କଠାରେ ସଂପୂର୍ଣ୍ଣ ରୂପେ ବାସ କରିବାକୁ ଶିକ୍ଷା କରିବା ପର୍ଯ୍ୟନ୍ତ ସେ ତାହା କରିବେ ।

ଯେଉଁ ବିଷୟ ଖ୍ରୀଷ୍ଟଙ୍କ ସହିତ ଆପଣଙ୍କ ଜୀବନର ଏକତାକୁ ବିଭାଜନ ଅବା ନଷ୍ଟ କରେ, ତାହାର ସମ୍ମୁଖୀନ ନ ହେବା ପର୍ଯ୍ୟନ୍ତ ତାକୁ ଛାଡ଼ନ୍ତୁ ନାହିଁ । ଆପଣଙ୍କ ବନ୍ଧୁମାନଙ୍କର କିମ୍ବା ପରିସ୍ଥିତିର ପ୍ରଭାବକୁ ଆପଣଙ୍କ ଜୀବନକୁ ବିଚ୍ଛିନ୍ନ କରିବା ପାଇଁ ଅନୁମତି ଦିଅନ୍ତୁ ନାହିଁ । ଏହା ଆପଣଙ୍କୁ ଦୁର୍ବଳ କରିଦିଏ ଏବଂ ଆପଣଙ୍କ ଆତ୍ମିକ ବୃଦ୍ଧିକୁ ହ୍ରାସ କରେ । ଈଶ୍ୱରଙ୍କ ସହିତ ଆପଣଙ୍କ ଏକତାକୁ ଛିନ୍ନ କରୁଥିବା ପ୍ରତ୍ୟେକ ବିଷୟ ପ୍ରତି ସତର୍କ ରୁହନ୍ତୁ । ଯଥାର୍ଥ ଆତ୍ମିକ ସ୍ଥିତିରେ ରହିବା ଅପେକ୍ଷା ଆଉ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଷୟ ନାହିଁ । ଏହାର ସମାଧାନ ଅତି ସହଜ - ''ମୋ ନିକଟକୁ ଆସ ।'' ଏହି ଶବ୍ଦଗୁଡ଼ିକ ଦ୍ୱାରା ବ୍ୟକ୍ତିଗତ ରୂପେ ଆମର ବୌଦ୍ଧିକ, ନୈତିକ ଏବଂ ଆତ୍ମିକ ବାସ୍ତବତାର ଗଭୀରତା ପରଖ କରାଯାଏ । ବିଷଦ ରୂପେ ଆମ ଜୀବନର ଯେଉଁ କ୍ଷେତ୍ରରେ ଆମେ ବାସ୍ତବ ନୋହୁଁ, ତାହାର ସମାଧାନ ପାଇଁ ଆମେ ଯୀଶୁଙ୍କ ନିକଟକୁ ନ ଆସି ସେ ବିଷୟରେ ବିବାଦ କରୁ ।

**ଅଗଷ୍ଟ ୨୦**

# ଖ୍ରୀଷ୍ଟଙ୍କ ବିଷୟରେ ଅବଗତ ହେବା

### ମୁଁ ତୁମମାନଙ୍କୁ ବିଶ୍ରାମ ଦେବି ।

### ମାଥିଉ ୧୧:୨୮

ଯେତେବେଳେ କୌଣସି ବିଷୟ ଯୀଶୁଖ୍ରୀଷ୍ଟଙ୍କ ସହିତ ଆପଣଙ୍କ ଜୀବନକୁ ଭଂଗ କରିବାକୁ ଆରମ୍ଭ କରେ, ସେତେବେଳେ ସଂଗେ ସଂଗେ ତାଙ୍କ ପ୍ରତି ଫେରନ୍ତୁ ଏବଂ ଆପଣଙ୍କ ବିଶ୍ରାମକୁ ପୁନର୍ବାର ସ୍ଥାପିତ କରିବା ପାଇଁ ବିନତି କରନ୍ତୁ । ଅଶାନ୍ତି ସୃଷ୍ଟି କରୁଥିବା କୌଣସି ବିଷୟକୁ ଜୀବନରେ ରହିବା ପାଇଁ ଅନୁମତି ଦିଅନ୍ତୁ ନାହିଁ । ଯେଉଁ ଛୋଟ ଛୋଟ ବିଷୟ ଆପଣଙ୍କ ଜୀବନକୁ ଖଣ୍ଡଖଣ୍ଡ କରିଦିଏ, ସେ ସବୁକୁ ଏଭଳି ଭାବେ ଦେଖନ୍ତୁ, ଯାହା ବିରୁଦ୍ଧରେ ଆପଣଙ୍କୁ ଲଢ଼ିବାକୁ ହେବ । ପ୍ରଭୁଙ୍କଠାରେ ପ୍ରାର୍ଥନା କରନ୍ତୁ, ଯେପରି ସେ ତାଙ୍କର ଜ୍ଞାନରେ ଆପଣଙ୍କୁ ଅବଗତ କରାଇବେ, ଆଉ ଆପଣଙ୍କ ଆତ୍ମ-ଜ୍ଞାନ ଅପସରି ଯିବ । ନିଜ ବିଷୟରେ ଅବଗତ ହେବା ସଂପର୍କରେ ସାବଧାନ ରୁହନ୍ତୁ କାରଣ ସେଥିରୁ ଆତ୍ମ-ସହାନୁଭୂତି ଜାତ ହୁଏ ଏବଂ ଆତ୍ମ-ସହାନୁଭୂତି ହେଉଛି, ଶୟତାନର ମନୋଭାବ । ନିଜକୁ ଏହି କଥା କହିବାକୁ ଦିଅନ୍ତୁ ନାହିଁ, ‘‘ସେମାନେ ମୋତେ ଭୁଲ୍ ବୁଝିଛନ୍ତି ଏବଂ ଏ ବିଷୟରେ ସେମାନେ ମୋତେ କ୍ଷମା ମାଗିବା ଉଚିତ୍ । ଏ ବିଷୟରେ ମୁଁ ସେମାନଙ୍କୁ ସବୁ କଥା ପରିଷ୍କାର କରିଦେବା ଉଚିତ ।’’ ଏ ବିଷୟରେ ଅନ୍ୟମାନଙ୍କୁ ଛାଡ଼ି ଦିଅନ୍ତୁ । ପ୍ରଭୁଙ୍କୁ ପ୍ରାର୍ଥନା କରନ୍ତୁ, ଯେପରି ସେ ଆପଣଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ ଅବଗତ କରାଇବେ । ଯେ ପର୍ଯ୍ୟନ୍ତ ଖ୍ରୀଷ୍ଟଙ୍କଠାରେ ଆପଣଙ୍କ ସଂପୂର୍ଣ୍ଣତା ଆସି ନାହିଁ, ସେ ଆପଣଙ୍କୁ ସ୍ଥିର ରଖିବେ ।

ଏକ ସଂପୂର୍ଣ୍ଣ ଜୀବନ ହେଉଛି, ଶିଶୁର ଜୀବନ । ମୁଁ ଖ୍ରୀଷ୍ଟଙ୍କ ବିଷୟରେ ସଂପୂର୍ଣ୍ଣ ଅବଗତ ବୋଲି କହିବା ଭୁଲ୍ ହେବ । ଅସୁସ୍ଥ ବ୍ୟକ୍ତି ପ୍ରକୃତରେ ଜାଣିଥାଏ, ସ୍ୱାସ୍ଥ୍ୟ କ’ଣ । ଈଶ୍ୱରଙ୍କ ସନ୍ତାନ ଈଶ୍ୱରଙ୍କ ଇଚ୍ଛା ବିଷୟରେ ସଚେତନ ନ ଥାଏ କାରଣ ସେ ନିଜେ ଈଶ୍ୱରଙ୍କ ଇଚ୍ଛା । ସାମାନ୍ୟ ରୂପେ ଆମେ ଯେତେବେଳେ ଈଶ୍ୱରଙ୍କ ଇଚ୍ଛାରୁ ବିଚ୍ୟୁତ ହେଉ, ଆମେ ପଚାରୁ, ‘‘ପ୍ରଭୁ, ତୁମର ଇଚ୍ଛା କ’ଣ ?’’ ଈଶ୍ୱର ଯେ ପ୍ରାର୍ଥନାର ଉତ୍ତର ଦିଅନ୍ତି, ଏ ବିଷୟରେ ସଚେତନ ହେବା ପାଇଁ ଈଶ୍ୱରଙ୍କ ସନ୍ତାନ ପ୍ରାର୍ଥନା କରେ ନାହିଁ, କାରଣ ସେ ଏହି ନିଶ୍ଚିତତା ନେଇ ବିଶ୍ରାମ କରେ ଯେ, ଈଶ୍ୱର ସବୁବେଳେ ପ୍ରାର୍ଥନାର ଉତ୍ତର ଦିଅନ୍ତି ।

ଯଦି ଆମେ ଆମର ବ୍ୟାବହାରିକ ବୁଦ୍ଧି ଦ୍ୱାରା ଆମର ଆତ୍ମ-ଜ୍ଞାନ ଉପରେ ଜୟଲାଭର ଚେଷ୍ଟା କରିବା, ତେବେ ଆମର ଆତ୍ମ-ଜ୍ଞାନ ଆହୁରି ବୃଦ୍ଧି ପାଇବ । ଯୀଶୁ କହନ୍ତି, ‘‘ମୋ ନିକଟକୁ ଆସ, ମୁଁ ତୁମମାନଙ୍କୁ ବିଶ୍ରାମ ଦେବି ।’’ ଏହାର ଅର୍ଥ, ‘‘ଖ୍ରୀଷ୍ଟ-ସଚେତନତା’’ ‘‘ଆତ୍ମ-ସଚେତନତା’’ର ସ୍ଥାନ ଗ୍ରହଣ କରିବା । ଯୀଶୁ ଯେଉଁଠାକୁ ଆସନ୍ତି, ସେ ବିଶ୍ରାମ ଦିଅନ୍ତି । ଏହା ହେଉଛି, ଆମ ଜୀବନର କାର୍ଯ୍ୟ ସବୁ ସଂପୂର୍ଣ୍ଣ ହେବାର ବିଶ୍ରାମ । ଏଥିରେ ଆତ୍ମ-ସଚେତନ ଭାବ ନ ଥାଏ ।

# ଉଲ୍ଲେଖଯୋଗ୍ୟ ହୋଇ ନ ଥିବା ସେବାକାର୍ଯ୍ୟ

**ଦୀନହୀନ ଲୋକେ ଧନ୍ୟ ।**

**ମାଥିଉ ୫:୩**

ନୂତନ ନିୟମ ଏଭଳି ବିଷୟ ପ୍ରତି ଲକ୍ଷ୍ୟ ରଖିଥାଏ, ଯାହା ଆମର ମାନଦଣ୍ଡ ଅନୁସାରେ ଉଲ୍ଲେଖଯୋଗ୍ୟ ହୋଇ ନ ଥାଏ । ‘‘ଦୀନହୀନ ଲୋକେ ଧନ୍ୟ ।’’ ଆକ୍ଷରିକ ଭାବେ ଏହାର ଅର୍ଥ, ‘‘ଦୁଃସ୍ଥ ଦରିଦ୍ର ଲୋକେ ଧନ୍ୟ ।’’ ଦରିଦ୍ର ଲୋକମାନେ ସବୁଠାରେ ଥା’ନ୍ତି । ଆଜିର ପ୍ରଚାର ସେହି ବ୍ୟକ୍ତିଙ୍କ ଇଚ୍ଛା-ଶକ୍ତି ଏବଂ ଚରିତ୍ରର ସୌନ୍ଦର୍ଯ୍ୟ ପ୍ରତି ଇଂଗିତ କରେ- ଯେଉଁ ସବୁ ବିଷୟ ସହଜରେ ସମସ୍ତଙ୍କ ଦୃଷ୍ଟିଗୋଚର ହେବ । ଆମେ ପ୍ରାୟ ଶୁଣିଥାଉ, ‘‘ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ନିଷ୍ପତ୍ତି ନିଅ’’, ଏହା ଯେଉଁ କଥା ଉପରେ ଗୁରୁତ୍ୱ ଦିଏ, ଆମର ପ୍ରଭୁ ତାହା ଉପରେ ଭରସା ରଖି ନ ଥିଲେ । ସେ ଆମକୁ ତାଙ୍କ ସପକ୍ଷରେ ସିଦ୍ଧାନ୍ତ ନେବାକୁ କହନ୍ତି ନାହିଁ, କିନ୍ତୁ ତାଙ୍କଠାରେ ସମର୍ପଣ କରିବାକୁ କହନ୍ତି- ଯାହା ଅତି ଭିନ୍ନ । ଯୀଶୁଖ୍ରୀଷ୍ଟଙ୍କ ରାଜ୍ୟର ମୂଳଦୁଆରେ ସେହି ଲୋକମାନଙ୍କ ସୌନ୍ଦର୍ଯ୍ୟ ରହିଛି, ଯେଉଁମାନେ ପ୍ରକୃତରେ ଅତି ସାଧାରଣ । ମୁଁ ମୋର ଦାରିଦ୍ର୍ୟ ମଧ୍ୟରେ ଧନ୍ୟ ଅଟେ । ମୋର ଯଦି ପ୍ରବଳ ଇଚ୍ଛା-ଶକ୍ତି ନାହିଁ ଏବଂ ସେଭଳି ଯୋଗ୍ୟତା ସଂପନ୍ନ ସ୍ୱଭାବ ନାହିଁ, ତେବେ ଯୀଶୁ ମୋତେ କହନ୍ତି, ‘‘ତୁମେ ଧନ୍ୟ, କାରଣ ତୁମର ଦାରିଦ୍ର୍ୟ ମଧ୍ୟରେ ତୁମେ ମୋ ରାଜ୍ୟରେ ପ୍ରବେଶ କରିବ ।’’ ମୁଁ ମୋର ଉତ୍ତମ ଗୁଣ ନେଇ ତାଙ୍କ ରାଜ୍ୟରେ ପ୍ରବେଶ କରିପାରିବି ନାହିଁ, କେବଳ ଅତି ଦୁଃସ୍ଥ ଦରିଦ୍ର ରୂପେ ମୁଁ ପ୍ରବେଶ କରିପାରିବି ।

ଯେଉଁ ସ୍ୱଭାବର ସୌନ୍ଦର୍ଯ୍ୟ ଈଶ୍ୱରଙ୍କ ଗୌରବ ପ୍ରକାଶ କରେ, ସେହି ସ୍ୱଭାବ ବିଶିଷ୍ଟ ବ୍ୟକ୍ତି ତାହା ଲକ୍ଷ୍ୟ କରିପାରନ୍ତି ନାହିଁ । ଆତ୍ମଜ୍ଞାନ ସଂପନ୍ନ ପ୍ରଭାବ ଅହଂକାରଯୁକ୍ତ ଏବଂ ଅଖ୍ରୀଷ୍ଟୀୟ ଆଚରଣ ପ୍ରଦର୍ଶନ କରେ । ଈଶ୍ୱରଙ୍କ କୌଣସି କାର୍ଯ୍ୟରେ ମୁଁ ବ୍ୟବହାର ଯୋଗ୍ୟ କି ନୁହେଁ, ଏକଥା ଜାଣିବା ପାଇଁ ଉତ୍ସୁକ ହେବା ଦ୍ୱାରା ମୁଁ ପ୍ରଭୁଙ୍କ ସ୍ପର୍ଶର ସୌନ୍ଦର୍ଯ୍ୟ ଏବଂ ସରସତା ହରାଇଥାଏ । ‘‘ଯେ କେହି ମୋଠାରେ ବିଶ୍ୱାସ କରେ... ତା’ ଅନ୍ତରରୁ ଅମୃତ ଜଳର ନିର୍ଝର ପ୍ରବାହିତ ହେଉଥିବ’’ (ଯୋହନ ୭:୩୮) । ମୁଁ ଯଦି ସେହି ପ୍ରବାହିତ ନିର୍ଝରକୁ ପରୀକ୍ଷା କରେ, ତେବେ ମୁଁ ପ୍ରଭୁଙ୍କ ସ୍ପର୍ଶ ହରାଇଥାଏ ।

କେଉଁ ଲୋକମାନେ ଆମକୁ ସବୁଠାରୁ ଅଧିକ ପ୍ରଭାବିତ କରିଛନ୍ତି ? ନିଶ୍ଚିତ ରୂପେ ସେମାନେ ନୁହନ୍ତି, ଯେଉଁମାନେ ପ୍ରଭାବିତ କରିଛନ୍ତି ବୋଲି ଭାବିଥିଲେ, କିନ୍ତୁ ସେହିମାନେ, ଯେଉଁମାନେ ଆମକୁ ପ୍ରଭାବିତ କରୁଛନ୍ତି ବୋଲି ଆଦୌ କଳ୍ପନା କରି ନଥିଲେ । ଖ୍ରୀଷ୍ଟୀୟ ଜୀବନରେ ଈଶ୍ୱରୀୟ ପ୍ରଭାବ ନିଜ ବିଷୟରେ ଆଦୌ ସଚେତନ ହୁଏ ନାହିଁ । ଆମେ ଯଦି ଆମ ପ୍ରଭାବ ବିଷୟରେ ସଚେତନ ହେଉ, ତେବେ ତାହା ସୌନ୍ଦର୍ଯ୍ୟ ହରାଇବ, ଯାହା ଯୀଶୁଙ୍କ ସ୍ପର୍ଶର ବିଶେଷତ୍ୱ । ଯୀଶୁ ଯେତେବେଳେ କାର୍ଯ୍ୟ କରନ୍ତି, ଆମେ ସବୁବେଳେ ତାହା ଜାଣିପାରୁ, କାରଣ ସେ ସାଧାରଣ ବିଷୟରୁ ପ୍ରେରଣାଦାୟକ ବିଷୟ ଉତ୍ପନ୍ନ କରନ୍ତି ।

**ଅଗଷ୍ଟ ୨୨**

# ମୁଁ ସିନା... ମାତ୍ର ସେ

**ମୁଁ ସିନା ତୁମମାନଙ୍କୁ ଜଳରେ ବାପ୍ତିସ୍ମ ଦେଉଛି... ମାତ୍ର ସେ ...**
**ତୁମମାନଙ୍କୁ ପବିତ୍ରଆତ୍ମା ଓ ଅଗ୍ନିରେ ବାପ୍ତିସ୍ମ ଦେବେ ।**

**ମାଥିଉ ୩:୧୧**

ମୁଁ କ'ଣ ଜୀବନରେ ଏପରି ସ୍ଥାନକୁ ଆସିଛି, ଯେତେବେଳେ ମୁଁ କହିବି, ''ମୁଁ ସିନା... ମାତ୍ର ସେ ?'' ସେହି ମୁହୂର୍ତ୍ତ ନ ଆସିବା ପର୍ଯ୍ୟନ୍ତ ମୁଁ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ କ'ଣ ତାହା ଜାଣିପାରିବି ନାହିଁ । *ମୁଁ* ଶେଷ ପର୍ଯ୍ୟନ୍ତ ପହଞ୍ଚି ଯାଇଛି ଏବଂ ମୁଁ ଆଉ ଅଧିକ କିଛି କରିପାରୁ ନାହିଁ, *କିନ୍ତୁ ସେ,* ସେ ସେଠାରେ ଆରମ୍ଭ କରନ୍ତି– ସେ ଯାହା କରନ୍ତି, ଅନ୍ୟ କେହି ତାହା କରି ପାରିବେ ନାହିଁ । ମୁଁ ତାଙ୍କର ଆଗମନ ପାଇଁ କ'ଣ ପ୍ରସ୍ତୁତ ? ଭଲ ହେଉ ବା ମନ୍ଦ ହେଉ, କୌଣସି ବିଷୟ ବାଧା ସୃଷ୍ଟି କରୁଥିବା ପର୍ଯ୍ୟନ୍ତ ଯୀଶୁ ଆସି ମୋ ମଧ୍ୟରେ କୌଣସି କାର୍ଯ୍ୟ କରିପାରିବେ ନାହିଁ । ଯେତେବେଳେ ସେ ମୋ ପାଖକୁ ଆସିବେ, ତେବେ ମୁଁ କ'ଣ ପ୍ରସ୍ତୁତ ଅଛି ଯେ, ସେ ମୋର ସମସ୍ତ ମନ୍ଦ କାର୍ଯ୍ୟକୁ ବାହାର କରି ଆଲୋକ ମଧ୍ୟକୁ ଆଣିବେ ? ସେ ସେହି ସ୍ଥିତିରେ ଆସନ୍ତି । ଯେଉଁ ସ୍ଥାନକୁ ମୁଁ ଅଶୁଦ୍ଧ ମନେ କରେ, ସେହି ସ୍ଥାନରେ ସେ ପାଦ ପକାଇ ଠିଆ ହୋଇଯିବେ, ଆଉ ଯେଉଁ ସ୍ଥାନକୁ ମୁଁ ଶୁଦ୍ଧ ବୋଲି ଭାବେ, ସେହି ସ୍ଥାନରୁ ସେ ପାଦ ଉଠାଇ ଚାଲିଯିବେ ।

ଅନୁତାପ ପାପ ବୋଧ ଦିଏ ନାହିଁ – ଏହା ଏକ ଅବର୍ଣ୍ଣନୀୟ ଅଯୋଗ୍ୟତାର ବୋଧ ଜନ୍ମାଏ । ଅନୁତାପ କରିବା ସମୟରେ ମୋର ହୃଦ୍‌ବୋଧ ହୁଏ ଯେ, ମୁଁ ସଂପୂର୍ଣ୍ଣ ଅସହାୟ ଏବଂ ମୁଁ ଭଲ ରୂପେ ଜାଣେ ଯେ, ମୁଁ ତାଙ୍କ ପାଦୁକା ବୋହିବା ପାଇଁ ଯୋଗ୍ୟ ନହେଁ । ମୁଁ କ'ଣ ଏହି ରୂପେ ଅନୁତାପ କରିଛି ଅବା ମୋର କାର୍ଯ୍ୟ ସପକ୍ଷରେ ସମର୍ଥନ କରିବା ଚିନ୍ତା କରୁଛି ? ଈଶ୍ୱର ମୋର ଜୀବନ ମଧ୍ୟକୁ ନ ଆସିବାର କାରଣ ହେଉଛି, ମୁଁ ସଂପୂର୍ଣ୍ଣ ଅନୁତାପ କରିବା ଅବସ୍ଥାକୁ ଆସି ନାହିଁ ।

''ସେ ତୁମମାନଙ୍କୁ ପବିତ୍ର ଆତ୍ମା ଏବଂ ଅଗ୍ନିରେ ବାପ୍ତିସ୍ମ ଦେବେ ।'' ଯୋହନ ଏଠାରେ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମକୁ ଏକ ଅନୁଭୂତି ବୋଲି କହୁନାହାନ୍ତି, ମାତ୍ର ଯୀଶୁଙ୍କ ଦ୍ୱାରା ସାଧିତ ଏକ କାର୍ଯ୍ୟ ରୂପେ ପ୍ରକାଶ କରନ୍ତି । ''ସେ ତୁମମାନଙ୍କୁ ବାପ୍ତିସ୍ମ ଦେବେ ।'' ଯେଉଁମାନେ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମର ଅନୁଭୂତି ଲାଭ କରନ୍ତି, ସେମାନେ ନିଜର ସଂପୂର୍ଣ୍ଣ ଅଯୋଗ୍ୟତା ଉପଲବ୍ଧି କରନ୍ତି ।

*''ମୁଁ ସିନା''* ଅତୀତର ବିଷୟ ଥିଲା, *''କିନ୍ତୁ ସେ''* ଆସିଲେ ଏବଂ ଏକ ଆଶ୍ଚର୍ଯ୍ୟଜନକ ବିଷୟ ଘଟିଲା । ସେହି ସ୍ଥାନରେ ପହଞ୍ଚି ଯା'ନ୍ତୁ, ଯେଉଁଠାରେ ଆପଣ କିଛି କରିପାରନ୍ତି ନାହିଁ, କିନ୍ତୁ ସେ ସବୁକିଛି କରନ୍ତି ।

## ଅଗଷ୍ଟ ୨୩

# ପ୍ରାର୍ଥନା – ଗୁପ୍ତ ସ୍ଥାନରେ ଯୁଦ୍ଧ

**କିନ୍ତୁ ତୁମେ ପ୍ରାର୍ଥନା କଲାବେଳେ ତୁମ କୋଠରି ଭିତରେ**
**ପ୍ରବେଶ କରି ଦ୍ୱାର ବନ୍ଦ କର ଓ ତୁମର ଅଦୃଶ୍ୟ ପିତାଙ୍କ ନିକଟରେ ପ୍ରାର୍ଥନା କର ।**
**ତା'ହେଲେ ଯେ କି ଗୁପ୍ତ ବିଷୟ ଦେଖନ୍ତି, ସେ ତୁମକୁ ପୁରସ୍କୃତ କରିବେ ।**

**ମାଥିଉ ୬:୬**

ଯୀଶୁ କହି ନ ଥିଲେ, ''ଗୁପ୍ତରେ ଥିବା ତୁମର ପିତାଙ୍କ ବିଷୟରେ ସ୍ୱପ୍ନ ଦେଖ'', କିନ୍ତୁ ସେ କହିଥିଲେ ''ଗୋପନରେ ଥିବା ତୁମ ପିତାଙ୍କଠାରେ ପ୍ରାର୍ଥନା କର ।'' ପ୍ରାର୍ଥନା ହେଉଛି, ଇଚ୍ଛାର ପ୍ରୟାସ । ଆମେ ଗୁପ୍ତ କୋଠରିକି ଯାଉ, ଦ୍ୱାର ବନ୍ଦ କରି ପରବର୍ତ୍ତୀ କଠିନ କାର୍ଯ୍ୟ ହେଉଛି ପ୍ରାର୍ଥନା କରିବା । ଆମେ ଆମର ମନକୁ କାର୍ଯ୍ୟ କରିବାର ପ୍ରକୃତ ଅବସ୍ଥାକୁ ଆଣିପାରି ନ ଥାଉ ଏବଂ ଆମର ପ୍ରଥମ କାର୍ଯ୍ୟ ହେଉଛି, ଆମର ବିକ୍ଷିପ୍ତ ଚିନ୍ତା ବିରୁଦ୍ଧରେ ଯୁଦ୍ଧ କରିବା । ଗୁପ୍ତ ପ୍ରାର୍ଥନାର ବଡ଼ ଧରଣର ଯୁଦ୍ଧର ଉଦ୍ଦେଶ୍ୟ ହେଉଛି, ଆଳସ୍ୟ ଏବଂ ବିକ୍ଷିପ୍ତ ଚିନ୍ତା ଉପରେ ବିଜୟ ଲାଭ । ଆମେ ଆମର ମନକୁ ଶୃଙ୍ଖଳିତ କରି ଜ୍ଞାତ ସାରରେ ପ୍ରାର୍ଥନାରେ ମନୋନିବେଶ କରିବା ପାଇଁ ଶିଖିବା ଆବଶ୍ୟକ ।

ପ୍ରାର୍ଥନା ପାଇଁ ଆମକୁ ଗୋଟିଏ ବିଶେଷ ସ୍ଥାନ ବାଛିବାକୁ ହେବ । କିନ୍ତୁ ପ୍ରାର୍ଥନା ଆରମ୍ଭ କରିବା ସମୟରେ ଅନେକ ବିକ୍ଷିପ୍ତ ଚିନ୍ତା ଆମକୁ ବ୍ୟତିବ୍ୟସ୍ତ କରିବା ଫଳରେ ଆମେ ଭାବୁ, ''ଏହି କାମ କରିବାକୁ ହେବ, ଆଉ ଆଜି ମୋତେ ଏହା କରିବାକୁ ହେବ'' । ଯୀଶୁ କହନ୍ତି, ''ଦ୍ୱାର ବନ୍ଦ କର ।'' ଗୁପ୍ତରେ ଈଶ୍ୱରଙ୍କ ସମ୍ମୁଖରେ ନୀରବତା ରକ୍ଷା କରିବା ଅର୍ଥ ହେଉଛି, ଯତ୍ନପୂର୍ବକ ଆମର ସବୁ ଭାବାବେଗର ଦ୍ୱାର ବନ୍ଦ କରିଦେବା ଏବଂ ଈଶ୍ୱରଙ୍କୁ ସ୍ମରଣ କରିବା । ଗୁପ୍ତରେ ଥିବା ଈଶ୍ୱର ଆମକୁ ଗୁପ୍ତ ସ୍ଥାନରୁ ନିରୀକ୍ଷଣ କରନ୍ତି । ଅନ୍ୟମାନେ ଯେଭଳି ଦେଖନ୍ତି ଏବଂ ଆମେ ନିଜକୁ ଯେଭଳି ଦେଖୁ, ଈଶ୍ୱର ସେହିଭଳି ଦେଖନ୍ତି ନାହିଁ । ପ୍ରକୃତରେ ଆମେ ଯେତେବେଳେ ''ଗୁପ୍ତ ସ୍ଥାନରେ'' ଥାଉ, ସେତେବେଳେ ଈଶ୍ୱରଙ୍କୁ ସନ୍ଦେହ କରିବା ଆମ ପକ୍ଷରେ ଅସମ୍ଭବ ହୁଏ । ଆମେ ଅନ୍ୟ ସମସ୍ତଙ୍କ ଅପେକ୍ଷା ଏବଂ ଅନ୍ୟ ସବୁ ବିଷୟ ଅପେକ୍ଷା ଈଶ୍ୱରଙ୍କ ପ୍ରତି ଅଧିକ ବିଶ୍ୱସ୍ତ ହେଉ । ଆପଣଙ୍କ ''ଗୁପ୍ତ ସ୍ଥାନରେ'' ପ୍ରବେଶ କରନ୍ତୁ, ଆପଣ ଜାଣିବେ ଯେ, ଆପଣଙ୍କ ଦୈନନ୍ଦିନ ଜୀବନର ପରିସ୍ଥିତି ମଧ୍ୟରେ ଈଶ୍ୱର ସର୍ବଦା ବିଦ୍ୟମାନ ଥିଲେ । ସବୁ ବିଷୟରେ ଈଶ୍ୱରଙ୍କ ସହ ସଂପର୍କ ରଖିବାର ଆନନ୍ଦ ଲାଭ କରନ୍ତୁ । ସଂପୂର୍ଣ୍ଣ ରୂପେ ଆପଣଙ୍କ ଜୀବନର ଦ୍ୱାର ନ ଖୋଲିଲେ ଏବଂ ଆପଣଙ୍କ ଜାଗ୍ରତ ଅବସ୍ଥାର ପ୍ରଥମ ମୁହୂର୍ତ୍ତରୁ ଈଶ୍ୱରଙ୍କୁ ପ୍ରବେଶ କରିବା ପାଇଁ ଅନୁମତି ନ ଦେଲେ ଆପଣ ଦିନ ସାରା ଭୁଲ୍ ଉପାୟରେ କାମ କରିପାରିବେ, କିନ୍ତୁ ଆପଣ ଯଦି ଜୀବନର ଦ୍ୱାରକୁ ଉନ୍ମୁକ୍ତ ରଖି ''ଗୁପ୍ତ ସ୍ଥାନରେ ଥିବା ପିତାଙ୍କ ନିକଟରେ ପ୍ରାର୍ଥନା କରିବେ,'' ଆପଣଙ୍କ ସମସ୍ତ ଖୋଲା ବିଷୟ ପ୍ରତି ଈଶ୍ୱରଙ୍କ ଉପସ୍ଥିତିର ଅଲିଭା ଛାପ ରହିଯିବ ।

**ଅଗଷ୍ଟ ୨୪**

# ଆତ୍ମିକ ଅନ୍ୱେଷଣ

## ତୁମମାନଙ୍କ ମଧ୍ୟରେ ଏପରି କିଏ ଅଛି, ଯେ ନିଜ ପୁଅ ରୋଟୀ ମାଗିଲେ ତାକୁ ପଥର ଦେବ ?

### ମାଥିଉ ୭:୯

ପ୍ରାର୍ଥନା ବିଷୟରେ ପ୍ରଭୁ ଏଠାରେ ଏକ ଉତ୍ତମ ଶିଶୁ ଉତ୍ତମ ବିଷୟ ମାଗିବାର ଉଦାହରଣ ଦେଲେ । ଆମେ ପ୍ରାର୍ଥନା ବିଷୟରେ ଏପରି କହିଥାଉ, ଯେପରି ଈଶ୍ୱର ସବୁବେଳେ ଆମର ପ୍ରାର୍ଥନା ଶୁଣନ୍ତି, ତାଙ୍କ ସହିତ ଆମ ସଂପର୍କ ଯାହା ଥାଉ ପଛେ, ସେଥିରେ ଚିନ୍ତା ନାହିଁ (ମାଥିଉ ୫:୪୫) । କେବେ ସୁଦ୍ଧା କୁହନ୍ତୁ ନାହିଁ ଯେ, ଆପଣ ଯାହା ମାଗିଛନ୍ତି, ତାହା ଦେବା ପାଇଁ ଈଶ୍ୱରଙ୍କ ଇଚ୍ଛା ନାହିଁ । ନିରାଶ ହୁଅନ୍ତୁ ନାହିଁ, କିନ୍ତୁ ନ ପାଇବାର କାରଣ ଖୋଜନ୍ତୁ, ଖୋଜିବାର ମାତ୍ରା ବଢ଼ାଇ ଦିଅନ୍ତୁ ଏବଂ ତଥ୍ୟକୁ ଯାଞ୍ଚ କରନ୍ତୁ । ଆପଣଙ୍କ ଜୀବନ ସାଥୀ, ସନ୍ତାନ ଏବଂ ଛାତ୍ରମାନଙ୍କ ସହିତ ଆପଣଙ୍କର ଯଥାର୍ଥ ସଂପର୍କ ଅଛି କି ? ସେହି ସଂପର୍କ ଦୃଷ୍ଟିରୁ ଆପଣ କ'ଣ ଜଣେ ''ଉତ୍ତମ ଶିଶୁ ?'' ଆପଣ କ'ଣ ପ୍ରଭୁଙ୍କୁ କହୁଛନ୍ତି, ''ମୁଁ ତ କ୍ଷଣକୋପୀ ଏବଂ ଅସହିଷ୍ଣୁ ହୋଇଛି, ତଥାପି ମୁଁ ଆତ୍ମିକ ଆଶୀର୍ବାଦ ଚାହୁଁଛି ?'' ଗୋଟିଏ ''ଉତ୍ତମ ଶିଶୁ'' ର ମନୋଭାବ ନ ପାଇବା ପର୍ଯ୍ୟନ୍ତ ଆପଣ ତାହା ପାଇ ପାରିବେ ନାହିଁ ଏବଂ ତାହା ପାଇବା ବିନା ରହିବେ ।

ଆମେ ଅବଜ୍ଞାକୁ ଭକ୍ତି ବୋଲି ଭାବି ଭୁଲ୍ କରିଛୁ ଏବଂ ନିଜକୁ ଈଶ୍ୱରଙ୍କଠାରେ ସମର୍ପଣ କରିବା ବ୍ୟତୀତ ତାଙ୍କ ସହିତ ଯୁକ୍ତି କରିଛୁ । ଆମେ ସେହି ତଥ୍ୟ ପ୍ରତି ଧ୍ୟାନ ଦେଇ ନାହୁଁ, ଯାହା ସ୍ପଷ୍ଟ ପ୍ରକାଶ କରେ ଯେ, ଆମେ ଭୁଲ୍ କରିଛୁ । ମୁଁ କ'ଣ ଈଶ୍ୱରଙ୍କଠାରୁ ଆର୍ଥିକ ସାହାଯ୍ୟ ମାଗୁଛି କିନ୍ତୁ ଅନ୍ୟର ଋଣ ପରିଶୋଧ କରି ନାହିଁ ? ମୁଁ କ'ଣ ଈଶ୍ୱରଙ୍କଠାରୁ ମୁକ୍ତି ଭିକ୍ଷା କରୁଛି, ଅଥଚ ଅନ୍ୟକୁ ମୁକ୍ତ କରିବାରେ ବାଧା ସୃଷ୍ଟି କରୁଛି ? ମୁଁ କ'ଣ କାହାକୁ କ୍ଷମା ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଛି ଏବଂ କାହା ପ୍ରତି କଠୋର ହୋଇଛି ? ମୋର ଆତ୍ମୀୟ ସ୍ୱଜନ ଏବଂ ବନ୍ଧୁମାନଙ୍କ ଗହଣରେ ମୁଁ କ'ଣ ଈଶ୍ୱରଙ୍କ ସନ୍ତାନ ରୂପେ ବାସ କରୁଛି ? (ମାଥିଉ ୭:୧୨) ।

ନୂତନ ଜନ୍ମ ଦ୍ୱାରା ମୁଁ ଈଶ୍ୱରଙ୍କ ସନ୍ତାନ ହୁଏ ଏବଂ ତାଙ୍କର ସନ୍ତାନ ରୂପେ ମୁଁ କେବଳ ଉତ୍ତମ ହୋଇପାରେ ଯେତେବେଳେ ମୁଁ ''ଜ୍ୟୋତିଃରେ ଗମନ କରେ'' (୧ ଯୋହନ ୧:୭) । ଆମ ଅଧିକାଂଶଙ୍କ ପାଇଁ ପ୍ରାର୍ଥନା କେବଳ ସାଧାରଣ ଧାର୍ମିକ ଅଭିବ୍ୟକ୍ତି କିମ୍ବା ଈଶ୍ୱରଙ୍କ ସହିତ ଏକ ଭାବନାତ୍ମକ ଏବଂ ରହସ୍ୟପୂର୍ଣ୍ଣ ସଂଗତି ହୋଇପାରେ । ଆମେ ସମସ୍ତେ ଆତ୍ମିକ କୁହେଳି ସୃଷ୍ଟି କରିବାରେ ସିଦ୍ଧହସ୍ତ, ଯାହା ଆମର ଆଖିକୁ ଧନ୍ଦଳା କରିଦିଏ କିନ୍ତୁ ଆମେ ଯଦି ତଥ୍ୟ ଖୋଜିବା ଓ ତାକୁ ଯାଞ୍ଚ କରିବା, ତେବେ ଆମେ ଆମର ଭୁଲ୍ ଦେଖି ପାରିବା । ତା' ହୁଏତ ବନ୍ଧୁତା, ପରିଶୋଧ କରି ନ ଥିବା ଋଣ କିମ୍ବା ଅନୁଚିତ ମନୋଭାବ ହୋଇପାରେ । ଈଶ୍ୱରଙ୍କ ସନ୍ତାନ ରୂପେ ଜୀବନ ଅତିବାହିତ ନ କଲେ ପ୍ରାର୍ଥନାର କୌଣସି ମୂଲ୍ୟ ନାହିଁ । ଯୀଶୁ ତାଙ୍କର ପିଲାମାନଙ୍କ ବିଷୟରେ କହନ୍ତି, ''ଯେ ମାଗେ, ସେ ପାଏ'' (ମାଥିଉ ୭:୮) ।

ଅଗଷ୍ଟ ୨୫

# ବଳିଦାନ ଏବଂ ବନ୍ଧୁତା

**ମୁଁ ତୁମମାନଙ୍କୁ ବନ୍ଧୁ ବୋଲି କହୁଛି ।**

**ଯୋହନ ୧୫:୧୫**

ଆମ ଜୀବନର ଛୋଟ ଛୋଟ ବିଷୟ ସମର୍ପଣ ନ କରିବା ପର୍ଯ୍ୟନ୍ତ ଆମେ ଆତ୍ମ-ବଳିଦାନର ଆନନ୍ଦ ଅନୁଭବ କରିବା ନାହିଁ । ତଥାପି ଆମ ପାଇଁ ଆତ୍ମ ବଳିଦାନ ସବୁଠାରୁ କଠିନ ବିଷୟ ହୋଇଥାଏ । ଆମେ ତାକୁ ସର୍ତ୍ତମୂଳକ କରି କହୁ, ''ମୁଁ ସମର୍ପଣ କରିବି ଯଦି...'' । ଆମେ କହିଥାଉ, ''ମନେହୁଏ, ମୋତେ ମୋର ଜୀବନ ଈଶ୍ୱରଙ୍କୁ ସମର୍ପଣ କରିବାକୁ ହେବ ।'' ଏଥିରୁ କୌଣସି ଉପାୟରେ ମଧ୍ୟ ଆମେ ଆତ୍ମ ବଳିଦାନର ଆନନ୍ଦ ଲାଭ କରିପାରିବା ନାହିଁ ।

ଯେଉଁ ମୁହୂର୍ତ୍ତରେ ଆମେ ନିଜକୁ ଅସ୍ୱୀକାର ପୂର୍ବକ ଯୀଶୁଙ୍କଠାରେ ସମର୍ପଣ କରୁ, ପବିତ୍ରଆତ୍ମା ଆମକୁ ତାଙ୍କର ଆନନ୍ଦ ପ୍ରଦାନ କରନ୍ତି । ଆତ୍ମ-ବଳିଦାନର ଚରମ ଲକ୍ଷ୍ୟ ହେଉଛି, ଆମର ବନ୍ଧୁମାନଙ୍କ ପାଇଁ ପ୍ରାଣଦାନ (୧୫:୧୩-୧୪ ଦେଖନ୍ତୁ) । ଯେତେବେଳେ ପବିତ୍ର ଆତ୍ମା ଆମ ଜୀବନକୁ ଆସନ୍ତି, ଯୀଶୁଙ୍କ ପାଇଁ ପ୍ରାଣ ଦାନ କରିବା ପାଇଁ ଆମେ ଆଗ୍ରହ ପ୍ରକାଶ କରୁ । ତଥାପି ଆତ୍ମ-ବଳିଦାନର ଚିନ୍ତା ଆମ ମନକୁ ସ୍ପର୍ଶ କରିପାରେ ନାହିଁ, କାରଣ ବଳିଦାନ ହେଉଛି, ପବିତ୍ର ଆତ୍ମାଙ୍କ ପ୍ରେମର ଚରମ ଅଭିବ୍ୟକ୍ତି ।

ଆମର ପ୍ରଭୁ ଆତ୍ମ-ବଳିଦାନର ଏକ ଉଦାହରଣ ଏବଂ ତାଙ୍କ ଜୀବନରେ ଗୀତସଂହିତା ୪୦:୮ର ଉଦାହରଣ ସ୍ପଷ୍ଟ ରୂପେ ପ୍ରଦର୍ଶିତ ହୋଇଥିଲା । ସେଠାରେ ଲେଖାଯାଏ, ''ହେ ମୋର ଈଶ୍ୱର, ତୁମର ଇଚ୍ଛା ସାଧନ କରିବାକୁ ମୁଁ ଆନନ୍ଦ ଲାଭ କରେ ।'' ସେ ଉଚ୍ଛୁଳା ଆନନ୍ଦ ସହ ମହାନ୍ ବଳିଦାନ କାର୍ଯ୍ୟ ସଂପନ୍ନ କଲେ । ମୁଁ କ'ଣ ସଂପୂର୍ଣ୍ଣ ବାଧ୍ୟତା ସହ ଯୀଶୁଙ୍କଠାରେ ନିଜକୁ ସମର୍ପଣ କରିଛି ? ଦିଗ୍‌ଦର୍ଶନ ଏବଂ ଚାଳନା ପାଇଁ ମୁଁ ଯଦି ଯୀଶୁଙ୍କୁ ଖୋଜି ନାହିଁ, ତେବେ ମୋର ବଳିଦାନ ଲାଭଜନକ ନୁହେଁ, କିନ୍ତୁ ଯେତେବେଳେ ତାଙ୍କ ପ୍ରତି ସ୍ଥିର ଦୃଷ୍ଟି ରଖି ମୁଁ ବଳିଦାନ କରେ, ଧୀର ଗତିରେ ନିଶ୍ଚିତ ରୂପେ ମୋ ଜୀବନରେ ତାଙ୍କର ଗଢ଼ିବାର ପ୍ରଭାବ ଅନୁଭୂତ ହୁଏ (ଏବ୍ରୀ ୧୨:୧-୨ ଦେଖନ୍ତୁ) ।

ପ୍ରେମରେ ଈଶ୍ୱରଙ୍କ ସମ୍ମୁଖରେ ଆପଣଙ୍କ ଚାଲିବା କ୍ଷେତ୍ରରେ ଆପଣଙ୍କ ସ୍ୱାଭାବିକ ଅଭିଳାଷ ଯେପରି ବାଧା ସୃଷ୍ଟି ନ କରେ, ସେଥିପ୍ରତି ସାବଧାନ ରୁହନ୍ତୁ । ସ୍ୱାଭାବିକ ପ୍ରେମକୁ ହତ୍ୟା କରିବାର ନିଷ୍ଠୁର ଉପାୟ ହେଉଛି, ଏହାକୁ ଅଗ୍ରାହ୍ୟ କରିବା । ଏହି ପ୍ରେମ ସ୍ୱାଭାବିକ ଅଭିଳାଷ ଉପରେ ସ୍ଥାପିତ, କିନ୍ତୁ ଜଣେ ପବିତ୍ର ଲୋକଙ୍କ ପ୍ରକୃତ ଇଚ୍ଛା ପ୍ରଭୁ ଯୀଶୁ ଅଟନ୍ତି । ଈଶ୍ୱରଙ୍କ ପ୍ରତି ପ୍ରେମ ଏକ ଭାବପ୍ରବଣତା ନୁହେଁ- ଈଶ୍ୱର ଯେପରି ପ୍ରେମ କରନ୍ତି, ସେହିଭଳି ଜଣେ ପବିତ୍ର ଲୋକଙ୍କ ଦୃଷ୍ଟିରେ ପ୍ରେମ ଏକ ବ୍ୟାବହାରିକ ବିଷୟ ହୋଇଥାଏ ।

''ମୁଁ ତୁମମାନଙ୍କୁ ବନ୍ଧୁ ବୋଲି କହିଛି ।'' ଯୀଶୁଙ୍କ ସହିତ ଆମର ବନ୍ଧୁତା, ଆମ ମଧ୍ୟରେ ତାଙ୍କ ଦ୍ୱାରା ସୃଷ୍ଟ ନୂତନ ଜୀବନ ଉପରେ ପ୍ରତିଷ୍ଠିତ । ଆମର ପୁରାତନ ଜୀବନ ସହିତ ଏହାର କୌଣସି ସାମଞ୍ଜସ୍ୟ କିମ୍ବା ଆକର୍ଷଣ ନାହିଁ । କେବଳ ଈଶ୍ୱରଙ୍କ ଜୀବନ ସହିତ ଏହାର ସାମଞ୍ଜସ୍ୟ ଅଛି । ଏହି ଜୀବନ ସଂପୂର୍ଣ୍ଣ ରୂପେ ନମ୍ର, ପବିତ୍ର ଏବଂ ଈଶ୍ୱରଙ୍କ ପ୍ରତି ସମର୍ପିତ ।

**ଅଗଷ୍ଟ ୨୬**

# ଆପଣ କ'ଣ ଦୁର୍ଦ୍ଦଶାଗ୍ରସ୍ତ ହୋଇଛନ୍ତି ?

**ମୁଁ ତୁମ୍ଭମାନଙ୍କୁ ଶାନ୍ତି ଦାନ କରିଯାଉଛି ।**
**ମୋ ନିଜର ଶାନ୍ତି ତୁମ୍ଭମାନଙ୍କୁ ଦାନ କରୁଛି ।**

**ଯୋହନ ୧୪:୨୭**

ଅନେକ ସମୟରେ ଆମ ଜୀବନରେ ଆମର ଶାନ୍ତି ଆମର ଅଜ୍ଞତା ଉପରେ ସ୍ଥାପିତ ହୋଇଥାଏ, କିନ୍ତୁ ଆମେ ଯେତେବେଳେ ଜୀବନର ବାସ୍ତବତା ପ୍ରତି ଜାଗ୍ରତ ହୋଇ ଉଠୁ, ପ୍ରକୃତ ଆନ୍ତରିକ ଶାନ୍ତି ଯୀଶୁଙ୍କଠାରୁ ନ ମିଳିବା ପର୍ଯ୍ୟନ୍ତ ଏହା ଅସମ୍ଭବ ମନେହୁଏ । ଯେତେବେଳେ ଆମର ପ୍ରଭୁ ଶାନ୍ତି ବିଷୟରେ କହନ୍ତି, ସେ ଶାନ୍ତି ସୃଷ୍ଟି କରନ୍ତି, କାରଣ ସେ ଯେଉଁ କଥା କହନ୍ତି, ''ତାହା ଆତ୍ମା ଏବଂ ଜୀବନ'' (ଯୋହନ ୬:୬୩) । ଯୀଶୁଙ୍କ ଉଚ୍ଚାରିତ କଥା ମୁଁ କ'ଣ ଶୁଣିଛି ? ''ମୋ ନିଜର ଶାନ୍ତି ମୁଁ ତୁମକୁ ଦେଉଛି''– ଯେଉଁ ଶାନ୍ତି ତାଙ୍କର ମୁଖକୁ ଦେଖିବା ଦ୍ୱାରା ଏବଂ ତାଙ୍କର ପ୍ରସନ୍ନତାକୁ ବୁଝିବା ଏବଂ ପାଇବା ଦ୍ୱାରା ଆସିଥାଏ ।

ଆପଣ ବର୍ତ୍ତମାନ କ'ଣ ଦୁଃଖଦ ପରିସ୍ଥିତିରେ ଅଛନ୍ତି ? ଈଶ୍ୱର ଆପଣଙ୍କ ଜୀବନରେ ଯେଉଁ ଦୁଃଖର ଲହରୀ ଖେଳାଇ ଦେଇଛନ୍ତି, ସେଥିପାଇଁ ଆପଣ କ'ଣ ଭୟଭୀତ ଏବଂ ବିଚଳିତ ହୋଇଛନ୍ତି ? ବିଶ୍ୱାସର ସବୁ ଉପାୟ ଅବଲମ୍ବନ କରି ସୁଦ୍ଧା ଶାନ୍ତି, ଆନନ୍ଦ ଏବଂ ସାନ୍ତ୍ୱନା–କୂପର ସଂଧାନ ପାଇନାହାନ୍ତି ? ଆପଣଙ୍କ ଜୀବନ ସଂପୂର୍ଣ୍ଣ ଫଳହୀନ ମନେ ହେଉଛି କି ? ତା' ହେଲେ ଉପରକୁ ଚାହିଁ ଦେଖନ୍ତୁ ଏବଂ ପ୍ରଭୁ ଯୀଶୁଙ୍କ ଶାନ୍ତି ଏବଂ ପ୍ରସନ୍ନତା ଗ୍ରହଣ କରନ୍ତୁ । ତାଙ୍କ ଶାନ୍ତିର ପ୍ରତିଫଳନ ପ୍ରମାଣ କରେ ଯେ, ଈଶ୍ୱରଙ୍କ ସହିତ ଆପଣଙ୍କର ଯଥାର୍ଥ ସଂପର୍କ ଅଛି, କାରଣ ତାଙ୍କ ପ୍ରତି ମନୋନିବେଶ କରିବା ପାଇଁ ଆପଣ ଆପଣଙ୍କ ସ୍ୱାଧୀନତା ପ୍ରଦର୍ଶନ କରୁଛନ୍ତି । ଯଦି ଈଶ୍ୱରଙ୍କ ସହିତ ଆପଣଙ୍କ ଉପଯୁକ୍ତ ସଂପର୍କ ନାହିଁ, ତେବେ ଆପଣ ଆପଣଙ୍କ ମନକୁ ନିଜ ଛଡ଼ା ଆଉ କୌଣସି ବିଷୟ ପ୍ରତି ସ୍ଥିର ରଖି ପାରିବେ ନାହିଁ । ଆପଣଙ୍କଠାରୁ ଯୀଶୁ ଖ୍ରୀଷ୍ଟଙ୍କ ମୁଖକୁ ଲୁଚାଇବା ପାଇଁ ଯଦି କୌଣସି ବିଷୟକୁ ଅନୁମତି ଦିଅନ୍ତି, ତେବେ ଆପଣ ଦୁର୍ଦ୍ଦଶାଗ୍ରସ୍ତ ହେବେ କିମ୍ବା ଆପଣଙ୍କ ସୁରକ୍ଷା ଯେ ଭ୍ରାନ୍ତିଜନକ, ସେହି ବୋଧ ପାଇବେ ।

ବର୍ତ୍ତମାନ ଯେଉଁ ସମସ୍ୟା ଆପଣଙ୍କୁ ବ୍ୟତିବ୍ୟସ୍ତ କରୁଛି, ସେଥିପାଇଁ ଆପଣ କ'ଣ ''ଯୀଶୁଙ୍କ ପ୍ରତି ଦୃଷ୍ଟି ରଖିଛନ୍ତି'' (ଏବ୍ରୀ ୧୨:୨) ଏବଂ ତାଙ୍କର ଶାନ୍ତି ପାଇଛନ୍ତି ? ଯଦି ତାହା ହୋଇଥାଏ, ତେବେ ଈଶ୍ୱର ଆପଣଙ୍କ ମଧ୍ୟରେ ଏବଂ ଆପଣଙ୍କ ଦ୍ୱାରା ଶାନ୍ତିପୂର୍ଣ୍ଣ ଆଶୀର୍ବାଦର ଭାବ ସ୍ୱରୂପ ହେବେ, କିନ୍ତୁ ଆପଣ ଯଦି ଆପଣଙ୍କ ସମସ୍ୟାରେ କେବଳ ଘାରି ହୁଅନ୍ତି, ତେବେ ଆପଣଙ୍କ ମଧ୍ୟରେ ଆପଣ ଈଶ୍ୱରଙ୍କ ପ୍ରଭାବକୁ ନଷ୍ଟ କରନ୍ତି, ଏବଂ ଆପଣଙ୍କର ଯାହା ପ୍ରାପ୍ୟ, ତାହା କେବଳ ପା'ନ୍ତି । ଆମେ ଦୁଃଖ ପାଉ, କାରଣ ଆମେ ଈଶ୍ୱରଙ୍କ ପ୍ରତି ଧ୍ୟାନ ଦେଇ ନ ଥାଉ । ଯେତେବେଳେ ଜଣେ ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କ ସହିତ ପରାମର୍ଶ କରନ୍ତି, ସନ୍ଦେହ ଦୂର ହୁଏ, କାରଣ ତାଙ୍କଠାରେ ସନ୍ଦେହ ନାହିଁ । ତାଙ୍କଠାରେ ସବୁକିଛି ସମର୍ପଣ କରନ୍ତୁ, ଏବଂ ଦୁଃଖ, ମୃତ୍ୟୁବିଚ୍ଛେଦ ଏବଂ ନୈରାଶ୍ୟ ସମୟରେ ତାଙ୍କର ଏହି ବାକ୍ୟ ଶୁଣନ୍ତୁ, ''ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ ନ ହେଉ'' (ଯୋହନ ୧୪:୨୭) ।

## ଅଗଷ୍ଟ ୨୭

# ଆପଣଙ୍କ ଧର୍ମତତ୍ତ୍ୱ ଆଧାରିତ ଜୀବନ

**ଅନ୍ଧକାର ତୁମକୁ ଆଚ୍ଛନ୍ନ କରିବା ପୂର୍ବରୁ ଜ୍ୟୋତି ଥାଉଁ ଥାଉଁ ତହିଁରେ ଗମନାଗମନ କର ।**

**ଯୋହନ ୧୨:୩୫**

ପାହାଡ଼ ଉପରେ ଈଶ୍ୱରଙ୍କ ସହିତ ଅତିବାହିତ କରିଥିବା ସମୟ ମଧ୍ୟରେ ଆପଣ ଯାହା ଦେଖନ୍ତି, ତାହାକୁ  କାର୍ଯ୍ୟକାରୀ ନ କରିବା ବିଷୟରେ ସତର୍କ ରୁହନ୍ତୁ । ଆପଣ ଯଦି ଜ୍ୟୋତିଃର ବାଧ୍ୟ ନ ହୁଅନ୍ତି, ତେବେ ତାହା ଅନ୍ଧକାରରେ ପରିଣତ ହେବ ।'' ତୁମ ଅନ୍ତରସ୍ଥ ଆଲୋକ ଯଦି ଅନ୍ଧକାରମୟ ହୁଏ, ତେବେ ସେହି ଅନ୍ଧକାର କେତେ ନିବିଡ଼'' (ମାଥିଉ ୬:୨୩) ! ଯେଉଁ ମୁହୂର୍ତ୍ତରେ ଆପଣ ପବିତ୍ରୀକରଣ ବିଷୟକୁ ତୁଚ୍ଛ କରନ୍ତି, ଅବା ଏପରି କୌଣସି ବିଷୟକୁ ଅଣଦେଖା କରନ୍ତି, ଯାହା ପ୍ରତି ଈଶ୍ୱର ଆପଣଙ୍କୁ ଆଲୋକ ପ୍ରଦାନ କରିଛନ୍ତି, ଆପଣଙ୍କ ମଧ୍ୟରେ ଆପଣଙ୍କ ଆତ୍ମିକ ଜୀବନ ଚୂର୍ଣ୍ଣ ହେବା ଆରମ୍ଭ କରେ । ସତ୍ୟକୁ ନିରନ୍ତର ଆପଣଙ୍କ ପ୍ରକୃତ ଜୀବନର ବାହାରକୁ ଆଣନ୍ତୁ ଏବଂ ପ୍ରତି କ୍ଷେତ୍ରରେ ତାହାକୁ କାର୍ଯ୍ୟକାରୀ କରନ୍ତୁ, ନଚେତ୍ ଆପଣଙ୍କ ପାଖରେ ଯେଉଁ ଆଲୋକ ଅଛି, ତାହା ଅଭିଶାପରେ ପରିଣତ ହେବ ।

ସେ  ହେଉଛନ୍ତି ସବୁଠାରୁ ଦୁର୍ବୋଧ୍ୟ ଲୋକ, ଯେ ଅତୀତ ଅନୁଭୂତିକୁ ନେଇ ଗର୍ବ କରନ୍ତି ଏବଂ ଆତ୍ମ ସନ୍ତୋଷ ଲାଭ କରନ୍ତି, କିନ୍ତୁ ଦୈନନ୍ଦିନ ଜୀବନରେ ସେହି ଅନୁଭୂତିକୁ କାର୍ଯ୍ୟକାରୀ କରନ୍ତି ନାହିଁ । ଆପଣ ଯଦି କହନ୍ତି ଯେ, ଆପଣ ପବିତ୍ରୀକୃତ, ତେବେ ତାହା ପ୍ରଦର୍ଶନ କରନ୍ତୁ । ସେହି ଅନୁଭୂତି ଏତେ ବିଶୁଦ୍ଧ ହେବା ଆବଶ୍ୟକ ଯେ, ଆପଣଙ୍କ ଜୀବନରେ ତାହା ପ୍ରଦର୍ଶିତ ହୋଇ ପାରିବ । ଏପରି କୌଣସି ବିଚାରଧାରା ପ୍ରତି ସତର୍କ ରହନ୍ତୁ, ଯାହା ଆପଣଙ୍କୁ ଅସଂଯତ କରେ ଏବଂ ମନରେ ଆତ୍ମ ସନ୍ତୋଷ ଭରି ଦିଏ, ସେହି ବିଚାରଧାରା ନରକର ଗର୍ତ୍ତରୁ ଆସିଥାଇପାରେ ଏବଂ ଶ୍ରୁତିମଧୁର ହୋଇପାରେ ।

ଆପଣଙ୍କ ଧର୍ମତତ୍ତ୍ୱ ଆପଣଙ୍କ ଦୈନନ୍ଦିନ ସାଧାରଣ ସଂପର୍କ ମଧ୍ୟରେ କାର୍ଯ୍ୟକାରୀ ଅବସ୍ଥାରେ ପ୍ରଦର୍ଶିତ ହେବା ଆବଶ୍ୟକ । ଆମର ପ୍ରଭୁ କହିଲେ, ''ତୁମମାନଙ୍କ ଧାର୍ମିକତା ଶାସ୍ତ୍ରଜ୍ଞ ଓ ଫାରୁଶୀମାନଙ୍କ ଧାର୍ମିକତାଠାରୁ ଅଧିକ ନ ହେଲେ ତୁମେମାନେ ଆଦୌ ସ୍ୱର୍ଗରାଜ୍ୟରେ ପ୍ରବେଶ କରିପାରିବ ନାହିଁ'' (ମାଥିଉ ୫:୨୦) । ଅନ୍ୟ କଥାରେ ଆପଣ ଜାଣିଥିବା ସବୁଠାରୁ ଅଧିକ ନୀତିବାନ୍ ବ୍ୟକ୍ତିଙ୍କଠାରୁ ଆପଣଙ୍କ ନୈତିକତା ଅଧିକ ହେବା ଉଚିତ । ଆପଣ ହୁଏତ ପବିତ୍ରୀକରଣର ସବୁ ମୌଳିକ ତତ୍ତ୍ୱ ଜାଣନ୍ତି, କିନ୍ତୁ ତାହାକୁ କ'ଣ ଦୈନନ୍ଦିନ ଜୀବନରେ କାର୍ଯ୍ୟକାରୀ କରୁଛନ୍ତି ? ଆପଣଙ୍କ ଜୀବନର ଶାରୀରିକ, ନୈତିକ ଏବଂ ଆତ୍ମିକ ସମସ୍ତ ବିଷୟ ଖ୍ରୀଷ୍ଟଙ୍କ କ୍ରୁଶର ପ୍ରାୟଶ୍ଚିତ୍ତ କାର୍ଯ୍ୟର ମାନଦଣ୍ଡ ଅନୁସାରେ ମପାଯିବ ।

**ଅଗଷ୍ଟ ୨୮**

# ପ୍ରାର୍ଥନାର ଉଦ୍ଦେଶ୍ୟ

### ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ତାଙ୍କୁ କହିଲେ, ‘‘ପ୍ରଭୁ, ଆମକୁ ମଧ୍ୟ (ପ୍ରାର୍ଥନା କରିବା) ଶିଖାଇ ଦିଅନ୍ତୁ ।’’

### ଲୂକ ୧୧:୧

ପ୍ରାର୍ଥନା ଜଣେ ସ୍ୱାଭାବିକ ମନୁଷ୍ୟ ଜୀବନର ସାମାନ୍ୟ ଅଂଶ ନୁହେଁ । ଆମେ ଶୁଣିଥାଉ ଯେ, ପ୍ରାର୍ଥନା ବିହୀନ ଲୋକର ଜୀବନ ଦୁଃଖପୂର୍ଣ୍ଣ ହୁଏ, କିନ୍ତୁ ମୁଁ ସେ ବିଷୟରେ ପ୍ରଶ୍ନ କରେ । ଯଦି କିଏ ଦୁଃଖ ପାଇବେ, ତେବେ ସେ ହେଉଛନ୍ତି ତାଙ୍କ ମଧ୍ୟରେ ଥିବା ଈଶ୍ୱରଙ୍କ ପୁତ୍ର, କାରଣ ସେ ଖାଦ୍ୟ ଦ୍ୱାରା ନୁହେଁ, ମାତ୍ର ପ୍ରାର୍ଥନା ଦ୍ୱାରା ପରିପୁଷ୍ଟ ହୁଅନ୍ତି । ଯେତେବେଳେ ଜଣେ ବ୍ୟକ୍ତି ଊର୍ଦ୍ଧ୍ୱରୁ ନୂତନ ଜନ୍ମ ପା’ନ୍ତି, ଈଶ୍ୱରଙ୍କ ପୁତ୍ରଙ୍କ ଜୀବନ ତାଙ୍କ ମଧ୍ୟରେ ଜନ୍ମ ନିଏ ଏବଂ ସେ ତାହାକୁ ଅନାହାରରେ ରଖି ପାରନ୍ତି ଅବା ତା’ର ପୁଷ୍ଟି ସାଧନ କରିପାରନ୍ତି । ପ୍ରାର୍ଥନା ବିଷୟକ ଆମର ସାଧାରଣ ଚିନ୍ତାଧାରା ନୂତନ ନିୟମରେ ମିଳେ ନାହିଁ । ଆମେ ପ୍ରାର୍ଥନାକୁ ଆମ ପାଇଁ କେତେକ ଜନିଷ ପାଇବାର ମାଧ୍ୟମ ରୂପେ ଦେଖିଥାଉ, କିନ୍ତୁ ପ୍ରାର୍ଥନାର ବାଇବଲ ଆଧାରିତ ଉଦ୍ଦେଶ୍ୟ ହେଉଛି, ସ୍ୱୟଂ ଈଶ୍ୱରଙ୍କୁ ଜାଣିବା ।

‘‘ମାଗ, ତୁମମାନଙ୍କୁ ଦିଆଯିବ’’ (ଯୋହନ ୧୬:୨୪) । ଆମେ ଈଶ୍ୱରଙ୍କ ଆଗରେ ଅଭିଯୋଗ କରୁ, ଅନେକ ସମୟରେ ଆମେ ତାଙ୍କ ନିକଟରେ ଖେଦଯୁକ୍ତ ହେଉ ଅବା ଉଦାସୀନ ହେଉ, କିନ୍ତୁ ମାଗିବା ପ୍ରସଙ୍ଗରେ ଆମେ ତାଙ୍କୁ ଅତି ଅଳ୍ପ ବିଷୟ ମାଗିଥାଉ । ତଥାପି ଜଣେ ଶିଶୁ ଦୃଢ଼ତାର ସହ ମାଗେ । ଆମ ପ୍ରଭୁ କହିଲେ, ‘‘ତୁମେମାନେ ସାନ ପିଲା ପରି ନ ହେଲେ...’’ (ମାଥିଉ ୧୮:୩) । ମାଗନ୍ତୁ, ଈଶ୍ୱର ତାଙ୍କର କାର୍ଯ୍ୟ କରିବେ । ଯୀଶୁଖ୍ରୀଷ୍ଟଙ୍କୁ କାର୍ଯ୍ୟ କରିବାକୁ ସୁଯୋଗ ଏବଂ ସ୍ଥାନ ଦିଅନ୍ତୁ । ସମସ୍ୟା ହେଉଛି, କଣ୍ଠାଗ୍ରତ ନ ହେବା ପର୍ଯ୍ୟନ୍ତ କେହି ତାହା କରନ୍ତି ନାହିଁ, କାରଣ ଈଶ୍ୱରଙ୍କ ସତ୍ୟ ଏବଂ ତାଙ୍କର ବାସ୍ତବତା ପ୍ରତି ସଂପର୍କ ସ୍ଥାପନ ପାଇଁ କେବଳ ଏହି ଗୋଟିଏ ଉପାୟ ରହିଯାଏ । ସ୍ୱାଭାବିକ ରୂପେ ସମସ୍ୟାକୁ ନେଇ ଈଶ୍ୱରଙ୍କ ନିକଟକୁ ଯା’ନ୍ତୁ, କିନ୍ତୁ ଆପଣ ଯେପର୍ଯ୍ୟନ୍ତ ଆତ୍ମ-ସନ୍ତୋଷରେ ପରିତୃପ୍ତ, ଈଶ୍ୱରଙ୍କୁ କୌଣସି ବିଷୟ ମାଗିବାର ଆବଶ୍ୟକତା ଅଛି ବୋଲି ଆପଣ ଅନୁଭବ କରନ୍ତି ନାହିଁ ।

‘‘ପ୍ରାର୍ଥନା ସମସ୍ତ ବିଷୟକୁ ପରିବର୍ତ୍ତନ କରେ’’, ଏହା କହିବା ସହଜ ନୁହେଁ, କିନ୍ତୁ ‘‘ପ୍ରାର୍ଥନା ମୋତେ ପରିବର୍ତ୍ତନ କରେ ଏବଂ ତା’ପରେ ମୁଁ ପରିବର୍ତ୍ତନ କରେ’’ ଏହା କହିବା ସହଜ । ଈଶ୍ୱର ସବୁ ବିଷୟକୁ ଏଭଳି ସ୍ଥାପିତ କରିଛନ୍ତି, ଯଦ୍ଦ୍ୱାରା ଉଦ୍ଧାର କାର୍ଯ୍ୟ ଆଧାରିତ ପ୍ରାର୍ଥନା ଜଣେ ବ୍ୟକ୍ତିଙ୍କ ସ୍ଥିତି ସଂପର୍କିତ ଦୃଷ୍ଟିକୋଣକୁ ପରିବର୍ତ୍ତନ କରେ । ପ୍ରାର୍ଥନା, ବାହ୍ୟିକ ରୂପେ ସ୍ଥିତିକୁ ପରିବର୍ତ୍ତନ କରିବା ବିଷୟ ନୁହେଁ, ମାତ୍ର ଜଣେ ବ୍ୟକ୍ତିଙ୍କ ଆଭ୍ୟନ୍ତରୀଣ ସ୍ୱଭାବ ମଧ୍ୟରେ ଆଶ୍ଚର୍ଯ୍ୟ କର୍ମ କରିବାର ବିଷୟ ଅଟେ ।

**ଅଗଷ୍ଟ ୨୯**

# ପରୀକ୍ଷାସିଦ୍ଧ ବିଶ୍ୱାସର ଉଚ୍ଚକୋଟିର ଘନିଷ୍ଠତା

### ଯୀଶୁ କହିଲେ, ''ତୁମେ ଯଦି ବିଶ୍ୱାସ କର, ତେବେ ଈଶ୍ୱରଙ୍କ ମହିମା ଦେଖିବ ବୋଲି ମୁଁ କ'ଣ ତୁମକୁ କହି ନଥିଲି ?''

### ଯୋହନ ୧୧:୪୦

ଯେତେବେଳେ ଆପଣଙ୍କ ବିଶ୍ୱାସପୂର୍ଣ୍ଣ ଜୀବନରେ କୌଣସି ବିଶେଷ କାର୍ଯ୍ୟ କରିବାର ପଦକ୍ଷେପ ନିଅନ୍ତି, ଆପଣ ଅନୁଭବ କରିବେ ଯେ, ଆପଣଙ୍କ ବ୍ୟାବହାରିକ ଜ୍ଞାନର ଦୃଷ୍ଟିକୋଣରୁ ଆପଣଙ୍କ ପରିସ୍ଥିତି ବିଶ୍ୱାସକୁ ଖଣ୍ଡନ କରୁଛି । ବ୍ୟାବହାରିକ ଜ୍ଞାନ ବିଶ୍ୱାସ ନୁହେଁ ଏବଂ ବିଶ୍ୱାସ ବ୍ୟାବହାରିକ ଜ୍ଞାନ ନୁହେଁ । ସେମାନଙ୍କ ମଧ୍ୟରେ ଶାରୀରିକ ଏବଂ ଆତ୍ମିକ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଆପଣ କ'ଣ ଯୀଶୁଖ୍ରୀଷ୍ଟଙ୍କୁ ବିଶ୍ୱାସ କରନ୍ତି, ଯେଉଁଠାରେ ଆପଣଙ୍କ ବ୍ୟାବହାରିକ ଜ୍ଞାନ ଏହା କରିପାରେ ନାହିଁ ? ଆପଣ କ'ଣ ଯୀଶୁଖ୍ରୀଷ୍ଟଙ୍କ କଥାରେ ସାହସୀ ହୋଇ କାର୍ଯ୍ୟରେ ଅଗ୍ରସର ହୁଅନ୍ତି, ଯେତେବେଳେ ଆପଣଙ୍କ ବ୍ୟାବହାରିକ ଜ୍ଞାନ ଚିତ୍କାର କରି କହେ, ''ଏ ସବୁ ମିଛ ?'' ଆପଣ ପାହାଡ଼ ଉପରେ ଥିଲେ ଏହି କଥା କହିବା ସହଜ ହୁଏ, ''ହଁ, ମୁଁ ଏହା କରିପାରିବି ବୋଲି ବିଶ୍ୱାସ କରେ'', କିନ୍ତୁ ଆପଣଙ୍କୁ ଭୂତାତ୍ମା ବିଶିଷ୍ଟ ଉପତ୍ୟକାକୁ ଓହ୍ଲାଇ ଆସିବାକୁ ହେବ, ଯେଉଁଠାରେ ଆପଣ ବାସ୍ତବତାର ସମ୍ମୁଖୀନ ହୁଅନ୍ତି, ଯାହା ଆପଣଙ୍କ ରୂପାନ୍ତର ଘଟିଥିବା ପାହାଡ଼ର ବିଶ୍ୱାସକୁ ପରିହାସ କରେ (ଲୂକ ୯:୨୮-୪୨) । ପ୍ରତି ଥର ଯେତେବେଳେ ମୋର ଧର୍ମ ତତ୍ତ୍ୱ ମୋ ନିଜ ମନରେ ସ୍ପଷ୍ଟ ହୋଇଯାଏ, ମୁଁ ଏଭଳି ବିଷୟର ସମ୍ମୁଖୀନ ହୁଏ, ଯାହା ତାହାକୁ ଖଣ୍ଡନ କରେ । ଯେତେବେଳେ ମୁଁ କହେ, ''ଈଶ୍ୱର ମୋର ସମସ୍ତ ଆବଶ୍ୟକତା ଯୋଗାଇବେ'', ମୋର ବିଶ୍ୱାସର ପରୀକ୍ଷା ଆରମ୍ଭ ହୁଏ (ଫିଲିପ୍ପୀୟ ୪:୧୯) । ଯେତେବେଳେ ମୋର ଶକ୍ତି ହ୍ରାସ ହୁଏ, ଏବଂ ମୋର ଦୃଷ୍ଟିଶକ୍ତି କ୍ଷୀଣ ହୁଏ, ମୁଁ କ'ଣ ମୋ ବିଶ୍ୱାସର ପରୀକ୍ଷାରେ ଜୟଲାଭ କରିବି ଅବା ହାରି ଯାଇ ପଛଘୁଞ୍ଚା ଦେବି ?

ବିଶ୍ୱାସ ପରୀକ୍ଷାସିଦ୍ଧ ହେବା ଆବଶ୍ୟକ, କାରଣ ସଂଘର୍ଷ ଦ୍ୱାରା ତାହା ଆପଣଙ୍କ ବ୍ୟକ୍ତିଗତ ସଂପତ୍ତି ହୋଇପାରିବ । ବର୍ତ୍ତମାନ ଆପଣଙ୍କ ବିଶ୍ୱାସର ଆହ୍ୱାନ କ'ଣ ? ପରୀକ୍ଷା ହୁଏତ ଆପଣଙ୍କ ବିଶ୍ୱାସକୁ ସତ ବୋଲି ପ୍ରମାଣିତ କରିବ ଅଥବା ତାକୁ ସମୂଳେ ନାଶ କରିବ । ଯୀଶୁ କହିଲେ, ''ଯେଉଁ ମନୁଷ୍ୟ ମୋ ସକାଶେ ଝୁଣ୍ଟି ପଡ଼େ ନାହିଁ, ସେ ଧନ୍ୟ'' (ମାଥିଉ ୧୧:୬) । ମହତ୍ତ୍ୱପୂର୍ଣ୍ଣ ବିଷୟ ହେଉଛି, ଯୀଶୁଙ୍କ ଉପରେ ଭରସା ସ୍ଥାପନ । ''ଆରମ୍ଭରେ ଆମର ଯେଉଁ ଭରସା ଥିଲା, ଯଦି ତାହାକୁ ଶେଷ ପର୍ଯ୍ୟନ୍ତ ଦୃଢ଼ ଭାବେ ଧରି ରଖୁ, ତା'ହେଲେ ଆମେ ଖ୍ରୀଷ୍ଟଙ୍କର ସହଭାଗୀ ହେଉ'' (ଏବ୍ରୀ ୩:୧୪) । ସବୁ ବିଷୟରେ ଈଶ୍ୱରଙ୍କ ପ୍ରତି ଦୃଢ଼ ବିଶ୍ୱାସ ରଖନ୍ତୁ, ଆପଣଙ୍କ ଆହ୍ୱାନକାରୀ ବିଷୟସବୁ ଆପଣଙ୍କ ବିଶ୍ୱାସକୁ ସବଳ କରିବ । ଆମର ଅନ୍ତିମ ବିଶ୍ରାମଜନକ ମୃତ୍ୟୁ ପର୍ଯ୍ୟନ୍ତ ଆମର ବିଶ୍ୱାସର ନିରବଚ୍ଛିନ୍ନ ପରୀକ୍ଷା ଚାଲିଥିବ । ବିଶ୍ୱାସ ଅର୍ଥ, ଈଶ୍ୱରଙ୍କ ପ୍ରତି ଅବିଚଳିତ ଭରସା- ଯେଉଁ ଭରସା ମନରେ କୌଣସି ସମୟରେ ଏହି ଧାରଣା ଜନ୍ମାଇବ ନାହିଁ ଯେ, ଈଶ୍ୱର ଆମକୁ ପରିତ୍ୟାଗ କରିବେ (ଏବ୍ରୀ ୧୩:୫-୬ ଦେଖନ୍ତୁ) ।

**ଅଗଷ୍ଟ ୩୦**

# ଉପଯୋଗୀତା ଅବା ସଂପର୍କ ?

**ଭୂତାତ୍ମାମାନେ ତୁମମାନଙ୍କ ବଶୀଭୂତ ବୋଲି ଆନନ୍ଦିତ ହୁଅ ନାହିଁ, ବରଂ ସ୍ୱର୍ଗରେ ତୁମମାନଙ୍କ ନାମ ଲେଖା ହୋଇଛି ବୋଲି ଆନନ୍ଦିତ ହୁଅ ।**

**ଲୂକ ୧୦:୨୦**

ଯୀଶୁଖ୍ରୀଷ୍ଟ ଏଠାରେ କହିଛନ୍ତି, ''ମୋ ସେବାକାର୍ଯ୍ୟର ସଫଳତା ପାଇଁ ଆନନ୍ଦିତ ହୁଅ ନାହିଁ, କିନ୍ତୁ ମୋ ସହିତ ଯଥାର୍ଥ ସଂପର୍କ ରଖିଥିବା ହେତୁ ଆନନ୍ଦିତ ହୁଅ ।'' ଖ୍ରୀଷ୍ଟୀୟ ସେବାକାର୍ଯ୍ୟର ଫାନ୍ଦ ହେଉଛି, ସାଫଲ୍ୟତାରେ ଆନନ୍ଦ କରିବା – ଈଶ୍ୱର ଆପଣଙ୍କୁ କାର୍ଯ୍ୟରେ ବ୍ୟବହୃତ କରିଥିବାର ଆନନ୍ଦ । ଆପଣ ଅନୁମାନ କରିପାରିବେ ନାହିଁ ଯେ, ଯଦି ଯୀଶୁ ଖ୍ରୀଷ୍ଟଙ୍କ ସହିତ ଆପଣଙ୍କର ଯଥାର୍ଥ ସଂପର୍କ ଅଛି, ତେବେ ସେ ଆପଣଙ୍କ ଦ୍ୱାରା କ'ଣ ନ କରିବେ । ଯଦି ତାଙ୍କ ସହିତ ଆପଣ ଯଥାର୍ଥ ସଂପର୍କ ରଖିବେ, ତେବେ ଆପଣଙ୍କ ପରିସ୍ଥିତି ଯାହା ହେଉନା କାହିଁକି ଅବା ପ୍ରତିଦିନ ଆପଣ ଯାହାଙ୍କ ସଂସ୍ପର୍ଶରେ ଆସିଲେ ମଧ୍ୟ ସେ ଆପଣଙ୍କ ଦ୍ୱାରା ''ଜୀବନ୍ତ ନଦୀର ଜଳଧାରା'' ପ୍ରବାହିତ କରିବେ (ଯୋହନ ୭:୩୮) । ଆଉ ତାଙ୍କର କରୁଣା ହେତୁ ସେ ଆପଣଙ୍କୁ ତାହାର ବୋଧ ଦେବେ ନାହିଁ । ପରିତ୍ରାଣ ଏବଂ ପବିତ୍ରୀକରଣ ଦ୍ୱାରା ଆପଣ ଯେତେବେଳେ ଈଶ୍ୱରଙ୍କ ସହିତ ଯଥାର୍ଥ ସଂପର୍କ ମଧ୍ୟରେ ପ୍ରବେଶ କରନ୍ତି, ମନେରଖନ୍ତୁ ଆପଣ ଯେଉଁଠାରେ ଥିଲେ ମଧ୍ୟ ଈଶ୍ୱରଙ୍କ ଦ୍ୱାରା ସେହି ସ୍ଥାନରେ ସୁରକ୍ଷିତ ହୋଇଛନ୍ତି । ''ସେ ଯେପରି ଆଲୋକ ନିବାସୀ'', ଆପଣ ସେହିପରି ଆଲୋକରେ ଜୀବନ ଯାପନ କଲେ (୧ ଯୋହନ ୧:୭), ଈଶ୍ୱର ତାଙ୍କ ଉଦ୍ଦେଶ୍ୟ ସାଧନ ଦିଗରେ ଆପଣଙ୍କ ପରିସ୍ଥିତି ପ୍ରତି ଆପଣଙ୍କ ପ୍ରତିକ୍ରିୟାକୁ ବ୍ୟବହାର କରନ୍ତି ।

ଆଜି ଆମର ମନୋବୃତ୍ତି ହେଉଛି, ସେବାକୁ ଅଧିକ ଗୁରୁତ୍ୱ ଦେବା । ଯେଉଁମାନେ ସାହାଯ୍ୟ ପାଇବା ପାଇଁ ଅନ୍ୟ କାହାରି ସୁନାମକୁ ବ୍ୟବହାର କରନ୍ତି, ସେମାନଙ୍କ ପ୍ରତି ସାବଧାନ ଥା'ନ୍ତୁ । ଯଦି ଆପଣ ଉପଯୋଗୀତାକୁ ପରୀକ୍ଷାର ମାଧ୍ୟମ ରୂପେ ବ୍ୟବହାର କରନ୍ତି, ତେବେ ଯୀଶୁ ଖ୍ରୀଷ୍ଟ ଜଗତରେ ସବୁଠାରୁ ଅଧିକ ବିଫଳ ବ୍ୟକ୍ତି ଥିଲେ । ପବିତ୍ର ଲୋକଙ୍କ ଚାଳନା ଏବଂ ଦିଗ୍‌ଦର୍ଶନ ସ୍ୱୟଂ ଈଶ୍ୱରଙ୍କ ଠାରୁ ଆସେ, ସେହି ପବିତ୍ର ଲୋକଙ୍କ ଉପଯୋଗୀତାରୁ ଆସେ ନାହିଁ । ଈଶ୍ୱର ଆମ ଦ୍ୱାରା ଯେଉଁ କାର୍ଯ୍ୟ କରନ୍ତି, ତାହା ମହତ୍ତ୍ୱପୂର୍ଣ୍ଣ । ଆମେ ତାଙ୍କ ପାଇଁ ଯେଉଁ କାର୍ଯ୍ୟ କରୁ, ତାହା ମହତ୍ତ୍ୱପୂର୍ଣ୍ଣ ନୁହେଁ । ଆମର ପ୍ରଭୁ କୌଣସି ବ୍ୟକ୍ତିଙ୍କ ଜୀବନର ଯେଉଁ ବିଷୟ ପ୍ରତି ଧ୍ୟାନ ଦିଅନ୍ତି, ତାହା ହେଉଛି, ଈଶ୍ୱରଙ୍କ ସହିତ ତାଙ୍କର ସମ୍ପର୍କ – ଯାହା ପିତା ଈଶ୍ୱରଙ୍କ ଦୃଷ୍ଟିରେ ଅତି ବହୁମୂଲ୍ୟ । ''ଈଶ୍ୱର ଅନେକ ସନ୍ତାନଙ୍କୁ ଗୌରବର ଭାଗୀ କରାଇବାକୁ ଆଣୁଛନ୍ତି'' (ଏବ୍ରୀ ୨:୧୦) ।

# ମୋର ଆନନ୍ଦ... ତୁମର ଆନନ୍ଦ

## ତୁମ ଅନ୍ତରରେ ମୋର ଆନନ୍ଦ ଯେପରି ରହିଥିବ ଏବଂ ତୁମର ଆନନ୍ଦ ଯେପରି ପରିପୂର୍ଣ୍ଣ ହେବ, ଏଥିପାଇଁ ମୁଁ ଏହା କହିଲି ।

## ଯୋହନ ୧୫:୧୧

ଯୀଶୁଙ୍କ ପାଖରେ କେଉଁ ପ୍ରକାର ଆନନ୍ଦ ଥିଲା ? ଆନନ୍ଦ ଏବଂ ସୁଖ ଗୋଟିଏ ବିଷୟ ନୁହେଁ । ଯୀଶୁଙ୍କ ସହିତ ''ସୁଖ'' ଶବ୍ଦଟିକୁ ଯୋଗ କରିବା ଅପମାନ ସୂଚକ ହେବ । ଯୀଶୁଙ୍କର ଆନନ୍ଦ ତାଙ୍କର ପିତାଙ୍କ ପ୍ରତି ତାଙ୍କର ସଂପୂର୍ଣ୍ଣ ଆତ୍ମ ସମର୍ପଣ ଏବଂ ଆତ୍ମ ବଳିଦାନ ଥିଲା– ସେହି କାର୍ଯ୍ୟ କରିବାର ଆନନ୍ଦ, ଯାହା ସାଧନ କରିବା ପାଇଁ ପିତା ତାଙ୍କୁ ପଠାଇଥିଲେ । ''... ସେ କ୍ରୁଶର ଯନ୍ତ୍ରଣାକୁ ସହ୍ୟ କରି ତହିଁର ଅପମାନକୁ ହେୟଜ୍ଞାନ କଲେ...'' (ଏବ୍ରୀ ୧୨:୨) । ''ହେ ଈଶ୍ୱର, ତୁମର ଇଚ୍ଛା ସାଧନ କରିବାକୁ ମୁଁ ଆନନ୍ଦ ଲାଭ କରେ'' (ଗୀତସଂହିତା ୪୦:୮) । ଯୀଶୁ ପ୍ରାର୍ଥନା କଲେ, ଯେପରି ଆମର ଆନନ୍ଦ ନିରନ୍ତର କାର୍ଯ୍ୟକାରୀ ହୋଇ ଶେଷରେ ତାଙ୍କର ଆନନ୍ଦରେ ପରିଣତ ହୁଏ । ମୋ ଜୀବନରେ ତାଙ୍କର ଆନନ୍ଦ ସହିତ ପରିଚିତ ହେବା ପାଇଁ ମୁଁ କ'ଣ ଯୀଶୁଙ୍କୁ ଅନୁମତି ଦେଇଛି ?

ଏକ ସଂପୂର୍ଣ୍ଣ ଉଚ୍ଛୁଳା ଜୀବନ ଶାରୀରିକ ସ୍ୱାସ୍ଥ୍ୟ, ପରିସ୍ଥିତି ଅବା ଈଶ୍ୱରଙ୍କ କାର୍ଯ୍ୟର ସଫଳତାକୁ ଦେଖିବା ଉପରେ ନିର୍ଭର କରେ ନାହିଁ, ମାତ୍ର ଈଶ୍ୱରଙ୍କ ସହିତ ଉପଯୁକ୍ତ ବୁଝାମଣା, ସେହି ସାନ୍ନିଧ୍ୟ ଏବଂ ଏକତା ଦ୍ୱାରା ମିଳିଥାଏ, ଯାହା ଯୀଶୁ ନିଜେ ଅନୁଭବ କରିଥିଲେ । କିନ୍ତୁ ଏହି ଆନନ୍ଦକୁ ପ୍ରତିରୋଧ କରିବାର ପ୍ରଥମ ବିଷୟ ହେଉଛି ସୂକ୍ଷ୍ମ ବିରକ୍ତିଭାବ, ଯାହା ଆମର ପରିସ୍ଥିତି ପ୍ରତି ଅତ୍ୟଧିକ ଧ୍ୟାନ ଦେବା ହେତୁ ସୃଷ୍ଟି ହୋଇଥାଏ । ଯୀଶୁ କହିଲେ, ''ସାଂସାରିକ ଚିନ୍ତା... ବାକ୍ୟକୁ ଚାପି ପକାଇ ଫଳହୀନ କରିଦିଏ'' (ମାର୍କ ୪:୧୯) । ଆମ ପ୍ରତି କ'ଣ ଘଟୁଛି, ତାହା ଜାଣିବା ପୂର୍ବରୁ ଆମେ ଚିନ୍ତାରେ ଘାରି ହୋଇଥାଉ । ଈଶ୍ୱର ଆମ ପାଇଁ ଯାହା କରିଛନ୍ତି, ତାହା କେବଳ ଆରମ୍ଭ ମାତ୍ର । ସେ ଚାହାନ୍ତି ଯେ, ଆମେ ଯେପରି ସେହି ସ୍ଥାନରେ ପହଞ୍ଚିବା, ଯେଉଁଠାରେ ଆମେ ତାଙ୍କର ସାକ୍ଷୀ ହେବା ଏବଂ ଯୀଶୁଙ୍କ ପରିଚୟ ଦେବା ।

ଈଶ୍ୱରଙ୍କ ସହିତ ଯଥାର୍ଥ ସଂପର୍କ ସ୍ଥାପନ କରନ୍ତୁ, ସେହି ଆନନ୍ଦ ଅନୁଭବ କରନ୍ତୁ ଏବଂ ଆପଣଙ୍କ ଠାରୁ ସେହି ''ଅମୃତ ଜଳର ନିର୍ଝର'' ପ୍ରବାହିତ ହେଉ (ଯୋହନ ୭:୩୮) । ସେହି ନିର୍ଝର ହୋଇଯା'ନ୍ତୁ, ଯେଉଁଠାରୁ ଯୀଶୁ ତାଙ୍କର ''ଜୀବନ୍ତ ଜଳ'' ଢାଳି ଦେବେ । ଛଳନାକାରୀ ଏବଂ ଅହଂକାରୀ ହୁଅନ୍ତୁ ନାହିଁ । ନିଜ ବିଷୟରେ ସଚେତନ ହୋଇ ଆପଣଙ୍କ ଜୀବନ ଯାପନ କରନ୍ତୁ, ''ଯାହା ଖ୍ରୀଷ୍ଟଙ୍କ ସହିତ ଈଶ୍ୱରଙ୍କଠାରେ ଗୁପ୍ତ ଅଛି'' (କଲସୀୟ ୩:୩) । ଈଶ୍ୱରଙ୍କ ସହିତ ଉପଯୁକ୍ତ ସଂପର୍କ ସ୍ଥାପନ କରିଥିବା ବ୍ୟକ୍ତି ଯେଉଁଠାକୁ ଗଲେ ମଧ୍ୟ ଏଭଳି ଜୀବନ ଯାପନ କରନ୍ତି, ଯାହା ନିଶ୍ୱାସ ପ୍ରଶ୍ୱାସ ନେବା ଭଳି ସ୍ୱାଭାବିକ ହୋଇଥାଏ । ଯେଉଁମାନଙ୍କ ଜୀବନ ଦ୍ୱାରା ଆପଣ ଆଶୀର୍ବାଦପ୍ରାପ୍ତ ହୋଇଛନ୍ତି, ସେହି ଲୋକମାନେ ଆଶୀର୍ବାଦର କାରଣ ବୋଲି ନିଜେ ସୁଦ୍ଧା ଜାଣି ନ ଥିଲେ ।

## ସେପ୍ଟେମ୍ବର ୧

# ପବିତ୍ର ବୋଲି ପୂର୍ବରୁ ନିର୍ଦ୍ଧାରିତ

**ପବିତ୍ର ହୁଅ, କାରଣ ମୁଁ ପବିତ୍ର ।**

**୧ ପିତର ୧:୧୬**

ନିରନ୍ତର ଆମେ ଜୀବନର ଉଦ୍ଦେଶ୍ୟ ସମ୍ବନ୍ଧରେ ନିଜକୁ ସ୍ମରଣ କରାଇବା ଉଚିତ୍ । ଆମେ ସୁଖ ବା ସ୍ୱାସ୍ଥ୍ୟ ପ୍ରତି ନୁହେଁ, ମାତ୍ର ପବିତ୍ରତା ପ୍ରତି ପୂର୍ବରୁ ନିର୍ଦ୍ଧାରିତ ହୋଇଛୁ । ଆଜି ଆମର ଜୀବନ ବିଭିନ୍ନ ପ୍ରକାର ରୁଚି ଏବଂ ଅଭିଶାପ ଦ୍ୱାରା କ୍ଷୟ ପାଇ ନଷ୍ଟ ହେଉଛି । ସେମାନଙ୍କ ମଧ୍ୟରୁ ଅନେକ ଇଚ୍ଛା ଏବଂ ରୁଚି ଉପଯୁକ୍ତ ଏବଂ ଉତ୍ତମ ହୋଇପାରେ ଏବଂ ପରେ ପୂର୍ଣ୍ଣ ହୋଇପାରେ, କିନ୍ତୁ ସେ ପର୍ଯ୍ୟନ୍ତ ଈଶ୍ୱରଙ୍କୁ ଆମ ପ୍ରତି ସେଗୁଡ଼ିକର ମହତ୍ତ୍ୱକୁ ହ୍ରାସ କରିବାକୁ ହୁଏ । ଗୋଟିଏ ମନୋଯୋଗ୍ୟ ବିଷୟ ହେଉଛି, ଜଣେ ବ୍ୟକ୍ତି କ'ଣ ସେହି ଈଶ୍ୱରଙ୍କୁ ଗ୍ରହଣ କରିବେ, ଯିଏ ତାଙ୍କୁ ପବିତ୍ର କରିବେ ! ଜଣେ ବ୍ୟକ୍ତିଙ୍କୁ ସବୁର ବିନିମୟରେ ଈଶ୍ୱରଙ୍କ ସହିତ ଯଥାର୍ଥ ସଂପର୍କ ରକ୍ଷା କରିବାକୁ ହେବ ।

ପବିତ୍ର ହେବା ଆବଶ୍ୟକ ବୋଲି ମୁଁ କ'ଣ ବିଶ୍ୱାସ କରେ ? ମୁଁ କ'ଣ ବିଶ୍ୱାସ କରେ ଯେ, ଈଶ୍ୱର ମୋ ମଧ୍ୟକୁ ଆସି ମୋତେ ପବିତ୍ର କରିବେ ? ଆପଣ ଯଦି ଆପଣଙ୍କ ପ୍ରଚାର ଦ୍ୱାରା ମୁଁ ଅପବିତ୍ର ବୋଲି ଦୃଢ଼ ବିଶ୍ୱାସ ଜନ୍ମାଇବେ, ତେବେ ମୁଁ ଆପଣଙ୍କ ପ୍ରଚାରକୁ ବିରୋଧ କରିବି । ସୁସମାଚାର ପ୍ରଚାର ପ୍ରବଳ ବିରୋଧ ଭାବ ସୃଷ୍ଟି କରେ, କାରଣ ତାହା ମୋର ଅପବିତ୍ରତା ପ୍ରକାଶ କରେ, କିନ୍ତୁ ତାହା ମଧ୍ୟ ମୋ ମନରେ ପ୍ରବଳ ଇଚ୍ଛା ଜାଗ୍ରତ କରେ । ମାନବ ଜାତି ପ୍ରତି ଈଶ୍ୱରଙ୍କର କେବଳ ଗୋଟିଏ ନିରୂପିତ ଉଦ୍ଦେଶ୍ୟ ରହିଛି– ପବିତ୍ରତା । ତାଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି, ପବିତ୍ର ଲୋକସମାଜ ସୃଷ୍ଟି କରିବା । ଈଶ୍ୱର ଅନନ୍ତକାଳୀନ ଆଶୀର୍ବାଦ ଦେବାର ଏକ ଯାନ୍ତ୍ରିକ କଳ ନୁହନ୍ତି, ଯାହାକୁ ଲୋକମାନେ ବ୍ୟବହାର କରିବେ । ସେ କରୁଣା ପ୍ରଦର୍ଶନ କରି ଆମକୁ ଉଦ୍ଧାର କରିବାକୁ ଆସି ନ ଥିଲେ । ସେ ଆମକୁ ଉଦ୍ଧାର କରିବାକୁ ଆସିଥିଲେ କାରଣ ପବିତ୍ର ହେବା ଉଦ୍ଦେଶ୍ୟରେ ସେ ଆମକୁ ସୃଷ୍ଟି କରିଥିଲେ । ପ୍ରାୟଶ୍ଚିତ୍ତର ଅର୍ଥ ହେଉଛି ଯେ, ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା ଈଶ୍ୱର ମୋତେ ତାଙ୍କର ସିଦ୍ଧ ଏକତା ମଧ୍ୟରେ ଏଭଳି ସଂସ୍ଥାପିତ କରିବାକୁ ଚାହାଁନ୍ତି ଯେପରି ତାଙ୍କର ଏବଂ ମୋ ମଧ୍ୟରେ କୌଣସି ବିଷୟର ଚିହ୍ନ ରହିବ ନାହିଁ ।

ଆପଣଙ୍କ ପ୍ରତି ବା ଅନ୍ୟ ପ୍ରତି କୌଣସି ସହାନୁଭୂତି ସୂଚକ ବ୍ୟବହାର ସହ୍ୟ କରନ୍ତୁ ନାହିଁ, ଯାହା ପବିତ୍ର ଈଶ୍ୱରଙ୍କ ପ୍ରତି ଅନୁକୂଳ ନୁହେଁ । ପବିତ୍ରତା ଅର୍ଥ, ଈଶ୍ୱରଙ୍କ ସମ୍ମୁଖରେ ଆପଣଙ୍କ ସଂପୂର୍ଣ୍ଣ ଶୁଦ୍ଧ ଆଚରଣ, ଅର୍ଥାତ୍ ଆପଣଙ୍କ ମୁଖ ଉଚ୍ଚାରିତ ବାକ୍ୟ, ଆପଣଙ୍କ ମନର ପ୍ରତ୍ୟେକ ଚିନ୍ତା ଏବଂ ଆପଣଙ୍କ ଜୀବନର ପ୍ରତ୍ୟେକ ବିଷୟକୁ ଈଶ୍ୱରଙ୍କ ତଦାରଖ ପାଇଁ ସମର୍ପଣ କରିବା । ପବିତ୍ରତା ସେହି ବିଷୟ ନୁହେଁ, ଯାହା ଈଶ୍ୱର ମୋତେ ଦିଅନ୍ତି, କିନ୍ତୁ ଈଶ୍ୱର ମୋତେ ଯାହା ଦେଇଛନ୍ତି ଏବଂ ଯାହା ମୋ ଜୀବନରେ ପ୍ରଦର୍ଶିତ ହେଉଛି ।

**ସେପ୍ଟେମ୍ବର ୨**

# ଶୁଦ୍ଧ ଏବଂ ବଳିଦାନର ଜୀବନ

**ଯେ କେହି ମୋଠାରେ ବିଶ୍ୱାସ କରେ... ତା' ଅନ୍ତରରୁ ପ୍ରବାହିତ ହେଉଥିବ ।**

**ଯୋହନ ୭:୩୮**

ଯୀଶୁ କହିଲେ ନାହିଁ, ''ଯେ ମୋଠାରେ ବିଶ୍ୱାସ କରେ, ସେ ଈଶ୍ୱରଙ୍କ ପୂର୍ଣ୍ଣତାର ସମସ୍ତ ଆଶୀର୍ବାଦ ପାଇବ,'' କିନ୍ତୁ ଏହିପରି କହିଥିଲେ, ''ଯେ ମୋଠାରେ ବିଶ୍ୱାସ କରେ, ସେ ଯାହା କିଛି ପାଇବ, ସେ ସବୁ ତାହା ମଧ୍ୟରୁ ବାହାରି ଆସିବ ।'' ଆମ ପ୍ରଭୁଙ୍କର ଶିକ୍ଷା ସବୁବେଳେ ଆତ୍ମ-ସଚେତନତାର ବିରୋଧାତ୍ମକ ଥିଲା । ମନୁଷ୍ୟର ବିକାଶ ଈଶ୍ୱରଙ୍କ ଉଦ୍ଦେଶ୍ୟ ନ ଥିଲା, ତାଙ୍କର ଉଦ୍ଦେଶ୍ୟ ଥିଲା ମନୁଷ୍ୟକୁ ଅବିକଳ ତାଙ୍କ ଭଳି ସୃଷ୍ଟି କରିବା ଏବଂ ଈଶ୍ୱରଙ୍କ ପୁତ୍ରଙ୍କ ବିଶେଷତ୍ୱ ନିଜକୁ ବ୍ୟୟ କରିବା ଦ୍ୱାରା ପ୍ରଦର୍ଶିତ ହୁଏ । ଯଦି ଆମେ ଯୀଶୁଙ୍କୁ ବିଶ୍ୱାସ କରୁ, ତେବେ ଆମେ ଯାହା ପାଉ, ତାହା ମହତ୍ତ୍ୱପୂର୍ଣ୍ଣ ନୁହେଁ, ମାତ୍ର ତାହା ମହତ୍ତ୍ୱପୂର୍ଣ୍ଣ ଯାହା ସେ ଆମ ମଧ୍ୟ ଦେଇ ପ୍ରବାହିତ କରାନ୍ତି । ଈଶ୍ୱରଙ୍କ ଉଦ୍ଦେଶ୍ୟ ନୁହେଁ ଆମକୁ ସୁନ୍ଦର ଏବଂ ଆକର୍ଷଣୀୟ ଅଙ୍ଗୁର ଫଳ କରିବା ପାଇଁ, ମାତ୍ର ସେ ଯେପରି ଚିପୁଡ଼ି ଆମ ମଧ୍ୟରୁ ସେହି ମିଠା ରସ ବାହାର କରିବେ । ଜଗତର ମାନଦଣ୍ଡ ଅନୁସାରେ ଆମର ଆତ୍ମିକ ଜୀବନ ମାପ କରାଯାଇ ପାରେ ନାହିଁ, ମାତ୍ର କେବଳ ତାହା ଦ୍ୱାରା ମାପ କରାଯାଏ, ଯାହା ଈଶ୍ୱର ଆମ ମଧ୍ୟ ଦେଇ ପ୍ରବାହିତ କରନ୍ତି- ଆଉ ତାହାକୁ ମାପି ହୁଏ ନାହିଁ । ଯେତେବେଳେ ବେଥାନୀର ମରିୟମ ଫରୁଆକୁ ଭାଙ୍ଗି ଯୀଶୁଙ୍କ ମସ୍ତକରେ ବହୁମୂଲ୍ୟ ତୈଳ ଢ଼ାଳିଲେ, ଅନ୍ୟମାନଙ୍କ ପାଇଁ ତାହା ଏକ ବିଶେଷ ଅବସର ନ ଥିଲା, କାରଣ ''କେହି କେହି କହିଲେ, ଏହି ସୁଗନ୍ଧି ତୈଳର ଅପଚୟ କାହିଁକି ? (ମାର୍କ ୧୪:୩-୪) । କିନ୍ତୁ ଯୀଶୁ ମରିୟମଙ୍କ ଭକ୍ତି ସୂଚକ କାର୍ଯ୍ୟର ପ୍ରଶଂସା କରି କହିଲେ, ''...ଯେଉଁ ଯେଉଁ ସ୍ଥାନରେ ଏହି ସୁସମାଚାର ପ୍ରଚାରିତ ହେବ, ସେହି ସ୍ଥାନରେ ଏହି ନାରୀର ସ୍ମୃତି ଉଦ୍ଦେଶ୍ୟରେ ତାହାର କାର୍ଯ୍ୟର କଥା ମଧ୍ୟ କୁହାଯିବ'' (ମାର୍କ ୧୪:୯) । ମରିୟମ ଯେଉଁ କାର୍ଯ୍ୟ କରିଥିଲେ, ଆମ ମଧ୍ୟରେ ପ୍ରଭୁ ଯେତେବେଳେ ସେହି ପ୍ରକାର କାର୍ଯ୍ୟ ଦେଖନ୍ତି, ଯାହା କୌଣସି ନୀତି ନିୟମ ମଧ୍ୟରେ ବନ୍ଧା ନ ହୋଇ ଈଶ୍ୱରଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପିତ ହୋଇଥାଏ, ସେତେବେଳେ ତାଙ୍କର ମନ ଆନନ୍ଦରେ ଉଚ୍ଛୁଳି ଉଠେ । ଈଶ୍ୱର ତାଙ୍କ ପୁତ୍ରଙ୍କ ଜୀବନକୁ ପ୍ରବାହିତ କଲେ ''ଯେପରି ତାଙ୍କ ଦ୍ୱାରା ଜଗତ ଉଦ୍ଧାର ପ୍ରାପ୍ତ ହେବ'' (ଯୋହନ ୩:୧୭) । ଆମେ ତାଙ୍କ ପାଇଁ ଆମ ଜୀବନକୁ ଉଚ୍ଛୁଳାଇ ଦେବା ପାଇଁ ପ୍ରସ୍ତୁତ ଅଛୁ କି ?

ଯେ କେହି ମୋ ଠାରେ ବିଶ୍ୱାସ କରେ... ତା' ଅନ୍ତରରୁ ଜୀବନର ନଦୀ ପ୍ରବାହିତ ହେଉଥିବ'' ଏବଂ ଶହ ଶହ ଜୀବନକୁ ଅବିରତ ସତେଜ କରୁଥିବ । ବର୍ତ୍ତମାନ ସମୟ ଆସଛି, ଆମେ ଆମ ଜୀବନର ''ଫରୁଆକୁ'' ଭାଙ୍ଗିବା, ଆମର ଆତ୍ମ-ତୃପ୍ତିକୁ ଭୁଲିଯାଇ ଈଶ୍ୱରଙ୍କ ସମ୍ମୁଖରେ ଆମ ଜୀବନକୁ ଉଚ୍ଛୁଳାଇ ଦେବା । ଆମର ପ୍ରଭୁ ପଚାରନ୍ତି ଯେ, ଆମ ମଧ୍ୟରୁ କିଏ ତାଙ୍କ ପାଇଁ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି ?

## ସେପ୍ଟେମ୍ବର ୩

# ତୃପ୍ତିଦାୟକ ଜଳକୁ ଢାଳିବା

### ସେ ତାହା ପାନ କରିବାକୁ ସମ୍ମତ ହେଲେ ନାହିଁ, ପ୍ରଭୁଙ୍କର ଉଦ୍ଦେଶ୍ୟରେ ତାହା ଢାଳି ଦେଲେ ।

### ୨ ଶାମୁଏଲ ୨୩:୧୬

ନିକଟ ଅତୀତରେ କେଉଁ ବିଷୟ ଆପଣଙ୍କ ପାଇଁ ବେଥ୍‌ଲିହିମ କୂପର ଜଳ ହୋଇଛି– ପ୍ରେମ, ବନ୍ଧୁତା ଅବା କେତେକ ଆତ୍ମିକ ଆଶୀର୍ବାଦ (୨୩:୧୬) ? ଆପଣ କ'ଣ ନିଜର ଆତ୍ମ ସନ୍ତୋଷ ପାଇଁ ଆପଣଙ୍କ ଆତ୍ମାକୁ ବିପନ୍ନ କରିଛନ୍ତି ? ଯଦି ତାହା ହୋଇଥାଏ, ତେବେ ଆପଣ 'ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ' ଢାଳି ପାରିବେ ନାହିଁ । ଆପଣଙ୍କ ସନ୍ତୋଷ ପାଇଁ ଯେଉଁ ବିଷୟ ପ୍ରତି ଆପଣଙ୍କ ଅଭିଳାଷ ଅଛି, ତାହାକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଅଲଗା କରିପାରିବେ ନାହିଁ । ଯଦି ଈଶ୍ୱରଙ୍କ ଆଶୀର୍ବାଦ ଦ୍ୱାରା ଆପଣ ସନ୍ତୋଷ ଲାଭର ପ୍ରୟାସ କରିବେ, ତେବେ ତାହା ଆପଣଙ୍କୁ ଭ୍ରଷ୍ଟ କରିଦେବ । ଆପଣଙ୍କୁ ଈଶ୍ୱରଙ୍କ ବଳିଦାନ ଉଦ୍ଦେଶ୍ୟରେ ତାହାକୁ ଢାଳିବାକୁ ହେବ – ଯାହା ଆପଣଙ୍କ ବ୍ୟାବହାରିକ ଜ୍ଞାନ ଦୃଷ୍ଟିରେ ଏକ ଅପଚୟ ଅଟେ ।

ମୁଁ ମୋର ସ୍ୱାଭାବିକ ପ୍ରେମ ଏବଂ ଆତ୍ମିକ ଆଶୀର୍ବାଦକୁ 'ପରମେଶ୍ୱରଙ୍କ ସମ୍ମୁଖରେ' କିପରି ଢାଳିବି ? କେବଳ ଗୋଟିଏ ଉପାୟ ଅଛି– ମୁଁ ଏହା କରିବା ପାଇଁ ମନରେ ଦୃଢ଼ ସଂକଳ୍ପ ନେବି । ଲୋକମାନଙ୍କ ଦ୍ୱାରା ଏପରି କିଛି କାର୍ଯ୍ୟ ସାଧିତ ହୁଏ, ଯାହା ଈଶ୍ୱରଙ୍କ ପରିଚୟ ପାଇ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ହୋଇପାରେ ନାହିଁ, କାରଣ ମନୁଷ୍ୟ ରୂପେ ସେହି କାର୍ଯ୍ୟକୁ ପରିଶୋଧ କରିବା ସମ୍ଭବ ନୁହେଁ । ଯେତେବେଳେ ମୋର ହୃଦ୍‌ବୋଧ ହୁଏ ଯେ, ଏପରି କୌଣସି ଅଦ୍ଭୁତ ବିଷୟ ଅଛି, ଯାହା ମୁଁ ଗ୍ରହଣ କରିବା ପାଇଁ ଯୋଗ୍ୟ ନୁହେଁ, ତେବେ ମୋତେ ତାହାକୁ ''ପରମେଶ୍ୱରଙ୍କ ସମ୍ମୁଖରେ'' ଢାଳିବାକୁ ହେବ । ତା'ପରେ ଯେଉଁ ସବୁ ପଦାର୍ଥ ମୋତେ ମିଳିଛି ତାହା ମୋ ଚାରିପଟେ ''ଜୀବନ୍ତ ଜଳର ନଦୀ'' ସଦୃଶ ବହିଯିବ (ଯୋହନ ୭:୩୮) । ଏ ସବୁକୁ ମୁଁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ନ ଢାଳିବା ପର୍ଯ୍ୟନ୍ତ, ଏ ସବୁ ମୁଁ ପ୍ରେମ କରୁଥିବା ଲୋକଙ୍କ ପାଇଁ ଏବଂ ମୋ ପାଇଁ ବିପଦ ସୃଷ୍ଟି କରିବ, କାରଣ ଏହା ଲାଳସାରେ ପରିଣତ ହେବ । ହଁ, ଏହା ସତ ଯେ ଆମେ ଏଭଳି ବସ୍ତୁ ପ୍ରତି ଲାଳାୟିତ ହୋଇଥାଉ, ଯାହା ଘୃଣାଯୋଗ୍ୟ ଏବଂ ଅପ୍ରୀତିକର ନୁହେଁ । ଏପରିକି ପ୍ରେମ ''ପରମେଶ୍ୱରଙ୍କ ପ୍ରତି'' ଢଳାଯିବା ଦ୍ୱାରା ରୂପାନ୍ତରିତ ହୁଏ ।

ଆପଣଙ୍କ ମନର ତିକ୍ତତା ଏବଂ ବିରକ୍ତି ଭାବର କାରଣ ହେଉଛି, ଈଶ୍ୱର ଆପଣଙ୍କୁ ଯେଉଁ ଆଶୀର୍ବାଦ ଦେଲେ, ଆପଣ ତାକୁ ଗଚ୍ଛିତ କରି ରଖିଲେ । ଆପଣ ତାକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଢାଳି ଦେଇଥିଲେ ଜଗତର ଏକ ମଧୁର ଲୋକ ହୋଇ ପାରିଥାନ୍ତେ । ସବୁବେଳେ ଈଶ୍ୱରଙ୍କ ଆଶୀର୍ବାଦକୁ ଯଦି ଆପଣ କେବଳ ନିଜ ପାଇଁ ଗଚ୍ଛିତ କରି ରଖିବେ ଏବଂ ''ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ'' ଢାଳିବା ଶିଖିବେ ନାହିଁ, ତେବେ ଆପଣଙ୍କ ଜୀବନ ମଧ୍ୟ ଦେଇ ଅନ୍ୟମାନଙ୍କ ଦର୍ଶନ କଦାପି ପ୍ରସାରିତ ହେବ ନାହିଁ ।

## ସେପ୍ଟେମ୍ବର ୪

# ତାହାଙ୍କର !

**ସେମାନେ ତୁମର ଥିଲେ, ତୁମେ ସେମାନଙ୍କୁ ମୋତେ ଦେଲ ।**

**ଯୋହନ ୧୭:୬**

ଜଣେ ମିଶେନେରୀ ହେଉଛନ୍ତି ସେହି ବ୍ୟକ୍ତି, ଯାହାଙ୍କ ମଧରେ ପବିତ୍ର ଆତ୍ମା ଏହି ବୋଧ ଦେଉଛନ୍ତି ''ତୁମେ ଆଉ ନିଜର ନୁହଁ'' (୧ କରିନ୍ଥୀ ୬:୧୯) । ''ମୁଁ ଆଉ ମୋ ନିଜର ନୁହେଁ'', ଏହି କଥା କହିବାର ଅର୍ଥ ହେଉଛି ଯେ, ମୁଁ ମୋ ଆତ୍ମିକ ଅବସ୍ଥାର ଉଚ୍ଚ ସ୍ତରରେ ପହଞ୍ଚିଛି । ଅବ୍ୟବସ୍ଥିତ ଜୀବନରେ ଏହି ଜୀବନର ବାସ୍ତବ ସ୍ୱଭାବ ଏଭଳି ପ୍ରମାଣିତ ହୋଇଥାଏ ଯେ, ଜ୍ଞାତ ସାରରେ ସଂକଳ୍ପ ନେଇ ମୁଁ ନିଜକୁ ଆଜି ଜଣେ ବ୍ୟକ୍ତିଙ୍କଠାରେ ସମର୍ପଣ କରିଛି ଏବଂ ସେହି ବ୍ୟକ୍ତି ହେଉଛନ୍ତି ଯୀଶୁଖ୍ରୀଷ୍ଟ । ପବିତ୍ର ଆତ୍ମା ମୋତେ ଯୀଶୁଙ୍କ ବିଷୟରେ ବୁଝାଇ ଦିଅନ୍ତି, ଯେପରି ମୁଁ ପ୍ରଭୁଙ୍କ ସହିତ ଏକ ହେବି, ତାଙ୍କ ପାଇଁ ଏକ ସୁସଜ୍ଜିତ ଦର୍ଶନୀୟ ବସ୍ତୁ ରୂପେ ନୁହେଁ । ଆମର ପ୍ରଭୁ ତାଙ୍କର ଶିଷ୍ୟମାନଙ୍କ ପାଇଁ ଯାହା କରିଥିଲେ, ତାହାକୁ ଭିତ୍ତି କରି ସେମାନଙ୍କୁ ପଠାଇ ନ ଥିଲେ । ପୁନରୁତ୍ଥାନ ପରେ, ଯେତେବେଳେ ଶିଷ୍ୟମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ ଯୀଶୁଙ୍କ ବାସ୍ତବ ପରିଚୟ ପାଇଲେ, ସେତେବେଳେ ଯୀଶୁ କହିଲେ, ''ଯାଅ'' । (ମାଥିଉ ୨୮:୧୯, ଲୂକ ୨୪:୪୯ ଏବଂ ପ୍ରେରିତ ୧:୮ ଦେଖନ୍ତୁ ।)

''କେହି ଯଦି ମୋ ନିକଟକୁ ଆସି ନିଜର ପିତା ଓ ମାତାକୁ, ନିଜର ସ୍ତ୍ରୀ ଓ ସନ୍ତାନମାନଙ୍କୁ, ନିଜର ଭାଇ ଓ ଭଉଣୀମାନଙ୍କୁ, ଏପରିକି ନିଜ ଜୀବନକୁ ସୁଦ୍ଧା ଅପ୍ରିୟ ନ ମଣେ, ସେ ମୋର ଶିଷ୍ୟ ହୋଇପାରିବ ନାହିଁ'' (ଲୂକ ୧୪:୨୬) । ସେ କହୁ ନଥିଲେ ଯେ, ଏହି ଲୋକ ଉତ୍ତମ ଏବଂ ସମ୍ମାନନୀୟ ହୋଇ ପାରିବେ ନାହିଁ, ମାତ୍ର ସେ ଏଭଳି ଲୋକ ହୋଇପାରିବେ ନାହିଁ, ଯାହାଙ୍କ ଉପରେ ଯୀଶୁ ''ମୋର'' ବୋଲି ଲେଖି ପାରିବେ । ଏହି ପଦରେ ପ୍ରଭୁଙ୍କ ଦ୍ୱାରା ବର୍ଣ୍ଣିତ ଯେ କୌଣସି ସଂପର୍କ ତାଙ୍କ ସହିତ ସଂପର୍କର ପ୍ରତିଦ୍ୱନ୍ଦୀ ହୋଇପାରେ । ମୁଁ ମୋର ମା' କିମ୍ବା ମୋର ସ୍ତ୍ରୀ କିମ୍ବା ନିଜ ପ୍ରତି ଅନୁରକ୍ତ ହେବାକୁ ପସନ୍ଦ କରିପାରେ, କିନ୍ତୁ ସେହି ପରିସ୍ଥିତିରେ ଯୀଶୁ କହନ୍ତି, ''ତୁମେ ମୋର ଶିଷ୍ୟ ହୋଇପାରିବ ନାହିଁ ।'' ଏହାର ଅର୍ଥ ନୁହେଁ ଯେ, ମୁଁ ଉଦ୍ଧାର ପାଇପାରିବି ନାହିଁ, ମାତ୍ର ମୁଁ ସଂପୂର୍ଣ୍ଣ ରୂପେ ''ତାହାଙ୍କର'' ହୋଇ ପାରିବି ନାହିଁ ।

ଆମର ପ୍ରଭୁ ତାଙ୍କର ଶିଷ୍ୟକୁ ତାଙ୍କ ନିଜର ସଂପତ୍ତି କରିଦିଅନ୍ତି ଏବଂ ତାହାର ଦାୟିତ୍ୱ ନିଅନ୍ତି । ''ତୁମ୍ଭେମାନେ ମୋର ସାକ୍ଷୀ ହେବ'' (ପ୍ରେରିତ ୧:୮) । ଜଣେ ଶିଷ୍ୟଙ୍କ ମନରେ ଯେଉଁ ଇଚ୍ଛା ଜାତ ହୁଏ, ଯୀଶୁଙ୍କ ପାଇଁ କୌଣସି କାର୍ଯ୍ୟ କରିବା ତା'ର ଉଦ୍ଦେଶ୍ୟ ନୁହେଁ, କିନ୍ତୁ ତାଙ୍କର ସନ୍ତୋଷ ପାତ୍ର ହେବା ତାହାର ଉଦ୍ଦେଶ୍ୟ ହୋଇଥାଏ । ଜଣେ ମିଶେନେରୀଙ୍କ ରହସ୍ୟ ହେଉଛି ଯେ, ସେ ପ୍ରକୃତରେ କହିପାରନ୍ତି, ''ମୁଁ ତାହାଙ୍କର ଏବଂ ସେ ମୋ ମଧରେ ତାହାଙ୍କର କାର୍ଯ୍ୟ ଓ ଉଦ୍ଦେଶ୍ୟ ସାଧନ କରୁଛନ୍ତି ।''

ସଂପୂର୍ଣ୍ଣ ରୂପେ ''ତାହାଙ୍କର'' ହୋଇଯାନ୍ତୁ ।

**ସେପ୍ଟେମ୍ବର ୫**

# ଯୀଶୁଙ୍କ ସହିତ ଜାଗି ରହିବା

**ଏହିଠାରେ ଥାଅ, ମୋ ସହିତ ଜାଗି ରୁହ ।**

**ମାଥିଉ ୨୬:୩୮**

''ମୋ ସହିତ ଜାଗି ରୁହ ।'' ଅନ୍ୟ ପକ୍ଷରେ ଯୀଶୁ କହିଥିଲେ, ''ନିଜର ଦୃଷ୍ଟିକୋଣରୁ ନୁହେଁ, ମାତ୍ର କେବଳ ମୋ ସହିତ ଜାଗି ରୁହ ।'' ଆମ ଖ୍ରୀଷ୍ଟୀୟ ଜୀବନରେ ଆମେ ଯୀଶୁଙ୍କ ସହିତ ଜାଗି ରହି ନ ଥାଉ ମାତ୍ର ଯୀଶୁଙ୍କ ପାଇଁ ଜାଗି ରହିଥାଉ । ଆମେ ବାଇବଲରେ ପ୍ରକଟିତ ସତ୍ୟ ଦ୍ୱାରା ଆମ ଜୀବନର ପରିସ୍ଥିତିରେ ମଧ୍ୟ ତାଙ୍କ ସହିତ ଜାଗି ରହି ନ ଥାଉ । ଆମର ପ୍ରଭୁ ଆମକୁ ନିଜର ''ଗେଥ୍‌ସମନୀ'' ର ଅନୁଭୂତି ମଧ୍ୟକୁ ନେଇଯାଇ ତାଙ୍କ ସହିତ ଏକ ପରିଚୟ ଦେବାକୁ ଇଚ୍ଛା କରନ୍ତି, କିନ୍ତୁ ଅବଜ୍ଞା ପୂର୍ବକ ଆମେ କହୁ, ''ନା, ପ୍ରଭୁ, ମୁଁ ଏହାର ଅର୍ଥ ବୁଝିପାରୁ ନାହିଁ ଏବଂ ଏହା ମୋ ପାଇଁ ଏତେ ଅବୋଧ ? ଯୀଶୁ କାହିଁକି ଦୁଃଖ ସହ୍ୟ କରୁଛନ୍ତି, ଯଦି ଆମେ ତାହା ଜାଣି ନାହୁଁ, ତେବେ ଗେଥ୍‌ସିମନୀରେ ତାଙ୍କ ସହିତ ଜାଗି ରହିବାର ଉଦ୍ଦେଶ୍ୟ ଭଲ ରୂପେ କିପରି ବୁଝିପାରିବା ? ତାଙ୍କ ସହିତ କିପରି ଜାଗି ରହିବାକୁ ହେବ, ତାହା ଆମେ ଜାଣି ନାହୁଁ – ଆମର କେବଳ ଏହି ଧାରଣା ଅଛି ଯେ, ଯୀଶୁ ଆମ ସହିତ ଜାଗି ରହିଛନ୍ତି ।

ଶିଷ୍ୟମାନେ ତାଙ୍କର ସ୍ୱାଭାବିକ ସାମର୍ଥ୍ୟ ଅନୁସାରେ ଯୀଶୁଙ୍କୁ ପ୍ରେମ କରୁଥିଲେ, କିନ୍ତୁ ସଂପୂର୍ଣ୍ଣ ରୂପେ ତାଙ୍କର ଉଦ୍ଦେଶ୍ୟକୁ ବୁଝି ନ ଥିଲେ । ଗେଥ୍‌ସମନୀ ଉଦ୍ୟାନରେ ସେମାନେ ତାଙ୍କର ନିଜ ଦୁଃଖରେ ଶୋଇ ପଡ଼ିଥିଲେ ଏବଂ ତିନି ବର୍ଷ ଧରି ସେମାନଙ୍କ ଜୀବନର ଅତି ନିବିଡ଼ ସଂପର୍କର ଶେଷ ପର୍ଯ୍ୟାୟରେ ସେମାନେ ''ସମସ୍ତେ ତାଙ୍କୁ ଛାଡ଼ି ଚାଲିଗଲେ'' (ମାଥିଉ ୨୬:୫୬) ।

''ସେମାନେ ସମସ୍ତେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେଲେ'' (ପ୍ରେରିତ ୨:୪) । ''ସେମାନେ'' ସେହି ଶିଷ୍ୟମାନଙ୍କୁ ବୁଝାଏ, କିନ୍ତୁ ଏ ଦୁଇଟି ଘଟଣା ମଧ୍ୟରେ ଏକ ଆଶ୍ଚର୍ଯ୍ୟ ବିଷୟ ଘଟିଥିଲା । ତା' ହେଉଛି ଆମ ପ୍ରଭୁଙ୍କ ମୃତ୍ୟୁ, ପୁନରୁତ୍ଥାନ ଏବଂ ସ୍ୱର୍ଗାରୋହଣ । ଶିଷ୍ୟମାନେ ବର୍ତ୍ତମାନ ''ପବିତ୍ର ଆତ୍ମାଙ୍କ ଶକ୍ତିରେ'' ପୂର୍ଣ୍ଣ ହେଲେ । ଆମର ପ୍ରଭୁ କହିଲେ, ''ଯେତେବେଳେ ପବିତ୍ର ଆତ୍ମା ତୁମ ଉପରେ ଅଧିଷ୍ଠାନ କରିବେ, ତୁମେମାନେ ଶକ୍ତିପ୍ରାପ୍ତ ହେବ'' (ପ୍ରେରିତ ୧:୮) । ଏହାର ଅର୍ଥ ହେଉଛି ଯେ, ସେମାନେ ତାଙ୍କର ଅବଶିଷ୍ଟ ଜୀବନରେ ତାଙ୍କ ସହିତ ଜାଗି ରହିବାକୁ ଶିଖିଥିଲେ ।

ସେପ୍ଟେମ୍ବର ୬

# ସୁଦୂର ପ୍ରସାରୀ ଜଳ ନିର୍ଝର

### ଯେ କେହି ମୋଠାରେ ବିଶ୍ୱାସ କରେ...
### ତା' ଅନ୍ତରରୁ ଅମୃତ ଜଳର ନିର୍ଝର ପ୍ରବାହିତ ହେବ ।
### ଯୋହନ ୭:୩୮

ଗୋଟିଏ ନଦୀ ବିଭିନ୍ନ ସ୍ଥାନ ଦେଇ ଗତି କରେ ଏବଂ କେହି ତାହାର ଉତ୍ସ ବିଷୟ ଜାଣନ୍ତି ନାହିଁ । ଯୀଶୁ କହିଲେ, ଆମେ ଯଦି ତାହାଙ୍କର ପୂର୍ଣ୍ଣତା ପାଇଛୁ, ତେବେ ଆମ ମଧ୍ୟରୁ ସେହି ''ଅମୃତ ଜଳର ନିର୍ଝର'' ଆଶୀର୍ବାଦ ସହ ''ପୃଥିବୀର ପ୍ରାନ୍ତ'' ପର୍ଯ୍ୟନ୍ତ ପ୍ରବାହିତ ହେବ (ପ୍ରେରିତ ୧:୮) । ଆମ ଜୀବନର ଦୃଶ୍ୟ ପ୍ରଭାବ ଯେତେ ଅଳ୍ପ ହେଲେ ମଧ୍ୟ ଏହି ଆଶୀର୍ବାଦ ଆସିବ । ବହିଃପ୍ରବାହ ସହିତ ଆମର କୌଣସି ସଂପର୍କ ନାହିଁ । ''ତାହାଙ୍କୁ ବିଶ୍ୱାସ କରିବା ହିଁ ଈଶ୍ୱରଙ୍କ କାର୍ଯ୍ୟ'' (ଯୋହନ ୬:୨୯) ।

ଜଣେ ବ୍ୟକ୍ତି ଅନ୍ୟମାନଙ୍କ ପାଇଁ କେତେ ଅଧିକ ଆଶୀର୍ବାଦ ସୂଚକ, ଈଶ୍ୱର ଏହା ଜାଣିବା ପାଇଁ କ୍ୱଚିତ୍ ଅନୁମତି ଦିଅନ୍ତି ।

ଗୋଟିଏ ନଦୀ ବିଜୟୀ ରୂପେ ସବୁ ବାଧାବିଘ୍ନ ଅତିକ୍ରମ କରେ । କିଛି ସମୟ ପାଇଁ ଏହା ନିଜର ନିର୍ଦ୍ଧାରିତ ଗତି ପଥରେ ପ୍ରବାହିତ ହୁଏ, କିନ୍ତୁ ତା'ପରେ ପ୍ରତିବନ୍ଧକ ଆସେ । କିଛି ସମୟ ପାଇଁ ତା'ର ପଥ ରୁଦ୍ଧ ହୁଏ, କିନ୍ତୁ ସେହି ବାଧାକୁ ଅତିକ୍ରମ କରି ସେ ଅନ୍ୟ ପଥ ଦେଇ ପ୍ରବାହିତ ହୁଏ । ଅନେକ ସମୟରେ ନଦୀ ମାଇଲ୍ ମାଇଲ୍ ଧରି ଦୃଷ୍ଟିଗୋଚର ହୁଏ ନାହିଁ, କିନ୍ତୁ ପରେ ପୂର୍ବ ଅପେକ୍ଷା ଆହୁରି ଓସାରିଆ ହୋଇ ବହିଯାଏ । ଆପଣ କ'ଣ ଅନ୍ୟମାନଙ୍କ ଜୀବନ ଈଶ୍ୱରଙ୍କ ଦ୍ୱାରା ବ୍ୟବହୃତ ହେବାର ଦେଖୁଛନ୍ତି, କିନ୍ତୁ ଆପଣଙ୍କ ଜୀବନ ବାଧାପ୍ରାପ୍ତ ହୋଇଥିବାରୁ ଆପଣ ଈଶ୍ୱରଙ୍କ ବ୍ୟବହାର ଯୋଗ୍ୟ ହୋଇ ପାରିବେ ନାହିଁ ବୋଲି ଭାବୁଛନ୍ତି ? ତା'ହେଲେ ଯିଏ ଉତ୍ସ, ତାଙ୍କ ପ୍ରତି ଧ୍ୟାନ ରଖନ୍ତୁ । ହୁଏତ ଈଶ୍ୱର ଆପଣଙ୍କୁ ବାଧାବିଘ୍ନ ମଧ୍ୟରେ କଢ଼ାଇ ନେବେ କିମ୍ବା ସେସବୁ ଦୂର କରିଦେବେ । ଈଶ୍ୱରଙ୍କ ଆତ୍ମାଙ୍କର ନଦୀ ସବୁ ବାଧା ଅତିକ୍ରମ କରେ । ବାଧା କିମ୍ବା ଅସୁବିଧା ପ୍ରତି ଧ୍ୟାନ ଦିଅନ୍ତୁ ନାହିଁ । ଯଦି ଉତ୍ସ ପ୍ରତି ଆପଣ ଅନୁରକ୍ତ, ତେବେ ଆପଣଙ୍କ ମଧ୍ୟରେ ପ୍ରବାହିତ ହେଉଥିବା ନଦୀ ଉପରେ କୌଣସି ପ୍ରତିବନ୍ଧକର ପ୍ରଭାବ ରହିବ ନାହିଁ । ଆପଣଙ୍କର ଏବଂ ଯୀଶୁଖ୍ରୀଷ୍ଟଙ୍କ ମଧ୍ୟରେ କୌଣସି ବିଷୟ ଅନ୍ତରାୟ ସୃଷ୍ଟି ନ କରୁ – ଭାବପ୍ରବଣତା ବା ଅନୁଭୂତି, ଏ କୌଣସି ବିଷୟ ମୂଳ ଉତ୍ସଠାରୁ ଆପଣଙ୍କୁ ଲକ୍ଷ୍ୟଭ୍ରଷ୍ଟ ନ କରୁ ।

ସୁସ୍ଥକାରୀ ଏବଂ ସୁଦୂରପ୍ରସାରୀ ସେହି ନଦୀଗୁଡ଼ିକ ବିଷୟ ଚିନ୍ତା କରନ୍ତୁ, ଯେଉଁସବୁ ଆମ ହୃଦୟରେ ବିକଶିତ ଏବଂ ପରିପୁଷ୍ଟ ହେଉଛନ୍ତି । ଈଶ୍ୱର ଆମ ମନରେ ଅଦ୍ଭୁତ ସତ୍ୟ ପ୍ରକଟ କରୁଛନ୍ତି ଏବଂ ସେ ଯେଉଁ ବିଷୟ ଉନ୍ମୁକ୍ତ କରିଛନ୍ତି, ତାହା ସେହି ଉଚ୍ଛୁଳା ନଦୀର ସାମର୍ଥ୍ୟ ବିଷୟରେ ଇଂଗିତ ଦିଏ, ଯାହା ସେ ଆମ ମଧ୍ୟରେ ପ୍ରବାହିତ କରାଇବେ । ଆପଣ ଯଦି ଯୀଶୁଙ୍କୁ ବିଶ୍ୱାସ କରନ୍ତି, ତେବେ ଆପଣ ଦେଖିବେ ଯେ, ଈଶ୍ୱର ଅନ୍ୟମାନଙ୍କ ଆଶୀର୍ବାଦ ପାଇଁ ଆପଣଙ୍କ ମଧ୍ୟରେ ପ୍ରବାହିତ ପ୍ରଖର ଏବଂ ବେଗଗାମୀ ନଦୀକୁ ବିକଶିତ ଏବଂ ପରିପୁଷ୍ଟ କରିଛନ୍ତି ।

## ସେପ୍ଟେମ୍ବର ୭

# ଆଶୀର୍ବାଦର ନିର୍ଝର

### ବରଞ୍ଚ ମୁଁ ତାକୁ ଯେଉଁ ଜଳ ଦିଏ, ସେହି ଜଳ ତା' ମଧ୍ୟରେ ନିର୍ଝର ସ୍ୱରୂପ ହୋଇ ଅନନ୍ତ ଜୀବନକୁ ଉଛୁଳି ଉଠୁଥିବ ।

### ଯୋହନ ୪:୧୪

ଆମର ପ୍ରଭୁ ଏଠାରେ ଯେଉଁ ଚିତ୍ରର ବର୍ଣ୍ଣନା କରିଛନ୍ତି, ତାହା ଏକ ଛୋଟ ଜଳଧାରା ନୁହେଁ, ମାତ୍ର ଏକ ଉଛୁଳା ନିର୍ଝର ଅଟେ । ''ପୂର୍ଣ୍ଣ ହୁଅନ୍ତୁ'' (ଏଫିସୀ ୫:୧୮) ଏବଂ ଯୀଶୁଙ୍କ ସହିତ ଆପଣଙ୍କ ଘନିଷ୍ଠ ସଂପର୍କର ମଧୁରତା ଆପଣଙ୍କ ମଧ୍ୟରେ ସେହିପରି ଉଦାରତା ସହ ପ୍ରବାହିତ ହେବ, ଯାହା ସେ ଆପଣଙ୍କୁ ଦେଇଛନ୍ତି । ଯଦି ଆପଣ ଦେଖନ୍ତି ଯେ, ଆପଣଙ୍କ ଜୀବନ ସେଭଳି ଉଛୁଳି ଉଠୁ ନାହିଁ, ତେବେ ସେଥିପାଇଁ ଆପଣ ଦାୟୀ – କୌଣସି ବିଷୟ ସ୍ରୋତକୁ ଅଟକାଇ ରଖୁଛି । ଯୀଶୁ କ'ଣ କହୁଥିଲେ ଯେ, ବ୍ୟକ୍ତିଗତ ଆଶୀର୍ବାଦ ପାଇଁ ଆପଣଙ୍କୁ ଉତ୍ସ ପ୍ରତି ଦୃଷ୍ଟି ନିବଦ୍ଧ କରିବାକୁ ହେବ ? ନା, ଆପଣଙ୍କୁ ଉତ୍ସ ପ୍ରତି ଧ୍ୟାନ ମଗ୍ନ ହେବା ପାଇଁ ପଡ଼ିବ, ଯେପରି ଆପଣଙ୍କ ଅନ୍ତରରୁ ''ଅମୃତ ଜଳର ନିର୍ଝର ପ୍ରବାହିତ ହେବ'' । ଏହା ଏକ ଅଦମନୀୟ ଜୀବନ (ଯୋହନ ୭:୩୮) ।

ଆମକୁ ଏଭଳି ନିର୍ଝର ହେବାକୁ ପଡ଼ିବ, ଯାହା ମଧ୍ୟ ଦେଇ ଯୀଶୁ ପ୍ରତ୍ୟେକଙ୍କ ପାଇଁ ଆଶୀର୍ବାଦ ପ୍ରଦାନକାରୀ ''ଅମୃତ ଜଳର ନିର୍ଝର'' ରୂପେ ପ୍ରବାହିତ ହେବେ । କିନ୍ତୁ ଆମ ମଧ୍ୟରୁ ଅଧିକାଂଶ ମୃତସାଗର ଭଳି ସବୁବେଳେ ପାଇଥାଉ, କିଛି ଦେଇ ନ ଥାଉ, କାରଣ ପ୍ରଭୁ ଯୀଶୁଙ୍କ ସହିତ ଆମର ଯଥାର୍ଥ ସଂପର୍କ ନାହିଁ । ଯେଉଁ ନିଶ୍ଚିତତା ସହ ଆମେ ତାଙ୍କଠାରୁ ଆଶୀର୍ବାଦ ପାଉ, ସେହି ନିଶ୍ଚିତତା ସହ ସେ ଆମ ଦ୍ୱାରା ଆଶୀର୍ବାଦ ଉଛୁଳାଇ ଦେବେ । କିନ୍ତୁ ଯେତେବେଳେ ତାଙ୍କଠାରୁ ପ୍ରାପ୍ତ ଆଶୀର୍ବାଦର ପରିମାଣ ଅନୁସାରେ ତାହା ଯଦି ପ୍ରବାହିତ ନ ହୁଏ, ଏହାର ଅର୍ଥ ହେଉଛି, ତାଙ୍କ ସହିତ ଆମର ସଂପର୍କରେ କିଛି ତ୍ରୁଟି ରହିଛି । ଆପଣଙ୍କର ଏବଂ ଯୀଶୁଙ୍କ ମଧ୍ୟରେ ସେପରି କିଛି ବିଷୟ ଅଛି କି ? ତାଙ୍କ ପ୍ରତି ଆପଣଙ୍କ ବିଶ୍ୱାସ ବାଧାପ୍ରାପ୍ତ ହେଉଛି କି ? ଯଦି ନୁହେଁ, ତେବେ ଯୀଶୁଙ୍କ କହିବାନୁସାରେ ଆପଣଙ୍କ ଅନ୍ତରରୁ ''ଅମୃତ ଜଳର ନିର୍ଝର'' ପ୍ରବାହିତ ହେବ । ଏହା ଏକ ଆଶୀର୍ବାଦ ନୁହେଁ, ଯାହାକୁ ଆପଣ ଅନ୍ୟମାନଙ୍କୁ ବାଣ୍ଟିବେ, କିମ୍ବା ଏହା ଏକ ଅନୁଭୂତି ନୁହେଁ, ଯାହାକୁ ଆପଣ ଅନ୍ୟମାନଙ୍କର ଅଂଶୀ କରାଇବେ, ମାତ୍ର ଏହା ଆପଣଙ୍କ ମଧ୍ୟ ଦେଇ ନିରନ୍ତର ବହିଯାଉଥିବା ଏକ ନଦୀ । ଉତ୍ସ ସହିତ ଲାଗି ରହିଥାନ୍ତୁ, ଯୀଶୁଖ୍ରୀଷ୍ଟଙ୍କ ସହିତ ଆପଣଙ୍କ ବିଶ୍ୱାସ ଏବଂ ସଂପର୍କକୁ ସୁରକ୍ଷିତ କରନ୍ତୁ । ତା'ହେଲେ ଅନ୍ୟମାନଙ୍କ ଜୀବନ ପାଇଁ ଏହା ଏକ ନିରନ୍ତର ପ୍ରବାହିତ ସ୍ରୋତ ସ୍ୱରୂପ ହେବ, ଯାହା କେବେ ଶୁଷ୍କ ଏବଂ ପ୍ରାଣହୀନ ହେବ ନାହିଁ ।

ଏହା କହିବା କ'ଣ ଅତିରଂଜିତ ହେବ ଯେ, ଜଣେ ବିଶ୍ୱାସୀଙ୍କ ବ୍ୟକ୍ତିଗତ ଜୀବନରୁ ନିର୍ଝର ପ୍ରବାହିତ ହେବ ? ଆପଣ କ'ଣ ନିଜ ପ୍ରତି ଦୃଷ୍ଟିପାତ କରି କହନ୍ତି, ''କିନ୍ତୁ ମୁଁ କୌଣସି ନଦୀ ଦେଖି ପାରୁ ନାହିଁ ?'' ଈଶ୍ୱରଙ୍କ କାର୍ଯ୍ୟର ଇତିହାସରୁ ଜଣାଯାଏ ଯେ ସେ ଅଜଣା, ଅଶୁଣା ଏବଂ ଅବଜ୍ଞାତ ଲୋକଙ୍କ ମଧ୍ୟରୁ କାର୍ଯ୍ୟ ଆରମ୍ଭ କରନ୍ତି, କିନ୍ତୁ ସେମାନେ ସବୁବେଳେ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ବିଶ୍ୱସ୍ତ ଥା'ନ୍ତି ।

## ସେପ୍ଟେମ୍ବର ୮

# ନିଜେ ଏହା କରନ୍ତୁ

**ଆମେ ଯୁକ୍ତିତର୍କ ସବୁକୁ ଏବଂ ଈଶ୍ୱରଙ୍କ ଜ୍ଞାନର ବିରୋଧ କରୁଥିବା ମିଥ୍ୟା ଦାବୀଗୁଡ଼ିକୁ ଧ୍ୱଂସ କରୁ ।**

**୨ କରିନ୍ଥୀ ୧୦:୫**

**ଦୃଢ଼ ନିଶ୍ଚୟତା ସହ କେତେକ ବସ୍ତୁକୁ ଧ୍ୱଂସ କରନ୍ତୁ ।** ପାପରୁ ଉଦ୍ଧାର ଏବଂ ମନୁଷ୍ୟ ସ୍ୱଭାବରୁ ଉଦ୍ଧାର ଏକା ବିଷୟ ନୁହେଁ । ମନୁଷ୍ୟ ସ୍ୱଭାବରେ ଏଭଳି କିଛି ବିଷୟ ଅଛି, ଯେପରିକି ପୂର୍ବଧାରଣା, ଯାହାକୁ ଜଣେ ପବିତ୍ର ବ୍ୟକ୍ତି ତାଙ୍କର ଅବହେଳା ଦ୍ୱାରା ନଷ୍ଟ କରିପାରନ୍ତି । ଏଭଳି ଆଉ କେତେକ ବିଷୟ ଅଛି, ଯାହାକୁ ବଳପୂର୍ବକ ଈଶ୍ୱରଙ୍କ ଆତ୍ମାଙ୍କ ପ୍ରଦତ୍ତ ଶକ୍ତି ଦ୍ୱାରା ନଷ୍ଟ କରିବା ଆବଶ୍ୟକ ହୁଏ । ଆଉ କେତେକ ବିଷୟ ଅଛି, ଯାହା ବିରୁଦ୍ଧରେ ସଂଘର୍ଷ ନ କରି ଆମେ କେବଳ ‘‘ସୁସ୍ଥିର ହୋଇ ପ୍ରଭୁ କିପରି ଉଦ୍ଧାର କରିବେ, ତାହା ଦେଖିବା’’ (ଯାତ୍ରାପୁସ୍ତକ ୧୪:୧୩) । କିନ୍ତୁ ପ୍ରତ୍ୟେକ ମତ ବା ଚିନ୍ତାଧାରା ଯାହା ‘‘ଈଶ୍ୱରଙ୍କ ଜ୍ଞାନର ବିରୋଧ କରୁଥିବା’’ ଏକ ପ୍ରତିରୋଧକାରୀ ଗଡ଼ ଭଳି ଛିଡ଼ା ହୋଇ ରହେ, ତାହାକୁ ମନୁଷ୍ୟର ପ୍ରୟାସ ବା ସାଲିସ୍ ଦ୍ୱାରା ନୁହେଁ, ମାତ୍ର ଈଶ୍ୱରଙ୍କ ଶକ୍ତି ଉପରେ ନିର୍ଭର କରି ଦୃଢ଼ତାର ସହ ଧ୍ୱଂସ କରିବାକୁ ହେବ (୨ କରିନ୍ଥୀ ୧୦:୪ ଦେଖନ୍ତୁ) ।

ଯେତେବେଳେ ଈଶ୍ୱର ଆମ ସ୍ୱଭାବକୁ ରୂପାନ୍ତରିତ କରନ୍ତି ଏବଂ ଆମେ ପବିତ୍ରୀକରଣ ଅନୁଭୂତି ମଧ୍ୟରେ ପ୍ରବେଶ କରୁ, ସେତେବେଳେ ଯୁଦ୍ଧ ଆରମ୍ଭ ହୁଏ । ଏ ଯୁଦ୍ଧ ପାପ ବିରୁଦ୍ଧରେ ନୁହେଁ, କାରଣ ଆମେ ପାପ ବିରୁଦ୍ଧରେ ଯୁଦ୍ଧ କରିପାରିବା ନାହିଁ । ଯୀଶୁଖ୍ରୀଷ୍ଟ ଆମର ମୁକ୍ତି କାର୍ଯ୍ୟ ସଂପନ୍ନ କରିବା ସମୟରେ ପାପ ଉପରେ ଜୟଲାଭ କରିଥିଲେ । ଆମର ସ୍ୱାଭାବିକ ଜୀବନକୁ ଆତ୍ମିକ ଜୀବନରେ ପରିଣତ କରିବା କ୍ଷେତ୍ରରେ ସଂଘର୍ଷ ଆରମ୍ଭ ହୁଏ । ଏହା ସହଜ ଉପାୟରେ ହୁଏ ନାହିଁ, ଈଶ୍ୱର ମଧ୍ୟ ତାହା ଇଚ୍ଛା କରନ୍ତି ନାହିଁ । ଏହା କେବଳ ନୈତିକ ମନୋନୟନ ଦ୍ୱାରା ସାଧିତ ହୁଏ । ଆମର ସ୍ୱଭାବକୁ ପବିତ୍ର କରିବା ଦ୍ୱାରା ଈଶ୍ୱର ଆମକୁ ପବିତ୍ର କରନ୍ତି ନାହିଁ । ତାଙ୍କ ସମ୍ମୁଖରେ ଆମକୁ ନିର୍ଦ୍ଦୋଷ ରୂପେ ଗଢ଼ିଥିବାରୁ ସେ ଆମକୁ ପବିତ୍ର କରନ୍ତି । ତା’ପରେ ଆମକୁ ନୈତିକ ମନୋନୟନ ଦ୍ୱାରା ଏହି ନିର୍ଦ୍ଦୋଷ ସ୍ୱଭାବକୁ ପବିତ୍ର ସ୍ୱଭାବରେ ପରିଣତ କରିବାକୁ ହେବ । ଏହି ମନୋନୟନ ସବୁବେଳେ ଆମର ଶାରୀରିକ ଜୀବନର ସେହି ବିଷୟର ବିରୋଧ କରେ, ଯାହା ଆମ ମଧ୍ୟରେ ଜମି ରହିଛି – ସେହି ସବୁ ବିଷୟ ଯାହା ‘‘ଈଶ୍ୱରଙ୍କ ଜ୍ଞାନର ବିରୋଧ କରୁଥିବା’’ ଗଡ଼ ସଦୃଶ ଠିଆ ହୋଇ ରହେ । ହୁଏତ ଆମେ ଈଶ୍ୱରଙ୍କ ରାଜ୍ୟ ପାଇଁ ନିଜକୁ ଅପଦାର୍ଥ ମନେ କରି ଫେରିଯାଇ ପାରୁ ଅଥବା ଦୃଢ଼ ରୂପେ ନିଶ୍ଚିତ ହୋଇ ସେହି ବିଷୟ ସବୁକୁ ଧ୍ୱଂସ କରିପାରୁ ଏବଂ ଯୀଶୁଙ୍କୁ ଆଉ ଜଣେ ପୁତ୍ରଙ୍କ ଜୀବନରେ ଗୌରବାନ୍ୱିତ କରିବା ପାଇଁ ଅନୁମତି ଦେଇପାରୁ (ଏବ୍ରୀ ୨:୧୦ ଦେଖନ୍ତୁ) ।

## ସେପ୍ଟେମ୍ବର ୯

# ନିଜେ ଏହା କରନ୍ତୁ

**ପୁଣି ଖ୍ରୀଷ୍ଟଙ୍କର ଆଜ୍ଞାବହ ହେବା ପାଇଁ**
**ପ୍ରତ୍ୟେକ ଚିନ୍ତା ଭାବନାକୁ ବନ୍ଧନରେ ରଖୁ ।**
**୨ କରିନ୍ଥୀ ୧୦:୫**

**ଦୃଢ଼ ନିଶ୍ଚୟତା ସହ ଅନ୍ୟ ବିଷୟ ସବୁକୁ ଶୃଙ୍ଖଳିତ କରନ୍ତୁ ।** ଏହା ପବିତ୍ର ବ୍ୟକ୍ତିଙ୍କ ଶ୍ରମସାପେକ୍ଷ ଜୀବନର ଏକ କଠିନ ଦିଗ । ଗୋଟିଏ ଅନୁବାଦ ଅନୁସାରେ ପାଉଲ କହନ୍ତି, ‘‘ମୁଁ ପ୍ରତ୍ୟେକ ପ୍ରକଳ୍ପକୁ ବନ୍ଦୀ କରୁଛି, ଯେପରି ସେଗୁଡ଼ିକ ଖ୍ରୀଷ୍ଟଙ୍କ ଆଜ୍ଞାକାରୀ ହେବେ ।’’ ଆଜି ଅନେକ ଖ୍ରୀଷ୍ଟୀୟ କାର୍ଯ୍ୟ ଶୃଙ୍ଖଳିତ ହୋଇପାରି ନାହିଁ, ଏହା କେବଳ ଆବେଗ ଭରା ମନର ନିଷ୍ପତ୍ତି ଦ୍ୱାରା ସ୍ଥିରୀକୃତ ହୋଇଛି । ପ୍ରଭୁଙ୍କ ଜୀବନର ପ୍ରତ୍ୟେକ ଯୋଜନା ତାହାଙ୍କ ପିତାଙ୍କର ଇଚ୍ଛା ଦ୍ୱାରା ଶୃଙ୍ଖଳିତ ହୋଇଥିଲା । ପିତାଙ୍କ ଇଚ୍ଛାରୁ ଓହରି ଯାଇ ନିଜର ପ୍ରବୃତ୍ତିକୁ ଅନୁସରଣ କରିବା ପାଇଁ ତାହାଙ୍କର ସାମାନ୍ୟ ଇଚ୍ଛା ମଧ୍ୟ ନ ଥିଲା– ‘ପୁତ୍ର ନିଜ ଇଚ୍ଛାରୁ କିଛି କରିପାରନ୍ତି ନାହିଁ’’ (ଯୋହନ ୫:୧୯) ।

ଆମର କାର୍ଯ୍ୟ ସହିତ ଏହାର ତୁଳନା କରନ୍ତୁ । ଆବେଗ ମଧ୍ୟରୁ ଆଗତ ‘‘ପ୍ରତ୍ୟେକ ଭାବନା’’ ବା ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଆମେ ସଂଗେ ସଂଗେ ଡେଇଁପଡୁ, କିନ୍ତୁ ଖ୍ରୀଷ୍ଟଙ୍କ ଆଜ୍ଞାକାରୀ ହେବା ପାଇଁ ନିଜକୁ ବନ୍ଦୀ ଏବଂ ଶୃଙ୍ଖଳିତ କରି ନ ଥାଉ ।

ଆଜିକାଲି ଖ୍ରୀଷ୍ଟିୟାନମାନଙ୍କ ପାଇଁ ବ୍ୟାବହାରିକ କାର୍ଯ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି ଏବଂ ଯେଉଁ ପବିତ୍ର ଲୋକମାନେ ପ୍ରତ୍ୟେକ ଭାବନା (ଯୋଜନା)କୁ ବନ୍ଦୀ କରି ଈଶ୍ୱରଙ୍କ ଆଜ୍ଞାକାରୀ ରୂପେ ପରିଚିତ କରାନ୍ତି, ସେମାନେ ସମାଲୋଚିତ ହୁଅନ୍ତି ଏବଂ ସେମାନଙ୍କ ପ୍ରତି ଦୋଷାରୋପ ହୁଏ ଯେ, ସେମାନେ ଈଶ୍ୱରଙ୍କ ପ୍ରତି ଅବା ଆତ୍ମାମାନଙ୍କ ପ୍ରତି ବିଶ୍ୱସ୍ତ ନୁହନ୍ତି । କିନ୍ତୁ ପ୍ରକୃତ ନିଷ୍ଠା ଏବଂ ଆଗ୍ରହ ଈଶ୍ୱରଙ୍କ ପ୍ରତି ବାଧ୍ୟତା ମଧ୍ୟରେ ସୃଷ୍ଟି ହୁଏ, ଈଶ୍ୱରଙ୍କ ସେବା କରିବା ପାଇଁ ଆମର ବିଶୃଙ୍ଖଳିତ ମାନବୀୟ ସ୍ୱଭାବରୁ ଜାତ ପ୍ରବୃତ୍ତି ଦ୍ୱାରା ନୁହେଁ । ଏହା ଅବିଶ୍ୱସନୀୟ କିନ୍ତୁ ସତ ଯେ, ପବିତ୍ର ଲୋକମାନେ ତାଙ୍କର ଭାବନା (ଯୋଜନା)କୁ ବନ୍ଦୀ କରି ଈଶ୍ୱରଙ୍କ ଆଜ୍ଞାକାରୀ ହୁଅନ୍ତି ନାହିଁ, ମାତ୍ର ମାନବୀୟ ସ୍ୱଭାବ ଦ୍ୱାରା ଚାଳିତ ହୋଇ ଈଶ୍ୱରଙ୍କ ପାଇଁ କାର୍ଯ୍ୟ କରନ୍ତି । ଏହା ଦୃଢ଼ ନିଶ୍ଚୟତାର ଶୃଙ୍ଖଳା ଦ୍ୱାରା ଆତ୍ମିକ କାର୍ଯ୍ୟରେ ପରିଣତ ହୋଇପାରେ ନାହିଁ ।

ଆମର ଭୁଲିଯିବାର ଏହି ପ୍ରବୃତ୍ତି ରହିଛି ଯେ, ଜଣେ ବ୍ୟକ୍ତି କେବଳ ଉଦ୍ଧାର ପ୍ରାପ୍ତ ହେବା ପାଇଁ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ସମର୍ପିତ ନୁହଁନ୍ତି, ମାତ୍ର ଈଶ୍ୱରଙ୍କ ପ୍ରତି, ଜଗତ ପ୍ରତି, ପାପ ପ୍ରତି ଏବଂ ଶୟତାନ ପ୍ରତି ଯୀଶୁ ଖ୍ରୀଷ୍ଟଙ୍କ ଦୃଷ୍ଟିକୋଣ ନିକଟରେ ସମର୍ପିତ ଅଟନ୍ତି । ଏହାର ଅର୍ଥ ହେଉଛି, ପ୍ରତ୍ୟେକ ବ୍ୟକ୍ତି ‘‘ମନର ନବୀକରଣ ଦ୍ୱାରା ପରିବର୍ତ୍ତିତ’’ ହେବାର ଦାୟିତ୍ୱ ଉପଲବ୍ଧି କରିବା ଉଚିତ୍ (ରୋମୀ ୧୨:୨) ।

## ସେପ୍ଟେମ୍ବର ୧୦

# ମିଶେନେରୀଙ୍କ ହତିଆର

### ତୁମେ ଯେଉଁ ସମୟରେ ଡିମ୍ବିରି ଗଛ ତଳେ ଥିଲ, ମୁଁ ତୁମକୁ ଦେଖିଥିଲି ।

### ଯୋହନ ୧:୪୮

**ଦୈନନ୍ଦିନ ଘଟଣା ମଧ୍ୟରେ ଉପାସନା ।** ଆମେ ମାନି ନେଇଥାଉ ଯେ, ଆମେ ଯଦି କୌଣସି ବଡ଼ ସଙ୍କଟର ସମ୍ମୁଖୀନ ହେବା, ତେବେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବା, କିନ୍ତୁ ଏହି ସଙ୍କଟ କେବଳ ସେହି ବିଷୟ ପ୍ରକଟ କରେ, ଯାହା ପାଇଁ ଆମେ ପୂର୍ବରୁ ପ୍ରସ୍ତୁତ ହୋଇଛୁ, ତାହା ଆମ ମଧ୍ୟରେ କିଛି ଉତ୍ପନ୍ନ କରେ ନାହିଁ । ଆପଣ କ'ଣ ନିଜକୁ ଏହିଭଳି କହନ୍ତି, ''ଯଦି ଈଶ୍ୱର ମୋତେ ଯୁଦ୍ଧ ପାଇଁ ଡାକନ୍ତି, ତେବେ ମୁଁ ପ୍ରସ୍ତୁତ ଥିବି ?'' କିନ୍ତୁ ଆପଣ ସେହି ପରିସ୍ଥିତିର ସମ୍ମୁଖୀନ ହୋଇପାରିବେ ନାହିଁ, ଯଦି ଆପଣ ଈଶ୍ୱରଙ୍କ ପ୍ରଶିକ୍ଷଣ କ୍ଷେତ୍ରରେ ତାହା କରିନାହାନ୍ତି । ଯଦି ଆପଣ ସେହି କାର୍ଯ୍ୟ କରୁନାହାନ୍ତି, ଯାହା ଆପଣଙ୍କ ଅତି ନିକଟରେ, ଯାହା ଈଶ୍ୱର ଆପଣଙ୍କ ଜୀବନରେ ଆଣିଛନ୍ତି, ତା' ହେଲେ ସଂକଟ ଆସିବା ସମୟରେ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବା ପରିବର୍ତ୍ତେ ଆପଣ ଅଯୋଗ୍ୟ ବିବେଚିତ ହେବେ । ସଂକଟ ସବୁ ସମୟରେ ଜଣେ ବ୍ୟକ୍ତିଙ୍କ ପ୍ରକୃତ ଚରିତ୍ରକୁ ପ୍ରକଟ କରେ ।

ଆତ୍ମିକ ଦକ୍ଷତାର ସବୁଠାରୁ ଆବଶ୍ୟକୀୟ ବିଷୟ ହେଉଛି, ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବ୍ୟକ୍ତିଗତ ଉପାସନା । ସମୟ ଆସିବ, ଏହି ଅନୁଚ୍ଛେଦରେ ନିଥନିଏଲଙ୍କ ଅନୁଭୂତି ଭଳି ଏକ ବ୍ୟକ୍ତିଗତ ''ଡିମ୍ବିର ଗଛ''ର ଜୀବନ ଆଉ ସମ୍ଭବ ହେବ ନାହିଁ । ସବୁ କିଛି ମୁକ୍ତ ପରିବେଶକୁ ଆସିବ, ଆଉ ଆପଣ ଜାଣି ପାରିବେ ଯେ ଆପଣ ଯଦି ଆପଣଙ୍କ ଘରେ ପ୍ରତିଦିନର ଘଟଣା ମଧ୍ୟରେ ଉପାସନା କରି ନାହାନ୍ତି, ତେବେ ଆପଣ ଅଯୋଗ୍ୟ ବିବେଚିତ ହେବେ । ଯଦି ଈଶ୍ୱରଙ୍କ ସହିତ ଆପଣଙ୍କ ବ୍ୟକ୍ତିଗତ ସଂପର୍କ ମଧ୍ୟରେ ଆପଣଙ୍କ ଉପାସନା ଯଥାର୍ଥ ହୁଏ, ତା'ହେଲେ ସେ ଯେତେବେଳେ ଆପଣଙ୍କୁ ମୁକ୍ତ କରିବେ, ଆପଣ ସେହି ସମୟରେ ପ୍ରସ୍ତୁତ ଥିବେ । ଆପଣଙ୍କ ଅଦୃଶ୍ୟ ଜୀବନ ଯାହା କେବଳ ଈଶ୍ୱରଙ୍କ ଦୃଷ୍ଟିଗୋଚର ହେଲା, ସେହି ଜୀବନରେ ଆପଣ ସଂପୂର୍ଣ୍ଣ ଯୋଗ୍ୟ ବିବେଚିତ ହୋଇଛନ୍ତି । ଯେତେବେଳେ ସଂକଟର ଆଶଙ୍କା ଆସିବ, ସେତେବେଳେ ଈଶ୍ୱର ଆପଣଙ୍କ ଉପରେ ଭରସା ରଖି ପାରିବେ ।

ଆପଣ କ'ଣ କହୁଛନ୍ତି, ''ମୋର ବର୍ତ୍ତମାନ ପରିସ୍ଥିତିରେ ମୁଁ ପବିତ୍ର ଜୀବନ ଯାପନ କରି ପାରିବି ନାହିଁ, ପ୍ରାର୍ଥନା ଏବଂ ବାଇବଲ ଅଧ୍ୟୟନ ପାଇଁ ବର୍ତ୍ତମାନ ମୋର ସମୟ ନାହିଁ, ଏହାଛଡ଼ା ଯୁଦ୍ଧ ପାଇଁ ଏ ପର୍ଯ୍ୟନ୍ତ ମୋର ସୁଯୋଗ ଆସି ନାହିଁ, କିନ୍ତୁ ଯେତେବେଳେ ଆସିବ, ମୁଁ ପ୍ରସ୍ତୁତ ରହିବି ?'' ନା, ଆପଣ ପ୍ରସ୍ତୁତ ରହିପାରିବେ ନାହିଁ । ଯଦି ଆପଣ ଦୈନନ୍ଦିନ ଘଟଣା ମଧ୍ୟରେ ଉପାସନା କରନ୍ତି ନାହିଁ, ତା' ହେଲେ ଯେତେବେଳେ ଆପଣ ଈଶ୍ୱରଙ୍କ କାର୍ଯ୍ୟରେ ଜଡ଼ିତ ହେବେ, ସେତେବେଳେ ନିଜକୁ କେବଳ ଅଯୋଗ୍ୟ ବୋଲି ପ୍ରମାଣିତ କରିବେ ନାହିଁ, ମାତ୍ର ଆପଣଙ୍କ ଚାରିପାଖେ ରହୁଥିବା ଲୋକଙ୍କ ପାଇଁ ଏକ ପ୍ରତିବନ୍ଧକ ସ୍ୱରୂପ ହେବେ ।

ଈଶ୍ୱରଙ୍କ ପ୍ରଶିକ୍ଷଣ କ୍ଷେତ୍ର, ଯେଉଁଠାରେ ମିଶେନେରୀମାନଙ୍କ ହତିଆର ଉପଲବ୍ଧ ହୁଏ, ତାହା ହେଉଛି ପବିତ୍ର ଲୋକଙ୍କ ଲୁକ୍କାୟିତ, ବ୍ୟକ୍ତିଗତ ଉପାସନାରତ ଜୀବନ ।

# ମିଶେନେରୀମାନଙ୍କ ହତିଆର

**ମୁଁ ତୁମର ପ୍ରଭୁ ଓ ଗୁରୁ ହୋଇ ଯଦି ତୁମମାନଙ୍କର ପାଦ ଧୋଇଲି, ତୁମେମାନେ ମଧ୍ୟ ପରସ୍ପରର ପାଦ ଧୋଇବା ଉଚିତ୍ ।**

**ଯୋହନ ୧୩:୧୪**

**ପ୍ରତିଦିନର ସୁଯୋଗ ମଧ୍ୟରେ ସେବାକାର୍ଯ୍ୟ ।** ପ୍ରତିଦିନ ଆମ ଚାରିପାଖରୁ ମିଳୁଥିବା ସୁଯୋଗର ସେବାକାର୍ଯ୍ୟର ଅର୍ଥ ଏହା ନୁହେଁ ଯେ, ଆମେ ଆମର ପାଖ ପଡ଼ୋଶୀମାନଙ୍କୁ ନିଜେ ବାଛିବା– ଏହାର ଅର୍ଥ ହେଉଛି, ଈଶ୍ୱରଙ୍କ ଦ୍ୱାରା ନିରୂପିତ ପରିସ୍ଥିତି ମଧ୍ୟରେ ଈଶ୍ୱରଙ୍କ ଦ୍ୱାରା ସେହି କାର୍ଯ୍ୟ ପାଇଁ ମନୋନୀତ ହେବା । ଆମର ବର୍ତ୍ତମାନ ପରିସ୍ଥିତିରେ ଆମେ ଯେଉଁ ଚରିତ୍ର ପ୍ରଦର୍ଶନ କରୁ, ଅନ୍ୟ ପରିସ୍ଥିତିରେ ଆମର ଚରିତ୍ର ପ୍ରଦର୍ଶନ କିପରି ହେବ, ଏହା ତାହାର ସଂକେତ ଦିଏ ।

ଯୀଶୁ ଯେଉଁ କାର୍ଯ୍ୟ କଲେ, ତାହା ପ୍ରତିଦିନ ସଂପାଦିତ ହେଉଥିବା ଏକ ନଗଣ୍ୟ କାର୍ଯ୍ୟ ଥିଲା, ଏହା ସଂକେତ ଦିଏ ଯେ, ଅତି ସାଧାରଣ କାର୍ଯ୍ୟକୁ ଈଶ୍ୱରଙ୍କ ଉପାୟରେ କରିବା ପାଇଁ ମୋ ମଧ୍ୟରେ ଈଶ୍ୱରଙ୍କ ସଂପୂର୍ଣ୍ଣ ଶକ୍ତି ଆବଶ୍ୟକ ହେବ । ତାଙ୍କ ପରି ମୁଁ କ'ଣ ଗୋଟିଏ ଗାମୁଛା ବ୍ୟବହାର କରି ପାରିବି ? ଗାମୁଛା, ଥାଳି, ଚପଲ ଏବଂ ଆମ ଜୀବନର ଅନ୍ୟ ସବୁ ସାଧାରଣ ବସ୍ତୁ ଅତି ଶୀଘ୍ର ସୂଚୀତ କରେ ଯେ, ଆମେ କେଉଁ ଧାତୁରୁ ନିର୍ମିତ । ସବୁଠାରୁ ତୁଚ୍ଛ କାମ କିପରି ହେବା ଉଚିତ୍, ସେଥିପାଇଁ ଆମ ମଧ୍ୟରେ ସର୍ବ ଶକ୍ତିମାନ ଈଶ୍ୱରଙ୍କ ଉପସ୍ଥିତି ଏକାନ୍ତ ଆବଶ୍ୟକ ।

ଯୀଶୁ କହିଲେ, ''ମୁଁ ତୁମମାନଙ୍କ ପାଇଁ ଯାହା କଲି, ତୁମେମାନେ ସେହିପରି କରିବା ଉଚିତ୍ ବୋଲି ମୁଁ ତୁମମାନଙ୍କୁ ଏକ ଆଦର୍ଶ ଦେଇଛି'' (ଯୋହନ ୧୩:୧୫) । ଈଶ୍ୱର ଯେଉଁମାନଙ୍କୁ ଆପଣଙ୍କ ସଂପର୍କରେ ଆଣୁଛନ୍ତି, ସେମାନଙ୍କ ବିଷୟ ଚିନ୍ତା କରନ୍ତୁ, ଆପଣ ଯେତେବେଳେ ଜାଣିବେ ଯେ, ଏହି ଉପାୟରେ ଈଶ୍ୱର ଆପଣଙ୍କୁ ଦେଖାଇବାକୁ ଚାହାନ୍ତି ଯେ, ଆପଣ ତାଙ୍କ ପ୍ରତି କେଉଁ ପ୍ରକାର ଲୋକ ଥିଲେ, ସେତେବେଳେ ଆପଣ ଲଜ୍ଜିତ ହେବେ । ବର୍ତ୍ତମାନ ସେ କହନ୍ତି ଯେ, ଆମେ ଆମର ପଡ଼ୋଶୀଙ୍କ ମଧ୍ୟରେ ତାହା ପ୍ରଦର୍ଶନ କରିବା ଯାହା ସେ ଆମକୁ ପ୍ରଦର୍ଶନ କରିଛନ୍ତି ।

ଆପଣ କ'ଣ ତାଙ୍କୁ କହୁଛନ୍ତି, ''ମୁଁ ଯେତେବେଳେ ମିଶନ୍ କ୍ଷେତ୍ରକୁ ଯିବି, ମୁଁ ଏସବୁ କାମ କରିବି ?'' ଏହି କଥାର ଅର୍ଥ, ଯୁଦ୍ଧ କ୍ଷେତ୍ରର ଖାତ ମଧ୍ୟରେ ହତିଆର ତିଆରି କରିବାର ପ୍ରୟାସ ସହିତ ସମାନ । ଏପରି କରିବା ସମୟରେ ଆପଣ ମରିବେ ।

ଆମକୁ ଈଶ୍ୱରଙ୍କ ସହିତ ''ଦୁଇ କୋଶ'' ଚାଲିବାକୁ ହେବ (ମାଥିଉ ୫:୪୧) । କିନ୍ତୁ ଆମ ମଧ୍ୟରୁ କେତେକ ଲୋକ ଦଶ ପାଦ ଆଗେଇବା ପରେ କ୍ଳାନ୍ତଶ୍ରାନ୍ତ ହୁଅନ୍ତି । ତା'ପରେ ଆମେ କହୁ, ''ମୋ ଜୀବନର ଆଗାମୀ ସଂକଟ ଆସିବା ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିବି ।'' କିନ୍ତୁ ଆମେ ଯଦି ପ୍ରତିଦିନର ସୁଯୋଗ ମଧ୍ୟରେ ସେବାକାର୍ଯ୍ୟ ନ କରୁ, ତେବେ ସଂକଟ ଆସିବା ସମୟରେ ଆମେ କିଛି କରିପାରିବା ନାହିଁ ।

ସେପ୍ଟେମ୍ବର ୧୨

# ଆତ୍ମିକ ବିଶୃଙ୍ଖଳା ମଧ୍ୟରେ ଗତି କରିବା

**ଯୀଶୁ ସେମାନଙ୍କୁ କହିଲେ, ''ତୁମେମାନେ କ'ଣ ମାଗୁଛ, ତାହା ନିଜେ ବୁଝୁ ନାହଁ ।''**

**ମାଥିଉ ୨୦:୨୨**

ସମୟେ ସମୟେ ଆପଣଙ୍କ ଆତ୍ମିକ ଜୀବନରେ ଯଦି ବିଶୃଙ୍ଖଳା ଦେଖାଦିଏ, ଏବଂ ଆପଣ ଯଦି କହନ୍ତି ଯେ, ଯଦି ବିଶୃଙ୍ଖଳାର ସମ୍ମୁଖୀନ ହେବା ଉଚିତ୍ ନୁହେଁ, ତେବେ ଏହା ସମାଧାନର ଉପାୟ ନୁହେଁ । ଏହା ଠିକ୍ ଏବଂ ଭୁଲ୍‌ର କଥା ନୁହେଁ, ମାତ୍ର ଈଶ୍ୱରଙ୍କ ଦ୍ୱାରା ଆପଣଙ୍କୁ ଏପରି ପଥ ଦେଇ ଗତି କରିବାକୁ ହୋଇଥାଏ, ଯାହା ଆପଣ ସାମୟିକ ଭାବେ ବୁଝି ପାରନ୍ତି ନାହିଁ । ଆଉ ଏହି ଆତ୍ମିକ ବିଶୃଙ୍ଖଳା ମଧ୍ୟରେ ଗତି କରିବା ଦ୍ୱାରା ଆପଣ ବୁଝି ପାରନ୍ତି ଯେ, ଈଶ୍ୱର ଆପଣଙ୍କ ଠାରୁ କ'ଣ ଅପେକ୍ଷା କରନ୍ତି ।

**ତାହାଙ୍କ ବନ୍ଧୁତ୍ୱରେ ଆଚ୍ଛାଦିତ ହେବା** (ଲୂକ ୧୧:୫-୮ ଦେଖନ୍ତୁ) । ଏଠାରେ ଯୀଶୁ ଜଣେ ଲୋକଙ୍କ ଉଦାହରଣ ଦେଲେ ଯିଏ ତାଙ୍କ ବନ୍ଧୁଙ୍କ ପାଇଁ ମନୋଯୋଗୀ ନ ଥିଲେ । ତାଙ୍କର କହିବାର ଉଦ୍ଦେଶ୍ୟ ଥିଲା ଯେ, ସ୍ୱର୍ଗସ୍ଥ ପିତା ମଧ୍ୟ ସମୟେ ସମୟେ ଆପଣଙ୍କୁ ଏହିଭଳି ସାକ୍ଷାତ୍ କରିବେ । ଆପଣ ଭାବିବେ ଯେ, ସେ ଜଣେ ନିର୍ଦ୍ଦୟ ବଂଧୁ, କିନ୍ତୁ ମନେ ରଖନ୍ତୁ– ସେ ସେପରି ନୁହନ୍ତି । ସମୟ ଆସିବ, ଯେତେବେଳେ ସବୁ ବିଷୟ ବୁଝାଇ ଦିଆଯିବ । ହୃଦୟର ବନ୍ଧୁତା ଉପରେ ମେଘ ଖଣ୍ଡ ଢାଙ୍କି ହୋଇଯାଇଥିବା ଭଳି ମନେହୁଏ, ସମୟେ ସମୟେ ପ୍ରେମକୁ ମଧ୍ୟ ଗଭୀର ସଂଗତି ଏବଂ ଏକତାର ଆଶୀର୍ବାଦ ପାଇଁ ଦୁଃଖ ଏବଂ ଅଶ୍ରୁ ମଧ୍ୟରେ ପ୍ରତୀକ୍ଷା କରିବାକୁ ହୁଏ । ଯେତେବେଳେ ଈଶ୍ୱର ସଂପୂର୍ଣ୍ଣ ଆଚ୍ଛାଦିତ ଥିବା ଭଳି ମନେ ହୁଅନ୍ତି, ଆପଣ କ'ଣ ତାଙ୍କ ପ୍ରତି ଭରସା ରଖି ଦୃଢ଼ ରହିପାରିବେ ?

**ତାହାଙ୍କ ପିତୃତ୍ୱ ଉପରିସ୍ଥ ଛାୟା** (ଲୂକ ୧୧:୧୧-୧୩ ଦେଖନ୍ତୁ) । ଯୀଶୁ କହିଲେ ଯେ, କେତେକ ସମୟରେ ମନେ ହେବ ଯେ, ଆପଣଙ୍କ ସ୍ୱର୍ଗସ୍ଥ ପିତା ଅସ୍ୱାଭାବିକ ପିତା ରୂପେ ଆବିର୍ଭୂତ ହେବେ – କଠୋର ଏବଂ ଉଦାସୀନ ବୋଲି ଜଣାଯିବେ – କିନ୍ତୁ ମନେ ରଖନ୍ତୁ, ସେ ସେପରି ନୁହନ୍ତି । ''ଯେ କେହି ମାଗେ, ସେ ପାଏ'' (ଲୂକ ୧୧:୧୦) । ବର୍ତ୍ତମାନ ଆପଣ ଯଦି ସ୍ୱର୍ଗସ୍ଥ ପିତାଙ୍କ ମୁଖରେ ଗୋଟିଏ ଛାଇ ଦେଖନ୍ତି, ତେବେ ଏହି ସତ୍ୟ ପ୍ରତି ଦୃଢ଼ ରହିଥାନ୍ତୁ ଯେ, ଶେଷରେ ସେ ଆପଣଙ୍କୁ ସ୍ପଷ୍ଟ ବୁଝାଇବେ ଏବଂ ଆପଣଙ୍କ ଜୀବନରେ ସେ ଯାହାସବୁ ଦେଇଛନ୍ତି, ତାହାର ସତ୍ୟତା ପ୍ରତିପାଦିତ କରିବେ ।

**ତାହାଙ୍କ ବିଶ୍ୱସ୍ତତାର ବିଚିତ୍ରତା** (ଲୂକ ୧୮:୧-୮ ଦେଖନ୍ତୁ) । ''କିନ୍ତୁ ମନୁଷ୍ୟପୁତ୍ର ଯେତେବେଳେ ଆସିବେ, ସେ କ'ଣ ପୃଥିବୀରେ ବିଶ୍ୱାସ ଦେଖିବେ ? (ଲୂକ ୧୮:୮) । ସେ କ'ଣ ସେହି ବିଶ୍ୱାସ ପାଇବେ, ଯାହା ବିଶୃଙ୍ଖଳା ମଧ୍ୟରେ ସୁଦ୍ଧା ତାଙ୍କ ଉପରେ ଭରସା ରଖିଥାଏ ? ବିଶ୍ୱାସରେ ସ୍ଥିର ରୁହନ୍ତୁ, ଯୀଶୁଙ୍କ କଥା ସତ୍ୟ ବୋଲି ବିଶ୍ୱାସ କରନ୍ତୁ । ଅବଶ୍ୟ ବର୍ତ୍ତମାନ ଆପଣ ଈଶ୍ୱରଙ୍କ କାର୍ଯ୍ୟ ବିଷୟ ବୁଝିପାରୁ ନାହାନ୍ତି । ବର୍ତ୍ତମାନ ଆପଣ ତାଙ୍କୁ ଯାହା ମାଗୁଛନ୍ତି, ତା'ଠାରୁ ଆହୁରି ବଡ଼ ବିଷୟ ଦେବା ପାଇଁ ସେ ବିପଦବରଣ କରିଛନ୍ତି ।

## ସେପ୍ଟେମ୍ବର ୧୩

# ସମର୍ପଣ ପରେ କ'ଣ ?

### ତୁମେ ମୋତେ ଯେଉଁ କାର୍ଯ୍ୟ କରିବାକୁ ଦେଇଥିଲ, ତାହା ମୁଁ ସଂପୂର୍ଣ୍ଣ କରିଛି ।

### ଯୋହନ ୧୭:୪

ପ୍ରକୃତ ସମର୍ପଣ କେବଳ ଆମ ବାହ୍ୟ ଜୀବନର ସମର୍ପଣ ନୁହେଁ, ମାତ୍ର ଆମ ଇଚ୍ଛାର ସମର୍ପଣ– ତାହା ପରେ ସମର୍ପଣ ସଂପୂର୍ଣ୍ଣ ହୁଏ । ଆମର ସବୁଠାରୁ ବଡ଼ ସଙ୍କଟ ହେଉଛି, ଆମ ଇଚ୍ଛାର ସମର୍ପଣ । ତଥାପି ଈଶ୍ୱର କାହାରିକୁ ବାଧ୍ୟତାପୂର୍ବକ ଆପଣା ଇଚ୍ଛାକୁ ସମର୍ପଣ କରିବାକୁ କହନ୍ତି ନାହିଁ କି ବିନତି କରନ୍ତି ନାହିଁ । ଥରେ ସେହି ଯୁଦ୍ଧ ସଂଘଟିତ ହେଲେ ଆଉ ତାହାର ପୁନରାବୃତ୍ତି ହୁଏ ନାହିଁ ।

**ଉଦ୍ଧାର ପାଇଁ ସମର୍ପଣ ।** ମୋ ନିକଟକୁ ଆସ... ମୁଁ ତୁମମାନଙ୍କୁ ବିଶ୍ରାମ ଦେବି'' (ମାଥିଉ ୧୧:୨୮) । ପବିତ୍ରତାର ପ୍ରକୃତ ଅନୁଭୂତି ପାଇ ତା'ର ଅର୍ଥ ବୁଝିବା ପରେ ଆମେ ବିଶ୍ରାମ ପାଇଁ ଯୀଶୁଙ୍କଠାରେ ଆମର ଇଚ୍ଛାକୁ ସମର୍ପଣ କରିଥାଉ । ଆମ ମଧ୍ୟରେ ଅସ୍ଥିର ଭାବ ଜାଗ୍ରତ ହେବାର କାରଣ ହେଉଛି, ଆମର ଇଚ୍ଛାର ଡାକରା ''ମୋ ନିକଟକୁ ଆସ ।'' ଆସିବା ଆମର ଇଚ୍ଛା ଉପରେ ନିର୍ଭର କରେ ।

**ଭକ୍ତି ଉଦ୍ଦେଶ୍ୟରେ ସମର୍ପଣ ।** ''କେହି ଯେବେ ମୋର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ନିଜକୁ ଅସ୍ୱୀକାର କରୁ'' (ମାଥିଉ ୧୬:୨୪) । ଏଠାରେ ସମର୍ପଣର ଅର୍ଥ, ଯୀଶୁଙ୍କଠାରେ ମୋ ଅସ୍ତିତ୍ୱର ସମର୍ପଣ । ତାଙ୍କର ବିଶ୍ରାମ ମୋ ଅସ୍ତିତ୍ୱର କେନ୍ଦ୍ର ମଧ୍ୟରେ ଅଛି । ସେ କହନ୍ତି, ''ଯଦି ତୁମେ ମୋର ଶିଷ୍ୟ ହେବାକୁ ଇଚ୍ଛା କର, ତେବେ ତୁମ କର୍ତ୍ତୃତ୍ୱର ସମସ୍ତ ଅଧିକାର ମୋତେ ଦିଅ ।'' ଥରେ ଏହା ସଂପନ୍ନ ହେବା ପରେ ଆପଣଙ୍କ ଜୀବନ ଏହି ସମର୍ପଣର ପ୍ରମାଣ ଛଡ଼ା ଆଉ କୌଣସି ବିଷୟ ପ୍ରଦର୍ଶନ କରିବ ନାହିଁ ଏବଂ ଭବିଷ୍ୟତର କୌଣସି ବିଷୟରେ ଆପଣଙ୍କୁ ଚିନ୍ତା କରିବାକୁ ହେବ ନାହିଁ । ଆପଣଙ୍କ ପରିସ୍ଥିତି ଯାହା ହେଉ ପଛେ, ଯୀଶୁ ହିଁ ଆପଣଙ୍କ ପାଇଁ ଯଥେଷ୍ଟ (୨ କରିନ୍ଥୀ ୧୨:୯ ଏବଂ ଫିଲିପ୍ପୀ ୪:୧୯ ଦେଖନ୍ତୁ) ।

**ମୃତ୍ୟୁ ଉଦ୍ଦେଶ୍ୟରେ ସମର୍ପଣ ।** ଅନ୍ୟ ଜଣେ ତୁମର କଟି ବାନ୍ଧି...'' (ଯୋହନ ୨୧:୧୮, ୧୯ ପଦ ମଧ୍ୟ ଦେଖନ୍ତୁ) । ମୃତ୍ୟୁ ପାଇଁ କଟି ବାନ୍ଧିବାର ଅର୍ଥ କ'ଣ ଆପଣ ଶିକ୍ଷା କରିଛନ୍ତି ? ଜୀବନର ଭାବବିହ୍ୱଳ ମୁହୂର୍ତ୍ତରେ ଈଶ୍ୱରଙ୍କୁ କିଛି ସମର୍ପଣ କରିଥିବା ବିଷୟରେ ସତର୍କ ରୁହନ୍ତୁ, କାରଣ ତାହାକୁ ଫେରାଇ ନେବାର ସମ୍ଭାବନା ଥାଏ । ପ୍ରକୃତ ସମର୍ପଣ ହେଉଛି, ମରଣରେ ତାଙ୍କ ସହିତ ମିଳିତ ହେବା (ରୋମୀ ୬:୫) । ଆପଣ ସେହି ଅବସ୍ଥାକୁ ଆସିବେ, ଯେତେବେଳେ ତାହାଙ୍କର ପସନ୍ଦଯୋଗ୍ୟ ବିଷୟ ଆପଣଙ୍କର ମଧ୍ୟ ପସନ୍ଦଯୋଗ୍ୟ ହେବ ।

ଆପଣ ସମର୍ପଣ କରିବା ପରେ ପୁଣି କ'ଣ ହେବ ? ଆପଣଙ୍କ ସଂପୂର୍ଣ୍ଣ ଜୀବନର ଲକ୍ଷଣ ହେବ ଈଶ୍ୱରଙ୍କ ସହିତ ନିରବଚ୍ଛିନ୍ନ ସାନ୍ନିଧ୍ୟ ଏବଂ ଏକତା ରକ୍ଷା ପାଇଁ ଆପଣଙ୍କର ଉତ୍ସୁକତା ।

# ବିତର୍କ ଅବା ବାଧ୍ୟତା ?

**ଖ୍ରୀଷ୍ଟଙ୍କ ପ୍ରତି ସରଳତା...**
**୨ କରିନ୍ଥୀୟ ୧୧:୩**

ସରଳତା ସବୁ ବିଷୟକୁ ସ୍ୱଷ୍ଟ ଭାବେ ଦେଖିବାର ରହସ୍ୟ ଅଟେ । ଜଣେ ପବିତ୍ର ଲୋକ ଦୀର୍ଘ ସମୟ ପରେ ସ୍ୱଷ୍ଟ ଭାବେ ଚିନ୍ତା କରିପାରନ୍ତି, କିନ୍ତୁ ସେହି ପବିତ୍ର ଲୋକ ବିନା କୌଣସି ଅସୁବିଧାରେ ସ୍ୱଷ୍ଟ ରୂପେ ଦେଖିବା ଉଚିତ୍ । ଆତ୍ମିକ ବିଶୃଙ୍ଖଳା ମଧ୍ୟରେ ଆପଣ ଚିନ୍ତା କରି କଥାକୁ ସ୍ୱଷ୍ଟ କରିପାରିବେ ନାହିଁ, କଥାକୁ ସ୍ୱଷ୍ଟ କରିବା ପାଇଁ ଆପଣଙ୍କୁ ବାଧ୍ୟ ହେବାକୁ ପଡ଼ିବ । ବୌଦ୍ଧିକ ବିଷୟରେ ଆପଣ କୌଣସି ବିଷୟ ଚିନ୍ତା କରିପାରନ୍ତି, କିନ୍ତୁ ଆତ୍ମିକ ବିଷୟରେ ଆପଣଙ୍କ ଚିନ୍ତା ଓ ବିଚାରଧାରା ଆହୁରି ଇତଃସ୍ତତଃ ଏବଂ ବିଶୃଙ୍ଖଳିତ ହୋଇଯିବ । ଯଦି ଆପଣଙ୍କ ଜୀବନରେ ଏପରି କୌଣସି ବିଷୟ ଅଛି, ଯାହା ଉପରେ ଈଶ୍ୱର ଚାପ ପକାଉଛନ୍ତି, ତେବେ ସେ ବିଷୟରେ ତାଙ୍କର ବାଧ୍ୟ ହୁଅନ୍ତୁ । ଆପଣଙ୍କର ''ଯୁକ୍ତିତର୍କ ସବୁକୁ ଏବଂ ଖ୍ରୀଷ୍ଟଙ୍କର ଆଜ୍ଞାବହ ହେବା ପାଇଁ ପ୍ରତ୍ୟେକ ଚିନ୍ତାଭାବନାକୁ ବନ୍ଧନରେ ରଖନ୍ତୁ'' (୨ କରିନ୍ଥୀ ୧୦:୫) । ସେହି ସମସ୍ତ ବିଷୟ ଆପଣଙ୍କ ପାଇଁ ଦିବାଲୋକ ଭଳି ସ୍ୱଷ୍ଟ ହୋଇଯିବ । ଆପଣଙ୍କ ବିତର୍କ କରିବାର ସାମର୍ଥ୍ୟ ପରେ ଆସିବ, କିନ୍ତୁ ଆମେ ବିତର୍କ ଅନୁସାରେ କିଛି ଦେଖି ନ ଥାଉ । ଆମେ ଶିଶୁମାନଙ୍କ ପରି ଦେଖୁ, ଆଉ ଯେତେବେଳେ ଆମେ ଜ୍ଞାନୀ ହେବା ପାଇଁ ଚେଷ୍ଟା କରୁ, ଆମେ କିଛି ଦେଖି ନ ଥାଉ (ମାଥିଉ ୧୧:୨୫ ଦେଖନ୍ତୁ) ।

ଏପରିକି ଛୋଟ ବିଷୟ ସବୁକୁ ଜୀବନକୁ ଆସିବା ପାଇଁ ଆମେ ଅନୁମତି ଦେଇଥାଉ ଏବଂ ଯାହା ପବିତ୍ରଆତ୍ମାଙ୍କ ନିୟନ୍ତ୍ରଣରେ ଥାଏ, ତାହା ଆତ୍ମିକ ବିଶୃଙ୍ଖଳାର କାରଣ ପାଲଟିଯାଏ ଏବଂ ସେହି ବିଷୟରେ ଆହୁରି ଅଧିକ ସମୟ ଧରି ଚିନ୍ତା କଲେ ମଧ୍ୟ ତାହା ସ୍ୱଷ୍ଟ ହୁଏ ନାହିଁ । କେବଳ ବାଧ୍ୟତା ଦ୍ୱାରା ଆତ୍ମିକ ବିଶୃଙ୍ଖଳା ଉପରେ ଜୟଲାଭ ସମ୍ଭବ ହୁଏ । ବାଧ୍ୟ ହେବା ସଂଗେ ସଂଗେ ଆମେ ଅନ୍ତର୍ଦୃଷ୍ଟି ପାଉ । ଏହା ଅପମାନ ସୂଚକ, କାରଣ ଆମେ ଜାଣୁ ଯେ, ବିଶୃଙ୍ଖଳିତ ହେବାର କାରଣ ଆମର ମନର ଅବସ୍ଥା ମଧ୍ୟରେ ନିହିତ । କିନ୍ତୁ ଯେତେବେଳେ ଆମ ଦୃଷ୍ଟିର ସ୍ୱାଭାବିକ ସାମର୍ଥ୍ୟ ବାଧ୍ୟତା ଦ୍ୱାରା ପବିତ୍ର ଆତ୍ମାଙ୍କ ଠାରେ ସମର୍ପିତ ହୁଏ, ତାହା ସେହି ଶକ୍ତିରେ ପରିଣତ ହୁଏ, ଯଦ୍ଦ୍ୱାରା ଆମେ ଈଶ୍ୱରଙ୍କ ଇଚ୍ଛାକୁ ଦେଖିଥାଉ ଏବଂ ଆମର ସମୁଦାୟ ଜୀବନ ସରଳତା ମଧ୍ୟରେ ଅତିବାହିତ ହୁଏ ।

# କାହାକୁ ପରିହାର କରିବା ?

**ଆମେ ଗୁପ୍ତ ଓ ଲଜ୍ଜାଜନକ ପନ୍ଥା ସବୁ ପରିହାର କରିଛୁ ।**

**୨ କରିନ୍ଥୀ ୪:୨**

ଆପଣ କ'ଣ ଆପଣଙ୍କ ଗୁପ୍ତ ଏବଂ ଲଜ୍ଜାଜନକ ପନ୍ଥା ସବୁ ପରିହାର କରିଛନ୍ତି'' – ଅର୍ଥାତ୍ ଯେଉଁ ବିଷୟ ସବୁ ଆପଣଙ୍କ ସମ୍ମାନ ଏବଂ ଅହଂକାରକୁ ଆଲୋକରେ ପ୍ରକାଶିତ ହେବା ପାଇଁ ଦିଏ ନାହିଁ ? ସହଜରେ ଆପଣ ସେଗୁଡ଼ିକୁ ଲୁଚାଇ ଦେଇ ପାରନ୍ତି । କ'ଣ ଆପଣଙ୍କ ମନରେ କାହା ବିଷୟରେ ଏପରି ଚିନ୍ତା ଅଛି, ଯାହା ଆପଣ ପ୍ରକାଶ କରିବାକୁ ଇଚ୍ଛା କରନ୍ତି ନାହିଁ ? ତା'ହେଲେ ମନରେ ସେହି ଚିନ୍ତା ଆସିବା ମାତ୍ରେ ତାହାକୁ ପରିହାର କରନ୍ତୁ– ପ୍ରତି କଥାକୁ ସଂପୂର୍ଣ୍ଣ ପରିହାର କରନ୍ତୁ ଯେପର୍ଯ୍ୟନ୍ତ ଆପଣଙ୍କ ମନରେ କୌଣସି ଲୁକ୍କାୟିତ ଅବିଶ୍ୱସ୍ତତା ବା ଚତୁରତା ନ ରହିଛି । ଈର୍ଷା, ଦ୍ୱେଷ ଏବଂ ସଂଘର୍ଷ ଆପଣଙ୍କ ପୁରାତନ ପାପ ସ୍ୱଭାବରୁ ଜାତ ହୁଏ ବୋଲି କହିହେବ ନାହିଁ, କାରଣ ଏ ସବୁ ଶରୀରରୁ ଆଗତ ଏବଂ ଉଦ୍ଧାରପ୍ରାପ୍ତ ହେବା ପୂର୍ବରୁ ଅତୀତରେ ଏସବୁ କାର୍ଯ୍ୟ ପାଇଁ ବ୍ୟବହୃତ ହୋଇଥିଲା (ରୋମୀ ୬:୧୯ ଏବଂ ୧ ପିତର ୪:୧–୩ ଦେଖନ୍ତୁ) । ଆପଣ ସର୍ବଦା ଜାଗ୍ରତ ରହିବେ, ଯେପରି ଆପଣଙ୍କ ଜୀବନରେ ଏପରି କିଛି ନ ଘଟିବ, ଯଦ୍ଦ୍ୱାରା ଆପଣ ଲଜ୍ଜିତ ହେବେ ।

''ଧୂର୍ତ୍ତତାରେ ଆଚରଣ କରୁ ନାହୁଁ'' (୨ କରିନ୍ଥୀ ୪:୨) । ଏହାର ଅର୍ଥ ନିଜର ଫାଇଦା ଉଠାଇବା ପାଇଁ ଯେ କୌଣସି ପନ୍ଥା ଅବଲମ୍ବନ କରିବା । ଏହା ଏକ ଭୟଙ୍କର ଫାନ୍ଦ । ଆପଣ ଜାଣନ୍ତି ଯେ, ଈଶ୍ୱର କେବଳ ଗୋଟିଏ ଉପାୟରେ ଆପଣଙ୍କୁ କାର୍ଯ୍ୟ କରିବାକୁ ଦେବେ – ସତ୍ୟ ଉପାୟରେ । ତା'ହେଲେ ଲୋକମାନଙ୍କୁ ଅନ୍ୟ ଉପାୟରେ ଅର୍ଥାତ୍ ପ୍ରତାରଣା ଦ୍ୱାରା ଧରିବା ବିଷୟରେ ସତର୍କ ରୁହନ୍ତୁ । ଲୋକମାନଙ୍କୁ ପ୍ରତାରିତ କଲେ ଆପଣଙ୍କ ଉପରେ ଈଶ୍ୱରଙ୍କ ଅଭିଶାପ ବର୍ତ୍ତିବ ଏବଂ ଆପଣ ବିନଷ୍ଟ ହେବେ । ଆପଣଙ୍କ ପାଇଁ ଯାହା ଧୂର୍ତ୍ତତା, ତାହା ଅନ୍ୟମାନଙ୍କ ପାଇଁ ହୋଇ ନ ପାରେ । ଈଶ୍ୱର ଆପଣଙ୍କୁ ଏକ ଉଚ୍ଚ ସ୍ତର ପ୍ରତି ଆହ୍ୱାନ କରିଛନ୍ତି । ତାହାଙ୍କର ସର୍ବୋଚ୍ଚ ଗୌରବ ପାଇଁ ଆପଣଙ୍କ ସର୍ବୋତ୍ତମ ପ୍ରଚେଷ୍ଟାକୁ ଦୁର୍ବଳ କରି ଦିଅନ୍ତୁ ନାହିଁ । ଆପଣଙ୍କ ପାଇଁ କିଛି କାର୍ଯ୍ୟ କରିବାର ଅର୍ଥ ଏହା ହୋଇପାରେ ଯେ, ସର୍ବୋଚ୍ଚ ଏବଂ ସର୍ବଶ୍ରେଷ୍ଠ ବିଷୟକୁ ଛାଡ଼ି ଅନ୍ୟ ଉଦ୍ଦେଶ୍ୟ ସାଧନ ପାଇଁ ଆପଣଙ୍କ ଜୀବନରେ ଧୂର୍ତ୍ତତା ପ୍ରବେଶ କରିଛି, ଏବଂ ତାହା ଆପଣଙ୍କ ମଧ୍ୟରେ ଈଶ୍ୱରଙ୍କ ପ୍ରଦତ୍ତ ପ୍ରେରଣାକୁ ଶକ୍ତିହୀନ କରିଦେବ । ଅନେକ ଲୋକ ପଛଘୁଞ୍ଚା ଦେଇଛନ୍ତି, କାରଣ ସେମାନେ ଈଶ୍ୱରଙ୍କ ଦୃଷ୍ଟିକୋଣରୁ ଦେଖିବା ପାଇଁ ଭୟ କରନ୍ତି । ସବୁଠାରୁ ବଡ଼ ସଙ୍କଟ ସେହି ସମୟରେ ଆସେ, ଯେତେବେଳେ ଜଣେ ବ୍ୟକ୍ତିଙ୍କୁ ତାଙ୍କର ସ୍ୱୀକୃତ ବିଶ୍ୱାସ ମଧ୍ୟରୁ ସାମାନ୍ୟ ଆଗ ବଢ଼ିବାକୁ ହୁଏ ।

## ସେପ୍ଟେମ୍ବର ୧୬

# ଗୁପ୍ତରେ ଈଶ୍ୱରଙ୍କଠାରେ ପ୍ରାର୍ଥନା

**ତୁମେ ପ୍ରାର୍ଥନା କଲାବେଳେ ତୁମ କୋଠରି ଭିତରେ**
**ପ୍ରବେଶ କରି ଦ୍ୱାର ବନ୍ଦ କର ଓ ତୁମର**
**ଅଦୃଶ୍ୟ ପିତାଙ୍କ ନିକଟରେ ପ୍ରାର୍ଥନା କର ।**

**ମାଥିଉ ୬:୬**

ଧର୍ମ କ୍ଷେତ୍ରରେ ମୁଖ୍ୟ ଚିନ୍ତା ହେଉଛି – ଆପଣଙ୍କ ଦୃଷ୍ଟି ଈଶ୍ୱରଙ୍କ ପ୍ରତି ରଖନ୍ତୁ, ଲୋକମାନଙ୍କ ଉପରେ ନୁହେଁ । ଏକ ପ୍ରାର୍ଥନାଶୀଳ ବ୍ୟକ୍ତିରୂପେ ପରିଚିତ ହେବାର ଇଚ୍ଛା ଆପଣଙ୍କ ପ୍ରେରଣା ହେବା ଉଚିତ୍ ନୁହେଁ । ପ୍ରାର୍ଥନା କରିବା ପାଇଁ ଏକ ଗୁପ୍ତ କୋଠରି ଖୋଜନ୍ତୁ, ଯେଉଁଠାରେ ଆପଣ ପ୍ରାର୍ଥନା କରୁଛନ୍ତି ବୋଲି କେହି ଜାଣିବେ ନାହିଁ, ଦ୍ୱାର ବନ୍ଦ କରି ଦିଅନ୍ତୁ ଏବଂ ଗୁପ୍ତରେ ଈଶ୍ୱରଙ୍କ ସହିତ ଆଳାପ କରନ୍ତୁ । ସ୍ୱର୍ଗସ୍ଥ ପିତାଙ୍କୁ ଜାଣିବା ବ୍ୟତୀତ ଆପଣଙ୍କର ଆଉ ଅନ୍ୟ କୌଣସି ଉଦ୍ଦେଶ୍ୟ ନ ରହୁ । ନିର୍ଦ୍ଦିଷ୍ଟ ସମୟରେ ଗୁପ୍ତ ପ୍ରାର୍ଥନା ବ୍ୟତୀତ ଆପଣଙ୍କ ପକ୍ଷରେ ଶିଷ୍ୟତ୍ୱର ଜୀବନ ଯାପନ ସମ୍ଭବ ହେବ ନାହିଁ ।

''ପ୍ରାର୍ଥନା କଲାବେଳେ ଅନର୍ଥକ ପୁନରୁକ୍ତି କର ନାହିଁ'' (୬:୭) । ଈଶ୍ୱର ଆମର ପ୍ରାର୍ଥନା ଶୁଣନ୍ତି ନାହିଁ, କାରଣ ଆମେ ବିଶ୍ୱସ୍ତ ହୃଦୟରେ ପ୍ରାର୍ଥନା କରୁ । ସେ କେବଳ ଉଦ୍ଧାର କାର୍ଯ୍ୟକୁ ଆଧାର କରି ପ୍ରାର୍ଥନା ଶୁଣନ୍ତି । ଈଶ୍ୱର ଆମର ବିଶ୍ୱସ୍ତତା ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ । ପ୍ରାର୍ଥନାର ଅର୍ଥ ନୁହେଁ କେବଳ ଈଶ୍ୱରଙ୍କଠାରୁ ପାଇବା– ଏହାତ ଏକ ପ୍ରାରମ୍ଭିକ ସ୍ତରର ପ୍ରାର୍ଥନା । ପ୍ରାର୍ଥନାର ଅର୍ଥ ଈଶ୍ୱରଙ୍କ ସହିତ ପ୍ରକୃତ ସାନ୍ନିଧ ଏବଂ ଏକତା ସ୍ଥାପନ । ଯଦି ଈଶ୍ୱରଙ୍କ ପୁତ୍ର ଆମମାନଙ୍କ ମଧ୍ୟରେ ରୂପାୟିତ ହୋଇଛନ୍ତି (ଗାଲାତୀୟ ୪:୧୯), ତେବେ ସେ ଆମର ବ୍ୟାବହାରିକ ଜ୍ଞାନରୁ ଆମକୁ କଢ଼ାଇ ନେବେ ଏବଂ ଯେଉଁ ବିଷୟ ନେଇ ଆମେ ପ୍ରାର୍ଥନା କରୁ, ସେଥି ପ୍ରତି ଆମର ମନୋଭାବକୁ ପରିବର୍ତ୍ତନ କରିବେ ।

''ଯେ ମାଗେ, ତାକୁ ମିଳେ'' (ମାଥିଉ ୭:୮) । ଆମର ଇଚ୍ଛାକୁ ଜଡ଼ିତ ନ କରି ପ୍ରାର୍ଥନା ନାମରେ ଆମେ ଧାର୍ମିକ ବାଚାଳତା ଆରମ୍ଭ କରିଦେଉ ଏବଂ କହିଥାଉ ଯେ, ଈଶ୍ୱର ପ୍ରାର୍ଥନା ଶୁଣିଲେ ନାହିଁ କିନ୍ତୁ ବାସ୍ତବରେ ଅମେ କୌଣସି ବିଷୟ ମାଗି ନାହୁଁ । ଯୀଶୁ କହିଲେ, ''ତୁମର ଯାହା ଇଚ୍ଛା ମାଗ, ଆଉ ତାହା ତୁମକୁ ଦିଆଯିବ'' (ଯୋହନ ୧୫:୭) । ମାଗିବା ଅର୍ଥ ଆମର ଇଚ୍ଛାକୁ ଜଡ଼ିତ କରିବା । ଯେତେବେଳେ ଯୀଶୁ ପ୍ରାର୍ଥନା ବିଷୟ କହୁଥିଲେ, ସେ ଶିଶୁର ସରଳତା ସହିତ ତାହା କହୁଥିଲେ । ଆମର କୁଟିଳ ମନୋବୃତ୍ତି ନେଇ ଆମେ କହିଥାଉ ''ହଁ, କିନ୍ତୁ ଯୀଶୁ ମଧ୍ୟ କହିଲେ ଯେ, ଆମକୁ ମାଗିବାକୁ ହେବ ।'' କିନ୍ତୁ ମନେ ରଖନ୍ତୁ ଯେ, ଈଶ୍ୱରଙ୍କଠାରୁ ଏପରି ଜିନିଷ ମାଗିବା ଯାହା ଈଶ୍ୱରଙ୍କ ଇଚ୍ଛା ସମ୍ମତ ହୋଇଥିବ, ଯାହା ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରକଟିତ ହୋଇଥିଲା ।

## ସେପ୍ଟେମ୍ବର ୧୭

# ପରୀକ୍ଷା ପ୍ରଲୋଭନରେ କ'ଣ ଭଲ ବିଷୟ ଥାଏ ?

**ମନୁଷ୍ୟ ପ୍ରତି ସାଧାରଣତଃ ଯେଉଁ ପ୍ରକାର ପରୀକ୍ଷା ପ୍ରଲୋଭନ ଆସିଥାଏ, ତାଛଡ଼ା ଅନ୍ୟ କୌଣସି ପରୀକ୍ଷା ପ୍ରଲୋଭନ ତୁମମାନଙ୍କ ପ୍ରତି ଆସି ନାହିଁ ।**

**୧ କରିନ୍ଥୀ ୧୦:୧୩**

ଆଜି ''ପରୀକ୍ଷା ପ୍ରଲୋଭନ'' ଶବ୍ଦ ଆମ ପାଇଁ ମନ୍ଦ ଅର୍ଥରେ ବ୍ୟବହୃତ ହୋଇଥାଏ, କିନ୍ତୁ ଆମେ ଏହି ଶବ୍ଦର ଭୁଲ୍ ପ୍ରୟୋଗ କରିଥାଉ । ପରୀକ୍ଷା ପ୍ରଲୋଭନ ପାପ ନୁହେଁ, ମନୁଷ୍ୟ ହିସାବରେ ଆମକୁ ଏହାର ସମ୍ମୁଖୀନ ହେବାକୁ ପଡ଼ିବ । ପ୍ରଲୋଭିତ ନ ହେବାର ଅର୍ଥ, ଆମେ ଘୃଣିତ ହେବା ଅପେକ୍ଷା ଆହୁରି ଶୋଚନୀୟ ଅବସ୍ଥା ଭୋଗ କରିବା । ତଥାପି ଆମ ମଧ୍ୟରୁ ଅନେକେ ପ୍ରଲୋଭନର ସମ୍ମୁଖୀନ ହୁଅନ୍ତି, ଯାହାର ସମ୍ମୁଖୀନ ହେବା ପାଇଁ ସେମାନଙ୍କର ଆବଶ୍ୟକ ନ ଥିଲା । ତାହାର କାରଣ ହେଉଛି, ଆମେ ଈଶ୍ୱରଙ୍କୁ ଏକ ଉଚ୍ଚତର ସ୍ତରକୁ ଆମକୁ ଉଠାଇବା ପାଇଁ ଅନୁମତି ଦେଇ ନ ଥାଉ, ଯେଉଁଠାରେ ଆମକୁ ଆଉ ଏକ ଭିନ୍ନ ପ୍ରକାର ପ୍ରଲୋଭନର ସମ୍ମୁଖୀନ ହେବାକୁ ପଡ଼ିବ ।

ଜଣେ ବ୍ୟକ୍ତିଙ୍କ ଆଭ୍ୟନ୍ତରୀଣ ସ୍ୱଭାବ, ଯାହା ତାଙ୍କ ଅସ୍ତିତ୍ୱର ଆଭ୍ୟନ୍ତରୀଣ ଆତ୍ମିକ ସ୍ୱଭାବର ଅଂଶ ବିଶେଷ, ତାହା ନିର୍ଣ୍ଣୟ କରେ ଯେ, ତାଙ୍କର ବାହ୍ୟିକ ଅବସ୍ଥାର ପରୀକ୍ଷା ପ୍ରଲୋଭନ କେଉଁ ବିଷୟ ପ୍ରତି ହେବ । ପରୀକ୍ଷା ପ୍ରଲୋଭନ ପ୍ରଲୋଭିତ ହେଉଥିବା ବ୍ୟକ୍ତିଙ୍କ ପ୍ରକୃତ ସ୍ୱଭାବ ଅନୁସାରେ ଉପଯୁକ୍ତ ହୋଇଥାଏ ଏବଂ ତାଙ୍କର ସମ୍ଭାବ୍ୟ ସ୍ୱଭାବକୁ ପ୍ରକାଶ କରେ । ପ୍ରତ୍ୟେକ ବ୍ୟକ୍ତି ପ୍ରକୃତ ରୂପେ ନିଜର ପରୀକ୍ଷା ପ୍ରଲୋଭନର ସ୍ତର ନିର୍ଦ୍ଧାରଣ କରନ୍ତି ଏବଂ ପରୀକ୍ଷା ତାଙ୍କର ନିୟନ୍ତ୍ରଣକାରୀ ଆଭ୍ୟନ୍ତରୀଣ ସ୍ୱଭାବର ସ୍ତର ଅନୁସାରେ ଆସିଥାଏ ।

ପରୀକ୍ଷା ମୋର ସର୍ବୋଚ୍ଚ ଲକ୍ଷ୍ୟ ହାସଲ ଦିଗରେ ସରଳ ଉପାୟରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ମୋ ପାଖକୁ ଆସେ– ମୁଁ ଯାହା ମନ୍ଦ ବୋଲି ଭାବେ, ସେ ମୋତେ ସେହି ଦିଗକୁ ଚାଳିତ କରେ ନାହିଁ, କିନ୍ତୁ ମୁଁ ଯାହା ଭଲ ବୋଲି ଭାବେ, ସେଥିପ୍ରତି ସେ ମୋତେ ଚାଳିତ କରେ । କିଛି ସମୟ ପାଇଁ ପରୀକ୍ଷା ପ୍ରଲୋଭନ ମୋ ମନକୁ ବିଚଳିତ କରେ, ଏବଂ ମୁଁ ଭଲ ମନ୍ଦର ପ୍ରଭେଦ ବୁଝିପାରେ ନାହିଁ । ମୁଁ ଯେତେବେଳେ ତା' ପ୍ରତି ସମର୍ପିତ ହୁଏ, ମୁଁ ଲାଳସାକୁ ଏକ ଦେବତା ତୁଲ୍ୟ କରିଦିଏ ଏବଂ ପରୀକ୍ଷା ଏହି କଥା ପ୍ରମାଣ କରେ ଯେ, ପୂର୍ବରୁ ଏହି ପାପରେ ପଡ଼ିବା ପାଇଁ ମୋର ଭୟ ମୋତେ ବାଧା ଦେଇଥିଲା ।

ପରୀକ୍ଷା ପ୍ରଲୋଭନକୁ ଆମେ ଏଡ଼ାଇ ପାରିବା ନାହିଁ, କାରଣ ଜଣେ ବ୍ୟକ୍ତିଙ୍କ ସଂପୂର୍ଣ୍ଣ ଜୀବନ ପାଇଁ ଏହା ଏକ ଅତ୍ୟାବଶ୍ୟକୀୟ ବିଷୟ । ଏହି ଚିନ୍ତା ପ୍ରତି ସତର୍କ ରୁହନ୍ତୁ ଯେ, ଆପଣଙ୍କ ଭଳି ଆଉ କେହି ପ୍ରଲୋଭିତ ହୋଇ ନାହାନ୍ତି– ଆପଣ ଯାହାର ସମ୍ମୁଖୀନ ହେଉଛନ୍ତି, ତାହା ମାନବ ଜାତିର ସାଧାରଣ ଉତ୍ତରାଧିକାର– ଏପରି ବିଷୟ ନୁହେଁ ଯାହା ଅନ୍ୟମାନେ ସହ୍ୟ କରିନାହାନ୍ତି । ଈଶ୍ୱର ଆମକୁ ପରୀକ୍ଷା ପ୍ରଲୋଭନରୁ ରକ୍ଷା କରନ୍ତି ନାହିଁ – ଏ ସମସ୍ତ ମଧ୍ୟରେ ସେ ଆମକୁ ଧରି ରଖନ୍ତି (ଏବ୍ରୀ ୨:୧୮, ୪:୧୫–୧୬) ।

# ତାହାଙ୍କର ପରୀକ୍ଷା ଏବଂ ଆମର ପରୀକ୍ଷା

**କାରଣ ଆମର ମହାଯାଜକ ଏପରି ନୁହନ୍ତି ଯେ କି ଆମର ଦୁର୍ବଳତାରେ ସହାନୁଭୂତିଶୀଳ ହେବାକୁ ଅସମର୍ଥ... ଯେ କି ଆମ ପରି ସବୁପ୍ରକାର ପରୀକ୍ଷାର ସମ୍ମୁଖୀନ ହୋଇ ସୁଦ୍ଧା ପାପ ଶୂନ୍ୟ ଥିଲେ ।**

**ଏବ୍ରୀ ୪:୧୫**

ନୂତନ ଜନ୍ମର ଅନୁଭୂତି ନ ପାଇବା ପର୍ଯ୍ୟନ୍ତ ଆମେ ଗୋଟିଏ ପରୀକ୍ଷା ବିଷୟ ଜାଣିଥାଉ ଯାହା ଯାକୁବ ୧:୧୪ରେ ଲିଖିତ ଅଛି, ''କିନ୍ତୁ ପ୍ରତ୍ୟେକ ମନୁଷ୍ୟ ନିଜର କୁଅଭିଳାଷ ଦ୍ୱାରା ପ୍ରଲୋଭନ ଆଡ଼କୁ ଆକୃଷ୍ଟ ହୁଏ ।'' କିନ୍ତୁ ନୂତନ ସୃଷ୍ଟି ଦ୍ୱାରା ଆମେ ଆଉ ଏକ କ୍ଷେତ୍ରକୁ ଉତ୍ତୋଳିତ ହେଉ, ଯେଉଁଠାରେ ଆଉ ଗୋଟିଏ ପ୍ରକାର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼େ, ଅର୍ଥାତ୍ ପ୍ରଭୁ ଯେଉଁ ପ୍ରକାର ପରୀକ୍ଷାର ସମ୍ମୁଖୀନ ହୋଇଥିଲେ । ଯୀଶୁଙ୍କ ପରୀକ୍ଷା ଆମ ଭଳି ଅବିଶ୍ୱାସୀମାନଙ୍କ ଉପରେ କୌଣସି ପ୍ରଭାବ ପକାଏ ନାହିଁ କାରଣ ତାହା ଆମ ମନୁଷ୍ୟ ସ୍ୱଭାବର ଅନୁକୁଳ ନ ଥିଲା । ନୂତନ ଜନ୍ମ ଦ୍ୱାରା ଆମେ ପ୍ରଭୁଙ୍କର ଭାଇ ନ ହେବା ପର୍ଯ୍ୟନ୍ତ ପ୍ରଭୁଙ୍କର ପରୀକ୍ଷା ଏବଂ ଆମର ପରୀକ୍ଷାର କ୍ଷେତ୍ର ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହିଛି । ଯୀଶୁଙ୍କର ପରୀକ୍ଷା ଏକ ମନୁଷ୍ୟର ପରୀକ୍ଷା ନ ଥିଲା, ମାତ୍ର ମନୁଷ୍ୟ ରୂପୀ ଈଶ୍ୱରଙ୍କ ପରୀକ୍ଷା ଥିଲା । ନୂତନ ଜନ୍ମ ଦ୍ୱାରା ଈଶ୍ୱରଙ୍କ ପୁତ୍ର ଆମଠାରେ ରୂପାୟିତ ହୁଅନ୍ତି (ଗାଲାତୀ ୪:୧୯) ଏବଂ ଆମର ଶାରୀରିକ ଜୀବନରେ ସେ ସେହି ପରିସ୍ଥିତିରେ ଅଛନ୍ତି ଯେପରି ସେ ଜଗତରେ ଥିଲେ । ଶୟତାନ ଭୁଲ୍ କାମ କରିବା ପାଇଁ ଆମକୁ ପରୀକ୍ଷା କରେ ନାହିଁ – ସେ ସେଥିପାଇଁ ପରୀକ୍ଷା କରେ, ଯେପରି ଆମେ ସେହି ବିଷୟ ହରାଇବା, ଯାହା ନୂତନ ଜନ୍ମ ଦ୍ୱାରା ଈଶ୍ୱର ଆମ ମଧ୍ୟରେ ରଖିଛନ୍ତି ଅର୍ଥାତ୍ ଈଶ୍ୱରଙ୍କ ଦୃଷ୍ଟିରେ ମୂଲ୍ୟବାନ୍ ବିବେଚିତ ହେବାର ସମ୍ଭାବନା । ସେ ଆମକୁ ପାପରେ ପ୍ରଲୋଭିତ କରିବା ଆଳରେ ଆସନ୍ତି ନାହିଁ, ମାତ୍ର ଆମର ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବା ପାଇଁ ଆସନ୍ତି ଏବଂ କେବଳ ଈଶ୍ୱରଙ୍କ ଆତ୍ମା ଏହାକୁ ଶୟତାନର ଏକ ପରୀକ୍ଷା ବୋଲି ଚିହ୍ନି ପାରନ୍ତି ।

ପରୀକ୍ଷାର ଅର୍ଥ ହେଉଛି, ଆମର ବାହ୍ୟିକ ଏବଂ ଅଜଣା ଶକ୍ତି ଦ୍ୱାରା ସେହି ସବୁ ବିଷୟକୁ ପରଖ କରିବା ଯାହା ଆମର ଆଭ୍ୟନ୍ତରୀଣ ଆତ୍ମିକ ଅଂଶରେ ଦୃଢ଼ ସ୍ଥିତିରେ ରହିଛି । ଏହା ଆମ ପ୍ରଭୁଙ୍କର ପରୀକ୍ଷାକୁ ବୁଝାଇ ଦେଇପାରେ । ଯୀଶୁଙ୍କ ବାପ୍ତିସ୍ମ ପରେ ''ଜଗତର ପାପ ବହି ନେବାର'' (ଯୋହନ ୧:୨୯) ସେବାକାର୍ଯ୍ୟ ଗ୍ରହଣ କରିବା ପରେ ସେ ''ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ ମରୁପ୍ରାନ୍ତରକୁ ଗଲେ'' (ମାଥିଉ ୪:୧) । ସେ ଶୟତାନ ଦ୍ୱାରା ପରୀକ୍ଷିତ ହେଲେ । ତଥାପି ସେ ହତାଶ କିମ୍ବା କ୍ଲାନ୍ତ ହୋଇ ନ ଥିଲେ । ସେ ''ପାପ ଶୂନ୍ୟ'' ରୂପେ ପରୀକ୍ଷାର ସମ୍ମୁଖୀନ ହେଲେ ଏବଂ ତାଙ୍କର ଆତ୍ମିକ ସ୍ୱଭାବର ସମସ୍ତ ଅଧିକାରକୁ ଅକ୍ଷତ ଅବସ୍ଥାରେ ରଖିଥିଲେ ।

**ସେପ୍ଟେମ୍ବର ୧୯**

# ଯୀଶୁଙ୍କ ସହିତ ଆପଣଙ୍କ ଯାତ୍ରା କ'ଣ ଚାଲୁ ରହିଛି ?

**ତୁମେମାନେ ମୋର ସମସ୍ତ କ୍ଲେଶରେ ମୋ ସହିତ ରହିଛ ।**

**ଲୂକ ୨୨:୨୮**

ଏହା ସତ ଯେ, ଯୀଶୁଖ୍ରୀଷ୍ଟ ଆମର ପରୀକ୍ଷା ପ୍ରଲୋଭନ ମଧ୍ୟରେ ଆମ ସହିତ ଅଛନ୍ତି, କିନ୍ତୁ ତାଙ୍କର ପରୀକ୍ଷା ମଧ୍ୟରେ ଆମେ ତାଙ୍କ ସହିତ ଆମର ଯାତ୍ରା ଚାଲୁ ରଖିଛୁ କି ? ଯେଉଁ ମୁହୂର୍ତ୍ତରେ ଆମେ ଅନୁଭବ କରୁ ଯେ, ଯୀଶୁ କ'ଣ କରିପାରିବେ, ସେହି ମୁହୂର୍ତ୍ତରେ ଆମ ମଧ୍ୟରୁ ଅନେକେ ଯୀଶୁଙ୍କ ସହିତ ଆଗ ବଢ଼ିବାକୁ ଅସମ୍ମତ ହୁଅନ୍ତି । ଧ୍ୟାନପୂର୍ବକ ଦେଖନ୍ତୁ, ଈଶ୍ୱର ଆପଣଙ୍କ ପରିସ୍ଥିତିକୁ କିଭଳି ପରିବର୍ତ୍ତନ କରନ୍ତି ଏବଂ ଆପଣଙ୍କୁ ଦେଖିବାର ସୁଯୋଗ ଦିଅନ୍ତି ଯେ, ଆପଣ ଯୀଶୁଙ୍କ ସହିତ ଯାତ୍ରା କରୁଛନ୍ତି ଅବା ଜାଗତିକ, ଶାରୀରିକ ଏବଂ ଶୟତାନର ଆଚରଣ ପ୍ରତି ଆସକ୍ତ ହୋଇଛନ୍ତି । ଆମେ ତାଙ୍କର ନାମ ଧାରଣ କରିଛୁ, କିନ୍ତୁ ତାଙ୍କ ସହିତ କ'ଣ ଯାତ୍ରା ଚାଲୁ ରଖିଛୁ ? ''ସେହି ସମୟରୁ ତାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଅନେକେ ବିମୁଖ ହୋଇ ଆଉ ତାହାଙ୍କର ଅନୁଗମନ କଲେ ନାହିଁ'' (ଯୋହନ ୬:୬୬) ।

ଜଗତରେ ଥିବା ସମୟରେ ଯୀଶୁଙ୍କ ଜୀବନରେ ପରୀକ୍ଷା ଲାଗି ରହିଥିଲା ଏବଂ ଆମ ମଧ୍ୟରେ ଈଶ୍ୱରଙ୍କ ପୁତ୍ରଙ୍କ ଜୀବନରେ ମଧ୍ୟ ଲାଗି ରହିଥିବ । ବର୍ତ୍ତମାନ ଆମେ ଯେଉଁ ଜୀବନ ଅତିବାହିତ କରୁଛୁ, ସେଥିରେ ଆମେ କ'ଣ ଯୀଶୁଙ୍କ ସହିତ ଆମର ଯାତ୍ରା ଚାଲୁ ରଖିଛୁ ?

ଆମର ଧାରଣା ହୁଏ ଯେ, ଈଶ୍ୱର ଆମ ଚାରି ପାଖେ ଯେଉଁସବୁ ବିଷୟ ରଖିଛନ୍ତି, ସେଥିମଧ୍ୟରୁ କେତେକ ବିଷୟରୁ ଆମେ ନିଜକୁ ରକ୍ଷା କରିବା ଆବଶ୍ୟକ । କିନ୍ତୁ ସେପରି ନ ହେଉ । ଈଶ୍ୱର ଆମ ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖନ୍ତି, ଆଉ ଯାହା ହେଉ ପଛେ, ଆମକୁ ଦୃଷ୍ଟି ଦେବାକୁ ହେବ ଯେ, ଆମେ ତାଙ୍କର ପରୀକ୍ଷାରେ ନିରନ୍ତର ତାଙ୍କ ସହିତ ରହି ତାହାର ସମ୍ମୁଖୀନ ହେବା । ସେ ସବୁ ତାଙ୍କର ପରୀକ୍ଷା, ଆମ ପ୍ରତି ପରୀକ୍ଷା ନୁହେଁ, କିନ୍ତୁ ଆମ ମଧ୍ୟରେ ଈଶ୍ୱରଙ୍କ ପୁତ୍ରଙ୍କ ଜୀବନ ପ୍ରତି ପରୀକ୍ଷା । ଯୀଶୁଖ୍ରୀଷ୍ଟଙ୍କ ସମ୍ମାନ ଆମର ଶାରୀରିକ ଜୀବନରେ ବିପନ୍ନ ହୋଇଥାଏ । ଆମେ କ'ଣ ସେହି ସବୁ ବିଷୟ ପ୍ରତି ବିଶ୍ୱସ୍ତ ରହିଛୁ, ଯାହା ଆମ ମଧ୍ୟରେ ଈଶ୍ୱରଙ୍କ ପୁତ୍ରଙ୍କ ଜୀବନକୁ ଆକ୍ରମଣ କରେ ?

ଆପଣ କ'ଣ ଯୀଶୁଙ୍କ ସହିତ ଯାତ୍ରା ଚାଲୁ ରଖିଛନ୍ତି ? ସେହି ପଥ ଗେଥ୍‌ସମନୀରୁ ବାହାରି ନଗର ଦ୍ୱାର ଦେଇ ''ଛାଉଣୀ ବାହାରକୁ'' ଯାଉଛି (ଏବ୍ରୀ ୧୩:୧୩) । ସେହି ନିର୍ଜନ ପଥ ଏତେ ଦୂର ବିସ୍ତାରିତ ହୋଇଛି ଯେ କୌଣସି ପାଦଚିହ୍ନ ମଧ୍ୟ ଦେଖାଯାଏ ନାହିଁ କିନ୍ତୁ କେବଳ ସେହି ସ୍ୱର ଶୁଣାଯାଏ– ''ମୋର ଅନୁଗମନ କର'' (ମାଥିଉ ୪:୧୯) ।

## ସେପ୍ଟେମ୍ବର ୨୦

# ଜୀବନର ଐଶ୍ୱରିକ ଆଜ୍ଞା

### ତୁମମାନଙ୍କର ସ୍ୱର୍ଗସ୍ଥ ପିତା ଯେପରି ସିଦ୍ଧ,
### ତୁମେମାନେ ସେହିପରି ସିଦ୍ଧ ହୁଅ ।
### ମାଥିଉ ୫:୪୮

୩୮-୪୮ ପଦରେ ପ୍ରଭୁ ଆମକୁ ପ୍ରତ୍ୟେକଙ୍କ ପ୍ରତି ସଦୟ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଆପଣ ଆତ୍ମିକ ଜୀବନରେ ଆପଣଙ୍କ ସ୍ୱାଭାବିକ ସ୍ନେହ ଅନୁସାରେ ଜୀବନ ଯାପନ ସଂପର୍କରେ ସତର୍କ ଥାଆନ୍ତୁ । ପ୍ରତ୍ୟେକଙ୍କର ସ୍ୱାଭାବିକ ସ୍ନେହ ଅଛି- ଆମେ କେତେକ ବିଷୟ ପସନ୍ଦ କରୁ, ଆଉ କେତେକକୁ ପସନ୍ଦ କରି ନ ଥାଉ । କିନ୍ତୁ ଆମ ଖ୍ରୀଷ୍ଟୀୟ ଜୀବନରେ ପସନ୍ଦ ବା ଅପସନ୍ଦକୁ ଶାସନ କରିବାକୁ ଅନୁମତି ଦେବା ଉଚିତ୍ ନୁହେଁ । ''ସେ ଯେପରି ଜ୍ୟୋତିର୍ନିବାସୀ, ଆମେମାନେ ଯଦି ସେହିପରି ଜ୍ୟୋତିଃରେ ଗମନ କରୁ, ତେବେ ପରସ୍ପର ସହିତ ଆମର ସାନ୍ନିଧ ଅଛି'' (୧ ଯୋହନ ୧:୭), ଏପରିକି ଯେଉଁମାନଙ୍କୁ ଆମେ ସ୍ନେହ କରୁନାହୁଁ, ସେମାନଙ୍କ ସହିତ ଆମର ସାନ୍ନିଧ ଅଛି ।

ଏଠାରେ ପ୍ରଭୁ ଯେଉଁ ଉଦାହରଣ ଦେଲେ, ତାହା ଜଣେ ଉତ୍ତମ ବ୍ୟକ୍ତିଙ୍କର, ଅନ୍ୟ ଜଣେ ଉତ୍ତମ ଖ୍ରୀଷ୍ଟିୟାନଙ୍କର ନୁହେଁ ମାତ୍ର ସ୍ୱୟଂ ପ୍ରଭୁଙ୍କର । ''ତୁମେ ସିଦ୍ଧ ହୁଅ, ଯେପରି ତୁମର ସ୍ୱର୍ଗସ୍ଥ ପିତା ସିଦ୍ଧ ।'' ଅନ୍ୟ କଥାରେ ଈଶ୍ୱର ଆପଣଙ୍କୁ ଯେପରି ଦର୍ଶାଇଛନ୍ତି, ଅନ୍ୟକୁ ସେହିପରି ପ୍ରଦର୍ଶନ କରନ୍ତୁ । ଆଉ ଈଶ୍ୱର ଆପଣଙ୍କ ଜୀବନରେ ଯଥେଷ୍ଟ ସୁଯୋଗ ଦେବେ, ଯଦ୍ଦ୍ୱାରା ଆପଣ ପ୍ରମାଣ କରିପାରିବେ ଯେ, ସ୍ୱର୍ଗସ୍ଥ ପିତା ଯେପରି ସିଦ୍ଧ, ଆପଣ ସେହିପରି ସିଦ୍ଧ । ଶିଷ୍ୟ ହେବାର ଅର୍ଥ ହେଉଛି, ଅନ୍ୟମାନଙ୍କ ଠାରେ ନିର୍ଦ୍ଦିଷ୍ଟ ରୂପେ ଈଶ୍ୱରଙ୍କ ରୁଚି ସହିତ ଆପଣଙ୍କ ରୁଚିକୁ ଜଡ଼ିତ କରିବା । ''ମୁଁ ତୁମମାନଙ୍କୁ ଯେପରି ପ୍ରେମ କରିଛି, ତୁମମାନଙ୍କର ମଧ୍ୟ ପରସ୍ପରକୁ ପ୍ରେମ କରିବା ଉଚିତ । ତୁମେମାନେ ଯଦି ପରସ୍ପରକୁ ପ୍ରେମ କର, ତା'ହେଲେ ସମସ୍ତେ ଜାଣିବେ ଯେ, ତୁମେମାନେ ମୋର ଶିଷ୍ୟ'' (ଯୋହନ ୧୩:୩୪, ୩୫) ।

ଖ୍ରୀଷ୍ଟୀୟ ଚରିତ୍ରର ପ୍ରକୃତ ପରିପ୍ରକାଶ ଉତ୍ତମ କାର୍ଯ୍ୟରେ ନୁହେଁ, ମାତ୍ର ଈଶ୍ୱରଙ୍କ ସାଦୃଶ୍ୟରେ ଥାଏ । ଈଶ୍ୱରଙ୍କ ଆତ୍ମା ଯଦି ଆପଣଙ୍କ ଆଭ୍ୟନ୍ତରୀଣ ଅବସ୍ଥାକୁ ରୂପାନ୍ତରିତ କରିଛନ୍ତି, ତେବେ ଜୀବନରେ ଆପଣ ଐଶ୍ୱରିକ ଚରିତ୍ର ପ୍ରଦର୍ଶନ କରିବେ, ମନୁଷ୍ୟର ଚରିତ୍ର ନୁହେଁ । ଆମର ଆଭ୍ୟନ୍ତରୀଣ ଐଶ୍ୱରିକ ଜୀବନ ଆମ ନିଜକୁ ଈଶ୍ୱରଙ୍କ ଜୀବନ ରୂପେ ବ୍ୟକ୍ତ କରେ, ଧାର୍ମିକ ହେବା ପାଇଁ ଚେଷ୍ଟିତ ଏକ ମାନବୀୟ ଜୀବନ ରୂପେ ନୁହେଁ । ଏକ ଖ୍ରୀଷ୍ଟୀୟ ଜୀବନର ରହସ୍ୟ ହେଉଛି ଯେ, ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ତାଙ୍କ ଜୀବନରେ ଅଲୌକିକ ବିଷୟ ସ୍ୱାଭାବିକ ହୋଇଯାଏ ଏବଂ ଏହି ବିଷୟକ ଅନୁଭୂତି ଈଶ୍ୱରଙ୍କ ସହିତ ନିବିଡ଼ ସାନ୍ନିଧ ମଧ୍ୟରେ ନୁହେଁ, ମାତ୍ର ଦୈନନ୍ଦିନ ଜୀବନର ବ୍ୟାବହାରିକ କାର୍ଯ୍ୟକଳାପ ମଧ୍ୟରେ ପ୍ରମାଣିତ ହୁଏ । ଯେତେବେଳେ ଆମେ ଜୀବନରେ ବିଶୃଙ୍ଖଳା ବା ଆଲୋଡ଼ନ ସୃଷ୍ଟିକାରୀ ବିଷୟର ସଂସ୍ପର୍ଶରେ ଆସୁ, ଆମେ ଆଚମ୍ଭିତ ହୋଇଥାଉ ଯେ, ଏ ସମସ୍ତ ମଧ୍ୟରେ ଅଦ୍ଭୁତ ଭାରସାମ୍ୟ ରଖିବା ପାଇଁ ଆମର ସାମର୍ଥ୍ୟ ଅଛି ।

## ସେପ୍ଟେମ୍ବର ୨୧

# ଜଣେ ମିଶେନେରୀଙ୍କ ପୂର୍ବ ନିର୍ଦ୍ଧାରିତ ଉଦ୍ଦେଶ୍ୟ

**ସେ (ପ୍ରଭୁ) ମୋତେ ମାତାର ଗର୍ଭରୁ ତାହାଙ୍କର ସେବକ ହେବାକୁ ଗଠନ କଲେ ।**

**ଯିଶାଇୟ ୪୯:୫**

ଯେତେବେଳେ ଆମେ ଈଶ୍ୱରଙ୍କ ଦ୍ୱାରା ଖ୍ରୀଷ୍ଟ ଯୀଶୁଙ୍କ ମଧ୍ୟରେ ଆମର ମନୋନୟନ ବିଷୟ ବୁଝିପାରୁ, ପ୍ରଥମେ ଆମର ପୂର୍ବ ନିର୍ଦ୍ଧାରିତ ଧାରଣା, ଆମର ସଂକୀର୍ଣ୍ଣ ଚିନ୍ତାଧାରା ଏବଂ ଅନ୍ୟ ସମସ୍ତ ବିଷୟ ପ୍ରତି ଆମର ଆନୁଗତ୍ୟ ନଷ୍ଟ ହୋଇଯାଏ । ଆମେ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ସଫଳ କରିବାର ସେବକ ହୋଇଯାଉ । ସମଗ୍ର ମାନବ ଜାତିର ସୃଷ୍ଟିର ଉଦ୍ଦେଶ୍ୟ ଥିଲା ସେମାନେ ଯେପରି ସର୍ବଦା ଈଶ୍ୱରଙ୍କ ଗୌରବ କରିବେ ଏବଂ ତାଙ୍କର ଆନନ୍ଦ ଉପଭୋଗ କରିବେ । ପାପ ମନୁଷ୍ୟ ଜାତିର ଗତିପଥ ଅନ୍ୟ ଦିଗକୁ ବଦଳାଇ ଦେଇଛି, କିନ୍ତୁ ଏହା ଈଶ୍ୱରଙ୍କ ଉଦ୍ଦେଶ୍ୟକୁ କିଞ୍ଚିତ ପରିମାଣରେ ମଧ୍ୟ ପରିବର୍ତ୍ତନ କରିନାହିଁ । ନୂତନ ଜନ୍ମ ମାଧ୍ୟମରେ ଆମେ ଉପଲବ୍ଧି କରୁ ଯେ, ମାନବ ଜାତି ପ୍ରତି ଈଶ୍ୱରଙ୍କ ମହତ୍ତର ଉଦ୍ଦେଶ୍ୟ ହେଉଛି, ସେ ଆମକୁ ତାଙ୍କ ଉଦ୍ଦେଶ୍ୟରେ ସୃଷ୍ଟି କଲେ । ଆମେ ଯେ ଈଶ୍ୱରଙ୍କ ଦ୍ୱାରା ମନୋନୀତ, ଏହି ଉପଲବ୍ଧି ଜଗତର ସର୍ବୋଚ୍ଚ ଆନନ୍ଦପୂର୍ଣ୍ଣ ଅନୁଭୂତି ଏବଂ ଆମେ ଈଶ୍ୱରଙ୍କର ଏହି ଅପୂର୍ବ ରଚନାତ୍ମକ କାର୍ଯ୍ୟର ଉଦ୍ଦେଶ୍ୟ ଉପରେ ଭରସା ରଖିବା ବିଷୟ ଶିଖିବା ଆବଶ୍ୟକ । ଈଶ୍ୱରଙ୍କ ପ୍ରଥମ କାର୍ଯ୍ୟ ହେବ ଯେ, ସେ ସମଗ୍ର ଜଗତର ରୁଚିକୁ ଆମ ହୃଦୟ ମଧ୍ୟରୁ ପରିଚାଳିତ କରିବା ପାଇଁ ବାଧ୍ୟ କରିବେ । ଈଶ୍ୱରଙ୍କ ପ୍ରେମ, ଏପରିକି ତାଙ୍କର ନିଜସ୍ୱ ସ୍ୱଭାବ ସହିତ ଆମେ ପରିଚିତ ଅଟୁ । ସର୍ବଶକ୍ତିମାନ ଈଶ୍ୱରଙ୍କ ସ୍ୱଭାବକୁ ପୂର୍ଣ୍ଣ ରୂପେ ଆମେ ଯୋହନ ୩:୧୬ରେ କେନ୍ଦ୍ରିତ ହୋଇଥିବା ଦେଖୁ – ''କାରଣ ଈଶ୍ୱର ଜଗତକୁ ଏପରି ପ୍ରେମ କଲେ... ।''

ଆମେ ଅବିରତ ଆମର ମନକୁ ଈଶ୍ୱରଙ୍କ ସୃଷ୍ଟିର ଉଦ୍ଦେଶ୍ୟ ପ୍ରତି ଖୋଲା ରଖିବା ଉଚିତ । ଏହାକୁ ଆମ ନିଜର ଉଦ୍ଦେଶ୍ୟ ମଧ୍ୟରେ ଘୋଡ଼ାଇ ରଖି ସନ୍ଦେହ ସୃଷ୍ଟି କରିବା ଅନୁଚିତ୍ । ଯଦି ଆମେ ସେପରି କରୁ, ଈଶ୍ୱର ଆମର ଉଦ୍ଦେଶ୍ୟକୁ ଆଡ଼େଇ ଦେବା ପାଇଁ ବାଧ୍ୟ ହେବେ ଏବଂ ଆମେ ହୁଏତ ସେଥିପାଇଁ ମନରେ ଆଘାତ ପାଇବୁ । ଜଣେ ମିଶେନେରୀ ଈଶ୍ୱରଙ୍କ ସେବକ ରୂପେ ସୃଷ୍ଟ ଏବଂ ତାଙ୍କ ମଧ୍ୟରେ ଈଶ୍ୱର ଗୌରବାନ୍ୱିତ ହୁଅନ୍ତି । ଯେତେବେଳେ ଆମର ହୃଦବୋଧ ହୁଏ ଯେ, ଯୀଶୁ ଖ୍ରୀଷ୍ଟଙ୍କ ପରିତ୍ରାଣ କାର୍ଯ୍ୟ ଦ୍ୱାରା ଆମେ ଈଶ୍ୱରଙ୍କ ଉଦ୍ଦେଶ୍ୟ ସାଧନ ଦିଗରେ ଉପଯୁକ୍ତ ବିବେଚିତ ହୋଇଛୁ, ଆମେ ବୁଝିପାରିବା ଯେ, ଯୀଶୁଖ୍ରୀଷ୍ଟ ତାଙ୍କର ଦାବି ସଂପର୍କରେ କାହିଁକି ଏତେ କଠୋର ଏବଂ ନିର୍ଦ୍ଦୟ ହୋଇଥାନ୍ତି ।

ସେ ତାଙ୍କ ସେବକମାନଙ୍କଠାରୁ ସଂପୂର୍ଣ୍ଣ ଧାର୍ମିକତା ଦାବି କରନ୍ତି, କାରଣ ସେମାନଙ୍କ ମଧ୍ୟରେ ସେ ଈଶ୍ୱରଙ୍କ ନିଜସ୍ୱ ସ୍ୱଭାବ ସ୍ଥାପନ କରିଛନ୍ତି ।

ସାବଧାନ ରୁହନ୍ତୁ, ନଚେତ୍ ଆପଣଙ୍କ ଜୀବନରେ ଆପଣ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ପାଶୋରି ଯିବେ ।

# ମିଶେନେରୀଙ୍କ ମୁନିବ ଏବଂ ଗୁରୁ

**ତୁମେମାନେ ମୋତେ ପ୍ରଭୁ ଓ ଗୁରୁ ବୋଲି ସମ୍ବୋଧନ କରୁଛ, ତାହା ଠିକ୍ କଥା, ... ମୁଁ ତୁମମାନଙ୍କୁ ସତ୍ୟ କହୁଛି, କୌଣସି ଦାସ ନିଜ ମୁନିବ ଅପେକ୍ଷା ଶ୍ରେଷ୍ଠ ନୁହେଁ ।**

**ଯୋହନ ୧୩:୧୩, ୧୬**

ମୁନିବ ଏବଂ ଗୁରୁଙ୍କୁ ପାଇବାର ଅର୍ଥ ନୁହେଁ ଯେ, ଯେକୌଣସି ମୁନିବଙ୍କ ଅଧୀନରେ ରହି ଶିକ୍ଷା ଗ୍ରହଣ କରିବା । ମୋ ପାଇଁ ମୁନିବ ଏବଂ ଗୁରୁ ଏଭଳି ବ୍ୟକ୍ତି ହୋଇଥିବେ, ଯାହାଙ୍କର ମୋ ବିଷୟରେ ମୋ ଅପେକ୍ଷା ଅଧିକ ଜ୍ଞାନ ଥିବ ଏବଂ ଯିଏ ମୋର ଗଭୀର ବିଷୟ ବୁଝିପାରିବେ ଏବଂ ମୋତେ ସଂପୂର୍ଣ୍ଣ ପରିତୃପ୍ତ କରିବେ । ଏହାର ଅର୍ଥ ହେଉଛି, ମୋ ନିକଟରେ ଏପରି ଜଣେ ବ୍ୟକ୍ତି ଅଛନ୍ତି, ଯିଏ ମୋତେ ଏଭଳି ନିଶ୍ଚିତ ସ୍ଥିର ଜ୍ଞାନ ଦିଅନ୍ତି ଯେ, ମୋ ମନର ସମସ୍ତ ସନ୍ଦେହ, ଅନିଶ୍ଚିତତା ଏବଂ ସବୁ ସମସ୍ୟାକୁ ସମାଧାନ କରିଛନ୍ତି । ଜଣେ ମୁନିବ ଏବଂ ଗୁରୁ ଏହିଭଳି ହେବା ଉଚିତ, ଏହାଠାରୁ କମ୍ ନୁହେଁ, ‘‘କାରଣ ତୁମମାନଙ୍କର ଗୁରୁ କେବଳ ଜଣେ... ସେ ହେଉଛନ୍ତି ଖ୍ରୀଷ୍ଟ’’ (ମାଥିଉ ୨୩:୮, ୧୦) ।

ଆମର ପ୍ରଭୁ ଯାହା ଚାହାନ୍ତି, ସେ ବିଷୟରେ ମୋତେ କେବେହେଲେ ବାଧ କରନ୍ତି ନାହିଁ । ସମୟେ ସମୟେ ମୁଁ ଭାବେ ଯେ, ଈଶ୍ୱର ମୋତେ ତାଙ୍କ ନିୟନ୍ତ୍ରଣରେ ରଖି, ତାଙ୍କ ଇଚ୍ଛାନୁସାରେ ମୋଠାରୁ କାର୍ଯ୍ୟ ହାସଲ କରିଥିଲେ ଭଲ ହୋଇଥାନ୍ତା, କିନ୍ତୁ ସେ ତାହା କରିବେ ନାହିଁ । ଅନ୍ୟ ସମୟରେ ମୁଁ ଭାବେ, ସେ ଯଦି ମୋ ବାଟରେ ମୋତେ ଛାଡ଼ି ଦିଅନ୍ତେ, ଭଲ ହୁଅନ୍ତା, କିନ୍ତୁ ସେ ତାହା କରନ୍ତି ନାହିଁ ।

‘‘ତୁମେମାନେ ମୋତେ ଗୁରୁ ଓ ପ୍ରଭୁ ବୋଲି କହିଥାଅ’’ – କିନ୍ତୁ ଏହା କ’ଣ ସତ ? ଆମର ଅଭିଧାନରେ *ଗୁରୁ, ମୁନିବ* ଏବଂ *ପ୍ରଭୁ* ଶବ୍ଦର ମହତ୍ତ୍ୱ ଅତି ଅଳ୍ପ । ଆମେ *ପରିତ୍ରାଣକାରୀ, ପବିତ୍ରକାରୀ* ଏବଂ *ସୁସ୍ଥକାରୀ* ଶବ୍ଦଗୁଡ଼ିକୁ ପସନ୍ଦ କରିଥାଉ ।

କେବଳ ଗୋଟିଏ ଶବ୍ଦ ଯାହା ପ୍ରକୃତରେ ମୁନିବଙ୍କ ଅଧୀନସ୍ଥ ଅନୁଭୂତିକୁ ପ୍ରକାଶ କରେ ଏବଂ ତା’ ହେଉଛି, *ପ୍ରେମ* ଏବଂ ଈଶ୍ୱର ତାଙ୍କ ବାକ୍ୟ ମଧ୍ୟରେ ଯେଉଁ ପ୍ରେମ ପ୍ରଦର୍ଶନ କରିଛନ୍ତି, ସେ ବିଷୟରେ ଆମର ଜ୍ଞାନ ଅତି ସୀମିତ । ଏହାର ପ୍ରମାଣ ହେଉଛି, ଯେଉଁ ଅର୍ଥରେ ଆମେ *ବାଧ୍ୟ ହେବା* ଶବ୍ଦର ପ୍ରୟୋଗ କରୁ । ବାଇବଲରେ ବାଧ୍ୟତା ସମକକ୍ଷ ଲୋକଙ୍କ ସଂପର୍କ ଉପରେ ଆଧାରିତ, ଉଦାହରଣ ରୂପେ ପିତାପୁତ୍ରର ସଂପର୍କ । ଆମର ପ୍ରଭୁ କେବଳ ଈଶ୍ୱରଙ୍କ ସେବକ ନ ଥିଲେ– ସେ ତାଙ୍କର ପୁତ୍ର ଥିଲେ । ‘‘ସେ ପୁତ୍ର ହେଲେ ସୁଦ୍ଧା... ବାଧ୍ୟତା ଶିକ୍ଷା କଲେ’’ (ଏବ୍ରୀ ୫:୮) । ଯଦି ଆମେ ସଚେତନ ରୂପେ ଅବଗତ ହେଉ ଯେ, ଆମେ ମୁନିବଙ୍କ ଅଧୀନରେ ଅଛୁ, ତାହା ପ୍ରମାଣ କରେ ଯେ, ଆମର ମୁନିବ ନାହାନ୍ତି । ଯଦି ଯୀଶୁଙ୍କ ପ୍ରତି ଆମର ଏଭଳି ମନୋଭାବ ଥାଏ, ତା’ହେଲେ ଆମେ ସେହି ସଂପର୍କଠାରୁ ବହୁତ ଦୂରରେ ଅଛୁ, ଯାହା ସେ ଆମଠାରୁ ଅପେକ୍ଷା କରନ୍ତି । ସେ ଆମଠାରେ ଏଭଳି ସଂପର୍କ ରକ୍ଷା କରିବାକୁ ଚାହାନ୍ତି, ଯେଉଁଠାରେ ସେ ଏତେ ସହଜରେ ଆମର ମୁନିବ ଏବଂ ଗୁରୁ ହୋଇଯାନ୍ତି ଯେ, ଆମେ ସେ ବିଷୟରେ ସଚେତନ ହୋଇ ନ ଥାଉ– ତାହା ଏଭଳି ସଂପର୍କ, ଯାହା ମଧ୍ୟରେ ଆମେ କେବଳ ଏତିକି ଜାଣିଥାଉ ଯେ, ଆମେ ବାଧ୍ୟ ହେବା ପାଇଁ ତାଙ୍କ ନିଜର ହୋଇଛୁ ।

## ସେପ୍ଟେମ୍ବର ୨୩

# ଜଣେ ମିଶେନେରୀଙ୍କ ଲକ୍ଷ୍ୟ

### ଯୀଶୁ କହିଲେ, ‘‘ଆମେ ଯୀରୁଶାଲମକୁ ଯାଉଛୁ ।’’
### ଲୂକ ୧୮:୩୧

ସ୍ୱାଭାବିକ ଜୀବନରେ ଆମର ବୃଦ୍ଧି ସଂଗେ ସଂଗେ ଆମର ଆକାଂକ୍ଷା ବଦଳି ଯାଏ, କିନ୍ତୁ ଖ୍ରୀଷ୍ଟୀୟ ଜୀବନର ଲକ୍ଷ୍ୟ ଆରମ୍ଭରୁ ହିଁ ନିରୂପିତ ଥାଏ, ଆଉ ଆରମ୍ଭ ଏବଂ ଶେଷ ଅବିକଳ ସମାନ ଥାଏ– ଅର୍ଥାତ୍ ସ୍ୱୟଂ ଆମର ପ୍ରଭୁ । ଆମେ ଖ୍ରୀଷ୍ଟଙ୍କ ସହିତ ଆରମ୍ଭ କରୁ ଏବଂ ଶେଷ ମଧ୍ୟ ତାହାଙ୍କଠାରେ ହୁଏ । ‘‘ଖ୍ରୀଷ୍ଟଙ୍କ ପୂର୍ଣ୍ଣତାରେ ସୁପରିଣତ ମନୁଷ୍ୟ ହୋଇ ପାରିବୁ’’ (ଏଫିସୀ ୪:୧୩), ଖ୍ରୀଷ୍ଟୀୟ ଜୀବନ ସଂପର୍କିତ ଆମ ନିଜର ଧାରଣା ଅନୁସାରେ ନୁହେଁ । ଜଣେ ମିଶେନେରୀଙ୍କ ଲକ୍ଷ୍ୟ ହେଉଛି, ଈଶ୍ୱରଙ୍କ ଇଚ୍ଛା ସାଧନ କରିବା, ହଜା ଆତ୍ମା ଲାଭ କରିବାର ପ୍ରଚେଷ୍ଟା ନୁହେଁ । ଜଣେ ମିଶେନେରୀ ବ୍ୟବହାର ଯୋଗ୍ୟ ହୋଇ ହଜା ଆତ୍ମା ଲାଭ କରନ୍ତି, କିନ୍ତୁ ତାହା ତାଙ୍କର ଲକ୍ଷ୍ୟ ନୁହେଁ । ତାଙ୍କର ଲକ୍ଷ୍ୟ ହେଉଛି, ପ୍ରଭୁଙ୍କ ଇଚ୍ଛା ପାଳନ କରିବା ।

ଆମ ପ୍ରଭୁଙ୍କ ଜୀବନରେ ଯୀରୁଶାଲମ ସେହି ସ୍ଥାନ ଥିଲା, ଯେଉଁଠାରେ କ୍ରୁଶ ଉପରେ ସେ ପିତାଙ୍କ ଇଚ୍ଛାର ଚରମ ଅବସ୍ଥାରେ ପହଞ୍ଚିଥିଲେ । ଆମେ ଯୀଶୁଙ୍କ ସହିତ ଯଦି ସେଠାକୁ ନ ଯାଉ, ତେବେ ତାଙ୍କ ସହିତ ଆମର ବନ୍ଧୁତ୍ୱ ବା ସାନ୍ନିଧ୍ୟ ରହିବ ନାହିଁ । ଯୀରୁଶାଲମକୁ ଯିବାର ପଥରୁ କୌଣସି ବିଷୟ ଆମ ପ୍ରଭୁଙ୍କୁ ଲକ୍ଷ୍ୟଚ୍ୟୁତ କରି ନ ଥିଲା । ନିର୍ଯ୍ୟାତିତ ହୋଇଥିବା ଗ୍ରାମଗୁଡ଼ିକୁ ସେ ଶୀଘ୍ର ଅତିକ୍ରମ କରି ନ ଥିଲେ କିଅବା ପ୍ରଶଂସିତ ହୋଇଥିବା ଗ୍ରାମର ଲୋକମାନଙ୍କ ମଧ୍ୟରେ ଅଧିକ ସମୟ ବିତାଇ ନ ଥିଲେ । କୃତଜ୍ଞତା ବା କୃତଘ୍ନତା ଆମର ପ୍ରଭୁଙ୍କର ‘‘ଯୀରୁଶାଲମକୁ’’ ଯିବାର ଉଦ୍ଦେଶ୍ୟକୁ ଆଦୌ ପ୍ରଭାବିତ କରି ନ ଥିଲା ।

ଶିଷ୍ୟ ଆପଣା ଗୁରୁଠାରୁ ବଡ଼ ନୁହେଁ, କିମ୍ବା ଭୃତ୍ୟ ଆପଣା ମୁନିବଠାରୁ ଶ୍ରେଷ୍ଠ ନୁହେଁ’’ (ମାଥିଉ ୧୦:୨୪) । ଅନ୍ୟ କଥାରେ ପ୍ରଭୁଙ୍କ ପ୍ରତି ଯାହା ଘଟିଥିଲା, ଆମର ‘‘ଯୀରୁଶାଲମ’’ କୁ ଯିବା ପଥରେ ଠିକ୍ ତାହା ଘଟିବ । ଆମ ମଧ୍ୟରେ ଈଶ୍ୱରଙ୍କ କାର୍ଯ୍ୟ ପ୍ରଦର୍ଶିତ ହେବ, ଲୋକମାନେ ଆଶୀର୍ବାଦ ପ୍ରାପ୍ତ ହେବେ, ଜଣେ ବା ଦୁଇଜଣ କୃତଜ୍ଞ ହେବେ, ଆଉ ଅନ୍ୟମାନେ ସଂପୂର୍ଣ୍ଣ ରୂପେ ଅକୃତଜ୍ଞ ହେବେ, କିନ୍ତୁ ‘‘(ଆମର) ଯିରୁଶାଲମକୁ’’ ଯିବା ପାଇଁ କୌଣସି ବିଷୟ ଆମକୁ ଲକ୍ଷ୍ୟଭ୍ରଷ୍ଟ କରିବ ନାହିଁ ।

‘‘ସେହିଠାରେ ସେମାନେ ତାଙ୍କୁ କ୍ରୁଶବିଦ୍ଧ କଲେ’’ (ଲୂକ ୨୩:୩୩) । ଆମର ପ୍ରଭୁ ଯୀରୁଶାଲମରେ ପହଞ୍ଚିବା ପରେ ତାହା ଘଟିଥିଲା ଏବଂ ସେହି ଘଟଣା ଆମ ପରିତ୍ରାଣର ପ୍ରବେଶ ଦ୍ୱାର । ପବିତ୍ର ଲୋକମାନଙ୍କ ସମାପ୍ତି କ୍ରୁଶାର୍ପିତ ଅବସ୍ଥାରେ ହୋଇ ନ ଥାଏ, ମାତ୍ର ପ୍ରଭୁଙ୍କ ଅନୁଗ୍ରହରେ ସେମାନଙ୍କ ସମାପ୍ତି ଗୌରବରେ ହୋଇଥାଏ । ସେପର୍ଯ୍ୟନ୍ତ ଆମ ପ୍ରତ୍ୟେକଙ୍କ ମୂଳମନ୍ତ୍ର ଏହିଭଳି ଉଚ୍ଚାରିତ ହେବ ଯେ, ‘‘ମୁଁ ମଧ୍ୟ ଯୀରୁଶାଲମକୁ ଯାଉଛି ।’’

## ସେପ୍ଟେମ୍ବର ୨୪

# ପ୍ରସ୍ତୁତିର "ଯାଅ"

**ଅତଏବ ବେଦି ନିକଟରେ ନୈବେଦ୍ୟ ଉତ୍ସର୍ଗ କଲାବେଳେ ଯଦି ତୁମର ମନେ ପଡ଼ିଯାଏ ଯେ, ଭାଇର ତୁମ ବିରୁଦ୍ଧରେ ଅଭିଯୋଗର କୌଣସି କାରଣ ଅଛି, ତେବେ ବେଦି ନିକଟରେ ତୁମର ନୈବେଦ୍ୟ ଥୋଇ ଦେଇ ପ୍ରଥମେ ଯାଅ ଓ ତା' ସହିତ ପୁନର୍ମିଳିତ ହୁଅ । ତା'ପରେ ଆସି ତୁମର ନୈବେଦ୍ୟ ଉତ୍ସର୍ଗ କର ।**

**ମାଥିଉ ୫:୨୩–୨୪**

ଆମ ପାଇଁ ଏହା ଭାବିବା ସହଜ ଯେ, ଆମେ ଆମ ଜୀବନରେ ହଠାତ୍ ଏପରି ଅବସ୍ଥାକୁ ଆସୁ, ଯେଉଁଠାରେ ଆମେ ସଂପୂର୍ଣ୍ଣ ପ୍ରସ୍ତୁତ ଥିବା ଭଳି ମନେ ହୁଏ, କିନ୍ତୁ ଆକସ୍ମିକ ଭାବେ ପ୍ରସ୍ତୁତି କାର୍ଯ୍ୟ ସଂପନ୍ନ ହୁଏ ନାହିଁ । ଏହି ପ୍ରକ୍ରିୟା ଅବିରତ ଚାଲିଥାଏ । ଆମର ବର୍ତ୍ତମାନ ସ୍ତରର ଅନୁଭୂତିକୁ ନେଇ ଆତ୍ମତୃପ୍ତି ଲାଭ କରି ନିଶ୍ଚିତ ହେବା ଏକ ବିପଜ୍ଜନକ ବିଷୟ । ଖ୍ରୀଷ୍ଟୀୟ ଜୀବନର ଆବଶ୍ୟକତା ହେଉଛି, ପ୍ରସ୍ତୁତି– କେବଳ ପ୍ରସ୍ତୁତି ।

ଜଣେ ନୂତନ ଖ୍ରୀଷ୍ଟବିଶ୍ୱାସୀ ପାଇଁ ଖ୍ରୀଷ୍ଟୀୟ ଜୀବନର ବଳିଦାନର ଭାବନା ଏକ ଆକର୍ଷକ ବିଷୟ ହୋଇଥାଏ । ମନୁଷ୍ୟର ଦୃଷ୍ଟିକୋଣରୁ ଯେଉଁ ଗୋଟିଏ ବିଷୟ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଆକର୍ଷଣ କରେ, ତା' ହେଉଛି, ଆମର ବୀରତ୍ୱ ସୂଚକ ଭାବନା ଏବଂ ଆମର ପ୍ରଭୁଙ୍କ ବାକ୍ୟର ସ୍ୱୟଂ ପରୀକ୍ଷଣ ଦ୍ୱାରା ସେ ଆମର ଆଗ୍ରହ ଓ ଉତ୍ସାହକୁ ଯାଞ୍ଚ କରନ୍ତି । "ଯାଅ, ଭାଇ ସହିତ ପୁନର୍ମିଳିତ ହୁଅ ।" ପ୍ରସ୍ତୁତିର "ଯାଅ"ର ଅର୍ଥ ହେଉଛି, ଆପଣଙ୍କ ସ୍ୱଷ୍ଟ ପରୀକ୍ଷଣ ପାଇଁ ଈଶ୍ୱରଙ୍କ ବାକ୍ୟକୁ ଅନୁମତି ଦେବା । ବୀରତ୍ୱ ସୂଚକ ବଳିଦାନ ସଂପର୍କିତ ଆପଣଙ୍କ ଧାରଣା ଯଥେଷ୍ଟ ନୁହେଁ । ପବିତ୍ର ଆତ୍ମା ଆପଣଙ୍କ ମଧ୍ୟରେ ଯେଉଁ ବିଷୟ ଖୋଜନ୍ତି, ତାହା ଆପଣଙ୍କର ସେହି ସ୍ୱଭାବ ଯାହା ତାଙ୍କ ସେବାରେ କାର୍ଯ୍ୟକାରୀ ହୁଏ ନାହିଁ । ଈଶ୍ୱରଙ୍କ ବ୍ୟତୀତ ଆଉ କିଛି ବିଷୟ ଲୁଚାଇ ରଖୁଛନ୍ତି କି ? ଯଦି ସେପରି ହୋଇଥାଏ, ତେବେ ଈଶ୍ୱର ତାଙ୍କର ଆଲୋକରେ ତାହାର ଅନୁସନ୍ଧାନ କରନ୍ତୁ । ଯଦି ଆପଣଙ୍କ ଜୀବନରେ ପାପ ଅଛି, ତେବେ କେବଳ ସମ୍ମତ ହୁଅନ୍ତୁ ନାହିଁ – ସ୍ୱୀକାର କରନ୍ତୁ । ଆପଣଙ୍କ ପ୍ରତି ଏବଂ ଆପଣଙ୍କ ଅଧିକାର ପ୍ରତି ସମସ୍ତ ଅପମାନ ସହ୍ୟ କରି ଆପଣ କ'ଣ ଆପଣଙ୍କ ପ୍ରଭୁ ଏବଂ ମୁନିବଙ୍କ ଆଜ୍ଞା ପାଳନ କରିବାକୁ ପ୍ରସ୍ତୁତ ?

ପବିତ୍ର ଆତ୍ମାଙ୍କ କୌଣସି ଦୃଢ଼ବୋଧକୁ ଅସମ୍ମାନ କରନ୍ତୁ ନାହିଁ । ଯଦି ତାହାକୁ ମହତ୍ତ୍ୱପୂର୍ଣ୍ଣ ମନେ କରି ପବିତ୍ର ଆତ୍ମା ଆପଣଙ୍କ ମନକୁ ଆଣନ୍ତି, ତେବେ ଆପଣଙ୍କ ଜୀବନରେ ସେ ତାହା ଦେଖାଇଥାନ୍ତି । ଆପଣ କୌଣସି ବଡ଼ ବିଷୟ ପରିତ୍ୟାଗ କରିବା ପାଇଁ ଖୋଜୁଛନ୍ତି, କିନ୍ତୁ ଈଶ୍ୱର କେତେକ ଛୋଟ ବିଷୟ ତ୍ୟାଗ କରିବାକୁ କହୁଛନ୍ତି । କିନ୍ତୁ ସେହି ଛୋଟ ବିଷୟର ଅନ୍ତରାଳରେ ଆପଣଙ୍କ ଜିଦ୍‌ଖୋର ମନୋଭାବ ଅଛି ଏବଂ ଆପଣ କହନ୍ତି, "ମୁଁ ମୋର ଅଧିକାର ଛାଡ଼ିବି ନାହିଁ" – କିନ୍ତୁ ଯୀଶୁ ଖ୍ରୀଷ୍ଟଙ୍କ ଶିଷ୍ୟ ହେବା ପାଇଁ ଈଶ୍ୱର ଆପଣଙ୍କୁ ଏହି ବିଷୟଟିକୁ ଛାଡ଼ିବାକୁ କହୁଛନ୍ତି ।

## ସେପ୍ଟେମ୍ବର ୨୫

# ସଂପର୍କର "ଯାଅ"

**ଯଦି କେହି ତୁମକୁ ଏକ ମାଇଲ ଯିବା ପାଇଁ ବାଧ କରେ,**
**ତେବେ ତା' ସହିତ ଦୁଇ ମାଇଲ ବାଟ ଯାଅ ।**

**ମାଥିଉ ୫:୪୧**

ଆମର ପ୍ରଭୁଙ୍କର ଶିକ୍ଷାର ସାରକଥା ଏହି– ଆମ ପାଇଁ ସେ ଯେଉଁ ସଂପର୍କର ଦାବି କରନ୍ତି, ସେ ଆମ ମଧ୍ୟରେ ଅଲୌକିକ କାର୍ଯ୍ୟ ନ କଲେ ତାହା ଅସମ୍ଭବ ହେବ । ଯୀଶୁଖ୍ରୀଷ୍ଟଙ୍କ ଦାବି ହେଉଛି ଯେ, ଯେତେବେଳେ ତାଙ୍କର ଶିଷ୍ୟ ଅତ୍ୟାଚାର ଏବଂ ଅନ୍ୟାୟର ସମ୍ମୁଖୀନ ହୁଅନ୍ତି, ତାଙ୍କ ମଧ୍ୟରେ ତିଳେମାତ୍ର କ୍ରୋଧ ରହିବା ଉଚିତ ନୁହେଁ । ଯୀଶୁ ତାଙ୍କର ସେବକଙ୍କୁ ଯେଉଁ ଦୁଃଖ ଭାର ଦିଅନ୍ତି, ସେବକ ଜୀବନରେ ସମସ୍ତ ଉତ୍ସାହ ତାହାର ମୁକାବିଲା କରିପାରିବ ନାହିଁ । କେବଳ ଗୋଟିଏ ବିଷୟ ତାହାର ସମ୍ମୁଖୀନ ହୋଇ ପାରିବ, ତା'ହେଉଛି ଯୀଶୁ ଖ୍ରୀଷ୍ଟଙ୍କ ସହିତ ବ୍ୟକ୍ତିଗତ ସଂପର୍କ, ଯେଉଁ ସଂପର୍କର ପରୀକ୍ଷଣ ହୋଇଛି, ଯାହା ଶୁଚିକୃତ ଏବଂ ଯାହାର ପରଖ ସେହି ସମୟ ପର୍ଯ୍ୟନ୍ତ ହୋଇଛି, ଯେତେବେଳେ ଅବଶିଷ୍ଟ ଆଉ କୌଣସି ଉଦ୍ଦେଶ୍ୟ ନ ଥିବ ଏବଂ ମୁଁ କହିବି, "ମୁଁ ଏଠାରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଅଛି, ସେ ଯେଉଁଠାକୁ ଇଚ୍ଛା କରିବେ, ମୋତେ ପଠାଇବେ ।" ସବୁ କିଛି ଝାପ୍‌ସା ହୋଇପାରେ, କିନ୍ତୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଏହି ସଂପର୍କ ଆଦୌ ମଳିନ ହେବ ନାହିଁ ।

ପାର୍ବତ୍ୟ ଉପଦେଶ ଏକ ଅପୂରଣୀୟ ଲକ୍ଷ୍ୟ ନୁହେଁ । ଏହା ସେହି ବକ୍ତବ୍ୟ, ଯାହା ମୋ ମଧ୍ୟରେ କାର୍ଯ୍ୟକାରୀ ହେବ, ଯେତେବେଳେ ଯୀଶୁଖ୍ରୀଷ୍ଟ ମୋର ସ୍ୱଭାବକୁ ପରିବର୍ତ୍ତିତ କରି ମୋ ମଧ୍ୟରେ ତାଙ୍କ ନିଜର ସ୍ୱଭାବ ସ୍ଥାପନ କରିବେ । ଯୀଶୁ ଖ୍ରୀଷ୍ଟ ସେହି ବ୍ୟକ୍ତି, ଯିଏ ପାର୍ବତ୍ୟ ଉପଦେଶକୁ ସଫଳ କରିପାରନ୍ତି ।

ଯୀଶୁ ଖ୍ରୀଷ୍ଟଙ୍କ ଶିଷ୍ୟ ହେବା ପାଇଁ ଆମକୁ ଅଲୌକିକ ଉପାୟରେ ଶିଷ୍ୟତ୍ୱ ଗ୍ରହଣ କରିବାକୁ ହେବ । ଯେ ପର୍ଯ୍ୟନ୍ତ ଆମେ ତାଙ୍କର ଶିଷ୍ୟ ହେବାର ଦୃଢ଼ ସଂକଳ୍ପକୁ ଜାଣିଶୁଣି ବଜାୟ ରଖିବୁ, ଆମେ ନିଶ୍ଚିତ ରୂପେ ଜାଣିପାରିବା ଯେ ଆମେ ଶିଷ୍ୟ ନୋହୁଁ । ଯୀଶୁ କହନ୍ତି, "ତୁମେମାନେ ମୋତେ ମନୋନୀତ କରି ନାହଁ, କିନ୍ତୁ ମୁଁ ତୁମମାନଙ୍କୁ ମନୋନୀତ କରିଛି" (ଯୋହନ ୧୫:୧୬) । ସେହି ପ୍ରକାରେ ଈଶ୍ୱରଙ୍କ ଅନୁଗ୍ରହ ଆରମ୍ଭ ହୁଏ । ଏହା ଏକ ବାଧ୍ୟବାଧକତାର ବିଷୟ । ଏଥିରୁ ଆମେ ରକ୍ଷା ପାଇ ପାରିବା ନାହିଁ, ଆମେ ଏହାକୁ ଅବଜ୍ଞା କରିପାରିବା, କିନ୍ତୁ ଆମେ ନିଜ ଶକ୍ତିରେ ଏହାକୁ ଆରମ୍ଭ କରିପାରିବା ନାହିଁ କି ଏହାକୁ ଉତ୍ପନ୍ନ କରିପାରିବା ନାହିଁ । ଈଶ୍ୱରଙ୍କ ଅଲୌକିକ ଅନୁଗ୍ରହ ଦ୍ୱାରା ଆମେ ତାଙ୍କ ନିକଟକୁ ଆକର୍ଷିତ ହେଉ ଏବଂ ଏହି କାର୍ଯ୍ୟ କେଉଁଠାରୁ ଆରମ୍ଭ ହେଲା, ତାହା ଆମେ ଆଦୌ ଜାଣିପାରିବା ନାହିଁ । ଶିଷ୍ୟ କରିବା ପାଇଁ ଆମର ପ୍ରଭୁ ଅଲୌକିକ ଉପାୟ ଅବଲମ୍ବନ କରନ୍ତି । ସେ ଆମର ସ୍ୱାଭାବିକ ସାମର୍ଥ୍ୟ ଉପରେ ନିର୍ମାଣ କରନ୍ତି ନାହିଁ । ଈଶ୍ୱର ଆମକୁ ଆମ ଦୃଷ୍ଟିରେ ମନେ ହେଉଥିବା ସହଜ ସାଧ୍ୟ କାର୍ଯ୍ୟ କରିବାକୁ କହନ୍ତି ନାହିଁ – ସେ କେବଳ ଆମକୁ ସେହି କାର୍ଯ୍ୟ କରିବାକୁ କହନ୍ତି, ଯାହା ଆମେ ତାଙ୍କର ଅନୁଗ୍ରହ ଦ୍ୱାରା କରିବା ପାଇଁ ସମର୍ଥ, ଏବଂ ସେହିଠାରେ ହିଁ ସବୁବେଳେ ସେହି କ୍ରୁଶ ଆସିବ, ଯାହାକୁ ଆମେ ବହନ କରିବା ।

# ପୁନର୍ମିଳନର ''ଯାଅ''

**ଯଦି ତୁମର ମନେ ପଡ଼ିଯାଏ ଯେ ତୁମ ଭାଇର ତୁମ ବିରୁଦ୍ଧରେ ଅଭିଯୋଗର କୌଣସି କାରଣ ଅଛି... ।**

**ମାଥିଉ ୫:୨୩**

ଏହି ପଦ କହେ, ''ବେଦି ନିକଟରେ ନୈବେଦ୍ୟ ଉତ୍ସର୍ଗ କଲାବେଳେ ଯଦି ତୁମର ମନେ ପଡ଼ିଯାଏ ଯେ, ତୁମ ଭାଇର ତୁମ ବିରୁଦ୍ଧରେ ଅଭିଯୋଗର କୌଣସି କାରଣ ଅଛି'', ଏହା କୁହ ନାହିଁ ''ଯଦି ତୁମେ ଯାଞ୍ଚ କର ଏବଂ ତୁମର ଅସନ୍ତୁଳିତ ସମ୍ବେଦନଶୀଳତା ହେତୁ କିଛି ପାଅ'', କିନ୍ତୁ ''ଯଦି ତୁମର ... ମନେ ପଡ଼ିଯାଏ ।'' ଅନ୍ୟ କଥାରେ ଯଦି ଆପଣଙ୍କ ସଚେତନ ମନରେ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା କୌଣସି କଥା ସ୍ମରଣ କରାଇ ଦିଆଯାଏ, ''ପ୍ରଥମେ ଆପଣଙ୍କ ଭାଇଙ୍କ ସହ ପୁନର୍ମିଳିତ ହୁଅନ୍ତୁ ଏବଂ ତା'ପରେ ବେଦି ନିକଟକୁ ନୈବେଦ୍ୟ ଆଣନ୍ତୁ'' (ମାଥିଉ ୫:୨୪) । ଯେତେବେଳେ ଈଶ୍ୱରଙ୍କ ଆତ୍ମା ଛୋଟ ଛୋଟ ବିଷୟରେ କିଛି ଶିଖାନ୍ତି, ତେବେ ତାଙ୍କର ସମ୍ବେଦନଶୀଳତା ପ୍ରତି ଆପତ୍ତି କରନ୍ତୁ ନାହିଁ ।

ପ୍ରଥମେ ତୁମର ଭାଇଙ୍କ ସହିତ ପୁନର୍ମିଳିତ ହୁଅ...।'' ଆମର ପ୍ରଭୁଙ୍କ ଆଦେଶ ଅତି ସରଳ । ''ପ୍ରଥମେ ପୁନର୍ମିଳିତ ହୁଅ ।'' ପ୍ରକାରାନ୍ତରେ ସେ କହନ୍ତି, ''ଯେପରି ଆସିଛ, ସେପରି ଫେରିଯାଅ'' – ବେଦି ନିକଟକୁ ଆସିବା ସମୟରେ ତୁମର ଯେଉଁ ଦୋଷ ଜାଣି ପାରିଲ, ଯେଉଁ ବ୍ୟକ୍ତିଙ୍କ ମନରେ ତୁମ ବିରୁଦ୍ଧରେ ଅଭିଯୋଗ ଅଛି, ତାଙ୍କ ପ୍ରତି ତୁମ ମନରେ ଏଭଳି ମନୋବୃତ୍ତି ପୋଷଣ କର, ଯଦ୍ଦ୍ୱାରା ପୁନର୍ମିଳନ ନିଶ୍ୱାସ ନେବା ଭଳି ସ୍ୱାଭାବିକ ହୋଇଯିବ ।'' ଯୀଶୁ ଅନ୍ୟ ଲୋକର କଥା କହନ୍ତି ନାହିଁ । ସେ କହନ୍ତି, *ତୁମେ ଯାଅ ।* ଏହା ଆପଣଙ୍କ ଅଧିକାରଗତ ବିଷୟ ନୁହେଁ । ଜଣେ ପବିତ୍ର ଲୋକଙ୍କ ପ୍ରକୃତ ଚିହ୍ନ ହେଉଛି, ସେ ନିଜର ଅଧିକାରକୁ ପରିହାର କରି ପ୍ରଭୁ ଯୀଶୁଙ୍କ ଆଜ୍ଞା ପାଳନ କରନ୍ତି ।

''ତା'ପରେ ଆସି ତୁମର ନୈବେଦ୍ୟ ଉତ୍ସର୍ଗ କର ।'' ପୁନର୍ମିଳନର ପ୍ରକ୍ରିୟା ସ୍ପଷ୍ଟ ରୂପେ ଚିହ୍ନିତ ହୋଇଛି । ପ୍ରଥମେ ଆମର ଆତ୍ମ–ବଳିଦାନର ବୀରତ୍ୱ ସୂଚକ ଭାବନା, ତା'ପରେ ପବିତ୍ର ଆତ୍ମାଙ୍କ ସମ୍ବେଦନଶୀଳତାରେ ପ୍ରତିରୋଧ, ତା'ପରେ ଦୋଷୀ ସାବ୍ୟସ୍ତ ହେବା ମୁହୂର୍ତ୍ତରେ ଆମର ଅଟଳ ଅବସ୍ଥା, ତା'ପରେ ଈଶ୍ୱରଙ୍କ ବାକ୍ୟ ପ୍ରତି ବାଧ୍ୟତା ଦ୍ୱାରା ସୃଷ୍ଟ ମନୋଭାବ ଯାହା ଆପଣଙ୍କ ଅଭିଯୋଗକାରୀଙ୍କୁ ଦୋଷୀ ସାବ୍ୟସ୍ତ କରେ ନାହିଁ । ପରିଶେଷରେ ଈଶ୍ୱରଙ୍କ ପ୍ରତି ଆପଣଙ୍କ ଉତ୍ସର୍ଗୀକୃତ ନୈବେଦ୍ୟ ଯାହା ଆନନ୍ଦପୂର୍ଣ୍ଣ, ସରଳ ଏବଂ ସହଜସାଧ୍ୟ ହୋଇଥାଏ ।

## ସେପ୍ଟେମ୍ବର ୨୭

# ପରିହାରର "ଯାଅ"

### ଜଣେ ଲୋକ ତାହାଙ୍କୁ କହିଲା, "ଆପଣ ଯେଉଁ ଆଡ଼େ ଯିବେ, ମୁଁ ଆପଣଙ୍କର ଅନୁଗମନ କରିବି ।"

### ଲୂକ ୯:୫୭

ଏହି ଲୋକ ପ୍ରତି ପ୍ରଭୁଙ୍କ ମନୋଭାବ କଠୋର ଏବଂ ନିରୁତ୍ସାହଜନକ ଥିଲା'' କାରଣ ମନୁଷ୍ୟ ଅନ୍ତରରେ କ'ଣ ଅଛି, ତାହା ସେ ଜାଣିଥିଲେ'' (ଯୋହନ ୨:୨୫) । ଆମେ କହିଥାନ୍ତୁ "ମୁଁ କଳ୍ପନା କରିପାରୁ ନାହିଁ, ସେହି ଲୋକର ଆତ୍ମାକୁ ଜୟ କରିବାର ସୁଯୋଗ କାହିଁକି ସେ ହରାଇଲେ ! ଅନାଗ୍ରହ ସହିତ ସେହି ଲୋକଙ୍କୁ ନିରୁତ୍ସାହିତ କରି ଫେରାଇ ଦେବା ବିଷୟ ଚିନ୍ତା କରନ୍ତୁ ।'' ଆପଣ ପ୍ରଭୁଙ୍କ ତରଫରୁ କେବେ କ୍ଷମା ଭିକ୍ଷା କରନ୍ତୁ ନାହିଁ । ହୃଦୟ ଶୂନ୍ୟ ନ ହେବା ପର୍ଯ୍ୟନ୍ତ ଈଶ୍ୱରଙ୍କ କଥା ଆଘାତ ଦେଇଚାଲିଥାଏ । ଯୀଶୁ ଖ୍ରୀଷ୍ଟଙ୍କ ହୃଦୟରେ ଏପରି କୌଣସି ବିଷୟ ପ୍ରତି କୋମଳତା ନାହିଁ, ଯାହା ଶେଷରେ ଜଣେ ବ୍ୟକ୍ତିଙ୍କୁ ଈଶ୍ୱରଙ୍କ ସେବା ପାଇଁ ନଷ୍ଟ କରି ଦିଏ । ଆମ ପ୍ରଭୁଙ୍କର ଉତ୍ତର ଖାମଖିଆଲି ମନୋଭାବ ଉପରେ ଆଧାରିତ ନ ଥିଲା, କିନ୍ତୁ ଏହି ଜ୍ଞାନ ଉପରେ ସ୍ଥାପିତ ଥିଲା ଯେ, "ମନୁଷ୍ୟ ଅନ୍ତରରେ କ'ଣ ଅଛି ?'' ଯଦି ଈଶ୍ୱରଙ୍କ ଆତ୍ମା ଆପଣଙ୍କ ମନରେ ଆଘାତ ଦେବା ଭଳି ପ୍ରଭୁଙ୍କର ଏପରି କୌଣସି ବାକ୍ୟ ଆଣନ୍ତି, ତେବେ ନିଶ୍ଚିତ ଭାବେ ଜାଣି ରଖନ୍ତୁ ଯେ, ଆପଣଙ୍କ ଭିତରେ ଏପରି କିଛି ବିଷୟ ଅଛି, ଯାହାକୁ ନ ପାଇବା ପର୍ଯ୍ୟନ୍ତ ସେ ଆଘାତ ଦେଉଥିବେ ।

**ଲୂକ ୯:୫୮ –** ଏହି ବାକ୍ୟ ଯୀଶୁ ଖ୍ରୀଷ୍ଟଙ୍କ ସେବା କରିବା ଯେ ସୁଖଦାୟକ, ଏହି ଯୁକ୍ତିକୁ ନଷ୍ଟ କରିଦିଏ । ସେ କଠୋର ହୋଇ ମୋଠାରୁ ଦାବି କରନ୍ତି ଯେ, ମୋ ଜୀବନରେ ପ୍ରଭୁଙ୍କ ପାଇଁ ଏକ ଆଗ୍ରହ ପୂର୍ଣ୍ଣ ଆଶା ବ୍ୟତୀତ ମୋର ଆଉ କିଛି ରହିବ ନାହିଁ । ସେ କହନ୍ତି ଯେ, ଅନ୍ୟମାନେ ଆସନ୍ତୁ, ଯା'ନ୍ତୁ କିନ୍ତୁ ତାହାଙ୍କ ସହିତ ମୋର ସଂପର୍କ ଦ୍ୱାରା ମୋର ଜୀବନ ପରିଚାଳିତ ହେବ । ଆଉ ସେ କହନ୍ତି "ମନୁଷ୍ୟପୁତ୍ରଙ୍କର ମୁଣ୍ଡ ଗୁଞ୍ଜିବାର ସ୍ଥାନ ନାହିଁ ।''

**ଲୂକ ୯:୫୯ –** ଏହି ଲୋକ ଯୀଶୁଙ୍କୁ ଅସମ୍ମାନ କରିବାକୁ ଚାହୁଁ ନ ଥିଲେ କିମ୍ବା ତାଙ୍କର ପିତାଙ୍କୁ ଅନାଦର କରିବାକୁ ଇଚ୍ଛା କରି ନ ଥିଲେ । ଆମେ ଯୀଶୁଙ୍କ ଅପେକ୍ଷା ଆମର ଆତ୍ମୀୟସ୍ୱଜନଙ୍କ ପ୍ରତି ଅଧିକ ଅନୁରକ୍ତ ହୋଇ ତାଙ୍କୁ ଶେଷ ଆସନ ଦେବା ପାଇଁ ବାଧ କରିଥାଉ । ଯେତେବେଳେ ଆପଣଙ୍କ ଅନୁରକ୍ତିରେ କୌଣସି ସଂଘର୍ଷ ଉପୁଜେ, ମୂଲ୍ୟ ଦେବାକୁ ହେଲେ ସୁଦ୍ଧା ସବୁବେଳେ ଯୀଶୁଙ୍କର ବାଧ ହୁଅନ୍ତୁ ।

**ଲୂକ ୯:୬୧ –** ଯେଉଁ ଲୋକ କହନ୍ତି, "ପ୍ରଭୁ, ମୁଁ ତୁମର ଅନୁଗମନ କରିବି, କିନ୍ତୁ...'', ସେ ଆଗ୍ରହ ପ୍ରକାଶ କରି ପ୍ରସ୍ତୁତ ହୁଅନ୍ତି, କିନ୍ତୁ ଯାଆନ୍ତି ନାହିଁ । ଏହି ଲୋକଙ୍କର ଯିବା ପାଇଁ କିଛି ସର୍ତ୍ତ ଥିଲା । ଯୀଶୁଙ୍କର କଠିନ ଆହ୍ୱାନ ମଧ୍ୟରେ ବିଦାୟ ବାର୍ତ୍ତାର ସ୍ଥାନ ନାହିଁ । ଆମର ବିଦାୟ ସୂଚକ ଅବସ୍ଥା ଖ୍ରୀଷ୍ଟୀୟ ଭାବ ସଂପନ୍ନ ମନେ ହୁଏ ନାହିଁ, କାରଣ ତାହା ଆହ୍ୱାନ ମଧ୍ୟରୁ ଆମକୁ ଲକ୍ଷ୍ୟଚ୍ୟୁତ କରିଥାଏ । ଥରେ ଈଶ୍ୱରଙ୍କ ଆହ୍ୱାନ ଆସିଲେ ଶୀଘ୍ର ବାହାରି ଯା'ନ୍ତୁ, ଅଟକି ରହନ୍ତୁ ନାହିଁ ।

## ସେପ୍ଟେମ୍ବର ୨୮

# ନିଃସର୍ତ୍ତ ସମୀକରଣର ''ଯାଅ''

### ଯୀଶୁ ତାଙ୍କୁ କହିଲେ, ''ତୁମର ଗୋଟିଏ ବିଷୟ ଊଣା ଅଛି, ଯାଅ, ତୁମର ସର୍ବସ୍ୱ ବିକ୍ରୟ କରି ଦରିଦ୍ରମାନଙ୍କୁ ଦାନ କର, ତା'ପରେ ଆସ, ମୋର ଅନୁଗମନ କର ।

### ମାର୍କ ୧୦:୨୧

ଏହି ଧନୀ ଯୁବକଙ୍କର ପବିତ୍ର ହେବା ପାଇଁ ଏକ ନିୟନ୍ତ୍ରଣକାରୀ ଆବେଗ ଥିଲା । ସେ ଯୀଶୁ ଖ୍ରୀଷ୍ଟଙ୍କୁ ଦେଖିବା ପରେ ତାଙ୍କ ପରି ହେବାକୁ ଇଚ୍ଛା କଲେ । ଆମର ପ୍ରଭୁ ଜଣେ ଶିଷ୍ୟଙ୍କୁ ଆହ୍ୱାନ କରିବା ସମୟରେ ତାଙ୍କର ବ୍ୟକ୍ତିଗତ ପବିତ୍ରତା ବ୍ୟତୀତ ଆଉ କୌଣସି ବିଷୟ ପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ । ଯୀଶୁଙ୍କର ମୁଖ୍ୟ ବିବେଚନା ହେଉଛି, ମୋର ବ୍ୟକ୍ତିଗତ ଅଧିକାରକୁ ନଷ୍ଟ କରି ତାଙ୍କ ସହିତ ମୋର ଏକତ୍ୱ ଭାବ ଅର୍ଥାତ୍ ତାଙ୍କ ସହିତ ଏପରି ସଂପର୍କ ସ୍ଥାପନ, ଯେଉଁଥିରେ ଆଉ କୌଣସି ସଂପର୍କ ନ ଥାଏ । ଲୂକ ୨୪:୨୬ ପଦର ପରିତ୍ରାଣ ବା ପବିତ୍ରୀକରଣ ସହିତ କୌଣସି ସଂପର୍କ ନାହିଁ, କିନ୍ତୁ ଏହା କେବଳ ଯୀଶୁଙ୍କ ସହିତ ନିଃସର୍ତ୍ତ ସମୀକରଣ ସହିତ ସଂପୃକ୍ତ । ଆମ ମଧ୍ୟରୁ ଅତି ଅଳ୍ପ ଲୋକ ପ୍ରକୃତରେ ଜାଣନ୍ତି ଯେ, ଯୀଶୁଙ୍କ ପ୍ରତି ତ୍ୟାଗ ଏବଂ ସମର୍ପଣ ଏବଂ ନିଃସର୍ତ୍ତ ସମୀକରଣର ''ଯାଅ'' ଶବ୍ଦର ଅର୍ଥ କ'ଣ ।

''ଯୀଶୁ ତାଙ୍କୁ ଏକ ଦୃଷ୍ଟିରେ ଚାହିଁ ତାଙ୍କ ପ୍ରତି ସ୍ନେହରେ ପୂର୍ଣ୍ଣ ହୋଇ କହିଲେ'' (ମାର୍କ ୧୦:୨୧) । ଯୀଶୁଙ୍କ ଏହି ଦୃଷ୍ଟିର ଅର୍ଥ ହେଉଛି ଯେ, ଆପଣଙ୍କ ହୃଦୟରେ ଆପଣ ଆଉ କୌଣସି ବ୍ୟକ୍ତି ବା ବିଷୟ ପ୍ରତି ଅନୁରକ୍ତ ହୁଅନ୍ତୁ ନାହିଁ । ଯୀଶୁ କ'ଣ କେବେ ଏହି ଦୃଷ୍ଟିରେ ଆପଣଙ୍କୁ ଅନାଇଛନ୍ତି ? ଯୀଶୁଙ୍କର ଏହି ଦୃଷ୍ଟି ପରିବର୍ତ୍ତନ କରେ, ମର୍ମ ଭେଦ କରେ ଏବଂ ବିମୋହିତ କରେ । ପ୍ରଭୁ ଆପଣଙ୍କର ଯେଉଁ ସବୁ ଅଂଶ ପ୍ରତି ଦୃଷ୍ଟି କରିଛନ୍ତି, ସେହି ସବୁ ଅଂଶରେ ଆପଣ ଈଶ୍ୱରଙ୍କ ସହିତ କୋମଳ ଏବଂ ନମନୀୟ ହୋଇଛନ୍ତି । ଯଦି ଆପଣ କଠିନ, ପ୍ରତିହିଂସା ପରାୟଣ, ନିଜ ଇଚ୍ଛାରେ ପରିଚାଳିତ ଏବଂ ସବୁବେଳେ ଭାବନ୍ତି ଯେ, ଅନ୍ୟ ଲୋକଟି ଆପଣଙ୍କ ଅପେକ୍ଷା ଅଧିକ ପରିମାଣରେ ଦୋଷୀ, ତା' ହେଲେ ସ୍ପଷ୍ଟ ଜଣାଯାଏ ଯେ, ଆପଣଙ୍କ ସ୍ୱଭାବର ଏପରି ଅନେକ କ୍ଷେତ୍ର ଅଛି, ଯାହା ପ୍ରଭୁଙ୍କ ଦୃଷ୍ଟିରେ ସଂପୂର୍ଣ୍ଣ ରୂପାନ୍ତରିତ ହୋଇ ନାହିଁ ।

''ତୁମର ଗୋଟିଏ ବିଷୟ ଊଣା ଅଛି ।'' ଯୀଶୁ ଖ୍ରୀଷ୍ଟଙ୍କ ଦୃଷ୍ଟିକୋଣରୁ କୌଣସି ଅନ୍ତରାୟ ନ ଥାଇ ତାଙ୍କ ସହିତ ଏକତା ସ୍ଥାପନ ହେଉଛି, ଏକମାତ୍ର ଉତ୍ତମ ବିଷୟ ।

''ତୁମର ସର୍ବସ୍ୱ ବିକ୍ରୟ କର ।'' କେବଳ ବଞ୍ଚି ରହିବା ମଣିଷ ଭଳି ଜୀବନ ଯାପନ କରିବା ପର୍ଯ୍ୟନ୍ତ ମୋତେ ନିଜକୁ ନମ୍ର କରିବାକୁ ହେବ । ମୋତେ ସବୁକିଛି ପରିତ୍ୟାଗ କରିବାକୁ ହେବ, ପରିତ୍ରାଣ ପାଇଁ ନୁହେଁ (କାରଣ ଗୋଟିଏ ବିଷୟ କେବଳ ମନୁଷ୍ୟକୁ ଉଦ୍ଧାର କରିପାରେ, ତାହା ହେଉଛି ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ସଂପୂର୍ଣ୍ଣ ବିଶ୍ୱାସ ଓ ଭରସା), ମାତ୍ର ଯୀଶୁଙ୍କ ଅନୁଗାମୀ ହେବା ପାଇଁ ।

''ଆସ, ମୋହର ଅନୁଗମନ କର ।'' ଏହା ହେଉଛି ସେହି ପଥ, ଯାହା ମଧ୍ୟ ଦେଇ ସେ ଯାଇଥିଲେ ।

# ଆହ୍ୱାନର ଅବଗତି

**କାରଣ ପ୍ରଚାର କରିବାକୁ ମୁଁ ବାଧ୍ୟ, ମୁଁ ଯଦି ସୁସମାଚାର ପ୍ରଚାର ନ କରେ, ତେବେ ମୋତେ ଧିକ୍ ।**

**୧ କରିନ୍ଥୀ ୯:୧୬**

ପ୍ରବୃତ୍ତିଗତ ଭାବେ ଆମେ ଈଶ୍ୱରଙ୍କ ଗଭୀର ଆତ୍ମିକ ଏବଂ ଅଲୌକିକ ସ୍ପର୍ଶକୁ ଭୁଲିଯାଉ । ଆପଣ ଯଦି ଠିକ୍ ରୂପେ କହିପାରିବେ ଯେ, ଈଶ୍ୱରଙ୍କ ଆହ୍ୱାନ ଆସିବା ସମୟରେ ଆପଣ କେଉଁଠାରେ ଥିଲେ ଏବଂ ସେ ବିଷୟ ବର୍ଣ୍ଣନା କରିପାରିବେ, ତେବେ ଆପଣ ପ୍ରକୃତ ଆହ୍ୱାନ ପାଇଛନ୍ତି କି ନାହିଁ, ସେ ବିଷୟରେ ମୋର ସନ୍ଦେହ ଜାତ ହୁଏ । ଈଶ୍ୱରଙ୍କ ଆହ୍ୱାନ ସେପରି ଆସେ ନାହିଁ, ଏହା ଅଧିକ ରୂପେ ଏକ ଅଲୌକିକ ଆହ୍ୱାନ । ଜଣେ ବ୍ୟକ୍ତିଙ୍କ ଜୀବନରେ ଆହ୍ୱାନର ଅବଗତି ଏକ ବିଦ୍ୟୁତ ଝଲକ ଭଳି ଆସିପାରେ କିମ୍ବା କ୍ରମେ କ୍ରମେ ଆସିପାରେ । କିନ୍ତୁ ଶୀଘ୍ର ଅବା ବିଳମ୍ବରେ ଏହାର ଅବଗତି ଆସିଲେ ମଧ୍ୟ ଏହା ମଧ୍ୟରେ ଏକ ଅଲୌକିକ ଅନ୍ତଃପ୍ରବାହ ଥାଏ– ଏହା ଅବର୍ଣ୍ଣନୀୟ ଏବଂ ଉଲ୍ଲାସଜନକ । ଯେଉଁ ମହାନ୍, ଆଶ୍ଚର୍ଯ୍ୟଜନକ, ଅଲୌକିକ ଆହ୍ୱାନ ଆପଣଙ୍କ ଜୀବନକୁ ଧରି ରଖିଛି, ତାହାର ଆକସ୍ମିକ ଅବଗତି ଯେକୌଣସି ମୁହୂର୍ତ୍ତରେ ଆପଣଙ୍କୁ ଆଚମ୍ବିତ କରି କହିବ, ''ମୁଁ ତୁମକୁ ମନୋନୀତ କରିଛି'' (ଯୋହନ ୧୫:୧୬) ।

ପରିତ୍ରାଣ ଏବଂ ପବିତ୍ରୀକରଣ ସହିତ ଈଶ୍ୱରଙ୍କ ଆହ୍ୱାନର କୌଣସି ସଂପର୍କ ନାହିଁ । ଆପଣ ପବିତ୍ରୀକୃତ ହୋଇଥିବାରୁ ସୁସମାଚାର ପ୍ରଚାର ପାଇଁ ଆହ୍ୱାନ ପ୍ରାପ୍ତ ହୋଇନାହାନ୍ତି, କାରଣ ସୁସମାଚାର ପ୍ରଚାରର ଆହ୍ୱାନ ସଂପୂର୍ଣ୍ଣ ଭିନ୍ନ । ସେଥିପାଇଁ ପାଉଲ କହିଲେ ଯେ, ସେ ପ୍ରଚାର କରିବାକୁ ବାଧ୍ୟ ଥିଲେ ।

ଆପଣ ଯଦି ଅବଜ୍ଞାପୂର୍ବକ ଈଶ୍ୱରଙ୍କ ମହାନ୍ ଅଲୌକିକ ଆହ୍ୱାନକୁ ଆପଣଙ୍କ ଜୀବନରୁ ଦୂର କରି ଦେଇଛନ୍ତି, ତା'ହେଲେ ଆପଣଙ୍କ ପରିସ୍ଥିତିର ସମୀକ୍ଷା କରି ଦେଖନ୍ତୁ ଯେ, କେଉଁ କେଉଁ ସ୍ଥାନରେ ସେବାକାର୍ଯ୍ୟ ବିଷୟରେ ଆପଣଙ୍କ ବିଚାରଧାରା କିମ୍ବା ଆପଣଙ୍କ ବିଶେଷ ଯୋଗ୍ୟତାକୁ ଈଶ୍ୱରଙ୍କ ଆହ୍ୱାନ ଅପେକ୍ଷା ଅଗ୍ରାଧିକାର ଦେଉଛନ୍ତି । ପାଉଲ କହିଲେ, ''ମୁଁ ଯଦି ସୁସମାଚାର ପ୍ରଚାର ନ କରେ, ତେବେ ମୋତେ ଧିକ୍ ।'' ସେ ଈଶ୍ୱରଙ୍କ ଆହ୍ୱାନ ବିଷୟରେ ଅବଗତ ହେଲେ ଏବଂ ସୁସମାଚାର ପ୍ରଚାର କରିବା ପାଇଁ ତାହା ତାଙ୍କୁ ପ୍ରବଳ ରୂପେ ଏପରି ବାଧ୍ୟ କରିଥିଲା ଯେ, ଅନ୍ୟ କୌଣସି ବିଷୟ ସେହି ଶକ୍ତିର ମୁକାବିଲା କରିପାରି ନ ଥିଲା ।

ଯଦି କୌଣସି ପୁରୁଷ ବା ସ୍ତ୍ରୀ ଈଶ୍ୱରଙ୍କ ଆହ୍ୱାନ ପାଆନ୍ତି, ପରିସ୍ଥିତି ଯେତେ କଠିନ ହେଲେ ମଧ୍ୟ ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥାଏ । ପରିଶେଷରେ ଈଶ୍ୱର ତାଙ୍କର ଉଦ୍ଦେଶ୍ୟ କାର୍ଯ୍ୟକାରୀ କରିବା ପାଇଁ ସବୁ ଶକ୍ତିକୁ ନିୟନ୍ତ୍ରଣ କରନ୍ତି । ଯଦି ଆପଣ ଈଶ୍ୱରଙ୍କ ଉଦ୍ଦେଶ୍ୟ ସହିତ ସମ୍ମତ ହେବେ, ତେବେ ସେ କେବଳ ଆପଣଙ୍କୁ ସଚେତନ କରିବେ ନାହିଁ, କିନ୍ତୁ ଆପଣଙ୍କ ଜୀବନର ଅପହଞ୍ଚ ଗଭୀର ସ୍ତରକୁ ସଂପୂର୍ଣ୍ଣ ସମନ୍ୱିତ ଅବସ୍ଥାକୁ ଆଣିବେ ।

## ସେପ୍ଟେମ୍ବର ୩୦

# ଆହ୍ୱାନର କାର୍ଯ୍ୟଭାର

**ମୁଁ ତୁମମାନଙ୍କ ନିମନ୍ତେ ଯେଉଁ ଦୁଃଖ ସହିଛି, ସେଥିପାଇଁ ଆନନ୍ଦୋଲ୍ଲାସ କରୁଛି ଏବଂ ଖ୍ରୀଷ୍ଟଙ୍କ ଶରୀର ରୂପ ମଣ୍ଡଳୀ ନିମନ୍ତେ ତାହାଙ୍କ ଦୁଃଖଭୋଗର ଯାହା ଋଣ ଅଛି, ତାହା ମୁଁ ମୋର ଶରୀରରେ ପୂରଣ କରୁଛି ।**

**କଲସୀୟ ୧:୨୪**

ଆମେ ଆମର ଆତ୍ମିକ ଉତ୍ସର୍ଗୀକରଣକୁ ନେଇ ଈଶ୍ୱରଙ୍କ ଆହ୍ୱାନରେ ପରିଣତ କରିବାର ପ୍ରୟାସ କରୁ, କିନ୍ତୁ ଈଶ୍ୱରଙ୍କ ସହିତ ଆମର ଉପଯୁକ୍ତ ସଂପର୍କ ସ୍ଥାପିତ ହେବା ପରେ ସେ ଏ ସବୁକୁ ବିଦାୟ କରି ଦିଅନ୍ତି । ତା'ପରେ ସେ ଆମକୁ ଦାରୁଣ ଦୁଃଖ ଦେଇ ଗୋଟିଏ ବିଷୟ ପ୍ରତି ଆମର ଦୃଷ୍ଟିକୁ ଏପରି ନିମଜ୍ଜିତ କରନ୍ତି ଯେ, ତାହା ତାଙ୍କର ଆହ୍ୱାନ ବୋଲି ଆମେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲୁ । ଏକ ଚମକ ପ୍ରଦ ମୁହୂର୍ତ୍ତରେ ଆମେ ତାଙ୍କର ଉଦ୍ଦେଶ୍ୟକୁ ଦେଖି କହିଥାଉ, ''ମୁଁ ଅଛି, ମୋତେ ପଠାଅ'' (ଯିଶାଇୟ ୬:୮) ।

ଏହି ଆହ୍ୱାନର ବ୍ୟକ୍ତିଗତ ଶୁଚିକରଣ ସହିତ କୌଣସି ସଂପର୍କ ନାହିଁ, କିନ୍ତୁ ଏହାର ସଂପର୍କ ଭଂଗା ରୋଟି ଏବଂ ଢଳାଯିବା ଦ୍ରାକ୍ଷାରସ ସହିତ ଅଛି । କିନ୍ତୁ ଈଶ୍ୱର ଆମକୁ ଦ୍ରାକ୍ଷାରସ କରିପାରିବେ ନାହିଁ, ଯଦି ଆମେ ସେହି ଅଙ୍ଗୁଳି ବିଷୟରେ ଆପତ୍ତି କରିବା, ଯାହା ଦ୍ୱାରା ସେ ଆମକୁ ଚିପୁଡ଼ିବେ । ଆମେ କହୁ, ''ଈଶ୍ୱର ଯଦି ନିଜର ଅଙ୍ଗୁଳି ବ୍ୟବହାର କରି ମୋତେ ବିଶେଷ ଉପାୟରେ ଭଂଗା ରୋଟି ଏବଂ ଉଚ୍ଛୁଳା ଦ୍ରାକ୍ଷାରସ ରୂପେ ବ୍ୟବହାର କରିବେ, ତା' ହେଲେ ମୁଁ ଆପତ୍ତି କରିବି ନାହିଁ ।'' କିନ୍ତୁ ସେ ଯେତେବେଳେ ଆମକୁ ଚିପୁଡ଼ିବା ପାଇଁ ଆମ ଦ୍ୱାରା ଆଦୃତ ହେଉ ନ ଥିବା ଲୋକଙ୍କୁ ବ୍ୟବହାର କରନ୍ତି, ଏବଂ ଏଭଳି ପରସ୍ଥିତି ସୃଷ୍ଟି କରନ୍ତି, ଯାହାର ଅଧୀନସ୍ଥ ହେବା ପାଇଁ ଆମେ ଅନିଚ୍ଛୁକ, ସେତେବେଳେ ଆମେ ଆପତ୍ତି କରୁ । ତଥାପି ସାକ୍ଷ୍ୟମର ହେବା ପାଇଁ ଆମେ ନିଜେ ନିଜର ସ୍ଥାନ ମନୋନୟନର ପ୍ରୟାସ କରିବା ଆଦୌ ଉଚିତ୍ ନୁହେଁ । ଯଦି ଆମକୁ ଦ୍ରାକ୍ଷାରସରେ ପରିଣତ ହେବାକୁ ହେବ, ତେବେ ଆମର ସଂପୂର୍ଣ୍ଣ ପେଷଣ ଆବଶ୍ୟକ କାରଣ ଦ୍ରାକ୍ଷାଫଳକୁ କେହି ପିଇବେ ନାହିଁ । ଦ୍ରାକ୍ଷାଫଳ ଚିପୁଡ଼ାଯିବା ଦ୍ୱାରା ଦ୍ରାକ୍ଷାରସରେ ପରିଣତ ହୁଏ ।

ଈଶ୍ୱର ଆପଣଙ୍କୁ ଚିପୁଡ଼ିବା ପାଇଁ କେଉଁ ଅଂଗୁଳି ବ୍ୟବହାର କରୁଛନ୍ତି ? ଆପଣ କ'ଣ ଗୋଟିଏ କଠିଣ ପଥର ସଦୃଶ ଖସିଯାଇଛନ୍ତି ? ଯଦି ଆପଣ ବର୍ତ୍ତମାନ ପର୍ଯ୍ୟନ୍ତ ପକ୍ୱ ହୋଇ ନାହାନ୍ତି ଏବଂ ଈଶ୍ୱର ଯଦି ଆପଣଙ୍କୁ ଚିପୁଡ଼ିଛନ୍ତି, ତା' ହେଲେ ଯେଉଁ ଦ୍ରାକ୍ଷାରସ ବାହାରିବ, ତାହା ଅତି ତିକ୍ତ ହେବ । ଜଣେ ପବିତ୍ର ବ୍ୟକ୍ତି ହେବାର ଅର୍ଥ ହେଉଛି ଯେ, କ୍ରମେ କ୍ରମେ ଆମ ସ୍ୱାଭାବିକ ଜୀବନର ଉପାଦାନସବୁ ଈଶ୍ୱରଙ୍କ ସେବାରେ ଭଗ୍ନ ହେବା ଦ୍ୱାରା ସେସବୁ ଈଶ୍ୱରଙ୍କ ଉପସ୍ଥିତି ଅନୁଭବ କରନ୍ତି । ଈଶ୍ୱରଙ୍କ ହାତର ଭଂଗା ରୋଟି ହେବା ପୂର୍ବରୁ ଆମକୁ ଈଶ୍ୱରଙ୍କଠାରେ ରହିବାକୁ ହେବ, ତାଙ୍କ ସହିତ ଏକମତ ହେବାକୁ ପଡ଼ିବ । ଈଶ୍ୱରଙ୍କ ସହିତ ଯଥାର୍ଥ ସଂପର୍କ ସ୍ଥାପନ କରି ରୁହନ୍ତୁ ଏବଂ ଈଶ୍ୱର ତାଙ୍କର କାର୍ଯ୍ୟ କରନ୍ତୁ । ଆପଣ ଦେଖିବେ ଯେ, ସେ ଏଭଳି ରୋଟି ଓ ଦ୍ରାକ୍ଷାରସ ପ୍ରସ୍ତୁତ କରୁଛନ୍ତି, ଯାହା ତାଙ୍କର ଅନ୍ୟ ସନ୍ତାନମାନଙ୍କ ପାଇଁ ଲାଭଜନକ ହେବ ।

## ଅକ୍ଟୋବର ୧

# ଉନ୍ନୀତ ହେବାର ସ୍ଥାନ

**ଯୀଶୁ (ସେମାନଙ୍କୁ)... ସଂଗରେ ନେଇ ଏକ ଉଚ୍ଚ ପର୍ବତ ଉପରକୁ ଗଲେ ।**

**ମାର୍କ ୯:୨**

ଆମେ ସମସ୍ତେ ପାହାଡ଼ ଉପରକୁ ଯିବାର ଅନୁଭୂତି ପାଇଛୁ, ଯେଉଁଠାରେ ଆମେ କାର୍ଯ୍ୟ ସବୁକୁ ଯୀଶୁଙ୍କ ଦୃଷ୍ଟିକୋଣରୁ ଦେଖିଛୁ ଏବଂ ସେଠାରେ ରହିବା ପାଇଁ ଇଚ୍ଛା କରିଛୁ । କିନ୍ତୁ ସେଠାରେ ରହିବା ପାଇଁ ଈଶ୍ୱର ଆମକୁ ଅନୁମତି ଦେବେ ନାହିଁ । ଆମ ଆତ୍ମିକ ଜୀବନର ପ୍ରକୃତ ପରୀକ୍ଷା ହେଉଛି ପାହାଡ଼ ଉପରୁ ଓହ୍ଲାଇବା ପାଇଁ ଆମ ଶକ୍ତିର ପ୍ରଦର୍ଶନ । ଯଦି ଆମର କେବଳ ଉପରକୁ ଚଢ଼ିବାର କ୍ଷମତା ଅଛି, ତେବେ ଆମର କିଛି ଅସୁବିଧା ରହିଛି । ଈଶ୍ୱରଙ୍କ ସହିତ ପାହାଡ଼ ଉପରେ ରହିବା ଏକ ଅପୂର୍ବ ଅନୁଭୂତି, କିନ୍ତୁ ଜଣେ ବ୍ୟକ୍ତିଙ୍କ ଚଢ଼ିବାର ଉଦ୍ଦେଶ୍ୟ ହେଉଛି ଯେ, ପରବର୍ତ୍ତୀ ସମୟରେ ସେ ପୁଣି ତଳକୁ ଓହ୍ଲାଇ ଉପତ୍ୟକାରେ ଭୂତାତ୍ମା ବିଶିଷ୍ଟ ଲୋକମାନଙ୍କୁ ଉପରକୁ ଉଠାଇବେ (୯:୧୪–୧୮ ଦେଖନ୍ତୁ) । ଆମର ସୃଷ୍ଟି ପାହାଡ଼ ପର୍ବତ, ସୂର୍ଯ୍ୟୋଦୟ ଅବା ଜୀବନର ଅନ୍ୟାନ୍ୟ ଆକର୍ଷଣୀୟ ସୌନ୍ଦର୍ଯ୍ୟ ପାଇଁ ନୁହେଁ – ସେଗୁଡ଼ିକ କେବଳ କ୍ଷଣିକ ଉନ୍ମାଦନା ପାଇଁ ଉଦ୍ଦିଷ୍ଟ । ଆମର ସୃଷ୍ଟି ଉପତ୍ୟକା ଏବଂ ଜୀବନର ସାଧାରଣ ବିଷୟ ପାଇଁ ଏବଂ ସେହିଠାରେ ହିଁ ଆମେ ଆମର ଶାରୀରିକ କ୍ଷମତା ଏବଂ ଶକ୍ତି ପ୍ରମାଣିତ କରୁ । ତଥାପି ଆମର ଆତ୍ମିକ ସ୍ୱାର୍ଥପରତା ପାହାଡ଼ ଉପରର ମୁହୂର୍ତ୍ତଗୁଡ଼ିକର ପୁନରାବୃତ୍ତି ପାଇଁ ବ୍ୟଗ୍ର ହୁଏ । ଆମେ ଭାବୁ ଯେ, ପାହାଡ଼ ଉପରେ ରହିବା ଦ୍ୱାରା ଆମେ ସ୍ୱର୍ଗ ଦୂତଙ୍କ ଭଳି ଜୀବନ କାଟିବା । ଉନ୍ନୀତ ହେବାର ସେହି ସମୟ ଅସାଧାରଣ ଏବଂ ଈଶ୍ୱରଙ୍କ ସହିତ ଆମ ଜୀବନରେ ଏହାର ମହତ୍ତ୍ୱ ରହିଛି, କିନ୍ତୁ ଆମକୁ ସାବଧାନ ରହିବାକୁ ହେବ ଏବଂ ଏହି ସୁଯୋଗ ଦ୍ୱାରା ଆମର ଆତ୍ମିକ ସ୍ୱାର୍ଥ ହାସଲର ଅଭିଳାଷକୁ ପ୍ରତିରୋଧ କରିବାକୁ ହେବ ।

ପ୍ରବୃତ୍ତିଗତ ରୂପେ ଆମେ ଭାବିଥାଉ ଯେ, ଯାହା କିଛି ହୁଏ, ତାହା ଉପଯୋଗୀ ଶିକ୍ଷାରେ ପରିଣତ ହୁଏ । ବାସ୍ତବ କ୍ଷେତ୍ରରେ ଏହା ଶିକ୍ଷାଠାରୁ ବଳି ମହତ୍ତର ଚରିତ୍ରରେ ପରିଣତ ହେବା ଆବଶ୍ୟକ । ପାହାଡ଼ ଉପରର ଅନୁଭୂତିର ଉଦ୍ଦେଶ୍ୟ ନୁହେଁ ଆମକୁ ଶିକ୍ଷାଦାନ କରିବା ମାତ୍ର ଆମକୁ ତିଆରି କରିବା । ‘‘ଏହି ଅନୁଭୂତିର ଉପଯୋଗୀତା କ’ଣ ?’’ ସବୁବେଳେ ଏହି ପ୍ରଶ୍ନ ମଧ୍ୟରେ ଏକ ଫାନ୍ଦ ଥାଏ । ସେହି ଉପାୟରେ ଆମେ ଆତ୍ମିକ ବିଷୟକୁ ମାପି ପାରିବା ନାହିଁ । ପାହାଡ଼ ଉପରର ମୁହୂର୍ତ୍ତ ବିରଳ ମୁହୂର୍ତ୍ତ ଏବଂ ତାହା ଈଶ୍ୱରଙ୍କ ଉଦ୍ଦେଶ୍ୟ ମଧ୍ୟରେ ଏକ ବିଶେଷ ସ୍ଥାନ ପାଇଥାଏ ।

**ଅକ୍ଟୋବର ୨**

# ଅପମାନର ସ୍ଥାନ

**କିନ୍ତୁ ଆପଣ ଯଦି କିଛି କରିପାରନ୍ତି,**
**ତେବେ ଦୟା ପରବଶ ହୋଇ ଆମକୁ ସାହାଯ୍ୟ କରନ୍ତୁ ।**
**ମାର୍କ ୯:୨୨**

ପ୍ରତ୍ୟେକ ଥର ଉନ୍ନୀତ ହେବା ପରେ ଆମକୁ ବାସ୍ତବ ଜିନିଷ ମଧ୍ୟରୁ ତଳକୁ ଆସିବାକୁ ହୁଏ, ଯେଉଁଠାରେ କୌଣସି ବିଷୟ, ସୁନ୍ଦର, କାବ୍ୟିକ କିମ୍ବା ରୋମାଞ୍ଚକ ନ ଥାଏ । ପାହାଡ଼ର ଉଚ୍ଚତା ଉପତ୍ୟକାର ବିଷାଦପୂର୍ଣ୍ଣ କଠୋରତା ଦ୍ୱାରା ମପାଯାଇଥାଏ, କିନ୍ତୁ ଉପତ୍ୟକାରେ ଆମେ ଈଶ୍ୱରଙ୍କ ଗୌରବ ପାଇଁ ବଞ୍ଚି ରହୁ । ପାହାଡ଼ ଉପରେ ଆମେ ଈଶ୍ୱରଙ୍କ ଗୌରବକୁ ଦେଖିଥାଉ, କିନ୍ତୁ ତାଙ୍କର ଗୌରବ ପାଇଁ ଆମକୁ ସେଠାରେ ବଞ୍ଚିବାକୁ ହୋଇ ନ ଥାଏ । ଆମର ଅପମାନର ସ୍ଥାନରେ ଆମେ ଈଶ୍ୱରଙ୍କ ପ୍ରତି ଆମର ପ୍ରକୃତ ମୂଲ୍ୟ ନିରୂପଣ କରିଥାଉ, ସେହିଠାରେ ଆମର ବିଶ୍ୱସ୍ତତା ପ୍ରକାଶିତ ହୁଏ । ଆମ ମଧ୍ୟରୁ ଅଧିକ ସଂଖ୍ୟକ ଲୋକ ନିଜ ମନର ସ୍ୱାଭାବିକ ସ୍ୱାର୍ଥ ପାଇଁ ବାହାଦୂରୀ ଦେଖାଇ କାର୍ଯ୍ୟ କରନ୍ତି କିନ୍ତୁ ଈଶ୍ୱର ଚାହାନ୍ତି ଯେ ଆମେ ଦୈନନ୍ଦିନ ଜୀବନର ନୀରସ ସ୍ତରରେ ରହୁ, ଯେଉଁଠାରେ ଆମେ ତାଙ୍କ ସହିତ ନିଜର ବ୍ୟକ୍ତିଗତ ସଂପର୍କ ମଧ୍ୟରେ ଉପତ୍ୟକାରେ ବାସ କରୁ । ପିତର ଭାବିଥିଲେ ଯେ, ପାହାଡ଼ ଉପରେ ରହିବାର ଅନୁଭୂତି ଅତି ଆନନ୍ଦପୂର୍ଣ୍ଣ ହେବ, କିନ୍ତୁ ଯୀଶୁଖ୍ରୀଷ୍ଟ ଶିଷ୍ୟମାନଙ୍କୁ ପାହାଡ଼ ତଳର ଉପତ୍ୟକା ମଧ୍ୟକୁ ନେଇଗଲେ, ଯେଉଁଠାରେ ଦର୍ଶନର ପ୍ରକୃତ ଅର୍ଥ ବୁଝାଇ ଦିଆଗଲା (୯:୫-୬, ୧୪-୨୩ ଦେଖନ୍ତୁ) ।

''ଯଦି ଆପଣ କିଛି କରିପାରନ୍ତି ।'' ଆମ ମଧ୍ୟରୁ ଅବିଶ୍ୱାସ ଦୂର କରିବା ପାଇଁ ଅପମାନର ଉପତ୍ୟକାର ଆବଶ୍ୟକତା ରହିଛି । ଆପଣଙ୍କ ଅତୀତର ଅନୁଭୂତି ପ୍ରତି ଦୃଷ୍ଟି ଫେରାନ୍ତୁ । ଆପଣ ଜାଣିବେ ଯେ, ଯୀଶୁଙ୍କର ପ୍ରକୃତ ପରିଚୟ ପାଇ ନ ଥିବା ସମୟ ପର୍ଯ୍ୟନ୍ତ ଆପଣ ତାହାଙ୍କ ଶକ୍ତି ସମ୍ବନ୍ଧରେ ଜଣେ ନିପୁଣ ଅବିଶ୍ୱାସୀ ଥିଲେ । ପାହାଡ଼ ଉପରେ ଥିବା ସମୟରେ ଆପଣ ସବୁ କଥା ବିଶ୍ୱାସ କରୁଥିଲେ, କିନ୍ତୁ ଉପତ୍ୟକାର ପରିସ୍ଥିତିର ସମ୍ମୁଖୀନ ହେବା ସମୟରେ ଆପଣଙ୍କ ଅବସ୍ଥା କ'ଣ ହେଲା ? ଆପଣ ହୁଏତ ଆପଣଙ୍କ ପବିତ୍ରୀକରଣର ସାକ୍ଷ୍ୟ ଦେଇପାରିବେ, କିନ୍ତୁ ବର୍ତ୍ତମାନ ଆପଣଙ୍କ ପାଇଁ ଯାହା ଅପମାନଜନକ, ସେ ବିଷୟରେ କ'ଣ ହେବ ? ଗତଥର ଆପଣ ଯେତେବେଳେ ଈଶ୍ୱରଙ୍କ ସହିତ ପାହାଡ଼ ଉପରେ ଥିଲେ, ଆପଣ ଦେଖିଥିଲେ ଯେ, ସ୍ୱର୍ଗ ଏବଂ ପୃଥିବୀର ସମସ୍ତ ଶକ୍ତି କେବଳ ଯୀଶୁଙ୍କର ଥିଲା – ବର୍ତ୍ତମାନ ଆପଣ ଅପମାନର ଉପତ୍ୟକାରେ ଅଛନ୍ତି ବୋଲି କ'ଣ ସନ୍ଦେହ କରିବେ ?

## ଅକ୍ଟୋବର ୩

# ସେବାକାର୍ଯ୍ୟର ସ୍ଥାନ

### ଯୀଶୁ ଉତ୍ତର ଦେଇ କହିଲେ, ''ପ୍ରାର୍ଥନା ଓ ଉପବାସ ବିନା ଏ ପ୍ରକାର ଭୂତ ଛଡ଼ାଯାଇ ପାରେ ନାହିଁ ।''

### ମାର୍କ ୯:୨୯

ତାଙ୍କର ଶିଷ୍ୟମାନେ ନିଭୃତରେ ତାଙ୍କୁ ପଚାରିଲେ, ''ଆମେ କାହିଁକି ସେ ଭୂତକୁ ତଡ଼ି ପାରିଲୁ ନାହିଁ'' (ମାର୍କ ୯:୨୮) । ଏହାର ଉତ୍ତର ଯୀଶୁ ଖ୍ରୀଷ୍ଟଙ୍କ ସହିତ ବ୍ୟକ୍ତିଗତ ସଂପର୍କ ମଧ୍ୟରେ ଅଛି । 'ଏ ପ୍ରକାର' ଆଉ ଅନ୍ୟ କୌଣସି ଉପାୟରେ ନୁହେଁ, ମାତ୍ର ଯୀଶୁଙ୍କ ପ୍ରତି ଧ୍ୟାନକୁ କେନ୍ଦ୍ରିତ କରିବା ଦ୍ୱାରା ଏବଂ ସେହି ଧ୍ୟାନକୁ ଦୁଇଗୁଣ ଏବଂ ପୁଣି ତାହାର ଦୁଇଗୁଣ କରିବା ଦ୍ୱାରା ଆସିଥାଏ । ଈଶ୍ୱରଙ୍କ ଶକ୍ତି ପ୍ରତି ଧ୍ୟାନ ଦେବା ବ୍ୟତୀତ ତା' ପରିବର୍ତ୍ତେ ନିଜର ସ୍ୱଭାବ ଗତ ଧାରଣାକୁ ନେଇ ତାଙ୍କର କାର୍ଯ୍ୟ କରିବାର ପ୍ରଚେଷ୍ଟା ଦ୍ୱାରା ଆମେ ସବୁବେଳେ ଶକ୍ତିହୀନ ହୋଇଥାଉ, ଯେପରି ଶିଷ୍ୟମାନେ ସେହି ପରିସ୍ଥିତିରେ ଶକ୍ତିହୀନ ହୋଇଥିଲେ । ଆମେ ଈଶ୍ୱରଙ୍କୁ ନ ଜାଣି ତାଙ୍କର ସେବା କରିବା ପାଇଁ ଉତ୍କଣ୍ଠିତ ହେବା ଦ୍ୱାରା ଈଶ୍ୱରଙ୍କ ନିନ୍ଦା ଓ ଅପମାନ କରିଥାଉ ।

ଯେତେବେଳେ ଆପଣ କଠିନ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି ଏବଂ ବାହ୍ୟିକ ରୂପେ କିଛି ଘଟେ ନାହିଁ, ତଥାପି ଆପଣ ଜାଣିବେ ଯେ, ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ନିରନ୍ତର ଆପଣଙ୍କ ଧ୍ୟାନ ରହିଥିବା ହେତୁ ମୁକ୍ତି ବା ଉଦ୍ଧାର ମିଳିବ । ଆପଣଙ୍କ ସେବାକାର୍ଯ୍ୟର କର୍ତ୍ତବ୍ୟ ହେଉଛି, ଆପଣ ଧ୍ୟାନ ଦେବେ ଯେପରି ଆପଣଙ୍କର ଏବଂ ଯୀଶୁଙ୍କ ମଧ୍ୟରେ କୌଣସି ବିଷୟ ରହିବ ନାହିଁ । ବର୍ତ୍ତମାନ କ'ଣ ଆପଣଙ୍କର ଏବଂ ଯୀଶୁଙ୍କ ମଧ୍ୟରେ କିଛି ବିଷୟ ରହିଛି ? ଯଦି ଅଛି, ତେବେ ଆପଣଙ୍କୁ ତାହା ଦୂର କରିବାକୁ ପଡ଼ିବ, ତାକୁ ଉପେକ୍ଷା କରିବା ଦ୍ୱାରା ନୁହେଁ, କିମ୍ବା ତା' ଉପରେ ଚଢ଼ିଯିବା ଦ୍ୱାରା ନୁହେଁ, ମାତ୍ର ତାହାର ସମ୍ମୁଖୀନ ହୋଇ ଏବଂ ତା' ମଧ୍ୟ ଦେଇ ଯୀଶୁଖ୍ରୀଷ୍ଟଙ୍କ ଉପସ୍ଥିତିକୁ ଆସିବା ଦ୍ୱାରା ତାହା ସମ୍ଭବ ହେବ । ତା'ପରେ ସେହି ସମସ୍ୟା ଏବଂ ତା' ସଂପର୍କିତ ଆପଣଙ୍କ ସମସ୍ତ ଅନୁଭୂତି ଏଭଳି ଭାବେ ଯୀଶୁ ଖ୍ରୀଷ୍ଟଙ୍କ ଗୌରବ କରିବ ଯେ, ଆପଣ ସମ୍ମୁଖବର୍ତ୍ତୀ ହୋଇ ତାହାଙ୍କୁ ନ ଦେଖିବା ପର୍ଯ୍ୟନ୍ତ ଜାଣିପାରିବେ ନାହିଁ ।

ଆମକୁ ''ଇଗଲ୍ ପକ୍ଷୀ ପରି ପକ୍ଷ ବିସ୍ତାର କରି ଉଚ୍ଚରେ ଉଡ଼ିବାକୁ ହେବ'' (ଯିଶାଇୟ ୪୦:୩୧) । କିନ୍ତୁ ତଳକୁ ଓହ୍ଲାଇବା ମଧ୍ୟ ଆମକୁ ଜାଣିବାକୁ ହେବ । ପବିତ୍ର ବ୍ୟକ୍ତିଙ୍କ ଶକ୍ତି ଅବତରଣ ପ୍ରକ୍ରିୟାରେ ଏବଂ ଉପତ୍ୟକାର ଜୀବନ ଶୈଳୀ ମଧ୍ୟରେ ନିହିତ ଥାଏ । ପାଉଲ କହିଲେ, ''ମୋର ଶକ୍ତିଦାତାଙ୍କ ସାହାଯ୍ୟରେ ମୁଁ ସବୁ କରିପାରେ'' (ଫିଲିପ୍ପୀ ୪:୧୩) ଏବଂ ସେ ଯେଉଁ ବିଷୟରେ କହିଥିଲେ, ତାହା ଅତ୍ୟନ୍ତ ଅପମାନଜନକ ଥିଲା । ତଥାପି ଏହି ଶକ୍ତି ଦ୍ୱାରା ଆମେ ଅପମାନିତ ହେବା ପାଇଁ ପ୍ରତ୍ୟାଖ୍ୟାନ କରି କହିଥାଉ, ''ନା, କ୍ଷମା କରିବ, ମୁଁ ଈଶ୍ୱରଙ୍କ ସହିତ ପାହାଡ଼ ଉପରେ ରହିବା ପାଇଁ ଅଧିକ ପସନ୍ଦ କରେ ।'' ମୁଁ କ'ଣ ଯୀଶୁ ଖ୍ରୀଷ୍ଟଙ୍କ ବାସ୍ତବ ପ୍ରକାଶନ ମଧ୍ୟରେ ପ୍ରକୃତ ପରିସ୍ଥିତିର ସମ୍ମୁଖୀନ ହୋଇପାରିବି ଅବା ଏହି ବିଷୟ ସବୁ ଯୀଶୁଖ୍ରୀଷ୍ଟଙ୍କ ପ୍ରତି ମୋର ବିଶ୍ୱାସକୁ ନଷ୍ଟ କରି ମୋତେ ବିଚଳିତ କରିବ ?

## ଅକ୍ଟୋବର ୪

# ଦର୍ଶନ ଏବଂ ବାସ୍ତବତା

### ତୁମେମାନେ... ପବିତ୍ର ହେବା ପାଇଁ ଆହୂତ ହୋଇଛ ।

### ୧ କରିନ୍ଥୀ ୧:୨

ଈଶ୍ୱରଙ୍କ ଧନ୍ୟବାଦ ହେଉ ଯେ, ଆମେ ସେହି ସବୁ ଦେଖୁଛୁ ଯାହା ଆମେ ଏ ପର୍ଯ୍ୟନ୍ତ ହୋଇପାରି ନାହୁଁ । ଆପଣଙ୍କର ଦର୍ଶନ ରହିଛି, କିନ୍ତୁ ଏ ପର୍ଯ୍ୟନ୍ତ ଆପଣ ତାହାର ବାସ୍ତବତା ପର୍ଯ୍ୟନ୍ତ ପହଞ୍ଚି ନାହାନ୍ତି । ସେହି ଉପତ୍ୟକାରେ ରହି ଯେତେବେଳେ ଆମକୁ ପ୍ରମାଣିତ କରିବାକୁ ହୁଏ ଯେ, ଆମେ ମନୋନୀତ ଅବା ନୋହୁଁ, ସେତେବେଳେ ସେହି ସ୍ଥାନରୁ ଅନେକ ଲୋକ ଫେରି ଯା'ନ୍ତି । ଦର୍ଶନର ଆକାର ମଧ୍ୟରେ ପରିବର୍ତ୍ତିତ ହେବା ପ୍ରକ୍ରିୟାରେ ଯେଉଁ ସବୁ ଧକ୍କା ଏବଂ ଆଘାତ ଆସେ, ଆମେ ସେଥିପାଇଁ ପ୍ରସ୍ତୁତ ନ ଥାଉ । ଆମେ କ'ଣ ନୋହୁଁ ଏବଂ ଈଶ୍ୱର ଆମକୁ କ'ଣ ହେବା ପାଇଁ ଇଚ୍ଛା କରନ୍ତି, ତାହା ଆମେ ଦେଖିଛୁ, କିନ୍ତୁ ଆମେ ଈଶ୍ୱରଙ୍କ ବ୍ୟବହାର ଯୋଗ୍ୟ ହେବା ଉଦ୍ଦେଶ୍ୟରେ ସେହି ଦର୍ଶନର ଆକାର ଅନୁସାରେ ଗଠିତ ହେବା ପାଇଁ ବାରମ୍ବାର ଆଘାତ ପ୍ରାପ୍ତ ଓ ବିକୃତ ହେବା ପାଇଁ ପ୍ରସ୍ତୁତ ଅଛୁ କି ? ସେହି ଆଘାତ ପ୍ରତିଦିନର ସାଧାରଣ ଘଟଣା ଏବଂ ଲୋକଙ୍କ ଜରିଆରେ ଆସିବ ।

ଅନେକ ସମୟରେ ଆମେ ଈଶ୍ୱରଙ୍କ ଉଦ୍ଦେଶ୍ୟ ବୁଝି ନ ଥାଉ, ଦର୍ଶନ ଆମର ପ୍ରକୃତ ଚରିତ୍ରରେ ପରିଣତ ହେବ କି ନାହିଁ, ତାହା ଆମ ଉପରେ ନିର୍ଭର କରେ, ଈଶ୍ୱରଙ୍କ ଉପରେ ନୁହେଁ । ଆମେ ଯଦି ପାହାଡ଼ ଉପରେ ବିଶ୍ରାମ କରୁ ଏବଂ ଦର୍ଶନର ସ୍ମୃତିକୁ ନେଇ ବଞ୍ଚି ରହୁ, ତେବେ ଆମେ ସାଧାରଣ ବିଷୟରେ ବ୍ୟବହାର ଯୋଗ୍ୟ ହୋଇପାରିବା ନାହିଁ, ଯାହାକୁ ନେଇ ମନୁଷ୍ୟ ଜୀବନ ଗଠିତ ହୋଇଛି । ଆମକୁ କେବଳ ଏକ ଭାବବିହ୍ୱଳ ଆନନ୍ଦ ଏବଂ ଈଶ୍ୱରଙ୍କ ପ୍ରତି ଦୃଢ଼ ଚିନ୍ତନ ମଧ୍ୟରେ ନୁହେଁ, ମାତ୍ର ସେହି ବିଷୟ ଉପରେ ଭରସା ରଖି ଜୀବନ ଯାପନ କରିବାକୁ ହେବ, ଯାହା ଆମେ ଦର୍ଶନରେ ଦେଖିଥିଲୁ । ଏହାର ଅର୍ଥ ହେଉଛି, ଦର୍ଶନର ପ୍ରକୃତ ସତ୍ୟ ଆମ ମଧ୍ୟରେ ଉପଲବ୍ଧ ନ ହେବା ପର୍ଯ୍ୟନ୍ତ ଆମକୁ ଦର୍ଶନର ପ୍ରକାଶନରେ ଜୀବନର ବାସ୍ତବତା ମଧ୍ୟରେ ବଞ୍ଚିବାକୁ ହେବ । ଆମର ପ୍ରଶିକ୍ଷଣ ସେହି ଦିଗ ପ୍ରତି ହୋଇଥାଏ । ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ ଯେ, ସେ ଆମକୁ ତାଙ୍କର ଦାବି ଜଣାଇଛନ୍ତି ।

ଈଶ୍ୱର ଯେତେବେଳେ ଆମକୁ କହନ୍ତି, ''କର'' ସେତେବେଳେ ଆମର ଛୋଟ ''ମୁଁ ଅଛି'' ଉଠିଯାଏ ଏବଂ ମୁହଁ ଫୁଲାଏ । ଆପଣଙ୍କର ଛୋଟ ''ମୁଁ ଅଛି'' କୁ ଈଶ୍ୱରଙ୍କ କ୍ରୋଧ ଏବଂ ବିରକ୍ତି ମଧ୍ୟରେ ଏପରି କୁଞ୍ଚିତ ହେବାକୁ ଦିଅନ୍ତୁ, ଯେପରି ସେ କହିବେ, **''ଆମ୍ଭେ ଯେ ଅଟୁ, ସେ ଅଟୁ... ମୋତେ ତୁମମାନଙ୍କ ନିକଟକୁ ପଠାଇଛନ୍ତି''** (ଯାତ୍ରାପୁସ୍ତକ ୩:୧୪) । ଈଶ୍ୱରଙ୍କ ପ୍ରଭୁତ୍ୱ ରହିବ । ଏହା କ'ଣ ଯନ୍ତ୍ରଣାଦାୟକ ନୁହେଁ ଯେ, ଈଶ୍ୱର କେବଳ ଆମର ରହିବାର ସ୍ଥାନ ଜାଣନ୍ତି ନାହିଁ, ମାତ୍ର ଆମେ ଯେଉଁ ଆବର୍ଜନା ମଧ୍ୟରେ ଆଣ୍ଠୋଇ ପଡ଼ିଛୁ, ତାହା ମଧ୍ୟ ସେ ଜାଣନ୍ତି । ବିଦ୍ୟୁତ୍‌ର ଝଲକ ଭଳି ଗୋଟିଏ ପଲକରେ ସେ ଆମକୁ ଖୋଜି ବାହାର କରିବେ । ମଣିଷ ଅନ୍ୟ ଜଣେ ମନୁଷ୍ୟକୁ ସେତେ ଭଲ ରୂପେ ଜାଣି ନ ଥାଏ, ଈଶ୍ୱର ଯେପରି ଜାଣନ୍ତି ।

# ଅଧୋପତନର ସ୍ୱଭାବ

**ଅତଏବ ଜଣେ ମନୁଷ୍ୟ ଦ୍ୱାରା ପାପ ଓ ପାପ ଦ୍ୱାରା ମୃତ୍ୟୁ ଜଗତରେ ପ୍ରବେଶ କଲା ଏବଂ ଏହି ପ୍ରକାରେ ସବୁ ମନୁଷ୍ୟଙ୍କ ପ୍ରତି ମୃତ୍ୟୁ ଆସିଲା, କାରଣ ସମସ୍ତେ ପାପ କଲେ ।**

**ରୋମୀ ୫:୧୨**

ବାଇବଲ ଏହା କହେ ନାହିଁ ଯେ, ଈଶ୍ୱର ଜଣେ ମନୁଷ୍ୟର ପାପ ପାଇଁ ସମୁଦାୟ ମାନବଜାତିକୁ ଦଣ୍ଡ ଦେଲେ । ଏହା କହେ ଯେ, ପାପ ସ୍ୱଭାବ ଅର୍ଥାତ୍ ନିଜର ଅଧିକାର ପ୍ରତି ନିଜର ଦାବି ଜଣେ ମନୁଷ୍ୟ ଦ୍ୱାରା ମାନବ ଜାତି ମଧ୍ୟରେ ପ୍ରବେଶ କଲା । କିନ୍ତୁ ବାଇବଲ ଏହା ମଧ୍ୟ କହେ ଯେ, ଆଉ ଜଣେ ମନୁଷ୍ୟ ନିଜ ଉପରେ ମାନବ ଜାତିର ପାପ ନେଲେ ଏବଂ ତାକୁ ଦୂର କରି ଦେଲେ– ଯାହା ଏକ ଗଭୀର ପରିପ୍ରକାଶ (ଏବ୍ରୀ ୯:୨୬ ଦେଖନ୍ତୁ) । ପାପର ସ୍ୱଭାବ ଅନୈତିକତା ବା ଅନୁଚିତ କାର୍ଯ୍ୟ ନୁହେଁ, ମାତ୍ର ଆତ୍ମ ସଚେତନତାର ସ୍ୱଭାବ ଯାହା ଆମକୁ କହିବାକୁ ପ୍ରବର୍ତ୍ତାଏ ଯେ, ‘‘ମୁଁ ମୋର ଈଶ୍ୱର ।’’ ଏହି ସ୍ୱଭାବ ନିଜକୁ ଯଥାର୍ଥ ନୈତିକତା ବା ଅଯଥାର୍ଥ ନୈତିକତା ପ୍ରକଟ କରିପାରେ, କିନ୍ତୁ ଏହା ସାଧାରଣ ଭିତ୍ତି ଉପରେ ପ୍ରତିଷ୍ଠିତ – ମୋ ନିଜ ଉପରେ ମୋର ଅଧିକାରର ଦାବି । ଯେତେବେଳେ ଆମର ପ୍ରଭୁ ହୁଏତ ଏପରି ଲୋକଙ୍କୁ ସାକ୍ଷାତ କଲେ, ଯେଉଁମାନେ ସମସ୍ତ ମନ୍ଦ ଗୁଣରେ ପରିପୂର୍ଣ୍ଣ ଥିଲେ ଅବା ଯେଉଁମାନେ ପବିତ୍ର, ନୈତିକ ଏବଂ ସମ୍ମାନନୀୟ ଥିଲେ, କିନ୍ତୁ ଉଭୟ କ୍ଷେତ୍ରରେ ସେ କାହାରି ନୈତିକ ଅଧୋପତନ ବା ଅନ୍ୟ କାହାରି ନୈତିକ ସଫଳତା ପ୍ରତି ଧ୍ୟାନ ଦେଇ ନ ଥିଲେ । ସେ ଗୋଟିଏ ବିଷୟ ଦେଖିଥିଲେ, ଯାହା ଆମେ ଦେଖି ନ ଥାଉ, ତା’ ହେଉଛି ମନୁଷ୍ୟର ସ୍ୱଭାବ (ଯୋହନ ୨:୨୫ ଦେଖନ୍ତୁ) ।

ପାପ ଏପରି ଏକ ବିଷୟ ଯାହା ମୋର ଜନ୍ମଗତ, ଯାହାକୁ ମୁଁ ଛୁଇଁପାରେ ନାହିଁ– କେବଳ ଈଶ୍ୱର ମୁକ୍ତି କାର୍ଯ୍ୟ ଦ୍ୱାରା ପାପକୁ ଛୁଇଁ ପାରନ୍ତି । ଖ୍ରୀଷ୍ଟଙ୍କ କ୍ରୁଶ ଦ୍ୱାରା ହିଁ ଈଶ୍ୱର ପାପର ବଂଶଗତ ସ୍ୱଭାବ ଜନିତ ସମ୍ଭାବ୍ୟ ଦଣ୍ଡାଜ୍ଞାରୁ ସମଗ୍ର ମାନବ ଜାତିକୁ ମୁକ୍ତ କଲେ । ପାପର ବଂଶଗତ ସ୍ୱଭାବ ହେତୁ ଈଶ୍ୱର କୌଣସି ବ୍ୟକ୍ତିକୁ ଦାୟୀ କରନ୍ତି ନାହିଁ ଏବଂ ସେଥିପାଇଁ କାହାକୁ ଦୋଷୀ ସାବ୍ୟସ୍ତ କରନ୍ତି ନାହିଁ । ମୁଁ ସେତେବେଳେ ଦୋଷୀ ସାବ୍ୟସ୍ତ ହେବି ଯେତେବେଳେ ମୁଁ ଉପଲବ୍ଧି କରିବି ଯେ, ଯୀଶୁଖ୍ରୀଷ୍ଟ ମୋତେ ପାପର ଦଣ୍ଡାଜ୍ଞାରୁ ଉଦ୍ଧାର କରିବା ପାଇଁ ଆସିଥିଲେ, କିନ୍ତୁ ମୁଁ ତାଙ୍କୁ ଅନୁମତି ଦେଇ ନ ଥିଲି । ସେହି ମୁହୂର୍ତ୍ତରୁ ମୋ ଉପରେ ଦୋଷୀ ସାବ୍ୟସ୍ତ ହେବାର ମୋହର ଲାଗିଯାଏ । ‘‘ସେହି ଦଣ୍ଡାଦେଶ (ଘଡ଼ିସନ୍ଧି ମୁହୂର୍ତ୍ତ)ର କାରଣ ହେଉଛି– ଜ୍ୟୋତିଃ ଜଗତରେ ପ୍ରକାଶିତ ହୋଇଛି, କିନ୍ତୁ ଲୋକେ ଜ୍ୟୋତିଃ ଅପେକ୍ଷା ଅନ୍ଧକାରକୁ ପ୍ରିୟ ଜ୍ଞାନ କଲେ’’ (ଯୋହନ ୩:୧୯) ।

# ଆତ୍ମିକ ନବୀକରଣର ସ୍ୱଭାବ

### ସେ ଯେତେବେଳେ ଆପଣା ପୁତ୍ରଙ୍କୁ ମୋଠାରେ ପ୍ରକାଶ କରିବାକୁ ସନ୍ତୁଷ୍ଟ ହେଲେ
### ଗାଲାତୀୟ ୧:୧୫-୧୬

ଯଦି ଯୀଶୁଖ୍ରୀଷ୍ଟ ମୋର ନବୀକରଣ କରିବାକୁ ଯାଉଛନ୍ତି, ତେବେ ସେ କେଉଁ ସମସ୍ୟାର ସମ୍ମୁଖୀନ ହୁଅନ୍ତି ? ତାହା ଏହି - ମୋର ବଂଶ ପରଂପରାରେ ମୋର କିଛି କହିବାର ନ ଥିଲା କିମ୍ବା କୌଣସି ନିଷ୍ପତ୍ତି ନ ଥିଲା, ମୁଁ ପବିତ୍ର ନୁହେଁ, କିମ୍ବା ମୋର ପବିତ୍ର ହେବାର ସମ୍ଭାବନା ନାହିଁ, ଆଉ ଯୀଶୁଖ୍ରୀଷ୍ଟ ଯଦି ମୋତେ କହିବେ ଯେ, ମୋର ପବିତ୍ର ହେବା ଆବଶ୍ୟକ, ତେବେ ତାଙ୍କର ଶିକ୍ଷା କେବଳ ମୋତେ ନିରାଶ କରିପାରେ । କିନ୍ତୁ ଯଦି ଯୀଶୁଖ୍ରୀଷ୍ଟ ପ୍ରକୃତରେ ସବୁ ନୂଆ କରିପାରନ୍ତି, ଯେ କି ତାଙ୍କର ବଂଶଗତ ଗୁଣ ମୋ ମଧ୍ୟରେ ଉତ୍ପନ୍ନ କରିପାରନ୍ତି, ତେବେ ମୁଁ ଏହା ଦେଖିବା ଆରମ୍ଭ କରେ ଯେ, ସେ ଯେତେବେଳେ କହନ୍ତି ଯେ, ମୋର ପବିତ୍ର ହେବା ଆବଶ୍ୟକ, ତାଙ୍କ କଥାର ଅର୍ଥ ମୁଁ ବୁଝିପାରେ । ମୁକ୍ତିର ଅର୍ଥ ହେଉଛି ଯେ, ଯୀଶୁଖ୍ରୀଷ୍ଟ ଯେ କୌଣସି ବ୍ୟକ୍ତିଙ୍କ ମଧ୍ୟରେ ତାଙ୍କର ବଂଶଗତ ସ୍ୱଭାବ ଉତ୍ପନ୍ନ କରିପାରନ୍ତି, ଯାହା ତାଙ୍କ ମଧ୍ୟରେ ଥିଲା ଏବଂ ସେ ଆମକୁ ଯେଉଁ ମାନଦଣ୍ଡ ଦିଅନ୍ତି, ତାହା ସେହି ସ୍ୱଭାବ ଉପରେ ଆଧାରିତ - ତାଙ୍କର ଶିକ୍ଷା ସେହି ଜୀବନରେ ପ୍ରୟୋଗ ହେବା ଉଚିତ, ଯାହା ସେ ଆମ ମଧ୍ୟରେ ସ୍ଥାପନ କରିଛନ୍ତି । ମୋର ଉପଯୁକ୍ତ କାର୍ଯ୍ୟପନ୍ଥା ହେଉଛି ଯେ, ମୁଁ ଖ୍ରୀଷ୍ଟଙ୍କ କ୍ରୁଶରେ ଈଶ୍ୱରଙ୍କ ଦ୍ୱାରା ପାପ ପ୍ରତି ବିଚାର ନିଷ୍ପତ୍ତି ସହିତ ଏକମତ ହେବି ।

ନବୀକରଣ ସଂପର୍କରେ ନୂତନ ନିୟମର ଶିକ୍ଷା ହେଉଛି ଯେ, ଯେତେବେଳେ ଜଣେ ବ୍ୟକ୍ତି ନିଜର ଆବଶ୍ୟକତା ଅନୁଭବ କରିବେ, ସେତେବେଳେ ଈଶ୍ୱର ସେହି ବ୍ୟକ୍ତିଙ୍କ ଆତ୍ମା ମଧ୍ୟରେ ପବିତ୍ର ଆତ୍ମାଙ୍କୁ ଢାଳି ଦେବେ ଏବଂ ତାଙ୍କର ବ୍ୟକ୍ତିଗତ ଆତ୍ମା ଈଶ୍ୱରଙ୍କ ପୁତ୍ରଙ୍କ ଆତ୍ମା ଦ୍ୱାରା ଶକ୍ତି ପ୍ରାପ୍ତ ହେବ - ''ଖ୍ରୀଷ୍ଟ ତୁମମାନଙ୍କ ମଧ୍ୟରେ ରୂପାୟିତ ନ ହେବା ପର୍ଯ୍ୟନ୍ତ'' (ଗାଲାତୀ ୪:୧୯) । ମୁକ୍ତିକାର୍ଯ୍ୟର ନୈତିକ ଆଶ୍ଚର୍ଯ୍ୟକର୍ମ ହେଉଛି, ଈଶ୍ୱର ମୋତେ ନୂତନ ସ୍ୱଭାବ ପ୍ରଦାନ କରିବେ ଯଦ୍ଦ୍ୱାରା ମୁଁ ସଂପୂର୍ଣ୍ଣ ରୂପେ ନୂତନ ଜୀବନ ଯାପନ କରିପାରିବି । ମୁଁ ଯେତେବେଳେ ମୋର ଆବଶ୍ୟକତାର ଶେଷ ପ୍ରାନ୍ତରେ ପହଞ୍ଚି ମୋର ସୀମିତାବସ୍ଥା ଜାଣିପାରେ, ସେତେବେଳେ ଯୀଶୁ କହନ୍ତି, ''ତୁମେ ଧନ୍ୟ'' (ମାଥିଉ ୫:୧୧) । କିନ୍ତୁ ମୋତେ ସେହି ସ୍ଥିତିକୁ ଯିବାକୁ ହେବ । ଯୀଶୁଙ୍କ ମଧ୍ୟରେ ଯେଉଁ ଦାୟିତ୍ୱସଂପନ୍ନ ନୈତିକ ସ୍ୱଭାବ ଥିଲା, ଈଶ୍ୱର ମୋ ମଧ୍ୟରେ ତାହା ସ୍ଥାପନ କରିପାରିବେ ନାହିଁ, ଯେପର୍ଯ୍ୟନ୍ତ ମୁଁ ତାହାର ଆବଶ୍ୟକତା ବିଷୟରେ ସଚେତନ ନ ହୋଇଛି ।

ଯେପରି ଜଣେ ବ୍ୟକ୍ତି ଦ୍ୱାରା ମନୁଷ୍ୟ ଜାତି ମଧ୍ୟରେ ପାପ ପ୍ରବେଶ କଲା, ସେହିପରି ଆଉ ଜଣେ ବ୍ୟକ୍ତିଙ୍କ ଦ୍ୱାରା ମନୁଷ୍ୟ ଜାତି ମଧ୍ୟରେ ପବିତ୍ର ଆତ୍ମା ପ୍ରବେଶ କଲେ (ରୋମୀ ୫:୧୨-୧୯ ଦେଖନ୍ତୁ) । ମୁକ୍ତିକାର୍ଯ୍ୟର ଅର୍ଥ ହେଉଛି, ମୁଁ ମୋର ବଂଶଗତ ସ୍ୱଭାବରୁ ମୁକ୍ତି ପାଇବି ଏବଂ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଏକ ପବିତ୍ର ଏବଂ ନିଷ୍କଳଙ୍କ ସ୍ୱଭାବ ଅର୍ଥାତ୍ ପବିତ୍ର ଆତ୍ମାଙ୍କୁ ପାଇବି ।

## ଅକ୍ଟୋବର ୭

# ପୁନର୍ମିଳନର ସ୍ୱଭାବ

**ଯାହାଙ୍କଠାରେ ପାପର ଲେଶ ନ ଥିଲା, ଈଶ୍ୱର ତାହାଙ୍କୁ ଆମ ପାଇଁ ପାପ ସ୍ୱରୂପ କଲେ, ଯେପରିକି ଆମେ ତାହାଙ୍କଠାରେ ଈଶ୍ୱରଙ୍କ ଧାର୍ମିକତା ସ୍ୱରୂପ ହେବୁ ।**

**୨ କରିନ୍ଥୀ ୫:୨୧**

ପାପ ଏକ ମୌଳିକ ସଂପର୍କ – ଏହା ଭୁଲ୍ କାମକୁ ବୁଝାଏ ନାହିଁ, ଭୁଲ୍ ସ୍ଥିତିକୁ ବୁଝାଏ – ଏହା ଜ୍ଞାତସାରରେ ଈଶ୍ୱରଙ୍କଠାରୁ ଉଦ୍ଦେଶ୍ୟମୂଳକ ସ୍ୱାଧୀନତାକୁ ବୁଝାଏ । ଖ୍ରୀଷ୍ଟୀୟ ବିଶ୍ୱାସର ସମସ୍ତ ବିଷୟ ଅତ୍ୟଧିକ ଆମ୍ ବିଶ୍ୱାସରେ ପୂର୍ଣ୍ଣ ପାପର ସ୍ୱଭାବ ଉପରେ ଆଧାରିତ । ଅନ୍ୟ ଧର୍ମ ପାପଗୁଡ଼ିକ ସହିତ ସଂପର୍କିତ, କିନ୍ତୁ ବାଇବଲ କେବଳ ପାପ ସହିତ ସଂପର୍କିତ । ଯୀଶୁଖ୍ରୀଷ୍ଟ ଲୋକମାନଙ୍କ ସମ୍ମୁଖରେ ଯେଉଁ ବିଷୟ ଉପସ୍ଥାପିତ କରିଥିଲେ, ତାହା ହେଉଛି ପାପର ବିଷଗୁଣ । ଆଜି ଆମେ ସୁସମାଚାର ପ୍ରଚାରରେ ପାପର ତଥ୍ୟକୁ ଅଗ୍ରାହ୍ୟ କରିଥିବାରୁ ସୁସମାଚାରର ସମ୍ବାଦ ତାହାର ଦଂଶନ ଏବଂ ବିସ୍ଫୋରକ ଶକ୍ତି ହରାଇଛି ।

ବାଇବଲ ପ୍ରକଟିତ ସତ୍ୟ ଏହା ନୁହେଁ ଯେ, ଯୀଶୁଖ୍ରୀଷ୍ଟ ତାଙ୍କ ଉପରେ ଆମର ଶାରୀରିକ ପାପ ବହନ କଲେ, ମାତ୍ର ସେ ପାପର ବିଷଗୁଣକୁ ନିଜ ଉପରେ ନେଲେ, ଯାହା କୌଣସି ମନୁଷ୍ୟ କେବେ ସ୍ପର୍ଶ କରିପାରେ ନାହିଁ । ଈଶ୍ୱର ଆପଣା ପୁତ୍ରଙ୍କୁ ''ପାପ ସ୍ୱରୂପ'' କଲେ ଯେପରି ସେ ପାପୀକୁ ପବିତ୍ର ଲୋକରେ ପରିଣତ କରିବେ । ସମଗ୍ର ବାଇବଲରେ ଏହା ପ୍ରକାଶିତ ହୋଇଛି ଯେ, ଆମର ପ୍ରଭୁ *ଆମ ସହିତ ଜଡ଼ିତ ହୋଇ* ନିଜ ଉପରେ ପାପକୁ ବହନ କଲେ, *ଆମ ପ୍ରତି ସହାନୁଭୂତି* ପ୍ରଦର୍ଶନ ଦ୍ୱାରା ନୁହେଁ । ସେ ମାନବ ଜାତିର ଜମା ହୋଇଥିବା ସଂପୂର୍ଣ୍ଣ ପାପକୁ ଜାଣିଶୁଣି ଆପଣା କାନ୍ଧରେ ବହିଲେ ଏବଂ ଆପଣା ଶରୀରରେ ସହିଲେ । ''ଯାହାଙ୍କଠାରେ ପାପର ଲେଶମାତ୍ର ନ ଥିଲା, ଈଶ୍ୱର ତାହାଙ୍କୁ ଆମ ପାଇଁ ପାପ ସ୍ୱରୂପ କଲେ'' ଏବଂ ତାହା କରିବା ଦ୍ୱାରା ସେ କେବଳ ମାତ୍ର ଉଦ୍ଧାର କାର୍ଯ୍ୟକୁ ଆଧାରିତ କରି ସମଗ୍ର ମାନବ ଜାତି ପାଇଁ ପରିତ୍ରାଣ ସାଧନ କଲେ । ଯୀଶୁଖ୍ରୀଷ୍ଟ ମାନବଜାତିକୁ ପୁନର୍ମିଳିତ କରାଇ ଈଶ୍ୱରଙ୍କ ଇଚ୍ଛାନୁମୋଦିତ ସ୍ଥାନରେ ପୁନଃସଂସ୍ଥାପିତ କଲେ । ଆଉ ବର୍ତ୍ତମାନ କ୍ରୁଶରେ ସାଧିତ ଆମର ପ୍ରଭୁଙ୍କର କାର୍ଯ୍ୟକୁ ଆଧାରିତ କରି ଯେକୌଣସି ବ୍ୟକ୍ତି ପୁନର୍ମିଳନର ଅନୁଭୂତି ଲାଭ କରି ଈଶ୍ୱରଙ୍କ ସହିତ ଏକତା ମଧ୍ୟରେ ପ୍ରବେଶ କରିପାରିବେ ।

ଜଣେ ବ୍ୟକ୍ତି ନିଜେ ନିଜକୁ ଉଦ୍ଧାର କରିପାରିବେ ନାହିଁ – ଉଦ୍ଧାର ହେଉଛି, ଈଶ୍ୱରଙ୍କ କାର୍ଯ୍ୟ ଏବଂ ଏହା ସଂପୂର୍ଣ୍ଣ ରୂପେ ସାଧିତ ହୋଇସାରିଛି । ବ୍ୟକ୍ତିଗତ ପ୍ରତ୍ୟୁତ୍ତର ଅନୁସାରେ ବ୍ୟକ୍ତିଗତ ଜୀବନରେ ଏହାର ପ୍ରୟୋଗ ହୋଇଥାଏ । ଉଦ୍ଧାର କାର୍ଯ୍ୟ ସଂପର୍କିତ ପ୍ରକାଶିତ ସତ୍ୟ ଏବଂ ପରିତ୍ରାଣର ପ୍ରକୃତ ଅନୁଭୂତି ମଧ୍ୟରେ ସବୁବେଳେ ପାର୍ଥକ୍ୟ ରହିବା ଆବଶ୍ୟକ ।

**ଅକ୍ଟୋବର ୮**

# ଯୀଶୁଙ୍କ ନିକଟକୁ ଆସିବା

**ମୋ ନିକଟକୁ ଆସ ।**

**ମାଥିଉ ୧୧:୨୮**

ଯୀଶୁଙ୍କ ନିକଟକୁ ଆସିବାର ପରାମର୍ଶ ଆପମାନଜନକ ମନେହୁଏ ନାହିଁ କି ? ଯେଉଁ ବିଷୟ ପାଇଁ ଆମେ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆସିବା ନାହିଁ, ତାହା ଚିନ୍ତା କରନ୍ତୁ । ଆପଣ ଯଦି ନିଜର ବାସ୍ତବତା ବିଷୟ ଜାଣିବାକୁ ଚାହାନ୍ତି, ତେବେ ଏହି କଥାକୁ ଭିତ୍ତି କରି ପରୀକ୍ଷା କରନ୍ତୁ– ‘‘ମୋ ନିକଟକୁ ଆସ ।’’ ଆପଣ ବାସ୍ତବ ସ୍ଥିତିରେ ନ ଥିବା ପ୍ରତ୍ୟେକ ପରିସରରେ ଆସିବା ପରିବର୍ତ୍ତେ ହୁଏତ ବାଦ ବିବାଦ କରିବେ କିମ୍ବା ସଂପୂର୍ଣ୍ଣ ଏଡ଼ାଇ ଚାଲିଯିବେ, ଆସିବା ପରିବର୍ତ୍ତେ ଆପଣ ଦୁଃଖ ମଧ୍ୟରେ ଗତି କରି ଯାହା କିଛି କରିବାକୁ ପ୍ରସ୍ତୁତ ରହିବେ, କିନ୍ତୁ ମୂର୍ଖତା ବୋଲି ସୂଚୀତ ହେଉଥିବା ଏହି ଦୌଡ଼ର ଶେଷ ଭାଗରେ ପହଞ୍ଚି ଏହି କଥା କହିବା ପାଇଁ ପ୍ରସ୍ତୁତ ନ ଥିବେ, ‘‘ମୁଁ ଯେଉଁଭଳି ଅଛି, ସେହିଭଳି ଆସୁଛି ।’’ ଯେପର୍ଯ୍ୟନ୍ତ ଆପଣଙ୍କର ସାମାନ୍ୟ ଆତ୍ମିକ ଅନାଦର ଭାବ ଥିବ, ସବୁବେଳେ ତାହା ଏହି ସତ୍ୟ ଦ୍ୱାରା ପ୍ରକଟିତ ହେବ ଯେ, ଆପଣ ଆଶା କରୁଛନ୍ତି ଯେ, ଈଶ୍ୱର ଆପଣଙ୍କୁ ଏକ ମହତ୍ କାର୍ଯ୍ୟ କରିବାକୁ କହୁଛନ୍ତି, କିନ୍ତୁ ସେ ଆପଣଙ୍କୁ କହୁଛନ୍ତି, ‘‘ମୋ ନିକଟକୁ ଆସ ।’’

‘‘ମୋ ନିକଟକୁ ଆସ ।’’ ସେହି କଥା ଶୁଣିବା ସମୟରେ ଆପଣ ଜାଣିବେ ଯେ, ଆପଣ ଆସିବା ପୂର୍ବରୁ କିଛି ଘଟିବାକୁ ଯାଉଛି । ଆପଣଙ୍କୁ କ'ଣ କରିବାକୁ ହେବ, ପବିତ୍ର ଆତ୍ମା ତାହା ଜଣାଇବେ ଏବଂ ଯୀଶୁଙ୍କ ନିକଟକୁ ଆସିବା ପାଇଁ ପ୍ରତିରୋଧ କରୁଥିବା ପ୍ରତ୍ୟେକ ବିଷୟ ପବିତ୍ରଆତ୍ମା ସଂପୂର୍ଣ୍ଣ ଧ୍ୱଂସ କରିବେ । ଆଉ ଆପଣ ସେହି କାର୍ଯ୍ୟ ନ କରିବା ପର୍ଯ୍ୟନ୍ତ ଆଗେଇ ପାରିବେ ନାହିଁ । ପବିତ୍ରଆତ୍ମା ଆପଣଙ୍କ ମୁଖରେ ଥିବା ସେହି ସ୍ଥୁଳ ଏବଂ ଶକ୍ତ ବିଷୟଟିକୁ ଖୋଜିବେ, କିନ୍ତୁ ଆପଣ ତାଙ୍କୁ ଅନୁମତି ନ ଦେଲେ ସେ କୌଣସି କାର୍ଯ୍ୟ କରିବେ ନାହିଁ ।

ଆପଣ କେତେ ଥର ଆପଣଙ୍କ ଅନୁରୋଧ ନେଇ ଆସିଛନ୍ତି ଏବଂ ଏହି କଥା ଭାବି ଫେରି ଯାଇଛନ୍ତି ଯେ, ‘‘ମୁଁ ଏଥର ଯାହା ଆଶା କରିଥିଲି, ତାହା ପାଇ ସାରିଛି ।’’ ତଥାପି ଆପଣ କିଛି ନ ପାଇ ଫେରି ଯାଉଛନ୍ତି, ଅଥଚ ଈଶ୍ୱର ସବୁବେଳେ ତାଙ୍କର ହସ୍ତ ବିସ୍ତାର କରି ଛିଡ଼ା ହୋଇଛନ୍ତି କେବଳ ଆପଣଙ୍କୁ ନେବାକୁ ନୁହେଁ, ମାତ୍ର ଆପଣ ଯେପରି ତାଙ୍କୁ ଗ୍ରହଣ କରିବେ । କେବଳ ଯୀଶୁଙ୍କର ଅଜେୟ ଏବଂ ଅକ୍ଳାନ୍ତ ଧୈର୍ଯ୍ୟ ବିଷୟ ଚିନ୍ତା କରନ୍ତୁ, ଯିଏ ପ୍ରେମର ଆହ୍ୱାନ ଦେଇ କହନ୍ତି, ‘‘ମୋ ନିକଟକୁ ଆସ ।’’

ଅକ୍ଟୋବର ୯

# ପ୍ରାୟଶ୍ଚିତ୍ତ ଉପରେ ନିର୍ମାଣ କରିବା

**ତୁମ ଶରୀରର ଅଙ୍ଗ ପ୍ରତ୍ୟଙ୍ଗକୁ ଧାର୍ମିକତାର ଅସ୍ତ୍ର ରୂପେ ତାହାଙ୍କଠାରେ ସମର୍ପି ଦିଅ ।**

**ରୋମୀ ୬:୧୩**

ମୁଁ ନିଜକୁ ଉଦ୍ଧାର ଏବଂ ପବିତ୍ରୀକରଣ କାର୍ଯ୍ୟ ନିଜେ କରିପାରିବି ନାହିଁ, ମୁଁ ପାପର ପ୍ରାୟଶ୍ଚିତ୍ତ କରିପାରିବି ନାହିଁ, ମୁଁ ଜଗତକୁ ଉଦ୍ଧାର କରିପାରିବି ନାହିଁ, ମୁଁ ଭୁଲ୍‌କୁ ଠିକ୍ କରିପାରିବି ନାହିଁ, ଅଶୁଚିତାକୁ ଶୁଚି ଏବଂ ଅପବିତ୍ରକୁ ପବିତ୍ର କରିପାରିବି ନାହିଁ । ଏ ସବୁ ଈଶ୍ୱରଙ୍କ ସାର୍ବଭୌମ୍ୟ କାର୍ଯ୍ୟ । ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ସାଧିତ କାର୍ଯ୍ୟରେ ମୁଁ କ'ଣ ବିଶ୍ୱାସ କରେ ? ସେ ପାପର ସଂପୂର୍ଣ୍ଣ ପ୍ରାୟଶ୍ଚିତ୍ତ କାର୍ଯ୍ୟ ସଂପନ୍ନ କରିଛନ୍ତି । ମୁଁ ଅବିରତ ସେହି କାର୍ଯ୍ୟକୁ ଉପଲବ୍ଧି କରୁଛି କି ? ଆଜି ଆମର ବଡ଼ ଆବଶ୍ୟକତା– କାର୍ଯ୍ୟ କରିବା ନୁହେଁ ମାତ୍ର କାର୍ଯ୍ୟରେ ବିଶ୍ୱାସ କରିବା । ଖ୍ରୀଷ୍ଟଙ୍କ ଉଦ୍ଧାର କାର୍ଯ୍ୟ ଏକ ଅନୁଭୂତି ନୁହେଁ, ଏହା ଈଶ୍ୱରଙ୍କ ସେହି ମହତ୍ କାର୍ଯ୍ୟ ଯାହା ସେ ଖ୍ରୀଷ୍ଟଙ୍କ ଦ୍ୱାରା ସଂପନ୍ନ କରିଛନ୍ତି ଏବଂ ଏହା ଉପରେ ମୁଁ ମୋର ବିଶ୍ୱାସ ସ୍ଥାପନ କରିବି । ମୁଁ ଯଦି ନିଜର ଅନୁଭୂତି ଉପରେ ମୋର ବିଶ୍ୱାସ ଗଠନ କରେ, ତେବେ ମୁଁ ଯେଉଁ ଜୀବନ ପ୍ରସ୍ତୁତ କରିବି, ତାହା ଶାସ୍ତ୍ରାନୁମୋଦିତ ହେବ ନାହିଁ – ତାହା ଏକ ନିଃସଙ୍ଗ ଜୀବନ ହେବ ଯେଉଁଥିରେ ମୋର ଦୃଷ୍ଟି କେବଳ ମୋର ପବିତ୍ରତା ଉପରେ ନିବଦ୍ଧ ଥିବ । ଯେଉଁ ମନୁଷ୍ୟକୃତ ପବିତ୍ରତା ପ୍ରଭୁଙ୍କ ପ୍ରାୟଶ୍ଚିତ୍ତ ଉପରେ ଆଧାରିତ ନୁହେଁ, ସେଥିପ୍ରତି ସତର୍କ ଥା'ନ୍ତୁ । ଏହା ଏକ ମୂଲ୍ୟହୀନ ନିଃସଙ୍ଗ ଜୀବନ– ଏହା ଈଶ୍ୱରଙ୍କ ଦୃଷ୍ଟିରେ ଅଦରକାରୀ ଏବଂ ମନୁଷ୍ୟ ପାଇଁ ଏକ ବାଧାଜନକ ବିଷୟ । ଆପଣଙ୍କର ସମସ୍ତ ଅନୁଭୂତିକୁ ଆମ ପ୍ରଭୁଙ୍କ ସହାୟତାରେ ମାପନ୍ତୁ । ଆମେ ଈଶ୍ୱରଙ୍କର କୌଣସି ସନ୍ତୋଷଜନକ କାର୍ଯ୍ୟ କରିପାରିବା ନାହିଁ, ଯଦି ଆମେ ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ୍ତ କାର୍ଯ୍ୟର ମୂଳଦୁଆ ଉପରେ ଯତ୍ନପୂର୍ବକ ନିର୍ମାଣ ନ କରୁ ।

ଯୀଶୁଙ୍କ ପ୍ରାୟଶ୍ଚିତ୍ତ ମୋ ଜୀବନରେ ବ୍ୟାବହାରିକ ଏବଂ ନିରାଡ଼ମ୍ବର ଉପାୟରେ ପ୍ରଦର୍ଶିତ ହେବା ଉଚିତ୍ । ମୁଁ ଯେତେବେଳେ ବାଧ୍ୟ ହୁଏ, ଈଶ୍ୱରଙ୍କ ସଂପୂର୍ଣ୍ଣ ଈଶ୍ୱରତ୍ୱ ମୋ ପକ୍ଷରେ ଥାଏ, ଯେପରି ଈଶ୍ୱରଙ୍କ ଅନୁଗ୍ରହ ଏବଂ ମୋର ସ୍ୱାଭାବିକ ବାଧ୍ୟତାର ସମନ୍ୱୟ ରକ୍ଷା କରାଯାଇ ପାରିବ । ବାଧ୍ୟତା ଅର୍ଥ ମୁଁ ପ୍ରାୟଶ୍ଚିତ୍ତରେ ମୋର ସଂପୂର୍ଣ୍ଣ ଭରସା ରଖିଛି ଏବଂ ମୋର ବାଧ୍ୟତା ଅତିଶୀଘ୍ର ଈଶ୍ୱରଙ୍କ ଅଲୌକିକ ଅନୁଗ୍ରହର ଆନନ୍ଦ ସହିତ ମିଳିତ ହୁଏ । ମନୁଷ୍ୟକୃତ ପବିତ୍ରତା ପ୍ରତି ସତର୍କ ରୁହନ୍ତୁ କାରଣ ତାହା ସ୍ୱାଭାବିକ ଜୀବନର ବାସ୍ତବତାକୁ ଅସ୍ୱୀକାର କରେ । ତାହା ଏକ ପ୍ରତାରଣା । ନିରନ୍ତର ନିଜକୁ ପ୍ରାୟଶ୍ଚିତ୍ତ ପରୀକ୍ଷା ମଧ୍ୟକୁ ଆଣନ୍ତୁ ଏବଂ ପଚାରନ୍ତୁ, ''ଏଥିରେ ବା ସେଥିରେ ପ୍ରାୟଶ୍ଚିତ୍ତର ଅନ୍ତର୍ଦୃଷ୍ଟି କେଉଁଠି ଅଛି ?''

# ମୁଁ କିପରି ଜାଣିବି ?

**ଯୀଶୁ କହିଲେ, ‘‘ହେ ପିତା, ... ଯେଉଁମାନେ ଜ୍ଞାନୀ ଓ ବିଦ୍ୱାନ, ତୁମେ ସେମାନଙ୍କ ନିକଟରେ ଏ ସମସ୍ତ ବିଷୟ ଗୁପ୍ତ ରଖି ପିଲାମାନଙ୍କ ନିକଟରେ ପ୍ରକାଶ କରିଛ । ସେଥିପାଇଁ ମୁଁ ତୁମର ସ୍ତୁତିବାଦ କରୁଛି ।**

**ମାଥିଉ ୧୧:୨୫**

ଆମେ ଆତ୍ମିକ ସଂପର୍କ ମଧ୍ୟରେ ଗୋଟିଏ ଗୋଟିଏ ପାଦ ଆଗକୁ ବଢ଼ି ବୃଦ୍ଧି ପାଇ ନ ଥାଉ– ହୁଏତ ଆମର ସଂପର୍କ ଅଛି କିମ୍ବା ସଂପର୍କ ନାହିଁ । ଈଶ୍ୱର ସବୁବେଳେ ଆମକୁ ପାପରୁ ପରିଷ୍କାର କରିବା କାର୍ଯ୍ୟ ଚାଲୁ ରଖନ୍ତି ନାହିଁ କିନ୍ତୁ ଆମେ ଯଦି ‘‘ଜ୍ୟୋତିଃରେ ଗମନ କରୁ’’ ତା’ହେଲେ ଆମେ ‘‘ସମସ୍ତ ପାପରୁ’’ ପରିଷ୍କୃତ ହୋଇଥାଉ (୧ ଯୋହନ ୧:୭) । ଏହା ବାଧ୍ୟତାର ବିଷୟ, ଆମେ ବାଧ୍ୟ ହେଲେ ତତ୍‌କ୍ଷଣାତ୍ ସଂପର୍କ ସିଦ୍ଧ ହୋଇଯାଏ, କିନ୍ତୁ ଆମେ ବାଧ୍ୟତା ପ୍ରତି ବିମୁଖ ହେଲେ ଗୋଟିଏ ମୁହୂର୍ତ୍ତରେ ଅନ୍ଧକାର ଏବଂ ମୃତ୍ୟୁ ଆଉ ଥରେ କାର୍ଯ୍ୟ କରିବା ଆରମ୍ଭ କରିଦିଅନ୍ତି ।

ଈଶ୍ୱରଙ୍କ ଦ୍ୱାରା ପ୍ରକଟିତ ସମସ୍ତ ସତ୍ୟ ମୁଦ୍ରାଙ୍କିତ ହୋଇରହିଛି, ଯାହାକୁ ସେ ବାଧ୍ୟତା ଦ୍ୱାରା ଆମ ପାଇଁ ଖୋଲିବେ । ଆପଣ ତାହାକୁ ଦାର୍ଶନିକ ଚିନ୍ତାଧାରା ଦ୍ୱାରା ଖୋଲି ପାରିବେ ନାହିଁ, କିନ୍ତୁ ଥରେ ଯଦି ଆପଣ ବାଧ୍ୟ ହୁଅନ୍ତି, ସଂଗେ ସଂଗେ ଆଲୋକର ସ୍ଫୁରଣ ହୁଏ । ସେଥିରେ ନିଜକୁ ବୁଡ଼ାଇ ରଖିବା ଦ୍ୱାରା ଈଶ୍ୱରଙ୍କ ସତ୍ୟ ଆପଣଙ୍କ ମଧ୍ୟରେ କାର୍ଯ୍ୟ କରୁ, ସେଥିପାଇଁ ଚିନ୍ତିତ ହେବା ଦ୍ୱାରା ନୁହେଁ । ଈଶ୍ୱରଙ୍କ ସତ୍ୟକୁ ଜାଣିବାର ଏକମାତ୍ର ଉପାୟ ହେଉଛି, ତାହାକୁ ଖୋଜିବାର ପ୍ରୟାସ ବନ୍ଦ କରିବା ଏବଂ ନୂତନ ଜନ୍ମର ଅନୁଭୂତି ପାଇବା । ଈଶ୍ୱର ପ୍ରଥମେ ଆପଣଙ୍କୁ ଯାହା ଦେଖାନ୍ତି, ଆପଣ ଯଦି ତାହାର ବାଧ୍ୟ ହେବେ, ତେବେ ସେ ପରବର୍ତ୍ତୀ ସତ୍ୟ ଆପଣଙ୍କ ନିକଟରେ ଉନ୍ମୋଚନ କରିବେ । ଆପଣ ହୁଏତ ପବିତ୍ରଆତ୍ମାଙ୍କ କାର୍ଯ୍ୟ ସଂପର୍କରେ ଅସଂଖ୍ୟ ପୁସ୍ତକ ପାଠ କରି ପାରନ୍ତି, କିନ୍ତୁ ସଂପୂର୍ଣ୍ଣ ଅବିଚଳିତ ବାଧ୍ୟତାର ପାଞ୍ଚ ମିନିଟ୍ ସମୟ ସମସ୍ତ ବିଷୟକୁ ଅତି ସୁସ୍ପଷ୍ଟ କରିଦେବ । କେବେ କୁହନ୍ତୁ ନାହିଁ, ‘‘ମୁଁ ଭାବୁଛି ଦିନେ ମୁଁ ଏସବୁ ବିଷୟ ବୁଝିପାରିବି ।’’ ବର୍ତ୍ତମାନ ଆପଣ ସେସବୁ ବୁଝିପାରିବେ । ଅଧ୍ୟୟନ ଦ୍ୱାରା ଏହା ସମ୍ଭବ ନୁହେଁ, କେବଳ ବାଧ୍ୟତା ଦ୍ୱାରା ସମ୍ଭବ । ଏପରିକି ବାଧ୍ୟତାର କ୍ଷୁଦ୍ରତମ ଅଂଶ ସ୍ୱର୍ଗକୁ ଉନ୍ମୁକ୍ତ କରିପାରେ ଏବଂ ଈଶ୍ୱରଙ୍କ ଗଭୀରତମ ସତ୍ୟ ଆପଣଙ୍କ ନିଜସ୍ୱ ହୋଇଯାଏ । ତଥାପି ଈଶ୍ୱର ଆପଣଙ୍କୁ ତାଙ୍କ ବିଷୟକ ଅଧିକ ସତ୍ୟ ପ୍ରକାଶ କରିବେ ନାହିଁ ଯେପର୍ଯ୍ୟନ୍ତ ଆପଣ ତାଙ୍କର ବାଧ୍ୟ ହୋଇ ନାହାନ୍ତି, ଯାହା ଆପଣଙ୍କୁ ଜଣାଅଛି । ଜ୍ଞାନୀ ଓ ବିଦ୍ୱାନ ହେବା ବିଷୟରେ ସାବଧାନ ରୁହନ୍ତୁ । ‘‘ଯଦି କେହି ଈଶ୍ୱରଙ୍କ ଇଚ୍ଛା ସାଧନ କରିବାକୁ ବ୍ରତୀ ହୁଏ... ତାହା ସେ ଜାଣି ପାରିବ’’ (ଯୋହନ ୭:୧୭) ।

## ଅକ୍ଟୋବର ୧୧

# ଈଶ୍ୱରଙ୍କ ନୀରବତା – ତା’ ପରେ କ’ଣ ?

**ସେ ପୀଡ଼ିତ ଅଛନ୍ତି ବୋଲି ଯେତେବେଳେ ସେ ଶୁଣିଲେ,**
**ସେତେବେଳେ ସେ ଯେଉଁ ସ୍ଥାନରେ ଥିଲେ, ସେହି ସ୍ଥାନରେ ଦୁଇଦିନ ରହିଗଲେ ।**
**ଯୋହନ ୧୧:୬**

ଈଶ୍ୱର ତାଙ୍କର ଅତ୍ୟନ୍ତ ଅର୍ଥପୂର୍ଣ୍ଣ ନୀରବତା ମଧ୍ୟରେ ଆପଣଙ୍କ ଉପରେ ଭରସା ରଖିଛନ୍ତି କି ? ଈଶ୍ୱରଙ୍କ ନୀରବତା ହିଁ ବାସ୍ତବରେ ତାଙ୍କର ଉତ୍ତର । ବେଥାନୀ ଗୃହରେ ସେଦିନର ଏକାନ୍ତ ନୀରବତା ବିଷୟ ଚିନ୍ତା କରନ୍ତୁ । ଆପଣଙ୍କ ଜୀବନରେ କୌଣସି ବିଷୟ ଅଛି କି, ଯାହା ସେହି ସବୁ ଦିନ ସହିତ ତୁଳନା କରାଯାଇ ପାରେ ? ଈଶ୍ୱର କ’ଣ ସେହିଭଳି ଆପଣଙ୍କ ଉପରେ ଭରସା ରଖିଛନ୍ତି ଅବା ଆପଣ ତାଙ୍କଠାରୁ ଏକ ଦୃଶ୍ୟମାନ ଉତ୍ତର ଅପେକ୍ଷା କରୁଛନ୍ତି ? ଈଶ୍ୱର ଆପଣଙ୍କୁ ସେହିସବୁ ଆଶୀର୍ବାଦ ଦେବେ, ଯାହା ଆପଣ ମାଗିଛନ୍ତି ଯଦି ଆପଣ ସେସବୁ ବ୍ୟତୀତ ଈଶ୍ୱରଙ୍କ ସହିତ ଆଗକୁ ବଢ଼ିବା ପାଇଁ ମନା କରିଦେବେ, କିନ୍ତୁ ତାଙ୍କର ନୀରବତା ଏହି ବିଷୟକ ଗୋଟିଏ ଚିହ୍ନ ଯେ, ଈଶ୍ୱର ଆପଣଙ୍କୁ ତାଙ୍କର ଆହୁରି ଆଶ୍ଚର୍ଯ୍ୟଜନକ ବୁଝାମଣା ମଧ୍ୟରେ ନେଇ ଆସୁଛନ୍ତି । ଆପଣ ଈଶ୍ୱରଙ୍କ ମୁଖର ପ୍ରତ୍ୟୁତ୍ତର ପାଇ ନ ଥିବାରୁ କ’ଣ ତାଙ୍କ ସମ୍ମୁଖରେ ବିଳାପ କରୁଛନ୍ତି ? ଈଶ୍ୱରଙ୍କ କଥା ଶୁଣି ନ ପାରିଲେ ମନେ ରଖିବେ ଯେ, ଈଶ୍ୱର ଅତି ନିବିଡ଼ ଭାବେ ଆପଣଙ୍କ ଉପରେ ଭରସା ରଖିଛନ୍ତି– ସଂପୂର୍ଣ୍ଣ ନୀରବତା ସହ । ଏହି ନୀରବତା ନୈରାଶ୍ୟଭରା ନୁହେଁ, ମାତ୍ର ଆନନ୍ଦଦାୟକ କାରଣ ସେ ଦେଖିଲେ ଯେ, ଆପଣ ଆହୁରି ଗୁରୁତ୍ୱପୂର୍ଣ୍ଣ ପ୍ରକଟନର ସମ୍ମୁଖବର୍ତ୍ତୀ ହୋଇପାରିଛନ୍ତି । ଈଶ୍ୱର ଯଦି ଆପଣଙ୍କୁ ନୀରବତା ଦେଇଛନ୍ତି, ତାଙ୍କୁ ଧନ୍ୟବାଦ ଦିଅନ୍ତୁ । ସେ ଆପଣଙ୍କୁ ତାଙ୍କ ଉଦ୍ଦେଶ୍ୟର ମୁଖ୍ୟ ସ୍ରୋତକୁ ଆଣୁଛନ୍ତି । ସଠିକ୍ ସମୟର ଉତ୍ତର ଈଶ୍ୱରଙ୍କ ସାର୍ବଭୌମତ୍ୱର ପ୍ରମାଣ ଦିଏ । ଈଶ୍ୱରଙ୍କ ପାଇଁ ସମୟର କୌଣସି ମହତ୍ତ୍ୱ ନାହିଁ । ଅଳ୍ପ ସମୟ ପାଇଁ ଆପଣ ହୁଏତ କହିଥିବେ, ‘‘ମୁଁ ଈଶ୍ୱରଙ୍କୁ ରୋଟି ମାଗିଲି, କିନ୍ତୁ ସେ ମୋତେ ପଥର ଦେଲେ’’ (ମାଥିଉ ୭:୯ ଦେଖନ୍ତୁ) । ସେ ଆପଣଙ୍କୁ ପଥର ଦେଇ ନ ଥିଲେ । ଆଜି ଆପଣ ଜାଣିବେ ଯେ, ସେ ଆପଣଙ୍କୁ ‘‘ଜୀବନଦାୟକ ଆହାର’’ ଦେଇଛନ୍ତି (ଯୋହନ ୬:୩୫) ।

ଈଶ୍ୱରଙ୍କ ନୀରବତାର ଏକ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଯେ, ତାଙ୍କର ସୁସ୍ଥିରତା ସଂକ୍ରାମକ ଅଟେ । ତାହା ଆପଣଙ୍କ ଭିତରେ ଭେଦିଯାଏ ଏବଂ ଆପଣଙ୍କ ମନରେ ଆତ୍ମବିଶ୍ୱାସ ଭରିଦିଏ, ଯଦ୍ଦ୍ୱାରା ଆପଣ କହନ୍ତି, ‘‘ମୁଁ ଜାଣେ ଯେ, ଈଶ୍ୱର ମୋ କଥା ଶୁଣିଛନ୍ତି’’ । ତାଙ୍କର ନୀରବତା ପ୍ରମାଣ କରେ ଯେ, ସେ ଆପଣଙ୍କ ପ୍ରାର୍ଥନା ଶୁଣିଛନ୍ତି । ଯେପର୍ଯ୍ୟନ୍ତ ଆପଣଙ୍କର ଏହି ଧାରଣା ହୁଏ ଯେ, ଈଶ୍ୱର ଆପଣଙ୍କ ପ୍ରାର୍ଥନାର ଉତ୍ତର ସ୍ୱରୂପ ଆପଣଙ୍କୁ ଆଶୀର୍ବାଦ କରିବେ, ସେ ତାହା କରିବେ, କିନ୍ତୁ ସେ ଆପଣଙ୍କୁ ତାଙ୍କର ନୀରବତାର ଅନୁଗ୍ରହ ପ୍ରଦାନ କରିବେ ନାହିଁ । ପ୍ରାର୍ଥନାର ଉଦ୍ଦେଶ୍ୟ ହେଉଛି, ପିତା ଈଶ୍ୱରଙ୍କ ଗୌରବ କରିବା । ଯଦି ଯୀଶୁଖ୍ରୀଷ୍ଟ ଆପଣଙ୍କୁ ଏହି ବୁଝାମଣା ମଧ୍ୟକୁ ଆଣୁଛନ୍ତି, ତେବେ ସେ ଆପଣଙ୍କୁ ତାଙ୍କର ଘନିଷ୍ଠତାର ପ୍ରଥମ ଚିହ୍ନ ଦେବେ– ତାହା ହେଉଛି, ତାଙ୍କର ନୀରବତା ।

**ଅକ୍ଟୋବର ୧୨**

# ଈଶ୍ୱରଙ୍କ ସହିତ ପାଦ ମିଳାଇ ଚାଲିବା

**ହନୋକ ପରମେଶ୍ୱରଙ୍କ ସହିତ ଗମନାଗମନ କଲେ ।**

**ଆଦିପୁସ୍ତକ ୫:୨୪**

ଜଣେ ବ୍ୟକ୍ତିଙ୍କ ଆତ୍ମିକ ଜୀବନ ଏବଂ ଚରିତ୍ରର ପରୀକ୍ଷା ତାଙ୍କ ଜୀବନର ଅସାଧାରଣ ମୁହୂର୍ତ୍ତର କାର୍ଯ୍ୟ ଦ୍ୱାରା ନୁହେଁ, ମାତ୍ର କୌଣସି ଉତ୍ସାହଜନକ କାର୍ଯ୍ୟ ଘଟୁ ନ ଥିବା ଅତି ସାଧାରଣ ସମୟର ଅବସ୍ଥା ମଧ୍ୟରେ ହୋଇଥାଏ । ଜଣେ ବ୍ୟକ୍ତିଙ୍କ ଗୁଣାତ୍ମକ ଜୀବନର ଉତ୍କର୍ଷତା ସାଧାରଣ ବିଷୟ ପ୍ରତି ତାଙ୍କର ମନୋଭାବ ଦ୍ୱାରା ପ୍ରକାଶିତ ହୁଏ, ଯେତେବେଳେ ସେ ଲୋକପ୍ରିୟତା ମଧ୍ୟରେ ନ ଥାନ୍ତି (ଯୋହନ ୧:୩୫–୩୭ ଏବଂ ୩:୩୦ ଦେଖନ୍ତୁ) । ଈଶ୍ୱରଙ୍କ ଗତି ସହିତ ପାଦ ମିଳାଇ ଚାଲିବା ଏକ କଷ୍ଟକର ବିଷୟ – ଏହାର ଅର୍ଥ ଆତ୍ମିକ ଶକ୍ତିରେ ସତେଜ ହେବା । ଈଶ୍ୱରଙ୍କ ସହିତ ଚାଲିବା ଶିକ୍ଷାର କଷ୍ଟକର ବିଷୟ ହେଉଛି, ତାଙ୍କ ସହିତ ପାଦ ମିଳାଇ ଚାଲିବା, କିନ୍ତୁ ଥରେ ଆମେ ଏହା ଆରମ୍ଭ କରିବା ପରେ ଆମ ଚରିତ୍ରରେ ଈଶ୍ୱରଙ୍କ ଜୀବନ ପ୍ରତିଫଳିତ ହୁଏ । ଏହି ବ୍ୟକ୍ତି ଈଶ୍ୱରଙ୍କ ସହିତ ବ୍ୟକ୍ତିଗତ ରୂପେ ଏକ ହୁଅନ୍ତି ଏବଂ କେବଳ ଈଶ୍ୱରଙ୍କ ପାଦଗତି ଏବଂ ଶକ୍ତି ପ୍ରଦର୍ଶିତ ହୁଏ ।

ଈଶ୍ୱରଙ୍କ ସହିତ ପାଦ ମିଳାଇ ଚାଲିବା କଷ୍ଟକର, କାରଣ ତାଙ୍କ ସହିତ ଚାଲିବା ଆରମ୍ଭ କରିବା ମାତ୍ରେ ଆମେ ଜାଣିପାରୁ ଯେ, ଆମେ ତିନି ପାଦ ଆଗେଇବା ପୂର୍ବରୁ ସେ ଆମଠାରୁ ଅନେକ ଆଗରେ ଅଛନ୍ତି । ସେ ବିଭିନ୍ନ ଉପାୟରେ କାର୍ଯ୍ୟ କରନ୍ତି ଏବଂ ଆମକୁ ତାଙ୍କର କାର୍ଯ୍ୟପ୍ରଣାଳୀ ସହିତ ଶିକ୍ଷିତ ଏବଂ ଶୃଙ୍ଖଳିତ ହେବା ଆବଶ୍ୟକ । ଯୀଶୁଙ୍କ ବିଷୟରେ ଏହି ଭାବବାଣୀ ଥିଲା, ‘‘ସେ ହତାଶ କି ନିରୁତ୍ସାହିତ ହେବେ ନାହିଁ’’ (ଯିଶାଇୟ ୪୨:୪) । କାରଣ ସେ ନିଜ ଦୃଷ୍ଟିକୋଣରୁ କୌଣସି କାର୍ଯ୍ୟ କରି ନଥିଲେ, ମାତ୍ର ସର୍ବଦା ତାଙ୍କର ପିତାଙ୍କ ଦୃଷ୍ଟିକୋଣରୁ କାର୍ଯ୍ୟ କରିଥିଲେ । ଆମେ ମଧ୍ୟ ତାହା କରିବା ପାଇଁ ଶିଖିବା । ଆତ୍ମିକ ସତ୍ୟ ଆମ ଚତୁଃପାର୍ଶ୍ୱସ୍ଥ ପରିବେଶରୁ ଶିକ୍ଷା କରିହୁଏ, ବୌଦ୍ଧିକ ଯୁକ୍ତି ଛଳରେ ନୁହେଁ । ଈଶ୍ୱରଙ୍କ ଆତ୍ମା ସମସ୍ତ ବିଷୟ ପ୍ରତି ଆମର ଦୃଷ୍ଟିକୋଣକୁ ପରିବର୍ତ୍ତନ କରନ୍ତି ଏବଂ ତା’ପରେ ପୂର୍ବରୁ ଅସମ୍ଭବ ମନେ ହେଉଥିବା ବିଷୟଗୁଡ଼ିକ ସମ୍ଭବ ହୋଇଥାଏ । ଈଶ୍ୱରଙ୍କ ସହିତ ପାଦ ମିଳାଇବା ଅର୍ଥ, ତାହାଙ୍କ ସହିତ ଏକତା ରକ୍ଷା କରିବା । ସେଠାକୁ ଯିବା ପାଇଁ ଦୀର୍ଘ ସମୟ ଆବଶ୍ୟକ ହୁଏ । ବର୍ତ୍ତମାନ କଷ୍ଟ ବୃଦ୍ଧି ପାଇଥିବାରୁ ଆଶା ଛାଡ଼ି ଦିଅନ୍ତୁ ନାହିଁ – ଆଗେଇ ଚାଲନ୍ତୁ । ଅତି ଶୀଘ୍ର ଆପଣ ଜାଣିବେ ଯେ, ଆପଣ ଏକ ନୂତନ ଦର୍ଶନ ଏବଂ ନୂତନ ଉଦ୍ଦେଶ୍ୟ ପାଇଛନ୍ତି ।

# ବ୍ୟକ୍ତିଗତ ନୈରାଶ୍ୟ ଏବଂ ନିଜର ବୃଦ୍ଧି

**ମୋଶା ବଡ଼ ହେଲା ଉତ୍ତାରେ... ସେ ଆପଣା ଭ୍ରାତୃଗଣ ନିକଟକୁ ଯାଇ ସେମାନଙ୍କୁ ଭାର ବହୁଥିବାର ଦେଖିଲେ ।**

**ଯାତ୍ରା ପୁସ୍ତକ ୨:୧୧**

ମୋଶା ତାଙ୍କ ନିଜ ଲୋକମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଦେଖିଲେ ଏବଂ ସେମାନଙ୍କୁ ଉଦ୍ଧାର କରିବାର ସ୍ଥିରବୋଧ ପାଇଲେ । ମନର ନ୍ୟାୟ ସୂଚକ କ୍ରୋଧ ପ୍ରକାଶ କରି ସେମାନଙ୍କ ପ୍ରତି ପ୍ରଦର୍ଶିତ ଅନ୍ୟାୟ ବିରୁଦ୍ଧରେ କାର୍ଯ୍ୟ ଆରମ୍ଭ କଲେ । ଈଶ୍ୱରଙ୍କ ପାଇଁ ଏବଂ ନ୍ୟାୟ ପାଇଁ ପ୍ରଥମ ପଦକ୍ଷେପ ନେବା ପରେ ଈଶ୍ୱର ତାଙ୍କୁ ଶୂନ୍ୟ ଓ ନିରୁତ୍ସାହିତ କରି ମରୁପ୍ରାନ୍ତରକୁ ପଠାଇ ଦେଲେ ଏବଂ ସେଠାରେ ସେ ଚାଳିଶ ବର୍ଷ ଧରି ମେଷମାନଙ୍କୁ ଚରାଇଲେ । ସେହି ସମୟ ଅତିବାହିତ ହେବା ପରେ ଈଶ୍ୱର ମୋଶାଙ୍କ ଠାରେ ଆବିର୍ଭୂତ ହୋଇ କହିଲେ, ‘‘ମୋର ଲୋକମାନଙ୍କୁ ମିଶର ଦେଶରୁ ବାହାର କରି ଆଣିବାକୁ’’... କିନ୍ତୁ ମୋଶା ଈଶ୍ୱରଙ୍କୁ କହିଲେ, ‘‘ମୁଁ କିଏ ଯେ, ମୁଁ ଯିବି ?’’ (ଯାତ୍ରାପୁସ୍ତକ ୩:୧୦-୧୧) । ଆରମ୍ଭରୁ ମୋଶା ଜାଣିଥିଲେ ଯେ, ସେ ଏହି ଉଦ୍ଧାର କାର୍ଯ୍ୟ କରିବେ, କିନ୍ତୁ ସେଥିପାଇଁ ପ୍ରଥମେ ତାଙ୍କୁ ଈଶ୍ୱରଙ୍କ ଦ୍ୱାରା ପ୍ରଶିକ୍ଷିତ ଏବଂ ଶୃଙ୍ଖଳିତ ହେବା ଆବଶ୍ୟକ ଥିଲା । ସେ ବ୍ୟକ୍ତିଗତ ଦୃଷ୍ଟିକୋଣରୁ ଠିକ୍ ଥିଲେ, କିନ୍ତୁ ଈଶ୍ୱରଙ୍କ ସହିତ ପ୍ରକୃତ ସାନ୍ନିଧ ଏବଂ ଏକତା ପ୍ରତିଷ୍ଠା ଶିକ୍ଷା ନ କରିବା ପର୍ଯ୍ୟନ୍ତ ସେ ଉପଯୁକ୍ତ ବିବେଚିତ ହୋଇ ନ ଥିଲେ ।

ହୁଏତ ଆମେ ଈଶ୍ୱରଙ୍କ ଦର୍ଶନ ପାଇଛୁ ଏବଂ ଈଶ୍ୱରଙ୍କ ଇଚ୍ଛା ଜାଣିଛୁ, ତଥାପି ଆମେ କାର୍ଯ୍ୟ ଆରମ୍ଭ କରିବା ସମୟରେ ଏହି ପରିସ୍ଥିତି ଆସେ, ଯାହା ମରୁପ୍ରାନ୍ତରରେ ମୋଶାଙ୍କ ଚାଳିଶ ବର୍ଷର ଅନୁଭୂତି ସହିତ ସମାନ । ମନେହୁଏ ଈଶ୍ୱର ସବୁ ବିଷୟକୁ ଉପେକ୍ଷା କରିଛନ୍ତି ଏବଂ ଆମେ ସଂପୂର୍ଣ୍ଣ ନିରାଶ ହୋଇଥିବା ସମୟରେ ଈଶ୍ୱର ଫେରିଆସି ତାଙ୍କର ଆହ୍ୱାନକୁ ପୁନର୍ଜୀବିତ କରନ୍ତି । ତା’ପରେ ଆମେ କଂପିତ ହୋଇ କହୁ, ‘‘ମୁଁ କିଏ ଯେ, ମୁଁ ଯିବି ?’’ ଆମେ ଶିକ୍ଷା କରିବା ଆବଶ୍ୟକ ଯେ, ଈଶ୍ୱରଙ୍କ ପାଦଗତି ଏହି କଥା ମଧ୍ୟରେ ନିହିତ ଅଛି – **‘‘ଆମ୍ଭେ ଯେ ଅଟୁ, ସେ ଅଟୁ,’’ ‘‘ମୋତେ ତୁମମାନଙ୍କ ନିକଟକୁ ପଠାଇଛନ୍ତି’’** (ଯାତ୍ରାପୁସ୍ତକ ୩:୧୪) । ଆମକୁ ମଧ୍ୟ ଶିକ୍ଷା କରିବାକୁ ହେବ ଯେ, ଈଶ୍ୱରଙ୍କ ପାଇଁ ଆମର ବ୍ୟକ୍ତିଗତ ପ୍ରଚେଷ୍ଟା ତାଙ୍କ ପ୍ରତି କେବଳ ଭକ୍ତି ପ୍ରଦର୍ଶନ, ଆଉ କିଛି ନୁହେଁ । ଆମର ବ୍ୟକ୍ତି ଚରିତ୍ର ଈଶ୍ୱରଙ୍କ ସହିତ ବ୍ୟକ୍ତିଗତ ସଂପର୍କ ଦ୍ୱାରା ହିଁ ସମୁଜ୍ଜ୍ୱଳ ହୁଏ, ସେଥିପାଇଁ ସେ ‘‘ପରମ ସନ୍ତୋଷ’’ ଲାଭ କରନ୍ତି (ମାଥିଉ ୩:୧୭) । ବ୍ୟକ୍ତିଗତ ରୂପେ ସବୁ ବିଷୟ ପ୍ରତି ଆମର ଉପଯୁକ୍ତ ଦୃଷ୍ଟିକୋଣ ରହିଛି, ଆମର ଦର୍ଶନ ରହିଛି ଏବଂ ଆମେ କହିପାରୁ, ‘‘ମୁଁ ଜାଣେ, ଈଶ୍ୱର ମୋତେ ଏହି କାର୍ଯ୍ୟ କରିବାକୁ କହନ୍ତି ।’’ କିନ୍ତୁ ଆମେ ଏ ପର୍ଯ୍ୟନ୍ତ ଈଶ୍ୱରଙ୍କ ସହିତ ପାଦ ମିଳାଇ ନାହୁଁ । ଆପଣ ଯଦି ନୈରାଶ୍ୟ ମଧ୍ୟରେ ଗତି କରୁଛନ୍ତି, ତେବେ ଆପଣଙ୍କ ଆଗାମୀ ସମୟ ବ୍ୟକ୍ତିଗତ ଅଭିବୃଦ୍ଧିର ସମୟରେ ପରିଣତ ହେବ ।

## ଅକ୍ଟୋବର ୧୪

# ମିଶେନେରୀ କାର୍ଯ୍ୟର କଞ୍ଚି

**ଯୀଶୁ ସେମାନଙ୍କ ନିକଟକୁ ଯାଇ କହିଲେ, ‘‘ସ୍ୱର୍ଗ ଓ ପୃଥିବୀର ସମସ୍ତ କର୍ତ୍ତୃତ୍ୱ ମୋତେ ଦତ୍ତ ହୋଇଅଛି, ତେଣୁ ସବୁ ଜାତିର ଲୋକମାନଙ୍କୁ... ଶିଷ୍ୟ କର ।’’**

**ମାଥିଉ ୨୮:୧୮–୧୯**

ମିଶେନେରୀ କାର୍ଯ୍ୟର କଞ୍ଚି ହେଉଛି, ଯୀଶୁ ଖ୍ରୀଷ୍ଟଙ୍କର କର୍ତ୍ତୃତ୍ୱ, ହଜା ଆତ୍ମାଗୁଡ଼ିକର ଆବଶ୍ୟକତା ନୁହେଁ । ଆମେ ଆମର ପ୍ରଭୁଙ୍କୁ ଏହିଭଳି ଦେଖିବା ପାଇଁ ମନ ବଳାଇଥାଉ ଯେ, ଈଶ୍ୱରଙ୍କ ପାଇଁ ଆମର ଉଦ୍ୟମରେ ସେ ଆମକୁ ସାହାଯ୍ୟ କରନ୍ତି । ତଥାପି ଆମର ପ୍ରଭୁ ତାଙ୍କର ଶିଷ୍ୟମାନଙ୍କ ଉପରେ ତାଙ୍କର ସାର୍ବଭୌମ୍ୟ ପ୍ରଭୁତ୍ୱ ଏବଂ କର୍ତ୍ତୃତ୍ୱ ରଖିଥାନ୍ତି । ସେ କହନ୍ତି ନାହିଁ ଯେ, ଆମେ ନ ଗଲେ ହଜା ଆତ୍ମା ସବୁ ଉଦ୍ଧାର ପ୍ରାପ୍ତ ହୋଇ ପାରିବେ ନାହିଁ – ସେ କେବଳ କହନ୍ତି, ‘‘ଯାଅ ଏବଂ ସବୁଠାରେ ଲୋକଙ୍କୁ ଶିଷ୍ୟ କର ।’’ ସେ କହନ୍ତି, ‘‘ମୋର ସାର୍ବଭୌମତ୍ୱ ଦ୍ୱାରା ପ୍ରକଟିତ ସତ୍ୟକୁ ଆଧାର କରିଯାଅ, ଏବଂ ମୋ ସଂପର୍କିତ ତୁମର ଜୀବନ୍ତ ଅନୁଭୂତିରୁ ଶିକ୍ଷା ଦିଅ ଏବଂ ପ୍ରଚାର କର ।’’

‘‘ତା’ପରେ ଏଗାର ଜଣ ଶିଷ୍ୟ ଯୀଶୁ ସେମାନଙ୍କୁ କହିଥିବା ପର୍ବତରେ ପହଞ୍ଚିଲେ’’ (୨୮:୧୬) । ମୁଁ ଯଦି ଖ୍ରୀଷ୍ଟଙ୍କର ବିଶ୍ୱବ୍ୟାପୀ ସାର୍ବଭୌମତ୍ୱ ଜାଣିବାକୁ ଇଚ୍ଛା କରେ, ମୁଁ ନିଜେ ତାଙ୍କୁ ଜାଣିବା ଆବଶ୍ୟକ । ମୁଁ ଯାହାଙ୍କ ନାମରେ ପରିଚିତ, ତାହାଙ୍କ ଉପାସନା ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ । ଯୀଶୁ କହନ୍ତି, ‘‘ମୋ ନିକଟକୁ ଆସ’’, ଏହା ହେଉଛି ଯୀଶୁଙ୍କୁ ସାକ୍ଷାତ କରିବାର ସ୍ଥାନ – ‘‘ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ’’ (ମାଥିଉ ୧୧:୨୮)– ଆଉ କେତେ ଜଣ ମିଶେନେରୀ ଏହି ସ୍ଥିତିରେ ଅଛନ୍ତି ! ଏହି ଜଗତର ସାର୍ବଭୌମ୍ୟ ପ୍ରଭୁଙ୍କର ଏହି ଅପୂର୍ବ କଥାକୁ ଆମେ ସଂପୂର୍ଣ୍ଣ ବରଖାସ୍ତ କରିଥାଉ, କିନ୍ତୁ ଶିଷ୍ୟମାନଙ୍କ ପ୍ରତି ଯୀଶୁଙ୍କର ସେହି କଥା ବର୍ତ୍ତମାନ ଏଠାରେ ଆମ ପାଇଁ ମଧ୍ୟ ପ୍ରଯୁଜ୍ୟ ।

‘‘ସେଥିପାଇଁ ଯାଅ... ।’’ ଯିବା ଅର୍ଥ ବଞ୍ଚିବା । କିପରି ଯିବାକୁ ହୁଏ, ତାହା ପ୍ରେରିତ ୧:୮ରେ ବର୍ଣ୍ଣିତ ହୋଇଛି । ଏହି ପଦରେ ଯୀଶୁ କହି ନ ଥିଲେ, ‘‘ଯିରୁଶାଲମକୁ, ଯିହୁଦାକୁ ଏବଂ ଶମରିଆକୁ ଯାଅ’’ କିନ୍ତୁ ‘‘ଏ ସମସ୍ତ ଅଞ୍ଚଳରେ ତୁମେମାନେ ମୋର ସାକ୍ଷୀ ହେବ ।’’ ସେ ପଠାଇବାର କାର୍ଯ୍ୟ ନିଜ ଉପରେ ନିଅନ୍ତି ।

‘‘ତୁମେ ଯଦି ମୋଠାରେ ଓ ମୋର ବାକ୍ୟ ତୁମଠାରେ ଥାଏ’’ (ଯୋହନ ୧୫:୭)– ତାହାହିଁ ଯିବାର ଉପାୟ । ଆମେ ଯେଉଁଠାରେ ସ୍ଥାନିତ ହେଲେ ମଧ୍ୟ ଆମ ଉପରେ ତାହାର କୌଣସି ପ୍ରଭାବ ରହବି ନାହିଁ, କାରଣ ଈଶ୍ୱର ସାର୍ବଭୌମ୍ୟ ଉପାୟରେ ଆମର ବିଷୟ ପ୍ରସ୍ତୁତ କରନ୍ତି । ‘‘କିନ୍ତୁ ମୁଁ ତ ମୋର ଜୀବନକୁ ମୂଲ୍ୟବାନ୍ ମଣୁଛି, କେବଳ ଏତିକି (ଚାହେଁ) ଯେ, ମୁଁ ଯେପରି ମୋର ନିରୂପିତ ପଥର ଶେଷଯାଏ ଦୌଡ଼ିପାରେ... ଏବଂ ପ୍ରଭୁ ଯୀଶୁ ମୋତେ ଦେଇଥିବା ସେବାକାର୍ଯ୍ୟକୁ ସଂପୂର୍ଣ୍ଣ କରିପାରେ’’ (ପ୍ରେରିତ ୨୦:୨୪) । ଆମେ ଏ ଜୀବନରୁ ଚିର ବିଦାୟ ନେବା ପର୍ଯ୍ୟନ୍ତ ଏହାହିଁ ହେଉଛି ଯିବାର ଉପାୟ ।

# ମିଶେନେରୀଙ୍କ ସମ୍ବାଦର କଞ୍ଚି

**ଆମର ପାପ ନିମନ୍ତେ ଏବଂ କେବଳ ଆମର ପାପ ନିମନ୍ତେ ନୁହେଁ, ମାତ୍ର ସମଗ୍ର ଜଗତବାସୀଙ୍କ ପାପ ନିମନ୍ତେ ସେ ପ୍ରାୟଶ୍ଚିତ୍ତର ବଳି ସ୍ୱରୂପ ହୋଇଛନ୍ତି ।**

**୧ ଯୋହନ ୨:୨**

ଜଣେ ମିଶେନେରୀଙ୍କ ସମ୍ବାଦର କଞ୍ଚି ହେଉଛି ଖ୍ରୀଷ୍ଟଯୀଶୁଙ୍କ ପ୍ରାୟଶ୍ଚିତ୍ତ– ଆମ ପାଇଁ ତାଙ୍କର ସେହି ବଳିଦାନ ଯାହା ଈଶ୍ୱରଙ୍କ କ୍ରୋଧକୁ ସନ୍ତୁଷ୍ଟ କରିଥିଲା । ଖ୍ରୀଷ୍ଟଙ୍କ କାର୍ଯ୍ୟକୁ ଯେଉଁ ଦୃଷ୍ଟିରୁ ଦେଖନ୍ତୁ ନା କାହିଁକି, ହୁଏତ ତାହା ସୁସ୍ଥତା, ଉଦ୍ଧାର ବା ପବିତ୍ରୀକରଣ ହୋଇପାରେ । ଆପଣ ଦେଖିବେ ଯେ, ଏଥିରେ ଏପରି କୌଣସି ବିଷୟ ନ ଥିଲା ଯାହା ଅସୀମିତ । କିନ୍ତୁ ‘‘ଈଶ୍ୱରଙ୍କ ମେଷଶାବକ ଯେ କି ଜଗତର ପାପ ବହି ନିଅନ୍ତି’’ – ଏହା ଅସୀମିତ (ଯୋହନ ୧:୨୯) । ଜଣେ ମିଶେନେରୀଙ୍କ ସମ୍ବାଦ ହେଉଛି, ଆମ ପାପର ପ୍ରାୟଶ୍ଚିତ୍ତ ପାଇଁ ଯୀଶୁଖ୍ରୀଷ୍ଟଙ୍କ ଅସୀମିତ ମହତ୍ତ୍ୱ ଏବଂ ମିଶେନେରୀ ହେଉଛନ୍ତି ସେହି ବ୍ୟକ୍ତି ଯେ କି ସେହି ପ୍ରକଟିତ ସତ୍ୟ ମଧ୍ୟରେ ସଂପୂର୍ଣ୍ଣ ନିମଜ୍ଜିତ ।

ଜଣେ ମିଶେନେରୀଙ୍କ ସମ୍ବାଦର ପ୍ରକୃତ କଞ୍ଚି ହେଉଛି, ଖ୍ରୀଷ୍ଟଙ୍କ ଜୀବନର ‘‘ପାପକ୍ଷମା’’ର ଦିଗ, ତାଙ୍କର ଦୟା, ଉତ୍ତମତା ଏବଂ ଏପରିକି ଆମ ପ୍ରତି ଈଶ୍ୱରଙ୍କ ପିତୃତ୍ୱର ପରିପ୍ରକାଶ ନୁହେଁ । ‘‘ସବୁ ଜାତିଙ୍କ ନିକଟରେ ଅନୁତାପ ଓ ପାପକ୍ଷମାର ବାର୍ତ୍ତା ପ୍ରଚାର କରାଯିବ’’ (ଲୂକ ୨୪:୪୭) । ଅସୀମିତ ମହତ୍ତ୍ୱ ବିଶିଷ୍ଟ ଶ୍ରେଷ୍ଠ ସମ୍ବାଦ ହେଉଛି, ‘‘ସେ ଆମ ପାପ ପାଇଁ ପ୍ରାୟଶ୍ଚିତ୍ତ ବଳି ସ୍ୱରୂପ ହେଲେ ।’’ ମିଶେନେରୀଙ୍କ ସମ୍ବାଦ କେତେକ ଦେଶ ପ୍ରତି ପକ୍ଷପାତ ବିଚାର ପୂର୍ବକ ଏକ ରାଷ୍ଟ୍ରବାଦୀ ସମ୍ବାଦ ନୁହେଁ, ଏହା ସମଗ୍ର ଜଗତ ପାଇଁ ଉଦ୍ଦିଷ୍ଟ । ଯେତେବେଳେ ପବିତ୍ର ଆତ୍ମା ମୋ ନିକଟକୁ ଆସନ୍ତି, ସେ ମୋର ପକ୍ଷପାତିତା ଏବଂ ଅଗ୍ରାଧିକାର ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ, ସେ କେବଳ ମୋତେ ପ୍ରଭୁ ଯୀଶୁଙ୍କ ସହିତ ଏକତା ମଧ୍ୟକୁ ଆଣନ୍ତି ।

ଜଣେ ମିଶେନେରୀ ସେହି ବ୍ୟକ୍ତି, ଯିଏ ପ୍ରଭୁ ଏବଂ ସ୍ୱାମୀଙ୍କ ଦ୍ୱାରା ନିରୂପିତ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସହିତ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ସେ ନିଜର ଦୃଷ୍ଟି କୋଣକୁ ନୁହେଁ, ମାତ୍ର ‘‘ଈଶ୍ୱରଙ୍କ ମେଷଶାବକ’’ଙ୍କ ଘୋଷଣା କରନ୍ତି । ଗୋଟିଏ କ୍ଷୁଦ୍ର ଗୋଷ୍ଠୀର ଅନ୍ତର୍ଭୁକ୍ତ ହେବା ସହଜ, ଯେଉଁ ଗୋଷ୍ଠୀ କେବଳ କହେ ଯେ, ଯୀଶୁ ମୋ ପାଇଁ କ’ଣ କରିଛନ୍ତି, କିମ୍ବା ସୁସ୍ଥତା, କିମ୍ବା ବିଶେଷ ଧରଣର ପବିତ୍ରୀକରଣ କିମ୍ବା ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ – ଏହି ସବୁର ଭକ୍ତ ହେବା ସହଜ, କିନ୍ତୁ ପାଉଲ କହି ନ ଥିଲେ, ‘‘ଖ୍ରୀଷ୍ଟ ମୋ ପାଇଁ ଯାହା କରିଛନ୍ତି, ମୁଁ ଯଦି ତାହା ପ୍ରଚାର ନ କରେ, ତେବେ ମୋତେ ଧିକ୍’’, କିନ୍ତୁ ସେ କହିଥିଲେ, ‘‘ମୁଁ ଯଦି ସୁସମାଚାର ପ୍ରଚାର ନ କରେ, ତେବେ ମୋତେ ଧିକ’’ (୧ କରିନ୍ଥୀ ୯:୧୬) । ଆଉ ସୁସମାଚାର ହେଉଛି, ‘‘ଈଶ୍ୱରଙ୍କ ମେଷଶାବକ, ଯେ ଜଗତର ପାପ ବହି ନିଅନ୍ତି ।’’

## ଅକ୍ଟୋବର ୧୬

# ଗୃହକର୍ତ୍ତାଙ୍କ ଆଦେଶର କଞ୍ଚି

**ଶସ୍ୟକ୍ଷେତ୍ରକୁ କଟାଳୀମାନଙ୍କୁ ପଠାଇବା ପାଇଁ**
**ଶସ୍ୟକ୍ଷେତ୍ରର ଅଧିକାରୀଙ୍କୁ ନିବେଦନ କର ।**
**ମାଥିଉ ୯:୩୮**

ଜଣେ ମିଶେନେରୀଙ୍କ କଠିନ କାର୍ଯ୍ୟର କଞ୍ଚି ଈଶ୍ୱରଙ୍କ ହାତରେ ଅଛି, ଏବଂ ତାହା ହେଉଛି, ପ୍ରାର୍ଥନା, କାର୍ଯ୍ୟ ନୁହେଁ, ଏହା ସାଧାରଣ ଅର୍ଥରେ ଆମର ଆଜିର କାର୍ଯ୍ୟକୁ ବୁଝାଏ ନାହିଁ, ଯାହାର ପରିଣାମ ରୂପେ ଈଶ୍ୱରଙ୍କଠାରୁ ଆମର ଧ୍ୟାନ ଅପସାରିତ ହୁଏ । ମିଶେନେରୀଙ୍କ କଠିନ କାର୍ଯ୍ୟର କଞ୍ଚି ମଧ୍ୟ ବ୍ୟାବହାରିକ ଜ୍ଞାନ ନୁହେଁ କିମ୍ବା ଚିକିତ୍ସା, ସଭ୍ୟତା, ଶିକ୍ଷା କିମ୍ବା ଏପରିକି ସୁସମାଚାର ସେବାକାର୍ଯ୍ୟ ନୁହେଁ । ଗୃହକର୍ତ୍ତାଙ୍କ ଆଦେଶ ପାଳନ ମଧ୍ୟରେ ଏହି କଞ୍ଚି ଅଛି – ସେହି କଞ୍ଚି ହେଉଛି ପ୍ରାର୍ଥନା । ‘‘ଶସ୍ୟ କ୍ଷେତ୍ରର ଅଧିକାରୀଙ୍କୁ ନିବେଦନ କର ।’’ ସ୍ୱାଭାବିକ କ୍ଷେତ୍ରରେ ପ୍ରାର୍ଥନା ବ୍ୟାବହାରିକ ନୁହେଁ, ମାତ୍ର ଅସଂଗତ । ଆମକୁ ମନେ ରଖିବାକୁ ହେବ ଯେ, ବ୍ୟାବହାରିକ ଜ୍ଞାନର ଦୃଷ୍ଟିକୋଣରୁ ପ୍ରାର୍ଥନା ଏକ ମୂର୍ଖତା ମାତ୍ର ।

ଯୀଶୁ ଖ୍ରୀଷ୍ଟଙ୍କ ଦୃଷ୍ଟିକୋଣରେ କେବଳ ଗୋଟିଏ ଜଗତ ଅଛି, ରାଷ୍ଟ୍ର ନୁହେଁ । ଆମ ମଧ୍ୟରୁ କେତେ ଜଣ ଅନ୍ୟମାନଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା ଅପେକ୍ଷା କେବଳ ଏକମାତ୍ର ବ୍ୟକ୍ତି ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରି ପ୍ରାର୍ଥନା କରିଥାଉ ? ପାପବୋଧ ଏବଂ କଷ୍ଟ ମଧ୍ୟରୁ ଯେଉଁ ଶସ୍ୟ ଉତ୍ପନ୍ନ ହୁଏ, ସେ ତାହାର ଅଧିକାରୀ । ଶସ୍ୟ କାଟିବା ପାଇଁ ଶସ୍ୟକଟାଳୀମାନଙ୍କୁ ପଠାଇବା ପାଇଁ ଆମେ ପ୍ରାର୍ଥନା କରିବା ଉଚିତ୍ । ଆମେ କାର୍ଯ୍ୟ ବ୍ୟସ୍ତ ରହୁ, ମାତ୍ର ଆମ ଚାରିପଟେ ରହୁଥିବା ଲୋକମାନେ ଫସଲ ରୂପେ କଟାଯିବା ପାଇଁ ପ୍ରସ୍ତୁତ, ଆମେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ସୁଦ୍ଧା ଅମଳ ନ କରି ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ପ୍ରଭୁଙ୍କ ସମୟକୁ ନଷ୍ଟ କରିଥାଉ । ଧରି ନିଅନ୍ତୁ, ଆପଣଙ୍କ ବାପା କିମ୍ବା ଭାଇଙ୍କ ଜୀବନରେ ଆପଣ ଏକ ସଂକଟର ଆଶଙ୍କା କରୁଛନ୍ତି, ସେହି ସମୟରେ ଜଣେ ମୂଲିଆ ରୂପେ ଯୀଶୁଖ୍ରୀଷ୍ଟଙ୍କ ପାଇଁ ଶସ୍ୟ ଅମଳ କରିବା ପାଇଁ ଆପଣ କ’ଣ ପ୍ରସ୍ତୁତ ଅଛନ୍ତି ? ଆପଣଙ୍କ ପ୍ରତ୍ୟୁତ୍ତର କ’ଣ ଏପରି ହୋଇଥାଏ, ‘‘ମୋର ଗୋଟିଏ ବିଶେଷ କାର୍ଯ୍ୟ କରିବାକୁ ଅଛି !’’ କୌଣସି ଖ୍ରୀଷ୍ଟିୟାନର ବିଶେଷ କାର୍ଯ୍ୟ ନ ଥାଏ । ଜଣେ ଖ୍ରୀଷ୍ଟିୟାନ ଯୀଶୁ ଖ୍ରୀଷ୍ଟଙ୍କ ନିଜସ୍ୱ ରୂପେ ଆହୂତ, ‘‘ଜଣେ ଦାସ ନିଜ ମୁନିବ ଅପେକ୍ଷା ଶ୍ରେଷ୍ଠ ନୁହେଁ (ଯୋହନ ୧୩:୧୬) ଏବଂ ଯିଏ ଯୀଶୁ ଖ୍ରୀଷ୍ଟଙ୍କୁ ଆଦେଶ ଦିଏ ନାହିଁ ଯେ, ସେ କ’ଣ କରିବାକୁ ଚାହେଁ । ଆମର ପ୍ରଭୁ କୌଣସି ବିଶେଷ କାର୍ଯ୍ୟ ପାଇଁ ଆମକୁ ଆହ୍ୱାନ କରନ୍ତି ନାହିଁ– ସେ ଆମକୁ ନିଜ ପାଖକୁ ଆହ୍ୱାନ କରନ୍ତି । ‘‘ଶସ୍ୟ କ୍ଷେତ୍ରର ଅଧିକାରୀଙ୍କୁ ନିବେଦନ କର’’ ଏବଂ ସେ ଆପଣଙ୍କ ପରିସ୍ଥିତିକୁ ନିୟନ୍ତ୍ରିତ କରି ଆପଣଙ୍କୁ ତାଙ୍କର ମୂଲିଆ ରୂପେ ପଠାଇବେ ।

# ଆହୁରି ବଡ଼ କାର୍ଯ୍ୟର କଞ୍ଚି

**ମୁଁ ତୁମମାନଙ୍କୁ ସତ୍ୟ କହୁଛି, ଯେ ମୋଠାରେ ବିଶ୍ୱାସ କରେ...**
**ସେ ଏହାଠାରୁ ଆହୁରି ମହତ୍ କାର୍ଯ୍ୟ କରିବ, କାରଣ ମୁଁ ପିତାଙ୍କ ନିକଟକୁ ଯାଉଛି ।**
**ଯୋହନ ୧୪:୧୨**

ପ୍ରାର୍ଥନା ଆମକୁ ଆହୁରି ବଡ଼ କାର୍ଯ୍ୟ କରିବା ପାଇଁ ସଜ୍ଜିତ କରେ ନାହିଁ– ପ୍ରାର୍ଥନା ହେଉଛି, ବଡ଼ କାର୍ଯ୍ୟ । ତଥାପି ଆମେ ପ୍ରାର୍ଥନାକୁ ଏକ ଉଚ୍ଚ ଶକ୍ତି ସଂପନ୍ନ ବ୍ୟାବହାରିକ ଜ୍ଞାନର ଅଭ୍ୟାସ ବୋଲି ଭାବିଥାଉ, ଯାହା ଆମକୁ ଈଶ୍ୱରଙ୍କ କାର୍ଯ୍ୟ ପାଇଁ ପ୍ରସ୍ତୁତ କରେ । ଯୀଶୁ ଖ୍ରୀଷ୍ଟଙ୍କ ଶିକ୍ଷାରେ ପ୍ରାର୍ଥନା ମୋର ଆଭ୍ୟନ୍ତରୀଣ ମୁକ୍ତିର ସେହି ଆଶ୍ଚର୍ଯ୍ୟ କର୍ମ, ଯାହା ଈଶ୍ୱରଙ୍କ ଶକ୍ତିରେ ଅନ୍ୟମାନଙ୍କ ଜୀବନରେ ମୁକ୍ତିର ଆଶ୍ଚର୍ଯ୍ୟକର୍ମ ସଂପାଦନ କରେ । ପ୍ରାର୍ଥନା ଦ୍ୱାରା ଫଳ ସ୍ଥିର ରହିଥାଏ, କିନ୍ତୁ ମନେ ରଖନ୍ତୁ, ଏହା ଖ୍ରୀଷ୍ଟଙ୍କ ମୁକ୍ତି କାର୍ଯ୍ୟର ବ୍ୟଥିତ ପ୍ରାର୍ଥନା, ମୋର ବ୍ୟଥା ଉପରେ ଆଧାରିତ ନୁହେଁ । ଆମକୁ ଶିଶୁ ଭଳି ଈଶ୍ୱରଙ୍କ ନିକଟକୁ ଯିବାକୁ ହେବ, କାରଣ କେବଳ ଶିଶୁ ତା'ର ପ୍ରାର୍ଥନାର ଉତ୍ତର ପାଏ, ଜ୍ଞାନୀ ଲୋକ ପାଏ ନାହିଁ (ମାଥିଉ ୧୧:୨୫ ଦେଖନ୍ତୁ) ।

ପ୍ରାର୍ଥନା ଏକ ଯୁଦ୍ଧ, ଆପଣ ଯେଉଁଠାରେ ଥିଲେ ମଧ୍ୟ କୌଣସି ପାର୍ଥକ୍ୟ ଅନୁଭୂତ ହୁଏ ନାହିଁ । ଯା' ହେଉ, ଈଶ୍ୱର ଆପଣଙ୍କ ପରିସ୍ଥିତିକୁ ନିୟନ୍ତ୍ରଣ କରନ୍ତି । ଆପଣଙ୍କ କର୍ତ୍ତବ୍ୟ ହେଉଛି ପ୍ରାର୍ଥନା କରିବା । କେବେ ଏପରି ଚିନ୍ତାକୁ ପ୍ରଶ୍ରୟ ଦିଅନ୍ତି ନାହିଁ ଯେ, ''ମୁଁ ଯେଉଁଠାରେ ଅଛି, ସେଠାରେ ମୁଁ ବ୍ୟବହାର ଯୋଗ୍ୟ ହୋଇ ପାରିବି ନାହିଁ'', କାରଣ ଆପଣ ଯେଉଁଠାରେ ସ୍ଥାନିତ ହୋଇ ନାହାନ୍ତି, ସେଠାରେ ବ୍ୟବହାର ଯୋଗ୍ୟ ହୋଇ ପାରିବେ ନାହିଁ । ଈଶ୍ୱର ଆପଣଙ୍କୁ ଯେଉଁଠାରେ ରଖିଛନ୍ତି ଏବଂ ଆପଣଙ୍କ ପରିସ୍ଥିତି ଯାହା ହେଲେ ମଧ୍ୟ ଆପଣ ନିରନ୍ତର ତାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ଉତ୍ସର୍ଗ କରିବେ । ଆଉ ତାଙ୍କର ପ୍ରତିଜ୍ଞା ହେଉଛି, ''ମୋ ନାମରେ ଯାହା କିଛି ମାଗିବ, ମୁଁ ତାହା କରିବି'' (୧୪:୧୩) । ତଥାପି ଆମେ ରୋମାଞ୍ଚିତ ଏବଂ ଉତ୍ତେଜିତ ନ ହେବା ପର୍ଯ୍ୟନ୍ତ ପ୍ରାର୍ଥନା କରିବାକୁ ଅସମ୍ମତ ହୋଇଥାଉ ଏବଂ ଏହା ଆତ୍ମିକ ସ୍ୱାର୍ଥପରତାର ବଳିଷ୍ଠ ରୂପ ଅଟେ । ଈଶ୍ୱରଙ୍କ ନିର୍ଦ୍ଦେଶ ମତେ ଆମକୁ କାର୍ଯ୍ୟ କରିବାକୁ ହେବ ଏବଂ ସେ ପ୍ରାର୍ଥନା କରିବା ପାଇଁ କହନ୍ତି । ''ଶସ୍ୟ କ୍ଷେତ୍ରକୁ କଟାଳୀମାନଙ୍କୁ ପଠାଇବା ପାଇଁ ଶସ୍ୟ କ୍ଷେତ୍ରର ଅଧିକାରୀଙ୍କୁ ନିବେଦନ କର'' (ମାଥିଉ ୯:୩୮) ।

ଜଣେ କଟାଳୀର କାର୍ଯ୍ୟ ରୋମାଞ୍ଚକର ନୁହେଁ, କିନ୍ତୁ ସେହି ପରିଶ୍ରମ କରୁଥିବା ଲୋକ ଜଣେ ପ୍ରତିଭାସଂପନ୍ନ ଲୋକ ରୂପେ ବିବେଚିତ ହୋଇପାରେ । ସେହିଭଳି ଜଣେ ପରିଶ୍ରମୀ ପବିତ୍ର ଲୋକ ନିଜର କର୍ତ୍ତାଙ୍କ ବିଚାରଧାରାକୁ ସାକାର କରିପାରନ୍ତି । ଆପଣ ଯେତେବେଳେ ପ୍ରାର୍ଥନାରେ ଶ୍ରମଦାନ କରନ୍ତି, ଈଶ୍ୱରଙ୍କ ଦୃଷ୍ଟିକୋଣରୁ ତାହା ଫଳପ୍ରଦ ହୁଏ । ଯେତେବେଳେ ଶେଷରେ ପରଦା ଉଠିବ, ସେତେବେଳେ ସେହି ଆତ୍ମାମାନଙ୍କୁ ଦେଖିବା କେତେ ବିସ୍ମୟକର ହେବ, ଯେଉଁମାନେ ଆପଣଙ୍କ ଦ୍ୱାରା ସଂଗୃହୀତ ହୋଇଛନ୍ତି, କାରଣ ଯୀଶୁ ଖ୍ରୀଷ୍ଟଙ୍କ ଆଦେଶ ଅନୁଯାୟୀ କାର୍ଯ୍ୟ କରିବା ଆପଣଙ୍କ ଅଭ୍ୟାସ ଥିଲା ।

**ଅକ୍ଟୋବର ୧୮**

# ଜଣେ ମିଶେନେରୀଙ୍କ ଭକ୍ତିର କଞ୍ଚି

**କାରଣ ସେମାନେ ଖ୍ରୀଷ୍ଟଙ୍କ ନାମ ସକାଶେ ବାହାରିଛନ୍ତି ।**
**୩ ଯୋହନ ୭**

ଆମର ପ୍ରଭୁ ଯେତେବେଳେ ପଚାରିଲେ, ''ତୁମେ କ'ଣ ମୋତେ ପ୍ରେମ କର'' (ଯୋହନ ୨୧:୧୦), ସେ ଆମକୁ କହୁଥିଲେ ଯେ, ତାଙ୍କ ପ୍ରତି ଆମର ପ୍ରେମ କିଭଳି ପ୍ରଦର୍ଶିତ ହେବ । ତା'ପରେ ସେ କହିଲେ, ''ମୋର ମେଷମାନଙ୍କୁ ଚରାଅ ।'' ଏକ ପକ୍ଷରେ ସେ କହୁଥିଲେ ''ଅନ୍ୟ ଲୋକମାନଙ୍କ ମଧ୍ୟରେ ମୋ ରୁଚି ସହିତ ନିଜକୁ ଜଡ଼ିତ କର'', ଏହା ନୁହେଁ ଯେ, ''ଅନ୍ୟ ଲୋକମାନଙ୍କ ମଧ୍ୟରେ ତୁମର ରୁଚି ସହିତ ମୋତେ ଜଡ଼ିତ କର ।'' ୧ କରିନ୍ଥୀ ୧୩:୪-୮ ପଦରେ ପ୍ରେମର ଗୁଣ ସବୁ ବର୍ଣ୍ଣିତ ହୋଇଛି- ପ୍ରକୃତରେ ଏହା ଈଶ୍ୱରଙ୍କ ପ୍ରେମର ଆତ୍ମ ପ୍ରକାଶ । ଯୀଶୁଙ୍କ ପ୍ରତି ମୋର ପ୍ରେମର ପରୀକ୍ଷା ଅତି ବ୍ୟାବହାରିକ ବିଷୟ, ଅନ୍ୟ ସବୁ କେବଳ ଭାବପ୍ରବଣ ଜନିତ କଥା ।

ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ବିଶ୍ୱସ୍ତତା ହେଉଛି, ଅଲୌକିକ ମୁକ୍ତି କାର୍ଯ୍ୟ ଯାହା ପବିତ୍ରଆତ୍ମା ମୋ ମଧ୍ୟରେ ସାଧନ କରିଛନ୍ତି- ''ପବିତ୍ର ଆତ୍ମାଙ୍କ ଦ୍ୱାରା ଈଶ୍ୱର ଆମର ହୃଦୟ ତାହାଙ୍କ ପ୍ରେମରେ ଭରି ଦେଇଛନ୍ତି'' (ରୋମୀ ୫:୫) । ଆଉ ସେହି ପ୍ରେମ ମୋ ମଧ୍ୟରେ ଏବଂ ମୁଁ ସାକ୍ଷାତ୍ କରୁଥିବା ଲୋକଙ୍କ ମଧ୍ୟରେ ପ୍ରଭାବଯୁକ୍ତ ଉପାୟରେ କାର୍ଯ୍ୟ କରୁଛି । ମୁଁ ତାଙ୍କର ନାମ ପ୍ରତି ବିଶ୍ୱସ୍ତ, ଯଦ୍ୟପି ମୋ ଜୀବନର ବ୍ୟାବହାରିକ ଜ୍ଞାନ ଏହାକୁ ଅସ୍ୱୀକାର କରେ ଏବଂ ଈଶ୍ୱରଙ୍କ ଶକ୍ତି ଯେ ସକାଳର କୁହୁଡ଼ି ଭଳି କ୍ଷୀଣ, ଏହା ଘୋଷଣା କରେ ।

ଜଣେ ମିଶେନେରୀଙ୍କ ଭକ୍ତିର କଞ୍ଚି ହେଉଛି ଯେ, ସେ ଆମର ପ୍ରଭୁଙ୍କ ବ୍ୟତୀତ ଆଉ କାହାରି ପ୍ରତି ଅନୁରକ୍ତ ନୁହନ୍ତି । ଏହା ଆମ ଚାରିପାଖେ ଥିବା ବାହ୍ୟ ବିଷୟରୁ ପୃଥକ୍ ରହିବାକୁ ବୁଝାଏ ନାହିଁ, ମାତ୍ର ଆଭ୍ୟନ୍ତରୀଣ ରୂପେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ ସବୁ ବିଷୟରୁ ପୃଥକୀକୃତ ଅବସ୍ଥାକୁ ବୁଝାଏ । ଆମର ବାହ୍ୟ ପୃଥକୀକରଣ ଆଭ୍ୟନ୍ତରୀଣ ଜୀବନରେ ଗୁପ୍ତରେ ବୃଦ୍ଧି ପାଉଥିବା ସେହି ବିଷୟ ସବୁକୁ ସୂଚୀତ କରେ, ଯେଉଁ ସବୁକୁ ଆମେ ବାହ୍ୟ ରୂପେ ବର୍ଜନ କରୁ ।

ଜଣେ ମିଶେନେରୀଙ୍କ କର୍ତ୍ତବ୍ୟ ହେଉଛି ଯେ, ସେ ନିଜର ଆତ୍ମାକୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସ୍ୱଭାବ ପ୍ରତି ନିରନ୍ତର ସଂପୂର୍ଣ୍ଣ ରୂପେ ଉନ୍ମୁକ୍ତ ରଖିବେ । ପ୍ରଭୁ ତାଙ୍କ କାର୍ଯ୍ୟରେ ଯେଉଁ ପୁରୁଷ ଏବଂ ସ୍ତ୍ରୀମାନଙ୍କୁ ବ୍ୟବହାର କରନ୍ତି, ସେମାନେ ସାଧାରଣ ମଣିଷ କିନ୍ତୁ ସେମାନେ ଭକ୍ତି ସହକାରେ ଈଶ୍ୱରଙ୍କ ଦ୍ୱାରା ନିୟନ୍ତ୍ରିତ, ଯାହା ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଦ୍ୱାରା ସମ୍ଭବ ହୋଇଥାଏ ।

# ପ୍ରଣିଧାନ ଯୋଗ୍ୟ ହୋଇ ନ ଥିବା ରହସ୍ୟ

## ଯୀଶୁ କହିଲେ ମୋର ରାଜ୍ୟ ଏ ଜଗତର ନୁହେଁ

## ଯୋହନ ୧୮:୩୬

ଆଜି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବଡ଼ ଶତ୍ରୁ ହେଉଛି, ବ୍ୟାବହାରିକ କାର୍ଯ୍ୟର ଧାରଣା, ଯାହା ନୂତନ ନିୟମ ଉପରେ ଆଧାରିତ ନୁହେଁ ମାତ୍ର ଜଗତର କାର୍ଯ୍ୟ ପ୍ରଣାଳୀରୁ ଆସିଥାଏ । ଏହି କାର୍ଯ୍ୟ ଅପରିସୀମ କାର୍ଯ୍ୟଦକ୍ଷତା ଏବଂ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଏ, କିନ୍ତୁ ଈଶ୍ୱରଙ୍କ ସହିତ ବ୍ୟକ୍ତିଗତ ଜୀବନର ମହତ୍ତ୍ୱ ପ୍ରତି ଧ୍ୟାନ ଦିଏ ନାହିଁ । ଭୁଲ ବିଷୟ ଉପରେ ଏହା ଗୁରୁତ୍ୱ ଦିଏ । ଯୀଶୁ କହିଲେ, ''ଈଶ୍ୱରଙ୍କ ରାଜ୍ୟ ଦୃଶ୍ୟମାନ ଭାବରେ ଆସେ ନାହିଁ... କାରଣ ଈଶ୍ୱରଙ୍କ ରାଜ୍ୟ ତୁମମାନଙ୍କ ଅନ୍ତରରେ ଅଛି'' (ଲୂକ ୧୭:୨୦-୨୧) । ଏହା ଏକ ଲୁକ୍କାୟିତ ଅଦୃଶ୍ୟ ବିଷୟ ଅଟେ । ଜଣେ ସକ୍ରିୟ ଖ୍ରୀଷ୍ଟୀୟ କାର୍ଯ୍ୟକାରୀ ଅନ୍ୟମାନଙ୍କ ସମ୍ମୁଖରେ ଦୃଶ୍ୟ ଭାବରେ ଜୀବନ ଧାରଣ କରନ୍ତି, ଯଦିଓ ଜଣେ ବ୍ୟକ୍ତିଙ୍କ ଜୀବନର ଶକ୍ତି ତାଙ୍କର ଆନ୍ତରିକ ଏବଂ ବ୍ୟକ୍ତିଗତ କ୍ଷେତ୍ରରେ ପ୍ରଦର୍ଶିତ ହୁଏ ।

ଆମେ ଯେଉଁ ଧର୍ମୀୟ ଯୁଗରେ ବାସ କରୁଛୁ, ଆମକୁ ତାହାର ଆତ୍ମାର ମହାମାରୀରୁ ରକ୍ଷା ପାଇବା ଅତ୍ୟନ୍ତ ଆବଶ୍ୟକ । ଆମର ପ୍ରଭୁଙ୍କ ଜୀବନରେ ସେଭଳି ପ୍ରବଳ ଚାପ ବା କାର୍ଯ୍ୟବ୍ୟସ୍ତତାର କୌଣସି ଚିହ୍ନ ନ ଥିଲା, ଯାହାକୁ ଆଜି ଆମେ ଏତେ ଗୁରୁତ୍ୱ ଦେଇଛୁ ଏବଂ ଜଣେ ଶିଷ୍ୟ ତାହାର ନିଜର ଗୁରୁ ଭଳି ହେବା ଉଚିତ୍ । ଯୀଶୁ ଖ୍ରୀଷ୍ଟଙ୍କ ରାଜ୍ୟର କେନ୍ଦ୍ରବିନ୍ଦୁ ତାଙ୍କ ସହିତ ଏକ ବ୍ୟକ୍ତିଗତ ସଂପର୍କ ଅଟେ, ସର୍ବ ସାଧାରଣଙ୍କ ବ୍ୟବହାର ଯୋଗ୍ୟ ହେବାର ଉପଯୋଗୀତା ନୁହେଁ । ବ୍ୟାବହାରିକ କାର୍ଯ୍ୟର ପ୍ରଶିକ୍ଷଣ ଏହି ବାଇବଲ କଲେଜର ଶକ୍ତି ନୁହେଁ - ଏହାର ସଂପୂର୍ଣ୍ଣ ଶକ୍ତି ଏହି ତଥ୍ୟରେ ନିହିତ ଯେଉଁଥିରେ ଆପଣ ଈଶ୍ୱରଙ୍କ ସତ୍ୟରେ ବୁଡ଼ିଯାନ୍ତି ଏବଂ ଈଶ୍ୱରଙ୍କ ସମ୍ମୁଖରେ ଭିଜିଯାନ୍ତି । ଆପଣଙ୍କ ଭବିଷ୍ୟତ ପରିସ୍ଥିତିକୁ ଈଶ୍ୱର କିପରି ଏବଂ କେଉଁଠାରେ ନିୟନ୍ତ୍ରଣ କରିବେ, ସେ ବିଷୟରେ ଆପଣଙ୍କର ଧାରଣା ନାହିଁ, କିମ୍ବା ସ୍ୱଦେଶ ଅବା ବିଦେଶରେ ଆପଣଙ୍କ ପ୍ରତି କିଭଳି ଚାପ ଏବଂ ଦୁଃଖକଷ୍ଟ ଆସିବ, ସେ ବିଷୟ ଆପଣ ଜାଣନ୍ତି ନାହିଁ । ଆଉ ଆପଣ ଯଦି ଈଶ୍ୱରଙ୍କ ଉଦ୍ଧାର ସଂପର୍କିତ ମୌଳିକ ସତ୍ୟରେ ବୁଡ଼ି ରହିବା ବ୍ୟତୀତ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ସମୟ ନଷ୍ଟ କରନ୍ତି, ତା'ହେଲେ କଷ୍ଟଦାୟକ ପରିସ୍ଥିତି ଆସିଲେ ଆପଣ ଭାଙ୍ଗି ପଡ଼ିବେ । କିନ୍ତୁ ଈଶ୍ୱରଙ୍କ ଠାରେ ନିମଜ୍ଜିତ ରହିବାର ଏହି ସମୟ ଯଦି ଈଶ୍ୱରଙ୍କଠାରେ ସୁଦୃଢ଼ ରହିବାରେ ବ୍ୟବହୃତ ହୁଏ, ତାହା ଅବାସ୍ତବ ମନେ ହେଲେ ସୁଦ୍ଧା ପରିସ୍ଥିତିକୁ ଭ୍ରୁକ୍ଷେପ ନ କରି ଆପଣ ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ରହିବେ ।

## ଅକ୍ଟୋବର ୨୦

# ଈଶ୍ୱରଙ୍କ ଇଚ୍ଛା କ'ଣ ମୋର ଇଚ୍ଛା ?

**ଈଶ୍ୱରଙ୍କ ଇଚ୍ଛା ଏହି ଯେ, ତୁମେମାନେ ପବିତ୍ର ହେବ ।**

**୧ ଥେସଲନିକୀ ୪:୩**

ପବିତ୍ରୀକରଣ ଏହି ପ୍ରଶ୍ନ ଉତ୍ଥାପନ କରେ ନାହିଁ ଯେ, ଈଶ୍ୱର ମୋତେ ପବିତ୍ର କରିବାକୁ ଇଚ୍ଛା କରନ୍ତି ଅବା ନାହିଁ – ମାତ୍ର ଏହା କ'ଣ ମୋର ଇଚ୍ଛା ? ମୁଁ କ'ଣ ମୋ ମଧ୍ୟରେ ଈଶ୍ୱରଙ୍କୁ ସେ ସମସ୍ତ କରିବାକୁ ଅନୁମତି ଦେବା ପାଇଁ ପ୍ରସ୍ତୁତ ଯାହା ସେ ଖ୍ରୀଷ୍ଟଙ୍କ କ୍ରୁଶୀୟ ପ୍ରାୟଶ୍ଚିତ୍ତ ଦ୍ୱାରା ସମ୍ଭବ କରିଛନ୍ତି ? ମୁଁ କ'ଣ ଯୀଶୁଙ୍କ ପବିତ୍ରୀକରଣକୁ ମୋ ମଧ୍ୟରେ ଧାରଣ କରି ମୋ ଶରୀରରେ ତାଙ୍କର ଜୀବନକୁ ପ୍ରଦର୍ଶିତ କରବା ପାଇଁ ପ୍ରସ୍ତୁତ ଅଛି ? (୧ କରିନ୍ଥୀ ୧:୩୦ ଦେଖନ୍ତୁ) । ''ମୁଁ ପବିତ୍ରୀକୃତ ହେବା ପାଇଁ ଆକାଂକ୍ଷିତ'', ଏହି କଥା କହିବା ବିଷୟରେ ସତର୍କ ରୁହନ୍ତୁ । ନା, ଆପଣ ଆକାଂକ୍ଷିତ ନୁହନ୍ତି । ଆପଣଙ୍କ ଆବଶ୍ୟକତା ଅନୁଭବ କରନ୍ତୁ । ଆକାଂକ୍ଷିତ ମନୋଭାବ ନ ରଖି କାର୍ଯ୍ୟରେ ପରିଣତ କରନ୍ତୁ । ବିନା ଦ୍ୱିଧାରେ ବିଶ୍ୱାସ ସହ ଯୀଶୁଖ୍ରୀଷ୍ଟଙ୍କୁ ଆପଣଙ୍କ ପବିତ୍ରୀକରଣ ଉଦ୍ଦେଶ୍ୟରେ ଗ୍ରହଣ କରନ୍ତୁ । ଯୀଶୁଙ୍କ ପ୍ରାୟଶ୍ଚିତ୍ତର ମହତ୍ ଆଶ୍ଚର୍ଯ୍ୟକର୍ମ ଆପଣଙ୍କ ମଧ୍ୟରେ ବାସ୍ତବ ହେବ ।

କ୍ରୁଶରେ ଖ୍ରୀଷ୍ଟ ଯେଉଁ କାର୍ଯ୍ୟ ସଂପୂର୍ଣ୍ଣ କଲେ, ତାହାକୁ ଆଧାର କରି ଈଶ୍ୱରଙ୍କ ବିନାମୂଲ୍ୟର ପ୍ରେମପୂର୍ଣ୍ଣ ଦାନ ଦ୍ୱାରା ଯୀଶୁ ଯାହା କିଛି ସମ୍ଭବ କଲେ, ସେ ସବୁ ମୋର ନିଜସ୍ୱ ହୋଇଯାଏ । ଜଣେ ଉଦ୍ଧାରପ୍ରାପ୍ତ ଏବଂ ପବିତ୍ରୀକୃତ ଆତ୍ମା ରୂପେ ମୋର ମନୋଭାବ ନମ୍ରତା ପୂର୍ଣ୍ଣ ମନୋଭାବ ହେବା ଆବଶ୍ୟକ (କାରଣ ଅହଂକାର ଭରା ପବିତ୍ରତା ବୋଲି କୌଣସି ବିଷୟ ନ ଥାଏ) । ଏହି ପବିତ୍ରତା ଏକ ଦୁଃଖଭରା ଅନୁତାପ, ଏକ ଅବର୍ଣ୍ଣନୀୟ ଲଜ୍ଜା ଏବଂ ଭ୍ରଷ୍ଟତାର ଭାବନା ଉପରେ ଆଧାରିତ ଏବଂ ଏହି ଆଶ୍ଚର୍ଯ୍ୟଜନକ ଉପଲବ୍ଧିରେ ମଧ୍ୟ ଅନୁଭୂତ ହୁଏ ଯେ, ମୁଁ ଈଶ୍ୱରଙ୍କୁ ଅବହେଳା କରିଥିଲେ ମଧ୍ୟ ମୋ ପ୍ରତି ସେ ତାଙ୍କର ପ୍ରେମ ପ୍ରଦର୍ଶନ କଲେ (ରୋମୀ ୫:୮ ଦେଖନ୍ତୁ) । ମୋର ପରିତ୍ରାଣ ଏବଂ ପବିତ୍ରୀକରଣ ପାଇଁ ସେ ସବୁକିଛି ସଂପୂର୍ଣ୍ଣ କଲେ । ଆଶ୍ଚର୍ଯ୍ୟ ହେବାର କାରଣ ନାହିଁ ଯେ ପାଉଲ କହିଲେ, ''ଏପରି କୌଣସି ବିଷୟ ନାହିଁ, ଯାହା ଆମକୁ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଆମକୁ ବିଚ୍ଛିନ୍ନ କରିପାରିବ'' (ରୋମୀ ୮:୩୯) ।

ପବିତ୍ରୀକରଣ ମୋତେ ଯୀଶୁଖ୍ରୀଷ୍ଟଙ୍କ ସହିତ ଏକ କରେ ଏବଂ ତାଙ୍କ ମଧ୍ୟ ଦେଇ ଈଶ୍ୱରଙ୍କ ସହିତ ଏକ କରେ ଏବଂ ଏହା କେବଳ ଖ୍ରୀଷ୍ଟଙ୍କର ମହାନ୍ ପ୍ରାୟଶ୍ଚିତ୍ତ ଦ୍ୱାରା ସାଧିତ ହୁଏ । ପରିଣାମକୁ କାରଣ ସହିତ ଯୋଗ କରି ସନ୍ଦେହ ସୃଷ୍ଟି କରନ୍ତୁ ନାହିଁ । ମୋ ମଧ୍ୟରେ ରହିଥିବା ପ୍ରଭାବ ହେଉଛି ବାଧ୍ୟତା, ସେବା ଏବଂ ପ୍ରାର୍ଥନା । ଏହା ଯୀଶୁଖ୍ରୀଷ୍ଟଙ୍କ କ୍ରୁଶର ପ୍ରାୟଶ୍ଚିତ୍ତ ହେତୁ ମୋ ମଧ୍ୟରେ ସାଧିତ ପବିତ୍ରୀକରଣ ପାଇଁ ଅବର୍ଣ୍ଣନୀୟ ଧନ୍ୟବାଦ ଏବଂ ପ୍ରଶଂସାର ଫଳ ଅଟେ ।

# ଆବେଗିକ ଉତ୍ତେଜନା ଅବା ଶିଷ୍ୟତ୍ୱ ?

**ପ୍ରିୟ ବନ୍ଧୁଗଣ, ତୁମମାନଙ୍କର ଯେଉଁ ବିଶ୍ୱାସ ଅତି ପବିତ୍ର,**
**ତାହାର ଉପରେ ନିଜ ଜୀବନକୁ ଗଠନ କର ।**
**ଯିହୁଦା ୨୦**

ଆମର ପ୍ରଭୁଙ୍କ ବିଷୟରେ କୌଣସି ଆବେଗିକ ଉତ୍ତେଜନାପୂର୍ଣ୍ଣ ବା ବିଚାରହୀନ କାର୍ଯ୍ୟ ନ ଥିଲା, କିନ୍ତୁ ଏକ ଅବିଚଳିତ ଶାନ୍ତ ଶକ୍ତି ଥିଲା । ଆମ ମଧ୍ୟରୁ ଅଧିକାଂଶ ଲୋକ ଆମ ଖ୍ରୀଷ୍ଟୀୟ ଆଚରଣର ବିକାଶ ଆମର ନିଜ ସ୍ୱଭାବ ଅନୁସାରେ କରିଥାଉ, ଈଶ୍ୱରଙ୍କ ସ୍ୱଭାବ ଉପରେ ନୁହେଁ । ଆବେଗ ଏବଂ ଉତ୍ତେଜନା ସ୍ୱାଭାବିକ ଜୀବନର ଏକ ଗୁଣ ଏବଂ ଆମର ପ୍ରଭୁ ସବୁବେଳେ ଏହାକୁ ଅଗ୍ରାହ୍ୟ କରନ୍ତି କାରଣ ଏହା ଏକ ଶିଷ୍ୟର ଜୀବନର ବିକାଶ ପ୍ରତି ବାଧା ସୃଷ୍ଟି କରେ । ଲକ୍ଷ୍ୟ କରନ୍ତୁ, ଈଶ୍ୱରଙ୍କ ଆତ୍ମା ହଠାତ୍ ଏକ ସଂକୋଚ ଭରା ମୂର୍ଖତାର ଉପଲବ୍ଧି ଦ୍ୱାରା ଉତ୍ତେଜନାକୁ ପ୍ରତିରୋଧ କରିବାର ଭାବନା ଆଣନ୍ତି, ଯାହା ଆମକୁ ଯଥାର୍ଥ ପ୍ରମାଣିତ କରିବା ପାଇଁ ପ୍ରବର୍ତ୍ତାଏ । ଜଣେ ଶିଶୁ ପକ୍ଷରେ ଆବେଗ ଏବଂ ଉତ୍ତେଜନା ଠିକ୍ ହୋଇପାରେ, କିନ୍ତୁ ଜଣେ ପୁରୁଷ ବା ସ୍ତ୍ରୀଙ୍କ ପକ୍ଷରେ ଏହା ଏକ ଧ୍ୱଂସକାରୀ ସ୍ୱଭାବ ହୋଇଥାଏ – ଜଣେ ଆବେଗିତ ଏବଂ ଉତ୍ତେଜିତ ବୟସ୍କ ସବୁବେଳେ ଜଣେ ନଷ୍ଟପ୍ରାପ୍ତ ବ୍ୟକ୍ତି ରୂପେ ପରିଚିତ ହୁଅନ୍ତି । ଉତ୍ତେଜନା ଶୃଙ୍ଖଳା ମାଧ୍ୟମରେ ଅନ୍ତର୍ଜ୍ଞାନରେ ପରିଣତ ହେବା ଆବଶ୍ୟକ ।

ଶିଷ୍ୟତ୍ୱ ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କ ଅଲୌକିକ ଅନୁଗ୍ରହ ଦ୍ୱାରା ପ୍ରତିଷ୍ଠିତ ହୁଏ । ଆବେଗିକ ଉତ୍ତେଜନା ସହ ଜଣେ ବ୍ୟକ୍ତିଙ୍କ ପକ୍ଷରେ ପାଣି ଉପରେ ଚାଲିବା ସହଜ ହୋଇପାରେ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟ ରୂପେ ଶୁଖିଲା ଭୂଇଁ ଉପରେ ଚାଲିବା ଏକ ଅଲଗା ବିଷୟ । ପିତର ଯୀଶୁଙ୍କ ପାଖକୁ ଯିବା ପାଇଁ ପାଣି ଉପରେ ଚାଲିଲେ କିନ୍ତୁ ଶୁଖିଲା ଭୂଇଁରେ ‘‘ଖଣ୍ଡେ ଦୂରରେ ରହି ତାଙ୍କ ପଛେ ପଛେ ଗଲେ’’ (ମାର୍କ ୧୪:୫୪) । ସଂକଟର ସମ୍ମୁଖୀନ ହେବା ପାଇଁ ଆମେ ଈଶ୍ୱରଙ୍କ ଅନୁଗ୍ରହ ଆବଶ୍ୟକ କରି ନ ଥାଉ, କାରଣ ଚାପ ଏବଂ ସମସ୍ୟାକୁ ଅତିକ୍ରମ କରିବା ପାଇଁ ମନୁଷ୍ୟର ଅହଙ୍କାର ପୂର୍ଣ୍ଣ ସ୍ୱଭାବ ଯଥେଷ୍ଟ ହୋଇଥାଏ । କିନ୍ତୁ ଜଣେ ପବିତ୍ର ଲୋକ ରୂପେ ଦୈନନ୍ଦିନ ଜୀବନର ପ୍ରତି ମୁହୂର୍ତ୍ତରେ ଏବଂ ଜୀବନର ନୀରସତା ମଧ୍ୟରେ ଯୀଶୁଙ୍କର ଜଣେ ସାଧାରଣ, ଅଜ୍ଞାନ ଏବଂ ଉପେକ୍ଷିତ ଶିଷ୍ୟ ରୂପେ ବଞ୍ଚିବା ପାଇଁ ପ୍ରତିଦିନ ଚବିଶ୍ ଘଣ୍ଟା ଈଶ୍ୱରଙ୍କ ଅଲୌକିକ ଅନୁଗ୍ରହ ନିତାନ୍ତ ଆବଶ୍ୟକ । ଈଶ୍ୱରଙ୍କ ପାଇଁ ଅସାଧାରଣ କାର୍ଯ୍ୟ କରିବାର ପ୍ରବୃତ୍ତି ଆମ ମଧ୍ୟରେ ବଦ୍ଧମୂଳ ହୋଇ ରହିଛି– କିନ୍ତୁ ଆମେ ତାହା କରି ନ ଥାଉ । ଜୀବନର ସାଧାରଣ ଅବସ୍ଥାରେ ଆମକୁ ଅସାଧାରଣ ହେବାକୁ ପଡ଼ିବ– ସାଧାରଣ ରାସ୍ତାରେ ସାଧାରଣ ଲୋକଙ୍କ ମଧ୍ୟରେ ପବିତ୍ର ହେବାକୁ ପଡ଼ିବ– ଏବଂ ପାଞ୍ଚ ମିନିଟ୍ ମଧ୍ୟରେ ଏସବୁ ଶିକ୍ଷା କରି ହୁଏ ନାହିଁ ।

**ଅକ୍ଟୋବର ୨୨**

# ଆତ୍ମାଙ୍କର ସାକ୍ଷ୍ୟ

**ସ୍ୱୟଂ ସେହି ଆତ୍ମା ଆମ ଆତ୍ମା ସହିତ ସାକ୍ଷ୍ୟ ଦିଅନ୍ତି ।**

**ରୋମୀୟ ୮:୧୬**

ଆମେ ଈଶ୍ୱରଙ୍କ ନିକଟକୁ ଆସିବା ସମୟରେ ତାଙ୍କ ସହିତ ମୂଲେଇବା ମନୋଭାବ ରଖିଥିବାରୁ ବିପଦର ସମ୍ମୁଖୀନ ହେଉ– ଈଶ୍ୱର ଆମକୁ ଯାହା କରିବା ପାଇଁ କହନ୍ତି, ତାହା କରିବା ପୂର୍ବରୁ ଆତ୍ମାଙ୍କର ସାକ୍ଷ୍ୟ ଚାହିଁଥାଉ ।

ଈଶ୍ୱର କାହିଁକି ଆପଣଙ୍କଠାରେ ନିଜକୁ ପ୍ରକାଶ କରନ୍ତି ନାହିଁ ? ସେ କରିପାରିବେ ନାହିଁ । ସେ ଯେ କରିବେ ନାହିଁ, ତା' ନୁହେଁ, କିନ୍ତୁ ସେ କରିପାରିବେ ନାହିଁ । କାରଣ ଆପଣ ତାହାଙ୍କଠାରେ ନିଜକୁ ସଂପୂର୍ଣ୍ଣ ସମର୍ପଣ ନ କରିବା ପର୍ଯ୍ୟନ୍ତ ଆପଣ ତାଙ୍କର ପଥକୁ ଅବରୋଧ କରୁଛନ୍ତି । ତଥାପି ଆପଣ ଯେତେବେଳେ ସମର୍ପଣ କରନ୍ତି, ଈଶ୍ୱର ନିଜ ବିଷୟରେ ସାକ୍ଷ୍ୟ ଦିଅନ୍ତି– ସେ ଆପଣଙ୍କୁ ସାକ୍ଷ୍ୟ ପ୍ରଦାନ କରନ୍ତି ନାହିଁ, କିନ୍ତୁ ତତ୍କ୍ଷଣାତ୍ ଆପଣଙ୍କ ମଧ୍ୟରେ ସେ ନିଜ ସ୍ୱଭାବର ସାକ୍ଷ୍ୟ ପ୍ରଦାନ କରନ୍ତି । ଯଦି ଆପଣ ବାଧ୍ୟତାରୁ ଆଗତ ବାସ୍ତବତା ଏବଂ ସତ୍ୟର ଉପଲବ୍ଧି ପୂର୍ବରୁ ଈଶ୍ୱରଙ୍କ ସାକ୍ଷ୍ୟ ପାଇଛନ୍ତି, ତେବେ ତାହାର ଫଳ କେବଳ ଭାବପ୍ରବଣତା ହେବ । କିନ୍ତୁ ଆପଣ ଯେତେବେଳେ ମୁକ୍ତି କାର୍ଯ୍ୟକୁ ଭିତ୍ତି କରି କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ସହିତ ତର୍କ କରିବାର ଅଭକ୍ତି ସୂଚକ ମନୋଭାବ ପରିତ୍ୟାଗ କରନ୍ତି, ଈଶ୍ୱର ସଂଗେ ସଂଗେ ତାହାଙ୍କର ସାକ୍ଷ୍ୟ ଦିଅନ୍ତି । ଯେଉଁ ମୁହୂର୍ତ୍ତରେ ଆପଣ ବିତର୍କ ମନୋଭାବକୁ ପରିହାର କରନ୍ତି, ଈଶ୍ୱର ସାଧନ କରିଥିବା ତାଙ୍କର କାର୍ଯ୍ୟ ବିଷୟରେ ସାକ୍ଷ୍ୟ ଦିଅନ୍ତି ଏବଂ ଆପଣ ଅପମାନ ସହ ଆଚମ୍ବିତ ହୁଅନ୍ତି ଯେ, ଆପଣ ଦୀର୍ଘ ସମୟ ଧରି ଈଶ୍ୱରଙ୍କୁ କିଭଳି ଅଟକାଇ ରଖିଥିଲେ । ଈଶ୍ୱର ଆପଣଙ୍କୁ ପାପରୁ ଉଦ୍ଧାର କରିବେ କି ନାହିଁ, ସେ ବିଷୟରେ ଯଦି ଆପଣ ତର୍କ କରୁଛନ୍ତି, ତେବେ ତାଙ୍କୁ ତାଙ୍କର କାର୍ଯ୍ୟ କରିବାକୁ ଦିଅନ୍ତୁ, କିମ୍ବା ତାଙ୍କୁ କୁହନ୍ତୁ ଯେ, ସେ ତାହା କରିପାରିବେ ନାହିଁ । ତାଙ୍କ ଆଗରେ ଅନ୍ୟ ଲୋକଙ୍କ ବିଷୟରେ ଉଲ୍ଲେଖ କରନ୍ତୁ ନାହିଁ । କେବଳ ମାଥିଉ ୧୧:୨୮ର ବାଧ୍ୟ ହୁଅନ୍ତୁ– ''ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ ।'' ଆପଣ ଯଦି ପରିଶ୍ରାନ୍ତ, ତେବେ ଆସନ୍ତୁ, ଆପଣ ଯଦି ଜାଣନ୍ତି ଯେ ଆପଣ ମନ୍ଦ, ତେବେ ମାଗନ୍ତୁ (ଲୂକ ୧୧:୯–୧୩ ଦେଖନ୍ତୁ) ।

ଈଶ୍ୱରଙ୍କ ଆତ୍ମା ଆମ ପ୍ରଭୁଙ୍କର ମୁକ୍ତି କାର୍ଯ୍ୟ ବିଷୟରେ ସାକ୍ଷ୍ୟ ଦିଅନ୍ତି, ଆଉ କୌଣସି ବିଷୟରେ ନୁହେଁ । ସେ ଆମର ତର୍କ ବିଷୟରେ ସାକ୍ଷ୍ୟ ଦିଅନ୍ତି ନାହିଁ । ଆମେ ନିଜର ବ୍ୟାବହାରିକ ବୁଦ୍ଧିର ନିଷ୍ପତ୍ତିରୁ ଆଗତ ସରଳତାକୁ ପବିତ୍ର ଆତ୍ମାଙ୍କ ସାକ୍ଷ୍ୟ ଭାବି ଭୁଲ୍ କରିଥାଉ, କିନ୍ତୁ ଆତ୍ମା କେବଳ ନିଜର ସ୍ୱଭାବ ଏବଂ ମୁକ୍ତି କାର୍ଯ୍ୟ ବିଷୟରେ ସାକ୍ଷ୍ୟ ଦିଅନ୍ତି । ଆମେ ଯଦି ତାଙ୍କୁ ନିଜର ତର୍କ ଶକ୍ତି ବିଷୟରେ ସାକ୍ଷ୍ୟ ଦେବାର ପ୍ରୟାସ କରୁ, ତେବେ ଆମେ ଅନ୍ଧକାର ଓ ଅନିଶ୍ଚିତତା ମଧ୍ୟରେ ଅଛୁ । ଏ ସବୁକୁ ଉଠାଇ ଫିଙ୍ଗି ଦିଅନ୍ତୁ, ତାଙ୍କଠାରେ ଭରସା ରଖନ୍ତୁ, ଆଉ ସେ ଆପଣଙ୍କୁ ଆତ୍ମାଙ୍କର ସାକ୍ଷ୍ୟ ପ୍ରଦାନ କରିବେ ।

# ପୁରାତନ ଜୀବନର କିଛି ନାହିଁ

**ଯଦି କେହି ଖ୍ରୀଷ୍ଟଙ୍କଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି, ପୁରାତନ ବିଷୟ ସବୁ ଲୋପ ପାଇଅଛି, ଦେଖ ନୂତନ ବିଷୟ ସବୁ ହୋଇଅଛି ।**

**୨ କରିନ୍ଥୀ ୫:୧୭**

ଆମର ପ୍ରଭୁ ଆମର ପୂର୍ବ ନିର୍ଦ୍ଧାରିତ ଧାରଣା ସବୁକୁ ସହିପାରନ୍ତି ନାହିଁ – ସେ ତାହାର ପ୍ରତ୍ୟକ୍ଷ ବିରୋଧ କରନ୍ତି ଏବଂ ସେସବୁକୁ ମାରି ଦିଅନ୍ତି । ଆମେ ଭାବିଥାଉ ଆମର କେତେକ ପୂର୍ବ ନିର୍ଦ୍ଧାରିତ ନିର୍ଦ୍ଦିଷ୍ଟ ଧାରଣା ପ୍ରତି ଈଶ୍ୱରଙ୍କ ବିଶେଷ ଆଗ୍ରହ ଅଛି ଏବଂ ଆମେ ନିଶ୍ଚିତ ହୋଇଥାଉ ଯେ, ଈଶ୍ୱର ଆମ ପ୍ରତି ଅନ୍ୟମାନଙ୍କ ଭଳି ବ୍ୟବହାର କରିବେ ନାହିଁ । ‘‘ଈଶ୍ୱର ଅନ୍ୟମାନଙ୍କ ସହିତ କଠୋର ବ୍ୟବହାର କରିବେ, କିନ୍ତୁ ସେ ଅବଶ୍ୟ ଜାଣନ୍ତି ଯେ, ମୋର ପୂର୍ବ ନିର୍ଦ୍ଧାରିତ ଧାରଣା ସବୁ ଠିକ୍ ।’’ କିନ୍ତୁ ଆମେ ଶିକ୍ଷା କରିବା ଉଚିତ୍ ଯେ, ଈଶ୍ୱର ପୁରାତନ ଜୀବନର କୌଣସି ବିଷୟ ଗ୍ରହଣ କରନ୍ତି ନାହିଁ । ଆମର ପୂର୍ବ ନିର୍ଦ୍ଧାରିତ ଧାରଣାର ପକ୍ଷ ସମର୍ଥନ କରିବା ପରିବର୍ତ୍ତେ ସେ ଉଦ୍ଦେଶ୍ୟମୂଳକ ଭାବେ ସେସବୁକୁ ଆମ ମଧ୍ୟରୁ ବାହାର କରିଦିଅନ୍ତି । ଏହା ଆମ ନୈତିକ ଶିକ୍ଷାର ଅଂଶବିଶେଷ ହୁଏ ଯେ, ଆମେ ତାଙ୍କର ଦୟା ହେତୁ ଆମର ପୂର୍ବ ନିର୍ଦ୍ଧାରିତ ଧାରଣା କିପରି ମରିଯାଏ, ତାହା ଦେଖୁ ଏବଂ ଈଶ୍ୱର କିପରି ସେହି କାର୍ଯ୍ୟ କରନ୍ତି, ତାହା ମଧ୍ୟ ଦେଖିଥାଉ । ଆମେ ଈଶ୍ୱରଙ୍କ ନିକଟକୁ ଯାହା ଆଣିଥାଉ, ସେଥିପ୍ରତି ତାଙ୍କର କୌଣସି ଆଦର ନ ଥାଏ । ଈଶ୍ୱର ଆମଠାରୁ କେବଳ ଗୋଟିଏ ବିଷୟ ଚାହାନ୍ତି– ତା’ ହେଉଛି, ଆମର ନିଃସର୍ତ୍ତ ଆତ୍ମସମର୍ପଣ ।

ଆମର ନୂତନ ଜନ୍ମ ପରେ ପବିତ୍ରଆତ୍ମା ଆମ ମଧ୍ୟରେ ତାଙ୍କର ନୂତନ ସୃଷ୍ଟିର କାର୍ଯ୍ୟ ଆରମ୍ଭ କରନ୍ତି ଏବଂ ସମୟ ଆସିବ, ଯେତେବେଳେ ପୁରାତନ ଜୀବନର କୌଣସି ସତ୍ତା ରହିବ ନାହିଁ । ଆମର ପୁରାତନ ମଳିନ ଦୃଷ୍ଟିଭଂଗୀ ଆମର ମନୋବୃତ୍ତି ସହ ଅପସରି ଯାଏ ଏବଂ ‘‘ସବୁ ବିଷୟ ଈଶ୍ୱରଙ୍କର ହୋଇଯାଏ’’ (୫:୧୮) । ଆମେ କିପରି ଏଭଳି ଜୀବନ ପାଇବା, ଯେଉଁଥିରେ କୌଣସି ଲାଳସା ନାହିଁ, କୌଣସି ସ୍ୱାର୍ଥ ମନୋଭାବ ନାହିଁ ଏବଂ ଯାହା ଅନ୍ୟମାନଙ୍କ ଉପହାସ ପ୍ରତି ସମ୍ବେଦନଶୀଳ ନୁହେଁ ? ଆମେ କିଭଳି ସେପରି ପ୍ରେମ ପାଇବା, ‘‘ଯାହା ଦୟାଳୁ, ବିରକ୍ତ ହୁଏ ନାହିଁ, ଅପକାର ସ୍ମରଣରେ ଆଣେ ନାହିଁ ?’’ (୧ କରିନ୍ଥୀ ୧୩:୪–୫) । ଏହାର ଏକମାତ୍ର ଉପାୟ ହେଉଛି, ପୁରାତନ ଜୀବନର କୌଣସି ବିଷୟକୁ ସ୍ଥାନ ନ ଦେବା ଏବଂ ଈଶ୍ୱରଙ୍କ ଆଶୀର୍ବାଦ ପ୍ରତି ନୁହେଁ, ମାତ୍ର ସ୍ୱୟଂ ଈଶ୍ୱରଙ୍କ ପ୍ରତି ଆକାଂକ୍ଷିତ ହେବା । ଆମେ କ’ଣ ଏଭଳି ଅବସ୍ଥାକୁ ଆସିଛୁ ଯେ, ଈଶ୍ୱର ଆମର ଆଶୀର୍ବାଦକୁ ଫେରାଇ ନେଲେ ମଧ୍ୟ ତାଙ୍କ ପ୍ରତି ଆମର ଭରସା କୌଣସି ଉପାୟରେ ପ୍ରଭାବିତ ହେବ ନାହିଁ ? ପ୍ରକୃତରେ ଆମେ ଯଦି ଈଶ୍ୱରଙ୍କୁ କାର୍ଯ୍ୟ କରୁଥିବା ଅବସ୍ଥାରେ ଦେଖୁ, ତେବେ ଯାହା ସବୁ ଘଟୁଛି, ସେଥିପାଇଁ ଆମେ ଚିନ୍ତିତ ହେବା ନାହିଁ, କାରଣ ଆମେ ସ୍ୱର୍ଗସ୍ଥ ପିତାଙ୍କ ଉପରେ ଭରସା ରଖିଛୁ, ଯାହାଙ୍କୁ ଜଗତ ଦେଖିପାରେ ନାହିଁ ।

**ଅକ୍ଟୋବର ୨୪**

# ଉପଯୁକ୍ତ ଦୃଷ୍ଟିକୋଣ

**କିନ୍ତୁ ଈଶ୍ୱରଙ୍କ ସ୍ତୁତିବାଦ ହେଉ,**
**ସେ ଖ୍ରୀଷ୍ଟଙ୍କ ହେତୁ ଆମକୁ ସର୍ବଦା ବିଜୟ ଯାତ୍ରାରେ କଢ଼ାଇ ନିଅନ୍ତି ।**
**୨ କରନ୍ଥୀ ୨:୧୪**

ଈଶ୍ୱରଙ୍କ ସେବକଙ୍କର ଉପଯୁକ୍ତ ଦୃଷ୍ଟିକୋଣ ସର୍ବୋଚ୍ଚ ବିଷୟର ନିକଟତର ହେବା ଉଚିତ୍ ନୁହେଁ ମାତ୍ର ସର୍ବୋଚ୍ଚ ହେବା ଆବଶ୍ୟକ । ଈଶ୍ୱରଙ୍କ ଦୃଷ୍ଟିକୋଣକୁ ସ୍ଫୁର୍ତ୍ତିର ସହ ବଜାୟ ରଖିବାକୁ ଯତ୍ନ କରନ୍ତୁ ଏବଂ ମନେ ରଖନ୍ତୁ ପ୍ରତିଦିନ ଧୀରେ ଧୀରେ ଏହା କାର୍ଯ୍ୟକାରୀ ହୁଏ । ଏକ ସୀମିତ ସ୍ତରରେ ଚିନ୍ତା କରନ୍ତୁ ନାହିଁ । କୌଣସି ବାହ୍ୟ ଶକ୍ତି ଉପଯୁକ୍ତ ଦୃଷ୍ଟିକୋଣକୁ ସ୍ପର୍ଶ କରିପାରେ ନାହିଁ ।

ଯେଉଁ ଦୃଷ୍ଟିକୋଣକୁ ବଜାୟ ରଖିବାକୁ ହେବ, ତାହା ଏହି ଯେ, ଏଠାରେ ଆମେ ଗୋଟିଏ ଉଦ୍ଦେଶ୍ୟରେ ଅଛୁ– ଖ୍ରୀଷ୍ଟଙ୍କ ବିଜୟ ଶୋଭାଯାତ୍ରାରେ ଅଂଶଗ୍ରହଣକାରୀ ବନ୍ଦୀ ହେବା ପାଇଁ । ଆମେ ଈଶ୍ୱରଙ୍କ ପ୍ରଦର୍ଶିତ ଝରକାର ସଜ୍ଜିତ ବସ୍ତୁ ନୋହୁଁ – ଆମେ ଏଠାରେ କେବଳ ଗୋଟିଏ ବିଷୟ ପ୍ରଦର୍ଶନ କରିବା ପାଇଁ ଅଛୁ – ‘‘ଆମ ଜୀବନକୁ ଖ୍ରୀଷ୍ଟଙ୍କ ବାଧ୍ୟତା ପ୍ରତି ବନ୍ଦୀ କରି ରଖିବା ପାଇଁ’’ (୨ କରିନ୍ଥୀ ୧୦:୫) । ଅନ୍ୟ ଦୃଷ୍ଟିକୋଣସବୁ କେତେ ଛୋଟ ! ଉଦାହରଣ ରୂପେ ଯେଉଁମାନେ କହନ୍ତି, ‘‘ମୁଁ ଏକାକୀ ଛିଡ଼ା ହୋଇ ଯୀଶୁଙ୍କ ପାଇଁ ଯୁଦ୍ଧ କରୁଛି, କିମ୍ବା ‘‘ମୋତେ ଖ୍ରୀଷ୍ଟଙ୍କ ପକ୍ଷ ସମର୍ଥନ କରି ଏହି ଦୁର୍ଗକୁ ରକ୍ଷା କରିବାକୁ ହେବ ।’’ କିନ୍ତୁ ପାଉଲ ଏହିପରି କହିଲେ, ‘‘ମୁଁ ଜଣେ ବିଜୟୀଙ୍କର ଶୋଭା ଯାତ୍ରାରେ ଅଛି, ଯେତେ ଅସୁବିଧା ଆସିଲେ ଚିନ୍ତା ନାହିଁ । ମୁଁ ସବୁବେଳେ ବିଜୟ ଲକ୍ଷ୍ୟ ନେଇ ଆଗେଇ ଚାଲିଛି ।’’ ଆମ ମଧ୍ୟରେ ଏହି ଚିନ୍ତାଧାରା ବ୍ୟାବହାରିକ ରୂପେ କାର୍ଯ୍ୟ କରୁଛି କି ? ପାଉଲଙ୍କ ଆନନ୍ଦର ଗୁପ୍ତ ରହସ୍ୟ ଥିଲା ଯେ, ଈଶ୍ୱର ତାଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଏକ ନିର୍ଲଜ୍ଜ ବିଦ୍ରୋହୀ ରୂପେ ବ୍ୟବହାର କରି ବନ୍ଦୀ କରିଦେଲେ ଏବଂ ତାହାହିଁ ତାଙ୍କର ଉଦ୍ଦେଶ୍ୟରେ ପରିଣତ ହେଲା । ପ୍ରଭୁଙ୍କର ବନ୍ଦୀ ହେବା ଯୋଗୁ ପାଉଲ ଅଶେଷ ଆନନ୍ଦିତ ଥିଲେ, ଏହାଛଡ଼ା ସ୍ୱର୍ଗ ବା ପୃଥିବୀରେ ତାଙ୍କର ଆଉ କୌଣସି ଆଗ୍ରହ ନ ଥିଲା । ଜଣେ ଖ୍ରୀଷ୍ଟବିଶ୍ୱାସୀଙ୍କ ପାଇଁ ବିଜୟ ଲାଭ ବିଷୟ କହିବା ଏକ ଲଜ୍ଜାକର ବିଷୟ । ଆମେ ସଂପୂର୍ଣ୍ଣତା ସହ ବିଜୟୀଙ୍କ ସହିତ ଏପରି ଏକୀଭୂତ ହୋଇଯିବା ଯେ, ସବୁବେଳେ ବିଜୟ ତାଙ୍କର ହେବ ଏବଂ ‘‘ଆମେ ତାହାଙ୍କ ଦ୍ୱାରା ଏ ସମସ୍ତ ବିଷୟ ଉପରେ ସଂପୂର୍ଣ୍ଣ ରୂପେ ବିଜୟୀ ହୋଇଛୁ’’ (ରୋମୀ ୮:୩୨) ।

ଆମେ ହେଉଛୁ, ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଖ୍ରୀଷ୍ଟଙ୍କର ସୁବାସ ସ୍ୱରୂପ’’ (୨ କରିନ୍ଥୀ ୨:୧୫) । ଆମେ ଯୀଶୁଙ୍କ ମଧୁର ସୁବାସରେ ବେଷ୍ଟିତ, ଆମେ ଯେଉଁ ସ୍ଥାନକୁ ଯାଉ, ସେଠାରେ ଈଶ୍ୱରଙ୍କ ପାଇଁ ଅଦ୍ଭୁତ ରୂପେ ସତେଜ ହୋଇଯାଉ ।

## ଅକ୍ଟୋବର ୨୫

# ଈଶ୍ୱରଙ୍କ ଉଦ୍ଦେଶ୍ୟର ଅଧୀନସ୍ଥ ହେବା

### ମୁଁ ଯେପରି ଯେ କୌଣସି ଉପାୟରେ କେତେକଙ୍କୁ ରକ୍ଷା କରି ପାରିବି, ଏଥିପାଇଁ ସବୁ ମନୁଷ୍ୟ ନିକଟରେ ସବୁ କିଛି ହୋଇଛି ।

### ୧ କରିନ୍ଥୀ ୯:୨୨

ଜଣେ ଖ୍ରୀଷ୍ଟୀୟ କାର୍ଯ୍ୟକାରୀଙ୍କୁ ଶିକ୍ଷା କରିବାକୁ ହେବ ଯେ, ସାମାନ୍ୟ ଏବଂ ମୂଲ୍ୟହୀନ ବସ୍ତୁଗୁଡ଼ିକ ମଧ୍ୟରେ ସେ କିପରି ଈଶ୍ୱରଙ୍କ ଦୃଷ୍ଟିରେ ମହାନ୍ ଏବଂ ମୂଲ୍ୟବାନ ହୋଇ ପାରିବେ ? ଅଭିଯୋଗ ପୂର୍ବକ ଏହା କହନ୍ତୁ ନାହିଁ, ''ମୁଁ ଯଦି ଅନ୍ୟ କେଉଁଠାରେ ଥା'ନ୍ତି !'' ଈଶ୍ୱରଙ୍କ ସବୁ ଲୋକମାନେ ସାଧାରଣ ଲୋକ ଏବଂ ଈଶ୍ୱର ସେମାନଙ୍କୁ ଯେଉଁ ଉଦ୍ଦେଶ୍ୟ ଦେଇଛନ୍ତି, ତଦ୍ଦ୍ୱାରା ସେମାନେ ଅସାଧାରଣ ହୋଇଛନ୍ତି । ବୌଦ୍ଧିକ ରୂପେ ଆମ ମନରେ ସଠିକ୍ ଉଦ୍ଦେଶ୍ୟ ଏବଂ ହୃଦୟରେ ପ୍ରେମ ନ ଥିଲେ, ଅତି ଶୀଘ୍ର ଆମେ ଈଶ୍ୱରଙ୍କ ବ୍ୟବହାର ଯୋଗ୍ୟ ହେବା ଉଦ୍ଦେଶ୍ୟ ମଧ୍ୟରୁ ଅପସାରିତ ହେବା । ଆମେ ନିଜ ଇଚ୍ଛାରେ ଈଶ୍ୱରଙ୍କ କାର୍ଯ୍ୟ କରୁନାହୁଁ । ଅନେକ ଲୋକ ନିଜ ଇଚ୍ଛାରେ କାର୍ଯ୍ୟକାରୀ ହୁଅନ୍ତି କିନ୍ତୁ ସେମାନଙ୍କଠାରେ ଈଶ୍ୱରଙ୍କ ସର୍ବଶକ୍ତିମାନ ଅନୁଗ୍ରହର ଉଦ୍ଦେଶ୍ୟ ଏବଂ ତାହାଙ୍କର ଶକ୍ତିଯୁକ୍ତ ବାକ୍ୟ ନ ଥାଏ । ପାଉଲଙ୍କର ସମସ୍ତ ହୃଦୟ, ମନ ଏବଂ ଆତ୍ମା ସେହି ମହାନ୍ ଉଦ୍ଦେଶ୍ୟ ପ୍ରତି ଗଭୀର ଭାବେ ଅନୁରକ୍ତ ଥିଲା, ଯାହା ଯୀଶୁ ଖ୍ରୀଷ୍ଟ ସଂପନ୍ନ କରିବାକୁ ଆସିଥିଲେ ଏବଂ ପାଉଲ ସେହି ଗୋଟିଏ ବିଷୟରୁ ଆଦୌ ଲକ୍ଷ୍ୟଚ୍ୟୁତ ହୋଇ ନ ଥିଲେ । ଅବିରତ ଆମେ ଗୋଟିଏ ବିଷୟ ପ୍ରତି ଆମର ଧ୍ୟାନକୁ କେନ୍ଦ୍ରିତ କରିବା– ''କ୍ରୁଶରେ ହତ ଯୀଶୁଖ୍ରୀଷ୍ଟ'' (୧ କରିନ୍ଥୀ ୨:୨) ।

''ମୁଁ ତୁମମାନଙ୍କୁ ମନୋନୀତ କରିଛି'' (ଯୋହନ ୧୫:୧୬) । ଆପଣଙ୍କୁ ସ୍ମରଣ କରାଇବା ପାଇଁ ଏହି ଶବ୍ଦଗୁଡ଼ିକୁ ଆପଣଙ୍କ ଧର୍ମତତ୍ତ୍ୱରେ ସାଇତି ରଖନ୍ତୁ । ଆପଣ ଈଶ୍ୱରଙ୍କୁ ପାଇ ନାହାନ୍ତି, ସେ ଆପଣଙ୍କୁ ପାଇଛନ୍ତି । ଈଶ୍ୱର ମୋଡ଼ିବା, ଭାଂଗିବା, ଆକାର ଦେବା ପ୍ରଣାଳୀରେ ନିଜ ଇଚ୍ଛାନୁସାରେ କାର୍ଯ୍ୟରେ ଲାଗିଛନ୍ତି । କାହିଁକି ସେ ଏହା କରୁଛନ୍ତି ? ସେ ଗୋଟିଏ ଉଦ୍ଦେଶ୍ୟ ନେଇ ଏହା କରୁଛନ୍ତି– ଯେପରି ସେ କହିପାରିବେ, ''ଏ ମୋର ପୁରୁଷ, ଏ ମୋର ନାରୀ ।'' ଆମକୁ ଈଶ୍ୱରଙ୍କ ହାତରେ ରହିବାକୁ ହେବ, ଯେପରି ସେ ଅନ୍ୟମାନଙ୍କୁ ପ୍ରସ୍ତର ଅର୍ଥାତ୍ ଯୀଶୁଖ୍ରୀଷ୍ଟଙ୍କ ଉପରେ ରଖିବେ, ଯେପରି ସେ ଆମକୁ ରଖିଛନ୍ତି ।

କାର୍ଯ୍ୟକାରୀ ହେବା ପାଇଁ ମନୋନୟନ କରନ୍ତୁ ନାହିଁ, କିନ୍ତୁ ଥରେ ଈଶ୍ୱର ଆପଣଙ୍କୁ ଆହ୍ୱାନ କରିବା ପରେ ଆପଣ ଯଦି ''ଡାହାଣ କି ବାମକୁ ଯାଆନ୍ତି'' ତେବେ ଆପଣଙ୍କୁ ଧିକ (୨ ବିବରଣ ୨୮:୧୪) । ଈଶ୍ୱର ଆପଣଙ୍କ ପ୍ରତି ତାହା କରିବେ, ଯାହା ସେ ଆପଣଙ୍କୁ ଆହ୍ୱାନ କରିବା ପୂର୍ବରୁ କେବେ କରି ନ ଥିଲେ ଏବଂ ସେ ଆପଣଙ୍କ ପ୍ରତି ତାହା କରିବେ, ଯାହା ସେ ଅନ୍ୟମାନଙ୍କ ପ୍ରତି କରୁ ନାହାଁନ୍ତି ।

ଈଶ୍ୱରଙ୍କୁ ତାହାଙ୍କ ଇଚ୍ଛା ପୂରଣ କରିବାକୁ ଦିଅନ୍ତୁ ।

## ଅକ୍ଟୋବର ୨୬

# ମିଶେନେରୀ କହିଲେ କ'ଣ ବୁଝାଯାଏ ?

**ଯୀଶୁ ପୁନର୍ବାର କହିଲେ... ପିତା ଯେପରି ମୋତେ ପଠାଇଛନ୍ତି, ମୁଁ ସେହିପରି ତୁମମାନଙ୍କୁ ପଠାଉଅଛି ।**

**ଯୋହନ ୨୦:୨୧**

ଜଣେ ମିଶେନେରୀ ହେଉଛନ୍ତି ସେହି ବ୍ୟକ୍ତି, ଯିଏ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରେରିତ, ଯେପରି ସେ ପିତାଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ । ଦୃଢ଼ ନିୟନ୍ତ୍ରଣକାରୀ ଶକ୍ତି ଲୋକଙ୍କର ଆବଶ୍ୟକତା ନୁହେଁ, ମାତ୍ର ଯୀଶୁଙ୍କର ଆଦେଶ । ଈଶ୍ୱରଙ୍କ ସେବାରେ ଆମର ପ୍ରେରଣାର ଉତ୍ସ ଆମ ପଛରେ ଥାଏ, ଆମ ଆଗରେ ନ ଥାଏ । ଆଜିର ମନୋଭାବ ହେଉଛି, ପ୍ରେରଣାକୁ ଆଗରେ ରଖିବା– ସବୁ ବିଷୟକୁ ଏକାଠି କରି ଆମ ଆଗରେ ରଖିବା ଏବଂ ଏହାକୁ ସଫଳତା ସଂପର୍କିତ ଆମର ସଂଜ୍ଞା ସହିତ ନିଶ୍ଚିତ କରିବା । କିନ୍ତୁ ନୂତନ ନିୟମରେ ଏହି ପ୍ରେରଣାକୁ ଅତି ଯତ୍ନରେ ରଖାଯାଇଛି ଏବଂ ସେ ହେଉଛନ୍ତି ସ୍ୱୟଂ ଯୀଶୁଖ୍ରୀଷ୍ଟ । ଲକ୍ଷ୍ୟ ହେଉଛି, ତାହାଙ୍କ ପ୍ରତି ସତ୍ୟନିଷ୍ଠ ହେବା– ତାଙ୍କର ଯୋଜନାକୁ ସଂପୂର୍ଣ୍ଣ କରିବା ।

ପ୍ରଭୁ ଯୀଶୁ ଏବଂ ତାହାଙ୍କର ଦୃଷ୍ଟିକୋଣ ପ୍ରତି ବ୍ୟକ୍ତିଗତ ଅନୁରକ୍ତି ସେହି ଏକମାତ୍ର ବିଷୟ ଯାହାକୁ ଅଣଦେଖା କରିହେବ ନାହିଁ । ମିଶେନେରୀ କାର୍ଯ୍ୟରେ ବଡ଼ ବିପଦ ହେଉଛି, ଲୋକମାନଙ୍କ ଆବଶ୍ୟକତା ଈଶ୍ୱରଙ୍କ ସ୍ଥାନ ନେଇଥାଏ ଏବଂ ଏହା ଏପରି ଅବସ୍ଥାକୁ ଆସେ, ଯେତେବେଳେ ସେହି ଆବଶ୍ୟକତା ପାଇଁ ମାନବୀୟ ସହାନୁଭୂତି ଯୀଶୁଙ୍କ ଦ୍ୱାରା ପ୍ରେରିତ ହେବାର ଅର୍ଥକୁ ସଂପୂର୍ଣ୍ଣ ଘୋଡ଼ାଇ ଦିଏ । ଆବଶ୍ୟକତା ଏତେ ବ୍ୟାପକ ଏବଂ ପରିସ୍ଥିତି ଏତେ କଠିନ ହୁଏ ଯେ, ମନର ଶକ୍ତି ଟଳମଳ ହୁଏ ଏବଂ ବିଫଳ ହୁଏ । ଆମେ ଭୁଲିଯାଉ ଯେ, ସବୁ ମିଶେନେରୀ କାର୍ଯ୍ୟର ଅନ୍ତରାଳରେ ଥିବା ଏକ ବିଶେଷ କାରଣ ମୁଖ୍ୟତଃ ଲୋକଙ୍କର ଉନ୍ନତ ଅବସ୍ଥା, ସେମାନଙ୍କ ଶିକ୍ଷା ଏବଂ ସେମାନଙ୍କର ଆବଶ୍ୟକୀୟ ବସ୍ତୁ ନୁହେଁ, ମାତ୍ର ଏହାଠାରୁ ବଳି ଯୀଶୁଖ୍ରୀଷ୍ଟଙ୍କର ଏହି ମୁଖ୍ୟ ଆଦେଶ– ''ଯାଅ, ସବୁ ଜାତିର ଲୋକଙ୍କୁ ଶିଷ୍ୟ କର'' (ମାଥିଉ ୨୮:୧୯) ।

ଈଶ୍ୱରଙ୍କ ଭକ୍ତ ଭକ୍ତାମାନଙ୍କ ଜୀବନୀ ପର୍ଯ୍ୟାଲୋଚନା କରି ଆମେ ସ୍ୱତଃ ପ୍ରବୃତ୍ତ ହୋଇ କହିଥାଉ, ''ସେମାନଙ୍କର କି ଆଶ୍ଚର୍ଯ୍ୟ ଜ୍ଞାନ ଓ ବୁଦ୍ଧି ଥିଲା, ଏବଂ ସେମାନେ ସଂପୂର୍ଣ୍ଣ ରୂପେ କିପରି ଈଶ୍ୱରଙ୍କ ଇଚ୍ଛାକୁ ହୃଦୟଙ୍ଗମ କରିଥିଲେ !'' କିନ୍ତୁ ସେମାନଙ୍କ ଜ୍ଞାନବୁଦ୍ଧିର ଅନ୍ତରାଳରେ ଈଶ୍ୱରଙ୍କର ମନ ଥିଲା, ତାହା ଆଦୌ ମନୁଷ୍ୟର ଜ୍ଞାନ ନ ଥିଲା । ଆମେ ମନୁଷ୍ୟର ଜ୍ଞାନକୁ ପ୍ରଶଂସା କରିଥାଉ, କିନ୍ତୁ ଆମକୁ ଈଶ୍ୱରଙ୍କ ଚାଳନାକୁ ପ୍ରଶଂସା କରିବା ଉଚିତ, ଯାହା ଶିଶୁ ସୁଲ୍ଲଭ ଲୋକମାନଙ୍କ ଜୀବନରେ ପ୍ରଦର୍ଶିତ ହୋଇଥିଲା, ଯେଉଁମାନେ ଏତେ ''ମୂର୍ଖ'' ଥିଲେ ଯେ, ସେମାନେ ଈଶ୍ୱରଙ୍କ ବୁଦ୍ଧି ଏବଂ ତାହାଙ୍କର ଅଲୌକିକ ହତିଆର ଉପରେ ଭରସା ରଖିଥିଲେ ।

# ମିଶନ୍‌ର କାର୍ଯ୍ୟପ୍ରଣାଳୀ

**ତେଣୁ ସବୁ ଜାତିର ଲୋକମାନଙ୍କୁ ... ଶିଷ୍ୟ କର ।**

**ମାଥିଉ ୨୮:୧୯**

ଯୀଶୁ ଖ୍ରୀଷ୍ଟ ଏହା କହିଲେ ନାହିଁ, ''ଯାଅ ଏବଂ ଆତ୍ମାମାନଙ୍କୁ ଉଦ୍ଧାର କର'' (ପରିତ୍ରାଣ ଈଶ୍ୱରଙ୍କ ଅଲୌକିକ କାର୍ଯ୍ୟ ଅଟେ), କିନ୍ତୁ ସେ କହିଲେ, ''ଯାଅ, ସବୁ ଜାତିର ଲୋକମାନଙ୍କୁ ଶିଷ୍ୟ କର ।'' ତଥାପି ଆପଣ ଯଦି ଜଣେ ଶିଷ୍ୟ ନୁହଁନ୍ତି, ଆପଣ ଅନ୍ୟମାନଙ୍କୁ ଶିଷ୍ୟ କରିପାରିବେ ନାହିଁ । ଯେତେବେଳେ ଶିଷ୍ୟମାନେ ପ୍ରଥମ ମିଶନ ସେବାକାର୍ଯ୍ୟରୁ ଫେରି ଆସିଲେ, ସେମାନେ ଅତି ଆନନ୍ଦିତ ଥିଲେ, କାରଣ ଭୂତମାନେ ତାଙ୍କର ଅଧୀନସ୍ଥ ଥିଲେ । କିନ୍ତୁ ଯୀଶୁ କହିଲେ, ''କାର୍ଯ୍ୟର ସଫଳତା ପାଇଁ ଆନନ୍ଦ କର ନାହିଁ, – ତୁମମାନଙ୍କର ଆନନ୍ଦର ବଡ଼ ରହସ୍ୟ ହେଉଛି ଯେ, ତୁମମାନଙ୍କର ମୋ ସହିତ ଯଥାର୍ଥ ସଂପର୍କ ଅଛି'' (ଲୂକ ୧୦:୧୭–୨୦ ଦେଖନ୍ତୁ) । ଜଣେ ମିଶେନେରୀଙ୍କ ବଡ଼ ଆବଶ୍ୟକୀୟ ବିଷୟ ହେଉଛି ଯେ, ସେ ଈଶ୍ୱରଙ୍କ ଆହ୍ୱାନ ପ୍ରତି ବିଶ୍ୱସ୍ତ ରହିବେ ଏବଂ ଲୋକମାନଙ୍କୁ ଯୀଶୁଙ୍କର ଶିଷ୍ୟ କରିବେ । ମନେରଖନ୍ତୁ ଯେ, ଆତ୍ମାମାନଙ୍କ ପାଇଁ ଏପରି ଏକ ଆବେଗ ସୃଷ୍ଟି ହୁଏ, ଯାହା ଈଶ୍ୱରଙ୍କଠାରୁ ଆସି ନ ଥାଏ, ମାତ୍ର ଆମର ଇଚ୍ଛାରୁ ଆସିଥାଏ, ଯେପରି ଆମର ଦୃଷ୍ଟିକୋଣରୁ ଆମେ ଲୋକଙ୍କୁ ପରିବର୍ତ୍ତିତ କରିବା ।

ଜଣେ ମିଶେନେରୀଙ୍କ ଆହ୍ୱାନର କାରଣ ଏହା ନୁହେଁ ଯେ, ଲୋକମାନଙ୍କ ପରିତ୍ରାଣ କାର୍ଯ୍ୟ କଠିନ, କିମ୍ବା ପଛରେ ପଡ଼ିଯାଇଥିବା ଲୋକଙ୍କୁ ଫେରାଇ ଆଣିବା କଠିନ କାର୍ଯ୍ୟ, କିମ୍ବା ଉଦାସୀନତାର ପ୍ରତିବନ୍ଧକତା ନା, ଯୀଶୁଖ୍ରୀଷ୍ଟଙ୍କ ସହିତ ମିଶେନେରୀଙ୍କ ସଂପର୍କ ମଧ୍ୟରୁ ଆହ୍ୱାନ ଆସେ– ''ମୁଁ ଯେ ଏହା କରିବାକୁ ସମର୍ଥ, ତୁମେମାନେ କ'ଣ ଏହା ବିଶ୍ୱାସ କରୁଛ ?'' (ମାଥିଉ ୯:୨୮) । ଆମର ପ୍ରଭୁ ଅବିଚଳିତ ରୂପେ ଆମକୁ ଏହି ପ୍ରଶ୍ନ କରନ୍ତି ଏବଂ ଆମର ବ୍ୟକ୍ତିଗତ ପ୍ରତ୍ୟେକ ପରିସ୍ଥିତିରେ ଆମେ ଏହାର ସମ୍ମୁଖୀନ ହେଉ । ଆମ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଆହ୍ୱାନ ହେଉଛି – ମୁଁ କ'ଣ ମୋର ପୁନରୁତ୍ଥିତ ପ୍ରଭୁଙ୍କୁ ଜାଣେ ? ମୁଁ କ'ଣ ମୋର ଅନ୍ତର ନିବାସୀ ତାଙ୍କର ଆତ୍ମାଙ୍କ ଶକ୍ତିକୁ ଅନୁଭବ କରିଛି ? ମୁଁ କ'ଣ ଈଶ୍ୱରଙ୍କ ଦୃଷ୍ଟିରେ ଜ୍ଞାନୀ ଏବଂ ଜଗତ ଦୃଷ୍ଟିରେ ମୂର୍ଖ ବିବେଚିତ ହୋଇ କେବଳ ଯୀଶୁ ଖ୍ରୀଷ୍ଟଙ୍କ କଥାରେ ଭରସା ରଖିଛି ? କିମ୍ବା ମୁଁ କ'ଣ ଖ୍ରୀଷ୍ଟ ଯୀଶୁଙ୍କ ପ୍ରତି ଅସୀମ ବିଶ୍ୱାସର ଅଲୌକିକ ସ୍ଥିତିକୁ ପରିତ୍ୟାଗ କରୁଛି, ଯାହାକି ଜଣେ ମିଶେନେରୀଙ୍କ ପ୍ରତି ଈଶ୍ୱରଙ୍କ ଏକମାତ୍ର ଆହ୍ୱାନ ହୋଇଥାଏ ? ଯଦି ମୁଁ ଅନ୍ୟ କୌଣସି କାର୍ଯ୍ୟ ପ୍ରଣାଳୀ ପ୍ରୟୋଗ କରେ, ତେବେ ମୁଁ ଆମ ପ୍ରଭୁଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟପ୍ରଣାଳୀରୁ ସଂପୂର୍ଣ୍ଣ ରୂପେ ଦୂରେଇ ଯାଏ– *''ସ୍ୱର୍ଗ ଓ ମର୍ତ୍ତ୍ୟର ସମସ୍ତ ଅଧିକାର ମୋତେ ଦତ୍ତ ହୋଇଛି, ତେଣୁ ଯାଇ...'' (ମାଥିଉ ୨୮:୧୮–୧୯) ।*

# ବିଶ୍ୱାସ ଦ୍ୱାରା ଧାର୍ମିକ ବିବେଚିତ ହେବା

**କାରଣ ଆମେ ଈଶ୍ୱରଙ୍କ ଶତ୍ରୁ ଥିବା ସମୟରେ ଯଦି ତାହାଙ୍କ ପୁତ୍ରଙ୍କ ମୂଲ୍ୟ ଦ୍ୱାରା ଈଶ୍ୱରଙ୍କ ସହିତ ପୁନର୍ମିଳିତ ହେଲୁ, ତେବେ ଆମେ ପୁନର୍ମିଳିତ ହୋଇଥିବାରୁ ତାହାଙ୍କ ଜୀବନ ଦ୍ୱାରା କେତେ ଅଧିକ ରୂପେ ରକ୍ଷା ନ ପାଇବୁ ।**

**ରୋମୀୟ ୫:୧୦**

ମୋର ଉଦ୍ଧାର ବା ରକ୍ଷା ବିଶ୍ୱାସ କରିବା ଦ୍ୱାରା ହୁଏ ନାହିଁ – ବିଶ୍ୱାସ କରିବା ଦ୍ୱାରା ମୁଁ ଏହି ବୋଧ ପାଏ ଯେ, ମୋର ଉଦ୍ଧାର କାର୍ଯ୍ୟ ହୋଇ ସାରିଛି । ଆଉ ଅନୁତାପ ମୋତେ ଉଦ୍ଧାର କରେ ନାହିଁ – ଅନୁତାପର ଚିହ୍ନ ଦ୍ୱାରା ମୁଁ ବୋଧ ପାଏ ଯେ, ଈଶ୍ୱର ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା କ'ଣ କରିଛନ୍ତି । ଏଠାରେ ଥିବା ବିପଦ ହେଉଛି, କାରଣ ଅପେକ୍ଷା ପରିଣାମ ଉପରେ ଅଧିକ ଗୁରୁତ୍ୱ ଦେବା । ମୋର ବାଧ୍ୟତା, ସମର୍ପଣ ଏବଂ ଉତ୍ସର୍ଗ ଦ୍ୱାରା ମୋର ସଂପର୍କ କ'ଣ ଈଶ୍ୱରଙ୍କ ସହିତ ଯଥାର୍ଥ ହୋଇପାରେ ? ଆଦୌ ନୁହେଁ । ଈଶ୍ୱରଙ୍କ ସହିତ ମୋର ସଂପର୍କ ଯଥାର୍ଥ ହୋଇଛି, କାରଣ ଏ ସବୁର ପୂର୍ବରୁ ଖ୍ରୀଷ୍ଟ ମୃତ୍ୟୁ ଭୋଗ କଲେ । ମୁଁ ଯେତେବେଳେ ଈଶ୍ୱରଙ୍କ ନିକଟକୁ ଫେରିଆସେ ଏବଂ ଈଶ୍ୱର ଯାହା ପ୍ରକଟ କରନ୍ତି, ବିଶ୍ୱାସରେ ତାହା ଗ୍ରହଣ କରେ, ସେତେବେଳେ ଖ୍ରୀଷ୍ଟଙ୍କ କ୍ରୁଶର ଆଶ୍ଚର୍ଯ୍ୟଜନକ ପ୍ରାୟଶ୍ଚିତ୍ତ ମୋତେ ସେହି ସମୟରେ ଈଶ୍ୱରଙ୍କ ସହିତ ଯଥାର୍ଥ ସଂପର୍କ ମଧ୍ୟରେ ସ୍ଥାନିତ କରେ । ଆଉ ଈଶ୍ୱରଙ୍କ ଅନୁଗ୍ରହର ଅଲୌକିକ ଆଶ୍ଚର୍ଯ୍ୟକାର୍ଯ୍ୟର ପରିଣାମ ସ୍ୱରୂପ ମୁଁ ଧାର୍ମିକ ବିବେଚିତ ହୁଏ, ମୋର ପାପ ପାଇଁ ଦୁଃଖ ପ୍ରକାଶ କରିଥିବା ହେତୁ ନୁହେଁ, ଅବା ମୋର ଅନୁତାପ ହେତୁ ନୁହେଁ, କିନ୍ତୁ ସେହି କାରଣ ହେତୁ, ଯାହା ଯୀଶୁ କରିଛନ୍ତି । ଈଶ୍ୱରଙ୍କ ଆତ୍ମା ଏକ ଚମତ୍କାର ଆଲୋକର ପ୍ରକାଶ ସହିତ ମୋତେ ଧାର୍ମିକ ବିବେଚିତ କରନ୍ତି ଏବଂ ମୁଁ ଜାଣିପାରେ ଯେ, ମୁଁ ରକ୍ଷାପ୍ରାପ୍ତ, ଯଦ୍ୟପି ମୁଁ ଜାଣି ନ ଥାଏ ଯେ, ଏହା କିପରି ସଂପନ୍ନ ହେଲା ।

ଈଶ୍ୱରଙ୍କ ଠାରୁ ଆଗତ ପରିତ୍ରାଣ ମନୁଷ୍ୟର ତର୍କ ଜ୍ଞାନ ଉପରେ ନୁହେଁ, ମାତ୍ର ଯୀଶୁଙ୍କର ବଳିଦାନ ସୂଚକ ମୃତ୍ୟୁ ଉପରେ ଆଧାରିତ । କେବଳ ଆମର ପ୍ରଭୁଙ୍କ ପ୍ରାୟଶ୍ଚିତ୍ତ ଦ୍ୱାରା ଆମେ ନୂତନ ଜନ୍ମର ଅଧିକାରୀ ହୋଇଥାଉ । ପାପୀ ଲୋକଙ୍କର ନୂତନ ସୃଷ୍ଟି ହୋଇପାରିବ, ସେମାନଙ୍କ ଅନୁତାପ ବା ସେମାନଙ୍କ ବିଶ୍ୱାସ ଦ୍ୱାରା ନୁହେଁ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱରଙ୍କ ଆଶ୍ଚର୍ଯ୍ୟ କାର୍ଯ୍ୟ ଦ୍ୱାରା ସମ୍ଭବ ହେବ, ଯାହା ଆମର ସବୁ ଅନୁଭୂତିର ପୂର୍ବରୁ ସାଧିତ ହୋଇଥିଲା (୨ କରିନ୍ଥୀ ୫:୧୭–୧୯ ଦେଖନ୍ତୁ) । ଧାର୍ମିକତା ଏବଂ ପବିତ୍ରୀକରଣର ଅପରାଜେୟ ସୁରକ୍ଷା ଦେଇଛନ୍ତି ସ୍ୱୟଂ ଈଶ୍ୱର । ଆମକୁ ନିଜେ ଏସବୁ ସଂପାଦନ କରିବାକୁ ହେବ ନାହିଁ– ସେସବୁ ଖ୍ରୀଷ୍ଟଙ୍କ କ୍ରୁଶୀୟ ପ୍ରାୟଶ୍ଚିତ୍ତ ଦ୍ୱାରା ସଂପନ୍ନ ହୋଇ ସାରିଛି । ଈଶ୍ୱରଙ୍କ ଆଶ୍ଚର୍ଯ୍ୟ କାର୍ଯ୍ୟ ଦ୍ୱାରା ଅଲୌକିକ ଆମ ପାଇଁ ସ୍ୱାଭାବିକ ହୋଇଥାଏ, ଏବଂ ଯୀଶୁଖ୍ରୀଷ୍ଟ ଯାହା କରିଛନ୍ତି, ତାହା ଆମର ହୃଦ୍‌ବୋଧ ହୁଏ– *''ସମାପ୍ତ ହେଲା'' (ଯୋହନ ୧୯:୩୦) ।*

**ଅକ୍ଟୋବର ୨୯**

# ପ୍ରତିସ୍ଥାପନ

**ଯାହାଙ୍କଠାରେ ପାପର ଲେଶମାତ୍ର ନ ଥିଲା,**
**ଈଶ୍ୱର ତାହାଙ୍କୁ ଆମ ପାଇଁ ପାପ ସ୍ୱରୂପ କଲେ,**
**ଯେପରି କି ଆମେ ତାହାଙ୍କଠାରେ ଈଶ୍ୱରଙ୍କ ଧାର୍ମିକତା ସ୍ୱରୂପ ହେବୁ ।**
**୨ କରିନ୍ଥୀ ୫:୨୧**

ଯୀଶୁଙ୍କ ମୃତ୍ୟୁ ବିଷୟରେ ଆଧୁନିକ ମତ ହେଉଛି ଯେ, ସେ ଆମ ପ୍ରତି ସହାନୁଭୂତି ଦେଖାଇ ମୃତ୍ୟୁ ଭୋଗ କଲେ । କିନ୍ତୁ ନୂତନ ନିୟମର ମତ ହେଉଛି ଯେ, ସେ ସହାନୁଭୂତିଶୀଳ ହୋଇ ଆମର ପାପ ନେଲେ ନାହିଁ, କିନ୍ତୁ ଆମ ସହିତ ନିଜକୁ ଜଡ଼ିତ କରିଥିବାରୁ ଆମର ପାପ ନିଜ ଉପରେ ନେଲେ । ସେ *''ପାପ ସ୍ୱରୂପ ହେଲେ''* । ଯୀଶୁଙ୍କ ମୃତ୍ୟୁ ଦ୍ୱାରା ଆମର ପାପ ଦୂର ହୋଇଯାଇଛି, ଏବଂ ତାହାଙ୍କର ମୃତ୍ୟୁର ଏକମାତ୍ର କାରଣ ହେଉଛି, ପିତାଙ୍କ ପ୍ରତି ତାହାଙ୍କର ବାଧ୍ୟତା, ଆମ ପ୍ରତି ତାହାଙ୍କର ସହାନୁଭୂତି ନୁହେଁ । ଆମେ ଈଶ୍ୱରଙ୍କ ଗ୍ରହଣ ଯୋଗ୍ୟ ହେବାର କାରଣ ନୁହେଁ ଯେ, ଆମେ ତାହାଙ୍କର ବାଧ୍ୟ ହୋଇଛୁ ଅବା ମନ୍ଦ ବିଷୟ ପରିତ୍ୟାଗ କରିବାର ନିଷ୍ପତ୍ତି ନେଇଛୁ, ମାତ୍ର ଏକମାତ୍ର କାରଣ ହେଉଛି, ଖ୍ରୀଷ୍ଟଙ୍କ ମୃତ୍ୟୁ, ଆଉ କୌଣସି କାରଣ ନୁହେଁ । ଆମେ କହୁ ଯେ, ଯୀଶୁଖ୍ରୀଷ୍ଟ ଈଶ୍ୱରଙ୍କ ପିତୃତ୍ୱ ଏବଂ ତାଙ୍କର ପ୍ରେମପୂର୍ଣ୍ଣ କରୁଣା ପ୍ରଦର୍ଶନ କରିବା ପାଇଁ ଆସିଥିଲେ, କିନ୍ତୁ ନୂତନ ନିୟମ କହେ ଯେ, ସେ ''ଜଗତର ପାପ ବହି ନେବା ପାଇଁ'' (ଯୋହନ ୧:୨୯) ଆସିଥିଲେ । ଯୀଶୁ ଯେଉଁମାନଙ୍କ ନିକଟରେ ତ୍ରାଣକର୍ତ୍ତା ରୂପେ ପରିଚିତ ହୋଇଛନ୍ତି, ଈଶ୍ୱରଙ୍କ ପିତୃତ୍ୱ ସେହିମାନଙ୍କ ନିକଟରେ ପ୍ରକାଶିତ ହୋଇଛି । ଜଗତରେ ଶିକ୍ଷା ଦେଉଥିବା ସମୟରେ ଯୀଶୁଖ୍ରୀଷ୍ଟ ନିଜକୁ ସେହି ବ୍ୟକ୍ତି ରୂପେ ପରିଚିତ କରି ନ ଥିଲେ ଯିଏ ଈଶ୍ୱରଙ୍କୁ ପ୍ରକଟ କରିଥିଲେ ମାତ୍ର ସେ ନିଜକୁ ଝୁଣ୍ଟିବାର କାରଣ ବୋଲି କହିଥିଲେ (ଯୋହନ ୧୫:୨୨-୨୪ ଦେଖନ୍ତୁ) । ଯୋହନ ୧୪:୯, ଯେଉଁଠାରେ ଯୀଶୁ କହିଥିଲେ, ''ଯେ ମୋତେ ଦେଖିଛି, ସେ ପିତାଙ୍କୁ ଦେଖିଛି'', ତାହା ତାହାଙ୍କ ଶିଷ୍ୟମାନଙ୍କ ପ୍ରତି ଉଦ୍ଦିଷ୍ଟ ଥିଲା ।

ଖ୍ରୀଷ୍ଟ ମୋ ପାଇଁ ମୃତ୍ୟୁବରଣ କରିଥିବାରୁ ମୁଁ ଯେ ଦଣ୍ଡରୁ ସଂପୂର୍ଣ୍ଣ ମୁକ୍ତ, ନୂତନ ନିୟମରେ ଏହି ଶିକ୍ଷା ପ୍ରଦତ୍ତ ହୋଇନାହିଁ । ନୂତନ ନିୟମର ଶିକ୍ଷା ହେଉଛି, ''ସେ ସମସ୍ତଙ୍କ ପାଇଁ ମୃତ୍ୟୁ ଭୋଗ କଲେ'' (୨ କରିନ୍ଥୀ ୫:୧୫), ଏହା ନୁହେଁ ଯେ, ''ସେ ମୋର ମୃତ୍ୟୁ ଭୋଗ କଲେ''- ଏବଂ ତାଙ୍କ ମୃତ୍ୟୁରେ ଜଡ଼ିତ ହେବା ଦ୍ୱାରା ମୁଁ ପାପରୁ ମୁକ୍ତ ହେବି ଏବଂ ଦାନ ସ୍ୱରୂପେ ତାଙ୍କର ଧାର୍ମିକତା ପାଇବି । ନୂତନ ନିୟମରେ ପ୍ରତିସ୍ଥାପନ ସଂପର୍କିତ ଶିକ୍ଷାର ଦୁଇଟି ଦିଗ ରହିଛି, ''ଯାହାଙ୍କଠାରେ ପାପର ଲେଶ ନ ଥିଲା, ତାହାଙ୍କୁ ସେ ଆମ ପାଇଁ ପାପସ୍ୱରୂପ କଲେ, *''ଯେପରିକି ଆମେ ତାହାଙ୍କଠାରେ ଈଶ୍ୱରଙ୍କ ଧାର୍ମିକତା ସ୍ୱରୂପ ହେବୁ ।''* ଯେ ପର୍ଯ୍ୟନ୍ତ ମୁଁ ନିଜ *ମଧ୍ୟରେ* ଖ୍ରୀଷ୍ଟଙ୍କୁ ରୂପାୟିତ କରିବାର ସଂକଳ୍ପ ନେଇ ନାହିଁ, ସେ ପର୍ଯ୍ୟନ୍ତ ଖ୍ରୀଷ୍ଟ *''ମୋ ପାଇଁ''* ଏହି ଶିକ୍ଷାର ପ୍ରୟୋଗ ହୋଇ ପାରିବ ନାହିଁ (ଗାଲାତୀୟ ୪:୧୯ ଦେଖନ୍ତୁ) ।

# ବିଶ୍ୱାସ

**ବିଶ୍ୱାସ ବିନା ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ଅସମ୍ଭବ ।**

**ଏବ୍ରୀ ୧୧:୬**

ଯଦି ବିଶ୍ୱାସ ବ୍ୟାବହାରିକ ବୁଦ୍ଧିର ବିପରୀତ କାର୍ଯ୍ୟ କରେ, ତେବେ ଏହା ପ୍ରବଳ ଆଗ୍ରହ ଏବଂ ସଂକୀର୍ଣ୍ଣ ମନୋଭାବରେ ପରିଣତ ହୁଏ ଏବଂ ଯେତେବେଳେ ବ୍ୟାବହାରିକ ବୁଦ୍ଧି ବିଶ୍ୱାସର ବିପରୀତ କାର୍ଯ୍ୟ କରେ, ସେତେବେଳେ ଧରି ନିଆଯାଏ ଯେ, ସତ୍ୟକୁ ଆଧାର କରିବା ପାଇଁ ଏହା ତର୍କର ସାହାଯ୍ୟ ଲୋଡ଼ିଥାଏ । ବିଶ୍ୱାସର ଜୀବନ ଏ ଦୁଇଟିକୁ ଉପଯୁକ୍ତ ସଂପର୍କ ମଧ୍ୟକୁ ଆଣିଥାଏ । ବ୍ୟାବହାରିକ ବୁଦ୍ଧି ଏବଂ ବିଶ୍ୱାସ ମଧ୍ୟରେ ଥିବା ପାର୍ଥକ୍ୟ ସ୍ୱାଭାବିକ ଏବଂ ଆତ୍ମିକ ଜୀବନ, ଭାବପ୍ରବଣତା ଏବଂ ପ୍ରେରଣା ମଧ୍ୟରେ ଥିବା ପାର୍ଥକ୍ୟ ସହିତ ସମାନ । ଯୀଶୁଖ୍ରୀଷ୍ଟ ଯାହା କହିଥିଲେ, ତାହା ବ୍ୟାବହାରିକ ବୁଦ୍ଧି ନ ଥିଲା ମାତ୍ର ପରିପ୍ରକାଶ ଥିଲା ଏବଂ ଏହା ସଂପୂର୍ଣ୍ଣ ଅଟେ, କିନ୍ତୁ ବ୍ୟାବହାରିକ ବୁଦ୍ଧି ଊଣା ପଡ଼ିଯାଏ । ଆପଣଙ୍କ ଜୀବନରେ ବିଶ୍ୱାସ ବାସ୍ତବ ହେବା ପୂର୍ବରୁ ଏହାର ପରଖ ଏବଂ ପରୀକ୍ଷା ଅତ୍ୟନ୍ତ ଜରୁରୀ ହୋଇଯାଏ । ''ଈଶ୍ୱର ସବୁ ବିଷୟରେ ସେମାନଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରନ୍ତି'' (ରୋମୀ ୮:୨୮) । ଏହି ରୂପେ ଯାହା କିଛି ଘଟିଲେ ସୁଦ୍ଧା ଈଶ୍ୱରଙ୍କ ଦୂରଦୃଷ୍ଟି ସଂପନ୍ନ ରୂପାନ୍ତରୀକରଣର ଶକ୍ତି ସିଦ୍ଧ ବିଶ୍ୱାସକୁ ବାସ୍ତବତାରେ ପରିଣତ କରେ । ବିଶ୍ୱାସ ସବୁବେଳେ ବ୍ୟକ୍ତିଗତ ଉପାୟରେ କାର୍ଯ୍ୟ କରେ, କାରଣ ଈଶ୍ୱରଙ୍କ ଉଦ୍ଦେଶ୍ୟ ହେଉଛି, ତାଙ୍କ ସନ୍ତାନମାନଙ୍କ ମଧ୍ୟରେ ସିଦ୍ଧ ବିଶ୍ୱାସକୁ ବାସ୍ତବତାରେ ପରିଣତ କରିବା ।

ଜୀବନରେ ବ୍ୟାବହାରିକ ବୁଦ୍ଧିର ଛୋଟ ଛୋଟ କଥା ପାଇଁ ଏକ ସତ୍ୟ ରହିଛି, ଯାହା ଈଶ୍ୱର ପ୍ରକାଶ କରିଛନ୍ତି, ଯାହାଦ୍ୱାରା ଆମେ ବାସ୍ତବ ଅନୁଭୂତି ମଧ୍ୟରେ ପ୍ରମାଣ କରିପାରିବା ଯେ, ଆମେ ଈଶ୍ୱରଙ୍କ ସମ୍ବନ୍ଧରେ କ'ଣ ବିଶ୍ୱାସ କରୁ । ବିଶ୍ୱାସ ଏକ ସକ୍ରିୟ ସିଦ୍ଧାନ୍ତ, ଯାହା ସବୁବେଳେ ଯୀଶୁଖ୍ରୀଷ୍ଟଙ୍କୁ ପ୍ରଥମ ସ୍ଥାନ ଦେଇଥାଏ । ବିଶ୍ୱାସର ଜୀବନ କହେ, ''ପ୍ରଭୁ, ତୁମେ ଏହି କଥା କହିଛ, ଏହା ଅଯୌକ୍ତିକ ମନେ ହେଲେ ସୁଦ୍ଧା ମୁଁ ତୁମ ବାକ୍ୟରେ ବିଶ୍ୱାସ କରି ନିର୍ଭୀକ ରୂପେ ଆଗେଇ ଆସିବି'' (ମାଥିଉ ୬:୩୩ ଦେଖନ୍ତୁ) । ବୌଦ୍ଧିକ ବିଶ୍ୱାସକୁ ଆପଣା ବ୍ୟକ୍ତିଗତ ସଂପତ୍ତିରେ ପରିଣତ କରିବା ବେଳେ ବେଳେ ନୁହେଁ, ମାତ୍ର ସବୁବେଳେ ଏକ ଯୁଦ୍ଧ ଭଳି ହୋଇଥାଏ । ଈଶ୍ୱର ଆମର ବିଶ୍ୱାସକୁ ଶିକ୍ଷିତ କରିବା ପାଇଁ ଆମକୁ ନିର୍ଦ୍ଦିଷ୍ଟ ପରିସ୍ଥିତି ମଧ୍ୟ ଦେଇ ଆଣନ୍ତି, କାରଣ ବିଶ୍ୱାସର ସ୍ୱଭାବ ହେଉଛି, ଆମ ବିଶ୍ୱାସର ଲକ୍ଷ୍ୟକୁ ଆମ ପାଇଁ ବାସ୍ତବ କରିବା । ଯୀଶୁଙ୍କୁ ନ ଜାଣିବା ପର୍ଯ୍ୟନ୍ତ ଈଶ୍ୱର ଆମ ପାଇଁ କେବଳ ଏକ ଧାରଣା ହୋଇ ରହନ୍ତି ଏବଂ ଆମେ ତାଙ୍କୁ ବିଶ୍ୱାସ କରି ନ ଥାଉ । କିନ୍ତୁ ଯେତେବେଳେ ଯୀଶୁଙ୍କର ଏହି କଥା ଶୁଣୁ, ''ଯିଏ ମୋତେ ଦେଖିଛି, ସେ ପିତାଙ୍କୁ ଦେଖିଛି'' (ଯୋହନ ୧୪:୯), ସଂଗେ ସଂଗେ ଆମେ ଏପରି ଜିନିଷ ପାଉ ଯାହା ବାସ୍ତବ, ଏବଂ ଆମର ବିଶ୍ୱାସର ସୀମା ରହେ ନାହିଁ । ଯୀଶୁଖ୍ରୀଷ୍ଟଙ୍କ ଆତ୍ମାଙ୍କ ଶକ୍ତି ଦ୍ୱାରା ଈଶ୍ୱରଙ୍କ ସହିତ ଉପଯୁକ୍ତ ସଂପର୍କ ସ୍ଥାପନକାରୀ ସଂପୂର୍ଣ୍ଣ ବ୍ୟକ୍ତି ହେଉଛି, ବିଶ୍ୱାସ ।

**ଅକ୍ଟୋବର ୩୧**

# ବିଶ୍ୱାସର ପରୀକ୍ଷା

**ଯଦି ସୋରିଷ ଦାନା ଭଳି ତୁମର ବିଶ୍ୱାସ ଟିକକ ଥାଏ...**
**ତୁମମାନଙ୍କ ପକ୍ଷେ କୌଣସି ବିଷୟ ଅସମ୍ଭବ ନୁହେଁ ।**
**ମାଥିଉ ୧୭:୨୦**

ଆମର ଧାରଣା ହୁଏ ଯେ, ଈଶ୍ୱର ଆମ ବିଶ୍ୱାସର ପୁରସ୍କାର ଦିଅନ୍ତି ଏବଂ ଏହା ପ୍ରାରମ୍ଭିକ ଅବସ୍ଥାରେ ହୋଇଥାଏ, କିନ୍ତୁ ବିଶ୍ୱାସ ଦ୍ୱାରା ଆମେ କୌଣସି ବିଷୟ ଅର୍ଜନ କରି ନଥାଉ– ବିଶ୍ୱାସ ଆମକୁ ଈଶ୍ୱରଙ୍କ ସହିତ ଉପଯୁକ୍ତ ସଂପର୍କ ମଧ୍ୟକୁ ନେଇ ଆସେ ଏବଂ ତାଙ୍କୁ କାର୍ଯ୍ୟ କରିବାର ସୁଯୋଗ ଦିଏ । ତଥାପି ପବିତ୍ର ଲୋକ ହୋଇଥିବାରୁ ଆପଣଙ୍କୁ ତାହାଙ୍କର ପ୍ରତ୍ୟକ୍ଷ ସଂପର୍କ ମଧ୍ୟରେ ଆଣିବା ପାଇଁ ଈଶ୍ୱରଙ୍କୁ ଆପଣଙ୍କ ଅନୁଭୂତିକୁ ଦୁର୍ବଳ କରିବାକୁ ହୋଇଥାଏ । ଈଶ୍ୱର ଚାହାନ୍ତି ଆପଣ ଯେପରି ଜାଣିବେ ଏହା ବିଶ୍ୱାସର ଜୀବନ, ଭାବପ୍ରବଣତାର ଆମୋଦ ପ୍ରମୋଦ ନୁହେଁ । ଆପଣଙ୍କ ବିଶ୍ୱାସଯୁକ୍ତ ଜୀବନର ଆରମ୍ଭ ଅତି ସଂକୀର୍ଣ୍ଣ ଏବଂ ପ୍ରବଳ ଥିଲା, ଯାହା ସ୍ୱଳ୍ପ ଅନୁଭୂତି ଉପରେ କେନ୍ଦ୍ରୀତ ଥିଲା, ଯେଉଁଥିରେ ସେତିକି ଭାବନା ଥିଲା ଯେତିକି ବିଶ୍ୱାସ ଥିଲା ଏବଂ ତାହା ଆଲୋକ ଓ ମଧୁରତାରେ ପୂର୍ଣ୍ଣ ଥିଲା । ତା'ପରେ ଆପଣଙ୍କୁ ''ବିଶ୍ୱାସରେ ଚାଲିବା'' କୁ ଶିଖାଇବା ପାଇଁ ଈଶ୍ୱର ତାହାଙ୍କ ସଚେତନ ଆଶୀର୍ବାଦ ସବୁ ପ୍ରତ୍ୟାହାର କରି ନେଲେ (୨ କରିନ୍ଥୀ ୫:୭) । ଅତୀତରେ ଆପଣଙ୍କର ସାକ୍ଷ୍ୟ ପ୍ରଦାନକାରୀ ଆନନ୍ଦ ଭରା ଦିନଗୁଡ଼ିକ ଅପେକ୍ଷା ବର୍ତ୍ତମାନ ଈଶ୍ୱରଙ୍କ ଦୃଷ୍ଟିରେ ଆପଣଙ୍କ ମୂଲ୍ୟ ଯଥେଷ୍ଟ ଅଧିକ ।

ବିଶ୍ୱାସର ପ୍ରକୃତି ଏପରି ଯେ ଏହାର ପରଖ ନିତାନ୍ତ ଜରୁରୀ । ବିଶ୍ୱାସର ପ୍ରକୃତ ପରୀକ୍ଷା ଏହା ନୁହେଁ ଯେ, ଈଶ୍ୱରଙ୍କ ଉପରେ ଭରସା ରଖିବା ଆମ ପାଇଁ କଷ୍ଟକର ହୁଏ, କିନ୍ତୁ ଏହା ଯେ, ଆମ ମନରେ ପ୍ରମାଣ କରିବାକୁ ହେବ, ଈଶ୍ୱରଙ୍କ ଚରିତ୍ର ବିଶ୍ୱାସ ଯୋଗ୍ୟ । ବିଶ୍ୱାସକୁ ବାସ୍ତବତାରେ ପରିଣତ କରିବା ପାଇଁ ଅବିଚ୍ଛିନ୍ନ ନିଃସଙ୍ଗତାର ଅନୁଭୂତି ମଧ୍ୟ ଦେଇ ଯିବାକୁ ହୁଏ । ବିଶ୍ୱାସର ପରୀକ୍ଷାକୁ ଜୀବନର ସାଧାରଣ ଶୃଙ୍ଖଳା ବୋଲି ଭାବନ୍ତୁ ନାହିଁ, କାରଣ ଯାହାକୁ ଆମେ ବିଶ୍ୱାସର ପରୀକ୍ଷା ବୋଲି କହୁ, ତାହା ମଧ୍ୟରୁ ଅନେକ କିଛି ଜୀବିତ ରହିବାର ପରିଣାମ ଅଟେ । ବାଇବଲର ଶିକ୍ଷାନୁସାରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସ ଈଶ୍ୱରଙ୍କ ବିରୋଧାତ୍ମକ ପ୍ରତ୍ୟେକ ବିଷୟ ବିରୁଦ୍ଧରେ ଛିଡ଼ା ହୋଇ ତାହାକୁ ଖଣ୍ଡନ କରେ । ଏହି ବିଶ୍ୱାସ ସ୍ୱୀକାର କରି କହେ, ''ଈଶ୍ୱର ଯାହା କଲେ ମଧ୍ୟ ମୁଁ ତାଙ୍କ ପ୍ରତି ବିଶ୍ୱସ୍ତ ରହିବି ।'' ବାଇବଲରେ ବିଶ୍ୱାସ ସଂପର୍କିତ ଶ୍ରେଷ୍ଠ ଅଭିବ୍ୟକ୍ତି ହେଉଛି– ''ସେ ମୋତେ ବଧ କଲେ ସୁଦ୍ଧା ମୁଁ ତାହାଙ୍କଠାରେ ଭରସା ରଖିବି'' (ଆୟୁବ ୧୩:୧୫)।

**ନଭେମ୍ବର ୧**

# ତୁମେ ନିଜର ନୁହଁ

### ଏହା କ'ଣ ଜାଣ ନାହିଁ ? ଆଉ ତୁମେମାନେ ନିଜେ ନିଜର ନୁହଁ ।
### ୧ କରିନ୍ଥୀ ୬:୧୯

ଯେଉଁ ବ୍ୟକ୍ତି ଯୀଶୁଖ୍ରୀଷ୍ଟଙ୍କ ଦୁଃଖ ଯନ୍ତ୍ରଣା ବିଷୟରେ ସଚେତନ ହୋଇ ତାହାର ଅଂଶୀ ହେଉଛନ୍ତି, ତାଙ୍କ ନିଜର କୌଣସି ବ୍ୟକ୍ତିଗତ ଜୀବନ ବା ଜଗତରେ କୌଣସି ଲୁଚିବାର ସ୍ଥାନ ନ ଥାଏ । ଈଶ୍ୱର ତାଙ୍କର ପବିତ୍ର ଲୋକମାନଙ୍କ ଜୀବନକୁ ଦୁଇ ଭାଗରେ ବିଭକ୍ତ କରନ୍ତି । ଗୋଟିଏ ଭାଗ ଜଗତର ରାଜପଥ ରୂପେ ବ୍ୟବହୃତ ହୁଏ, ଆଉ ଗୋଟିଏ ଭାଗ ସେ ନିଜ ପାଇଁ ରଖନ୍ତି । କୌଣସି ମନୁଷ୍ୟ ତାହା ସହ୍ୟ କରିପାରେ ନାହିଁ, ଯେପର୍ଯ୍ୟନ୍ତ ସେ ଯୀଶୁଖ୍ରୀଷ୍ଟଙ୍କ ସହିତ ଜଡ଼ିତ ନ ହୋଇଛି । ଆମେ ଆମ ପାଇଁ ପବିତ୍ରୀକୃତ ହୋଇନାହୁଁ । ଆମେ ସୁସମାଚାର ସହିତ ଘନିଷ୍ଠ ହେବା ପାଇଁ ଆହୂତ, ଏପରି ମନେହୁଏ ଯେ, ଯେଉଁ ଘଟଣା ସବୁ ଘଟୁଛି, ତାହା ସହିତ ଆମର କୌଣସି ସଂପର୍କ ନାହିଁ । କିନ୍ତୁ ଈଶ୍ୱର ଆମକୁ ତାଙ୍କ ନିଜର ସଂଗତି ମଧ୍ୟକୁ ଆଣୁଛନ୍ତି । ତାଙ୍କୁ ନିଜର କାର୍ଯ୍ୟ କରିବାକୁ ଦିଅନ୍ତୁ । ଆପଣ ଯଦି ମନା କରିବେ, ତେବେ ଆପଣ ଈଶ୍ୱରଙ୍କ ମୁକ୍ତି କାର୍ଯ୍ୟରେ ଈଶ୍ୱରଙ୍କ ପାଇଁ ଉପଯୋଗୀ ହେବା ପରିବର୍ତ୍ତେ ବାଧା ଓ ଝୁଣ୍ଟିବାର କାରଣ ହେବେ ।

ଈଶ୍ୱରଙ୍କ ପ୍ରଥମ କାର୍ଯ୍ୟ ହେଉଛି, ସେ ଆମକୁ ବଳିଷ୍ଠ ବାସ୍ତବତା ଓ ସତ୍ୟ ଉପରେ ସ୍ଥାପିତ କରନ୍ତି । ଯେପର୍ଯ୍ୟନ୍ତ ମୁକ୍ତି କାର୍ଯ୍ୟର ଉଦ୍ଦେଶ୍ୟ ସହିତ ଆମର ଗୋଟିଏ ଗୋଟିଏ ଚିନ୍ତା ଈଶ୍ୱରଙ୍କ ଅଧୀନସ୍ଥ ନ ହୋଇଛି, ସେ ତାଙ୍କର କାର୍ଯ୍ୟ କରୁଥାନ୍ତି । ଆମେ କାହିଁକି ଭଗ୍ନ ହୃଦୟର ଦୁଃଖ ଅନୁଭବ ନ କରିବା ? ସେହି ସବୁ ଦ୍ୱାର ଦେଇ ଈଶ୍ୱର ଆପଣା ପୁତ୍ରଙ୍କ ସହିତ ସଂଗତିର ପଥ ଉନ୍ମୁକ୍ତ କରୁଛନ୍ତି । ଆମ ମଧ୍ୟରୁ ଅଧିକାଂଶ ଯନ୍ତ୍ରଣାର ପ୍ରଥମ ସୋପାନରେ ଭାଂଗି ପଡ଼ନ୍ତି । ଆମେ ଈଶ୍ୱରଙ୍କ ଉଦ୍ଦେଶ୍ୟର ଦ୍ୱାର ଦେଶରେ ବସିଯାଉ ଏବଂ ଆତ୍ମ ସହାନୁଭୂତି ସହ ଧୀର ଗତିରେ ଆମର ମୃତ୍ୟୁ ହୁଏ । ଯାହାକୁ ଆମେ ଅନ୍ୟମାନଙ୍କ ପାଇଁ ଖ୍ରୀଷ୍ଟୀୟ ସହାନୁଭୂତି ବୋଲି ମନେ କରୁ, ତାହା ଆମକୁ ନିଜର ମୃତ୍ୟୁ ଶଯ୍ୟା ନିକଟକୁ ନେଇଯାଏ । କିନ୍ତୁ ଈଶ୍ୱର ସେପରି କରିବେ ନାହିଁ । ସେ ତାଙ୍କର ପୁତ୍ରଙ୍କର କଣ୍ଟାବିଦ୍ଧ ହାତ ନେଇ ଆସନ୍ତି ଏବଂ କହନ୍ତି, ''ମୋର ସାନ୍ନିଧ୍ୟରେ ପ୍ରବେଶ କର, ଉଠ, ଦୀପ୍ତିମାନ୍ ହୁଅ ।'' ଏକ ଭଗ୍ନ ହୃଦୟ ଦ୍ୱାରା ଈଶ୍ୱର ଯଦି ଜଗତରେ ଆପଣା ଉଦ୍ଦେଶ୍ୟ ସାଧନ କରନ୍ତି, ତେବେ ଆପଣଙ୍କ ହୃଦୟକୁ ଭାଙ୍ଗିବା ପାଇଁ ଆପଣ କାହିଁକି ତାଙ୍କୁ ଧନ୍ୟବାଦ ନ ଦେବେ ?

# ବାଧ୍ୟତା ଅବା ସ୍ୱାଧୀନତା ?

**ତୁମେମାନେ ଯଦି ମୋତେ ପ୍ରେମ କର, ତେବେ ମୋର ଆଜ୍ଞା ପାଳନ କର ।**

**ଯୋହନ ୧୪:୧୫**

ଆମର ପ୍ରଭୁ ଆମର ବାଧ୍ୟତା ଉପରେ ଆଦୌ ଦାବି କରନ୍ତି ନାହିଁ । ଆମର କ'ଣ କରିବା ଉଚିତ, ସେ ନିର୍ଦ୍ଦିଷ୍ଟ ଭାବେ ତାହା ଉପରେ ଜୋର୍ ଦିଅନ୍ତି, କିନ୍ତୁ ତାହା କରିବାକୁ ବାଧ୍ୟ କରନ୍ତି ନାହିଁ । ତାଙ୍କ ସହିତ ଆତ୍ମିକ ଏକତା ରକ୍ଷା କରି ଆମକୁ ତାଙ୍କର ବାଧ୍ୟ ହେବାକୁ ପଡ଼ିବ । ସେଥିପାଇଁ ଆମର ପ୍ରଭୁ ଶିଷ୍ୟତ୍ୱ ବିଷୟ କହିବା ସମୟରେ ଆରମ୍ଭରେ ''ଯଦି'' ଶବ୍ଦଟି ବ୍ୟବହାର କରୁଥିଲେ । ଏହାର ଅର୍ଥ, ''ତୁମର ଏହା କରିବା ଜରୁରୀ ନୁହେଁ, ଯଦି ଏହା କରିବା ପାଇଁ ତୁମର ଇଚ୍ଛା ନାହିଁ'' । ''ଯଦି କେହି ମୋ ଅନୁଗମନ କରିବାକୁ ଇଚ୍ଛା କରେ, ତେବେ ସେ ନିଜକୁ ଅସ୍ୱୀକାର କରୁ'' (ଲୂକ ୯:୨୩) । ଅନ୍ୟ କଥାରେ ''ମୋର ଶିଷ୍ୟ ହେବାକୁ ହେଲେ ସେ ନିଜର ଅଧିକାରକୁ ମୋ ନିକଟରେ ସମର୍ପଣ କରୁ ।'' ଆମର ପ୍ରଭୁ ଆମର ଅନନ୍ତକାଳୀନ ସ୍ଥାନ ବିଷୟ କହୁନାହାନ୍ତି, ମାତ୍ର ବର୍ତ୍ତମାନ ଏହି ଜୀବନରେ ତାଙ୍କ ପ୍ରତି ମୂଲ୍ୟବାନ୍ ହେବା ବିଷୟ କହୁଛନ୍ତି । ସେଥିପାଇଁ ସେ ଏତେ କଠୋର ମନେ ହୁଅନ୍ତି । ଲୂକ ୨୪:୨୬ ଦେଖନ୍ତୁ । ଏହି କଥାକୁ କଥା କହିଥିବା ବ୍ୟକ୍ତିଙ୍କ ଠାରୁ ପୃଥକ୍ କରି ତାହାର ଅର୍ଥ ବୁଝିବାକୁ ପ୍ରୟାସ କରନ୍ତୁ ନାହିଁ ।

ପ୍ରଭୁ ମୋତେ ତାଙ୍କର ନିୟମ ଦିଅନ୍ତି ନାହିଁ, କିନ୍ତୁ ତାଙ୍କର ମାନଦଣ୍ଡକୁ ସ୍ପଷ୍ଟ କରନ୍ତି । ଯଦି ତାଙ୍କ ସହିତ ମୋର ସଂପର୍କ ପ୍ରେମ ଉପରେ ଆଧାରିତ, ତେବେ ମୁଁ କୁଣ୍ଠିତ ନ ହୋଇ ତାଙ୍କର ଆଜ୍ଞା ପାଳନ କରିବି । ଯଦି ମୁଁ କୁଣ୍ଠିତ ହୁଏ, ତେବେ ଜଣାଯିବ ଯେ, ମୁଁ ତାଙ୍କର ପ୍ରତିଦ୍ୱନ୍ଦୀ ରୂପେ ଆଉ ଜଣକୁ ଭଲ ପାଏ, ଆଉ ସେହି ଜଣକ ମୁଁ, ଅର୍ଥାତ୍ ତାଙ୍କ ଅପେକ୍ଷା ମୁଁ ନିଜକୁ ଅଧିକ ଭଲ ପାଏ । ଯୀଶୁଖ୍ରୀଷ୍ଟ ମୋତେ ତାଙ୍କର ଆଜ୍ଞାପାଳନ କରିବାକୁ ବାଧ୍ୟ କରିବେ ନାହିଁ, କିନ୍ତୁ ମୋତେ ତାହା କରିବାକୁ ହେବ । ଆଉ ମୁଁ ତାଙ୍କର ବାଧ୍ୟ ହେବା ସଂଗେ ସଂଗେ ମୋର ଆତ୍ମିକ ପୂର୍ବ ନିର୍ଦ୍ଧାରିତ ଉଦ୍ଦେଶ୍ୟ ସଫଳ କରେ । ମୋର ବ୍ୟକ୍ତିଗତ ଜୀବନ ହୁଏତ ଅର୍ଥହୀନ ଛୋଟ ଛୋଟ ବିଷୟରେ ଭରିଯାଇ ପାରେ, କିନ୍ତ ଯଦି ମୁଁ ଜୀବନର ସାଧାରଣ ପରିସ୍ଥିତିରେ ଯୀଶୁଖ୍ରୀଷ୍ଟଙ୍କର ବାଧ୍ୟ ହୁଏ, ତେବେ ସେ ସବୁ ଛୋଟ ଛୋଟ ଛିଦ୍ରରେ ପରିଣତ ହୁଏ, ଯାହା ମଧ୍ୟ ଦେଇ ମୁଁ ଈଶ୍ୱରଙ୍କ ମୁଖକୁ ଦେଖିପାରେ । ତା'ପରେ ଯେତେବେଳେ ମୁଁ ଈଶ୍ୱରଙ୍କ ସମ୍ମୁଖରେ ଛିଡ଼ା ହୁଏ, ମୁଁ ଆବିଷ୍କାର କରିବି ଯେ, ମୋର ବାଧ୍ୟତା ଦ୍ୱାରା ସହସ୍ରାଧିକ ଲୋକ ଆଶୀର୍ବାଦପ୍ରାପ୍ତ ହୋଇଥିଲେ । ଯେତେବେଳେ ଈଶ୍ୱରଙ୍କ ସଂପର୍କ ଗୋଟିଏ ମନୁଷ୍ୟର ଆତ୍ମାକୁ ବାଧ୍ୟତା ମଧ୍ୟକୁ ନେଇ ଆସେ, ତା'ହେଲେ ସେ ସବୁବେଳେ ଫଳ ଉତ୍ପନ୍ନ କରେ । ମୁଁ ଯଦି ଯୀଶୁଖ୍ରୀଷ୍ଟଙ୍କର ବାଧ୍ୟ ହୁଏ, ଈଶ୍ୱରଙ୍କ ମୁକ୍ତି କାର୍ଯ୍ୟ ମୋ ଜୀବନ ଦେଇ ଅନ୍ୟମାନଙ୍କ ଜୀବନକୁ ପ୍ରବାହିତ ହେବ, କାରଣ ବାଧ୍ୟତା କାର୍ଯ୍ୟର ଅନ୍ତରାଳରେ ସର୍ବଶକ୍ତିମାନ ଈଶ୍ୱରଙ୍କ ବାସ୍ତବତା ନିହିତ ଅଛି ।

# ଯୀଶୁଙ୍କ କ୍ରୀତଦାସ

**ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଛି, ଏଣିକି ମୁଁ ଆଉ ଜୀବିତ ନୁହେଁ, ମାତ୍ର ମୋ ମଧ୍ୟରେ ଖ୍ରୀଷ୍ଟ ଜୀବିତ ଅଛନ୍ତି ।**

**ଗାଲାତୀୟ ୨:୨୦**

ଏହି କଥାର ଅର୍ଥ ହେଉଛି, ମୋ ନିଜ ହାତରେ ମୁଁ ମୋର ସ୍ୱାଧୀନତାକୁ ଭାଙ୍ଗି ନଷ୍ଟ କରି ଦେଇଛି ଏବଂ ପ୍ରଭୁ ଯୀଶୁଙ୍କ ପ୍ରଭୁତ୍ୱ ପ୍ରତି ମୋ ଜୀବନକୁ ସମର୍ପଣ କରିଛି । ଅନ୍ୟ କେହି ମୋ ପାଇଁ ଏହା କରପାରିବେ ନାହିଁ, ମୋତେ ନିଜେ ଏହା କରିବାକୁ ହେବ । ଈଶ୍ୱର ବର୍ଷ ମଧ୍ୟରେ ତିନିଶହ ପଞ୍ଚଷଠି ଥର ମୋତେ ଏହି ଅବସ୍ଥାକୁ ଆଣି ପାରନ୍ତି, କିନ୍ତୁ ମୋତେ ବାଧ୍ୟ କରିପାରିବେ ନାହିଁ । ଏହାର ଅର୍ଥ, ଈଶ୍ୱରଙ୍କଠାରୁ ମୋର ବ୍ୟକ୍ତିଗତ ସ୍ୱାଧୀନତାର ବାହ୍ୟ ସ୍ତରକୁ ଭାଙ୍ଗିବା ଏବଂ ମୋ ନିଜକୁ ଏବଂ ମୋର ପ୍ରକୃତିକୁ ମୁକ୍ତ କରି ଈଶ୍ୱରଙ୍କ ଏକତା ମଧ୍ୟରେ ସ୍ଥାପନ କରିବା, ମୋ ନିଜର ଇଚ୍ଛାନୁସାରେ ନୁହେଁ, ମାତ୍ର ଯୀଶୁଙ୍କ ପ୍ରତି ସଂପୂର୍ଣ୍ଣ ବିଶ୍ୱସ୍ତ ହୋଇ ମନୋନୟନ କରିବା । ଏହି ଅବସ୍ଥାକୁ ଆସିଲେ ମୋର ଆଉ କୌଣସି ଭୁଲ୍ ବୁଝାମଣା ରହେ ନାହିଁ । ଆମ ମଧ୍ୟରୁ ଅଳ୍ପ ଲୋକ କେବଳ ଖ୍ରୀଷ୍ଟଙ୍କ ପ୍ରତି ଅନୁରକ୍ତ ହେବା ବିଷୟ ଜାଣନ୍ତି ଅବା ଯୀଶୁଙ୍କର ଏହି କଥାର ଅର୍ଥ ବୁଝନ୍ତି, ଯେତେବେଳେ ଯୀଶୁ କହିଲେ, ''ମୋ ସକାଶେ'' (ମାଥିଉ ୫:୧୧) । ଏହା ହିଁ କେବଳ ଜଣେ ଶକ୍ତିଯୁକ୍ତ ପବିତ୍ର ବ୍ୟକ୍ତିଙ୍କୁ ଗଢ଼ିପାରେ ।

ମୋର ସ୍ୱାଧୀନତା କ'ଣ ସେହିଭଳି ଭାଙ୍ଗି ନଷ୍ଟ ହୋଇଛି ? ଆଉ ବାକି ସବୁ ଧାର୍ମିକ ପ୍ରତାରଣା । ସ୍ଥିର କରିବାର ଗୋଟିଏ ବିଷୟ ହେଉଛି – ''ମୁଁ କ'ଣ ଛାଡ଼ି ପାରିବି ? ଭଗ୍ନ ଅବସ୍ଥା କିପରି ଆସିବ, ସେ ବିଷୟ ନ ଭାବି ମୁଁ କ'ଣ ନିଃସର୍ତ୍ତରେ ଯୀଶୁଖ୍ରୀଷ୍ଟଙ୍କଠାରେ ନିଜକୁ ସମର୍ପଣ କରିବି ? ନିଜ ବିଷୟରେ ମୋର ଧାରଣାକୁ ମୋତେ ଭାଙ୍ଗିବାକୁ ହେବ । ମୁଁ ସେହି ଅବସ୍ଥାକୁ ଆସିବା ମାତ୍ରକେ ଯୀଶୁଖ୍ରୀଷ୍ଟଙ୍କ ସହିତ ଏକ ଅଲୌକିକ ଏକତାର ବାସ୍ତବତା ଆସିଯାଏ । ଆଉ ଈଶ୍ୱରଙ୍କ ଆତ୍ମାଙ୍କ ସାକ୍ଷ୍ୟ ସୁସ୍ପଷ୍ଟ ହୋଇଯାଏ – ''ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଛି ।''

ମୋ ନିଜର ଅଧିକାରକୁ ଜାଣିଶୁଣି ନିଜ ଇଚ୍ଛାରେ ପରିତ୍ୟାଗ କରି ଯୀଶୁଖ୍ରୀଷ୍ଟଙ୍କ କ୍ରୀତଦାସ ହେବା ଦ୍ୱାରା ଖ୍ରୀଷ୍ଟଧର୍ମର ଆବେଗ ସୃଷ୍ଟି ହୁଏ । ଏହା ନ କରିବା ପର୍ଯ୍ୟନ୍ତ ମୁଁ ପବିତ୍ର ଲୋକ ହୋଇପାରିବି ନାହିଁ ।

ପ୍ରତିବର୍ଷ ଯଦି ଜଣେ ଛାତ୍ର ଈଶ୍ୱରଙ୍କ ଆହ୍ୱାନ ଶୁଣେ, ତେବେ ସେ ଈଶ୍ୱରଙ୍କ ପାଇଁ ଏବଂ ବାଇବଲ ପ୍ରଶିକ୍ଷଣ କଲେଜର ଅସ୍ତିତ୍ୱ ରକ୍ଷା କରବା ଦିଗରେ ଯଥେଷ୍ଟ ହେବ । ଏକ ଶିକ୍ଷା–ସଂସ୍ଥା ରୂପେ ଏହି କଲେଜ୍‌ର କୌଣସି ମହତ୍ତ୍ୱ ନାହିଁ । ଏହାର ଅସ୍ତିତ୍ୱର ଏକମାତ୍ର ମହତ୍ତ୍ୱ ହେଉଛି, ଈଶ୍ୱର ଯେପରି ନିଜ ପାଇଁ ଜୀବନଗୁଡ଼ିକୁ ଚୟନ କରିବେ । ଆମକୁ ଚୟନ କରିବା ପାଇଁ ଆମେ କ'ଣ ତାଙ୍କୁ ଅନୁମତି ଦେବା ଅବା ଆମେ ନିଜ ବିଚାର ଧାରା ପାଇଁ ଅଧିକ ଆଗ୍ରହୀ ଯେ, ଆମେ କ'ଣ ହୋଇପାରିବା ?

# ସତ୍ୟର ଅଧିକାର

**ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅ ଏବଂ ସେ ତୁମର ନିକଟବର୍ତ୍ତୀ ହେବେ ।**

**ଯାକୁବ ୪:୮**

ଏହା ଅତ୍ୟନ୍ତ ଆବଶ୍ୟକୀୟ ବିଷୟ ଯେ, ଆପଣ ଲୋକମାନଙ୍କୁ ଈଶ୍ୱରଙ୍କ ସତ୍ୟକୁ କାର୍ଯ୍ୟକାରୀ କରିବାର ସୁଯୋଗ ଦେବେ । ଏହାର ଦାୟିତ୍ୱ ସେହି ବ୍ୟକ୍ତିଙ୍କ ଉପରେ ଛାଡ଼ି ଦେବା ଉଚିତ । ଆପଣ ତାଙ୍କ ପାଇଁ କାର୍ଯ୍ୟ କରିପାରିବେ ନାହିଁ । ଏହା ତାଙ୍କ ନିଜର ଇଚ୍ଛାକୃତ କାର୍ଯ୍ୟ ହେବା ଉଚିତ, କିନ୍ତୁ ସୁସମାଚାରର ସମ୍ବାଦ ତାଙ୍କୁ କାର୍ଯ୍ୟ କରିବାର ଚାଳନା ଦେବ । କାର୍ଯ୍ୟ କରିବାର ଅନିଚ୍ଛା ତାଙ୍କୁ ଅବଶ କରି ତାଙ୍କର ପୂର୍ବ ସ୍ଥିତିକୁ ଫେରାଇ ନେବ । କିନ୍ତୁ ଥରେ ସେ ତାକୁ କାର୍ଯ୍ୟକାରୀ କଲେ ସେ ପୂର୍ବ ଅବସ୍ଥାରେ ରହନ୍ତି ନାହିଁ । ସତ୍ୟର ନିର୍ବୋଧତା ଶହ ଶହ ଲୋକଙ୍କର ବାଧାର କାରଣ ହୋଇଛି, ଯେଉଁମାନେ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ପାପବୋଧ ପାଇଛନ୍ତି । ଥରେ ସକ୍ରିୟ ହେବା ଦ୍ୱାରା ମୁଁ ବଞ୍ଚିବା ଆରମ୍ଭ କରେ । ଏଥିରୁ ଉଣା ପଡ଼ିବା ଅର୍ଥ କେବଳ ନିଜର ଅସ୍ତିତ୍ୱକୁ ବୁଝାଏ । ମୋର ବଞ୍ଚିବା ମୁହୂର୍ତ୍ତଗୁଡ଼ିକ ମୋ ଇଚ୍ଛାରେ ଚାଳିତ କାର୍ଯ୍ୟକାରୀ ମୁହୂର୍ତ୍ତରେ ପରିଣତ ହୁଏ ।

ଯେତେବେଳେ ଆପଣ ଈଶ୍ୱରଙ୍କ କୌଣସି ସତ୍ୟକୁ ଭଲ ରୂପେ ବୁଝିପାରନ୍ତି, ତେବେ ତାକୁ ଛାଡ଼ନ୍ତୁ ନାହିଁ, ଯେପର୍ଯ୍ୟନ୍ତ ଆପଣ ଆଭ୍ୟନ୍ତରୀଣ ରୂପେ ଆପଣଙ୍କ ଇଚ୍ଛାରେ ତାକୁ କାର୍ଯ୍ୟକାରୀ ନ କରିଛନ୍ତି, ହୁଏତ ବାହ୍ୟିକ ରୂପେ ଏହା ଆପଣଙ୍କ ଶାରୀରିକ ଜୀବନରେ କାର୍ଯ୍ୟକାରୀ ହୋଇ ନ ପାରେ । ଏହାକୁ କାଳିରେ ଏବଂ ରକ୍ତରେ ଲେଖି ରଖନ୍ତୁ– ନିଜ ଜୀବନରେ ଏହାକୁ କାର୍ଯ୍ୟକାରୀ କରନ୍ତୁ । ସବୁଠାରୁ ଦୁର୍ବଳ ପବିତ୍ର ଲୋକ ମଧ୍ୟ ଯେତେବେଳେ ଯୀଶୁ ଖ୍ରୀଷ୍ଟଙ୍କ ସହିତ କାରବାର କରନ୍ତି, ସେ ସେହି ସମୟରେ ମୁକ୍ତ ହୋଇଯାନ୍ତି, ଯେତେବେଳେ ସେ କାର୍ଯ୍ୟ କରନ୍ତି ଏବଂ ସର୍ବଶକ୍ତିମାନ ଈଶ୍ୱରଙ୍କ ଶକ୍ତି ତାଙ୍କ ପାଇଁ ଉପଲବ୍ଧ ହୁଏ । ଆମେ ଈଶ୍ୱରଙ୍କ ସତ୍ୟ ନିକଟକୁ ଆସୁ, ଆମର ଦୋଷ ସ୍ୱୀକାର କରୁ, କିନ୍ତୁ ପୁନର୍ବାର ଫେରିଯାଉ । ତା'ପରେ ଆମେ ପୁଣି ତାହା ନିକଟକୁ ଆସୁ, ପୁଣି ଆଉ ଥରେ ଫେରି ଯାଉ, ଯେ ପର୍ଯ୍ୟନ୍ତ ଶେଷରେ ଆମେ ଶିଖି ନ ଥାଉ ଯେ, ଆମର ଫେରିଯିବାର କୌଣସି ଅଧିକାର ନାହିଁ । ଯେତେବେଳେ ଆମ ଉଦ୍ଧାରକର୍ତ୍ତା ପ୍ରଭୁଙ୍କ ସତ୍ୟର ଏହି ବଚନ ସମ୍ମୁଖରେ ଆମକୁ ଉପସ୍ଥିତ ହେବାକୁ ହୁଏ, ଆମେ ସଂଗେ ସଂଗେ ତାଙ୍କ ସହିତ ପ୍ରତ୍ୟକ୍ଷ କାରବାର ଆରମ୍ଭ କରିବା ଉଚିତ । ''ମୋ ନିକଟକୁ ଆସ'' (ମାଥିଉ ୧୧:୨୮) । ତାଙ୍କର କଥା ''ଆସ'' ର ଅର୍ଥ ''କାର୍ଯ୍ୟ କରିବା'' ତଥାପି ଶେଷ କାର୍ଯ୍ୟ ହେଉଛି ଆସିବା । କିନ୍ତୁ ଆସୁଥିବା ପ୍ରତ୍ୟେକ ଜଣ ଜାଣନ୍ତି ଯେ, ସେହି ମୁହୂର୍ତ୍ତରେ ଈଶ୍ୱରଙ୍କ ଜୀବନର ଅଲୌକିକ ଶକ୍ତି ତାଙ୍କ ମଧ୍ୟରେ ପ୍ରବାହିତ ହୁଏ । ଜଗତର ପ୍ରଭୁତ୍ୱ, ଶାରୀରିକ ଅଭିଳାଷ ଏବଂ ଶୟତାନ ବର୍ତ୍ତମାନ ଅବଶ ଓ ଶକ୍ତିହୀନ ହୋଇଛନ୍ତି, ଆପଣଙ୍କ କାର୍ଯ୍ୟ ଦ୍ୱାରା ନୁହେଁ, ମାତ୍ର ଏହି କାରଣ ହେତୁ ଯେ, ଆପଣଙ୍କ କାର୍ଯ୍ୟ ଆପଣଙ୍କୁ ଈଶ୍ୱରଙ୍କ ସହିତ ଏକ କରିଛି ଏବଂ ତାଙ୍କର ଉଦ୍ଧାରକାରୀ ଶକ୍ତିରେ ଆପଣଙ୍କୁ ସଂଯୁକ୍ତ କରିଛି ।

ନଭେମ୍ବର ୫

# ତାହାଙ୍କ ଦୁଃଖଭୋଗର ସହଭାଗୀ

### ବରଞ୍ଚ ଆନନ୍ଦିତ ହୁଅ ଯେ,
### ତୁମେମାନେ ଖ୍ରୀଷ୍ଟଙ୍କ ଦୁଃଖଭୋଗର ଭାଗୀ ହେଉଛ ।
### ୧ ପିତର ୪:୧୩

ଯଦି ଆପଣ ଈଶ୍ୱରଙ୍କ ଦ୍ୱାରା ବ୍ୟବହୃତ ହେବାକୁ ଯାଉଛନ୍ତି, ତେବେ ସେ ଆପଣଙ୍କୁ ଅନେକ ଅନୁଭୂତି ମଧ୍ୟ ଦେଇ ନେବେ, ଯାହା ବ୍ୟକ୍ତିଗତ ରୂପେ ଆପଣଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ଈଶ୍ୱରଙ୍କ ହାତରେ ବ୍ୟବହାର ଯୋଗ୍ୟ ହେବା ପାଇଁ ସେସବୁ ପରିକଳ୍ପିତ ଏବଂ ଅନ୍ୟମାନଙ୍କ ଜୀବନରେ କ'ଣ ଘଟୁଛି, ତାହା ଆପଣଙ୍କୁ ବୁଝାଇ ଦେବା ଏହାର ଉଦ୍ଦେଶ୍ୟ । ଏହି ପ୍ରକ୍ରିୟା ହେତୁ ଆପଣଙ୍କ ପଥରେ ଯାହା ଆସିବ, ସେଥିରେ ଆପଣ ଆଶ୍ଚର୍ଯ୍ୟ ବୋଧ କରିବେ ନାହିଁ । ଆପଣ ''କହନ୍ତି'' ମୁଁ ସେ ଲୋକଙ୍କ ସହିତ ଚଳି ପାରିବି ନାହିଁ'', କାହିଁକି ଆପଣ ପାରିବେ ନାହିଁ ? ସେହି ସମସ୍ୟା ବିଷୟରେ ଶିଖିବା ପାଇଁ ଈଶ୍ୱର ଆପଣଙ୍କୁ ଯଥେଷ୍ଟ ସୁଯୋଗ ଦେଲେ, କିନ୍ତୁ ଆପଣ ଫେରି ଚାଲିଗଲେ, ଶିଖିଲେ ନାହିଁ, କାରଣ ସେଥିପାଇଁ ସମୟ ଦେବାକୁ ଆପଣ ମୂର୍ଖତା ବୋଲି ଭାବିଲେ ।

ଖ୍ରୀଷ୍ଟଙ୍କ ଦୁଃଖଭୋଗ ସାଧାରଣ ଲୋକଙ୍କ ଦୁଃଖଭୋଗ ନ ଥିଲା । ସେ ''ଈଶ୍ୱରଙ୍କ ଇଚ୍ଛାନୁସାରେ ଦୁଃଖଭୋଗ କଲେ'' (୧ ପିତର ୪:୧୯) । ଦୁଃଖଭୋଗ କ୍ଷେତ୍ରରେ ତାଙ୍କର ଦୃଷ୍ଟିକୋଣ ଆମର ଦୃଷ୍ଟିକୋଣ ଅପେକ୍ଷା ଭିନ୍ନ ଥିଲା । ଆମେ କେବଳ ଯୀଶୁଖ୍ରୀଷ୍ଟଙ୍କ ସହିତ ଆମର ସଂପର୍କ ଦ୍ୱାରା ବୁଝିପାରୁଛୁ ଯେ, ଈଶ୍ୱର ଆମ ସହିତ ବ୍ୟବହାର ମଧ୍ୟରୁ କ'ଣ ହାସଲ କରିବାକୁ ଚାହାନ୍ତି । ଦୁଃଖଭୋଗ ବିଷୟରେ, ଆମର ଖ୍ରୀଷ୍ଟୀୟ ସଂସ୍କୃତିର ଏହା ଏକ ଅଂଶ ଯେ ଆମେ ପୂର୍ବରୁ ଈଶ୍ୱରଙ୍କ ଉଦ୍ଦେଶ୍ୟ ଜାଣିବା । ଖ୍ରୀଷ୍ଟୀୟ ମଣ୍ଡଳୀ ଇତିହାସରେ ଯୀଶୁଖ୍ରୀଷ୍ଟଙ୍କ ଦୁଃଖଭୋଗ ସହିତ ଜଡ଼ିତ ହେବା ଅନୁଭୂତିରୁ ଦୂରେଇ ରହିବାର ମନୋବୃତ୍ତି ପରିଲକ୍ଷିତ ହୋଇଛି । ଲୋକମାନେ ଈଶ୍ୱରଙ୍କ ଆଦେଶକୁ ସହଜ ବାଟରେ ନିଜ ଉପାୟରେ ପାଳନ କରିବାର ପ୍ରୟାସ କରିଛନ୍ତି । ଈଶ୍ୱରଙ୍କ ପଥ ସବୁବେଳେ ଦୁଃଖଭୋଗର ପଥ– ''ଘରେ ପହଞ୍ଚିବାର ଦୀର୍ଘ ପଥ ।''

ଆମେ କ'ଣ ଖ୍ରୀଷ୍ଟଙ୍କ ଦୁଃଖଭୋଗର ସହଭାଗୀ ? ଖ୍ରୀଷ୍ଟଙ୍କ ପାଇଁ ଆମର ବ୍ୟକ୍ତିଗତ ଆକାଂକ୍ଷାକୁ ନିଃଶେଷ କରିବା ପାଇଁ ଆମେ କ'ଣ ପ୍ରସ୍ତୁତ ? ଈଶ୍ୱରଙ୍କ ପାଇଁ ଆମର ବ୍ୟକ୍ତିଗତ ନିଷ୍ପତ୍ତିକୁ ଅଲୌକିକ ଉପାୟରେ ପରିବର୍ତ୍ତିତ କରିବା ପାଇଁ ଆମେ କ'ଣ ପ୍ରସ୍ତୁତ ? ଏହାର ଅର୍ଥ ଏହିପରି ହେବ ଯେ, ଆମେ ଜାଣିପାରିବା ନାହିଁ, ଈଶ୍ୱର ଆମକୁ କାହିଁକି ସେହି ବାଟରେ ନେଉଛନ୍ତି, କାରଣ ଆମେ ଜାଣିବା ଦ୍ୱାରା ଆତ୍ମିକ ରୂପେ ଗର୍ବୀ ହୋଇଯିବା । ସେହି ସମୟରେ ଆମେ ଆଦୌ ବୁଝି ନ ଥାଉ ଯେ, ଈଶ୍ୱର ଆମକୁ କେଉଁ ପରିସ୍ଥିତିରେ ନେଇ ଯାଉଛନ୍ତି– ଆମେ ପ୍ରାୟତଃ ବୁଝି ନ ପାରି ତାହା ମଧ୍ୟ ଦେଇ ଗତି କରୁ । ତା'ପରେ ହଠାତ୍ ଆମେ ଏକ ଜ୍ଞାନପ୍ରାପ୍ତିର ମୁହୂର୍ତ୍ତରେ ପହଞ୍ଚି ଉପଲବ୍ଧି କରୁ– ''ଈଶ୍ୱର ମୋତେ ଶକ୍ତିଯୁକ୍ତ କରିଛନ୍ତି, କିନ୍ତୁ ମୁଁ ତାହା ଜାଣିପାରିଲି ନାହିଁ ।''

ନଭେମ୍ବର ୬

# ଘନିଷ୍ଠ ଧର୍ମତତ୍ତ୍ୱ

## ତୁମେ କ'ଣ ଏହା ବିଶ୍ୱାସ କରୁଛ ?

## ଯୋହନ ୧୧:୨୬

ମାର୍ଥାଙ୍କର ଯୀଶୁ ଖ୍ରୀଷ୍ଟଙ୍କ ପ୍ରଦତ୍ତ ଶକ୍ତି ଉପରେ ବିଶ୍ୱାସ ଥିଲା, ତାଙ୍କର ବିଶ୍ୱାସ ଥିଲା ଯେ ଯୀଶୁ ସେଠାରେ ଥିଲେ ତାଙ୍କର ଭାଇ ସୁସ୍ଥତା ପାଇଥାନ୍ତେ, ସେ ମଧ୍ୟ ବିଶ୍ୱାସ କରିଥିଲେ ଯେ, ଈଶ୍ୱରଙ୍କ ସହିତ ଯୀଶୁଙ୍କର ନିବିଡ଼ ସଂପର୍କ ଥିବାରୁ ସେ ଈଶ୍ୱରଙ୍କୁ ଯାହା କହିଥାନ୍ତେ, ସେ ତାହା କରିଥାନ୍ତେ । କିନ୍ତୁ ତାଙ୍କର ଯୀଶୁଙ୍କ ସହିତ ଅଧିକ ଘନିଷ୍ଠ ସଂପର୍କ ଆବଶ୍ୟକ ଥିଲା । ମାର୍ଥାଙ୍କ ଧର୍ମତତ୍ତ୍ୱର ପୂର୍ଣ୍ଣତା ଭବିଷ୍ୟତ୍ ପାଇଁ ପରିକଳ୍ପିତ ଥିଲା, କିନ୍ତୁ ତାଙ୍କର ବିଶ୍ୱାସକୁ ଏକ ଘନିଷ୍ଠ ଅଧିକାରରେ ପରିଣତ କରିବା ପର୍ଯ୍ୟନ୍ତ ଯୀଶୁ ମାର୍ଥାଙ୍କ ଧ୍ୟାନ ଆକର୍ଷଣ କରି ଚାଲିଥିଲେ । ତା'ପରେ ଧୀରେ ଧୀରେ ଏହା ବ୍ୟକ୍ତିଗତ ଉତ୍ତରାଧିକାରରେ ପରିଣତ ହେଲା – ''ହଁ ପ୍ରଭୁ, ... ଆପଣ ଯେ ଈଶ୍ୱରଙ୍କ ପୁତ୍ର ସେହି ଖ୍ରୀଷ୍ଟ ଅଟନ୍ତି, ଏହା ମୁଁ ବିଶ୍ୱାସ କରେ'' (୧୧:୨୭) ।

ଆପଣଙ୍କ ପ୍ରତି ପ୍ରଭୁ କ'ଣ ସେପରି ବ୍ୟବହାର କରୁଛନ୍ତି ? ଯୀଶୁ ତାଙ୍କ ସହିତ ବ୍ୟକ୍ତିଗତ ସଂପର୍କ ସ୍ଥାପନ ପାଇଁ ଆପଣଙ୍କୁ କ'ଣ ଶିଖାଉଛନ୍ତି ? ତାଙ୍କୁ ଏହି ପ୍ରଶ୍ନ ପଚାରିବା ପାଇଁ ସୁଯୋଗ ଦିଅନ୍ତୁ– ''ତୁମେ କ'ଣ ଏହା ବିଶ୍ୱାସ କରୁଛ ?'' ଆପଣଙ୍କ ଜୀବନରେ ଆପଣ କ'ଣ କୌଣସି ସନ୍ଦେହ କରୁଛନ୍ତି ? ଆପଣ କ'ଣ ମାର୍ଥାଙ୍କ ପରି ଭାବବିହ୍ୱଳ ପରିସ୍ଥିତିର ଏଭଳି ଦୋଛକିରେ ପହଞ୍ଚିଛନ୍ତି, ଯେଉଁଠାରେ ଆପଣଙ୍କ ଧର୍ମତତ୍ତ୍ୱ ଆପଣଙ୍କ ବ୍ୟକ୍ତିଗତ ବିଶ୍ୱାସରେ ପରିଣତ ହେବାକୁ ଯାଉଛି ? ଏହା ଘଟିଥାଏ, ଯେତେବେଳେ ଆମର ବ୍ୟକ୍ତିଗତ ସମସ୍ୟା ବ୍ୟକ୍ତିଗତ ଆବଶ୍ୟକତା ପ୍ରତି ଆମକୁ ସଚେତନ କରେ ।

ବିଶ୍ୱାସ କରିବା ଅର୍ଥ, ସମର୍ପଣ କରିବା । ବୌଦ୍ଧିକ ଶିକ୍ଷା କ୍ଷେତ୍ରରେ ମୁଁ ମାନସିକ ରୂପେ ନିଜକୁ ସମର୍ପଣ କରେ ଏବଂ ବିଶ୍ୱାସ ବହିର୍ଭୂତ ପ୍ରତ୍ୟେକ ବିଷୟକୁ ଅଗ୍ରାହ୍ୟ କରେ । ମୋର ବ୍ୟକ୍ତିଗତ ବିଶ୍ୱାସ କ୍ଷେତ୍ରରେ ମୁଁ ନୈତିକ ରୂପେ ମୋର ହୃଦ୍‌ବୋଧ ପ୍ରତି ସମର୍ପିତ ହୋଇ ସାଲିସ୍ କରେ ନାହିଁ, କିନ୍ତୁ ବ୍ୟକ୍ତିଗତ ବିଶ୍ୱାସ କ୍ଷେତ୍ରରେ ମୁଁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଆତ୍ମିକ ରୂପେ ଘନିଷ୍ଠତର ହୋଇ ସମର୍ପଣ କରେ ଏବଂ କେବଳ ତାଙ୍କର ପ୍ରଭୁତ୍ୱ ସ୍ୱୀକାର କରିବା ପାଇଁ ଦୃଢ଼ ସଂକଳ୍ପ ନେଇଥାଏ ।

ତା'ପରେ ଯେତେବେଳେ ମୁଁ ଯୀଶୁଖ୍ରୀଷ୍ଟଙ୍କ ସମ୍ମୁଖରେ ଛିଡ଼ାହୁଏ ଏବଂ ସେ ମୋତେ ପଚାରନ୍ତି, ''ତୁମେ କ'ଣ ଏହା ବିଶ୍ୱାସ କରୁଛ ?'' ମୁଁ ଜାଣିପାରେ ଯେ, ବିଶ୍ୱାସ ଶ୍ୱାସ ପ୍ରକ୍ରିୟା ଭଳି ସ୍ୱାଭାବିକ । ଆଉ ମୁଁ ହତବାକ୍ ହୁଏ ଯେ, ପୂର୍ବରୁ ତାଙ୍କ ଉପରେ ଭରସା ନ ରଖିବା ଦ୍ୱାରା ମୁଁ କି ମୂର୍ଖାମି କରିଛି !

# ପରିସ୍ଥିତିର ଅଜ୍ଞାତ ପବିତ୍ରତା

**ଆମେ ଜାଣୁ ଯେ, ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି... ଈଶ୍ୱର ସବୁ ବିଷୟରେ ସେମାନଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରନ୍ତି ।**

**ରୋମୀୟ ୮:୨୮**

ଜଣେ ପବିତ୍ର ଲୋକଙ୍କ ଜୀବନର ପରସ୍ଥିତି ଈଶ୍ୱରଙ୍କ ଦ୍ୱାରା ସଂପାଦିତ ହୁଏ । ପବିତ୍ର ଲୋକଙ୍କ କୌଣସି ବିଷୟ ଭାଗ୍ୟ ଉପରେ ନିର୍ଭର କରେ ନାହିଁ । ଈଶ୍ୱର ତାଙ୍କର ପ୍ରଭୁତ୍ୱ ବଳରେ ଆପଣଙ୍କୁ ଏଭଳି ପରିସ୍ଥିତି ମଧ୍ୟକୁ ଆଣନ୍ତି ଯାହା ଆପଣଙ୍କ ପକ୍ଷେ ଅବୋଧ ମନେହୁଏ କିନ୍ତୁ ଈଶ୍ୱରଙ୍କ ଆତ୍ମା ବୁଝିପାରନ୍ତି । ଈଶ୍ୱର ତାଙ୍କର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ପାଇଁ ଆପଣଙ୍କ ଅନ୍ତରସ୍ଥ ଆତ୍ମାଙ୍କ ନିବେଦନ ଦ୍ୱାରା ଆପଣଙ୍କୁ ବିଭିନ୍ନ ସ୍ଥାନ, ବ୍ୟକ୍ତି ବିଶେଷ ଏବଂ ପରିସ୍ଥିତିର ସଂପର୍କ ମଧ୍ୟକୁ ଆଣନ୍ତି । ଆପଣଙ୍କ ପରିସ୍ଥିତି ସମ୍ମୁଖରେ ନିଜକୁ ରଖି କେବେ ହେଁ କୁହନ୍ତୁ ନାହିଁ, ‘‘ମୁଁ ଏଠାରେ ନିଜର ପ୍ରଭୁତ୍ୱ ରଖିବି, ମୁଁ ସାବଧାନ ହୋଇ ପରିସ୍ଥିତିକୁ ଅନୁଧ୍ୟାନ କରିବି ଅବା ତାହାଠାରୁ ନିଜକୁ ସୁରକ୍ଷା ଦେବି ।’’ ଆପଣଙ୍କର ସବୁ ପରିସ୍ଥିତି ଈଶ୍ୱରଙ୍କ ହାତରେ ଅଛି ଏବଂ ସେଥିପାଇଁ ଆପଣଙ୍କୁ ଭାବିବାକୁ ହେବ ନାହିଁ ଯେ, ସେ ସବୁ ଅସ୍ୱାଭାବିକ ବା ଅନନ୍ୟ । ନିବେଦନ ସୂଚକ ପ୍ରାର୍ଥନାରେ କିଭଳି ଭାବେ ନିବେଦନ କରାଯିବ, ସେଥିପାଇଁ ଦୁଃଖପ୍ରକାଶ କରିବା ଆପଣଙ୍କ ଉଦ୍ଦେଶ୍ୟ ହେବା ଉଚିତ୍ ନୁହେଁ, ମାତ୍ର ଏହି ଉଦ୍ଦେଶ୍ୟ ରହିବା ଆବଶ୍ୟକ ଯେ, ପ୍ରତିଦିନ ଆପଣଙ୍କ ପରିସ୍ଥିତିକୁ ଏବଂ ଯେଉଁ ଲୋକମାନଙ୍କୁ ଈଶ୍ୱର ତାଙ୍କ ସିଂହାସନ ସମ୍ମୁଖକୁ ଆଣିବା ପାଇଁ ନିଜର ପ୍ରଭୁତ୍ୱ ଅଧୀନରେ ଆପଣଙ୍କ ଆଖପାଖରେ ରଖିଛନ୍ତି, ଆପଣ ଯେପରି ସେମାନଙ୍କୁ ବ୍ୟବହାର କରିବେ ଏବଂ ଆପଣଙ୍କ ଅନ୍ତରସ୍ଥ ପବିତ୍ର ଆତ୍ମାଙ୍କୁ ସେମାନଙ୍କ ପାଇଁ ନିବେଦନ କରିବାକୁ ସୁଯୋଗ ଦେବେ ।

ମୁଁ କ’ଣ ଅସ୍ପଷ୍ଟ ଏବଂ ଅନିଶ୍ଚିତ ହେବା ଦ୍ୱାରା ଅବା ପବିତ୍ର ଆତ୍ମାଙ୍କ ପକ୍ଷରୁ ତାଙ୍କର କାର୍ଯ୍ୟ କରିବାର ପ୍ରୟାସ ଫଳରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟକୁ କଷ୍ଟସାଧ୍ୟ କରିଦେଉଛି ? ମୁଁ ମନୁଷ୍ୟମାନଙ୍କ ପକ୍ଷରୁ ନିବେଦନ କରିବା ଆବଶ୍ୟକ ଏବଂ ମୁଁ ଯେଉଁ ପରିସ୍ଥିତିରେ ଅଛି, ତାହାକୁ ଏବଂ ମୋର ଚାରି ପାଖେ ରହୁଥିବା ଲୋକଙ୍କୁ ନେଇ ମୁଁ ଏହା କରିବି । ମୁଁ ମୋର ଜାଗ୍ରତପୂର୍ଣ୍ଣ ଜୀବନକୁ ପବିତ୍ରଆତ୍ମାଙ୍କର ପବିତ୍ର ସ୍ଥାନ ରୂପେ ସ୍ଥାପନ କରିବି । ମୋର ପ୍ରାର୍ଥନାରେ ମୁଁ ବିଭିନ୍ନ ଲୋକଙ୍କୁ ଉତ୍ତୋଳିତ କରିବା ସମୟରେ ପବିତ୍ର ଆତ୍ମା ସେମାନଙ୍କ ପାଇଁ ନିବେଦନ କରନ୍ତି ।

ଆପଣଙ୍କ ନିବେଦନ ମୋର ହୋଇପାରିବ ନାହିଁ ଏବଂ ମୋର ନିବେଦନ ଆପଣଙ୍କର ହେବ ନାହିଁ, ‘‘କିନ୍ତୁ ଆତ୍ମା ନିଜେ ଆମ ତରଫରୁ ନିବେଦନ କରନ୍ତି’’ (ରୋମୀ ୮:୨୬) । ଆଉ ଏହି ନିବେଦନ ବିନା ଅନ୍ୟମାନଙ୍କ ଜୀବନ ଦାରିଦ୍ର୍ୟ ଏବଂ ବିନାଶ ମଧ୍ୟରେ ରହିଯିବ ।

# ପ୍ରାର୍ଥନାର ଅତୁଳନୀୟ ଶକ୍ତି

**କାରଣ କ'ଣ ପ୍ରାର୍ଥନା କରିବା ଉଚିତ୍, ତାହା ଆମେମାନେ ଜାଣୁ ନାହୁଁ, କିନ୍ତୁ ଆତ୍ମା ସ୍ୱୟଂ ଅକଥନୀୟ ଆର୍ତ୍ତନାଦରେ ଆମମାନଙ୍କ ନିମନ୍ତେ ନିବେଦନ କରନ୍ତି ।**

**ରୋମୀ ୮:୨୬**

ଆମର ହୃଦ୍‌ବୋଧ ହୁଏ ଯେ, ପ୍ରାର୍ଥନା ପାଇଁ ଆମେ ପବିତ୍ର ଆତ୍ମାଙ୍କ ଦ୍ୱାରା ଶକ୍ତିଯୁକ୍ତ ହେଉ ଏବଂ ଆମେ ଜାଣୁ ଯେ, ପବିତ୍ର ଆତ୍ମାଙ୍କ ଚାଳନାରେ ପ୍ରାର୍ଥନା କରିବା ଅର୍ଥ କ'ଣ ଅଟେ କିନ୍ତୁ ଆମେ ଜାଣି ନ ଥାଉ ଯେ, ସ୍ୱୟଂ ପବିତ୍ର ଆତ୍ମା ଆମ ମଧ୍ୟରେ ପ୍ରାର୍ଥନା କରନ୍ତି, ଯାହା ଆମେ ନିଜେ ଉଚ୍ଚାରଣ କରି ପାରିବା ନାହିଁ । ଯେତେବେଳେ ଆମେ ଈଶ୍ୱରଙ୍କଠାରେ ନୂତନ ଜନ୍ମ ଲାଭ କରୁ ଏବଂ ଈଶ୍ୱରଙ୍କ ଆତ୍ମା ଆମ ମଧ୍ୟରେ ବାସ କରନ୍ତି, ସେ ଆମ ତରଫରୁ ଯାହା ବ୍ୟକ୍ତ କରନ୍ତି ତାହା ଆମେ ଉଚ୍ଚାରଣ କରିବାକୁ ଅସମର୍ଥ ହୋଇଥାଉ । ''ସେ'', ଆପଣଙ୍କ ମଧ୍ୟରେ ଥିବା ପବିତ୍ର ଆତ୍ମା ''ସାଧୁମାନଙ୍କ ତରଫରୁ ଈଶ୍ୱରଙ୍କ ଇଚ୍ଛାନୁସାରେ ନିବେଦନ କରନ୍ତି'' (ରୋମୀ ୮:୨୭) । ଈଶ୍ୱର ଆପଣଙ୍କ ହୃଦୟ ଅନୁସନ୍ଧାନ କରନ୍ତି, ଆପଣଙ୍କ ସଚେତନ ମନର ପ୍ରାର୍ଥନା କ'ଣ, ତାହା ଜାଣିବା ପାଇଁ ନୁହେଁ, ମାତ୍ର ପବିତ୍ର ଆତ୍ମାଙ୍କ ପ୍ରାର୍ଥନା କ'ଣ, ତାହା ଜାଣିବା ଉଦ୍ଦେଶ୍ୟରେ ।

ଈଶ୍ୱରଙ୍କ ଆତ୍ମା ତାଙ୍କର ନିବେଦନ ସୂଚକ ପ୍ରାର୍ଥନା କରିବା ପାଇଁ ବିଶ୍ୱାସୀର ସ୍ୱଭାବକୁ ମନ୍ଦିର ରୂପେ ବ୍ୟବହାର କରନ୍ତି, ''ତୁମର ଶରୀର ପବିତ୍ର ଆତ୍ମାଙ୍କ ମନ୍ଦିର'' (୧ କରିନ୍ଥୀ ୬:୧୯) । ଯେତେବେଳେ ଯୀଶୁ ମନ୍ଦିର ପରିଷ୍କାର କଲେ, ''ସେ ମନ୍ଦିର ପ୍ରାଙ୍ଗଣ ଦେଇ ପଣ୍ୟ ଦ୍ରବ୍ୟାଦି ବୋହି ନେବାକୁ କାହାରିକୁ ଛାଡ଼ିଲେ ନାହିଁ'' (ମାର୍କ ୧୧:୧୬) । ଈଶ୍ୱରଙ୍କ ଆତ୍ମା ଆପଣଙ୍କ ଶରୀରକୁ ଆପଣଙ୍କ ନିଜ ସୁବିଧା ପାଇଁ ବ୍ୟବହାର କରିବାକୁ ଆପଣଙ୍କୁ ଅନୁମତି ଦେବେ ନାହିଁ । ଯୀଶୁ କିଣା ବିକା କରୁଥିବା ପ୍ରତ୍ୟେକଙ୍କୁ ନିର୍ଦ୍ଦୟ ଭାବେ ମନ୍ଦିରରୁ ବାହାର କରି ଦେଲେ ଏବଂ କହିଲେ, ''ମୋର ଗୃହ... ପ୍ରାର୍ଥନା ଗୃହ ବୋଲି ଖ୍ୟାତ ହେବ, କିନ୍ତୁ ତୁମେମାନେ ତାକୁ ଦସ୍ୟୁମାନଙ୍କ ଗହ୍ୱର କରିଛ'' (ମାର୍କ ୧୧:୧୭) ।

ଆମେ କ'ଣ ଉପଲବ୍ଧି କରୁଛୁ ଯେ, ''ଆମର ଶରୀର ପବିତ୍ର ଆତ୍ମାଙ୍କ ମନ୍ଦିର ?'' ଯଦି ତାହା ହୋଇଥାଏ, ତେବେ ତାଙ୍କ ଉଦ୍ଦେଶ୍ୟରେ ଏହା ଯେପରି ଅପବିତ୍ର ନ ହୁଏ, ସେଥିପାଇଁ ଆମକୁ ଯତ୍ନ କରିବାକୁ ହେବ । ଆମକୁ ମନେ ରଖିବାକୁ ହେବ ଯେ, ଆମର ସଚେତନ ଜୀବନ, ଏପରିକି ଆମ ବ୍ୟକ୍ତିତ୍ୱର କ୍ଷୁଦ୍ରାଂଶ ମଧ୍ୟ ''ପବିତ୍ର ଆତ୍ମାଙ୍କ ମନ୍ଦିର ।'' ସେ ଆମର ଅଜ୍ଞାତ ଅଚେତନ ଅଂଶ ପ୍ରତି ଦାୟୀ ରହିବେ, କିନ୍ତୁ ଯେଉଁ ସଚେତନ ଅଂଶ ପ୍ରତି ଆମର ଦାୟିତ୍ୱ ରହିଛି, ଆମେ ତାହାର ସୁରକ୍ଷା ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

# ପବିତ୍ର ସେବା

**ମୁଁ ତୁମମାନଙ୍କ ନିମନ୍ତେ ଯେଉଁ ଦୁଃଖ ସହିଛି, ସେଥିପାଇଁ ଆନନ୍ଦୋଲ୍ଲାସ କରୁଛି, ଏବଂ ଖ୍ରୀଷ୍ଟଙ୍କର ... ଦୁଃଖଭୋଗର ଯାହା ଊଣା ଅଛି, ମୁଁ ମୋର ଶରୀରରେ ପୂରଣ କରୁଛି ।**

**କଲସୀ ୧:୨୪**

ଜଣେ ଖ୍ରୀଷ୍ଟୀୟ କାର୍ଯ୍ୟକାରୀଙ୍କୁ ଏକ ପବିତ୍ର 'ମଧ୍ୟସ୍ଥ' ହେବାକୁ ପଡ଼ିବ । ସେ ଆପଣା ପ୍ରଭୁ ଏବଂ ତାଙ୍କର ମୁକ୍ତି କାର୍ଯ୍ୟର ବାସ୍ତବତା ପ୍ରତି ଏତେ ନିବିଡ଼ତର ହେବା ଆବଶ୍ୟକ, ଯଦ୍ଦ୍ୱାରା ଖ୍ରୀଷ୍ଟ ସେହି କାର୍ଯ୍ୟକାରୀଙ୍କ ମଧ୍ୟ ଦେଇ ନିରନ୍ତର ତାଙ୍କ ସୃଜନଶୀଳ ଜୀବନକୁ ସକ୍ରିୟ ରଖିବେ । ମୋର କହିବାର ଉଦ୍ଦେଶ୍ୟ ଏହା ନୁହେଁ ଯେ, ଜଣେ ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱ ଆଉ ଜଣଙ୍କ ଉପରେ ନ୍ୟସ୍ତ କରାଯିବ, ମାତ୍ର କାର୍ଯ୍ୟକାରୀଙ୍କ ଜୀବନର ପ୍ରତ୍ୟେକ ଦିଗ ଖ୍ରୀଷ୍ଟଙ୍କ ଉପସ୍ଥିତିରେ ପୂର୍ଣ୍ଣ ହେବ । ଯେତେବେଳେ ଆମେ ନୂତନ ନିୟମରେ ବର୍ଣ୍ଣିତ ଆମର ପ୍ରଭୁଙ୍କର ଜୀବନ ଏବଂ ତାଙ୍କର ମୃତ୍ୟୁ ସଂପର୍କିତ ଐତିହାସିକ ସତ୍ୟକୁ ପ୍ରଚାର କରୁ, ଆମର ବାକ୍ୟ ସବୁ ପବିତ୍ର ହୋଇଯାଏ । ଆପଣା ମୁକ୍ତି କାର୍ଯ୍ୟକୁ ଆଧାର କରି ଈଶ୍ୱର ଶ୍ରୋତାମାନଙ୍କ ମଧ୍ୟରେ କିଛି ଉତ୍ପନ୍ନ କରିବା ପାଇଁ ଏହି ବାକ୍ୟ ସବୁକୁ ବ୍ୟବହାର କରନ୍ତି, ଯାହା ଅନ୍ୟ ଉପାୟରେ ଉତ୍ପନ୍ନ ହୋଇପାରି ନ ଥାନ୍ତା । ଯଦି ଆମେ ସ୍ୱୟଂ ଯୀଶୁଙ୍କ ବିଷୟକ ଈଶ୍ୱରଙ୍କ ଦ୍ୱାରା ପ୍ରକଟିତ ସତ୍ୟ ପରିବର୍ତ୍ତେ କେବଳ ମନୁଷ୍ୟ ଜୀବନରେ ଉଦ୍ଧାର କାର୍ଯ୍ୟର ପରିଣାମ ବିଷୟ ପ୍ରଚାର କରୁ, ତେବେ ଶ୍ରୋତାମାନଙ୍କ ଜୀବନରେ ଏହାର ପରିଣାମ ନୂତନ ଜନ୍ମ ହେବ ନାହିଁ । ଏହାର ପରିଣାମ ଏକ ମାର୍ଜ୍ଜିତ ଧାର୍ମିକ ଜୀବନ ଶୈଳୀ ହୁଏ ଏବଂ ଈଶ୍ୱରଙ୍କ ଆତ୍ମା ଏହାର ସାକ୍ଷ୍ୟ ଦେଇ ପାରନ୍ତି ନାହିଁ, କାରଣ ଏଭଳି ପ୍ରଚାର ତାଙ୍କର କ୍ଷେତ୍ର ବିଷୟକ ନ ହୋଇ ଅନ୍ୟ ବିଷୟକ ହୋଇଥାଏ । ଆମେ ନିଶ୍ଚିତ ହେବା ଆବଶ୍ୟକ ଯେ, ଆମେ ଈଶ୍ୱରଙ୍କ ସହିତ ଏଭଳି ସମନ୍ୱିତ ଜୀବନ ଯାପନ କରୁଛୁ ଯେ, ଆମେ ତାଙ୍କର ସତ୍ୟକୁ ଘୋଷଣା କରିବା ଦ୍ୱାରା ଈଶ୍ୱର ଅନ୍ୟମାନଙ୍କ ଜୀବନରେ ସେହି ବିଷୟ ସୃଷ୍ଟି କରନ୍ତି, ଯାହା ସେ ନିଜେ କରିପାରନ୍ତି ।

ଯେତେବେଳେ ଆମ କହୁ, ''କି ଅପୂର୍ବ ବ୍ୟକ୍ତିତ୍ୱ, କି ମନମୁଗ୍ଧକାରୀ ବ୍ୟକ୍ତି, କି ଅଦ୍ଭୁତ ଅନ୍ତର୍ଦୃଷ୍ଟି !'' ସେହି ସମୟରେ ଏସବୁ କଥା ମଧ୍ୟରେ ଈଶ୍ୱରଙ୍କ ସୁସମାଚାରକୁ କେଉଁ ପ୍ରକାର ସୁଯୋଗ ମିଳିଥାଏ ? ଏହା ଆପଣା ଉଦ୍ଦେଶ୍ୟ ସଫଳ କରି ପାରେ ନାହିଁ, କାରଣ ଏହାର ଆକର୍ଷଣ ବାର୍ତ୍ତାବାହକଙ୍କ ପ୍ରତି ଥାଏ, ବାର୍ତ୍ତା ପ୍ରତି ନ ଥାଏ । ଯଦି ଜଣେ ତାଙ୍କର ବ୍ୟକ୍ତତ୍ୱ ପ୍ରତି ଆକର୍ଷିତ ହୁଅନ୍ତି, ତେବେ ତାହା ତାଙ୍କର ଆବେଦନ ହୋଇଥାଏ । ଯଦି ସେ ସ୍ୱୟଂ ପ୍ରଭୁଙ୍କ ସହିତ ଜଡ଼ିତ ହୋଇଥାନ୍ତି, ତେବେ ସେହି ଆବେଦନ ଏପରି ହୁଏ, ଯାହା ଯୀଶୁଖ୍ରୀଷ୍ଟ ସାଧନ କରି ପାରନ୍ତି । ବିପଦ ହେଉଛି, ମନୁଷ୍ୟକୁ ଗୌରବ ଦେବା, ତଥାପି ଯୀଶୁ କହନ୍ତି ଯେ, ଆମେ କେବଳ ତାଙ୍କୁ ଉପରକୁ ଉଠାଇବା (ଯୋହନ ୧୨:୩୨ ଦେଖନ୍ତୁ) ।

# ସୁସମାଚାରର ସାନ୍ନିଧ

## ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କାର୍ଯ୍ୟରେ ଈଶ୍ୱରଙ୍କ ସହକର୍ମୀ

## ୧ ଥେସଲନିକୀ ୩:୨

ପବିତ୍ରୀକରଣ ପରେ ଆପଣଙ୍କ ଜୀବନର ଉଦ୍ଦେଶ୍ୟ ବିଷୟ କହିବା କଷ୍ଟକର, କାରଣ ଈଶ୍ୱର ଆପଣଙ୍କୁ ପବିତ୍ର ଆତ୍ମାଙ୍କ ସହାୟତାରେ ତାଙ୍କର ଉଦ୍ଦେଶ୍ୟ ମଧ୍ୟକୁ ଆଣିଛନ୍ତି । ସେ ଆପଣଙ୍କୁ ତାଙ୍କ ଉଦ୍ଦେଶ୍ୟରେ ସମଗ୍ର ଜଗତରେ ବ୍ୟବହାର କରୁଛନ୍ତି, ଯେପରି ସେ ତାଙ୍କର ପୁତ୍ରଙ୍କୁ ପରିତ୍ରାଣ ଉଦ୍ଦେଶ୍ୟରେ ବ୍ୟବହାର କରିଥିଲେ । ଯଦି ଆପଣ ଭାବନ୍ତି, ‘‘ଈଶ୍ୱର ମୋତେ ଏହି କାର୍ଯ୍ୟ ବା ସେହି କାର୍ଯ୍ୟ ପାଇଁ ଆହ୍ୱାନ କରିଛନ୍ତି’’, ଆପଣଙ୍କ ପାଇଁ ବଡ଼ ବଡ଼ ବିଷୟ ଖୋଜନ୍ତି, ତେବେ ଆପଣ ଈଶ୍ୱରଙ୍କ ବ୍ୟବହାର ଯୋଗ୍ୟ ହେବା ପାଇଁ ବାଧା ସୃଷ୍ଟି କରୁଛନ୍ତି । ଯେପର୍ଯ୍ୟନ୍ତ ଆପଣ ନିଜର ବ୍ୟକ୍ତିଗତ ରୁଚି ଏବଂ ଆକାଂକ୍ଷାକୁ ବଜାୟ ରଖନ୍ତି, ଆପଣ ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କ ରୁଚି ସହିତ ସମନ୍ୱୟ ରକ୍ଷା କରିପାରିବେ ନାହିଁ କି ତାହା ସହିତ ଜଡ଼ିତ ହୋଇ ପାରିବେ ନାହିଁ । ଆପଣଙ୍କର ସମସ୍ତ ବ୍ୟକ୍ତିଗତ ଯୋଜନାକୁ ସବୁଦିନ ପାଇଁ ତ୍ୟାଗ କରିବା ଦ୍ୱାରା ଏବଂ ଜଗତ ପାଇଁ ଈଶ୍ୱରଙ୍କ ଉଦ୍ଦେଶ୍ୟ ମଧ୍ୟକୁ ପ୍ରତ୍ୟକ୍ଷ ରୂପେ ଆପଣଙ୍କୁ ନେଇଯିବା ପାଇଁ ଈଶ୍ୱରଙ୍କୁ ଅନୁମତି ଦେବା ଦ୍ୱାରା ଏହା କେବଳ ସଂପନ୍ନ ହୋଇ ପାରିବ । ଆପଣ ଯେଉଁ ସବୁ ଉପାୟରେ ନିଜକୁ ଜାଣିଛନ୍ତି, ସେସବୁକୁ ମଧ୍ୟ ସମର୍ପଣ କରିବାକୁ ହେବ, କାରଣ ବର୍ତ୍ତମାନ ସେସବୁ ପ୍ରଭୁଙ୍କ ଉପାୟରେ ପରିଣତ ହୋଇଛି ।

ମୋତେ ଶିକ୍ଷା କରିବାକୁ ହେବ ଯେ, ମୋ ଜୀବନର ଉଦ୍ଦେଶ୍ୟ କେବଳ ଈଶ୍ୱରଙ୍କର, ମୋର ନୁହେଁ । ଈଶ୍ୱର ତାଙ୍କର ମହାନ୍ ଦୃଷ୍ଟିକୋଣରୁ ମୋତେ ବ୍ୟବହାର କରୁଛନ୍ତି ଏବଂ ସେ ମୋଠାରୁ ଆଶା କରନ୍ତି ଯେ, ମୁଁ ତାଙ୍କ ଉପରେ ଭରସା ରଖିବି । ମୁଁ ଆଦୌ କହିବି ନାହିଁ, ‘‘ପ୍ରଭୁ, ଏହା ମୋ ମନରେ ବହୁତ ଦୁଃଖ ଦେଉଛି ।’’ ସେହି କଥା କହିବା ଦ୍ୱାରା ମୁଁ ବାଧାର କାରଣ ହୋଇଯାଏ । ମୁଁ ଯେତେବେଳେ ଈଶ୍ୱରଙ୍କ ନିକଟରେ ମୋର ଆବଶ୍ୟକୀୟ ବିଷୟ ସବୁ ମାଗିବା ବନ୍ଦ କରିଦିଏ, ସେ ନିର୍ବିରୋଧରେ ମୋ ମଧ୍ୟରେ ତାଙ୍କର ଇଚ୍ଛାକୁ କାର୍ଯ୍ୟକାରୀ କରନ୍ତି । ସେ ମୋତେ ଚୂର୍ଣ୍ଣ କରିପାରନ୍ତି, ଉତ୍ତୋଳିତ କରିପାରନ୍ତି, କିମ୍ବା ଯାହା ଇଚ୍ଛା, ତାହା କରିପାରନ୍ତି । ସେ ମନୋନୟନ କରନ୍ତି । ସେ କେବଳ ମୋତେ ତାଙ୍କର ଉତ୍ତମତା ପ୍ରତି ସଂପୂର୍ଣ୍ଣ ବିଶ୍ୱାସ କରିବାକୁ କହନ୍ତି । ଆତ୍ମ-ସହାନୁଭୂତି ଶୟତାନଠାରୁ ଆସିଥାଏ ଏବଂ ମୁଁ ଯଦି ତାହା ମଧ୍ୟକୁ ଫେରି ଯାଉଥିବି, ତେବେ ଜଗତରେ ମୁଁ ଈଶ୍ୱରଙ୍କ ଉଦ୍ଦେଶ୍ୟ ଅନୁସାରେ ବ୍ୟବହୃତ ହୋଇ ପାରିବି ନାହିଁ । ଏହା କରିବା ଦ୍ୱାରା ଏ ଜଗତ ମଧ୍ୟରେ ମୁଁ ମୋର ନିଜର ଏକ ଆରାମଦାୟକ ଜଗତ ସୃଷ୍ଟି କରେ ଏବଂ ମୋର ଅସୁବିଧା ସୃଷ୍ଟି ହେବାର ଭୟରେ ସେଠାରୁ ମୋର ସ୍ଥିତିକୁ ପରିବର୍ତ୍ତନ କରିବା ପାଇଁ ମୁଁ ଈଶ୍ୱରଙ୍କୁ ଅନୁମତି ଦେଇ ନ ଥାଏ ।

ନଭେମ୍ବର ୧୧

# ସର୍ବୋଚ୍ଚ ଶିଖରକୁ ଆରୋହଣ

### ଈଶ୍ୱର କହିଲେ ତୁମର... ଏକମାତ୍ର ପୁତ୍ରକୁ ନେଇ...
### ଆଦିପୁସ୍ତକ ୨୨:୨

ଈଶ୍ୱରଙ୍କ ଆଜ୍ଞା ହେଉଛି, ''ବର୍ତ୍ତମାନ ନିଅ'', ପରେ ନୁହେଁ । ଏହା ଆଶ୍ଚର୍ଯ୍ୟର ବିଷୟ ଯେ, ଆମେ କିଭଳି ଯୁକ୍ତି ବାଢ଼ି ଥାଉ । ଆମେ ଜାଣୁ ଯେ, କିଛି କଥା ଠିକ୍, କିନ୍ତୁ ତାହା ନ କରିବାକୁ ଆମେ ଆଳ ଦେଖାଇଥାଉ । ଯଦି ଆମକୁ ଈଶ୍ୱରଙ୍କ ପ୍ରକଟିତ ଉଚ୍ଚତାକୁ ଆରୋହଣ କରିବାକୁ ହେବ, ତାହା ବର୍ତ୍ତମାନ କରିବାକୁ ହେବ – ପରବର୍ତ୍ତୀ ସମୟରେ ନୁହେଁ । ଆଉ ତାହା କରିବା ପୂର୍ବରୁ ନିଜ ଇଚ୍ଛାରେ ଆମକୁ ସ୍ୱାର୍ଥତ୍ୟାଗ କରିବାକୁ ହେବ ।

''ପରଦିନ ପ୍ରତ୍ୟୁଷରୁ ଅବ୍ରହାମ ଉଠି... ଈଶ୍ୱରଙ୍କ ନିରୂପିତ ସ୍ଥାନ ଅଭିମୂଖେ ଯାତ୍ରା କଲେ'' (ଆଦିପୁସ୍ତକ ୨୨:୩) । ଅବ୍ରହାମଙ୍କର କି ଅଦ୍ଭୁତ ସରଳତା ! ଈଶ୍ୱର ଯେତେବେଳେ କହିଲେ, ''ସେ କୌଣସି ମନୁଷ୍ୟ ସହିତ ପରାମର୍ଶ କରି ନ ଥିଲେ'' (ଗାଲାତୀ ୧:୧୬) । ଯେତେବେଳେ ଆପଣ ''ମନୁଷ୍ୟ ସହିତ'' କିମ୍ବା ଆପଣଙ୍କ ଚିନ୍ତା, ବିଚାରଧାରା ଏବଂ ବୁଝାମଣା କିମ୍ବା ଅନ୍ୟ କୌଣସି ବିଷୟ ସହିତ ପରାମର୍ଶ କରନ୍ତି, ଯାହା ଈଶ୍ୱରଙ୍କ ସହିତ ଆପଣଙ୍କ ସଂପର୍କ ଉପରେ ଆଧାରିତ ନୁହେଁ, ସେତେବେଳେ ସାବଧାନ ହୁଅନ୍ତୁ । ଏ ସବୁ ଈଶ୍ୱରଙ୍କ ପ୍ରତିଦ୍ୱନ୍ଦୀ ରୂପେ ଈଶ୍ୱରଙ୍କ ପ୍ରତି ବାଧ୍ୟତାର ବାଧା ସ୍ୱରୂପ ହୁଅନ୍ତି ।

ଅବ୍ରହାମ ବଳିଦାନ ବିଷୟରେ ମନୋନୀତ କରି ନ ଥିଲେ । ସବୁବେଳେ ଈଶ୍ୱରଙ୍କ ପାଇଁ ଆତ୍ମ-ମନୋନୟନର ସେବାକାର୍ଯ୍ୟ ବିଷୟରେ ସତର୍କ ହୁଅନ୍ତୁ । ଆତ୍ମ-ବଳିଦାନ ଏକ ରୋଗ ଭଳି ଆପଣଙ୍କ ସେବାକାର୍ଯ୍ୟକୁ କ୍ଷତିଗ୍ରସ୍ତ କରିପାରେ । ଯଦି ଈଶ୍ୱର ଆପଣଙ୍କ ପାତ୍ରକୁ ମଧୁର କରିଛନ୍ତି, ତେବେ ଅନୁଗୃହୀତ ହୋଇ ପାନ କରନ୍ତୁ, କିମ୍ବା ଈଶ୍ୱର ଯଦି ତାକୁ ତିକ୍ତତାରେ ଭରି ଦେଇଛନ୍ତି, ତେବେ ତାଙ୍କ ସହିତ ସାନ୍ନିଧ୍ୟ ରକ୍ଷା କରି ପାନ କରନ୍ତୁ । ଯଦି ଈଶ୍ୱରଙ୍କ ପ୍ରଭୁତ୍ୱ ସଂପନ୍ନ ଇଚ୍ଛା ଆପଣଙ୍କ ପାଇଁ କଠିନ ସମୟ ହୁଏ, ତେବେ ତା' ମଧ୍ୟ ଦେଇ ଯାଆନ୍ତୁ । କିନ୍ତୁ ନିଜର ସାକ୍ଷ୍ୟମର ହେବାର ସ୍ଥାନ ବିଷୟରେ ନିଷ୍ପତ୍ତି ନେଇ କୁହନ୍ତୁ ନାହିଁ, ''ମୁଁ କେବଳ ସେ ପର୍ଯ୍ୟନ୍ତ ଯିବି, ଆଗକୁ ଆଉ ଯାଇ ପାରିବି ନାହିଁ ।'' ଅବ୍ରହାମଙ୍କ ପରୀକ୍ଷା ଈଶ୍ୱର ସ୍ଥିର କଲେ, ଆଉ ଅବ୍ରହାମ ଅବିଳମ୍ବେ ବିନା ଅଭିଯୋଗରେ ସଂଗେ ସଂଗେ ବାଧ୍ୟ ହେଲେ । ଆପଣ ଯଦି ଈଶ୍ୱରଙ୍କ ସଂସ୍ପର୍ଶରେ ନାହାନ୍ତି, ତେବେ ତାଙ୍କୁ ଦୋଷ ଦେବା ବା ତାଙ୍କ ବିଷୟରେ ବିଚାର କରିବା ସହଜ ହୁଏ । କୌଣସି ନିଷ୍ପତ୍ତି ଶୁଣାଇବା ପୂର୍ବରୁ ଆପଣଙ୍କୁ ପରୀକ୍ଷା ମଧ୍ୟ ଦେଇ ଯିବାକୁ ହେବ । କାରଣ ପରୀକ୍ଷା ମଧ୍ୟ ଦେଇ ଗଲେ ଆପଣ ଈଶ୍ୱରଙ୍କୁ ଭଲ ରୂପେ ଜାଣି ପାରିବେ । ଈଶ୍ୱର ତାଙ୍କର ଉଚ୍ଚତମ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଏବଂ ତାଙ୍କର ଉଦ୍ଦେଶ୍ୟ ସହ ଆମର ଉଦ୍ଦେଶ୍ୟକୁ ଏକ କରିବା ପାଇଁ ଆମ ମଧ୍ୟରେ କାର୍ଯ୍ୟ କରୁଛନ୍ତି ।

# ପରିବର୍ତ୍ତିତ ଜୀବନ

**ଯଦି କେହି ଖ୍ରୀଷ୍ଟଙ୍କଠାରେ ଅଛି,**
**ତେବେ ସେ ନୂତନ ସୃଷ୍ଟି ହୋଇଅଛି,**
**ପୁରାତନ ବିଷୟ ସବୁ ଲୋପ ପାଇଅଛି,**
**ଦେଖ, ନୂତନ ବିଷୟ ସବୁ ହୋଇଅଛି ।**
**୨ କରିନ୍ଥୀ ୫:୧୭**

ଆପଣଙ୍କ ଆତ୍ମାର ପରିତ୍ରାଣ ବିଷୟରେ ଆପଣ କ'ଣ ବୁଝନ୍ତି ? ପରିତ୍ରାଣ କାର୍ଯ୍ୟର ଅର୍ଥ ହେଉଛି, ଆପଣଙ୍କ ପ୍ରକୃତ ଜୀବନରେ ସବୁ ବିଷୟର ନାଟକୀୟ ପରିବର୍ତ୍ତନ ଘଟିଛି । ଆପଣଙ୍କ ଦୃଷ୍ଟିଭଙ୍ଗୀ ବଦଳି ଯାଇଛି । ଆପଣଙ୍କ ରୁଚି ନୂଆ ହୋଇଛି ଏବଂ ପୁରାତନ ବିଷୟର ଆକର୍ଷଣ ଶକ୍ତି ଆଉ ନାହିଁ । ପରିତ୍ରାଣ କାର୍ଯ୍ୟ ସଂପାଦିତ ହୋଇଛି କି ନାହିଁ, ତାହାର ପରୀକ୍ଷା ହେଉଛି ଯେ, ଆପଣଙ୍କ ଦୃଷ୍ଟିରେ ଯାହା ମହତ୍ତ୍ୱପୂର୍ଣ୍ଣ, ଈଶ୍ୱର କ'ଣ ସେ ସବୁକୁ ପରିବର୍ତ୍ତିତ କରିଛନ୍ତି ? ବର୍ତ୍ତମାନ ପର୍ଯ୍ୟନ୍ତ ଯଦି ପୁରାତନ ବିଷୟ ପ୍ରତି ଆପଣ ଆକାଂକ୍ଷିତ, ତେବେ ଊର୍ଦ୍ଧ୍ୱରୁ ଯେ ଆପଣଙ୍କ ନୂତନ ଜନ୍ମ ହୋଇଛି, ତାହା କହିବା ଅସଂଗତ ହେବ ଏବଂ ତାହା ଆତ୍ମ ପ୍ରତାରଣା ହେବ । ଆପଣ ଯଦି ନୂତନ ଜନ୍ମ ପାଇଛନ୍ତି, ଈଶ୍ୱରଙ୍କ ଆତ୍ମା ଆପଣଙ୍କ ଜୀବନରେ ଏବଂ ଚିନ୍ତାରେ ସେହି ପରିବର୍ତ୍ତନକୁ ଆହୁରି ସ୍ପଷ୍ଟ କରିବେ । ସଂକଟ ଉପସ୍ଥିତ ହେଲେ ଆପଣ ନିଜ ମଧ୍ୟରେ ସେହି ପରିବର୍ତ୍ତନକୁ ଲକ୍ଷ୍ୟ କରି ସବୁଠାରୁ ଆଶ୍ଚର୍ଯ୍ୟାନ୍ୱିତ ବ୍ୟକ୍ତି ହେବେ । ଏହା କଳ୍ପନା କରି ହେବ ନାହିଁ ଯେ, ଆପଣ ଏହି କାର୍ଯ୍ୟ କଲେ । ଏହି ସଂପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ପ୍ରମାଣ କରେ ଯେ, ଆପଣ ପରିତ୍ରାଣ ପାଇଛନ୍ତି ।

ମୋର ପରିତ୍ରାଣ ଏବଂ ପବିତ୍ରୀକରଣ କେଉଁ ପ୍ରକାର ପରିବର୍ତ୍ତନ ଆଣିଛି ? ଉଦାହରଣ ରୂପେ ମୁଁ କ'ଣ ୧ କରିନ୍ଥୀ ୧୩ ପର୍ବ ଅନୁସାରେ ଜୀବନ କାଟି ପାରିବି ଅବା ବ୍ୟତିବ୍ୟସ୍ତ ହୋଇ ତାକୁ ଏଡ଼େଇ ଦେବି ? ପବିତ୍ର ଆତ୍ମାଙ୍କ ଦ୍ୱାରା ମୋ ମଧ୍ୟରେ ସାଧିତ ପରିତ୍ରାଣ ମୋତେ ସଂପୂର୍ଣ୍ଣ ମୁକ୍ତ କରେ । ଯଦି ମୁଁ ''ସେ ଯେପରି ଆଲୋକ ନିବାସୀ, ସେହିପରି ଆଲୋକରେ ଜୀବନଯାପନ କରିଛି'' (୧ ଯୋହନ ୧:୭), ତେବେ ଈଶ୍ୱର ମୋତେ ଅନୁଯୋଗ କରିବାର କୌଣସି କାରଣ ପାଇ ନ ଥାନ୍ତି, କାରଣ ତାଙ୍କର ଜୀବନ ମୋର ଅସ୍ତିତ୍ୱର ପ୍ରତ୍ୟେକ ଅଂଶରେ କାର୍ଯ୍ୟରତ, କେବଳ ସଚେତନ ଅବସ୍ଥାରେ ନୁହେଁ, ମାତ୍ର ମୋର ସଚେତନତାର ଆହୁରି ଗଭୀର ସ୍ତରରେ ମଧ୍ୟ ଏହା କାର୍ଯ୍ୟରତ ।

# ବିଶ୍ୱାସ ଅବା ଅନୁଭୂତି ?

**ଈଶ୍ୱରଙ୍କ ପୁତ୍ର... ମୋତେ ପ୍ରେମ କରି ମୋ ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ ।**

**ଗାଲାତୀୟ ୨:୨୦**

ଆମକୁ ଆମର ମାନସିକ ଅବସ୍ଥା, ଆବେଗ ଏବଂ ବିଚାରଧାରା ସହିତ ସଂଘର୍ଷ କରି ସଂପୂର୍ଣ୍ଣ ଭକ୍ତି ସହକାରେ ପ୍ରଭୁ ଯୀଶୁଙ୍କ ନିକଟକୁ ଆସିବାକୁ ହେବ । ଆମ ଅନୁଭୂତିର ଛୋଟିଆ ଜଗତ ଭିତରୁ ବାହାରି ଆସି ଆମକୁ ପ୍ରଭୁଙ୍କ ପ୍ରତି ତ୍ୟାଗପୂର୍ଣ୍ଣ ଭକ୍ତି ସହ ଆସିବାକୁ ହେବ । ଚିନ୍ତା କରନ୍ତୁ, ନୂତନ ନିୟମ ଯୀଶୁଙ୍କ ବିଷୟରେ କ'ଣ କୁହେ ଏବଂ ତା'ପରେ ଚିନ୍ତା କରନ୍ତୁ ଆମେ ଯେଉଁ ତୁଚ୍ଛ ଏବଂ ଘୃଣ୍ୟ ବିଶ୍ୱାସ ପ୍ରଦର୍ଶନ ପୂର୍ବକ କହିଥାଉ, ''ମୋର ଏପରି ବା ସେପରି ଅନୁଭୂତି ନାହିଁ !'' ଚିନ୍ତା କରନ୍ତୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ବିଶ୍ୱାସ କ'ଣ ଦାବି କରେ ଏବଂ କେଉଁ ବିଷୟ ଉପଲବ୍ଧ କରାଏ – ଏହା ଆମକୁ ଈଶ୍ୱରଙ୍କ ସିଂହାସନ ସମ୍ମୁଖରେ ନିର୍ଦ୍ଦୋଷ ରୂପେ ଉପସ୍ଥାପିତ କରେ, ଅବର୍ଣ୍ଣନୀୟ ରୂପେ ଶୁଦ୍ଧ, ସଂପୂର୍ଣ୍ଣ ଧାର୍ମିକ ଏବଂ ନିର୍ଦ୍ଦୋଷ ବିବେଚିତ କରେ । ''ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛ, ସେ ଆମ ପାଇଁ ଈଶ୍ୱରଙ୍କ ଜ୍ଞାନ ସ୍ୱରୂପ ଅଟନ୍ତି, ଅର୍ଥାତ୍ ସେ ଆମର ଧାର୍ମିକତା ପବିତ୍ରତା ଓ ମୁକ୍ତି ସ୍ୱରୂପ ଅଟନ୍ତି'' (୧ କରିନ୍ଥୀ ୧:୩୦) । ଆମର କ'ଣ ଏଭଳି ସାହସ ଅଛି ଯେ, ଆମେ ଈଶ୍ୱରଙ୍କ ପୁତ୍ରଙ୍କ ପାଇଁ ବଳିଦାନ କରିବା ବିଷୟ କହିବା ! ଆମେ ନରକରୁ ଏବଂ ସଂପୂର୍ଣ୍ଣ ବିନାଶ ପ୍ରାପ୍ତ ହେବାରୁ ରକ୍ଷା ପାଇଛୁ ଏବଂ ତା'ପରେ ବଳିଦାନ କରିବା ବିଷୟ କହୁଛୁ ।

ନିରନ୍ତର ଦୃଢ଼ ଭାବେ ଆମେ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ଆମର ଭରସା ସ୍ଥାପନ କରିବା– ''ପ୍ରାର୍ଥନା ସଭାର'' ଯୀଶୁ ଖ୍ରୀଷ୍ଟଙ୍କ ଉପରେ ନୁହେଁ, କିମ୍ବା କୌଣସି ''ପୁସ୍ତକ''ର ଯୀଶୁଖ୍ରୀଷ୍ଟଙ୍କ ଉପରେ ନୁହେଁ, ମାତ୍ର ନୂତନ ନିୟମର ଯୀଶୁ ଖ୍ରୀଷ୍ଟଙ୍କ ଉପରେ, ଯିଏ ମନୁଷ୍ୟ ଶରୀର ଧାରଣକାରୀ ଈଶ୍ୱର ଏବଂ ଇଚ୍ଛା କଲେ ଆମକୁ ମାରି ତାଙ୍କ ଚରଣ ତଳେ ଗଡ଼ାଇ ଦେବା ପାଇଁ ସମର୍ଥ ଅଟନ୍ତି । ଯେ ଆମର ପରିତ୍ରାଣର ଉତ୍ସ, ସେ ଆମର ବିଶ୍ୱାସର ଉତ୍ସ ହେବା ଆବଶ୍ୟକ । ଯୀଶୁ ଖ୍ରୀଷ୍ଟ ତାଙ୍କ ଉଦ୍ଦେଶ୍ୟରେ ଆମର ସଂପୂର୍ଣ୍ଣ ସମର୍ପଣ ଏବଂ ଅଚଳ ଭକ୍ତି ଅପେକ୍ଷା କରନ୍ତି । ଆମେ କେବେ ହେଁ ଯୀଶୁଖ୍ରୀଷ୍ଟଙ୍କୁ ଅନୁଭବ କରି ପାରିବା ନାହିଁ କିମ୍ବା ସ୍ୱାର୍ଥପର ହୋଇ ଆମ ହୃଦୟର ପରିସୀମା ମଧ୍ୟରେ ତାଙ୍କୁ ବାନ୍ଧି ରଖି ପାରିବା ନାହିଁ । ଆମର ବିଶ୍ୱାସ ତାଙ୍କ ପ୍ରତି ଆମର ଦୃଢ଼ ଭରସା ଉପରେ ପ୍ରତିଷ୍ଠିତ ହେବା ଆବଶ୍ୟକ ।

ଆମର ଅନୁଭୂତି ଉପରେ ପ୍ରତିଷ୍ଠିତ ଭରସା ଦ୍ୱାରା ଆମେ ଅବିଶ୍ୱାସ ବିରୁଦ୍ଧରେ ପବିତ୍ର ଆତ୍ମାଙ୍କ ଅଧୈର୍ଯ୍ୟ ଭାବ ଲକ୍ଷ୍ୟ କରିପାରୁ । ଆମର ଭୟସବୁ ପାପରେ ପୂର୍ଣ୍ଣ । ନିଜ ବିଶ୍ୱାସରେ ପରିପୁଷ୍ଟ ହେବା ପାଇଁ ଅଗ୍ରାହ୍ୟ କରିବା ହେତୁ ଆମେ ନିଜେ ନିଜର ଭୟ ସୃଷ୍ଟି କରିଥାଉ । ଯୀଶୁ ଖ୍ରୀଷ୍ଟଙ୍କ ସହିତ ଜଡ଼ିତ ହୋଇଥିବା ବ୍ୟକ୍ତିଙ୍କ ମନରେ କିପରି ସନ୍ଦେହ ଓ ଭୟ ସୃଷ୍ଟି ହୋଇପାରେ ? ଆମର ଜୀବନ ସିଦ୍ଧ, ସମର୍ପିତ, ବିଜୟୀ ଏବଂ ବିଶ୍ୱାସର ପରିଣାମ ସୂଚକ ଆଗାମୀ ପ୍ରଶଂସାଗୀତ ହେବା ଉଚିତ ।

ନଭେମ୍ବର ୧୪

# ଐଶ୍ୱରିକ ଯୋଜନାକୁ ଆବିଷ୍କାର କରିବା

**ପୁଣି ପ୍ରଭୁ ... ମୋତେ କଢ଼ାଇ ଆଣିଛନ୍ତି ।**

**ଆଦିପୁସ୍ତକ ୨୪:୨୭**

ପ୍ରଭୁଙ୍କ ସହିତ ଆମେ ଏଭଳି ଏକତା ରକ୍ଷା କରିବା ଯେ, ସବୁ ସମୟରେ ତାଙ୍କର ଚାଳନା ପାଇଁ ଆମକୁ ବିନତି କରିବାକୁ ହେବ ନାହିଁ । ପବିତ୍ରୀକରଣ ଅର୍ଥ ଆମେ ଈଶ୍ୱରଙ୍କ ସନ୍ତାନ ହୋଇ ସାରିଛୁ । ଅବାଧ ହେବା ପାଇଁ ମନୋନୟନ ନ କରିବା ପର୍ଯ୍ୟନ୍ତ ସାଧାରଣତଃ ଜଣେ ଶିଶୁ ବାଧ୍ୟତାର ଜୀବନ ଯାପନ କରେ । କିନ୍ତୁ ଅବାଧ୍ୟତାର ପଥ ଚୟନ କରିବା ପରେ ପରେ ତା' ମଧ୍ୟରେ ଏକ ଆଭ୍ୟନ୍ତରୀଣ ସଂଘର୍ଷ ସୃଷ୍ଟି ହୁଏ । ଆତ୍ମିକ ସ୍ତରରେ ଆଭ୍ୟନ୍ତରୀଣ ସଂଘର୍ଷ ଈଶ୍ୱରଙ୍କ ଆତ୍ମାଙ୍କ ଚେତାବନୀକୁ ବୁଝାଏ । ଯେତେବେଳେ ସେ ଏହିଭଳି ଚେତାବନୀ ଦିଅନ୍ତି, ତୁରନ୍ତ ଆମେ ସେଥିରୁ ନିବୃତ୍ତ ହେବା ଏବଂ ଈଶ୍ୱରଙ୍କ ଇଚ୍ଛାକୁ ଜାଣିବା ପାଇଁ ଆମ ମନର ନୂତନୀକରଣ କରିବା (ରୋମୀ ୧୨:୨ ଦେଖନ୍ତୁ) । ଆମେ ଯଦି ଈଶ୍ୱରଙ୍କ ଆତ୍ମାରେ ନୂତନ ଜନ୍ମ ନେଉ, ତେବେ ସବୁବେଳେ ଈଶ୍ୱରଙ୍କ ଚାଳନା ପାଇଁ ବିନତି କରିବା ଦ୍ୱାରା ଈଶ୍ୱରଙ୍କ ପ୍ରତି ଆମର ଭକ୍ତି ବାଧାପ୍ରାପ୍ତ ହୁଏ ଏବଂ ମଧ୍ୟ ଶେଷ ହୋଇ ଯାଇପାରେ । ''ପ୍ରଭୁ ... ମୋତେ କଢ଼ାଇ ଆଣିଲେ'' ଏବଂ ପଛକୁ ଫେରି ଦେଖିବା ଦ୍ୱାରା ଆମେ ଏକ ଆଶ୍ଚର୍ଯ୍ୟଜନକ ଯୋଜନାର ଉପସ୍ଥିତି ଲକ୍ଷ୍ୟ କରୁ । ଆମେ ଯଦି ଈଶ୍ୱରଙ୍କଠାରୁ ଜନ୍ମ ନେଇଥାଉ, ତା'ହେଲେ ଆମେ ତାଙ୍କର କଢ଼ାଇ ନେଉଥିବା ହାତକୁ ଦେଖି ତାଙ୍କୁ ସମ୍ମାନ ଦେଇଥାଉ ।

ଆମେ ସବୁ ଅସାଧାରଣ ବିଷୟରେ ଈଶ୍ୱରଙ୍କୁ ଦେଖି ପାରୁ, କିନ୍ତୁ ଛୋଟ ଛୋଟ ବିଷୟରେ ତାଙ୍କୁ ଦେଖିବା ପାଇଁ ଆତ୍ମିକ ଶୃଙ୍ଖଳାର ବୃଦ୍ଧି ଆବଶ୍ୟକ ହୋଇଥାଏ । ଏହା କେବେ ବିଶ୍ୱାସ କରନ୍ତୁ ନାହିଁ ଯେ, ଜୀବନର ଉଦ୍ଦେଶ୍ୟ ବିହୀନ ଘଟଣାଗୁଡ଼ିକ ଈଶ୍ୱରଙ୍କ ନିର୍ଦ୍ଦେଶିତ ବ୍ୟବସ୍ଥା ଠାରୁ ନ୍ୟୁନତର । ସବୁ ସ୍ଥାନରେ ଏବଂ ଯେ କୌଣସି ସ୍ଥାନରେ ଐଶ୍ୱରିକ ଯୋଜନାକୁ ଆବିଷ୍କାର କରିବା ପାଇଁ ପ୍ରସ୍ତୁତ ଥା'ନ୍ତୁ ।

ଈଶ୍ୱରଙ୍କ ପ୍ରତି ଅନୁରକ୍ତ ହେବା ପରିବର୍ତ୍ତେ ନିଜର ବିଶ୍ୱାସ ପ୍ରତି ମନକୁ ଅଭିନିବିଷ୍ଟ କରିବା ବିଷୟରେ ସାବଧାନ ହୁଅନ୍ତୁ । ଜଣେ ପବିତ୍ର ଲୋକ ରୂପେ ଆପଣ ଯଦି କହନ୍ତି, ''ମୁଁ ଏପରି କରିବି ନାହିଁ କି ସେପରି କରିବି ନାହିଁ'', ତେବେ ସମ୍ଭବତଃ ଈଶ୍ୱର ଆପଣଙ୍କୁ ସେହି କାର୍ଯ୍ୟ କରିବାକୁ କହିବେ । ଆମର ପ୍ରଭୁଙ୍କ ଭଳି ଅଧିକ ଅସ୍ଥିରମତି ସଂପନ୍ନ ବ୍ୟକ୍ତି ଏହି ଜଗତରେ ଆଉ କେହି ନଥିଲେ, କିନ୍ତୁ ସେ ଆପଣା ପିତାଙ୍କ ସହିତ ଏପରି ଅସ୍ଥିର ନ ଥିଲେ । ଜଣେ ପବିତ୍ର ଲୋକଙ୍କ ବିଶେଷ ସ୍ଥିରତା ତାଙ୍କର ନୀତି ପ୍ରତି ନୁହେଁ, ମାତ୍ର ଐଶ୍ୱରିକ ଜୀବନ ପ୍ରତି ଥାଏ । ଐଶ୍ୱରିକ ଜୀବନ ନିରନ୍ତର ଐଶ୍ୱରିକ ମନକୁ ଅଧିକ ରୂପେ ଆବିଷ୍କାର କରିବା ପାଇଁ ଚେଷ୍ଟିତ ହୁଏ । ନିରନ୍ତର ବିଶ୍ୱସ୍ତ ହେବା ଅପେକ୍ଷା ଅତ୍ୟଧିକ ପରିମାଣରେ ଅନ୍ଧ ସମର୍ଥକ ହେବା ସହଜ, କାରଣ ଯେତେବେଳେ ଆମେ ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ହେଉ, ସେ ଆମର ଧାର୍ମିକ ଅହଂକାରକୁ ଆଶ୍ଚର୍ଯ୍ୟ ରୂପେ ବିନମ୍ରତାରେ ପରିଣତ କରନ୍ତି ।

# ତୁମର କ'ଣ ଅଛି ?

**ପିତର ତାଙ୍କୁ ଦେଖି ପଚାରିଲେ, ''ପ୍ରଭୁ, ଏହାଙ୍କର କ'ଣ ହେବ ?'' ଯୀଶୁ ଉତ୍ତର ଦେଲେ, ... ''ତୁମର କ'ଣ ଅଛି ? ତୁମେ ମୋହର ଅନୁଗମନ କର ।''**

**ଯୋହନ ୨୧:୨୧-୨୨**

ଜୀବନର କଠିନ ଶିକ୍ଷାଗୁଡ଼ିକ ମଧ୍ୟରୁ ଗୋଟିଏ ଶିକ୍ଷା ହେଉଛି ଯେ, ଅନ୍ୟମାନଙ୍କ ଜୀବନରେ ହସ୍ତକ୍ଷେପ କରିବା ପ୍ରତି ସଂପୂର୍ଣ୍ଣ ପ୍ରତ୍ୟାଖ୍ୟାନ । ଏକ ଅନଭିଜ୍ଞ ଐଶ୍ୱରିକ ଶକ୍ତି ଅର୍ଥାତ୍ ଅନ୍ୟମାନଙ୍କ ପ୍ରତି ଈଶ୍ୱରଙ୍କ ଯୋଜନା ସଂପର୍କିତ ହସ୍ତକ୍ଷେପ କରିବା ବିଷୟକୁ ହୃଦ୍‌ବୋଧ କରିବା ପାଇଁ ଅନେକ ସମୟ ଲାଗିଥାଏ । ଆପଣ କାହାକୁ ଦୁଃଖଭୋଗ କରୁଥିବା ଦେଖନ୍ତି ଏବଂ କହନ୍ତି, ''ସେ ଦୁଃଖଭୋଗ କରିବେ ନାହିଁ, ମୁଁ ନିଶ୍ଚିତ କରିବି ଯେପରି ସେ ଆଉ ଦୁଃଖଭୋଗ କରିବେ ନାହିଁ ।'' ଆପଣ ତାହାକୁ ଅଟକାଇବା ପାଇଁ ଈଶ୍ୱରଙ୍କ ଅନୁମୋଦନକାରୀ ଇଚ୍ଛା ସମ୍ମୁଖରେ ଆପଣା ହାତ ଉଠାଇ ରଖନ୍ତି, ଆଉ ତା'ପରେ ଈଶ୍ୱର କହନ୍ତି, ''ତୁମର କ'ଣ ଅଛି ?'' ଆପଣଙ୍କ ଆତ୍ମିକ ଜୀବନ କ'ଣ ନିଶ୍ଚେଷ୍ଟ ହୋଇ ଯାଇଛି ? ଆଉ ନିଶ୍ଚେଷ୍ଟ ହେବାକୁ ଦିଅନ୍ତୁ ନାହିଁ, ଈଶ୍ୱରଙ୍କ ଉପସ୍ଥିତି ମଧ୍ୟକୁ ଆସି ତାହାର କାରଣ ଖୋଜନ୍ତୁ । ସମ୍ଭବତଃ ଆପଣ ଏହାର କାରଣ ବାହାର କରିବେ ଯେ, ଆପଣ ଅନ୍ୟ କାହାରି ଜୀବନରେ ହସ୍ତକ୍ଷେପ କରି ଆସିଛନ୍ତି- ଏପରି ପ୍ରସ୍ତାବ ରଖିଛନ୍ତି, ଯାହା ଉପରେ ଆପଣଙ୍କର କୌଣସି ଅଧିକାର ନ ଥିଲା, କିମ୍ବା ଏପରି ଉପଦେଶ ଦେଇଛନ୍ତି, ଯାହା ଦେବା ପାଇଁ ଆପଣଙ୍କର କୌଣସି ଅଧିକାର ନ ଥିଲା । ଆପଣ ଯଦି ଅନ୍ୟ କାହାକୁ ପରାମର୍ଶ ଦେବା ପାଇଁ ଚାହାନ୍ତି, ତେବେ ଈଶ୍ୱର ତାଙ୍କର ଆତ୍ମାଙ୍କ ପ୍ରତ୍ୟକ୍ଷ ଜ୍ଞାନ ଦ୍ୱାରା ପରାମର୍ଶ ଦେବା ପାଇଁ ଆପଣଙ୍କୁ ବ୍ୟବହାର କରିବେ । ଆପଣଙ୍କ କର୍ତ୍ତବ୍ୟ ହେଉଛି, ଈଶ୍ୱରଙ୍କ ସହିତ ଉପଯୁକ୍ତ ସଂପର୍କ ସ୍ଥାପନ ଯଦ୍ଦ୍ୱାରା ଅନ୍ୟମାନଙ୍କୁ ଆଶୀର୍ବାଦ କରିବା ପାଇଁ ତାଙ୍କର ଅନ୍ତର୍ଦୃଷ୍ଟି ଆପଣଙ୍କ ମଧ୍ୟ ଦେଇ ଆସିଥାଏ ।

ଆମ ମଧ୍ୟରୁ ଅଧିକାଂଶ ସଚେତନ ସ୍ତରରେ ବଞ୍ଚି ରହି ସଚେତନ ହୋଇ ଈଶ୍ୱରଙ୍କ ସେବା କରିଥାଉ ଅବା ତାଙ୍କ ପ୍ରତି ଅନୁରକ୍ତ ହୋଇଥାଉ । ଏହା ଅପରିପକ୍ୱତା ଏବଂ ଏହି ସତ୍ୟ ପ୍ରକାଶ କରେ ଯେ, ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରକୃତ ଖ୍ରୀଷ୍ଟୀୟ ଜୀବନ ଯାପନ କରିନାହୁଁ । ଈଶ୍ୱରଙ୍କ ସନ୍ତାନର ଜୀବନରେ ଅଚେତନ ସ୍ତରରେ ପରିପକ୍ୱତା ଉତ୍ପନ୍ନ ହୁଏ, ଆମେ ଈଶ୍ୱରଙ୍କ ପ୍ରତି ଏପରି ସମର୍ପିତ ହୋଇଯାଉ ଯେ, ଆମେ ତାଙ୍କ ଦ୍ୱାରା ବ୍ୟବହୃତ ହେଉଛୁ ବୋଲି ଜାଣି ନ ଥାଉ । ଆମେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଭଂଗା ରୋଟି ଏବଂ ଢଳାଯିବା ଦ୍ରାକ୍ଷାରସ ରୂପେ ବ୍ୟବହୃତ ହେଉଛୁ ବୋଲି ଯେତେବେଳେ ସଚେତନ ହେଉ, ସେତେବେଳେ ଆମକୁ ଆଉ ଗୋଟିଏ ସ୍ତରରେ ପହଞ୍ଚିବାକୁ ହୋଇଥାଏ- ଯେଉଁ ସ୍ତରରେ ଆମ ସମ୍ବନ୍ଧରେ ଆମେ ଅବଗତ ହେଉ ଏବଂ ଈଶ୍ୱର ଆମ ଦ୍ୱାରା କ'ଣ କରୁଛନ୍ତି, ତାହାର ବୋଧ ଶକ୍ତି ସଂପୂର୍ଣ୍ଣ ଅପସାରିତ ହୁଏ । ଜଣେ ପବିତ୍ର ବ୍ୟକ୍ତି ସଚେତନ ରୂପେ ପବିତ୍ର ବ୍ୟକ୍ତି ହୋଇପାରନ୍ତି ନାହିଁ - ଜଣେ ପବିତ୍ର ବ୍ୟକ୍ତି ସଚେତନ ରୂପେ ଈଶ୍ୱରଙ୍କ ଉପରେ ନିର୍ଭରଶୀଳ ହୁଅନ୍ତି ।

## ନଭେମ୍ବର ୧୬

# ଏବେ ସୁଦ୍ଧା ମଣିଷ

**କାରଣ ତୁମେମାନେ ... ଯାହା କିଛି କର,**
**ସେ ସବୁ ଈଶ୍ୱରଙ୍କ ଗୌରବ ପାଇଁ କର ।**
**୧ କରିନ୍ଥୀ ୧୦:୩୧**

ଧର୍ମ ଶାସ୍ତ୍ରରେ, ଈଶ୍ୱରଙ୍କ ମନୁଷ୍ୟ ଶରୀର ଧାରଣର ମହାନ୍ ଆଶ୍ଚର୍ଯ୍ୟକର୍ମ ଏକ ଶିଶୁର ସାଧାରଣ ଜୀବନ ମଧ୍ୟରେ ମିଶିଯାଏ, ରୂପାନ୍ତରୀକରଣର ମହାନ୍ ଆଶ୍ଚର୍ଯ୍ୟକର୍ମ ତଳେ ଥିବା ଉପତ୍ୟକାର ଭୂତାତ୍ମା ବିଶିଷ୍ଟ ଲୋକର ଜୀବନରେ ଖାପ୍‌ସା ହୋଇଯାଏ, ପୁନରୁତ୍ଥାନର ଗୌରବ ସମୁଦ୍ର ତଟସ୍ଥ ପ୍ରାତଃ ଭୋଜନ ମଧ୍ୟକୁ ନଇଁ ଆସେ । ଏହା ଏକ ଅପକର୍ଷ ନୁହେଁ, ମାତ୍ର ଈଶ୍ୱରଙ୍କ ମହାନ୍ ପରିପ୍ରକାଶକୁ ବୁଝାଏ ।

ଆମର ମନୋଭାବ ହେଉଛି, ଆମର ଅନୁଭୂତି ମଧ୍ୟରେ ଆଶ୍ଚର୍ଯ୍ୟ ବିଷୟକୁ ଖୋଜିବା ଏବଂ ଆମେ ବୀରୋଚିତ କାର୍ଯ୍ୟକୁ ପ୍ରକୃତ ବୀର ବୋଲି ଭାବିଥାଉ । ମର୍ଯ୍ୟାଦାର ସହ କୌଣସି ସଂକଟକୁ ଅତିକ୍ରମ କରିବା ଗୋଟିଏ ବିଷୟ, କିନ୍ତୁ ଯେଉଁଠାରେ କେହି ସାକ୍ଷ୍ୟ ଦିଅନ୍ତି ନାହିଁ, କୌଣସି ପ୍ରସିଦ୍ଧି ନ ଥାଏ ଏବଂ ଆମ ପ୍ରତି କାହାରି ଧ୍ୟାନ ନ ଥାଏ, ସେହି ପରିସ୍ଥିତିରେ ଈଶ୍ୱରଙ୍କ ଗୌରବ କରି ଦିନ କାଟିବା ଆଉ ଏକ ବିଷୟ । ଆମେ ଜ୍ୟୋତିର୍ବଳୟ ନ ଚାହିଁଲେ ସୁଦ୍ଧା ଲୋକ ମୁଖରୁ ଏହି କଥା ଶୁଣିବା ପାଇଁ ଇଚ୍ଛା କରିଥାଉ ଯେ, ''ପ୍ରକୃତରେ ସେ କେଡ଼େ ସୁନ୍ଦର ପ୍ରାର୍ଥନାଶୀଳ ବ୍ୟକ୍ତି'' କିମ୍ୱା ''ସେ ସ୍ତ୍ରୀଲୋକ କେଡ଼େ ପ୍ରଭୁପରାୟଣା !'' ଆପଣ ଯଦି ପ୍ରକୃତରେ ପ୍ରଭୁଯୀଶୁଙ୍କ ପ୍ରତି ଅନୁରକ୍ତ, ଆପଣ ସେହି ଉଚ୍ଚତର ଅବସ୍ଥାରେ ପହଞ୍ଚିଛନ୍ତି, ଯେଉଁଠାରେ ବ୍ୟକ୍ତିଗତ ରୂପେ କେହି ଆପଣଙ୍କ ପ୍ରତି ଧ୍ୟାନ ଦେବେ ନାହିଁ । କେବଳ ସବୁ ସମୟରେ ଆପଣଙ୍କ ମଧ୍ୟ ଦେଇ ଈଶ୍ୱରଙ୍କ କାର୍ଯ୍ୟକାରୀ ଶକ୍ତି ପ୍ରତି ସମସ୍ତଙ୍କ ଧ୍ୟାନ ଆକର୍ଷିତ ହେବ ।

ଆମେ ଏହି କଥା କହିବାକୁ ଇଚ୍ଛା କରିଥାଉ, ମୁଁ ଈଶ୍ୱରଙ୍କ ଅଦ୍ଭୁତ ଆହ୍ୱାନ ପାଇଛି, କିନ୍ତୁ ଈଶ୍ୱରଙ୍କ ଗୌରବ ପାଇଁ ସବୁଠାରୁ ଅଧିକ ବିନମ୍ର କାର୍ଯ୍ୟ କରିବା ପାଇଁ ସର୍ବ ଶକ୍ତିମାନ ଈଶ୍ୱରଙ୍କୁ ଆମ ମଧ୍ୟରେ କାର୍ଯ୍ୟ କରିବାକୁ ହୋଇଥାଏ । ସଂପୂର୍ଣ୍ଣ ରୂପେ ଅଣଦେଖା ହେବା ପାଇଁ ଏହା ଆବଶ୍ୟକ ଯେ, ଈଶ୍ୱରଙ୍କ ଆତ୍ମା ଆମକୁ ପୂର୍ଣ୍ଣ ରୂପେ ମନୁଷ୍ୟ ହିସାବରେ ତାଙ୍କର ନିଜର କରି ନେବେ । ଜଣେ ପବିତ୍ର ଲୋକଙ୍କ ପ୍ରକୃତ ପରୀକ୍ଷା ତାଙ୍କର ସଫଳତା ନୁହେଁ, ମାତ୍ର ମାନବୀୟ ସ୍ତରରେ ତାଙ୍କର ବିଶ୍ୱସ୍ତତା । ଖ୍ରୀଷ୍ଟୀୟ କାର୍ଯ୍ୟର ସାଫଲ୍ୟକୁ ଆମେ ଆମର ଉଦ୍ଦେଶ୍ୟ ରୂପେ ଗ୍ରହଣ କରିଥାଉ, କିନ୍ତୁ ଆମର ମଣିଷ ଜୀବନରେ ଈଶ୍ୱରଙ୍କ ଗୌରବ ପ୍ରଦର୍ଶନ ଆମର ଉଦ୍ଦେଶ୍ୟ ହେବା ଉଚିତ୍, ଯେଉଁ ଜୀବନ ଆମର ଦୈନନ୍ଦିନ ମାନବୀୟ ପରିସ୍ଥିତି ମଧ୍ୟରେ ''ଖ୍ରୀଷ୍ଟଙ୍କ ସହିତ ଈଶ୍ୱରଙ୍କଠାରେ ଗୁପ୍ତ ଥାଏ'' (କଲସୀ ୩:୩) । ଆମର ମାନବିକ ସଂପର୍କ ହେଉଛି ସେହି ଅବସ୍ଥା, ଯାହା ମଧ୍ୟ ଦେଇ ଈଶ୍ୱରଙ୍କ ଆଦର୍ଶପୂର୍ଣ୍ଣ ଜୀବନ ପ୍ରଦର୍ଶିତ ହେବା ଆବଶ୍ୟକ ।

# ଚିରନ୍ତନ ଲକ୍ଷ୍ୟ

**ତୁମର ଏହି କାର୍ଯ୍ୟ ସକାଶେ ମୁଁ ନିଜ ନାମରେ ଶପଥ କରି କହୁଛି,**
**ମୁଁ ନିଶ୍ଚୟ ତୁମକୁ ଆଶୀର୍ବାଦ କରିବି ।**
**ଆଦିପୁସ୍ତକ ୨୨:୧୭**

ଏହି ସମୟରେ ଅବ୍ରହାମ ଏପରି ସ୍ଥିତିରେ ପହଞ୍ଚିଛନ୍ତି, ଯେତେବେଳେ ସେ ଈଶ୍ୱରଙ୍କ ସ୍ୱଭାବର ସଂପର୍କ ମଧ୍ୟରେ ଅଛନ୍ତି । ସେ ବର୍ତ୍ତମାନ ଈଶ୍ୱରଙ୍କ ବାସ୍ତବତା ଉପଲବ୍ଧି କରିଛନ୍ତି ।

ମୋର ଲକ୍ଷ୍ୟ ସ୍ୱୟଂ ସେ ଈଶ୍ୱର
ଯେ କୌଣସି ଉପାୟରେ, ପ୍ରିୟ ପ୍ରଭୁ ଯେ କୌଣସି ମାର୍ଗରେ ।

''ଯେ କୌଣସି ଉପାୟରେ, ଯେ କୌଣସି ମାର୍ଗରେ'' ଅର୍ଥ ହେଉଛି, ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଈଶ୍ୱରଙ୍କ ମାର୍ଗର ଅଧୀନ ହେବା । ଯଦି ଈଶ୍ୱର ତାଙ୍କର ସ୍ୱଭାବ ନେଇ କଥା କହନ୍ତି, ତେବେ ତାଙ୍କୁ ପ୍ରଶ୍ନ କରବାର କୌଣସି ସମ୍ଭାବନା ନ ଥାଏ । ଏହାର ଏକମାତ୍ର ପରିଣାମ ହେଉଛି, ତୁରନ୍ତ ବାଧ୍ୟତା । ଯେତେବେଳେ ଯୀଶୁ କହନ୍ତି, ''ଆସ'', ମୁଁ କେବଳ ଆସିଥାଏ, ଯେତେବେଳେ ସେ କହନ୍ତି, ''ଛାଡ଼ି ଦିଅ'', ମୁଁ ସଂଗେ ସଂଗେ ଛାଡ଼ି ଦିଏ, ଯେତେବେଳେ ସେ କହନ୍ତି, ''ଏହି ବିଷୟରେ ଈଶ୍ୱରଙ୍କ ଉପରେ ଭରସା ରଖ'', ମୁଁ ଭରସା ରଖିଥାଏ । ବାଧ୍ୟତାର ଏହି କାର୍ଯ୍ୟ ପ୍ରମାଣ କରେ ଯେ, ଈଶ୍ୱରଙ୍କ ସ୍ୱଭାବ ମୋ ମଧ୍ୟରେ ଅଛି । ମୋ ମଧ୍ୟରେ ଈଶ୍ୱରଙ୍କ ପରିପ୍ରକାଶ ମୋର ଚରିତ୍ର ଦ୍ୱାରା ପ୍ରଭାବିତ ହୁଏ, ଈଶ୍ୱରଙ୍କ ଚରିତ୍ର ଦ୍ୱାରା ନୁହେଁ ।

ଯେହେତୁ ମୁଁ ସାଧାରଣ
ତୁମ କର୍ମପନ୍ଥା, ମୋତେ ମଧ୍ୟ ଲାଗେ ସାଧାରଣ ।

ବାଧ୍ୟତାର ଶୃଙ୍ଖଳା ଦ୍ୱାରା ମୁଁ ସେହି ସ୍ଥାନରେ ପହଞ୍ଚିଥାଏ, ଯେଉଁ ସ୍ଥାନରେ ଅବ୍ରହାମ ଥିଲେ ଏବଂ ମୁଁ ଈଶ୍ୱରଙ୍କ ସ୍ୱଭାବ ବୁଝିପାରେ । ଯୀଶୁଖ୍ରୀଷ୍ଟଙ୍କ ମଧ୍ୟ ଦେଇ ଈଶ୍ୱରଙ୍କ ସମ୍ମୁଖବର୍ତ୍ତୀ ନ ହେବା ପର୍ଯ୍ୟନ୍ତ ଈଶ୍ୱର ମୋ ପ୍ରତି ବାସ୍ତବ ହୋଇ ପାରନ୍ତି ନାହିଁ । ସେତେବେଳେ ମୁଁ ଜାଣିବି ଏବଂ ସାହସର ସହିତ କହିବି, ''ସମଗ୍ର ଜଗତରେ ହେ ମୋର ପ୍ରଭୁ, ତୁମ ଛଡ଼ା ଆଉ କେହି ନାହିଁ, ଆଉ କେହି ନାହିଁ ।''

ବାଧ୍ୟତା ଦ୍ୱାରା ଈଶ୍ୱରଙ୍କ ସ୍ୱଭାବକୁ ନ ବୁଝିବା ପର୍ଯ୍ୟନ୍ତ ଆମ ପାଇଁ ଈଶ୍ୱରଙ୍କ ପ୍ରତିଜ୍ଞା ସବୁର କୌଣସି ମୂଲ୍ୟ ନ ଥାଏ । ବର୍ଷ ସାରା ପ୍ରତିଦିନ ଆମେ ବାଇବଲର କିଛି ଅଂଶ ପଢ଼ିପାରୁ, କିନ୍ତୁ ଆମ ପାଇଁ ତା'ର କୌଣସି ଅର୍ଥ ନ ଥାଏ । ତା'ପରେ ହୁଏତ ଛୋଟ ଛୋଟ ବିଷୟରେ ଈଶ୍ୱରଙ୍କ ପ୍ରତି ଆମେ ବିଶ୍ୱସ୍ତ ହୋଇଥିବାରୁ ହଠାତ୍ ଆମେ ଈଶ୍ୱରଙ୍କ ଅର୍ଥ କ'ଣ, ତାହା ଦେଖିଥାଉ ଏବଂ ତାଙ୍କର ସ୍ୱଭାବ ଆମ ସମ୍ମୁଖକୁ ଆସେ । ''କାରଣ ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ସମସ୍ତ ପ୍ରତିଶ୍ରୁତି ''ହଁ'' ହୋଇଥାଏ'' (୨ କରିନ୍ଥୀ ୧:୨୦) । ଆମର ''ହଁ'' ଆମର ବାଧ୍ୟତାରୁ ଜନ୍ମ ନେବା ଉଚିତ, ଯେତେବେଳେ ଆମେ ବାଧ୍ୟତା ଦ୍ୱାରା ''ଆମେନ୍'', କିମ୍ବା ''ତଥାସ୍ତୁ'' କହି ଈଶ୍ୱରଙ୍କ ପ୍ରତିଜ୍ଞାକୁ ଅନୁମୋଦିତ କରୁ, ସେହି ପ୍ରତିଜ୍ଞା ଆମର ହୋଇଯାଏ ।

## ନଭେମ୍ବର ୧୮

# ବିଜୟୀ ହୋଇ ସ୍ୱାଧୀନତା ମଧ୍ୟକୁ ଆସିବା

### ଅତଏବ, ପୁତ୍ର ଯଦି ତୁମମାନଙ୍କୁ ମୁକ୍ତ କରିବେ, ତାହା ହେଲେ ତୁମେମାନେ ପ୍ରକୃତରେ ମୁକ୍ତ ହେବ ।

### ଯୋହନ ୮:୩୬

ଯଦି ଆମ ମଧ୍ୟରେ ବ୍ୟକ୍ତିଗତ ଆତ୍ମ-ସନ୍ତୋଷର ସାମାନ୍ୟ କିଛି ଅଂଶ ବଞ୍ଚିଥାଏ, ତେବେ ତାହା ସବୁବେଳେ କହେ, ''ମୁଁ ସମର୍ପଣ କରିପାରିବି ନାହିଁ'' କିମ୍ବା ''ମୁଁ ମୁକ୍ତ ହୋଇ ପାରିବି ନାହିଁ ।'' କିନ୍ତୁ ଆମ ବ୍ୟକ୍ତିତ୍ୱର ଆତ୍ମିକ ଅଂଶ କେବେ ମଧ୍ୟ କହେ ନାହିଁ, ''ମୁଁ ପାରିବି ନାହିଁ'' । ଏହା କେବଳ ତା' ଚାରିପାଖର ସବୁ ବିଷୟକୁ ଶୋଷି ନିଏ । ଆମର ଆତ୍ମା ଅଧିକରୁ ଆହୁରି ଅଧିକ ପାଇଁ କ୍ଷୁଧିତ ହୁଏ । ସେହି ଉପାୟରେ ଆମେ ଗଠିତ ହୋଇଛୁ । ଆମେ ଈଶ୍ୱରଙ୍କ ପାଇଁ ଅଶେଷ କ୍ଷମତା ନେଇ ସୃଷ୍ଟ ହୋଇଛୁ, କିନ୍ତୁ ପାପ, ଆମ ନିଜର ବ୍ୟକ୍ତିତ୍ୱ ଏବଂ ମନ୍ଦ ଚିନ୍ତା ଈଶ୍ୱରଙ୍କ ନିକଟକୁ ଆସିବା ଦିଗରେ ଆମ ପାଇଁ ବାଧା ସୃଷ୍ଟି କରେ । ଈଶ୍ୱର ଆମକୁ ପାପରୁ ଉଦ୍ଧାର କରନ୍ତି– ଆମେ ନିଜେ ଆମକୁ ଆମର ବ୍ୟକ୍ତିତ୍ୱ ମଧ୍ୟରୁ ଉଦ୍ଧାର କରିବା ଉଚିତ୍ । ଏହାର ଅର୍ଥ ହେଉଛି, ଆମର ସ୍ୱାଭାବିକ ଜୀବନକୁ ଈଶ୍ୱରଙ୍କୁ ଅର୍ପଣ କରିବା ଏବଂ ତାହାକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବଳି ରୂପେ ଉତ୍ସର୍ଗ କରିବା, ଯେପରି ସେ ଆମର ବାଧ୍ୟତା ଦ୍ୱାରା ତାହାକୁ ଆତ୍ମିକ ଜୀବନରେ ରୂପାନ୍ତରିତ କରିବେ ।

ଆମର ଆତ୍ମିକ ଜୀବନର ବିକାଶ କ୍ଷେତ୍ରରେ ଈଶ୍ୱର ଆମର ସ୍ୱାଭାବିକ ବାସ୍ତବତା ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ତାଙ୍କର ଯୋଜନା ଆମର ସ୍ୱାଭାବିକ ଜୀବନରେ କାର୍ଯ୍ୟକାରୀ ହୁଏ । ଆମେ ଈଶ୍ୱରଙ୍କୁ ସାହାଯ୍ୟ କରିବା ପ୍ରତି ଧ୍ୟାନ ଦେବା ଉଚିତ ଏବଂ ଏହି କଥା କହିବା ଦ୍ୱାରା ''ମୁଁ ତାହା କରିପାରିବି ନାହିଁ'', ତାଙ୍କ ବିରୁଦ୍ଧରେ ଛିଡ଼ା ହେବା ଉଚିତ ନୁହେଁ । ଈଶ୍ୱର ଆମକୁ ଶୃଙ୍ଖଳିତ କରିବେ ନାହିଁ, ଆମେ ନିଜକୁ ଶୃଙ୍ଖଳିତ କରିବା ଆବଶ୍ୟକ । ଈଶ୍ୱର ''ଆମର ଯୁକ୍ତିତର୍କ ଏବଂ ଚିନ୍ତା ଭାବନାକୁ ଖ୍ରୀଷ୍ଟଙ୍କ ଆଜ୍ଞାବହତା ମଧ୍ୟକୁ ଆଣିବେ ନାହିଁ'' (୨ କରିନ୍ଥୀ ୧୦:୫), ଆମକୁ ତାହା କରିବାକୁ ହେବ । କୁହନ୍ତୁ ନାହିଁ, ''ମୋର ବିକ୍ଷିପ୍ତ ଚିନ୍ତାଧାରା ମୋତେ କଷ୍ଟ ଦେଉଛି'' । ବିକ୍ଷିପ୍ତ ଚିନ୍ତାଧାରାକୁ ନେଇ ବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣଙ୍କ ବ୍ୟକ୍ତିଗତ ସ୍ୱାଭାବିକ ଜୀବନର ଅତ୍ୟାଚାରର ସ୍ୱର ଶୁଣିବା ବନ୍ଦ କରି ଦିଅନ୍ତୁ ଏବଂ ଆତ୍ମିକ ଜୀବନରେ ପହଞ୍ଚିବାର ସ୍ୱାଧୀନତାର ବିଜୟ ହାସଲ କରନ୍ତୁ ।

''ପୁତ୍ର ଯଦି ତୁମମାନଙ୍କୁ ମୁକ୍ତ କରିବେ'' – ଏହି ଅନୁଚ୍ଛେଦରେ ''ଉଦ୍ଧାରକର୍ତ୍ତା'' ''ପୁତ୍ର''ଙ୍କ ବିକଳ୍ପ ନୁହନ୍ତି । ଉଦ୍ଧାରକର୍ତ୍ତା ଆମକୁ ପାପରୁ ମୁକ୍ତ କରିଛନ୍ତି, କିନ୍ତୁ ଏହା ହେଉଛି, ସେହି ମୁକ୍ତି ଯାହା ପୁତ୍ରଙ୍କ ଦ୍ୱାରା ନିଜକୁ ନିଜଠାରୁ ମୁକ୍ତ କରିବା ଦ୍ୱାରା ସମ୍ଭବ ହୁଏ । ଗାଲାତୀୟ ୨:୨୦ରେ ପାଉଲ ଏହାର ଅର୍ଥ ବୁଝାଇ କହିଲେ, ''ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଛି ।'' ତାଙ୍କର ବ୍ୟକ୍ତିତ୍ୱ ଭଗ୍ନ ହୋଇଥିଲା ଏବଂ ତାଙ୍କର ଆତ୍ମା ପ୍ରଭୁଙ୍କ ସହିତ ସଂଯୁକ୍ତ ହୋଇଥିଲା, କେବଳ ତାଙ୍କ ସହିତ ଲୀନ ହୋଇ ନ ଥିଲା, କିନ୍ତୁ ତାଙ୍କ ସହିତ ଏକ ହୋଇଥିଲା । ''ତୁମେମାନେ ପ୍ରକୃତରେ ମୁକ୍ତ ହେବ'' – ଆପଣଙ୍କ ଅସ୍ତିତ୍ୱ ମଧ୍ୟରୁ, ଭିତରୁ ଏବଂ ବାହାରୁ ଆପଣ ମୁକ୍ତ ହେବେ । ଆମେ ସାଧାରଣତଃ ଯୀଶୁଙ୍କ ସହିତ ଜଡ଼ିତ ହେବାର ସାମର୍ଥ୍ୟ ପ୍ରକାଶକାରୀ ଶକ୍ତି ଅପେକ୍ଷା ନିଜର ଶକ୍ତି ଉପରେ ନିର୍ଭର କରିଥାଉ ।

# ସେ ଆସି

### ସେ ଆସି ଜଗତକୁ ପାପ... ବିଷୟରେ ବୋଧ ଦେବେ ।
### ଯୋହନ ୧୬:୮

ଆମ ମଧ୍ୟରୁ ଅତି ଅଳ୍ପ ଜଣ ପାପ ବୋଧ ବିଷୟରେ ଜାଣନ୍ତି । ଭୁଲ୍ କାମ କରିଥିବା ହେତୁ ଆମର ଅଶାନ୍ତ ହେବାର ଅନୁଭୂତି ଅଛି, କିନ୍ତୁ ପବିତ୍ର ଆତ୍ମାଙ୍କ ଦ୍ୱାରା ପାପବୋଧ ପୃଥିବୀର ସମସ୍ତ ସଂପର୍କକୁ ନଷ୍ଟ କରିଦିଏ ଏବଂ ଆମକୁ ଗୋଟିଏ ସଂପର୍କ ପ୍ରତି ସଚେତନ କରେ, ‘‘ମୁଁ କେବଳ ତୁମ ବିରୁଦ୍ଧରେ ପାପ କରିଛି’’ (ଗୀତସଂହିତା ୫୧:୪) । ଯେତେବେଳେ ଜଣେ ବ୍ୟକ୍ତି ଏହି ପ୍ରକାର ପାପ ବୋଧ ପା’ନ୍ତି, ସେ ତାଙ୍କ ବିବେକର ପ୍ରତି ଅଂଶରେ ଅନୁଭବ କରନ୍ତି ଯେ, ଈଶ୍ୱର ତାଙ୍କୁ କ୍ଷମା କରିବାର ସାହସ କରିବେ ନାହିଁ । ଯଦି ଈଶ୍ୱର କ୍ଷମା କରି ଦେବେ, ତେବେ ନ୍ୟାୟ ସଂପର୍କିତ ତାଙ୍କର ଜ୍ଞାନ ଈଶ୍ୱରଙ୍କଠାରୁ ଅଧିକ ହେବ । ଈଶ୍ୱର କ୍ଷମା କରନ୍ତି, କିନ୍ତୁ ଏହା କରିବା ପାଇଁ ତାଙ୍କୁ ଖ୍ରୀଷ୍ଟଙ୍କ ମୃତ୍ୟୁର ଦୁଃଖରେ ଆପଣା ହୃଦୟକୁ ଭାଙ୍ଗିବାକୁ ହୁଏ । ଈଶ୍ୱରଙ୍କ ଅନୁଗ୍ରହର ମହାନ୍ ଆଶ୍ଚର୍ଯ୍ୟକର୍ମ ହେଉଛି ଯେ, ସେ ପାପ କ୍ଷମା କରନ୍ତି ଏବଂ ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ହିଁ ଐଶ୍ୱରିକ ସ୍ୱଭାବକୁ କ୍ଷମା ଦେବା ପାଇଁ ଯୋଗ୍ୟ କରେ ଓ ଏହା କରିବା ଦ୍ୱାରା ନିଜ ପ୍ରତି ବିଶ୍ୱସ୍ତ ରହିପାରେ । ଏହା ଏକ ନିର୍ବୋଧ ଚିନ୍ତାଧାରା ଯେ, ଈଶ୍ୱର ପ୍ରେମ କରିବା ହେତୁ କ୍ଷମା ଦିଅନ୍ତି । ଥରେ ଆମେ ପାପ ବୋଧ ପାଇଲେ କେବେ ହେଁ ଏପରି କହିବା ନାହିଁ । ଈଶ୍ୱରଙ୍କ ପ୍ରେମର ଅର୍ଥ କାଲ୍‌ବରୀ– ଏହାଠାରୁ ଊଣା ଆଉ କୌଣସି ବିଷୟ ନୁହେଁ । ଈଶ୍ୱରଙ୍କ ପ୍ରେମ କାଲ୍‌ବରୀରେ ବ୍ୟକ୍ତ ହୋଇଛି, ଆଉ କେଉଁଠାରେ ନୁହେଁ । କେବଳ ଖ୍ରୀଷ୍ଟଙ୍କ କ୍ରୁଶକୁ ଆଧାର କରି ଈଶ୍ୱର ମୋତେ କ୍ଷମା କରିପାରନ୍ତି । ସେହିଠାରେ ହିଁ ତାଙ୍କର ବିବେକ ସନ୍ତୁଷ୍ଟ ହୁଏ ।

କ୍ଷମାର ଅର୍ଥ କେବଳ ଏହା ନୁହେଁ ଯେ, ମୁଁ ନରକରୁ ରକ୍ଷା ପାଇଛି ଏବଂ ସ୍ୱର୍ଗ ପାଇଁ ପ୍ରସ୍ତୁତ ହୋଇ ସାରିଛି (ଏହି ସ୍ତରରେ କେହି କ୍ଷମାକୁ ଗ୍ରହଣ କରିବେ ନାହିଁ) । କ୍ଷମାର ଅର୍ଥ, ମୋତେ ନୂତନ ସୃଷ୍ଟିର ଏକ ସଂପର୍କ ମଧ୍ୟରେ କ୍ଷମା ମିଳିଛି ଏବଂ ସେହି ସଂପର୍କ ମୋତେ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ସହିତ ଏକ କରିଛି । ଉଦ୍ଧାରର ଚମତ୍କାରୀତା ହେଉଛି, ମୋ ଭଳି ଅପବିତ୍ର ଲୋକକୁ ନିଜର ପବିତ୍ର ମାନଦଣ୍ଡ ଅନୁସାରେ ପରିବର୍ତ୍ତିତ କରନ୍ତି । ସେ ମୋତେ ଏକ ନୂତନ ସ୍ୱଭାବ ଅର୍ଥାତ୍ ଯୀଶୁଖ୍ରୀଷ୍ଟଙ୍କ ସ୍ୱଭାବ ପ୍ରଦାନ କରି ଏହି କାର୍ଯ୍ୟ କରନ୍ତି ।

**ନଭେମ୍ବର ୨୦**

# ଈଶ୍ୱରଙ୍କ କ୍ଷମା

### ଆମେ ଖ୍ରୀଷ୍ଟଙ୍କ ଦ୍ୱାରା ମୁକ୍ତି ଅର୍ଥାତ୍ ପାପକ୍ଷମା ଲାଭ କରିଛୁ ।
### ଏଫିସୀୟ ୧:୭

ଈଶ୍ୱରଙ୍କ ପିତୃତ୍ୱର ସୁଖଦ ଦୃଶ୍ୟ ବିଷୟରେ ସାବଧାନ ରୁହନ୍ତୁ, ଈଶ୍ୱର ଏତେ ଦୟାଳୁ ଏବଂ ପ୍ରେମମୟ ଯେ, ସେ ଅବଶ୍ୟ ଆମକୁ କ୍ଷମା କରିବେ । ସେହି ଚିନ୍ତା କେବଳ ଭାବପ୍ରବଣତା ମଧ୍ୟରେ ଥାଏ, ନୂତନ ନିୟମର କେଉଁଠାରେ ଏଭଳି ସୂଚନା ନାହିଁ । ଯେଉଁ ଏକମାତ୍ର ଆଧାର ଉପରେ ଈଶ୍ୱର ଆମକୁ କ୍ଷମା ଦିଅନ୍ତି, ତାହା ହେଉଛି, ଖ୍ରୀଷ୍ଟଙ୍କ କ୍ରୁଶର ମର୍ମାନ୍ତିକ ଯନ୍ତ୍ରଣାପୂର୍ଣ୍ଣ ଘଟଣା । ଆମର ପାପକ୍ଷମାକୁ ଅନ୍ୟ କୌଣସି ତଥ୍ୟ ପ୍ରତି ଆଧାରିତ କରିବା ଈଶ୍ୱର ନିନ୍ଦା ସହିତ ସମାନ । ଯେଉଁ ଏକମାତ୍ର ବିଷୟକୁ ଆଧାର କରି ଈଶ୍ୱର ଆମର ପାପକୁ କ୍ଷମା କରି ଆମକୁ ତାଙ୍କର କରୁଣା ଦୃଷ୍ଟିକୁ ଫେରାଇ ଆଣନ୍ତି, ତାହା କେବଳ ଖ୍ରୀଷ୍ଟଙ୍କ କ୍ରୁଶ ଦ୍ୱାରା ସମ୍ଭବ ହୁଏ । ଆଉ ଅନ୍ୟ କୌଣସି ଉପାୟ ନାହିଁ । ଯେଉଁ ପାପକ୍ଷମାକୁ ଆମେ ସହଜରେ ଗ୍ରହଣ କରୁ, ତାହାର ମୂଲ୍ୟ ଥିଲା କାଲ୍‌ଭରୀର ଯନ୍ତ୍ରଣା । ଆମେ ପାପକ୍ଷମା, ପବିତ୍ର ଆତ୍ମାଙ୍କ ଦାନ ଏବଂ ଆମର ପବିତ୍ରୀକରଣକୁ ସରଳ ବିଶ୍ୱାସରେ ଗ୍ରହଣ କରିବା ପରେ ଏଥିପାଇଁ ଈଶ୍ୱରଙ୍କୁ ଯେଉଁ ବିଶେଷ ମୂଲ୍ୟ ଦେବାକୁ ପଡ଼ିଲା, ତାହା ଆଦୌ ଭୁଲିବା ଉଚିତ ନୁହେଁ, ଯାହା ଦ୍ୱାରା ଏ ସବୁ ଆମର ହୋଇପାରିଛି ।

କ୍ଷମା ହେଉଛି, ଐଶ୍ୱରିକ ଅନୁଗ୍ରହର ଆଶ୍ଚର୍ଯ୍ୟକର୍ମ । ଈଶ୍ୱରଙ୍କୁ ଏଥିପାଇଁ ଯେଉଁ ମୂଲ୍ୟ ଦେବାକୁ ହେଲା, ତାହା ହେଉଛି, ଖ୍ରୀଷ୍ଟଙ୍କ କ୍ରୁଶ । ପାପ କ୍ଷମା କରିବା ପାଇଁ ପବିତ୍ର ଈଶ୍ୱର  ରୂପେ ତାଙ୍କୁ ଏହାର ମୂଲ୍ୟ ଦେବା ଆବଶ୍ୟକ ଥିଲା । ଈଶ୍ୱରଙ୍କ ପିତୃତ୍ୱର ଏହି ଦୃଷ୍ଟିକୋଣକୁ ସ୍ୱୀକାର କରନ୍ତୁ ନାହିଁ, ଯଦି ତାହା ପ୍ରାୟଶ୍ଚିତ୍ତକୁ ଗୁରୁତ୍ୱ ଦିଏ ନାହିଁ । ଈଶ୍ୱରଙ୍କ ପ୍ରକଟିତ ସତ୍ୟ ହେଉଛି ଯେ, ପ୍ରାୟଶ୍ଚିତ୍ତ ବିନା ସେ କ୍ଷମା କରିପାରନ୍ତି ନାହିଁ – ଯଦି ସେ କରନ୍ତି ତେବେ ତାହା ତାଙ୍କ ସ୍ୱଭାବର ବିରୁଦ୍ଧାଚରଣ ହେବ । ଯେଉଁ ଏକମାତ୍ର ଉପାୟରେ ଆମେ କ୍ଷମାପ୍ରାପ୍ତ ହେବୁ, ତାହା ହେଉଛି, କ୍ରୁଶୀୟ ପ୍ରାୟଶ୍ଚିତ୍ତ ଦ୍ୱାରା ଈଶ୍ୱରଙ୍କ ନିକଟକୁ ଆମର ଫେରି ଆସିବାର ସିଦ୍ଧାନ୍ତ । ଈଶ୍ୱରଙ୍କ କ୍ଷମା କେବଳ ଅଲୌକିକ କ୍ଷେତ୍ରରେ ସମ୍ଭବ ହୁଏ ।

ପାପକ୍ଷମାର ଆଶ୍ଚର୍ଯ୍ୟକର୍ମ ତୁଳନାରେ ପବିତ୍ରୀକରଣର ଅନୁଭୂତି ଛୋଟ ହୋଇଥାଏ । ପବିତ୍ରୀକରଣ ମନୁଷ୍ୟ ଜୀବନର ପାପକ୍ଷମାର କେବଳ ଏକ ଅଦ୍ଭୁତ ଅଭିବ୍ୟକ୍ତିର ପ୍ରମାଣ ସ୍ୱରୂପ । କିନ୍ତୁ ଯେଉଁ ବିଷୟ ମନୁଷ୍ୟ ଜୀବନରେ କୃତଜ୍ଞତାର ଏକ ଉଚ୍ଛୁଳା ସ୍ରୋତ ପ୍ରବାହିତ କରେ, ତାହା ହେଉଛି, ଈଶ୍ୱର ତା'ର ପାପକ୍ଷମା କରିଛନ୍ତି । ପାଉଲ ଏଥିରୁ ଓହରି ଯାଇ ନ ଥିଲେ । ଆପଣଙ୍କୁ କ୍ଷମା କରିବା ପାଇଁ ଈଶ୍ୱରଙ୍କୁ ଯେଉଁ ମୂଲ୍ୟ ଦେବାକୁ ହେଲା, ଥରେ ତାହା ଉପଲବ୍ଧି କରିବା ପରେ ଆପଣ ଈଶ୍ୱରଙ୍କ ପ୍ରେମର ଶୃଙ୍ଖଳରେ ବନ୍ଦୀ ହୋଇଯିବେ ।

ନଭେମ୍ବର ୨୧

# ସମାପ୍ତ ହେଲା

## ତୁମେ ମୋତେ ଯେଉଁ କାର୍ଯ୍ୟ କରିବାକୁ ଦେଇଥିଲ, ତାହା ସଂପୂର୍ଣ୍ଣ କରି...

**ଯୋହନ ୧୭:୪**

ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁ ଈଶ୍ୱରଙ୍କ ମନ ଏବଂ ଅଭିପ୍ରାୟର ଏକ ସଫଳ ଇତିହାସ । ଯୀଶୁ ଖ୍ରୀଷ୍ଟଙ୍କୁ ଏକ ସାକ୍ଷ୍ୟମର ରୂପେ ଦେଖିବା ଉଚିତ ନୁହେଁ । ତାଙ୍କର ମୃତ୍ୟୁ ତାଙ୍କ ପ୍ରତି ଘଟିଥିବା ଏକ ଘଟଣା ନୁହେଁ, ଯାହାର ପ୍ରତିରୋଧ ହୋଇ ପାରିଥାନ୍ତା । ତାଙ୍କର ମୃତ୍ୟୁ ତାଙ୍କ ଆଗମନର କାରଣ ସ୍ୱରୂପ ଥିଲା ।

କ୍ଷମାର ତଥ୍ୟକୁ ଆପଣଙ୍କ ଏହି ଚିନ୍ତାଧାରା ଉପରେ ଆଧାରିତ କରନ୍ତୁ ନାହିଁ ଯେ, ଈଶ୍ୱର ଆମର ପିତା ଏବଂ ସେ ପ୍ରେମ କରୁଥିବାରୁ ଆମକୁ କ୍ଷମା ଦେବେ । ତାହା ଯୀଶୁ ଖ୍ରୀଷ୍ଟଙ୍କ ମଧ୍ୟରେ ଈଶ୍ୱରଙ୍କ ପ୍ରକାଶିତ ସତ୍ୟକୁ ଖଣ୍ଡନ କରେ । ଏହା କ୍ରୁଶକୁ ଅଦରକାରୀ ଏବଂ ଉଦ୍ଧାରକାର୍ଯ୍ୟକୁ ‘‘ବହୁ ଆଡ଼ମ୍ବର ଲଘୁ କ୍ରିୟା’’ ରେ ପରିଣତ କରିଦିଏ । ଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା ହିଁ ଈଶ୍ୱର ଆମକୁ କ୍ଷମା ଦିଅନ୍ତି । ଈଶ୍ୱର ତାଙ୍କର ପୁତ୍ରଙ୍କ ମୃତ୍ୟୁ ବ୍ୟତୀତ ଆଉ ଅନ୍ୟ କୌଣସି ଉପାୟରେ ଲୋକମାନଙ୍କୁ କ୍ଷମା କରିପାରନ୍ତି ନାହିଁ ଏବଂ ମୃତ୍ୟୁ ମାଧ୍ୟମରେ ହିଁ ଯୀଶୁ ପରିତ୍ରାଣକର୍ତ୍ତା ରୂପେ ଉଚ୍ଚୀକୃତ ହୁଅନ୍ତି । ‘‘ଆମେ ଯୀଶୁଙ୍କୁ ଦେଖିଛୁ... ସେ ଏବେ ଗୌରବ ଓ ସମ୍ଭ୍ରମରୂପ ମୁକୁଟରେ ଭୂଷିତ ହୋଇଛନ୍ତି, କାରଣ ସେ ମୃତ୍ୟୁ ଭୋଗ କଲେ’’ (ଏବ୍ରୀ ୨:୯) । ବିଜୟର ସେହି ମହତ୍ତ୍ୱପୂର୍ଣ୍ଣ ଧ୍ୱନି ଯାହା ଚକିତ ବିଶ୍ୱର କର୍ଣ୍ଣ କହ୍ୱରରେ ଗୁଂଜରିତ ହେଲା, ତାହା ହେଉଛି କ୍ରୁଶରୁ ଉଚ୍ଚାରିତ ଖ୍ରୀଷ୍ଟଙ୍କର ଏହି ବାଣୀ– ‘‘ସମାପ୍ତ ହେଲା’’ (ଯୋହନ ୧୯:୩୦) । ତାହା ହିଁ ମନୁଷ୍ୟଜାତିର ମୁକ୍ତି କାର୍ଯ୍ୟର ଅନ୍ତିମ ଶବ୍ଦ ।

ଯେଉଁ ବିଷୟ ଈଶ୍ୱରଙ୍କ ପ୍ରେମ ସଂପର୍କରେ ଭୁଲ୍ ଚିନ୍ତାଧାରା ପୋଷଣ କରି ଈଶ୍ୱରଙ୍କ ପବିତ୍ରତାକୁ ଊଣା କରିଦିଏ କିମ୍ବା ସଂପୂର୍ଣ୍ଣ ନଷ୍ଟ କରିଦିଏ, ତାହା ଯୀଶୁଖ୍ରୀଷ୍ଟଙ୍କ ମଧ୍ୟରେ ପ୍ରକଟିତ ଈଶ୍ୱରଙ୍କ ସତ୍ୟକୁ ଖଣ୍ଡନ କରିଥାଏ । କେବେ ହେଁ ଏଭଳି ଚିନ୍ତାକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ ଯେ, ଯୀଶୁ ଖ୍ରୀଷ୍ଟ ଆପଣା ଦୟା ଓ କରୁଣା ହେତୁ ଆମ ସହିତ ଏବଂ ଈଶ୍ୱରଙ୍କ ବିରୁଦ୍ଧରେ ଛିଡ଼ା ହୋଇଛନ୍ତି ଅବା ଆମ ପ୍ରତି ସହାନୁଭୂତି ପ୍ରଦର୍ଶନ କରି ସେ ଆମ ପାଇଁ ଅଭିଶାପ ସ୍ୱରୂପ ହେଲେ । ଯୀଶୁ ଖ୍ରୀଷ୍ଟ ଏକ ଐଶ୍ୱରିକ ଆବେଗ ହେତୁ ଆମ ପାଇଁ ଅଭିଶାପ ସ୍ୱରୂପ ହେଲେ । ପାପବୋଧ ଆମକୁ ଲଜ୍ଜା ଓ ଅନୁତାପ ଜନିତ ଏକ ଦାନ ସ୍ୱରୂପେ ଦିଆଯାଇଛି । ଏହା ଈଶ୍ୱରଙ୍କ ମହାନ୍ ଦୟା । ଯୀଶୁ ଖ୍ରୀଷ୍ଟ ଲୋକମାନଙ୍କ ମଧ୍ୟରେ ଥିବା ପାପକୁ ଘୃଣା କରନ୍ତି ଏବଂ କାଲ୍‌ବରୀ ହେଉଛି ତାଙ୍କର ଘୃଣାର ମାନଦଣ୍ଡ ।

# ଅଗଭୀର ଏବଂ ଗଭୀର

**କାରଣ ତୁମେମାନେ ଭୋଜନ କର, କି ପାନ କର,**
**କି ଯାହା କିଛି କର, ସେସବୁ ଈଶ୍ୱରଙ୍କ ଗୌରବ ନିମନ୍ତେ କର ।**
**୧ କରିନ୍ଥୀ ୧୦:୩୧**

ଏଭଳି ଚିନ୍ତା ବିଷୟରେ ସତର୍କ ଥା'ନ୍ତୁ ଯେ, ଆମ ଜୀବନର ଉପରଠାଉରିଆ ବିଷୟ ସବୁ ଈଶ୍ୱରଙ୍କ ଦ୍ୱାରା ସଂପାଦିତ ହୋଇ ନାହିଁ, ଗଭୀର ବିଷୟ ସହିତ ସମାନ ରୂପେ ଏ ସବୁ ମଧ୍ୟ ଈଶ୍ୱରଙ୍କ ଦ୍ୱାରା ସଂପାଦିତ ହୋଇଛି । ଆମେ ଅନେକ ସମୟରେ ଉପରଠାଉରିଆ ହେବା ପାଇଁ ପ୍ରତ୍ୟାଖ୍ୟାନ କରୁ, ଈଶ୍ୱରଙ୍କ ପ୍ରତି ଆମର ଗଭୀର ଭକ୍ତି ଏହାର କାରଣ ନୁହେଁ, କିନ୍ତୁ ଆମେ ଅନ୍ୟମାନଙ୍କୁ ଏହି ଧାରଣା ଦେବା ପାଇଁ ଇଚ୍ଛା କରିଥାଉ ଯେ, ଆମେ ଉପରଠାଉରିଆ ନୋହୁଁ । ଏହା ଆତ୍ମିକ ଗର୍ବର ଏକ ନିଶ୍ଚିତ ଲକ୍ଷଣ । ଆମେ ସତର୍କ ହେବା ଆବଶ୍ୟକ, କାରଣ ଏହା ଦ୍ୱାରା ଆମ ଜୀବନରେ ଅନ୍ୟମାନଙ୍କ ପାଇଁ ଅପମାନ ଜାତ ହୁଏ । ଏହା ଆମକୁ ଅନ୍ୟମାନଙ୍କ ପାଇଁ ଅପମାନ ସୂଚକ କରିଦିଏ କାରଣ ସେମାନେ ଆମଠାରୁ ଆହୁରି ଅଧିକ ସ୍ୱଳ୍ପଜ୍ଞାନ ସଂପନ୍ନ । ନିଜକୁ ଜଣେ ଗଭୀର ଜ୍ଞାନ ସଂପନ୍ନ ବ୍ୟକ୍ତି ରୂପେ ଉପସ୍ଥାପିତ କରିବା ବିଷୟରେ ଜାଗ୍ରତ ଥା'ନ୍ତୁ– ଈଶ୍ୱର ଜଣେ ଶିଶୁ ହେଲେ ।

ଉପରଠାଉରିଆ ହେବା ପାପ ସ୍ୱଭାବ ନୁହେଁ, କିମ୍ବା ସ୍ୱଳ୍ପଜ୍ଞାନ ଆପଣଙ୍କ ଅଗଭୀର ଜୀବନର ଲକ୍ଷଣ ନୁହେଁ– କାରଣ ସମୁଦ୍ରର କୂଳ ଥାଏ । ଏପରିକି ଜୀବନର ହାଲୁକା ବିଷୟ ଯଥା ଖାଇବା, ପିଇବା, ଚାଲିବା, କଥା କହିବା ଈଶ୍ୱରଙ୍କ ଦ୍ୱାରା ସଂପାଦିତ ହୋଇଥାଏ । ଆମର ପ୍ରଭୁ ଏ ସବୁ କରିଥିଲେ । ସେ ଈଶ୍ୱରଙ୍କ ପୁତ୍ର ରୂପେ ଏ ସବୁ କରିଥିଲେ ଏବଂ ସେ କହିଲେ, 'ଭୃତ୍ୟ ଆପଣା ମୁନିବଠାରୁ ଶ୍ରେଷ୍ଠ ନୁହେଁ'' (ମାଥିଉ ୧୦:୨୪) ।

ଜୀବନର ଉପରଠାଉରିଆ ବିଷୟ ଦ୍ୱାରା ଆମେ ସୁରକ୍ଷିତ ଅଛୁ । ଆମକୁ ବ୍ୟାବହାରିକ ବୁଦ୍ଧି ଦ୍ୱାରା ଉପରିଭାଗରେ ଏକ ବ୍ୟାବହାରିକ ଜୀବନ ଅତିବାହିତ କରିବାକୁ ହେବ । ପରେ ଯେତେବେଳେ ଈଶ୍ୱର ଆମକୁ ଗଭୀର ବିଷୟ ଦିଅନ୍ତି, ସ୍ପଷ୍ଟ ରୂପେ ସେସବୁ ଉପରଠାଉରିଆ ବିଷୟଠାରୁ ଅଲଗା ହୋଇଯାନ୍ତି । ଈଶ୍ୱରଙ୍କ ବ୍ୟତୀତ ଆଉ କାହାକୁ ଜୀବନର ଗଭୀରତା ପ୍ରଦର୍ଶନ କରନ୍ତୁ ନାହିଁ । ଆମେ ଆମର ଚରିତ୍ର ଏବଂ ସୁଖ୍ୟାତି ପ୍ରତି ଏତେ ଅଧିକ ଆଗ୍ରହ ପ୍ରକାଶ କରିଥାଉ ଯେ, ଜୀବନର ହାଲୁକା ବିଷୟରେ ଖ୍ରୀଷ୍ଟିୟାନ ରୂପେ ବ୍ୟବହାର କରିବା ପାଇଁ ପ୍ରତ୍ୟାଖ୍ୟାନ କରିଥାଉ ।

ଈଶ୍ୱରଙ୍କ ବ୍ୟତୀତ ଆଉ କାହା ପ୍ରତି ନିଷ୍ଠାବାନ୍ ନ ହେବାର ଦୃଢ଼ ସଂକଳ୍ପ ନିଅନ୍ତୁ । ଆପଣ ଜାଣିବେ ଯେ, ପ୍ରତାରକ ରୂପେ ଆପଣଙ୍କ ଦୃଷ୍ଟିରେ ସମାଲୋଚନା ଯୋଗ୍ୟ ପ୍ରଥମ ବ୍ୟକ୍ତି ଯଦି କେହି ଥା'ନ୍ତି, ତେବେ ସେ ହେଉଛନ୍ତି ଆପଣ ନିଜେ ।

# ଅପମାନର ଅନ୍ୟମନସ୍କତା

**ହେ ପ୍ରଭୁ ଆମକୁ ଦୟା କର, ଆମକୁ ଦୟା କର,**
**କାରଣ ଆମେ ବହୁତ ଅପମାନ ସହ୍ୟ କଲୁଣି ।**
**ଗୀତସଂହିତା ୧୨୩:୩**

ଆମେ ଯେଉଁ ବିଷୟରେ ସାବଧାନ ରହିବା ଉଚିତ, ତାହା ଈଶ୍ୱରଙ୍କ ପ୍ରତି ଆମ ବିଶ୍ୱାସର କ୍ଷତି ସାଧନ ନୁହେଁ, ମାତ୍ର ଆମର ଖ୍ରୀଷ୍ଟୀୟ ପ୍ରବୃତ୍ତି ବା ମନୋଗତ ଅବସ୍ଥା ଅଟେ । ''ଏହେତୁ ତୁମେମାନେ ଯେପରି ବିଶ୍ୱାସଘାତକତା ନ କର, ଏଥିପାଇଁ ଆପଣା ଆପଣା ଆତ୍ମା ବିଷୟରେ ସାବଧାନ ହୁଅ'' (ମଲାଖୀ ୨:୧୬) । ଆମର ମନୋଗତ ଅବସ୍ଥା ନିଜର ପ୍ରଭାବରେ ଶକ୍ତିଯୁକ୍ତ ହୋଇଥାଏ । ଏହା ସେହି ଶତ୍ରୁ ହୋଇପାରେ, ଯିଏ ସିଧା ଆମର ପ୍ରାଣ ଭେଦ କରି ଈଶ୍ୱରଙ୍କଠାରୁ ଆମର ମନକୁ ଅନ୍ୟମନସ୍କ କରେ । ଏପରି କେତେ ମନୋବୃତ୍ତି ଅଛି, ଯାହାର ପରିତୃପ୍ତି ପାଇଁ ସାହସ କରିବା ମଧ୍ୟ ଅନୁଚିତ । ଆମେ ଯଦି ସେପରି କରୁ, ତେବେ ଆମେ ଜାଣିବା ଯେ, ସେ ସବୁ ଆମକୁ ଆମର ଈଶ୍ୱର-ବିଶ୍ୱାସଠାରୁ ଅନ୍ୟମନସ୍କ କରିଛନ୍ତି । ସ୍ଥିର ମନୋଭାବ ସହ ଈଶ୍ୱରଙ୍କ ସମ୍ମୁଖକୁ ନ ଫେରିବା ପର୍ଯ୍ୟନ୍ତ ଆମର ବିଶ୍ୱାସ ମୂଲ୍ୟହୀନ ହୋଇଯିବ ଏବଂ ମନୁଷ୍ୟ ପ୍ରତି ଏବଂ ତା'ର ଚାତୁର୍ଯ୍ୟ ପ୍ରତି ଆମର ଭରସା ଆମ ଜୀବନ ଉପରେ ଶାସନ କରୁଥିବ ।

''ସାଂସାରିକ ଚିନ୍ତା'' ପ୍ରତି (ମାର୍କ ୪:୧୯) ସାବଧାନ ହୁଅନ୍ତୁ । ଏସବୁ ଆମ ମନରେ ଭୁଲ ମନୋବୃତ୍ତି ଉତ୍ପନ୍ନ କରନ୍ତି । ଏହା ଅତି ଆଶ୍ଚର୍ଯ୍ୟଜନକ କଥା ଯେ, ଈଶ୍ୱରଙ୍କଠାରୁ ଆମ ଧ୍ୟାନକୁ ବାଧାପ୍ରାପ୍ତ କରିବା ପାଇଁ ସାଧାରଣ ବସ୍ତୁଗୁଡ଼ିକରେ କେତେ ଶକ୍ତି ଥାଏ । ''ସାଂସାରିକ ଚିନ୍ତା'' ରେ ଦ୍ରବୀଭୂତ ହେବା ପାଇଁ ପ୍ରତ୍ୟାଖ୍ୟାନ କରନ୍ତୁ ।

ଆମକୁ ଅନ୍ୟମନସ୍କ କରିବାର ଆଉ ଏକ ବିଷୟ ହେଉଛି, ଆମକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବା ପାଇଁ ଆମର ପ୍ରବଳ ଆବେଗ । ସାଧୁ ଅଗଷ୍ଟିନ୍‌ଙ୍କ ପ୍ରାର୍ଥନା ଥିଲା, ''ପ୍ରଭୁ, ସବୁବେଳେ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାର ଲାଳସାରୁ ମୋତେ ରକ୍ଷା କର ।'' ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାର ଏଭଳି ଆବଶ୍ୟକତା ଈଶ୍ୱରଙ୍କ ପ୍ରତି ଆମର ଆତ୍ମାର ବିଶ୍ୱାସକୁ ନଷ୍ଟ କରିଦିଏ । ଏପରି କୁହନ୍ତୁ ନାହିଁ, ''ମୁଁ ନିଜେ ବୁଝାଇବି'', ଅବା ''ମୁଁ ଲୋକମାନଙ୍କୁ ବୁଝାଇବି ।'' ଆମର ପ୍ରଭୁ କେବେ ବୁଝାଇ ନ ଥିଲେ – ସେ ଅନ୍ୟମାନଙ୍କ ଭୁଲ୍ ବୁଝାମଣା ଏବଂ ଭୁଲ୍ ଧାରଣା ସବୁକୁ ସୁଧାରିବା ପାଇଁ ସେମାନଙ୍କ ଉପରେ ଛାଡ଼ିଦେଲେ ।

ଯେତେବେଳେ ଆମେ ଜାଣିପାରୁ ଯେ, ଅନ୍ୟମାନଙ୍କ ଆତ୍ମିକ ବୃଦ୍ଧି ଘଟୁ ନାହିଁ ଏବଂ ଆମର ଅନ୍ତର୍ଦୃଷ୍ଟିକୁ ସମାଲୋଚନାରେ ପରିଣତ କରୁ, ଆମେ ଈଶ୍ୱରଙ୍କ ସହିତ ଆମର ସାନ୍ନିଧ୍ୟରେ ବାଧା ସୃଷ୍ଟି କରୁ । ଅନ୍ୟର ସମାଲୋଚନା କରିବା ପାଇଁ ଈଶ୍ୱର ଆମକୁ ଅନ୍ତର୍ଦୃଷ୍ଟି ପ୍ରଦାନ କରନ୍ତି ନାହିଁ, କିନ୍ତୁ ଆମେ ଯେପରି ସେମାନଙ୍କ ପାଇଁ ନିବେଦନ କରିବା, ସେଥିପାଇଁ ସେ ତାହା ଦାନ କରନ୍ତି ।

## ନଭେମ୍ବର ୨୪

# ଧ୍ୟାନର ଦିଗ

### ଦାସର ଚକ୍ଷୁ ଯେପରି କର୍ତ୍ତାର ହସ୍ତକୁ ଚାହିଁଥାଏ, ସେହିପରି ଆମର ଚକ୍ଷୁ ତାହାଙ୍କୁ (ପ୍ରଭୁଙ୍କୁ) ଚାହିଁଥାଏ ।

### ଗୀତସଂହିତା ୧୨୩:୨

ଏହି ପଦଟି ଈଶ୍ୱରଙ୍କ ପ୍ରତି ସଂପୂର୍ଣ୍ଣ ଭରସା ବିଷୟ ବର୍ଣ୍ଣନା କରେ । ଦାସର ଚକ୍ଷୁ ଯେପରି କର୍ତ୍ତାର ହସ୍ତକୁ ଚାହିଁଥାଏ, ଆମର ଚକ୍ଷୁ ସେହିପରି ଈଶ୍ୱରଙ୍କ ପ୍ରତି ଧ୍ୟାନମଗ୍ନ ଏବଂ ନିମଜ୍ଜିତ ହେବା ଆବଶ୍ୟକ । ଏହି ପ୍ରକାରେ ଆମେ ଈଶ୍ୱରଙ୍କ ମୁଖ ସଂପର୍କରେ ଜ୍ଞାନଲାଭ କରୁ ଏବଂ ସେ ଆମ ପ୍ରତି ଆପଣାକୁ ପ୍ରକଟ କରନ୍ତି (ଯିଶାଇୟ ୫୩:୧ ଦେଖନ୍ତୁ) । ଈଶ୍ୱରଙ୍କ ପ୍ରତି ଚକ୍ଷୁ ଉତ୍ତୋଳିତ କରିବା ବନ୍ଦ କରି ଦେଲେ ଆମର ଆତ୍ମିକ ଶକ୍ତି ନିଃଶେଷ ହେବା ଆରମ୍ଭ କରେ । ଆମର ସହନ ଶକ୍ତି ଧୀରେ ଧୀରେ ନଷ୍ଟ ହୋଇ ଆସେ, ଏହାର କାରଣ ଆମର ବାହ୍ୟିକ କଷ୍ଟଦାୟକ ଘଟଣା ନୁହେଁ, ମାତ୍ର ଆମର ଚିନ୍ତା କରିବା ଉପାୟର ସମସ୍ୟା ହୋଇଥାଏ । ଆମେ ଏହିଭଳି ଭୁଲ୍ ଚିନ୍ତା କରିଥାଉ ଯେ, ‘‘ମୁଁ ଭାବୁଛି ଯେ, ମୁଁ ଅଧିକ ଯତ୍ନର ସହିତ କାର୍ଯ୍ୟ କରୁଛି, ଅଧିକ ସାହସ ଦେଖାଉଛି, ଏବଂ ଜଣେ ସାଧାରଣ, ନମ୍ର ଲୋକ ହେବା ପରିବର୍ତ୍ତେ ଈଶ୍ୱରଙ୍କ ସଦୃଶ ହେବା ପାଇଁ ଯତ୍ନ କରୁଛି ।’’ ଆମକୁ ଜାଣିବାକୁ ହେବ ଯେ, କୌଣସି ପ୍ରୟାସ ଆବଶ୍ୟକତା ଠାରୁ ବଳି ଅଧିକ ହୋଇ ନ ଥାଏ ।

ଉଦାହରଣ ରୂପେ, ଆପଣଙ୍କ ଜୀବନର ସଂକଟ ସମୟରେ ଆପଣ ଈଶ୍ୱରଙ୍କ ସପକ୍ଷରେ ଛିଡ଼ା ହେଲେ ଏବଂ ଆପଣଙ୍କ କାର୍ଯ୍ୟ ଯେ ଯଥାର୍ଥ ଥିଲା, ସେ ସମ୍ବନ୍ଧରେ ପବିତ୍ର ଆତ୍ମା ମଧ୍ୟ ସାକ୍ଷ୍ୟ ପ୍ରଦାନ କଲେ । କିନ୍ତୁ ବର୍ତ୍ତମାନ କିଛି ସପ୍ତାହ ବା ବର୍ଷ ଅତିବାହିତ ହେବା ପରେ ଆପଣ ଏହି ଉପସଂହାରକୁ ଆସୁଛନ୍ତି ଯେ, ମୁଁ ଯେଉଁ କାର୍ଯ୍ୟ କଲି, ସେଥିରେ କ’ଣ ମୋର ଗର୍ବ ଏବଂ ଲୋକଦେଖାଣିଆ ମନୋଭାବ ଥିଲା ? ମୁଁ କ’ଣ ଅଧିକ ଆତ୍ମାଭିମାନୀ ହୋଇଯାଇଥିଲି ? ଆପଣଙ୍କ ତର୍କବୁଦ୍ଧି ସଂପନ୍ନ ସଙ୍ଗୀମାନେ ଆସି ଆପଣଙ୍କୁ କହିବେ, ‘‘ମୂର୍ଖଙ୍କ ପରି ହୁଅ ନାହିଁ । ଆମେ ଜାଣିଥିଲୁ ଯେ, ପ୍ରଥମେ ତୁମେ ଯେତେବେଳେ ଏହି ଆତ୍ମିକ ସଚେତନତା ବିଷୟ କହିଥିଲ, ଆମକୁ ଜଣାଥିଲା ଯେ, ଏହା ତୁମର ଆକସ୍ମିକ ଇଚ୍ଛା ଏବଂ ଏହା ଅପସରି ଯିବ, କାରଣ ତୁମେ ଏହି ସମସ୍ୟାର ସମ୍ମୁଖୀନ ହୋଇପାରିବ ନାହିଁ । ଈଶ୍ୱର ମଧ୍ୟ ଚାହାନ୍ତି ନାହିଁ ଯେ, ତୁମେ ଏହାକୁ ସହ୍ୟ କରିବ । ଆପଣଙ୍କ ପ୍ରତ୍ୟୁତ୍ତର ହେବ, ‘‘ମୁଁ ଭାବୁଛି, ମୁଁ ଆହୁରି ଅଧିକ ବିଷୟ ଅପେକ୍ଷା କରୁଥିଲି ।’’ ଆପଣଙ୍କ କଥା ବିନମ୍ର ହୋଇପାରେ, କିନ୍ତୁ ଏହାର ଅର୍ଥ ଆପଣ ଈଶ୍ୱରଙ୍କଠାରୁ ଭରସା ତୁଟାଇ ସାଂସାରିକ ମତ ଉପରେ ଭରସା ରଖିଛନ୍ତି । ଈଶ୍ୱରଙ୍କ ଉପରେ ଭରସା ନ ରଖିବାର ବିପଦ ହେଉଛି ଯେ, ଆପଣ ଈଶ୍ୱରଙ୍କ ଧ୍ୟାନ ପ୍ରତି ଅବହେଳା କରିଛନ୍ତି । ଯଦି ଅକସ୍ମାତ୍ ଈଶ୍ୱର ଆପଣଙ୍କୁ ଅଟକାଇବେ, ଆପଣ ଜାଣିବେ ଯେ, ଆପଣ ହାରି ଯାଇଛନ୍ତି । ଯେତେବେଳେ ଆପଣଙ୍କ ଜୀବନର ଅବକ୍ଷୟ ଘଟେ, ସଂଗେ ସଂଗେ ତାହାର ପ୍ରତିକାର କରନ୍ତୁ । ଉପଲବ୍ଧି କରନ୍ତୁ ଯେ, ଆପଣଙ୍କର ଏବଂ ଈଶ୍ୱରଙ୍କ ମଧ୍ୟରେ କୌଣସି ବିଷୟ ଅନ୍ତରାୟ ସୃଷ୍ଟି କରୁଛି । ତାହାକୁ ବଦଳାଇ ଦିଅନ୍ତୁ କିମ୍ବା ସଂଗେ ସଂଗେ ଦୂର କରି ଦିଅନ୍ତୁ ।

**ନଭେମ୍ବର ୨୫**

# ଆତ୍ମିକ ସଙ୍ଗତିର ରହସ୍ୟ

**କିନ୍ତୁ ଆମମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ କ୍ରୁଶ ବ୍ୟତୀତ ଆଉ କେଉଁଥିରେ ଦର୍ପ କରିବା ମୋଠାରୁ ଦୂରେ ଥାଉ ।**

**ଗାଲାତୀୟ ୬:୧୪**

ଜଣେ ବ୍ୟକ୍ତି ନୂତନ ଜନ୍ମ ଲାଭ କରିବାର ପ୍ରାରମ୍ଭ ସମୟରେ ନିଜର ବିକ୍ଷିପ୍ତ ଚିନ୍ତା ଏବଂ ବାହ୍ୟ ବିଷୟ ଓ ପରିସ୍ଥିତି ତାଙ୍କୁ ଅସମଞ୍ଜସ କରିବା ଭଳି ମନେ ହୁଏ । ପ୍ରେରିତ ପାଉଲଙ୍କ ଜୀବନରେ ଏକ ସ୍ଥିର ଏବଂ ଶକ୍ତିଯୁକ୍ତ ସଙ୍ଗତି ଥିଲା । ସେଥିପାଇଁ ତାଙ୍କର ବାହ୍ୟିକ ଜୀବନର ପରିବର୍ତ୍ତନ ଘଟିଥିଲେ ମଧ୍ୟ ତାଙ୍କର ଆଭ୍ୟନ୍ତରୀଣ ଜୀବନର ସ୍ଥିତି ଈଶ୍ୱରଙ୍କଠାରେ ସୁଦୃଢ଼ ଏବଂ ଅପରିବର୍ତ୍ତିତ ଥିଲା । ଆମ ମଧ୍ୟରୁ ଅଧିକାଂଶ ଆତ୍ମିକ ରୂପେ କର୍ତ୍ତବ୍ୟନିଷ୍ଠ ନୋହୁଁ, କାରଣ ଆମେ ବାହ୍ୟିକ ସ୍ତରରେ ସଂଗତି ରକ୍ଷା କରିବା ପାଇଁ ଅଧିକ ମନୋଯୋଗୀ ହୋଇଥାଉ । ବାହ୍ୟିକ ଅଭିବ୍ୟକ୍ତି ସ୍ତରରେ ପାଉଲଙ୍କ ସ୍ଥାନ ତଳେ ଥିଲା ଏବଂ ତାଙ୍କ ସମାଲୋଚକମାନଙ୍କ ସ୍ଥାନ ଉପରେ ଥିଲା । ଏ ଦୁଇଟି ସ୍ତର ପରସ୍ପରକୁ ସ୍ପର୍ଶ କରିବା ଆରମ୍ଭ ମଧ୍ୟ କରନ୍ତି ନାହିଁ, କିନ୍ତୁ ପାଉଲଙ୍କ ସଂଗତି ଗଭୀର ମୌଳିକ ବିଷୟ ପ୍ରତି ଥିଲା । ଜଗତର ମୁକ୍ତି ସାଧନ କାର୍ଯ୍ୟରେ ଈଶ୍ୱରଙ୍କ ଯନ୍ତ୍ରଣା ଅର୍ଥାତ୍ ଖ୍ରୀଷ୍ଟଙ୍କ କ୍ରୁଶ ତାଙ୍କର ସଂଗତିର ମହାନ୍ ଆଧାର ଥିଲା ।

ଆପଣଙ୍କ ବିଶ୍ୱାସର ପୁନରାବୃତ୍ତି କରନ୍ତୁ । ଖ୍ରୀଷ୍ଟଙ୍କ କ୍ରୁଶ ପ୍ରତି ଆଧାରିତ ନ ହୋଇଥିବା ବିଶ୍ୱାସକୁ ପରିତ୍ୟାଗ କରି ଖ୍ରୀଷ୍ଟଙ୍କ କ୍ରୁଶ ନିକଟକୁ ଆସନ୍ତୁ । ଜଗତ ଇତିହାସରେ କ୍ରୁଶ ଏକ ନଗଣ୍ୟ ବିଷୟ, କିନ୍ତୁ ବାଇବଲର ଦୃଷ୍ଟିକୋଣରୁ ଏହାର ମହତ୍ତ୍ୱ ଜଗତର ସାମ୍ରାଜ୍ୟ ସମୂହ ଠାରୁ ଆହୁରି ଅଧିକ । ଆମର ପ୍ରଚାରରେ ଯଦି କ୍ରୁଶ ମାଧ୍ୟମରେ ଈଶ୍ୱରଙ୍କ ଦୁଃଖଦ ଘଟଣା ବିଷୟ କହିବାରୁ ଆମେ ଦୂରେଇ ଯାଉ, ତେବେ ସେହି ପ୍ରଚାର ନିଷ୍ଫଳ ହୁଏ । ଏହା ମନୁଷ୍ୟ ପ୍ରତି ଈଶ୍ୱରଙ୍କ ଶକ୍ତିକୁ ସଂଚାଳିତ କରେ ନାହିଁ, ଏହା ମନୋଯୋଗ୍ୟ ହୋଇପାରେ, କିନ୍ତୁ ସେଥିରେ ଶକ୍ତି ନ ଥାଏ । ଆମେ ଯେତେବେଳେ କ୍ରୁଶର ପ୍ରଚାର କରୁ, ଈଶ୍ୱରଙ୍କ ଶକ୍ତି ସଂଚାରିତ ହୁଏ । ‘‘... ଯେଉଁ ପ୍ରଚାରିତ ବାର୍ତ୍ତା ମୂର୍ଖତା, ତାହା ଦ୍ୱାରା ଈଶ୍ୱର ବିଶ୍ୱାସୀମାନଙ୍କୁ ପରିତ୍ରାଣ କରିବାକୁ ପ୍ରୀତ ହେଲେ... କିନ୍ତୁ କ୍ରୁଶରେ ହତ ଖ୍ରୀଷ୍ଟଙ୍କୁ ଆମେ ପ୍ରଚାର କରୁ’’ (୧ କରିନ୍ଥୀ ୧:୨୧,୨୩) ।

ନଭେମ୍ବର ୨୬

# ଆତ୍ମିକ ଶକ୍ତିର କେନ୍ଦ୍ରବିନ୍ଦୁ

**କିନ୍ତୁ ଆମମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ କ୍ରୁଶ ବ୍ୟତୀତ...**

**ଗାଲାତୀୟ ୬:୧୪**

ଆପଣ ଯଦି ଈଶ୍ୱରଙ୍କ ଶକ୍ତି (ଅର୍ଥାତ୍ ଖ୍ରୀଷ୍ଟଙ୍କ ପୁନରୁତ୍ଥିତ ଜୀବନ)କୁ ଆପଣଙ୍କ ଶରୀରରେ ଅନୁଭବ କରିବାକୁ ଚାହାନ୍ତି, ତେବେ ଆପଣଙ୍କୁ ଈଶ୍ୱରଙ୍କ ଦୁଃଖାବହ ଘଟଣା ବିଷୟରେ ଚିନ୍ତା କରିବା ପାଇଁ ସମୟ ଦେବାକୁ ହେବ । ନିଜର ବ୍ୟକ୍ତିଗତ ଚିନ୍ତାରୁ ପୃଥକ୍ ହୋଇ ଆତ୍ମିକ ଅବସ୍ଥାରେ ଉନ୍ମୁକ୍ତ ଆତ୍ମା ସହ ଈଶ୍ୱରଙ୍କ ଦୁଃଖାବହ ଘଟଣା ବିଷୟ ଚିନ୍ତା କରନ୍ତୁ । ଅବିଳମ୍ବେ ଈଶ୍ୱରଙ୍କ ଶକ୍ତି ଆପଣଙ୍କୁ ଅଧିକାର କରିବ । ‘‘ଆମ୍ଭ ପ୍ରତି ଅନାଇ...’’ (ଯିଶାଇୟ ୪୫:୨୨) । ବାହ୍ୟ ଉତ୍ସ ପ୍ରତି ଧ୍ୟାନ ଦିଅନ୍ତୁ, ଅନ୍ତରସ୍ଥ ଶକ୍ତି ଆସିଯିବ । ସଠିକ୍ ବିଷୟ ପ୍ରତି ଧ୍ୟାନ ନ ଦେବା ହେତୁ ଆମେ ଶକ୍ତି ହରାଇଥାଉ । କ୍ରୁଶର ପ୍ରଭାବ ହେଉଛି– ପରିତ୍ରାଣ, ପବିତ୍ରୀକରଣ, ସୁସ୍ଥତା, ଇତ୍ୟାଦି, କିନ୍ତୁ ଆମେ ଏସବୁ ପ୍ରଚାର କରି ନ ଥାଉ । ଆମକୁ ‘‘ଯୀଶୁ ଖ୍ରୀଷ୍ଟଙ୍କୁ, କ୍ରୁଶରେ ହତ ଯୀଶୁ ଖ୍ରୀଷ୍ଟଙ୍କୁ’’(୧ କରିନ୍ଥୀ ୨:୨) ପ୍ରଚାର କରିବାକୁ ହେବ । ଯୀଶୁଙ୍କ ଘୋଷଣା ନିଜର କାର୍ଯ୍ୟ କରିବ । ଆପଣଙ୍କ ପ୍ରଚାରର କେନ୍ଦ୍ରବିନ୍ଦୁ ଉପରେ ଧ୍ୟାନ ଦିଅନ୍ତୁ । ଆପଣଙ୍କ ଶ୍ରୋତାମାନେ ଅମନୋଯୋଗୀ ହେଲେ ମଧ୍ୟ ପରବର୍ତ୍ତୀ ସମୟରେ ସେହି ଅବସ୍ଥାରେ ରହିବେ ନାହିଁ । ଯଦି ମୁଁ କେବଳ ମୋର କଥାର ଅଂଶୀ କରୁଛି, ତେବେ ତା’ର ମହତ୍ତ୍ୱ ମୋ ପ୍ରତି ଆପଣଙ୍କ କଥାର ମହତ୍ତ୍ୱ ସହିତ ସମାନ ହେବ । କିନ୍ତୁ ଆମେ ଯଦି ପରସ୍ପର ସହିତ ଈଶ୍ୱରଙ୍କ ବାକ୍ୟର ଅଂଶୀ ହେଉ, ତେବେ ଆମେ ବାରମ୍ବାର ତାହାର ସମ୍ମୁଖୀନ ହେବା । ଆମକୁ ଆତ୍ମିକ ଶକ୍ତିର ମହାନ ବିଷୟ ଅର୍ଥାତ୍ କ୍ରୁଶ ପ୍ରତି ଧ୍ୟାନକୁ କେନ୍ଦ୍ରିତ କରିବାକୁ ହେବ । ଯଦି ଆମେ ସେହି ଆତ୍ମିକ କେନ୍ଦ୍ରବିନ୍ଦୁର ସଂପର୍କ ମଧ୍ୟରେ ରହୁ, ତେବେ ତା’ର ଶକ୍ତି ଆମ ଜୀବନରେ ପ୍ରବାହିତ ହେବ । ପବିତ୍ର ଆନ୍ଦୋଳନ ଏବଂ ଆତ୍ମିକ ଅନୁଭୂତିପୂର୍ଣ୍ଣ ସଭାଗୁଡ଼ିକରେ ଧ୍ୟାନ ଖ୍ରୀଷ୍ଟଙ୍କ କ୍ରୁଶ ପରିବର୍ତ୍ତେ କ୍ରୁଶର ପ୍ରଭାବ ଉପରେ କେନ୍ଦ୍ରିତ ଥାଏ ।

ଆଜି ମଣ୍ଡଳୀର ଦୁର୍ବଳତାର ସମାଲୋଚନା ହୁଏ ଏବଂ ତାହା ମଧ୍ୟ ଯୁକ୍ତିଯୁକ୍ତ । ଏହି ଦୁର୍ବଳତାର ଗୋଟିଏ କାରଣ ହେଉଛି ଯେ, ଆତ୍ମିକ ଶକ୍ତିର ପ୍ରକୃତ କେନ୍ଦ୍ର ପ୍ରତି ଏହି ଧ୍ୟାନ ଆକର୍ଷିତ ହୋଇ ନାହିଁ । ଆମେ କାଲ୍‌ବରୀର ଦୁଃଖାବହ ଘଟଣା କିମ୍ବା ଉଦ୍ଧାରର ଅର୍ଥ ବିଷୟ ଚିନ୍ତା କରିବା ପାଇଁ ଯଥେଷ୍ଟ ସମୟ ଦେଇନାହୁଁ ।

# ଆତ୍ମିକ ଶକ୍ତିର ଉତ୍ସର୍ଗୀକରଣ

**ତାହା ଦ୍ୱାରା ଜଗତ ମୋ ପ୍ରତି ମୃତ ଏବଂ ମୁଁ ଜଗତ ପ୍ରତି କ୍ରୁଶରେ ହତ ହୋଇଛି ।**
**ଗାଲାତୀୟ ୬:୧୪**

ଯଦି ମୁଁ ଖ୍ରୀଷ୍ଟଙ୍କ କ୍ରୁଶ ପ୍ରତି ଧ୍ୟାନ କେନ୍ଦ୍ରିତ କରେ, ତେବେ ମୁଁ କେବଳ ଆଭ୍ୟନ୍ତରୀଣ ରୂପେ ଧର୍ମନିଷ୍ଠ ହୋଇ ମୋର ନିଜର ପବିତ୍ରତା ପ୍ରତି ଆଗ୍ରହ କରି ନ ଥାଏ – ମୁଁ ପ୍ରବଳ ରୂପେ ଯୀଶୁଖ୍ରୀଷ୍ଟଙ୍କ ରୁଚି ପ୍ରତି ମୋର ଧ୍ୟାନକୁ କେନ୍ଦ୍ରିତ କରିଥାଏ । ଆମର ପ୍ରଭୁ ଜଣେ ସନ୍ୟାସୀ ଅବା ଆତ୍ମ–ଅସ୍ୱୀକାର ଅଭ୍ୟାସ କରୁଥିବା ଧର୍ମାନ୍ଧ ପବିତ୍ର ବ୍ୟକ୍ତି ନ ଥିଲେ । ସେ ଶାରୀରିକ ଭାବେ ନିଜକୁ ସମାଜରୁ ପୃଥକ୍ କରି ନ ଥିଲେ, କିନ୍ତୁ ଆଭ୍ୟନ୍ତରୀଣ ରୂପେ ସର୍ବଦା ସେଥିରୁ ବିଚ୍ଛିନ୍ନ ହୋଇଥିଲେ । ସେ ପୃଥକ୍ ହୋଇ ରହୁ ନ ଥିଲେ, କିନ୍ତୁ ଆଉ ଏକ ଜଗତରେ ବାସ କରୁଥିଲେ । କହିବାକୁ ଗଲେ ସେ ଜଗତର ସାଧାରଣ ଜୀବନ ସହିତ ଏପରି ଜଡ଼ିତ ଥିଲେ ଯେ, ତତ୍କାଳୀନ ଧାର୍ମିକ ଲୋକମାନେ ତାଙ୍କୁ ଲୋଭୀ ଏବଂ ମଦ୍ୟପ ବୋଲି ଦୋଷୀ ସାବ୍ୟସ୍ତ କରିଥିଲେ । ତଥାପି ଆମର ପ୍ରଭୁ ତାଙ୍କର ଆତ୍ମିକ ଶକ୍ତିର ଉତ୍ସର୍ଗୀକରଣ କ୍ଷେତ୍ରରେ କୌଣସି ହସ୍ତକ୍ଷେପକୁ ଅନୁମତି ଦେଇ ନ ଥିଲେ ।

ଏହିଭଳି ଚିନ୍ତା ଉତ୍ସର୍ଗୀକରଣ ନୁହେଁ ଯେ, ଈଶ୍ୱରଙ୍କ ଦ୍ୱାରା ବର୍ତ୍ତମାନ ବ୍ୟବହୃତ ହେବା ପାଇଁ ଆମେ ପ୍ରତ୍ୟାଖ୍ୟାନ କରିବା ଯେପରି ଆମର ଆତ୍ମିକ ଶକ୍ତିକୁ ଆଗାମୀ ଦିନରେ ବ୍ୟବହାର କରିବା ଉଦ୍ଦେଶ୍ୟରେ ସଞ୍ଚିତ କରି ରଖିବା । ଏହା ଏକ ନୈରାଶ୍ୟପୂର୍ଣ୍ଣ ଭୁଲ୍ କାର୍ଯ୍ୟ । ଈଶ୍ୱରଙ୍କ ଆତ୍ମା ଅନେକ ଲୋକଙ୍କୁ ପାପରୁ ମୁକ୍ତ କରିଛନ୍ତି, ତଥାପି ସେମାନଙ୍କ ଜୀବନରେ ପୂର୍ଣ୍ଣତାର ଅନୁଭୂତି ନାହିଁ – ମୁକ୍ତିର ପ୍ରକୃତ ଜ୍ଞାନ ନାହିଁ । ଆଜି ଜଗତରେ ଯେଉଁ ପ୍ରକାର ଧାର୍ମିକ ଜୀବନ ଆମର ଦୃଷ୍ଟିଗୋଚର ହୁଏ, ତାହା ଯୀଶୁଖ୍ରୀଷ୍ଟଙ୍କ ଜୀବନର ପ୍ରାଚୁର୍ଯ୍ୟଭରା ପବିତ୍ରତାଠାରୁ ସଂପୂର୍ଣ୍ଣ ଭିନ୍ନ । ‘‘ତୁମେ ଜଗତରୁ ସେମାନଙ୍କୁ ନେଇଯାଅ ବୋଲି ମୁଁ ପ୍ରାର୍ଥନା କରୁନାହିଁ, କିନ୍ତୁ ପାପାତ୍ମାଠାରୁ ସେମାନଙ୍କ ରକ୍ଷା କର ବୋଲି ପ୍ରାର୍ଥନା କରୁଛି’’ (ଯୋହନ ୧୭:୧୫) । ଆମେ ଜଗତରେ ରହି ମଧ୍ୟ ଜଗତର ନୋହୁଁ । ଆମେ ଆଭ୍ୟନ୍ତରୀଣ ରୂପେ ପୃଥକ୍ ହୋଇଛୁ, ବାହ୍ୟିକ ରୂପେ ନୁହେଁ (ଯୋହନ ୧୭:୧୬ ଦେଖନ୍ତୁ) ।

ଆମର ଆତ୍ମିକ ଶକ୍ତିର ଉତ୍ସର୍ଗୀକରଣ କ୍ଷେତ୍ରରେ କୌଣସି ହସ୍ତକ୍ଷେପକୁ ଅନୁମତି ଦେବା ଉଚିତ ନୁହେଁ । ଉତ୍ସର୍ଗୀକରଣ (ଈଶ୍ୱରଙ୍କ ସେବା ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ) ହେଉଛି ଆମର ଅଂଶ । ପବିତ୍ରୀକରଣ (ପାପରୁ ପୃଥକ୍ ହୋଇ ପବିତ୍ର ହେବା) ହେଉଛି ଈଶ୍ୱରଙ୍କ ଅଂଶ । ଈଶ୍ୱରଙ୍କ ରୁଚି ପ୍ରତି ଆଗ୍ରହୀ ହେବା ପାଇଁ ଆମକୁ ଦୃଢ଼ ସଂକଳ୍ପ ନେବାକୁ ହେବ । କୌଣସି ଜଟିଳ ସମସ୍ୟା ମଧ୍ୟରେ ଏଭଳି ସଂକଳ୍ପ ନେବା ପାଇଁ ଆମକୁ ଏହି ପ୍ରଶ୍ନ ପଚାରିବାକୁ ହେବ, ‘‘ଏହି କାର୍ଯ୍ୟ ପ୍ରତି ଯୀଶୁ ଖ୍ରୀଷ୍ଟଙ୍କର କ’ଣ ଆଗ୍ରହ ଅଛି ଅବା ଏପରି କାର୍ଯ୍ୟ ପ୍ରତି ଯୀଶୁଙ୍କ ସଂପୂର୍ଣ୍ଣ ବିରୋଧକାରୀ ଆତ୍ମାର ଆଗ୍ରହ ଅଛି ?

ନଭେମ୍ବର ୨୮

# ସମ୍ବଳହୀନର ଧନ

**ବିନା ମୂଲ୍ୟରେ ତାହାଙ୍କ ଅନୁଗ୍ରହ ହେତୁ ଧାର୍ମିକ ଗଣ୍ୟ ହୁଅନ୍ତି ।**

**ରୋମୀୟ ୩:୨୪**

ଈଶ୍ୱରଙ୍କ ଅନୁଗ୍ରହର ସୁସମାଚାର ମନୁଷ୍ୟର ଆତ୍ମାରେ ଯେତେ ଅଧିକ ଲାଳସା ଜନ୍ମାଏ, ସେତେ ଅଧିକ କୁଣ୍ଠାବୋଧ ସୃଷ୍ଟି କରେ, କାରଣ ତାହା ଯେଉଁ ସତ୍ୟ ପ୍ରକାଶ କରେ, ତାହା ସ୍ୱାଦିଷ୍ଟ ହୋଇ ନ ଥାଏ, ବା ତାହାକୁ ଗିଳିବା ମଧ୍ୟ ସହଜ ହୋଇ ନ ଥାଏ । ଲୋକଙ୍କ ମନରେ ଏକ ପ୍ରକାର ଗର୍ବ ଥାଏ, ଯାହା କେବଳ ଦେବା ପାଇଁ ସେମାନଙ୍କୁ ପ୍ରବର୍ତ୍ତାଏ, କିନ୍ତୁ ଆସି ଗୋଟିଏ ଦାନକୁ ଗ୍ରହଣ କରିବା ଆଉ ଗୋଟିଏ ବିଷୟ ହୋଇଥାଏ । ମୁଁ ସାକ୍ଷ୍ୟମର ହେବା ପାଇଁ ଜୀବନ ଦେବି, ମୁଁ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବି – ମୁଁ ଯାହା ଇଚ୍ଛା କରେ, ତାହା କରିବି, କିନ୍ତୁ ମୋତେ ନରକଗାମୀ ପାପୀ ବୋଲି କହି ଅପମାନିତ କରନ୍ତୁ ନାହିଁ ଏବଂ ଯୀଶୁଖ୍ରୀଷ୍ଟଙ୍କ ଠାରୁ ପରିତ୍ରାଣର ଦାନ ଗ୍ରହଣ କରିବାକୁ କୁହନ୍ତୁ ନାହିଁ ।

ଆମକୁ ଜାଣି ରଖିବାକୁ ହେବ ଯେ, ଆମେ ନିଜର ପ୍ରଚେଷ୍ଟା ଦ୍ୱାରା କୌଣସି ବିଷୟ ଅର୍ଜ୍ଜନ କରି ପାରିବା ନାହିଁ କିମ୍ବା ଈଶ୍ୱରଙ୍କଠାରୁ କୌଣସି ବିଷୟ ହାସଲ କରିପାରିବା ନାହିଁ । ଆମକୁ ଏହି ଦାନ ଗ୍ରହଣ କରିବାକୁ ହେବ ନଚେତ୍ ଏହା ବ୍ୟତୀତ କାର୍ଯ୍ୟ କରିବାକୁ ହେବ । ଆମେ ଯେତେବେଳେ ନିଜକୁ ସମ୍ବଳହୀନ ବୋଲି ଉପଲବ୍ଧି କରୁ, ସେତେବେଳେ ଆମେ ଶ୍ରେଷ୍ଠ ଆତ୍ମିକ ଆଶୀର୍ବାଦ ଲାଭ କରିଥାଉ । ଆମେ ସେହି ସ୍ଥିତିକୁ ନ ଆସିବା ପର୍ଯ୍ୟନ୍ତ ଆମର ପ୍ରଭୁ ଶକ୍ତିହୀନ ହୁଅନ୍ତି । ଯେପର୍ଯ୍ୟନ୍ତ ଆମେ ଭାବିଥାଉ ଯେ, ଆମେ ନିଜ ଭିତରେ ଏବଂ ନିଜ ପାଇଁ, ଯଥେଷ୍ଟ, ସେପର୍ଯ୍ୟନ୍ତ ସେ ଆମ ପାଇଁ କିଛି କରିପାରନ୍ତି ନାହିଁ । ସମ୍ବଳହୀନତାର ଦ୍ୱାର ମଧ୍ୟ ଦେଇ ଆମକୁ ତାଙ୍କ ରାଜ୍ୟରେ ପ୍ରବେଶ କରିବାକୁ ହେବ । ଯେ ପର୍ଯ୍ୟନ୍ତ ଆମେ ନିଜର ଗର୍ବ ଏବଂ ସ୍ୱାଧୀନତା କ୍ଷେତ୍ରରେ ନିଜକୁ ଧନୀ ସାବ୍ୟସ୍ତ କରୁ, ଈଶ୍ୱର ଆମ ପାଇଁ କିଛି କରିପାରନ୍ତି ନାହିଁ । ଆମେ ଯେତେବେଳେ ଆତ୍ମିକ ରୂପେ କ୍ଷୁଧିତ ହେଉ, ଆମେ ପବିତ୍ର ଆତ୍ମାଙ୍କୁ ସେହି ସମୟରେ ହିଁ ପାଉ । ଈଶ୍ୱରଙ୍କ ବିଶେଷ ସ୍ୱଭାବ ଆମ ମଧ୍ୟରେ ପବିତ୍ର ଆତ୍ମାଙ୍କ ଦ୍ୱାରା ଗଠିତ ହୁଏ ଏବଂ ପ୍ରଭାବଶାଳୀ ହୁଏ । ସେ ଆମକୁ ଯୀଶୁଙ୍କର ବେଗଗାମୀ ଜୀବନ ପ୍ରଦାନ କରି ଆମକୁ ପ୍ରକୃତ ଜୀବନ୍ତ କରିଦିଅନ୍ତି । ସେ ଆମ ‘‘ବହିର୍ଭୂତ’’ ବିଷୟକୁ ନେଇ ଆମ ‘‘ମଧ୍ୟରେ’’ ସ୍ଥାପନ କରନ୍ତି । ତତ୍କ୍ଷଣାତ୍ ଯାହା ‘‘ବହିର୍ଭୂତ’’ ଥିଲା, ତାହା ‘‘ଅନ୍ତରସ୍ଥ’’ ହୋଇଯାଇଛି । ଏହା ‘‘ଉର୍ଦ୍ଧ୍ୱକୁ’’ ଉତ୍ତୋଳିତ ହୁଏ ଏବଂ ଆମେ ସେହି ରାଜ୍ୟକୁ ଉଠିଯାଉ, ଯେଉଁଠାରେ ଯୀଶୁ ବାସ କରନ୍ତି ଓ ରାଜ୍ୟ କରନ୍ତି (ଯୋହନ ୩:୫ ଦେଖନ୍ତୁ) ।

# ଯୀଶୁ ଖ୍ରୀଷ୍ଟଙ୍କ ପ୍ରଭୁତ୍ୱ

**ସେ ମୋତେ ଗୌରବାନ୍ୱିତ କରିବେ ।**

**ଯୋହନ ୧୬:୧୪**

ଆଜିର ପବିତ୍ରତା ଆନ୍ଦୋଳନ ସବୁରେ ନୂତନ ନିୟମର କୌଣସି କଠୋର ବାସ୍ତବତା ପରିଲକ୍ଷିତ ହୁଏ ନାହିଁ । ସେଥିରେ କୌଣସି ବିଷୟ ନ ଥାଏ, ଯାହା ପାଇଁ ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁର ଆବଶ୍ୟକତା ଅନୁଭୂତ ହୁଏ । ତାହାର ଆବଶ୍ୟକତା କେବଳ ଧାର୍ମିକ ବାତାବରଣ, ପ୍ରାର୍ଥନା ଏବଂ ଭକ୍ତି । ଏହି ପ୍ରକାର ଅନୁଭୂତି ଅଲୌକିକ ଅବା ଆଶ୍ଚର୍ଯ୍ୟଜନକ ନୁହେଁ । ଏଥିରେ ଈଶ୍ୱରଙ୍କ ଯନ୍ତ୍ରଣାର ମୂଲ୍ୟ ଜଡ଼ିତ ନୁହେଁ କିମ୍ବା ଏଥିରେ ‘‘ମେଷଶାବକଙ୍କ ରକ୍ତ’’ର ଦାଗ ନାହିଁ (ପ୍ରକାଶିତ ୧୨:୧୧) । ଏହା ପବିତ୍ର ଆତ୍ମାଙ୍କ ଦ୍ୱାରା ମୁଦ୍ରାଙ୍କିତ ହୋଇ ନାହିଁ କିମ୍ବା ତାଙ୍କର ଚିହ୍ନ ଧାରଣ କରି ନାହିଁ, ଏବଂ ଏହାର କୌଣସି ଦୃଶ୍ୟ ଲକ୍ଷଣ ନାହିଁ, ଯାହା ଦ୍ୱାରା ଲୋକମାନେ ଚକିତ ଏବଂ ବିସ୍ମିତ ହୋଇ କହିବେ, ‘‘ଏହା ପ୍ରକୃତରେ ସର୍ବଶକ୍ତିମାନ୍ ଈଶ୍ୱରଙ୍କ କାର୍ଯ୍ୟ !’’ ତଥାପି ନୂତନ ନିୟମ ଈଶ୍ୱରଙ୍କ କାର୍ଯ୍ୟ ବ୍ୟତୀତ ଆଉ କୌଣସି ବିଷୟ ପ୍ରକାଶ କରେ ନାହିଁ ।

ନୂତନ ନିୟମ ଅନ୍ତର୍ଗତ ଖ୍ରୀଷ୍ଟୀୟ ଅନୁଭୂତି ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଏକ ବ୍ୟକ୍ତିଗତ ଆବେଗ ଭରା ଭକ୍ତିର ଉଦାହରଣ । ତଥାକଥିତ ଅନ୍ୟ ସମସ୍ତ ଖ୍ରୀଷ୍ଟୀୟ ଅନୁଭୂତି ଯୀଶୁଙ୍କ ବ୍ୟକ୍ତିତ୍ୱ ମଧ୍ୟରୁ ପୃଥକ୍ ଅଟେ । ସେଥିରେ ନୂତନ ସୃଷ୍ଟି ନାହିଁ – ସେହି ରାଜ୍ୟ ପ୍ରତି ନୂତନ ଜନ୍ମର ଅନୁଭୂତି ନାହିଁ, ଯେଉଁ ରାଜ୍ୟରେ ଖ୍ରୀଷ୍ଟ ବାସ କରନ୍ତି ଏବଂ ତାଙ୍କର ପ୍ରଭୁତ୍ୱ ବିସ୍ତାର କରି ରାଜ୍ୟ କରନ୍ତି । ସେଥିରେ କେବଳ ଏହି ଧାରଣା ଅଛି ଯେ, ସେ ଆମର ଆଦର୍ଶ । ଆଜି ତାଙ୍କୁ ଏକ ଧର୍ମର ନାମମାତ୍ର ମୁଖ୍ୟ – କେବଳ ଏକ ଆଦର୍ଶ ରୂପେ ଚିତ୍ରଣ କରାଯାଇଛି । ସେ ନିଶ୍ଚୟ ସେହି ଆଦର୍ଶ, କିନ୍ତୁ ତା’ଠାରୁ ଏତେ ଅଧିକ ଯେ ତାହା କଳ୍ପନାତୀତ । ସେ ସ୍ୱୟଂ ପରିତ୍ରାଣ, ସେ ହେଉଛନ୍ତି ଈଶ୍ୱରଙ୍କ ସୁସମାଚାର !

ଯୀଶୁ କହିଲେ, ‘‘କିନ୍ତୁ ସତ୍ୟମୟ ଆତ୍ମା ଯେତେବେଳେ ଆସିବେ... ସେ ମୋତେ ଗୌରବାନ୍ୱିତ କରିବେ’’ (ଯୋହନ ୧୬:୧୩–୧୪) । ଯେତେବେଳେ ମୁଁ ନୂତନ ନିୟମରେ ପ୍ରକାଶିତ ସତ୍ୟ ପ୍ରତି ନିଜକୁ ସମର୍ପଣ କରେ, ମୁଁ ଈଶ୍ୱରଙ୍କଠାରୁ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହୁଏ, ଯିଏ ମୋତେ ଯୀଶୁଙ୍କ କାର୍ଯ୍ୟ ବିଷୟ ବ୍ୟାଖ୍ୟା କରନ୍ତି । ଯୀଶୁ ଖ୍ରୀଷ୍ଟ ବାହ୍ୟ ରୂପେ ମୋ ପାଇଁ ଯାହା କରିଥିଲେ, ପବିତ୍ର ଆତ୍ମା ମୋ ଅନ୍ତରରେ ସେହି କାର୍ଯ୍ୟ କରନ୍ତି ।

ନଭେମ୍ବର ୩୦

# ମୁଁ ଯାହା ହୋଇ ପାରିଛି, ତାହା ଈଶ୍ୱରଙ୍କ ଅନୁଗ୍ରହ ହେତୁ ହୋଇ ପାରିଛି

**ମାତ୍ର ମୁଁ ଯାହା ହୋଇପାରିଛି, ତାହା ଈଶ୍ୱରଙ୍କ ଅନୁଗ୍ରହ ହେତୁ ହୋଇ ପାରିଛି, ମୋ ପ୍ରତି ତାହାଙ୍କର ଅନୁଗ୍ରହ ବିଫଳ ହୋଇ ନାହିଁ ।**

**୧ କରିନ୍ଥୀ ୧୫:୧୦**

ସବୁବେଳେ ଆମେ ଯେଉଁ ଭଳି ଆମର ଅଯୋଗ୍ୟତା ବିଷୟ କହିଥାଉ, ତାହା ଆମ ସୃଷ୍ଟିକର୍ତ୍ତାଙ୍କ ପ୍ରତି ଅପମାନ ସୂଚକ ହୋଇଥାଏ । ଆମ ଅଯୋଗ୍ୟତା ବିଷୟକ ଅଭିଯୋଗର ଅର୍ଥ ହେଉଛି, ଈଶ୍ୱର ଆମକୁ ଅଣଦେଖା କରିଛନ୍ତି ବୋଲି ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବା । ଯାହା ମନୁଷ୍ୟ ଦୃଷ୍ଟିରେ ଅତି ସାଧାରଣ ମନେହୁଏ, ତାକୁ ଈଶ୍ୱରଙ୍କ ଦୃଷ୍ଟିକୋଣରୁ ପରୀକ୍ଷା କରନ୍ତୁ । ଆପଣ ଅବାକ୍ ହୋଇଯିବେ, ସେସବୁ ଈଶ୍ୱରଙ୍କ ପ୍ରତି କେତେ ଅନୁପଯୁକ୍ତ ଏବଂ ଅଭକ୍ତିସୂଚକ ! ଆମେ ଏହିପରି କହିଥାଉ, ‘‘ମୁଁ ନିଜକୁ ପବିତ୍ର ବୋଲି କହୁ ନାହିଁ, ମୁଁ ପବିତ୍ର ଲୋକ ନୁହେଁ ।’’ କିନ୍ତୁ ଈଶ୍ୱରଙ୍କ ସମ୍ମୁଖରେ ଏପରି କହିବା ଅର୍ଥ, ‘‘ନାହିଁ, ପ୍ରଭୁ, ମୋତେ ଉଦ୍ଧାର କରି ପବିତ୍ର କରିବା ତୁମ ପକ୍ଷେ ଅସମ୍ଭବ, ମୋତେ ସେଭଳି ସୁଯୋଗ ମିଳି ନ ଥିଲା, ମୋର ଶରୀର ଏବଂ ମନ ଅପବିତ୍ରତାରେ ପୂର୍ଣ୍ଣ, ନା, ପ୍ରଭୁ, ଏହା ସମ୍ଭବ ନୁହେଁ ।’’ ଅନ୍ୟମାନଙ୍କ ପ୍ରତି ଏହା ଅତି ନମ୍ରତା ସୂଚକ ହୋଇପାରେ, କିନ୍ତୁ ଈଶ୍ୱରଙ୍କ ସମ୍ମୁଖରେ ଏହା ଏକ ବିଦ୍ରୋହୀ ମନୋଭାବ ।

ବିପରୀତ ରୂପେ ଈଶ୍ୱରଙ୍କ ସମ୍ମୁଖରେ ଯାହା ବିନମ୍ର ମନେହୁଏ, ଲୋକ ଦୃଷ୍ଟିରେ ଏହା ତାହାର ଓଲଟା ହୋଇଥାଏ । ସେହି କଥା ହେଉଛି, ‘‘ପ୍ରଭୁ, ତୁମକୁ ଧନ୍ୟବାଦ ଦିଏ ଯେ, ମୁଁ ପରିତ୍ରାଣ ପାଇଛି ଏବଂ ପବିତ୍ର ବିବେଚିତ ହୋଇଛି ।’’ ଏହାହିଁ ଈଶ୍ୱରଙ୍କ ଦୃଷ୍ଟିରେ ନମ୍ରତାର ଶ୍ରେଷ୍ଠ ଅଭିବ୍ୟକ୍ତି । ଏହାର ଅର୍ଥ ହେଉଛି ଯେ, ଆପଣ ଈଶ୍ୱରଙ୍କଠାରେ ନିଜକୁ ସଂପୂର୍ଣ୍ଣ ରୂପେ ଏପରି ସମର୍ପଣ କରିଛନ୍ତି ଯଦ୍ଦ୍ୱାରା ଆପଣ ତାହାଙ୍କୁ ସତ୍ୟ ଈଶ୍ୱର ରୂପେ ଜାଣିଛନ୍ତି । ଆପଣ ଯାହା କହିଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ନମ୍ରତା ସୂଚକ କି ନାହିଁ, ସେ ବିଷୟ ଚିନ୍ତା କରନ୍ତୁ ନାହିଁ । କିନ୍ତୁ ସବୁବେଳେ ଈଶ୍ୱରଙ୍କ ପ୍ରତି ନମ୍ର ହୁଅନ୍ତୁ ଏବଂ ଜୀବନର ସର୍ବେସର୍ବା ହେବା ପାଇଁ ତାଙ୍କୁ ଅନୁମତି ଦିଅନ୍ତୁ ।

କେବଳ ଗୋଟିଏ ସଂପର୍କ ଅତି ମହତ୍ତ୍ୱପୂର୍ଣ୍ଣ, ତା’ ହେଉଛି, ଆପଣଙ୍କ ବ୍ୟକ୍ତିଗତ ଉଦ୍ଧାରକର୍ତ୍ତା ଏବଂ ପ୍ରଭୁଙ୍କ ସହିତ ଆପଣଙ୍କ ସଂପର୍କ । ଅନ୍ୟ ସବୁକୁ ଛାଡ଼ି ଆପଣ ଯଦି ସବୁ ବିଷୟରେ କେବଳ ଏହି ସଂପର୍କକୁ ବଜାୟ ରଖିବେ, ତେବେ ଈଶ୍ୱର ଆପଣଙ୍କ ଜୀବନରେ ତାଙ୍କର ଉଦ୍ଦେଶ୍ୟ ସଫଳ କରିବେ । ଗୋଟିଏ ବ୍ୟକ୍ତିଗତ ଜୀବନ ଈଶ୍ୱରଙ୍କ ଉଦ୍ଦେଶ୍ୟ ପାଇଁ ବହୁମୂଲ୍ୟ ହୋଇପାରେ, ଆଉ ସେହି ଜୀବନ ଆପଣଙ୍କ ଜୀବନ ହୋଇପାରେ ।

# ଡିସେମ୍ବର ୧

## ବ୍ୟବସ୍ଥା ଏବଂ ସୁସମାଚାର

**କାରଣ ଯିଏ ସମୁଦାୟ ବିଧି ବ୍ୟବସ୍ଥା ପାଳନ କରି ସୁଦ୍ଧା ଗୋଟିଏ ମାତ୍ର ଆଜ୍ଞାରେ ଝୁଣ୍ଟି ପଡ଼େ, ସେ ସବୁ ଆଜ୍ଞା ଲଂଘନ କରିବା ଦୋଷରେ ଦୋଷୀ ହୁଏ ।**

**ଯାକୁବ ୨:୧୦**

ନୈତିକ ବ୍ୟବସ୍ଥା ମନୁଷ୍ୟ ହିସାବରେ ଆମର ଦୁର୍ବଳତା ବିଷୟ ବିଚାର କରେ ନାହିଁ, ବସ୍ତୁତଃ ଏହା ଆମର ବଂଶପରଂପରା ବା ଆମର ଦୁର୍ବଳତା ପ୍ରତି ଧ୍ୟାନ ଦିଏ ନାହିଁ । ଏହା କେବଳ ଆମର ସଂପୂର୍ଣ୍ଣ ନୈତିକତା ଦାବି କରେ । ନୈତିକ ବ୍ୟବସ୍ଥା କାହା ପାଇଁ ପରିବର୍ତ୍ତିତ ହୁଏ ନାହିଁ, ସେ ସମାଜର ଉଚ୍ଚପଦସ୍ଥ ବା ଜଗତର ଅତ୍ୟନ୍ତ ଦୁର୍ବଳ ବ୍ୟକ୍ତି ହେଲେ ମଧ୍ୟ ଏହା ସମସ୍ତଙ୍କ ପାଇଁ ସମାନ । ଏହା ସ୍ଥିର ରହେ ଏବଂ ଚିରକାଳ ପାଇଁ ସମାନ ଅଟେ । ଈଶ୍ୱରଙ୍କ ଦ୍ୱାରା ସଂପାଦିତ ନୈତିକ ବ୍ୟବସ୍ଥା ଆମର ଦୁର୍ବଳତାକୁ କ୍ଷମା କରି ଦେଇ ଦୁର୍ବଳ ଲୋକଙ୍କ ପ୍ରତି ଦୁର୍ବଳ ହୋଇଯାଏ ନାହିଁ । ଏହା ସବୁଦିନ ପାଇଁ ଅପରିବର୍ତ୍ତନୀୟ ରହିଥାଏ । ଯଦି ଆମେ ଏ ବିଷୟରେ ସଚେତନ ନୋହୁଁ, ତେବେ ତାହାର କାରଣ ହେଉଛି, ଆମେ ସଂପୂର୍ଣ୍ଣ ଜୀବିତ ନୋହୁଁ । ଥରେ ଏ ବିଷୟରେ ସ୍ପଷ୍ଟ ବୋଧ ପାଇଲେ ଆମର ଜୀବନ ଦୁଃଖପୂର୍ଣ୍ଣ ହୁଏ । ‘‘ଏକଦା ବିଧିବ୍ୟବସ୍ଥା ବ୍ୟତୀତ ମୁଁ ଜୀବିତ ଥିଲି, କିନ୍ତୁ ଆଜ୍ଞା ଆସିବାରୁ ପାପ ସଂଜୀବିତ ହେଲା ଓ ମୁଁ ମୃତ ହେଲି’’ (ରୋମୀ ୭:୯) । ଯେଉଁ ମୁହୂର୍ତ୍ତରେ ଆମେ ଏହା ଉପଲବ୍ଧି କରୁ, ଈଶ୍ୱରଙ୍କ ପବିତ୍ର ଆତ୍ମା ଆମକୁ ପାପର ବୋଧ ଦିଅନ୍ତି । ଜଣେ ବ୍ୟକ୍ତି ସେହି ସ୍ଥିତିକୁ ଯାଇ ନୈରାଶ୍ୟ ଅବସ୍ଥାକୁ ନ ଦେଖିବା ପର୍ଯ୍ୟନ୍ତ ଖ୍ରୀଷ୍ଟଙ୍କ କ୍ରୁଶ ତାଙ୍କ ପ୍ରତି ଅସଂଗତ ମନେହୁଏ । ପାପ ହେତୁ ଦୋଷୀ ସାବ୍ୟସ୍ତ ହେବାର ମନୋଭାବ ସବୁବେଳେ ବ୍ୟବସ୍ଥା ପ୍ରତି ବନ୍ଦୀ ହେବାର ଏକ ଭୟ ଜାଗ୍ରତ କରେ । ଏହା ଜଣେ ବ୍ୟକ୍ତିକୁ ହତାଶ କରିଦିଏ – ‘‘... ପାପର କ୍ରୀତଦାସ’’ (ରୋମୀ ୭:୧୪) । ମୁଁ ଜଣେ ଦୋଷୀ ଏବଂ ପାପୀ, କେବେହେଲେ ଈଶ୍ୱରଙ୍କ ସହିତ ଉପଯୁକ୍ତ ସଂପର୍କ ରଖିପାରିବି ନାହିଁ – ଏହା ଅସମ୍ଭବ । ଉପଯୁକ୍ତ ସଂପର୍କ ସ୍ଥାପନ ପାଇଁ କେବଳ ଗୋଟିଏ ଉପାୟ ଅଛି ଏବଂ ତାହା ହେଉଛି, ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁ । ମୋ ମନର ଏହି ଭାବନାକୁ ଦୂର କରିବାକୁ ହେବ ଯେ, ମୋର ବାଧ୍ୟତା ଦ୍ୱାରା ମୁଁ ଈଶ୍ୱରଙ୍କ ସହିତ ଉପଯୁକ୍ତ ସଂପର୍କ ରଖି ପାରିବି । ଆମ ମଧ୍ୟରୁ କିଏ ଈଶ୍ୱରଙ୍କ ସଂପୂର୍ଣ୍ଣ ବାଧ୍ୟ ହୋଇପାରେ ?

ଯେତେବେଳେ ନୈତିକ ବ୍ୟବସ୍ଥା ଗୋଟିଏ ସର୍ତ୍ତ ଏବଂ ପ୍ରତିଜ୍ଞା ସହ ଉପସ୍ଥାପିତ ହୁଏ, ଆମେ ତାହାର ଶକ୍ତି ଅନୁଭବ କରୁ, କିନ୍ତୁ ଈଶ୍ୱର କଦାପି ଆମକୁ ବାଧ୍ୟ କରନ୍ତି ନାହିଁ । ବେଳେବେଳେ ଆମେ ଭାବୁ ଯେ, ଈଶ୍ୱର ଆମକୁ ବାଧ୍ୟତାମୂଳକ ଭାବେ ତାଙ୍କର ଆଜ୍ଞାକାରୀ କରନ୍ତେ କି ! ଆଉ ବେଳେ ବେଳେ ଭାବୁ ଯେ, ଈଶ୍ୱର ଆମକୁ ନିଜ ବାଟରେ ଛାଡ଼ି ଦେଲେ ଭଲ ହୁଅନ୍ତା । ଯେତେବେଳେ ଈଶ୍ୱରଙ୍କ ଇଚ୍ଛା ସଂପୂର୍ଣ୍ଣ ନିୟନ୍ତ୍ରଣରେ ଥାଏ, ସେ ଆମ ଉପରେ ଥିବା ସମସ୍ତ ଚାପକୁ ଦୂର କରିଦିଅନ୍ତି । ଆମେ ଯେତେବେଳେ ଇଚ୍ଛାପୂର୍ବକ ତାଙ୍କର ବାଧ୍ୟ ହେଉ, ଈଶ୍ୱର ତାଙ୍କର ସର୍ବଶକ୍ତିମାନ ସାମର୍ଥ୍ୟ ଓ ଶକ୍ତି ଦ୍ୱାରା ଆମର ସାହାଯ୍ୟ କରିବାକୁ ଆଦୌ ପଛଘୁଞ୍ଚା ଦିଅନ୍ତି ନାହିଁ ।

# ଖ୍ରୀଷ୍ଟୀୟ ସିଦ୍ଧତା

## ମୁଁ ଯେ ଏ ସମସ୍ତ ପାଇ ସାରିଛି, କିମ୍ବା ସିଦ୍ଧ ହୋଇ ସାରିଛି, ତାହା ନୁହେଁ ।
## ଫିଲିପ୍ପୀୟ ୩:୧୨

ଏପରି ଅନୁମାନ କରିବା ଏକ ଫାନ୍ଦ ଯେ, ଈଶ୍ୱର ଆମକୁ ତାଙ୍କର ସିଦ୍ଧ ନମୁନା ରୂପେ ତାଙ୍କର କାର୍ଯ୍ୟ ଦେଖାଇବାକୁ ଚାହାନ୍ତି– ଈଶ୍ୱରଙ୍କ ଉଦ୍ଦେଶ୍ୟ ହେଉଛି, ସେ ଆମକୁ ତାଙ୍କ ସହିତ ଏକ କରିବେ । ପବିତ୍ର ଆନ୍ଦୋଳନଗୁଡ଼ିକ ଏହି କଥା ଉପରେ ଗୁରୁତ୍ୱ ଦିଅନ୍ତି ଯେ, ଈଶ୍ୱର ପବିତ୍ରତାର ନମୁନା ସବୁକୁ ତାଙ୍କର ସଂଗ୍ରହାଳୟରେ ରଖିବା ପାଇଁ ଉତ୍ପନ୍ନ କରୁଛନ୍ତି । ଆପଣ ଯଦି ଏହି ବ୍ୟକ୍ତିଗତ ପବିତ୍ରତାର ବିଚାରଧାରା ଗ୍ରହଣ କରନ୍ତି, ତେବେ ଆପଣଙ୍କ ଜୀବନର ନିଶ୍ଚିତ ଉଦ୍ଦେଶ୍ୟ ଈଶ୍ୱରଙ୍କ ପାଇଁ ନୁହେଁ, ମାତ୍ର ସେହି ବିଷୟ ପାଇଁ ହେବ, ଆପଣ ଯାହାକୁ ଆପଣଙ୍କ ଜୀବନରେ ଈଶ୍ୱରଙ୍କ ପ୍ରମାଣ ବୋଲି କହନ୍ତି । ଆପଣ କିପରି କହି ପାରିବେ ‘‘ମୋ ପ୍ରତି ଈଶ୍ୱରଙ୍କ ଇଚ୍ଛା ଏପରି ଆଦୌ ହେବ ନାହିଁ ଯେ, ମୁଁ ଅସୁସ୍ଥ ହୁଏ ?’’ ଯଦି ଆପଣା ପୁତ୍ରଙ୍କୁ ଚୂର୍ଣ୍ଣ କରିବା ପାଇଁ ଈଶ୍ୱରଙ୍କ ଇଚ୍ଛା ଥିଲା (ଯିଶାଇୟ ୫୩:୧୦), ତେବେ ସେ ଆପଣଙ୍କୁ କାହିଁକି ଚୂର୍ଣ୍ଣ ନ କରିବେ ? ଆପଣଙ୍କ ଜୀବନରେ ଯାହା ଈଶ୍ୱରଙ୍କୁ ପ୍ରକଟିତ କରେ, ତାହା ଜଣେ ପବିତ୍ର ଲୋକଙ୍କ ସଂପର୍କିତ ଧାରଣା ପ୍ରତି ଆପଣଙ୍କ ତୁଳନାତ୍ମକ ବିଚାର ନୁହେଁ, ମାତ୍ର ତାହା ହେଉଛି, ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଆପଣଙ୍କ ପ୍ରକୃତ ଏବଂ ଜୀବନ୍ତ ସଂପର୍କ ଏବଂ ସୁସ୍ଥତା ବା ଅସୁସ୍ଥତାରେ ତାଙ୍କ ପ୍ରତି ଆପଣଙ୍କ ଅବିଚଳିତ ଭକ୍ତି ।

ଖ୍ରୀଷ୍ଟୀୟ ସିଦ୍ଧତା ମାନବୀୟ ସିଦ୍ଧତା ନୁହେଁ ବା ହୋଇ ନ ପାରେ । ଖ୍ରୀଷ୍ଟୀୟ ସିଦ୍ଧତା ହେଉଛି, ଈଶ୍ୱରଙ୍କ ସହିତ ସଂପର୍କର ସିଦ୍ଧତା, ଯାହା ମନୁଷ୍ୟ ଜୀବନର ମହତ୍ତ୍ୱହୀନ ଘଟଣାଗୁଡ଼ିକରେ ମଧ୍ୟ ତାହାର ବିଶ୍ୱସ୍ତତା ପ୍ରତିପାଦିତ କରେ । ଯେତେବେଳେ ଆପଣ ଯୀଶୁଖ୍ରୀଷ୍ଟଙ୍କ ଆହ୍ୱାନର ବାଧ୍ୟ ହୁଅନ୍ତି, ଆପଣଙ୍କୁ ପ୍ରଭାବିତ କରୁଥିବା ପ୍ରଥମ ବିଷୟ ହେଉଛି ଯେ, ଆପଣଙ୍କୁ ଯେଉଁ କାର୍ଯ୍ୟ କରିବାକୁ ହେବ, ତାହାର ନିରର୍ଥକତା । ତା’ର ପରବର୍ତ୍ତୀ ଚିନ୍ତା ହେଉଛି ଯେ, ଅନ୍ୟ ଲୋକମାନେ ଯେଉଁ ଜୀବନ ଯାପନ କରନ୍ତି, ତାହା ନିଷ୍ପାପର ଜୀବନ । ଏହିଭଳି ଜୀବନ ଆପଣଙ୍କ ମନରେ ଏପରି ଚିନ୍ତା ଜନ୍ମାଇଥାଏ ଯେ, ଈଶ୍ୱରଙ୍କ ଧାରଣା ଅନାବଶ୍ୟକ – ନିଜ ପ୍ରଚେଷ୍ଟାରେ ଆପଣ ଈଶ୍ୱରଙ୍କ ମାନଦଣ୍ଡ ଦ୍ୱାରା ନିର୍ଦ୍ଧାରିତ ଜୀବନ ଯାପନ କରିପାରିବେ । ଏକ ପତିତ ଜଗତରେ ଏହା ସମ୍ଭବ ନୁହେଁ । ମୁଁ ଈଶ୍ୱରଙ୍କ ସହିତ ଏପରି ସିଦ୍ଧ ସଂପର୍କ ମଧ୍ୟରେ ଜୀବନ କାଟିବାକୁ ଆହୂତ ହୋଇଛି ଯେ, ମୋର ଜୀବନ ନିଜର ପ୍ରଶଂସା ଉଦ୍ଦେଶ୍ୟରେ ନୁହେଁ, ମାତ୍ର ଅନ୍ୟମାନଙ୍କ ଜୀବନରେ ଈଶ୍ୱରଙ୍କ ପାଇଁ ଏକ ଲାଳସା ସୃଷ୍ଟି କରେ । ଈଶ୍ୱରଙ୍କ ଉଦ୍ଦେଶ୍ୟ ନୁହେଁ ଯେ, ମୋତେ ତାଙ୍କର ସଜ୍ଜିତ ସାମଗ୍ରୀ ରୂପେ ପ୍ରଦର୍ଶିତ କରିବା ପାଇଁ ସେ ମୋତେ ପବିତ୍ର କରିବେ । ସେ ମୋତେ ସେହି ସ୍ଥାନକୁ ନେଉଛନ୍ତି, ଯେଉଁଠାରେ ସେ ମୋତେ ବ୍ୟବହାର କରିପାରିବେ । ଈଶ୍ୱର ଯେପରି ଇଚ୍ଛା କରନ୍ତି, ସେପରି କରନ୍ତୁ ।

## ଡିସେମ୍ବର ୩

# ବଳରେ ନୁହେଁ ବା ଶକ୍ତିରେ ନୁହେଁ

**ମୋର ବାର୍ତ୍ତା ଓ ପ୍ରଚାରରେ ଜ୍ଞାନଯୁକ୍ତ ଓ ପ୍ରବର୍ତ୍ତନାମୂଳକ ବାକ୍ୟ ନ ଥିଲା, ମାତ୍ର ଈଶ୍ୱରଙ୍କ ଶକ୍ତି ପ୍ରଦର୍ଶନ କରିଥିଲା ।**

**୧ କରିନ୍ଥୀ ୨:୪**

ଯଦି ସୁସମାଚାର ପ୍ରଚାର କରିବା ସମୟରେ ଆପଣ ସୁସମାଚାରର ଶକ୍ତି ଉପରେ ଭରସା ରଖିବା ସ୍ଥାନରେ ପରିତ୍ରାଣର ମାର୍ଗ ବିଷୟକ ଆପଣଙ୍କ ଜ୍ଞାନକୁ ରଖିବେ, ତେବେ ଆପଣ ଲୋକମାନଙ୍କୁ ସତ୍ୟ ପ୍ରତି ପହଞ୍ଚାଇବା କ୍ଷେତ୍ରରେ ବାଧା ସୃଷ୍ଟି କରିବେ । ଧ୍ୟାନ ଦିଅନ୍ତୁ ଯେ, ଆପଣ ଯେତେବେଳେ ପରିତ୍ରାଣ ପଥ ସଂପର୍କିତ ଆପଣଙ୍କ ଜ୍ଞାନର କଥା କହନ୍ତି, ଆପଣ ଯେପରି ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ସହିତ ନିଜେ ଦୃଢ଼ ରହିଛନ୍ତି । ଆପଣଙ୍କ ସ୍ୱଷ୍ଟ ଉପସ୍ଥାପନା ଉପରେ ଆଦୌ ବିଶ୍ୱାସ ରଖନ୍ତୁ ନାହିଁ, କିନ୍ତୁ ସ୍ୱଷ୍ଟୀକରଣ ସମୟରେ ସୁନିଶ୍ଚିତ କରନ୍ତୁ ଯେ, ଆପଣ ପବିତ୍ରଆତ୍ମାଙ୍କ ଉପରେ ଭରସା ରଖିଛନ୍ତି । ଈଶ୍ୱରଙ୍କ ଶକ୍ତିଯୁକ୍ତ ମୁକ୍ତି କାର୍ଯ୍ୟର ନିଶ୍ଚିତତା ଉପରେ ଭରସା ରଖନ୍ତୁ, ଆଉ ସେ ଲୋକଙ୍କ ମଧ୍ୟରେ ତାଙ୍କର ଜୀବନ ସୃଷ୍ଟି କରିବେ ।

ଥରେ ଆପଣ ବାସ୍ତବତା ପ୍ରତି ଦୃଢ଼ ହେଲେ କୌଣସି ବିଷୟ ଆପଣଙ୍କୁ ଦୋହଲାଇ ପାରିବ ନାହିଁ । ଆପଣଙ୍କ ବିଶ୍ୱାସ ଯଦି ଅନୁଭୂତି ଉପରେ ଆଧାରିତ, ଯେକୌଣସି ଘଟଣା ସେହି ବିଶ୍ୱାସକୁ ବିଚଳିତ କରିପାରେ । କିନ୍ତୁ କୌଣସି ବିଷୟ ଈଶ୍ୱରଙ୍କୁ କିମ୍ବା ମୁକ୍ତି କାର୍ଯ୍ୟର ବାସ୍ତବତାକୁ ପରିବର୍ତ୍ତନ କରିପାରେ ନାହିଁ । ତାହା ଉପରେ ଆପଣଙ୍କ ବିଶ୍ୱାସକୁ ସ୍ଥାପନ କରନ୍ତୁ, ଆପଣ ସ୍ୱୟଂ ଈଶ୍ୱରଙ୍କ ଭଳି ଚିରଦିନ ସୁରକ୍ଷିତ ରହିବେ । ଯୀଶୁଖ୍ରୀଷ୍ଟଙ୍କ ସହିତ ଥରେ ଆପଣଙ୍କ ବ୍ୟକ୍ତିଗତ ସଂପର୍କ ସ୍ଥାପନ ହେଲେ ଆପଣ ଆଉ ଅସ୍ଥିର ହେବେ ନାହିଁ । ତାହାହିଁ ପବିତ୍ରୀକରଣର ଅର୍ଥ । ପବିତ୍ରୀକରଣ ପାଇଁ ପବିତ୍ରୀକରଣ ଯେ ଆବଶ୍ୟକ, ଏହା ଭୁଲିଯାଇ ଆମେ ଏହି ଧାରଣା ପ୍ରତି ସଂଲଗ୍ନ ହେଉ ଯେ, ପବିତ୍ରୀକରଣ କେବଳ ଏକ ଅନୁଭୂତି, କିନ୍ତୁ ଏହି ଧାରଣା ପ୍ରତି ସଂଲଗ୍ନ ହେବାର ଆମର ମାନବୀୟ ପ୍ରଚେଷ୍ଟାକୁ ଈଶ୍ୱର ଅନୁମୋଦନ କରନ୍ତି ନାହିଁ (ଯୋହନ ୧୭:୧୯ ଦେଖନ୍ତୁ)। ମୁଁ ନିର୍ଦ୍ଦିଷ୍ଟ ଅଭିପ୍ରାୟ ନେଇ ଈଶ୍ୱରଙ୍କ ସେବା ଉଦ୍ଦେଶ୍ୟରେ ମୋର ପବିତ୍ର ଜୀବନକୁ ଅର୍ପଣ କରିବି, ଯେପରି ସେ ମୋତେ ତାଙ୍କର ହାତ ଓ ପାଦ ରୂପେ ବ୍ୟବହାର କରିବେ ।

# ବିରୋଧର ନିୟମ

## ଯେ ବିଜୟୀ ହେବ

## ପ୍ରକାଶିତ ୨:୭

ସ୍ୱାଭାବିକ ଅବା ଅଲୌକିକ କ୍ଷେତ୍ରରେ ଯୁଦ୍ଧ ବିନା ଜୀବନ ଅସମ୍ଭବ ମନେ ହୁଏ । ଏହା ଏକ ତଥ୍ୟ ଯେ, ଜୀବନର ଶାରୀରିକ, ନୈତିକ ଏବଂ ଆତ୍ମିକ କ୍ଷେତ୍ରରେ ଅବିରତ ଯୁଦ୍ଧ ଚାଲିଥାଏ ।

ମୋର ଶରୀରର ଅଂଗ ସମୂହ ଏବଂ ମୋ ଚତୁର୍ଦ୍ଦିଗସ୍ଥ ବସ୍ତୁ ଏବଂ ଶକ୍ତି ମଧ୍ୟରେ ମୋର ସ୍ୱାସ୍ଥ୍ୟ ଭାରସାମ୍ୟ ରକ୍ଷା କରିଥାଏ । ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ, ବାହ୍ୟ ଶକ୍ତି ବିରୁଦ୍ଧରେ ଲଢ଼ିବା ପାଇଁ ମୋର ଯଥେଷ୍ଟ ଆଭ୍ୟନ୍ତରୀଣ ଶକ୍ତି ରହିବା ଆବଶ୍ୟକ । ମୋ ଶାରୀରିକ ଜୀବନ ବହିର୍ଭୂତ ସମସ୍ତ ବସ୍ତୁ ମୋର ମୃତ୍ୟୁର କାରଣ ହୋଇପାରେ । ଯେଉଁ ତତ୍ତ୍ୱ ମୋର ଜୀବିତାବସ୍ଥାରେ ମୋର ପୋଷଣ କରେ, ସେ ହିଁ ମୋର ଶରୀରର ମୃତ୍ୟୁ ଘଟିବା ପରେ ତାହାର କ୍ଷୟ ଘଟାଇ ତାକୁ ନଷ୍ଟ କରିଦିଏ । ସଂଘର୍ଷ କରିବା ପାଇଁ ଯଦି ମୋର ଯଥେଷ୍ଟ ଆଭ୍ୟନ୍ତରୀଣ ଶକ୍ତି ଅଛି, ତେବେ ମୁଁ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହେଉଥିବା ଭାରସାମ୍ୟ ରକ୍ଷା କରିବାରେ ସାହାଯ୍ୟ କରିପାରିବି । ଏହା ମଧ୍ୟ ମାନସିକ ଜୀବନ ପ୍ରତି ପ୍ରଯୁଜ୍ୟ । ମୋତେ ଏକ ଶକ୍ତିଯୁକ୍ତ ସକ୍ରିୟ ମାନସିକ ଜୀବନ ଧାରଣ ପାଇଁ ସଂଘର୍ଷ କରିବାକୁ ହେବ । ଏହି ସଂଘର୍ଷ ମାନସିକ ଭାରସାମ୍ୟ ଉତ୍ପନ୍ନ କରେ, ଯାହାକୁ ଚିନ୍ତା ବା ବିଚାର କୁହାଯାଏ ।

ନୈତିକ କ୍ଷେତ୍ରରେ ମଧ୍ୟ ଏହିଭଳି ହୁଏ । ଯେଉଁସବୁ ବିଷୟ ନୈତିକ ରୂପେ ମୋତେ ଶକ୍ତିଯୁକ୍ତ କରେ ନାହିଁ, ସେ ସବୁ ମୋର ଅନ୍ତରସ୍ଥ ସଦ୍‌ଗୁଣର ଶତ୍ରୁ ଅଟନ୍ତି । ମୋର ବିଜୟ ଏବଂ ତଦ୍ଦ୍ୱାରା ସଦ୍‌ଗୁଣ ଉତ୍ପାଦନ କରିବାର ସଫଳତା ବା ବିଫଳତା ମୋ ଜୀବନର ନୈତିକ ଶ୍ରେଷ୍ଠତାର ସ୍ତର ଉପରେ ନିର୍ଭର କରେ । କିନ୍ତୁ ନୈତିକତା ରକ୍ଷା କରିବା ପାଇଁ ଆମକୁ ସଂଘର୍ଷ କରିବାକୁ ହେବ । ନୈତିକତା ଆକସ୍ମିକ ରୂପେ ସୃଷ୍ଟି ହୁଏ ନାହିଁ, ନୈତିକ ସଦ୍‌ଗୁଣ ଅର୍ଜ୍ଜନ କରାଯାଏ ।

ଆତ୍ମିକ କ୍ଷେତ୍ରରେ ମଧ୍ୟ ଏହିପରି ହୁଏ । ଯୀଶୁ କହିଲେ, ‘‘ଜଗତରେ ତୁମମାନଙ୍କ ପାଇଁ କ୍ଳେଶ ଅଛି’’ (ଯୋହନ ୧୬:୩୩) । ଏହାର ଅର୍ଥ ହେଉଛି, ଆତ୍ମିକ ବିବେଚିତ ହୋଇ ନ ଥିବା ଯେକୌଣସି ବିଷୟ ମୋର ପତନର କାରଣ ହୋଇପାରେ । ଯୀଶୁ ମଧ୍ୟ କହିଲେ, ‘‘କିନ୍ତୁ ମନରେ ସାହସ ଧର, ମୁଁ ଜଗତକୁ ଜୟ କରିଛି ।’’ ମୁଁ ସଂଘର୍ଷ କରିବାକୁ ଶିକ୍ଷା କରିବି ଏବଂ ମୋ ବିରୁଦ୍ଧରେ ଆସୁଥିବା ସବୁ ବିଷୟ ଉପରେ ଜୟଲାଭ କରିବି ଏବଂ ସେହି ଉପାୟରେ ପବିତ୍ରତାର ଭାରସାମ୍ୟ ଉତ୍ପନ୍ନ କରିବି । ତା’ପରେ ବିରୋଧର ସମ୍ମୁଖୀନ ହେବା ଆନନ୍ଦଦାୟକ ହେବ ।

ପବିତ୍ରତା ମୋର ସ୍ୱଭାବ ଏବଂ ଯୀଶୁଖ୍ରୀଷ୍ଟଙ୍କ ମଧ୍ୟରେ ପ୍ରଦର୍ଶିତ ଈଶ୍ୱରଙ୍କ ବ୍ୟବସ୍ଥା ମଧ୍ୟରେ ଥିବା ଭାରସାମ୍ୟକୁ ବୁଝାଏ ।

## ଡିସେମ୍ବର ୫

# ପବିତ୍ର ଆତ୍ମାଙ୍କ ମନ୍ଦିର

**କେବଳ ସିଂହାସନରେ ମୁଁ ତୁମଠାରୁ ଉଚ୍ଚ ପଦରେ ରହିବି ।**

**ଆଦିପୁସ୍ତକ ୪୧:୪୦**

ଈଶ୍ୱରଙ୍କ କର୍ତ୍ତୃତ୍ୱାଧୀନ ମୋର ଜୀବନକୁ ନିୟନ୍ତ୍ରଣ କରିବା ବିଷୟରେ ମୁଁ ଈଶ୍ୱରଙ୍କ ନିକଟରେ ଦାୟୀ ହେବି । ପାଉଲ କହିଲେ ଯେ, ‘‘ସେ ଈଶ୍ୱରଙ୍କ ଅନୁଗ୍ରହକୁ ରଦ୍ଦ କରି ନ ଥିଲେ’’ (ଗାଲାତୀୟ ୨:୨୧) । ଈଶ୍ୱରଙ୍କ ଅନୁଗ୍ରହ ସଂପୂର୍ଣ୍ଣ ଏବଂ ଅସୀମ ପୁଣି ଯୀଶୁଖ୍ରୀଷ୍ଟଙ୍କ ପରିତ୍ରାଣ କାର୍ଯ୍ୟ ଚିରଦିନ ପାଇଁ ସଂପୂର୍ଣ୍ଣ ଏବଂ ସମାପ୍ତ ହୋଇଛି । ମୋର ପରିତ୍ରାଣ କାର୍ଯ୍ୟ ହେଉ ନାହିଁ– ପରିତ୍ରାଣ ସଂପନ୍ନ ହୋଇ ସାରିଛି । ଈଶ୍ୱରଙ୍କ ସିଂହାସନ ଭଳି ପରିତ୍ରାଣ ହେଉଛି ଚିରନ୍ତନ, କିନ୍ତୁ ଈଶ୍ୱର ମୋ ମଧ୍ୟରେ ଯାହା ରଖିଛନ୍ତି, ମୋତେ ତାକୁ କାର୍ଯ୍ୟକାରୀ କରିବାକୁ ହେବ ଅବା ତାହାକୁ ବ୍ୟବହାର କରିବାକୁ ହେବ । ‘‘ନିଜର ପରିତ୍ରାଣ ସଂପନ୍ନ’’ (ଫିଲିପ୍ପୀୟ ୨:୧୨) କରିବା ଅର୍ଥ, ମୋତେ ସେ ଯାହା ଦେଇଛନ୍ତି, ତାହା ବ୍ୟବହାର କରିବା ପାଇଁ ମୁଁ ଦାୟୀ । ଏହାର ଅର୍ଥ ମଧ୍ୟ ଏହି ଯେ, ମୁଁ ମୋ ଶରୀରରେ ପ୍ରଭୁ ଯୀଶୁଙ୍କ ଶରୀରକୁ ପ୍ରଦର୍ଶିତ କରିବି, ରହସ୍ୟଜନକ ଭାବେ କିମ୍ବା ଗୁପ୍ତରେ ନୁହେଁ, ମାତ୍ର ସାହସ ସହକାରେ ସର୍ବ ସମକ୍ଷରେ । ‘‘ଏଥିପାଇଁ ନିଜ ଶରୀରକୁ କଷ୍ଟ ଦେଇ ବଶରେ ରଖୁଛି’’ (୧ କରିନ୍ଥୀ ୯:୨୭) । ପ୍ରତ୍ୟେକ ଖ୍ରୀଷ୍ଟିୟାନ ଈଶ୍ୱରଙ୍କ ପାଇଁ ନିଜ ଶରୀରକୁ ସଂପୂର୍ଣ୍ଣ ନିୟନ୍ତ୍ରଣରେ ରଖି ପାରିବେ । ଈଶ୍ୱର ଆମକୁ ଆମର ରୁଚି ଏବଂ ଅଭିଳାଷ ସହିତ ‘‘ପବିତ୍ର ଆତ୍ମାଙ୍କ ମନ୍ଦିର’’ର ସମସ୍ତ ଶାସନ ଦାୟିତ୍ୱ ଦେଇଛନ୍ତି । ଏସବୁ ପାଇଁ ଆମେ ଦାୟୀ, ଏବଂ ଆମେ ଅସଂଗତ ବିଷୟ ପ୍ରତି ମୁଣ୍ଡ ନୁଆଁଇବା ନାହିଁ କିନ୍ତୁ ଆମ ମଧ୍ୟରୁ ଅଧିକାଂଶ ଆମେ ନିଜର ବିଚାର କରିବା ତୁଳନାରେ ରୁକ୍ଷ ହୋଇ ଅନ୍ୟମାନଙ୍କ ବିଚାର କରିଥାଉ । ଆମେ ନିଜ ବିଷୟରେ ଅନେକ ଆଳ ଦେଖାଉ, ମାତ୍ର ଅନ୍ୟମାନଙ୍କ ଜୀବନରେ ବିଭିନ୍ନ କାର୍ଯ୍ୟରେ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥାଉ, କାରଣ ସ୍ୱାଭାବିକ ରୂପେ ସେହି କାର୍ଯ୍ୟ କରିବାକୁ ଆମର ମନ ନ ଥାଏ ।

ପାଉଲ କହିଲେ, ‘‘ମୁଁ ତୁମମାନଙ୍କୁ ଅନୁରୋଧ କରୁଛି, ତୁମେମାନେ ନିଜ ଶରୀରକୁ ଜୀବନ୍ତ... ବଳି ରୂପେ ଉତ୍ସର୍ଗ କର’’ (ରୋମୀ ୧୨:୧) । ମୋର ଶରୀର ଯେ ପ୍ରକୃତରେ ପବିତ୍ର ଆତ୍ମାଙ୍କ ମନ୍ଦିର, ସେ ସଂପର୍କରେ ମୁଁ ମୋର ପ୍ରଭୁ ଏବଂ କର୍ତ୍ତାଙ୍କ ସହିତ ଏକମତ ହେବି କି ନାହିଁ, ମୋତେ ତାହାର ନିଷ୍ପତ୍ତି ନେବାକୁ ହେବ । ଥରେ ମୁଁ ସମ୍ମତ ହେଲେ ଶରୀର ସମ୍ବନ୍ଧିତ ସବୁ ନୀତି ନିୟମ ଏବଂ ବ୍ୟବସ୍ଥାର ଆବଶ୍ୟକୀୟ ବିଷୟର ସାରାଂଶ ମୋ ପାଇଁ ଏହି ପ୍ରକାଶିତ ସତ୍ୟରେ ପ୍ରତିପାଦିତ ହୁଏ– ମୋର ଶରୀର ହେଉଛି ‘‘ପବିତ୍ର ଆତ୍ମାଙ୍କ ମନ୍ଦିର ।’’

# ମେଘମାଳାରେ ମୋର ମେଘଧନୁ

**ମୁଁ ମେଘରେ ମୋର ଧନୁ ସ୍ଥାପନ କରିଛି,**
**ତାହା ପୃଥିବୀ ସହିତ ମୋର ଚୁକ୍ତିର ଚିହ୍ନ ହେବ ।**
**ଆଦିପୁସ୍ତକ ୯:୧୩**

ଏହା ଈଶ୍ୱରଙ୍କ ଇଚ୍ଛା ଯେ, ମନୁଷ୍ୟ ତାଙ୍କ ସହିତ ଏକ ଉଚିତ ସଂପର୍କ ସ୍ଥାପନ କରିବ, ଆଉ ତାଙ୍କର ଚୁକ୍ତି ହେଉଛି, ଏହାର ଉଦ୍ଦେଶ୍ୟ । ଈଶ୍ୱର କାହିଁକି ମୋତେ ଉଦ୍ଧାର କରନ୍ତି ନାହିଁ ? ସେ ମୋର ପରିତ୍ରାଣ ସାଧନ କରିଛନ୍ତି ଏବଂ ସେଥିପାଇଁ ସବୁ ବିଷୟ ଯୋଗାଇଛନ୍ତି, କିନ୍ତୁ ମୁଁ ତାଙ୍କ ସହିତ ସେହି ସଂପର୍କ ମଧ୍ୟରେ ପ୍ରବେଶ କରିନାହିଁ । ଆମର ମାଗିବା ଅନୁସାରେ ଈଶ୍ୱର କାହିଁକି କିଛି କରନ୍ତି ନାହିଁ ? ସେ କରିଛନ୍ତି । ପ୍ରଶ୍ନ ହେଉଛି– ମୁଁ କ'ଣ ସେହି ଚୁକ୍ତିର ସଂପର୍କ ମଧ୍ୟରେ ପ୍ରବେଶ କରିବି ? ଈଶ୍ୱରଙ୍କ ସମସ୍ତ ମହାନ୍ ଆଶୀର୍ବାଦ ସମାପ୍ତ ଏବଂ ସଂପୂର୍ଣ୍ଣ ହୋଇଛି, କିନ୍ତୁ ଯେ ପର୍ଯ୍ୟନ୍ତ ମୁଁ ତାଙ୍କ ଚୁକ୍ତିକୁ ଭିତ୍ତି କରି ତାଙ୍କ ସହିତ ସଂପର୍କ ସ୍ଥାପନ କରି ନାହିଁ, ସେ ସବୁ ମୋର ହୋଇ ପାରିବ ନାହିଁ ।

ଈଶ୍ୱରଙ୍କ କାର୍ଯ୍ୟ ପାଇଁ ଅପେକ୍ଷା କରିବା ହେଉଛି, ଶାରୀରିକ ଅବିଶ୍ୱାସ । ଏହାର ଅର୍ଥ ହେଉଛି, ତାଙ୍କ ଉପରେ ମୋର ବିଶ୍ୱାସ ନାହିଁ । ମୁଁ ଅପେକ୍ଷା କରେ ଯେ, ସେ ମୋ ମଧ୍ୟରେ କାର୍ଯ୍ୟ କରିବେ, ଯଦ୍ଦ୍ୱାରା ମୁଁ ତାଙ୍କ ଉପରେ ଭରସା ରଖି ପାରିବି । କିନ୍ତୁ ଈଶ୍ୱର ସେପରି କରିବେ ନାହିଁ, କାରଣ ତାହା ଈଶ୍ୱର ଏବଂ ମନୁଷ୍ୟର ସଂପର୍କର ଆଧାର ନୁହେଁ । ମନୁଷ୍ୟ ତା'ର ଶାରୀରିକ ଚିନ୍ତାଭାବନାକୁ ଅତିକ୍ରମ କରି ଈଶ୍ୱରଙ୍କ ସହିତ ତା'ର ଚୁକ୍ତି ମଧ୍ୟକୁ ଯିବା ଏକାନ୍ତ ଆବଶ୍ୟକ, ଯେପରି ଈଶ୍ୱର ଆପଣା ବ୍ୟକ୍ତିତ୍ୱକୁ ଅତିକ୍ରମ କରି ତାଙ୍କର ଚୁକ୍ତି ସହିତ ମନୁଷ୍ୟ ନିକଟକୁ ଆସନ୍ତି । ଏହା ଈଶ୍ୱରଙ୍କ ପ୍ରତି ବିଶ୍ୱାସ ସମ୍ବନ୍ଧୀୟ ଏକ ବିରଳ ପ୍ରଶ୍ନ । ଆମର ବିଶ୍ୱାସ କେବଳ ଆମର ଭାବନା ମଧ୍ୟରେ ଅଛି । ମୁଁ ଈଶ୍ୱରଙ୍କୁ ବିଶ୍ୱାସ କରିପାରିବି ନାହିଁ, ଯେପର୍ଯ୍ୟନ୍ତ ସେ ମୋ ହାତରେ ଛୁଇଁବା ଭଳି କିଛି ଜିନିଷ ଦେଇ ନାହାନ୍ତି କାରଣ ଛୁଇଁବା ଦ୍ୱାରା ମୁଁ ଜାଣିବି ଯେ, ସେ ମୋ ପାଖରେ ଅଛନ୍ତି । ତା'ପରେ ମୁଁ କହିବି, ''ବର୍ତ୍ତମାନ ମୁଁ ବିଶ୍ୱାସ କରୁଛି'' । ସେଥିରେ ବିଶ୍ୱାସର କୌଣସି ପ୍ରଦର୍ଶନ ନ ଥାଏ । ଈଶ୍ୱର କହନ୍ତି, ''ମୋତେ ଅନାଇ ପରିତ୍ରାଣ ପ୍ରାପ୍ତ ହୁଅ'' (ଯିଶାଇୟ ୪୫:୨୨) ।

ଯେତେବେଳେ ଈଶ୍ୱରଙ୍କ ଚୁକ୍ତିକୁ ଆଧାର କରି ଅନ୍ୟ ସବୁକୁ ପରିତ୍ୟାଗ କରି ମୁଁ ଈଶ୍ୱରଙ୍କ ସହିତ କାରବାର କରେ, ସେତେବେଳେ ମୋର ବ୍ୟକ୍ତିଗତ ସାଫଲ୍ୟର କୌଣସି ବୋଧ ରହେ ନାହିଁ – କାରଣ ସେଥିରେ କୌଣସି ମାନବୀୟ ତତ୍ତ୍ୱ ନ ଥାଏ । ଏହା ପରିବର୍ତ୍ତେ ଈଶ୍ୱରଙ୍କ ଏକତା ମଧ୍ୟକୁ ଆସିବାର ଏକ ଭାବବିହ୍ୱଳତା ଥାଏ ଏବଂ ମୋର ଜୀବନ ଶାନ୍ତି ଏବଂ ଆନନ୍ଦ ମଧ୍ୟରେ ରୂପାନ୍ତରିତ ହୁଏ ।

# ଅନୁତାପ

**ଯେଉଁ ଦୁଃଖ ଈଶ୍ୱରଙ୍କ ଇଚ୍ଛାନୁମୋଦିତ,**
**ତାହା ଅନୁତାପ ଆଣେ ଓ ପରିତ୍ରାଣ ପଥରେ କଢ଼ାଇ ନିଏ ।**

**୨ କରିନ୍ଥୀ ୭:୧୦**

ନିମ୍ନୋକ୍ତ ବାକ୍ୟରେ ପାପବୋଧର ସ୍ପଷ୍ଟ ବର୍ଣ୍ଣନା ରହିଛି :

ପାପ ମୋର, ପାପ ମୋର, ତ୍ରାଣକର୍ତ୍ତା ମୋର
କେତେ ଦୁଃଖ ବହି ନେଲା ତୁମର ଶରୀର ।

ପାପବୋଧ ପାଇ ନିଜକୁ ଦୋଷୀ ସାବ୍ୟସ୍ତ କରିବା ଜଣେ ବ୍ୟକ୍ତି ପାଇଁ ଏକ ଅସାଧାରଣ ଅନୁଭୂତି ହୋଇଥାଏ । ଏହା ଈଶ୍ୱରଙ୍କୁ ଜାଣିବାର ଆରମ୍ଭ ଅବସ୍ଥା । ଯୀଶୁ କହିଲେ ଯେ, ପବିତ୍ରଆତ୍ମା ଆସିଲେ ଲୋକମାନଙ୍କୁ ପାପ ବିଷୟରେ ବୋଧ ଦେବେ (ଯୋହନ ୧୬:୮ ଦେଖନ୍ତୁ) । ଆଉ ପବିତ୍ର ଆତ୍ମା ଯେତେବେଳେ ଜଣେ ବ୍ୟକ୍ତିଙ୍କ ବିବେକକୁ ଆଲୋଡ଼ିତ କରନ୍ତି ଏବଂ ଈଶ୍ୱରଙ୍କ ଉପସ୍ଥିତିକୁ ଆଣନ୍ତି, ସେତେବେଳେ ଅନ୍ୟମାନଙ୍କ ସହିତ ତାଙ୍କର ସଂପର୍କ ନୁହେଁ, ମାତ୍ର ଈଶ୍ୱରଙ୍କ ସହିତ ତାଙ୍କର ସଂପର୍କ ତାକୁ ବ୍ୟତିବ୍ୟସ୍ତ କରେ– ‘‘ମୁଁ ତୁମ ବିରୁଦ୍ଧରେ, କେବଳ ତୁମ ବିରୁଦ୍ଧରେ ପାପ କରିଛି, ଏବଂ ତୁମ ଦୃଷ୍ଟିରେ ଯାହା ମନ୍ଦ, ତାହା ହିଁ କରିଛି’’ (ଗୀତସଂହିତା ୫୧:୪) । ପାପବୋଧ, କ୍ଷମା ଏବଂ ପବିତ୍ରତାକୁ ଆଶ୍ଚର୍ଯ୍ୟ ପ୍ରକାରେ ପରସ୍ପର ସହିତ ଏଭଳି ବୟନ କରାଯାଇଛି ଯେ, ଯେଉଁ ବ୍ୟକ୍ତି କ୍ଷମାପ୍ରାପ୍ତ, ସେ ହିଁ କେବଳ ପବିତ୍ର । ସେ ପ୍ରମାଣ କରନ୍ତି ଯେ, ସେ ଈଶ୍ୱରଙ୍କ ଅନୁଗ୍ରହରୁ କ୍ଷମା ପାଇବା ଦ୍ୱାରା ପୂର୍ବରେ ଯାହା ଥିଲେ, ତାହାର ବିପରୀତ ଅବସ୍ଥାରେ ବର୍ତ୍ତମାନ ପବିତ୍ର ହୋଇଛନ୍ତି । ଅନୁତାପ ଜଣେ ବ୍ୟକ୍ତିଙ୍କୁ ଏହି କଥା କହିବା ପାଇଁ ପ୍ରବର୍ତ୍ତାଏ – ‘‘ମୁଁ ପାପ କରିଛି ।’’ ଯେତେବେଳେ ସେ ଏହିକଥା କହି ଏହାର ପ୍ରକୃତ ଅର୍ଥ ଉପଲବ୍ଧି କରନ୍ତି, ତାହାହିଁ ବାସ୍ତବ ଚିହ୍ନ ସ୍ୱରୂପ ଯେ ଈଶ୍ୱର ତାଙ୍କ ଜୀବନରେ କାର୍ଯ୍ୟ କରୁଛନ୍ତି । ଏହାଠାରୁ ଊଣା ପଡ଼ିବା ଅନ୍ୟ କୌଣସି ବିଷୟ ମୂର୍ଖତା ହେତୁ ଭୁଲ୍ କାମ କରିଥିବା ବିଷୟ ପ୍ରତି କେବଳ ମାତ୍ର ଦୁଃଖ ପ୍ରକାଶକୁ ବୁଝାଏ– ଏହା ନିଜ ପ୍ରତି ଘୃଣା ମିଶ୍ରିତ ପ୍ରତିକ୍ରିୟା ।

ଈଶ୍ୱରଙ୍କ ରାଜ୍ୟର ପ୍ରବେଶ ଦ୍ୱାର ହେଉଛି, ମନୁଷ୍ୟର ପ୍ରତିଷ୍ଠିତ ‘‘ଉତ୍ତମତା’’ ଏବଂ ଅନୁତାପର ଆକସ୍ମିକ ଯନ୍ତ୍ରଣା ମଧ୍ୟରେ ଘଟିଥିବା ସଂଘର୍ଷର ପରିଣାମ । ତା’ପରେ ପବିତ୍ର ଆତ୍ମା, ଯେ କି ଏହି ସଂଘର୍ଷ ଉତ୍ପନ୍ନ କରନ୍ତି, ସେହି ବ୍ୟକ୍ତିଙ୍କ ଜୀବନରେ ଈଶ୍ୱରଙ୍କ ପୁତ୍ରଙ୍କୁ ଗଠନ କରିବା କାର୍ଯ୍ୟ ଆରମ୍ଭ କରନ୍ତି (ଗାଲାତୀୟ ୪:୧୯ ଦେଖନ୍ତୁ) । ଏହି ନୂତନ ଜୀବନ ସଚେତନ ଅବସ୍ଥାରେ ଅନୁତାପ ଦ୍ୱାରା ପ୍ରକାଶିତ ହେବ ଏବଂ ତା’ପରେ ଅଚେତ ପବିତ୍ରତା ଆସିବ – ଏହା ଆଦୌ ବିପରୀତ କ୍ରମରେ ଘଟିବ ନାହିଁ । ଖ୍ରୀଷ୍ଟଧର୍ମର ଭିତ୍ତିମୂଳ ହେଉଛି ଅନୁତାପ । ଏହା ସତ ଯେ, ଜଣେ ବ୍ୟକ୍ତି ମନୋନୟନ ବଳରେ ଅନୁତାପ କରିପାରନ୍ତି ନାହିଁ– ଅନୁତାପ ଈଶ୍ୱରଙ୍କ ଏକ ଦାନ । ପୁରାତନ ଗୋଷ୍ଠୀର ଶୁଦ୍ଧବାଦୀମାନେ ‘‘ଅଶ୍ରୁର ଦାନ’’ ପାଇଁ ପ୍ରାର୍ଥନା କରୁଥିଲେ । ଆପଣ ଯଦି ଅନୁତାପର ମୂଲ୍ୟ ବୁଝିବା ବନ୍ଦ କରି ଦେବେ, ତେବେ ଆପଣ ନିଜକୁ ପାପରେ ରହିବା ପାଇଁ ଛାଡ଼ି ଦେବେ । ଏହା ଦେଖିବାକୁ ନିଜକୁ ପରୀକ୍ଷା କରନ୍ତୁ ଯେ, ଆପଣ କ’ଣ ସତରେ ଭୁଲିଯାଇଛନ୍ତି ଯେ, ଅନୁତାପ କିପରି କରାଯାଏ ।

ଡିସେମ୍ବର ୮

# ଈଶ୍ୱରଙ୍କ ନିରପେକ୍ଷ ଶକ୍ତି

**କାରଣ ଗୋଟିଏ ମାତ୍ର ବଳିଦାନ ଦ୍ୱାରା ପବିତ୍ରୀକୃତ ହେଉଥିବା ଲୋକମାନଙ୍କୁ ସେ ଚିରକାଳ ପାଇଁ ସିଦ୍ଧ କରିଛନ୍ତି ।**

**ଏବ୍ରୀ ୧୦:୧୪**

ଯଦି ଆମେ ଭାବୁ ଯେ, ଆମର ପାପ ପାଇଁ ଦୁଃଖ ପ୍ରକାଶ କରିଥିବା ହେତୁ ଆମେ ପାପକ୍ଷମା ପାଇଛୁ, ତେବେ ଆମେ ଈଶ୍ୱରଙ୍କ ପୁତ୍ରଙ୍କ ଉକ୍ତିକୁ ପାଦ ତଳେ ଦଳି ଦେଉ । ଈଶ୍ୱରଙ୍କ ଦ୍ୱାରା ଆମ ପାପକ୍ଷମାର କାରଣ, ଏବଂ ଭୁଲିଯିବା ପାଇଁ ତାଙ୍କର ସେ ସବୁ ଗଭୀର ପ୍ରତିଶ୍ରୁତିର କାରଣ ହେଉଛି, ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ । ଆମର ଅନୁତାପ ଖ୍ରୀଷ୍ଟଙ୍କ କ୍ରୁଶର ସେହି ପ୍ରାୟଶ୍ଚିତ୍ତ କାର୍ଯ୍ୟରେ ଆମର ବିଶ୍ୱାସର ପରିଣାମ ଯାହା ସେ ଆମ ପାଇଁ ଉପଲବ୍ଧ କରାଇଛନ୍ତି । ''...ସେ (ଖ୍ରୀଷ୍ଟ) ଆମ ପାଇଁ ଈଶ୍ୱରଙ୍କ ଜ୍ଞାନ ସ୍ୱରୂପ ଅଟନ୍ତି ଅର୍ଥାତ୍ ସେ ଆମର ଧାର୍ମିକତା, ପବିତ୍ରତା ଓ ମୁକ୍ତିସ୍ୱରୂପ ଅଟନ୍ତି'' (୧ କରିନ୍ଥୀ ୧:୩୦) ।

ଖ୍ରୀଷ୍ଟ ଯେ ଆମ ପାଇଁ ଏ ସମସ୍ତ ହୋଇଛନ୍ତି, ଥରେ ଆମେ ଯେତେବେଳେ ଏହି ବୋଧ ପାଉ, ଈଶ୍ୱରଙ୍କ ଅସୀମ ଆନନ୍ଦ ଆମ ମଧ୍ୟରେ ଆରମ୍ଭ ହୋଇଯାଏ । ଆଉ ଯେଉଁଠାରେ ଈଶ୍ୱରଙ୍କ ଆନନ୍ଦ ନ ଥାଏ, ସେଠାରେ ମୃତ୍ୟୁଦଣ୍ଡ ବର୍ତ୍ତମାନ ମଧ୍ୟ ଜାରି ରହିଛି ।

ଆମେ ଯାହା ହୋଇଥାଉ ପଛେ, ଈଶ୍ୱର ଆମକୁ କେବଳ ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା ତାଙ୍କ ନିଜର ଉପଯୁକ୍ତ ସ୍ଥିତି ମଧ୍ୟ ଫେରାଇ ଆଣନ୍ତି । ଯୀଶୁଙ୍କ ନିବେଦନ ପାଇଁ ଈଶ୍ୱର ଏହା କରନ୍ତି ନାହିଁ ମାତ୍ର ତାଙ୍କର ମୃତ୍ୟୁର କାରଣ ସ୍ୱରୂପ ସେ ଏହା କରନ୍ତି । ଏହା ଅର୍ଜ୍ଜନ କରି ହୁଏ ନାହିଁ, ଏହାକୁ କେବଳ ଗ୍ରହଣ କରିହୁଏ । ଜାଣିଶୁଣି ଖ୍ରୀଷ୍ଟଙ୍କ କ୍ରୁଶକୁ ଉପେକ୍ଷା କରୁଥିବା ସମସ୍ତ ନିବେଦନ ମୂଲ୍ୟହୀନ ଅଟେ । ଏହା ଯୀଶୁ ଯେଉଁ ଦ୍ୱାର ଖୋଲି ଦେଇଛନ୍ତି, ତାହା ବ୍ୟତୀତ ଅନ୍ୟ ଦ୍ୱାରରେ ଆଘାତ କରିବା ସହିତ ସମାନ । ଆମେ ଏହାର ବିରୋଧ କରି କହୁ, ''ମୁଁ'' ସେହି ବାଟ ଦେଇ ଯିବା ପାଇଁ ଚାହୁଁ ନାହିଁ, ପାପୀ ରୂପେ ଗୃହୀତ ହେବା ଅତ୍ୟନ୍ତ ଅପମାନଜନକ ବିଷୟ ।'' ପିତରଙ୍କ ମାଧ୍ୟମରେ ଈଶ୍ୱରଙ୍କ ପ୍ରତ୍ୟୁତ୍ତର ହେଉଛି, ''ତାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ'' (ପ୍ରେରିତ ୪:୧୨) । ପ୍ରଥମେ ଯାହା ଈଶ୍ୱରଙ୍କ ହୃଦୟ ହୀନତା ମନେ ହୁଏ, ତାହାହିଁ ତାଙ୍କର ହୃଦୟର ପ୍ରକୃତ ଅଭିବ୍ୟକ୍ତି । ତାହାଙ୍କ ପଥରେ ଅସୀମିତ ପ୍ରବେଶ ଥାଏ । ''ଆମେ ଖ୍ରୀଷ୍ଟଙ୍କଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି... ଲାଭ କରିଛୁ'' (ଏଫିସୀ ୧:୭) । ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁରେ ତାଙ୍କ ସହିତ ଏକ ହେବାର ଅର୍ଥ ହେଉଛି ଯେ, ଆମକୁ ସେ ସବୁ ପ୍ରତି ମରିବାକୁ ହେବ, ଯାହା ଆଦୌ ତାଙ୍କର ଅଂଶ ନ ଥିଲା ।

ଈଶ୍ୱର କେବଳ ମନ୍ଦ ଲୋକଙ୍କୁ ଉଦ୍ଧାର କରିବା ଦ୍ୱାରା ନ୍ୟାୟ ପ୍ରଦର୍ଶନ କରନ୍ତି, ସେମାନଙ୍କୁ ସେ ଉତ୍ତମ କରିପାରିବେ । ଆମେ ଭୁଲ୍ ବାଟରେ ଯିବା ସମୟରେ ଆମେ ଠିକ୍ ଅଛୁ ବୋଲି କହି ଈଶ୍ୱର ଆଦୌ ଛଳନା କରନ୍ତି ନାହିଁ । ଖ୍ରୀଷ୍ଟଙ୍କ କ୍ରୁଶୀୟ ପ୍ରାୟଶ୍ଚିତ୍ତ ହେଉଛି, ସେହି ପ୍ରାୟଶ୍ଚିତ୍ତ, ଯାହା ଈଶ୍ୱର ଅପବିତ୍ର ଲୋକଙ୍କୁ ପବିତ୍ର କରିବା ପାଇଁ ବ୍ୟବହାର କରନ୍ତି ।

# ସ୍ୱାଭାବିକର ବିରୋଧ

**ଯେଉଁମାନେ ଖ୍ରୀଷ୍ଟଙ୍କର, ସେମାନେ ପାପ ପ୍ରକୃତି ସହିତ ତାହାର କାମନା ଓ କୁଅଭିଳାଷଗୁଡ଼ିକୁ କ୍ରୁଶବିଦ୍ଧ କରିଛନ୍ତି ।**

**ଗାଲାତୀୟ ୫:୨୪**

ସ୍ୱାଭାବିକ ଜୀବନ ପାପମୟ ନୁହେଁ, କିନ୍ତୁ ଆମକୁ ପାପ ସହିତ କୌଣସି ସଂପର୍କ ନ ରଖି ପାପକୁ ଛାଡ଼ିବାକୁ ହେବ । ପାପ ହେଉଛି ନରକର ଏବଂ ଶୟତାନର । ମୁଁ ଈଶ୍ୱରଙ୍କ ସନ୍ତାନରୂପେ ସ୍ୱର୍ଗର ଏବଂ ଈଶ୍ୱରଙ୍କର । ଏହା ପାପକୁ ଛାଡ଼ିବା ବିଷୟରେ ନୁହେଁ, ମାତ୍ର ମୋର ନିଜର ଅଧିକାର, ମୋର ସ୍ୱାଭାବିକ ସ୍ୱାଧୀନତା ଏବଂ ଆତ୍ମ-ଇଚ୍ଛାକୁ ଛାଡ଼ିବା ବିଷୟକ ପ୍ରଶ୍ନ ଅଟେ । ଏହି ସ୍ଥିତିରେ ଯୁଦ୍ଧ କରିବାକୁ ହେବ । ଯେଉଁ ବିଷୟ ସବୁ ସ୍ୱାଭାବିକ ଦୃଷ୍ଟିକୋଣରୁ ଉପଯୁକ୍ତ ଏବଂ ଉତ୍ତମ ଜଣାପଡ଼େ, ସେ ସବୁ ଆମକୁ ଈଶ୍ୱରଙ୍କ ସର୍ବୋତ୍ତମ ହେବା ପାଇଁ ବାଧା ଦିଏ । ଥରେ ଆମେ ଯେତେବେଳେ ଉପଲବ୍ଧି କରୁ ଯେ, ସ୍ୱାଭାବିକ ନୈତିକ ଶ୍ରେଷ୍ଠତା ଈଶ୍ୱରଙ୍କ ପ୍ରତି ସମର୍ପଣର ବିରୋଧ କରେ, ସେତେବେଳେ ଆମେ ଆମର ଆତ୍ମାକୁ ସବୁଠାରୁ ବଡ଼ ଯୁଦ୍ଧ ମଧ୍ୟକୁ ନେଇ ଆସୁ । ଆମ ମଧ୍ୟରୁ ଅତି ଅଳ୍ପ ଲୋକ କେଉଁ ବିଷୟ ଭ୍ରଷ୍ଟ, ମନ୍ଦ ଓ ଭୁଲ୍, ସେ ବିଷୟରେ ବିତର୍କ କରିଥାଉ, କିନ୍ତୁ ଉତ୍ତମତା କ'ଣ ସେ ବିଷୟରେ ଆମେ ବିତର୍କ କରୁ । ଉତ୍ତମ ବିଷୟ ଶ୍ରେଷ୍ଠ ବିଷୟର ବିରୋଧ କରେ । ଜଣେ ବ୍ୟକ୍ତି ନୈତିକ ଶ୍ରେଷ୍ଠତାର ନିକିତିରେ ଯେତେ ଉପରକୁ ଯା'ନ୍ତି, ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ବିରୋଧ ସେତେ ଅଧିକ ତୀବ୍ର ହୁଏ । ''ଯେଉଁମାନେ ଖ୍ରୀଷ୍ଟଙ୍କର, ସେମାନଙ୍କର ଶାରୀରିକ ସ୍ୱଭାବ କ୍ରୁଶବିଦ୍ଧ ହୋଇଛି ।'' ଆପଣଙ୍କ ସ୍ୱାଭାବିକ ଜୀବନରେ ଯେଉଁ ମୂଲ୍ୟ ଦେବାକୁ ହୁଏ, ତାହା ଗୋଟିଏ ବା ଦୁଇଟି ବିଷୟ ନୁହେଁ, ମାତ୍ର ଆପଣଙ୍କର ସର୍ବସ୍ୱ । ଯୀଶୁ କହିଲେ, ''କେହି ଯଦି ମୋର ଅନୁଗମନ କରିବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ'' (ମାଥିଉ ୧୬:୨୪) । ତାହାର ଅର୍ଥ, ତାଙ୍କୁ ନିଜର ଅଧିକାରକୁ ଛାଡ଼ିବାକୁ ହେବ, ଏବଂ ସେହି ସ୍ଥିତିକୁ ଆସିବା ପୂର୍ବରୁ ତାଙ୍କୁ ଜାଣିବାକୁ ହେବ ଯେ, ଯୀଶୁ ଖ୍ରୀଷ୍ଟ କିଏ । ଆପଣଙ୍କ ସ୍ୱାଧୀନତାର ସମାଧି କାର୍ଯ୍ୟକୁ ପ୍ରତ୍ୟାଖ୍ୟାନ କରିବା ବିଷୟରେ ସତର୍କ ରୁହନ୍ତୁ ।

ସ୍ୱାଭାବିକ ଜୀବନ ଆତ୍ମିକ ନୁହେଁ । କେବଳ ବଳିଦାନ ଦ୍ୱାରା ଏହା ଆତ୍ମିକ ହୋଇ ପାରେ । ଯଦି ଆମେ ଜାଣିଶୁଣି ସ୍ୱାଭାବିକକୁ ବଳି ରୂପେ ଉତ୍ସର୍ଗ ନ କରୁ, ତେବେ ଆମ ପାଇଁ ଅଲୌକିକ କେବେ ସୁଦ୍ଧା ସ୍ୱାଭାବିକ ହୋଇ ପାରିବ ନାହିଁ । କୌଣସି ଉଚ୍ଚ ବା ସହଜ ପଥ ନାହିଁ । ଏହାକୁ ସଂପୂର୍ଣ୍ଣ ରୂପେ ନିଜ ହାତରେ ସଂପାଦନ କରିବା ପାଇଁ ଉପାୟ ଅଛି । ଏହା କେବଳ ପ୍ରାର୍ଥନା ବିଷୟକ ପ୍ରଶ୍ନ ନୁହେଁ, ମାତ୍ର ଏହା ବଳିଦାନ କରିବା ଏବଂ ତାହା ଦ୍ୱାରା ଈଶ୍ୱରଙ୍କ ଇଚ୍ଛା ସାଧନ କରିବାକୁ ବୁଝାଏ ।

# ସ୍ୱାଭାବିକର ନୈବେଦ୍ୟ ବଳି

**କାରଣ ଲେଖାଅଛି, ଅବ୍ରହାମଙ୍କର ଦୁଇ ପୁତ୍ର ଥିଲେ,**
**ଜଣେ ଦାସୀ ସ୍ତ୍ରୀଠାରୁ ଏବଂ ଅନ୍ୟ ଜଣେ ସ୍ୱାଧୀନ ସ୍ତ୍ରୀଠାରୁ ଜାତ ।**
**ଗାଲାତୀୟ ୪:୨୨**

ଗାଲାତୀୟ ପତ୍ରର ଏହି ଅଧ୍ୟାୟରେ ପାଉଲ ପାପ ବିଷୟ କହୁ ନ ଥିଲେ, ମାତ୍ର ସ୍ୱାଭାବିକ ଏବଂ ଅଲୌକିକ ମଧ୍ୟରେ ଥିବା ସଂପର୍କ ବିଷୟ କହିଥିଲେ । କେବଳ ବଳିଦାନ ଦ୍ୱାରା ସ୍ୱାଭାବିକ ଅଲୌକିକରେ ପରିଣତ ହୋଇପାରେ । ଏହା ବ୍ୟତୀତ ଜଣେ ବ୍ୟକ୍ତି ବିଚ୍ଛିନ୍ନ ଜୀବନ ଯାପନ କରନ୍ତି । ସ୍ୱାଭାବିକର ବଳିଦାନ ପାଇଁ ଈଶ୍ୱର କାହିଁକି ଦାବି କଲେ ? ଈଶ୍ୱର ଏହାର ଦାବି କଲେ ନାହିଁ । ଏହା ଈଶ୍ୱରଙ୍କ ସିଦ୍ଧ ଇଚ୍ଛା ନୁହେଁ, ମାତ୍ର ତାଙ୍କର ଅନୁମୋଦନକାରୀ ଇଚ୍ଛା । ଈଶ୍ୱରଙ୍କ ସିଦ୍ଧ ଇଚ୍ଛା ଥିଲା ସ୍ୱାଭାବିକକୁ ବାଧ୍ୟତା ମାଧ୍ୟମରେ ଆତ୍ମିକତାରେ ପରିବର୍ତ୍ତିତ କରିବା । ପାପ ହିଁ ସ୍ୱାଭାବିକକୁ ବଳି ରୂପେ ଉତ୍ସର୍ଗ କରିବାର ଆବଶ୍ୟକତାରେ ପରିଣତ କରେ ।

ଇସହାକକୁ ବଳି ରୂପେ ଉତ୍ସର୍ଗ କରିବା ପୂର୍ବରୁ ଅବ୍ରହାମ ଇଶ୍ମାଏଲକୁ ବଳି ରୂପେ ଉତ୍ସର୍ଗ କଲେ (ଆଦିପୁସ୍ତକ ୨୧:୮–୧୪ ଦେଖନ୍ତୁ) । ଆମ ମଧ୍ୟରୁ ଅଧିକାଂଶ ସ୍ୱାଭାବିକର ବଳି ଉତ୍ସର୍ଗ ପୂର୍ବରୁ ଆତ୍ମିକ ବଳି ଉତ୍ସର୍ଗ ପାଇଁ ପ୍ରଚେଷ୍ଟା କରୁଛୁ । ଆମର ଆତ୍ମିକ ବଳିଦାନର ଏକମାତ୍ର ଉପାୟ ହେଉଛି, ଆମେ ''ଆମର ଶରୀରକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଜୀବନ୍ତ ବଳି ରୂପେ ଉତ୍ସର୍ଗ କରୁ'' (ରୋମୀ ୧୨:୧) । ପବିତ୍ରୀକରଣର ଅର୍ଥ, ପାପରୁ ମୁକ୍ତ ହେବା ଠାରୁ ଆହୁରି ଅଧିକ । ଏହାର ଅର୍ଥ ହେଉଛି, ମୁଁ ଜାଣିଶୁଣି ମୋର ପରିତ୍ରାଣକର୍ତ୍ତା ଈଶ୍ୱରଙ୍କଠାରେ ନିଜକୁ ସମର୍ପଣ କରିବି ଏବଂ ତାହାର ମୂଲ୍ୟ ଦେବା ପାଇଁ ପ୍ରସ୍ତୁତ ରହିବି ।

ଯଦି ଆମେ ସ୍ୱାଭାବିକକୁ ଆତ୍ମିକ ପାଇଁ ବଳି ରୂପେ ଉତ୍ସର୍ଗ ନ କରୁ, ତା'ହେଲେ ସ୍ୱାଭାବିକ ଜୀବନ ଆମ ମଧ୍ୟରେ ଈଶ୍ୱରଙ୍କ ପୁତ୍ରଙ୍କ ଜୀବନକୁ ପ୍ରତିରୋଧ ଏବଂ ପ୍ରତ୍ୟାଖ୍ୟାନ କରିବ ଏବଂ ଅବିରତ ବିଶୃଙ୍ଖଳା ସୃଷ୍ଟି କରିବ । ସବୁବେଳେ ଏହା ଏକ ବିଶୃଙ୍ଖଳିତ ଆତ୍ମିକ ସ୍ୱଭାବର ପରିଣାମ ସଦୃଶ ହୋଇଥାଏ । ଆମେ ଭୁଲ୍ ବାଟରେ ଯାଉ, କାରଣ ଶାରୀରିକ, ନୈତିକ ଏବଂ ମାନସିକ ସ୍ତରରେ ଆମେ ନିଜକୁ ଶୃଙ୍ଖଳିତ କରିବା ପାଇଁ ଦୃଢ଼ ରୂପେ ପ୍ରତ୍ୟାଖ୍ୟାନ କରୁ । ଆମେ ଆଳ ଦେଖାଇ କହୁ, ''ପିଲାବେଳୁ ମୋତେ ଶୃଙ୍ଖଳାର ଶିକ୍ଷା ଦିଆଯାଇ ନ ଥିଲା ।'' ତେବେ ବର୍ତ୍ତମାନ ନିଜକୁ ଶୃଙ୍ଖଳିତ କରନ୍ତୁ । ଯଦି ନ କରନ୍ତି, ତେବେ ଈଶ୍ୱରଙ୍କ ପାଇଁ ଆପଣ ସମୁଦାୟ ବ୍ୟକ୍ତିଗତ ଜୀବନକୁ ନଷ୍ଟ କରିଦେବେ ।

ଯେପର୍ଯ୍ୟନ୍ତ ଆମେ ଆମର ସ୍ୱାଭାବିକ ଜୀବନକୁ ଅତ୍ୟଧିକ ସ୍ନେହପୂର୍ବକ ସନ୍ତୁଷ୍ଟ କରିବାରେ ଲାଗିଥାଉ, ଈଶ୍ୱର ସକ୍ରିୟ ଭାବେ ଜଡ଼ିତ ହୁଅନ୍ତି ନାହିଁ, କିନ୍ତୁ ଥରେ ମରୁଭୂମି ମଧ୍ୟରେ ତାକୁ ନିୟନ୍ତ୍ରଣରେ ରଖିବାର ସଂକଳ୍ପ ନେଲେ ଈଶ୍ୱର ସେଥିରେ ଜଡ଼ିତ ହୁଅନ୍ତି । ତା'ପରେ ସେ ସ୍ୱାଭାବିକ ପାଇଁ ତାଙ୍କର ସମସ୍ତ ଇଚ୍ଛା ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ କୂପ ଏବଂ ମରୁଦ୍ୟାନ ଯୋଗାଇ ଦେବେ (ଆଦିପୁସ୍ତକ ୨୧:୧୫–୧୯ ଦେଖନ୍ତୁ) ।

# ବ୍ୟକ୍ତିସତ୍ତା

**ଯୀଶୁ ଶିଷ୍ୟମାନଙ୍କୁ କହିଲେ, ''ଯଦି କେହି ମୋର ଅନୁଗମନ କରିବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ ।''**

**ମାଥିଉ ୬:୨୪**

ବ୍ୟକ୍ତିସତ୍ତା ଆଭ୍ୟନ୍ତରୀଣ ଆତ୍ମିକ ଜୀବନକୁ ଆବୋରି ରଖିଥିବା ଏକ ଶକ୍ତ ବାହ୍ୟ ଆସ୍ତରଣ ଅଟେ । ବ୍ୟକ୍ତିସତ୍ତା ଅନ୍ୟମାନଙ୍କୁ ଧକ୍କା ଦେଇ ସେମାନଙ୍କୁ ଅଲଗା କରିଦିଏ । ଗୋଟିଏ ଶିଶୁର ଚରିତ୍ର ମଧ୍ୟରେ ମୁଖ୍ୟତଃ ଏହା ଦୃଷ୍ଟିଗୋଚର ହୁଏ ଏବଂ ଏହା ମଧ୍ୟ ଯଥାର୍ଥ, କିନ୍ତୁ ଯଦି ଆମେ ବ୍ୟକ୍ତିସତ୍ତାକୁ ଆତ୍ମିକ ଜୀବନ ବୋଲି ଧରିନେଉ, ତେବେ ଆମେ ଅଲଗା ହୋଇ ରହିଯିବା । ବ୍ୟକ୍ତିସତ୍ତାର ଏହି ଆବରଣ ଆତ୍ମିକ ଜୀବନକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଈଶ୍ୱରଙ୍କ ଦ୍ୱାରା ପରିକଳ୍ପିତ ହୋଇଛି । କିନ୍ତୁ ଆମର ଆତ୍ମିକ ଜୀବନକୁ ଈଶ୍ୱରଙ୍କ ସଂପର୍କ ମଧ୍ୟକୁ ଆଣିବା ପାଇଁ ଆମର ବ୍ୟକ୍ତିସତ୍ତାକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରିବାକୁ ହେବ । ବ୍ୟକ୍ତିସତ୍ତା ଆଧ୍ୟାତ୍ମିକତାକୁ ନକଲ କରେ, ଯେପରି ଲାଳସା ପ୍ରେମକୁ ନକଲ କରେ । ଈଶ୍ୱର ନିଜ ପାଇଁ ମନୁଷ୍ୟ ସ୍ୱଭାବର ପରିକଳ୍ପନା କଲେ, କିନ୍ତୁ ବ୍ୟକ୍ତିସତ୍ତା ନିଜର ଉଦ୍ଦେଶ୍ୟ ସାଧନ ପାଇଁ ମନୁଷ୍ୟ ସ୍ୱଭାବକୁ କଳୁଷିତ କରେ ।

ବ୍ୟକ୍ତିସତ୍ତାର ଗୁଣ ହେଉଛି, ସ୍ୱାଧୀନତା ଏବଂ ସ୍ୱେଚ୍ଛାଚାରୀତା । ଆମେ ବାରମ୍ବାର ଆମର ବ୍ୟକ୍ତିସତ୍ତାକୁ ଜାହିର୍ କରିବା ଦ୍ୱାରା ଆମର ଆତ୍ମିକ ଅଭିବୃଦ୍ଧି ଦିଗରେ ସବୁଠାରୁ ଅଧିକ ବାଧା ସୃଷ୍ଟି କରିଥାଉ । ଆପଣ ଯଦି କୁହନ୍ତି, ''ମୁଁ ବିଶ୍ୱାସ କରିପାରୁ ନାହିଁ'', ଏହାର କାରଣ ଆପଣଙ୍କ ବ୍ୟକ୍ତିସତ୍ତା ବାଧା ସୃଷ୍ଟି କରୁଛି, ବ୍ୟକ୍ତିସତ୍ତା ଆଦୌ ବିଶ୍ୱାସ କରିପାରେ ନାହିଁ କିନ୍ତୁ ଆମର ଆତ୍ମା ବିଶ୍ୱାସ ନ କରି ରହିପାରେ ନାହିଁ । ଈଶ୍ୱରଙ୍କ ଆତ୍ମା ଆପଣଙ୍କ ମଧ୍ୟରେ ଯେଉଁ କାର୍ଯ୍ୟ କରନ୍ତି, ତାହା ଲକ୍ଷ୍ୟ କରନ୍ତୁ । ସେ ଆପଣଙ୍କୁ ଆପଣଙ୍କ ବ୍ୟକ୍ତିସତ୍ତାର ଶେଷ ସୀମାକୁ ଠେଲି ଦିଅନ୍ତି, ଯେଉଁଠାରେ ଆପଣଙ୍କୁ ମନୋନୟନ କରିବାକୁ ହୁଏ । ହୁଏତ ଆପଣଙ୍କ ମନୋନୟନ ହେବ, ''ମୁଁ ସମର୍ପଣ କରିବି ନାହିଁ'' କିମ୍ବା ଆପଣ ବ୍ୟକ୍ତିସତ୍ତାର ଶକ୍ତ ଖୋଳପାକୁ ଭାଙ୍ଗି ସମର୍ପଣ କରିବେ, ଯାହା ଆଧ୍ୟାତ୍ମିକ ଜୀବନକୁ ପ୍ରକଟ କରିବ । ପବିତ୍ର ଆତ୍ମା ପ୍ରତିଥର ଏହାକୁ ଗୋଟିଏ କଥାରେ ସୀମିତ କରିଦିଅନ୍ତି (ମାଥିଉ ୫:୨୩-୨୪ ଦେଖନ୍ତୁ) । ଏହା ଆପଣଙ୍କ ବ୍ୟକ୍ତସତ୍ତା, ଯାହା ''ଆପଣଙ୍କ ଭାଇ ସହିତ ପୁନର୍ମିଳିତ'' ହେବା ପାଇଁ ପ୍ରତ୍ୟାଖ୍ୟାନ କରେ (୫:୨୪) । ଈଶ୍ୱର ଆପଣଙ୍କୁ ତାଙ୍କର ଏକତ୍ୱ ମଧ୍ୟରେ ଆଣିବା ପାଇଁ ଇଚ୍ଛା କରନ୍ତି, କିନ୍ତୁ ଆପଣ ନିଜ ପ୍ରତି ଆପଣା ଅଧିକାରକୁ ବର୍ଜିତ ନ କରିବା ପର୍ଯ୍ୟନ୍ତ, ସେ କିଛି କରିପାରିବେ ନାହିଁ, ''ସେ ଆପଣାକୁ ଅସ୍ୱୀକାର କରୁ'' - ନିଜ ପ୍ରତି ନିଜର ଅଧିକାରକୁ ଅସ୍ୱୀକାର କରୁ । ତା'ପରେ ପ୍ରକୃତ ଜୀବନ- ଆତ୍ମିକ ଜୀବନ ବୃଦ୍ଧି ପାଇବାର ସୁଯୋଗ ମିଳେ ।

# ବ୍ୟକ୍ତିତ୍ୱ

**ଯଦ୍ଦ୍ୱାରା ଆମେ ଯେପରି ଏକ, ସେମାନେ ସେହିପରି ଏକ ହେବେ ।**

**ଯୋହନ ୧୭:୨୨**

ବ୍ୟକ୍ତିତ୍ୱ ଆମ ଜୀବନର ଅନନ୍ୟ, ସୀମାତୀତ ଅଂଶ ଅଟେ, ଯାହା ଆମକୁ ଅନ୍ୟ ସମସ୍ତଙ୍କଠାରୁ ସ୍ୱତନ୍ତ୍ର କରିଦିଏ । ଏହା ଏତେ ବିସ୍ତୃତ ଯେ, ଆମ ପକ୍ଷେ ବୁଝିବା ଅସମ୍ଭବ । ସାଗର ମଧ୍ୟରେ ଗୋଟିଏ ଦ୍ୱୀପର ଅବସ୍ଥିତି ଏକ ଉଚ୍ଚ ପାହାଡ଼ ଉପରେ ହୋଇପାରେ, ଆମର ବ୍ୟକ୍ତିତ୍ୱ ଏହି ଦ୍ୱୀପ ଭଳି । ଆମେ ଆମ ଅସ୍ତିତ୍ୱର ଗଭୀରତା ବିଷୟରେ ଅଜ୍ଞ, ସେଥିପାଇଁ ଆମେ ନିଜକୁ ମାପି ପାରି ନ ଥାଉ । ଆରମ୍ଭରେ ଆମେ ଭାବୁ ଯେ, ଆମେ ନିଜକୁ ମାପି ପାରିବା, କିନ୍ତୁ ପରେ ଉପଲବ୍ଧି କରୁ ଯେ, କେବଳ ଜଣେ ଅଛନ୍ତି, ଯେ କି ଆମକୁ ବୁଝି ପାରନ୍ତି, ଏବଂ ସେ ହେଉଛନ୍ତି ଆମର ସୃଷ୍ଟିକର୍ତ୍ତା ।

ବ୍ୟକ୍ତିତ୍ୱ ଆଭ୍ୟନ୍ତରୀଣ, ଆତ୍ମିକ ମନୁଷ୍ୟର ବିଶେଷତ୍ୱର ଚିହ୍ନ, ଯେପରି ବ୍ୟକ୍ତିସତ୍ତା ବାହ୍ୟିକ ସ୍ୱାଭାବିକ ମନୁଷ୍ୟର ଚିହ୍ନ ଅଟେ । ଆମର ପ୍ରଭୁଙ୍କୁ ବ୍ୟକ୍ତିସତ୍ତା ଏବଂ ସ୍ୱାଧୀନତା ଦୃଷ୍ଟିରୁ ବର୍ଣ୍ଣନା କରି ହେବ ନାହିଁ, କିନ୍ତୁ ତାଙ୍କର ସଂପୂର୍ଣ୍ଣ ବ୍ୟକ୍ତିତ୍ୱ ଦୃଷ୍ଟିରୁ ଏହି ବର୍ଣ୍ଣନା ସମ୍ଭବ– ‘‘ମୁଁ ଏବଂ ମୋର ପିତା ଏକ’’ (ଯୋହନ ୧୦:୩୦) । ବ୍ୟକ୍ତିତ୍ୱ ବିଲୀନ ହୋଇଯାଏ, ଆଉ ଆପଣ ଅନ୍ୟ ଜଣଙ୍କ ମଧ୍ୟରେ ବିଲୀନ ହେଲେ ଆପଣଙ୍କ ପରିଚୟ ଜାଣି ପାରିବେ । ଯେତେବେଳେ ପ୍ରେମ କିମ୍ବା ଈଶ୍ୱରଙ୍କ ଆତ୍ମା ଜଣେ ବ୍ୟକ୍ତିଙ୍କ ଜୀବନକୁ ଅଧିକାର କରନ୍ତି, ତାଙ୍କର ଜୀବନ ରୂପାନ୍ତରିତ ହୁଏ । ତା’ପରେ ସେ ନିଜର ବ୍ୟକ୍ତିସତ୍ତାକୁ ବଜାୟ ରଖିବା ଉପରେ ଆଉ ଗୁରୁତ୍ୱ ଦେବେ ନାହିଁ । ଆମର ପ୍ରଭୁ କେବେ କୌଣସି ବ୍ୟକ୍ତିଙ୍କ ବ୍ୟକ୍ତିସତ୍ତା କିମ୍ବା ତାଙ୍କର ପୃଥକ୍ ସ୍ଥିତି ବିଷୟରେ କହି ନ ଥିଲେ, କିନ୍ତୁ ସଂପୂର୍ଣ୍ଣ ବ୍ୟକ୍ତିତ୍ୱ ସଂପର୍କରେ କହିଥିଲେ, ‘‘ଆମେ ଯେପରି ଏକ, ସେମାନେ ସେହିପରି ଏକ ହେବେ ।’’ ଆପଣଙ୍କ ନିଜର ଅଧିକାର ଈଶ୍ୱରଙ୍କଠାରେ ସମର୍ପିତ ହେବା ପରେ ଅବିଳମ୍ବେ ଆପଣଙ୍କ ପ୍ରକୃତ ବ୍ୟକ୍ତିଗତ ସ୍ୱଭାବ ଈଶ୍ୱରଙ୍କୁ ପ୍ରତ୍ୟୁତ୍ତର ଦେବା ଆରମ୍ଭ କରେ । ଯୀଶୁ ଖ୍ରୀଷ୍ଟ ଆପଣଙ୍କ ସଂପୂର୍ଣ୍ଣ ବ୍ୟକ୍ତିତ୍ୱକୁ ସ୍ୱାଧୀନ କରନ୍ତି, ଏପରିକି ଆପଣଙ୍କ ବ୍ୟକ୍ତିସତ୍ତା ମଧ୍ୟ ରୂପାନ୍ତରିତ ହୁଏ । ପ୍ରେମ ଦ୍ୱାରା ଏହି ରୂପାନ୍ତରୀକରଣ ସମ୍ଭବ ହୁଏ– ଏହା ହେଉଛି, ଯୀଶୁଙ୍କ ପ୍ରତି ବ୍ୟକ୍ତିଗତ ଭକ୍ତି । ଜଣେ ବ୍ୟକ୍ତିଙ୍କର ଆଉ ଜଣେ ବ୍ୟକ୍ତିଙ୍କ ସହିତ ପ୍ରକୃତ ସଂଗତିର ଉଚ୍ଛ୍ୱସିତ ପରିଣାମ ହେଉଛି, ପ୍ରେମ ।

# ମଧ୍ୟସ୍ଥତାର ପ୍ରାର୍ଥନା

### ନିରୁତ୍ସାହିତ ନ ହୋଇ ସର୍ବଦା ପ୍ରାର୍ଥନା କରିବା ଯେ କର୍ତ୍ତବ୍ୟ...

### ଲୂକ ୧୮:୧

ଯଦି ଆପଣ ମୁକ୍ତିକାର୍ଯ୍ୟର ବାସ୍ତବତାରେ ବିଶ୍ୱାସ କରନ୍ତି ନାହିଁ, ତା'ହେଲେ ଆପଣ ପ୍ରକୃତ ମଧ୍ୟସ୍ଥତାର ପ୍ରାର୍ଥନା କରିପାରିବେ ନାହିଁ । ଏହା ପରିବର୍ତ୍ତେ ଆପଣ ନିବେଦନକୁ ଅନ୍ୟମାନଙ୍କ ପାଇଁ ଏକ ବିଫଳ ସହାନୁଭୂତିରେ ପରିଣତ କରିବେ, ଯାହା ସେମାନଙ୍କ ସନ୍ତୁଷ୍ଟ ରହିବାର ମନୋଭାବକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ, ଯାହା ସେମାନେ ଈଶ୍ୱରଙ୍କ ସଂପର୍କରୁ ଦୂରରେ ରହିବା ଦ୍ୱାରା ପାଇଥାନ୍ତି । ଯେଉଁ ବ୍ୟକ୍ତି ବା ପରିସ୍ଥିତି ଆପଣଙ୍କ ପାଇଁ ଭାରି ବୋଝ ସଦୃଶ ମନେ ହୁଅନ୍ତି, ସେମାନଙ୍କୁ ଈଶ୍ୱରଙ୍କ ନିକଟକୁ ଆଣିବାକୁ ହେବ, ଏବଂ ସେଥିପାଇଁ ସେମାନଙ୍କ ପ୍ରତି ଈଶ୍ୱରଙ୍କ ମନୋଭାବ ନେଇ ଆପଣଙ୍କୁ ପରିବର୍ତ୍ତିତ ହେବାକୁ ପଡ଼ିବ । ଏହାହିଁ ମଧ୍ୟସ୍ଥତାର ପ୍ରକୃତ ପ୍ରାର୍ଥନା ନିବେଦନ । ମଧ୍ୟସ୍ଥତାର ଅର୍ଥ ହେଉଛି, ''ଖ୍ରୀଷ୍ଟଙ୍କ ଦୁଃଖ ଭୋଗରେ ଯାହା ଊଣା ଅଛି, ତାହାକୁ ପୂରଣ କରିବା'' (କଲସୀ ୧:୨୪) ଏବଂ ଏହି କାରଣ ହେତୁ ମଧ୍ୟସ୍ଥତା ପ୍ରାର୍ଥନା ନିବେଦନକାରୀଙ୍କ ସଂଖ୍ୟା ଅତି ଅଳ୍ପ ହୋଇଥାଏ । ଲୋକମାନେ ନିବେଦନ ସୂଚକ ପ୍ରାର୍ଥନାକୁ ଏହି ଭଳି ବର୍ଣ୍ଣନା କରନ୍ତି, ''ଏହା ନିଜକୁ ଅନ୍ୟମାନଙ୍କ ସ୍ଥାନରେ ରଖିବା'' ଅବସ୍ଥାକୁ ବୁଝାଏ । ଏହା ସତ ନୁହେଁ ! ମଧ୍ୟସ୍ଥତାର ଅର୍ଥ ଆପଣ ନିଜକୁ ଈଶ୍ୱରଙ୍କ ସ୍ଥାନରେ ରଖିବା, ଏହା ଈଶ୍ୱରଙ୍କ ମନ ଏବଂ ତାଙ୍କର ଦୃଷ୍ଟିକୋଣକୁ ବୁଝାଏ ।

ମଧ୍ୟସ୍ଥତାର ଜଣେ ନିବେଦକ ରୂପେ ସାବଧାନ ରୁହନ୍ତୁ, ଯେପରି ଆପଣ ଯେଉଁ ପରିସ୍ଥିତି ପାଇଁ ପ୍ରାର୍ଥନା କରୁଛନ୍ତି, ସେ ସଂପର୍କରେ ଈଶ୍ୱରଙ୍କଠାରୁ ଅଧିକ ସୂଚନା ନ ଲୋଡ଼ନ୍ତି, କାରଣ ତଦ୍ଦ୍ୱାରା ଆପଣ ଭାବବିହ୍ୱଳ ହୋଇଯିବେ । ଆପଣ ଯେତିକି ଜାଣନ୍ତୁ ବୋଲି ଈଶ୍ୱର ଇଚ୍ଛା କରନ୍ତି, ତା'ଠାରୁ ଅଧିକ ଜାଣିଲେ ଆପଣ ପ୍ରାର୍ଥନା କରିପାରିବେ ନାହିଁ, କାରଣ ଲୋକମାନଙ୍କ ପରିସ୍ଥିତି ଏତେ ଅସହ୍ୟ ହୋଇଯାଏ ଯେ, ଆପଣ ବାସ୍ତବ ସତ୍ୟ ପ୍ରତି ପହଞ୍ଚି ପାରନ୍ତି ନାହିଁ ।

ଆମର କାର୍ଯ୍ୟ ଈଶ୍ୱରଙ୍କ ଏତେ ନିକଟ ସଂପର୍କ ମଧ୍ୟରେ ହେବା ଆବଶ୍ୟକ ଯଦ୍ଦ୍ୱାରା ସବୁ ବଷୟରେ ଆମେ ତାଙ୍କର ମନ ପାଇବା, କିନ୍ତୁ ଆମେ ମଧ୍ୟସ୍ଥତାର ନିବେଦନ ଦ୍ୱାରା ଏହି ଦାୟିତ୍ୱକୁ ଏଡ଼ାଇ ଦେଉ । ତଥାପି ମଧ୍ୟସ୍ଥତାର ନିବେଦନ ଏପରି ବିଷୟ, ଯାହାର କୌଣସି ଅସୁବିଧା ନ ଥାଏ, କାରଣ ଏହା ଈଶ୍ୱରଙ୍କ ସହିତ ଆମର ସଂପର୍କକୁ ଖୋଲା ରଖେ ।

ମଧ୍ୟସ୍ଥତାର ନିବେଦନର ଗୋଟିଏ ବିଷୟ ପ୍ରତି ଧ୍ୟାନ ଦେବେ, ଯେପରି ସେହି ବ୍ୟକ୍ତିଙ୍କ ପାଇଁ ଆପଣଙ୍କ ପ୍ରାର୍ଥନା କେବଳ ''ତାଳିପକା କାର୍ଯ୍ୟ'' ନ ହୁଏ । ସେହି ବ୍ୟକ୍ତି ଈଶ୍ୱରଙ୍କ ସଂପର୍କ ମଧ୍ୟକୁ ନ ଆସିବା ପର୍ଯ୍ୟନ୍ତ ଆମକୁ ପ୍ରାର୍ଥନା କରିବାକୁ ହେବ । ସେହି ଲୋକମାନଙ୍କ କଥା ଚିନ୍ତା କରନ୍ତୁ, ଯେଉଁମାନଙ୍କୁ ଈଶ୍ୱର ଆମର ବାଟରେ ଆଣିଲେ, କିନ୍ତୁ କିଛି ସମୟ ପରେ ଆମେ ସେମାନଙ୍କୁ ଛାଡ଼ି ଦେଇ ଆସିଲୁ ! ଯେତେବେଳେ ଆମେ ମୁକ୍ତିକାର୍ଯ୍ୟକୁ ଆଧାରିତ କରି ପ୍ରାର୍ଥନା କରୁ, ଈଶ୍ୱର ଏପରି ବିଷୟ ସୃଷ୍ଟି କରନ୍ତି, ଯାହା ମଧ୍ୟସ୍ଥତାର ନିବେଦନ ପ୍ରାର୍ଥନା ବ୍ୟତୀତ ଆଉ ଅନ୍ୟ କୌଣସି ଉପାୟ ଦ୍ୱାରା ହୋଇପାରେ ନାହିଁ ।

ଡିସେମ୍ବର ୧୪

# ମହାନ୍ ଜୀବନ

**ମୁଁ ତୁମମାନଙ୍କୁ ଶାନ୍ତି ଦାନ କରି ଯାଉଛି, ମୋ ନିଜର ଶାନ୍ତି ତୁମମାନଙ୍କୁ ଦାନ କରୁଛି । ଜଗତ ଯେପରି ଦିଏ, ମୁଁ ତୁମମାନଙ୍କୁ ସେପରି ଦେଉ ନାହିଁ । ତୁମମାନଙ୍କ ହୃଦୟ ଉଦ୍‌ବିଗ୍ନ ନ ହେଉ ।**

**ଯୋହନ ୧୪:୨୭**

ଯେତେବେଳେ ଆମେ ବ୍ୟକ୍ତିଗତ ଜୀବନରେ କଠିନ ପରିସ୍ଥିତିର ସମ୍ମୁଖୀନ ହେଉ, ଈଶ୍ୱରଙ୍କୁ ଦୋଷ ଦେବା ପାଇଁ ଆମେ ମନ ବଳାଇଥାଉ । କିନ୍ତୁ ଭୁଲ୍ ଆମର, ଈଶ୍ୱରଙ୍କର ନୁହେଁ । ଈଶ୍ୱରଙ୍କୁ ଦୋଷୀ ସାବ୍ୟସ୍ତ କରିବା ପ୍ରମାଣ କରେ ଯେ, ଜୀବନର ଏପରି କୌଣସି ଅବାଧ୍ୟତା ଅଛି, ଯାହାକୁ ଆମେ ଛାଡ଼ିବାକୁ ପ୍ରତ୍ୟାଖ୍ୟାନ କରିଛୁ । କିନ୍ତୁ ତାହାକୁ ଛାଡ଼ିବା ମାତ୍ରେ ସବୁକିଛି ଦିବାଲୋକ ପରି ସ୍ୱଷ୍ଟ ହୋଇଯାଏ । ଯେପର୍ଯ୍ୟନ୍ତ ଆମେ ଦୁଇ ମୁନିବ ଅର୍ଥାତ୍ ଈଶ୍ୱରଙ୍କର ଏବଂ ନିଜର ସେବା କରୁଥାଉ, ଆମେ ସନ୍ଦେହ ଓ ଅବିଶ୍ୱାସର ସମ୍ମୁଖୀନ ହେଉ । ଆମର ମନୋବୃତ୍ତି ଈଶ୍ୱରଙ୍କ ପ୍ରତି ସଂପର୍ଣ୍ଣ ନିର୍ଭରଶୀଳ ହେବା ଆବଶ୍ୟକ । ସେହି ସ୍ଥିତିକୁ ଆସିଲେ ଜଣେ ପବିତ୍ର ଲୋକଙ୍କ ଜୀବନ ଭଳି ଆଉ କୌଣସି ବିଷୟ ସେତେ ସହଜ ସାଧ୍ୟ ହୁଏ ନାହିଁ । ଆମେ ନିଜର ଉଦ୍ଦେଶ୍ୟ ସାଧନ ପାଇଁ ପବିତ୍ର ଆତ୍ମାଙ୍କ ଅଧିକାରକୁ ଛିନ୍ନ କରିବା ପାଇଁ ଚେଷ୍ଟା କରିବା ଦ୍ୱାରା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉ ।

ଯେତେବେଳେ ଆପଣ ଈଶ୍ୱରଙ୍କ ବାଧ୍ୟ ହୁଅନ୍ତି, ତାଙ୍କର ସ୍ୱୀକୃତିର ଚିହ୍ନ ହୁଏ ଶାନ୍ତି । ଈଶ୍ୱର ଅବର୍ଣ୍ଣନୀୟ ଗଭୀର ଶାନ୍ତି ଦିଅନ୍ତି, ସ୍ୱାଭାବିକ ଶାନ୍ତି ନୁହେଁ ''ଜଗତ ଯେପରି ଦିଏ'', କିନ୍ତୁ ତାହା ଯୀଶୁଙ୍କର ଶାନ୍ତି । ଯେତେବେଳେ ଶାନ୍ତି ଆସେ ନାହିଁ, ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ, ଅଥବା ନ ଆସିବାର କାରଣ ଖୋଜନ୍ତୁ । ଯଦି ଆପଣ ନିଜର ପ୍ରବୃତ୍ତିର ଚାଳନାରେ କିମ୍ବା ଅନ୍ୟମାନଙ୍କ ଦୃଷ୍ଟିରେ ବାହାଦୁରୀ ନେବା ପାଇଁ କାର୍ଯ୍ୟ କରନ୍ତି, ତେବେ ଯୀଶୁଙ୍କ ପ୍ରଦତ୍ତ ଶାନ୍ତି ପ୍ରଦର୍ଶିତ ହେବ ନାହିଁ । ଏହା ଈଶ୍ୱରଙ୍କ ସହିତ ଏକତା ବା ତାଙ୍କଠାରେ ଭରସା ସ୍ଥାପନକୁ ଦର୍ଶାଏ ନାହିଁ । ସରଳତା ଏବଂ ଏକତାର ଆତ୍ମା ପବିତ୍ରଆତ୍ମାଙ୍କ ଦ୍ୱାରା ସୃଷ୍ଟ ହୁଏ, ଆପଣଙ୍କ ନିଷ୍ପତ୍ତି ଦ୍ୱାରା ନୁହେଁ । ଈଶ୍ୱର ଆମର ସ୍ୱାର୍ଥ-ଇଚ୍ଛା ପ୍ରଣୋଦିତ ନିଷ୍ପତ୍ତିର ବିରୋଧ କରି ସରଳତା ଏବଂ ସ୍ୱଷ୍ଟତା ପାଇଁ ଆବେଦନ କରନ୍ତି ।

ଯେତେବେଳେ ମୁଁ ବାଧ୍ୟ ହେବା ବନ୍ଦ କରିଦିଏ, ସେତେବେଳେ ମୋର ପ୍ରଶ୍ନ ଉଠେ । ମୁଁ ବାଧ୍ୟ ଥିବା ସମୟରେ ଯେଉଁ ସମସ୍ୟା ଆସେ, ତାହା ମୋ ମଧ୍ୟରେ ଏବଂ ଈଶ୍ୱରଙ୍କ ମଧ୍ୟରେ ନ ଥାଏ, କିନ୍ତୁ ତାହା ଏକ ମାଧ୍ୟମ ହୋଇଥାଏ, ଯଦ୍ଦ୍ୱାରା ମୋର ମନ ଈଶ୍ୱରଙ୍କ ପ୍ରକାଶିତ ସତ୍ୟକୁ ଆଶ୍ଚର୍ଯ୍ୟ ରୂପେ ନିରୀକ୍ଷଣ କରେ । କିନ୍ତୁ ଈଶ୍ୱରଙ୍କର ଏବଂ ମୋ ମଧ୍ୟରେ ଆଗତ ଯେକୌଣସି ସମସ୍ୟା ଅବାଧ୍ୟତାର ପରିଣାମ ରୂପେ ଦେଖା ଦେଇଥାଏ । ଈଶ୍ୱରଙ୍କ ବାଧ୍ୟ ଥିବା ସମୟରେ ମୋର ଯେ କୌଣସି ସମସ୍ୟା (ଆହୁରି ଅନେକ ଅସୁବିଧା), ମୋର ଆନନ୍ଦ ବୃଦ୍ଧି କରେ, କାରଣ ମୁଁ ଜାଣେ ମୋର ପିତା ଏ ବିଷୟରେ ଅବଗତ ଏବଂ ଯତ୍ନଶୀଳ, ଏବଂ ମୁଁ ଏକାଗ୍ରତା ସହ ଅପେକ୍ଷା କରୁଛି ଯେ, ସେ କିଭଳି ମୋର ସମସ୍ୟାର ସମାଧାନ କରିବେ ।

## ଡିସେମ୍ବର ୧୫

# ଈଶ୍ୱରଙ୍କ ଅନୁମୋଦିତ

**ଯାହାର ଲଜ୍ଜାବୋଧ କରିବା ଆବଶ୍ୟକ ହୁଏ ନାହିଁ, ଓ ଯିଏ ନିର୍ଭୁଲ ଭାବରେ ସତ୍ୟବାକ୍ୟ ବ୍ୟବହାର କରେ, ଈଶ୍ୱର ଅନୁମୋଦନ କରୁଥିବା ଏପରି ଜଣେ କାର୍ଯ୍ୟକାରୀ ହେବାକୁ ତୁମେ ତାହାଙ୍କ ନିକଟରେ ନିଜକୁ ଉତ୍ସର୍ଗ କରିବାକୁ ଯତ୍ନଶୀଳ ହୁଅ ।**

**୨ ତୀମଥି ୨:୧୫**

ଯଦି ଆପଣ ନିଜର ବିଶ୍ୱାସକୁ ଭଲ ରୂପେ ବ୍ୟକ୍ତ କରିପାରୁ ନାହାନ୍ତି, ତେବେ ସେଥିପାଇଁ ପରିଶ୍ରମ ଏବଂ ଅଧ୍ୟୟନ କରନ୍ତୁ । ଆପଣ ଯଦି ନ କରନ୍ତି, ତେବେ ଅନ୍ୟ ଲୋକମାନେ ସେହି ଆଶୀର୍ବାଦରୁ ବଞ୍ଚିତ ହେବେ, ଯାହା ସତ୍ୟକୁ ଜାଣିବା ଦ୍ୱାରା ଆସିଥାଏ । ଈଶ୍ୱରଙ୍କ ସତ୍ୟକୁ ସ୍ୱଷ୍ଟତାର ସହିତ ବୋଧଗମ୍ୟ ଉପାୟରେ ବାରମ୍ବାର ନିଜ ପ୍ରତି ବ୍ୟକ୍ତ କରିବାର ପ୍ରୟାସ ଜାରି ରଖନ୍ତୁ, ଆଉ ଆପଣ ଯେତେବେଳେ ଅନ୍ୟମାନଙ୍କ ସହିତ ତାହାର ଅଂଶୀ ହେବେ, ଈଶ୍ୱର ସେହି ବ୍ୟାଖ୍ୟାକୁ ବ୍ୟବହାର କରିବେ, କିନ୍ତୁ ଆପଣଙ୍କୁ ଈଶ୍ୱରଙ୍କ ଦ୍ରାକ୍ଷାପେଷଣ ଯନ୍ତ୍ରର ଅନୁଭୂତି ମଧ୍ୟ ଦେଇ ଯିବା ପାଇଁ ପ୍ରସ୍ତୁତ ରହିବାକୁ ହେବ । ଈଶ୍ୱରଙ୍କ ସତ୍ୟକୁ ସ୍ୱଷ୍ଟ ରୂପେ ପ୍ରକାଶ କରିବା ଉଦ୍ଦେଶ୍ୟରେ ଉପଯୁକ୍ତ ଶବ୍ଦ ପ୍ରୟୋଗ ପାଇଁ ଆପଣଙ୍କୁ ସଂଘର୍ଷ ଏବଂ ପରୀକ୍ଷଣ ମଧ୍ୟରେ ଅଭ୍ୟାସ କରିବାକୁ ହେବ । ତା'ପରେ ସମୟ ଆସିବ, ଯେତେବେଳେ ସେହି ଶବ୍ଦ ଅନ୍ୟ କାହା ପାଇଁ ଈଶ୍ୱରଙ୍କ ଶକ୍ତିର ଦ୍ରାକ୍ଷାରସ ପାଲଟିଯିବ, କିନ୍ତୁ ଯତ୍ନଶୀଳ ନ ହୋଇ ଆପଣ ଯଦି କହିବେ, ''ମୁଁ'' ଏହି ସତ୍ୟକୁ ନିଜର ଶବ୍ଦରେ ବ୍ୟକ୍ତ କରିବା ପାଇଁ ଅଧ୍ୟୟନ ଏବଂ ସଂଘର୍ଷ କରିବି ନାହିଁ, ମୁଁ ଅନ୍ୟ କାହାରି ଶବ୍ଦକୁ ବ୍ୟବହାର କରିବି'', ତା'ହେଲେ ଆପଣଙ୍କ ପାଇଁ ଅବା ଅନ୍ୟ କାହାରି ପାଇଁ ସେ ଶବ୍ଦର କୌଣସି ମୂଲ୍ୟ ରହିବ ନାହିଁ । ଆପଣଙ୍କ ବିଶ୍ୱାସ ଅନୁସାରେ ଈଶ୍ୱରଙ୍କ ସଂପୂର୍ଣ୍ଣ ଏବଂ ଅପରିବର୍ତ୍ତନୀୟ ସତ୍ୟ କ'ଣ, ତାହାକୁ ନିଜ ପ୍ରତି ବ୍ୟକ୍ତ କରନ୍ତୁ ଏବଂ ନିଜେ ଜାଣନ୍ତୁ, ଏହା କରିବା ଦ୍ୱାରା ଆପଣ ଈଶ୍ୱରଙ୍କୁ ସୁଯୋଗ ଦେବେ ଯେପରି ସେ ଆପଣଙ୍କ ମାଧ୍ୟମରେ ଅନ୍ୟ କାହା ନିକଟରେ ଏହାକୁ ହସ୍ତାନ୍ତର କରିବେ ।

ଆପଣ ଯେଉଁ ବିଷୟ ସହଜରେ ବିଶ୍ୱାସ କରିଛନ୍ତି, ତାହା ଚିନ୍ତା କରିବା ପାଇଁ ମନକୁ ସଂପୂର୍ଣ୍ଣ ଆଲୋଡ଼ିତ କରନ୍ତୁ । ଦୁଃଖକଷ୍ଟ ଏବଂ ଅଧ୍ୟୟନ ବିନା ଆପଣଙ୍କ ବର୍ତ୍ତମାନର ସ୍ଥିତି ସମ୍ଭବ ହୋଇ ପାରି ନ ଥାନ୍ତା । ଆପଣ ଯେଉଁ ଲେଖକ ବା ବକ୍ତାଙ୍କଠାରୁ ଅଧିକ ଶିକ୍ଷା କରୁଛନ୍ତି, ସେ ଆପଣଙ୍କୁ ସେଭଳି ଶିକ୍ଷା ଦିଅନ୍ତି ନାହିଁ, ଯାହା ଆପଣ ପୂର୍ବରୁ ଶିଖି ନ ଥିଲେ, କିନ୍ତୁ ସେ ସେହି ସତ୍ୟକୁ କଢ଼ାଇ ନେବା ପାଇଁ ସାହାଯ୍ୟ କରନ୍ତି, ଯାହା ପାଇଁ ଆପଣ ଏକାକୀ ସଂଘର୍ଷ କରିଛନ୍ତି । ସେ ତାହାକୁ ସ୍ୱଷ୍ଟ ଏବଂ ନିର୍ଭୀକ ରୂପେ ବ୍ୟକ୍ତ କରନ୍ତି ।

## ଡିସେମ୍ବର ୧୬

# ଈଶ୍ୱରଙ୍କ ସମ୍ମୁଖରେ ମଲ୍ଲଯୁଦ୍ଧ

### ଈଶ୍ୱର ପ୍ରଦତ୍ତ ସମସ୍ତ ଯୁଦ୍ଧସଜ୍ଜା ପରିଧାନ କର... ପ୍ରାର୍ଥନା କର ।

### ଏଫିସୀୟ ୬:୧୩, ୧୮

ଈଶ୍ୱରଙ୍କ ସହ ଯୋଗାଯୋଗରେ ବାଧା ସୃଷ୍ଟିକାରୀ ବିଷୟଗୁଡ଼ିକ ବିରୁଦ୍ଧରେ ଆପଣଙ୍କୁ ମଲ୍ଲଯୁଦ୍ଧ ଶିକ୍ଷା କରିବାକୁ ହେବ ଏବଂ ଅନ୍ୟମାନଙ୍କ ପାଇଁ ପ୍ରାର୍ଥନାରେ ମଲ୍ଲଯୁଦ୍ଧ କରିବାକୁ ହେବ, କିନ୍ତୁ ଈଶ୍ୱରଙ୍କ ସହିତ ପ୍ରାର୍ଥନାରେ ମଲ୍ଲଯୁଦ୍ଧ କରିବା ଧର୍ମଶାସ୍ତ୍ର ବିରୁଦ୍ଧ । ଈଶ୍ୱରଙ୍କ ସହିତ ମଲ୍ଲଯୁଦ୍ଧ କଲେ ଆପଣ ଜୀବନ ସାରା ପଙ୍ଗୁ ହୋଇଯିବେ । ଆପଣ ଯଦି ଈଶ୍ୱରଙ୍କୁ ଜାବୁଡ଼ି ଧରି ଯାକୁବଙ୍କ ଭଳି ମଲ୍ଲଯୁଦ୍ଧ କରନ୍ତି ଏବଂ ଜାଣନ୍ତି ଯେ, ଈଶ୍ୱର ଯେଉଁ ଉପାୟରେ କାର୍ଯ୍ୟ କରୁଛନ୍ତି ତାହା ଆପଣଙ୍କ ଇଚ୍ଛାନୁମୋଦିତ ନୁହେଁ, ତେବେ ଆପଣ ଊରୁସନ୍ଧି ଚ୍ୟୁତ ହେବା ପାଇଁ ଈଶ୍ୱରଙ୍କୁ ବାଧ୍ୟ କରୁଛନ୍ତି (ଆଦିପୁସ୍ତକ ୩୨:୨୪–୨୫) । ଈଶ୍ୱରଙ୍କ ଉପାୟ ସହିତ ମଲ୍ଲଯୁଦ୍ଧ କରି ପଙ୍ଗୁ ହେବା ପରିବର୍ତ୍ତେ ଜଗତର ବିଷୟଗୁଡ଼ିକ ସହିତ ଈଶ୍ୱରଙ୍କ ସମ୍ମୁଖରେ ମଲ୍ଲଯୁଦ୍ଧ କରନ୍ତୁ, ‘‘କାରଣ ଆମେ ତାହାଙ୍କ ଦ୍ୱାରା ସଂପୂର୍ଣ୍ଣ ରୂପେ ବିଜୟୀ ହୋଇଛୁ’’ (ରୋମୀ ୮:୩୭) । ଈଶ୍ୱରଙ୍କ ସମ୍ମୁଖରେ ମଲ୍ଲଯୁଦ୍ଧ ତାହାଙ୍କ ରାଜ୍ୟକୁ ପ୍ରଭାବିତ କରେ । ଆପଣ ଯଦି ମୋତେ ପ୍ରାର୍ଥନା କରିବାକୁ କହନ୍ତି, ଏବଂ ମୁଁ ଖ୍ରୀଷ୍ଟଙ୍କଠାରେ ପୂର୍ଣ୍ଣତାପ୍ରାପ୍ତ ହୋଇ ନାହିଁ, ତେବେ ମୋର ପ୍ରାର୍ଥନା ନିରର୍ଥକ ହେବ କିନ୍ତୁ ମୁଁ ଯଦି ଖ୍ରୀଷ୍ଟଙ୍କଠାରେ ସଂପୂର୍ଣ୍ଣ ଅଟେ, ତେବେ ମୋର ପ୍ରାର୍ଥନା ସବୁବେଳେ ବିଜୟ ପ୍ରଦାନ କରିବ । ପ୍ରାର୍ଥନା ସେତିକିବେଳେ ପ୍ରଭାବଶାଳୀ ହୁଏ, ଯେତେବେଳେ ସଂପୂର୍ଣ୍ଣତା ଥାଏ– ‘‘ଈଶ୍ୱରଙ୍କ ସମସ୍ତ ଯୁଦ୍ଧ ସଜ୍ଜା ପରିଧାନ କର ।’’

ସର୍ବଦା ଈଶ୍ୱରଙ୍କ ସିଦ୍ଧ ଇଚ୍ଛା ଏବଂ ତାଙ୍କର ଅନୁମୋଦିତ ଇଚ୍ଛା ମଧ୍ୟରେ ଥିବା ପାର୍ଥକ୍ୟକୁ ଲକ୍ଷ୍ୟ କରନ୍ତୁ, ଯାହାକୁ ସେ ଆମ ଜୀବନରେ ତାଙ୍କର ସ୍ୱର୍ଗୀୟ ଉଦ୍ଦେଶ୍ୟ ସାଧନ ପାଇଁ ବ୍ୟବହାର କରନ୍ତି । ଈଶ୍ୱରଙ୍କ ସିଦ୍ଧ ଇଚ୍ଛା ଅପରିବର୍ତ୍ତନୀୟ ଅଟେ । ତାଙ୍କର ଅନୁମୋଦିତ ଇଚ୍ଛା ଅବା ଆମ ଜୀବନରେ ଯେଉଁ ସବୁ ଘଟଣାକୁ ସେ ଅନୁମତି ଦିଅନ୍ତି, ସେ ସବୁ ସହିତ ଆମେ ଈଶ୍ୱରଙ୍କ ସମ୍ମୁଖରେ ମଲ୍ଲଯୁଦ୍ଧ କରିବା ଆବଶ୍ୟକ । ତାଙ୍କର ଅନୁମୋଦିତ ଇଚ୍ଛା ଯେଉଁ ସବୁ ବିଷୟକୁ ଅନୁମତି ଦିଏ, ସେହିସବୁ ପ୍ରତି ଆମର ପ୍ରତିକ୍ରିୟା ହିଁ ଆମ ପ୍ରତି ତାଙ୍କର ସିଦ୍ଧ ଇଚ୍ଛାକୁ ଦେଖିବା ସ୍ଥିତିକୁ ଆମକୁ ନେଇ ଆସେ । ‘‘ଆମେ ଜାଣୁ, ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି... ଈଶ୍ୱର ସବୁ ବିଷୟରେ ସେମାନଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରନ୍ତି’’ (ରୋମୀ ୮:୨୮) ଅର୍ଥାତ୍ ଯେଉଁମାନେ ଈଶ୍ୱରଙ୍କ ସିଦ୍ଧ ଇଚ୍ଛା ରୂପକ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ତାହାଙ୍କ ଆହ୍ୱାନ ପ୍ରତି ବିଶ୍ୱସ୍ତ ହୋଇଛନ୍ତି । ଈଶ୍ୱରଙ୍କ ଅନୁମୋଦିତ ଇଚ୍ଛା ହେଉଛି ସେହି ପରୀକ୍ଷା ଯାହାକୁ ସେ ନିଜର ପ୍ରକୃତ ପୁତ୍ରକନ୍ୟାମାନଙ୍କୁ ପ୍ରକଟ କରିବା ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି । ଦୁର୍ବଳ ଏବଂ ଚିନ୍ତାଶୂନ୍ୟ ହୋଇ ଆମେ କହିବା ଉଚିତ ନୁହେଁ ‘‘ହଁ, ଏହା ପ୍ରଭୁଙ୍କ ଇଚ୍ଛା ।’’ ଆମକୁ ଈଶ୍ୱରଙ୍କ ସହିତ ମଲ୍ଲଯୁଦ୍ଧ କରିବାକୁ ହେବ ନାହିଁ, ସବୁ ବିଷୟ ସହିତ ଆମକୁ ଈଶ୍ୱରଙ୍କ ସମ୍ମୁଖରେ ମଲ୍ଲଯୁଦ୍ଧ କରିବାକୁ ହେବ । ଅଳସୁଆ ହୋଇ ଛାଡ଼ି ଦେବା ବିଷୟରେ ସାବଧାନ ହୁଅନ୍ତୁ । ଏହା ପରିବର୍ତ୍ତେ ସମ୍ମାନର ସହ ଯୁଦ୍ଧ କରନ୍ତୁ ଏବଂ ଆପଣ ଈଶ୍ୱରଙ୍କ ଶକ୍ତିରେ ସଶକ୍ତ ହେବେ ।

## ଡିସେମ୍ବର ୧୭

# ମୁକ୍ତି ଆବଶ୍ୟକତା ସୃଷ୍ଟି କରେ ଏବଂ ତାହାକୁ ସନ୍ତୁଷ୍ଟ କରେ

### ସାଂସାରିକ ମନୁଷ୍ୟ ଈଶ୍ୱରଙ୍କ ଆତ୍ମାଙ୍କ ବିଷୟଗୁଡ଼ିକ ଗ୍ରହଣ କରେ ନାହିଁ, କାରଣ ସେହିସବୁ ତାହା ନିକଟରେ ମୂର୍ଖତା ।
### ୧ କରିନ୍ଥୀ ୨:୧୪

ଈଶ୍ୱରଙ୍କ ସୁସମାଚାର ସ୍ୱୟଂ ସୁସମାଚାରର ଆବଶ୍ୟକତାର ସଚେତନ ସୃଷ୍ଟି କରେ । ଯେଉଁମାନେ ସେବକ ହୋଇଛନ୍ତି, ସୁସମାଚାର କ'ଣ ସେମାନଙ୍କ ପାଇଁ ଲୁକ୍କାୟିତ ହୋଇ ରହିଛି ? ନୁହେଁ । ପାଉଲ କହିଲେ, ''ଯଦି ଆମର ସୁସମାଚାର ଆଚ୍ଛାଦିତ, ତା'ହେଲେ ବିନାଶମୂଖୀ ଲୋକଙ୍କ ନିକଟରେ ତାହା ଆଚ୍ଛାଦିତ, ଯେପରି ଅବିଶ୍ୱାସୀମାନେ ଦେଖି ପାରିବେ ନାହିଁ, ଏଥିପାଇଁ ଏହି ଜଗତର ଅଧିପତି ସେମାନଙ୍କ ମନଶ୍ଚକ୍ଷୁ ଅନ୍ଧ କରି ଦେଇଛି'' (୨ କରିନ୍ଥୀ ୪:୩-୪) । ଅଧିକ ସଂଖ୍ୟକ ଲୋକେ ନିଜକୁ ସଂପୂର୍ଣ୍ଣ ନୈତିକ ସ୍ୱଭାବ ବିଶିଷ୍ଟ ଭାବି ସୁସମାଚାରର ଆବଶ୍ୟକତା ଅନୁଭବ କରନ୍ତି ନାହିଁ । ଈଶ୍ୱର ହିଁ ମନୁଷ୍ୟ ମଧ୍ୟରେ ଏହି ଆବଶ୍ୟକତାର ବୋଧ ଦିଅନ୍ତି, କିନ୍ତୁ ଈଶ୍ୱର ନିଜକୁ ପ୍ରକଟ ନ କରିବା ପର୍ଯ୍ୟନ୍ତ ସେହି ଲୋକ ନିଜର ଆବଶ୍ୟକତାର ବୋଧ ପାଇ ନ ଥାନ୍ତି । ଯୀଶୁ କହିଲେ, ''ମାଗ... ଦିଆଯିବ'' (ମାଥିଉ ୭:୭) । କିନ୍ତୁ ଜଣେ ଲୋକ ନ ମାଗିବା ପର୍ଯ୍ୟନ୍ତ ଈଶ୍ୱର ଦେଇ ପାରିବେ ନାହିଁ । ଏହା ନୁହେଁ ଯେ, ସେ ଆମକୁ କେତେ ବିଷୟରୁ ବଞ୍ଚିତ କରିବାକୁ ଚାହାନ୍ତି, ମାତ୍ର ମୁକ୍ତି ଉଦ୍ଦେଶ୍ୟରେ ସେ ଏହି ଯୋଜନାକୁ ବ୍ୟବସ୍ଥିତ କରିଛନ୍ତି । ଆମର ମାଗିବା ଦ୍ୱାରା ଈଶ୍ୱର ଆପଣା ପ୍ରକ୍ରିୟା ଚାଲୁ ରଖନ୍ତି ଏବଂ ଆମ ମଧ୍ୟରେ ଏଭଳି କିଛି ବିଷୟ ସୃଷ୍ଟି କରନ୍ତି, ଯାହା ଆମର ମାଗିବା ପୂର୍ବରୁ ତାହାର ଅସ୍ତିତ୍ୱ ହରାଇ ଥିଲା ।

ମୁକ୍ତିକାର୍ଯ୍ୟର ଆଭ୍ୟନ୍ତରୀଣ ବାସ୍ତବତା ହେଉଛି ଯେ, ଏହାର ସୃଷ୍ଟି ଅବିରତ ଚାଲିଥାଏ । ମୁକ୍ତି ଆମ ମଧ୍ୟରେ ଈଶ୍ୱରଙ୍କ ଜୀବନକୁ ସୃଷ୍ଟି କରିବା ସହିତ ସେହି ଜୀବନର ଅଂଶଭୁକ୍ତ ଅନ୍ୟାନ୍ୟ ବିଷୟକୁ ମଧ୍ୟ ସୃଷ୍ଟି କରେ । ଆବଶ୍ୟକତାକୁ ପୂରଣ କରୁଥିବା ସେହି ଏକମାତ୍ର ବିଷୟ ହେଉଛି, ଯାହା ଏହି ଆବଶ୍ୟକତାକୁ ଉତ୍ପନ୍ନ କରିଥିଲା । ଏହା ହେଉଛି ମୁକ୍ତିର ଅର୍ଥ- ଏହା ସୃଷ୍ଟି କରେ ଏବଂ ସନ୍ତୁଷ୍ଟ କରେ ।

ଯୀଶୁ କହିଲେ, ''ମୋତେ ଭୂମିରୁ ଊର୍ଦ୍ଧ୍ୱକୁ ଉଠାଗଲେ ମୁଁ ସମସ୍ତଙ୍କୁ ମୋ ନିକଟକୁ ଆକର୍ଷିତ କରିବି'' (ଯୋହନ ୧୨:୩୨) । ଆମେ ଯଦି ନିଜର ଅନୁଭୂତି ବିଷୟ ପ୍ରଚାର କରିବା, ଲୋକମାନେ ମନୋଯୋଗୀ ହୋଇ ପାରନ୍ତି ମାତ୍ର ତାହା ଆବଶ୍ୟକତାର ପ୍ରକୃତ ବୋଧ ଜନ୍ମାଇ ପାରେ ନାହିଁ, କିନ୍ତୁ ଥରେ ଯୀଶୁ ଖ୍ରୀଷ୍ଟଙ୍କୁ ଊର୍ଦ୍ଧ୍ୱକୁ ଉତ୍ତୋଳିତ କରିବା ଦ୍ୱାରା ଈଶ୍ୱରଙ୍କ ଆତ୍ମା ଈଶ୍ୱରଙ୍କ ଆବଶ୍ୟକତା ସମ୍ବନ୍ଧରେ ସଚେତନ ଭାବ ସୃଷ୍ଟି କରନ୍ତି । କେବଳ ସୁସମାଚାର ପ୍ରଚାର ମାଧ୍ୟମରେ ଲୋକମାନଙ୍କ ମନରେ ଈଶ୍ୱରଙ୍କ ମୁକ୍ତିକାର୍ଯ୍ୟର ସୃଜନୀ ଶକ୍ତି କାର୍ଯ୍ୟକାରୀ ହୁଏ । ବ୍ୟକ୍ତିଗତ ଅନୁଭୂତିର ଅଂଶୀ କରାଇବା ଦ୍ୱାରା ଲୋକମାନଙ୍କ ଉଦ୍ଧାର ସମ୍ଭବ ହୁଏ ନାହିଁ, ଏହା କେବଳ ମୁକ୍ତିକାର୍ଯ୍ୟର ସତ୍ୟତା ଦ୍ୱାରା ସଂପନ୍ନ ହୁଏ । ''ମୁଁ ତୁମମାନଙ୍କୁ ଯେଉଁ ସବୁ ବାକ୍ୟ କହିଅଛି, ସେହିସବୁ ଆତ୍ମା ଓ ଜୀବନ'' (ଯୋହନ ୬:୬୩) ।

# ବିଶ୍ୱସ୍ତତାର ପରୀକ୍ଷା

**ଆମେ ଜାଣୁ ଯେ, ଯେଉଁମାନେ ଇଶ୍ୱରଙ୍କୁ ପ୍ରେମ କରନ୍ତି... ଇଶ୍ୱର ସବୁ ବିଷୟରେ ସେମାନଙ୍କ ମଙ୍ଗଳ ପାଇଁ କାର୍ଯ୍ୟ ସାଧନ କରନ୍ତି ।**

**ରୋମୀୟ ୮:୨୮**

କେବଳ ଜଣେ ବିଶ୍ୱସ୍ତ ଲୋକ ପ୍ରକୃତରେ ବିଶ୍ୱାସ କରନ୍ତି ଯେ, ଈଶ୍ୱର ତାଙ୍କର ପରିସ୍ଥିତିକୁ ନିୟନ୍ତ୍ରଣ କରନ୍ତି । ପରିସ୍ଥିତିର ଗୁରୁତ୍ୱ ଅନୁଭବ ନ କରି ଆମେ କହୁ ଯେ, ଈଶ୍ୱର ନିୟନ୍ତ୍ରଣ କରନ୍ତି କିନ୍ତୁ ସେଥିରେ ଆମେ ବିଶ୍ୱାସ କରି ନ ଥାଉ । ଆମ ବ୍ୟବହାରରୁ ଜଣାଯାଏ ଯେ, ଆମର ପରିସ୍ଥିତି ଲୋକମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି । ପ୍ରତ୍ୟେକ ପରିସ୍ଥିତିରେ ବିଶ୍ୱସ୍ତ ହେବା ଅର୍ଥ, ଆମର ବିଶ୍ୱସ୍ତତା ଏବଂ ଲକ୍ଷ୍ୟ କେବଳ ଜଣେ ବ୍ୟକ୍ତିଙ୍କ ଉପରେ ଆଧାରିତ– ସେ ହେଉଛନ୍ତି, ପ୍ରଭୁ ଯୀଶୁ ଖ୍ରୀଷ୍ଟ । ଈଶ୍ୱର ଆମର ପରିସ୍ଥିତିକୁ ହଠାତ୍ ଓଲଟପାଲଟ କରି ଦିଅନ୍ତି, ଯଦ୍ଦ୍ୱାରା ଆମେ ତାଙ୍କ ପ୍ରତି ଅବିଶ୍ୱସ୍ତ ଆଚରଣ କରିଥାଉ, କାରଣ ସେହି ପରିସ୍ଥିତି ଈଶ୍ୱରଙ୍କ ଇଚ୍ଛାନୁମୋଦିତ ବୋଲି ଆମେ ବୁଝି ନ ଥାଉ । ସେ କ'ଣ କରିବାକୁ ଚାହୁଁଥିଲେ, ତାହା ଆମେ ଦେଖି ନ ଥିଲୁ ଏବଂ ଆମ ଜୀବନରେ ଆଉ ତାହାର ପୁନରାବୃତ୍ତି ହେବ ନାହିଁ । ଏହିଠାରେ ହିଁ ଆମ ବିଶ୍ୱସ୍ତତାର ପରୀକ୍ଷା ଆସିଥାଏ । ଦୁଃସହ ପରିସ୍ଥିତିରେ ଯଦି ଆମେ ଈଶ୍ୱରଙ୍କ ଉପାସନା କରିବାକୁ ଶିଖିବା, ତେବେ ସେ ଇଚ୍ଛା କଲେ, ଅତି ଶୀଘ୍ର ଆମର ପରିସ୍ଥିତିକୁ ସୁଧୁରାଇବେ ।

ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ବିଶ୍ୱସ୍ତ ହେବା ସବୁଠାରୁ କଠିନ କାର୍ଯ୍ୟ, ଯାହା କରିବାକୁ ଆଜି ଆମେ ଚେଷ୍ଟିତ । ଆମେ ନିଜ କାମରେ, ଅନ୍ୟମାନଙ୍କ ସେବାରେ ଏବଂ ଅନ୍ୟ ଯେକୌଣସି କାର୍ଯ୍ୟରେ ବିଶ୍ୱସ୍ତ ହୋଇ ପାରିବା, କିନ୍ତୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ବିଶ୍ୱସ୍ତ ହେବା ବିଷୟରେ କୁହନ୍ତୁ ନାହିଁ । ଆମେ ଯୀଶୁଙ୍କ ପ୍ରତି ବିଶ୍ୱସ୍ତ ହେବା ବିଷୟ କହିବାର ଶୁଣି ଅନେକ ଖ୍ରୀଷ୍ଟିୟାନମାନେ ଅଧୈର୍ଯ୍ୟ ହୁଅନ୍ତି । ଆମର ପ୍ରଭୁ ଜଗତ ଅପେକ୍ଷା ଆମର ଖ୍ରୀଷ୍ଟୀୟ କାର୍ଯ୍ୟକାରୀମାନଙ୍କ ଦ୍ୱାରା ଅଧିକ ରୂପେ ସିଂହାସନଚ୍ୟୁତ ହୁଅନ୍ତି । ଆମେ ଈଶ୍ୱରଙ୍କୁ କେବଳ ଗୋଟିଏ ଆଶୀର୍ବାଦ ଉତ୍ପାଦନକାରୀ ଯନ୍ତ୍ର ବା କଳ ଏବଂ ଯୀଶୁଙ୍କୁ ଆଉ ଜଣେ କାର୍ଯ୍ୟକାରୀ ବୋଲି ମନେ କରୁ ।

ବିଶ୍ୱସ୍ତତାର ଲକ୍ଷ୍ୟ ନୁହେଁ ଯେ, ଆମେ ଈଶ୍ୱରଙ୍କ ପାଇଁ କାର୍ଯ୍ୟ କରିବା, ମାତ୍ର ସେ ସ୍ୱାଧୀନ ରୂପେ ଆମ ମଧ୍ୟ ଦେଇ ତାଙ୍କର କାର୍ଯ୍ୟ କରିବେ । ଈଶ୍ୱର ତାଙ୍କର ସେବାକାର୍ଯ୍ୟ ପାଇଁ ଆମକୁ ଆହ୍ୱାନ କରି ଆମ ଉପରେ ଗୁରୁତର ଦାୟିତ୍ୱ ଅର୍ପଣ କରନ୍ତି । ସେ ଆମର କୌଣସି ଅଭିଯୋଗ ଶୁଣିବାକୁ ଚାହାନ୍ତି ନାହିଁ କିମ୍ବା ତାଙ୍କ ପକ୍ଷରୁ କୌଣସି କୈଫିୟତ୍ ଦିଅନ୍ତି ନାହିଁ । ଈଶ୍ୱର ନିଜର ପୁତ୍ରଙ୍କୁ ଯେପରି ବ୍ୟବହାର କଲେ, ଆମକୁ ମଧ୍ୟ ସେହିପରି ବ୍ୟବହାର କରିବାକୁ ଚାହାନ୍ତି ।

# ଆମ ସମ୍ବାଦର କେନ୍ଦ୍ରବିନ୍ଦୁ

**ମୁଁ ଶାନ୍ତି ଦେବାକୁ ଆସି ନାହିଁ, ବରଂ ଖଡ୍‌ଗ ଦେବାକୁ ଆସିଛି ।**

**ମାଥିଉ ୧୦:୩୪**

ସେହି ବ୍ୟକ୍ତିଙ୍କୁ ସହାନୁଭୂତି ଜଣାନ୍ତୁ ନାହିଁ, ଯାହାଙ୍କ ପରିସ୍ଥିତି ଦ୍ୱାରା ଆପଣ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ଈଶ୍ୱର ତାଙ୍କ ପ୍ରତି କଠୋର ବ୍ୟବହାର କରୁଛନ୍ତି । ଆମର ବିଚାର ଧାରା ଅପେକ୍ଷା ଈଶ୍ୱର ଅଧିକ କୋମଳ ହୋଇପାରନ୍ତି ଏବଂ ସମୟେ ସମୟେ ସେ ଆମକୁ ଅନ୍ୟମାନଙ୍କ ପ୍ରତି କଠୋର ହେବାର ସୁଯୋଗ ଦିଅନ୍ତି, ଯେପରି ସେ ତାଙ୍କର କୋମଳତା ପ୍ରଦର୍ଶନ କରିପାରିବେ । ଯଦି ଜଣେ ବ୍ୟକ୍ତି ଈଶ୍ୱରଙ୍କ ନିକଟକୁ ଯାଇପାରନ୍ତି ନାହିଁ, ତାହାର କାରଣ ହେଉଛି, ସେ ତାଙ୍କର କୌଣସି ଗୁପ୍ତ ବିଷୟ ଛାଡ଼ିବା ପାଇଁ ଅନିଚ୍ଛୁକ– ସେ ତାଙ୍କର ପାପ ସ୍ୱୀକାର କରିପାରନ୍ତି, କିନ୍ତୁ କୌଣସି ମତେ ସେହି ବିଷୟକୁ ଛାଡ଼ିବା ପାଇଁ ସେ ପ୍ରସ୍ତୁତ ନୁହନ୍ତି । ସେହି ପ୍ରକାର ଲୋକଙ୍କୁ ସହାନୁଭୂତି ଦେଖାଇବା ଅସମ୍ଭବ । ଆମେ ତାଙ୍କ ଜୀବନର ଗଭୀର ସମସ୍ୟାର ମୂଳ ସ୍ଥିତି ପ୍ରତି ପହଞ୍ଚିବା ଆବଶ୍ୟକ । ଏହା କରିବା ଦ୍ୱାରା ସମ୍ବାଦ ପ୍ରତି ବୈରଭାବ ଏବଂ ଅସନ୍ତୋଷ ସୃଷ୍ଟି ହୁଏ । ଲୋକମାନେ ଈଶ୍ୱରଙ୍କ ଆଶୀର୍ବାଦ ଅପେକ୍ଷା କରନ୍ତି, କିନ୍ତୁ ଯେଉଁ ବିଷୟ ମର୍ମ ଭେଦ କରି ଆଘାତ ଦିଏ, ତାହାକୁ ସେମାନେ ସହ୍ୟ କରିପାରନ୍ତି ନାହିଁ ।

ଆପଣ ଯଦି ଈଶ୍ୱରଙ୍କ ଉପାୟ ପ୍ରତି ସମ୍ବେଦନଶୀଳ, ତେବେ ତାଙ୍କର ସେବକ ରୂପେ ଆପଣଙ୍କ ସମ୍ବାଦ କଠୋର, ଦୃଢ଼ ଏବଂ ହୃଦୟ ବିଦାରକ ହେବା ଆବଶ୍ୟକ । ଏପରି ନ ହେଲେ ସୁସ୍ଥତା ଆସିବ ନାହିଁ । ଆମର ସମ୍ବାଦ ଏଭଳି ଦୃଢ଼ତାର ସହ ପରିବେଷିତ ହେବା ଆବଶ୍ୟକ, ଯଦ୍ଦ୍ୱାରା ଜଣେ ବ୍ୟକ୍ତି କୌଣସି ବିଷୟକୁ ଲୁଚାଇ ନ ରଖି ତାହାର ସତ୍ୟକୁ ପ୍ରୟୋଗ କରିବା ପାଇଁ ବାଧ୍ୟ ହେବେ । ଲୋକମାନଙ୍କ ନିଜ ପରିସ୍ଥିତି ମଧ୍ୟରେ କାର୍ଯ୍ୟ କରନ୍ତୁ । ଯେ ପର୍ଯ୍ୟନ୍ତ ସେମାନେ ତାଙ୍କର ପ୍ରକୃତ ଆବଶ୍ୟକତା ଉପଲବ୍ଧି କରି ନାହାନ୍ତି, କାର୍ଯ୍ୟକୁ ଚାଲୁ ରଖନ୍ତୁ । ତା'ପରେ ସେମାନଙ୍କ ଜୀବନ ପାଇଁ ଯୀଶୁଙ୍କର ଆଦର୍ଶକୁ ଉଚ୍ଚୀକୃତ କରନ୍ତୁ । ହୁଏତ ସେମାନଙ୍କ ପ୍ରତ୍ୟୁତ୍ତର ହୋଇପାରେ, ''ଆମେ ତ ସେପରି ହୋଇ ପାରିବା ନାହିଁ'' । ତା'ପରେ ଦୃଢ଼ତାର ସହ କୁହନ୍ତୁ, ''ଯୀଶୁ ଖ୍ରୀଷ୍ଟ କହୁଛନ୍ତି, ''ଆପଣଙ୍କୁ ସେପରି ହେବାକୁ ପଡ଼ିବ, କିନ୍ତୁ ଆମେ କିପରି ହୋଇ ପାରିବା ? ଆପଣ ନୂତନ ଆତ୍ମାଙ୍କୁ ନ ପାଇବା ପର୍ଯ୍ୟନ୍ତ ସେହିପରି ହୋଇ ପାରିବେ ନାହିଁ'' (ଲୂକ ୧୧:୧୩)।

ଆପଣଙ୍କ ସମ୍ବାଦକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଆବଶ୍ୟକତାର ବୋଧ ସୃଷ୍ଟି ହେବା ଉଚିତ । ଜଗତରେ ହଜାର ହଜାର ଲୋକ ଈଶ୍ୱରଙ୍କ ବ୍ୟତୀତ ସୁଖୀ ଜୀବନ ଯାପନ କରୁଛନ୍ତି, କିନ୍ତୁ ଆମେ ଯଦି ଯୀଶୁଙ୍କ ବ୍ୟତୀତ ପ୍ରକୃତରେ ସୁଖୀ ଏବଂ ନୈତିକ ଜୀବନ ଅତିବାହିତ କରିପାରିବା, ତେବେ ସେ କାହିଁକି ଆସିଲେ ? ସେ ଆସିଲେ କାରଣ ସେହି ପ୍ରକାର ସୁଖ ଓ ଶାନ୍ତି କେବଳ ଉପର ଠାଉରିଆ । ଯୀଶୁ ଖ୍ରୀଷ୍ଟ ତାଙ୍କ ବ୍ୟକ୍ତିଗତ ସଂପର୍କ ଉପରେ ଆଧାରିତ ହୋଇ ନ ଥିବା ସବୁ ପ୍ରକାର ଶାନ୍ତି ବିରୁଦ୍ଧରେ ''ଖଡ୍‌ଗ ବ୍ୟବହାର'' କରିବା ପାଇଁ ଆସିଥିଲେ ।

ଡିସେମ୍ବର ୨୦

# ଉଚିତ ପ୍ରକାର ସାହାଯ୍ୟ

**କିନ୍ତୁ ମୋତେ ଭୂମିରୁ ଉପରକୁ ଉଠାଗଲେ ମୁଁ ସମସ୍ତଙ୍କୁ ମୋ ନିକଟକୁ ଆକର୍ଷିତ କରିବି ।**

**ଯୋହନ ୧୨:୩୨**

ଯୀଶୁଖ୍ରୀଷ୍ଟ କାହିଁକି ମୃତ୍ୟୁଭୋଗ କଲେ, ଆମ ମଧ୍ୟରୁ ଅତି ଅଳ୍ପ ଲୋକଙ୍କର ସେ ସଂପର୍କିତ ଜ୍ଞାନ ଅଛି । ଯଦି ସହାନୁଭୂତି ଲୋକମାନଙ୍କର ଆବଶ୍ୟତା ହୁଏ, ତା' ହେଲେ ଖ୍ରୀଷ୍ଟଙ୍କର କ୍ରୁଶ ନିରର୍ଥକ ଏବଂ ତାହାର କୌଣସି ଆବଶ୍ୟକତା ନାହିଁ । ଜଗତ ଯାହା ଆବଶ୍ୟକ କରେ ତାହା ଅଳ୍ପ ପ୍ରେମ ନୁହେଁ, ମାତ୍ର ଏକ ବଡ଼ ଧରଣର ଅସ୍ତ୍ରୋପଚାର ।

ଯେତେବେଳେ ଆପଣ ଏପରି ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସନ୍ତି, ଯେ କି ଆତ୍ମିକ ରୂପେ ଦିଗଭ୍ରଷ୍ଟ, ସେତେବେଳେ ଆପଣ କ୍ରୁଶରେ ଟଙ୍ଗା ହୋଇଥିବା ଯୀଶୁଖ୍ରୀଷ୍ଟଙ୍କୁ ସ୍ମରଣ କରନ୍ତୁ । ଯଦି ସେହି ବ୍ୟକ୍ତି ଅନ୍ୟ କୌଣସି ଉପାୟରେ ଈଶ୍ୱରଙ୍କ ନିକଟକୁ ଆସନ୍ତି, ତେବେ ଖ୍ରୀଷ୍ଟଙ୍କ କ୍ରୁଶ ଅନାବଶ୍ୟକ । ଯଦି ଆପଣ ଭାବନ୍ତି ଯେ, ଆପଣ ନିଜର ଜ୍ଞାନ ଓ ସହାନୁଭୂତି ଦ୍ୱାରା ହଜିଯାଇଥିବା ଲୋକମାନଙ୍କୁ ସାହାଯ୍ୟ କରୁଛନ୍ତି, ତେବେ ଆପଣ ଯୀଶୁଖ୍ରୀଷ୍ଟଙ୍କୁ ପ୍ରତାରଣା କରୁଛନ୍ତି । ତାଙ୍କ ସହିତ ଆପଣଙ୍କ ଉପଯୁକ୍ତ ସଂପର୍କ ସ୍ଥାପନ କରି ତାଙ୍କରି ଉପାୟରେ ଲୋକମାନଙ୍କୁ ସାହାଯ୍ୟ କରିବାକୁ ନିଜ ଜୀବନକୁ ଉତ୍ସର୍ଗ କରନ୍ତୁ– ଈଶ୍ୱରଙ୍କୁ ଉପେକ୍ଷା କରୁଥିବା ମନୁଷ୍ୟର ଉପାୟ ଦ୍ୱାରା ନୁହେଁ । ଆଜିର ଜଗତରେ ଧର୍ମର ବିଷୟ ହେଉଛି, ଏକ ସୁଖଦ ଏବଂ ବିରୋଧ ରହିତ ପରିବେଶରେ ସେବା କରିବା । କିନ୍ତୁ ଆମର ଏକମାତ୍ର ଅଗ୍ରାଧିକାର ହେଉଛି, କ୍ରୁଶାର୍ପିତ ଯୀଶୁ ଖ୍ରୀଷ୍ଟଙ୍କୁ ଉପସ୍ଥାପିତ କରିବା– ସବୁବେଳେ ତାଙ୍କୁ ଉଚ୍ଚୀକୃତ କରିବା (୧ କରିନ୍ଥୀ ୨:୨) । ଖ୍ରୀଷ୍ଟଙ୍କ କ୍ରୁଶ ଉପରେ ଦୃଢ଼ ରୂପେ ଆଧାରିତ ହୋଇ ନ ଥିବା ଅନ୍ୟ ଯେକୌଣସି ବିଶ୍ୱାସ ଲୋକମାନଙ୍କୁ ପଥଭ୍ରଷ୍ଟ କରିବ । ଯଦି କାର୍ଯ୍ୟକାରୀ ନିଜେ ଯୀଶୁଖ୍ରୀଷ୍ଟଙ୍କୁ ବିଶ୍ୱାସ କରନ୍ତି ଏବଂ ପୁନରୁଦ୍ଧାରର ବାସ୍ତବତାରେ ବିଶ୍ୱାସ କରୁଛନ୍ତି, ତା'ହେଲେ ତାଙ୍କର ବାକ୍ୟ ଅନ୍ୟମାନଙ୍କୁ ପ୍ରଭାବିତ କରିବ । କାର୍ଯ୍ୟକାରୀଙ୍କ ଜୀବନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଯୀଶୁ ଖ୍ରୀଷ୍ଟଙ୍କ ସହିତ ତାଙ୍କର ସରଳ ସଂପର୍କର ଦୃଢ଼ତା ଏବଂ ବୃଦ୍ଧି ସାଧନ । ଈଶ୍ୱରଙ୍କ ପାଇଁ ତାଙ୍କର ଉପଯୋଗୀତା ଏହା ଉପରେ, କେବଳ ଏହା ଉପରେ ନିର୍ଭର କରେ ।

ନୂତନ ନିୟମର କାର୍ଯ୍ୟକାରୀଙ୍କ ଆହ୍ୱାନ ହେଉଛି, ପାପକୁ ଉଦ୍‌ଘାଟିତ କରିବା ଏବଂ ଯୀଶୁ ଖ୍ରୀଷ୍ଟଙ୍କୁ ପରିତ୍ରାଣକର୍ତ୍ତା ରୂପେ ପ୍ରଦର୍ଶିତ କରିବା । ସେଥିପାଇଁ ସେ ସବୁବେଳେ ଆକର୍ଷଣୀୟ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ହୋଇ ନ ପାରନ୍ତି, କିନ୍ତୁ ବଡ଼ ଧରଣର ଅସ୍ତ୍ରୋପଚାର କରିବା ପାଇଁ ତାଙ୍କୁ ପ୍ରସ୍ତୁତ ରହିବାକୁ ପଡ଼ିବ । ଯୀଶୁ ଖ୍ରୀଷ୍ଟଙ୍କୁ ଉଚ୍ଚୀକୃତ କରିବା ପାଇଁ ଆମେ ଈଶ୍ୱରଙ୍କ ଦ୍ୱାରା ଆହୂତ, ସୁନ୍ଦର ସମ୍ବାଦ ପରିବେଷଣ କରିବାକୁ ନୁହେଁ । ଈଶ୍ୱର ଆମକୁ ଯେପରି ପରୀକ୍ଷା କରିଛନ୍ତି, ଆମେ ଅନ୍ୟମାନଙ୍କୁ ସେହିପରି ପରୀକ୍ଷା କରିବା ପାଇଁ ଇଚ୍ଛୁକ ହେବା ଆବଶ୍ୟକ । ଆମେ ସତ୍ୟର ଭାବ ପ୍ରକାଶକାରୀ ଧର୍ମଶାସ୍ତ୍ରର ଅନୁଚ୍ଛେଦ ସବୁକୁ ଧ୍ୟାନର ସହ ଶିକ୍ଷା କରିବାକୁ ହେବ ଏବଂ ସେ ସବୁକୁ କାର୍ଯ୍ୟରେ ପ୍ରୟୋଗ କରିବାକୁ ହେବ ।

## ଡିସେମ୍ବର ୨୧

# ଅନୁଭୂତି ଅବା ଈଶ୍ୱରଙ୍କ ପ୍ରକାଶିତ ସତ୍ୟ ?

**ଯେପରି ଈଶ୍ୱରଙ୍କ ଦ୍ୱାରା ଆମମାନଙ୍କୁ ଅନୁଗ୍ରହରେ ଦତ୍ତ ବିଷୟଗୁଡ଼ିକ ଆମେମାନେ ଜାଣିପାରୁ, ଏଥିପାଇଁ ଆମେମାନେ ଜଗତର ଆତ୍ମା ନ ପାଇ ଈଶ୍ୱରଙ୍କ ଆତ୍ମା ପାଇଅଛୁ ।**

**୧ କରିନ୍ଥୀୟ ୨:୧୨**

ମୋର ଅନୁଭୂତି ମୁକ୍ତିକୁ ବାସ୍ତବତାରେ ପରିଣତ କରେ ନାହିଁ– ମୁକ୍ତି ହେଉଛି, ବାସ୍ତବତା । ମୁକ୍ତି ମୋର ସଚେତନ ଜୀବନରେ କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ଏହା ଅର୍ଥହୀନ ହୋଇଥାଏ । ମୋର ନୂତନ ଜନ୍ମ ମାଧ୍ୟମରେ ଈଶ୍ୱରଙ୍କ ଆତ୍ମା ମୋତେ ମୋର ବ୍ୟକ୍ତିତ୍ୱ ଏବଂ ଅନୁଭୂତିକୁ ଅତିକ୍ରମ କରାଇ ନେଇଯାନ୍ତି ଏବଂ ଯୀଶୁଖ୍ରୀଷ୍ଟଙ୍କ ସହିତ ମୋତେ ଜଡ଼ିତ କରାନ୍ତି । ଯଦି ମୁଁ କେବଳ ମୋର ବ୍ୟକ୍ତିଗତ ଅନୁଭୂତି ସହିତ ରହିଯାଏ, ତେବେ ମୁଁ ଏଭଳି ବିଷୟ ସହିତ ରହେ, ଯାହା ମୁକ୍ତି ଦ୍ୱାରା ଉତ୍ପନ୍ନ ହୋଇ ନ ଥାଏ । କିନ୍ତୁ ମୁକ୍ତିରୁ ଉତ୍ପନ୍ନ ହୋଇଥିବା ଅନୁଭୂତି ନିଜକୁ ନିଜେ ପ୍ରମାଣିତ କରେ, ମୋର ବ୍ୟକ୍ତିତ୍ୱ ମଧ୍ୟରୁ ମୋତେ ଏପରି ସ୍ଥିତିକୁ ନେଇଯାଏ, ଯେଉଁଠାରେ ମୁଁ ଅନୁଭୂତିକୁ ବାସ୍ତବତାର ଆଧାର ରୂପେ ଗ୍ରହଣ କରିବାକୁ ଆଦୌ ଧ୍ୟାନ ଦେଇ ନ ଥାଏ । ମୁଁ ଦେଖେ ଯେ, କେବଳ ବାସ୍ତବତା ଅନୁଭୂତିକୁ ଉତ୍ପନ୍ନ କରିଥିଲା । ମୋର ଅନୁଭୂତିଗୁଡ଼ିକ ଯଦି ମୋତେ ସତ୍ୟର ଉତ୍ସ ଅର୍ଥାତ୍ ଯୀଶୁଖ୍ରୀଷ୍ଟଙ୍କ ନିକଟରେ ସ୍ଥାନିତ ନ କରେ, ତେବେ ସେସବୁ ମୂଲ୍ୟହୀନ ।

ଯଦି ଆପଣ ଆପଣଙ୍କ ଅନ୍ତରରେ ବାସ କରୁଥିବା ପବିତ୍ର ଆତ୍ମାଙ୍କୁ ଅଟକାଇ ରଖିବାର ପ୍ରୟାସ କରନ୍ତି, ଏବଂ ଆପଣଙ୍କ ଇଚ୍ଛା ଥାଏ ଯେ, ସେ ଆପଣଙ୍କ ଅନ୍ତରରେ ଆତ୍ମିକ ଅନୁଭୂତି ଉତ୍ପନ୍ନ କରିବେ, ଆପଣ ଦେଖିବେ ଯେ, ସେ ଆପଣଙ୍କ ବନ୍ଧନ ଛିନ୍ନ କରି ଆପଣଙ୍କୁ ପୁନର୍ବାର ଐତିହାସିକ ଖ୍ରୀଷ୍ଟଙ୍କ ନିକଟକୁ ନେଇଯିବେ । ଈଶ୍ୱର ଯେଉଁ ଅନୁଭୂତିର ଉତ୍ସ ନୁହନ୍ତି ଏବଂ ଈଶ୍ୱରଙ୍କ ପ୍ରତି ବିଶ୍ୱାସ ଯାହାର ପରିଣାମ ନୁହେଁ, ଏଭଳି ଅନୁଭୂତିକୁ ସମର୍ଥନ କରନ୍ତୁ ନାହିଁ । ଯଦି ଆପଣ ସମର୍ଥନ କରନ୍ତି, ତେବେ ଆପଣଙ୍କ ଅନୁଭୂତି ଖ୍ରୀଷ୍ଟ–ବିରୋଧୀ ହେବ, ଆପଣଙ୍କ ଦର୍ଶନ ବା ଅନ୍ତର୍ଦୃଷ୍ଟିର ତା' ଉପରେ କୌଣସି ପ୍ରଭାବ ରହିବ ନାହିଁ । ଯୀଶୁଖ୍ରୀଷ୍ଟ କ'ଣ ଆପଣଙ୍କ ଅନୁଭୂତିର ପ୍ରଭୁ, ଅବା ଆପଣ ନିଜର ଅନୁଭୂତିକୁ ତାଙ୍କ ଅପେକ୍ଷା ଉଚ୍ଚ ସ୍ଥାନ ଦିଅନ୍ତି ? ଆପଣଙ୍କ ପ୍ରଭୁଙ୍କ ଅପେକ୍ଷା ଆପଣଙ୍କ ଅନୁଭୂତି କ'ଣ ଆପଣଙ୍କ ପାଇଁ ଅଧିକ ପ୍ରିୟ ? ପ୍ରଭୁଙ୍କୁ ଆପଣଙ୍କ ଜୀବନର କର୍ତ୍ତୃତ୍ୱ ପାଇଁ ଅନୁମତି ଦେବା ଉଚିତ ଏବଂ ଆଉ କୌଣସି ଅନୁଭୂତି ପ୍ରତି ଧ୍ୟାନ ଦିଅନ୍ତୁ ନାହିଁ, ଯାହା ଉପରେ ତାଙ୍କର ପ୍ରଭୁତ୍ୱ ନାହିଁ । ଏପରି ସମୟ ଆସିବ, ଯେତେବେଳେ ଈଶ୍ୱର ଆପଣଙ୍କୁ ଆପଣଙ୍କ ଅନୁଭୂତି ଦ୍ୱାରା ଏଭଳି ଅଧୀର କରିଦେବେ ଯେ, ଆପଣ ସମ୍ମାନର ସହ କହିପାରିବେ, ''ମୋର ଅନୁଭୂତି ବିଷୟରେ ମୋର କୌଣସି ଆଗ୍ରହ ନାହିଁ– ମୁଁ ଈଶ୍ୱରଙ୍କଠାରେ ସଂପୂର୍ଣ୍ଣ ନିଶ୍ଚିତ ।''

ଯଦି ନିଜର ଅନୁଭୂତି ବିଷୟ କହିବାରେ ଆପଣ ଅଭ୍ୟସ୍ତ, ତେବେ ନିଜ ପ୍ରତି ନିର୍ଦ୍ଦୟ ଏବଂ କଠୋର ହୁଅନ୍ତୁ । ଅନୁଭୂତି ଉପରେ ଆଧାରିତ ବିଶ୍ୱାସ ବିଶ୍ୱାସ ନୁହେଁ, ମାତ୍ର ଈଶ୍ୱରଙ୍କ ପ୍ରକାଶିତ ସତ୍ୟ ଉପରେ ଆଧାରିତ ବିଶ୍ୱାସ ହିଁ ଏକମାତ୍ର ବିଶ୍ୱାସ ।

ଡିସେମ୍ବର ୨୨

# ପିତାଙ୍କ ଦ୍ୱାରା ଆକର୍ଷିତ ହେବା

**ମୋର ପ୍ରେରଣକର୍ତ୍ତା ପିତା ଆକର୍ଷଣ ନ କଲେ କେହି**
**ମୋ ନିକଟକୁ ଆସିପାରେ ନାହିଁ ।**

**ଯୋହନ ୬:୪୪**

ଯେତେବେଳେ ଈଶ୍ୱର ମୋତେ ତାଙ୍କ ପ୍ରତି ଆକର୍ଷଣ କରିବା ଆରମ୍ଭ କରନ୍ତି, ସେତେବେଳେ ମୋର ଇଚ୍ଛା ରୂପକ ସମସ୍ୟା ଉପସ୍ଥିତ ହୁଏ । ଈଶ୍ୱରଙ୍କ ଦ୍ୱାରା ପ୍ରକାଶିତ ହୋଇଥିବା ସତ୍ୟ ପ୍ରତି ମୁଁ କ'ଣ ସକାରାତ୍ମକ ପ୍ରତିକ୍ରିୟା ପ୍ରଦର୍ଶନ କରିବି ? ମୁଁ କ'ଣ ତାଙ୍କ ନିକଟକୁ ଆସିବି ? ଈଶ୍ୱରଙ୍କ ଆହ୍ୱାନ ଆସିଲେ ଆତ୍ମିକ ବିଷୟ ଉପରେ ବିଚାର ଆଲୋଚନା କରିବା ଅନୁପଯୁକ୍ତ ଏବଂ ଈଶ୍ୱରଙ୍କ ପ୍ରତି ଅସମ୍ମାନଜନକ ହୋଇଥାଏ । ଯେତେବେଳେ ଈଶ୍ୱର କଥା କହନ୍ତି, ଆପଣଙ୍କ ପ୍ରତ୍ୟୁତ୍ତର ସଂପର୍କରେ ନିଷ୍ପତ୍ତି ନେବା ପାଇଁ କାହା ସହିତ ଆଲୋଚନା କରନ୍ତୁ ନାହିଁ (ଗାଲାତୀୟ ୧:୧୫-୧୬ ଦେଖନ୍ତୁ) । ବିଶ୍ୱାସ ବୌଦ୍ଧିକ କାର୍ଯ୍ୟର ପରିଣାମ ନୁହେଁ, କିନ୍ତୁ ମୋର ସେହି ଇଚ୍ଛାର ପରିଣାମ ଅଟେ, ଯଦ୍ଦ୍ୱାରା ମୁଁ ନିଜେ ନିଜକୁ ସମର୍ପଣ କରେ । ମାତ୍ର ମୁଁ କ'ଣ ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କ ଉପରେ ଭରସା ରଖି ନିଜକୁ ସମର୍ପଣ କରିବି ଏବଂ ସେ ଯାହା କହିବେ, ତଦନୁସାରେ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ରହିବି ? ଯଦି ମୁଁ ସେପରି କରିବି, ତେବେ ମୁଁ ଜାଣିବି ଯେ, ମୁଁ ଯେଉଁ ବାସ୍ତବତା ଉପରେ ସ୍ଥିର ରୂପେ ସଂରକ୍ଷିତ, ତାହା ଈଶ୍ୱରଙ୍କ ସିଂହାସନ ଭଳି ସ୍ଥିର ଏବଂ ଅଟଳ ।

ସୁସମାଚାର ପ୍ରଚାର ସମୟରେ ସବୁବେଳେ ଇଚ୍ଛା ସଂପର୍କିତ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ । ବିଶ୍ୱାସ ବିଶ୍ୱାସ-ଜନିତ ଇଚ୍ଛାରୁ ଜାତ ହେବା ଆବଶ୍ୟକ । ସମର୍ପଣ ଇଚ୍ଛାସମ୍ମତ ହେବା ଉଚିତ୍, ସମର୍ପଣ ବୁଝାଇବା କିମ୍ବା ଶକ୍ତିଯୁକ୍ତ ବିତର୍କ ପ୍ରତି ହେବା ଅନୁଚିତ । ଈଶ୍ୱରଙ୍କ ଉପରେ ଏବଂ ତାଙ୍କର ସତ୍ୟ ପ୍ରତି ବିଶ୍ୱାସ ରଖି ମୁଁ ଜାଣିଶୁଣି ବାହାରି ଆସିବା ଉଚିତ । ଆଉ ମୁଁ ନିଜ କାର୍ଯ୍ୟ ଉପରେ ଭରସା ନ ରଖି କେବଳ ଈଶ୍ୱରଙ୍କ ଉପରେ ଭରସା ରଖିବା ଆବଶ୍ୟକ । ମୋର ମାନସିକ ଜ୍ଞାନ ବୁଦ୍ଧି ଉପରେ ଭରସା ରଖିବା ଦ୍ୱାରା ଈଶ୍ୱରଙ୍କ ଉପରେ ସଂପୂର୍ଣ୍ଣ ଭରସା ରଖିବାରେ ପ୍ରତିବନ୍ଧକ ସୃଷ୍ଟି ହୁଏ । ମୋର ଅନୁଭବକୁ ଉପେକ୍ଷା କରି ପଛରେ ଛାଡ଼ି ଦେବା ପାଇଁ ମୋତେ ପ୍ରସ୍ତୁତ ରହିବାକୁ ହେବ । ବିଶ୍ୱାସ କରିବା ପାଇଁ ମୋର ଇଚ୍ଛା ଶକ୍ତି ରହିବା ଆବଶ୍ୟକ, କିନ୍ତୁ ଦୃଢ଼ ସଂକଳ୍ପ ଏବଂ ପ୍ରୟାସ ଦ୍ୱାରା ମୋର ପୁରାତନ ଦୃଷ୍ଟିଭଙ୍ଗୀରୁ ନିଜକୁ ସଂପୂର୍ଣ୍ଣ ପୃଥକ୍ ନ କରିବା ପର୍ଯ୍ୟନ୍ତ ଏହା ସମ୍ଭବ ହେବ ନାହିଁ । ସଂପୂର୍ଣ୍ଣ ରୂପେ ମୁଁ ନିଜକୁ ଈଶ୍ୱରଙ୍କଠାରେ ସମର୍ପଣ କରିବି ।

ପ୍ରତ୍ୟେକ ବ୍ୟକ୍ତି ଏଭଳି ସାମର୍ଥ୍ୟ ନେଇ ସୃଷ୍ଟ ଯଦ୍ଦ୍ୱାରା ସେ ନିଜର ଧାରଣ ଶକ୍ତିକୁ ଅତିକ୍ରମ କରିବାର ପ୍ରୟାସ କରେ, କିନ୍ତୁ ସେ ହେଉଛନ୍ତି ଈଶ୍ୱର, ଯେ ମୋତେ ଆକର୍ଷଣ କରନ୍ତି, ଆଉ ତାଙ୍କ ସହିତ ମୋର ସଂପର୍କ ପ୍ରଥମତଃ ଆନ୍ତରିକ ଏବଂ ବ୍ୟକ୍ତିଗତ, ବୌଦ୍ଧିକ ନୁହେଁ । ଈଶ୍ୱରଙ୍କ ଆଶ୍ଚର୍ଯ୍ୟ କର୍ମ ଏବଂ ବିଶ୍ୱାସ କରିବା ପାଇଁ ମୋର ବ୍ୟକ୍ତିଗତ ଇଚ୍ଛା ଦ୍ୱାରା ମୁଁ ସେହି ସଂପର୍କ ମଧ୍ୟକୁ ଆସିଥାଏ । ତା'ପରେ ମୁଁ ମୋ ଜୀବନର ରୂପାନ୍ତରୀକରଣର ଚମତ୍କାରୀତା ବୁଝିବାକୁ ଏବଂ ପସନ୍ଦ କରିବାକୁ ଆରମ୍ଭ କରେ ।

## ଡିସେମ୍ବର ୨୩

# ପ୍ରାୟଶ୍ଚିତ୍ତର ଅଂଶୀ ହେବା

**କିନ୍ତୁ ଆମମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ କ୍ରୁଶ ବ୍ୟତୀତ ଆଉ କେଉଁଥିରେ ଦର୍ପ କରିବା ମୋଠାରୁ ଦୂରେ ଥାଉ ।**

**ଗାଲାତୀୟ ୬:୧୪**

ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ସବୁବେଳେ ଆମ ଇଚ୍ଛାର ନିଷ୍ପତ୍ତି ବିଷୟରେ ବାଧ୍ୟ କରେ । ମୁଁ କ'ଣ ଖ୍ରୀଷ୍ଟଙ୍କ କ୍ରୁଶର ନ୍ୟାୟ ବିଚାର ଅନୁସାରେ ପାପ ପ୍ରତି ଈଶ୍ୱରଙ୍କ ବିଚାର ନିଷ୍ପତ୍ତିକୁ ସ୍ୱୀକାର କରିଛି ? ଯୀଶୁଙ୍କ ମୃତ୍ୟୁ ପ୍ରତି ମୋର କ'ଣ ତିଳେ ମାତ୍ର ଆଗ୍ରହ ଅଛି ? ମୁଁ କ'ଣ ତାଙ୍କ ମୃତ୍ୟୁରେ ସାମିଲ ହେବା ପାଇଁ ଇଚ୍ଛୁକ – ପାପ, ସାଂସାରିକତା ଏବଂ ନିଜ ପ୍ରତି ସଂପୂର୍ଣ୍ଣ ରୂପେ ମୃତ ହେବା ପାଇଁ ମୁଁ କ'ଣ ପ୍ରସ୍ତୁତ ? ମୁଁ କ'ଣ ଯୀଶୁଙ୍କ ସହିତ ଏତେ ନିବିଡ଼ ଭାବେ ଏକ ହେବା ପାଇଁ ଆଗ୍ରହୀ ଯେ ତାଙ୍କ ବିନା ଏବଂ ତାଙ୍କର ଉଦ୍ଦେଶ୍ୟ ବିନା ଆଉ କୌଣସି ବିଷୟ ପ୍ରତି ମୁଁ ନିଜକୁ ମୂଲ୍ୟହୀନ ମନେ କରୁଛି ? ଶିଷ୍ୟତ୍ୱର ମହାନ୍ ସୌଭାଗ୍ୟ ହେଉଛି ଯେ, ମୁଁ ନିଜକୁ ଖ୍ରୀଷ୍ଟଙ୍କ କ୍ରୁଶର ପତାକା ତଳେ ସମର୍ପିତ କରୁଛି ଅର୍ଥାତ୍ ପାପ ପ୍ରତି ମୃତ ହୋଇଛି । ଆପଣଙ୍କୁ ଏକାକୀ ଯୀଶୁଙ୍କ ସହିତ ଯିବାକୁ ହେବ ଏବଂ ହୁଏତ ଏହି ନିଷ୍ପତ୍ତି ଜଣାଇବାକୁ ହେବ ଯେ, ଆପଣ ଚାହାନ୍ତି ନାହିଁ ଯେ, ଆପଣଙ୍କ ଭିତରେ ପାପ ମରିଯାଉ ଅବା ଯେ କୌଣସି ଉପାୟରେ ଆପଣ ତାଙ୍କର ମୃତ୍ୟୁରେ ସାମିଲ୍ ହେବା ପାଇଁ ଇଚ୍ଛା କରନ୍ତି । ଆମର ପ୍ରଭୁ କ୍ରୁଶ ଉପରେ ଯେଉଁ କାର୍ଯ୍ୟ ସଂପନ୍ନ କଲେ, ଆପଣ ଯେତେବେଳେ ତାହା ଉପରେ ସଂପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରିବେ, ସେହି ସମୟରେ ଏକ ଅଲୌକିକ ଉପାୟରେ ଆପଣ ତାଙ୍କର ମୃତ୍ୟୁରେ ତାଙ୍କ ସହିତ ଏକ ହୋଇଯିବେ । ଆଉ ଏକ ଉଚ୍ଚତର ଜ୍ଞାନ ଦ୍ୱାରା ଆପଣ ଜାଣି ପାରିବେ ଯେ, ଆପଣଙ୍କ ପୁରାତନ ଜୀବନ ତାଙ୍କ ସହିତ କ୍ରୁଶରେ ହତ ହୋଇଛି (ରୋମୀୟ ୬:୬) । ଆପଣଙ୍କ ପୁରାତନ ଜୀବନ ଯେ ମୃତ ଏବଂ ''ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଛି'' (ଗାଲାତୀୟ ୨:୨୦), ତାହାର ପ୍ରମାଣ ହେଉଛି ଯେ, ଆପଣଙ୍କ ମଧ୍ୟରେ ଥିବା ଈଶ୍ୱରଙ୍କ ଜୀବନ ଅନାୟାସରେ ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞା ପାଳନ କରିବା ପାଇଁ ଆପଣଙ୍କୁ ସାହାଯ୍ୟ କରିବ ।

ବିଭିନ୍ନ ସମୟରେ ଆମର ପ୍ରଭୁ ଆମକୁ କ୍ଷଣିକ ଦର୍ଶନ ମାଧ୍ୟମରେ ଦେଖାନ୍ତି ଯେ, ଆମ ଉପରେ ତାଙ୍କର କୃପାଦୃଷ୍ଟି ନ ଥିଲେ ଆମର ଅବସ୍ଥା କ'ଣ ହୋଇଥାନ୍ତା । ଏହା ତାଙ୍କର ସେହି କଥାର ଦୃଢ଼ତା ପ୍ରକାଶ କରେ ଯେ, ''ମୋ ବିନା ତୁମେମାନେ କିଛି ହିଁ କରି ପାର ନାହିଁ'' (ଯୋହନ ୧୫:୫) । ସେଥିପାଇଁ ଖ୍ରୀଷ୍ଟ ଧର୍ମର ଭିତ୍ତି ହେଉଛି, ପ୍ରଭୁ ଯୀଶୁଙ୍କ ପ୍ରତି ବ୍ୟକ୍ତିଗତ, ଆବେଗପୂର୍ଣ୍ଣ ଭକ୍ତି । ଈଶ୍ୱରଙ୍କ ରାଜ୍ୟ ସହିତ ଆମର ପ୍ରଥମ ପରିଚୟର ଆନନ୍ଦକୁ ଆମେ ତାଙ୍କର ଉଦ୍ଦେଶ୍ୟ ରୂପେ ଭୁଲ୍ ବୁଝିଥାଉ, କିନ୍ତୁ ଆମକୁ ତାଙ୍କର ରାଜ୍ୟ ମଧ୍ୟକୁ ଆଣିବାରେ ଈଶ୍ୱରଙ୍କ ଉଦ୍ଦେଶ୍ୟ ହେଉଛି ଯେ, ଆମେ ଯେପରି ଯୀଶୁଖ୍ରୀଷ୍ଟଙ୍କ ସହିତ ସାମିଲ୍ ହେବାର ଅର୍ଥ ବୁଝି ପାରିବା ।

# ଗୁପ୍ତ ଜୀବନ

**ତୁମର ଜୀବନ ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ସହିତ ଗୁପ୍ତ ଅଛି ।**

**କଲସୀୟ ୩:୩**

ଈଶ୍ୱରଙ୍କ ଆତ୍ମା, ''ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ସହିତ ଗୁପ୍ତ'' ଜୀବନର ସରଳ କିନ୍ତୁ ସର୍ବଶକ୍ତିମାନ ସୁରକ୍ଷାର ସାକ୍ଷ୍ୟ ଦିଏ ଏବଂ ତା'ର ଦୃଢ଼ତା ପ୍ରକାଶ କରେ । ପାଉଲ ତାଙ୍କର ନୂତନ ନିୟମ ପତ୍ରଗୁଡ଼ିକରେ ବାରମ୍ବାର ଏହି କଥା ପ୍ରକାଶ କରିଥିଲେ । ଆମେ ଏପରି କହିଥାଉ, ଯେପରିକି ପବିତ୍ର ଜୀବନ ଯାପନ ସବୁଠାରୁ ଅନିଶ୍ଚିତ ଏବଂ ଅସୁରକ୍ଷିତ କାର୍ଯ୍ୟ ରୂପେ ଆମକୁ ସଂପାଦନ କରିବାକୁ ହେବ । ତଥାପି ଏହା ସବୁଠାରୁ ସୁରକ୍ଷିତ ବିଷୟ ଏବଂ ଆମ ପକ୍ଷେ ସମ୍ଭବ, କାରଣ ସର୍ବଶକ୍ତିମାନ ଈଶ୍ୱର ଏହା ମଧ୍ୟରେ ଏବଂ ଏହା ପଛରେ ଅଛନ୍ତି । ଈଶ୍ୱର ବିହୀନ ଜୀବନଯାପନର ପ୍ରଚେଷ୍ଟା ସବୁଠାରୁ ବିପଜ୍ଜନକ ଏବଂ ଅସୁରକ୍ଷିତ ବିଷୟ ଅଟେ । ନୂତନ ଜନ୍ମ ଅନୁଭୂତି ପ୍ରାପ୍ତ ବ୍ୟକ୍ତିଙ୍କ ପକ୍ଷେ ଭ୍ରାନ୍ତିପୂର୍ଣ୍ଣ ଜୀବନ ଅପେକ୍ଷା ଈଶ୍ୱରଙ୍କ ସହିତ ଉପଯୁକ୍ତ ସଂପର୍କ ରକ୍ଷାକାରୀ ଜୀବନଯାପନ ସହଜ ହୁଏ, ଯଦି ଆମେ ଈଶ୍ୱରଙ୍କ ସତର୍କତା ପ୍ରତି ଧ୍ୟାନ ଦେବା ସହିତ ''ଜ୍ୟୋତିଃରେ ଆଚରଣ କରୁ'' (୧ ଯୋହନ ୧:୭) ।

ଯେତେବେଳେ ଆମେ ପାପରୁ ମୁକ୍ତି, ''ଆତ୍ମାରେ ପୂର୍ଣ୍ଣ ହେବା'' (ଏଫିସୀ ୫:୧୮) ଏବଂ ''ଜ୍ୟୋତିଃରେ ଆଚରଣ'' କରିବା ବିଷୟ ଚିନ୍ତା କରୁ, ଆମ ମନରେ ଏକ ଉଚ୍ଚ ପାହାଡ଼ର ଚିତ୍ର ଆଙ୍କି ହୋଇଯାଏ । ଏହା ଆମ ଦୃଷ୍ଟିରେ ଅତି ଉଚ୍ଚ ଏବଂ ଅଦ୍ଭୁତ ମନେ ହୁଏ, କିନ୍ତୁ ଆମେ କହୁ, ''ମୁଁ ସେଠାରେ ଆଦୌ ରହିପାରିବି ନାହିଁ !'' ଯା ହେଉ, ଯେତେବେଳେ ଈଶ୍ୱରଙ୍କ ଅନୁଗ୍ରହରୁ ସେଠାରେ ପହଞ୍ଚିଯାଉ, ଆମେ ଆବିଷ୍କାର କରୁ ଯେ, ତାହା ପାହାଡ଼ର ଶିଖର ନୁହେଁ, ମାତ୍ର ଏକ ସମତଳ ଭୂମି, ଯେଉଁଠାରେ ବୃଦ୍ଧିପ୍ରାପ୍ତ ହୋଇ ବଞ୍ଚିବା ପାଇଁ ଯଥେଷ୍ଟ ସ୍ଥାନ ଅଛି । ''ମୋର ପାଦ ଯେପରି ଖସି ନ ଯାଏ, ସେଥିପାଇଁ ତୁମେ ମୋର ଚଲାପଥ ପ୍ରଶସ୍ତ କରିଛ'' (ଗୀତସଂହିତା ୧୮:୩୬) ।

ଯଦି ଆପଣ ପ୍ରକୃତରେ ଯୀଶୁଙ୍କୁ ଦେଖନ୍ତି, ମୋର ନିଶ୍ଚିତ ଧାରଣା ଯେ, ଆପଣ ତାଙ୍କୁ ସନ୍ଦେହ କରିବେ ନାହିଁ । ଯଦି ଆପଣ ତାଙ୍କୁ ସେହି ସମୟରେ ଦେଖନ୍ତି, ଯେତେବେଳେ ସେ କହନ୍ତି, ''ତୁମର ହୃଦୟ ଉଦ୍‌ବିଗ୍ନ ନ ହେଉ'' (ଯୋହନ ୧୪:୨୭), ମୋର ନିଶ୍ଚିତ ଧାରଣା ଯେ, ଆପଣ ଆଦୌ ବିଚଳିତ ହେବେ ନାହିଁ । ସେ ଉପସ୍ଥିତ ଥିବା ସମୟରେ ତାଙ୍କୁ ସନ୍ଦେହ କରିବା ନିତାନ୍ତ ଅସମ୍ଭବ । ପ୍ରତି ସମୟରେ ଯେତେବେଳେ ଆପଣ ଯୀଶୁଙ୍କ ସହିତ ବ୍ୟକ୍ତିଗତ ସଂପର୍କ ମଧ୍ୟରେ ରୁହନ୍ତି, ତାଙ୍କର ବାକ୍ୟ ଆପଣଙ୍କ ପ୍ରତି ସତ୍ୟ ରୂପେ ପ୍ରତିପାଦିତ ହୁଏ । ''ମୁଁ ତୁମମାନଙ୍କୁ ମୋର ଶାନ୍ତି ଦାନ କରୁଛି'' (ଯୋହନ ୧୪:୨୭) – ଏ ଭଳି ଶାନ୍ତି ଯାହା ଆପଣଙ୍କ ମନରେ ଅଦମନୀୟ ଭରସା ସ୍ଥାପନ କରେ ଏବଂ ଆପଣଙ୍କ ମସ୍ତକରୁ ତଳିପା ପର୍ଯ୍ୟନ୍ତ ଆପଣଙ୍କୁ ଆଚ୍ଛାଦିତ କରେ । ''ତୁମର ଜୀବନ ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ସହିତ ଗୁପ୍ତ ଅଛି'', ଏବଂ ଯୀଶୁ ଖ୍ରୀଷ୍ଟଙ୍କ ଅବିଚଳିତ ଶାନ୍ତି ଆପଣଙ୍କୁ ପ୍ରଦତ୍ତ ହୋଇଛି ।

ଡିସେମ୍ବର ୨୫

# ତାହାଙ୍କ ଜନ୍ମ ଏବଂ ଆମର ନୂତନ ଜନ୍ମ

**ଜଣେ କୁମାରୀ ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବେ ଓ ଲୋକେ ତାଙ୍କୁ ଇମ୍ମାନୁଏଲ ବୋଲି ନାମିତ କରିବେ, ଏହାର ଅର୍ଥ ''ଈଶ୍ୱର ଆମ ସହିତ ଅଛନ୍ତି ।''**

**ମାଥିଉ ୧:୨୩**

**ଇତିହାସରେ ତାହାଙ୍କର ଜନ୍ମ –** ''ସେହି ପବିତ୍ର ଶିଶୁ ଯିଏ ଜନ୍ମଗ୍ରହଣ କରିବେ, ସେ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ୟାତ ହେବେ'' (ଲୂକ ୧:୩୫) । ଯୀଶୁ ଖ୍ରୀଷ୍ଟ ଏହି ଜଗତରେ ଜନ୍ମ ନେଲେ, ଜଗତରୁ ନୁହେଁ । ସେ ଇତିହାସ ମଧ୍ୟରୁ ମୁଣ୍ଡ ଟେକି ନ ଥିଲେ, ସେ ବାହାରୁ ଇତିହାସ ମଧ୍ୟକୁ ଆସିଲେ । ଯୀଶୁ ଖ୍ରୀଷ୍ଟ ସର୍ବଶ୍ରେଷ୍ଠ ଉତ୍ତମ ମନୁଷ୍ୟ ନ ଥିଲେ, ଯାହାଙ୍କୁ ନେଇ ମନୁଷ୍ୟ ଜାତି ଗର୍ବ କରିବ – ସେ ଏପ୍ରକାର ବ୍ୟକ୍ତି, ଯାହାଙ୍କ ପାଇଁ ମାନବ ଜାତି କୌଣସି ବାହାଦୁରୀ ନେଇ ପାରିବ ନାହିଁ । ସେ ମନୁଷ୍ୟ ହୋଇ ସୁଦ୍ଧା ଈଶ୍ୱର ହେଲେ ନାହିଁ, କିନ୍ତୁ ଈଶ୍ୱର ହୋଇ ସୁଦ୍ଧା ମାନବ ଶରୀର ଧାରଣ କରି ବାହାରୁ ଆସିଲେ । ତାଙ୍କର ଜୀବନ ଅତ୍ୟନ୍ତ ଦୀନତାର ଦ୍ୱାର ଦେଇ ଆସିଥିବା ସବୁଠାରୁ ଉଚ୍ଚ ଏବଂ ପବିତ୍ର ଅଟେ । ଆମର ପ୍ରଭୁଙ୍କର ଜନ୍ମ ଏକ ଆଗମନ ଥିଲା – ମନୁଷ୍ୟ ରୂପେ ଈଶ୍ୱରଙ୍କ ଆବିର୍ଭାବ ।

**ମୋ ମଧ୍ୟରେ ତାହାଙ୍କ ଜନ୍ମ –** ''ମୋ ପ୍ରିୟ ପିଲାମାନେ, ତୁମମାନଙ୍କୁ ଖ୍ରୀଷ୍ଟଙ୍କ ଅନୁରୂପ କରି ଗଢ଼ିବା ପାଇଁ ମୁଁ ପୁନର୍ବାର ପ୍ରସବ ବେଦନାର ଯନ୍ତ୍ରଣା ଅନୁଭବ କରୁଛି'' (ଗାଲାତୀୟ ୪:୧୯) । ଯେପରି ଆମର ପ୍ରଭୁ ବାହାରୁ ମାନବ ଇତିହାସ ମଧ୍ୟକୁ ଆସିଲେ, ସେହିପରି ସେ ବାହାରୁ ମୋ ମଧ୍ୟକୁ ଆସିବେ । ମୁଁ କ'ଣ ମୋର ବ୍ୟକ୍ତିଗତ ମାନବୀୟ ଜୀବନକୁ ଈଶ୍ୱରଙ୍କ ପୁତ୍ରଙ୍କ ପାଇଁ ଏକ ''ବେଥଲିହିମ'' ରୂପେ ପ୍ରସ୍ତୁତ କରିଛି ? ମୁଁ ଈଶ୍ୱରଙ୍କ ରାଜ୍ୟର କ୍ଷେତ୍ରରେ ପ୍ରବେଶ କରିପାରିବି ନାହିଁ, ଯେପର୍ଯ୍ୟନ୍ତ ମୁଁ ଊର୍ଦ୍ଧ୍ୱରୁ ନୂତନ ଜନ୍ମ ନ ନେଇଛି, ଯାହାକି ଶାରୀରିକ ଜନ୍ମ ଅପେକ୍ଷା ସଂପୂର୍ଣ୍ଣ ଭିନ୍ନ । ''ତୁମକୁ ପୁନର୍ବାର ଜନ୍ମଲାଭ କରିବାକୁ ହେବ'' (ଯୋହନ ୩:୭) । ଏହା ଏକ ଆଦେଶ ନୁହେଁ, ମାତ୍ର ଈଶ୍ୱରଙ୍କ ଅଧିକାର ଉପରେ ଆଧାରିତ ଏକ ସତ୍ୟ । ନୂତନ ଜନ୍ମର ପ୍ରମାଣ ହେଉଛି ଯେ, ମୁଁ ନିଜକୁ ଈଶ୍ୱରଙ୍କଠାରେ ଏଭଳି ସମର୍ପଣ କରିବି, ଯଦ୍ଦ୍ୱାରା ''ଖ୍ରୀଷ୍ଟ ମୋ ମଧ୍ୟରେ ରୂପାୟିତ ହେବେ ।'' ଥରେ ''ଖ୍ରୀଷ୍ଟ ମୋ ମଧ୍ୟରେ ରୂପାୟିତ'' ହେଲେ ତାହାଙ୍କ ସ୍ୱଭାବ ମୋ ମଧ୍ୟ ଦେଇ କାର୍ଯ୍ୟ ଆରମ୍ଭ କରିବ ।

**ଈଶ୍ୱର ଶରୀର ମଧ୍ୟରେ ପ୍ରକଟିତ –** ଏହା ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ସାଧିତ ମନୁଷ୍ୟର ମୁକ୍ତି ମାଧ୍ୟମରେ ଆପଣଙ୍କ ପାଇଁ ଏବଂ ମୋ ପାଇଁ ପ୍ରଗାଢ଼ ରୂପେ ସମ୍ଭବ ହୋଇଛି ।

# ଜ୍ୟୋତିଃରେ ଆଚରଣ କର

**ସେ ଯେପରି ଜ୍ୟୋତିଃର୍ନିବାସୀ, ଆମେମାନେ ଯଦି ସେହିପରି ଜ୍ୟୋତିଃରେ ଆଚରଣ କରୁ... ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମମାନଙ୍କୁ ପରିଷ୍କାର କରେ ।**

**୧ ଯୋହନ ୧:୭**

ଖ୍ରୀଷ୍ଟଙ୍କ କ୍ରୁଶୀୟ ପ୍ରାୟଶ୍ଚିତ୍ତ ଦ୍ୱାରା ପାପରୁ ଉଦ୍ଧାର ଲାଭକୁ ସଚେତନ ସ୍ତରରେ ପାପରୁ ମୁକ୍ତି ବୋଲି ଭାବିବା ବଡ଼ ଭୁଲ୍ ହେବ । ପାପ କ'ଣ, ନୂତନ ଜନ୍ମ ନ ପାଇବା ପର୍ଯ୍ୟନ୍ତ କେହି ତାହା ଜାଣନ୍ତି ନାହିଁ । ପାପ ହେଉଛି ସେହି ବିଷୟ, ଯାହାକୁ ଯୀଶୁ କାଲ୍‌ଵରୀ ଉପରେ ମୁଖାମୁଖି ହୋଇ ଯୁଝିଥିଲେ । ମୁଁ ଯେ ପାପରୁ ମୁକ୍ତି ପାଇଛି, ତାହାର ପ୍ରମାଣ ଏହି ଯେ, ମୁଁ ନିଜ ମଧ୍ୟରେ ଥିବା ପାପର ସ୍ୱଭାବ ଜାଣିଛି । ପାପ କ'ଣ, ତାହା ପ୍ରକୃତ ରୂପେ ଜାଣିବା ପାଇଁ ଜଣେ ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ୍ତର ସଂପୂର୍ଣ୍ଣ କାର୍ଯ୍ୟ ଏବଂ ଗଭୀର ସ୍ପର୍ଶ, ଅର୍ଥାତ୍ ତାଙ୍କର ସଂପୂର୍ଣ୍ଣ ସିଦ୍ଧତା ଲାଭ କରିବା ଆବଶ୍ୟକ ।

ପବିତ୍ର ଆତ୍ମା ଉଭୟ ଅଚେତନ ଏବଂ ସଚେତନ ସ୍ତରରେ ପ୍ରାୟଶ୍ଚିତ୍ତର କାର୍ଯ୍ୟକୁ ଆମ ମଧ୍ୟରେ ସଂପାଦନ କରନ୍ତି । ଯେପର୍ଯ୍ୟନ୍ତ ଆମେ ଈଶ୍ୱରଙ୍କ ଆତ୍ମାଙ୍କ ଅତୁଳନୀୟ ଶକ୍ତିକୁ ସଂପୂର୍ଣ୍ଣ ରୂପେ ବୁଝି ନ ଥାଉ, ସେ ପର୍ଯ୍ୟନ୍ତ ଆମେ ୧ ଯୋହନ ୧:୭ର ଅର୍ଥ ମଧ୍ୟ ବୁଝିପାରି ନ ଥାଉ ଯେ, ''ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମମାନଙ୍କୁ ପରିଷ୍କାର କରେ ।'' ଏହି ପଦ କେବଳ ସଚେତନ ପାପ ପ୍ରତି ନୁହେଁ, ମାତ୍ର ପାପ ସଂପର୍କିତ ଗଭୀର ଭାବନା ଶକ୍ତି ପ୍ରତି ଇଂଗିତ କରେ, ଯାହା କେବଳ ମୋର ଅନ୍ତର ମଧ୍ୟରେ ବାସ କରୁଥିବା ପବିତ୍ର ଆତ୍ମା ସଂପନ୍ନ କରିପାରନ୍ତି ।

''ସେ ଯେପରି ଜ୍ୟୋତିଃର୍ନିବାସୀ... ମୁଁ ନିଶ୍ଚୟ ଜ୍ୟୋତିଃରେ ଆଚରଣ କରିବି'' – ମୋ ବିବେକର ଆଲୋକ ମଧ୍ୟରେ ନୁହେଁ, ମାତ୍ର ଈଶ୍ୱରଙ୍କ ଜ୍ୟୋତିଃରେ । ଯଦି ମୁଁ କୌଣସି ବିଷୟକୁ ଅଟକାଇ କିମ୍ବା ଲୁଚାଇ ନ ରଖି ସେଠାକୁ ଯିବି, ତେବେ ଏହି ଅଦ୍ଭୁତ ସତ୍ୟ ମୋ ପ୍ରତି ପ୍ରକଟିତ ହେବ, '' ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ (ମୋତେ) ସବୁ ପାପରୁ ପରିଷ୍କାର କରେ'' ଯେପରି ସର୍ବଶକ୍ତିମାନ ଈଶ୍ୱର ମୋତେ ଅନୁଯୋଗ କରିବା ପାଇଁ କୌଣସି ବିଷୟ ଦେଖି ପାରିବେ ନାହିଁ । ସଚେତନ ସ୍ତରରେ ପାପ କ'ଣ, ସେ ବିଷୟରେ ଏକ ଦୁଃଖପୂର୍ଣ୍ଣ ବୋଧଶକ୍ତି ଜାତ ହୁଏ । ମୋ ମଧ୍ୟରେ କାର୍ଯ୍ୟରତ ଈଶ୍ୱରଙ୍କ ପ୍ରେମ ପବିତ୍ର ଆତ୍ମାଙ୍କ ଘୃଣା ସହିତ ପାପକୁ ଘୃଣା କରିବାକୁ ପ୍ରବର୍ତ୍ତାଏ, କାରଣ ଏହା ଈଶ୍ୱରଙ୍କ ପବିତ୍ରତାର ବିରୋଧ କରେ । ''ଜ୍ୟୋତିଃରେ ଆଚରଣ'' କରିବା ଅର୍ଥ ହେଉଛି, ଅନ୍ଧକାର ମଧ୍ୟରେ ଥିବା ପ୍ରତ୍ୟେକ ବସ୍ତୁ ମୋତେ ଆଲୋକ ମଧ୍ୟକୁ ଚାଳିତ କରି ନେଇ ଆସେ ।

## ଡିସେମ୍ବର ୨୭

# ଯେଉଁଠାରେ ଯୁଦ୍ଧର ଜୟ ବା ପରାଜୟ ଘଟେ

### ପ୍ରଭୁ ଘୋଷଣା କରୁଛନ୍ତି, ‘‘ହେ ଇସ୍ରାଏଲ, ଯଦି ତୁମେ ଫେରିବ...’’
### ଯିରିମିୟ ୪:୧

ଆମ ଯୁଦ୍ଧର ବିଜୟ ବା ପରାଜୟ ଈଶ୍ୱରଙ୍କ ଉପସ୍ଥିତିରେ ଆମ ଇଚ୍ଛାର ଗୁପ୍ତ ସ୍ଥାନରେ ହୋଇଥାଏ, ଜଗତ ସମକ୍ଷରେ ହୋଇ ନ ଥାଏ । ଈଶ୍ୱରଙ୍କ ଆତ୍ମା ମୋତେ ବଳପୂର୍ବକ ଅଧିକାର କରନ୍ତି ଏବଂ ମୁଁ ଈଶ୍ୱରଙ୍କ ସହିତ ଏକାକୀ ଆସି ତାଙ୍କ ସମ୍ମୁଖରେ ଯୁଦ୍ଧ କରିବାକୁ ବାଧ୍ୟ ହୁଏ । ଏହା ନ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ ଥର ମୁଁ ହାରିଯାଏ । ଯୁଦ୍ଧ ଗୋଟିଏ ମିନିଟ୍ ଅବା ଗୋଟିଏ ବର୍ଷ ଧରି ହୋଇପାରେ, କିନ୍ତୁ ତାହା ମୋ ଉପରେ ନିର୍ଭର କରେ, ଈଶ୍ୱରଙ୍କ ଉପରେ ନୁହେଁ । ଯେତେ ସମୟ ନେଲେ ମଧ୍ୟ ଈଶ୍ୱରଙ୍କ ସମ୍ମୁଖରେ ମୋତେ ଏକାକୀ ଯୁଦ୍ଧ କରିବାକୁ ହେବ, ଆଉ ମୋତେ ତ୍ୟାଗ ବା ପ୍ରତ୍ୟାଖ୍ୟାନର ନାରକୀୟ ଅନୁଭୂତି ମଧ୍ୟରେ ଏହି ସଂକଳ୍ପ ନେବାକୁ ହେବ । ଯିଏ ଈଶ୍ୱରଙ୍କ ସମ୍ମୁଖରେ ଯୁଦ୍ଧ କରି ବିଜୟ ହାସଲ କରିଛି, ତାହା ଉପରେ ଆଉ କୌଣସି ଶକ୍ତି ରାଜତ୍ୱ କରିବ ନାହିଁ ।

ମୁଁ କେବେ ଏହା କହିବି ନାହିଁ, ‘‘ମୁଁ କଠିନ ପରିସ୍ଥିତିରେ ପଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରିବି, ତା’ପରେ ଈଶ୍ୱରଙ୍କୁ ପରଖ କରିବି ।’’ ଏହା ଫଳପ୍ରଦ ହେବ ନାହିଁ । ପ୍ରଥମେ ମୋତେ ଈଶ୍ୱରଙ୍କର ଏବଂ ମୋ ମଧ୍ୟରେ ଥିବା ବିଷୟ ସଂପର୍କରେ ମନର ଗୋପନୀୟ ସ୍ଥାନରେ ମୀମାଂସା କରିବାକୁ ହେବ, ଯେଉଁଠାରେ ହସ୍ତକ୍ଷେପ କରିବାକୁ ଆଉ କେହି ନ ଥିବେ । ତା’ପରେ ଯୁଦ୍ଧରେ ବିଜୟ ଲାଭ କରିଛି ବୋଲି ସେହି ଦୃଢ଼ତା ନେଇ ମୁଁ ଅଗ୍ରସର ହେବି । ଯଦି ମୁଁ ହାରିଯାଏ, ତେବେ ଜଗତ ସମକ୍ଷରେ କ୍ଳେଶ, ବିପତ୍ତି ଏବଂ ପରାଜୟ ସେତିକି ନିଶ୍ଚିତ ହେବ, ଯେତିକି ନିଶ୍ଚିତ ଈଶ୍ୱରଙ୍କ ନିୟମ ଅଟେ । ଯୁଦ୍ଧରେ ପରାଜୟର କାରଣ ହେଉଛି ଯେ, ପ୍ରଥମେ ମୁଁ ବାହ୍ୟିକ ଜଗତରେ ଯୁଦ୍ଧ କରିଥାଏ । ଏକାକୀ ଈଶ୍ୱରଙ୍କ ସହିତ ଯାଆନ୍ତୁ, ତାଙ୍କ ସମ୍ମୁଖରେ ଯୁଦ୍ଧ କରନ୍ତୁ ଏବଂ ସବୁଦିନ ପାଇଁ ବିଚାର୍ଯ୍ୟ ବିଷୟଟିର ମୀମାଂସା କରନ୍ତୁ ।

ଅନ୍ୟ ଲୋକମାନଙ୍କ ସଂସ୍ପର୍ଶରେ ଆସିବା ସମୟରେ ଆମର ମନୋଭାବ ଏପରି ହେବା ଆବଶ୍ୟକ ଯେପରି ସେମାନେ ତାଙ୍କର ଇଚ୍ଛାନୁସାରେ ନିଷ୍ପତ୍ତି ନେବା ପାଇଁ ପ୍ରଣୋଦିତ ହେବେ । ଏହି ଉପାୟରେ ଈଶ୍ୱରଙ୍କଠାରେ ସମର୍ପଣର କାର୍ଯ୍ୟ ଆରମ୍ଭ ହୁଏ । ସବୁବେଳେ ନୁହେଁ, ମାତ୍ର ବେଳେବେଳେ ଈଶ୍ୱର ଆମକୁ ଏକ ନିର୍ଣ୍ଣୟାତ୍ମକ ଅବସ୍ଥାକୁ– ଆମ ଜୀବନର ଏକ ଦୋଛକିକୁ ନେଇ ଆସନ୍ତି । ସେହି ଅବସ୍ଥାରୁ ଆମେ ହୁଏତ ଅଧିକ ଶିଥିଳ, ଆଳସ୍ୟପରାୟଣ ଏବଂ ଅନୁପଯୋଗୀ ଖ୍ରୀଷ୍ଟୀୟ ଜୀବନ ଆଡ଼କୁ ଗତି କରିବା, କିମ୍ବା ଅଧିକ ଉଦ୍ଦୀପ୍ତ ହୋଇ ତାହାଙ୍କ ସର୍ବୋଚ୍ଚ ଗୌରବ ପାଇଁ ଏକାନ୍ତ ଆକାଂକ୍ଷା ନେଇ ତାଙ୍କର ମହିମା ଉଦ୍ଦେଶ୍ୟରେ ଶ୍ରେଷ୍ଠତା ପ୍ରଦର୍ଶନ କରିବା ।

ଡିସେମ୍ବର ୨୮

# ନିରନ୍ତର ମନପରିବର୍ତ୍ତନ

**ତୁମେମାନେ ଯଦି ପରିବର୍ତ୍ତିତ ହୋଇ ସାନ ପିଲାଙ୍କ ପରି ନ ହୁଅ,**
**ତେବେ ତୁମେମାନେ କଦାପି ସ୍ୱର୍ଗରାଜ୍ୟରେ ପ୍ରବେଶ କରିପାରିବ ନାହିଁ ।**
**ମାଥିଉ ୧୮:୩**

ଆମ ପ୍ରଭୁଙ୍କର ଏହି ବାକ୍ୟ ଆମର ପ୍ରାରମ୍ଭିକ ମନପରିବର୍ତ୍ତନ ପ୍ରତି ଇଂଗିତ କରେ, କିନ୍ତୁ ଆମକୁ ଦୈନନ୍ଦିନ ଜୀବନରେ ନିରନ୍ତର ମନ ପରିବର୍ତ୍ତନ କରି ସାନ ପିଲାଙ୍କ ପରି ଈଶ୍ୱରଙ୍କ ପ୍ରତି ଫେରିବାକୁ ହେବ । ଯଦି ଆମେ ଈଶ୍ୱରଙ୍କ ସାମର୍ଥ୍ୟ ଅପେକ୍ଷା ନିଜର ସାମର୍ଥ୍ୟ ଉପରେ ନିର୍ଭର କରିବା, ତେବେ ଆମେ ଏପରି ପରିଣାମ ସୃଷ୍ଟି କରିବା, ଯାହା ପାଇଁ ଈଶ୍ୱର ଆମକୁ ଦାୟୀ କରିବେ । ଯେତେବେଳେ ଈଶ୍ୱର ତାଙ୍କର ପ୍ରଭୁତ୍ୱ ଦ୍ୱାରା ଆମକୁ ନୂଆ ପରିସ୍ଥିତି ମଧ୍ୟକୁ ଆଣନ୍ତି, ସଂଗେ ସଂଗେ ଆମକୁ ସୁନିଶ୍ଚିତ କରିବାକୁ ହେବ ଯେ, ଆମର ସ୍ୱାଭାବିକ ଜୀବନ ଈଶ୍ୱରଙ୍କ ଆତ୍ମାଙ୍କର ଆଜ୍ଞା ପାଳନ କରି ଯେପରି ଆମର ଆତ୍ମିକ ଜୀବନର ଅଧିନସ୍ଥ ହୁଏ । ଯେହେତୁ ଆମେ ଅତୀତରେ ଉପଯୁକ୍ତ ପ୍ରତ୍ୟୁତ୍ତର ଦେଇଛୁ, ତାହାର ଅର୍ଥ ନୁହେଁ ଯେ, ଆଗାମୀ ଦିନରେ ଆମେ ସେହିଭଳି କରିବା । ଆତ୍ମିକ ପ୍ରତି ସ୍ୱାଭାବିକର ପ୍ରତ୍ୟୁତ୍ତର ନିରନ୍ତର ମନ ପରିବର୍ତ୍ତନ ହେବା ଆବଶ୍ୟକ, କିନ୍ତୁ ଏହି ସ୍ଥିତିରେ ଆମେ ବାଧ୍ୟ ହେବା ପାଇଁ ପ୍ରତ୍ୟାଖ୍ୟାନ କରିଥାଉ । ଆମର ପରିସ୍ଥିତି ଯାହା ହେଉ ପଛେ, ଈଶ୍ୱରଙ୍କ ଆତ୍ମା ଅପରିବର୍ତ୍ତନୀୟ ଏବଂ ତାଙ୍କର ପରିତ୍ରାଣ ମଧ୍ୟ ଅପରିବର୍ତ୍ତନୀୟ, କିନ୍ତୁ ଆମକୁ ନୂତନ ସ୍ୱଭାବ ପରିଧାନ କରିବାକୁ ହେବ'' (ଏଫିସୀ ୪:୨୪) । ଆମେ ଯେତେ ଥର ମନପରିବର୍ତ୍ତନ କରିବାକୁ ପ୍ରତ୍ୟାଖ୍ୟାନ କରୁ, ଈଶ୍ୱର ସେଥିପାଇଁ ଆମକୁ ଦାୟୀ କରନ୍ତି ଏବଂ ତାଙ୍କ ଦୃଷ୍ଟିରେ ଆମର ପ୍ରତ୍ୟାଖ୍ୟାନ ଇଚ୍ଛାକୃତ ଅବାଧ୍ୟତା ହୋଇଥାଏ । ଆମର ସ୍ୱାଭାବିକ ଜୀବନ ଆମ ଉପରେ କର୍ତ୍ତୃତ୍ୱ କରିବା ଉଚିତ ନୁହେଁ- ଈଶ୍ୱର ଆମ ମଧ୍ୟରେ କର୍ତ୍ତୃତ୍ୱ କରିବା ଆବଶ୍ୟକ ।

ମନପରିବର୍ତ୍ତନ ପାଇଁ ନିରନ୍ତର ପ୍ରତ୍ୟାଖ୍ୟାନ ଆମର ଆତ୍ମିକ ଜୀବନର ବୃଦ୍ଧି ଦିଗରେ ବାଧା ସୃଷ୍ଟି କରେ । ଆମ ଜୀବନର ଅନେକ କ୍ଷେତ୍ରରେ ଆମର ଆତ୍ମ ଗର୍ବ ଈଶ୍ୱରଙ୍କ ସିଂହାସନ ନିକଟରେ ଅହଂକାର ପ୍ରଦର୍ଶନ କରି କହେ, ''ମୁଁ ସମର୍ପଣ କରିବି ନାହିଁ'' । ଆମେ ଆମର ସ୍ୱାଧୀନତା ଏବଂ ଅହଂକାରକୁ ଈଶ୍ୱରଙ୍କ ସ୍ଥାନ ଦେଇ ସେମାନଙ୍କୁ ଭୁଲ୍ ନାମ ଧରି ଡାକିଥାଉ । ଈଶ୍ୱରଙ୍କ ଦୃଷ୍ଟିରେ ଯାହା ଅତୀବ ଦୁର୍ବଳତା ବୋଲି ମନେହୁଏ, ଆମେ ତାହାକୁ ଶକ୍ତି ଆଖ୍ୟା ଦେଇଥାଉ । ଆମ ଜୀବନର ସଂପୂର୍ଣ୍ଣ କ୍ଷେତ୍ର ଏପର୍ଯ୍ୟନ୍ତ ଈଶ୍ୱରଙ୍କଠାରେ ସମର୍ପିତ ହୋଇ ନାହିଁ । ଏହା କେବଳ ନିରନ୍ତର ମନପରିବର୍ତ୍ତନ ଦ୍ୱାରା ସମ୍ଭବ ହେବ । ଧୀରେ ଧୀରେ କିନ୍ତୁ ନିଶ୍ଚିତ ରୂପେ ଆମେ ଈଶ୍ୱରଙ୍କ ଆତ୍ମାଙ୍କ ପାଇଁ ସମୁଦାୟ କ୍ଷେତ୍ରକୁ ଅଧିକାର କରିପାରିବା ।

# ପଳାୟନକାରୀ ଅବା ଶିଷ୍ୟ ?

**ସେହି ସମୟଠାରୁ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଅନେକେ ବିମୁଖ ହୋଇ ଆଉ ତାହାଙ୍କର ଅନୁଗମନ କଲେ ନାହିଁ ।**

**ଯୋହନ ୬:୬୬**

ଯେତେବେଳେ ଈଶ୍ୱର ଆପଣା ଆତ୍ମାଙ୍କ ଦ୍ୱାରା ତାହାଙ୍କ ବାକ୍ୟ ମାଧ୍ୟମରେ ଆପଣଙ୍କୁ ତାଙ୍କ ଇଚ୍ଛାର ସ୍ପଷ୍ଟ ଦର୍ଶନ ଦିଅନ୍ତି, ଆପଣଙ୍କୁ ସେହି ଦର୍ଶନର ‘‘ଜ୍ୟୋତିଃରେ ଆଚରଣ’’ କରିବାକୁ ହେବ (୧ ଯୋହନ ୧:୭) । ଆପଣ ଯଦି ‘‘ଜ୍ୟୋତିଃରେ ଆଚରଣ’’ କରନ୍ତି ନାହିଁ, ଆପଣଙ୍କ ମନ ଏବଂ ଆତ୍ମା ରୋମାଞ୍ଚିତ ହେଲେ ମଧ୍ୟ ଆପଣ ଦାସତ୍ୱର ନିମ୍ନଭାଗକୁ ଏପରି ଖସିଯିବେ, ଯାହା ଈଶ୍ୱର ମଧ୍ୟ ଆଶା କରି ନ ଥିଲେ । ମାନସିକ ସ୍ତରରେ ‘‘ସ୍ୱର୍ଗୀୟ ଆହ୍ୱାନ’’ (ପ୍ରେରିତ ୨୬:୧୯) ପ୍ରତି ଅବାଧ୍ୟତା ଆପଣଙ୍କୁ ଏଭଳି ବିଚାରମତର ଦାସ କରିଦେବ, ଯାହା ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ସଂପୂର୍ଣ୍ଣ ଅପରିଚିତ । ଅନ୍ୟ କାହାକୁ ନିରୀକ୍ଷଣ କରି ଏହା କହନ୍ତୁ ନାହିଁ, ‘‘ଯଦି ସେହି ଲୋକ ଏଭଳି ମତ ପୋଷଣ କରି ସମୃଦ୍ଧିଶାଳୀ ହୋଇଛନ୍ତି, ତେବେ ମୁଁ କାହିଁକି ସେପରି କରିପାରିବି ନାହିଁ ?’’ ଖ୍ରୀଷ୍ଟୀୟ ଦର୍ଶନର ‘‘ଜ୍ୟୋତିଃରେ ଆପଣଙ୍କୁ ଆଚରଣ’’ କରିବାକୁ ହେବ । ଅନ୍ୟମାନଙ୍କ ସହିତ ନିଜକୁ ତୁଳନା କରନ୍ତୁ ନାହିଁ କିମ୍ବା ସେମାନଙ୍କୁ ସମାଲୋଚନା କରନ୍ତୁ ନାହିଁ, ତାହା ଈଶ୍ୱର ଏବଂ ସେମାନଙ୍କ ମଧ୍ୟରେ ସୀମିତ ବିଷୟ । ଯେତେବେଳେ ଆପଣ ଜାଣିବେ ଯେ, ଆଗ୍ରହ ପୋଷଣ କରିଥିବା ଆପଣଙ୍କ ପ୍ରିୟ ମତ ‘‘ସ୍ୱର୍ଗୀୟ ଦର୍ଶନ’’ ର ବିରୋଧ କରୁଛି, ସେ ବିଷୟରେ ସଂପତ୍ତି ଏବଂ ବ୍ୟକ୍ତିଗତ ଅଧିକାରର ଏକ ଭାବନା ଜାଗ୍ରତ ହେବ– ଯାହା ଯୀଶୁଙ୍କ ଦୃଷ୍ଟିରେ ସଂପୂର୍ଣ୍ଣ ମୂଲ୍ୟହୀନ । ସେ ଏହିସବୁ ବିଷୟକୁ ଅପରିଚିତ ମନେ କରି ଏହାର ବିରୋଧ କରୁଥିଲେ– ‘‘... କାରଣ ମନୁଷ୍ୟର ଜୀବନ ତା’ର ସଂପତ୍ତିର ପ୍ରାଚୁର୍ଯ୍ୟ ଉପରେ ନିର୍ଭର କରେ ନାହିଁ’’ (ଲୂକ ୧୨:୧୫) । ଯଦି ଆମେ ଏହାକୁ ବୁଝିନାହୁଁ, ତାହାର କାରଣ ହେଉଛି ଯେ, ଆମେ ଆମ ପ୍ରଭୁଙ୍କ ଶିକ୍ଷାର ନୀତି ସବୁକୁ ଅଣଦେଖା କରୁଛୁ ।

ଆମର ମନୋଭାବ ହୋଇଥାଏ ଯେ, ଆମେ ଆରାମରେ ବସି ଈଶ୍ୱର ଆମ ପ୍ରତି ପ୍ରକାଶ କରିଥିବା ତାଙ୍କର ଇଚ୍ଛା ଏବଂ ସେହି ସଂପର୍କିତ ଆମର ସ୍ମୃତି ସଂଚିତ ଅନୁଭୂତିକୁ ବର୍ଣ୍ଣନା କରିବା । କିନ୍ତୁ ଯଦି ଈଶ୍ୱରଙ୍କ ପ୍ରକାଶନରେ ନୂତନ ନିୟମର କୌଣସି ମାନଦଣ୍ଡ ଆମ ପ୍ରତି ପ୍ରଦର୍ଶିତ ହେବ ଏବଂ ଆମେ ସେହି ସ୍ତରରେ ପହଞ୍ଚିବାର ପ୍ରୟାସ କରିବା ନାହିଁ କିମ୍ବା ପ୍ରୟାସ ପାଇଁ ଇଚ୍ଛା କରିବା ନାହିଁ, ତା’ହେଲେ ଆମେ ପଥଭ୍ରଷ୍ଟ ହେବା । ଏହାର ଅର୍ଥ ଆପଣଙ୍କ ବିବେକ ସତ୍ୟର ପ୍ରତ୍ୟୁତ୍ତର ଦେଉ ନାହିଁ । ସତ୍ୟ ଉଦ୍‌ଘାଟିତ ହେବା ପରେ ଆପଣ ପୂର୍ବ ଅବସ୍ଥାରେ ରହିପାରିବେ ନାହିଁ । ସେହି ମୁହୂର୍ତ୍ତ ଆପଣଙ୍କ ଉପରେ ଏଭଳି ବ୍ୟକ୍ତିଙ୍କ ଛାପ ଲଗାଇବ, ଯିଏ ହୁଏତ ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟ ରୂପେ ଅତ୍ୟଧିକ ଭକ୍ତି ସହ ନିରନ୍ତର ତାଙ୍କର ଅନୁଗମନ କରିବେ, ଅବା ବିମୁଖ ହୋଇ ଫେରି ଚାଲିଯିବେ ।

ଡିସେମ୍ବର ୩୦

# ଆମର ପ୍ରତ୍ୟେକ ସଦ୍‌ଗୁଣ

### ... ମୋର ସବୁ ଉତ୍ସ ତୋଠାରେ ।

### ଗୀତସଂହିତା ୮୭:୭

ଆମର ପ୍ରଭୁ ଆମର ସ୍ୱାଭାବିକ ସଦ୍‌ଗୁଣ ଯଥା ଆମର ସ୍ୱାଭାବିକ ବୈଶିଷ୍ଟ୍ୟ, ଗୁଣ ଏବଂ ଚରିତ୍ରକୁ ନେଇ ତାଳିପକା କାମ କରନ୍ତି ନାହିଁ । ସେ ଜଣେ ବ୍ୟକ୍ତିଙ୍କୁ ଆଭ୍ୟନ୍ତରୀଣ ସ୍ତରରେ ଦ୍ୱିତୀୟ ଥର ଗଠନ କରନ୍ତି– ''ନୂତନ ସ୍ୱଭାବ ପରିଧାନ କର'' (ଏଫିସୀ ୪:୨୪) । ଅନ୍ୟ କଥାରେ, ଧ୍ୟାନ ଦିଅନ୍ତୁ ଯେ, ଆପଣଙ୍କ ସ୍ୱାଭାବିକ ଶାରୀରିକ ଜୀବନ ସେହିସବୁ ବିଷୟକୁ ଧାରଣ କରିଛି, ଯାହା ନୂତନ ଜୀବନ ସହିତ ସୁପରିଚତ । ଯେଉଁ ଜୀବନ ଈଶ୍ୱର ଆମ ମଧ୍ୟରେ ରଖନ୍ତି, ତାହା ନିଜର ନୂତନ ସଦ୍‌ଗୁଣର ବିକାଶ କରେ, ତାହା ଆଦମଙ୍କ ବୀଜର ସଦ୍‌ଗୁଣ ନୁହେଁ, ମାତ୍ର ଯୀଶୁ ଖ୍ରୀଷ୍ଟଙ୍କ ସଦ୍‌ଗୁଣ ଅଟେ । ଥରେ ଯଦି ଈଶ୍ୱର ଆପଣଙ୍କ ଜୀବନରେ ପବିତ୍ରୀକରଣ ପ୍ରକ୍ରିୟା ଆରମ୍ଭ କରନ୍ତି, ଧ୍ୟାନର ସହ ଦେଖନ୍ତୁ ଯେ, ଈଶ୍ୱର କିପରି ଆପଣଙ୍କ ସ୍ୱାଭାବିକ ସଦ୍‌ଗୁଣ ଏବଂ ଶକ୍ତି ପ୍ରତି ଆପଣଙ୍କ ବିଶ୍ୱାସକୁ ଶୁଷ୍କ କରିଦିଅନ୍ତି । ଆପଣ ଯୀଶୁଙ୍କ ପୁନରୁତ୍ଥିତ ଜୀବନର ଫଳ ଭଣ୍ଡାରରୁ ଆପଣଙ୍କ ଜୀବନୀ ଶକ୍ତି ସଂଗ୍ରହ ନ କରିବା ପର୍ଯ୍ୟନ୍ତ ସେ ଏପରି କରି ଚାଲିଥିବେ । ଯଦି ଆପଣ ଏହି ଭଳି ଶୁଷ୍କ ଅନୁଭୂତି ଦେଇ ଯାଇଛନ୍ତି, ତେବେ ଈଶ୍ୱରଙ୍କ ନାମ ଧନ୍ୟ ହେଉ ।

ଈଶ୍ୱର ଯେ ଆମ ମଧ୍ୟରେ କାର୍ଯ୍ୟରତ, ତାହାର ଚିହ୍ନ ହେଉଛି ଯେ, ସେ ଆମର ସ୍ୱାଭାବିକ ସଦ୍‌ଗୁଣ ପ୍ରତି ଆମର ବିଶ୍ୱାସକୁ ନଷ୍ଟ କରି ଦେଉଛନ୍ତି, କାରଣ ଆମେ କ'ଣ ହେବାକୁ ଯାଉଛୁ, ସେସବୁ ତାହାର ପ୍ରତିଜ୍ଞା ନୁହନ୍ତି, ମାତ୍ର ଈଶ୍ୱର ମନୁଷ୍ୟକୁ ଯେଉଁ ଉଦ୍ଦେଶ୍ୟ ନେଇ ସୃଷ୍ଟି କରିଥିଲେ, ଏହା ତାହାର ଏକ ଅଦରକାରୀ ସ୍ମାରକ । ଆମେ ସ୍ୱାଭାବିକ ସଦ୍‌ଗୁଣ ସହିତ ଲାଗି ରହିବାକୁ ଇଚ୍ଛା କରିଥାଉ, କିନ୍ତୁ ଈଶ୍ୱର ସବୁ ସମୟରେ ଯୀଶୁ ଖ୍ରୀଷ୍ଟଙ୍କ ଜୀବନର ସଂପର୍କ ମଧ୍ୟକୁ ଆଣିବା ପାଇଁ ଚେଷ୍ଟା କରୁଛନ୍ତି– ଯେଉଁ ଜୀବନକୁ ସ୍ୱାଭାବିକ ସଦ୍‌ଗୁଣର ଶବ୍ଦାବଳୀରେ ବର୍ଣ୍ଣନା କରାଯାଇ ପାରେ ନାହିଁ । ସେହି ଲୋକମାନଙ୍କ ଜୀବନକୁ ଦେଖିଲେ ଦୁଃଖ ଲାଗେ, ଯେଉଁମାନେ ଈଶ୍ୱରଙ୍କ ସେବା କରିବା ପାଇଁ ଏପରି ବିଷୟ ଉପରେ ନିର୍ଭର ରଖିଛନ୍ତି, ଯାହା ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ପ୍ରଦତ୍ତ ହୋଇ ନାହିଁ । ସେମାନେ ବଂଶ ପରଂପରା ଗତ ସଦ୍‌ଗୁଣ ଉପରେ ସଂପୂର୍ଣ୍ଣ ନିର୍ଭର କରୁଛନ୍ତି । ଈଶ୍ୱର ଆମର ସ୍ୱାଭାବିକ ସଦ୍‌ଗୁଣକୁ ନେଇ ତାକୁ ରୂପାନ୍ତରିତ କରନ୍ତି ନାହିଁ, କାରଣ ଆମର ସ୍ୱାଭାବିକ ସଦ୍‌ଗୁଣ, ଯୀଶୁଖ୍ରୀଷ୍ଟଙ୍କ ଇଚ୍ଛାର ନିକଟତର ମଧ୍ୟ ହୋଇପାରିବ ନାହିଁ । କୌଣସି ସ୍ୱାଭାବିକ ପ୍ରେମ, କୌଣସି ସ୍ୱାଭାବିକ ଧୈର୍ଯ୍ୟ, କୌଣସି ସ୍ୱାଭାବିକ ଶୁଦ୍ଧତା ଈଶ୍ୱରଙ୍କ ଦାବିର ସ୍ତର ନିକଟରେ ପହଞ୍ଚି ପାରିବ ନାହିଁ, କିନ୍ତୁ ଆମେ ଯେତେ ଅଧିକ ଆମର ସ୍ୱାଭାବିକ ଶାରୀରିକ ଜୀବନ ଏବଂ ଆମ ମଧ୍ୟରେ ଈଶ୍ୱରଙ୍କ ଦ୍ୱାରା ସ୍ଥାପିତ ନୂତନ ଜୀବନ ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରିବା, ସେତେ ଅଧିକ ସେ ଆମ ମଧ୍ୟରେ ପ୍ରଭୁ ଯୀଶୁଙ୍କର ଚାରିତ୍ରିକ ଗୁଣକୁ ପ୍ରଦର୍ଶିତ କରିବେ ।

ଆମେ ଅଧିକାର କରିଥିବା ପ୍ରତ୍ୟେକ ସଦ୍‌ଗୁଣ କେବଳ ତାହାଙ୍କର ।

## ଡିସେମ୍ବର ୩୧

# ଗତକାଲି

**କିନ୍ତୁ ତୁମ୍ଭେମାନେ ତରବର ହୋଇ ବାହାରି ଯିବ ନାହିଁ,**
**କିମ୍ବା ପଳାୟନ କରି ବାହାରିଯିବ ନାହିଁ, କାରଣ ପ୍ରଭୁ ତୁମ ଆଗେ ଆଗେ ଯିବେ,**
**ଇସ୍ରାଏଲର ପରମେଶ୍ୱର ତୁମର ପଶ୍ଚାତ୍‌ବର୍ତ୍ତୀ ହେବେ ।**
**ଯିଶାଇୟ ୫୨:୧୨**

**ଗତକାଲି ଠାରୁ ସୁରକ୍ଷା ।** ''ଈଶ୍ୱର ବିଗତ ବିଷୟକୁ ପୁନର୍ବାର ଫେରାଇ ଆଣନ୍ତୁ'' (ଉପଦେଶକ ୩:୧୫) । ବର୍ଷର ଶେଷ ପର୍ଯ୍ୟାୟରେ ଈଶ୍ୱର ଆମର ଭବିଷ୍ୟତ ପାଇଁ କ'ଣ ରଖିଛନ୍ତି, ତାହା ଜାଣିବା ପାଇଁ ଆମେ ଉତ୍ସୁକ ହୋଇଥାଉ, ତଥାପି ଆମେ ଅତୀତର ଦିନଗୁଡ଼ିକ ସ୍ମରଣ କରିବା ସମୟରେ ଭାବପ୍ରବଣ ହେବା ସ୍ୱାଭାବିକ । ଈଶ୍ୱରଙ୍କ ଅନୁଗ୍ରହ ଭରା ବର୍ତ୍ତମାନର ଆନନ୍ଦ ଗତକାଲିର ପାପ ଏବଂ ଭୁଲ୍ କାର୍ଯ୍ୟର ସ୍ମୃତିରେ ହ୍ରାସ ହୋଇପାରେ, କିନ୍ତୁ ଈଶ୍ୱର ଆମର ବିତିଯାଇଥିବା ଗତକାଲିର ଈଶ୍ୱର ଏବଂ ସେ ଅତୀତର ସ୍ମୃତିକୁ ଆମ ଭବିଷ୍ୟତର ଆତ୍ମିକ ବୃଦ୍ଧିର ସେବାକାର୍ଯ୍ୟରେ ପରିଣତ କରନ୍ତି । ଈଶ୍ୱର ଆମକୁ ବର୍ତ୍ତମାନର ଉପରଠାଉରିଆ ସୁରକ୍ଷା ଠାରୁ ରକ୍ଷା କରିବା ପାଇଁ ଅତୀତକୁ ସ୍ମରଣ କରାଇ ଦିଅନ୍ତି ।

**ଆସନ୍ତା କାଲି ପାଇଁ ସୁରକ୍ଷା ।** ''ପ୍ରଭୁ ତୁମ ଆଗେ ଆଗେ ଯିବେ... ।'' ଏହା ଏକ ଅନୁଗ୍ରହ ଭରା ପ୍ରକଟନ – ଆମର ବିଫଳତା ମଧ୍ୟରେ ଈଶ୍ୱର ତାଙ୍କର ଶକ୍ତି ଯୋଗାଇବେ । ଆମେ ଯେପରି ଆଉ ଥରେ ସେହି ବିଫଳତା ଦ୍ୱାରା ପତିତ ହେବା ନାହିଁ, ସେଥିପାଇଁ ସେ ଆମ ଉପରେ ସତର୍କ ଦୃଷ୍ଟି ରଖିବେ । ସେ ଯଦି ଆମର ''ପଶ୍ଚାତ୍‌ବର୍ତ୍ତୀ'' ନ ହେବେ, ନିଃସନ୍ଦେହରେ ସେ ସବୁ ଆଉ ଥରେ ଆସିବ । ଈଶ୍ୱରଙ୍କ ହାତ ଅତୀତ ପ୍ରତି ପ୍ରସାରିତ ହୁଏ ଏବଂ ଆମ ବିବେକ ବିରୁଦ୍ଧ ସମସ୍ତ ସମସ୍ୟାର ସମାଧାନ କରେ ।

**ଆଜି ପାଇଁ ସୁରକ୍ଷା ।** ''ତୁମେମାନେ ତରବର ହୋଇ ବାହାରିଯିବ ନାହିଁ ।'' ଆମେ ନୂତନ ବର୍ଷରେ ପାଦ ଦେବା ସମୟରେ ଚଞ୍ଚଳ ଚିତ୍ତରେ ଆନନ୍ଦ ବିଭୋର ନ ହେଉ କିମ୍ବା ଆବେଗ ଭରା ହୋଇ ଚିନ୍ତା ଶକ୍ତି ହରାଇ ନ ବସୁ, କିନ୍ତୁ ଏହି ଧୈର୍ଯ୍ୟଶକ୍ତି ଏବଂ ଜ୍ଞାନର ସହ ବାହାରି ଆସୁ ଯେ, ଇସ୍ରାଏଲର ଈଶ୍ୱର ଆମ ଆଗେ ଆଗେ ଯିବେ । ଏହା ସତ ଯେ ଆମେ ହରାଇଥିବା ସୁଯୋଗ ଆଉ ଫେରି ଆସିବ ନାହିଁ, କିନ୍ତୁ ଈଶ୍ୱର ଏହି ବିନଷ୍ଟକାରୀ ଚିନ୍ତାଭାବନାକୁ ଭବିଷ୍ୟତର ଗଠନମୂଳକ ଚିନ୍ତାଧାରାରେ ପରିବର୍ତ୍ତିତ କରିବେ । ଅତୀତ ବିଶ୍ରାମ କରୁ, କିନ୍ତୁ ତାହା ଖ୍ରୀଷ୍ଟଙ୍କ ମଧୁର ଆଲିଙ୍ଗନ ମଧ୍ୟରେ ବିଶ୍ରାମ କରୁ ।

ଭଗ୍ନ ଏବଂ ଅପରିବର୍ତ୍ତନୀୟ ଅତୀତକୁ ଈଶ୍ୱରଙ୍କ ହାତରେ ଛାଡ଼ି ଦିଅନ୍ତୁ ଏବଂ ଈଶ୍ୱରଙ୍କ ସହିତ ଅଜେୟ ଭବିଷ୍ୟତ ପ୍ରତି ପାଦ ବଢ଼ାଇ ଦିଅନ୍ତୁ ।

# ଶାସ୍ତ୍ରାଂଶ ସୂଚୀ


| | ମାସ/ତାରିଖ |
|---|---|
| **ଆଦିପୁସ୍ତକ** | |
| ୫:୨୪ | ୧୦/୧୨ |
| ୯:୧୩ | ୧୨/୬ |
| ୧୨:୮ | ୧/୬ |
| ୧୩:୯ | ୫/୨୫ |
| ୧୫:୧୨ | ୧/୧୯ |
| ୧୬:୧-୧୫ | ୧/୧୯ |
| ୧୭:୧ | ୧/୧୯, ୫/୨୫, ୭/୨୦ |
| ୧୮:୧୭ | ୩/୨୦, ୩/୨୭ |
| ୨୧:୮-୧୪ | ୧୨/୧୦ |
| ୨୧:୧୫-୧୯ | ୧୨/୧୦ |
| ୨୨:୨ | ୪/୨୬, ୧୧/୧୧ |
| ୨୨:୯ | ୧/୮ |
| ୨୨:୧୬-୧୭ | ୧୧/୧୭ |
| ୨୪:୨୭ | ୧୧/୧୪ |
| ୩୨:୨୪-୨୫ | ୧୨/୧୬ |
| ୪୧:୪୦ | ୧୨/୫ |
| **ଯାତ୍ରାପୁସ୍ତକ** | |
| ୨:୧୧ | ୧୦/୧୩ |
| ୩:୪ | ୪:୧୮ |
| ୩:୧୦-୧୧ | ୧୦/୧୩ |
| ୩:୧୪ | ୧୦/୪, ୧୦/୧୪ |
| ୧୪:୧୩ | ୯/୮ |
| ୧୬:୨୦ | ୧/୬ |
| ୨୦:୧୯ | ୨/୧୨ |
| ୩୪:୨୯ | ୪/୨୨ |
| **୨ୟ ବିବରଣ** | |
| ୫:୩୨ | ୬/୨୮ |
| ୨୮:୧୪ | ୧୦/୨୫ |
| ୩୩:୨୭ | ୫/୨୪ |
| **ଯିହୋଶୂୟ** | |
| ୨୪:୧୫,୨୨ | ୭/୮ |
| ୨୪:୧୯,୨୧ | ୭/୯ |
| **୧ମ ଶାମୁଏଲ** | |
| ୩:୯,୧୫ | ୧/୩୦ |
| ୩:୧୦ | ୨/୧୩ |
| ୧୫:୨୨ | ୬/୮ |
| **୨ୟ ଶାମୁଏଲ** | |
| ୨୩:୧୬ | ୯/୩ |
| **୧ମ ରାଜାବଳୀ** | |
| ୨:୨୮ | ୪/୧୯ |
| ୧୯:୫ | ୨/୧୭ |
| ୧୯:୧୨ | ୮/୧୩ |

| | ମାସ/ତାରିଖ |
|---|---|
| **୨ୟ ରାଜାବଳୀ** | |
| ୨:୧୧-୧୨, ୧୩-୧୫,୨୩ | ୮/୧୧ |
| **୨ୟ ବଂଶାବଳୀ** | |
| ୧୫:୧୭ | ୪/୧୫ |
| **ନିହିମିୟା** | |
| ୮:୧୦ | ୪/୧୪ |
| **ଆୟୁବ** | |
| ୧୩:୧୫ | ୫/୮, ୧୦/୩୧ |
| ୪୨:୧୦ | ୬/୨୦ |
| **ଗୀତସଂହିତା** | |
| ୧୮:୨୫-୨୬ | ୪/୨୬, ୬/୨୨ |
| ୧୮:୨୯ | ୫/୧୫ |
| ୧୮:୩୬ | ୧୨/୨୪ |
| ୨୫:୧୨ | ୬/୨, ୬/୩ |
| ୨୫:୧୩ | ୬/୨, ୬/୩ |
| ୨୫:୧୪ | ୬/୩ |
| ୩୭:୪ | ୩/୨୦ |
| ୩୭:୫ | ୭/୫ |
| ୩୭:୭ | ୭/୪, ୮/୧ |
| ୩୭:୮ | ୭/୪ |
| ୩୭:୩୪ | ୮/୧ |
| ୪୦:୮ | ୧/୨୯, ୮/୨୫, ୮/୩୧ |
| ୪୬:୧ | ୨/୨୭ |
| ୪୬:୨ | ୭/୨୦ |
| ୪୬:୧୦ | ୨/୨୨ |
| ୫୧:୪ | ୧୧/୧୯, ୧୨/୭ |
| ୫୫:୨୨ | ୪/୧୩ |
| ୮୭:୭ | ୨/୯, ୫/୧୬, ୧୨/୩୦ |
| ୯୧:୧ | ୭/୪ |
| ୯୧:୧,୧୦ | ୮/୨ |
| ୯୧:୧୫ | ୫/୧୯ |
| ୯୭:୨ | ୧/୩ |
| ୧୦୬:୬-୭ | ୨/୧୧ |
| ୧୧୬:୧୨-୧୩ | ୫/୨ |
| ୧୧୮:୨୭ | ୨/୬ |
| ୧୨୩:୨ | ୧୧/୨୪ |
| ୧୨୩:୩ | ୧୧/୨୩ |
| ୧୩୯ | ୧/୯ |
| **ହିତୋପଦେଶ** | |
| ୩:୫-୬ | ୬/୨୭ |
| ୨୯:୧୮ | ୫/୯ |

# ଶାସ୍ତ୍ରାଂଶ ସୂଚୀ


| | ମାସ/ତାରିଖ |
|---|---|
| **ଉପଦେଶକ** | |
| ୩:୧୫ | ୧୨/୩୧ |
| ୯:୧୦ | ୪/୨୩ |
| **ଯିଶାଇୟ** | |
| ୧:୧୦-୧୧ | ୩/୧୫ |
| ୬:୧ | ୭/୧୩ |
| ୬:୧,୫ | ୭/୧୮ |
| ୬:୫ | ୭/୩ |
| ୬:୭ | ୭/୩ |
| ୬:୮ | ୧/୧୪, ୧/୧୬, ୯/୩୦ |
| ୮:୧୧ | ୧/୨୯, ୧/୩୦ |
| ୯:୬ | ୪/୧୩ |
| ୨୬:୩ | ୨/୧୧ |
| ୩୫:୭ | ୭/୬ |
| ୪୦:୨୬ | ୨/୧୦ |
| ୪୦:୨୮ | ୨/୯ |
| ୪୦:୨୯ | ୪/୧୪ |
| ୪୦:୩୧ | ୩/୧୯, ୭/୨୦, ୧୦/୩ |
| ୪୨:୪ | ୧୦/୧୨ |
| ୪୫:୨୨ | ୧/୨୨,୨/୨,୨/୧୧,୧୧/୨୬,୧୨/୬ |
| ୪୯:୨ | ୧/୧୯,୨/୧୪ |
| ୪୯:୫ | ୯/୨୧ |
| ୫୦:୭ | ୩/୧୫ |
| ୫୦:୧୦-୧୧ | ୧/୧୯ |
| ୫୨:୧୨ | ୧୨:୩୧ |
| ୫୩:୧ | ୧୧/୨୪ |
| ୫୩:୩ | ୬/୨୩ |
| ୫୩:୧୦ | ୧୨/୨ |
| ୫୫:୧ | ୬/୧୦ |
| ୫୯:୧୬ | ୩/୩୦ |
| ୬୦:୧ | ୨/୧୯ |
| ୬୧:୧ | ୩/୧୪ |
| **ଯିରିମିୟ** | |
| ୧:୮ | ୬/୨୭ |
| ୨:୨ | ୧/୨୧ |
| ୪:୧ | ୧୨/୨୭ |
| ୩୯:୧୮ | ୬/୨୭ |
| ୪୫:୫ | ୪/୨୭, ୪/୨୮ |
| **ଯିହିଜିକଲ** | |
| ୩୭:୩ | ୬/୧ |
| ୩୭:୧୨ | ୬/୧ |
| **ଯୁନୁସ** | |
| ୪:୨ | ୫/୯ |

| | ମାସ/ତାରିଖ |
|---|---|
| **ନାହୂମ** | |
| ୧:୩ | ୭/୨୯ |
| **ହବକ୍‌କୁକ୍** | |
| ୨:୩ | ୩/୧୧, ୫/୨ |
| **ମଲାଖି** | |
| ୨:୧୬ | ୧୧/୨୩ |
| **ମାଥିଉ** | |
| ୧:୨୩ | ୧୨/୨୫ |
| ୩:୧୧ | ୧/୨୮, ୮/୨୨ |
| ୩:୧୭ | ୧୦/୧୩ |
| ୪:୧ | ୯/୧୮ |
| ୪:୧୯ | ୧/୧୪, ୯/୧୯ |
| ୫:୩ | ୬/୯, ୭/୨୧, ୮/୨୧ |
| ୫:୩-୧୧ | ୭/୨୫ |
| ୫:୮ | ୩/୨୬ |
| ୫:୮, ୧୧ | ୭/୨୧ |
| ୫:୧୧ | ୧୦/୬, ୧୧/୩ |
| ୫:୨୦ | ୭/୨୪, ୮/୨୭ |
| ୫:୨୩ | ୯/୨୬ |
| ୫:୨୩-୨୪ | ୭/୨୭, ୯/୨୪, ୧୨/୧୧ |
| ୫:୨୪ | ୯/୨୬ |
| ୫:୨୫ | ୬/୩୦ |
| ୫:୨୫-୨୬ | ୭/୧ |
| ୫:୨୬ | ୬/୩୦, ୭/୧ |
| ୫:୨୯-୩୦ | ୧/୩୦ |
| ୫:୩୦ | ୬/୨୯ |
| ୫:୩୯ | ୭/୧୪ |
| ୫:୪୧ | ୯/୧୧, ୯/୨୫ |
| ୫:୪୫ | ୬/୯, ୮/୨୪ |
| ୫:୪୮ | ୬/୨୯, ୯/୨୦ |
| ୬:୬ | ୮/୨୩, ୯/୧୬ |
| ୬:୭ | ୯/୧୬ |
| ୬:୮ | ୩/୨୦, ୪/୨୭, ୮/୬ |
| ୬:୧୦ | ୬/୩ |
| ୬:୨୩ | ୮/୨୭ |
| ୬:୨୫ | ୧/୨୭, ୫/୨୧, ୫/୨୩ |
| ୬:୨୬ | ୧/୨୬ |
| ୬:୨୬-୨୮ | ୫/୧୮ |
| ୬:୨୮ | ୧/୨୬ |
| ୬:୩୦ | ୧/୨୬, ୧/୨୭ |
| ୬:୩୩ | ୪/୨୦, ୫/୨୧, ୧୦/୩୦ |
| ୬:୩୪ | ୧/୨୭ |
| ୭:୧ | ୬/୧୭, ୬/୨୨ |
| ୭:୨ | ୬/୨୨ |

# ଶାସ୍ତ୍ରାଂଶ ସୂଚୀ


| | ମାସ/ତାରିଖ |
|---|---|
| ୬:୩–୫ | ୬/୧୭ |
| ୬:୭ | ୪/୨୭, ୭/୧୬, ୧୨/୧୭ |
| ୬:୮ | ୫/୨୬, ୮/୨୪, ୯/୧୬ |
| ୬:୯ | ୮/୨୪, ୧୦/୧୧ |
| ୬:୧୧ | ୭/୧୬ |
| ୬:୧୨ | ୮/୨୪ |
| ୬:୧୩–୧୪ | ୭/୭ |
| ୮:୨୬ | ୮/୧୨ |
| ୯:୨୮ | ୧୦/୨୭ |
| ୯:୩୮ | ୧୦/୧୬, ୧୦/୧୭ |
| ୧୦:୨୪ | ୯/୨୩, ୧୧/୨୨ |
| ୧୦:୨୭ | ୨/୧୪ |
| ୧୦:୩୪ | ୩/୨୪, ୭/୨୨, ୧୨/୧୯ |
| ୧୧:୧ | ୮/୧ |
| ୧୧:୬ | ୮/୨୯ |
| ୧୧:୨୫ | ୯/୧୪, ୧୦/୧୦, ୧୦/୧୭ |
| ୧୧:୨୮ | ୬/୧୧,୮/୧୯,୮/୨୦,୯/୧୩,୧୦/୮,୧୦/୧୪ |
| ୧୦:୨୨ | ୧୧/୪ |
| ୧୧:୨୯ | ୧/୨୮, ୪/୧୪ |
| ୧୧:୩୦ | ୪/୧୪ |
| ୧୨:୧୩ | ୨/୧୬ |
| ୧୩:୨୨ | ୧/୨୬, ୧/୨୭, ୫/୧୯, ୫/୨୩ |
| ୧୩:୫୮ | ୭/୯ |
| ୧୪:୨୯ | ୩/୨୮ |
| ୧୪:୨୯–୩୦ | ୬/୧୮ |
| ୧୪:୩୧ | ୬/୧୮ |
| ୧୫:୧୮–୨୦ | ୭/୨୬ |
| ୧୬:୨୧–୨୩ | ୮/୧୦ |
| ୧୬:୨୪ | ୯/୧୩, ୧୨/୯, ୧୨/୧୧ |
| ୧୭:୨୦ | ୧୦/୩୧ |
| ୧୮:୩ | ୪/୨୯, ୮/୨୮, ୧୨/୨୮ |
| ୧୮:୫ | ୫/୩୧ |
| ୧୯:୨୯ | ୬/୨୦ |
| ୨୦:୨୨ | ୯/୧୨ |
| ୨୦:୨୮ | ୨/୨୩ |
| ୨୨:୧୪ | ୧/୧୪ |
| ୨୩:୮ | ୯/୨୨ |
| ୨୩:୧୧ | ୨/୨୫ |
| ୨୩:୨୭ | ୪/୩ |
| ୨୫:୧୪–୩୦ | ୪/୨୦ |
| ୨୫:୨୧ | ୩/୫ |
| ୨୬:୩୩–୩୫ | ୩/୧ |
| ୨୬:୩୬, ୩୮ | ୪/୫ |
| ୨୬:୩୮ | ୯/୫ |
| ୨୬:୪୨ | ୫/୨୨ |
| ୨୬:୪୬ | ୨/୧୮ |

| | ମାସ/ତାରିଖ |
|---|---|
| ୨୬:୫୬ | ୯/୫ |
| ୨୬:୬୯–୭୫ | ୧/୫, ୮/୧୬ |
| ୨୮:୧୦ | ୭/୧୦ |
| ୨୮:୧୬ | ୧୦/୧୪ |
| ୨୮:୧୮–୧୯ | ୧୦/୧୪, ୧୦/୨୭ |
| ୨୮:୧୯ | ୫/୬, ୯/୪, ୧୦/୨୬, ୧୦/୨୭ |
| **ମାର୍କ** | |
| ୪:୧୦ | ୧/୧୩ |
| ୪:୧୯ | ୮/୩୧, ୧୧/୨୩ |
| ୪:୩୪ | ୧/୧୨ |
| ୬:୩୧ | ୨/୨୦ |
| ୬:୪୫ | ୭/୨୮ |
| ୬:୪୯ | ୭/୨୮ |
| ୯:୧–୯ | ୩/୨୨ |
| ୯:୧–୨୯ | ୬/୧୬ |
| ୯:୨ | ୧୦/୧ |
| ୯:୨–୮ | ୭/୨୯ |
| ୯:୫–୬ | ୧୦/୨ |
| ୯:୯ | ୪/୭ |
| ୯:୧୪–୧୮ | ୧୦/୧ |
| ୯:୧୪–୨୩ | ୧୦/୨ |
| ୯:୨୨ | ୧୦/୨ |
| ୯:୨୮–୨୯ | ୧୦/୩ |
| ୧୦:୨୧ | ୯/୨୮ |
| ୧୦:୨୮ | ୩/୧୨ |
| ୧୦:୨୯ | ୩/୧୨ |
| ୧୦:୩୨ | ୩/୧୫ |
| ୧୧:୧୬ | ୧୧/୮ |
| ୧୧:୧୭ | ୧୧/୮ |
| ୧୪:୩–୪ | ୯/୨ |
| ୧୪:୬ | ୨/୨୧ |
| ୧୪:୯ | ୯/୨ |
| ୧୪:୫୪ | ୧୦/୨୧ |
| ୧୬:୧୨ | ୪/୯ |
| ୧୬:୧୩ | ୪/୯ |
| **ଲୂକ** | |
| ୧:୩୫ | ୮/୮, ୧୨/୨୫ |
| ୨:୪୬, ୪୯ | ୮/୭ |
| ୨:୪୯ | ୮/୮ |
| ୪:୧୩ | ୪/୫ |
| ୪:୧୮ | ୩/୧୪ |
| ୪:୨୬–୨୭,୩୩ | ୭/୨ |
| ୮:୧–୩ | ୧/୧୧ |
| ୮:୨ | ୮/୧୬ |
| ୯:୨୩ | ୧୧/୨ |

# ଶାସ୍ତ୍ରାଂଶ ସୂଚୀ

| | ମାସ/ତାରିଖ |
|---|---|
| ୯:୨୮:୪୨ | ୮/୨୯ |
| ୯:୩୩ | ୮/୧ |
| ୯:୩୪ | ୭/୨୯ |
| ୯:୫୧ | ୮/୩ |
| ୯:୫୫ | ୧/୨୯ |
| ୯:୫୭ | ୯/୨୭ |
| ୯:୫୭–୬୨ | ୩/୧୨ |
| ୯:୫୮–୫୯,୬୧ | ୯/୨୭ |
| ୯:୬୧ | ୫/୩୦ |
| ୯:୬୨ | ୮/୧୩ |
| ୧୦:୧୭–୨୦ | ୧୦/୨୭ |
| ୧୦:୧୮–୨୦ | ୧/୭ |
| ୧୦:୨୦ | ୪/୨୪, ୮/୩୦ |
| ୧୧:୧ | ୮/୨୮ |
| ୧୧:୫–୮ | ୯/୧୨ |
| ୧୧:୯ | ୬/୧୦ |
| ୧୧:୯–୧୩ | ୧୦/୨୨ |
| ୧୧:୧୦ | ୬/୯, ୬/୧୦, ୯/୧୨ |
| ୧୧:୧୧–୧୩ | ୯/୧୨ |
| ୧୧:୧୩ | ୧/୩୦, ୬/୯, ୧୨/୧୯ |
| ୧୨:୮ | ୩/୧ |
| ୧୨:୧୫ | ୧୨/୨୯ |
| ୧୨:୨୨ | ୧/୨ |
| ୧୨:୪୦ | ୩/୨୯ |
| ୧୪:୨୬ | ୨/୨,୩/୧୯,୫/୭,୫/୧୧, ୬/୧୯,୭/୨୨,୯/୨୮,୧୧/୨ |
| ୧୪:୨୬–୩୩ | ୩/୧୨ |
| ୧୪:୨୬–୨୭,୩୩ | ୫/୭ |
| ୧୪:୨୮ | ୫/୭ |
| ୧୪:୩୦ | ୫/୭ |
| ୧୫:୧୦ | ୮/୧୦ |
| ୧୭:୨୦–୨୧ | ୧୦/୧୯ |
| ୧୮:୧ | ୧୨/୧୩ |
| ୧୮:୧–୮ | ୯/୧୨ |
| ୧୮:୯–୧୪ | ୬/୧୨ |
| ୧୮:୨୨ | ୬/୧୩, ୮/୧୮ |
| ୧୮:୨୨–୨୩ | ୮/୧୭ |
| ୧୮:୨୩ | ୮/୧୮ |
| ୧୮:୩୧ | ୮/୩, ୮/୪, ୯/୨୩ |
| ୧୮:୩୧,୩୪ | ୮/୫ |
| ୧୮:୩୯,୪୧ | ୨/୨୯ |
| ୧୯:୪୨ | ୪/୩ |
| ୨୧:୧୯ | ୫/୨୦ |
| ୨୨:୨୭ | ୨/୨୩ |
| ୨୨:୨୮ | ୯/୧୯ |
| ୨୨:୩୩ | ୧/୮, ୪/୨୬ |

| | ମାସ/ତାରିଖ |
|---|---|
| ୨୨:୫୩ | ୬/୨୪ |
| ୨୩:୨୬ | ୧/୧୧ |
| ୨୩:୩୩ | ୯/୨୩ |
| ୨୪:୨୧ | ୨/୭ |
| ୨୪:୨୬ | ୪/୮ |
| ୨୪:୩୨ | ୩/୨୨ |
| ୨୪:୪୭ | ୧୦/୧୫ |
| ୨୪:୪୯ | ୫/୨୭, ୫/୩୧, ୮/୧, ୯/୪ |
| ୨୪:୫୧ | ୫/୧୭ |
| **ଯୋହନ** | |
| ୧:୧୨ | ୮/୧୫ |
| ୧:୨୯ | ୯/୧୮, ୧୦/୧୫, ୧୦/୨୯ |
| ୧:୩୫–୩୬ | ୭/୨୦ |
| ୧:୩୫–୩୭ | ୧୦/୧୨ |
| ୧:୩୮–୩୯ | ୬/୧୨ |
| ୧:୪୨ | ୬/୧୨ |
| ୧:୪୮ | ୯/୧୦ |
| ୨:୫ | ୩/୨୮ |
| ୨:୨୪–୨୫ | ୫/୩୧, ୭/୩୦ |
| ୨:୨୫ | ୯/୨୭, ୧୦/୫ |
| ୩:୩ | ୧/୨୦, ୮/୧୫ |
| ୩:୪ | ୮/୧୫ |
| ୩:୫ | ୧୧/୨୮ |
| ୩:୭ | ୮/୧୫, ୧୨/୨୫ |
| ୩:୧୬ | ୩/୧୩, ୯/୨୧ |
| ୩:୧୭ | ୯/୨ |
| ୩:୧୯ | ୧୦/୫ |
| ୩:୧୯–୨୧ | ୬/୩୦, ୭/୧୮ |
| ୩:୨୯ | ୩/୨୪, ୩/୨୫ |
| ୩:୩୦ | ୩/୨୪, ୧୦/୧୨ |
| ୪:୭ | ୧/୧୮, ୧/୨୧ |
| ୪:୧୧ | ୨/୨୬, ୨/୨୭ |
| ୪:୧୪ | ୯/୭ |
| ୫:୧୯ | ୯/୯ |
| ୫:୩୦ | ୮/୩ |
| ୫:୩୯–୪୦ | ୫/୬ |
| ୬:୨୯ | ୯/୬ |
| ୬:୩୫ | ୧୦/୧୧ |
| ୬:୪୪ | ୧୨/୨୨ |
| ୬:୬୩ | ୧/୩,୩/୧୦,୮/୨୬,୧୨/୧୭ |
| ୬:୬୬ | ୩/୯, ୯/୧୯, ୧୨/୨୯ |
| ୬:୬୭, ୭୦ | ୩/୯ |
| ୭:୧୭ | ୬/୮, ୭/୨୭, ୧୦/୧୦ |
| ୭:୩୮ | ୫/୧୮,୮/୨୧,୮/୩୦,୯/୨,୯/୩,୯/୬,୯/୭ |
| ୭:୩୯ | ୫/୨୭ |

# ଶାସ୍ତ୍ରାଂଶ ସୂଚୀ


| | ମାସ/ତାରିଖ |
|---|---|
| ୮:୩୬ | ୧୧/୧୮ |
| ୯:୧-୪୧ | ୪/୯ |
| ୯:୨୫ | ୪/୯ |
| ୧୦:୩ | ୮/୧୬ |
| ୧୦:୩୦ | ୭/୧୯, ୧୨/୧୨ |
| ୧୧:୬ | ୧୦/୧୧ |
| ୧୧:୭-୮ | ୩/୨୮ |
| ୧୧:୨୬-୨୭ | ୧୧/୬ |
| ୧୧:୪୦ | ୮/୨୯ |
| ୧୧:୪୧ | ୨/୧୩, ୮/୯ |
| ୧୨:୨୪ | ୬/୧୯ |
| ୧୨:୨୭-୨୮ | ୬/୨୫ |
| ୧୨:୩୨ | ୨/୧,୭/୧୭,୧୧/୯,୧୨/୧୭,୧୨/୨୦ |
| ୧୨:୩୫ | ୮/୨୭ |
| ୧୨:୩୬ | ୪/୧୬ |
| ୧୩ | ୨/୧୯ |
| ୧୩:୧-୧୭ | ୩/୬ |
| ୧୩:୩-୫ | ୬/୧୫, ୭/୧୧ |
| ୧୩:୧୩ | ୭/୧୯ |
| ୧୩:୧୩, ୧୬ | ୯/୨୨ |
| ୧୩:୧୪ | ୨/୧୯, ୯/୧୧ |
| ୧୩:୧୫ | ୯/୧୧ |
| ୧୩:୧୬ | ୧୦/୧୬ |
| ୧୩:୧୭ | ୬/୮ |
| ୧୩:୩୪-୩୫ | ୯/୨୦ |
| ୧୩:୩୬ | ୧/୫ |
| ୧୩:୩୭-୩୮ | ୧/୪, ୬/୧୬ |
| ୧୪:୧ | ୨/୨୭,୪/୨୯,୫/୨୮,୭/୫ |
| ୧୪:୧,୨୭ | ୪/୨୧, ୧୨/୨୪ |
| ୧୪:୮ | ୪/୨୧ |
| ୧୪:୯ | ୧/୭,୪/୨୧,୧୦/୨୯,୧୦/୩୦ |
| ୧୪:୧୨,୧୩ | ୧୦/୧୭ |
| ୧୪:୧୩ | ୬/୭ |
| ୧୪:୧୫ | ୨/୧୨, ୧୧/୨ |
| ୧୪:୨୩ | ୬/୧୨ |
| ୧୪:୨୬ | ୧/୧୩ |
| ୧୪:୨୭ | ୮/୨୬, ୧୨/୧୪ |
| ୧୪:୩୧ | ୨/୨୦ |
| ୧୫:୧-୪ | ୧/୭ |
| ୧୫:୪ | ୬/୧୪ |
| ୧୫:୫ | ୧୨/୨୩ |
| ୧୫:୭ | ୬/୭,୯/୧୬,୧୦/୧୪ |
| ୧୫:୮ | ୩/୧୧ |
| ୧୫:୧୧ | ୮/୩୧ |
| ୧୫:୧୨ | ୫/୧୧ |
| ୧୫:୧୩ | ୨/୨୪ |
| ୧୫:୧୩-୧୪ | ୮/୨୫ |
| ୧୫:୧୩,୧୫ | ୬/୧୬ |
| ୧୫:୧୪ | ୨/୧୩ |
| ୧୫:୧୫ | ୧/୭, ୮/୨୫ |
| ୧୫:୧୬ | ୧/୨୪,୮/୩,୯/୨୫,୯/୨୯,୧୦/୨୫ |
| ୧୫:୨୨-୨୪ | ୧୦/୨୯ |
| ୧୬:୭ | ୧/୭ |
| ୧୬:୮ | ୧୧/୧୯, ୧୨/୭ |
| ୧୬:୧୨ | ୪/୭ |
| ୧୬:୧୩-୧୪ | ୧୧/୨୯ |
| ୧୬:୨୩ | ୫/୨୮, ୫/୨୯ |
| ୧୬:୨୪ | ୮/୨୮ |
| ୧୬:୨୬ | ୮/୬,୮/୯ |
| ୧୬:୨୬-୨୭ | ୫/୨୯, ୮/୬ |
| ୧୬:୩୦-୩୨ | ୨/୨୮ |
| ୧୬:୩୨ | ୪/୪ |
| ୧୬/୩୩ | ୪/୪, ୮/୨, ୧୨/୪ |
| ୧୭ | ୫/୨୨ |
| ୧୭:୨ | ୪/୮ |
| ୧୭:୩ | ୫/୮, ୫/୨୭ |
| ୧୭:୪ | ୯/୧୩, ୧୧/୨୧ |
| ୧୭:୬ | ୯/୪ |
| ୧୭:୧୫-୧୬ | ୧୧/୨୭ |
| ୧୭:୧୯ | ୨/୮, ୧୨/୩ |
| ୧୭:୨୧ | ୫/୨୨ |
| ୧୭:୨୧-୨୩ | ୨/୮ |
| ୧୭:୨୨ | ୧/୨୦,୩/୨୦,୪/୧୮,୪/୨୭, ୫/୨୨,୫/୨୯,୧୨/୧୨ |
| ୧୮:୩୬ | ୧୦/୧୯ |
| ୧୯:୩୦ | ୧୦/୨୮, ୧୧/୨୧ |
| ୨୦:୧୧-୧୮ | ୮/୧୬ |
| ୨୦:୧୪,୧୬ | ୮/୧୬ |
| ୨୦:୨୧ | ୩/୩,୩/୫,୧୦/୨୬ |
| ୨୦:୨୨ | ୧/୫ |
| ୨୦:୨୪-୨୯ | ୮/୧୬ |
| ୨୦:୨୫ | ୮/୧୬ |
| ୨୦:୨୮ | ୧/୧୮, ୮/୧୬ |
| ୨୧:୭ | ୪/୧୭ |
| ୨୧:୧୫-୧୭ | ୮/୧୬ |
| ୨୧:୧୬ | ୬/୧୯ |
| ୨୧:୧୭ | ୨/୯,୩/୧,୩/୨,୩/୩, ୩/୫,୮/୧୬,୧୦/୧୮ |
| ୨୧:୧୮-୧୯ | ୧/୫, ୯/୧୩ |
| ୨୧:୨୧-୨୨ | ୧୧/୧୫ |

# ଶାସ୍ତ୍ରାଂଶ ସୂଚୀ


| | ମାସ/ତାରିଖ |
|---|---|
| **ପ୍ରେରିତ** | |
| ୧:୮ | ୧/୧୮,୨/୪,୨/୧୫,୩/୧୦, ୪/୧,୯/୪,୯/୫,୯/୬,୧୦/୧୪ |
| ୨:୪ | ୯/୫ |
| ୨:୩୩ | ୫/୨୭ |
| ୪:୧୨ | ୧୨/୮ |
| ୯:୫ | ୭/୧୮ |
| ୯:୧୬ | ୩/୫ |
| ୯:୧୭ | ୪/୨ |
| ୧୩:୨୨ | ୪/୨ |
| ୧୭:୨୮ | ୬/୨ |
| ୨୦:୨୪ | ୩/୪, ୩/୫, ୧୦/୧୪ |
| ୨୪:୧୬ | ୫/୧୩ |
| ୨୬:୧୪ | ୧/୨୮ |
| ୨୬:୧୫ | ୧/୨୯ |
| ୨୬:୧୬ | ୧/୨୪ |
| ୨୬:୧୭–୧୮ | ୧/୧୦ |
| ୨୬:୧୯ | ୧/୨୪, ୩/୧୧, ୧୨/୨୯ |
| **ରୋମୀୟ** | |
| ୧:୧ | ୧/୩୧, ୨/୨, ୨/୩ |
| ୧:୧୪ | ୭/୧୫ |
| ୨:୧ | ୬/୨୨ |
| ୨:୧୭–୨୪ | ୬/୧୭ |
| ୩:୨୪ | ୧୧/୨୮ |
| ୪:୩ | ୩/୧୯ |
| ୫:୫ | ୨/୨୪,୪/୩୦,୫/୧୧,୭/୨,୧୦/୧୮ |
| ୫:୮ | ୧୦/୨୦ |
| ୫:୧୦ | ୧୦/୨୮ |
| ୫:୧୨ | ୧୦/୫ |
| ୫:୧୨–୧୯ | ୧୦/୬ |
| ୬:୩ | ୧/୧୫ |
| ୬:୪ | ୧/୧୫, ୪/୮ |
| ୬:୫ | ୪/୧୧, ୯/୧୩ |
| ୬:୬ | ୪/୧୦, ୧୨/୨୩ |
| ୬:୯–୧୧ | ୪/୧୨ |
| ୬:୧୧ | ୪/୧୦, ୪/୧୧ |
| ୬:୧୩ | ୧୦/୯ |
| ୬:୧୬ | ୩/୧୪ |
| ୬:୧୯ | ୯/୧୫ |
| ୭:୯,୧୪ | ୧୨/୧ |
| ୭:୧୮ | ୫/୨୪, ୬/୧ |
| ୮:୧୬ | ୧୦/୨୨ |
| ୮:୨୬ | ୧୧/୭, ୧୧/୮ |
| ୮:୨୭,୩୪ | ୪/୧ |
| ୮:୨୭ | ୧୧/୮ |

| | ମାସ/ତାରିଖ |
|---|---|
| ୮:୨୮ | ୧୦/୩୦,୧୧/୭,୧୨/୧୬,୧୨/୧୮ |
| ୮:୩୫ | ୫/୧୯ |
| ୮:୩୭ | ୩/୭,୫/୧୯,୧୦/୨୪,୧୨/୧୬ |
| ୮:୩୯ | ୩/୭, ୧୦/୨୦ |
| ୯:୩ | ୧/୩୧, ୨/୨୪ |
| ୧୨:୧ | ୧/୮, ୬/୧୩, ୧୨/୫, ୧୨/୧୦ |
| ୧୨:୧–୨ | ୬/୮ |
| ୧୨:୨ | ୫/୧୩, ୯/୯, ୧୧/୧୪ |
| ୧୪:୭ | ୨/୧୫ |
| **୧ମ କରନ୍ଥୀ** | |
| ୧:୨ | ୧୦/୪ |
| ୧:୧୭ | ୨/୧ |
| ୧:୨୧,୨୩ | ୧୧/୨୫ |
| ୧:୨୬–୩୧ | ୮/୪ |
| ୧:୩୦ | ୭/୨୨,୭/୨୩,୧୦/୨୦,୧୧/୧୩,୧୨/୮ |
| ୨:୨ | ୧/୨୪,୩/୧୩,୪/୨,୧୦/୨୫,୧୧/୨୬,୧୨/୨୦ |
| ୨:୪ | ୭/୧୭,୧୨/୩ |
| ୨:୧୨ | ୧୨/୨୧ |
| ୨:୧୪ | ୧୨/୧୭ |
| ୩:୩ | ୩/୨୩ |
| ୩:୯ | ୪/୨୩ |
| ୩:୧୦–୧୫ | ୫/୭ |
| ୪:୯–୧୩ | ୨/୩ |
| ୬:୧୯ | ୨/୧୯,୩/୪,୩/୧୮,୮/୯, ୯/୪,୧୧/୧,୧୧/୮,୧୨/୫ |
| ୬:୧୯–୨୦ | ୭/୧୫ |
| ୯:୧୬ | ୨/୨,୯/୨୯,୧୦/୧୫ |
| ୯:୨୨ | ୨/୨୪, ୧୦/୨୫ |
| ୯:୨୭ | ୨/୧୫, ୩/୧୭, ୧୨/୫ |
| ୧୦:୧୧–୧୩ | ୪/୧୯ |
| ୧୦:୧୩ | ୯/୧୭ |
| ୧୦:୩୧ | ୧୧/୧୬, ୧୧/୨୨ |
| ୧୨:୨୬ | ୨/୧୫ |
| ୧୩ | ୧/୨୯, ୧୧/୧୨ |
| ୧୩:୪ | ୪/୩୦ |
| ୧୩:୪–୫ | ୭/୫, ୧୦/୨୩ |
| ୧୩:୪–୮ | ୧୦/୧୮ |
| ୧୫:୧୦ | ୧୧/୩୦ |
| **୨ୟ କରନ୍ଥୀ** | |
| ୧:୨୦ | ୪/୨୦, ୧୧/୧୭ |
| ୨:୧୪–୧୫ | ୧୦/୨୪ |
| ୩:୫ | ୨/୧୫ |
| ୩:୧୮ | ୧/୨୩, ୪/୨୨ |
| ୪:୨ | ୯/୧୫ |
| ୪:୩–୪ | ୧୨/୧୭ |

# ଶାସ୍ତ୍ରାଂଶ ସୂଚୀ


| | ମାସ/ତାରିଖ |
|---|---|
| ୪:୫ | ୨/୨୩ |
| ୪:୧୦ | ୫/୧୪, ୫/୧୫ |
| ୫:୭ | ୫/୧, ୧୦/୩୧ |
| ୫:୯ | ୩/୧୭ |
| ୫:୧୦ | ୩/୧୬ |
| ୫:୧୪ | ୨/୪ |
| ୫:୧୫ | ୧୦/୨୯ |
| ୫:୧୭ | ୧୧/୧୨ |
| ୫:୧୭–୧୮ | ୧୦/୨୩ |
| ୫:୧୭–୧୯ | ୧୦/୨୮ |
| ୫:୨୦ | ୭/୧୭ |
| ୫:୨୧ | ୪/୬, ୧୦/୭, ୧୦/୨୯ |
| ୬:୧ | ୬/୨୬ |
| ୬:୪ | ୩/୬ |
| ୬:୪–୫, ୧୦ | ୬/୨୬ |
| ୭:୧ | ୩/୧୮ |
| ୭:୪ | ୩/୭ |
| ୭:୧୦ | ୧/୨୧, ୧୨/୭ |
| ୮:୯ | ୨/୨୫ |
| ୯:୮ | ୫/୧୬ |
| ୧୦:୪ | ୯/୮ |
| ୧୦:୫ | ୨/୧୧,୬/୧୪,୯/୮,୯/୯, ୯/୧୪,୧୦/୨୪,୧୧/୧୮ |
| ୧୧:୩ | ୯/୧୪ |
| ୧୨:୯ | ୯/୧୩ |
| ୧୨:୧୫ | ୨/୨୪, ୨/୨୫ |
| ୧୩ | ୧୧/୧୨ |
| **ଗାଲାତୀୟ** | |
| ୧:୧୫ | ୧/୨୫, ୧/୩୧ |
| ୧:୧୫–୧୬ | ୧/୧୭, ୧୦/୬, ୧୨/୨୨ |
| ୧:୧୬ | ୧/୩୦,୨/୩,୩/୧୮,୭/୮,୧୧/୧୧ |
| ୨:୨୦ | ୩/୮,୩/୨୧,୪/୧୦, ୧୧/୩,୧୧/୧୩,୧୧/୧୮,୧୨/୨୩ |
| ୨:୨୧ | ୧୨/୫ |
| ୪:୧୯ | ୩/୧୮,୫/୧୩,୮/୮,୮/୯,୯/୧୬,୯/୧୮, ୧୦/୬,୧୦/୨୯,୧୨/୭,୧୨/୨୫ |
| ୪:୨୨ | ୧୨/୧୦ |
| ୫:୧ | ୫/୬ |
| ୫:୧୬ | ୩/୨୩ |
| ୫:୨୪ | ୧୨/୯ |
| ୬:୧୪ | ୧୧/୨୫,୧୧/୨୬,୧୧/୨୭,୧୨/୨୩ |
| **ଏଫିସୀୟ** | |
| ୧:୭ | ୧୧/୨୦, ୧୨/୮ |
| ୧:୧୮ | ୫/୧୫ |
| ୨:୬ | ୨/୧୫ |

| | ମାସ/ତାରିଖ |
|---|---|
| ୨:୮ | ୩/୨୧ |
| ୩:୧୯ | ୪/୧୨ |
| ୪:୧୩ | ୭/୧୨, ୯/୨୩ |
| ୪:୨୩ | ୫/୧୩ |
| ୪:୨୪ | ୧୨/୨୮, ୧୨/୩୦ |
| ୪:୩୦ | ୫/୧୩, ୫/୧୪ |
| ୫:୧୪ | ୨/୧୬ |
| ୫:୧୮ | ୯/୭, ୧୨/୨୪ |
| ୬:୧୩,୧୮ | ୧୨/୧୬ |
| ୬:୧୮ | ୫/୩ |
| **ଫିଲିପ୍ପୀୟ** | |
| ୧:୨୦–୨୧ | ୧/୧ |
| ୨:୫ | ୩/୧୮,୩/୩୦,୩/୩୧,୫/୨୦ |
| ୨:୧୨ | ୫/୧୦,୫/୧୫,୧୨/୫ |
| ୨:୧୨–୧୩ | ୬/୬, ୭/୭ |
| ୨:୧୭ | ୨/୫ |
| ୩:୧୦ | ୪/୮, ୭/୧୧, ୭/୧୨ |
| ୩:୧୨ | ୫/୨, ୬/୨୮, ୧୨/୨ |
| ୩:୧୩–୧୪ | ୬/୨୮ |
| ୪:୧୨ | ୨/୫, ୨/୨୩ |
| ୪:୧୩ | ୧୦/୩ |
| ୪:୧୯ | ୫/୧୪, ୮/୨୯, ୯/୧୩ |
| **କଲସୀୟ** | |
| ୧:୨୪ | ୨/୩,୭/୧୪,୮/୮,୯/୩୦, ୧୧/୯,୧୨/୧୩ |
| ୧:୨୭ | ୭/୨୩ |
| ୩:୩ | ୧/୨୩,୪/୨୪,୪/୨୮,୬/୨, ୬/୧୪,୮/୩୧,୧୧/୧୬,୧୨/୨୪ |
| **୧ମ ଥେସଲନୀକୀୟ** | |
| ୩:୨ | ୧୧/୧୦ |
| ୪:୩ | ୧/୧୫,୭/୨୨,୧୦/୨୦ |
| ୫:୧୭ | ୫/୨୬ |
| ୫:୧୯ | ୮/୧୩, ୮/୧୪ |
| ୫:୨୩ | ୧/୯, ୧/୩୦ |
| ୫:୨୩–୨୪ | ୭/୨୨, ୮/୧୪ |
| **୧ମ ତୀମଥି** | |
| ୧:୧୩ | ୨/୨୩ |
| ୩:୧୬ | ୪/୬ |
| **୨ୟ ତୀମଥି** | |
| ୨:୧୫ | ୩/୧୭, ୧୨/୧୫ |
| ୪:୨ | ୩/୧୦, ୪/୨୫ |
| ୪:୬ | ୨/୬ |
| ୪:୧୬–୧୭ | ୪/୨୨ |

# ଶାସ୍ତ୍ରାଂଶ ସୂଚୀ

| | ମାସ/ତାରିଖ |
|---|---|
| **ଏବ୍ରୀ** | |
| ୨:୯ | ୧୧/୨୧ |
| ୨:୧୦ | ୪/୮, ୭/୭, ୮/୩୦, ୯/୮ |
| ୨:୧୮ | ୯/୧୭ |
| ୩:୧୪ | ୮/୨୯ |
| ୪:୧୨ | ୩/୧ |
| ୪:୧୫ | ୯/୧୮ |
| ୪:୧୫–୧୬ | ୯/୧୭ |
| ୫:୮ | ୭/୧୯, ୯/୨୨ |
| ୭:୨୫ | ୪/୧ |
| ୯:୧୧–୧୫ | ୪/୫ |
| ୯:୨୬ | ୧୦/୫ |
| ୧୦:୯ | ୫/୩୧ |
| ୧୦:୧୪ | ୧୨/୮ |
| ୧୦:୧୯ | ୫/୪ |
| ୧୦:୨୪–୨୫ | ୭/୧୦ |
| ୧୧:୬ | ୧୦/୩୦ |
| ୧୧:୮ | ୧/୨, ୩/୧୯ |
| ୧୧:୨୭ | ୪/୯, ୫/୨ |
| ୧୨:୧–୨ | ୮/୨୫ |
| ୧୨:୨ | ୩/୧୭,୩/୨୯,୮/୨୬,୮/୩୧ |
| ୧୨:୫ | ୮/୧୪ |
| ୧୨:୬ | ୪/୧୪ |
| ୧୩:୫ | ୬/୪ |
| ୧୩:୫–୬ | ୬/୪, ୬/୫, ୮/୨୯ |
| ୧୩:୧୩ | ୪/୨୪, ୯/୧୯ |
| **ଯାକୁବ** | |
| ୧:୪ | ୭/୩୧ |
| ୧:୫ | ୬/୯ |
| ୧:୧୪ | ୯/୧୮ |
| ୨:୧୦ | ୧୨/୧ |
| ୪:୩ | ୬/୧୦ |
| ୪:୮ | ୧୧/୪ |
| ୪:୮–୧୦ | ୬/୧୦ |
| **୧ମ ପିତର** | |
| ୧:୫ | ୪/୧୯, ୭/୨୩ |
| ୧:୧୬ | ୯/୧ |
| ୨:୯ | ୬/୨୧ |
| ୨:୨୪ | ୪/୬ |

| | ମାସ/ତାରିଖ |
|---|---|
| ୪:୧–୩ | ୯/୧୫ |
| ୪:୧୨ | ୨/୩, ୫/୧୫ |
| ୪:୧୩ | ୧୧/୫ |
| ୪:୧୭ | ୫/୫ |
| ୪:୧୯ | ୮/୧୦, ୧୧/୫ |
| **୨ୟ ପିତର** | |
| ୧:୪ | ୫/୧୬ |
| ୧:୪–୫ | ୬/୧୫ |
| ୧:୫ | ୫/୧୦, ୬/୧୫ |
| ୧:୫,୭ | ୫/୧୧ |
| ୧:୮ | ୫/୧୨ |
| ୧:୧୩ | ୭/୧୦ |
| ୩:୯ | ୫/୧୧ |
| **୧ମ ଯୋହନ** | |
| ୧:୬–୭ | ୮/୧୩ |
| ୧:୭ | ୧/୯,୧/୨୦,୨/୨୮,୩/୧୧, ୩/୧୬,୮/୧୩,୮/୨୪,୮୩୦, ୯/୨୦,୧୦/୧୦,୧୧/୧୨, ୧୨/୨୬,୧୨/୨୯ |
| ୨:୨ | ୧୦/୧୫ |
| ୪:୧୮ | ୨/୨୧ |
| ୩:୨ | ୪/୨୯ |
| ୩:୯ | ୮/୧୫ |
| ୩:୧୬ | ୬/୧୬ |
| ୫:୧୬ | ୩/୩୧ |
| **୩ୟ ଯୋହନ** | |
| ୭ | ୧୦/୧୮ |
| **ଯିହୁଦା** | |
| ୨୦ | ୧୦/୨୧ |
| **ପ୍ରକାଶିତବାକ୍ୟ** | |
| ୧:୭ | ୭/୨୯ |
| ୧:୧୭ | ୫/୨୪ |
| ୨:୭ | ୮/୨, ୧୨/୪ |
| ୩:୧୦ | ୨/୨୨, ୫/୮ |
| ୪:୧ | ୩/୨୭ |
| ୪:୧୧ | ୭/୧୯ |
| ୧୨:୧୧ | ୧୧/୨୯ |
| ୧୩:୮ | ୪/୬ |

## My Utmost For His Highest is available in these Languages

| Language | Contact |
|---|---|
| Afrikaans | produksie@cum.co.za |
| Albanian | shigieta@albmail.com |
| Bengali | praise@khulna.bangla.net |
| Bulgarian | ofis@novchovek.com |
| Chinese | hkccl@ccl.org.hk |
| Croatian | duhovna-stvamost@zg.htnet.hr |
| Czech | produkce@navrat.cz |
| Danish | info@lohse.dk |
| Dutch | lvanessen@vbkmedia.nl |
| Finnish | paiva@paiva.fi |
| French | info@llbquebec.ca |
| German | bkv@blaukreuz.de |
| Greek | www.clccyprus.com |
| Hebrew | maozusa@maozisrael.org |
| Hungarian | rendeles@evangeliumikiado.hu |
| INDIA | |
| Hindi | communication@iemoutreach.org |
| Telugu | ” |
| Malayalam | ” |
| Khasi | ” |
| Gujarati | ” |
| Oriya | ” |
| Kannada | maneeshpaul@gmail.com |
| Tamil | spurgeon7@hotmail.com |
| Indonesian | hildadan@cbn.net.id or www.immanuelbooks.com |
| Italian | info@edizionigbu.it |
| Japanese | gospelhg2@main.wlpm |
| Korean | tletter@hanmail.net |
| Latvian | miervaldiszeltins@inbox.lv |
| Mongolian | pastor@eldc.mn |
| Nepali | goodnews@enet.com.np |
| NIGERIA | |
| Gulani | langbknig@yahoo.com |
| Hausa | ” |
| Yoruba | ” |
| Filipino | don@clbooks.org |
| Polish | tolwin@onet.pl |
| Portuguese | contato@editorabetania.co |
| Romanian | lampadar@rdslink.ro |
| Russian | england@rbc.org |
| Spanish | libros@clie.es |
| Swahili | www.wordalivepublishers.com |
| Swedish | kundtjanst@libris.se |
| Thai | orders@kanokbannasan.org |
| Turkish | info@innetworkusa.org |
| Vietnamese | roger_walker@wvi.org |

**Other Oswald Chambers books from Discovery House Publishers :**

*Biblical Ethics*
*Biblical Psychology*
*Christian Disciplines*
*Complete Works of Oswald Chambers*
*Conformed to His Image and The Servant As His Lord*
*Faith : A Holy Walk*
*If you will Ask*
*The Love of God*
*Our Brilliant Heritage*
*Our Ultimate Refuge (formerly Baffled to Fight Better)*
*Prayer : A Holy Occupation*
*So Send I You*
*Studies in the Sermon on the Mount*

*My Utmost for His Highest Daily Devotional Journal:*
A Journal Companion to the Golden Book of Oswald Chambers

*Oswald Chambers - Abandoned to God:*
The Life Story of the Author of My Utmost for His Highest
(by David McCasland)

**My Utmost For His Highest is also available in**
-Tamil, Kannada, Malayalam, Telugu, Hindi, Khasi, Gujarati
(all Paperback)

- in Updated English Version
(leather bound, large print, study edition, and more)

- and in special adaptations (English) for Children,
Young Adults

***For further details visit http://www.dhp.org***
*or write to generalsecretary@iemoutreach.org,*
*yohankjohn@gmail.com*